# ରାସଲୀଳା

## ପ୍ରଥମ ଭାଗ

ଓଡ଼ିଶା ସାହିତ୍ୟ ଏକାଡେମୀ

ରାମଲୀଳା ( ପ୍ରଥମ ଖଣ୍ଡ )

ସଙ୍କଳକ : **ପଣ୍ଡିତ ନୀଳମଣି ମିଶ୍ର, କ୍ୟୁରେଟର**
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ୱର

ପ୍ରକାଶକ : **ଓଡ଼ିଶା ସାହିତ୍ୟ ଏକାଡେମୀ**
ଭୁବନେଶ୍ୱର-୧୪

ମୁଦ୍ରଣ : **କାଳିଦାସ ପ୍ରିଣ୍ଟର୍ସ**
ଭୁବନେଶ୍ୱର-୨

ମୂଲ୍ୟ : **ଟ ୩୫/-** ( ପଞ୍ଚତିରିଶ ଟଙ୍କା ମାତ୍ର )

**RAMALILA** ( 1st part )

*Compilor* : **Pandit Nilamani Mishra,** *Curator*
*Orissa State Museum*
*Bhubaneswar.*

*Published by* : **Orissa Sahitya Akademi**
*Bhubaneswar-14*

*Printed at* : **Kalidas Printers**
*Bhubaneswar-2*

*Price* : **Rs. 35/-** *(Rupees Thirty five only)*

# ଧୁରପଦ

ଓଡ଼ିଆ ରାମ ସାହିତ୍ୟ ପର୍ଯ୍ୟାୟରେ "ରାମଲୀଳା"ର ସ୍ଥାନ ମହତ୍ତ୍ୱପୂର୍ଣ୍ଣ । ସଂସ୍କୃତ ନାଟକ ଗୁଡ଼ିକର ଅନୁକରଣରେ ଓଡ଼ିଆ କବିମାନେ ସଂଗୀତମୟ ରାମଲୀଳା ରଚନା କରି ଜନସାଧାରଣରେ ଅଭିନୀତ କରାଇବାର ବାତାବରଣ ସୃଷ୍ଟି କଲେ । ଓଡ଼ିଆ ରାମଲୀଳା ରଚନା ପୂର୍ବରୁ କୃଷ୍ଣଲୀଳା ଜନ ସମାଜରେ ପ୍ରଚଳିତ ହୋଇଥିଲା । ତାହାରି ଅନୁକରଣରେ ରାମଲୀଳା ପ୍ରଣେତାମାନେ ଶ୍ରେଷ୍ଠ ଶ୍ରେଷ୍ଠ ପଦ୍ୟ ମାଧ୍ୟମରେ ରାମଲୀଳା ରଚନା କରିଥିଲେ ।

ଓଡ଼ିଆ ରାମଲୀଳା ରଚନାରେ ଶ୍ରୀକ୍ଷେତ୍ରବାସୀ ବିଶ୍ୱନାଥ ଖୁଣ୍ଟିଆଙ୍କ ରାମଲୀଳାଟି ପ୍ରଥମ ସ୍ଥାନ ଅଧିକାର କରେ । ତାହାରି ଅନୁକରଣରେ ରଘୁନାଥ ଦାସ, କୃଷ୍ଣଚନ୍ଦ୍ର ରାଜେନ୍ଦ୍ର, ବଣୀ ସଦାଶିବ, ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ପାଞ୍ଚ ଖଣ୍ଡ ରାମଲୀଳା ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶ କରିବାର ଯୋଜନା ରହିଛି ।

ବିଶ୍ୱନାଥ ଖୁଣ୍ଟିଆଙ୍କ ରାମଲୀଳାଟିକୁ ଶ୍ରୀ ନୀଳମଣି ମିଶ୍ର ସମ୍ପାଦନା କରି ସେଥିରେ ଓଡ଼ିଶାରେ ରାମ ଭକ୍ତିଧାରାର ଏକ ମୁଖବନ୍ଧ ସନ୍ନିବେଶିତ କରିଛନ୍ତି । ଶ୍ରୀ ମିଶ୍ରଙ୍କ ସମ୍ପାଦନା ଲାଗି ଏକାଡ଼େମୀ ପକ୍ଷରୁ ମୁଁ ତାଙ୍କୁ ସାଧୁବାଦ ଜଣାଉଛି ।

ରାମଲୀଳା ପୁସ୍ତକଟି ଜନସାଧାରଣରେ ଆଦୃତ ହେବ ବୋଲି ଆଶା କରେ ।

ତା ୯-୧୨-୮୨

**ସାଇଚରଣ ଦାସ**
ସମ୍ପାଦକ
**ଓଡ଼ିଶା ସାହିତ୍ୟ ଏକାଡେମୀ**
**ଭୁବନେଶ୍ୱର**

# ମୁଖବନ୍ଧ

ପ୍ରାଚେତସ ଆର୍ଷକବି ବାଲ୍ମୀକିଙ୍କ ମୁଖରୁ, ବ୍ୟାଧର ନିର୍ମମ ଶରାଘାତରେ କ୍ରୌଞ୍ଚ-ଦମ୍ପତି ମଧ୍ୟରୁ ଗୋଟିକର ମୃତ୍ୟୁରେ ବ୍ୟଥିତ ଅନ୍ୟର କରୁଣ ବିଳାପ ଶୁଣି, ଯେଉଁ କରୁଣାପ୍ଲୁତ ବାଣୀ ନିସୃତ ହୋଇଥିଲା, ତାହାହିଁ ହେଉଛି; ବିଶ୍ୱର ଆଦି କାବ୍ୟ । ସେହି ବାଣୀ ହେଉଛି ---

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ ।
ଯତ୍ କ୍ରୌଞ୍ଚ-ମିଥୁନାଦେକମବଧୀଃ କାମମୋହିତମ୍ ॥

ମହର୍ଷି ବାଲ୍ମୀକିଙ୍କର ସେହି ଅମର ବାଣୀ ବିସ୍ତୃତି ଲାଭ କରି ରାମାୟଣ ଶୀର୍ଷକ ଅମର ମହାକାବ୍ୟରେ ପରିଣତ ହେଲା । ବିଶ୍ୱର ଅଗଣିତ ପାଠକଙ୍କ ସବୁ ପରି, ସେହି ଅମରକାବ୍ୟ ରାମାୟଣ ବିଶ୍ୱବାସୀଙ୍କ ପ୍ରାଣରେ ଅମୃତ ନିସ୍ୟନ୍ଦନୀ ସିଞ୍ଚି ଦେଇଛି ।

ମହାକବିଙ୍କର ଆର୍ଷରାମାୟଣ ପ୍ରଚାରିତ ହେବା ପରେ ଆଧ୍ୟାତ୍ମିକ ଭାବଧାରା ସହିତ ରାମାୟଣର କଥା ବସ୍ତୁକୁ ଜନସାଧାରଣଙ୍କ ମଧ୍ୟରେ ସମ୍ପ୍ରସାରିତ କରାଯାଇଥିଲା । ସେହି ଅତିମାନବୀୟ ଚିନ୍ତାଧାରାରେ ଲିଖିତ ପୁସ୍ତକ ଗୁଡ଼ିକ ମଧ୍ୟରେ ‘ଅଧ୍ୟାତ୍ମ ରାମାୟଣ’ ଓ ‘ଯୋଗବାଶିଷ୍ଠ ରାମାୟଣ’ ଦୁଇଟି ସ୍ୱତନ୍ତ୍ର ଢଙ୍ଗରେ ଜନସମାଜକୁ ଆପ୍ଳୁତ କରି ଆସୁଛି ।

ଆର୍ଷରାମାୟଣର ପଦାଙ୍କ ଅନୁସରଣ କରି ଆଜି ବିଶ୍ୱରେ ଶତ ସହସ୍ର ରାମାୟଣୀୟ ପୁସ୍ତକ ପୁରାଣ, କାବ୍ୟ, ନାଟକ, ଚମ୍ପୂ ଆଦି ଭେଦରେ ପ୍ରଚାରିତ ହୋଇଛି । ଏହି

ଗ୍ରନ୍ଥର ମୂଳରେ ମହର୍ଷି ବାଲ୍ମୀକିଙ୍କର ଅବଦାନ ଅବିସ୍ମରଣୀୟ । ସେଇଥି ପାଇଁ ସନ୍ଦ୍ଧ୍ୟାକର ନନ୍ଦୀ ଉଲ୍ଲେଖ କରିଛନ୍ତି ---

"ଲଙ୍କାପତେଃ ସଙ୍କୁଚିତଂ ଯଶୋ ଯଦ୍
ଯତ୍ କୀର୍ତ୍ତିପାତ୍ରଂ ରଘୁରାଜପୁତ୍ରଃ ।
ସ ସର୍ବ ଏବାଦିକବେଃ ପ୍ରଭାବୋ
ନ କୋପନୀୟାଃ କବୟଃ କ୍ଷିତୀନ୍ଦ୍ରୈଃ" ॥

**ବୈଦିକ ସାହିତ୍ୟରେ ରାମ :---**

ରାମାୟଣ ତଥା ରାମ ଚରିତର ପ୍ରାଚୀନତା ସମ୍ପର୍କରେ ଅଦ୍ୟାପି ବିଦ୍ୱାନ୍ମାନଙ୍କ ମଧ୍ୟରେ ମତଭେଦ ରହି ଆସିଛି । ଆଲୋଚନାରୁ ଜଣାଯାଏ ଯେ, ରାମାୟଣରେ ପ୍ରଧାନ ଚରିତ୍ର ସୀତାଙ୍କ ସମ୍ବନ୍ଧରେ 'ଋଗ୍‌ବେଦ'ରୁ ସୂଚନା ମିଳୁଛି । ପଣ୍ଡିତ ରାମଗୋବିନ୍ଦ ତ୍ରିବେଦୀ ତାଙ୍କ 'ବୈଦିକ ସାହିତ୍ୟ' ନାମକ ପୁସ୍ତକରେ ସୀତାଙ୍କ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ସେଥିରୁ ଜଣାଯାଏ ଯେ, ଋଗ୍‌ବେଦର ଗୋଟିଏ ମନ୍ତ୍ରର ସାରାଂଶ ହେଉଛି--- "ହେ ସୌଭାଗ୍ୟବତୀ ସୀତେ, ଆମେମାନେ ଆପଣଙ୍କୁ ସ୍ତୁତି କରୁଛୁ । ଆପଣ ଆମକୁ ଧନ ଓ ସୁନ୍ଦର ଫଳ ପ୍ରଦାନ କରନ୍ତୁ ! ପୂଷା ସୀତାଙ୍କୁ ନିୟନ୍ତ୍ରଣ କରନ୍ତୁ" ।*

ଋଗ୍‌ବେଦରୁ ଆହୁରି ମଧ୍ୟ ଜଣାଯାଏ ଯେ ହଳଦ୍ୱାରା ଚିହ୍ନିତ ଭୂମିରେଖାର ନାମ ସୀତା । ଲଙ୍ଗଳ ମୂନ ଦ୍ୱାରା ସୀତା ଭୂମିରୁ ଉତ୍ପନ୍ନ ହୋଇ ଥିବାରୁ, ହଳଚିହ୍ନିତ ରେଖା 'ସୀତା' ସହିତ ରାମାୟଣରେ ବର୍ଣ୍ଣିତ 'ସୀତା'ଙ୍କ ସମ୍ବନ୍ଧ ରହିଥିବାର ଅନୁମାନ କରାଯିବା ଅସମୀଚୀନ ନୁହେଁ ।

**ରାମାୟଣର ଆଧାରରେ ରଚିତ ପୁରାଣ ଗ୍ରନ୍ଥ :-**

ଆଦିକବିଙ୍କ ରାମାୟଣର ପ୍ରସାର ଓ ପ୍ରଚାର ପ୍ରଖର ଗତିରେ ହେବାକୁ ଲାଗିଲା । ତେଣୁ ଅନ୍ୟାନ୍ୟ ଗ୍ରନ୍ଥକର୍ତ୍ତାମାନେ ରାମାୟଣୀୟ କଥାବସ୍ତୁକୁ ଅବଲମ୍ବନ କରି ପୁରାଣ ତଥା ଉପପୁରାଣ ପଦବାଚ୍ୟ ଅନ୍ୟାନ୍ୟ ଗ୍ରନ୍ଥମାନ ରଚନା କରିଥିଲେ । ସେହି ଗ୍ରନ୍ଥ-

---

* ବୈଦିକ ସାହିତ୍ୟ (ହିନ୍ଦୀ) ଲେଖକ - ପଣ୍ଡିତ ରାମଗୋବିନ୍ଦ ତ୍ରିବେଦୀ ପୃ-- ୭୭,

ସେମାନଙ୍କ ମଧ୍ୟରେ ଅଧ୍ୟାତ୍ମ ରାମାୟଣ, ଯୋଗବାଶିଷ୍ଠ ରାମାୟଣ, ଅଦ୍‌ଭୁତ ରାମାୟଣ, ଆନନ୍ଦ ରାମାୟଣ, ତତ୍ତ୍ୱସଂଗ୍ରହ ରାମାୟଣ, କାଳନିର୍ଣ୍ଣୟ ରାମାୟଣ, ଗୌଣ ରାମାୟଣ, ମହା ରାମାୟଣ, ମନ୍ତ୍ର ରାମାୟଣ, ହନୁମତ୍ ସଂହିତା, ବୃହତ୍ କୋଶଳଖଣ୍ଡ, ସଂବୃତ-ରାମାୟଣ, ଲୋମଶ ରାମାୟଣ,ଅଗସ୍ତ୍ୟ ରାମାୟଣ, ମଞ୍ଜୁଳ ରାମାୟଣ,ସୌପର୍ଣ୍ଣ ରାମାୟଣ, ସୌପଦ୍ୟ ରାମାୟଣ, ରାମାୟଣ ରତ୍ନମାଳା, ସୌହାର୍ଦ୍ଦ ରାମାୟଣ, ରାମାୟଣ ମଣିରତ୍ନ, ସୌର୍ଯ୍ୟ ରାମାୟଣ, ଶ୍ରୁତ ରାମାୟଣ, ଐନ୍ଦ୍ର ରାମାୟଣ, ସ୍ୱାୟମ୍ଭୁବ ରାମାୟଣ, ସୁବ୍ରହ୍ମ ରାମାୟଣ, ଦୈବ ରାମାୟଣ, ଶ୍ରବଣ ରାମାୟଣ, ଦୁରନ୍ତ ରାମାୟଣ, ବାଲ ରାମାୟଣ ଆଦି ପ୍ରଧାନ । ଏହା ବ୍ୟତୀତ ହରିବଂଶ, ବ୍ରହ୍ମାଣ୍ଡ ପୁରାଣ, ମତ୍ସ୍ୟ ପୁରାଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଭାଗବତ ପୁରାଣ, କୂର୍ମ ପୁରାଣ, ବ୍ରହ୍ମ ପୁରାଣ, ଅଗ୍ନି ପୁରାଣ, ଲିଙ୍ଗ ପୁରାଣ, ବାମନ ପୁରାଣ, ନାରଦୀୟ ପୁରାଣ, ଗରୁଡ଼ ପୁରାଣ ତଥା କାଳିକା ପୁରାଣ ଆଦି ପୁରାଣ ଉପପୁରାଣମାନଙ୍କରେ ଶ୍ରୀରାମଚନ୍ଦ୍ରଙ୍କର ପାବନ କୀର୍ତ୍ତି ବର୍ଣ୍ଣିତ ହୋଇଛି ।

**ଜୈନ ସାହିତ୍ୟରେ ରାମ ଚରିତ :-**

ଜୈନ ସାହିତ୍ୟରେ ଶ୍ରୀରାମଚନ୍ଦ୍ରଙ୍କର ପବିତ୍ରଗାଥା ଦେଖିବାକୁ ମିଳେ । ଜୈନ ଗ୍ରନ୍ଥକାରମାନେ ଶ୍ରୀରାମ, ଲକ୍ଷ୍ମଣ ଓ ରାବଣଙ୍କୁ ନିଜ ମତବାଦରେ ସ୍ୱୀକୃତ ତ୍ରିଷଷ୍ଠୀ ମହାପୁରୁଷଙ୍କ ମଧ୍ୟରେ ଅନ୍ୟତମ ରୂପେ ସ୍ୱୀକାର କରିଛନ୍ତି । ଜୈନମାନଙ୍କ ତ୍ରିଷଷ୍ଠୀ ଅର୍ଥାତ୍ ତେଷଠୀ ଜଣ ମହାପୁରୁଷ ହେଉଛନ୍ତି--- ଚବିଶ ତୀର୍ଥଙ୍କର, ବାର ଚକ୍ରବର୍ତ୍ତୀ, ନଅ ବଳଦେବ, ନଅଜଣ ବାସୁଦେବ ଓ ନଅଜଣ ପ୍ରତିବାସୁଦେବ ।

ଜୈନ ରାମଚରିତରେ ଦୁଇଟି ପରମ୍ପରା ରହିଛି । ଗୋଟିଏ ହେଉଛି--- ବିମଳସୂରୀଙ୍କ ପରମ୍ପରା ଏବଂ ଅନ୍ୟଟି ହେଉଛି- ଗୁଣଭଦ୍ରଙ୍କ ପରମ୍ପରା । ଏହି ଦୁଇଟି ଯାକ ପରମ୍ପରାରୁ ଏତିକି ମାତ୍ର ଉପାଦାନ ବେଶ୍ ଉପଲବ୍ଧି କରିହୁଏ ଯେ, ଜୈନମାନେ ବାଲ୍ମୀକୀୟ ଧାରାକୁ ନିଜ ଶିଷ୍ୟ ପରମ୍ପରାରେ ଭିନ୍ନ ଭାବରେ ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି । ବିମଳସୂରୀଙ୍କ ପରମ୍ପରା ଅନୁସାରେ ରାଜା 'ରତ୍ନପ୍ରଭ' ଓ ରାଣୀ 'କେକସୀ'ଙ୍କ କୋଳରେ ଦଶମୁଖ (ରାବଣ), ଭାନୁକର୍ଣ୍ଣ (କୁମ୍ଭକର୍ଣ୍ଣ), ଚନ୍ଦ୍ରନଖା (ସୂର୍ପଣଖା) ଓ ଓ ବିଭୀଷଣ ଜନ୍ମ ଗ୍ରହଣ କରିଥିଲେ । କେବଳ ଏତିକି ନୁହେଁ, ଶ୍ରୀରାମ, ଲକ୍ଷ୍ମଣ, ଓ ସୀତାଦେବୀଙ୍କ ସମ୍ବନ୍ଧରେ ବହୁ ଭିନ୍ନମୁଖୀ କଥା ବିମଳସୂରୀଙ୍କ ପରମ୍ପରାରେ ରହିଛି ।

ଗୁଣଭଦ୍ରଙ୍କ ପରମ୍ପରା ଅନୁସାରେ, ରାଜା ଦଶରଥ ବାରାଣସୀର ରାଜା ଥିଲେ । ତାଙ୍କ ରାଣୀ ସୁବାଳାଙ୍କ ଗର୍ଭରୁ ରାମ, କୈକେୟୀଙ୍କ ଗର୍ଭରୁ ଭରତ ଏବଂ ଜଣେ

ଅଜ୍ଞାତନାମୀ ରାଣୀଙ୍କ ଗର୍ଭରୁ ଭରତ ଓ ଶତ୍ରୁଘ୍ନ ଜନ୍ମ ଗ୍ରହଣ କରିଥିଲେ । ଏହି ପରମ୍ପରାରୁ ଆହୁରି ମଧ୍ୟ ଜଣାଯାଏ ଯେ, ଅମିତବେଗଙ୍କ ପୁତ୍ରୀ ମଣିମତୀ ପରଜନ୍ମରେ ରାବଣର ଦୁହିତା ରୂପେ ଜନ୍ମ ଗ୍ରହଣ କରିଥିଲା । କିନ୍ତୁ ସେହି ଦୁହିତା ଦ୍ୱାରା ତାର ମୃତ୍ୟୁ ହେବାର ଭବିଷ୍ୟବାଣୀ ଶୁଣି ରାବଣ ନବଜାତ କନ୍ୟାଟିକୁ ଗୋଟିଏ ମଞ୍ଜୁଷାରେ ଭରି ମାରୀଚଙ୍କୁ ଅର୍ପଣ କରିଥିଲେ । ମାରୀଚ ସେହି ମଞ୍ଜୁଷାଟିକୁ ନେଇ ମିଥିଲା ନଗରର ଗୋଟିଏ ଜନଶୂନ୍ୟ ସ୍ଥାନରେ ପୋତି ଦେଲେ । ପରେ ସେହି ମଞ୍ଜୁଷାଟିକୁ ପାଇ ଜନକ ମହର୍ଷି ସୀତା ନାମରେ କନ୍ୟାଟିର ଲାଳନ ପାଳନ କରିଥିଲେ ।

କେବଳ ଏତିକି ନୁହେଁ, ଆହୁରି ଅନେକ ଉପାଖ୍ୟାନରେ ବାଲ୍ମୀକିଙ୍କ କ୍ରୌଞ୍ଚଧାରା ସହିତ ଗୁଣଭଦ୍ରଙ୍କ କାହାଣୀର ଭିନ୍ନତା ରହିଛି । ଉଦାହରଣ ସ୍ୱରୂପ ଏଠାରେ କେତୋଟି ଘଟଣାର ଉଲ୍ଲେଖ କରାଯାଇ ପାରେ---

କ- ରାବଣ ଶ୍ରୀରାମଚନ୍ଦ୍ରଙ୍କ ବେଶ ଧରି ସୀତାଙ୍କୁ ଅପହରଣ କରିଥିଲେ ।

ଖ- ସୁଗ୍ରୀବ ଓ ତାଙ୍କର ଋକ୍ଷ କପିସେନା ପୁଷ୍ପକ ବିମାନ ଦ୍ୱାରା ଲଙ୍କାରେ ଉପସ୍ଥିତ ହୋଇଥିଲେ ।

ଗ- ଶ୍ରୀରାମ ଓ ଲକ୍ଷ୍ମଣ ବୟାଳିଶ ବର୍ଷ ପର୍ଯ୍ୟନ୍ତ ରାବଣ ବିରୁଦ୍ଧରେ ବିଜୟ ଅଭିଯାନ ଚଳାଇ ଥିଲେ ।

ଘ- ଶ୍ରୀରାମଚନ୍ଦ୍ରଙ୍କର ଆଠ ହଜାର ଓ ଶ୍ରୀଲକ୍ଷ୍ମଣଙ୍କର ଷୋଳ ହଜାର ରାଣୀ ଥିଲେ ।

ଙ- ସୀତାଙ୍କ ଗର୍ଭରୁ ବିଜୟରାମ ଆଦି ପୁତ୍ରମାନେ ଜନ୍ମ ଗ୍ରହଣ କରିଥିଲେ ଇତ୍ୟାଦି ଇତ୍ୟାଦି ।

## ବୌଦ୍ଧ ସାହିତ୍ୟରେ ରାମକଥା :-

ଅଷ୍ଟାଦଶ ପୁରାଣ, କେତେକ ଉପପୁରାଣ ତଥା ଜୈନ ଗ୍ରନ୍ଥ ମାନଙ୍କରେ ରାମକଥାର ବର୍ଣ୍ଣନା ପରି ବୌଦ୍ଧ ସାହିତ୍ୟରେ ମଧ୍ୟ ରାମ କଥାର ଅବତାରଣା କରାଯାଇଛି । ବୌଦ୍ଧ ଗ୍ରନ୍ଥ ଗୁଡ଼ିକ ମଧ୍ୟରେ 'ଜାତକ'ର ମହତ୍ତ୍ୱ ଗୌରବମୟ ବୋଲି ବିଦ୍ୱାନ୍‌ମାନଙ୍କଦ୍ୱାରା

ବିବେଚିତ ହୁଏ । ବୋଧିସତ୍ତ୍ୱ ଜନ୍ମଜନ୍ମାନ୍ତରରେ ମନୁଷ୍ୟ, ପଶୁ ଓ ପକ୍ଷୀ ଆଦି ଯୋନିରେ ଜନ୍ମଗ୍ରହଣ କରିଥିବାର ବୃତ୍ତାନ୍ତ ଜାତକ କଥାରୁ ମିଳିଥାଏ । ତେଣୁ ଜାତକଗୁଡ଼ିକ ବୌଦ୍ଧ ଜନତାର ଆଦରଣୀୟ ଧର୍ମଗ୍ରନ୍ଥ ରୂପେ ସ୍ୱୀକୃତ ହୁଏ ।

ଆଲୋଚନାରୁ ଜଣାଯାଏ ଯେ, ପ୍ରାଚୀନ ବୌଦ୍ଧସାହିତ୍ୟରେ ରାମାୟଣୀୟ ବିଷୟବସ୍ତୁ ତିନିଖଣ୍ଡି 'ଜାତକ' ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । 'ରାମକଥା' ଶୀର୍ଷକ ପ୍ରସିଦ୍ଧ ପୁସ୍ତକର ପ୍ରଣେତା ସ୍ୱ: ଫାଦର କାମିଲ ବୁଲ୍‌କେଙ୍କ ମତ ଅନୁସାରେ, ସେହି ତିନିଖଣ୍ଡି ଜାତକ ମଧ୍ୟରେ 'ଦଶରଥ ଜାତକ' ବିଶେଷ ଭାବରେ ଆଲୋଚକମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ରାମାୟଣୀୟ କଥାବସ୍ତୁ ମାଧ୍ୟମରେ ବୋଧିସତ୍ତ୍ୱ, ତାଙ୍କ ପିତା, ମାତା, ପତ୍ନୀ ପୁତ୍ର ଏବଂ ତାଙ୍କର ଅନୁଯାୟୀ ଶିଷ୍ୟ ଆନନ୍ଦଙ୍କ ପୂର୍ବଜନ୍ମର ଚରିତ ବର୍ଣ୍ଣିତ ହୋଇଛି ।

ସେହି ଜାତକର କଥାବସ୍ତୁରୁ ଜଣାଯାଏ ଯେ, ଦଶରଥଙ୍କର ବଡରାଣୀଙ୍କ ଗର୍ଭରୁ ଦୁଇପୁତ୍ର-- ରାମପଣ୍ଡିତ, ଲକ୍ଷଣ ଓ ସୀତା, ସାନରାଣୀଙ୍କ ଗର୍ଭରୁ ଗୋଟିଏ ପୁତ୍ର ଜାତ ହୋଇଥିଲେ । ସାନରାଣୀ ନିଜ ପୁତ୍ରଙ୍କୁ ରଜା କରାଇବା ପାଇଁ ପ୍ରଥମେ ଅନୁରୋଧ କରି ବିଫଳ ହୁଅନ୍ତେ ସେ ଭୀଷଣ ଚକ୍ରାନ୍ତ ଆରମ୍ଭ କରିଦେଲେ । ଏହା ଲକ୍ଷ୍ୟ କରି ଦଶରଥ ଦୁଇପୁତ୍ର ଓ ପୁତ୍ରୀଙ୍କୁ ବନକୁ ଯାଇ ଆତ୍ମରକ୍ଷା କରିବା ଲାଗି ପରାମର୍ଶ ଦେଲେ । ତେଣୁ ରାମପଣ୍ଡିତ, ଲକ୍ଷଣ ଓ ଭଗ୍ନୀ ସୀତା ହିମାଳୟର ପାଦଦେଶରେ ଆତ୍ମଗୋପନ କରି ରହିଲେ ।

ଏହି ଅବସରର ସୁଯୋଗ ନେଇ ସାନରାଣୀ ନିଜ ପୁତ୍ର ଭରତଙ୍କୁ ରାଜଗାଦିରେ ବସାଇବାର ସାଙ୍ଘାତିକ ଚକ୍ରାନ୍ତ ଆରମ୍ଭ କରିଦେଲେ । ରଜା ଦଶରଥ ସାନରାଣୀଙ୍କ ଯନ୍ତ୍ରଣା ଓ ବନବାସୀ ପୁତ୍ରପୁତ୍ରୀଙ୍କ ଚିନ୍ତାରେ ପ୍ରାଣତ୍ୟାଗ କରନ୍ତେ, ସାନରାଣୀ ଭରତଙ୍କୁ ରାଜସିଂହାସନରେ ବସାଇବାକୁ ଆୟୋଜନ କଲେ । କିନ୍ତୁ ସାନରାଣୀଙ୍କ ଚକ୍ରାନ୍ତକୁ ମନ୍ତ୍ରୀ ତଥା ନିଜେ ଭରତ ମଧ୍ୟ ସମର୍ଥନ କଲେ ନାହିଁ । ସେ ସୈନ୍ୟସେନାଙ୍କ ଗହଣରେ ଯାଇ ବଣରୁ ରାମପଣ୍ଡିତଙ୍କୁ ଫେରାଇ ଆଣିବା ଲାଗି ଚେଷ୍ଟା କଲେ । କିନ୍ତୁ ରାମପଣ୍ଡିତ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ରାଜପ୍ରାସାଦକୁ ଫେରିବେ ନାହିଁ ବୋଲି ସ୍ପଷ୍ଟ ଜଣାଇଦେଇ ବାରବର୍ଷ ପର୍ଯ୍ୟନ୍ତ ରାଜ୍ୟଶାସନ କରିବା ଲାଗି ଭରତଙ୍କୁ ଆଜ୍ଞା ଦେଲେ । ଭରତ, ଲକ୍ଷଣ ଓ ସୀତାଙ୍କୁ ଘେନି ରାଜ୍ୟକୁ ଫେରି ଆସିଲେ । ରାମପଣ୍ଡିତ ନିର୍ଦ୍ଦିଷ୍ଟ ଦିନ ପରେ ରାଜପ୍ରାସାଦକୁ ଫେରିଆସି, ଧର୍ମପୂର୍ବକ ସୀତାଙ୍କୁ ବିବାହ କରି ଷୋଳହଜାର ବର୍ଷ ରାଜତ୍ୱ କରିଥିଲେ ।

'ଜାତକ'ର ସମାଧାନରେ ବୋଧିସତ୍ତ୍ୱ କହିଛନ୍ତି --- ପୂର୍ବଜନ୍ମରେ ରାଜା ଶୁଦ୍ଧୋଦନ ଥିଲେ ଦଶରଥ, ମହାମାୟା ଥିଲେ ଦଶରଥଙ୍କ ଜ୍ୟେଷ୍ଠରାଣୀ, ଯଶୋଧାରା ଥିଲେ ସୀତା, ଏବଂ ଆନନ୍ଦ ଥିଲେ ଭରତ ।

ଏହିପରି ଭାବରେ 'ଅନାମକ ଜାତକ'ରେ ମଧ୍ୟ ରାମାୟଣ ଚରିତର ଅବଲମ୍ବନରେ କେତେକ କାହାଣୀ ରହିଛି ।

'ଦଶରଥ କଥାନମ୍'ରୁ ଜଣାଯାଏ ଯେ, ଦଶରଥଙ୍କର ବଡ଼ରାଣୀଙ୍କ ଠାରୁ ରାମ, ରାମନ୍, ଭରତ ଓ ଶତ୍ରୁଘ୍ନ ଜନ୍ମ ହୋଇଥିଲେ । ତୃତୀୟ ରାଣୀଙ୍କ ଅପଚେଷ୍ଟା ଫଳରେ ରାମ ବନବାସ କରିଥିଲେ ଏବଂ ସହାନୁଭୂତି ଦେଖାଇ ରାମନ୍ ତାଙ୍କୁ ଅନୁଗମନ କରିଥିଲେ ଇତ୍ୟାଦି ।

ଏଥିରୁ ଜଣାଯାଏ ଯେ ରାମାୟଣର ଆଧାରରେ ରଚିତ ଜାତକ କଥାଗୁଡ଼ିକ ଢେର ଅଧିକେ ବାଲ୍ମୀକିଙ୍କ କଥାବସ୍ତୁ ସହିତ ସମତା ରକ୍ଷା କରିଛି । କେବଳ ଶ୍ରୀରାମ ପଣ୍ଡିତଙ୍କ ଭଗ୍ନୀ ସୀତା, ପରେ ତାଙ୍କର ପତ୍ନୀ ହୋଇଥିବା ପ୍ରସଙ୍ଗ ପରବର୍ତ୍ତୀକାଳୀନ ହିନ୍ଦୁ ସମାଜତନ୍ତ୍ରର ବିରୋଧରେ ଯାଉଥିବାରୁ, ଏହା ଜନସମର୍ଥନ ଲାଭ କରେ ନାହିଁ । ଅନ୍ୟାନ୍ୟ 'ଜାତକ' ମାନଙ୍କରେ ରାମାୟଣୀୟ ଆଖ୍ୟାନ ଥିଲେ ମଧ୍ୟ ଦଶରଥ କଥାନମ୍ ଓ ଅନାମକ ଜାତକରେ ଏହା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

**ବିଦେଶରେ ରାମକଥା :---**

ରାମାୟଣୀୟ ଆଖ୍ୟାନ କେବଳ ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଥିଲା ତା'ନୁହେଁ; ପୃଥିବୀର ବହୁ ଦେଶ, ବିଶେଷତଃ ଏସିଆ ମହାଦେଶର ବିଭିନ୍ନ ଦେଶରେ ରାମାୟଣ ଚରିତ ଲୋକପ୍ରିୟତା ଅର୍ଜନ କରିଥିଲା । ଏ ସମ୍ବନ୍ଧରେ ସ୍ୱର୍ଗତ ଡ଼ଃ ରାଘବନ୍‌ଙ୍କ ଲିଖିତ Ramayana in greater india, କେନ୍ଦ୍ରୀୟ ସାହିତ୍ୟ ଏକାଡ଼େମୀ ଦିଲ୍ଲୀ ଦ୍ୱାରା ପ୍ରକାଶିତ, ୧୯୭୬ରେ ଦିଲ୍ଲୀ ଠାରେ ଅନୁଷ୍ଠିତ 'International Ramayana Seminar' ରେ ପଠିତ ପ୍ରବନ୍ଧାବଳୀ ତଥା ଆଚାର୍ଯ୍ୟ ପରଶୁରାମ ଚତୁର୍ବେଦୀଙ୍କ ପ୍ରଣୀତ 'ବିଦେଶରେ ବୈଷ୍ଣବମତ' ଶୀର୍ଷକ ପ୍ରବନ୍ଧରୁ ଜଣାଯାଏ ଯେ, ଇଣ୍ଡୋଚୀନ, ଶ୍ୟାମ, କାମ୍ବୋଡ଼ିଆ, ଜାଭା, ମାଲୟ, ବର୍ମା ଆଦି ଦେଶରେ ରାମାୟଣୀୟ ସଂସ୍କୃତି ତଥା ରାମ ଉପାସନାର ପରମ୍ପରା ବହୁ ପ୍ରାଚୀନ କାଳରୁ ଚାଲି ଆସୁଛି । ସେଥିରୁ

ଜଣାଯାଏ --- ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରୁ ଆରମ୍ଭ କରି ଇଣ୍ଡୋଚୀନ ଅଞ୍ଚଳର 'ଅନାମ' ନାମକ ପ୍ରାନ୍ତରେ ବାଲ୍ମୀକି ରାମାୟଣର ଆଦର ବହୁ ପ୍ରଚଳିତ ଥିଲା । ସେଠାକାର ରାଜା 'ପ୍ରକାଶ ଧରମ୍'ଙ୍କ ସମୟରେ ( ଖ୍ରୀଷ୍ଟାବ୍ଦ ୬୫୩ - ୬୭୮ ) ମହର୍ଷି ବାଲ୍ମୀକିଙ୍କର ଏକ ପ୍ରତିମୂର୍ତ୍ତି ନିର୍ମିତ ହୋଇ ସେ ଅଞ୍ଚଳରେ ପୂଜିତ ହେଉଛି । ଲୋକମାନେ ସେହି ମୂର୍ତ୍ତିକୁ ଭଗବାନ୍ ବିଷ୍ଣୁଙ୍କର ସାକ୍ଷାତ୍ ପ୍ରତିମା ଭଳି ପୂଜା କରୁଛନ୍ତି । କାମ୍ବୋଡ଼ିଆର ଆଦିବାସୀମାନଙ୍କ ଭାଷାରେ 'କ୍ଷେମର' ନାମକ ଖଣ୍ଡିଏ ରାମକଥା ମୂଳକ ପୁସ୍ତକ ଲେଖା ଯାଇଛି । ଶ୍ୟାମ ଦେଶର ଭାଷାରେ 'ରାମ୍କିଏନ' ନାମକ ଏକ ରାମାୟଣ ଗ୍ରନ୍ଥ ଅଦ୍ୟାପି ଜନ ସମାଜରେ ପ୍ରଚଳିତ । ଥାଇଲାଣ୍ଡର ଉତ୍ତର ପୂର୍ବ ଭାଗରେ କଥିତ 'ଲାଓ' ଭାଷାରେ ରଚିତ ରାମାୟଣକୁ ଲୋକମାନେ ଆଗ୍ରହର ସହିତ ପାଠ କରୁଛନ୍ତି ।

ତିବ୍ବତ ଅଞ୍ଚଳରେ ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀରେ ରଚିତ 'ତିବ୍ବତୀ ରାମାୟଣ' ବାଲ୍ମୀକି ରାମାୟଣର ଅନୁରୂପ ସ୍ୱାକ୍ଷର ବହନ କରି ଜନ ସମାଜରେ ପ୍ରଚଳିତ ।

ପୂର୍ବ ତୁର୍କିସ୍ଥାନରେ 'ଖୋତାନୀ' ରାମାୟଣ ଆଲୋଚକ ମାନଙ୍କର ଦୃଷ୍ଟି ଆକର୍ଷଣ କରେ । ସ୍ୱର୍ଗୀୟ ଫାଦର କାମିଲ ବୁଲ୍କେଙ୍କ ଆଲୋଚନାରୁ ଜଣାଯାଏ; ଖୋତାନୀ ରାମାୟଣ ଓ ତିବ୍ବତୀ ରାମାୟଣ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ଅବଶ୍ୟ ଉଭୟ ରାମାୟଣର ଉତ୍ତର କାଣ୍ଡର ପାଠ ତଥା ବିଷୟବସ୍ତୁ ସମାନ ନୁହେଁ ।

ଇଣ୍ଡୋନେସିଆରେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରେ ଲିଖିତ 'ରାମାୟଣ କକବିନ୍' ଜାଭା ଓ ମାଲୟ ଅଞ୍ଚଳରେ ଲୋକପ୍ରିୟ ଗ୍ରନ୍ଥ ରୂପେ ସ୍ୱୀକୃତ । ଫାଦର ବୁଲ୍କେଙ୍କ ଆଲୋଚନାରୁ ଆହୁରି ମଧ୍ୟ ଜଣାଯାଏ, ରାଜା ପ୍ରକାଶ ଧରମ୍ଙ୍କ ଦ୍ୱାରା ନିର୍ମିତ ବାଲ୍ମୀକି ମନ୍ଦିରରେ ଗୋଟିଏ ଶିଳାଲେଖ ରହିଛି । ସେଥିରେ ଲେଖା ଯାଇଛି ।

"ଯସ୍ୟ ଶୋକାତ୍ ସମୁତ୍ପନ୍ନଂ ଶ୍ଲୋକଂ ବ୍ରହ୍ମାଽପି ପୂଜିତ ।<br>ବିଷ୍ଣୋଃ ପୁରସ୍ୟ ରଣସ୍ୟ ମାନୁଷସ୍ୟାତ୍ମରୂପିଣଃ" ॥

ସ୍ୱ: ଫାଦର୍ ବୁଲ୍କେ ଏ' ସମ୍ବନ୍ଧରେ ମତ ଦେଇ କହନ୍ତି ---- ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରୁ ଆରମ୍ଭ କରି ଭାରତୀୟ ବ୍ୟବସାୟୀମାନେ ଏସିଆ ଭୂଖଣ୍ଡର ସୁଦୂର ଅଞ୍ଚଳକୁ ବାଣିଜ୍ୟପୋତ ନେଇ ଯାଉଥିଲେ । ଖୁବ୍ ସମ୍ଭବତଃ ସେହିମାନେ ଭାରତରୁ ରାମାୟଣ ଓ

ରାମ ସଂସ୍କୃତର ବାର୍ତ୍ତା ଏସିଆ ଭୂଖଣ୍ଡର ଅନ୍ୟାନ୍ୟ ଅଞ୍ଚଳରେ ବ୍ୟାପକ କରାଇ ଥିବେ ! ଏଥିରୁ ବେଶ୍ ଅନୁମାନ କରି ହୁଏ ଯେ, ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳୀୟ ବଣିକ୍‌ମାନେ ସମୁଦ୍ର ବକ୍ଷରେ ବାଣିଜ୍ୟ ପୋତ ନେଇ ସୁଦୂର ବାଲି, ଜାଭା, ସୁମାତ୍ରା, ଇଣ୍ଡୋନେସିଆ ଆଦି ସ୍ଥାନକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଉଥିଲେ । ଅଦ୍ୟାପି ସେମାନଙ୍କର ସ୍ମୃତି ଉତ୍କଳର ଜନମାନସରେ ସଜାଗ ହୋଇ ରହିଛି । କାର୍ତ୍ତିକ ପୂର୍ଣ୍ଣିମା ଦିନ ଉତ୍କଳର ଆବାଳ ବୃଦ୍ଧ ବନିତା ଅତୀତର ନୌସଂସ୍କୃତିକୁ ସ୍ମରଣ କରି ସେଦିନ ବ୍ରାହ୍ମ ମୁହୂର୍ତ୍ତରେ 'ଡଙ୍ଗାଭସା ଉତ୍ସବ' ପାଳନ କରନ୍ତି । ତେଣୁ ଏହି ଉତ୍କଳୀୟ ବଣିକ୍‌ମାନେ ରାମାୟଣୀୟ ସଂସ୍କୃତିକୁ ବିଦେଶରେ ପ୍ରଚାର କରାଇବାର ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ ।

ବ୍ରହ୍ମଦେଶରେ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ 'ରାମଯାଗନ୍' ନାମକ ଖଣ୍ଡିଏ ରାମାୟଣ ରଚିତ ହୋଇଥିଲା ।

ଏହା ବ୍ୟତୀତ ସପ୍ତଦଶ ଶତାବ୍ଦୀରୁ ଆରମ୍ଭ କରି ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଫରାସୀ, ଡଚ, ସ୍ପେନିଶ୍, ଜର୍ମାନ ବିଦ୍ୱାନ୍‌ମାନେ ରାମାୟଣ ଉପରେ ଅନେକ ଆଲୋଚନା ମୂଳକ ପ୍ରବନ୍ଧ ଲେଖିଛନ୍ତି । ✳

**ସଂସ୍କୃତ ସାହିତ୍ୟରେ ରାମକଥା :---**

ବୈଦିକ ସାହିତ୍ୟ, ଜୈନ, ଓ ବୌଦ୍ଧ ସାହିତ୍ୟରେ ରାମଚରିତର ଆଲୋଚନା କରିବା ପରେ, ସଂସ୍କୃତ ସାହିତ୍ୟରେ, ରାମାୟଣୀୟ ଚରିତର ଅବତାରଣା କରିବା ସମୀଚୀନ ହେବ । ସଂସ୍କୃତ ଭାଷାରେ ଲିଖିତ କାବ୍ୟମାନଙ୍କରେ ମୁଖ୍ୟତଃ ଶ୍ରୀରାମ ଲୀଳା ଓ ଶ୍ରୀକୃଷ୍ଣ ଲୀଳା ବର୍ଣ୍ଣିତ ହୋଇଛି । ଉଭୟ ଲୀଳା ମଧ୍ୟରେ ଶ୍ରୀରାମ ଲୀଳା ମୂଳକ କାବ୍ୟ, ନାଟକ, ଖଣ୍ଡକାବ୍ୟ ଓ ଚମ୍ପୂ ଆଦିର ସଂଖ୍ୟା ଆଦୌ ଊଣା ନୁହେଁ ।

ମହର୍ଷି ବାଲ୍ମୀକିଙ୍କ ଆର୍ଷ ରାମାୟଣକୁ ଆଧାର କରି ସଂସ୍କୃତ ଭାଷାରେ ଯେତେ ଖଣ୍ଡି କାବ୍ୟ ରଚିତ ହୋଇଛି, ତନ୍ମଧ୍ୟରେ ସୁସମ୍ବନ୍ଧ ପୂର୍ଣ୍ଣ କାବ୍ୟ ରଚନା କରିଛନ୍ତି ମହାକବି କାଳିଦାସ । କାଳିଦାସଙ୍କ କାବ୍ୟ ଓ ନାଟକ ମଧ୍ୟରେ 'ରଘୁବଂଶ ମହାକାବ୍ୟ'ର ସ୍ଥାନ ସ୍ୱତନ୍ତ୍ର । ସେଥିରେ ଶ୍ରୀରାମଚନ୍ଦ୍ରଙ୍କ ପୂର୍ବ ପୁରୁଷ ଦିଲ୍ଲୀପଙ୍କ ଠାରୁ ଆରମ୍ଭ କରି ଶ୍ରୀରାମଚନ୍ଦ୍ରଙ୍କ ସମସ୍ତ କାର୍ଯ୍ୟ କଳାପ ବର୍ଣ୍ଣିତ ହୋଇଛି । ଏହି କାବ୍ୟର ଉଣେଇଶଟି ସର୍ଗ

✳ ରାମକଥା --- ସ୍ୱର୍ଗତଃ ଫାଦର କାମିଲ ବୁଲ୍‌କେ । ପୃଷ୍ଠା ୨୭୧ -- ୨୮୫

ସର୍ଗ ମଧ୍ୟରେ ଶ୍ରୀରାମ ଲୀଳା ମୁଖ୍ୟସ୍ଥାନ ଗ୍ରହଣ କରିଛି ।

ଅବଶ୍ୟ ନାଟକ ରଚନା କ୍ଷେତ୍ରରେ କାଳିଦାସଙ୍କ ପୂର୍ବବର୍ତ୍ତୀ କବି ଭାସ କେତେଖଣ୍ଡି ପୁସ୍ତକ ରଚନା କରି ଯଶସ୍ୱୀ ହୋଇ ପାରିଥିଲେ ।

କାଳିଦାସଙ୍କ ପରବର୍ତ୍ତୀ କବିମାନଙ୍କ ମଧ୍ୟରେ ମହାରାଷ୍ଟ୍ରୀ ପ୍ରାକୃତରେ ଲିଖିତ । ପ୍ରବର ସେନଙ୍କ 'ସେତୁବନ୍ଧ କାବ୍ୟ', କୁମାର ଦାସଙ୍କ 'ଜାନକୀ ହରଣ', ଅଭିନନ୍ଦଙ୍କ 'ରାମ ଚରିତ', କ୍ଷେମେନ୍ଦ୍ରଙ୍କ 'ରାମାୟଣ ମଞ୍ଜରୀ', ଭଟ୍ଟି ସ୍ୱାମୀଙ୍କ 'ରାବଣ ବଧ' ମହାକାବ୍ୟ ବା 'ଭଟ୍ଟି କାବ୍ୟ' ବାମନ ଭଟ୍ଟଙ୍କ 'ରଘୁନାଥ ଚରିତ', ରଘୁନାଥ ଉପାଧ୍ୟାୟଙ୍କ 'ରାମ ବିଜୟ' ମହାକାବ୍ୟ, ଚନ୍ଦ୍ରକବିଙ୍କ 'ଜାନକୀ ପରିଣୟ', ଅଦ୍ୱୈତ କବିଙ୍କ 'ରାମ-ଲୀଳାମୃତ' ତଥା ରାଘବୋଲ୍ଲାସ', ମୋହନ ସ୍ୱାମୀ କୃତ 'ରାମ ରହସ୍ୟ' ଏବଂ ଅନ୍ୟାନ୍ୟ ବହୁ କବିଙ୍କ ରଚିତ 'ରଘୁନାଥ ଚରିତ', 'ରଘୁନାଥାଭ୍ୟୁଦୟ ମହାକାବ୍ୟ', 'ରାଘବ ପାଣ୍ଡବୀୟ','ରାଘବ ନୈଷଧୀୟ''ଶ୍ରୀରାମଚନ୍ଦ୍ର ଯଶଃ ପ୍ରବନ୍ଧ','ଶ୍ରୀରାମ ବିବାହ','ରାମାବତାର ପ୍ରକୀର୍ଣ୍ଣ ପ୍ରବନ୍ଧାବଳୀ', 'ଚମ୍ପୂ ରାମାୟଣ' ଆଦି ବହୁ ଗ୍ରନ୍ଥ ବିଦ୍ୱାନ୍‌ମଣ୍ଡଳୀରେ ସୁପ୍ରସିଦ୍ଧ ।

ରାମାୟଣୀୟ କଥାବସ୍ତୁର ଆଧାରରେ ଲିଖିତ ନାଟକ ଗୁଡ଼ିକ ମଧ୍ୟରେ ଯେତେଖଣ୍ଡି ପୁସ୍ତକ ଆଲୋଚକମାନଙ୍କର ହସ୍ତଗତ ହୁଏ, ତନ୍ମଧ୍ୟରେ ମହାକବି ଭାସଙ୍କ ପ୍ରତିମା ନାଟକ, ଅଭିଷେକ, ଭବଭୂତିଙ୍କ ମହାବୀର ଚରିତ, ଉତ୍ତରରାମଚରିତ, ଦିଙ୍‌ନାଗ କୃତ କୁନ୍ଦମାଳା, ରାଜଶେଖର କୃତ ବାଲ ରାମାୟଣ, ଶକ୍ତିଭଦ୍ରଙ୍କ ଆଶ୍ଚର୍ଯ୍ୟ ଚୂଡ଼ାମଣି, କ୍ଷୀରସ୍ୱାମୀଙ୍କ ଅଭିନବ ରାଘବ, କବି ରାମଚନ୍ଦ୍ର କୃତ ରଘୁବିଳାସ ଓ ରାଘବାଭ୍ୟୁଦୟ, ଯଶୋବର୍ମନ୍‌ଙ୍କ ପ୍ରଣୀତ ରାଘବାଭ୍ୟୁଦୟ, ଗୌଡ଼ନରପତି ଲକ୍ଷ୍ମଣ ସେନଙ୍କ ସଭାକବି ଜୟଦେବ (ଗୀତଗୋବିନ୍ଦର ପ୍ରଣେତା ନୁହନ୍ତି) କୃତ ପ୍ରସନ୍ନ ରାଘବ, ହରିମଲ୍ଲ କୃତ ମୈଥିଳୀ କଲ୍ୟାଣ, ସୋମେଶ୍ୱରଙ୍କ ଉଲ୍ଲାସରାଘବ, ସୁରଭି କୃତ ଉନ୍ମତ୍ତରାଘବ, ରାମଭଦ୍ର ଦୀକ୍ଷିତଙ୍କ ରାମାଭ୍ୟୁଦୟ ତଥା ଜାନକୀପରିଣୟ ଆଦି ସୁଧୀସମାଜରେ ସମାଦୃତ ହୋଇ ଆସୁଛି ।

ଉତ୍କଳୀୟ ମହାକବି ଜୟଦେବଙ୍କ 'ଗୀତଗୋବିନ୍ଦ'ର ପ୍ରଚାର ପରେ ଭାରତର ଅନ୍ୟାନ୍ୟ ଅଞ୍ଚଳର କବିମାନେ କେତେଖଣ୍ଡି ଗୀତକାବ୍ୟ ରଚନା କରିଥିଲେ । ସେହି କବିମାନେ ଶ୍ରୀରାଧାକୃଷ୍ଣ ଲୀଳାରେ ବର୍ଣ୍ଣିତ ଶୃଙ୍ଗାର ବର୍ଣ୍ଣନା ପରି ଶ୍ରୀରାମଲୀଳାରେ ମଧ୍ୟ ଆଦିରସର ପ୍ରାଧାନ୍ୟ ଦେଖାଇଛନ୍ତି । ଏ ଧରଣର ପୁସ୍ତକ ମଧ୍ୟରେ ଜୟଦେବଙ୍କ ନାମରେ ଭଣିତ 'ରାମ ଗୀତଗୋବିନ୍ଦ' ଶୀର୍ଷକ ଖଣ୍ଡିଏ ଗୀତକାବ୍ୟ ଥିବାର ପ୍ରମାଣ ମିଳେ । ହୁଏତ କୌଣସି ଅଜ୍ଞାତନାମା କବି 'ରାମ ଗୀତଗୋବିନ୍ଦ', ରଚନା କରି ଜୟଦେବଙ୍କ

ନାମରେ ଉତ୍ସର୍ଗ କରିଛନ୍ତି କିମ୍ବା ଜୟଦେବ ନାମକ ଅନ୍ୟ କୌଣସି କବି ଅବିକଳ 'ଗୀତଗୋବିନ୍ଦର ଅନୁକରଣରେ ପ୍ରସ୍ତୁତ କାବ୍ୟଟି ସଙ୍କଳନ କରିଛନ୍ତି---

"ଯଦି ରାମପଦାମ୍ବୁଜେ ରତିଃ
ଯଦି ବା କାବ୍ୟକଳାସୁ କୌତୁକମ୍ ।
ପଠନୀୟମିଦଂ ତଦୌଜସା
ରୁଚିରଂ ଶ୍ରୀଜୟଦେବନିର୍ମିତମ୍" ॥

ଏହି ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ, ସଂସ୍କୃତ କାବ୍ୟ ଭଣ୍ଡାରର ସମସ୍ତ ବିଭବ ଉପରେ ପ୍ରାଚୀନ କବିମାନେ ରାମଲୀଳାର ବର୍ଣ୍ଣନା କରିବାରେ ମହନୀୟ ପ୍ରଚେଷ୍ଟା କରିଛନ୍ତି ।

**ଉତ୍କଳୀୟ କବିଙ୍କ ରାମଲୀଳା ମୂଳକ ସଂସ୍କୃତ କାବ୍ୟ :-**

ସର୍ବଭାରତୀୟ ସ୍ତରରେ କାଳିଦାସଙ୍କ ଯୁଗରୁ ଆରମ୍ଭ କରି ବହୁ କବି ଯେପରି ସଂସ୍କୃତ ଭାଷାରେ ରାମଲୀଳା ବର୍ଣ୍ଣନା କରିବାରେ ଦକ୍ଷତା ଅର୍ଜନ କରିଥିଲେ, ଉତ୍କଳୀୟ ବିଦ୍ୱାନମାନେ ମଧ୍ୟ ଅନୁରୂପ ପ୍ରୟାସ କରିଛନ୍ତି । ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀରୁ ଉତ୍କଳୀୟ ସଂସ୍କୃତ ବିଦ୍ୱାନମାନେ ରାମଲୀଳା ଉପରେ କାବ୍ୟ, ନାଟକ, ଖଣ୍ଡକାବ୍ୟ, ଗୀତକାବ୍ୟ ଆଦି ରଚନା କରି ସଂସ୍କୃତ କାବ୍ୟଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

**ମୁରାରି ମିଶ୍ର :---**

ମହାକବି ମୁରାରିଙ୍କ ପଦବୀ ସମ୍ପର୍କରେ ତାଙ୍କ ରଚିତ 'ଅନର୍ଘରାଘବ ନାଟକ'ରେ କୌଣସି ପ୍ରମାଣ ନ ଥିଲେ ହେଁ, ଉତ୍କଳୀୟ ପଣ୍ଡିତ ମଣ୍ଡଳୀରେ ସେ 'ମିଶ୍ର' ପଦବୀଧାରୀ ଥିବାର କିମ୍ବଦନ୍ତୀ ରହିଛି । ସେ ତାତ୍କାଳୀନ ସଂସ୍କୃତ କବି ମଣ୍ଡଳୀରେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଥିଲେ । ପ୍ରଖ୍ୟାତ ଶାବ୍ଦିକ ରୂପେ ମୁରାରିଙ୍କର ସୁନାମ ଥିଲା । ସେ କଠିନ, ସମସ୍ତପଦବହୁଳ ଶବ୍ଦ ପ୍ରୟୋଗ କରିବାରେ ସିଦ୍ଧହସ୍ତ ଥିଲେ । ତାଙ୍କ ସମ୍ବନ୍ଧରେ ଗୋଟିଏ ପ୍ରବଚନ ରହିଛି ---

"ମୁରାରେଃ ପଦଚନ୍ତା ଚେତ୍ତଦା ମାଘେ ରତିଂ କୁରୁ ।
ମୁରାରେଃ ପଦଚନ୍ତା ଚେତ୍ତଦା ମାଘେ ରତିଂ କୁରୁ" ॥

ଅର୍ଥାତ୍ --- ଯଦି ମୁରାରି ବିଷ୍ଣୁଙ୍କର ପାଦପଦ୍ମରେ ଆଶ୍ରୟ ଗ୍ରହଣ କରିବାକୁ ଚାହୁଁଥାଅ, ତେବେ 'ଅଘ' (ପାପ) ରେ ବିଳାସ କର ନାହିଁ ଏବଂ ଯଦି ମୁରାରି କବିଙ୍କ ପଦ ବୁଝିବା ପାଇଁ ଚାହୁଁଥାଅ, ତେବେ ମାଘ କବିଙ୍କ ଶିଶୁପାଳ ବଧ ଅଧ୍ୟୟନ କର ।

ମୁରାରିଙ୍କ କ୍ଳିଷ୍ଟ ରଚନା ସମ୍ପର୍କରେ ଆହୁରି ଗୋଟିଏ ପ୍ରବଚନ ମୂଳକ ଶ୍ଳୋକ ବିଦ୍ୱାନ୍‌ମଣ୍ଡଳୀରେ ରହିଛି ---

"ଦେବୀଂ ବାଚମୁପାସତେ ହି ବହବଃ ସାରଂ ତୁ ସାରସ୍ୱତଂ,
ଜାନୀତେ ନିତରାମସୌ ଗୁରୁକୁଲଃ କ୍ଲିଷ୍ଟୋ ମୁରାରିଃ କବିଃ ।
ଅବ୍ଧିର୍ଲଙ୍ଘିତ ଏବ ବାନରଭଟୈଃ କିଂ ତ୍ୱସ୍ୟ ଗମ୍ଭୀରତା
ମା ପାତାଳ ନିମଗ୍ନ ପୀବରତନୁର୍ଜାନାତି ମନ୍ଥାଚଳଃ" ॥

କବି ମୁରାରିଙ୍କ ଜନ୍ମ ଖୁବ୍ ସମ୍ଭବତଃ ଶ୍ରୀଜଗନ୍ନାଥଙ୍କ ଧାମରେ ହୋଇଥିଲା । ସେ 'ଅନର୍ଘରାଘବ' ଶୀର୍ଷକ ଶ୍ରୀରାମ ଲୀଳା ମୂଳକ ନାଟକଟି ଲେଖି ପ୍ରଥମେ ପୁରୁଷୋତ୍ତମ ଜଗନ୍ନାଥଙ୍କ ଯାତ୍ରାରେ ଅଭିନୀତ କରାଇ ଥିଲେ । 'ଅନର୍ଘ ରାଘବ ନାଟକ'ର ମଙ୍ଗଳାଚରଣରେ ଜଗନ୍ନିଧି ଜଗନ୍ନାଥ ମହାପ୍ରଭୁଙ୍କୁ ସ୍ତୁତି କରିବା ସଙ୍ଗେ ସଙ୍ଗେ ସୂତ୍ରଧାର ମୁଖରେ ପୁରୁଷୋତ୍ତମ ଧାମରେ ନାଟକଟି ଅଭିନୟ କରାଇ ଥିବାର କବି ମୁରାରି ସ୍ୱୀକାର କରିଛନ୍ତି ---

"ନିରମତି ମହାକଳ୍ପେ ନାଭୀ ପଥୈକ ନିକେତନଃ
ତ୍ରିଭୁବନପୁରଶିଳ୍ପୀ ଯସ୍ୟ ପ୍ରତିକ୍ଷଣମାତ୍ମଭୂଃ ।
କମଧିକରଣଂ କୀଦୃକ୍ କସ୍ୟ ବ୍ୟବସ୍ଥିତ ଶକ୍ତ୍ୟ ସା---
ବୁଦରମବଶଦ୍ ଦ୍ରଷ୍ଟୁଂ ତସ୍ମୈ ଜଗନ୍ନିଧୟେ ନମଃ" ॥

×　　×　　×

ଅଳମତି ବହୁରେଣ । ଷେ ଷେ ଲବଣୋଦ ବେଲା ବନାଲୀ-
ତମାଲତରୁ କନ୍ଦଳସ୍ପର୍ଶିଭୁବନ ମୌଳି ମଣ୍ଡନ ମହାମାଲମଣେଃ
କମଳା-କୁଚ-କଳସକେଳି-କସ୍ତୁରିକା - ପତ୍ରାଙ୍କୁରସ୍ୟ ଭଗବତଃ
ପୁରୁଷୋତ୍ତମସ୍ୟ ଯାତ୍ରାୟାମୁପସ୍ଥାନୀୟାଃ ସଭାସଦଃ········· ।

ମୁରାରି କବିଙ୍କ ରଚନା ପରବର୍ତ୍ତୀ କବି ଶ୍ରୀରାଜାନକ ରତ୍ନାକର (ଖ୍ରୀ:ଅ: ନବମ ଶତାବ୍ଦୀ)ଙ୍କ ଦ୍ୱାରା ଉଦ୍ଧୃତ ହୋଇ ଥିବାରୁ ତାଙ୍କୁ ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀର କବି ରୂପେ ଆଲୋଚକମାନେ ମତ ଦିଅନ୍ତି । ଉତ୍କଳୀୟ ସଂସ୍କୃତ କବି ପରମ୍ପରାରେ 'ପଞ୍ଚତନ୍ତ୍ର'ର ପ୍ରଣେତା ବିଷ୍ଣୁଶର୍ମା ଓ 'ବେଣୀ ସଂହାର'ର ପ୍ରଣେତା ଭଟ୍ଟ ନାରାୟଣଙ୍କ ପରେ ମୁରାରି ମିଶ୍ର ସ୍ୱନାମଧନ୍ୟ କବି ରୂପେ ପ୍ରଖ୍ୟାତି ଅର୍ଜନ କରିଥିଲେ ।

ମୁରାରିଙ୍କ ପରେ ଉତ୍କଳୀୟ ସଂସ୍କୃତ କବି ମଣ୍ଡଳୀରେ ନାରାୟଣ ସତ୍‌କବି ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରେ 'ରାମାଭ୍ୟୁଦୟ ମହାକାବ୍ୟ' ରଚନା କରି ପ୍ରଖ୍ୟାତି ଅର୍ଜନ କରିଥିଲେ । ସ୍ୱର୍ଗୀୟ କେଦାର ନାଥ ମହାପାତ୍ର ଓ ସ୍ୱର୍ଗୀୟ ଶିବ ପ୍ରସାଦ ଦାଶ ପ୍ରଭୃତି ବିଦ୍ୱାନ୍‌ଙ୍କ ଆଲୋଚନାରୁ ଜଣାଯାଏ --- ନାରାୟଣ ସତ୍‌କବି ସମ୍ବଲପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ସମ୍ବନ୍ଧରେ ଗୋଟିଏ ଅଭିଲେଖରୁ ଜଣାଯାଏ ---

"ଶ୍ରୀ ଦକ୍ଷଷ୍ଟରଣାବ୍‌ଜପୂଜନମତି ର୍ନାରାୟଣଃ ସତ୍‌କବିଃ
ଶ୍ରୀରାମାଭ୍ୟୁଦୟାଭିଧଂ ରସମୟଂ କାବ୍ୟଂ ସତଦ୍ ଯୋ ବ୍ୟଧାତ୍ ।
ସ୍ତୁତ୍ୟା ରୂଢ-ଯଦୀୟ-କାବ୍ୟ ରଚନା ପ୍ରାଦୁର୍ଭବନ୍ନିର୍ଭରଂ
ପ୍ରେମୋଲ୍ଲାସିତ ଚଉବୃତ୍ତି ରମୁଚଦ୍ ବାଗ୍‌ଦେବତା ବଲ୍ଲକୀମ୍" ॥

ଏହାଙ୍କ ପରେ ଉତ୍କଳୀୟ କବି ଗଗନର ନିଷ୍କଳଙ୍କ ଚନ୍ଦ୍ରମା, ଗଙ୍ଗରାଜତ୍ୱର ପ୍ରସିଦ୍ଧ ଭକ୍ତ କବି କେନ୍ଦୁବିଲ୍ୱ ନିବାସୀ ଆଚାର୍ଯ୍ୟ ଜୟଦେବଙ୍କ 'ଗୀତ ଗୋବିନ୍ଦ'ରେ ଶ୍ରୀରାମଙ୍କ ସ୍ତୁତିମୂଳକ ଦୁଇଟି ଗୀତ ରଚନା କରିଛନ୍ତି ।

ଚେତଏର

"ବିତରସି ଦିକ୍ଷୁ ରଣେ ଦିକ୍ ପତି କମନୀୟଂ

ଦଶମୁଖ ମୌଳିବଳିଂ ରମଣୀୟମ୍ ।

କେଶବ, ଧୃତ ରାମ ଶରୀର,

ଜୟ ଜଗଦୀଶ ହରେ ॥

× × ×

ଜନକସୁତାକୃତ ଭୂଷଣ ଜିତ ଦୂଷଣ,

ସମରଶମିତ ଦଶକଣ୍ଠ,

ଜୟ ଜୟଦେବ ହରେ" ॥

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ 'ସାହିତ୍ୟ ଦର୍ପଣ' ଶୀର୍ଷକ ପ୍ରସିଦ୍ଧ ଅଲଙ୍କାର ଗ୍ରନ୍ଥର ପ୍ରଣେତା ବିଶ୍ୱନାଥ କବିରାଜ ଖଣ୍ଡିଏ ରାମକାବ୍ୟ ସଂସ୍କୃତରେ ରଚନା କରିଥିଲେ । ପୁସ୍ତକଟିର ନାମ 'ରାଘବ ବିଲାସ' । କିନ୍ତୁ ଅଦ୍ୟାପି ପୁସ୍ତକଟି ସମ୍ପୂର୍ଣ୍ଣ ଭାବରେ ଆଲୋଚକମାନଙ୍କ ହସ୍ତଗତ ହୋଇ ନାହିଁ ; କିନ୍ତୁ ଉକ୍ତ ପୁସ୍ତକରେ କେତେକ ଉଦ୍ଧୃତାଂଶ ଭିନ୍ନ ଭିନ୍ନ ପୁସ୍ତକରେ ମିଳୁଛି । କବିରାଜ ବିଶ୍ୱନାଥ 'ସାହିତ୍ୟ ଦର୍ପଣ'ର ତୃତୀୟ ପରିଚ୍ଛେଦରେ 'ରାଘବ ବିଲାସ'ରୁ ଗୋଟିଏ ଶ୍ଲୋକ ଉଦ୍ଧାର କରି ଲେଖିଛନ୍ତି —

"ଯଥା ମମ ରାଘବ ବିଲାସେ :—

ବିପିନେ କ୍ୱ ଜଟା ନିବନ୍ଧନଂ

ତବ ଚେଦଂ କ୍ୱ ମନୋହରଂ ବପୁଃ ।

ଅନୟୋର୍ଘଟନାବିଧେଃ ସ୍ଫୁଟଂ

ନନୁ ଖଡ୍ଗେନ ଶିରୀଷକର୍ତ୍ତନମ୍" ॥

ସାହିତ୍ୟ ଦର୍ପଣ ଗ୍ରନ୍ଥରେ ରାଘବାନନ୍ଦ ସାନ୍ଧିବିଗ୍ରହିକଙ୍କ ରଚିତ ଦୁଇଟି ଶ୍ଲୋକ ମିଳୁଛି । ସେଥିରୁ ନିମ୍ନ ଲିଖିତ ଶ୍ଲୋକଟି ତାଙ୍କ ରଚିତ ରାମାୟଣୀୟ ନାଟକରୁ ଗୃହୀତ ହୋଇ ଥିବାର ପ୍ରମାଣ ମିଳେ —

"ଶିକ୍ଷେପ ମୂର୍ଦ୍ଧ୍ନି ଶିରସ୍ତୁ ପ୍ରପେଦେ
ଯଦା ଯଦା ଦୁଃଖ ଶତାନି ସୀତା ।
ତଦା ତଦାସ୍ୟାଃ ସଦନେଷୁ ସୌଖ୍ୟ—
ଲକ୍ଷାଣି ଦଧ୍ୟୌ ଗଲଦଶ୍ରୁ ରାମଃ" ॥

ପଞ୍ଚଦଶ ଶତାବ୍ଦୀର ଉତ୍କଳୀୟ ଗଜପତି ବଂଶର ପ୍ରଥମ ନରପତି କପିଳେନ୍ଦ୍ର-ଦେବଙ୍କ ନାମରେ 'ପରଶୁରାମ ବିଜୟ' ଶୀର୍ଷକ ଖଣ୍ଡିଏ 'ବ୍ୟାୟୋଗ' ଭଣିତ ହୋଇ ଥିବାର ଜଣାଯାଏ । ପୁସ୍ତକଟି 'ପ୍ରାଚୀ ସମିତି' ଦ୍ୱାରା ମୁଦ୍ରିତ ହୋଇଥିଲା । ପୁସ୍ତକର ପୁଷ୍ପିକାରୁ ଜଣାଯାଏ —

"ଭୂତେଷୁ ଭବ୍ୟେଷୁ ନ ତାଦୃଶୋଽସ୍ତି
ଭବସ୍ତୁ ବିଦ୍ୱଜ୍ଜନଗୀତକୀର୍ତ୍ତିଃ ।
ଶୂରୋ ବଦାନ୍ୟଃ ଶ୍ରୁତପାରଗାଶ୍ଚ
ଯଥୈଷ ସୂନୁର୍ଜମଦଗ୍ନି ସୂନୋଃ ॥

ଗୁଣାଧିକତୟା ଆତ୍ମସମ୍ମାନପୌରୁଷତୟା ସ୍ୱତଃ ପୂର୍ବବତାର ତୟା ଚ କପିଳେନ୍ଦ୍ରଦେବସ୍ୟାପି ପରଶୁରାମେପ୍ରୀତିରସ୍ତି । ତସ୍ମେନୈବ ପ୍ରଣୀତଃ ପରଶୁରାମବିଜୟୋ ନାମ ବ୍ୟାୟୋଗୋଽଭି ନେତବ୍ୟଃ ॥

କପିଳେନ୍ଦ୍ର ଦେବଙ୍କ ସୁପୁତ୍ର ଗଜପତି ପୁରୁଷୋତ୍ତମ ଦେବ ବହୁ କବି ପଣ୍ଡିତଙ୍କ ପୃଷ୍ଠପୋଷକ ଥିଲେ । ତେଣୁ ତାଙ୍କ ପଣ୍ଡିତ ସଭାରେ ଥିବା କବିଚନ୍ଦ୍ର ରାୟ ଦିବାକର ମିଶ୍ର ଓ କବୀନ୍ଦ୍ର ମାର୍କଣ୍ଡେୟ ମିଶ୍ର ରାମକାବ୍ୟ ରଚନାରେ ଦକ୍ଷତା ପ୍ରଦର୍ଶନ କରିଥିଲେ । କବିଚନ୍ଦ୍ର ଦିବାକରଙ୍କ ରଚିତ 'ଜାନକୀ ପ୍ରମୋଦ' ନାଟକଟିର ନାମ କେବଳ ଶୁଣିବାକୁ ମିଳୁଥିଲେହେଁ ଅଦ୍ୟାପି ଆଲୋଚକମାନଙ୍କର ହସ୍ତଗତ ହୋଇନାହିଁ । କିନ୍ତୁ କବୀନ୍ଦ୍ର ମାର୍କଣ୍ଡେୟ ମିଶ୍ରଙ୍କ ରଚିତ 'ଦଶଗ୍ରୀବ ବଧ ମହାକାବ୍ୟ' ରାଜ୍ୟ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଛି । ସେହି ପୁସ୍ତକର ପୁଷ୍ପିକା ଶ୍ଳୋକରୁ ଜଣାଯାଏ ଯେ--- ତାଙ୍କ ପିତାଙ୍କ ନାମ ଥିଲା ମଙ୍ଗଳଦେବ ଓ ସେ କାଶ୍ୟପ ଗୋତ୍ରରେ ଜନ୍ମଗ୍ରହଣ କରିଥିଲେ ।

"ଶ୍ରୀରୁଦ୍ରେ ପୁରୁଷୋତ୍ତମେନ୍ଦ୍ରତନୟେ ପ୍ରୋଦ୍ଦାମ ଦୋର୍ମଣ୍ଡଳୀ
କ୍ରୀଡ଼ାଖଣ୍ଡିତଶାତ୍ରବେ ବସୁମତୀମାସାଗରଂ ଶାସତି ।
ଶ୍ରୀମାନ୍ ମଙ୍ଗଳଦେବ ସୂନୁରମନାଗାରାଧ୍ୟ ବାଗ୍‌ବାଦିନୀଂ
ମାର୍କଣ୍ଡେୟ କବିସ୍ତଦେତଦତନୋତ୍ କାବ୍ୟଂ ହରେଃ ପ୍ରୀତୟେ ।

ଖୋଗାଭୋଗ ମୂଷିକରୋତି ଧରଣୀ ଯାବଦ୍‌ଭୁଜଙ୍ଗେଶିତୁ—
ର୍ନ୍ନେକାଲେକଗିରଂ ପ୍ରଦକ୍ଷିଣୀସ୍ତୁତେ ଯାବତ୍ ଦ୍ୱିତ୍ୱାମୀଶ୍ୱରଃ ।
ଶ୍ରୀରାମସ୍ୟ ଗୁଣାମ୍ବୁଧେ ର୍ଗୁଣ ଲବେ ନାରବ୍ଧମେତନ୍ନବଂ,
କାବ୍ୟ ମେ ବିଦଧାତୁ ତାବଦସକୃତ୍ ପ୍ରୀତିଂ ପ୍ରସନ୍ନାତ୍ମନାମ୍ ।

× × ×

ଇତିଶ୍ରୀ କାଶ୍ୟପଗୋତ୍ରସମୁଦ୍ଭବ ଶ୍ରୀମନ୍ ମଙ୍ଗଳଦେବ ଦେହସମ୍ଭବ ମାର୍କଣ୍ଡେୟସୁ-ଭିଧକବିରାଜତନବର୍ତ୍ତୀ ବିରଚିତେ ଦଶଗ୍ରୀବବଧେ ମହାକାବ୍ୟେ ଶ୍ରୀରାମ ସ୍ୱପ୍ନରା-ଭିପେକୋ ନାମ ବିଂଶତିତମଃ ସର୍ଗଃ'' ।

କବୀନ୍ଦ୍ର ମାର୍କଣ୍ଡେୟ 'ଦଶଗ୍ରୀବବଧ ମହାକାବ୍ୟ'ର ପ୍ରାରମ୍ଭରେ ଗଣେଶାଦି ଦେବତାଙ୍କ ସ୍ତୋତ୍ରପାଠ ପରେ, ରାମାୟଣର ମହତ୍ତ୍ୱ ପ୍ରତିପାଦନ କରି ଲେଖିଛନ୍ତି—

''ରଘୂଦ୍‌ବହ ସ୍ତୋତ୍ରକଥାଂ ବିହାୟ ।
ଯେ କାବ୍ୟମନ୍ୟତ୍ର ସମାଶ୍ରୟନ୍ତେ ।
କାନ୍ତାକୁଚାଶ୍ଳେଷପରା ଦରାସ୍ତେ
କଣ୍ଠେ କପୀନାଂ ଖଚୟନ୍ତି ହାରାନ୍ ॥
ଅସାଧୂଚେତ୍ କାବ୍ୟମିଦଂ ମଦୀୟଂ
ତରୋ ରସୌରଭ୍ୟମିଦଂ ପ୍ରସୂନମ୍ ।
ଶ୍ରୀରାମପାଦାମ୍ବୁଜସଙ୍ଗମେନ
ସଦ୍‌ଭକ୍ତ ଆପ୍ୟାଦରଣୀୟମେବ'' ॥

ଦକ୍ଷିଣ ଓଡ଼ିଶାର ବଡ଼ଖେମୁଣ୍ଡିର ମନ୍ତ୍ରୀ ନାରାୟଣ ସିଂହରାଜଙ୍କ ପୁତ୍ର, ପଦ୍ମାବତୀ ଦେବୀଙ୍କ ଗର୍ଭୋତ୍ପନ୍ନ କୃଷ୍ଣଶ୍ରୀଚନ୍ଦନ 'ଅବଦ୍‌ଦୂତ' ଶୀର୍ଷକ ଗୋଟିଏ ଖଣ୍ଡକାବ୍ୟ ରଚନା କରିଛନ୍ତି । କାବ୍ୟଟି କାଳିଦାସଙ୍କ 'ମେଘଦୂତ' ରୂପଗୋସ୍ୱାମୀଙ୍କ 'ହଂସଦୂତ' ଆଦି ଦୂତକାବ୍ୟର ଅବଲମ୍ବନରେ ଲିଖିତ । ଶ୍ରୀରାମଚନ୍ଦ୍ର ସୀତାଙ୍କୁ ହରାଇବା ପରେ ମାଲ୍ୟବନ୍ତ ପର୍ବତରେ ବିରହ ସନ୍ତପ୍ତ ହୋଇ ଅବ୍ଦ (ମେଘ)କୁ ଦୂତ କରି ପ୍ରିୟାଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି । ଶ୍ଳୋକଗୁଡ଼ିକ କାଳିଦାସୀୟ ଶୈଳୀରେ ରଚିତ ଅତ୍ୟନ୍ତ ମନୋଜ୍ଞ ତଥା ହୃଦୟସ୍ପର୍ଶୀ—

"ମନ୍ତ୍ରୀ ଶ୍ରୀରାମଚନ୍ଦ୍ରଃ ଖିମୁଣ୍ଡି ନୃପମଣେର୍ମଙ୍ଗରାଜୋ ଯଶୋଢ୍ୟ—
ଦେବୀ ଯଂ ମଙ୍ଗରାଜଂ ତନୟମଜନୟଦ୍ରାୟନାରାୟଣଂ ଚ ।
ପଦ୍ମାବତ୍ୟାଖ୍ୟ ଦେବ୍ୟାଃ ପ୍ରଥିତତନୁଭୁବା ତସ୍ୟ ନାମାବ୍ଦ ଦୂତଂ
କୃଷ୍ଣଶ୍ରୀଚନ୍ଦନେନ ପ୍ରିୟମିତ ରଚିତଂ ଖଣ୍ଡକାବ୍ୟଂ ସମାପ୍ତମ୍ ॥

× × ×

ରାମଃ କାମପ୍ରହରଣଶତୈଃ ପାରବଶ୍ୟଂ ପ୍ରପନ୍ନଃ
ସ୍ମାରଂ ସ୍ମାରଂ ହୃଦବନହୃତାଂ ପ୍ରେୟସୀଂ ବପ୍ରୟୋଗାତ୍ ।
ଏକସ୍ମିଁଶ୍ଚନ୍ନବନଶୟନେ ମାଲ୍ୟବଚ୍ଛୈଳସାନା--
ବଙ୍କେ ଖେଳତ୍ ସୁରୁଚି ଚପଳା-କାନ୍ତମବ୍ଦଂ ଦଦର୍ଶ ॥

× × ×

ଅସ୍ମାନ୍ନିଘ୍ନଂ ଭ୍ରମସି ଜଳଦ ପ୍ରାଣେଭ୍ୟଲ୍ୟଃ ପ୍ରିୟୋ ମେ
ପ୍ରୟୋଽନାଥଃ ଶରଣ ମସ୍ତ୍ରକୁଭଦ୍ଧ୍ୱାଂ ଶରଣ୍ୟଂ ଗତୋଽସ୍ମି ।
ଦୈବାଦ୍ରକ୍ଷୋଧିପଗୃହଗତାଂ ପ୍ରେୟସୀଂ ଭକ୍ତିଦୈବାଂ
ସନ୍ଦେଶଂ ମେ ନୟସ୍ବ ପ୍ରିୟସଖେ ଭୋ ପ୍ରସୀଦ ପ୍ରସୀଦ ॥

× × ×

ଆକାଶେ ତ୍ୱାମବହତ ଗତଂ ଦୂରଗଂ କାମରୂପଂ
ଜାନାମି ତ୍ୱାଂ ଯଦମରବରଂ ସର୍ବଧର୍ମାର୍ଥବିଜ୍ଞମ୍ ।
ତସ୍ମାତ୍ କାମଂ ଭୁବନମହିତଂ ତ୍ୱାଂ ହି ଯାଚେ ପ୍ରିୟାର୍ଥଂ
ସଂତପ୍ତେଽସ୍ମିନ୍ ପ୍ରଭବତୁ ଭବାନ୍ ସର୍ବତୋଽନୁଗ୍ରହାୟ ॥

ଏହି ଖଣ୍ଡକାବ୍ୟଟି ରାଜ୍ୟ ସାଂସ୍କୃତିକ ବିଭାଗ ଦ୍ୱାରା ଡ଼କ୍ଟର ଭଗବାନ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଇଛି ।

ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ କବି ବସୁଦେବ ପ୍ରହରାଜ 'ରାଘବ ଯାଦବୀୟ ମହାକାବ୍ୟ' କାବ୍ୟ ରଚନା କରିଥିଲେ । କାବ୍ୟଟି ଦଶ ସର୍ଗରେ ସମ୍ପୂର୍ଣ୍ଣ

ହୋଇଛୁ । କବି ପ୍ରହରାଜ ପ୍ରତ୍ୟେକ ଶ୍ଳୋକର ଶେଷ ପଦାବଳୀରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଲୀଳା ବର୍ଣ୍ଣନା କରିଛନ୍ତି ।

"ଶ୍ରୀରାମ - ରାମାନୁଜ - ଗୁରୂଲ୍ଲଳା
ଭଗୀରଥିଭାନୁସୁତା ସମେତେ ।
ତନ୍ନାବଗାହଂ ସୁଧିୟଃ ସ୍ପୃଶନ୍ତୁ
ସରସ୍ୱତୀ ଶୋଭିନି କାବ୍ୟତୀର୍ଥେ ॥

× + ×

ହରେଃ ପ୍ରମୋଦାୟ ବୁଧୀୟମାନେ
କାବ୍ୟେ ଶୁଭେ ରାଘବଯାଦବୀୟେ ।
ଜଗାମ ବୈକୁଣ୍ଠପଦାଧିରୋହ --
ନାମ୍ନା ପରନ୍ଦୋ ଦଶମୋଽନ୍ନ ସର୍ଗଃ" ॥

କବିଚନ୍ଦ୍ର ପୀତାମ୍ବର ମିଶ୍ର ଅଷ୍ଟାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ 'ଶ୍ରୀରାମବରୁଦାବଳୀ' ନାମକ ଖଣ୍ଡିଏ ରାମକାବ୍ୟ ଲେଖି ଥିବାର ଶୁଣାଯାଏ କିନ୍ତୁ ଅଦ୍ୟାପି ତାହା ଆଲୋଚକ ମାନଙ୍କର ହସ୍ତଗତ ହୋଇନାହିଁ ।

ଗୀତଗୋବିନ୍ଦର ଅବଲମ୍ବନରେ ଅଭିନବଗୀତଗୋବିନ୍ଦ ପ୍ରଭୃତି କେତେ ଖଣ୍ଡି କାବ୍ୟ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ଲେଖା ଯାଇଥିଲା । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କବି ଶିତିକଣ୍ଠ 'ଗୀତସୀତାବଲ୍ଲଭମ୍' ଶୀର୍ଷକ ରାମଲୀଳାତ୍ମକ ଖଣ୍ଡିଏ ଗୀତ କାବ୍ୟ ରଚନା କରିଛନ୍ତି । 'ଗୀତସୀତାବଲ୍ଲଭମ୍' କାବ୍ୟଟି ଅବିକଳ ଗୀତଗୋବିନ୍ଦର ଛାୟାରେ ଲିଖିତ ହୋଇଛି । କବି ଶିତିକଣ୍ଠ ପୁସ୍ତକର ଆରମ୍ଭରେ ଲେଖିଛନ୍ତି ---

ଯୌ ମାତା ପିତରୌ ସମସ୍ତଜଗତାଂ ଯୌ ପ୍ରୋଢ ଶମ୍ଭୁମୁର୍ଦା
ଯାଭ୍ୟାଂ ଭୂମିତଳଂ ମହାର୍ଘ ଭବନଂ ଯାଭ୍ୟାଂ କ୍ଷିତି ରୋଚତେ ।
ଯାଭ୍ୟାଂ ମୋକ୍ଷ ସୁଖଂ ଯୟୋଃ କୃତଭଦଂ ସର୍ବ ଯୟୋ ର୍ଲୀୟତେ

ସୀତା ରାଘବୟୋଃ ପବିତ୍ରଚରିତ୍ରୁ ମେ ଶନଂ ଚରନ୍ତଂ ତୟୋଃ ॥
ନୀଳାମ୍ବୁଜାସ୍ୟ ପଦପଙ୍କଜ ଯୁଗ୍ମ ଶଶ୍ୱନ୍ନିଷ୍ୟନ୍ଦପ୍ରସରଲୋଲୁପଚଞ୍ଚରୀକଃ
ଶ୍ରୀରାମଚନ୍ଦ୍ରଚରିତାମୃତ ସାନ୍ଦ୍ରଗର୍ଭମେତଂ କରୋତି ଶିତିକଣ୍ଠକବିଃ ପ୍ରବନ୍ଧମ୍ ॥

କବି ଶିତିକଣ୍ଠ ଗୀତଗୋବିନ୍ଦର 'ଶ୍ରିତକମଳାକୁଚମଣ୍ଡଳ'ର ଅନୁକରଣରେ ଶ୍ରୀରାମଚନ୍ଦ୍ରଙ୍କୁ ସ୍ତୁତି କରି ଜୟଦେବୀୟ ପରମ୍ପରାର ସୁରକ୍ଷା କରିଛନ୍ତି ।

"ମୁନିବର ବିଘ୍ନନିବାରଣ, ସର୍ବକାରଣ;
କରସରସିଜ ଧୃତ ବାଣ,
ଜୟ ଜୟ ଦାଶରଥେ !
ଜନକମନୋରଥଦାୟକ; ନୃପନାୟକ ;
କୃତ ହରକାର୍ମୁକ ଭଙ୍ଗ,
ଜୟ ଜୟ ଦାଶରଥେ !

× × ×

ଇତି ଶିତିକଣ୍ଠ ସମୀରିତଂ
ରଚୟତୁ ରଘୁପତି ଗୀତମ୍
ଜୟ ଜୟ ଦାଶରଥେ" ॥

କବି ଶିତିକଣ୍ଠ କୋରାପୁଟ ଜିଲ୍ଲା ଅନ୍ତର୍ଗତ ଜୟପୁର ନିବାସୀ ଥିବାର କେତେକ ସୂତ୍ରରୁ ଜଣାଯାଏ ।

ଊନବିଂଶ ଶତାବ୍ଦୀର ଶେଷ ପାଦର କବି ସ୍ୱର୍ଗୀୟ ମଧୁସୂଦନ ତର୍କ ବାଚସ୍ପତି ବାମଣ୍ଡା ରାଜଦରବାରର ସଭା କବି ଥିଲେ । ସେ ବହୁ ସଂସ୍କୃତ କାବ୍ୟ ରଚୟିତା ଓ ଟୀକାପ୍ରଣେତା ରୂପେ ଓଡ଼ିଶାର ବିଦ୍ୱାନ୍‌ମଣ୍ଡଳୀରେ ଖ୍ୟାତି ଅର୍ଜନ କରିଥିଲେ । ସେ 'ହନୁମତ୍ ସନ୍ଦେଶ' ନାମକ ଖଣ୍ଡିଏ ଦୂତକାବ୍ୟ ରଚନା କରିଛନ୍ତି । ପୁସ୍ତକଟି ବହୁବର୍ଷ ପୂର୍ବେ ପ୍ରକାଶ ପାଇଥିଲା । 'ପୁସ୍ତକରୁ ଜଣାଯାଏ — ଶ୍ରୀରାମଚନ୍ଦ୍ର ବନବାସ ଜୀବନ ଅତି-

ବାନ୍ଧିତ କରୁଥିବା ସମୟରେ ହନୁମାନଙ୍କ ଦ୍ୱାରା ସୀତାଙ୍କ ନିକଟକୁ ଏକ ସନ୍ଦେଶ ବାର୍ତ୍ତା ପଠାଇଥିଲେ । କବି ତର୍କବାଚସ୍ପତି ମେଘଦୂତର ପ୍ରତ୍ୟେକ ଶ୍ଳୋକର ଚତୁର୍ଥ ଚରଣଟିକୁ ସ୍ୱରଚିତ ଖଣ୍ଡକାବ୍ୟର ଚତୁର୍ଥ ଚରଣ ରୂପେ ବ୍ୟବହାର କରି ପୁସ୍ତକଟିକୁ ସମାପ୍ତ କରିଛନ୍ତି । 'ହନୁମନ୍ତ ସନ୍ଦେଶ'ର ମୋଟ ଶ୍ଳୋକ ସଂଖ୍ୟା ଶହେ ଏକୋଇଶ ଏବଂ କବି ମେଘଦୂତ ପରି ହନୁମନ୍ତ ସନ୍ଦେଶଟିକୁ ପୂର୍ବ ଓ ଉତ୍ତର ଭେଦରେ ଦୁଇଭାଗରେ ବିଭକ୍ତ କରିଛନ୍ତି । 'ହନୁମନ୍ତ ସନ୍ଦେଶ'ର ପ୍ରଥମ ଶ୍ଳୋକ ---

"ଭୀତଭ୍ରାନ୍ତା ଦନୁଜବନିତା ତର୍ଜନାଭର୍ତ୍ସନାଭିଃ,
ସାଧ୍ୱୀ ଗେହ୍ୟା ଜନକତନୟା କ୍ଷୀଣକାୟା କଦାଚିତ ।
ଅଶ୍ରୌଷୀ ତାଂ ଗିରମତିହିତାଂ ସ୍ନିଗ୍ଧବନ୍ଧୈୟବ ଚନ୍ଦେ,
ସ୍ନିଗ୍ଧଚ୍ଛାୟା ତରୁଷୁବସତିଂ ରାମଗିର୍ଯ୍ୟା ଶ୍ରମେଷୁ" ॥

ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ, ବହୁ ଉତ୍କଳୀୟ ବିଦ୍ୱାନ୍ ସଂସ୍କୃତ ଭାଷାରେ କାବ୍ୟ କବିତାଦି ରଚନା କରି ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

## ଓଡ଼ିଶାର ଶିଳ୍ପ, ସ୍ଥାପତ୍ୟ ଓ ପରମ୍ପରାରେ ଶ୍ରୀରାମ :--

ସଂସ୍କୃତ ସାହିତ୍ୟ ବ୍ୟତୀତ ଓଡ଼ିଶାର ଶିଳ୍ପ, ସ୍ଥାପତ୍ୟ ଓ ପରମ୍ପରାରେ ରାମଚରିତର ସ୍ୱାକ୍ଷର ରହିଛି । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ନିର୍ମିତ ଉଦୟଗିରିର ରାଣୀ-ଗୁମ୍ଫାରେ ଗୋଟିଏ ଦୃଶ୍ୟ ରହିଛି । ସେହି ଦୃଶ୍ୟରୁ ଜଣାଯାଏ, ଜଣେ ଧନୁର୍ଦ୍ଧାରୀ ଯୁବକ ଗୋଟିଏ ଦ୍ରୁତଗାମୀ ମୃଗ ପଛରେ ଧାଇଁଛନ୍ତି । ସେଥିରୁ ତାହାକୁ ରାମାୟଣ କାଳୀନ 'ମାୟାମୃଗବଧ' ଦୃଶ୍ୟ ବୋଲି କେହି କେହି ଅନୁମାନ କରନ୍ତି । ଅନ୍ୟ କେତେକ ଆଲୋଚକ ତାହାକୁ ଖାରବେଳଙ୍କ ଜୀବନ ଚରିତର ଗୋଟିଏ ଦୃଶ୍ୟ ବୋଲି ବ୍ୟାଖ୍ୟା କରିଥାନ୍ତି । ଅନ୍ୟ କେତେକଙ୍କ ମତରେ ତାହା ଅଭିଜ୍ଞାନ ଶାକୁନ୍ତଳମ୍‌ରେ ବର୍ଣ୍ଣିତ ଦୁଷ୍ୟନ୍ତଙ୍କ କଣ୍ୱଆଶ୍ରମରେ ପ୍ରବେଶକାଳୀନ ଦୃଶ୍ୟ ବୋଲି ମତ ବ୍ୟକ୍ତ କରନ୍ତି ।

ଭୁବନେଶ୍ୱରରେ ଅବସ୍ଥିତ ପ୍ରାଚୀନତମ ମନ୍ଦିର ଶତ୍ରୁଘ୍ନେଶ୍ୱର ମନ୍ଦିର ଗାତ୍ରରେ ରାବଣର କୈଳାସ ଉତ୍ତୋଳନ ଦୃଶ୍ୟ ଜୀବନ୍ତ ଭାବରେ ଖୋଦିତ ହୋଇଛି । ତଦ୍‌ବ୍ୟତୀତ ଭୁବନେଶ୍ୱରର ଅନ୍ୟାନ୍ୟ ପ୍ରାଚୀନ ମନ୍ଦିର ପରଶୁରାମେଶ୍ୱର ଓ ସ୍ୱର୍ଣ୍ଣଜାଲେଶ୍ୱରରେ

ବାଲୀ ସୁଗ୍ରୀବ ଯୁଦ୍ଧ, ଅଷ୍ଟସେନାପତିଙ୍କ ମନ୍ତ୍ରଣା, ମାୟାମୃଗ ବଧ, ବାଲୀ ବଧ ତଥା ରାମାୟଣ କାଳୀନ ଯୁଦ୍ଧ ବର୍ଣ୍ଣନାର କେତେକ ଦୃଶ୍ୟ ଖୋଦିତ ହୋଇଛି । ତଦ୍‌ବ୍ୟତୀତ ପ୍ରାଚୀ ନଦୀ ତଟବର୍ତ୍ତୀ 'ଗ୍ରୈରାଣୀ' ମନ୍ଦିରରେ ସୀତାପହରଣ, ଜଟାୟୁ ବଧ, ସପ୍ତଶାଳ ଛେଦନ ପ୍ରଭୃତି ରାମାୟଣକାଳୀନ ଦୃଶ୍ୟ ଖୋଦିତ ହୋଇଥିବାର ଦେଖାଯାଏ । ଏହା ବ୍ୟତୀତ ନିମାପଡ଼ା ନିକଟବର୍ତ୍ତୀ ସୋମନାଥ ମନ୍ଦିର, ଗୃଟେଶ୍ୱର ମନ୍ଦିର ପ୍ରଭୃତିରେ ଏକାଧିକ ରାମାୟଣ ଦୃଶ୍ୟାବଳୀ, ଉତ୍କଳୀୟ ଶିଳ୍ପୀଙ୍କ ଦ୍ୱାରା ଖୋଦିତ ହୋଇଥିବାର ଦେଖାଯାଏ ।

ପ୍ରସ୍ତର ଗାତ୍ରରେ ଖୋଦିତ ମୂର୍ତ୍ତି ବ୍ୟତୀତ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ କେତୋଟି ତାଳପତ୍ର ପୋଥିରେ ରାମାୟଣକାଳୀନ ଦୃଶ୍ୟ ଅଙ୍କିତ ହୋଇଥିବାର ଦେଖାଯାଏ । ସେଥି ମଧ୍ୟରେ 'ଅଧ୍ୟାତ୍ମ ରାମାୟଣ' ଚିତ୍ରାବଳୀ, ରାମାଭିଷେକ ରାମାୟଣୀୟ ବହୁ ଦୃଶ୍ୟାବଳୀର ପୋଥି ଚିତ୍ର ରହିଛି ।

ଓଡ଼ିଶାର ଅନ୍ୟତମ ଚିତ୍ର ଶିଳ୍ପ ପଟଚିତ୍ରରେ ରାମାଭିଷେକ, ରାମ ରାବଣ ଯୁଦ୍ଧ, ହନୁମାନଙ୍କ ଦ୍ୱାରା ଗନ୍ଧମାର୍ଦ୍ଦନ ଆନୟନ ପ୍ରଭୃତି ଦୃଶ୍ୟର ପ୍ରାଚୀନ ପଟଚିତ୍ର ଦେଖିବାକୁ ମିଳେ ।

ଚିତ୍ର ଭାସ୍କର୍ଯ୍ୟ ବ୍ୟତିରେକେ ଓଡ଼ିଶାର ବହୁସ୍ଥାନରେ ରାମ ସୀତାଙ୍କୁ ଉପଜୀବ୍ୟ କରି ଅନେକ କିମ୍ବଦନ୍ତୀ ଲୋକମୁଖରେ ପ୍ରଚଳିତ ହୋଇଛି । ତନ୍ମଧ୍ୟରେ କେନ୍ଦୁଝରର ସୀତାବିଞ୍ଜି, ବାଲେଶ୍ୱର ଜିଲ୍ଲାର ଭଦ୍ରକ ଓ ନୀଳଗିରି, ଗଞ୍ଜାମ ଜିଲ୍ଲାର ରାମଗିରି, କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଆଦି ସ୍ଥାନରେ ରାମାୟଣର ଆଖ୍ୟାୟିକା ଅନୁସାରେ ବହୁ କିମ୍ବଦନ୍ତୀ ପ୍ରଚଳିତ ହୋଇଛି । ଏଥି ମଧ୍ୟରେ ସୀତାଙ୍କ ଏନ୍ଦୁରି ଶାଳ, ଶ୍ରୀରାମଙ୍କ ବନବାସ କାଳୀନ ଯାତ୍ରା, ଶ୍ରୀରାମଙ୍କ ଦ୍ୱାରା ବିଭିନ୍ନ ତୀର୍ଥ କ୍ଷେତ୍ରରେ ଅର୍ଚ୍ଚନା, ଶିବଲିଙ୍ଗ ସ୍ଥାପନ ଓ ଆଶ୍ରମ ନିର୍ମାଣାଦି ପ୍ରାଧାନ୍ୟ ଲାଭ କରିଛି । ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ 'ରାମଚଣ୍ଡୀ' ବିଗ୍ରହ ତଥା ପୁରୀ ସହରରେ ଅନୁଷ୍ଠିତ 'ସାହିଯାତ' ଆଦି ଅଦ୍ୟାପି ରାମାୟଣର ସ୍ମୃତି ବହନ କରି ଆସୁଛି ।

ଏହା ବ୍ୟତୀତ ନୟାଗଡ଼ 'ଅନ୍ତର୍ଗତ ଓଡ଼ଗାଁର ରଘୁନାଥ ମନ୍ଦିର, ପାରଳାଖେମୁଣ୍ଡିର ଶ୍ରୀ ରାମସ୍ୱାମୀ ମନ୍ଦିର, କେନ୍ଦୁଝର ଗଡ଼ର ରଘୁନାଥ ମନ୍ଦିର, ଢେଙ୍କାନାଳର ରଘୁନାଥ

ମନ୍ଦିର, କଳାହାଣ୍ଡିର ବାଲ୍ମିକୀ ମନ୍ଦିରରେ ରାମ ଲକ୍ଷ୍ମଣ ସୀତା ହନୁମାନ ବିଗ୍ରହ ତଥା କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ 'ରଘୁନାଥ ଜୀ ମନ୍ଦିର' ଆଦି ବହୁ ପ୍ରାଚୀନ ଶ୍ରୀରାମ ମନ୍ଦିର ଆଞ୍ଚଳୀୟ ଜନତାଙ୍କୁ ରାମଭକ୍ତିଧାରାରେ ଉଦ୍‌ବୁଦ୍ଧ କରିଛି ।

ଶ୍ରୀକ୍ଷେତ୍ର ପୁରୀ ଧାମରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ, ମହାପ୍ରଭୁଙ୍କ ରଘୁନାଥ ବେଶ ତଥା ବଡ଼ଛତା, ଚୁଡ଼ଙ୍ଗି, ସାନଛତା, ପାପଡ଼ିଆ, କୌଶଲ୍ୟା ଦାସ, ପଞ୍ଜାବୀ, ନରେନ୍ଦ୍ରଦାସ, ଅଙ୍ଗିଆଛତା, ବଡ଼ ଆଖଡ଼ା, ନିର୍ମୋହୀ, ନିର୍ବାଣି ବୈଠକ, ବଳଗଣ୍ଡି ଛତା, ମଣିରାମ, ଘୁମୁସର, ସୁନ୍ଦରଦାସ, ବଡ଼ସନ୍ତ, ହରଡ଼ାଖଣ୍ଡି, ସ୍ୱର୍ଗଦ୍ୱାର ଛତା ଆଦି ମଠ ଶ୍ରୀରାମ ଭକ୍ତିଧାରାର ପ୍ରଧାନ ଆଶ୍ରମ ରୂପେ ମଧ୍ୟଯୁଗୀୟ ଓଡ଼ିଶାରେ ସ୍ଥାପିତ ହୋଇଥିଲା ଏବଂ ଉପରୋକ୍ତ ମଠ ଗୁଡ଼ିକର ଆରାଧ୍ୟଦେବ ହେଉଛନ୍ତି ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ମହାବୀର ହନୁମାନ୍ । ଏହି ସମସ୍ତ ପ୍ରମାଣରୁ ବେଶ୍ ଜଣାପଡ଼େ ଯେ, ଓଡ଼ିଶାର ଜନଜୀବନକୁ ପ୍ରାୟ ଦୁଇ ହଜାର ବର୍ଷ ହେଲା ଶ୍ରୀରାମ ଭକ୍ତିଧାରା ଆପ୍ଲାବିତ କରି ଆସୁଛି ।

**ଓଡ଼ିଆ ରାମ ସାହିତ୍ୟ :-**

ଓଡ଼ିଶାର କଳା, ଭାସ୍କର୍ଯ୍ୟ, କିମ୍ବଦନ୍ତୀ ତଥା ସଂସ୍କୃତ ସାହିତ୍ୟରେ ଶ୍ରୀରାମ ଚରିତ ପରମ୍ପରା ମାଧ୍ୟମରେ ରହିଥିବାରୁ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଶ୍ରୀରାମ ଚରିତର ଅବତାରଣା ଅତ୍ୟନ୍ତ ସ୍ୱାଭାବିକ ହୋଇଉଠିଲା । ବିଶେଷତଃ ମଧ୍ୟଯୁଗର ଦ୍ୱିତୀୟ ଚରଣରୁ ପ୍ରାନ୍ତୀୟ ସାହିତ୍ୟ ସଂସ୍କୃତ ସାହିତ୍ୟର ସ୍ଥାନ ଅଧିକାର କରିଥିବାରୁ, ମହର୍ଷି ବାଲ୍ମୀକିଙ୍କ ରାମାୟଣର ଅନୁବାଦ ଏବଂ 'ଆର୍ଷରାମାୟଣ'ର ଅବଲମ୍ବନରେ ପୁରାଣ ଗୁଡ଼ିକ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ରଚିତ ହେବାକୁ ଲାଗିଲା । ଏହି ଦିଗରୁ ବିଚାର କଲେ ଜଣାଯାଏ ଯେ, ତାମିଲ ଭାଷାରେ ରଚିତ ବାଲ୍ମୀକି ରାମାୟଣର ଅନୁବାଦ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । କିନ୍ତୁ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ମହାକବି କମ୍ବନ୍ ତାମିଲ ଭାଷାରେ ଖଣ୍ଡିଏ ସର୍ବାଙ୍ଗ ସୁନ୍ଦର ରାମାୟଣ ରଚନା କରିଥିଲେ ।

ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ତେଲଗୁ ଭାଷାରେ 'ଦ୍ୱିପଦ ରାମାୟଣ'ର ରଚନା ମହାକବି ରଙ୍ଗନାଥ ମହୋଦୟଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ତାମିଲ ଭାଷାର 'କମ୍ବ ରାମାୟଣ' ପରି ତେଲଗୁ ରାମାୟଣ 'ରଙ୍ଗ ରାମାୟଣ' ନାମରେ ଲୋକମୁଖରେ ପ୍ରଚଳିତ ହେଲା ।

# କାରଣ

ମଲୟାଲମ୍ ଭାଷାରେ ମଧ୍ୟ ରାମାୟଣର ରଚନା ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରୁ ଆରମ୍ଭ ହେଲାଣି। ମଲୟାଲମ୍ କବି ଶ୍ରୀରାମ 'ଇରାମ ଚରିତ' ଲେଖି ପ୍ରଥମେ କେରଳ ଅଧିବାସୀଙ୍କୁ ପ୍ରାନ୍ତୀୟ ଭାଷାରେ ରାମାୟଣ ଶୁଣାଇଥିଲେ। କିନ୍ତୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର କବି କଣ୍ଣଶ୍ଶପାଣିକ୍କରଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗ ରାମାୟଣ ରଚିତ ହୋଇ, ତାହା 'କଣ୍ଣଶ୍ଶ ରାମାୟଣ' ନାମରେ ପ୍ରଚାରିତ ହେଲା।

କନ୍ନଡ଼ ଭାଷାରେ ରାମାୟଣର ପ୍ରଚାର ପ୍ରାୟ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିବାର ପ୍ରମାଣ ମିଳେ। କିନ୍ତୁ ପରବର୍ତ୍ତୀକାଳର 'ତୋରଭେ' ନିବାସୀ କବି ନରହରିଙ୍କ ଦ୍ୱାରା ରଚିତ ରାମାୟଣ 'ତୋରଭେ ରାମାୟଣ' ନାମରେ କର୍ଣ୍ଣାଟକ ଅଧିବାସୀମାନଙ୍କ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇ ପାରିଥିଲା।

ଓଡ଼ିଆ ଭାଷାରେ ରାମଚରିତ ପ୍ରଚାରିତ ହେବା ପୂର୍ବରୁ ଦକ୍ଷିଣ ଭାରତର ପ୍ରୋକ୍ତ ଚାରୋଟି ଭାଷାଭାଷୀ କବିଙ୍କ ପ୍ରଣୀତ ରାମାୟଣ ବ୍ୟତୀତ ଅହମିୟା କବି ମାଧବକନ୍ଦଳୀଙ୍କ ରାମାୟଣର ନାମ ଉଲ୍ଲେଖଯୋଗ୍ୟ। ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀରେ ମାଧବକନ୍ଦଳୀ ଖଣ୍ଡିଏ ରାମାୟଣ ପ୍ରଣୟନ କରିଥିଲେହେଁ ତାହା କବିଙ୍କ ଜୀବଦ୍ଦଶାରେ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ତାଙ୍କ ଶିଷ୍ୟ ପରମ୍ପରାର ବୈଷ୍ଣବ କବି ଶଙ୍କର ଦେବ ଗୁରୁଦେବଙ୍କ ରାମାୟଣ ସମ୍ପୂର୍ଣ୍ଣ କରିଥିଲେ।

ଉଲ୍ଲିଖିତ ପାଞ୍ଚଗୋଟି ପ୍ରାନ୍ତୀୟ ଭାଷାରେ ରଚିତ ରାମାୟଣ ରଚିତ ହେବା ପରେ ଓଡ଼ିଆ ସାହିତ୍ୟର ବ୍ୟାସଦେବ ସାରଳାଦାସ ସ୍ୱୀୟ 'ସପ୍ତକାଣ୍ଡ ରାମାୟଣ' ରଚନା କରିଥିଲେ। ଖୁବ୍ ସମ୍ଭବତଃ କବିକୁଳ ଦଧୀସ ସାରଳାଦାସଙ୍କର ପ୍ରଥମ ରଚନା ହେଉଛି-- 'ସପ୍ତକାଣ୍ଡ ରାମାୟଣ'। ଅବଶ୍ୟ ସଂସ୍କୃତ ପୁରାଣଗୁଡ଼ିକ ମଧ୍ୟରେ 'ରାମାୟଣ'କୁ ପୁରାଣ ଆଖ୍ୟା ଦିଆଯାଏ ନାହିଁ; କିନ୍ତୁ ଓଡ଼ିଆ ଭାଷାରେ ସାରଳାଦାସଙ୍କ 'ସପ୍ତକାଣ୍ଡ ରାମାୟଣ'କୁ ପ୍ରଥମ ପୁରାଣ ବୋଲି ଗଣାଯାଉଛି।

ମହାକବି ସାରଳା ଦାସ 'ଦାଣ୍ଡି' ବୃତ୍ତରେ ତାଙ୍କ 'ସପ୍ତକାଣ୍ଡ ରାମାୟଣ' ପ୍ରଣୟନ କରିଥିଲେ। 'ଦାଣ୍ଡି' ବୃତ୍ତଟିର ଅକ୍ଷର ସଂଖ୍ୟା ସମାନ ନୁହେଁ। ଦଶ ଏଗାର ଅକ୍ଷର ଠାରୁ ଆରମ୍ଭ କରି ବତିଶ ଅକ୍ଷର ଯୁକ୍ତ ପଦକୁ 'ଦାଣ୍ଡି' ବୃତ୍ତ ନାମରେ ନାମିତ କରାଯାଇଛି। ଏଥିରେ ପ୍ରଧାନ ବୈଶିଷ୍ଟ୍ୟ ହେଉଛି--- ପ୍ରବକ୍ତା ଯେଉଁଠାରେ ଯତିପାତ କରନ୍ତି, ସେହିଠାରେ ଗୋଟିଏ ପାଦ ଶେଷ ହୋଇଥାଏ। ତେଣୁ ଦାଣ୍ଡି ବୃତ୍ତରେ ଅକ୍ଷର ସଂଖ୍ୟା ସମାନ ନ ଥାଏ।

ସାରଳାଦାସଙ୍କ ରାମାୟଣଟି ଅପେକ୍ଷାକୃତ ଅଧିକ ସଂକ୍ଷିପ୍ତ । ଏଥିରେ ବାଲ୍ମୀକିଙ୍କର କେବଳ ଛାୟା ଅନୁସରଣ କରା ଯାଇଛି । ତଦ୍‌ବ୍ୟତୀତ ଘଟଣାବଳୀର ବର୍ଣ୍ଣନାରେ କବି ବହୁ ସ୍ଥଳରେ ସ୍ୱାତନ୍ତ୍ର୍ୟ ରକ୍ଷା କରିଛନ୍ତି । ସାରଳାଙ୍କ 'ସପ୍ତକାଣ୍ଡ ରାମାୟଣ'ରେ ଯେଉଁ କେତେକ ପ୍ରଧାନ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ, ସେ ଗୁଡ଼ିକର ବିବରଣୀ ସଂକ୍ଷେପରେ ପ୍ରଦତ୍ତ ହେଲା —

୧- ଇନ୍ଦ୍ରଙ୍କ ଠାରୁ ଅଭିଶାପ ପାଇ ଚନ୍ଦ୍ରବତୀ ସ୍ୱବେଶ୍ୟା ମୃଗୀ ରୂପରେ ଜନ୍ମ ।

୨- ପୁତ୍ରେଷ୍ଟି ଯାଗ ବେଳେ ପରଶୁରାମଙ୍କର ଅଯୋଧ୍ୟା ଆଗମନ ଏବଂ ନିଜ ନାମ ସହିତ ସମତା ରକ୍ଷା କରୁଥିବା ନାମ ନିଜ ପୁତ୍ରର ରଖିବାକୁ ଦଶରଥଙ୍କୁ ପରାମର୍ଶ ।

୩- ବିଶ୍ୱାମିତ୍ରଙ୍କ ଯାଗ ରକ୍ଷା ଲାଗି ଯାଉଥିବା ସମୟରେ, ଗୋହତ୍ୟା ପାପରେ ଘାର୍ଣ୍ଣି ହୋଇଥିବା ଗୋକର୍ଣ୍ଣ ଋଷିଙ୍କୁ ଗୌତମ ଘାଟ ଠାରେ ଶ୍ରୀରାମଙ୍କ ଉଦ୍ଧାର; ମାତଙ୍ଗ ପର୍ବତରେ ବିଚରଣ, ନନ୍ଦାନଦୀରେ ସ୍ନାନ, କଳମାଳ ଭୂତକୁ ଉଦ୍ଧାର, ତୁଙ୍ଗ ପର୍ବତରେ ସଗାମୁଖୀ ଦେବୀଙ୍କ ଦର୍ଶନ, ଧ୍ୟାନଶୀଳ ପର୍ବତରେ ବିଚରଣ, ପଦ୍ମନାଭ ପର୍ବତରେ ପଡ଼ିଥିବା ଋଷିଙ୍କୁ ଉଦ୍ଧାର, ବେତାଳୀ ଦେବୀଙ୍କ ଠାରୁ ବରପ୍ରାପ୍ତି, କର ଚରଣହୀନ ବିକଟ ଦୈତ୍ୟକୁ ଉଦ୍ଧାର, ପାରିଜାତ ପର୍ବତରେ ଭ୍ରମଣ, ପଞ୍ଚମୁଖୀ କାଳୀଙ୍କ ଦର୍ଶନ, ନର୍ମଦାରେ ସ୍ନାନ ସାରି ବ୍ରହ୍ମାଙ୍କ ଆଦେଶରେ ଶିବ ପୂଜନ, ବିଶ୍ୱାମିତ୍ରଙ୍କଠାରୁ 'ଭସ୍ମାଙ୍କୀର ପଞ୍ଚ ବାଣ', ମୋହବାଣ, ଖଣ ମୁଷ୍ଟି, ଧରଣ ଧାରଣ ଆଦି ଶିକ୍ଷା, ତାଡ଼କା ବଧ, ଗୋମତୀ ନଦୀରେ ସ୍ନାନ, ମୁକୁନ୍ଦ ଋଷିଙ୍କ ଠାରୁ ଆଶୀର୍ବାଦ ଲାଭକରି ଗୋକର୍ଣ୍ଣ ଲିଙ୍ଗ ପୂଜନ, ଅହଲ୍ୟା ଉଦ୍ଧାର ଓ ମିଥିଳା ପ୍ରବେଶ ।

୪- ମିଥିଳାରେ ଧନୁଭଙ୍ଗ ପରେ ସୀତା, ଉର୍ମିଳା ତାରା ଓ ଅଳକାଙ୍କ ସହିତ ଯଥାକ୍ରମେ ରାମ, ଲକ୍ଷ୍ମଣ ଭରତ ଓ ଶତ୍ରୁଘ୍ନଙ୍କ ବିବାହ ।

୫- ମିଥିଳାରୁ ପ୍ରତ୍ୟାଗମନ ପଥରେ ପରଶୁରାମଙ୍କ ସହିତ ବୀରତ୍ୱ ପରୀକ୍ଷା ସମ୍ପର୍କରେ ସମୁଦ୍ରରେ ଥିବା ବ୍ରଘବ ଉପରକୁ ଶ୍ରୀରାମଙ୍କ ଶର ନିକ୍ଷେପ ।

"ପ୍ରଶୁରାମ କୋପ କରି ବୋଇଲେ ବଚନ ।
ସହସ୍ରାର୍ଜୁନ ମୋତେ ନ ପାରିଲା ଜିଣି ॥

ଶିବଧନୁ ଖଣ୍ଡ ଖଣ୍ଡ କଲୁ ବଡ଼ ପଣ ତୋର ।
ମୋର ଧନୁ ଟାଣ ବୋଲି ବୋଲନ୍ତି ପ୍ରଶୁଧର ॥

ରାମ ଗୁଣ ବସାଇ ବାନ୍ଧିଲେ ଧନୁକୁ ।
ବୋଇଲେ କାହାକୁ ବାନ୍ଧିବ କହିବ ଆମ୍ଭଙ୍କୁ ॥

ଭୃଗୁରାମ ବୋଇଲେ ସମୋଦ୍ରେ ରାଘବ ଅଛି ବାନ୍ଧ ।
ଶ୍ରୀରାମ ବାନ୍ଧିଲେ ତାର ମୁଣ୍ଡ ପକାଇଲେ ଛେଦି" ॥

୬- ଅଯୋଧ୍ୟାର ନଗର ଦ୍ୱାର ଠାରେ କୁବ୍ରୁଜାସୁର ସହିତ ଶ୍ରୀରାମଙ୍କ ଯୁଦ୍ଧ ।

ଏହିଠାରେ କବି ସାରଳାଦାସ ଗୋଟିଏ ଚମକାର ଆଖ୍ୟାୟିକା ସୃଷ୍ଟି କରିଛନ୍ତି । ରାମ ଲକ୍ଷ୍ମଣ ପୂର୍ବରୁ ମିଥିଳାରେ ଥିଲେ । ଜନକଙ୍କ ଠାରୁ ନିମନ୍ତ୍ରଣ ପାଇ ରାଜା ଦଶରଥ ଭରତ, ଶତ୍ରୁଘ୍ନ, ପାତ୍ର, ମନ୍ତ୍ରୀ, ସୈନ୍ୟସାମନ୍ତଙ୍କ ସହିତ ମିଥିଳା ଗମନ କଲେ । ସେତେବେଳେ ଅଯୋଧ୍ୟା ଅରକ୍ଷିତ ଅବସ୍ଥାରେ ଥିଲା । ଏହି ସୁଯୋଗରେ କୁବ୍ରୁଜାସୁର ନବଲକ୍ଷ ମାଲଙ୍କ ଗହଣରେ ଆସି ଅଯୋଧ୍ୟା କଟକାଇ କରିବା ସଙ୍ଗେ ସଙ୍ଗେ ନଗର ସିଂହଦ୍ୱାର ମାଡ଼ି ବସିଲା । ବିବାହ ପରେ ଆଉ ସିଂହଦ୍ୱାର ନିକଟରେ ପହଞ୍ଚିବାରୁ କୁବ୍ରୁଜାସୁର ସେମାନଙ୍କୁ ପଥ ଓଗାଳିଲା ---

"ଅଯୋଧ୍ୟା ନଗ୍ରେ ମୂଳ ସିଂହଦ୍ୱାରେ ଯାଇ ।
କୁବ୍ରୁଜା ନାମେ ଦଇତ ମାୟାରୂପ ହୋଇ ॥

ସିଂହଦ୍ୱାରେ ଦ୍ୱାରପାଳ ବଶିଙ୍ଗାର ସୁତ ।
ଶ୍ରୀରାମଙ୍କୁ ପଥ ଓଗାଳିଲା ଦଇତ୍ୟ ॥

ରାମ ନବସହସ୍ର ମାଲ ପଠାଇ ତୁରିତେ ।
ଦ୍ୱାରୁ ଅସୁରକୁ ଉଠାଅ ଶୀଘ୍ର ଗତେ ॥

ନବସହସ୍ର ମାଲଙ୍କୁ ଦଇତ ଗିଳିଦେଲା ।
ଦେଖିଣ ଶ୍ରୀରାମ ଚାଟକା ହୋଇଲା ॥

କର ଚରଣ ଆପଣା ଗର୍ଭରେ ଭରିଥାଇ ।
ଯେନ୍ୟ ମିଳିଲେ ପୁଣ ବାହାର କରଇ ॥

ଦେଖିଣ ତାହାକୁ ପଚାରିଲେ ରଘୁନାଥ ।
କି ନାମ ତୋହର ରେ ଅଟୁ କାହା ସୁତ ॥

ତାଙ୍କର ନ ଶୁଣଇ ଦୈତ୍ୟ କହଇ କୋପ କରି
ଅଯୋଧ୍ୟାର ଯେତେ ଲୋକ ଅଧାର ମୋହରି ॥

× × ×

ଏତେକ ବୋଲି ଅଗ୍ନି ଦୈତ୍ୟ ଗର୍ଭରୁ ବାହାରିଲା ।
ସାତ ତାଳ ପ୍ରଚଣ୍ଡ ହୋଇଣ ଲାଗିଲା ॥

ଶ୍ରୀରାମ ପଥର ଶର ମାଇଲେ ଦୈତ୍ୟକୁ ।
ମଲା ମନ୍ତ୍ର ଛାଡ଼ି ଡାକିଲା ଶ୍ରୀରାମଙ୍କୁ ॥

ପୁଣି ରାମଚନ୍ଦ୍ର ମାଇଲେ ସୂଚୀମୁନା ।
ଚକ୍ଷିଣ ଦୈତ୍ୟ ପରେ ହୋଇଲା ବାଣ ଚୂନା ॥

ପୁଣି ତୀକ୍ଷ୍ଣ ଶର ମାଇଲେ ରଘୁନାଥ ।
ବେନି ଫାଳ ହୋଇ ପଡ଼ିଲା ଦଇତ୍ୟ ॥

ଗର୍ଭରୁ ଦୈତ୍ୟମାନେ ଜନମ ହୋଇ ।
ଦେଖିଣ ଶ୍ରୀରାମ ତବଦ ଗଲେ ହୋଇ ॥

ଉଗ୍ରବାସିନୀ ବେତାଳୀ କି ଶ୍ରୀରାମ ଚମ୍ଭଲେ
ରୁଦ୍ରଶର ବସାଇ ଦୈତ୍ୟକୁ ବିନାଶିଲେ ॥

× × ×

ଶ୍ରୀରାମଙ୍କ ଚରିତ ଯେ ଅମୃତମୟେ ରସ ।
ଶ୍ରୀରାମ ଚରଣେ ଭଣେ ସିଦ୍ଧେଶ୍ୱର ଦାସ " ॥

ସାରଳାଦାସଙ୍କ ରଚନାରେ ସାଧାରଣତଃ ବହୁ ସ୍ଥଳରେ ଜ୍ୟୋତିଷଚର୍ଚ୍ଚା ହୋଇଥାଏ । ପ୍ରସ୍ତୁତ 'ସପ୍ତକାଣ୍ଡ ରାମାୟଣ'ରେ ମଧ୍ୟ କବି ବିଭିନ୍ନ ସ୍ଥାନରେ ଜ୍ୟୋତିଷଚର୍ଚ୍ଚା କରିଛନ୍ତି । ତନ୍ମଧ୍ୟରେ ଅଯୋଧ୍ୟାରେ ସୀତାଙ୍କର ପ୍ରଥମ ପୁଷ୍ପବତୀ ହେବା ପ୍ରସଙ୍ଗରେ କବି ଯେଉଁ ଶୁଭାଶୁଭ ଗଣନା କରିଛନ୍ତି, ତାହାର କେତେକାଂଶ ଏଠାରେ ପ୍ରଦତ୍ତ ହେଲା—

"ଯୁଜେଷ୍ଟି ପଚାରନ୍ତି ମୁନି ମାର୍କଣ୍ଡଙ୍କୁ ।
ରାମ ବିଭା ହୋଇ ଅଯୋଧ୍ୟାରେ କାକଲେ କହିବ ଆମ୍ଭଙ୍କୁ ॥

ମୁନି କହନ୍ତି ମଇ ମାସେ ନବମୀ ମୂଳା ନକ୍ଷତ୍ରେ ।
କୃଷ୍ଣପକ୍ଷ ଉଣେଇଶ ଦିନର ମାନେ ॥
ମୁନିମାନେ ବିଚାରିଲେ ରଜ ବୃହସ୍ପତି ବାରେ ଯେ ଚଳିଲା ।
ଅଠଦିନ ଅବଗୁଣ୍ଠ ବୁଝିବା ହୋଇଲା ॥
ଗୁରୁବାର ଦିନ ଯେତେ ହୋଇଲାକ ଭଲ ।
ପନ୍ଦର ଘଡ଼ିକ ଯେ କରନ୍ତି ବିଗ୍ରହ ॥
ବୋଇଲେ ନବମୀ ହୋଇଲେ କଥାଶୁଣ ।
ତହୁଁ ନକ୍ଷତ୍ରକୁ ଗଣେଣ କରନ୍ତି ଜ୍ୟୋତିଷ ବ୍ରାହ୍ମଣ ॥
ସତାଇଶ ନକ୍ଷତ୍ର ଯେମନ୍ତ ବୁଝିଲେ ।
ମୂଳା ନକ୍ଷତ୍ର ହୋଇଛି ବିଗ୍ରହ ବୋଇଲେ ॥
ପଶ୍ଚାତେ ଖଣ୍ଡଧାକୁ କୋପ କରିବ ସ୍ୱାମୀ ।
ଯେତେ ବୋଲି ହୋମ ଯଜ୍ଞ କରନ୍ତି ମହାମୁନି” ॥

ଭରତଙ୍କୁ ଅଯୋଧ୍ୟାରେ ରଜା କରିବା ଲାଗି ପ୍ରବର୍ତ୍ତାଇବା ବେଳେ ମନ୍ଥରାର ଧାତ୍ରୀମାତାର ଦୁଃଖ ଓ ମନ୍ଦର କଲର ରଜାଙ୍କ କାହାଣୀ କୈକେୟୀ ଅଗରେ କଥନ ଦଶରଥ ସତ୍ୟ ପାଳନ ଲାଗି ଅସ୍ୱୀକୃତ ହୁଅନ୍ତେ କୈକେୟୀ ଦ୍ୱାରା ଶୋପର୍ଷା ଓ ଦଗଦ୍ଭସ ଭକା ଉପାଖ୍ୟାନ ଓ ପ୍ରହ୍ଲାଦ ଚରିତର ଅବତାରଣା ।

ସୀତା ଶ୍ରୀରାମଙ୍କ ସହିତ ବନ ଗମନ ସମ୍ବନ୍ଧରେ କୌଶଲ୍ୟାଙ୍କ ଦ୍ୱାରା ସାବିତ୍ରୀ-ଚରିତ କଥନ, ପିଲାଦିନେ ଶ୍ରୀରାମ ମନ୍ଥରାକୁ ପାଦ ପ୍ରହାର କରି ଥିବାରୁ, ମନ୍ଥରା ସେହି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଚକ୍ରାନ୍ତ ରଚନା କରିଛି ବୋଲି କୌଶଲ୍ୟାର ଦାସୀ ବିଧି ମୁଖରେ କଥନ ଏବଂ ଶ୍ରୀରାମ ଓ ସୀତା ବନକୁ ବାହାରିବା ସମୟରେ ଶ୍ରୀରାମଙ୍କ ମଣିମୁଦି ଓ ସୀତାଙ୍କ ମଥାମଣି ବାହାର କରି ଦେଇ ଯିବା ଲାଗି କୈକେୟୀର ଉକ୍ତି ସାରଳାଦାସଙ୍କ କପୋଳକଳ୍ପିତ କାହାଣୀ ବୋଲି ଜଣାଯାଏ —

“ପିତାଙ୍କୁ ପ୍ରବୋଧ ଦେଇ ବାହାରନ୍ତେ ।
କୈକେୟୀ ପଥରେ ଗୋଡିଲେ ଶ୍ରୀରାମଙ୍କୁ ସାକ୍ଷାତେ ॥
ସମ୍ପଦ ନେଉଛୁ କି ରଜପଣ କରିବ ମୋର ପୁଅ ।
ଶ୍ରୀରାମ ବୋଇଲେ ମୁଁ କି ନେଉଛି କହିବା ସନ୍ଦେହ ॥

ବୋଇଲେ ମୁଣ୍ଡମୁଦ୍ର ନେଉଛୁ ବୋଲି ତାଙ୍କୁ ଦେଇ ।
ଶୁଣି ରାମ ଧନୁ ଭଜିବା କଥା କହନ୍ତି ତାଙ୍କୁ ରହି ॥

ଅନେକ ଯେ ମୁଦ୍ର ଦେ ଦେଇଛନ୍ତି ଯେ ତୁମ୍ଭର ନୋହଇ ।
ସୀତାଙ୍କୁ ବୋଇଲେ ମଥାମଣି ଦିଅ ବଇଦେହି ॥

ସୀତା ବୋଇଲେ ବାଳକାଳେ ଧୂଳି ଖେଳିବା ବେଳେ ।
ମୋତେ ଋଷି ଦେଇଛନ୍ତି ଶୁଣିବା ଗୋ ଭଲେ ॥

ଶୁଣି କକେୟୀକୁ ନାରୀମାନେ ଧିକ୍‌କାରିଲେ ।
ଲଙ୍କା ପାଇ କକେୟୀ ଲକ୍ଷ୍ମଣଙ୍କୁ ଗୁହିଁଲେ ॥

ଚନ୍ଦ୍ରକଳା ମଣି ଲକ୍ଷ୍ମଣ ଗଳାରେ ଅଛି ।
ତାହା ନ ମାଗି ମନ୍ଦରେ ପଶିଲା ସୁହାସୀ ॥"

ଏଣୁ ବର୍ଣ୍ଣିତ ସାରଳା ଦାସ ଶ୍ରୀରାମଙ୍କ ବନବାସ ସମୟରେ ଅଗସ୍ତିଙ୍କ ଉପଦେଶପୂର୍ଣ୍ଣ ବାକ୍ୟାବଳୀକୁ ଓଡ଼ିଆ ଗଦ୍ୟରେ ଲେଖିଛନ୍ତି । ଖୁବ୍ ସମ୍ଭବତଃ ସାରଳା ଦାସଙ୍କର ଏହା ପ୍ରଥମ ଗଦ୍ୟ ରଚନା ।

"ଶ୍ରୀରାମ ବୋଇଲେ ଅନେକ ଦୁଃଖ ପାଇଲୁ ବନେ । ଅଗସ୍ତି ବୋଇଲେ ତୁ କା ଦୁଃଖ ପାଇଲୁ ? ସତ୍ୟଯୁଗେ ହରିଚନ୍ଦନ (ହରିଶ୍ଚନ୍ଦ୍ର) ଯେ ଦୁଃଖ ପାଇଲା ତା ପରି ତୁ ଦୁଃଖ ପାଇନାହୁଁ । ରାମ ବୋଇଲେ ତା କେମନ୍ତ ଦୁଃଖ ! ଅଗସ୍ତି କହନ୍ତି ସମ୍ବୁକ ବୋଲି ରାଜା, ତାହାର ସାତ ପୁଅ । ମହାଚନ୍ଦନ, କାଳିଚନ୍ଦନ, ସୋମ ଚନ୍ଦନ, କୃଷ୍ଣକେଶୀ, ହରିଚନ୍ଦନ । ସପତ ଦ୍ୱୀପେ ରାଜା ହୋଇଲେ ବଡ଼ ଭଇନ୍ତ ଶତ୍ରୁ ଜିଣି ନପାରିଲେ । ନକୁଳ ପଳାଇଲେ । ସାନଭାଇ ହରିଚନ୍ଦନ ଯୁଧ୍ୟ କରି ଡ଼ିଆଇଲେ । ବଡ଼ ଭାଇମାନେ ବୋଇଲେ ତୁମ୍ଭେ ରାଜ୍ୟ କର । ହରିଚନ୍ଦନ ମାନ୍ୟ କରି ବୋଇଲା ତୁମ୍ଭେ କର ଅବଲ ହୋଇଲେ ମୁଁ ଅଛି । ବଡ଼ଭାଇମାନଙ୍କୁ ରାଜ୍ୟ ଦେଇ ଗୋଦାବରୀ ଗଙ୍ଗା ତଟେ ବନବଟ ଭିତରେ ରାଜ୍ୟ କଲା । × × ଇନ୍ଦ୍ର କଇ ଅଗସ୍ତି ଗଲେ ତହୁଁ ରାଜା ଅସ୍ମନ ଋଷିଙ୍କି ଭେଟିଲେ" । ଇତ୍ୟାଦି ।

ଲଙ୍କାରୁ ଆସି ଅଭିଷେକ ପରେ ରାମ ରାଜା ହୁଅନ୍ତେ ଶନି ଦୃଷ୍ଟି ଯୋଗୁ ଅଯୋଧ୍ୟାରେ ଶସ୍ୟ ହାନି ଘଟିଲା । ଶ୍ରୀରାମଚନ୍ଦ୍ର ଇନ୍ଦ୍ରଙ୍କୁ କହି ଜଳ ବୃଷ୍ଟି କରାଇବା ଫଳରେ ଅଯୋଧ୍ୟା ଶସ୍ୟ-ଶ୍ୟାମଳା ହୋଇଥିଲା । ପ୍ରସଙ୍ଗରେ କବି ମୀନନାଥ,

ଗୋରଖନାଥ ଓ ଚୌରଙ୍ଗିନାଥଙ୍କ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ସୀତାଙ୍କ ସହିତ ଗୋରଖନାଥଙ୍କର ଭେଟ, କଦଳୀ ବନରେ ହନୁମାନଙ୍କ ତଳପଣ, ତଥା ଭୁଷଣ୍ଡିକାକର ଜନ୍ମବିବରଣ ଆଦି ଉପାଖ୍ୟାନ ସାରଳାଦାସଙ୍କର ନୂତନ କଳ୍ପନା ।

ଏହା ବ୍ୟତୀତ ଅନୁତ୍ତରୀଳରେ ସୀତାଙ୍କର ଧରଣୀ ପ୍ରବେଶ, ଅଯୋଧ୍ୟା ଦାଣ୍ଡରେ ଭିକ୍ଷା କରୁଥିବା ବେଳେ ଲବକୁଶଙ୍କର ଜଟଭିକୋଧା ଠାରୁ ରାମାୟଣ ଶିକ୍ଷା ଓ ଶ୍ରୀରାମଙ୍କ ଆଗରେ ରାମାୟଣ ଗାନ, ଶ୍ରୀରାମ ପୁତ୍ରଙ୍କୁ ଚିହ୍ନିପାରି ଅଯୋଧ୍ୟାରେ ରାଜା କରାଇ ଅମର ପୁରକୁ ଯାତ୍ରା କରିବା ଆଦି ଉପାଖ୍ୟାନ ସାରଳାଦାସ 'ସପ୍ତକାଣ୍ଡ ରାମାୟଣ'ରେ ସନ୍ନିବେଶିତ କରି ଏକ ଅଭିନବ ରାମାୟଣରେ ପରିକଳ୍ପନା କରିଛନ୍ତି ।

ସାରଳାଦାସ ମହାଭାରତର ବନପର୍ବ ମଧ୍ୟରେ ଆଦ୍ୟରେ ରାମାୟଣର ଘଟଣାବଳୀକୁ ସନ୍ନିବେଶିତ କରାଇବାର ପ୍ରୟାସ କରିଛନ୍ତି । ବନପର୍ବର 'ରାମାୟଣ' ବର୍ଣ୍ଣନା ପ୍ରସଙ୍ଗରେ, ଦଶରଥଙ୍କୁ ଅପୁତ୍ରିକ ହେବାଲାଗି ଯେଉଁ ଆଖ୍ୟାୟିକାର ଅବତାରଣା କରିଛନ୍ତି, ତାହା କାଳିଦାସଙ୍କ ରଘୁବଂଶ ମହାକାବ୍ୟରେ ବର୍ଣ୍ଣିତ ଦିଲୀପ ନନ୍ଦିନୀ ସମ୍ବାଦର ଅବିକଳ ଅନୁରୂପ ।

ସେହିପରି ତାଡ଼କାସୁର ବଧ ପ୍ରକରଣରେ ମଧ୍ୟ କବି ସାରଳାଦାସ ବିଶ୍ୱାମିତ୍ର ଓ ଦଶରଥଙ୍କ ଆଲୋଚନା ସମୟରେ ଏକ ଅଦ୍ଭୁତ ଘୋଟକକୁ ସମାବେଶ କରାଇ ଏକ ନୂତନ କଥାବସ୍ତୁର ସୂତ୍ରପାତ କରାଇଛନ୍ତି ।

ବ୍ୟାସକବି ସାରଳା ଦାସ 'ବିଲଙ୍କା ରାମାୟଣ' ଶୀର୍ଷକ ଖଣ୍ଡିଏ ନୂତନ ରାମାୟଣ ରଚନା କରି, ସେଥିରେ ସହସ୍ରଶିର ରାବଣର ବଧ ସୀତାଙ୍କ ଦ୍ୱାରା କରାଇ, ତାତ୍କାଳୀନ ସମାଜରେ ନିର୍ଯ୍ୟାତିତା ନାରୀମାନଙ୍କର ଗୌରବ ପ୍ରଖ୍ୟାପନ କରାଇଛନ୍ତି ।

ସବୁ ଦିଗରୁ ବିଚାର କଲେ ଜଣାଯାଏ ଯେ, ସାରଳାଦାସ ରାମଚରିତକୁ ଅତି ଦକ୍ଷତାର ସହିତ ପାଠକମାନଙ୍କ ଆଗରେ ଉପସ୍ଥାପିତ କରିଛନ୍ତି ।

ରାମଚରିତର ଅବତାରଣା କ୍ଷେତ୍ରରେ ସାରଳାଦାସଙ୍କ ପରେ ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ କବି ବଳରାମ ଦାସ 'ଜଗମୋହନ ରାମାୟଣ' ରଚନା କରି ଓଡ଼ିଆ ପାଠକମାନଙ୍କ ହସ୍ତରେ ଖଣ୍ଡିଏ ଅଭିନବ ରାମାୟଣ ପରିବେଷଣ କରିଛନ୍ତି ।

ଜଗମୋହନ ରାମାୟଣ ତଥା ବିଲଙ୍କା ରାମାୟଣ ଆଦି ବହୁ ପୁସ୍ତକର ପ୍ରଣେତା ବଳରାମ ଦାସ, ଗଜପତି ପ୍ରତାପରୁଦ୍ରଦେବଙ୍କ ଅନ୍ୟତମ ମନ୍ତ୍ରୀ ସୋମନାଥ ମହାପାତ୍ରଙ୍କ

ପୁତ୍ର ଥିଲେ । ସେ ଖ୍ରୀ: ଅ. ୧୪୭୦-୮୦ ମଧ୍ୟରେ ଜନ୍ମ ଗ୍ରହଣ କରି ଶ୍ରୀ ଚୈତନ୍ୟଙ୍କ ଓଡ଼ିଶା ଆଗମନ ବେଳକୁ 'ଜଗମୋହନ ରାମାୟଣ' ଆଦି ଗ୍ରନ୍ଥ ଲେଖି ଉତ୍କଳୀୟ ସାଧୁ ମଣ୍ଡଳୀରେ ପ୍ରସିଦ୍ଧି ଅର୍ଜନ କରି ସାରିଥିଲେ । ତେଣୁ ଶ୍ରୀ ଚୈତନ୍ୟ କବି ବଳରାମଙ୍କୁ ଗୁରୁ ତୁଲ୍ୟ ମନେ କରୁଥିଲେ ଏବଂ ଶ୍ରୀ ଜଗନ୍ନାଥ ଦାସଙ୍କୁ ବଳରାମ ଦାସଙ୍କ ଠାରୁ ଦୀକ୍ଷା ନେବା ଲାଗି ପ୍ରବର୍ତ୍ତାଇ ଥିଲେ ।

ମହାଭାରତ, ରାମାୟଣ, ହରିବଂଶ ଓ ଭାଗବତ ପ୍ରଭୃତି ଲୋକପ୍ରିୟ ଗ୍ରନ୍ଥ ଗୁଡ଼ିକ ସଂସ୍କୃତ ଭାଷାରେ ଥିବାରୁ ସାଧାରଣ ଲୋକେ, ଆଗ୍ରହୀ ଥିଲେ ମଧ୍ୟ ସେ ଗୁଡ଼ିକରୁ ଭକ୍ତିଭାବ ଆସ୍ୱାଦନ କରି ପାରୁ ନଥିଲେ । ଏହି ଅସୁବିଧାର ଦୂରୀକରଣ ନିମିତ୍ତ ସାରଳା ଦାସ ପ୍ରଥମେ ଭଗୀରଥ ସାଜିବା ପରେ, ସଂସ୍କୃତଜ୍ଞ ପଣ୍ଡିତମାନଙ୍କ ଏକାଧିପତ୍ୟ ଉପରେ ଆଞ୍ଚ ଆସିଲା । ସେମାନେ ଈର୍ଷା ପରାୟଣ ହୋଇ ରାମାୟଣ, ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣର ଓଡ଼ିଆ ଅନୁବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ।

କବି ବଳରାମ, ସାରଳାଙ୍କ ପଦଚିହ୍ନର ଅନୁସରଣ କରି ବାଲ୍ମୀକି ରାମାୟଣର ଅବଲମ୍ବନରେ ଖଣ୍ଡିଏ ଜାତୀୟ 'ରାମାୟଣ' ରଚନାରେ ମନ ବଳାଇଥିଲେ । ସେ ଓଡ଼ିଶାର ଆଚାର ବ୍ୟବହାର, ଗୀତ ନାଟ, ପୂଜାପାର୍ବଣ, ବନଗିରି, ଦେବ ଦେଉଳ, ନଦନଦୀର ମାହାତ୍ମ୍ୟ ରାମାୟଣୀୟ କଥା ମାଧ୍ୟମରେ ପ୍ରଚାର ପୂର୍ବକ ଜାତୀୟ କାର୍ଯ୍ୟ ଆରମ୍ଭ କରିଥିଲେ ।

'ଜଗମୋହନ ରାମାୟଣ'ରେ ବହୁ କାଳ୍ପନିକ 'ଲୋକକଥା' ସନ୍ନିବେଶିତ କରିବା ସଙ୍ଗେ ସଙ୍ଗେ କବି ବଳରାମ ଶ୍ରୀରାମଙ୍କୁ ଉତ୍କଳର ତୀର୍ଥ ଓ କ୍ଷେତ୍ର ବୁଲାଇ ଦେଖାଇବା ଛଳରେ; ଉତ୍କଳୀୟ ତୀର୍ଥ ଓ କ୍ଷେତ୍ରର ଆଧ୍ୟାତ୍ମିକ ମହତ୍ତ୍ୱ ସମ୍ବନ୍ଧରେ ଦେଶବାସୀଙ୍କ ଧାରଣା ଜନ୍ମାଇଥିଲେ ।

"ସ୍ନାନ ସାରଣ ତହୁଁ ଚଳିଗଲେ,
ଭାସ୍କର ତୀର୍ଥରେ ଯାଇ ପ୍ରବେଶ ହୋଇଲେ ।
ଚନ୍ଦ୍ରଭାଗା ତୀର୍ଥରେ ସେ ସ୍ନାନଦାନ ସାରିରେ,
ଦକ୍ଷିଣ ମୂର୍ତ୍ତି ହୋଇ ତହୁଁ ଚଳିଗଲେ ।

× × ×

ଏହା କହି ଦାଶରଥି ତହୁଁ ଚଳିଗଲେ,
ଚନ୍ଦ୍ରଭାଗା ସଙ୍ଗମ ତୀର୍ଥକୁ ଯେ ଦେଖିଲେ ।

× × ×

ଉତ୍ତର ମୁଖ କରିଣ ତାଙ୍କୁ ବସାଇଲେ,
ଶ୍ରୀରାମଚଣ୍ଡୀ ବୋଲିଣ ତାହା ନାମ ଦେଲେ ।
ଏକାମ୍ର ବନରେ ସେ ମିଳିଲେକ ଯାଇ,
ଦେଖିଣ ପ୍ରଶଂସା ଯେ କରନ୍ତି ରଘୁସାଇଁ ।
ରାମେଶ୍ୱର ବୋଲି କରି ଅଛୁ ଏକ ବଣ,
ମଠ କରି ତହିଁ ଯେ ରହିଲେ ରଘୁରାଣ ।

× × ×

କେତେହେଁକ ଦୂରେ ଦେଖିଲେ ଯେ ନୀଳଗିରି,
ତହିଁରେ ବିଜୟ କରିଣ ଅଛନ୍ତି ଶ୍ରୀହରି ।
ଦକ୍ଷିଣ ସିନ୍ଧୁରେ ରାମ ସ୍ନାହାନ ସାରିଲେ,
ଦାରୁବ୍ରହ୍ମ ସ୍ୱରୂପକୁ ଯାଇଣ ଦେଖିଲେ ।
ନୀଳ ଧବଳ ବର୍ଣ୍ଣ ଯେ ଅଲଙ୍କାର ମୁଢ଼ି,
ତ୍ରିବିଧ ରୂପେ ତହିଁ ଦେଖିଲେ ସୀତାପତି ।

× × ×

ଦକ୍ଷିଣ ମୁଖ ହୋଇ ଥୋକାଏ ଦୂର ଗଲେ,
ପାଷାଣ ନ ପାଇଲିକୁ ଲଉକା ପୂଜିଲେ ।
ଋଷିକୁଲ୍ୟା ନଦୀର କୂଳରେ ସେ ମିଳିଲେ,
ଅକ୍ଷତେଶ୍ୱର ବୋଲି ବାମଦେବ ପୂଜିଲେ ।
କୁଳଣ୍ଡଚଣ୍ଡୀ ବୋଲି ଅଛଇ ଏକ ଦେବୀ,
ପର୍ବତେ ଉପରେ ରାମ ତାହାଙ୍କୁ ଯେ ସେବି !
ଆପଣର ନାମ ତାଙ୍କୁ ରାମ ଦେଇଥିଲେ,
ବାଲୁକେଶ୍ୱର ବୋଲିଣ ଦେବତା ପୂଜିଲେ ।"

କେବଳ ଏହି ପ୍ରସଙ୍ଗରେ ନୁହେଁ, ଋଷ୍ୟଶୃଙ୍ଗଙ୍କୁ ଆଣିବା ଲାଗି ଜରତ୍‌କୋଷା (ଜରତା)ଙ୍କ ଗମନ, ମୁନିଙ୍କ ସହିତ ବେଶ୍ୟାର ବ୍ୟବହାର, ସୁସଜ୍ଜିତ ନୌକାରେ ବସାଇ ଋଷ୍ୟଶୃଙ୍ଗଙ୍କୁ ଆଣିବା, ଗୟା ମାହାତ୍ମ୍ୟ, ଗୟାରେ ଶ୍ରୀରାମଙ୍କ ପିଣ୍ଡଦାନ, ଫଲ୍‌ଗୁ ନଦୀକୁ ଶ୍ରୀରାମଙ୍କ ଅଭିଶାପ, ଗୟାତୀର୍ଥରେ ବ୍ରାହ୍ମଣଙ୍କ ଅତ୍ୟାଗ୍ରହ ଏବଂ ବ୍ରାହ୍ମଣମାନଙ୍କୁ ଶ୍ରୀରାମଙ୍କ ଅଭିଶାପ ପ୍ରଭୃତି ବର୍ଣ୍ଣନା ବଳରାମ ଦାସଙ୍କ ସ୍ୱକୀୟ କଳ୍ପନା ବଳରେ କାବ୍ୟିକ ମନୋଜ୍ଞତା ଲାଭ କରିଛି । ସୀତା ହରଣ ପ୍ରସଙ୍ଗରେ ଜଟାୟୁଙ୍କ ସହିତ ରାବଣର ଯୁଦ୍ଧ ସମୟରେ ପୁଷ୍ପକ ବିମାନରୁ ଓହ୍ଲାଇ ସୀତାଙ୍କ ପଳାୟନ, ପଦଚିହ୍ନ ଦେଖି ସୀତାଙ୍କ ଅନ୍ୱେଷଣ ଓ ଲତାମୂଳରେ ଲୁଚିଥିବା ସୀତାଙ୍କୁ ଧରିଅଣି ରାବଣର ଲଙ୍କାଗମନ ପ୍ରଭୃତି କାହାଣୀ ବଳରାମ ଦାସଙ୍କ ବଳିଷ୍ଠ କଳ୍ପନା ଫଳରେ ବାଲ୍ମୀକୀୟ ଭାବଧାରା ଠାରୁ ପୃଥକ୍ ହୋଇଯାଇଛି । କିଷ୍କିନ୍ଧା କାଣ୍ଡରେ ବଗପକ୍ଷୀର ଉପାଖ୍ୟାନ, ଓଡ଼ିଶାରେ ପ୍ରଚଳିତ ପଞ୍ଚକନ୍ତି ପ୍ରସଙ୍ଗ, ପଞ୍ଚକନ୍ତରର ଶେଷ ପାଞ୍ଚଦିନ 'ବଗପଞ୍ଚକ' ନାମରେ ନାମିତ କରିବା ପ୍ରଭୃତି ଘଟଣାବଳୀ ବଳରାମ ଦାସଙ୍କର କପୋଳକଳ୍ପିତ ଉପାଖ୍ୟାନ ବୋଲି ମନେ ହୁଏ । ସୁନ୍ଦରକାଣ୍ଡର ସେତୁବନ୍ଧ ପ୍ରକରଣରେ ଗୁଣ୍ଡିଚମ୍ପୁଆର ବନ୍ଧ ଉପରେ ବାଲି ପକାଇବା ଉପାଖ୍ୟାନ ବଳରାମ ଦାନ ତେଲୁଗୁ ଭାଷାର 'ରଙ୍ଗରାମାୟଣ'ରୁ ଗ୍ରହଣ କରିଥିବା ମନେ ହୁଏ କିନ୍ତୁ ମୂଳ ଆର୍ଷ ରାମାୟଣରେ ଏହି ପ୍ରସଙ୍ଗଟି ନାହିଁ ।

ସେତୁବନ୍ଧ ପ୍ରତିଷ୍ଠା ପ୍ରସଙ୍ଗରେ ରାମେଶ୍ୱର ଲିଙ୍ଗ ସ୍ଥାପନା ଓ ଶିବଲିଙ୍ଗ ପ୍ରତିଷ୍ଠା ଲାଗି ରାବଣଙ୍କୁ ନିମନ୍ତ୍ରଣ କରିବା ଏବଂ ରାବଣର ପୌରୋହିତ୍ୟରେ ସେତୁବନ୍ଧ ପ୍ରତିଷ୍ଠା ସମାହିତ ହେବା ଘଟଣା ବଳରାମ ଦାସଙ୍କର ସର୍ବୋତ୍ତମ କୃତିତ୍ୱ ବୋଲି ମନେହୁଏ । କବି ବଳରାମ ଦାସ ଏହି ପ୍ରସଙ୍ଗରେ ରାବଣର ଚାରିତ୍ରିକ ବୈଶିଷ୍ଟ୍ୟକୁ ବହୁ ଗୁଣରେ ଉନ୍ନତ କରି ପାରିଛନ୍ତି ଏବଂ ରାବଣର ନିଷ୍ଠା, ଇଷ୍ଟଦେବଙ୍କ ପ୍ରତି ବିଶ୍ୱାସଧାରା ପ୍ରଭୃତି ପ୍ରକୃତ ବ୍ରାହ୍ମଣତ୍ୱର ବିକାଶ କରାଇ କବି ବଳରାମ ଦାସ ରାବଣ ଚରିତ୍ରକୁ ଏକ ଆଦର୍ଶ ଚରିତ୍ରରେ ପରିଣତ କରିଛନ୍ତି ।

ଲକ୍ଷ୍ମଣଙ୍କ ଶକ୍ତିଭେଦ ସମୟରେ ସାତରାତି ଏକରାତି ହେବା ଲାଗି ସୀତା ଦେବୀଙ୍କ ପ୍ରାର୍ଥନା ତଥା ସେହି ପ୍ରସଙ୍ଗରେ ବୈତରଣୀ ତୀରବାସୀ ସନ୍ଥପଣ୍ଡାଙ୍କ ଉପାଖ୍ୟାନ ଏବଂ ସତୀତ୍ୱର ପରାକାଷ୍ଠା ଦେଖାଇବାରେ କବିଙ୍କ ନୈପୁଣ୍ୟ ଜଗମୋହନ ରାମାୟଣର ବୈଶିଷ୍ଟ୍ୟ ପ୍ରତିପାଦନ କରାଏ ।

କେବଳ ସେତିକି ନୁହେଁ, ଜଗମୋହନ ରାମାୟଣରେ ବର୍ଣ୍ଣିତ ବେଶଭୂଷା; ବିଶେଷତଃ ନାରୀମାନଙ୍କ ବେଶଭୂଷାର ବର୍ଣ୍ଣନା ଛଳରେ କବି ଓଡ଼ିଶାର ନାରୀମାନଙ୍କ ଦ୍ୱାରା ବ୍ୟବହୃତ ବେଣ୍ଟୁଲି, ତଡ଼ିକି, ପାପଦ୍ମକଡ଼ି, ମୋତିଜାଲିମଥାମଣି, ବସଣି,

ଚଉସରି ବ୍ରହ୍ମକାନ୍ତ ହୀରା ଖଚିତ ହାର, ବାହୁଟି, ଶିକଳି, ତାଡ଼, ବଦ, ସୁବର୍ଣ୍ଣ ବାଙ୍କି, ତୋଡର, ନୂପୁର, ଝୁଣ୍ଟିଆ, ପାହୁଡ଼, ସୁନାପଣ୍ଡି, କାପ, କଳସା କାପ, ଗୁଣା, ଝୁମ୍ପା ପ୍ରଭୃତିର ବର୍ଣ୍ଣନା କରି ରାମାୟଣୀୟ ପ୍ରକରଣରେ ସ୍ୱଜାତୀୟତାର ପରିଚୟ ଦେଇଛନ୍ତି ।

'ଜଗମୋହନ ରାମାୟଣ' ଦୁଇଭାଗରେ ବିଭକ୍ତ ହୋଇ ଓଡ଼ିଶାରେ ମିଳୁଛି । ଗଞ୍ଜାମ ଜିଲ୍ଲା ଅଞ୍ଚଳରେ ମିଳୁଥିବା ପୋଥିଗୁଡ଼ିକୁ 'ଦକ୍ଷିଣୀ ରାମାୟଣ' ଏବଂ ଉତ୍ତରାଞ୍ଚଳରେ ଥିବା ପୋଥିଗୁଡ଼ିକୁ 'ଦାଣ୍ଡି ରାମାୟଣ' କୁହାଯାଉଛି । ଉଭୟ ଅଞ୍ଚଳର ପୋଥିରେ ବିଷୟବସ୍ତୁ ମଧ୍ୟରେ ବିଶେଷ ତାରତମ୍ୟ ଦେଖାଯାଏ ନାହିଁ, କିନ୍ତୁ ପଦ ସଂଖ୍ୟା ଦକ୍ଷିଣୀ ରାମାୟଣ ପୋଥିରେ ଅଧିକ ଥିବାର ପରିଲକ୍ଷିତ ହୁଏ । ବର୍ଣ୍ଣନୀୟ ବିଷୟବସ୍ତୁର ବହୁଳ ବ୍ୟାଖ୍ୟା ହେଉଛି--- ଦକ୍ଷିଣୀ ରାମାୟଣର ବୈଶିଷ୍ଟ୍ୟ । ଉଦାହରଣ ସ୍ୱରୂପ ଉଭୟ ଅଞ୍ଚଳର ପୋଥିରେ ଥିବା ମଙ୍ଗଳାଚରଣରୁ ଦୁଇଟି ଉଦାହରଣ ଏଠାରେ ପ୍ରଦତ୍ତ ହେଲା---

"ବନ୍ଦଇ ଜଗନ୍ନାଥ କମଳାବିଳାସ ।
ଶ୍ରୀନୀଳ ଗିରିବର ଶିଖରେ ଯାର ବାସ ॥
ସୁନ୍ଦର ଶ୍ରୀମୁଖ ରୁଚିରୁ ନୀଳ ବର୍ଣ୍ଣ ଶୋଭା
କି ଜାଣି ପଟାନ୍ତର ନୀଳ ବର୍ଣ୍ଣ ପ୍ରଭା ॥
ନୟନ ଯୁଗଳ କି ଶରଦର ଶଶୀ ।
ଜଗତ ଜନ୍ତୁ ହୃଦ କମଳେ ଅଛୁ ବସି ॥

(ଦାଣ୍ଡି ରାମାୟଣ, ଆଦ୍ୟକାଣ୍ଡ, ମଙ୍ଗଳାଚରଣ)

× × × ×

ବନ୍ଦଇଂ ଜଗନ୍ନାଥ କମଳାଦେବୀ ପତି ।
ନୀଳ ଗିରିରେ ବିଜୟ ଅପୂର୍ବ ମୂରତି ॥
ସୁନ୍ଦର ଶ୍ରୀମୁଖ ଯେ ନୀଳେନ୍ଦୀବର ଜିଣି ।
ଆଗରେ ଉଭା ତାଙ୍କ ଗରୁଡ଼ ଖଗମଣି ॥
ସୁନ୍ଦର ଦିଶଇଂ ଯେ ଚକୋର ନେତ୍ର ଗୋଟି ।
ଶ୍ରୀଅଙ୍ଗକୁ ସୁନ୍ଦର କାଛଟା ବେଶ ଗୋଟି ॥

(ଦକ୍ଷିଣୀ ରାମାୟଣ, ଆଦ୍ୟକାଣ୍ଡ, ମଙ୍ଗଳାଚରଣ)

ଗ୍ରନ୍ଥ ଶେଷରେ କବି ସମୁଦାୟ ପୁସ୍ତକର ପଦସଂଖ୍ୟା, ପିତାଙ୍କ ନାମ ଏବଂ ଇଷ୍ଟଦେବଙ୍କ ନାମ ଆଦି ଉଲ୍ଲେଖ କରି ଲେଖିଛନ୍ତି ---

"ମୁହିଁ ବଳରାମ ଦାସ ଅଟଇ ଅଜ୍ଞାନ ।
ଗ୍ରନ୍ଥରେ ଯେ ଦୋଷ ନ ଧରିବା ବିଜ୍ଞ ଜନ ॥
ସପତ କାଣ୍ଡ ରାମାୟଣ ଯେ ଲକ୍ଷେ ପଦ ।
ଶୁଣିସି ହୋ ସୁଜ୍ଞ ଜନେ ଗ୍ରନ୍ଥର ସମ୍ବାଦ ॥

× × ×

ମହାପାତ୍ର ସୋମନାଥ ଦାସର ତନୟ ।
ବଳରାମ ଦାସର ଗୀତ ଯେ ଅମୃତମୟ ॥
ଶ୍ରୀଜଗନ୍ନାଥ ଯେ ନୀଳଗିରି ଯାର ବାସ ।
ଶ୍ରୀଜଗନ୍ନାଥ ଶରଣ ବଳରାମ ଦାସ" ॥

ବଳରାମ ଦାସଙ୍କ ଦାଣ୍ଡି ରାମାୟଣର ଗବେଷଣାପୂର୍ଣ୍ଣ ସମ୍ପାଦନା ଅଦ୍ୟାପି ହୋଇ ନାହିଁ । ଡକ୍ଟର କୃଷ୍ଣଚରଣ ସାହୁ ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ର ପାଣ୍ଡିତ୍ୟ ପୂର୍ଣ୍ଣ ସମ୍ପାଦନାରେ ବ୍ରତୀ ହୋଇଛନ୍ତି ଏବଂ ଶାନ୍ତି ନିକେତନସ୍ଥ ବିଶ୍ୱଭାରତୀର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡକ୍ଟର ନରେନ୍ଦ୍ରନାଥ ମିଶ୍ର ମଧ୍ୟ ବଳରାମ ଦାସ ଓ ଦାଣ୍ଡି ରାମାୟଣ ଉପରେ ଆଲୋଚନାତ୍ମକ ଅଧ୍ୟୟନ କରୁଛନ୍ତି ।

କବି ବାଗ୍ନିଧି ଦାସଙ୍କ ନାମରେ ଭଣିତ 'ବିଲଙ୍କା ରାମାୟଣ' ଶୀର୍ଷକ ଖଣ୍ଡିଏ ରାମାୟଣ ଥିବାର ଦେଖାଯାଏ । ଏହି ପୁସ୍ତକର ଭଣିତାରେ ସ୍ଥାନେ ସ୍ଥାନେ ବଳରାମ ଦାସଙ୍କ ନାମ ମିଳୁ ଥିବାରୁ ପ୍ରୋକ୍ତ ରଚନାଟି କବିଙ୍କ ଛଦ୍ମ ନାମରେ ଲିଖିତ ହୋଇଛି କିମ୍ବା କୌଣସି ଶିଷ୍ୟ ବିଲଙ୍କା ରାମାୟଣ ଖଣ୍ଡିକ ରଚନା କରି ଗୁରୁଙ୍କ ନାମରେ ଭଣିତା କରିଛନ୍ତି ବୋଲି ମନେହୁଏ ।

"ତୁମ୍ଭ ସେବାକୁ ଯେମନ୍ତେ ଆସିବ ଯେ ମୁହିଁ ।
ସେମନ୍ତ କଲ୍ୟାଣ କର ବୋଲି ବାଗ୍ନିଧି ଯେ ମାଗଇ ॥
ଶ୍ରୀରାମ ଚରଣକୁ ନିତ୍ୟ ମୋର ଆଶ ।
ଚରଣେ ଶରଣ ମୁଁ ବଳରାମ ଦାସ" ॥

(ରାଜ୍ୟସଂଗ୍ରହାଳୟ ପୋଥି)

# ଚଉତିରିଶ

ମହେଶ୍ୱର ଦାସ ନାମକ ଜଣେ କବି ସମ୍ପୂର୍ଣ୍ଣ ରାମାୟଣର ବିଷୟ ବସ୍ତୁକୁ 'ଟୀକା ରାମାୟଣ' ନାମରେ ଲେଖି ଲୋକ ସମାଜରେ ପ୍ରସିଦ୍ଧି ଅର୍ଜନ କରିଥିଲେ । କବି ମହେଶ୍ୱର ଦାସ ପୁରୀ ଜିଲ୍ଲାର ରାୟଚନ୍ଦଧର ପୁର ନିବାସୀ ଥିଲେ ଏବଂ ତାଙ୍କର ପଦବୀ ଥିଲା --- ଆଚାର୍ଯ୍ୟ । ମହେଶ୍ୱର ଆଚାର୍ଯ୍ୟ 'ଅଧ୍ୟାତ୍ମ ରାମାୟଣ'ର ପ୍ରଣେତା ହଳଧର ଦାସଙ୍କ ଗୁରୁ ହୋଇ ଥିବାରୁ କବିଙ୍କ ସମୟ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଉତ୍ତରାର୍ଦ୍ଧ ବୋଲି ଅନୁମାନ କରାଯାଏ ।

ଶ୍ରୀମଦ୍ ଭାଗବତର ଓଡ଼ିଆ ଅନୁବାଦକ, ଉତ୍କଳର ଘରେ ଘରେ ସୁପରିଚିତ ଜଗନ୍ନାଥ ଦାସ ଖଣ୍ଡିଏ ରାମାୟଣ ରଚନା କରି ଥିବାର ପ୍ରମାଣ ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ'ରୁ ଆଭାସ ମିଳେ ।

"ସକଳ ଶାସ୍ତ୍ରେ ପୂର୍ଣ୍ଣ ହେଲେ ।
ଭାରତ ସମଗ୍ର ପଢ଼ିଲେ ॥
ଶ୍ରୀରାମାୟଣ ଗ୍ରନ୍ଥ ସାଧି ।
ଶ୍ରୀଭାଗବତେ ଦେଲେ ବୁଦ୍ଧି" ॥

ଆହୁରିମଧ୍ୟ 'ଭାଗବତ'ର ନବମ ସ୍କନ୍ଧରେ କବି ରାମ ଚରିତ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି ।

ହଳଧର ଦାସ ଥିଲେ ଅନନ୍ତ ପଟ୍ଟନାୟକଙ୍କ ପୁତ୍ର । ଅନନ୍ତ ପଟ୍ଟନାୟକ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦ ଦେବଙ୍କ ସମ୍ପର୍କୀୟ ଭାଇ ଥିଲେ । କବି ହଳଧର ବୃଦ୍ଧାବସ୍ଥାରେ ଅର୍ଥାତ୍ ଖ୍ରୀ : ୧୬୮୨ରେ 'ଅଧ୍ୟାତ୍ମ ରାମାୟଣ'ର ପ୍ରଥମ ଓଡ଼ିଆ ଅନୁବାଦ କରିଥିଲେ ।

"ଗଜପତି ମୁକୁନ୍ଦ ଦେବ ।
ବିବେକୀ ବ୍ରାହ୍ମଣ ବୈଷ୍ଣବ ॥
ପ୍ରଜା ପାଳିଲେ ଧର୍ମ କ୍ଷମ ।
ଦଣ୍ଡ୍ୟ ଲୋକଙ୍କ ଠାରେ ଯମ ॥

× × ×

ଯେମନ୍ତ ପରକାରେ ସେହି ।
　　　　ତାଙ୍କର ଅନନ୍ତ ଯେ ଭାଇ ।।
ଶ୍ରୀ ଅନନ୍ତ ପଟ୍ଟନାୟକ ।
　　　　ସେ ବଡ଼ ବ୍ରାହ୍ମଣ୍ୟ ଧାର୍ମିକ ।।
ବିବେକୀ ଦାତା ଶାନ୍ତ ଦାନ୍ତ ।
　　　　ବଇଷ୍ଣବ ଆଗ୍ରର ବନ୍ତ ।।
କନିଷ୍ଠ ପୁତ୍ର ମୁଁ ତାଙ୍କର ।
　　　　ମୋହର ନାମ ହଳଧର ।।

\+ \+ \+

ଗତ ସହସ୍ର ସାତ ଶତ ।
　　　　ଉଣୟାଶୀ ବରଷ ସଂଯୁତ ।।
ଅଷ୍ଟାବିଂଶତି କଳିଯୁଗ ।
　　　　ଏତେକ ହୋଇ ଥିଲା ଭୋଗ ।।
ଆଶ୍ୱିନ ମାସରେ ଯେ ଗୀତ ।
　　　　ସର୍ବ ଶୁଭେ ହେଲା ରଚିତ" ।।

ରାମାୟଣକୁ 'ଦାଣ୍ଡି ବୃତ୍ତ'ରେ କିମ୍ବା ନବାକ୍ଷରୀ ବୃତ୍ତରେ ବହୁ କବି ରଚନା କରି ଓଡ଼ିଆ ପାଠକମାନଙ୍କ ହସ୍ତରେ ଅର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ଗୋପାଳ ଦାସ, ବାଳକ ରାମଦାସ, କବିଚନ୍ଦ୍ର ନରହରି, କୃଷ୍ଣଚନ୍ଦ୍ର ରାଜେନ୍ଦ୍ର, ପୀତାମ୍ବର ଦାସ, ମହାଦେବ ଦାସ, ଦାମୋଦର ଦାସ, ସୂର୍ଯ୍ୟମଣି ଶ୍ୟାମପଟ୍ଟନାୟକ, କୃଷ୍ଣ ଚରଣ ପଟ୍ଟନାୟକ, କେଶବ ତ୍ରିପାଠୀ, ସୀତା ଚରଣ ଦାସ କପିଳେଶ୍ୱର ବିଦ୍ୟାଭୂଷଣ ପ୍ରମୁଖ ବହୁ କବିଙ୍କ ରଚନା ଆମ ରାମ ସାହିତ୍ୟକୁ ସମୃଦ୍ଧ କରିଛି ।

**ଓଡ଼ିଆ ରାମ କାବ୍ୟ :-**

ପୁରାଣ ଢଙ୍ଗରେ ଓଡ଼ିଆ ରାମ ସାହିତ୍ୟର ରଚନା ସହିତ ତାଳ ଦେଇ କାବ୍ୟ ଶୈଳୀରେ ଲିଖିତ ରାମାୟଣ ଗ୍ରନ୍ଥ ମଧ୍ୟରେ ଅର୍ଜୁନ ଦାସଙ୍କ 'ରାମବିଭା' କାବ୍ୟଟି ପ୍ରାଚୀନତମ ବୋଲି ଜଣାଯାଏ । କବି ଅର୍ଜୁନ ଦାସ ସେହି କ୍ଷୁଦ୍ର କାବ୍ୟ ମଧ୍ୟରେ

ମଙ୍ଗଳ ଗୁର୍ଜ୍ଜରୀ, କେଦାର, ରାମକେରୀ, ମଙ୍ଗଳଧନାଶ୍ରୀ, ଗୁର୍ଜ୍ଜରୀ, ନଳିନୀ ଗୌଡ଼ା, ଶ୍ରେଣି ମଙ୍ଗଳ, ବିଭାସ ଗୁର୍ଜ୍ଜରୀ, ଆଦି ରାଗ ବ୍ୟବହାର କରିଛନ୍ତି ।

କବି ଅର୍ଜ୍ଜୁନ ଦାସ ଥିଲେ— ଶ୍ରୀଜଗନ୍ନାଥଙ୍କର ଅନନ୍ୟଭକ୍ତ । ତେଣୁ ସେ ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରି, ରାମ ବିଭା ପ୍ରସଙ୍ଗରେ ବଡ଼ଠାକୁରଙ୍କ ଧୂପ, ବେଶ ଓ ଯାତାଦିର ବର୍ଣ୍ଣନା କରିଛନ୍ତି ।

ଅର୍ଜ୍ଜୁନଦାସଙ୍କ ପରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଘୁମୁସରର ରାଜକବି ଧନଞ୍ଜୟ ଭଞ୍ଜଙ୍କ ବହୁ ରଚନା ମଧ୍ୟରେ 'ଶ୍ରୀରାମବିଳାସ' ବା ରଘୁନାଥ ବିଳାସ କାବ୍ୟ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । କଥିତ ହୁଏ, ଧନଞ୍ଜୟଙ୍କ 'ଶ୍ରୀରାମ ବିଳାସ'ରୁ ପ୍ରେରଣା ପାଇଁ ତାଙ୍କ ପୌତ୍ର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ 'ବୈଦେହୀଶ ବିଳାସ' ପରି ଖଣ୍ଡିଏ 'ବ' ଆଦ୍ୟାନୁପ୍ରାସ କାବ୍ୟ ରଚନା କରିଥିଲେ । ଆଲୋଚନାରୁ ଜଣାଯାଏ, କବି ଖ୍ରୀ:ଅ: ୧୬୧୦ ରେ ଜନ୍ମଗ୍ରହଣ କରି ଖ୍ରୀ. ଅ: ୧୭୦୧ରେ ସ୍ୱର୍ଗାରୋହଣ କରିଥିଲେ । 'ଶ୍ରୀରାମ ବିଳାସ'ର ଶବ୍ଦ ବିନ୍ୟାସ, ରଚନାପାଟବ ତଥା ଭକ୍ତିଧାରାରୁ ତାହା ରାଜକବିଙ୍କର ପରିଣତ ବୟସର ଲେଖା ବୋଲି ମନେହୁଏ ।

କବି ଯମକ, ଅନୁପ୍ରାସାଦି ତାତ୍ପର୍ଯ୍ୟପୂର୍ଣ୍ଣ ଅଳଙ୍କାର ସମାବେଶରେ କାବ୍ୟଟିକୁ ଅଧିକ ମନୋଜ୍ଞ କରାଇବାର ଚେଷ୍ଟା କରିଛନ୍ତି ।

"ଦେଖ ରସାଳସି ରସାଳ ରସାଳ ଶାଳ ସୁବିଶାଳ ବକୁଳ,
ଅତି ମନୋହର ହିନ୍ତାଳ ତାଳରେ ଯୁକ୍ତ ରକ୍ତମାଳ ତମାଳ,
ଆରେ ଗଉର !
ଗଉରୀକୁଳ ତୁ କୁଶଳୀ !
ବକୁଳ କୁଳକୁ ଶୋଭିକାରୀ ଦେଖ ଦେଖରେ ନବୀନ ଅବଳା ॥

× ×

ଦେଖ ଦେଖ କୋମଳାଙ୍ଗି ସ୍ନେହ ବନ ଶୋଭନ ।
ଚନ୍ଦ ଚନ୍ଦକୁଟେ ସ୍ନେହୁ ହୋଇଛୁ ଶୋଭନ ॥
ଧବ ଧବ ଆଲିଙ୍ଗନ କରିଛୁ ବଲ୍ଲରୀ
କୁଟ କୁଟରେ ସ୍ନେହୁ ଶୋଭି ଅଛୁ ଧରି ॥

× × ×

ଦ୍ୱିଜ ଦ୍ୱିଜ ମୁଖରବେ ପୂରଇ ଗଗନ ।
ସୁମନା ସୁମନା ଦେଖି ଅବନୀ ଶୋଭନ ॥

ରସାଲ ରସାଲ ରସେ ଭ୍ରମଇ ଭ୍ରମର ।
ଭ୍ରମ ଭ୍ରମ ଭ୍ରମ କରେ ବିଚ୍ଛେଦ ହୃଦର ଯେ ॥"

କବି କାହ୍ନୁ ଦାସ 'ରାମରସାମୃତ ସିନ୍ଧୁ' ଶୀର୍ଷକ ଖଣ୍ଡିଏ ରାମକାବ୍ୟ ରଚନା କରିଥିଲେ । କବିଙ୍କ ବାସସ୍ଥାନ ଧରାକୋଟ ଅନ୍ତର୍ଗତ ଋଷିକୁଲ୍ୟା ତଟବର୍ତ୍ତୀ ମଙ୍ଗଲପୁର ଗ୍ରାମରେ ଖ୍ରୀ: ଅ: ୧୭୭୮ ଅଗଷ୍ଟ ୯ ତାରିଖରେ ହୋଇଥିଲା । ସେ ଖ୍ରୀ: ୧୭୯୯ ସାଲ ଶ୍ରୀଗୁଣ୍ଡିଚା ଦିନ ରାମରସାମୃତ ସିନ୍ଧୁ କାବ୍ୟଟି ସମାପ୍ତ କରିଥିଲେ ।

ସେ କାବ୍ୟର ବିଭିନ୍ନ ସ୍ଥଳରେ ନିଜ ସମ୍ବନ୍ଧରେ ଯେଉଁ ସୂଚନା ଦେଇଛନ୍ତି, ସେଥିରୁ ତାଙ୍କ ବାସସ୍ଥାନ, ପିତାଙ୍କ ନାମ, କାବ୍ୟର ଅଧ୍ୟାୟ ଓ ପଦ ସଂଖ୍ୟା ଓ ପୁସ୍ତକର ସମାପ୍ତି ଦିବସ ଆଦି ସମ୍ବନ୍ଧରେ କେତେକ ବିବରଣୀ ମିଳି ପାରୁଛି ।

"ଶୁଣ ହେ ଗୁଣୀ ସୁଜ୍ଞ ସାଧୁ ।
ଶ୍ରୀରାମରସାମୃତସିନ୍ଧୁ ॥
ପ୍ରବନ୍ଧ ପ୍ରାକୃତ ଭାଷାରେ ।
କରିବି ନବମ ଅକ୍ଷରେ ॥

× ×

ଅଷ୍ଟଉତ୍ତର ଶତେକ ପଦ ।
ଅଧ୍ୟା ବନ୍ଧନ ଶ୍ରୁତି ସ୍ୱାଦ ॥
ଶତେକ ଅଷ୍ଟମ ଅଧ୍ୟା ହେବ ।
ଶ୍ରୀରାମ ସୀତା ରସ ସ୍ୱାଦ ॥

+ +

ସେ ରଘୁନାଥ ମହାପାତ୍ର ।
ବ୍ରାହ୍ମଣ ବଂଶରେ ପବିତ୍ର ॥
ନୀଳାଦ୍ରି ପଶ୍ଚିମ ପାଶର ।
ଉତ୍କଳ ଦେଶେ ଜନ୍ମ ମୋର ॥

ଅଠତରଙ୍ଗ

\+ \+ \+

ଶ୍ରୀଦିବ୍ୟସିଂହ ଦେବଙ୍କରେ ।
ଗଜପତିଙ୍କ ଶୁଭ ବର୍ଷେ ॥
ବିଜୟ ଦଶ ତିନ ଅଙ୍କେ ।
ଆଷାଢ଼ ମାସ ଶିତ ପକ୍ଷେ ॥
ତୃତୀୟା ଶ୍ରୀଗୁଣ୍ଡିଚ୍ଚ ଦିନ ।
ହେଲୁ ରାମ ରସାମୃତ ପୂର୍ଣ୍ଣ ॥"

କବି କାହ୍ନୁଦାସ ସ୍ୱ ରଚିତ 'ରାମରସାମୃତ ସିନ୍ଧୁ' କାବ୍ୟଟିକୁ ମଧୁସୂଦନ ମିଶ୍ରଙ୍କ ରଚିତ 'ମହାନାଟକ'ର ଅବଲମ୍ବନରେ ରଚନା କରିଥିବାର ସୂଚନା ଦେଇଛନ୍ତି ଏବଂ ଗ୍ରନ୍ଥାରମ୍ଭରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସ୍ତୁତି ଗାନରେ ମଙ୍ଗଳାଚରଣ ଲେଖିଛନ୍ତି ।

ନୀଳକଣ୍ଠ ଦାସ ବା କଣ୍ଠଦାସ ନାମକ କବି ଆନୁମାନିକ ଖ୍ରୀ.ଅ. ୧୭୫୦ ମଧ୍ୟରେ ଜନ୍ମ ଗ୍ରହଣ କରି ରାମକୃଷ୍ଣ ରସାମୃତ ପାନ କରି ଉଭୟ ପୁରୁଷୋତ୍ତମଙ୍କ ଲୀଳା ସମ୍ବନ୍ଧରେ ଦୁଇଖଣ୍ଡି ଅନବଦ୍ୟ କାବ୍ୟ ରଚନା କରିଛନ୍ତି । ତାଙ୍କ ରଚିତ କୃଷ୍ଣଲୀଳା ମୂଳକ ରଚନାଟି ହେଉଛି-- ନଅପୋଇ । ସେ ପ୍ରସିଦ୍ଧ କବି ତଥା ବ୍ରଜବିହାରର ପ୍ରଣେତା ଦାଶରଥି ଦାସଙ୍କର ଗୁରୁ ଥିଲେ । କବିଙ୍କର ବାସସ୍ଥାନ ଖୁବ୍ ସମ୍ଭବତଃ ରଣପୁର ମଣ୍ଡଳରେ ଥିଲ !

ତାଙ୍କର ଅନ୍ୟତମ ରଚନା ହେଉଛି --- 'ରାମାର୍ଚ୍ଚନ ଚନ୍ଦ୍ରିକା' । ପ୍ରୋକ୍ତ କାବ୍ୟଟି ବାଉନଗୋଟି ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । କବି ସେଥିରେ ସୃଷ୍ଟି ତତ୍ତ୍ୱ, ଗୋଲୋକ ବର୍ଣ୍ଣନ, ସପ୍ତ ଆବରଣ, ଶ୍ରୀରାମ ସୁଧାଙ୍ଗ ଭେଦ, ସୀତାଙ୍କ ଅନନ୍ତରୂପ, ପୁରୁଷୋତ୍ତମ ବର୍ଣ୍ଣନରୁ ଆରମ୍ଭ କରି ସମୁଦାୟ ରାମାୟଣର ବିଷୟବସ୍ତୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଅନନ୍ତଗୋଲୋକ ବର୍ଣ୍ଣନ, ରାମପଞ୍ଚାଙ୍ଗମନ୍ତ୍ର ଭେଦ, ନିତ୍ୟାଗ୍ରର ବିବରଣ, ରାମ ପୂଜାବିଧି, ରାମନାମ ଜପ ବିଧି, ଅଷ୍ଟକାଳ ସେବା ବିବରଣ, ସଂଖ୍ୟଯୋଗାଦି ବିବରଣ, ରାଗାନୁଗା ଭକ୍ତି, ଦେବୀମାୟା, ଭୁକ୍ତି ମୁକ୍ତି, ଶ୍ରବଣ, କୀର୍ତ୍ତନ, ରାମ ପାଦସେବା, ଜ୍ଞାନ ବୈରାଗ୍ୟ ମୁକ୍ତି ତଥା ଶ୍ରୀରାମ ବଂଶାନୁ କୀର୍ତ୍ତନ ଆଦି ବର୍ଣ୍ଣନା କରି ପୁସ୍ତକଟିକୁ ଦାର୍ଶନିକ ଭାବଧାରାରେ ଅପ୍ଳୁତ କରିଛନ୍ତି ।

ଅଣଗୃଳାଶୀ

ସପ୍ତଦଶ ଶତାବ୍ଦୀର ଶେଷ ପାଦରେ ଯୁଗସ୍ରଷ୍ଟା, ମହାକବି, କାବ୍ୟାଚାର୍ଯ୍ୟ ଉପେନ୍ଦ୍ର ଭଞ୍ଜ ଜନ୍ମଗ୍ରହଣ କରି ପ୍ରାୟ ଅଶୀଖଣ୍ଡ କାବ୍ୟ, ଖଣ୍ଡକାବ୍ୟ, ପଦଆ, ଚଉତିଶା, ବୋଲି ତଥା ବହୁ ଚଉପଦୀ ରଚନା ପୂର୍ବକ ଓଡ଼ିଆ କବି-ସାମ୍ରାଜ୍ୟର ସମ୍ରାଟ ହୋଇ ପାରିଛନ୍ତି ।

ସଂସ୍କୃତ ଅଳଙ୍କାର ଓ କାବ୍ୟ ଗ୍ରନ୍ଥରେ କବିଙ୍କର ଅଗାଧ ଜ୍ଞାନ ଥିଲା । ଓଡ଼ିଆ ସାହିତ୍ୟର ଜଣେ ମହାନ୍ ଶାବ୍ଦିକ ତଥା ଶବ୍ଦାଳଙ୍କାର ପ୍ରୟୋଗରେ ମହାନ୍ ଆଚାର୍ଯ୍ୟ ରୂପେ ରୀତି କାବ୍ୟଧାରା ଓ ଶୈଳୀର ଜନକ ଥିଲେ ଉପେନ୍ଦ୍ର ଭଞ୍ଜ ।

ଆଦ୍ୟାନୁପ୍ରାସ କାବ୍ୟ ରଚନାରେ ସେ ଥିଲେ ରସକଲ୍ଲୋଳକାର ଦୀନକୃଷ୍ଣଦାସଙ୍କ ପରେ ଦ୍ୱିତୀୟ କବି ଏବଂ ଅବନା ପ୍ରୟୋଗ କରି କାବ୍ୟ ରଚନାରେ ପ୍ରଥମ ପଥ ପ୍ରଦର୍ଶକ । ଚିତ୍ର କାବ୍ୟ ରଚନାରେ ମଧ୍ୟ ତାଙ୍କ ପରି ସ୍ରଷ୍ଟା ଓଡ଼ିଆ ସାହିତ୍ୟରେ ବିରଳ । ସଂସ୍କୃତ ଅଳଙ୍କାର ଶାସ୍ତ୍ର ବର୍ଣ୍ଣିତ ନିଖୁଣ ଶୈଳୀ ଯୋଜନାରେ ଉପେନ୍ଦ୍ରଭଞ୍ଜଙ୍କ ସମକକ୍ଷ କବି ଓଡ଼ିଆ କବି ମଣ୍ଡଳୀରେ କେହି ନାହାନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସାର୍ଥକ ଶବ୍ଦ ପ୍ରୟୋଗରେ ତାଙ୍କ ପରି ସ୍ରଷ୍ଟା ଭାରତୀୟ ସାହିତ୍ୟ ଜଗତରେ ମୁଷ୍ଟିମେୟ କବି ତାତ୍କାଳୀନ ଯୁଗରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ବିଭିନ୍ନ ଅଭିଧାନ ଗ୍ରନ୍ଥରୁ ଶବ୍ଦ ସଂଗ୍ରହରେ ତାଙ୍କର ମନ ବୋଧ ହେଲା ନାହିଁ । ତେଣୁ ସେ ଖଣ୍ଡିଏ 'ଗୀତାଭିଧାନ' ପ୍ରଣୟନ କରି ତାଙ୍କ ଉଦ୍ଦେଶ୍ୟ ପୂରଣ କରିଛନ୍ତି । ତାଙ୍କ ରଚିତ 'ରଞ୍ଜପଞ୍ଚକ' ଅଷ୍ଟାଦଶ ଶତାବ୍ଦୀର ଆଦର୍ଶ ପୁସ୍ତକ ।

ଗୋଟିଏ କିମ୍ବଦନ୍ତୀରୁ ଜଣାଯାଏ --- ସେ ଯୁଗଭଞ୍ଜ ବା ଯୁବଭଞ୍ଜର ଛଦ୍ମ ନାମରେ ଦଶ ପୋଇ ଓ ବାର ପୋଇ ଶୀର୍ଷକ ଦୁଇଖଣ୍ଡି କାବ୍ୟ ରଚନା କରିଛନ୍ତି । ଆଦ୍ୟ ଓ ଅନ୍ତ୍ୟାନୁପ୍ରାସରେ 'କ' ରଖି ସେ ଯେଉଁ 'କଳା କଉତୁକ' ରଚନା କରିଛନ୍ତି, ତାହା ମଧ୍ୟ ଯୁଗୀୟ ଓଡ଼ିଆ କାବ୍ୟ ଜଗତର ଖଣ୍ଡିଏ ଅମୂଲ୍ୟ ପୁସ୍ତକ । 'ଶ ଷ ସ' ଅନୁପ୍ରାସରେ ସୁଭଦ୍ରା ପରିଣୟ କମ୍ ମହତ୍ତ୍ୱ ପୂର୍ଣ୍ଣ କାବ୍ୟ ନୁହେଁ ।

ତାଙ୍କ ଲେଖନୀରୁ 'ଶ୍ରୀରାମଲୀଳାମୃତ', ବୈଦେହୀଶ ବିଳାସ, ଷୋଳପୋଇ ଓ ଅବନାରସତରଙ୍ଗ ପ୍ରମୁଖ ଗୁର ଖଣ୍ଡି . ଶ୍ରମକାବ୍ୟ ନିସୃତ ହୋଇଥିଲା ।

ଚଉଦ ଗୋଟି ଛାନ୍ଦ ବିଶିଷ୍ଟ 'ଶ୍ରୀରାମଲୀଳାମୃତ' ପୁସ୍ତକଟି କବିଙ୍କର ପ୍ରାରମ୍ଭିକ ରଚନା ବୋଲି ମନେ ହୁଏ । ଖୁବ୍ ସମ୍ଭବତଃ ଓଡ଼ଗାଁ ରଘୁନାଥ ଜୀଉଙ୍କ ପୀଠରେ

'ରାମତାରକ' ମନ୍ତ୍ରରେ ସିଦ୍ଧି ଲଭ କରିବା ପରେ 'ଶ୍ରୀରାମଲୀଳାମୃତ' ରଚନା କରି ସେ ନିଜ ପ୍ରତିଭାକୁ ଶାଣିତ କରିଥିଲେ ।

'ବୈଦେହୀଶ ବିଳାସ' ସମ୍ପୂର୍ଣ୍ଣ ରାମାୟଣ ଉପରେ ଲିଖିତ କବିଙ୍କର ଅଲୌକିକ ମହାକାବ୍ୟ ଏବଂ କବିତ୍ୱ ପ୍ରତିଭାର ସର୍ବଶ୍ରେଷ୍ଠ ସିଦ୍ଧି ବୋଲି କବି ନିଜେ ଲେଖିଛନ୍ତି ---

"ବୀରବର ପଦ ଉପଇନ୍ଦ୍ର ମୋର ନାମ ।
ବାରେ ବାରେ ସେବାରେ ମନାଇ ସୀତା ରାମ ॥

ବିଚିନ୍ତ କବିତ୍ୱ ବନ୍ଧେ ପ୍ରସରିଲା ବୁଦ୍ଧି ।
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ହେ" ॥

ଏହି କାବ୍ୟଟିକୁ ସୁଗେୟ କରିବା ଉଦ୍ଦେଶ୍ୟରେ କବି ସେଥିରେ ଆଶାବରୀ, କଲହଂସ କେଦାର, କଲ୍ୟାଣ, ଆହାରୀ, କାମୋଦୀ, କାଳୀ, କୁମ୍ଭକାମୋଦୀ, କେଦାର, କୌଶିକ, ଚକ୍ରା ଦେଶାକ୍ଷ, ଚକ୍ରା କେଦାର, ଚକ୍ରାଭୈରବ, ଚୋଖି, ଦେଶାକ୍ଷ, ମାଳବ ଓ ଶଙ୍କରାଭରଣ ପ୍ରଭୃତି ବହୁ ରାଗ ରାଗିଣୀ ସନ୍ନିବେଶିତ କରିଛନ୍ତି ।

କବିସମ୍ରାଟଙ୍କ ରଚନା ମଧ୍ୟରେ ଅନ୍ୟତମ ଦିବ୍ୟ କାବ୍ୟ ହେଉଛି --- ଷୋଳ-ପୋଇ । ପ୍ରୋକ୍ତ । ପୁସ୍ତକଟି ଓଡ଼ିଆ ପୋଇ ଶୈଳୀରେ ଲିଖିତ ଷୋଳ ଛାନ୍ଦ ବିଶିଷ୍ଟ ଏକ ଅନବଦ୍ୟ ରଚନା । ଏଥିରେ ଷୋଳ ଗୋଟି ଅଧ୍ୟାୟ, ପ୍ରତ୍ୟେକ ଅଧ୍ୟାୟରେ ଷୋଳ ପଦ ଏବଂ ପ୍ରତ୍ୟେକ ପଦରେ ଚବିଶ ଅକ୍ଷର ରହିଛି । କବି ଉପେନ୍ଦ୍ରଭଞ୍ଜ ଏହି ସୀମିତ ପରିସର ମଧ୍ୟରେ ସମୁଦାୟ ରାମାୟଣର ବିଷୟବସ୍ତୁକୁ ସଂକ୍ଷେପରେ ଶେଷ କରିଛନ୍ତି ।

"ଶୁଣ ସୁଜନେ ବିଚିତ୍ର କଉତୁକ ଶାସ୍ତ୍ର
ଗ୍ରନ୍ଥ ରାମାୟଣ ରାମାୟଣ ।
ରାଜ୍ୟର ଧରାକୋଟ ନାମ ।
ମଙ୍ଗଳପୁର ନାମେ ଗ୍ରାମ ॥

କଲେ ରାମ ଦିମାୟନ ନାମ ରାମାୟଣ
ଶିବ କହନ୍ତି ପାର୍ବତୀ ଶୁଣ ॥

ଶାସ୍ତ୍ର ଆଗେ ବାଲ୍ମୀକି ସିଦ୍ଧ ବାଲ୍ମୀକି
ପୁରାଣ ପୁରାଣ ପରସିଦ୍ଧି ।

ଏକଗୁଳଶ

ନାମ ଅଟେ ଷୋଳ ପୋଇ ପଦ ଷୋଳ ପୋଇ
ଷୋଳ ପୋଇରେ ସମସ୍ତ ବନ୍ଧ ।।

କବି କବି ବୀରବର ପଦ ବୀରବର
ବୀରବର ପଦେ ବୀରବର ।

ଭଞ୍ଜ ଭଞ୍ଜ ଉପଇନ୍ଦ୍ର ଭଞ୍ଜ ଉପଇନ୍ଦ୍ର
ଉପଇନ୍ଦ୍ର ଇନ୍ଦ୍ର ଇନ୍ଦ୍ର ସାର" ।।

କବ ସମ୍ରାଟଙ୍କ 'ଅବକାରସତରଙ୍ଗ' କବ ପ୍ରତଭାର ଏକ କଷଟି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ବର୍ଣ୍ଣମାଳାରେ ଥିବା ବନାନ "ଆ, ଇ, ଈ, ଉ, ଊ, ଋ, ୠ, ଏ, ଐ, ଓ, ଔ,"ର ସାଙ୍କେତକ ପ୍ରୟୋଗ ଏଥିରେ ନାହିଁ । ଏହି ବନାନ ବିହୀନ ପଦାବଳୀ ବିନ୍ୟାସ କରି ଉପଇନ୍ଦ୍ର ଭଞ୍ଜ ସମୁଦାୟ କାବ୍ୟଟିକୁ ଅତ୍ୟନ୍ତ ସରସ କରି ପାରିଛନ୍ତି । ଶ୍ରୀରାମଙ୍କ ବିରହକାଳୀନ ଅବସ୍ଥାରୁ କେତୋଟି ପଦ ଏଠାରେ ଉଦାହରଣ ସ୍ୱରୂପ ଉଦ୍ଧୃତ କରାଗଲା---

"ଅସମଶର ଉଚ୍ଛନ୍ନ କରଇତ କଥନ କମଲ ନୟନ ।
କର ଜଲଧର ସଦୟ ଉଦୟ ନ କର ବର ଗରଜନ ।
ଜଲଦ !
ଚଲକ କନକ---ନଗର ।
ନକର ସଖ ପରଖର ପବନ ଜଲ ବରଷଣ ନ କର ।।

ମମ ଧନର ଏସନ ପରସନ ଚପଲ କର ଦରଶନ ।
ତଲ ତଳପ କରଣ ହତ ସତ କଜ୍ଜଲ ସଜଲ ନୟନ ।
ଜଲଦ !
ସତ ଏ ମଣ ଅରଜନ ।
ଦହ କନକ ଚହକ କରନର ରଜତ ସମ ଅପଘନ ।।

ସତ ଷଡ଼ଦଶ ବରଷ ବୟସ ଏ ଜନ ଏ କଷଣ ସହ ।
ବଲ୍ଲଭ ତବ ଦରଶନ ଯତନ କରଇ ତ ଏସନ କହ ।

ଜଳଦ !

ନବ ଛଇଲ ରଉନର ।
ହରଷ ଜନମ କର ଅଲପକ ମରଣ ତନ ମନ ହର ॥

କଷଣ ଉପର କଷଣ ନକର ଚଲକ ବଡ଼ପଣ ରଖ ।
ଅନଲ ଗରଲ ଜନମ କରତ ଉରଗ ଅଶନର ସଖ ।

ଜଳଦ !

ଉପଇନ୍ଦ୍ର ଭଞ୍ଜ କହଇ ।
ମହଚ୍ଛନ୍ନ ଦଶରଥ ନରବର ତନଯ୍, ରତନ ସରଇ ॥"

ପରବର୍ତ୍ତୀ କବିମାନେ ଉପେନ୍ଦ୍ରଙ୍କ କାବ୍ୟର ଅନୁକରଣରେ ବହୁ କାବ୍ୟ ରଚନା କରି ଓଡ଼ିଆ ରାମଭକ୍ତି ଧାରାର ପ୍ରଣୀତ କାବ୍ୟଗୁଡ଼ିକୁ ରସାଣିତ କରିଛନ୍ତି । ସେହି କବିମାନଙ୍କ ରଚନାଗୁଡ଼ିକ ମଧ୍ୟରେ ଶିଶୁରାମନନ୍ଦଙ୍କ 'ରାମାଶ୍ୱମେଧ ଯାଗ', ଈଶ୍ୱରଦାସଙ୍କ ନଳରାମ ଚରିତ, ଗୋବର୍ଦ୍ଧନ ଦାସଙ୍କ ପଚିଶପୋଇ, ବାଲୁକେଶ୍ୱର ମର୍ଦ୍ଦରାଜଙ୍କ ରାମ ବିବାହ, କବି ଭୂଷଣ ଗୋପୀନାଥ ପାଢ଼ଙ୍କ ରାମଚନ୍ଦ୍ରବିହାର, ବିପ୍ର ଜନାର୍ଦ୍ଦନଙ୍କ ରାମଚନ୍ଦ୍ର ଚରିତାମୃତ, ବନମାଳୀ ଦାସଙ୍କ ସୁଚିତ୍ର ରାମାୟଣ, ବିପ୍ର ରାମଦାସଙ୍କ ରାମରସାମୃତ, ମାଗୁଣି ପଟ୍ଟନାୟକଙ୍କ ରାମଚନ୍ଦ୍ରବିହାର, ବିପ୍ର ଭଗୀରଥିଙ୍କର ଶ୍ରୀରାମବିଳାସ, ଚିନ୍ତାମଣି ଦାସଙ୍କ ସୀତା ବିବାହ, ବାଲୁକେଶ ଶ୍ରୀଚନ୍ଦନଙ୍କ ରାମମଙ୍ଗଳ, ଯଦୁମଣି ମହାପାତ୍ରଙ୍କ ରାଘବବିଳାସ, ରାଧାଚରଣ ନାୟକଙ୍କ ରସରାମାୟଣ ମଞ୍ଜରୀ, କେଶବ ପଟ୍ଟନାୟକଙ୍କ ନୃତ୍ୟ ରାମାୟଣ, ଗଙ୍ଗାପାଣି ମହାପାତ୍ରଙ୍କ ମହାନାଟକ, ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ରଘୁନାଥ ବିଳାସ ଓ ବ ଆଦ୍ୟାନୁପ୍ରାସରେ ବୀର ରାମଚନ୍ଦ୍ର ବିଳାସ, କବି ରାମଦାସଙ୍କ 'ର' ଆଦ୍ୟାନୁ ପ୍ରାସରେ ରାଘବବିଳାସ, ସୀତାଚରଣ ଦାସଙ୍କ 'ଜ ଯ' ଆଦ୍ୟାନୁ ପ୍ରାସରେ ଜାନକୀଶ ବିଳାସ, ରାମ କୃଷ୍ଣ ରଥଙ୍କ ନବକୁଶ ଜନ୍ମ, ଅର୍ଜୁନଦାସଙ୍କ ରାଘବ ଅବକାଶ, ଲିଙ୍ଗୁକେଶ୍ୱର ଦାସଙ୍କ ଆଦିକାବ୍ୟ, ସିଦ୍ଧେଶ୍ୱର ଦାସଙ୍କ ବିଚିତ୍ର ରାମାୟଣ, ପଦ୍ମନାଭ ମଙ୍ଗରାଜଙ୍କ ରାମକଲ୍ଲୋଳ, (କ ଆଦ୍ୟାନୁ ପ୍ରାସ), ପଦ୍ମନାଭ ନାରାୟଣ ଦେବଙ୍କ ଅହଲ୍ୟାଶାପ ମୋଚନ, ଭୁବନେଶ୍ୱର କବିଚନ୍ଦ୍ରଙ୍କ 'ସ ଶ ଷ' ଆଦ୍ୟାନୁପ୍ରାସରେ ସୀତେଶବିଳାସ, ରାମଚନ୍ଦ୍ରବିଳାସ, ରାମାୟଣ ଚୂଡ଼ାମଣି, ସତ୍ୟବାଦୀ ସାମନ୍ତରାୟଙ୍କ 'ସ ଶ ଷ' ଆଦ୍ୟାନୁପ୍ରାସରେ ସୀତା ବିଳାସ, ରଘୁମଣି ମହାପାତ୍ରଙ୍କ ରଘୁମଣି ରାମାୟଣ, ନାରାୟଣ ଦାସଙ୍କ 'ବ' ଆଦ୍ୟାନୁପ୍ରାସରେ ବୈଦେହୀ ବିଳାସ, ଗୋବିନ୍ଦ

ଦାସଙ୍କ 'ଅ' ଆଦ୍ୟାନୁପ୍ରାସରେ ଅର୍କବଂଶାବତଂସ କାବ୍ୟ, ଗୋପୀନାଥ ନନ୍ଦଙ୍କ ଉନ୍ନତ ରାଘବ, ରାମଚନ୍ଦ୍ର ବିହାର ଆଦି ରଚନା ଓଡ଼ିଆ ରାମ ସାହିତ୍ୟକୁ ପରିପୁଷ୍ଟ କରିଛି ।

ଶ୍ରୀକୃଷ୍ଣଙ୍କ ଲୀଳା ବିନୋଦ ଚରିତର ଅବଲମ୍ବନରେ ଓଡ଼ିଆ କବିମାନେ ବହୁ ସଂଖ୍ୟକ କାବ୍ୟ କବିତାଦି ରଚନା କରି ଓଡ଼ିଆ ସାହିତ୍ୟକୁ ରସାପ୍ଲୁତ କରିଛନ୍ତି । ଶ୍ରୀକୃଷ୍ଣଙ୍କ ରାସଲୀଳା ପରି ସେବାଦାସ ନାମକ ଜନୈକ କବି 'ରାମରହାସ' ଶୀର୍ଷକ ଖଣ୍ଡିଏ କାବ୍ୟ ରଚନା କରିଛନ୍ତି । ସେଥିରେ କବି ଶ୍ରୀରାମ ସୀତାଙ୍କୁ ସରଯୂକୂଳକୁ ନେଇ ଯାଇ 'ରାମରହାସ'ର ଅବତାରଣା କରିଛନ୍ତି ।

"ଏହାଙ୍କ ସଙ୍ଗେ ସଙ୍ଗାତ ହୋଇ ଏ ବନେ ।
ରମିବି ବୋଲିଣ ଇଚ୍ଛା କଲେ ସେ ମନେ ଯେ ॥

ସେବା ଦାସ ବୋଲେ ରାମ ଯୋଗମାୟା ବଳେ ।
ରହାସ ରଚନା କଲେ ସରଯୂର କୂଳେ ଯେ" ॥

ରାମ ଓ ରାମାୟଣକୁ ଉପଜୀବ୍ୟ କରି ବଳରାମ ଦାସଙ୍କ ଠାରୁ ଆରମ୍ଭ କରି ବହୁ କବି କୋଇଲି, ବୋଲି, ଚଉତିଶା ଓ ଚଉପଦୀ ରଚନାରେ ଓଡ଼ିଆ ରାମସାହିତ୍ୟର କଳେବର ପରିପୁଷ୍ଟ କରିଛନ୍ତି । ସେ ଗୁଡ଼ିକ ମଧ୍ୟରେ ବଳରାମ ଦାସଙ୍କ କାନ୍ତକୋଇଲି, ଶ୍ରୀରାମ କୋଇଲି, ଶିଶୁଶଙ୍କର ଦାସଙ୍କର ବାରମାସୀ କୋଇଲି, ଜଗତେଶ୍ୱର ଭଞ୍ଜଙ୍କ ମନ୍ଦୋଦରୀ କୋଇଲି, କାଶୀବସନ୍ତିଆଙ୍କ ବନବାସ କୋଇଲି, ସାଲବେଗ ପ୍ରଭୃତିଙ୍କ ଶ୍ରୀରାମ ଭଜନ ଆଦି ପ୍ରଧାନ ।

ଊନବିଂଶ ତଥା ବିଂଶ ଶତାବ୍ଦୀର ବହୁ କବି କୋବିଦ ଶ୍ରୀରାମ ଚରିତର ଅବଲମ୍ବନରେ ଅନେକ ଆଧୁନିକ କାବ୍ୟ, କବିତା ରଚନା କରିବାରେ ଆଦୌ କମ୍ ପ୍ରୟାସ କରି ନାହାନ୍ତି । ସେମାନଙ୍କ ମଧ୍ୟରେ ଗୋକୁଳାନନ୍ଦ ପଟ୍ଟନାୟକଙ୍କ 'ଜାନକୀ ବଲ୍ଲଭ ବିଳାସ', ରାଧାନାଥ ରାୟଙ୍କ ଦଶରଥ ବିୟୋଗ, ତୁଳସୀ ସ୍ତବକ, ଗଙ୍ଗାଧର ମେହେରଙ୍କ ତପସ୍ୱିନୀ, ନୀଳକଣ୍ଠ ରଥଙ୍କ ସୀତା ପ୍ରେମ ତରଙ୍ଗିଣୀ, ଶ୍ରୀରାମ ରସୋତ୍ସବ, ସୋମନାଥ ଷଡ଼ଙ୍ଗୀଙ୍କ ଶ୍ରୀରାମ ଗୀତ ଚମ୍ପୂ, ପଣ୍ଡିତ ମାଧବଚନ୍ଦ୍ର ମିଶ୍ରଙ୍କ ସତୀଚନ୍ଦ୍ରିକା ଆଦି କାବ୍ୟ, ଗଣ କବି ଶ୍ରୀ ରାଧା ମୋହନ ଗଡ଼ନାୟକଙ୍କ ବିଭୀଷଣ, ଉଠ ଆଗୋ ପାଷାଣି, ଉର୍ମିଳା, କଟାମ୍ବୁ, ଦିଲୀପ ନନ୍ଦିନୀ ଆଦି କବିତା ଓଡ଼ିଆ ପାଠକମାନଙ୍କର ଅତି ଆଦରଣୀୟ ହୋଇ ପାରିଛି ।

**ରାମଲୀଳା :--**

ରାମାୟଣକୁ ଶ୍ରବ୍ୟକାବ୍ୟ ମାଧ୍ୟମରେ ଜନସମାଜକୁ ଶୁଣାଇବା ପରେ ଓଡ଼ିଆ କବିମାନେ ଦୃଶ୍ୟକାବ୍ୟ ମାଧ୍ୟମରେ ପରିବେଷଣ କରାଇବା ଲାଗି ବିଶେଷ ଯତ୍ନ କରିଛନ୍ତି । ସଂସ୍କୃତରେ ରଚିତ ରାମାୟଣ ମୂଳକ ନାଟକ ଗୁଡ଼ିକ ଶ୍ଳୋକ ବହୁଳ । ବିଶେଷତଃ ରାମାୟଣର ଆଲମ୍ବନରେ ରଚିତ ମୁରାରିଙ୍କ 'ଅନର୍ଘ ରାଘବ ନାଟକ,ରେ କେବଳ ନାମକୁ ମାତ୍ର ଗଦ୍ୟ ସଂଳାପ ରହିଛି । ସାତ ଅଙ୍କ ବିଶିଷ୍ଟ ସେହି ରାମାୟଣରେ ଶ୍ଳୋକସଂଖ୍ୟା ହେଉଛି ସର୍ବାଧିକ । ସେହି ପରିପ୍ରେକ୍ଷୀରେ ବିଚାର କଲେ ମଧୁସୂଦନ ମିଶ୍ରଙ୍କ 'ହନୁମନ୍ନାଟକ'ରେ କେବଳ ଶ୍ଳୋକ ଗୁଡ଼ିକ ନାଟକୀୟ ଚରିତ୍ରର ସଂଳାପ ରୂପେ ବ୍ୟବହୃତ ହୋଇଛି । ଅନ୍ୟାନ୍ୟ ଶ୍ରୀରାମଚରିତ ପୂର୍ଣ୍ଣ ନାଟକ ଗୁଡ଼ିକରେ ଶ୍ଳୋକର ସଂଖ୍ୟା ଗଦ୍ୟ ସଂଳାପ ତୁଳନାରେ ବହୁ ଗୁଣରେ ଅଧିକ ଥିବାର ଦେଖାଯାଏ ।

ଓଡ଼ିଆ କବିମାନେ ରାମାୟଣୀୟ ବିଷୟବସ୍ତୁ ଉପରେ ଯେତେବେଳେ ଦୃଶ୍ୟକାବ୍ୟ ରଚନା କରିବାକୁ ମନସ୍ଥ କଲେ, ସେମାନେ ସଂସ୍କୃତରେ ରଚିତ ମହାନାଟକ ବା ହନୁମନ୍ନାଟକକୁ ଆଦର୍ଶ ରୂପେ ଗ୍ରହଣ କରିଥିଲେ । ତେଣୁ ସେମାନେ ପଦ୍ୟାତ୍ମକ 'ରାମଲୀଳା' ପ୍ରଣୟନରେ ମନ ବଳାଇ ଥିଲେ ।

ତାତ୍କାଳୀନ ସମାଜରେ ଗଦ୍ୟ ଅପେକ୍ଷା ପଦ୍ୟର ଆଦର ଅଧିକ ଥିଲା । ଲୋକମାନେ ଗଦ୍ୟ ସଂଳାପକୁ ମନେ ରଖିବା ଅପେକ୍ଷା ପଦ୍ୟ ସଂଳାପ ଗୁଡ଼ିକୁ ସହଜରେ ଆୟତ୍ତ କରି ପାରୁଥିଲେ ଏବଂ ପଦ୍ୟର ରାଗ ରାଗିଣୀ ସେମାନଙ୍କୁ ଅଧିକ ଆକୃଷ୍ଟ କରୁଥିଲା । ତେଣୁ ଓଡ଼ିଆ 'ରାମଲୀଳା' ଗୁଡ଼ିକରେ ଗଦ୍ୟର ସମାବେଶ ଆଦୌ ପରି-ଲକ୍ଷିତ ହୁଏ ନାହିଁ ।

ଓଡ଼ିଆ ରାମଲୀଳା ମଧ୍ୟରେ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅନନ୍ୟ ସେବକ ବିଶ୍ୱନାଥ ଖୁଣ୍ଟିଆଙ୍କ ରାମଲୀଳା ବା ବିଚିତ୍ର ରାମାୟଣ ରାମାୟଣ ଖଣ୍ଡିଏ ଲୋକପ୍ରିୟ ଦୃଶ୍ୟକାବ୍ୟ । ତାକୁ ଅନୁକରଣ କରି ପରବର୍ତ୍ତୀ କବିମାନେ ବିଭିନ୍ନ ଅଞ୍ଚଳରେ ରାମଲୀଳା ଲେଖି ଲୀଳାପ୍ରେମୀ ଜନସାଧାରଣଙ୍କ ହସ୍ତରେ ଅର୍ପଣ କରିଥିଲେ । 'ବିଶିରାମଲୀଳା'ର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଇବାରୁ କଟକ ଓ ପୁରୀ ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳର ପ୍ରସିଦ୍ଧ ସଂସ୍କୃତ କବି ରଘୁନାଥ ଦାସ ଖଣ୍ଡିଏ 'ରାମଲୀଳା' ରଚନା କରିଥିଲେ ।

ରଘୁନାଥ ଦାସ ପ୍ରାଚୀ ନଦୀ ତଟବର୍ତ୍ତୀ ସୁନ୍ଦରଗ୍ରାମ ଅନ୍ତର୍ଗତ ଗଡଗଡାରେ ଜନ୍ମ ଗ୍ରହଣ କରିଥିଲେ । ତାଂକ ପିତାଂକ ନାମ ବାସୁଦେବ ଦାଶ । ତାଂକ ପିତା ପୁରୀର 'ମୁକ୍ତିମଣ୍ଡପ'ରେ ଜନୈକ ପୁରାଣ ପଣ୍ଡା ଥିଲେ । ରଘୁନାଥ ଦାଶ ଗଡ଼ଗଡା ଗ୍ରାମରେ ଅବସ୍ଥିତ ଗଙ୍ଗେଶ୍ୱର ଦେବଂକ ଦୁର୍ଗର ଦୁର୍ଗାଧିପତି ଚନ୍ଦ୍ରଧରଂକ ପୃଷ୍ଠ ପୋଷକତାରେ କାବ୍ୟ, ବ୍ୟାକରଣ, ପୁରାଣ, ଦର୍ଶନ, ଧର୍ମଶାସ୍ତ୍ର, ଜ୍ୟୋତିଷ, ଛନ୍ଦ, ଅଲଂକାରାଦି ଶାସ୍ତ୍ରରେ ଦକ୍ଷତା ଅର୍ଜନ କରିବା ସଙ୍ଗେ ସଙ୍ଗେ ବଙ୍ଗଳା ତଥା ଓଡ଼ିଆ ଭାଷାରେ ନୈପୁଣ୍ୟ ହାସଲ କରିଥିଲେ । ତାଙ୍କ ରଚିତ 'ଭୁବନ ମଙ୍ଗଳ' ଶୀର୍ଷକ ଶ୍ରୀକୃଷ୍ଣଲୀଳାମୃତ ପୁସ୍ତକଟି ବଙ୍ଗଳା ମିଶା ଓଡ଼ିଆରେ ରଚିତ ଖଣ୍ଡିଏ ମନୋଜ୍ଞ କୃଷ୍ଣକାବ୍ୟ ।

କବି ରଘୁନାଥ ଦାସ ବୋଧହୁଏ ସେ ଅଞ୍ଚଳର ଲୋକମାନଙ୍କ ଅନୁରୋଧରେ ଖଣ୍ଡିଏ 'ରାମଲୀଳା' ପୁସ୍ତକ ରଚନା କରିଥିଲେ । ପୁସ୍ତକଟିକୁ ସେ 'ଯାତ୍ରା' ଉଦ୍ଦେଶ୍ୟରେ ରଚନା କରିଛନ୍ତି ବୋଲି ଲୀଳାର ପ୍ରାରମ୍ଭରେ ସୂଚାଇ ଅଛନ୍ତି । ତଦ୍‌ବ୍ୟତୀତ କବି ରଘୁନାଥ 'ରାମଲୀଳା' ଶୀର୍ଷକ ଦୃଶ୍ୟ କାବ୍ୟଟିକୁ ସାତକାଣ୍ଡ ବା ସାତୋଟି ଲୀଳାରେ ସୀମିତ ନରଖି, ଜନ୍ମଲୀଳା, ବିଭାଲୀଳା, ବନବାସଲୀଳା, ଜଟାୟୁ ଭେଟ ଲୀଳା, ସୈନ୍ୟ ଗଣନା ଲୀଳା, ସେତୁବନ୍ଧ ଲୀଳା ବା ରାମେଶ୍ୱରବନ୍ଧଲୀଳା, ଯୁଦ୍ଧାରମ୍ଭ ଲୀଳା, କୁମ୍ଭକର୍ଣ୍ଣ ବଧ ଲୀଳା, ଇନ୍ଦ୍ରଜିତ ବଧ ଲୀଳା, ଶକ୍ତିଭେଦ ଲୀଳା, ରାବଣବଧ ଲୀଳା ଓ ରାଜ୍ୟାଭିଷେକ ଲୀଳା ପ୍ରଭୃତିରେ ବିଭକ୍ତ କରିଛନ୍ତି । ଖୁବ୍ ସମ୍ଭବତଃ ପ୍ରତ୍ୟେକ ରାତିରେ ଗୋଟିଏ ଗୋଟିଏ ଲୀଳାର ଅଭିନୟ ଲାଗି ସେ ସାତକାଣ୍ଡକୁ ଏପରି ଭାବରେ ବିଭାଗୀକରଣ କରିଛନ୍ତି ।*

ଓଡ଼ିଆ ରାମଲୀଳା ମଧ୍ୟରେ ତୃତୀୟ ରଚନାରୂପେ ଚିକିଟି ରାଜା ପୀତାମ୍ବର ରାଜେନ୍ଦ୍ରଙ୍କ ରାମଲୀଳାକୁ ଗ୍ରହଣ କରାଯାଏ । ପୀତାମ୍ବରଙ୍କ ରାମଲୀଳା ବର୍ତ୍ତମାନ ମିଳୁନାହିଁ । କେବଳ ତାଙ୍କ ରାମଲୀଳାର ନାମ ଜନଶ୍ରୁତିରୁ ଶୁଣିବାକୁ ମିଳେ ।

ଓଡ଼ିଶାର ଚତୁର୍ଥ ରାମଲୀଳା ରୂପେ ଆଲୋଚକମାନଙ୍କର ହସ୍ତଗତ ହୁଏ—ଚିକିଟି ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ 'ରାମଲୀଳା' । ଏହି ରାମଲୀଳା ଖଣ୍ଡିକ ବର୍ତ୍ତମାନ 'ଚିକିଟି ରାମଲୀଳା' ବା 'ଦକ୍ଷିଣୀରାମଲୀଳା' ନାମରେ ନାମିତ ହୋଇ ଓଡ଼ିଶାର ଦକ୍ଷିଣାଞ୍ଚଳରେ ଅଭିନୀତ ହେଉଛି । ଏହା ପ୍ରକୃତରେ ଚତୁର୍ଥ ରାମଲୀଳା ହୋଇଥିଲେହେଁ ତୃତୀୟ ରାମଲୀଳାରୂପେ ପ୍ରସ୍ତୁତ ସଙ୍କଳନରେ ସ୍ଥାନ ପାଇଛି ।

---

*ରଘୁନାଥ ଦାସଙ୍କ ସମ୍ବନ୍ଧରେ ରାମଲୀଳା ୨ୟ ଖଣ୍ଡର ଦ୍ରଷ୍ଟବ୍ୟ ଭୂମିକା ।

କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ପିତାଙ୍କ ନାମଥିଲା—କୁଳମଣି ରାଜେନ୍ଦ୍ର । ସେ ଖୋର୍ଦ୍ଧା ରାଜା ବୀରକେଶରୀ ଦେବଙ୍କ ୫୬ ଓ ୫୭ ଅଙ୍କରେ ଦୁଇଟି ଦାନ ଦେଇଥିବାର ପ୍ରମାଣ ଦୁଇଟି ତାମ୍ର--ଅଭିଲେଖରୁ ଜଣାଯାଏ । ତେଣୁ ରାଜକବି କୃଷ୍ଣଚନ୍ଦ୍ର ଅନ୍ତତଃ ଖ୍ରୀ: ଅ: ୧୭୮୦ ପର୍ଯ୍ୟନ୍ତ ଜୀବିତ ଥିବାର ଅନୁମାନ କରାଯିବା ଅସମୀଚୀନ ନୁହେଁ ।

ସେ 'ରାଧାବିଳାସ' ଶୀର୍ଷକ ସଂସ୍କୃତ କାବ୍ୟର ପ୍ରଣେତା କବିରାଜ ହରେକୃଷ୍ଣ ପୁରୋହିତ, ଜଗନ୍ନାଥ ଆଚାର୍ଯ୍ୟ ତଥା କାଞ୍ଚିର ବରଦରାଜସ୍ୱାମୀ ପ୍ରଭୃତିଙ୍କ ସାହାଯ୍ୟରେ 'ଆର୍ଷରାମାୟଣ'ର ଓଡ଼ିଆ ଅନୁବାଦ କରିଥିଲେ । ତାଙ୍କ ରଚିତ 'ରାମଲୀଳା' ପୁସ୍ତକଟି ବହୁ ରାଗରାଗିଣୀରେ ସମନ୍ୱିତ ଗୋଟିଏ ଉନ୍ନତ ପଦ୍ୟାତ୍ମକ ଦୃଶ୍ୟକାବ୍ୟ* ।

ବୈଶ୍ୟ ସଦାଶିବ ଗୋଟିଏ 'ରାମଲୀଳା' ଲେଖି ଖୋର୍ଦ୍ଧା ଅଞ୍ଚଳରେ ଖୁବ୍ ଲୋକପ୍ରିୟ ହୋଇଥିଲେ । କବି ସଦାଶିବ ପଞ୍ଚସଖାଙ୍କ ମଧ୍ୟରେ ଶ୍ରେଷ୍ଠତମ ଭକ୍ତ ତଥା ଦାଣ୍ଡି ରାମାୟଣର ରଚୟିତା ବଳରାମ ଦାସଙ୍କ ପରି ଜାତୀୟଭାବରେ ଉଦ୍‌ବୁଦ୍ଧ ହୋଇ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କୁ ଓଡ଼ିଶାର ତୀର୍ଥ, କ୍ଷେତ୍ର, ନଦ, ନଦୀ ପରିଭ୍ରମଣ କରାଇଛନ୍ତି ।

କବି ବୈଶ୍ୟ ସଦାଶିବଙ୍କ ରାମଲୀଳା ମଧ୍ୟରେ ମାତ୍ର ଗୋଟିଏ ସ୍ଥାନରେ ଗଦ୍ୟ ବ୍ୟବହୃତ ହୋଇଛି । ସେ କେତେକ ସ୍ଥଳରେ ପ୍ରାଚୀନ ଶବ୍ଦ ବ୍ୟବହାର କରିବା ସଙ୍ଗେ ସଙ୍ଗେ 'ହୁସିଆର୍' ପ୍ରଭୃତି ଯାବନିକ ଶବ୍ଦ ବ୍ୟବହାର କରିଛନ୍ତି । ସେ ରାବଣକୁ 'ଲଙ୍କାମାଝି' ବୋଲି ରାମଲୀଳାରେ ବର୍ଣ୍ଣନା କରିଛନ୍ତି ।

କବି ବୈଶ୍ୟସଦାଶିବ ବହୁ ରାଗରାଗିଣୀରେ ରାମଲୀଳା ପୁସ୍ତକଟିକୁ ଦର୍ଶକ ତଥା ପାଠକମାନଙ୍କ ନିକଟରେ ମନୋଜ୍ଞ କରି ପାରିଛନ୍ତି । ସ୍ୱର୍ଗୀୟ କେଦାରନାଥ ମହାପାତ୍ରଙ୍କ ଭାଷାରେ କହିବାକୁ ଗଲେ—"ବୈଶ୍ୟ ସଦାଶିବ କୃତ 'ଶ୍ରୀରାମଲୀଳା' ଗଞ୍ଜାମଠାରୁ ଆରମ୍ଭକରି ସମ୍ବଲପୁର ପର୍ଯ୍ୟନ୍ତ ବିସ୍ତୃତ ଉତ୍କଳର ପଶ୍ଚିମ ଅଞ୍ଚଳରେ ବିଶେଷ ଭାବରେ ପ୍ରଚଳିତ ।

---

* ରାଜକବି କୃଷ୍ଣଚନ୍ଦ୍ର ଓ ତାଙ୍କ ରାମଲୀଳା ସମ୍ବନ୍ଧରେ ରାମଲୀଳା ତୃତୀୟ ଖଣ୍ଡର ଭୂମିକା ଦ୍ରଷ୍ଟବ୍ୟ ।

ହୁମନବମୀ ଯାତ୍ରା ସମୟରେ ଉକ୍ତ ରାମଲୀଳା ଦେଖିବା ପାଇଁ ବହୁ ରାତି ପର୍ଯ୍ୟନ୍ତ ସହସ୍ର ସହସ୍ର ନରନାରୀଙ୍କ ସମାଗମ ହୁଏ । ଓଡ଼ିଆ ଭାଷାରେ ରଚିତ 'ରାମଲୀଳା' ଗୁଡ଼ିକ ମଧ୍ୟରେ ଏହାର ଲୋକପ୍ରିୟତା ସର୍ବାଧିକ'' । ✻

ଅଦ୍ୟାପି ଉପଲବ୍ଧ, 'ରାମଲୀଳା' ଗୁଡ଼ିକ ମଧ୍ୟରେ 'ରଣପୁର ରାମଲୀଳା' ପଞ୍ଚମସ୍ଥାନ ଅଧିକାର କରେ । ଶୁଣାଯାଏ—ବିକ୍ରମ ନରେନ୍ଦ୍ରଙ୍କ ରାମଲୀଳା ପୁସ୍ତକ ନ ମିଳିବାରୁ ଅନଙ୍ଗ ନରେନ୍ଦ୍ର ଖଣ୍ଡିଏ ରାମଲୀଳା ରଚନା କରିଥିଲେ । ରଣପୁର ମଣ୍ଡଳ ଅନ୍ତର୍ଗତ ବାଙ୍କୋଇ ଗଡର କବି ଅନଙ୍ଗ ନରେନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାମହଙ୍କ ନାମ ଶ୍ୟାମ ମାନସିଂହ ଓ ପିତାଙ୍କ ନାମ ଥିଲା—ରଘୁବର ବୈରଗଞ୍ଜନ ସିଂହ । କବିଙ୍କ ଲିଖିତ ରାମଲୀଳା ଅଦ୍ୟାପି ରଣପୁର ଅଞ୍ଚଳରେ ଲୋକପ୍ରିୟ ରାମଲୀଳା ; ଅନଙ୍ଗନରେନ୍ଦ୍ରଙ୍କ ରାମଲୀଳାର ଅଧିକାଂଶ ଗୀତ ଚତୁର୍ଦ୍ଦଶପଦୀ ଏବଂ ଅନ୍ୟାନ୍ୟ ଗୀତ ଗୁଡ଼ିକୁ କବି କେଉଁ କେଉଁ ରାଗରାଗିଣୀରେ ସମନ୍ୱିତ କରିଛନ୍ତି, ତାହା ପ୍ରକାଶିତ ପୁସ୍ତକ କିମ୍ବା ତାଳପତ୍ର ପୋଥିରୁ ମିଳେ ନାହିଁ । ତାଙ୍କ ରାମଲୀଳାର ଗୀତ ଗୁଡ଼ିକ ସରଳ ତଥା ସୁବୋଧ ।

ଏହି ରାମଲୀଳା ଗୁଡ଼ିକ ବ୍ୟତୀତ ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ରାଜା ରଘୁନାଥ ସିଂହ ଖଣ୍ଡିଏ ରାମଲୀଳା ପ୍ରଣୟନ କରିଥିଲେ । ପୁସ୍ତକଟି ଅଦ୍ୟାପି ସମ୍ପାଦିତ ହୋଇ ପ୍ରକାଶ ପାଇନାହିଁ । ରାଜ୍ୟ ସଂଗ୍ରହାଳୟର ପୋଥି ଭଣ୍ଡାରରେ ସଂରକ୍ଷିତ ରଘୁନାଥ ସିଂହଙ୍କ ରାମଲୀଳାର 'ଆରଣ୍ୟକ' କାଣ୍ଡରୁ ଜଣାଯାଏ ଯେ, କବି ଯାହା ଉଦ୍ଦେଶ୍ୟରେ ପ୍ରସ୍ତୁତ ରାମଲୀଳାଟି ରଚନା କରିଥିଲେ—

ଯେଉଁ ରାମଲୀଳା ତ୍ରେତାଯୁଗର ଚରିତ ।
ତାହା ଦେଖିବାକୁ ସାଧୁଜନେ ହୁଅ ନେତ ॥

× × ×

---

✻ଖୁର୍ଦ୍ଧା ଇତିହାସ, ସ୍ୱର୍ଗତ କେଦାର ନାଥ ମହାପାତ୍ର, ୧ମ ସଂସ୍କରଣ —ପୃ— ୧୫୨—୧୫୪, ଏ, ସମ୍ବନ୍ଧରେ ବିସ୍ତୃତ ଆଲୋଚନା 'ରାମଲୀଳା' ୪ର୍ଥ ଖଣ୍ଡରେ ଦ୍ରଷ୍ଟବ୍ୟ ।

ଅଠରଶ୍ଳକଣ

ସେତେକ ଆରଣ୍ୟକକାଣ୍ଡ ଲୀଳା ଭୋଗ ।
ରଜନ୍ମରେ ବଛେଦ ହୋଇଲେ ଚନ୍ଦ୍ରଯୁଗ ॥
ରାମସୀତା ଲକ୍ଷ୍ମଣ ଚରଣ ଦେଇ ମଥେ ।
କହେ ରଘୁନାଥ ସିଂହ ବଡ଼ଗଡ ପଥେ ॥

ବ୍ରଜବନ୍ଧୁ ସାମନ୍ତ ସିଂହାରଙ୍କ ରଚତ 'ରାମଲୀଳାମୃତ' ଶୀର୍ଷକ ଖଣ୍ଡିଏ ଅସମ୍ପୂର୍ଣ୍ଣ ରାମାୟଣୀୟ କାବ୍ୟ ରାଜ୍ୟ ସଂଗ୍ରହାଳୟର ତାଳପତ୍ର ପୋଥି ଭଣ୍ଡାରରେ ସଂରକ୍ଷିତ ହୋଇଛି । ବ୍ରଜବନ୍ଧୁ ସାମନ୍ତସିଂହାର ଥିଲେ- ଅନୁଗୋଳର ରାଜବଂଶୀୟ । ତାଙ୍କ ପ୍ରପିତାମହଙ୍କ ନାମ ଶିବ ଦାସ ଜଗଦେବ ଓ ପିତାଙ୍କ ନାମ ଥିଲା—ଜଗବନ୍ଧୁ ସାମନ୍ତ ସିଂହାର । 'ରାମଲୀଳା ମୃତ' ପୁସ୍ତକର ଲଙ୍କାକାଣ୍ଡରୁ କବିଙ୍କ ସମ୍ବନ୍ଧରେ କେତେକ ସୂଚନା ମିଳେ—

"ଅନୁଗୋଳ ରାଜ୍ୟନାମ ତହିଁ ନୃପ ନରୋତ୍ତମ
ଶିବଦାସ ଜଗଦେବ ନାମ ବିଖ୍ୟାତ ।
ତାଙ୍କ ତନୟ ଗୋକୁଳ ବହାଲି ନାମ ସକଳ-
ଗୁଣରେ ନପୁଣ ତାଙ୍କ କନିଷ୍ଠ ସୁତ ।
ଜଗବନ୍ଧୁ ନାମ ତାଙ୍କର ।
ବ୍ରଜବନ୍ଧୁ ନାମ ମୁଁ ତାଙ୍କର କୁମର ।
ପଦ ସାମନ୍ତ ସିଂହାର",,

ଉପରୋକ୍ତ ଉକ୍ତିରୁ ଜଣାଯାଏ—କବିଙ୍କ ପିତା ଜଗବନ୍ଧୁ ରାଜା ଗୋପାଳ ବହାଲିଂକ କନିଷ୍ଠ ପୁତ୍ର ହୋଇଥିବାରୁ 'ସାମନ୍ତ ସିଂହାର' ପଦବୀରେ ଭୂଷିତ ହୋଇଥିଲେ ।

ଐତିହାସିକ ସ୍ୱର୍ଗତଃ କେଦାରନାଥ ମହାପାତ୍ରଙ୍କ ଆଲୋଚନାରୁ ଜଣାଯାଏ- ବ୍ରଜବନ୍ଧୁ ସାମନ୍ତସିଂହାର ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ 'ରାମଲୀଳାମୃତ' ରଚନା କରିଥିଲେ ।*

*ଖୋର୍ଦ୍ଧା ଇତିହାସ ଲେ-ସ୍ୱର୍ଗତ କେଦାରନାଥ ମହାପାତ୍ର
ପୃ- ୨୪୨-୨୪୩ (ପ୍ରଥମ ସଂସ୍କରଣ) ।

ଅଣଗୃଣ

ପ୍ରସ୍ତୁତ ପୁସ୍ତକର ଏକ ପୂର୍ଣ୍ଣାଙ୍ଗ ନକଲ ଓଡ଼ିଶାର ପ୍ରସିଦ୍ଧ କବି ଶ୍ରୀ ରାଧା ମୋହନ ଗଡ଼ନାୟକଙ୍କ ନିକଟରେ ରହିଛି । କବି ମହୋଦୟ ପୁସ୍ତକଟିର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଗଞ୍ଜାମ ଜିଲ୍ଲାର 'ହୁମା' ଜମିଦାରୀର ଅଧିକାରୀ ହରିବନ୍ଧୁ ସାନ ସାମନ୍ତଙ୍କ ଭାଇ ବଂଶୀଧର ସାମନ୍ତ ଖଣ୍ଡିଏ 'ରାମଲୀଳା' ପୁସ୍ତକ ଲେଖିଛନ୍ତି । ପୁସ୍ତକଟିର ଅସମ୍ପୂର୍ଣ୍ଣ ନକଲ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ଭଣ୍ଡାରରେ ସଂରକ୍ଷିତ ହୋଇଛି । ପୁସ୍ତକଟି ପ୍ରାଚୀନ ରାଗ ରାଗିଣୀରେ ସମନ୍ୱିତ । ପୁସ୍ତକରେ କବିଙ୍କ ସମୟ ସୂଚକ କୌଣସି ପଦ ଥିବାର ଦେଖାଯାଏ ନାହିଁ । କେବଳ ବାସସ୍ଥାନ ଓ ଭ୍ରାତାଙ୍କ ନାମ ମିଳୁଛି—

"ଚନ୍ଦ୍ର ରାମ ସୀତା ପଦେ ଭଣେ ବଂଶୀଧର ।

× × ×

ହୁମା ରାଜ୍ୟ ଅଧିକାରୀ । ସାନ ସାମନ୍ତଙ୍କ ଭ୍ରାତ କରି ।

× × ×

ହରିବନ୍ଧୁ ସାନ ସାମନ୍ତଙ୍କ ଭ୍ରାତ ସୀତା ରାମ ଚନ୍ଦ୍ର ବୋଲନ୍ତି ।

କିନ୍ତୁ ରାଜ୍ୟ ସଂଗ୍ରହାଳୟରେ ଥିବା ପୋଥିଟିର ନକଲ ସମୟ ମୁକୁନ୍ଦଦେବ (୨ୟ)ଙ୍କ ଏଗାର ଅଙ୍କ ହୋଇଥିବାରୁ କବି ବଂଶୀଧର ଅଷ୍ଟାଦଶ ଶତାବ୍ଦୀର ଶେଷ ପାଦରେ ରାମଲୀଳା ଲେଖିଥିବେ ବୋଲି ଆଲୋଚକ ସ୍ୱର୍ଗତ କେଦାର ନାଥ ମହାପାତ୍ର ମତ ଦେଇଛନ୍ତି ।*

ପ୍ରସ୍ତୁତ ଆଲୋଚନାରେ ପ୍ରଦତ୍ତ 'ରାମଲୀଳା' ପ୍ରଣେତାମାନଙ୍କ ବ୍ୟତୀତ ବିଶ୍ୱମ୍ଭର ବିପ୍ର, ଖଣ୍ଡପଡ଼ା ରାଜା ନଟବର ମର୍ଦ୍ଦରାଜଙ୍କ ରଚିତ ରାମଲୀଳା ପ୍ରଭୃତି ପୁସ୍ତକ ଦେଖିବାକୁ ମିଳୁଛି । କିନ୍ତୁ ଲୀଳା ପୁସ୍ତକର ସାଧାରଣ ଧର୍ମ ଅର୍ଥାତ୍ ଯଥାସମ୍ଭବ ଶ୍ଳୋକ ପଦ୍ୟ ତଥା ସଂଳାପାତ୍ମକ ହୋଇ ନଥିବାରୁ; ସେଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରାଯାଇ ନାହିଁ ।

**ପ୍ରଥମ ରାମଲୀଳାର ପ୍ରଣେତା ବିଶ୍ୱନାଥ :—**

କବି ବିଶ୍ୱନାଥ ଖୁଣ୍ଟିଆ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଖୁଣ୍ଟିଆ ସେବକମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ । ସେ ହେଉଛନ୍ତି ଓଡ଼ିଆ 'ରାମଲୀଳା'ର ଜନକ । ଶ୍ରୀଜଗନ୍ନାଥ

---

* ଖୁର୍ଦ୍ଧା ଇତିହାସ ପ୍ରଥମ ସଂସ୍କରଣ—ପୃଷ୍ଠା-୨୪୭ ।

ମହାପ୍ରଭୁଙ୍କ ବଡଦାଣ୍ଡରେ ରାମଲୀଳା ପ୍ରେମୀଙ୍କ ପାଇଁ, ସେ ଶ୍ରୀକୃଷ୍ଣଙ୍କ ରାସଲୀଳା, ଆସାମର ଅଙ୍କିଆନାଟ, ଉତ୍ତର ପ୍ରଦେଶର ରାମଲୀଳା ପରି ଓଡ଼ିଆ ରାମଲୀଳା ରଚନା କରିବାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ପ୍ରେରଣା ପାଇ କାର୍ଯ୍ୟ ଆରମ୍ଭ କରିଥିଲେ ।

କବି ସ୍ୱକୀୟ ରାମଲୀଳାଟିକୁ ଖୁର୍ଦ୍ଧାର ଭୋଇ ବଂଶୀୟ ରାଜା ଗଜପତି ଦିବ୍ୟସିଂହ-ଦେବ (୧ମ)ଙ୍କ ପଚିଶ ଅଙ୍କରେ ଶେଷ କରିଥିଲେ ।

ଦିବ୍ୟସିଂହ ଦେବ ନୃପ ଗଜପତି ରାଜନେ ।
ନୀଳାଦ୍ରି ପତି ଦର୍ଶନେ ଦୁଃଖ ପାପ ଶାସନେ ।।
ସେ ନୃପ ପଞ୍ଚିଶ ଅଙ୍କେ ଜଗନ୍ନାଥ ପ୍ରସନ୍ନେ ।
ସୀତାକାନ୍ତ ରାମାୟଣ ବିଶ୍ୱନାଥ ରଚନେ ।।

ଗଜପତି ଦିବ୍ୟସିଂହ ଦେବ (୧ମ) ଓଡ଼ିଶାର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଖ୍ରୀ. ଅ. ୧୬୮୯-୧୭୧୬ ପର୍ଯ୍ୟନ୍ତ ଚଉତିରିଶ ଅଙ୍କ ଭୋଗକରି ଓଡ଼ିଶା, ବିଶେଷତଃ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୌରବ ରକ୍ଷା ଲାଗି କଠୋର ସଂଗ୍ରାମର ସମ୍ମୁଖୀନ ହୋଇଥିଲେ ।

ଦିବ୍ୟସିଂହ ଦେବଙ୍କର ଦୁର୍ଭାଗ୍ୟ ଯେ, ସେ ଭାରତ ସମ୍ରାଟ୍ ପ୍ରସିଦ୍ଧ ହିନ୍ଦୁ ବିଦ୍ୱେଷୀ ଆଓରଙ୍ଗଜେବ୍‌ଙ୍କ ସମକାଳୀନ ଥିଲେ । ଆଓରଙ୍ଗଜେବ୍ ପୂର୍ବ ଭାରତର ପ୍ରସିଦ୍ଧ ହିନ୍ଦୁପୀଠ ଶ୍ରୀକ୍ଷେତ୍ରରେ ଅବସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ତାଙ୍କ ଶ୍ରୀମନ୍ଦିରର ବିଧ୍ୱଂସ ଲାଗି ସମସ୍ତ ପ୍ରକାର ଯତ୍ନ କରିଥିଲେ । ଦିବ୍ୟସିଂହଙ୍କ ପିତା ମୁକୁନ୍ଦଦେବ (ଖ୍ରୀ. ଅ. ୧୬୫୭-୧୬୮୯)ଙ୍କ ଅମଳରେ ଆଓରଙ୍ଗଜେବ୍ ଖାନ୍-ଇ-ଦୁରାନ୍ ନାମକ ଜଣେ ଦୁର୍ଦ୍ଧର୍ଷ ସୁବେଦାରଙ୍କ ଦ୍ୱାରା ଯାଜପୁରର ବିରଜା ମନ୍ଦିର ଓ ଝଙ୍କଡ଼ର ସାରଳା ମନ୍ଦିର ଧ୍ୱଂସ କରାଇ ପାରିଥିଲେ ମଧ୍ୟ ଦୈବଯୋଗକୁ ଶ୍ରୀମନ୍ଦିରର କୌଣସି କ୍ଷତି କରି ପାରି ନଥିଲେ ।

କିନ୍ତୁ ବାଦଶାହାଙ୍କଦ୍ୱାରା ନିଯୁକ୍ତ ଅନ୍ୟ ଜଣେ କଟ୍ଟର ସୁବେଦାର ଏକରାମ୍ ଖାଁ ଶ୍ରୀମନ୍ଦିର ଧ୍ୱଂସ କରି ମୁସଲିମ୍ ଜଗତରେ ଅକ୍ଷୟ ଯଶ ଅର୍ଜନ କରିବାକୁ ବହୁ ସୈନ୍ୟ ସେନା ସହ ଶ୍ରୀମନ୍ଦିର ଉପରେ ଭୟଙ୍କର ଆକ୍ରମଣ କରିଥିଲେ । ତାଙ୍କ ଆକ୍ରମଣରେ ଶ୍ରୀକ୍ଷେତ୍ର ଛାରଖାର ହୋଇ ଯାଇଥିଲା । ଲୁଣ୍ଠନ, ପାଶବିକ ଅତ୍ୟାଚାର, ତଥା ଶ୍ରୀମନ୍ଦିର ମଧ୍ୟରେ ଯବନସେନାର ଅନୁପ୍ରବେଶ ଫଳରେ ଓଡ଼ିଶାବାସୀଙ୍କ ମନୋବଳ ଭାଙ୍ଗି-ଯାଇଥିଲା । ବିଶେଷତଃ ସେହି ଆତଙ୍କ ରାଜ ସମୟରେ ଶ୍ରୀକ୍ଷେତ୍ରରେ କୌଣସି ଯାତ୍ରା ହୋଇ ପାରି ନଥିଲା । ପୂଜକମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବିଭିନ୍ନ ସ୍ଥାନରେ ଲୁଚାଇବାରେ ଅସମର୍ଥ ହୋଇ, ପରିଶେଷରେ ବିଶାଳ ଚିଲିକାର ଜଳରାଶି ପାର କରାଇ ମହାପ୍ରଭୁଙ୍କୁ ବାଣପୁରରେ ଅବସ୍ଥାନ କରାଇଥିଲେ । ଏ' ସମ୍ବନ୍ଧରେ ଲୋକନାଥ ବିଦ୍ୟାଧରଙ୍କ 'ସର୍ବାଙ୍ଗ ସୁନ୍ଦରୀ' କାବ୍ୟରେ କେତେକ ସୂଚନା ଦିଆଯାଇଛି ।

"ଯେଉଁ ଜଗନ୍ନାଥ ପଦ ଧ୍ୟାନେ,
ଦେଖି ନାହାନ୍ତି ଯୋଗୀନ୍ଦ୍ର ଜନେ ।
ଯେଉଁ ବାଣପୁର ନୃପ ପରସାଦେ,
ଦେଖିଲେ ସକଳ ଜନେ ହୋ ସୁଜନେ" ॥

କେବଳ ମୋଗଲ ଆକ୍ରମଣ ଜନିତ ଦୁର୍ବିପାକରେ ଓଡ଼ିଶାବାସୀ ସମ୍ମୁଖୀନ ହୋଇ ନଥିଲେ; ସେହି ସମୟରେ ଅର୍ଥାତ୍ ୧୬୧୪ ଅକ୍ଟୋବର ମାସ ୭ ତାରିଖରେ ଭୀଷଣ ବାତ୍ୟା ଫଳରେ ଓଡ଼ିଶାବାସୀଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ତା' ଫଳରେ ଭୀଷଣ ଦୁର୍ଭିକ୍ଷ ପଡ଼ିଥିଲା ଏବଂ 'ମାଦଳାପାଞ୍ଜି' ଅନୁସାରେ 'ମଣିଷ ମାଂସ ମଣିଷ' ଖାଇଥିଲେ ।

ଅତ୍ୟାଚାରୀ ଏକ୍‌ରାମ ଖାଁଙ୍କ ପରେ ଗଜ୍‌ନଫର୍ ଖାଁ ଓ ଅସ୍‌ଗର୍ ଖାଁ କଚ୍ଛାଦାନ ଧରି ଓଡ଼ିଶାବାସୀଙ୍କ କଣ୍ଠ ଘାଆରେ ଚୂନ ବୋଲି ଅତ୍ୟାଚାରର ଲୁଣ୍ଠନ ବଜାଇଥିଲେ । କିନ୍ତୁ ପ୍ରୋକ ତଳ୍ପଜଣ ଅତ୍ୟାଚାରୀ ସୁବେଦାର୍‌ଙ୍କ ପରେ ମୁର୍ଶିଦ୍‌କୁଲଫର୍ ଖାଁ ଓଡ଼ିଶାର ଶାସକ ନିଯୁକ୍ତ ହୋଇ ଆସିଥିଲେ । ସେ ପୂର୍ବବର୍ତ୍ତୀ ସୁବେଦାର୍‌ମାନଙ୍କ ପରି କଟ୍ଟର୍ ହିନ୍ଦୁ ବିଦ୍ୱେଷୀ ନଥିଲେ ଏବଂ ତାଙ୍କ ପରବର୍ତ୍ତୀ ସୁବେଦାର୍ ଖାନ୍-ଇ-ଆଲମ୍ ଓ ମୁର୍ଶିଦ୍ କୁଲି ଖାଁ ମଧ୍ୟ ଉଦାସୀନ ଶାସକ ଥିବାରୁ; ଓଡ଼ିଶାରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇ-ପାରିଥିଲା । ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରି ଆସିଥିଲେ ଏବଂ ତାଙ୍କ ଦ୍ୱାଦଶଯାତ୍ରା ପୁଣି ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲା । ଏହି ଶାନ୍ତି ପ୍ରତିଷ୍ଠା ସମୟରେ ଅର୍ଥାତ୍ ଖ୍ରୀ. ଅ. ୧୭୦୮-୧୭୦୯ ମଧ୍ୟରେ ବିଶ୍ୱନାଥ ଖୁଣ୍ଟିଆ ଦୀର୍ଘଦିନରୁ ଧରି ଅତ୍ୟାଚାରିତ ଜନତାର ମୁଖ ମଣ୍ଡଳରେ ହସ ଫୁଟାଇବା ଉଦ୍ଦେଶ୍ୟରେ ରାମଲୀଳା ପ୍ରଣୟନ କରି, ତାର ଅଭିନୟ ପୁରୀର ବଡ଼ଦାଣ୍ଡରେ କରାଇଥିବା ଅସମ୍ଭବ ନୁହେ ।

ଗଜପତି ଦିବ୍ୟସିଂହ ଦେବ (୧ମ)ଙ୍କ ଅମଳରେ ବହୁ କବି କୋବିଦ ଓଡ଼ିଆ ଓ ସଂସ୍କୃତରେ ଗ୍ରନ୍ଥ ରଚନା କରିଥିଲେ । ସେମାନଙ୍କ ମଧ୍ୟରେ ବୃନ୍ଦାବତୀ ଦାସୀ, ଭୀମଦାସ, ଲୋକନାଥ ବିଦ୍ୟାଧର, ନୀଳକଣ୍ଠ ଦାସ, କେଶବରାଜ ହରିଚନ୍ଦନ; ରସବିନୋଦ, ଭୁବନେଲୀ ଓ ଜଗମୋହନ ଛାନ୍ଦ ପ୍ରଭୃତି ଓଡ଼ିଆ କାବ୍ୟର ପ୍ରଣେତା ଦୀନକୃଷ୍ଣ ଦାସ, ଓଡ଼ିଶାର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, 'କାଞ୍ଚନଲତା'ର ପ୍ରଣେତା ଦ୍ୱିଜ ଶ୍ରୀଧର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଶାନ୍ତି ପ୍ରତିଷ୍ଠା ପରେ ବହୁ ଅଣ ଓଡ଼ିଆ ଭକ୍ତ ଆସି ପୁରୀରେ ରୁଣ୍ଡ ହୋଇଥିଲେ । ସେମାନଙ୍କ ମଧ୍ୟରେ ଭୂପତି ପଣ୍ଡିତ ନାମକ ଜଣେ ସାରସ୍ୱତ ବ୍ରାହ୍ମଣ ପୁରୀରେ ଅବସ୍ଥାନ କରି, ଓଡ଼ିଆ ଭାଷା ଶିକ୍ଷା କରିବା ସଙ୍ଗେ ସଙ୍ଗେ 'ପ୍ରେମ ପଞ୍ଚାମୃତ' ଶୀର୍ଷକ ଖଣ୍ଡିଏ ଅନବଦ୍ୟ ଭକ୍ତି ରସାମୃତ ପୂର୍ଣ୍ଣ କାବ୍ୟ ରଚନା କରିଥିଲେ ।

ଶ୍ରୀକ୍ଷେତ୍ର ପୁରୀ ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହୋଇଥିବାରୁ, ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ କବି କୋବିଦ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀରେ ଏକତ୍ରିତ ହେଉଥିଲେ । କବି ବିଶ୍ୱନାଥ ଶ୍ରୀମନ୍ଦିରର ସେବକମାନଙ୍କ ମଧ୍ୟରେ ଅନ୍ୟତମ ଥିବାରୁ, ସେ ଭକ୍ତକବିମାନଙ୍କ ସାନ୍ନିଧ୍ୟ ଅନାୟାସରେ ଲାଭ କରିବାର ସୁଯୋଗ ପାଉଥିଲେ । ତେଣୁ ତାଙ୍କର ପ୍ରତିଭା ପାରିପାର୍ଶ୍ୱିକ ସୁଯୋଗରେ ପଲ୍ଲବିତ ହେବାକୁ ଲାଗିଲା । ସେ ଓଡ଼ିଆ ସାହିତ୍ୟରେ ଅଭାବ ଥିବା ଲୀଳା—ବିଭବର ବିକାଶ ଲାଗି ପ୍ରୟାସ କରିଥିଲେ ।

ବିଶ୍ୱନାଥ ଖୁଣ୍ଟିଆ ଶ୍ରେଷ୍ଠ ଶ୍ରେଷ୍ଠ ପଦ୍ୟ ରଚନା କରି ନଟ ନଟୀଙ୍କ ମୁଖରେ ଗାୟନ କରାଇବା ଉଦ୍ଦେଶ୍ୟରେ ସ୍ୱରଚିତ ରାମଲୀଳାରେ ଅପେକ୍ଷାକୃତ କ୍ଷୁଦ୍ର ପଦ୍ୟମାନ ସନ୍ନିବେଶିତ କରିଥିଲେ ।

ଅର୍କିଆ ନାଟ, ରାମଚରିତମାନସଲୀଳା ପ୍ରଭୃତି ଓଡ଼ିଶା ବାହାରର ଲୀଳାଦଳ ଆସି ପୁରୀରେ ଅଭିନୟ ଦେଖାଉଥିବାରୁ, ସେମାନଙ୍କର ଶୈଳୀ ବିଶ୍ୱନାଥଙ୍କୁ ସାହାଯ୍ୟ କରିଥିବା ଅସମ୍ଭବ ନୁହେଁ । ତେଣୁ ଗାୟକମାନେ ରାମଲୀଳାର ଗୋଟିଏ ଗୋଟିଏ ପଦ୍ୟ ଆବୃତ୍ତି କରୁଥିବା ବେଳେ ଅଭିନୟକାରୀମାନେ ମଞ୍ଚରେ ମୂକ ଅଭିନୟ କରନ୍ତି । ବେଳେ ବେଳେ ଅଭିନେତା ଓ ଅଭିନେତ୍ରୀମାନେ ମଧ୍ୟ ଗାୟକଙ୍କ ସ୍ୱରରେ ସ୍ୱର ମିଶାଇ ସଂଳାପ ଗାୟନ କରନ୍ତି । ତେଣୁ ରାମଲୀଳାରେ ଥିବା ସଂଳାପ ମୂଳକ ପଦ୍ୟ ଗୁଡ଼ିକର ରଚନା ଶୈଳୀ ଅନୁରୂପ ଭାବଧାରାରେ ରଚିତ ହୋଇଛି । ଉଦାହରଣ ସ୍ୱରୂପ ବିଶ୍ୱନାଥଙ୍କ ରାମଲୀଳାରୁ ହନୁମାନଙ୍କ ଅଶୋକବନ ପ୍ରବେଶ ତଥା ସୀତାଙ୍କୁ ସନ୍ଦେଶ ଦେବା ପ୍ରସଙ୍ଗର ଗୀତଟିକୁ ନିଆଯାଇପାରେ—

"ଶିଂଶପା ବୃକ୍ଷର ଡାଳେ ହନୁ ମନେ ମନେ ଭାଳେ,
କେମନ୍ତେ ଜାନକୀ ଜନକ ନନ୍ଦନୀ ଦେଖିବିଟି ନେତ୍ର ଡୋଳେ ।

ଏପରି ସ୍ଥଳରେ ଗାୟକ ସ୍ୱର ଲୟର ସହିତ ପ୍ରଥମ ପଦଟିକୁ ଆବୃତ୍ତି କରିବା ମାତ୍ରେ, ମଞ୍ଚରେ ହନୁମାନ ବେଶଧାରୀ ଅଭିନେତା ପ୍ରବେଶକରି ଦ୍ୱିତୀୟ ପଦଟିକୁ ଗାୟକଙ୍କ ସହିତ ମିଶି ଗାୟନ କରିବା ସଙ୍ଗେ ସଙ୍ଗେ ଅଭିନୟ କରନ୍ତି । ସେହିପରି ଅଶୋକ ବାଟିକାରେ ବନ୍ଦିନୀ, ତଥା ବିରହିଣୀ ସୀତା ହନୁମାନଙ୍କ ଠାରୁ ପ୍ରାଣପ୍ରିୟ ଶ୍ରୀରାମ ଓ ସ୍ନେହର ଦେବର ଲକ୍ଷ୍ମଣଙ୍କ ବିଷୟରେ ଆହୁରି ଅଧିକ କିଛି ଜାଣିବା ଲାଗି ନିଜେ କମ୍ପୀ ଗାୟକଙ୍କ ସହିତ ସ୍ୱର ମିଳାଇ ଗାୟନ କରନ୍ତି—

"କହ ହନୁ ମୋର କାନ୍ତର କୁଶଳ,
ଲକ୍ଷ୍ମଣର ସବୁ କୁଶଳ ।

ଚୈତାଳି

ମରକତ ହେମ ବେନି କଳେବର
ହୋଇ ନାହାନ୍ତି ନା ଦୁର୍ବଳ ।
ହନୁ ହେ,
ବେନିଭାଇଙ୍କର କୁଶଳ ॥
'କୁଶଳ କରି ସେବା କରିଥାନ୍ତି ତାଙ୍କ ପାଦ କମଳ'' ॥

ସେହିପରି ରାବଣ ମନ୍ତ୍ରୀ ମୁଖରୁ ଶ୍ରୀରାମଙ୍କ ଅକଳନ୍ତ ଠାଟର ବର୍ଣ୍ଣନା ଶୁଣି ପୁଷ୍ପକଯାନରେ ବିଜେ କରି ସୈନ୍ୟ ଦେଖୁଥିବା ଘଟଣାଟିକୁ ମଧ୍ୟ ପରିଚାଳକ ରାବଣକୁ ରଙ୍ଗସ୍ଥଳୀରୁ ଦୂରରେ ଛିଡ଼ା କରାଇ—

"ମନ୍ତ୍ରୀ ମୁଖୁ ଶୁଣି କୋପେ ବିଂଶପାଣି ପୁଷ୍ପକ ଯାନେ ବିଜେ କଲା'' ପ୍ରଭୃତି ପଦ୍ୟଟି ଗାୟନ କରନ୍ତି ଏବଂ ଶ୍ରୀରାମଙ୍କ ଠାରୁ ପରାଭବ ପାଇବା ପରେ ରାବଣର ପଳାୟନ ସମୟରେ ମଧ୍ୟ ଆବୃତ୍ତି କରନ୍ତି—

"ସିଂହ ମୁଖୁ ଗଲା ଗଜ ପ୍ରାୟେକ ଅସୁର ରାଜ
ପଳାଇଣ ଲଙ୍କାରେ ପ୍ରବେଶ ହୋଇଲା'' ॥

ଅନୁରୂପ ପରିପ୍ରେକ୍ଷୀରେ, ବିଭୀଷଣ ଲଙ୍କାରୁ ପଳାୟନ କରି ଶ୍ରୀରାମଙ୍କ ଶରଣ ଉଦ୍ଦେଶ୍ୟରେ ବାନର ଠାଟରେ ପ୍ରବେଶ କରିଥିବା ସମୟରେ ଗାୟକ ବରାଡ଼ି ରାଗରେ ଗାୟନ କରନ୍ତି—

"ଅଞ୍ଜନଘନ ପ୍ରାୟେ ଗଗନେ ରହି
ବହୁରନ୍ତେ ବିଭୀଷଣ ।
ଆକାଶେ ଅସୁର ଦେଖିଣ କ୍ଷେପିଣ
ବେଢ଼ିଲେ ବାନରଗଣ ।
ହେ ସେମାନେ,
ତରୁ ଶୀଳାମାନ ଘେନଲେ ।
ଯୁଦ୍ଧ କରିବା ଆରମ୍ଭ କଲେ ।
ବିଭୀଷଣ ମନ୍ତ୍ରୀମାନେ ସେ କପିଙ୍କ ପ୍ରବୋଧ କରିଣ କହିଲେ'' ॥

ଏଇତକ ଗାନ କରିବା ପରେ ମନ୍ତ୍ରୀମାନେ ବିଭୀଷଣର ଅବସ୍ଥା ସମ୍ପର୍କରେ ବର୍ଣ୍ଣନା କରି ସଂଳାପ ଗାୟନ କରିବା ସଙ୍ଗେ ସଙ୍ଗେ ବିଭୀଷଣ ନିଜେ ମଧ୍ୟ ଗାୟନ କରନ୍ତି—

"ରାବଣ ସୋଦର କହଇ ଉତ୍ତର
କପି ସମ୍ମୁଖକୁ ଚାହିଁ ।
ସୁଗ୍ରୀବଙ୍କୁ କହ ରାବଣ ସୋଦର
ଆସିଛି ଶରଣ ପାଇଁ ।
ହେ ବାନର !
ମୋ ବୋଲି ଭ୍ରାନ୍ତି ନ କଲେ ।
ପ୍ରତିକୂଳ ଦଇବ ହୋଇଲେ ।
ହିତ ବଚନକୁ ଆହିତ ବୁଝିଣ ବାହାର କରିଣ ଦେଲେ" ॥

ଏହିପରି ଭାବରେ ନାଟ୍ୟ ପରିପ୍ରେକ୍ଷୀରେ ଲୀଳାକାର ବିଶ୍ୱନାଥ ଗୋଟିଏ ଗୋଟିଏ ପଦ୍ୟ ରଚନା କରି 'ରାମଲୀଳା'ର କଳେବର ବୃଦ୍ଧି କରିଛନ୍ତି ।

କବି ବିଶ୍ୱନାଥ ଖୁଣ୍ଟିଆ ସର୍ବସାଧାରଣଙ୍କ ବୋଧଗମ୍ୟ ହେବା ଭଳି ସରଳ ସାବଲୀଳ ପଦର ଯୋଜନାଦ୍ୱାରା 'ରାମଲୀଳା' ପୁସ୍ତକଟିକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଯତ୍ନପରୋନାସ୍ତି ଚେଷ୍ଟା କରିଛନ୍ତି । ତେଣୁ ତାଙ୍କ ଲୀଳା ପୁସ୍ତକଟି ସର୍ବଜନଗ୍ରାହ୍ୟ ହୋଇ ପାରିଛି ।

ଅବଶ୍ୟ ବିଶ୍ୱନାଥ ଖୁଣ୍ଟିଆଙ୍କ ସମୟ ବେଳକୁ ଶାର୍ଦ୍ଦିକ ଉପେନ୍ଦ୍ରଭଞ୍ଜଙ୍କର ଶବ୍ଦାଡମ୍ବର ପୂର୍ଣ୍ଣ କାବ୍ୟ-ଯୁଗ ଆରମ୍ଭ ହୋଇ ଯାଇଥିଲା । ବିଷ୍ଣୁଦାସ, ପ୍ରତାପରାୟ, ଧନଞ୍ଜୟ ଭଞ୍ଜ ପ୍ରଭୃତି କବିମାନେ ଅଳଙ୍କାର ଶାସ୍ତ୍ର ସମ୍ମତ ବହୁବିଧ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ପ୍ରୟୋଗରେ କାବ୍ୟ ରଚନା କରି ସାରିଥିଲେ । କବି କୃଷ୍ଣ ଦାସ ବଡଜେନା ମହାପାତ୍ର ମଧ୍ୟ ସାଙ୍ଗୀତିକ ମହତ୍ତ୍ୱ ରକ୍ଷାକରି 'କ' ଆଦ୍ୟାନୁପ୍ରାସ ଯୋଜନାରେ 'ରସକଲ୍ଲୋଳ' ପରି ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟ ରଚନା କରିଥିଲେ । ଅନୁରୂପ ଭାବଧାରାରେ ରଚିତ କାବ୍ୟଗୁଡ଼ିକ ବିଦଗ୍ଧ ସମାଜର ମନୋ ବିନୋଦନ ଲଗି କେବଳ ଉଦ୍ଦିଷ୍ଟ ଥିଲା । ଜନଜୀବନକୁ ସ୍ପର୍ଶ କରିବାର ଲକ୍ଷ୍ୟ ଅପେକ୍ଷା କବିମାନେ ପାଣ୍ଡିତ୍ୟ ପ୍ରଦର୍ଶନ ଲଗି ଅଧିକ ପ୍ରୟାସୀ ଥିଲେ । କିନ୍ତୁ ସଂସ୍କୃତ ଭାଷାର ଗଣ୍ଡି ମଧ୍ୟରୁ ମୁକୁଳିଥିବା ସାଧାରଣ ଜନଜୀବନକୁ ସ୍ପର୍ଶ କରିବା ଭଳି କାବ୍ୟ-କବିତା ରଚନାରେ ଅଧିକ କବି ମନ ଦେଇ ନଥିଲେ ।

ଜନସାଧାରଣଙ୍କର ଏହି ନିରୁପାୟ ଅବସ୍ଥାକୁ କବି ଭଲଭାବରେ ହୃଦୟଙ୍ଗମ କରିଥିଲେ । ପ୍ରତିଦିନ ବହିର୍ଲୋକଙ୍କ ସମ୍ପର୍କରେ ଆସୁଥିବା, ବିଶେଷତଃ ମୋଗଲ ଆକ୍ରମଣରେ ଆତଙ୍କିତ ଓ ମ୍ଳାନପ୍ରଭ ଜନତାର ମୁଖରେ ହସଫୁଟାଇବା ଲାଗି ଭକ୍ତିଭାବ ମୂଳକ ରାମଚରିତର ଅବଲମ୍ବନରେ ଉଭୟ ଶ୍ରବ୍ୟ ଓ ଦୃଶ୍ୟକାବ୍ୟର ଭାବଧାରାରେ 'ରାମଲୀଳା' ରଚନା କରି ଶ୍ରୀମନ୍ଦିରର ତଥା ବଡ଼ଦାଣ୍ଡରେ ସମବେତ ଜନତାର ମନୋବିନୋଦନ ଲାଗି କବି ଖୁଣ୍ଟିଆ ପ୍ରଚେଷ୍ଟା କରିଥିଲେ ।

କବି ବିଶ୍ୱନାଥ ଖୁଣ୍ଟିଆ ବିଚିତ୍ର କାବ୍ୟବନ୍ଧ ତଥା ବହୁବିଧ ରାଗ ରାଗିଣୀରେ ସ୍ୱରଚିତ ରାମଲୀଳାଟିକୁ ସର୍ବାଙ୍ଗ ସୁନ୍ଦର କରିଥିବାରୁ ଲୀଳାଟିର ନାମ ରଖିଥିଲେ 'ବିଚିତ୍ର ରାମାୟଣ' । ତାଙ୍କର ଅନୁକରଣରେ ପ୍ରସିଦ୍ଧ ପଦ୍ୟାବଳୀର ପ୍ରଣେତା ବନମାଳୀ ପଟ୍ଟନାୟକ ବହୁ ରାଗରାଗିଣୀରେ ସମନ୍ୱିତ କରି ସ୍ୱରଚିତ 'ରାମଚରିତ'ର ନାମ-କରଣ କରିଥିଲେ 'ସୁଚିତ୍ର ରାମାୟଣ' ।

ଓଡ଼ିଆ ସାହିତ୍ୟରେ ଯେତେ କୃଷ୍ଣକାବ୍ୟ ରଚିତ ହୋଇଛି; ତା, ତୁଳନାରେ ରାମକାବ୍ୟ ତଥା ରାମଲୀଳାର ସଂଖ୍ୟା ଅପେକ୍ଷାକୃତ ଊଣା । କାରଣ ଶ୍ରୀରାମଙ୍କ କଠୋର ବ୍ରତ ତୁଳନାରେ, ଷୋଳ ସହସ୍ର ଗୋପବାଳୀଙ୍କ ସହିତ ବୃନ୍ଦାବନର ନିଭୃତ କୁଞ୍ଜରେ ରାସଲୀଳାରେ ଲୀଳାବିଳାସ ଶ୍ରୀକୃଷ୍ଣଙ୍କ ଜୀବନ ଚରିତ ଜନ ସମାଜକୁ ଆକୃଷ୍ଟ କରିପାରିଥିଲା । ବିଶେଷତଃ ବହୁଦିନ ଧରି ଅତ୍ୟାଚାରକ୍ଲିଷ୍ଟ ଜୀବନଧାରାରୁ ମୁକ୍ତି ପାଇବା ପାଇଁ ଆଦିରସାତ୍ମକ କବିତା ଉପଭୋଗ୍ୟ ହୋଇଥିଲା । ରାମାୟଣର ବିଷୟବସ୍ତୁ ମଧ୍ୟରେ କେବଳ ଜରତା ଓ ଋଷ୍ୟଶୃଙ୍ଗ ଉପାଖ୍ୟାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଆଦିରସର ଆଭାସ ମଧ୍ୟ ପରିଲକ୍ଷିତ ହୁଏ ନାହିଁ । ପଞ୍ଚବଟୀର ନିବିଡ଼ ଅରଣ୍ୟାନୀ ମଧ୍ୟରେ ମାୟାସୌନ୍ଦର୍ଯ୍ୟର ମୂର୍ତ୍ତିମତୀ ଶୂର୍ପଣଖାର ଆବିର୍ଭାବ ତଥା ରାମ ଓ ଲକ୍ଷ୍ମଣଙ୍କ ଠାରେ ତା'ର ପ୍ରେମନିବେଦନ, ଅଯାଚିତ ଶୃଙ୍ଗାର ଚେଷ୍ଟା ହୋଇଥିଲେ ହେଁ ତାହା ଜନମାନସରେ ବୀଭତ୍ସ ରସ ସୃଷ୍ଟି କରେ । ତଦ୍‌ବ୍ୟତୀତ ସମୁଦାୟ ରାମାୟଣରେ କଥାବସ୍ତୁ କରୁଣ ଓ ବୀରରସରେ ପରିପୂର୍ଣ୍ଣ । କରୁଣ ଓ ବୀରରସ ଦୁଇଟି ପରସ୍ପର ବିରୋଧୀ ରସ । ତଥାପି ମହାକବି ବାଲ୍ମୀକି ଉଭୟ ବିରୋଧୀ ରସ ମଧ୍ୟରେ ଅନ୍ୟାନ୍ୟ ରସ ସୃଷ୍ଟି କରି ସେହିବିରୋଧ ଭାବର ଅପନୋଦନ କରିଥିଲେ ହେଁ ଉଭୟ ରସ ଜନମାନସକୁ ଯେପରି ଆଚ୍ଛାଦିତ କରେ ନାହିଁ । ତେଣୁ କୃଷ୍ଣଲୀଳାର ପ୍ରଥମାଙ୍କ ଅର୍ଥାତ୍ ଗୋପଲୀଳା ପ୍ରକରଣରେ ଭାଗବତ ଓ ହରିବଂଶକାର ଯେଉଁ ଆଦିରସର ଉତ୍ସ ପରିବେଷଣ କରିଛନ୍ତି ତାହା ସହଜରେ ସାମାଜିକଙ୍କ ମନକୁ ଆକୃଷ୍ଟ କରି ପାରୁଛି । ସେହି ପରିପ୍ରେକ୍ଷୀରେ କବିମାନେ ମଧ୍ୟ ରାମଲୀଳା ତୁଳନାରେ କୃଷ୍ଣଲୀଳାର ବର୍ଣ୍ଣନାରେ ଅଧିକ କାବ୍ୟ କବିତା ଆଦି ସୃଷ୍ଟି କରିଛନ୍ତି ।

## ଜ୍ଞାପନ

ନାଟ୍ୟ ଲୀଳା ବା ଗୀତାଭିନୟ ଦୃଷ୍ଟିରୁ ଆଲୋଚନା କଲେ ତା'ର ବ୍ୟତିକ୍ରମ ଓଡ଼ିଆ ସାହିତ୍ୟରେ ଧର୍ତ୍ତବ୍ୟ ହୋଇଛି। ଓଡ଼ିଆ କବିମାନଙ୍କ ଦ୍ୱାରା ରଚିତ ଯେତେ ଖଣ୍ଡି 'କୃଷ୍ଣଲୀଳା' ଆମର ହସ୍ତଗତ ହୋଇଛି, ତା' ତୁଳନାରେ 'ରାମଲୀଳା'ର ସଂଖ୍ୟା ପ୍ରାୟ ଅଧିକ। କୃଷ୍ଣଲୀଳା ଗୁଡ଼ିକର ରଚନା ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରୁ ଅର୍ଥାତ୍ ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ ଭକ୍ତ କବି ଅଚ୍ୟୁତାନନ୍ଦଙ୍କ ଠାରୁ ଆରମ୍ଭ ହୋଇ ଥିଲେ ହେଁ, ଓଡ଼ିଆ ସାମାଜିକ ମାନଙ୍କ ଦ୍ୱାରା ତାହା ବିଶେଷ ଆଦୃତ ହୋଇ ପାରି ନାହିଁ। ଆଲୋଚନାରୁ ଏତିକି ଜଣାଯାଏ ଯେ, ଓଡ଼ିଆ ଭାଷାରେ ରଚିତ କୃଷ୍ଣଲୀଳା ଗୁଡ଼ିକ ଅପେକ୍ଷା ରାମଲୀଳାର ସଂଖ୍ୟା କେତେକ ପରିମାଣରେ ଅଧିକ। ତା'ର କାରଣ ସ୍ୱରୂପ ଏତିକି କୁହାଯାଇପାରେ ଯେ, ରାମଲୀଳା ଯେପରି ଆବାଳ ବୃଦ୍ଧବନିତାଙ୍କ ମନକୁ ସ୍ପର୍ଶ କରିପାରେ, ସେ ଧରଣର ଲୋକପ୍ରିୟତା କୃଷ୍ଣଲୀଳା ହାସଲ କରି ପାରିନାହିଁ।

ଓଡ଼ିଆ ରାମଲୀଳାର ପ୍ରଥମ ସୂତ୍ରଧର ଥିଲେ ନାଥର ବଡ଼ଠାକୁର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପରମ ସେବକ ବିଶ୍ୱନାଥ ଖୁଣ୍ଟିଆ। ତାଙ୍କ ରଚିତ ରାମଲୀଳା ବା ବିଚିତ୍ର ରାମାୟଣ ଓଡ଼ିଶାର ବିଶୃଙ୍ଖଳ ଜନଜୀବନକୁ ଅନେକ ପରିମାଣରେ ସଂଯତ ତଥା ସୁଶୃଙ୍ଖଳିତ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଲୋକଙ୍କ ମନରେ ଆଧ୍ୟାତ୍ମିକ ଭାବ ସୃଷ୍ଟି କରାଇ ପାରିଛି। ତାଙ୍କ ରଚିତ ରାମଲୀଳାଟି ଓଡ଼ିଶାରେ ସର୍ବତ୍ର ବ୍ୟାପକ ଭାବରେ ପରିଚିତ ହୋଇଛି ଏବଂ ତା'ର ଅନୁକରଣରେ ଓଡ଼ିଶାର ବହୁ କବି 'ରାମଲୀଳା' ରଚନା କରି ଓଡ଼ିଆ ସାହିତ୍ୟର ଲୀଳା ବାଡ଼ିଟିକୁ ଋଦ୍ଧିମନ୍ତ କରିଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ 'ଓଡ଼ିଆ ରାମଲୀଳା' ସଂକଳନ ନିମିତ୍ତ ଯେଉଁ ପଦକ୍ଷେପ ନିଆ ଯାଉଛି ସେଥିଲାଗି ଏକାଡ଼େମୀର କର୍ତ୍ତୃପକ୍ଷ ବିଶେଷ ପ୍ରଶଂସାର୍ହ। ଏହି ସଙ୍କଳନରେ ପାଞ୍ଚଖଣ୍ଡି ପୂର୍ଣ୍ଣାଙ୍ଗ ରାମଲୀଳା ସ୍ଥାନ ପାଇଛି। ଏ ଗୁଡ଼ିକୁ ଏକତ୍ର ପ୍ରକାଶ କରିଥିଲେ ତାହା ପ୍ରାୟ ଦୁଇହଜାର ପୃଷ୍ଠାର ଖଣ୍ଡିଏ ବୃହଦ୍‌ଗ୍ରନ୍ଥ ହୋଇଥାନ୍ତା। ତେଣୁ ସେଗୁଡ଼ିକୁ ଖଣ୍ଡିଏ ଖଣ୍ଡିଏ ସ୍ୱତନ୍ତ୍ର ପୁସ୍ତକ ଆକାରରେ ପ୍ରକାଶ କରାଯାଇ, ପ୍ରତ୍ୟେକ ଖଣ୍ଡରେ ସଂପୃକ୍ତ ପୁସ୍ତକ ସମ୍ବନ୍ଧରେ ଗୋଟିଏ ଗୋଟିଏ ଭୂମିକା ସନ୍ନିବେଶିତ କରାଯାଇଛି ଏବଂ ପ୍ରଥମ ଖଣ୍ଡରେ ରାମକଥା ସମ୍ବନ୍ଧୀୟ ଏକ ଆଲୋଚନାତ୍ମକ ମୁଖବନ୍ଧ ଦିଆଯାଇଛି।

ଓଡ଼ିଶା ସାହିତ୍ୟ ଏକାଡ଼େମୀ ରାମଲୀଳାର ସଙ୍କଳନ ରୂପକ ଏକ ଗୁରୁଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଥିବାରୁ ମୁଁ ଏକାଡ଼େମୀର ସୁଯୋଗ୍ୟ ସଭାପତି ତଥା ବରିଷ୍ଠ

# ସଦ୍ଭାବନ

ସାହିତ୍ୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଓ ବଙ୍କ ସମ୍ପାଦକ ଶ୍ରୀଯୁକ୍ତ ବଇଚରଣ ଦାସଙ୍କଠାରେ କୃତଜ୍ଞତା ଜ୍ଞାପନ କରୁଛି । ଏହି ସଙ୍କଳନଟିକୁ ସର୍ବାଙ୍ଗସୁନ୍ଦର କରିବାରେ ମୋତେ ରାଜ୍ୟ ସଂଗ୍ରହାଳୟର ଆସୁଷ୍ଟାଣ୍ଟ ମମତା ମିଶ୍ର ସାହାଯ୍ୟ କରିଛନ୍ତି । ତେଣୁ ସେ ମୋର ପ୍ରଶଂସାର ଅଧିକାରିଣୀ । ସମ୍ପାଦିତ ତାମ୍ରଫଳକଗୁଡ଼ିକ ସୁଧୀ ସମାଜରେ ଆଦୃତ ହେଲେ ମୋର ଶ୍ରମ ସାର୍ଥକ ହେବ ।

**ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର**
ମହାଳୟା
୧୭, ସେପ୍ଟେମ୍ବର ୧୯୮୨

ବିନୀତ
**ନୀଳମଣି ମିଶ୍ର**

# ରାମଲୀଳା

## ଆଦ୍ୟକାଣ୍ଡ

### ଗୁଣସାଗର ବାଣୀ ୧

**ଶ୍ରୀ** ନୀଳଗିରି ଶିଖରେ ବିଜେ ହରି ଦ୍ୱାଦଶ ଯାତ୍ରା ବିନୋଦେ ।
ସ୍ନାନ ଶ୍ରୀଗୁଣ୍ଡିଚି ଅୟନ ଶୟନ ପାର୍ଶ୍ୱ ପାଲଟ ମୋଦେ ॥

ଦେବ ଉତ୍ଥାପନ ମକର ଓଢ଼ଣ ଦୋଳ ଦମନକ ଚୈତ୍ରୀ ।
ଚନ୍ଦନ ଚମ୍ପକ ଉତ୍ସବ ସହିତେ ଏ ବିଧି ଲୀଳା ଆଚରି ॥

ଦ୍ୱାଦଶ ଯାତ୍ରାରୁ ତିନ ଯାତ୍ରା ସାର ଦୋଳ ସ୍ନାନ ଶ୍ରୀଗୁଣ୍ଡିଚି ।
ସକଳ ଲୋକର ଅବଲୋକନରେ ପାତକ ସମୂହ ମୁଞ୍ଚା ୨ ॥

ଶ୍ରୀ ଜଗନ୍ନାଥ ଚଢ଼ିଣ ନନ୍ଦିଘୋଷ ଗୁଣ୍ଡିଚି ଘରେ ବିଜୟ ।
ଦେଖି ନାଗ ନର ଗନ୍ଧର୍ବ କିନ୍ନର କରୁଛନ୍ତି ଜୟ ଜୟ ॥

ରତ୍ନ କୁଣ୍ଡଳ ମୁକୁଟ ବ୍ୟାଘ୍ରନଖ ହାର ଚୂଳ କଣ୍ଠିମାଳ ୩ ।
ହୃଦୟ ପୂରି ପଦକ ୪ ଘଣ୍ଟା ଘଣ୍ଟି ପଦ୍ମମାଳ ପାଦତଳ ।

ହେମ ଶ୍ରୀପୟରେ ହେମ ଶ୍ରୀଭୁଜରେ ୫ ଶୋହେ ହେମ ଧନୁର୍ବାଣ ॥
ଯେବଣ ଦକ୍ଷିଣମୂର୍ତ୍ତି-ଦର୍ଶନକୁ ଚାକଥାନ୍ତି ବିଭୀଷଣ ॥

---

୧-ଗୋପକେଳୀ ଗ୍ରନ୍ଥ ବୋଲି ସ୍ଥଳେ । ରାଜ୍ୟ ସଂଗ୍ରହାଳୟ ପୋଥି ଓ. ଏଲ.—
୧୬୯୮ ସଂଖ୍ୟକ ପୋଥିପାଠ ।
୨-ପ୍ରଥମରୁ ତିନି ପଦ କେବଳ ଛାପା ପୁସ୍ତକରେ ରହିଛି । ୩-କଣ୍ଠମାଳ ପୁସ୍ତକ ପାଠ
୪- ପଦ୍ମଙ୍କ ପୋଥି ପାଠ । ୫- ଯେ ଶ୍ଲୋକରେ ପୁସ୍ତକ ପାଠ ।

ସିଂହଦ୍ୱାରେ ହରି ରଥରୁ ବିଜୟ କରନ୍ତି କମଳା ଭେଟ ।
ସେହି ସମୟରେ ଜନ ସମୂହରେ ଫିଟିଲା ମୁଦ କବାଟ ॥

ଠାକୁର ଠାକୁରାଣୀ ଚନ୍ଦ୍ର ଆଳତି ଦୂର୍ବାକ୍ଷତ ବନ୍ଦାପନା ।
ଜୟଧ୍ୱନି ଜଗତରେ ଯେ କରନ୍ତି ହୋଇଣ ଆନନ୍ଦ ମନା ॥

ଜୟ ବିଜୟ ଦ୍ୱାରେ ହରି ବିଜୟ କବାଟ ପଡ଼ିବା ଲୀଳା ।
ଅନେକ ମତେ ପ୍ରବୋଧିଣ ପ୍ରିୟାଙ୍କୁ କହିଲେ କମଳା ତୋଳା ॥

ତଦନ୍ତରେ ହରି ପ୍ରିୟା ଭେଟ ସାରି ରତ୍ନ ସିଂହାସନେ ବିଜେ ।
ଶ୍ରୀଦିବ୍ୟସିଂହ ଗଜପତି ଶ୍ରୀଜଗନ୍ନାଥ ଶ୍ରୀଚରଣେ ଭଜେ ॥

ଶୁଣ ହେ ସୁଜନେ ଶ୍ରୀରାମ ଚରିତ ଶତକୋଟି ଗ୍ରନ୍ଥସାର ।
ସୁଧା ସାଗରୁ କୁଶଅଗ୍ରେ ଆଣନ୍ତେ ଅଇଲା ଯେତେକ ନୀର ॥

ବାଲମିକ ମୁନି ରାମାୟଣ କରି କଲେକ ତାହା ରଚନା ।
ଚବିଶ ସହସ୍ର ଗ୍ରନ୍ଥ କଲେ ମୁନି ହୋଇଣ ଆନନ୍ଦ ମନା ॥

ସେ ରାମାୟଣ ଶତଭାଗ କରିଣ ଭାଗେ ତହିଁରୁ ଆଣିଲି ।
ବିବିଧ ରାଗରେ ଉତ୍କଳ ଭାଷାରେ **ଲୀଳା** କରିଣ ଗାଇଲି ॥

ହେ ବୁଧଜନେ ନ ଘେନ ମୋର ଦୋଷ ଶ୍ରୀରାମ ଭକତି ଘେନ ।
କବିର ଦୋଷକୁ ବିଚାର ନ କର ନମାମି ହେ କବିଜନ ॥

ରାମ ନାମ ମହାପାତକନାଶନ ଜନ୍ମ ମୃତ୍ୟୁ ବିନାଶନ ।
ତେଣୁ ଏହି ନାମ ଗାୟନ କରନ୍ତି ଚତୁର୍ଦ୍ଦଶ ଲୋକମାନ ॥

ଚତୁର ଆନନ ଶିବ ସନକାଦି ଜପୁଛନ୍ତି ଏହି ନାମ ।
ନାମ ଆଶ୍ରା କଲା ଜନଙ୍କୁ ଦେଖିଣ ଦୂରୁ ଅପସରେ ଯମ ॥

ଏକା ରାମନାମ ବିଷ୍ଣୁ ସମ୍ଭ ନାମ ଫଳ ଅଟଇ ସମାନ ।
ଏଣୁ କରି ରାମ ଚରିତ ବଖାଣ କରିବାକୁ ହେଲା ମନ ॥

ଶ୍ରୀରାମ-ଚରଣ-ତରୁଣ-ଅରୁଣ-କମଳରେ ନିରନ୍ତର ।
ଦୁର୍ବୁଦ୍ଧିଙ୍କି ମକରନ୍ଦ ପାନ କରଇ ବିଶି ମତି ମଧୁକର ॥*

* ଏହି ଗୀତଟି ପୋଥିରେ ମାତ୍ର ତ୍ରିଶ ପଦରେ ଶେଷ ହୋଇଛି । ଚତୁର୍ଥ ପଦଟି ହେଉଛି— ଶୟନ ଭୟକୁ ସୁଖ ହିଁ ଉଦୟ କରାଇ ଯେଉଁ ଗୁଣ୍ଡିଚା ।
ଦାନସ୍ନାନ ବିଧି ଅଛି ନିଷ୍ଠି ବସି ଯାଆନ୍ତି ଆଇ ପଥା ପଥ ।

## ବନ୍ଦନା

ବୋଲ ହରି ହେ ! ହରିଭଜ ରାମଭଜ ଭଜ ଦଇତ୍ୟାରି ହେ ॥

ପ୍ରଥମେ ବନ୍ଦଇଲୁ ଆସି ଶ୍ରୀଗୁରୁ ଚରନ ।
ଯାହାର କୃପାତେ ହୟ କୃଷ୍ଣ ଦରଶନ ହେ ॥

ଦଶରଥ ସୁତ ବନ୍ଦୁଁ ଶ୍ରୀରାମ ଚରନ ।
ତାହାର ସାନୁଜ ବନ୍ଦୁଁ ବୀର ଲଇକ୍ଷଣ ହେ ॥

ସୀତା ଠାକୁରାଣୀ ବନ୍ଦୁଁ ଜନକ ନନ୍ଦନୀ ।
ବଶିଷ୍ଠ ଜାବାଲି ବନ୍ଦୁଁ ଯତ ମହାମୁନି ହେ ॥

କ୍ଷେତ୍ରର ମହିମା କିଛୁ କଲନା ନଯାଏ ।
ଚଣ୍ଡାଲ ହସ୍ତରୁ ଅନ୍ନ ବିପ୍ର ଲୟାଁ । ଖାଏ ହେ ॥

ଯୁହୁଁ ସ୍ଥାନେ ହୟ ଭାଇ ନାମ ସଂକୀର୍ତ୍ତନ ।
ସେହୁ ସ୍ଥାନ ବୋଲୟେ ଗୋଲୋକ ବୃନ୍ଦାବନ ହେ ॥

ଏହୁତ ରାମେର ଲୀଳା ଶୁନ ଆରେ ଭାଇ ।
ଭକ୍ତଜନ ଉଦ୍ଧାରତେ ଯଦୁନନ୍ଦନ ଗାଇ ହେ ॥

ଦୀନ ବଶି ବୋଲେ ହୟା ହରଷିତ ମନ ।*
ହରି ହରି ବୋଲ ହେ ସକଲ ସଜ୍ଜନ ହେ ॥

●

## ରାଗ—ଚକ୍ରକେଳୀ

ଏକଦିନେ ନାରଦ ମହାଋଷି । ବାଲମିକ ଆଶ୍ରମେ ହେଲେ ଆସିଂ ॥
ତାଙ୍କୁ ଦେଖିଣ ବହୁ ପୂଜା କଲେ । ମନ ସଂଶୟୁ ତାଙ୍କୁ ପଚାରିଲେ ॥
କେଉଁ ପୁରୁଷ ଠାରେ ସର୍ବ ଗୁଣ । ଅଛୁ କାହାଠାରେ ସର୍ବ ଲକ୍ଷଣ ॥
ରବି ପ୍ରାୟୁ ହୋଇବ ତେଜୋବନ୍ତ । ପବନ ପ୍ରାୟୁ ହେବ ବଳବନ୍ତ ॥

---

* ବଙ୍ଗଳା ମିଶା ପଦ ଯୁକ୍ତ ଏହି ଗୀତଟି ପୋଥିରେ ନାହିଁ ।

୧—ଏହି ପଦ୍ୟଟି 'ମୂଳ ରାମାୟଣ'ର ପ୍ରଥମ କେତୋଟି ଶ୍ଳୋକ ଉପରେ ଆଧାରିତ ।

ସତ୍ୟ ଶାନ୍ତ ଦୟା କ୍ଷମାସାଗର । କୃତାନ୍ତକ ପ୍ରାୟ ହୃଦ ନିଷ୍ଠୁର ॥
ମନ୍ତ୍ରୀ ପ୍ରାୟେକ ହୋଇବ ସହଣି । ଧନବନ୍ତରେ କୁବେରଙ୍କୁ ଜିଣି ॥
ଶସ୍ତ୍ରୁ ଅଧିକେ ହେବ ଧନୁର୍ଦ୍ଧର । ବିଦ୍ୟାରେ ହେବ ବୃହସ୍ପତି ବର ॥
କ୍ରୋଧେ ହୋଇବ ଅନଳୁ ପ୍ରଖର । ଶାନ୍ତ ଗୁଣେ ଶରଦ ଶୀତକର ॥
ଧାତା ପ୍ରାୟେକ ହୋଇବ କରତା । ତମୋ ଗୁଣେ ଶିବଙ୍କୁ ଅଧିକତା ॥
ମନମଥ ଜିଣି ହେବ ସୁନ୍ଦର । ସର୍ବ ଗୁଣରେ ହୋଇବ ଉଦାର ॥
କିଛି ନ ଥିବ ତାର ଅବଗୁଣ । କେଉଁ ପୁରୁଷ ଅଛି ଏଡ଼େ ଜାଣ ॥
ଶୁଣି ନାରଦ ବୋଲନ୍ତି ବଚନ । ରାମଚନ୍ଦ୍ର ଦଶରଥ ନନ୍ଦନ ॥
ତାହାଙ୍କ ଠାରେ ଅଛି ସର୍ବଗୁଣ । ସେ ଯେ ଅଟନ୍ତି ସ୍ୱୟଂ ନାରାୟଣ ॥
ତାଙ୍କ ଚରିତ ଅପାରୁଁ ଅପାର । ତାଙ୍କୁ ଉପାସନା କରି ନିସ୍ତର ॥
ସର୍ବ କହି ନାରଦ ମୁନି ଗଲେ । ବାଲମୀକି ରାମଙ୍କୁ ଲୟ କଲେ ॥
ତାଙ୍କୁ ପ୍ରସନ୍ନ ହେଲେ ଜଗନ୍ନାଥ[୧] । ବୋଲେ ଋଷି ପୁରିଲା ମନୋରଥ ॥

●

## ସଙ୍ଗମତଆର — ବାଣୀ[୨]

ତମସା ନଦୀ ତଟକୁ ଗମନ୍ତେ ମୁନି ।
ସଙ୍ଗତେ ଗୋଡ଼ାଇ ଅଛନ୍ତି ଶିଷ୍ୟ ବେନି ॥

ନିତ୍ୟକର୍ମ ସମସ୍ତେ ନଦୀରେ ସାରିଲେ ।
ଆଶ୍ରମକୁ ଯିବାକୁ ବାହାର ହୋଇଲେ ॥

କ୍ରୌଞ୍ଚ କ୍ରୌଞ୍ଚୀ ବୋଲି ତହିଁରେ ପକ୍ଷୀ ବେନି ।
ବ୍ୟାଧ ସେ କ୍ରୌଞ୍ଚ ପକ୍ଷୀକି ଗଲକ ଘେନି ॥

କ୍ରୌଞ୍ଚୀ କାନ୍ତ ଗୁଣ ଗୁଣି ରୋଦନ କଲା ।
ବାଲମିକ ମୁନି ଶ୍ରବଣକୁ ଶୁଭିଲା ॥

ବ୍ୟାଧକୁ ଶାପ[୩] ଦିଅନ୍ତେ ହେଲା ଶୋଲକ[୪] ।
ଦିଶିଲା ତାହାଙ୍କୁ ବାକ୍ୟପଦ[୫] ଅନେକ ॥

---

୧-ପୋଥି ପାଠ—ରଘୁନାଥ
୨-ଦଶ ସଙ୍ଗମ ତଆରି ବାଣୀରେ ଗାଇବ ପୋଥି ପାଠ ।
୩—ଶାପ୍ୟ ପୋଥି ପାଠ ।
୪—ସିଲୋକ ପୋଥି ପାଠ ।
୫—ପଦ୍ୟ ପାଦ ଛପା ପୁସ୍ତକ ପାଠ ।

ମନେ ମନେ ଭାଳି ମୁନି ମଠକୁ ଗଲେ ।
ଆସନ କରିଣ ଧ୍ୟାନ କରି ବସିଲେ ॥

ମରାଳ ଚଢ଼ିଣ ପିତାମହ ପ୍ରବେଶ ।
ଦେଖି ବାଲମିକ ପୂଜା କଲେ ବିଶେଷ ॥

ଧାତା ବୋଲନ୍ତି ହେ ମୁନି ରାମ ଚରିତ୧ ।
ତୁମ୍ଭ ମୁଖରୁ ସ୍ଫୁରିବ ଗ୍ରନ୍ଥ ପ୍ରବନ୍ଧ ॥

ଶ୍ରୀରାମ୨ ଜନ୍ମ କାଳରୁ ଯେତେକ ଲୀଳା ।
ତୁମ୍ଭ ମୁଖରୁ ସ୍ଫୁରିବ ନ କରି ହେଳା ॥

ଏତେ କହି ବ୍ରହ୍ମା ବ୍ରହ୍ମଲୋକକୁ ଗଲେ ।
ବାଲମିକ ମୁନି ଗ୍ରନ୍ଥ ବିଚାର କଲେ ॥

ସାତ କାଣ୍ଡ ରାମାୟଣ ରାମ ଚରିତ ।
ଶ୍ଲୋକ ବନ୍ଧେ ସ୍ଫୁରିଲା ମୁନିଙ୍କ ଉକତ ॥

ଏହା ଶୁଣି ଧ୍ୟାନ ବସି ବିଚାର କଲା ।
ଗୀତ ବନ୍ଧ କରି ରାମାୟଣ ରଚିଲା ॥

●

## ଗୋପକେଳୀ ସର୍ଗ

ବାଲ୍ମୀକି ପୁଣ ବସି ଅରଣ୍ୟ ମଧ୍ୟେ ଶ୍ରୀରାମ ଚରିତ ।
ଭବିଷ୍ୟ କଥା ପବିତ୍ର ଗାଥା କହନ୍ତି ଅତି ପବିତ୍ର ॥

ସରଯୂ ନୀର ଅତି ମଧୁର ଶୀତଳ ପାତକ ହରି୩ ।
ବାସ ନିର୍ମଳ୪ ଅତି ଗମ୍ଭୀର ବେଳତଟ ମନୋହର ॥

---

୧—ଚରିତ୍ର ପୋଥି ପାଠ । ପ୍ରକାଶିତ ବହିରେ ଏହି ପଦଟି
ଧାତା ବୋଲନ୍ତି ସୁନ୍ଦର ରାମ ଚରିତ ।
ଶ୍ଲୋକ ବନ୍ଧରେ ସ୍ଫୁରିଲା ମୁନିଙ୍କ ଚିତ୍ତ ॥ ବୋଲି ରହିଛି ।

୨—'ଶ୍ରୀରାମ ଜନ୍ମ କାଳରୁ' … …ଠାରୁ ଆରମ୍ଭ କରି 'ସ୍ଫୁରିଲା ମୁନିଙ୍କ ଉକତି' ପର୍ଯ୍ୟନ୍ତ ପାଠ ପ୍ରକାଶିତ ପୁସ୍ତକରେ ନାହିଁ ।

୩—ପାତକ ହରି ପୋଥି ପାଠ । ୪—ସୁବାସ ନିର୍ମଳ ପୋଥି ପାଠ ।

କଦମ୍ବ କଦମ୍ବକ ମଣ୍ଡିତ[୧] କଦମ୍ବ ଜାତ କି ଅଘ ।
କମଳ କୁମୁଦ[୨] ଇନ୍ଦୀବର କୋକନଦ ପ୍ରଭ୍ରବେଗ ॥

ତଥି ତଟର ଅଯୋଧା ପୁର ଦିଶଇ ଅତି ସୁନ୍ଦର ।
ଉପମା ଦେବା ମଞ୍ଚପୁରେ ବା ନାହିଁ ସ୍ୱର୍ଗେ ପଟାନ୍ତର ॥

ମେଢ଼ ମଣ୍ଡପ ସୁଦିବ୍ୟ ରୂପ ବିଚିତ୍ର ଅଟ୍ଟାଳୀମାନେ ।
ପ୍ରଭୁ ପ୍ରସାଦ ପରି ବିସ୍ତାର[୩] କାଙ୍ଗୁଳରେ ଦ୍ରବ୍ୟମାନେ ॥

ଧବଳମୟ ଚନ୍ଦ୍ର ଉଦୟ ପ୍ରାୟେକ ଦିଶଇ ଶୋଭା ।
ମୁଖ ରାବରେ ଉଚ୍ଛୁଳି ପଡ଼େ ସିନ୍ଧୁ ମନ୍ଥନ କି ଅବା ॥

ତହିଁ ନିବାସ ସ୍ତ୍ରୀ ପୁରୁଷ କାମଦେବ ରତି ପ୍ରାୟେ ।
ହରନ୍ତି ଦିନ ଆନନ୍ଦ ମନ ଦେବ ବ୍ରାହ୍ମଣେ ବିନୟେ ॥

ଦୁଃଖୀ କୁବେର ଅଟନ୍ତି ଧୀର ବୀର ଶୂର ବଇଷ୍ଣବେ ।
ଯୁବତୀମାନେ ଉପଚିତ ମନେ[୪] ସେବନ୍ତି ଯେ ଯାହା ଧବେ ॥

ଯାବତ ନର ସୁବୁଦ୍ଧି ସାର ଜଣେ ଜଣେ ବୃହସ୍ପତି ।
ପାଳନ୍ତି କ୍ଷିତି ଜାଣନ୍ତି ରତି ଭୂଷଣ କରନ୍ତି କ୍ଷିତି ॥

ତହିଁ ରାଜନ ଦୁଷ୍ଟ ତପନ ସୂର୍ଯ୍ୟ କୁଳରେ ସେ ଜାତ ।
ମଣି ନୃପତିମାନଙ୍କ ପତି[୫] ନାମ ଯାର ଦଶରଥ ॥

ସକଳ ଗୁଣ ଗୁଣେ ନିର୍ଗୁଣ ରଣେ ବୀରଧୂ ଅଟଇ ।
ସମରେ ସମ ଶମନ ସମ ତେଣୁ ଅଟଇ ନିର୍ଭୟୀ ॥

ଅସମ ବଳ ମେଦିନୀ ତଳ ଜିଣନ୍ତା ନାହିଁ ତାହାକୁ ।
ଅନେକ ରଥୀ ଅଶ୍ୱପାଦାନ୍ତ ଜିଣି ସେ ନାହିଁ କାହାକୁ ?

ହରିଙ୍କି ପୂଜା କରଇ ରାଜା ପୁତ୍ର ପ୍ରାପତି ନିମନ୍ତେ ।
ନୃପ ପ୍ରବର ନବ ସହସ୍ର ବର୍ଷ ପାଳିଲେ ଏମନ୍ତେ ॥

---

୧—କଦମ୍ବ କାଦମ୍ବ କାଦମ୍ବ ମଣ୍ଡିତ ପୋଥି ପାଠ ।

୨ -କମଳ କୁମୋଦ-ପୋଥି ପାଠ । ୩—ପ୍ରଭୁର ପ୍ରସାଦ ପ୍ରକାର ବିସ୍ତାର-ପୋଥିପାଠ

୪- ଉଷିଆନନ୍ଦେ-ପୋଥି ପାଠ । ୫—ମାନଙ୍କେ ଚୂଡ଼ାମଣି-ପୋଥି ପାଠ ।

ପୁତ୍ର ନୋହିଲା ବୋଲିଣ ରାଜ୍ୟେ କଲେକ ବହୁତ ଶୋକ ।
ପ୍ରବୋଧ କରି କହିଲେ ତାଙ୍କୁ ସୁମନ୍ତ୍ର ମନ୍ତ୍ରୀ ଅନେକ ॥

ବୋଲେ ସୁମନ୍ତ୍ର ଶୁଣ ନୃବର ସନତ କୁମାର ବାଣୀ ।
ବିଭାଣ୍ଡ ପୁତ୍ର ଇଷ୍ଟି କରିଲେ ପୁତ୍ର ହେବ ଅଛି ଶୁଣି ॥

ଅନେକ କାଳ ଚମ୍ପାବତୀର ଅନାବୃଷ୍ଟି ହୋଇଥିଲା ।
ଲୋମପାଦପ ବିଭାଣ୍ଡ ସୁତ ଆଣନ୍ତେ ବୃଷ୍ଟି ହୋଇଲା ॥

ତେଣୁ ତାହାଙ୍କୁ ଶାନ୍ତା କନ୍ୟାକୁ ବିଭା କରାଇଲେ ରାଜା ।
ବୋଲେ ବଶି ଋଷିଶୃଙ୍ଗ ଯେବେ ତା'ପୁରେ ପାଆନ୍ତି ପୂଜା୧ ॥

## ଢଣ— **ମଙ୍ଗଳଗୁଜ୍ଜରୀ**

ବୋଲନ୍ତି ରାଜନ ଋଷି ଥିଲେ ଅବା କାହିଁ ।
କେମନ୍ତ ପ୍ରକାରେ ବିଜେ କରାଇଲେ ତହିଁ ହେ ॥

ଶୁଣି ସେ ସୁମନ୍ତ୍ର ମନ୍ତ୍ରୀ କହେ କର ଯୋଡ଼ି ।
ବିଭାଣ୍ଡକ ମଠେ ଥିଲେ ବେଦଶାସ୍ତ୍ର ପଢ଼ି ହେ ॥

ଲୋମପାଦ ନୃପ ବେଶ୍ୟାମାନଙ୍କୁ ପେଷିଲେ ।
ସେମାନେ ଯାଇଣ ତାଙ୍କ ବନସ୍ତେ ପଶିଲେ ହେ ॥

ମଠ ଜଗାଇ ତପକୁ ଗଲେ ବିଭାଣ୍ଡକ ।
ତାହା ଜାଣି ବାରକାମ୍ପା ମିଳିଲେ ଅନେକ ହେ ॥

ଋଷିପୁତ୍ର ଯେ ମଣି ଋଷିଶୃଙ୍ଗ ପୂଜା କଲେ ।
ତାଙ୍କ ଶୋଭା ଦେଖି ଋଷି ବହୁ ହୃଷ୍ଟ ହେଲେ ହେ ॥

ପଚାରନ୍ତି କେଉଁ ବନରେ ତୁମ୍ଭ ମଠ ।
ପଢ଼ିଅଛ କେଉଣ ଶାହାସ୍ତୁ ତୁମ୍ଭେ ପାଠ ହେ ॥

ଧନ୍ୟ ଧନ୍ୟ ତୁମ୍ଭ ବଳ ଧନ୍ୟ ତୁମ୍ଭ ପୁଣ୍ୟ ।
କେଉଣ ବୃକ୍ଷର କ୍ଷୀର ହୋଇଛ ଲେପନ ହେ ॥

---

୧– ପ୍ରସ୍ତୁତ ପଦ୍ୟଟି ପ୍ରକାଶିତ ପୁସ୍ତକରେ ମିଳେ ନାହିଁ । କିନ୍ତୁ ପ୍ରସଙ୍ଗ ଦୃଷ୍ଟିରୁ ଏ ପଦ୍ୟଟି ଅତ୍ୟନ୍ତ ଆବଶ୍ୟକ ବୋଲି ମନେ ହୁଏ ।

କେବଳ ତରୁ କୁସୁମ ହୋଇଛି ଭୂଷଣ ।
କେବଳ ବନୁ ଆଣିଛୁ ଯେତେ ବକଳମାନ ହେ ॥

ସେମାନେ ବୋଲନ୍ତି ଆମ୍ଭ ବନର ଯେତେମାନ ।
ନାନା ସ୍ୱାଦୁଫଳ ଆମ୍ଭେ କରୁ ଯେ ଭୋଜନ ହେ ॥

ଆମ୍ଭେମାନେ ରତିଶାସ୍ତ୍ର ପଢ଼ିଣ ପଣ୍ଡିତ ।
ଅନୁବରତରେ କରୁଆଉଁ ନୃତ୍ୟ ଗୀତ ହେ ॥

ଆମ୍ଭ ସଙ୍ଗତରେ ଆସ ଯିବା ଆମ୍ଭ ବନ ।
ଯେତେ ବୋଲି ଭଣ୍ଡିଣ ଆଣିଲେ ତପୋଧନ ହେ ॥

ନଉକା ଉପରେ ବୃକ୍ଷମାନ ରୋପି ଥିଲେ ।
ତହିଁରେ ବସାଇ ତାଙ୍କୁ ଘେନିଣ ଅଇଲେ ହେ ॥

ତୁମ୍ଭର ମଇତ୍ର ଲୋମପାଦ ନୃପବର ।
ତାହାଙ୍କ ଦେଶକୁ ତୁମ୍ଭେ ଅନୁକୂଳ କର ହେ ॥

ଶୁଣିଣ ସାନନ୍ଦ ହେଲେ ଅଯୋଧ୍ୟା ଭୂପାଳ ।
ସାଜିଲେ ସଜମଣ୍ଡପ ଚତୁରଙ୍ଗ ବଳ ଯେ ॥

ଅଙ୍ଗ ଦେଶ କଟକେ ହୋଇଲେ ପରବେଶ ।
ପାଛୋଟି ଅଇଲେ ଅଙ୍ଗ ଦେଶର ନରେଶ ଯେ ॥

ବହୁ ହୃଷ୍ଟ ହୋଇ ବେନି ମିତ୍ର ଆଲିଙ୍ଗନ ।
ଘେନିଣ ତାହାଙ୍କୁ ଗଲେ ଆପଣା ଭୁବନ ଯେ ॥

ଋଷିଶୃଙ୍ଗ ଦେଖି ରାଜା ନମସ୍କାର କଲେ ।
କୁମାରଙ୍କି ଦେଖି ରାଜା ବହୁ ହୃଷ୍ଟ ହେଲେ ହେ ॥

ମଇତ୍ରକୁ କହିଲେ ମନ ବେଦନାମାନ ।
ପୁତ୍ରକାମେ ଯଜ୍ଞ କରାଇବେ ତପୋଧନ ହେ ॥

---

୧- ବାଲ୍ମୀକି ରାମାୟଣ ଓ ଜଗମୋହନ ରାମାୟଣରେ ଜରତା ବା ଜରତ୍କୋଷା ବେଶ୍ୟାଙ୍କ ଦ୍ୱାରା ଋଷ୍ୟଶୃଙ୍ଗଙ୍କ ଆନୟନ ବୃତ୍ତାନ୍ତ ବିସ୍ତୃତ ଭାବରେ ଲେଖା ଯାଇଛି । 'ରାମ ଚରିତ ମାନସ' ପରି କେତେଖଣ୍ଡି ପୁସ୍ତକରେ ଜରତା ଉପାଖ୍ୟାନ ଆଦୌ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କୁମାରୀ ସହିତେ ମୁନି ଯିବୁ ଆମ୍ଭେ ଘେନି ।
ଶୁଣି ରାଜ୍ୟେ ସମର୍ପିଲେ ସନ୍ତୋଷରେ ବେନି ହେ ॥

ଲୋମପାଦ ରାଜା ଯେ ଅନେକ ଦ୍ରବ୍ୟ ଦେଲେ ।
ବହୁ ଉପହାର ଦେଇ ମନତୋଷ କଲେ ହେ ॥

କୁମାରୀ ସହିତେ ମୁନି ଘେନିଣ ଅଇଲେ ।
ବୋଲେ ବଶି ପୁତ୍ରକାମ ଯଜ୍ଞ ଆରମ୍ଭିଲେ ହେ ॥

●

### ରାଗ—**ମଙ୍ଗଳଧନାଶ୍ରୀ**

( ମୁନିବର ବାଣୀରେ ଗାଇବ )

ଋଷ୍ୟଶୃଙ୍ଗ ୧ ଯଜ୍ଞ କଲେ, ଦେବତା ସନ୍ତୋଷ ହେଲେ ।
ପୂର୍ଣ୍ଣ ଆହୁତିର ଶେଷେ, ଜାତ ପୁରୁଷେ ଯେ ॥

ଦୀପ୍ତ ସୁବର୍ଣ୍ଣ ଶରୀର, ୨ ପାୟସ ଘେନିଛି କର ୩ ।
ମୁନିଙ୍କ କରେ ସେ ଦେଲେ, ଅଦୃଶ୍ୟ ହେଲେ ଯେ ॥

ମୁନି ଦେଲେ ରାଜା କର, ଘେନି ସେ ନୃପତି ବର ।
କୌଶଲ୍ୟା କୈକେୟୀ ରାଣୀ, ଦେଲେ ସେ ଜାଣି ଯେ ॥

ବେନି ରାଣୀ ବେନି ଭାଗ, ସୁମିତ୍ରାକୁ ଅନୁରାଗ ।
କରିଣ ତାହାଙ୍କୁ ଦେଲେ, ଚରୁ ଖାଇଲେ ଯେ ॥

ଉଦେ ନୋହୁ ରବି ପ୍ରଭା, ଯେସନ୍ତେ ପ୍ରାଚୀ ଦେଶ ଶୋଭା ୪ ।
ସେହି ରୂପେ ସେ ସୁନ୍ଦର, ରହି ଗର୍ଭର ଯେ ॥

ଗଲା ବେନି ପାଞ୍ଚମାସ, ହେଲା ପ୍ରସବ ଦିବସ ।
ଚଇତ୍ର ଶୁକ୍ଳ ନବମୀ, ପୁତ୍ରେ ଜନମି ଯେ ॥

ଯେତେ ସେ ଲକ୍ଷଣମାନ, କହିଥିଲେ ତପୋଧନ ।
ତହିଁକି କୋଟିଏ ଗୁଣେ ଜାତ ଲକ୍ଷଣ ଯେ ॥

---

୧-ଋଷିଶୃଙ୍ଗ ପୋଥି ପାଠ ।
~~୨-ଦେହ ସୁବର୍ଣ୍ଣ ଶରୀର ପୋଥି ପାଠ ।~~
୩-'ପାଉଁଶ' ପ୍ରକାଶିତ ପୁସ୍ତକ ପାଠ ଏବଂ 'ପ୍ରାପ୍ତେ' ପୋଥି ପାଠ ।
୪-ତେସନ୍ତେ ପ୍ରାପ୍ତେ ଦିଶେ ପୋଥି ପାଠ

ତନୁ ମରକତ ଜିଣି, ସକଳ ଦେବ ଅଗ୍ରଣୀ ।
କୌଶଲ୍ୟା ଉଦରୁ ଜାତ, ଅଖିଳ ତାତ ଯେ ॥

କୈକେୟୀ ଉଦରୁ ଜାତ ୧, ଦୁର୍ବାଦଳ ପ୍ରାୟ ଗାତ୍ର ।
ଅବତରିଲେ ନନ୍ଦନ, ତାହାଙ୍କ ସାନ ଯେ ॥

ସୁମିତ୍ରା ଗର୍ଭରୁ ଜାତ, ହୋଇଲେ ୨ ସେ ବେନି ସୁତ ।
ଶୁଦ୍ଧ ସୁବର୍ଣ୍ଣ ଶରୀର ଅତି ମଧୁର ଯେ ॥

ଦେଖି ଦଶରଥ ତୋଷ, ରାଇଲେ ଦ୍ୱିଜ ବିଶେଷ ।
ଅଶ୍ୱ ଗଜ ଗାବ ଦାନ, ଦେଲେ ହିରଣ୍ୟ ଯେ ॥

ହେଲା ହାଟ ଲୁଠ ଜୁର, ନେଲେ ସେ ଇତର ନର ୩ ।
ଦେବତାମାନଙ୍କୁ ତୋଷ, କରି ସନ୍ତୋଷ ଯେ ॥

କରାଇଲେ ନୃତ୍ୟ ଗୀତ, ଉତ୍ସବ ହେଲା ବହୁତ ।
ଦୁନ୍ଦୁଭି ବାଜେ ସ୍ୱର୍ଗରେ, ହୃଷ୍ଟ ଅମରେ ॥

କଲେକ ନାଭି ୪ ଛେଦନ, ସୁଗନ୍ଧ କଲେ ଲେପନ ।
ଉଷ୍ମ ୫ ଜଳରେ ଯେ ସ୍ନାନ କଲେ ବହନ ଯେ ॥

ଶ୍ରୀଅଙ୍ଗ ପୋଛି ବସନେ, କରାଇଲେ ୬ କ୍ଷୀର ପାନେ ।
ରତ୍ନଦୋଳି ପରେ ତୋଳି, ଶୁଆନ୍ତି ବାଳୀ ଯେ ॥

ଯେବଣ ରାମ ଚରଣ, ସକଳ ଲୋକ ଶରଣ ।
ସେ ପ୍ରଭୁ ଜନମ ଆସି, ଭଣିଲେ ବଶି ଯେ ॥

●

ରାଗ- **ଖେମଟା**

ପଞ୍ଚୁ ଆଠ ଷଷ୍ଠୀଘର ଉତ୍ସବ ଗଲା ।
ଏକବିଂଶ ଦିବସ ପ୍ରବେଶ ହୋଇଲା ॥

ବଶିଷ୍ଠ ଆଦି ସକଳ ବ୍ରାହ୍ମଣ ଗଣ ।
ଦଶରଥ କରାଇଲେ ନାମ କରଣ ॥

---

୧- ପୁନ-ପୁସ୍ତକ ପାଠ । ୨- ଜନମିଲେ-ପୋଥି ପାଠ ।
୩- କଇତପନର-ପୋଥି ପାଠ । ୪- ଲଭି-ପୋଥି ପାଠ ।
୫- ଅମ୍ବୁଜଳ-ପୋଥି ପାଠ । ୬- ତୋଷ କଲେ ହେବା ସମୀଚୀନ ।

ରାମ ନାମ ଜ୍ୟେଷ୍ଠର ଭରତ କନିଷ୍ଠ ।
ବିଶ୍ୱରଣ ନାମ ଦେଲେ ମୁନି ବଶିଷ୍ଠ ।।

ସୁଲକ୍ଷଣ ଦେଖି ଲକ୍ଷ୍ମଣ ନାମ ଦେଲେ ।
ଶତ୍ରୁଘନ ତାଙ୍କ ସାନୁଜକୁ ବୋଇଲେ ।।

ଦିନୁ ଦିନୁ ବଢ଼ିଲେ ସେ ଚାରି ନନ୍ଦନ ।
ଦେଖି ଦଶରଥ ରାଜା ଆନନ୍ଦ ମନ ।।

ପଖାଳନ୍ତି ୧ ଦୋଳରେ ସୁତ ଗାଇଣ ଗୀତ ।
ବଜାନ୍ତି ଯୁବତୀ ବୀଣା ବାଦ୍ୟ ନିରତ ।।

ଗୁଳୁଗୁରୁରେ ୨ ଅଧରୁ ବହଇ ନାଳ ।
ଝାଳ ବିନ୍ଦୁ ଗଳିତ ଶ୍ରୀମୁଖ ମଣ୍ଡଳ ।।

କମଳୁ ବଳି ଲୋଚନେ ଶୋହେ କଜ୍ଜଳ ୩ ।
ଝୁଲିବାରେ ଧ୍ୱନି କରେ ମେଖଳା ମାଳ ।।

କୁଟୀଳ-କୁନ୍ତଳେ ମାଳ ମୁକୁତା ଫଳ ୪ ।
ବାଜେଣି ନୂପୁର ବାଜେ ଚରଣ ତଳ ।।

କଟଟି ବାହୁଟୀ ହେମ ସୁତେ ଛନ୍ଦଣୀ ୫ ।
କଟିତଟେ ପୀତାମ୍ବର ସୁମଣି ଶ୍ରେଣୀ ।।

ଆଣ୍ଠୁଆଇ ଭରା ଦେଇ ପୁଣ ଉଠନ୍ତି ।
କେତେବେଳେ କାନ୍ଦି ଧରଣୀରେ ପଡ଼ନ୍ତି ୬ ।।

ଯୁବତୀ ବେଢ଼ି ନଚାନ୍ତି ବଜାଇ ତାଳ ।
କଣ୍ଠ ଶାବକ ମଣ୍ଡଳି କରନ୍ତି କେଳି ୭ ।।

ଚାରି କୁମରେ ଯେ ଧୂଳି ଖେଳେ ତତ୍ପର ।
ଲୀଳା ଭାବେ ଆବୋରନ୍ତି ବାଲ୍ ନଅର ।।

---

୧- ପାଳନ୍ତି-ପୁସ୍ତକ ପାଠ । ୨- ବଧୂଳି ଅଧରୁ ଗଳଇ ନାଳ-ପୋଥି ପାଠ
୩-କମଳ ଦଳ ଲୋଚନୁ ବହେ କଜ୍ଜଳ=ପୁସ୍ତକ ପାଠ
୪-କୁଟୀଳ କୁନ୍ତଳ ଜାଲି ମୁକୁତା ମାଳି=ପୋଥି ପାଠ ।
୫-ହେମ ସୁତେ ଖଞ୍ଜଣି=ପୋଥିପାଠ ୬-କାନ୍ଦଣ ଭୂମିରେ ଗଡ଼ନ୍ତି=ପୋଥିପାଠ
୭-କେଶରୀ ମଧ୍ୟରେ ଛୁଆ କେଶରୀ କେଳୀ=ପୋଥି ପାଠ ।

ପାଞ୍ଚ ବରଷ ପୂରନ୍ତେ ସେହି କ୍ରମରେ ।
ଆରୋହଣ କଲେ ଅଶ୍ୱ ଗଜ ନାକରେ ॥

ସୁବେଶେ ବଳିଲା ତନୁ ହୋଇଲେ ଧୀର ।
ସମସ୍ତ ଗୁଣେ ନାକର ବୀରଙ୍କ ବର ॥

ଶୁକ୍ଳପକ୍ଷ ଚନ୍ଦ୍ର ପ୍ରାୟେ ବଢ଼ନ୍ତି ରାମ ।
ଚୂଡ଼ାଦ୍ଧ ବେନ ପାଞ୍ଚ ୧ କଲେ ବ୍ରତ କର୍ମ ॥

ପଢ଼ିଲେ ବେଦ ପୁରାଣ ଶାସ୍ତ୍ର ଆଗମ ।
ଦଣ୍ଡା ଖଣ୍ଡା ଧନୁର୍ବିଦ୍ୟା କ୍ଷତ୍ରିୟ ଧର୍ମ ॥

ବଶିଷ୍ଠଙ୍କ ଠାରୁ ଶିକ୍ଷା କଲେ ସକଳ ।
ତପ୍ତରବୁ ୨ ରବି ପ୍ରାୟେ ତେଜ ପ୍ରବଳ ॥

ମୃଗୟା କରନ୍ତି ମୃଗମାନ ମାରନ୍ତି ।
ଶରଧା କରନ୍ତି ମୃଗ ପକ୍ଷୀ ଧରନ୍ତି ।

ଧରନ୍ତି କରୀ ଯୂଥରୁ କରୀ ଶାବକ ।
ମାରନ୍ତି ଶାର୍ଦ୍ଦୂଳ ଗଣ୍ଡା ଜୀବ ଅନେକ ॥

କ୍ଷୁଆ ସିଂହ ପ୍ରାୟେ ଗତି ଦଶେ ଲାବଣ୍ୟ ।
ସପ୍ତମ ବରଷ ଆସି ହୁଏ ସମ୍ପୂର୍ଣ୍ଣ ॥

ନବତନୁ କିଶୋର ବୟସ ଶ୍ରୀରାମ ।
ଛବି ଦେଖି ମୁରୁଛିତ ହୁଅଇ କାମ ॥

କାମଶାସ୍ତ୍ର ପଠନରେ ବଳିଲା ମନ ।
ସୁବେଶ ଯୁବତୀରେ ନାଚିଲା ନୟନ ॥

ସଙ୍ଗୀତେ ଶରଧା ତନୁ ଶୁଣନ୍ତି ଗୀତ ।
ବୋଲେ ଋଷି ମନସିଜ ମନରୁ ଜାତ ॥

୧-ଚୂଡ଼ାଦ୍ଧ ବେନ ପାଞ୍ଚ = ଦଶ କର୍ମରେ ବ୍ରତବିଧାନ ।
୨-ତପ୍ତରବୁ—ଗ୍ରୀଷ୍ମରବୁ

## ରାଗ—**ଦେଶାକ୍ଷ**

ଏକଦିନେ ସଭା କରି ଦଶରଥ ଦଣ୍ଡଧାରୀ ବିଜେ କରି ଅଛନ୍ତି ଆସ୍ଥାନେ
ବଶିଷ୍ଠ ଜାବାଲି ବାମଦେବ ସୁମନ୍ତ ମନ୍ତ୍ରତେ ସଭା ଶୋଭା ଦିଶନ୍ତି ଏମାନେ ହେ ।
ଗାଧିସୁତ । ଏହି ସମୟେ ପ୍ରବେଶ ହେଲେ ।
ଦେଖିଣ ରାଜନ ହୃଷ୍ଟ ମାନ୍ୟକରି ମୁନି ଶ୍ରେଷ୍ଠ ବସିବାକୁ ଦିବ୍ୟାସନ ଦେଲେ[୧] ହେ ॥

ବିଶ୍ୱାମିତ୍ର[୨] ତପୋଧନ ଅଯୋଧ୍ୟା ପୁର ରାଜନ ବହୁ ବିଧିରେ କଲେକ ପୂଜା ।
ଏ ମୋହର ବେନି ନେତ୍ର ଆଜ ହୋଇଲା ପବିତ୍ର କୃତାଞ୍ଜଳି ହୋଇ କହି ରାଜା ହେ ।
ମୁନିବର । କି କାରଣେ କଲେ ଆଗମନ ।
ଏ ମୋର ପାତକୀ କାୟା[୩] ମୋଠାରେ ଏତେ ସଦୟ[୪] ପବିତ୍ର ହୋଇଲା ମୋ ଭୁବନ ହେ॥

ବୋଲନ୍ତି ସେ ଯୋଗୀଶ୍ୱର[୫] ଶୁଣ ଆହେ ନୃପବର
ସିଦ୍ଧବନେ ସର୍ବ ମୁନିମାନ ।
ଆରମ୍ଭ କରନ୍ତେ ଯାଗ[୬] ଅସୁରେ କରନ୍ତି ଭଙ୍ଗ[୭]
ଭାଙ୍ଗିଲେ ସେ ଆମ୍ଭ ଯଜ୍ଞ ସ୍ଥାନ, ହେ ନୃପବର
ରାମ ଲକ୍ଷ୍ମଣଙ୍କୁ ମୋତେ ଦେବ[୮] ହେ ।
ମାରିବେ ଅସୁର କୁଳ ଶୁଣ ହେ ନୃପ ଶାର୍ଦ୍ଦୂଳ[୯]
କ୍ଷିତିରେ ବହୁ ଯଶ ପାଇବ[୧୦] ହେ ॥
ଏମନ୍ତ ଶୁଣି ରାଜନ ମଣିଲେ[୧୧] ବଜ୍ର ପତନ
ବିକଳ ହୋଇଲା ତାଙ୍କ ମନ[୧୨]
ଦଶ ଦିଗକୁ[୧୩] ଅନାଇ ଖର ନିଃଶ୍ୱାସ ପକାଇ
ବେଳୁଁବେଳ[୧୪] ହୋଇଲେ ଅଜ୍ଞାନ, ସେ ନୃପବର
ମୋହ ତେଜି ମହୀରୁ ଉଠିଲେ[୧୫] ।
ଭୟରେ ହୋଇ କାତର ନୟନୁ ବହଇ ନୀର
ବଶିଷ୍ଠଙ୍କ ମୁଖକୁ ଚାହିଁଲେ[୧୬] ସେ ॥

---

୧—ଦେଲେ-ପୋଥିରେ ନାହିଁ
୨—ବିଶ୍ୱାମୈତ୍ର-ପୋଥିପାଠ
୩ -କାୟା- ପୋଥିପାଠ
୪—ସଦୟା- ,,
୫—ଯୋଗେଶ୍ୱର- ,,
୬— ଯାଜ୍ଞ ,,
୭—ଭେଗ-ପୁସ୍ତକ ପାଠ
୮—ଦେବୁ-ପୋଥି ପାଠ
୯—ଶାର୍ଦ୍ଦୋଳ- ପୋଥିପାଠ
୧୦—ପାଇବୁ-ପୋଥି ପାଠ
୧୧—ମଣିଲା- ,,
୧୨—ତାରମନ-ପୋଥିପାଠ
୧୩—ଦଶଦିଶ- ,,
୧୪—ବେଳୁବେଳ ,,
୧୫—ଉଠିଲା- ,,
୧୬—ଗୃହିଁଲା- ,,

ବୋଲନ୍ତି ବଶିଷ୍ଠ ଯତି      ଶୁଣ ଆହେ ୧ ମହୀପତି
ରାମଚନ୍ଦ୍ର ଦିଅ ମୁନି ସଙ୍ଗେ
ଶୋକ ମନୁ ହର ରାୟ ୨      ଏଥକୁ ନ କର ଭୟ
ମାରିବେ ଅସୁର ରଣ ରଙ୍ଗେ ୩ ହେ, ନୃପବର
ନ ଦେଲେ ହୋଇବ ସର୍ବନାଶ ।
ତୁମ୍ଭର ରାମ କୁମର      ସ୍ୱୟଂ ହରି ଅବତାର
ପାଇବ ଏଥିରୁ ୪ ବହୁ ଯଶ ହେ ॥

କହନ୍ତି ସେ ନୃପବର ୫      ଏ ମୋର ବେନି କୁମର
ନ ଜାଣନ୍ତି ଧନୁଶର ଧରି
ଜନନୀଙ୍କ ସୁଖ ସୀମା      ଅନ୍ତ ନୟନ ପ୍ରତିମା
କେବଳ ନେଉଛ ତାହା ହରି ହେ, ମୁନିବର
ରାମ ଲକ୍ଷ୍ମଣଙ୍କ ଭୁଜ ଧରି ।
ପଡ଼ିଲେ ୬ ମୁନିଙ୍କ ପାଦ      ହୋଇ ଶୋକେ ଗଦଗଦ
ବୋଲେ ବଶୀ ସମର୍ପିଲେ ହରି ॥

●

ରାଗ--**କାମୋଦୀ**

ରାମ ଲକ୍ଷ୍ମଣ ବେନି ୭      ଘେନି କୌଶିକ ମୁନି ୮
ସରଯୂ ପାରି ହୋଇଗଲେ
ଗହନ ଗିରିମାଳ      ବିବିଧ ତରୁକୁଳ
ମଧ୍ୟରେ ପ୍ରବେଶ ହୋଇଲେ ହେ, ସୁଜନେ ୯ !
କାମେଶ୍ୱର ସନ୍ନିଧେ ମୁନି
ପାଶେ ବସାଇ ଭାଇ ବେନି
ଦେଲେ କୋଦଣ୍ଡ ଦୀକ୍ଷା      ସମସ୍ତ ମନ୍ତ୍ର ଶିକ୍ଷା
କରାଇ ଧନୁର୍ବେଦ ଧୁନି ୧୦ ସେ ॥

---

୧—ଶୁଣସି ହେ ପୋଥି ପାଠ      ୨—ଦୂରକର-ପୋଥି ପାଠ
୩—ତୋ କୁମର- ,,      ୪—ଏଥି- ,,
୫—ଶୁଣି କହେ- ,,      ୬—ପଡ଼ିଲା- ,,
୭—ଘେନି- ପୋଥି ପାଠ      ୮—କଉଶିକ ମହାମୁନି-ପୋଥିପାଠ
୯—ସୁଜନେ- ,,      ୧୦—ଧୁନି- ,,

ସେ ଦିନ ସୁଖେ ତହିଁ    ରହି ନିଶି ପୁହାଇ
ପ୍ରାତରୁ ସ୍ନାନ ସନ୍ଧ୍ୟା କଲେ
ବେନି ଭାଇଙ୍କୁ ଘେନି    ଆନନ୍ଦ ହୋଇ ମୁନି
ପଥ ଅନୁସରଣ ଗଲେ ହେ, ସୁଜ୍ଞଜନେ !
ଚଳନ୍ତେ ମହା ଘୋର ବନ
ମୁନି ହୁଅନ୍ତି ଛନ୍ନଛନ୍ନ,
ମୁନି ଭରସା ପାଇ    ଧନୁରେ ଗୁଣ ଦେଇ
ଟଙ୍କାର କଲେ ଘନ ଘନ ସେ ॥
ଗର୍ଜନ ଶୁଣି କରି    ଗର୍ଜି ତାଡ଼କାସୁରୀ
ଅନାଇ ରୋଷେ ଚଉପାଶ
ତରୁ ଆୟୁଧ ଘେନି    ବୁଲାଇ ନେଇ ବେନି
ପଥରେ ହୋଇଲା ପ୍ରବେଶ ହେ, ସୁଜ୍ଞଜନେ !
ଦଶନେ ଚାପିଣ ଅଧର
ତୁଣ୍ଡରୁ ଗଳଇ ରୁଧିର,
କେଶ କରି ମୁକୁଳା    ଟେକି ବାହୁ ଯୁଗଳ
ଦିଶଇ ମହା ବିକରାଳ ହେ ॥
ରାମ ସଙ୍ଗେ ଅସୁରୀ    ବହୁ ସମର କରି
ମୁନିଙ୍କି କରୁଥିଲା ଭକ୍ଷ
ତାହା ଜାଣି ଶ୍ରୀରାମ    ଧନୁରେ ସନ୍ଧି ଗୁଣ
ପ୍ରହାରିଲେ ଅସୁରୀ ମୁଖ ହେ, ସୁଜ୍ଞଜନେ !
ରାମ ଶର ତା ମୁଖେ ପଡ଼ି
ସ୍ୱର୍ଗେ ଗଲା ବିମାନ ଚଢ଼ି,
ମହା ଗର୍ଜନ କରି    ମୃତ୍ୟୁ ପିଣ୍ଡ ତାହାର
ପଡ଼ିଲା ବନ ଗିରି ମାଡ଼ି ହେ ॥
ସିଦ୍ଧ ବନେ ପ୍ରବେଶ    ରାମ ଦେଖି ହରଷ
ହୋଇଲେ ସର୍ବ ମୁନିମାନେ
ଆଚରିଲେ ନିଗମ    ଯେ ବିଧି ଯଜ୍ଞକର୍ମ[୧]
ଜଗିଲେ ରାମ ସାବଧାନେ ହେ, ସୁଜ୍ଞଜନେ !
ମାତା ମରଣ ଜାଣି ସୁତେ
କ୍ରୋଧରେ ଆଇଲେ ତ୍ୱରିତେ,[୨]
ଘେନି ଅସୁର ସୈନ୍ୟ    ଋଷି ତପ ଅରଣ୍ୟ
ପ୍ରବେଶ ହୋଇଲେ ସେ ରାତ୍ରେ[୩] ହେ ॥

---

୧— -ନିତ୍ୟକର୍ମ-ପୋଥିପାଠ ୨—-ତୁରିତେ-ପୋଥିପାଠ ୩—-ଗୁପତେ-ପୋଥିପାଠ

ଶ୍ରୀରାମ ମହାବାହୁ ଦୂରୁ ଦେଖି ସୁବାହୁ
[୧] ମାରୀଚ ସଙ୍ଗତରେ ଘେନି
ରାମ ଲକ୍ଷ୍ମଣଙ୍କର ସମ୍ମୁଖରେ ସମର
କଲେକ ଆସି ଖଳ ବେନି ହେ, ସୁଜ୍ଞଜନେ !
ଶ୍ରୀରାମ ଶର କି କେଶରୀ
ବିଦାରିଲା ଅସୁର କରୀ
ଅସୁର ବଳ ତୃଣ ଶର କି ହୁତାଶନ
କ୍ଷଣେ ହେ ନ ଗଲେ ଉବୁରି ଯେ ॥

ଭ୍ରାତୃ[୨] ମରଣ ଶୁଣି ମାରୀଚ ଧାଇଁ ଯାଇ
ଶ୍ରୀରାମ ନିକଟେ କହିଲା ।
କ୍ଷମା ଅମ୍ଭଙ୍କୁ ମାର ଧାତା ଯାକୁ ନ ପାର
ଯେ ଋଷି ଖାଇବ ବୋଲିଲି ହେ, ସୁଜ୍ଞଜନେ ।
ଶ୍ରୀରାମ ଶୁଣିଣ ଉତ୍ତର
ବୋଇଲେ ଦେଖ ଧନୁଶର
ଏମନ୍ତରେ ମ ଶବୁ ତୁମ୍ଭଙ୍କୁ ଯେ ନାଶିବୁ
ଦେଇ ଅହନ୍ତ ବେଦବର ହେ[୩] ॥

ଶ୍ରୀରାମ ବାକ୍ୟ ଶୁଣି[୪] ମୁଖୁ ନ ସ୍ଫୁରେ ବାଣୀ
ତକ୍ଷଣେ ହୋଇଲା ବୃଷଭ
ତାକୁ ପ୍ରାଣେ ନ ମାରି ହାବୁଡା ଶରେ କରି
ଫିଙ୍ଗି ଦେଲେକ[୫] ରାଘବ ହେ, ସୁଜ୍ଞଜନେ !
ଅସୁରମାନେ କ୍ଷୟ ଗଲେ[୬]
ମୁନିମାନେ ସେ ଯଜ୍ଞ କଲେ[୭]
ବୋଇଲେ ଧନ ବସି ଦେବତାମାନେ ଆସି
ଅକାଶୁ ପୁଷ୍ପ ବୃଷ୍ଟି[୮] କଲେ ହେ ॥

●

---

୧—ମାରୁଛ-ପୋଥିପାଠ ୨—ଭ୍ରାଥ-ପୋଥିପାଠ
୩—ଯେମନ୍ତ କଲେ ମାରୀଚାଙ୍କୁ ଆଜ୍ଞା ତୁମ୍ଭମାନଙ୍କୁ-ପୋଥିପାଠ
୪-ରାମ ବଚନ ଶୁଣି ପୋଥିପାଠ, ୫-ଦେଲେ ପୋଥିପାଠ, ୬-ଅସୁର କୁଳଗଣ ପୋଥିପାଠ, ୭-ଆନନ୍ଦେ ଋଷି ଯଜ୍ଞ କଲେ ପୋଥିପାଠ, ୮-ବରଷିଲେ ପୋଥିପାଠ

## ରାଗ—**ଭୈରବ** [୧]

କଉଶିକ ସଙ୍ଗେ ରାମ । ଗଲେ ଗଉତମାଶ୍ରମ [୨] ॥
ଦେଖିଲେ ତାଙ୍କୁ ଶ୍ରୀରାମ । ପଡ଼ିଛୁ ପାଷାଣ କ୍ରମ[୩] ॥
[୪]ତା'ପରେ ଉଠନ୍ତେ[୫] ରାମ । ବାହାର ହୋଇଲେ ହେମ ॥
ଗଉତ୍ମୀ ନାରୀ ଉତ୍ତମ[୬] । ଯୁବତୀ ଅହଲ୍ୟା ନାମ ॥
ଶ୍ରୀରାମଙ୍କ ବେନି ପାଦ । ଘାତକୁ [୭] ବପକୁ ଗଦ ॥
ଛୁଟିଲା ଶାପ ପ୍ରମାଦ । ହୋଇଲା ମହା ପ୍ରମୋଦ [୮] ॥
କୃତାର୍ଥ ରମଣୀ ନେତ୍ର । ଦେଖି ଦଶରଥ ପୁତ୍ର [୯] ॥
ପବିତ୍ର ହୋଇଲା ଗାତ୍ର । ଲାଗି ଶ୍ରୀଚରଣ ମାତ୍ର ॥
ଫଳ ମୂଳ ପୁଷ୍ପ ଘେନି[୧୦] । ପାଦକୁ ପୂଜେ କାମିନୀ ॥
ବୋଲେ ବଶି ସଙ୍ଗେ ଘେନି । ମିଥିଳା ଗଲେକ ମୁନି[୧୧] ॥

●

## ରାଗ—**ବସନ୍ତ ମଙ୍ଗଳଗୁର୍ଜ୍ଜରୀ** [୧୨]

ଶ୍ରୀରାମ ପଚାରନ୍ତି ହେ ମୁନେ କହ ମୋତେ ।
ନାରୀ ଅବା ପାଷାଣ ସେ ହୋଇଲା କେମନ୍ତେ ॥ ଘୋଷା

ମୁନି କହନ୍ତି ଶ୍ରୀରାମ ଶୁଣ ହେ ସନ୍ଦେଶ[୧୩] ।
ଶକ୍ର ସକାଶୁ ହୋଇଲା ଏମନ୍ତ ଭବିଷ୍ୟ ॥

ଏକଦିନେ ଗଉତମ ତପ କରି ଗଲେ ।
ପୁରନ୍ଦର ଗଉତମ ଶରୀର ଧଇଲେ ॥

ପ୍ରବେଶ ହୋଇଲେ ଗଉତମଙ୍କ ସଦନ ।
ରମିଲେ ସେ ଋଷି ନାରୀ ଯୁବତୀ ରତନ ॥

---

୧-ରାଗ-ଭଇରବ ଏକତାଳୀ ପୋଥିପାଠ, ୨-ଗଲେ ଗଉ ଆଶ୍ରମ ପୋଥିପାଠ
୩-କମ ପୋଥିପାଠ, ୪-ତୁରତେ ପୋଥିପାଠ, ୫-ଉଠିଲେ ପୋଥିପାଠ,
୬-ଅତଉତ୍ତମ ପୋଥିପାଠ, ୭-ପାଦକୁ ପୋଥିପାଠ, ୮-ପ୍ରମାଦ ପୁସ୍ତକପାଠ,
୯-ସୁତ ପୋଥିପାଠ, ୧୦-ଫଳ ପୁଷ୍ପ ବେନି ପୁସ୍ତକପାଠ, ୧୧-ବୋଲେ ଦୀନ ବଶି କହିଲା ଯାଇଣ ଭେଟିଲା ଗୌତମ ମୁନି ପୋଥିପାଠ ।
୧୨-ରାଗ-ବଭା ପୋଥିପାଠ, ୧୩-ରାମ ଶୁଣ ହୋ ସନ୍ଦେଶ ପୋଥିପାଠ ।

ବାହାର ହୁଅନ୍ତେ ପୁରୁ ଦେଖିଲେକ ଋଷି ।
ଶାପ ଦେଲେ ତା ବୃଷଣ ପଡ଼ିଲାକ ଖସି ॥

ଅହଲ୍ୟାକୁ ଦେଖିଣ ଦେଲେକ ଏହି ଶାପ ।
ରାମ ପାଦ ଲାଗିଲେ ଯେ ଯିବ ତାର ପାପ[୧] ॥

ଏବେ ରାମ ଅହଲ୍ୟାକୁ କଲେ ଯେ କାରଣ[୨] ।
ବୋଲେ ବଶି ନମସ୍କରିଲା ଲାଗି ଶ୍ରୀଚରଣ ॥

●

## ରାଗ—ମୁଖାରୀ

ପଥ ଗମନରେ ଦିନ ଶେଷ । କଉଶିକୀ ତୀରେ ପରବେଶ ॥
ରାମ ପୁଚ୍ଛନ୍ତି କେବଣ ଦେଶ । ଏଥି[୩] ନୃପତିର ନାମ କିସ ॥
ମୁନି ବୋଲନ୍ତି ଶୁଣ ଶ୍ରୀରାମ । ଆମ୍ଭେ କହିବା ଏଥିର ନାମ ॥
କୁଶ କେତୁ ସେ ଯେ କୁଶ ଲାଭ । କୁଶ ବ୍ରହ୍ମାଙ୍କ ଠାରୁ ସମ୍ଭବ ॥
କୁଶ ନୃପର ଶତ ନନ୍ଦନୀ । ଦିବ୍ୟ ସୁନ୍ଦରୀ ଜଗନ୍ମୋହିନୀ ॥
ଦେଖି ମୋହିତ ହେଲେ ମରୁତ । ବଶ ହେବାକୁ କଲେକ ଚିତ୍ତ ॥
କନ୍ୟାମାନେ ତୋଠା ପୁରେ ଥିଲେ । ତାଙ୍କ ପାଶକୁ ବୋଲିଣ ଗଲେ ॥
ଆମ୍ଭଙ୍କୁ ବର ବୋଲି ବୋଇଲେ । କନ୍ୟେ କେହିଁ ସ୍ୱୀକାର ନ କଲେ ॥
ତେଣୁ କ୍ରୋଧ ହୋଇଣ ସମୀର । କୁଜ କଲେ କନ୍ୟାଙ୍କ ଶରୀର ॥
ତେଣୁ କୁଜ କନ୍ୟା ଗଲେ ଦେଶ । ଗାଧି ଅଟନ୍ତି ତାଙ୍କର ଶିଷ୍ୟ ॥
ତାଙ୍କଠାରୁ ଅବତାର ଆମ୍ଭେ । ଯାହା ପଚାରିଲ ରାମ ତୁମ୍ଭେ ॥
ଆମ୍ଭ ଭଗ୍ନୀ କଉଶିକୀ ନଦୀ । ବହୁ ଅଛନ୍ତି ପାତାଳ ଭେଦି ॥
କୁଶ ଅଂଶୁ ଆମ୍ଭେ କଉଶିକ । ଏହା ବୋଲନ୍ତି ସକଳ ଲୋକ ॥
ଶୁଣି ସନ୍ତୋଷ ରଘୁ ନାୟକ । ତହିଁ ବଞ୍ଚିଲେ ରଜନୀ ଏକ ॥
ପ୍ରାତୁ ନିତ୍ୟକର୍ମ ବଢ଼ାଇଲେ । ମୁନି ସଙ୍ଗେ ବେନି ଗୋଡ଼ାଇଲେ ॥
ଗଙ୍ଗା ତୀରେ ହୋଇଲେ ପ୍ରବେଶ । ବୋଲେ ବଶି ଗଙ୍ଗା ଦେଖି ତୋଷ ॥

●

୧–ମୁକତ ତୋର ପାପ ପୋଥିପାଠ, ୨–ଦେଖିଲେ ଶ୍ରୀରାମଚନ୍ଦ୍ର ଅହଲ୍ୟା କାରଣ ପୋଥିପାଠ, ୩–ଏଥିର ନୃପତି ପୋଥିପାଠ ।

## ରାଗ—ଭାଟିୟାରୀ

ମୁନି ବୋଲେ ଗଙ୍ଗା ରାମ, ଦେଖନ୍ତୁ ସେ ଅନୁପାମ
ଚତୁର୍ଦ୍ଦଶ ଲୋକେ ବିଦିତ ହୋଇଛି ପତିତପାବନ ନାମ ହେ ॥

ସଗର ନାମେ ରାଜନ, ଷାଠିଏ ସହସ୍ର ନନ୍ଦନ,
ଦହନ ତାଙ୍କୁ କରିଥିଲେ କୋପରେ କପିଳଙ୍କର ନୟନ ହେ ॥

ଭଗୀରଥ ତପୋବଳେ, ବିଜେ କଲେ ରବ ତଳେ,
ସଗର ସୁତଙ୍କୁ ମୁକତ କରିଣ ସଙ୍ଗମ ସାଗର ଜଳେ ହେ ॥

ତୁମ୍ଭର ଚରଣ ନୀର, ଅଭିଷେକ ଶିବ ଶିର ।
ଜାହ୍ନବୀର ଜଳ ଏ ତୁମ୍ଭ ବଂଶର କୀରତଟି ରଘୁବର ହେ ॥

ଶୁଣିଣ ସ୍ନାହାନ କଲେ, ରାମ ତୃପତ ହୋଇଲେ ।
ବୋଲେ ଋଷି ନିଶି ରହି ତହିଁ ପ୍ରାତୁ ମିଥିଳା ପୁରକୁ ଗଲେ ହେ ॥

●

## ରାଗ—ମଙ୍ଗଳଗୁଜ୍ଜରୀ

ଶ୍ରୀରାମ ଲକ୍ଷ୍ମଣ ମୁନି ମିଥିଳା ପ୍ରବେଶ ।
ଦେଖିଣ କାମିନୀମାନେ କାମରେ ଆବେଶ ଯେ ୧ ॥

ଏ ପରା ରାମ ଲକ୍ଷ୍ମଣ ଏହି ପରା ମୁନି ।
୨ ଏ ପରା ତାଡ଼କା ସୁବାହୁ ମାରିଲେ ବେନି ଗୋ ॥

ଯାଙ୍କ ୩ ପାଦ ଲାଗ ପରା ପାଷାଣ ଯୁବତୀ ।
ଗୃହିଁବା ମାଏକେ ହରୁଅଛି ଅମ୍ଭ ମତି ଗୋ ॥

ଦେଖିଣ ଜନକ ରାଜା କଲେ ବହୁ ପୂଜା ।
ରୂପ ଦେଖି ଚକିତ ହୋଇଲେ ସର୍ବ ରାଜା ଯେ ॥

ବସିଲେ ସଭା ମଧ୍ୟରେ ହେଲା ନେତ୍ର ତୁଷ୍ଟି ।
ବୋଲେ ଋଷି ପଡ଼ିଲା ଭୂମିସୁତା୪ଙ୍କ ଦୃଷ୍ଟି ଯେ ॥

●

୧-ଦେଖିଣ କାମିନୀଏ କାମରେ ହେଲେ ବଶ ପୋଥିପାଠ ।
୨-ଆଗେ.............ପଦଟି ପୋଥିରେ ରହିଛି ।
୩-ଏହି ପାଦ ଲାଗି ପୋଥିପାଠ ।   ୪-ଋଷିସୁତା ପୋଥିପାଠ ।

## ରାଗ—ଦକ୍ଷିଣ କାମୋଦୀ

ଶ୍ରୀରାମ ମଧୁର ମୂର୍ତ୍ତି ଦେଖି ରାମା ।
ପଚାରନ୍ତି ସଖୀଙ୍କି ଜନକ ଜେମା ॥

କେବଣ ଦେଶ ନୃପତି କାହା ସୁତ ।
ଦେଖିଲା ବେଳୁ କାତର ହୁଏ ଚିତ୍ତ ॥

ତନୁ ନନ୍ଦଇ ନବନ ଦୂର୍ବାଦଳ ।
କ୍ଷୀଣମଧ୍ୟା ସୁବିପୁଳ ବକ୍ଷସ୍ଥଳ ॥

ସୁନ୍ଦର ନାସିକା ନନ୍ଦେ ତିଳ ଫୁଲ ।
ଜବା ପୁଷ୍ପ ଅଧରକୁ ନୁହେଁ ତୁଲ ॥

ତ୍ରିଭୁବନ ଜୟ କରି ମାର ୧ ବୀର ।
ନୟନେ ରଖିଲା କି ୨ କୁସୁମ ଶର ॥

କରିବର ପ୍ରାୟ ଦେଖ ବାହୁ ବେନି ।
ଶିବଧନୁ ସତେ କି ପାରିବେ ଘେନି ॥

କି ଜାଣି ବିଧାତା କି କରିବ ସଖି !
ସ୍ଫୁରୁଅଛି ତ ମୋହର ବାମ ଆଖି ॥

ଧନୁ ଭାଙ୍ଗି ବିଭା ମୋତେ ହେବେ ପରା ।
କରିବାକୁ ମୋ ମନ ହେଉଛି ପରା ॥

ଏଡ଼େ ଭାଗ୍ୟ ସଖି କି ମୁଁ ଅଛି କରି ।
ଗଗନ ଚନ୍ଦ୍ର ଲୋଡ଼ଇ ହସ୍ତେ ୩ ଧରି ॥

ଦାରୁଣ ପିଅର ମୋର କଲେ ସତ୍ୟ ।
ଯେଉଁ ଧନୁ ଧରି ୪ ନ ପାରିଲେ ଦୈତ୍ୟ୫ ॥

ବୃହାନ୍ତ ଜଗତି ପରେ ସର୍ବ ସଖି ।
ବୋଲେ ବିଶି ପିଛୁଡ଼ା ନ ପଡ଼େ ଆଖି ୬ ॥

●

୧-ମାର ବୀର ପୋଥିପାଠ, ୨-ରଖିଛନ୍ତି କି ପୋଥିପାଠ, ୩-କରେ ପୋଥିପାଠ, ୪-ତୋଳି ପୋଥିପାଠ, ୫-ପୋଥିରେ ଦୈତ୍ୟ, ସୈନ୍ୟ, ତୋତେ, ମୋତେ ଶବ୍ଦ ଯଥାକ୍ରମେ ଦତ୍ୟ, ସନ୍ୟ, ତତେ, ମତେ ରୂପେ ଲିଖିତ ହୋଇଛି ।
୬-ପିଛୁଡ଼ି ନ ପାରେ ଆଖି ପୋଥିପାଠ ।

## ରାଗ— ଚଉତିଶାବାଣୀ

ଜନକ ମହାଋଷି ହସି କହନ୍ତି ରାଜ ସଭାକୁ ଅନାଇଁ ।
ସମସ୍ତ ମହୀପତିମାନେ ବସିଛ ମସ୍ତକ ପୋତି କିମ୍ପାଇଁ ବା ।
ଆଉ ମହୀରେ ନାହାନ୍ତି ବୀର, କେହି ଧନୁରେ ନ ଦେଲେ କର ॥
ରାବଣ ସହସ୍ରାର୍ଜ୍ଜୁନ ୧ ବାଣାସୁର ଆଉ ବୀର ଛନ୍ତି ଯେତେ ।
ଧନୁ ନ ଭାଙ୍ଗି କନ୍ୟାକୁ ନେବ ବୋଲି ବିଗୁଡ଼ିଅଛ କି ଚିତ୍ତେ ବା ॥

ଗନ୍ଧର୍ବ କିନ୍ନର ଯକ୍ଷ ନାଗ ନର ଇନ୍ଦ୍ର ଆଦି ଦିଗପାଳ ।
ଚଣ୍ଡାଳ ବ୍ରାହ୍ମଣ ପର୍ଯ୍ୟନ୍ତେ ହେଉ ଯାହା ଅଙ୍ଗେ ଥିବ ବଳ ବା ।
ଯେ ଶିବଧନୁ ଭାଙ୍ଗିବ ।
ସୁତନୁ ସୀତା ନିଶ୍ଚେ ପ୍ରାପ୍ତ ହେବ
ଏ ସତ୍ୟ ଗୀର ଅଟଇ ମୋହର କେବେହେଁ ଆନ ନୋହିବ ବା ୨ ॥

ଜନକ ଭାରତୀ ଶୁଣି ନରପତିମାନେ ମଉନ ହୋଇଲେ ।
ବିଶ୍ୱାମିତ୍ରଙ୍କୁ ଚାହିଁଣ ରାମଚନ୍ଦ୍ର ଧନୁ ଦେଖିବା ବୋଇଲେ ବା ।
ଶୁଣିଣ ଜନକ ନୃପତି ସଭାରୁ ଶ୍ରୀରାମଚନ୍ଦ୍ରଙ୍କୁ ନେଲେ
ବୋଲେ ବଶି ଧନୁ ମଞ୍ଜୁଷା ଅଣାଇ ଶ୍ରୀରାମଙ୍କୁ ଦେଖାଇଲେ ବା ॥

●

## ରାଗ ଆନନ୍ଦ ଭୈରବୀ

ଧନୁ ଧରି ରାମ ହୋଇଲେ ଉଭା ଲକ୍ଷେ ନୃପତିରେ ଦିଶନ୍ତି ଶୋଭା
ବାମଦେବ କୋଦଣ୍ଡ ହୋଇଲା ବେନି ଖଣ୍ଡ ।
ଧ୍ୱନି କଲା ପ୍ରଚଣ୍ଡ ମୋହେ ସକଳ ପିଣ୍ଡ ॥ ଘୋଷା ।

ଲକ୍ଷ୍ମଣ କରେ ନେଇ ଧନୁଶର ରାଜ ସଭାକୁ ବୋଲନ୍ତି ଉତ୍ତର
ପାରିଲେ ସକଳ ଧନୁକୁ ଧର
ଧନୁ ଭାଙ୍ଗି ଯଶ ରଖ ମହୀର ॥

---

୧– ସସ୍ର ଅର୍ଜ୍ଜୁନ ପୋଥି ପାଠ । ୨– ଯେ ଶିବଧନୁ······ଆନ ନୋହିବ ପର୍ଯ୍ୟନ୍ତ ପୋଥିରେ ନାହିଁ ।

ବାମ କରେ ଧନୁ ଧରିଣ ରାମ । ଚଢାଇ ଟଙ୍କାରିଲେ ଗୁଣ କାମ ॥
ଯେତେ ଲଉଁଥାଇ ଶର ଆସନ । ତେତେ ଲଉଁଥାଇ ମୁକୁଟ ମାନ ॥
ଯେତେବେଳେ ରାମ ଟାଣିଲେ ଗୁଣ । ଟାଣିଲେ ସର୍ବ ନୃପତି ପ୍ରାଣ ॥
କର୍ଣ୍ଣ ପରିକି ଆଣିଲେ ଓଟାରି । ହସ୍ତୀକି ଯେହ୍ନେ ଧଇଲା କେଶରୀ ॥
ଯେତେବେଳେ ଭଗ୍ନ କଲେ କୋଦଣ୍ଡ । ହସ୍ତୀ ଭାଙ୍ଗିଲା କି ଏ ଇକ୍ଷୁ ଦଣ୍ଡ ॥
ନୃପତିଙ୍କ ଯେତେକ ଆଶା ଥିଲା । ଧନୁ ସଙ୍ଗରେ ସେ ଭଗ୍ନ ହୋଇଲା ॥
ଧନୁ ଭାଙ୍ଗି ରାମ ବିଜେ ଆସ୍ଥାନେ । ଦେଖିଣ ବିରସ ନୃପତିମାନେ ॥
କନ୍ୟାକୁ ଆଣି ମୁଦ୍ରୁସୁଲୀ ଗଲେ । ବୋଲେ ବସି ଜନକ ଆଜ୍ଞା ଦେଲେ୧॥

●

୧-ପ୍ରସ୍ତୁତ ଗୀତଟି ପୋଥିରେ ଭିନ୍ନ ରୀତିରେ ଲେଖା ଯାଇଛି । ତଦ୍ ବ୍ୟତୀତ ପଦ ଓଲଟ ପାଲଟ ହୋଇଛି ଏବଂ ଛନ୍ଦ ପ୍ରଥନରେ ମଧ୍ୟ ବ୍ୟତିକ୍ରମ ଥିବାର ଦେଖାଯାଏ । ପାଠକମାନଙ୍କ ଅବଗତି ନିମିତ୍ତ ପୋଥି ପାଠଟି ଏଠାରେ ପ୍ରଦତ୍ତ ହେଲା—

ରାଗ- **ଆନନ୍ଦ ଭଇରବୀ**

ଧନୁପାଶେ ରାମ ହୋଇଲେ ଉଭା । ରାଜସଭା ମଧ୍ୟେ ପାଇଲେ ଶୋଭା ॥
ଲକ୍ଷ୍ମଣ କାନ୍ଧେ ଦେଇ ଦେଇ ବାମକର । ରାଜସଭାକୁ ବୋଲନ୍ତି ଉତ୍ତର ॥
ପାରିଲେ ଧନୁ ଧର ଯଶଃ ରହୁ ମହୀର । ଶୁଣି ରାମ ଉତ୍ତର, ନମ୍ର କଲେକ ଶିର ॥
ବାମ କରେ ଧନୁ ଧରିଣ ରାମ । ଚଢ଼ାଇ ଟଙ୍କାରିଲେ ଗୁଣମାନ ॥
ଯେତେ ନଉଁଥିଲା ସେ ଶରାସନ । ତେତେ ନଉଁଥିଲା ମୁକୁଟମାନ ॥

ବାମଦେବ କୋଦଣ୍ଡ ହୋଇଲା ବେନିଖଣ୍ଡ । ଧ୍ୱନି କଲା ପ୍ରଚଣ୍ଡ, ମୋହେ ସକଳ ପିଣ୍ଡ ॥
ନୃପତିଙ୍କର ଯେତେକ ଆଶା ଥିଲା । ଧନୁ ସହିତେ ସେ ଭଗ୍ନ ହୋଇଲା ॥

ଦେଖିଣ ଜନକ ରାୟେ, ମନେ କଲେ ସଂଶୟେ ॥
ସାକ୍ଷାତ ବିଷ୍ଣୁ କି ଏହି, ହେଲେ ଆନନ୍ଦ-ମୟେ ॥
ଧନୁ ଭାଙ୍ଗି ରାମ ବିଜେ ଆସ୍ଥାନେ, ଦେଖିଣ ବିରସ ନୃପତିମାନେ ॥
ଜନେକ ଆଜ୍ଞା ଦେଲେ, କନ୍ୟା ଆଣ ବୋଇଲେ ॥
ମୁଦ୍ରୁସୁଲୀଏ ଗଲେ, ଏହା ବସି କହିଲେ ॥

( ରାଜ୍ୟ ସଂଗ୍ରହାଳୟସ୍ଥ ପୋଥି ସଂଖ୍ୟା ଓ ଏଲ୍ - ୧୬୯୮ ଅନୁସାରେ ପାଠ )

●

## ରାଗ—କୁମ୍ଭକାମୋଦୀ ୧

ଧନୁଭଗ୍ନ ଦେଖି ଜାନକୀର ଭ୍ରୂରୁ ମଧ୍ୟମ ଫୁଟିଲା ।
ଏହି ସମୟରେ କୁସୁମଧନୁ ୨ କି ଧନୁ ଆମଣ୍ଟିଲା ॥

ରିପୁକୋଦଣ୍ଡ ୩ ବେନି ଖଣ୍ଡ ଦେଖିଣ ହୋଏ କି ଆନନ୍ଦ ମନ ।
ମଳୟ ପବନ ଲାଗିଲେ ଯେସନେ ପଲ୍ଲବେ ମାକନ୍ଦ ॥

ରାମ ଭୁଜଦଣ୍ଡ ପ୍ରଚଣ୍ଡ ଦେଖିଣ ହରଷ କାତର ।
କୁସୁମଶର କି କୁସୁମରେ ଭେଦଇ ମରମ ଭିତର ॥

ସଖୀ ଜାଣି ବୋଇଲେ ନ ଡ଼ର ତରୁଣୀ ଦେଖ ଧନମଣି ।
କାରଣ ଲାଗିଣ ଫାଟଇ ଆନନ୍ଦେ ଧରଣୀ ନନ୍ଦନୀ ୪ ॥

ଯେବଣ ଭ୍ରମର ଶୁଷ୍କ ତରୁବର ବଦନେ ଫୋଡ଼ଇ ।
ସେ ପୁଣି ମାଳତୀ କୁସୁମ ଚୁମ୍ବିଲା ମାସକେ ଛୁଡ଼ଇ ୫ ॥

ସଖୀ ବାଣୀ ଶୁଣି ସରୋଜ ଲୋଚନୀ ହୋଇଲେ ପ୍ରମୋଦ ।
ବୋଲେ ବିଧି ରାମଚନ୍ଦ୍ର ଦେଖି ଫୁଟେ ଜାନକୀ କୁମୁଦ ॥

●

---

୧-ଦକ୍ଷିଣ କାମୋଦୀ ପୋଥିପାଠ । ୨-କୁସୁମଧନୁ = କାମଦେବ

୩-ରିପୁକୋଦଣ୍ଡ = ଶିବ କନ୍ଦର୍ପଙ୍କୁ ଭସ୍ମ କରି ଦେଇଥିବାରୁ ସେ କନ୍ଦର୍ପର ଶତ୍ରୁ । ତେଣୁ ତାଙ୍କର ଶରାସନ ଭଗ୍ନ ହେବାର ଦେଖି କାମଦେବ ଆନନ୍ଦ ହେବା ସ୍ୱାଭାବିକ ।

୪-ଉଭୟ ପ୍ରକାଶିତ ପୁସ୍ତକ ଓ ପୋଥିରେ ଧରଣୀ ଆନନ୍ଦେ ନନ୍ଦନୀ ବୋଲି ପାଠ ରହିଛି । କିନ୍ତୁ ଆନନ୍ଦେ ଧରଣୀ ନନ୍ଦନୀ ପାଠ ହେଲେ ସୀତାଙ୍କ ଆଡ଼କୁ ମଧ୍ୟ ଆକ୍ଷେପ କରାଯାଇ ପାରିବ । ୫-ଝଡ଼ଇ ପୋଥିପାଠ ।

## ରାଗ—ଆନନ୍ଦଭୈରବୀ

ସୁନ୍ଦରୀ ସୁବେଶ କରି ସହଚରୀମାନେ ।
ଜଗତୀରୁ ଉହ୍ଲାଇ ଆଣନ୍ତି ସୁଖାସନେ ॥

ମନେ ହେଉଛି ଆନନ୍ଦ ।
ରବି ଦେଖି ପ୍ରଫୁଲ୍ଲ କି ନବ ଅରବିନ୍ଦ ॥

ରାଜସଭା ନିକଟକୁ ଓହ୍ଲାଇ ଆଣନ୍ତି ।
ବେଢ଼ି ସମସ୍ତ ଯୁବତୀ ହୁଳହୁଳୀ ଦ୍ୟନ୍ତି ॥

ଯୁବତୀ ସମୂହ ମଧ୍ୟେ ଦିଶେ ମଇଥିଲୀ ।
ଯେସନେ ନକ୍ଷତ୍ର ମଧ୍ୟେ ପୂର୍ଣ୍ଣଚନ୍ଦ୍ର ମିଳି ॥

ଚନ୍ଦ୍ରମା ଉଦୟ କି ଦେଖିଲା ଚନ୍ଦ୍ରମଣି ୧ ।
ସେହି ରୂପେ ସୀତାଙ୍କୁ ଦେଖିଲେ ରଘୁମଣି ॥

ଯେତେବେଳେ ରମଣୀ ସଭାକୁ ଦେଲେ ଦୃଷ୍ଟି ।
ରାଜାଙ୍କ ଶରୀରେ କାମ କଲା ଶର ବୃଷ୍ଟି ॥

ହେମମାଳା ବାଳା ରାମ କଣ୍ଠେ ଲମ୍ବାଇଲେ ।
ଶ୍ରୀଫଳ ଶ୍ରୀକରେ ଦେଇ ଶରଣ ପଶିଲେ ॥

ବାହୁଡ଼ିଣ ନିଜ ପୁରେ ପ୍ରବେଶ ହୋଇଲେ ।
ଜନକ ଅନେକ ରତ୍ନ ବ୍ରାହ୍ମଣଙ୍କୁ ଦେଲେ ॥

ଲଜ୍ଜା ପାଇଣ ରହିଲେ ପ୍ରିୟ ରାଜାମାନେ ।
ବୋଲେ ବସି ଥୋକାଏକ ଗଲେ ଅପମାନେ ॥

---

୧-ଚନ୍ଦ୍ରକାନ୍ତ ମଣି ଚନ୍ଦ୍ରମାଙ୍କ ହୃଦୟରେ ତରଳିଯାଏ ବୋଲି କବି ପ୍ରସିଦ୍ଧ ରହିଛି ଏଠାରେ ଜନକନନ୍ଦିନୀ ରୂପୀ ଚନ୍ଦ୍ରକାନ୍ତ ମଣି ରାମଚନ୍ଦ୍ରଙ୍କ ହୃଦୟରେ ପ୍ରେମରେ ବିଗଳିତା ହୋଇଗଲେ ।

## ରାଗ-- ଭୈରବୀ

ଆନନ୍ଦ ହୋଇ ଜନକ ବିଶ୍ୱାମିତ୍ରଙ୍କୁ ଅନେକ
ଗଉରବ କରି ନିଜ ପୁରକୁ ନେଲେ
ରାମ ଲକ୍ଷ୍ମଣଙ୍କୁ କୋଳେ ବସାଇ ଋଷିଙ୍କ ମେଳେ
ବିଗ୍ରହଣ ଲେଖା ଲେଖି ଦୂତଙ୍କୁ ଦେଲେ ।
ଦଶରଥ ଆଇଲେ ବିଭା
ନ ଜଣାଇ କଲେ ତ ଦିଶିବ ଅଶୋଭା ।।

ଜନକ ନୃପତି ଦୂତ ଅଯୋଧ୍ୟା ପୁରେ ଉଦିତ ୧
ତୁରିତେ ୨ ଚିଠାଉ ଦେଲା ରାଜାଙ୍କ ପାଶେ
ହେ ପ୍ରଭୁ ତୁମ୍ଭ କୁମର ବିଶ୍ୱାମିତ୍ରଙ୍କ ସଙ୍ଗର
ବିଜୟ କରି ଅଛନ୍ତି ମିଥିଳା ଦେଶେ ।
ଶିବଧନୁ ଭାଙ୍ଗିଲେ ହେଲେ
ଲକ୍ଷେ ରାଜା ଲୁଣ୍ଠ ହୋଇ ଦେଖିଲେ ତୋଳେ ।।

ମାରି ତାଡ଼କା ସୁବାହୁ ରାମଚନ୍ଦ୍ର ମହାବାହୁ
ଯାଗ ୩ ରଖିଣ ମୁନିଙ୍କି ଅଭୟ ଦେଲେ
ଗଉତମଙ୍କ ଯୁବତୀ ଶାପରେ ପାଷାଣ ମୂର୍ତ୍ତି
ଚରଣ ଲଗାଇ ତାଙ୍କୁ ଯୁବତୀ କଲେ ।
ବେଗେ କଲେ ବିଭା ହୋଇବ
ଜନକ ତୁମ୍ଭ ରାମକୁ ପେଷିଲେ ଦେବ ।।

ଶୁଣି ନୃପତି ଆନନ୍ଦ ଚକ୍ଷୁ କି ପାଇଲା ଅନ୍ଧ
ଦୂତକୁ ଧନ ବସନ ବିଧାଇ ଦେଲେ
ସଙ୍ଗେ ଭରତ ଶତ୍ରୁଘ୍ନ ୪ ଆବରି ସକଳ ସୈନ୍ୟ
ଘେନି ନୃପତି ମୁକୁଟ ବାହାର ହେଲେ ।
ମିଥିଳା ନଗରେ୫ ପ୍ରବେଶ
ତୋଳି ବିଶି ଶୁଭୁଅଛୁ ମଙ୍ଗଳ ଘୋଷ ।।

●

---

୧-ତୁରିତ ପୋଥିପାଠ, ୨-ପ୍ରବେଶି ପୋଥିପାଠ, ୩-ଯଜ୍ଞରଖିଣ ପୋଥିପାଠ, ୪-ସଙ୍ଗେ ଭ୍ରାତ ଶତ୍ରୁଘନ ପୋଥିପାଠ, ୫-ନବରେ ପୁସ୍ତକପାଠ । ନବର ଅପେକ୍ଷା ନଗର ପାଠ ଅଧିକ ଯୁକ୍ତିଯୁକ୍ତ । କାରଣ ପରବର୍ତ୍ତୀ ଗୀତରେ ଜନକ ତାଙ୍କୁ ପାଛୋଟି ନେଇ ଥିବାର ବର୍ଣ୍ଣନା ରହିଛି ।

ରାଗ **କଳସା** ୧

ଶ୍ରୀରାମ ଲକ୍ଷ୍ମଣ ବିଶ୍ୱାମିତ୍ର ସଙ୍ଗେ ଘେନି ।
କିଛିଦୂର ପାଶ୍ଚୋଟି ଅଇଲେ ରାଜମୁନି ॥

ଦଶରଥ ମନ୍ତ୍ରୀପତି ସଙ୍ଗେ ହେଲେ ଭେଟ ।
ମାନ୍ୟ ଗଉରବ କଲେ ଯେ ଯାହାର ଶ୍ରେଷ୍ଠ ॥

ହେମମୟ ପୁରେ ନେଇ ବିଜେ କରାଇଲେ ।
ଭୋଜନ ନିମନ୍ତେ ବହୁ ଉପହାର ଦେଲେ ॥

ଚତୁରଙ୍ଗ ୨ ବଳ ଯେ ସମସ୍ତ ହେଲେ ସୁସ୍ଥ ।
ସୁଖେ ନିଦ୍ରା ଗଲେ ନିଶି ହେଲାକ ପ୍ରଭାତ ॥

ନିତ୍ୟକର୍ମ ବଢ଼ାଇଣ ଦଶରଥ ରାଜ ୩ ।
ସଙ୍ଗତରେ ବଶିଷ୍ଠ ଆବର ବହୁ ଦ୍ୱିଜ ୪ ॥

ଜନକ ରାଜା ପୁରକୁ ବିଜେ କରିଗଲେ ।
ଦେଖି ମୁନି ଆଲିଙ୍ଗନ କରି ବସାଇଲେ ॥

ବଶିଷ୍ଠ ଦେଖି ଜନକ ହେଲେ ବହୁ ହୃଷ୍ଟ ।
କାଲି ବିଭା ହେବ ବୋଲି କହିଲେ ବଶିଷ୍ଠ ॥

ବେନି ଜନଙ୍କର ବେନି ବଂଶାନୁଚରିତ ।
କହିଲେକ କଉଶିକ ଅତ୍ୟନ୍ତ ପବିତ୍ର ॥

ବୋଲନ୍ତି ବଶିଷ୍ଠ ଆହେ ଶୁଣ ରାଜର୍ଷି ।
ଭରତ ୫ ଶତ୍ରୁଘ୍ନ ଲକ୍ଷ୍ମଣ ଅଛନ୍ତି ଆସି ॥

ତିନି କୁମାରୀଙ୍କି କର ଏହାଙ୍କୁ ପ୍ରଦାନ ।
ଶୁଣି ସୀକାର କଲେ ମିଥିଳା ରାଜନ ॥

ବିଶ୍ୱାମିତ୍ର ମହିମା ବୋଲେ ବଶିଷ୍ଠ ମୁନି ।
ଦ୍ୱିତୀୟ ବ୍ରହ୍ମା ୬ ଅବତରିଛନ୍ତି ମେଦିନୀ ॥

ଧାତବ ଅଭାବେ କଲେ ଅଭିନବ ସୃଷ୍ଟି ।
ଏଣୁ ବୋଲନ୍ତି ଏ ଦ୍ୱିତୀୟ ପରମେଷ୍ଠି ॥

---

୧-କୃଷ୍ଣ ଚଉତିଶା ରାଗେ କଳଶା ବାଣୀରେ ଗାଇବ ପୋଥିପାଠ ।
୨-ଉଭୟ ପୋଥି ଓ ବହିରେ ଚତୁରଙ୍ଗ ବଳ ପାଠ ରହିଛି ।
୩-ରାଜା ପୋଥିପାଠ, ୪-ବହୁ ପୂଜା ପୋଥିପାଠ, ୫-ଭ୍ରାତ ପୋଥିପାଠ,
୬-ଦୁତୀ ବ୍ରହ୍ମା ପୋଥିପାଠ ।

ସମସ୍ତେ ଯେ କଲେ ବିଶ୍ୱାମିତ୍ରଙ୍କୁ ଯେ ସ୍ତୁତି ।
ଶୁଣିଣ ମହା ହରଷ ହେଲେ ମହାପତି ॥

ଆଜି ଅଧିବାସ ୧ ରଜା କାଲି ହେବ ବିଭା ।
ଏମନ୍ତ ନିର୍ଣ୍ଣୟ କରି ଭାଙ୍ଗିଲେକ ସଭା ॥

ସେ ନିଶାରେ ରାମ ସୀତା ଅଧିବାସ କଲେ ।
ମହା ଉତ୍ସବ କରିଣ ବାଦ୍ୟ ବଜାଇଲେ ॥

ହୁଳହୁଳୀ ଦେଲେ ତହିଁ ସକଳ କାମିନୀ ।
ବୋଲେ ବଶି ସୁଖେ ଶେଷ ହୋଇଲା ଯାମିନୀ ॥

●

ରାଗ- **ମାଳବ**

( ରାମବିଭା ମଧୁଶଯ୍ୟା ବଣେ ) ୨

ଏଥୁ ଅନନ୍ତରେ ରାମ ବିଭାର ଚରିତ ।
ଶ୍ରବଣେ ଶୁଣନ୍ତେ ନରେ ହୋଇବେ ପବିତ୍ର ॥
ମିଥିଳା କଟକରେ ଉତ୍ସବ କରାଇଲେ ।
ହେମ କଳଶରେ ନେତ ଚରାଳ ବାନ୍ଧିଲେ ॥
ବୋଇଲେ ମଙ୍ଗଳ ଗୀତ ଦେଲେ ହୁଳହୁଳି ।
ବିବିଧ ବାଦ୍ୟ ନାଦରେ ସିନ୍ଧୁ କି ଉଚ୍ଛୁଳି ॥
ନିଶି ଅବଶେଷେ ରୁଣ୍ଡ ହୋଇ ସର୍ବ ବାଳୀ ।
ହେମ କୁମ୍ଭେ ଚନ୍ଦନ କର୍ପୂର ଜଳେ ଗୋଳି ॥
ଶ୍ରୀରାମ ସୀତାଙ୍କ ଶିରେ ଢାଳିଲେକ ବାଳୀ ୩ ।
ପୁଣି ସୁବାସ ଜଳରେ ଶ୍ରୀଅଙ୍ଗ ପଖାଳି ॥
ସର୍ବାଙ୍ଗ ପୋଛି କୁସୁମେ ଝିମୁଣ୍ଟି ବାନ୍ଧିଲେ ।
ବସନ ପୀତ ପଟରେ କାଛି ପିନ୍ଧାଇଲେ ॥
ମଣିମୟ ଉଡାଉ ୪ ଶ୍ରୀଅଙ୍ଗେ ଲାଗି କରି ।
ଭାଳପଟେ ସିନ୍ଦୂର ତିଳକ ଦେଲେ ନାରୀ ॥

---

୧-ଆଦିବାସ - ପୋଥି ପାଠ । ଆଦିବାସ ପୋଥି ପାଠ ଅଧିବାସ ପାଠ ଯୁକ୍ତିଯୁକ୍ତ । ୨-ରାଗ-ଯମକ ପୁସ୍ତକ ପାଠ । ୩-ଢ଼ାଳିଲେ ତା ତୋଳି ପୁସ୍ତକ ପାଠ । ୪-ଉଡ଼ାଗ ପୁସ୍ତକ ପାଠ ।

ହେମ ବେଦିକା ଉପରେ ରତ୍ନର ମଣ୍ଡପ ।
ଶୋଭା ଦିଶଇ ଚାମର ଚାରୁ ଚନ୍ଦ୍ରାତପ ॥
ସେ ବେଦିକା ଉପରେ ଶ୍ରୀରାମ ଆସି ବସି ।
ମହାବାକ୍ୟରେ ସଂକଳ୍ପ କରାଇଲେ ଋଷି ॥
ଦଶରଥ ଗଉତମ ଆବର ଜନକ ୧ ।
ବଶିଷ୍ଠ ଜାବାଲି ବାମଦେବାଦି ଯେତେକ ॥
ଏମାନେ କରନ୍ତି ବିଭା ବେଦ ମନ୍ତ୍ର ପଢ଼ି ।
କନ୍ୟାକୁ ଆଣିଲେ ସର୍ବ ପରିବାରୀ ବେଢ଼ି ॥
କୋଦଣ୍ଡଧର ୨ କରରେ ଦେଲେ କନ୍ୟା କର ।
କୁଶ ରଜ୍ଜୁରେ ବନ୍ଧନ କଲେ ମୁନିବର ॥
କୁମାରୀ ଗୋଟିଏ ସେ ବନ୍ଧନ ଫେଡ଼ି ଦେଲେ ।
ସେହି ଦିନ ମହାସ୍ଥଳୀ ୩ ଶ୍ରୀରାମର ହେଲେ ॥
ଜନକ ଅନେକ ଦେଲେ ରତ୍ନ ଆଭରଣ ।
ରଥ ଗଜ ଅଶ୍ୱ ଆଦି ଦିବ୍ୟ ନାରୀଗଣ ॥
ଲାଜା ହୋମ ୪ ସାରି ରାମ ଭିତରେ ବିଜୟେ ।
ଏହି ରୂପେ ତିନି ଭାଇଙ୍କର ବିଭା ହୋଏ ॥
ପଞ୍ଚ ରାଶି ମଣୋହି ସାରି ବଡ଼ଆ ଲାଗି ୫ ।
ବୋଲେ ବଶୀ ମଧୁ ଶଯ୍ୟାରେ ପ୍ରବେଶୀ ବେଗି ୬ ॥

●

## ରାଗ ଘଣ୍ଟାରବ

ଗଜଗମନୀ ସୁବେଶ କରି ସହଚରୀମାନେ ସମର୍ପିଲେ ଶ୍ରୀରାମ ୭ ପାଶେ ।
ଅତି ସୁକୁମାରୀ ଆମ୍ଭ କୁମାରୀ ନବ ବୟସୀ ନଜାଣନ୍ତି ସୁରତି ବିଶେଷେ ହେ ॥
ରାଘବ, ମନମଥ ମନ ମୋହନ
ସୁଖେ ଭୋଗ କର ଏ ରଜନୀ ॥

---

୧-ପୋଥି ପାଠ—ଦଶରଥ ଜନେକ ଆବର ଗଉତମ ।
ବଶିଷ୍ଠ ଜାବାଲି ବାମଦେବ ଦ୍ୱିଜୋତ୍ତମ ॥
୨-କୋଦଣ୍ଡକର ପୋଥି ପାଠ । ୩-ମହାବାଳୀ ପୁସ୍ତକ ପାଠ ।
୪-ଲଜ୍ୟାହୋମ ପୋଥି ପାଠ । ୫-ବଡ଼ଆଲାଗି=ପାନ ଖାଇବା ।
୬-ପରବେଶବେଗି ପୋଥି ପାଠ । ୭-ରାଘବ ପୋଥି ପାଠ ।

ନୁହଇଟି ୧ ଶିବଧନୁ ଶିରଷ କୁସୁମ ତନୁ ନ ଧରିବ ଅତି ସାହସେ ।
କାଠ କୁସୁମେ ମଧୁପ ମଧୁପାନ କରେ ଶେଷେ ଯେସନେ ପୀଡ଼ା ନପାଏ ସେ ॥

ପଞ୍ଚନାମ କରି ସହଚରୀ ଗଲେ ଅପସରି ରାମା କର ଧରି ଶ୍ରୀରାମ ।
ବସାଇଲେ ନିଜ ଅଙ୍କେ ଦନ୍ତୀଦନ୍ତର ପଲଙ୍କେ ଲାଜରିପୁ ସାଧିଲାକ ୨ କାମ ॥

ଏକ ପତ୍ନୀବ୍ରତ ୩ ରାମ ଅଗ୍ନି ସାକ୍ଷୀ କରିଗଲେ କରାଇଲେ ରାମା ରତନ ।
କଲେ ବିବିଧ ସୁରତ କାମପାଠ ବିଧିମତ କାମକଳେ ବୁଡ଼ିଣ ଅଜ୍ଞାନ ॥

ହୋଇଲେ ବେନି ପ୍ରମୋଦ ଛାଡ଼ିଲେ ମନରୁ ଖେଦ କମଳିନୀ ରଘୁନନ୍ଦନ ।
ବୋଲେ ବଶି ନିଶି ପ୍ରଭାତରୁ ସର୍ବ ସଖୀ ବେଢ଼ି ପଚାରନ୍ତି କେଳିର ବିଧାନ ॥

●

## ରାଗ—ଆଷାଢ଼ ଶୁକ୍ଳ

ଫିଟିଛି କୁସୁମ ୪ ସହିତେ ବେଣୀ । କାଳିନ୍ଦୀରେ ଭାସେ କି ହଂସ-ଶ୍ରେଣୀ ॥
ରାହୁ ମୁଖରୁ ୫ କି ଖସିଲା ଶଶୀ । ସରୋଜ ନେତ୍ରୀ ସେହି ମତେ ଦିଶି ॥
ଲିଭିଛି ଚନ୍ଦନ ୬ । ବର୍ତ୍ତୁଳ କୁଚେ ନଖ କ୍ଷତମାନ ॥
ତୁଟିଛି ଉରହାର ଗଜ ମୋତି । ଛୁଟିଛି ଅଧର ରଙ୍ଗିମା ଜ୍ୟୋତି ॥
ରଙ୍ଗିମା ଦିଶୁଛି ନୟନ ବେନି । କାନ୍ତ ଅନୁରାଗ ଅଛି କି ଘେନି ॥
ଫିଟିଛି ବସନ । ୭ ହାରରୁ ଅନ୍ତର କିବା କାଞ୍ଚନ ॥
ଶୁଣି କେଉଁ ସଖୀ ବୋଲେ ବଚନ । କମ୍ପୁଥିଲା ପରା ତନୁ ଲାବଣ୍ୟ ॥
ଅଙ୍ଗ ଛୁଅନ୍ତେ ନ କଲା କି ନାହିଁ । ରହୁଁ ନ କଲେ କି ବିନୟୀ ହୋଇ ॥
ଲାଜ କଲଟିକି । ସୁରତେ ତୁମ୍ଭଙ୍କୁ ଜିଣିଲେନିକି ॥
ରାମ କଲେ କାମ ଭଣ୍ଡାର ଲୁଟ । ଜାଣିଲୁ ଆମ୍ଭେ ବେଶରୁ ତୁମ୍ଭର ॥
ମୁକୁତା ଅଳକା ପଡ଼ିଛି ଖସି । ଚନ୍ଦ୍ରିକା - ସୁଧା ବରଷଇ ହସି ॥
୮ଗୋ' ଲଳନାବର, ବୋଲେ ବଶି ରାମ ତୁମ୍ଭଙ୍କ ବର ॥

---

୧-ନୁହଇ ·····ପାଠ ପୂର୍ବରୁ "କାଠ କୁସୁମ ଦଳିନ ମୃଦୁହାସୀ ବିପୁଳସ୍ତନୀ" ପାଠ ରହିଛି ପୋଥିରେ । ୨-ସାରିଲାକ ପୋଥି ପାଠ ।
୩-ପ୍ରୀତି ପୁସ୍ତକ ପାଠ । ୪-କ୍ରୀଡ଼ା ପୋଥି ପାଠ ।
୫-ତୁଣ୍ଡରୁ ପୋଥି ପାଠ । ୬-ଫିଟିଛି ବସନ ପୋଥି ପାଠ ।
୭-ପାରରୁ ପୁସ୍ତକ ପାଠ । ୮-ଗୋ ନଳିନୀବର ପୁସ୍ତକ ପାଠ ।

## ରାଗ- ଘଣ୍ଟାରବ

ବହୁ ମହୋତ୍ସବ କଲେ ଯେ, ସାତ ମଙ୍ଗଳାଇ ଗଲେ ।
କଟେ କଟଣ କନ୍ୟା ଜନକ ଅନେକ ୧ ରତନ ବସନ ଦେଲେ ଯେ ॥

ଦଶରଥ ବେନି କର ଯେ, ଧରି ରାଜ ଋଷିବର ।
ମିଥିଳା ୨ ନଗର ଆଜହୁଁ ତୁମ୍ଭର ଅଯୋଧ୍ୟା ନଗର ମୋର ହେ ॥

କୁମାରୀମାନଙ୍କ ଦୋଷ ହେ, କ୍ଷମା କରିବ ନରେଶ ।
୩ ଶୁଣି ନୃପତି ଆଲିଙ୍ଗନ କରିଣ ହୋଇଲେକ ହସ ହସ ଯେ ॥

ଦଶରଥ ମହାରାଜା ଯେ, ବଜାଇଲେ ବୀର ବାଜା ।
ବଳ ବଢ଼ାଇ ବାହୁଡ଼ା ବିଜେ କଲେ ସଙ୍ଗେ ଘେନି କ୍ଷିତି ଦୁଜା ୪ ଯେ ॥

ଚଳେ ଚତୁରଙ୍ଗ ବଳ ଯେ, କୂର୍ମ ଟଳ ମଟଳ ୫ ।
ସମୁଦ୍ର ମନ୍ଥନ ପ୍ରାୟକ ଶୁଭୁଛି ମୁଖରାବର ଚହଳ ଯେ ॥

ଶୁଣି କରି ଭୃଗୁପତି ୬ ଯେ, କୋପ ବସିଲା ତା ମତି ।
ପର୍ଶୁ ଝମକାଇ ଓଗାଳିଲା ଆଗେ ଦଶରଥ ମହୀପତି ଯେ ॥

ବୋଲନ୍ତି ତୁ ରହ ରହ ହୋ, ୭ ତୋର ସୁତ କାହିଁ କହ ?
କେମନ୍ତ ସ୍ୱରୂପ କେତେକ ବୟସ ଆମ୍ଭଙ୍କୁ ଥରେ ଦେଖାଅ ହେ ॥

ଶୁଣିକରି ନୃପବର ଯେ, ଶିରେ ଦେଲେ ବେନି କର ।
ସବୁଦିନେ ମୁହିଁ ତୁମ୍ଭର କୋଙ୍କର ୮ ପର୍ଶୁଧର ରକ୍ଷାକର ୯ ହେ ॥

---

୧-କନକଭୂଷଣ ପୋଥି ପାଠ । ୨ ନବର ପୋଥି ପାଠ । ୩-ପୁଣି ପୁସ୍ତକ ପାଠ
୪-କ୍ଷିତିଦୁଜା = ସୀତା କିନ୍ତୁ ପୁସ୍ତକ ପାଠ । କ୍ଷିତିଭୁଜା ସଙ୍ଗତ ମନେହୁଏ ନାହିଁ ।
୫-ପୃଥିବୀକୁ କୂର୍ମ ଧାରଣ କରିଥିବାରୁ ବୀରମାନଙ୍କ ପାଦଘାତରେ କୂର୍ମ ଟଳମଳ ହେଲେ ।
୬-ଶୁଣି କରି ଭୃଗୁପତି ପୁସ୍ତକ ପାଠ । ୭-ବୋଲନ୍ତି ଯେ ତୁ ରହ ରହ ରେ- ପୁସ୍ତକ ପାଠ । ୮-କୋଙ୍କର = ଚାକର ବା ସେବକ ଅର୍ଥରେ ଦେଶଜ ଶବ୍ଦ ।
୯-ଦୟାକର ପୋଥି ପାଠ ।

୧ ଏ ମୋର କୁମର ବୀର ହେ, ଚରୁଅନ୍ଧୁ ଅବତରି ।
ଅଲପ ଅଲପ କିଶୋର ବୟସ ନ ଜାଣନ୍ତି ଧନୁ ଧରି ହେ ॥

ଶୁଣି ପର୍ଶୁରାମ ତେଜ ଯେ, ବୁଲାଇ ନେଇ ସରୋଜ ।
ଶିବଧନୁ ଭାଙ୍ଗି ସୀତାକୁ ନେଉଛୁ ଆମ୍ଭ ଧନୁ ଧରୁ ଆଜ ଯେ ॥

ଶୁଣିକରି ନୃପବର ଯେ, ଭେଟାଇଲେ ବୃପଧର ।
ଧନୁ ବଢ଼ାଇ ଦିଅନ୍ତେ ପର୍ଶୁଧର ୨ ନିଜ ତେଜ ଗଲା ତାର ଯେ ॥

ରାମ ଧରି ତା କୋଦଣ୍ଡ ଯେ, ସ୍ୱର୍ଗକୁ ବାନ୍ଧିଲେ କାଣ୍ଡ ୩ ।
ବୋଲେ ବଶି ପର୍ଶୁଧର ହାରିଗଲା ପାଇଲା ଉଚିତ ଦଣ୍ଡ ଯେ ॥

●

## ରାଗ – ମୁଖାରୀ ପହପଟା

ପର୍ଶୁରାମ ୪ ଧନୁ ରାମ ଧରିବାର ଦେଖି ।
ମନୋଦୁଃଖେ ମାନଭରେ ଚନ୍ଦ୍ରମୁଖୀ ରେ ॥

ଟେକ ସଖି ଟେକ ଏବେ ଶଶିଜିତ ମୁଖ ।
ଜିଣିବାକୁ ଆସିଥିଲେ ପର୍ଶୁଧର ଦେଖ ରେ ॥

ବିମ୍ବାଧର ତୋ ବିମୁଖ ମୋତେ ବହୁ ଦୁଃଖ ।
ସୁଖ ଦାୟିନୀ ତୋ ବିନୁ ନାହିଁ ଆନ ମୁଖ ୫ ରେ ॥

ପ୍ରଦୀପ ଛୁଆଁଇ କରାଇଛୁ ଯେଉଁ ସତ୍ୟ ।
କରିଥାଅ ସଖି ତୁହି ସେହି କଥା ତଥ୍ୟ ୬ ରେ ॥

ଶୁଣି ରାମ ରମ୍ୟ ବାଣୀ ରମଣୀ ୭ ରତନ ।
ଆନନ୍ଦ ହୋଇ ଟେକିଲେ ଚନ୍ଦ୍ରମା ବଦନ ରେ ॥

---

୧–ଏହି ପଦଠାରୁ ଅର୍ଥାତ୍ "ଏ ମୋର କୁମର......ଠାରୁ ପାଇଲା ଉଚିତ ଦଣ୍ଡ ପର୍ଯ୍ୟନ୍ତ ପାଠ ପ୍ରକାଶିତ ପୁସ୍ତକରେ ନାହିଁ । ତା' ସ୍ଥାନରେ ଦ୍ୱିଜ ପଦ୍ମନାଭଙ୍କ ରଚିତ ଦୀର୍ଘ ପଦାବଳୀ ରହିଛି । ୨–ପ୍ରଶୁଧର ପୋଥି ପାଠ ।

୩–ମହାକବି ସାରଳା ଦାସଙ୍କ ସପ୍ତକାଣ୍ଡ ରାମାୟଣରେ, ରାମଚନ୍ଦ୍ର ପରଶୁରାମଙ୍କ ଧନୁରେ ଗୁଣ ଦେଇ ସମୁଦ୍ର ସ୍ଥିତ ରାଘବ ବାଲିଆ ମାଛକୁ ଶର ସନ୍ଧାନ କରିଛନ୍ତି ।

୪–ପ୍ରଶୁଧର ପୋଥି ପାଠ । ୫–'କିଛୁ ନାହିଁ ସୁଖ' ପୁସ୍ତକ ପାଠ ।

୬–'ସେହି କଥାକୁ ତୁ ରଖିବୁ' ପୁସ୍ତକ ପାଠ । ୭–ଯୁବତୀ ପୋଥି ପାଠ ।

ହାସ ରସ ପରିହାସ କଲେ ବହୁ ଲୀଳା ।
ରସ-ସିନ୍ଧୁରେ ବୁଡ଼ିଲେ ରସକଣୀ ବାଳା ଯେ ୧ ॥

ଅଯୋଧ୍ୟା ପ୍ରବେଶ ଦଶରଥ ମହୀପତି ।
ବୋଲେ ବାଣୀ ରାମ କୀର୍ତ୍ତି ଶୁଭ୍ର କଲା କ୍ଷିତି ଯେ ୨ ॥

●

ରାଗ--**କୃଷ୍ଣକେଳ ବୃତ୍ତେ** ୩

ଅଯୋଧ୍ୟା କଟକେ ଦଶରଥ ପରବେଶ ।
ଅନେକ ନୃପତି ତହିଁ ଆଛନ୍ତି ଯେ ପାଶ ॥
ଜୟ-ବାଦ୍ୟମାନଙ୍କରେ ପୂରଇ ଆକାଶ ।
ସବୁଙ୍କର ଘରେ ନେତ ପତାକା କଳଶ ॥
ସବୁ ଦ୍ୱାରେ ପୂର୍ଣ୍ଣକୁମ୍ଭ କୁସୁମ ତୋରଣ ।
ଗାବନ୍ତି ମଙ୍ଗଳ ଗୀତ ବାରନାରୀ ଗଣ ॥
ହୁଳହୁଳି ଶବଦ ସିନ୍ଧୁ-ଗର୍ଜ୍ଜନ ଜିଣି ।
ଭାଟ କଏବାର୪ କହୁଛନ୍ତି ବେଳ ଜାଣି ॥
ଚାରି ପୁତ୍ର ଚାରିବଧୂ ଘେନିଣ ନୃପତି ।
ଶ୍ରୀନବରେ ପରିବେଶ ହୋଇଲେ ତଡ଼ିତି ॥

ଶିବିକାମାନରୁ ଓହ୍ଲାଇଲେ କନ୍ୟା ବର ।
ନଉଛାଳି କରି ଦେଲେ ଯେ ଯାହାର ପୁର ॥

ହୁଳହୁଳି ଦେଇଣ କୁସୁମ ବୃଷ୍ଟି କଲେ ।
ସର୍ବ ନାରୀ ବନ୍ଦାପନା କରିଣ ଦେଖିଲେ ॥

ରାମ ସୀତା ଦେଖି କଉଶଲ୍ୟାଙ୍କ ଆନନ୍ଦ ।
ଚକୋର ଦେଖିଲା କିବା ସରଗର ଚନ୍ଦ୍ର ॥

ବହୁ ଉତ୍ସବରେ କରାଇଲେ ନୃତ୍ୟ ଗୀତ ।
ବହୁ ଆନନ୍ଦ ହୋଇଲେ ସକଳ ସାମନ୍ତ ॥

ବହୁ ଦ୍ରବମାନ ଦ୍ୱିଜବରେ ଦେଲେ ଦାନ ।
ଅନ୍ନ ବସ୍ତ୍ର ଦ୍ୱିଜେ ଦାନ କଲେ ଅବାରିତ ॥

---

୧-ଶୀଳା ପୁସ୍ତକ ପାଠ । ୨-ପୁସ୍ତକରେ ପ୍ରତି ପଦ ଶେଷରେ ଥିବା 'ରେ' 'ଯେ' ନାହିଁ । ୩-କଳଶା ବାଣୀ ପୋଥି ପାଠ । ୪-କଏବାର = ଜୟଧ୍ୱନି ;

ଅଯୋଧା କଟକ ଦୃଷ୍ଟି ୧ ସ୍ୱର୍ଗପ୍ରାୟ ଶୋଭା ।
ଦଶରଥ ମହୀପତି ଦ୍ୱିତୀୟ ୨ ମଘବା ।।

କାମ ରତି ପ୍ରାୟ ସେ ନଗ୍ର ନାରୀ ପୁରୁଷ ୩ ।
ବୈକୁଣ୍ଠ ତେଜ ଏ ଯହିଁ ଶ୍ରୀହରି ପ୍ରବେଶ ୪ ।।

ସେ କଟକ ଶୋଭାକୁ ମୁଁ କି ଦେବ ଉପମା ।
ତହିଁରେ ବଳୟ କରିଛନ୍ତି ସିନ୍ଧୁ ଜେମା ।।

ରଥ ଗଜ ଅଶ୍ୱ ନର ଚତୁରଙ୍ଗ ବଳ ।
ସକଳ ନୃପ ଖଟନ୍ତି ଚରଣରେ ତଳ ।।

ସମସ୍ତ ନୃପତିମାନେ ହୋଇଲେ ମେଳଣି ।
ଯେ ଯେମନ୍ତେ ତେମନ୍ତ ବେଭାର ଦେଲେ ଆଣି ।।

ରାଜାମାନଙ୍କୁ ମେଳଣି ଦେଇ ମହୀପତି ୫ ।
ଯେ ଯାହା ଦେଶକୁ ଗଲେ ସକଳ ନୃପତି ।।

ଜଣାଇଲେ ଭରତ ୬ ଶତ୍ରୁଘନକୁ ନେବାକୁ ୭ ।
ନୃପତି ଶରଧା କରିଛନ୍ତି ଦେଖିବାକୁ ।।

ଶୁଣି ଦଶରଥ ରାଜା ସିଦ୍ଧକାର କଲେ ।
ଭରତ ଶତ୍ରୁଘନଙ୍କୁ ମାତୁଳ ଘେନି ଗଲେ ।।

ରଥଚଢି ନିଜଦେଶେ ହୋଇଲେ ପ୍ରବେଶ ।
ନାତିକି ଦେଖି କୈକେୟ ୮ ହେଲେ ଅତି ତୋଷ ।।

ବହୁ ସୁଖେ ରହିଲେ ସେ ଭରତ ଶତ୍ରୁଘନ ।
ବୋଲେ ବଶି ଏମନ୍ତେ ହେଁ ଗଲା କିଛୁଦିନ ୯ ।।

●

---

୧-ଦ୍ୱୃଷ୍ଟି ପୁସ୍ତକ ପାଠ । ୨-ଦୃଷ୍ଟିକ ମଘବା ପୋଥିପାଠ,
୩-ତହିଁ ଅଇନା ପୁରୁଷ ପୁସ୍ତକ ପାଠ, ୪-ମାନୁଷ ପୋଥିପାଠ ।
୫-ଏହି ପାଦ ସ୍ଥାନରେ କୈକେୟୀ ଭରଥ ପାଇଲେ ବହୁତ ବିଭୂତି ପୋଥିପାଠ ।
୬-ଭରଥ ପୋଥିପାଠ, ୭-ଯିବାକୁ ପୁସ୍ତକ ପାଠ, ୮-କୈକେୟୀ ପୁସ୍ତକ ପାଠ ଓ
ନୃପତି ପୋଥିପାଠ, ୯-କେତେଦିନ ପୋଥିପାଠ ।

## ରାଗ- **ଶଙ୍କରାଭରଣ** ୧

ଜାନକୀ ସହିତେ ବହୁ ବିନୋଦ ।
କମଳା ଭୂମିରେ କି ୨ଟି ପଦ ୨ ଯେ ॥

ରତ୍ନ ଭୂଷଣ ଅଙ୍ଗେ, ଲକ୍ଷ୍ମଣ ୩ ସେନ ସଙ୍ଗେ ।
ମୃଗୟା କଲେ ରଙ୍ଗେ ॥

ଶ୍ରୀରାମ ପ୍ରତିଜ୍ଞା ଶୁଣି ଶ୍ରବଣେ
ଭୟେ କମ୍ପନ୍ତି ଇର ନୃପତିଗଣେ ଯେ ॥

ତାଙ୍କ ତେଜ ତପନ,୪ ଧନ୍ୟ ରଘୁବନ ।
ସହେ ଚନ୍ଦ୍ର ସମାନ ୫ ॥

ରାମ ବିକ୍ରମ ଦେଖି ରାଜନ । ଆନନ୍ଦ ହେଉଥାନ୍ତି ପ୍ରତିଦିନ ।
ବିଚାର କଲେ ମତି, ରାମ ହେଲେ ନୃପତି,
ସୁଖେ ପାଳିବେ କ୍ଷିତି ।
ଏମନ୍ତ ବିଚାରି ନୃପତି ବର । ରାମ ଅଭିଷେକେ ସେ ତତପର ଯେ ॥

ରାମ ଚରିତ ରସ, ବିଶି କଲା ପୀୟୂଷ ।
ପ୍ରଥମ କାଣ୍ଡ ଶେଷ ॥

---

୧-ବ୍ରଚନ କାମୋଦୀ ପୁସ୍ତକପାଠ, ୨-ଷଟପଦ୍ମ ପୋଥିପାଠ, ୩-ଜାନକୀ ପୁସ୍ତକ ପାଠ,
୪-ରାଜନ ପୁସ୍ତକ ପାଠ, ୫-ଏ ପାଦଟି ପୁସ୍ତକରେ ନାହିଁ ।

# ଅଯୋଧ୍ୟା କାଣ୍ଡ

ରାଗ—**କନଡ଼ା** ୧

ଗୁରୁ ଗଉତମ ଆଦି ଅମାତ୍ୟ ମନ୍ତ୍ରୀମାନଙ୍କୁ ପଚାରିଲେ ।
ରାମ ରାଜ୍ୟକୁ ଯୋଗ୍ୟ କି ହୋଇଲେ ।
ଯୁଗେ ଯୁଗେ ରାମ ଯୁବରାଜ ହୋନ୍ତୁ ବୋଲି ସମସ୍ତେ ବୋଇଲେ,
ହେ ସୁଜନେ !

ରାମ ସକଳ ଗୁଣରେ ନିପୁଣ ।
ସୂର୍ଯ୍ୟବଂଶ—୨ କଞ୍ଜବନ—ଅରୁଣ ।
ରିପୁ ନୃପ-କରୀ ବିଦାରିବା ପାଇଁ ଜାତ ମୃଗେନ୍ଦ୍ର ତରୁଣ,
ହେ ଭୂଦେବ ।।

ଏମନ୍ତ ଶୁଣି ନୃପତି ଚୂଡ଼ାମଣି ମନ୍ତ୍ରୀକି ଚାହିଁ ଆଜ୍ଞା ଦେଲେ ।
ନଗ୍ରେ ଉତ୍ସବ କରାଅ ବୋଇଲେ ।
ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ଯୁବରାଜ ହେବାକୁ ଯୋଗ୍ୟ ହୋଇଲେ,
ହେ ସୁମନ୍ତ !

ଏବେ ଅଭିଷେକ ବିଧି ଭିଆଅ ।
ଆମ୍ଭ କଟକେ ଘୋଷଣା ଦିଆଅ ।
ନକ୍ଷତ୍ର ବାର ଚନ୍ଦ୍ର ଯୋଗ ହୋଇଛି ଶ୍ରୀରାମଚନ୍ଦ୍ର ଅଣାଅ,
ହେ ସୁମନ୍ତ ।।

ଆଜ୍ଞା ପ୍ରମାଣରେ ନଗରେ ସୁମନ୍ତ ଉତ୍ସବ ମଣ୍ଡଳୀକି କଲେ ।
ଅଭିଷେକର ବିଧି ଭିଆଇଲେ ।
ରାତ୍ର ପାହିଲେ ରାମ ରାଜା ହୋଇବେ ଏ ଘୋଷଣା ଦିଆଇଲେ,
ହେ ସୁମନ୍ତ !

---

୧-ତାଳପତ୍ର ପୋଥିରେ 'କନଡ଼ା' ରାଗ ସହିତ 'ଗୋପକେଳୀ ପ୍ରଥମ ବୋଲି ରାଗେ' ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । 'ଗୋପକେଳୀ' କାବ୍ୟର ପ୍ରଣେତା ନରସିଂହ ଶେଣ ଗଜପତି ରାଜା ପ୍ରତାପରୁଦ୍ରଙ୍କ ସମସାମୟିକ ଓ 'ପରିମଳା' କାବ୍ୟର ପ୍ରଣେତା । ତାଙ୍କ ଲିଖିତ 'ଗୋପକେଳୀ' କାବ୍ୟଟି ଉତ୍କୃଷ୍ଟ ଆଦି ରସାତ୍ମକ ଏକ କୃଷ୍ଣକାବ୍ୟ ।   ୨-ପ୍ରକାଶିତ ପୁସ୍ତକ ଓ ପୋଥିପାଠ—କୁଞ୍ଜବନ ।

ରାମଚନ୍ଦ୍ରଙ୍କୁ ରଥରେ ବସାଇ ।
ଘେନି ଅଇଲେ ରାଜା ଆଜ୍ଞା ପାଇ ।
ରାମ ନୃପତିଙ୍କି ଦର୍ଶନ କରଣେ ବସିଲେ ଶିର ନୁଆଇଁ,
ହେ ସୁଜନେ ୧ !

ରାମଙ୍କୁ ଚାହିଁ ଆନନ୍ଦ ହୋଇ ରାଜା ବୋଲନ୍ତି ଆହେ ରାମ ଶୁଣ ;
ତୁମ୍ଭେ ସକଳ ଗୁଣରେ ନିପୁଣ ୨ ।
ବିଶେଷେ ଜ୍ୟେଷ୍ଠ ରାଣୀଙ୍କ ଜ୍ୟେଷ୍ଠ ପୁତ୍ର କୁଳକୁ ୩ ଅଟ କାରଣ,
ହେ ଶ୍ରୀରାମ ॥

କାଲି ହୋଇବ ତୁମ୍ଭେ ଯୁବରାଜା ।
ଆଜ ଅଧିବାସରେ ପାଅ ପୂଜା ।
ପୁଷ୍ୟା ନକ୍ଷତ୍ରରେ କର୍କଡ଼ା ଚନ୍ଦ୍ରମା କହିଲେ ବଶିଷ୍ଠ ଦ୍ୱିଜା ୪
ହେ ଶ୍ରୀରାମ ॥

ଏମନ୍ତ ବାଣୀ ଅନ୍ତଃପୁରେ ଶୁଭିଲା ଶୁଣି ଅଇଲା ୫ ଯେ ମନ୍ଥରା ;
କୈକେୟୀଙ୍କି କହିଲା କରଯୋଡ଼ି ।
ଶୁଣିଣ ସେ ୬ ତାଙ୍କୁ ଆପଣା କଣ୍ଠରୁ ରତ୍ନମାଳୀ ଦେଲେ କାଢ଼ି,
ସେ ସୁନ୍ଦରୀ !

ଦେଖି ଚକିତ ହୋଇଲେ ମନ୍ଥରା ।
ମାଳା ପକାଇ ଦେଲେ ୭ ନାହିଁ ଲୋଡ଼ା ।
ନୃପତି ସଉଭାଗୀ ରାଣୀ ବୋଲାଅ ଶୁଣି ନ ପାଅ ୮ କି ବ୍ରୀଡ଼ା,
ଗୋ ସୁନ୍ଦରୀ !

ପୁଣି ମନ୍ଥରା ବୋଇଲା ତାହାଙ୍କୁ ବଧାଇ ଦିଅ କାହିଁପାଇଁ ୯ ।
ତୁମ୍ଭ ପୁତ୍ର ତ ରାଜା ହେଲେ ନାହିଁ ।
କଉଶଲ୍ୟା ରାଜମାତା ବୋଲାଇବେ ତୁମ୍ଭର ହର୍ଷ ୧୦ କିପାଇଁ,
ଗୋ ସୁନ୍ଦରୀ !

---

୧-ସୁମନ୍ତ୍ର ପୋଥିପାଠ । ୨-ନିର୍ଗୁଣ ପୋଥିପାଠ, ୩-ରାଜ୍ୟକୁ ପୋଥିପାଠ,
୪-ଦ୍ୱିଜା ପୋଥିପାଠ, ୫-ବେଗେ ଗଲ୍ପକ ପୋଥିପାଠ, ୬-ତାହାକୁ ପୋଥିପାଠ,
୭-ବୋଲି ପୁସ୍ତକ ପାଠ ୮-ନ ପାଉ ତୁ ପୀଡ଼ା ପୋଥିପାଠ ।
୯-ପୁଣି ମନ୍ଥରୀ ବୋଲଇ ମୋତେ ବଧାଇ ଦିଅ କାହିଁପାଇଁ ପୋଥିପାଠ,
୧୦-ହୃଷ୍ଟ ପୋଥିପାଠ ।

ଏବେ ଶୟନ କର କ୍ରୋଧପୁର ୧ ।
ରାଜା ଅଇଲେ ମାଗ ବେନି ବର ।
ରାମ ବନେ ଯିବେ ଭରତ ରାଜା ହେବେ ପୂର୍ବକଥା ୨ ମନେ କର,
ଗୋ ସୁନ୍ଦରୀ ॥

ମନ୍ଥରା ବାଣୀ କୈକେୟୀ ରାଣୀ ଶୁଣି କ୍ରୋଧ ମନ୍ଦିରେ ପଶୁଗଲେ ।
ଦୃଢ଼ କରଣ କବାଟ ପାଶ୍ରିଲେ ।
ଗୁରୁ ୩ କ୍ରୋଧ ବହି ଧରଣୀରେ ଶୋଇ ଆଭରଣ ଦୂର କଲେ,
ସେ ସୁନ୍ଦରୀ ॥

ରାଜା ରାମଙ୍କୁ ଦେଇଣ ମେଲାଣି ।
ନିଜ ସଦନେ ପ୍ରବେଶ ରଜଣୀ ୪ ।
ମଦନ ବଶେ କୈକେୟୀ ରାଣୀ ପାଶେ କହେ ନାନାଗୁଣ୍ଠୁ ବାଣୀ,
ସେ ରାଜନ ॥

ଉଠ ଉଠ ଆରେ ନରେନ୍ଦ୍ର ନନ୍ଦନୀ କମ୍ପାଇଁ କରୁ ଏତେ ମାନ ।
କହ କହ ୫ ମୋତେ ପ୍ରିୟ ବଚନ ।
ଯାହା ମାଗିବୁ ତାହା ଯେବେ ନ ଦେବ ୬ ନାଶିବ ସୁକୃତମାନ,
ଗୋ ସୁନ୍ଦରୀ !

ଶୁଣି ପୂର୍ବ ବର ମାଗେ ତରୁଣୀ ।
ସତ୍ୟ କରାଇ କହେ ପୁଣ ପୁଣି ୭ ।
ଭରତ ରାଜା ହେବେ ରାମ ବନେ ଯିବେ ଏହା ଦେବ ନୃପମଣି,
ହେ ଗୋଦେବ ॥

ଶୁଣି ତା ନୃପତି ଶିରରେ କୁଳିଶ ପଡ଼ିଲା ପ୍ରାୟେକ ହୋଇଲା ।
ଆଉ ଦେହରେ ଜ୍ଞାନ ନ ରହିଲା ।
କେତେବେଳେ ପୁଣି ସ୍ୱପ୍ନ ପ୍ରାୟ ମଣି କଇକେଇଙ୍କି କହିଲା ୮,
ସେ ରାଜନ !

---

୧–ଏବେ କ୍ରୋଧେ ଶୟନ କର ମନ୍ଦିର ପୋଥିପାଠ,
୨–ପୂର୍ବବର ପୋଥିପାଠ, ୩–ଗରୁ ପୋଥିପାଠ, ୪–ରଜନୀ ପୁସ୍ତକପାଠ ।
୫–କହ ବେଗେ ପୋଥି ପାଠ, ୬–ନ ଦେବଇଁ ଯେବେ ପୋଥିପାଠ, ୭–ପୁଣି ସତ୍ୟ କରାଇଲା ନୃପମଣି ପୋଥିପାଠ, ୮–କଇକେଇକି କପ କହିଲୁ ବୋଇଲା ପୋଥିପାଠ ।

ଏହା ମୋତେ ନ ବୋଲରେ ତରୁଣି ।
ପ୍ରାଣ ମାଗିଲେ ଦେବ ଏହିକ୍ଷଣି !
ବୋଲେ ଋଷି ରାଜାଙ୍କର କ୍ରୋଧଭରେ ବେନି ନେତ୍ର[୧] ବହେ ପାଣି,
ହେ ସୁଜନେ[୨] ॥

●

## ରାଗ—ଆନନ୍ଦ ଭୈରବ

କଉଶଲ୍ୟା ଆଦି ଯେତେକ ନାରୀ । ନ ଗୃହାନ୍ତୁ[୩] ତୋର କୋପକୁ ଡରି ॥
ଶ୍ରୀରାମଙ୍କୁ ଯେବେ ପେଷିବୁ ବନେ । କି ବୋଲିବେ ମୋତେ ସକଳ ଜନେ ॥

ଅରେ କୋପନାବର[୪], ଏବେ କୋପ ସଂହର ।
ଘେନ ବିନୟ ମୋର, ଧରୁଛି ତୋ ପଦ୍ମର[୫] ॥

ରାମକୁ ନଦେଖି ଛାଡ଼ିବି ପ୍ରାଣ । ଏକଥା ମୋହର ସତ୍ୟ ପ୍ରମାଣ ॥
କରିଥିଲି ତୋତେ ଗଳାର ମଣି । କାଳେ ହୋଇଲୁ ତୁ କାଳସର୍ପିଣୀ[୬] ॥

କି ଦୋଷ କଲେ ତୋତେ ମୋର ରାମ । କିପାଇଁ ତାହାଙ୍କୁ ହୋଇଛୁ ବାମ ॥
କାଳେ ହେଁ ନଥିଲା ତୋର ଏ ବୃତ୍ତି । ଶିଖାଇଲା ତୋତେ କେଉଁ ଯୁବତୀ ॥

ଗୃହୁଁ କହୁଁ ହେଲା ରଜନୀ ଶେଷ । ଶଙ୍ଖ ଶବଦ ଶୁଭିଲା[୭] ବିଶେଷ ।
କେବେହେଁ ତା ମନ ନୋହିଲା ତୋଷ । ବୋଲେ ଋଷି କଲା ରୋଷ ଅଶେଷ[୮] ॥

●

---

୧-ଲୋଚନୁ ପୋଥିପାଠ । ୨ ରାଜନ ପୋଥି ପାଠ ।
୩-ବୃହିଁଇ ପୋଥି ପାଠ । ୪-କୋପ ନକର ପୋଥି ପାଠ ।
୫-ଧରୁଅଛି ତୋର କର ପୋଥି ପାଠ । ୬-ସର୍ପୁଣୀ ପୋଥି ପାଠ ।
୭-ପୂରିଲା ପୋଥି ପାଠ । ୮-ରୋଷ କଲା ବିଶେଷ ପୋଥି ପାଠ ।

ରାଗ -ସିନ୍ଧୁଡ଼ା

ରାଜାଙ୍କ ବଚନସ୍ତୁ ଦେଖିଣ କୈକେୟୀ ବୋଲନ୍ତ ଶୁଣ ନୃପତ ।
ଶୁଣିଛ ତ ସତ୍ୟପାଇଁ ପୂର୍ବେ ରାଜାମାନେ କଲେ ଯେତେ ରତ ୧ ॥

ଆହେ ସତ୍ୟ ବକତା । ସତ୍ୟ ତେଜିଲେ ମୋହର ହତ୍ୟା ହେ ॥
ଶୁଭିବ ସତ୍ୟହାନ ବାରତା । କଂପା ହେଉଛ ଏଡ଼େ ବନୀତା୨ ହେ ॥

ଏମନ୍ତ ସମୟେ ସୁମନ୍ତ ଯାଇଣ ଖଣ୍ଡେ ଦୂରେ ହେଲେ ଉଭା ।
ଦେଖିଲେ ନୃପତ ମୂର୍ଚ୍ଛିତ ହୋଇଣ ବସିଅଛନ୍ତ ଅଶୋଭା ॥

ଯୋଡ଼ି ସେ ୩ ବେନ ପାଣି । ସ୍ତୁତ କରିଣ କହଇ ବାଣୀ ସେ ।
ଦେବ ଉଦେହେଲେ ଦନମଣି । ରାଜା ଅଇଲେ୪ ସମୟ ଜାଣି ॥

ରାଣୀହିଁ ବୋଇଲେ ରାଜା ଆଜ୍ଞା ଦେଲେ ରାମ ଆଣ ୫ ଆମ୍ଭ ପାଶ ହେ ।
ଆଜ୍ଞା ପାଇଣ ସୁମନ୍ତ ମନ୍ତ୍ରୀ ରାମ ପୁରେ ହୋଇଲେ ପ୍ରବେଶ ॥

ଶୁଭେ ମଙ୍ଗଳ ଘୋଷ । ରାମଚନ୍ଦ୍ର ଅଭିଷେକ ୬ ବେଶ ।
ଦେଖି ସୁମନ୍ତ ବହୁ ହରଷ । ରାଜା ଆଜ୍ଞାଦେଲେ ରାମ ଆସ ॥

ପିତା ଆଜ୍ଞାଦେଲେ ସାନୁଜ ସହିତେ ଅଇଲେ କୋଦଣ୍ଡଧର ।
ନୃପତଙ୍କ ଗୃହିଁ ନମସ୍କାର କଲେ ୭ ଛୁଇଁଣ ବେନ ପୟର ॥

ଦେଖି ପିତା ବକଳ । ନୟନରୁ ବହେ ଅଶ୍ରୁ ଜଳ ହେ ।
ରାମ ବୋଲି ୮ ହୋଇଲେ ବିକଳ । ଢଳି ପଡ଼ିଲେ ଅବନୀ ତଳ ସେ ॥

ଓଳଗି ହୋଇ କୈକେୟୀଙ୍କ ପଚ୍ଚାରନ୍ତ ୯ ଏଥିର ଚରିତ କହ ।
କେଉଁ କାରଣେ ପିତାଙ୍କ ଶୋକ ଏତେ ୧୦ ଲଗିଲା ମୋତେ ସନ୍ଦେହ ॥

---

୧-ଯେତେ ଯେତେ ବ୍ରତ ପୋଥି ପାଠ । ୨-ବନତା ପୋଥି ପାଠ ।
୩-ଯୋଡ଼ିଣ ପୋଥି ପାଠ । ୪-ଅଇଲେ ଉଭୟ ପୁସ୍ତକ ଓ ପୋଥି ପାଠ ।
୫-ଆଣି ପୁସ୍ତକ ପାଠ । ୬-ଅଧିବାସ ପୋଥି ପାଠ ।
୭-କର ଛୁଇଁଲେ ପୋଥି ପାଠ । ୮-ଦେଖି ପୋଥି ପାଠ ।
୯-ପୁଛନ୍ତ ପୋଥି ପାଠ । ୧୦-ଏଡ଼େ ପୁସ୍ତକ ପାଠ ।

କିବା ମୋ ଅଭିଷେକ । ସୀଉକାରକୁ କରନ୍ତ ଶୋକ !'
ନାଶ ଗଲେ କିବା ଛାଡ଼ି ଲୋକ । ତୁମ୍ଭ ଯୋଗୁଁ କା ହୁଏ ଏତକ ଗୋ ॥

କୈକେୟୀ କହନ୍ତ ଶୁଣ ରାମଚନ୍ଦ୍ର ଯହିଁ ପାଇଁ ଏ ମୂର୍ଚ୍ଛିତ ।
ଯେ ନ କହିବେ ମୁଁ ତାହାତ କହିବି କଲେ ତୁମେ ସନମତ ହେ ॥

ଶୁଣି ଜାନକୀକାନ୍ତ ୧ । କହୁଛନ୍ତ ମୋର ଏହା ସତ୍ୟ ୨ ।
ପ୍ରାଣ ମାଗିଲେ ଦେବି ତ୍ୱରିତ । ଅଗ୍ନି ଜାଳିଣ ୩ ହୋଇବି ହତ ଗୋ ॥

ସନ୍ତୋଷ ହୋଇଣ ବୋଲନ୍ତ ଜନନୀ ପୂର୍ବେ ଦେଇଛନ୍ତ ବର ।
ତାହା ମାଗିଲାକୁ ନସତ ହୋଇଣ ଶୋକ କରନ୍ତ ପିଅର ॥

ତୁମ୍ଭେ ବନକୁ ଯିବ । ଅଭିଷେକ ଭରତ ହୋଇବ ୪ ହେ ।
ଆଉ କ୍ଷଣେ ବିଳମ୍ବ ନୋହିବ । ତେବେ ପିତାଙ୍କ ୫ ସତ୍ୟ ରହିବ ॥

ଚଉଦ ବରଷଯାଏ ରାମ ତୁମ୍ଭେ ଧରିଥିବ ଯତି ବେଶ ।
ଫଳ ମୂଳ ଖାଇ ରାମେ ନ ପଶିବ ବକଳ କରିବ ବାସ ହେ ॥

ତାର ନିଷ୍ଠୁର ବାଣୀ । ରାମ ସନମତ କଲେ ଶୁଣି ।
ସେହିକ୍ଷଣି ହୋଇଲେ ୬ ମେଲାଣି । ଘେନ ବାଣି ଶୋକଭରେ ୭ ଭଣି ॥

ରାଗ- **କୁମ୍ଭକାମୋଦୀ** ୮

ମାତାଙ୍କୁ ଦର୍ଶନ କରି ରାମଚନ୍ଦ୍ର କହନ୍ତ ବଚନ ।
ଭରତ ରାଜା ହେବ ଆମ୍ଭଙ୍କୁ ବନକୁ ପେଷିଲେ ରାଜନ ॥

ଶୁଣି କଉଶଲ୍ୟା ମୂର୍ଚ୍ଛିତ ହୋଇଣ ପଡ଼ିଲେ ମହୀର ୯ ।
ଯେମନେ ମୂଳ ଛେଦନ କଲେ ପଡ଼େ ଶୁଷ୍କ ତରୁବର ॥

---

୧-ସୀତସ୍ୱାକାନ୍ତ ପୋଥିପାଠ । ୨-ବୋଲେ ଏ କଥା ମୋହର ସତ୍ୟ ପୋଥିପାଠ ।
୩-ଜାଳିବି ପୋଥିପାଠ । ୪-ଭରତ ଅଯୋଧ୍ୟାରେ ରାଜା ହେବ ପୋଥିପାଠ ।
୫-ପିଅର ପୋଥିପାଠ । ୬-ମାଗିଲେ ପୋଥିପାଠ ।
୭-ଶୋକରସେ ପୋଥିପାଠ । ୮-ଦକ୍ଷିଣକାମୋଦୀ ପୋଥିପାଠ ।
୯-ଭୂମିର ପୋଥିପାଠ ।

ରାମଚନ୍ଦ୍ର ତାଙ୍କୁ ସଚେତ କରାଇନ୍ତେ କରନ୍ତି ରୋଦନ ୧ ।
ତୁମ୍ଭଙ୍କୁ କେମନ୍ତେ ମୁରୁଛି ରହିବ ଧିକ ମୋ ଜୀବନ ॥

ବିଚ୍ଛୁଥଇ ମୋ ରାମ ରାଜା ହେଲେ ଯିବ ମୋ ସନ୍ତାପ ।
ବିଧି ଏବେ ତାହା ଦେଖାଇ ମରଲା ୨ କଲି ମୁଁ କି ପାପ ॥

ଏହା ଶୁଣି ୩ ରାମ ଫାଟିତ ନ ଗଲା ମୋହର ଶରୀର ।
ବେଦନା ସହିବାକୁ ଏବେ ହୋଇଲା କୁଳିଶୁଁ ୪ କଷ୍ଟୁର ॥

ଚାଲ ରାମ ତୁମ୍ଭ ସଙ୍ଗତରେ ମୁହିଁ ଯିବଇ ବନକୁ ।
କେ ନିନ୍ଦା କରିବ ବତ୍ସା ପଛେ ଗୋଡ଼ାଇଲେ ଧେନୁକୁ ॥

କୈକେୟୀ ଭୟରେ ଦର୍ଶନ କରଣେ ନ ଯାଏ କାହାକୁ ।
ଏବେ ସେହି ମୋତେ ଉପହାସ କଲେ୫ କହିବ କାହାକୁ ॥

ଶୁଣି ରାମଚନ୍ଦ୍ର କହନ୍ତି ଜନନୀ କହତ ଅନୀତ ।
ଯୁବତୀମାନଙ୍କର ସକଳ ଧର୍ମ ପତିଙ୍କି ୬ ଉକତ ॥

ବନବାସ ସାରି ତ୍ୱରିତେ ଆସିବି କର ସୁକଲ୍ୟାଣ ।
ଶୁଣି ତାହା ସୁକଲ୍ୟାଣ କଲେ ମାତା ତେଜିଣ କାରୁଣ୍ୟ ॥

ଲକ୍ଷ୍ମଣ କହୁତ ପ୍ରତିଜ୍ଞା କରି ବୋଲନ୍ତି ରାମଙ୍କୁ ।
ତୁମ୍ଭେ ରାଜା ହୁଅ ଭୁତ ସହିତେ ମୁଁ ମାରିବି ରାଜାଙ୍କୁ ॥

ବନେ ଗଲେ ତୁମ୍ଭ ସଙ୍ଗତରେ ଯିବି ହୋଇଣ ସେବକ ।
ଫଳ ମୂଳ ଖୋଜି ଦେଉଥିବି ଆଣି ହେ ରଘୁନାୟକ ॥

ହେଉ ସଜ ହୋଇ ଆସ ବୋଲି ଗଲେ ଜାନକୀଙ୍କ ପାଶ ।
ବୋଲେ ବସି ସୀତା ଦେଖିଲେ ଶ୍ରୀରାମ ଶ୍ରୀମୁଖ ବିରସ ॥

●

---

୧-ସଚେତ କରାଇ କରନ୍ତି ରୋଦନ ପୋଥିପାଠ ।   ୨-ହରୁଛୁ ପୋଥିପାଠ ।
୩-ଶତେ ଖଣ୍ଡେ ପୋଥି ପାଠ ।   ୪-କୁଳିଶ ପୋଥି ଓ ପୁସ୍ତକ ପାଠ ।
୫-କରିବେ ମୋ କର୍ମକୁ ପୋଥିପାଠ ।   ୬-ପତିରେ ପୋଥି ପାଠ ।

## ରାଗ - ସିନ୍ଧୁକାମୋଦୀ

କାନ୍ତର ବଚନ ଜାଣି, ପଚାରନ୍ତି ଠାକୁରାଣୀ ।
ଦଶୁଛନ୍ତି ଶ୍ରୀମୁଖ ୧ ବିରସ ॥

ଆଜ ହେବ ଅଭିଷେକ, ନେଣେ ପୂରୁଛି ଲୋତକ ।
ମୁଁ ଅବା କଲି କେବଣ ଦୋଷ ହେ, ପ୍ରାଣନାଥ ୨ ॥

ଶୁଣ ଅଗୋ ପ୍ରାଣେଶ୍ୱରୀ ସୀତା ।
ବନକୁ ପେଷିଲେ ମୋର ପିତା ୩ ଗୋ ॥

ପୂର୍ବେ କୈକେୟୀଙ୍କି ବର ଦେଇଥିଲେ ପିଅର
ରଖିଥିଲେ ସେ ଗୁପତ ମନେ ।

ଅନ୍ତେ ଅଭିଷେକ ଶୁଣି ମାଗିଲେ ସେ ସତ୍ୟ ବାଣୀ
ଭରତ ରାଜା ରାମ ଯିବେ ବନେ ଗୋ, ଚନ୍ଦ୍ରମୁଖି ୪ ॥

ନ ହୁଅ ୫ ମନେ ବିରସ ନୋହିବ ଦିବ୍ୟ ଦୁବେଶ
ସେବୁଥିବ ୬ ମାତାଙ୍କର ପାଶ ।

ଘରୁ ୭ ନୋହିବ ବାହାର ମନ୍ଦ ନୋହିବ କାହାର
ଯେମନ୍ତେ ଭରତ ନ କରେ ରୋଷ ଗୋ, ଚନ୍ଦ୍ରମୁଖି ॥

ଶ୍ରୀରାମ ଶ୍ରୀମୁଖ ବାଣୀ ଶୁଣି ସୀତା ୮ ଠାକୁରାଣୀ
ବୋଲନ୍ତି ଜାଣିଲି ତୁମ୍ଭ ମନ ।

ତୁମ୍ଭେ ଯେବେ ଯିବ ବନେ ମୁଁ କିମ୍ପା ଥିବି ସଦନେ
ତୁମ୍ଭ ଆଗେ କରିବି ଗମନ ହେ, ପ୍ରାଣନାଥ ॥

ଯେବେ ନ ନେବ ସଙ୍ଗରେ ନ ଥିବ ପ୍ରାଣ ଅଙ୍ଗରେ
ତୁମ୍ଭେ ମୋ ୯ ପରାଣ ପଞ୍ଚଭୂତ ।

---

୧-ଶ୍ରୀମୁଖଟି ଦଶୁଛି ପୋଥି ପାଠ । ୨-ପ୍ରାଣନାଥ ପୋଥିରେ ନାହିଁ ।
୩-ତାତ ପୋଥି ପାଠ । ୪-ଚନ୍ଦ୍ରମୁଖି ! ପୋଥିରେ ନାହିଁ,
୫-ନ କର ପୋଥିପାଠ, ୬-ସେବିଥିବ ପୋଥିପାଠ,
୭-ଘରୁ ପୁସ୍ତକ ପାଠ, ୮-ସୀତ୍ୟା ପୋଥିପାଠ,
୯-ମୋର ପ୍ରାଣ ପୋଥିପାଠ ।

କରୁଥିବି ବନେ ସେବା                    ଶତ ବରଷ ହେଉ ବା
ତେବେ ମୋର ତୋଷ ହେବ ଚଉ ହେ, ପ୍ରାଣନାଥ ୧ ॥

ଶୁଣି ରାମା ରମ୍ୟ ବାଣୀ                    ବୋଲନ୍ତି କୋଦଣ୍ଡ ପାଣି
ତୁମ୍ଭେ ମୋର ପିଣ୍ଡର ଜୀବନ ।

ଜାଣିବାକୁ ତୁମ୍ଭ ମନ                    ବୋଇଲି ସଖି ଏସନ
ଜଳ ବିନୁ ନ ବଞ୍ଚିନ୍ତି ମୀନ ଗୋ, ଚନ୍ଦ୍ରମୁଖି !!

ଏହି ସମୟେ ଲକ୍ଷ୍ମଣ                    ସଜ ହୋଇ ସେହିକ୍ଷଣେ
ଶ୍ରୀରାମ ସମ୍ମୁଖରେ ପରବେଶ ।

ଲକ୍ଷ୍ମଣଙ୍କୁ ଚାହିଁ ତୋଷ                    ହେଲେ ବନବାସୀ ବେଶ
ବୋଲେ ବାଣୀ ସବୁରି ବରଷ ହେ, ସୁଜ୍ଞଜନେ !!

●

## ରାଗ—ବଙ୍ଗାଳଶ୍ରୀ

ବଶିଷ୍ଠ ପୁତ୍ର ଆଣିଣ ୨ ରାମଚନ୍ଦ୍ର ଅଙ୍ଗ ୩ ଆଭରଣ ଦେଲେ ।
ସୀତା ହିଁ ତାହାଙ୍କ ପତ୍ନୀର ନିମନ୍ତେ ଅଲଙ୍କାର ସମର୍ପିଲେ ॥

ଗଜ ଅଶ୍ୱ ଗାବ ହିରଣ୍ୟ ବସନ ୪ ବିପ୍ରେ ଦେଲେ ବହୁଦାନ ।
ପରିଗ୍ରହ ପରିଚାରୀ ୫ ସହିତରେ ଲେଖି ଦେଲେ ବରତନ ॥

ବାହାର ହୋଇଲେ ରାମଚନ୍ଦ୍ର ସଙ୍ଗେ ଲକ୍ଷ୍ମଣ ଜାନକୀ ଘେନି ।
ମଧ୍ୟରେ ଶୋଭା ଦିଶନ୍ତି ଚନ୍ଦ୍ରମୁଖୀ ଆଗପଛ ଭାଇ ବେନି ॥

ନଗ୍ର ନରନାରୀ ବିକଳ ସବୁରି ନୟନୁ ବହଇ ନୀର ଗୋ ।
ବିନା ଦୋଷେ ରାଜା ବନକୁ ପେଶନ୍ତି ଶ୍ରୀରାମ ପ୍ରାୟ କୁମର ଗୋ ॥

କେ ବୋଲଇ ରାଜାଙ୍କର ଦୋଷ ନାହିଁ କୈକେୟୀ ଏମନ୍ତ କଲା ।
କେ ବୋଲଇ ରାଜା ତାର ବୋଲ କଲା କେବଣ ଭୂତା ଲାଗିଲା ଗୋ ॥

---

୧-ଏହି ଗୀତରେ ଥିବା ପ୍ରାଣନାଥ, ଚନ୍ଦ୍ରମୁଖି !, ସୁଜ୍ଞଜନେ ଆଦି ସମ୍ବୋଧନ ପୋଥିରେ ନାହିଁ । ୨-ଅଣାଇଣ ପୋଥିପାଠ, ୩-ଅଙ୍ଗ ପୁସ୍ତକ ପାଠ, ୪-ଯାନ ରତନ ବସନ ପୋଥି ପାଠ, ୫-ପରିବାର ପରିବାରୀ ପୋଥିପାଠ ।

କେ ବୋଲନ୍ତି ଯେଉଁ ସୀତାଙ୍କ ବଦନ ଚନ୍ଦ୍ର ସୂର୍ଯ୍ୟ ନ ଦେଖନ୍ତି ।
ସେ ଏବେ ସାନଜନଙ୍କ ୧ ପ୍ରାୟ ହୋଇ ଶ୍ରୀରାମ ପଛେ ଚାଲନ୍ତି ॥

କେ ବୋଲନ୍ତି ଯେଉଁ ରାମଚନ୍ଦ୍ର ସଙ୍ଗେ ଥାନ୍ତି ଚତୁରଙ୍ଗ ୨ ବଳ ।
ଗଜ ଅଶ୍ୱରଥ ତେଜିଣ ସେ ଏବେ ଚାଲନ୍ତି ପାଦ କମଳ ॥

ଏମନ୍ତ ଜନେ କୁହାକୁହି ହୁଅନ୍ତି ନଗରେ ହେଲେ ପ୍ରବେଶ ।
ପିତାଙ୍କ ଚରଣ ଛୁଇଁ ନମସ୍କାର କରି ଉଭା ହେଲେ ପାଶ ହେ ॥

ରାମ ୩ ବନ ଯିବା ଶୁଣି ସର୍ବ ରାଣୀ ଆଇଲେ କୈକେୟୀ ପୁର ।
ଦେଖିଲେ ଲକ୍ଷ୍ମଣ ସୀତା ୪ ସହିତରେ ପିତା ୫ ଅଗ୍ରେ ରଘୁବର ॥

ସାତଶ ପଞ୍ଚାଶ ୬ କଉଶଲ୍ୟା ଆଦି ରାଜାଙ୍କ ପାଟମହିଷୀ ୭ ।
ଧିକ୍କାର କରନ୍ତି କୈକେୟୀଙ୍କି ତୁହିଁ ରାମ ହେଲେ ତୋର ଦୋଷୀ ॥

ବଶିଷ୍ଠ ଆଦି ସକଳ ଋଷିମାନେ କରୁଅଛନ୍ତି ଧିକ୍କାର ।
ଧିକ୍କାର କରଣ ତାଙ୍କ ମାତା ଗୁଣ କହିଲେକ ମନ୍ତ୍ରୀବର ॥

ରୋଦନ କରନ୍ତି ସର୍ବ ରାଣୀମାନେ ଶ୍ରୀରାମଙ୍କୁ କରି ଦୃଷ୍ଟି ।
ବୋଲଇ ବଶି ସବୁଙ୍କର ନୟନୁ ହେଉଅଛି ଅଶ୍ରୁ ବୃଷ୍ଟି ॥

## ୯ମ ଛାନ୍ଦ

ନ ଯା ରାମ ନ ଯା ଧନ ତୁ ବନବାସ କରି ରେ
ଆରେ କୋଦଣ୍ଡ ଧନୁଧାରୀ ରେ ।
ତୁ ଯେବେ ବନକୁ ଯିବୁ ମୋ ଗଳେ ଦିଅ ଛୁରୀରେ ॥ ଘୋଷା

ସଉମିର୍ଷି କରି ଧରି କାନ୍ଦେ କଉଶଲ୍ୟା ।
ଆହ୍ମା ବାପ ଧନ ତୋତେ କି ଦଣ୍ଡ ପଡ଼ିଲା ରେ ॥

---

୧-ସାନ ପୋଥିପାଠ । ୨-ଚତୁରାଙ୍ଗ ବଳ ପୋଥିପାଠ,
୩-ରାମ ବନ ଯିବା ପୂର୍ବରୁ 'ସଖୀଟିଗୋ' ପାଠ ପୋଥିରେ ଅଛି,
୪-ସୀତାୟା ସହିତେ ପୋଥିପାଠ, ୫-'ପିତା ଅଗ୍ରେ' ସ୍ଥାନରେ କେବଳ 'ଉଭା' ପୋଥିରେ ରହିଛି, ୬-ତିନଶ ପଞ୍ଚାଶ ପୁସ୍ତକ ପାଠ କିନ୍ତୁ ଦଶରଥଙ୍କର ସାତଶହ ପଞ୍ଚାଶ ରାଣୀ ଥିବାର ବର୍ଣ୍ଣନା ଅନ୍ୟତ୍ର ଉପଲବ୍ଧ ହୁଏ, ୭-ପାଟବଂଶୀ ପୋଥିପାଠ ।

ଅତି ସୁକୁମାର ସେ ପାଷାଣ କଣ୍ଟା ବଣେ ।
ଚାଲି ନ ପାରିଲେ ରାମ ରହିଯିବୁ ଦିନେ ରେ ॥

ଶୀତେପଲା ଚନ୍ଦନ ତୋ ଶରୀରେ ଲେପଇ ।
କେମନ୍ତେ ବଞ୍ଚିବୁ ବନେ ପାଂଶୁ ବୋଳି ହୋଇ ରେ ॥

ସୁପାତି ପଲଙ୍କେ ନିଦ୍ରା ନ ମାଡ଼ଇ ମୋତେ ।
ପତ୍ର ବିଛଣାରେ ରାମ ଶୋଇବୁ କେମନ୍ତ ରେ ॥

ଅମୃତ ଯୋଗାଡ଼ ରାମ ତୋତେ ନ ରୁଚଇ ।
କେମନ୍ତେ ବଞ୍ଚିବୁ ବନେ କନ୍ଦ ଫଳ ଖାଇରେ ॥

ଅତି ସୁକୁମାରୀ ମୋର ଜନକ-ଦୁହିତା ।
ଆରେ ବାବୁ ଲକ୍ଷ୍ମଣ ଲଗିଲା ତୋତେ ସୀତାରେ ॥

ଶ୍ରୀରାମ ସୁମରି କାନ୍ଦେ କଉଶଲ୍ୟା ରାଣୀ ।
ବୋଲେ ଋଷି ତାଙ୍କୁ ବୋଧ ଦ୍ୟନ୍ତି ରଘୁମଣି ୧ ଯେ ॥

●

## ରାଗ ଦକ୍ଷିଣ ମୁଖାରି କାଫି ୨

ଦଶରଥ ନୃପତି ଶୋକେ ଆକୁଳ ।
ଭଣ୍ଡାରୁ ଆଣି ରାଣୀ ୩ ରାମଙ୍କୁ ଯେ, ଦେଲେ ଅଜିନ ଚୀର ॥

ସୀତାଙ୍କୁ ଦେଖି ୪ ଦେଲେ ଭୂଷଣ ବାସ ।
ଆଜ୍ଞା ପାଇ ସାରଥି ଆଣିଲା ଯେ, ରଥ ଶ୍ରୀରାମ ପାଶ ॥

ପିତା ଚରଣେ ପଡ଼ି ତିନି ପରାଣୀ ।
ମାତାମାନଙ୍କୁ ମାନ୍ୟ କରଣେ ସେ, ବେଗେ ହେଲେ ମେଲାଣି ॥

ବଶିଷ୍ଠ ଆଦି ଯେତେକ ଥିଲେ ଋଷି ।
ସେମାନଙ୍କୁ ହିଁ ମାନ୍ୟ କରିଣ ଯେ, ରାମ ରଥରେ ବସି ॥

---

୧-ଏହି ଗୀତଟି ତାଳପତ୍ର ପୋଥିରେ ମିଳେ ନାହିଁ କିମ୍ବା ଏହି ଗୀତର ରାଗ ପ୍ରକାଶିତ ପୁସ୍ତକରେ ଦିଆଯାଇ ନାହିଁ, ୨-କେବଳ 'କାଫି' ବୋଲି ପୋଥି ପାଠରେ ଅଛି, ୩-ରାଜା ପୋଥିପାଠ, ୪-ଲେଖି ଦେଲେ ପୋଥିପାଠ,

କୋଦଣ୍ଡ ବାମକରେ ଦକ୍ଷିଣେ ଶର ।
ପୃଷ୍ଠ ଦେଶରେ ଶୋଭା ପାଉଛି ଯେ, କାଣ୍ଡ ଭାରକୁ ୧ ଭାର ॥

ସୁମନ୍ତ ରଥ ବାହାନ୍ତି ଧୀର ଧୀର କରି ।
ରଥ ବେଢି ଗୋଡ଼ାଇ ଅଛନ୍ତି ଯେ, ଅଯୋଧ୍ୟା ନରନାରୀ ୨ ॥

ଗୃହୁଁ ଗୃହୁଁ ରଥ ହୋଇଲା ଅଦୃଶ୍ୟ ।
ଦେଖିଣ ରାଜାରାଣୀ ସହିତେ ଯେ, ଶୋକେ ହେଲେ ଅବଶ ॥

ରାମ ଅଦୃଶ୍ୟ ଯାଏ ଗୋଡ଼ାଇ ଥିଲେ ।
ହା ହା ରାମ ଲକ୍ଷ୍ମଣ ୩ ଜାନକୀ ଗୋ, ବୋଲିଣ ମୋହ ଗଲେ ॥

କୌଶଲ୍ୟା ଆଦି କରି ଯେତେକ ନାରୀ ୪ ।
ରାଜାଙ୍କ ମୋହ ଦେଖି ଧରିଣ ଯେ, ଆଣିଲେ ନିଜ ପୁରୀ ॥

ତପମୀ ତଟିନୀ ତଟରେ ପ୍ରବେଶ ।
ସେଠାରେ ବଳେ କରି ଦେଖିଲେ ଯେ, ଦିନ ହୋଇଲା ଶେଷ ॥

ବୋଧି କହନ୍ତେ କେହି ବୋଧ ନୋହିଲେ ।
ଶ୍ରାନ୍ତ ହୋଇଣ ଜନେ ଶୁଅନ୍ତେ ଯେ, ତାଙ୍କୁ ନ କହି ଗଲେ ୫ ॥

ଶୃଙ୍ଗବେର ୬ ପୁରରେ ହୋଇଲେ ପ୍ରବେଶ ।
ଗୁହ ଶବର ଆସି ଦର୍ଶନ ଯେ, କଲା ଶ୍ରୀରାମ ପାଶ ॥

କହିଲେ ରାମ ତାଙ୍କୁ ସବୁ ବୃତ୍ତାନ୍ତ ।
ବୋଲେ ବଣି ଭକ୍ଷ ଦେଲାକ ଯେ, ତାଙ୍କ ପାଶେ ଅନନ୍ତ ୭ ॥

ରାଗ **ତୋଡ଼ି-ଏକତାଳୀ** ୮

ମିତ ଦେଲେ ଧାଧା ନେଇ, ରାମ ଦେଲେ ବାହୁଡାଇ ।
ବଟକ୍ଷୀରେ ଜଟା ଧରି କଲେ ରାମ ସେଠାରେ ସେଦିନ ରହି ॥

---

୧-ଭରଥଭର ପୋଥିପାଠ, -ପୁରନାଙ୍କ ପୋଥିପାଠ ।
୩-ଲକ୍ଷ୍ମଣ ପୋଥିରେ ନାହିଁ, ୪-ଯେତେ ଥିଲେ ନରନାରୀ ପୋଥିପାଠ
୫-ନ କହି କହିଲେ ପୁ ସ୍ତକପାଠ, ୬-ଶୃଙ୍ଗବେଣୀ ପୋଥିପାଠ
୭-ଗୃହଅଶ୍ବନ୍ତ ପୋଥିପାଠ, ୮-ରାଗ-ଗଡ଼ମାଳିଆ ପୋଥିପାଠ

ସ୍ନାନ କଲେ ଗଙ୍ଗା ବାରି, ହୋଇଲେ ବକଲ ଧାରୀ ୧ ।
ପୋଇ ଗୃନ୍ଧଆ ୨ ତରୁମୂଳେ ଶୋଇଲେ କୁଶାଙ୍କୁର ଶଯ୍ୟା କରି ॥

ଜଗି ରହିଲେ ଲକ୍ଷ୍ମଣ, ଧନୁରେ ପୂରାଇ ବାଣ ୩ ।
ଗୁହ ଶବର ମିତ୍ରବର ଉନ୍ନିଦ୍ର ହୋଇଲା ସୈନ୍ୟ ଘେନଣ ॥

ସୁମନ୍ତ୍ର ମେଲାଣି ହେଲେ, ରଥ ବାହୁଡ଼ାଇ ନେଲେ ।
ସେଠାରୁ ଶ୍ରୀରାମ ଲକ୍ଷ୍ମଣ ଜାନକୀ ପନ୍ଥରେ ଗମନ ୪ କଲେ ॥

କେତେ ଦୂର ପଥ ଗଲେ, ଭେଳାରେ ୫ ଗଙ୍ଗା ତରିଲେ ।
ବାଞ୍ଛାବଟ ନିକଟରେ ଭରଦ୍ୱାଜ ୬ ମୁନିଙ୍କ ମଠ ଦେଖିଲେ ॥

ହୋଇଅଛି ସାୟଂ କାଳ, ଅସ୍ତଗ ଦେବାର ବେଳ ।
ଏହି ସମୟେ ରାମ ଲକ୍ଷ୍ମଣ ସୀତା ପଡ଼ିଲେ ଚରଣ ତଳ ॥

କଲ୍ୟାଣ କରିଣ ଋଷି, ଆସନ ଦେଇଣ ଖୁସି ।
ନାନା ଉପଚାରେ ପୂଜା କରି ରାମ-ଲକ୍ଷ୍ମଣଙ୍କ ମନ ତୋଷି ॥

ମୁନିଙ୍କି କହିଲେ ସବୁ, ସେ ବୋଲନ୍ତି ୭ ରହ ବାବୁ ।
ଚଉଦ ବରଷକୁ ଯେତେ ଲାଗିବ ଲେଖି ଆମ୍ଭେ ସବୁ ଦେବୁ ॥

ରାମ କଲେ ତାହା ନାହିଁ, ଶୟନ ୮ କଲେ ସେଠାଇଁ ।
ସେଠାରେ ଲକ୍ଷ୍ମଣ ଜଗିଣ ବସିଲେ ୯ ଧନୁରେ ଶର ବସାଇ ୧୦ ॥

ଶୁଭେ ନିଶି ଗଲା ପାହି, ମୁନି ସଙ୍ଗେ ଭେଟ ହୋଇ ।
ଚିତ୍ରକୂଟ ଗିରି ନିକଟ ଦିଶୁଛି ବୋଲି ମାର୍ଗ ଦେଲେ କହି ॥

ସେହି ମାର୍ଗେ ରାମ ଗଲେ, କାଳିନ୍ଦୀ ପାର ହୋଇଲେ ।
ଚିତ୍ରକୂଟ ଗିରି ପାଶେ ମନ୍ଦାକିନୀ ୧୧ ଦେଖି ସାନନ୍ଦ ହୋଇଲେ ॥

---

୧-ଜଟାଧାରୀ ପୁସ୍ତକ ପାଠ, ୨-ପୋଇଗୃନ୍ଧୁଆ ପୁସ୍ତକ ପାଠ
୩-ଗୁଣ ପୋଥିପାଠ, ୪-ବନେ ପୁସ୍ତକପାଠ, ୫-ସୁଖେ ପୋଥିପାଠ,
୬-ଭରଦ୍ୱାଜଣ ପୋଥିପାଠ, ୭-ବୋଇଲେ ପୋଥିପାଠ, ୮-ଶ୍ୟନ ପୋଥିପାଠ,
୯-ନିଶିରେ ଜଗିଲେ ପୋଥିପାଠ, ୧୦-ପୂରୋଇ ପୋଥିପାଠ, ୧୧-ନିକଟେ ମନ୍ଦାଗ୍ନି ପୋଥିପାଠ ।

ଧନ୍ୟ ଧନ୍ୟ ଚିତ୍ରକୂଟ, ଗିରିମାନଙ୍କ ମୁକୁଟ ।
ବାଲ୍ମିକ ମୁନି ତପସ୍ୟା କରନ୍ତି ଯେବଣ ଏ ଗିରି କୋଟ ୧ ।।

ବାଲ୍ମୀକି ସଙ୍ଗେ ଭେଟ, କହିଲେ ସକଳ କୂଟ ୨ ।
ବହୁବିଧ କହି ରାମଙ୍କୁ ପୂଜିଲେ ହୋଇ ମୁନିବର ହୃଷ୍ଟ ।।

ଚିତ୍ରକୂଟେ କୁଟୀ କଲେ, ମହା ସୁଖରେ ରହିଲେ ।
ବୋଲେ ବଣି ମୃଗମାନ ମାରି ଆଣି କୁଟୀରେ ପ୍ରବେଶ ହେଲେ ।।

●

### ରାଗ ଘଣ୍ଟାରବ ଦୁଇତାଳୀ ୩

ରାମ କର ଧରି କାମିନୀ ବୋଲନ୍ତି ବେନି ଗୋ ।
ଚିତ୍ରକୂଟ ଗିରି ମୂର୍ଦ୍ଧନି ବୋଲନ୍ତି ଦେଖ ସଜନୀ ।
କନ୍ଦର ବେନି ଗୋ କରୁଛନ୍ତି ବିବିଧ ମୁନି ।।

ଦେଖ ଦେଖ କୃଷ୍ଣ ଅଗୁରୁ ଦୁର୍ଲଭ ତରୁ ଗୋ,
ସୁବାସ କରୁଅଛି ଦୂରୁ ।।

ଦେଖ ଦେଖ କୁସୁମ ଲତା ମଧୁପେ ମତ୍ତ ଗୋ
ମକରନ୍ଦ ପାନେ ୪ ନିରତା ।।

ଶୋଭା ଦେଖ ବିବିଧ ତରୁ ବୃକ୍ଷ ରମ୍ଭାରୁ ୫ ଗୋ
ଫଳ ପୁଷ୍ପ ଅଟନ୍ତି ଗରୁ ।।

ସିତ ପୀତ ରଙ୍ଗ ଏ ଶିଳା ଦେଖ ଅବଳା ଗୋ
ନୀଳ ଶସ୍ପୁଲେ ମୁକୁଟ ମାଳା ୬ ।।

ଦେଖ ଏ ମନ୍ଦାକିନୀ ୭ ନଦୀ ପାତାଳ ଭେଦ ଗୋ
ସୁଖଦାୟୀ ମହା ପ୍ରମୋଦୀ ।।

---

୧-ପ୍ରକଟ ପୋଥିପାଠ, ୨-କଷ୍ଟ ପୋଥିପାଠ । ୩-ଏକତାଳି ପୋଥି ପାଠ ।
୪-ସିବେ ପୋଥିପାଠ । ୫-ଚମରୁ ପୁସ୍ତକ ପାଠ ।
୬-ନୀଳ ଶିଳେ ମର୍କତ ମେଳା ପୁସ୍ତକ ପାଠ । ୭-ମନ୍ଦାଗ୍ନି ପୋଥିପାଠ ।

ଅଯୋଧ୍ୟା ପୁରୀ ମୋର ୧ ଗିରି ସରଯୂ ସର ଗୋ
ମନ୍ଦାକିନୀ ନଦୀରେ ବାର ॥

ରାମ ସୀତା ବସିଣ ଶିଳା କରନ୍ତି ଲୀଳା ଗୋ
ବିସ୍ତାରି ନବ ଊର୍ମିମାଳା ୨ ॥

ଲକ୍ଷ୍ମଣ ଆଣେ କନ୍ଦମୂଳ ରାନ୍ଧନ୍ତି ଫଳ ଗୋ
ବୋଲେ ଋଷି ମଣୋହି ବେଳ ॥

●

ରାଗ—**କଳହଂସ କେଦାର**୩

ମୋହ ତେଜନ୍ତେ ଦଶରଥ ନୃପତି ।
କରଯୋଡ଼ିଣ ମନ୍ତ୍ରୀବର ଜଣାନ୍ତି ଯେ ॥

ବନେ ଛାଡ଼ିଲି ରାମ ଲକ୍ଷ୍ମଣ ବେନି ।
ତାଙ୍କ ସଙ୍ଗେଗଲେ ଜନକନନ୍ଦିନୀ ଯେ ॥

ଶୁଣିସେ ମହୀପତି ହେଲେ ବିକଳ ।
ଶ୍ରୀରାମ ଚନ୍ଦ୍ର ନେତ୍ରୁ ବହଇ ଜଳ ଯେ ॥

ଆଗୋ ମନ୍ଦ ପାମରୀ କୈକେୟୀ ରାଣୀ ।
କି ଦୋଷ କଲେ ତୋତେ ମୋ ରଘୁମଣି ଗୋ ॥

କି ଦୋଷ କଲେ ତୋର ସୁମିତ୍ରାସୁତ ।
ନର୍ଦ୍ଦୋଷୀ ସୀତାକୁ ତୁ କଲୁ ଏମନ୍ତ ଗୋ ॥

ହା ହା ରେ ରାମ ତୋତେ ତେଜିଲି ମୁହିଁ ।
ଚନ୍ଦ୍ର ବଦନ ତୋର ଦେଖିଲିନାହିଁ ରେ ॥

ରାମ ନଦେଖି ନଷ୍ଟେ ଯିବ ଜୀବନ ।
ତୁ ମୋତେ ହେଲୁ କାଳକୂଟ ସମାନ ଗୋ୪ ।

---

୧-ଗୋମନ୍ତଗିରି ପୋଥିପାଠ ୨- ବହଇଲେ ବଡ଼ଊର୍ମିମାଳା ପୋଥିପାଠ ।
୩- କୁସୁମ ସଉରଭେ ବାଣୀରେ ପୋଥିପାଠ ୪- ଏହି ପଦଟି ପୋଥିରେ ଓଲଟ ପାଲଟ ହୋଇଛି ।

ତୁମୋର ଅକଳଙ୍କ କୁଳଚନ୍ଦ୍ରମା ।
କେହ୍ନେ[୧] ଦୁଃଖ ସହିବୁ ଜନକ କେମା ଗୋ ॥

ଫାଟି ନଗଲା ଏହା ଶୁଣି ହୃଦୟ[୨] ।
ଜାଣିଲି କୁଳାଙ୍କୁ ମୋ ତନୁ ନର୍ଧ୍ୟରେ ॥

ଲକ୍ଷେ ନୃପତି ମଧ୍ୟେ ଭାଙ୍ଗିଲୁ ଚାପ[୩] ।
ଗଞ୍ଜିଲୁ ପର୍ଶୁଧର ତେଡ଼େକ ଦର୍ପରେ ॥

ଦଣ୍ଡିଲୁ ଯାଗ ରଖି ଅସୁରକୁଳ[୪] ।
ମଣ୍ଡିଲୁ ରବି ଛଳେ ଏ ରଘୁକୁଳରେ ॥

ପାଦ ଲାଗି[୫] ପାଷାଣ ହେଲା ଯୁବତୀ ।
ବିଧାତା ଦେଲାତୋତେ ଏତେ ବିପତ୍ତିରେ ॥

ହାହା ରାମ ବୋଲି ଛାଡ଼ିଲେ ପ୍ରାଣ ।
ଉଇଲା ଖଣ୍ଡେ ଉଡ଼ିଦେଲେ ତକ୍ଷଣ ଯେ[୬] ॥

ସିନ୍ଧୁଘୋଷ ପ୍ରାୟେକ ଶୁଭିଲା ବାଣୀ ।
ଅନ୍ତପୁରେ ପ୍ରବେଶି ରୋଦିଲେ ରାଣୀ ଯେ ॥

ରାଜା ନିଧନେ ଅମାନାତ୍ୟ ସକଳ ।
ସବୁରି ନୟନରୁ ବହଇ ଜଳ ଯେ[୭] ॥

ବିକଳ ହୋଇଲେ ସେ ଅଯୋଧ୍ୟା ନାରୀ[୮] ।
ବୋଲଇ ବିଶି ଶୋଭା ନଦିଶେ ପୁରୀ ଯେ ॥

●

---

୧- କେହ୍ନ ପୋଥିପାଠ ୨- ଶୁଣିଣ ଫାଟି ମୋରନ ଗଲା ଦେହ ପୋଥିପାଠ ।
୩- ଭାଙ୍ଗିଲୁ ପୁସ୍ତକପାଠ ୪- ବଳ ପୋଥିପାଠ
୫- ଚରଣ ପୋଥିପାଠ ୬-ଯେକ୍ଷଣ ପୁସ୍ତକପାଠ ।
୭-ଏହି ପଦଟି ପୋଥିରେ ନାହିଁ । ୮-ନରନାରୀ ପୋଥିପାଠ ।

## ରାଗ **ଚଳଇ ରଥବାଣୀ**

ରାଜା ନିଧନେ ପାତ୍ର ପୁରୋହିତ ଜନ ।
ବିଚାରନ୍ତି ୧ କାହାକୁ କରିବା ରାଜନ ॥

ଶ୍ରୀରାମ ଗଲେ ରାଜା ସ୍ୱର୍ଗ ପାଇଲେ ।
ଭରତ ଶତ୍ରୁଘନ ଅଜାଘରେ ରହିଲେ ॥

ବଶିଷ୍ଠ ସୁମନ୍ତ୍ର ଆଦି ଯେତେକ ପାତ୍ର ।
ଲେଖା ଦେଇଣ ଦୂତକୁ କହି ଚରିତ ॥

ଭରତକୁ ଅନ୍ତର ନାମ ଟେରି କହିବୁ ।
କୁଶଳ କହିଣ ବେଗେ ଧରି ଆସିବୁ ॥

ଅଶ୍ୱ ଚଢ଼ି ଦୂତେ ତ୍ୱରିତ ଗଲେ ।
ଅଳପ ଦିନରେ ଯାଇ ପ୍ରବେଶ ହେଲେ ॥

ଯେହିଦିନ ନିଶି ଭରତେ ସ୍ୱପନ ଦେଖି ୨ ।
ଅମଙ୍ଗଳ ଜାଣି ମନ ସୁଖାଇ ବସି ॥

ଏମନ୍ତ ୩ ଦୂତେ ଦେଲେ ଲେଖ ତ୍ୱରିତେ ।
ବେଗେ ଆସ କୁଶଳ ସର୍ବ ପୁରତେ ॥

ଦୂତଙ୍କର ବାଣୀ ଲେଖା ଆକଟ ଜାଣି ।
ଅଜାଙ୍କ ଛାମୁରୁ ବେଗେ ହେଲେ ମେଲାଣି ॥

ଗଜ ଅଶ୍ୱ ଯାନ ପାଇ ଅନେକ ଧନ ।
ତେବେ ଯେଉଁ ସ୍ୱପନ ଚିନ୍ତି ୪ ବିକଳ ମନ ॥

ସଇନ୍ୟ ପଛେ ରଖିଣ ଗଲେ ଆଗରେ ।
ଦୋଳି ବସି ପ୍ରବେଶ ଅଯୋଧ୍ୟା ନଗରେ ॥

●

୧-ବିଚାରି ବାରନ୍ତି ପୋଥିପାଠ । ୨-ଯେଉଁଦିନ ନିଶିରେ ଭରତ ସପନ ଦେଖିଲେ ପୋଥିପାଠ । ୩-ସମସ୍ତେ ପୋଥିପାଠ । ୪-ଦେଖି ପୋଥିପାଠ ।

ରାଗ— **କଲ୍ୟାଣ**

ଅଯୋଧ୍ୟାରେ ଭରତ ୧ ହୋଇ ପ୍ରବେଶ । ଦେଖିଲେ ସବୁରି ମୁଖ ବିରସ ॥
ଅନ୍ତଃପୁରେ ମାତା ଚରଣେ ପଡ଼ି । ପଚାରନ୍ତି ବେନି କର ଯୋଡ଼ି,
ଗୋ ଜନନି !
ଆମ୍ଭ ପିଅର କାହିଁ । ଜ୍ୟେଷ୍ଠ କନିଷ୍ଠଙ୍କୁ ଦେଖୁତ ନାହିଁ ॥

ଅଯୋଧ୍ୟାପୁର ଦିଶେ ନାରଖାର । ମଙ୍ଗଳ ଦିଶୁ ନାହିଁ ଆମ୍ଭ ପୁର ॥
ପଥେ ଦେଖିଲି ଅଶକୁନ ମାନ । କି ଅବା ନାଶଗଲା ଆମ୍ଭ ପୁଣ୍ୟ,
ଗୋ ଜନନି !

ଶୁଣି ଜନନୀ କହନ୍ତି ବଚନ । ରାମଙ୍କୁ ରାଜା କରନ୍ତେ ରାଜନ ॥
ନୃପତିଙ୍କି ମୁଁ ସତ୍ୟ କରାଇଲି । ରାମ ବନ ଯାଉ ବୋଲି ବୋଇଲି ୨ ॥
ରେ କୁମର !

ଏବେ ହୁଅ ନୃପତି । ତୁ ମୋର ଭୋଗ କର ଏ ବିଭୂତି ॥
ରାମଙ୍କୁ ନ ଦେଖି ତୁମ୍ଭ୪ ପିଅର । ଦେହ ଛାଡ଼ିଣ ଗଲେ ସ୍ୱର୍ଗ-ପୁର ॥
ମୃତ ଶବ ଏବେ ଅଛନ୍ତି ରଖି । ଦହନ ନକଲେ ତୋତେ ନ ଦେଖି,
ରେ କୁମର ! ୩

ଶୁଣିଣ ମୂର୍ଚ୍ଛା ଗଲେ ଭରତ ବୀର । ମାତାଙ୍କୁ କଲେ ବହୁତ ଧିକ୍କାର ୫ ॥
ମନ୍ଥରା କେଶ ଶତ୍ରୁଘ୍ନ ଧରି । ବନ୍ଧନ କଲେ ଅବାଧେ ବିଗୁରି ॥

ଛାଡ଼ିଣ ଦେଲେ ରାମଙ୍କୁ ତର୍ପଣ । କୈକେୟୀରେ ସେ ପଶିଲା ଶରଣ ॥
ଶବ ଦହଣ କଲେ ପ୍ରେତ କର୍ମ । ବୋଲେ ବଶି ରାଜାଙ୍କର ଯେ ଧର୍ମ ॥

---

୧-ଭରତବୀର ପୋଥିପାଠ । ୨-'ରାମ ବନ ଯାଉ ବୋଲି ବୋଇଲେ' ପୋଥି-ପାଠଟି ଅଧିକ ଯୁକ୍ତିଯୁକ୍ତ । କିନ୍ତୁ ପ୍ରକାଶିତ ପୁସ୍ତକରେ 'ରାମ ଲକ୍ଷ୍ମଣ ବନକୁ ପେଷିଲି' ପାଠ ପ୍ରାସଙ୍ଗିକ ନୁହେ । ୩-ରେ କୁମର ପୋଥିରେ ନାହିଁ ।
୪-ତୋର ପୋଥିପାଠ । ୫-ବୋଇଲେ ଅଭାଗ୍ୟ ହେଲା ଆମ୍ଭର ପୋଥିପାଠ ।

## ରାଗ- ଆଷାଢ଼ଶୁକ୍ଳ

ଭରତ ଶତ୍ରୁଘ୍ନ ଆସ୍ଥାନ ୧ କରି । ସୁମନ୍ତ ମନ୍ତ୍ରୀଙ୍କୁ ହକାରି ।
ଶ୍ରୀରାମ ଲକ୍ଷ୍ମଣଙ୍କୁ ଯିବା ଶୁଣି । ସୈନ୍ୟ ସଜ କରିବ ଏହିକ୍ଷଣି ।
ତା ଶୁଣିଣ ମନ୍ତ୍ରୀ, ଚତୁରଙ୍ଗ ବଳ ସାଜି ଆଣନ୍ତି ॥

ଭରତ ଶତ୍ରୁଘନ ଚଢି ରଥ । ସୁଖରେ ଗଲେ ସେ ଦୁର୍ଗମ ପଥ ॥
ବନ ଗିରି ପୁରି ଚାଲନ୍ତି ଥାଟ । ଶବର ନୃପତି ସଙ୍ଗରେ ଭେଟ ॥
କହିଲେ ସେ ସବ, ଚିତ୍ରକୂଟରେ ଅଛନ୍ତି ରାଘବ ॥

ଗୁହ ବୋଲନ୍ତି ହେ ମିତ୍ର ସାନୁଜ । ଦେଖ ଏ ତରୁମୂଳ କୁଶ ଶେଯ ୨ ॥
ରାମ ସୀତା ଏଥି ପହୁଡ଼ି ଥିଲେ । ଏଠାରେ ଲକ୍ଷ୍ମଣ ଜଗି ରହିଲେ ୩ ॥
ତାଙ୍କ ସଙ୍ଗେ ମୁହିଁ, କଥା କହନ୍ତେ ନିଶି ଗଲା ୪ ପାହି ॥

ଦେଖି ୫ ଭରତ କଲେ ବହୁ ଶୋକ । ନିଜ ମାତାଙ୍କୁ ନିନ୍ଦିଲେ ଅନେକ ॥
ସେହି ବଟକ୍ଷୀରେ ବାନ୍ଧିଲେ ଜଟ । ବକଳମାନ କଲେ ପିନ୍ଧାପଟ ୬ ॥
ସେଠାରୁ ଚଳିଲେ, ଭରଦ୍ୱାଜ ୭ ମୁନି ମଠେ ମିଳିଲେ ॥

ମୁନିଙ୍କି ଦେଖିଣ କୈକେୟୀ ସୁତ । ପଡ଼ିଲେ ଚରଣ ତଳେ ତ୍ୱରିତ ॥
ମୁନି ତାଙ୍କୁ ଇଚ୍ଛା ୮ ଭୋଜନ ଦେଲେ । ସକଳ ସୈନ୍ୟ ତୃପତି ୯ ହୋଇଲେ ॥
ସେ ନିଶି ରହିଲେ, ରାମ ଚରିତ କୁହାକୁହି ହେଲେ ୧୦ ॥

ରଜନୀ ଶେଷରେ ହେଲେ ବାହାର । ସୈନ୍ୟ ଚାଲନ୍ତେ ବନଟି ଚୁର ॥
ଗୁହ ଶବରଙ୍କୁ କରିଣ ଆଗେ । ପ୍ରବେଶିଲେ ଚିତ୍ରକୂଟ ସେଲଗେ ୧୧ ॥
ଶୁଣି ଗୁରୁ ଧ୍ୱନି, ଲକ୍ଷ୍ମଣ ଉଠିଲେ ତରୁ ମୂର୍ଦ୍ଧନି ॥

---

୧-ସ୍ନାନ କରି ପୁସ୍ତକ ପାଠ । ୨-ଦେଖ ପୁଲ୍ଲିନ ମୂଳେ କୁଶ ଶେଯ ପୋଥିପାଠ ।
୩-ବସିଲେ ପୋଥିପାଠ । ୪-ଗଲାନାହିଁ ପୁସ୍ତକ ପାଠ ।
୫-ଶୁଣିଣ ପୋଥିପାଠ । ୬-ବୃକ୍ଷମାନଙ୍କରୁ ପିନ୍ଧିଲେ ପଟ ପୋଥିପାଠ ।
୭-ଭରଦ୍ୱାଦଶ ପୋଥିପାଠ ।
୮-ଇଚ୍ଛ ପୁସ୍ତକ ପାଠ । ୯-ସଂପୂତ ପୋଥିପାଠ । ୧୦-ପ୍ରଭାତ ହେବାରୁ ଶଯ୍ୟା ଛାଡ଼ିଲେ ପୁସ୍ତକ ପାଠ । ୧୧-ଲଗେ ପୋଥିପାଠ, ସେ ଲଗେ = ସେହିକ୍ଷଣି ।

ଦେଖିଲେ ଭରତ ଶତ୍ରୁଘ୍ନ ବେନି । ସଙ୍ଗତେ ଅନେକ ସଇନ ଘେନି ॥
ତାଙ୍କୁ ଗୃହିଁ ବନ୍ଧୁ ପ୍ରତିଜ୍ଞା କଲେ । ଭ୍ରତକୁ ଆଜ ମାରିବ ବୋଇଲେ ॥
ରାଜା ଏବେ ହୋଇ, ଆସୁଛୁ ଆମ୍ଭଙ୍କୁ ମାରିବା ପାଇଁ ॥

ବୃକ୍ଷରୁ ଉତୁରି ୧ ସୁମିତ୍ରା ୨ ସୁତ । ଜଣାଇଲେ ରାମ ପାଶେ ତ୍ୱରିତ ॥
ଭରତ ଶତ୍ରୁଘ୍ନ ଆସନ୍ତି ଦେବ । ଶୁଣିଣ ମନେ ହରଷ ୩ ରାଘବ ॥
ଆସୁ ଆସୁ ଭାଇ, ଦେଖିବା ତାକୁ ନୟନ ପୁରାଇ ୪ ॥

ଭରତ ଶତ୍ରୁଘ୍ନ ସୈନ୍ୟ ଲୁଚାଇ । ଚିତ୍ରକୂଟ ଗିରି ନିକଟେ ଯାଇ ॥
ଦେଖିଲେ ଅତି ମନୋରମ ଗିରି । ଯହିଁ ବିଜୟ କରିଛନ୍ତି ୫ ହରି ॥
ସେ ଗୁପ୍ତ ସଙ୍ଗତି, ରଥୁ ଓହ୍ଲାଇ ହେଲେ ପାଦ ଗତି ॥

ଶ୍ରୀରାମଙ୍କୁ ଦେଖି କୈକେୟୀ ସୁତ । ଖଣ୍ଡେ ଦୂରରୁ କଲେ ଦଣ୍ଡବତ ॥
ଭ୍ରାତ ଚରଣେ ଲକ୍ଷ୍ମଣ ପଡ଼ିଲେ । ଶତ୍ରୁଘନ ହିଁ ଦୂରୁ ୬ ମାନ୍ୟ କଲେ ॥
ଗୃହି ଭାଇ ମେଳ, ବୋଲେ ବଶି ନେତ୍ରୁ ବହଇ ଜଳ ୭ ॥

ରାଗ-- **କଉଶିକ ପଞ୍ଚତାଳ**

ଇକ୍ଷ୍ୱାକୁ ୮ କୁଳ ସିନ୍ଧୁ ଚନ୍ଦ୍ରମା ହେ, ମୋର ଜନନୀ ଏହା ଅର୍ଜିଲେ ।
ତୁମ୍ଭଙ୍କୁ ନ ଭେଟି ପିଅର ହା ରାମ ବୋଲି ପ୍ରାଣ ତେଜିଲେ ॥

ଦୁଷ୍ଟ ପାମରୀ ମନ୍ଦଭାଗୀ ହେ, କ୍ଷମାଶୀଳ ଦୋଷ କର କ୍ଷମା ।
ଅଯୋଧ୍ୟା ପୁରେ ଅଭିଷେକ ହୁଅ ହେ, ଘେନିଣ ଜନକ ଜେମା ॥

ଭରତ ଶତ୍ରୁଘ୍ନ ଏମନ୍ତ କହି, ଚରଣ ତଳେ ପଡ଼ିଲେ ।
ଉଠ ଉଠ ବୋଲି ଶ୍ରୀକରେ ସେ, ବେନି ଭାଇଙ୍କି ତୋଳି ଧଇଲେ ॥

---

୧-ଓହ୍ଲାଇ ପୁସ୍ତକ ପାଠ । ୨-ସୁମିତ୍ରା ପୋଥି ପାଠ ।
୩-ହରଷେ ପୁସ୍ତକ ପାଠ । ୪-ପୂରେଇ ପୋଥି ପାଠ ।
୫-ଦେବହରି ପୋଥିପାଠ ।
୬-ଯାଇ ହିଁ ପୋଥିପାଠ, ୭-ନେତ୍ରୁ ବହେ ଅଶ୍ରୁଜଳ ପୋଥିପାଠ,
୮-ଇକ୍ଷ୍ୱାକୁଳ ପୋଥିପାଠ ।

ପିତା ମୃତ୍ୟୁ ରାମ ଲକ୍ଷ୍ମଣ ସୀତା ଯେ, ଶୁଣିଣ ବିଳାପ କଲେ ।
ମନ୍ଦାଗ୍ନି ୧ ଜଳେ ଯେ କରି ସେ ଇଙ୍ଗୁଦୀ ଫଳ ପିଣ୍ଡାନ୍ନ ଦେଲେ ୨ ॥

ବଶିଷ୍ଠ ଆଦି ସକଳଙ୍କ ବଚନରେ, ଶ୍ରୀରାମ ନୋହିଲେ ପ୍ରସନ୍ନ ।
ଯେ ଯେତେ ରୂପେ ମଣାଇଲେ ହେ, ରାମ ନୋହିଲେ ସଦୟ ମନ ॥

ଭରତଙ୍କୁ ରାଜନୀତି କହି ସେ, ପାଦୁକା ଦେଇ କଲେକ ତୋଷ ।
ବୋଲେ ବଶି ଭରତ ନନ୍ଦିଗ୍ରାମେ ଯେ, ସୈନ୍ୟ ଘେନି ହେଲେ ପ୍ରବେଶ ॥

●

## ରାଗ– କେଦାର କଳଦ ବାଣୀ ୩

ଚିତ୍ରକୂଟ ବାସୀ ହେ ଠୁଳ ହେଲେ ଆସି
ବିଚାରି ବୋଲନ୍ତି ଏଥି ହେ, ଥିବା ସକଳ ତପସ୍ୱୀ ୪ ॥

ଫାଟିଗଲା ଦାଣ୍ଡ ହେ, ଯତି ୫ ହେଲେ ରୁଣ୍ଡ ।
ରାମ ଲକ୍ଷ୍ମଣ ବନରେ ହେ, ବୁଲନ୍ତି ଘେନିଣ କୋଦଣ୍ଡ ॥

ହୋଇଛନ୍ତି ଯତି ହେ, ସଙ୍ଗରେ ଯୁବତୀ ।
ପ୍ରତିଦିନ ମୃଗ ବଧ ହେ, କରନ୍ତି ରଘୁକୁଳପତି ॥

ଅସୁର ଆସିବେ ହେ, ଏହାଙ୍କୁ ଦେଖିବେ ୬ ।
ଆମ୍ଭପାଇଁ ଧାନୁଷ୍କୀ ସେ ହେ, ଅଣିଛୁ ବୋଲିଣ ଖାଇବେ ॥

ଶ୍ରୀରାମ ଜାଣିଲେ ହେ, ଲକ୍ଷ୍ମଣେ କହିଲେ ।
ଆମ୍ଭ ରହିବା ଦେଖିଣ ହେ, ସାନୁଜ ମୁନିମାନେ ଗଲେ ୭ ॥

କି କଲେ କି କଲେ ନ କହି ତ ଗଲେ ।
ଏଡ଼େ ଭୟ କମ୍ପାଇଁ ହେ, ସାନୁଜ ସେମାନେ ପାଇଲେ ॥

---

୧- ସରଯୂ ପୁସ୍ତକପାଠ, ଚିତ୍ରକୂଟ ନିକଟରେ ମନ୍ଦାଗ୍ନି ବା ମନ୍ଦାକିନୀ ପ୍ରବାହିତ ହେଉଥିବାର ପାଠ ପୂର୍ବ ଗୀତମାନଙ୍କରେ ରହିଛି । ୨-ଇଷ୍ଟ ଦେବତାଙ୍କୁ ପିଣ୍ଡ ଦେଲେ ପୋଥିପାଠ ।
୩-କେଦାର ବଙ୍ଗଳା କଳଦ ବାଣୀ ପୋଥିପାଠ, ୪-ତପୁସୀ ପୋଥିପାଠ, ୫-ଋଷି ପୁସ୍ତକପାଠ, ୬-ଆମ୍ଭଙ୍କୁ ନଷ୍ଟେ ଖାଇବେ ପୋଥିପାଠ, ୭-ପଳାଇଲେ ଦୁରାନ୍ତରେ ପୋଥିପାଠ ।

ତେଜିଲେ ଏ ବନ ଯେ ଆସନ୍ତୁ ଏ ସ୍ଥାନେ୧ ।
ବୋଲେ ବଶି ଏମନ୍ତ ହେ, ବାଞ୍ଛି ଣ ନିବା କଲେ ମନ୨ ॥

●

ରାଗ ଆହାରୀ, ମାନଧାତା ମଧୁପ ବୃତ୍ତେ ୩

ଏଥୁ ଅନନ୍ତରେ କଚ୍ଛୁଦନ ପରେ ଚନ୍ଦ୍ରକୁଟ ତେଜି ଶ୍ରୀରାମ ।
ଦଣ୍ଡକ ଅରଣ୍ୟେ ପ୍ରବେଶି ଦେଖିଲେ ଅଃଯେସ୍ତୁ ୪ ଋଷିଙ୍କ ଆଶ୍ରମ ॥
ସୁଜନେ । ଅତି ରମ୍ୟ ତାଙ୍କ ଆଶ୍ରମ ।
ସମସ୍ତ ଋଷିମାନେ ସଙ୍ଗତରେ ଯହିଁ କରି ଅଛନ୍ତି ବିଶ୍ରାମ ॥

ସଉମିତ୍ରି ସୀତା ଘେନଣ ଶ୍ରୀରାମ ମୁନିଙ୍କୁ କଲେକ ଦର୍ଶନ ।
ଆଯେସ୍ତୁ ଋଷି ଦେଖିଣ ଶ୍ରୀରାମଙ୍କୁ ବହୁତ ହୋଇଲେ ପ୍ରସନ୍ନ ।
ସୁଜନେ । ବହୁ ବିଧିରେ ପୂଜା କଲେ ।
ଅନୁସୂୟା୫ ସୀତାଙ୍କର ଭୁଜ ଧରି ତାଙ୍କୁ ପୁରକୁ ଘେନିଗଲେ ॥

କରି ଅନୁରାଗ ଦେଲେ ଅଙ୍ଗରାଗ ୬ ଦିବ୍ୟ ଅମଳାନ ବସନ ।
ଦିବ୍ୟ ଆଭରଣ ଦିବ୍ୟ କୁସୁମରେ କଲେ ତାହାଙ୍କୁ ସୁମଣ୍ଡନ ।
ସୁଜନେ । କେବେହେଁ ନୁହେଁ ସେ ବିଭଙ୍ଗ,
ହେମ ଉଜ୍ଜଳ କରଣର ସାଣିଲା ପରାୟେ ଦିଶିଲା ଶ୍ରୀଅଙ୍ଗ ୭ ॥

ଯେଉଁ ଅନୁସୂୟା ଜନେ କରି ଦୟା ତାର୍ଥି ୮ ନଦୀକି ବହାଇଲେ ।
ଅନେକ କାଳଯାଏ ବୃଷ୍ଟି ନ କଲା ଦୁର୍ଭିକ୍ଷ ବାଧା ଛଡ଼ାଇଲେ ।
ସୁଜନେ । ଅଟନ୍ତି ସେହି ପତିବ୍ରତା ।
ଅନୁସୂୟା ବ୍ରତ କରିଣ ମୁକତ ହୁଅନ୍ତି ସକଳ ବନିତା ॥

---

୧-ଜାଣିଣ ପୋଥିପାଠ, ୨-ଆସ ଋମ୍ନେ ଏଥେ ରହ ପୋଥିପାଠ,
୩-କେବଳ 'ଆହାରୀ' ପୋଥିରେ ରହିଛି, ୪-ଅତ୍ରି ପୋଥିପାଠ ।
୫- ଅନୁଗ୍ରସ୍ୟା ପୋଥିପାଠ ।
ଦିବ୍ୟ ଦ୍ରବ୍ୟ ପୋଥିପାଠ, ୬-ସୁବେଶକ ପୋଥିପାଠ, ୭-ହେମ ଉଜ୍ଜଳରେ ଶାଣିଲା ପ୍ରାୟେକ ଦିଶିଲା ସଖୀ ଅଙ୍ଗ ପୋଥିପାଠ, ୮-ଗଙ୍ଗାନଦୀ ପୋଥିପାଠ ।

ଜାନକୀ ତାଙ୍କ ଚରଣ ତଳେ ପଡ଼ି ଲଭିଲେ [୧] ପରମ ସନ୍ତୋଷ ।
ତାହା ଦେଖି ରାମ ଲକ୍ଷ୍ମଣ ସହିତେ ହୋଇଲେକ ବହୁ ହରଷ ।
ସୁଜନେ ! ପୂର୍ବ କଥା ମୁନି କହିଲେ ।
ତୁମ୍ଭେ ଏବେ ଏ ବନକୁ ବିଜେ କଲ ଅଭୟ [୨] ହୋଇଲୁ ବୋଇଲେ ॥

ସକଳ ଋଷି ତଣ୍ଡୁଳ ଶିରେ ଦେଇ ରାମଙ୍କୁ କଲ୍ୟାଣ ବାଞ୍ଛିଲେ ।
ଏହି ମାର୍ଗରେ ଏ ବନ ଭିତରକୁ ଯିବା ହେଉ ବୋଲି ବୋଇଲେ ।
ସୁଜନେ ! ସେଠାରୁ ରାମ ବିଜେ କଲେ ।
ଅଯୋଧ୍ୟା କାଣ୍ଡ ସମ୍ପୂର୍ଣ୍ଣ ବୋଲେ ଦୀନ ବଶି [୩] ଗୀତେ ଏହା କହିଲେ ॥

---

୧-ହୋଇଲେ ପୋଥିପାଠ, ୨-ସୁଲଭ ପୋଥିପାଠ, ୩-ବୋଲି ଦୀନମଠ ବଶୀ ପୋଥିପାଠ

# ଆରଣ୍ୟକ କାଣ୍ଡ

ରାଗ—**ଆହାରୀ** ୧

ଏଥୁ ଅନନ୍ତରେ ମହାବନାନ୍ତରେ ପ୍ରବେଶ ହୋଇଲେ ଶ୍ରୀରାମ ।
ଦଣ୍ଡକ ଅରଣ୍ୟେ ସୀତାଙ୍କୁ ଦେଖାନ୍ତି ଦେଇଣ କନ୍ଧେ ଭୁଜ ବାମ ।
ଗୋ ୨ ସଜନ, ତରୁମାନେ ଯେ ଅଭିରାମ ।
ଫଳ ପୁଷ୍ପେ ଲତା ଅଛି ଅପ୍ରମିତା କି ଅବା ଶଙ୍କର ଆରାମ ॥

ଶୁକ ସାରୀ ସଙ୍ଗେ ଅଛନ୍ତି ବିହଙ୍ଗେ ଫଳ ଲୋଭେ ଲୀଳା ୩ କରନ୍ତି ।
ବିହଙ୍ଗ ସଙ୍ଗରେ କ୍ରୀଡ଼ା କରିବାରେ ବିବିଧ ୪ ଧ୍ୱନିକି ଭାଷନ୍ତି ।
ଗୋ ସଜନ, ଦେଖାଇ ଶ୍ରୀରାମ ସନ୍ତୋଷ ।
ତମାଳର ମାଳ ତଳରେ ୫ କସ୍ତୁରୀ ଜୀବ ଚରନ୍ତି ଯେ ବିଶେଷ ॥

ସିଂହ ଶାର୍ଦ୍ଦୂଳ ଗଣ୍ଡା ଗଜ ଗୟଳ ୬ ମର୍କଟ ଭାଲୁଙ୍କର କୁଳ ।
ମୃଗ ଶୂକର ସମ୍ବର ୭ ହରିଣୀ କୃଷ୍ଣାଜିନର ସଙ୍ଗେ ମେଳ ।
ସେ ଜାନକି ୮, ସହିତେ ରାମ ଯେ ସନ୍ତୋଷ ୯ ।
ଏହି ସମୟରେ ପ୍ରବେଶ ହୋଇଲା ବିରାଧ ନାମରେ ରାକ୍ଷସ ॥

ମହାଗିରି ପ୍ରାୟେ ଦିଶଇ ତା କାୟେ ଧରିଛି କରେ ଦିବ୍ୟ ଶୂଳ ।
ରୁଧିରେ ଶରୀର କର୍ଦ୍ଦମ ହୋଇଛି ମୁଖ ଦିଶଇ ବିକରାଳ ।
ଆହେ ସୁଜନେ । ସୀତାଙ୍କୁ ଘେନିଣ ସେ ଗଲା ।
ରାମ ଲକ୍ଷ୍ମଣ ଶର ବୃଷ୍ଟି କରନ୍ତେ ଭୟ ତହିଁକି ଯେ ନ କଲା ॥

ଏଡ଼ିଣ ରାମ ଲକ୍ଷ୍ମଣ ବେନିଭାଇ ୧୦ ସୀତାଙ୍କୁ ନେଉଥିଲା ଧରି ୧୧ ।
ସୀତାଙ୍କ ରୋଦନ ଦେଖି ବେନିଭାଇ ବାହୁକୁ ଭଗ୍ନ ତାର କରି ।
ଆହେ ସୁଜନେ । ଦଳି ଦହିଲେ ତାର ପିଣ୍ଡ ।
ପ୍ରାଣ ତେଜି ଦୈତ୍ୟ ଗନ୍ଧର୍ବ ହୋଇଲା ତେଜେଣ ଦିଶେ ମାରତଣ୍ଡ ୧୨ ॥

---

୧-ରାଗ-ବଙ୍ଗାଳଶ୍ରୀ ପୋଥିପାଠ, ୨-ଆରେ ପୋଥିପାଠ, ୩-ଫଳଲୋଭି ଯେ ନ ଛାଡ଼ନ୍ତି ପୁସ୍ତକପାଠ, ୪-ବିଧିଧ୍ୱନି ପୋଥିପାଠ, ୫-ତମାଳ ମାଳ ତଳ ତଳେ ପୋଥିପାଠ, ୬-ଶମ୍ବୁଳ ଓ ମର୍କଟ ସ୍ଥାନରେ ଆଦି ମହିଷି ପୋଥିପାଠ, ୭-ସମ୍ବୋମୃର ପୋଥିପ୍ରାଠ, ୮-ଆରେ ସଜନି ପୋଥିପାଠ, ୯-ଆରାମ ଦେଖି ରାମ ତୋଷ ପୋଥିପାଠ, ୧୦-ଛାଡ଼ିଣ ସୀତାଙ୍କୁ ରାମ ଲକ୍ଷ୍ମଣଙ୍କୁ ପୁସ୍ତକପାଠ, ୧୧-ବାନ୍ଧିକରି ପୁସ୍ତକପାଠ, ୧୨-ପାଇଲେ ରାମ ଭୁଜ ଦଣ୍ଡ ପୁସ୍ତକପାଠ ।

ବିରାଧ ୧ ବିନାଶି ବନେ ବନେ ପଶି ଦେଖନ୍ତି ମୁନିଙ୍କ ଆଶ୍ରମ ।
ସମସ୍ତ ଋଷିମାନଙ୍କ ମଠ ଦେଖି ପ୍ରଶଂସା କରନ୍ତି ଶ୍ରୀରାମ ।
ଆହେ ସୁଜନେ । ଶରଭଙ୍ଗ ଋଷିଙ୍କ ପାଶେ ।
ଶଚୀପତି ତାଙ୍କୁ ବିନୟ କରନ୍ତି ବ୍ରହ୍ମ ଲୋକକୁ ନେବା ଅର୍ଥେ ॥

ଶ୍ରୀରାମଙ୍କୁ ଦେଖି ଅନ୍ତର୍ଦ୍ଧାନ ହୋଇଗଲେ ଦେବ ସୁନାସୀର ।
ସୀତାଙ୍କ ସଙ୍ଗତେ ଶ୍ରୀରାମ ଲକ୍ଷ୍ମଣ ପଡ଼ିଲେ ମୁନିଙ୍କ ପଦ୍ମର ।
ଆହେ ସୁଜନେ । ରାମଙ୍କୁ କରି ସେ ପୂଜା ।
ଅଗ୍ନିରେ ୨ ପଶି ଶରୀର ଧ୍ୱଂସିଣ ବ୍ରହ୍ମ ଲୋକକୁ ଗଲେ ଦ୍ୱିଜା ।

ଋଷି ବ୍ରହ୍ମଲୋକ ଗିବା ଶୁଣି ଋଷିମାନେ ଯେ ହେଲେ ତହିଁ ରୁଣ୍ଡ ।
ଦେଖିଲେ ଅଗ୍ନିରେ ଭସ୍ମ ହୋଇଗଲେ ଋଷିଙ୍କର ପବିତ୍ର ପିଣ୍ଡ ।
ଆହେ ସୁଜନେ । ରାମଙ୍କୁ ସେହିଠାରେ ଦେଖି ।
ବୋଲଇ ବନି ସମସ୍ତ ଋଷିମାନେ ହୋଇଲେ ପରମ ଦୁଖୀ ॥

### ରାଗ ଆହାରୀ, ଭଞ୍ଜଙ୍କ ଚଉପଦୀ ଭୂଷଣ ବୃତ୍ତେ ୩

ଶ୍ରୀରାମ ଦେଖି ହୃଷ୍ଟ ସକଳ ମୁନି ।
ଶୁଣନ୍ତି ବିବିଧ ପକ୍ଷୀମାନଙ୍କ ଧ୍ୱନି ॥

ଚଳନ୍ତି ବନେ ରାମ ସାନନ୍ଦ ମନେ ।
ପ୍ରବେଶ ହୋଇଲେ ସୁତୀକ୍ଷଙ୍କ ସ୍ଥାନେ ॥

ବୁଲି ଆଶ୍ରମ ୪ ମଠେ ପଶିଲେ ରାମ ।
ଋଷିଙ୍କୁ ପ୍ରଣମି ୫ କଲେ ତହିଁ ବିଶ୍ରାମ ॥

କଲ୍ୟାଣ କଲେ ଋଷି ଆସନ ୬ ଦେଲେ ।
ବହୁ ପୂଜା ବିଧି କରି ଆନନ୍ଦ ୭ ହେଲେ ॥

ସମସ୍ତ ଋଷି ବିନୟ ବାଣୀ ଭାଷି ।
ଅସୁରେ ଆମ୍ଭଙ୍କୁ ଗ୍ରାସ କରନ୍ତି ଆସି ୯ ॥

---

୧-ବୀରାୟୁଧ ପୋଥିପାଠ, ୨-ଅଗ୍ନିରେ ପଶିଣ........ ପବିତ୍ର ପିଣ୍ଡ ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ, ୩-ବୃତ୍ତଟି ପୋଥି ପାଠରେ ନାହିଁ, ୪-ବୁଲନ୍ତି ରାମ ପୋଥିପାଠ, ୫-ପ୍ରଲମ୍ବି ପୋଥିପାଠ, ୬-ବହୁ ହୃଷ୍ଟ ପୋଥିପାଠ, ୭-ସନ୍ତୋଷ ପୋଥିପାଠ, ୮-ବଚନ ପୋଥିପାଠ, ୯-ପୋଥିରେ ପଦଗୁଡ଼ିକର ଅକ୍ଷର ସଂଖ୍ୟାରେ ନିୟମ ନାହିଁ କିନ୍ତୁ ପୁସ୍ତକରେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି ।

କସ କରବୁ ଆମ୍ଭେ କାହିଁକ ଯିବୁ ।
ତୁମ୍ଭେ ଶରଣ ରଖିଲେ ନିଶ୍ଚିନ୍ତ ହେବୁ ॥

ଶୁଣି ରାଘବ ବୋଲନ୍ତି ସ୍ନେହ ଦୁର୍ଲ୍ଲଭ ।
ମାରିବି ଅସୁର ନଷ୍ଟେଁ ନ ପାଅ କ୍ଷୋଭ ॥

ମାନ୍ୟତ କଲେ ତାଙ୍କୁ ମେଲାଣି ଦେଲେ ।
ସୁତୀକ୍ଷଣେ[୧] ରାମ ଅନିବେଟି ବୋଇଲେ ॥

ଭୟ ନକର ମୁଁ ମାରିବି ଅସୁର ।
ଋଷିଙ୍କି ରଖିଁ ଗଲେ କେତେକ ଦୂର ॥

ବୋଲନ୍ତି ସୀତା ଆହେ ସତ୍ୟ ବକତା ।
କିପାଇଁ ଅସୁରେ[୨] କରୁଛନ୍ତି ଅହନ୍ତା ॥

ଏତ ଅଧର୍ମ ଜାଣ ସକଳ ଧର୍ମ ।
ବିନା ଦେଖେ ଅସୁରେ କରିବା ସଗ୍ରାମ ॥

ଶୁଣରେ ସଖି ଋତୁଚନ୍ଦ୍ରମା ମୁଖି ।
ଋଷିଙ୍କି ଅସୁରେ ଆସି କା ଦୋଷେ ଭକ୍ଷି ॥

କୋଦଣ୍ଡବାଣ ଦେଖି ଗଲେ ଶରଣ ।
ଏଥିପାଇଁ ଶଶିମୁଖି ଦେବେ ପରାଣ ॥

ବିଚିତ୍ର ବନ ଦିବ୍ୟ ତହୁଁ ଗମନ ।
ପୁଷ୍କରିଣୀ ଏକ ଅଛି ଏ[୩] ଯୋଜନ ॥

କରନ୍ତି[୪] ନୃତ୍ୟ ବୀଣା ବାଣୀ ସଙ୍ଗୀତ ।
ଜଳର ଭିତରେ ଶୁଭୁଅଛି ଏମନ୍ତ ॥

ଶୁଣି ଚକିତ ପଚାରନ୍ତି ତ୍ୱରିତ ।
ତହିଁ ତଟେ ମୁନି କହନ୍ତି ଯେ ବୃତ୍ତାନ୍ତ ॥

ଶୁଣ ହେ ରାମ ଋଷି ମଣ୍ଡୁକ ନାମ ।
ତପସ୍ୟା ଦେଖିଣ ଦେବେ ହୋଇଲେ ବାମ ॥

---

୧- ତକ୍ଷଣେ ପୋଥିପାଠ ୨- ଅସୁରଙ୍କ ଠାରେ ପୋଥିପାଠ, ଅସୁରେ-ଅସୁରଙ୍କ ଠାରେ ୩- ସେ ପୋଥିପାଠ ୪- କରଇ ପୋଥିପାଠ ।

ଅପସରୀ[୧] ପେଷିଲେ[୨] ତାଙ୍କ ତପ ଭାଙ୍ଗିଲେ ।
ସେମାନେ ଏବେ ତାଙ୍କ ମନ ରଞ୍ଜିଲେ[୩] ॥

ଜଳ ଭିତର କରି ଦୁର୍ଲ୍ଲଭ ପୁର ।
ସେମାନଙ୍କ ସଙ୍ଗତେ[୪] କରନ୍ତି ବିହାର ॥

ଶୁଣି ଶ୍ରୀରାମ ହେଲେ[୫] ସନ୍ତୋଷ ମନ[୬] ।
ବୋଲେ ଋଷି ବୁଲନ୍ତୁ ଦଣ୍ଡକ ଅରଣ୍ୟ ॥

## ରାଗ—କାମୋଦୀ ସଭମାନ ବିପ୍ରସିଂହାବାଣୀ

ଦଣ୍ଡକ ଅରଣ୍ୟ ରାମ ଦେଖନ୍ତି ଋଷି ଆଶ୍ରମ ଲକ୍ଷ୍ମଣ ଜାନକୀ ଘେନି ସଙ୍ଗେ ।
କାହିଁ ରହନ୍ତି ବରଷେ କାହିଁ ରହି[୭] ଷଡ଼ମାସେ ସମସ୍ତ ସ୍ଥାନ ରହିଲେ ରଙ୍ଗେ ।

ବନବାସ, ହେଲା ବେନି ପାଞ୍ଚବରଷ ।
ମାରନ୍ତି ହରିଣ ମୃଗ ଫଳମୂଳ କରି ଭୋଗ ସୁଖେ ବଞ୍ଚି ରଜନୀ ଦିବସ ॥

ସୁତୀକ୍ଷଣ ମହାମୁନେ ପଢ଼ିଲେ ଶ୍ରୀରାମ ମନେ ତାହାଙ୍କର ଆଶ୍ରମକୁ ଗଲେ ।
ଦୂରୁ ଦେଖି ମୁନିବର୍ଯ୍ୟ କଲେ ରାମ ନମସ୍କାର ମୁନି ବହୁତ କଲ୍ୟାଣ କଲେ ॥

ଶୁଣ ଆହେ ବ୍ରହ୍ମଯତି କାହିଁ ଅଛନ୍ତି ଅଗସ୍ତି ନ ଦେଖିଲୁ[୯] ତାହାଙ୍କର ସ୍ଥାନ ।
କହନ୍ତି ମୁନି ବଚନ ଏଠାରୁ ଚାରି ଯୋଜନ ଦକ୍ଷିଣକୁ କରିବ ଗମନ ॥

ସେଠାରେ ରହି ରଘୁମଣି[୧୦] ମୁନିଙ୍କୁ ମାଗି ମେଲାଣି ତିନିଯୋଜନ ପଥରେ ଗଲେ
ଅଗସ୍ତି ଭ୍ରାତାଙ୍କ ଭେଟ ସେଦିନ ରହି ସେ ମଠ ନିଶି ପ୍ରଭାତେ ବିଜୟ କଲେ ।

ଦେଖିଲେ ବିବିଧ ତରୁ ଦୁର୍ଲ୍ଲଭ ଫଳରେ ଗରୁ[୧୧] ଦିଶୁଅଛି ଅଗ୍ନି ଧୂମ ଚିହ୍ନ ।
ନିକଟ ଦିଶିଲା ମଠ ଶୁଭୁଅଛି ବେଦପାଠ ଲକ୍ଷ୍ମଣକୁ କହନ୍ତି ବଚନ ॥

---

୧-ଅମ୍ବରୀ ପୋଥିପାଠ ୨- ପେଷିଲେ ଉଭୟ ପୋଥି ଓ ପୁସ୍ତକପାଠ ୩-ତପଭାଙ୍ଗିଲେ ପୋଥିପାଠ ପୂର୍ବପାଦ ଦୃଷ୍ଟିରୁ ଅସଙ୍ଗତ ୪- ସଙ୍ଗେଣ ପୋଥିପାଠ । ୫- ତହୁଁ ପୋଥିପାଠ ୬-ହୋଇଲେ ଶାମ ପୋଥିପାଠ ୭- କାହିଁର ପୋଥିପାଠ ୮- ମୁନିମ୍ବର ପୋଥିପାଠ ୯- ନଦେଖିଲୁ ପୋଥିପାଠ ୧୦-ସେଠାରୁ ଶୁଣି ଏ ବାଣୀ ପୁସ୍ତକପାଠ ୧୧-ବିବିଧ ଫଳରେ ଗରୁ ପୋଥିପାଠ ।

ଅଗ୍ର ହୋଇ ତୁମ୍ଭେ ଯାଅ ଅମ୍ଭ ଆଗମନ କହ ଅଜ୍ଞାଦେଲେ କରିବା ଦର୍ଶନ ।
ଶୁଣି ଶ୍ରୀ ସାନୁଜ ଗଲେ ଋଷି ଦ୍ୱାରୀଙ୍କୁ କହିଲେ ଦ୍ୱାରୀ କହେ ମୁନି ସନ୍ନିଧାନ ॥

ତେତିକେ ଯାଗ ସଦନ ଅଇଲେ ନମି ତପୋଧନ ବୋଲେ ଆସନ୍ତୁ, ରଘୁନନ୍ଦନ ।
ଆସିଲେ[1] ରାମ ଲକ୍ଷ୍ମଣ ପଡ଼ିଲେ ମୁନି ଚରଣେ ମୁନି ତାଙ୍କୁ[2] କଲେ ଆଲିଙ୍ଗନ ॥

ବୋଲନ୍ତି ମୋ ନେତ୍ର ଧନ୍ୟ ତପସ୍ୟା ହୋଇଲା ପୂର୍ଣ୍ଣ,ଅଜ ମୁଁ ଦେଖିଲି ହରି ବେନି
ମଠ ଭିତରକୁ ନେଲେ ରାମଙ୍କୁ ଅତିଥ୍ୟ କଲେ ଆନନ୍ଦରେ ପୁଲକିତ ମୁନି ॥

ବଇଷ୍ଣବୀ ଧନୁ ତୂଣୀ ଖଡଗ ହସ୍ତରେ ଦେଇ ସମର୍ପିଲେ ରାମଙ୍କୁ ସେ ମୁନି ।
ବୋଲଇ ସେ ଦୀନ ବାଣୀ ଆନନ୍ଦେ ମେଦିନୀ ନାରୀ ବାହୁଲେ ଜନକସୁତା ଦେନି ॥

## ରାଗ କୌଶିକ

ଅଗସ୍ତି କହନ୍ତି ଶୁଣ ହେ ଶ୍ରୀରାମ ସବୁଦିନେ ଏ ବିଷ୍ଣୁ ଧନୁ ।
ଶମ୍ଭୁ ତୁମ୍ଭଙ୍କୁ ଦେବାକୁ କହିଥିଲେ ରଖିଥିଲି ମୁଁ କେତେ ଦିନୁ ।
ଆହେ ରାଘବ ।
ଅସୁର ଏଥେ ଛିନ୍ନ କର ।
କେବେ ଛିନ୍ନ ନୁହଇ ତ ଏଥୁ ଶର ଏହି ଅକ୍ଷୟ ତୂଣ ଖର ॥

ସନ୍ତୋଷ ହୋଇ ଶ୍ରୀରାମ କର ଯୋଡ଼ି କହନ୍ତି ମୁନିଙ୍କୁ ବଚନ ।
କେବଣ ସ୍ଥାନେ ପର୍ଣ୍ଣଶାଳା ରଚିବୁ କହିବା ହେଉ ତପୋଧନ ।
ମୁନି ବୋଲନ୍ତି,
ପଞ୍ଚବଟୀରେ ଘର କର ।
ଗୋଦାବରୀ ନଦୀ ତଟ ମନୋହର ପବିତ୍ର ମହାସୁଖ କର ॥

ଏ ଯେ ଜାନକୀ ଅତ୍ୟନ୍ତ ସୁକୁମାରୀ ମହାଦୁଃଖମାନ ସହିଲେ ।
ମହାଦୁଃସହ ସାହସ ତ କଲେ କି ବନ ଭିତରକୁ ଅଇଲେ ।
ଆହେ ରାଘବ,
ଏହାକୁ ହେଳା ନ କରିବ ।
ଯେତେବେଳେ[3] ଯାହା ମାଗୁଥିବେ ତାହା ଶରଧା କରି ଆଣି ଦେବ ॥

---

୧-ଆସିଣ ପୋଥିପାଠ, ୨-ମୁନି ଆସି ପୋଥିପାଠ ।
୩-ଯେତେବେଳରେ ପୁସ୍ତକପାଠ ।

ମୁନିଙ୍କି ମେଲାଣି ମାଗିଣ ୧ ସେଠାରୁ ଯୋଜନେ ଦକ୍ଷିଣକୁ ଗଲେ ।
ପଞ୍ଚବଟୀ ତଟ ୨ ନିକଟେ ପ୍ରକଟ ପକ୍ଷୀଜଟା ତହିଁ ଦେଖିଲେ ୩ ।
ବଟେ ବସିଛୁ,
ଗିର ସମାନ ଦିଶେ କାୟୁ ।
ଦେଖିଣ ଜାନକୀ ସଭୟୁ ହୋଇଲେ ପୁଚ୍ଛନ୍ତି ତାକୁ ରାମରାୟୁ ॥

ରାମଙ୍କୁ କହିଲେ କୁଳାନୁଚରିଏ ଜଟାୟୁ ନାମଟି ଅମ୍ଭର ।
ଗରୁଡ଼ଙ୍କର କନିଷ୍ଠ ପୁଅ ଆମ୍ଭେ ବାପାଙ୍କ ମଇଅ ତୁମ୍ଭର ।
ଶୁଣି ଶ୍ରୀରାମ,
ତାହାଙ୍କୁ ମାନ୍ୟଧର୍ମ କଲେ ।
କେଉଁଠାରେ କୁଟୀ କରିବା ବୋଲନ୍ତେ ସଙ୍ଗତେ ଯେନ୍ତେ ଅଇଲେ ॥

ମନୋରମ ପୁଷ୍କରିଣୀଏ ୪ ଦେଖିଲେ ନଦୀର ପଶ୍ଚିମ ଭାଗରେ ।
କୁଶ ୫ କୁସୁମ ଫଳ ମୂଳ ସୁଲଭ କୁଟୀ କଲେ ତହିଁ ଲାଗରେ ।
ମୃତ୍ତିକା ବାଡ଼,
କରିଣ ଇନ୍ଧନ ୬ ପାଡ଼ିଲେ ।
ପଲ୍ଲବମାନଙ୍କରେ ତାହା ଆଚ୍ଛାଦି ଦୁର୍ଲଭ କରି ସଜାଡ଼ିଲେ ॥

ଅତି ଦୁର୍ଲ୍ଲଭ ପର୍ଣ୍ଣଶାଳା ଶ୍ରୀରାମ ଦେଖି ୭ ଲକ୍ଷ୍ମଣଙ୍କୁ ପ୍ରଶଂସି ।
ଧନୁ ତୂଣ ଖଣ୍ଡା ସମସ୍ତ ରଖିଣ ରହିଲେ ଯେନ ୮ ସୁରୁକେଶୀ ।
ତଥି ଆଗରେ,
ଲକ୍ଷ୍ମଣ କୁଟୀର ୯ ରଚିଲେ ।
ବୋଲେ ବସି ସହିଁ ମହାଦୁଖ ପାଇ ୧୦ ରଜନୀ ଦିବସ ବଞ୍ଚିଲେ ॥

●

---

୧-ହୋଇଣ ପୋଥିପାଠ,
୨-ବଟ ପୋଥିପାଠ, ୩-ସଙ୍କେତ ମୁନି କରିଥିଲେ ପୁସ୍ତକପାଠ,
୪-ପୁଷ୍କେ ଅରଣ୍ୟ ପୁସ୍ତକପାଠ, ୫-ନାନା ପୋଥିପାଠ, ୬-ଗଣ୍ଡି ପୋଥିପାଠ,
୭-ବନ୍ଧୁ ପୋଥିପାଠ, ୮-ସୀତାୟା ଯେନ ପୋଥିପାଠ,
୯-କୁଟୀୟେ ପୋଥିପାଠ, ୧୦-ଯାଇ ପୁସ୍ତକପାଠ ।

## ରାଗ—ଆହାରୀ

ଶରଦ ଜହ୍ନରେ ୧ ରାମ ବୁଲନ୍ତି ବନରେ ।
ଜାନକୀ ସଙ୍ଗତେ ବିହାର କରନ୍ତି ଆନନ୍ଦ ମନରେ ॥

ଧରି ଜାନକୀ କର, ରାମ ବୁଲନ୍ତି ବନର ୨ ।
ବୋଲନ୍ତି ଦେଖରେ ସରୋଜ ବଦନା ଦିବ୍ୟ ତରୁବରେ ॥

ଚନ୍ଦନ ଅଗୁରୁ ତରୁ ୩ ଅତି ମନୋହର ।
ଧାଡ଼ି ଧାଡ଼ି ହୋଇ ଶୋଭା ପାଉଛନ୍ତି ଏ ମହୀ ଭିତର

କୁସୁମ କାନନ ମଧ୍ୟେ ପଶିଲେ ବହନ ।
ନାନା କୁସୁମରେ ସୁବେଶ କରନ୍ତି ଯୁବତୀ ରତନ ॥

ମର୍ଦ୍ଦିଲେ କବରୀ କୁଚେ ଲେପିଲେ ୪ କସ୍ତୁରୀ ।
ସମସ୍ତ ଆଭରଣମାନ ୫ ଖଞ୍ଜିଲେ କୁସୁମରେ କରି ॥

ହୋଇ ହସ ହସ, ରାମା ରାମେ କଲେ ବେଶ ।
ବିବିଧ କୁସୁମ ତଡ଼ାଉ ଖଞ୍ଜିଲେ ଶୋଭା ଜଟା ଦେଶ ॥

ଯୁବତୀ ଚିବୁକ ଧରି ପୁଚୁମି ଥରେକ ।
ଜୀବନ ବାନ୍ଧବ ୬ ଆମ୍ଭ ସଙ୍ଗେ ଦୁଃଖ ପାଇଲୁ ଅନେକ ॥

ତୁ ମୋର ସମ୍ପଦ, କାମଦେବ ବିଷ-ଗଦ ।
କୋଟି କୋଟି ଯୁଗ ମଣଇ ତୋହର ପଲକ ବିଚ୍ଛେଦ ॥

ଏହି ରୂପେ ଲୀଳା, ସଙ୍ଗେ ୭ ଡେନଣ ଅବଳା ।
ଅନୁଦିନେ ଜନୁ ଘଟେ ନ ଛାଡ଼ନ୍ତି ରଙ୍ଗିଣୀ ଶାଳା ॥

କନ୍ଦମୂଳ ଖେଳି ନାନା ପକ୍ୱଫଳ ତୋଳି ।
ବୋଲେ ଦ୍ୱିଜ ପ୍ରତିଦିନ ଆଣନ୍ତି ସାନୁଜ ମହାବଳୀ ॥

●

୧-ଜଳରେ ପୋଥିପାଠ, ୨-ବୁଲେ ଧୀର ଧୀର ପୁସ୍ତକପାଠ, ୩-ତରୁ ଯୁସ୍ତକପାଠ ୪-ଲେଖିଲେ ପୋଥିପାଠ, ୫-ମାନ ପରେ ଧରିଣ ପଦଟିଏ ପୋଥିରେ ଅଧିକ ରହିଛି, ୬-ଜୀବନବନ୍ଧୁ ପୋଥିପାଠ, ୭-ରାଗେ ପୋଥିପାଠ, ୮-ପଲକ ପଦ ପୁସ୍ତକରେ ନାହିଁ, ୯-ପୁଷ୍ପ ଫଳ ତୋଳି ପୋଥିପାଠ ।

## ରାଗ-- କଲ୍ୟାଣ ଆହାରୀ [୧]

ଏଥୁ ଅନନ୍ତରେ ଶରଦ ଅନ୍ତରେ ପ୍ରବେଶ ହେଲା ହିମକାଳ
ଶ୍ରୀରାମ ଲକ୍ଷ୍ମଣ ସୀତା ସହିତରେ [୨] ମିଳିଲେ ଗୋଦାବରୀ କୂଳ ।
ଶ୍ରୀରାମ । ହସି ଲକ୍ଷ୍ମଣଙ୍କୁ କହନ୍ତି ।
ଦେଖ ଏ ହିମ ପଡ଼ିବାରୁ ତପନକର [୩] ତେଜୋବନ୍ତ ନୁହନ୍ତି ॥

ହିମ ଅଚଳୁ [୪] ଚଳଣ ହିମାନିଳ ପ୍ରଚୁର [୫] ହେଲେ ଦଶଦଗ ।
ଚନ୍ଦନ ଖାନୁ ଖାନୁ କରଣ ଏକାଳେ କରାଇଛୁ ବନ୍ଧୁ ହରଷ ।
ପୃଥିବୀ । ହେଉଛି ମହାସୁଖଦ [୬] ଦାୟୀ ।
ଏ ମାର୍ଗଶୀର ସମସ୍ତ ମାସ ଶ୍ରେଷ୍ଠ [୭] ବୋଲିଣ ମୁନିମାନେ କହି ॥

ସଲିଳ [୮] ଅନଳ ପ୍ରାୟେକ ହୋଇଲା ଅନଳ ହୋଇଲା ସଲିଳ ।
ଏମନ୍ତ କହି ରାମ ଲକ୍ଷ୍ମଣ ସୀତା ସ୍ନାନ କଲେ ନଦୀର ଜଳ ।
ତଦନ୍ତେ [୯] । କୁଟୀରେ ହୋଇଲେ ପ୍ରବେଶ ।
ଦେବ ପିତୃ ପୂଜା କରି ଫଳମୂଳ [୧୦] ମଣୋହି କଲେ ହୋଇ ତୋଷ ॥

ଯେଉଁ ରାମ ଷଡରସ ଚତୁର୍ବିଧ ଅଶନ [୧୧] ହିଁ ତାଙ୍କୁ ନ ରୁଚେ ।
ସେ ଏବେ ଫଳମୂଳମାଂସ ମଣୋହି ସୀତା ପରଶିବାରୁ ରୁଚେ ।
ଯେବଣ । ରାମଙ୍କୁ ନରୁଚେ ଅଟ୍ଟାଳୀ ।
ଏବେ ସେ ତରୁମାନଙ୍କ ଛାଇ ତଳେ [୧୨] କାମେନ ଯେନ କରେ କେଳୀ ॥

ଆଚମନ [୧୩] ସାରି କଷାଫଳ ମୃଗଛାଲ ପାଡ଼ି [୧୪] ତହିଁ ବିଜୟେ ।
ଶ୍ରୀରାମ ବାମ ପାରୁଶରେ ଜନକନନ୍ଦନୀ ବସି [୧୫] ଶୋଭାପାଏ ।
ଲକ୍ଷ୍ମଣ । ନିଜ କୁଟୀରେ ଛନ୍ତି ବସି ।
ଅଯୋଧ୍ୟା ଚରିତମାନ ବେଳବାଇ କହନ୍ତି ମନ୍ଦମନ୍ଦ ହସି ॥

---

୧- ରାମ ବାରମାସ ବୃତାଇ ବଣେ ପୋଥିପାଠ ୨- ସହିତେଣ ପୋଥିପାଠ
୩- କର ପୋଥିରେ ନାହିଁ ୪-ଅଚଳୁ ପୋଥିପାଠ ୫- ପଚୁରଲେ ପୋଥିପାଠ
୬- ମହାସମ୍ପଦାୟୀ ପୋଥିପାଠ ୭- ଜ୍ୟେଷ୍ଠ ପୋଥିପାଠ ୮- ସମଲ
ପୋଥିପାଠ ୯- ତହୁଁ ପୋଥିପାଠ ୧୦- ଦେବତା ପିତୃଙ୍କୁ ସନ୍ତୋଷ କରିଣ
ପୋଥିପାଠ ୧୧- ଏମାନ ପୋଥିପାଠ ୧୨- ତରୁମାନଙ୍କ ମୂଳରେ ପୋଥିପାଠ
୧୩- ଆଶ୍ରବନ ପୋଥିପାଠ ୧୪ ପାରି ପୁସ୍ତକପାଠ ୧୫- ବସିଣ
ମହା ଶୋଭାପାଏ ପୁସ୍ତକପାଠ ।

ଏହି ସମୟରେ ଶ୍ରୀରାମ ପାଖରେ ଅସୁରୀ ପ୍ରବେଶ ହୋଇଲା ।
ଶ୍ରୀରାମ ଶ୍ରୀଅଙ୍ଗ ସୁନ୍ଦର ଦେଖି ମଦନବାଣେ ମୋହି ଗଲା ।
ଅସୁରୀ । ଦେଖିଲା ସୁନ୍ଦର ପୁରୁଷ ୧ ।
ଅଙ୍ଗେ ପାଟଶାଢ଼ୀ ପିନ୍ଧିଛନ୍ତି ହୋଇ ମଦନେ ମୋହିଲା ଅନଙ୍ଗ

ପିଙ୍ଗଳକେଶ ଭୟଙ୍କରବେଶ ତାର କୁଲା ପାୟେକ ନଖମାନ ।
କୋଟରାକ୍ଷୀ କୁଠାର ଦଶନ ବଦନ ଘଟେ କେନ୍ଦୁକାଠ ସମାନ
ରାମଙ୍କୁ । ଦେଖିଣ ମଦନେ ବିହ୍ୱଳା ।
ବୋଲଇ ଜାଣି ମୋ ଲକ୍ଷ୍ମୀ ରାକ୍ଷସୀ ହୋଇଲୁକ ଧନ୍ୟ ଅବଳା ।।

●

## ରାଗ—ମାଳଶ୍ରୀ

ସୁନ୍ଦର ରୂପ ହୋଇଛି ମୋ ଦେଖା ।
ଶ୍ରୀରାମ ତୁମ୍ଭରେ ହୋଇଲା ଦେଖା ।।

ଧନ୍ୟ ରଇ ତୁମ୍ଭେ କାହା କୁମର ।
ଅସୁରଙ୍କ ମଧ୍ୟେ କାଲି ତ ଘର ।।

ରାମ ତାଙ୍କୁ ସବୁ ବୃତ୍ତାନ୍ତ କହିଲେ ଯେସନ କହନ୍ତି ତା କଥା ।
ମୁହିଁ ବାପ୍ରିବା ପୁତା, ଭ୍ରାତ ଦଶମଥା ।।

ଆହେ ରାମ ତୁମ୍ଭେ ଆମ୍ଭେ ଏକାନ୍ତେ ।
ବିହାର କରିବା ନଦୀ ପର୍ବତେ ।

ଦଣ୍ଡକ ବନ ଯାକ ୪ ବୁଲିଛିବା
ପୁଣି ଯାହା ମାଗିବ ତାହା ଦେବ ୫ ।

ଅସୁରୀଙ୍କ ବୃହିଁ ହସ ହସ ହୋଇ ବୋଲନ୍ତି କୋଦଣ୍ଡ ଧର ।
ଦେଖ ସଙ୍ଗତେ କାମିନୀ ଅଛନ୍ତି ମୋହର ।।

---

୧-ଯେବେ ଅସୁରୀ ତୁଳେ ଦେଖିଲା ସୁନ୍ଦର ପୁରୁଷ ପୋଥିପାଠ, ୨-ଦଗଧ ପୁସ୍ତକ ପାଠ, ୩-ବସ୍ତ୍ରେଲା ପୋଥିପାଠ, ୪-ଯାଇ ପୋଥିପାଠ, ୫-ଦେଉଥିବ ପୋଥିପାଠ

ଏହି ସମୟରେ ଶ୍ରୀରାମ ପାଶରେ ଅସୁରୀ ପ୍ରବେଶ ହୋଇଲା ।
ଶ୍ରୀରାମ ଶ୍ରୀଅଙ୍ଗ ସୁନ୍ଦର ଦେଖିଣ ମଦନବାଣେ ମୋହି ହେଲା ।
ଅସୁରୀ । ଦେଖିଲା ସୁନ୍ଦର ପୁରୁଷ ୧ ।
ଅଗନ ପାଶୋର ଛନ୍ଦଛନ୍ଦ ହୋଇ ମଦନେ ହୋଇଲା ଅବଶ ॥

ପିଙ୍ଗଳକେଶ ଭବିଷ୍ୟବେଶ ତାର କୁଲା ପ୍ରାୟେକ ନଖମାନ ।
କୋଟାକ୍ଷୀ କୁଠାର ଦଶନବରନ ଦଶେ କୋଦଣ୍ଡ କାଠ ସମାନ ।
ରାମଙ୍କୁ । ଦେଖିଣ ମଦନେ ବହିଲା ।
ବୋଲଇ ବଶି ନେହ୍ୱକ୍ଷଣି ରାକ୍ଷସୀ ହୋଇଲୁକ ଦବ୍ୟ ଅବଳା ॥

●

## ରାଗ—ମାଳଶ୍ରୀ

ସୁନ୍ଦର ରୂପ ହୋଇ ଶୂର୍ପଣଖା ।
ଶ୍ରୀରାମ ଛାମୁରେ ଦେଲାକ ଦେଖା ॥

ପଚାରଇ ତୁମ୍ଭେ କାହା କୁମର ।
ଅସୁରଙ୍କ ମଧ୍ୟେ କାଲି ତ ଘର ॥

ରାମ ତାଙ୍କୁ ସବୁ ବୃତ୍ତାନ୍ତ କହିଲେ ସେହି କହିଲା ତା କଥା ।
ମୁହିଁ ବିଶ୍ରବା ସୁତା, ଭ୍ରାତ ଦଶମଥା ॥

ଆହେ ରାମ ତୁମ୍ଭେ ଆମ୍ଭେ ଏକାନ୍ତେ ।
ବିହାର କରିବା ନଦୀ ପର୍ବତେ ।

ଦଣ୍ଡକ ବନ ଯାକ ୪ ବୁଲାଇବି
ପୁଣି ଯାହା ମାଗିବ ତାହା ଦେବି ୫ ।

ଅସୁରୀକ ରୂହିଁ ହସ ହସ ହୋଇ ବୋଲନ୍ତି କୋଦଣ୍ଡ ଧର ।
ଦେଖ ସଙ୍ଗତେ କାମିନୀ ଅଛନ୍ତି ମୋହର ॥

---

୧-ସେତିକେ ଅସୁରୀ ଦୂରେ ଦେଖିଲା ସୁନ୍ଦର ପୁରୁଷ ପୋଥିପାଠ, ୨-ଦଗଧ ପୁସ୍ତକ ପାଠ, ୩-ବଖୋଲା ପୋଥିପାଠ, ୪-ଯାଇ ପୋଥିପାଠ, ୫-ଦେଉଥିବ ପୋଥିପାଠ

ପୁଣି ବୋଲଇ ମୁ ହେବି କାମିନୀ
କି ଗୁର ସୁନ୍ଦର ତୋର ଭବନୀ ୧ ।

ଏହାକୁ ଏହିକ୍ଷଣେ ଦେବି ଗିଳି
ପୁଣି ତୁମ୍ଭେ ଆମ୍ଭେ ୨ କରିବା କେଳି ।

ବୋଲନ୍ତି ରାମ ତୁମ୍ଭେ ୩ ଋଷି ନନ୍ଦନୀ, ତୁମ୍ଭଙ୍କୁ କି ସପତଣୀ ।
ତୁମ୍ଭ ମନକୁ ଏ କଥା ଅଇଲା ପୁଣି ॥

ଭାଇ ଲକ୍ଷ୍ମଣ ଅଛନ୍ତି ଆମ୍ଭର
ଭାରିଜା ତାଙ୍କର ନାହିଁ ସଙ୍ଗର ।

ତୁମ୍ଭେ ତାଙ୍କର ହୁଅ ମନୋହାରୀ
ଶୁଣିଣ ସନ୍ତୋଷ ହେଲା ଅସୁରୀ ।

ପରିହାସ ନ ବୁଝି ସେ ଅସୁରୀ, ଲକ୍ଷ୍ମଣ ପାଶକୁ ଗଲା ।
ମୋତେ ତୁମ୍ଭର ବନିତା କର ବୋଇଲା ॥

ବୋଲେ ଲକ୍ଷ୍ମଣ ମୁଁ ବୋଲାଏ ଦାସ
ଦାସୀ ହୋଇବାରେ କି ପରିତୋଷ ।

ତାଙ୍କ ଭାରିଯାକୁ କରିବ ସେବା
ତୁମ୍ଭଙ୍କୁ ଲୋକେ କି ବୋଲିବେ ଅବା ।
ଲକ୍ଷ୍ମଣ ଉତ୍ତର ୪ ପୁଣି ସେ ଅସୁରୀ, ଶ୍ରୀରାମ ପାଶକୁ ଗଲା ।
ତୁମ୍ଭ ଭାବିନୀକି ମୁଁ ଖାଇବି ବୋଇଲା ॥

ଏ ଗୁର କାମିନୀ ଅଛି ତ ଯେତ
ଯେତେଲୁ ନାହିଁ ମୋହର ଦଇବ ।

ଏମନ୍ତ ବୋଲି ତୁଣ୍ଡେ ବିସ୍ତାରିଲା
ସୀତାଙ୍କୁ ଧରି ଗିଳି ଦେଉଥିଲା ।

ଅସୁରୀ ମୁଖରୁ ତାଙ୍କୁ ଛଡ଼ାଇ, ନେଇଣ ରାମ ରଖିଲେ ।
ଦୁଷ୍ଟା ଅସୁରୀ ଦୁଷ୍ଟ ସ୍ୱଭାବ ଦେଖିଲେ ॥

---

୧-ଭାବାନୀ ପୋଥିପାଠ, ୨-'ଆମ୍ଭେ' ପରେ 'ଦୋହେ' ପାଠ ପୋଥିରେ ଅଧିକ ଅଛି, ୩-ଶୁଣ ପୋଥିପାଠ, ୪-ଉଦନ୍ତ ପୋଥିପାଠ ।

ପୁଣି ବୋଲଇ ମୁ ହେବ କାମିନୀ
କି ସୁରର ସୁନ୍ଦର ତୋର ଭବନୀ [୧] ।

ଏହାକୁ ଏକ୍ଷଣେ ଦେବ ଗିଳି
ପୁଣି ତୁମ୍ଭେ ଆମ୍ଭେ [୨] କରିବା କେଳୀ ।

କିବା ଅନ୍ତୁ ରାମ ତୁମ୍ଭେ [୩] ଋଷି ନନ୍ଦନ, ତୁମ୍ଭଙ୍କୁ କା ସପତ୍ନୀ ।
ତୁମ୍ଭ ମନକୁ ଏ କଥା ଅଛଇ ପୁଣି ॥

ଭାଇ ଲକ୍ଷ୍ମଣ ଅଛନ୍ତି ଆମ୍ଭର
ଭାରିଜା ତାଙ୍କର ନାହିଁ ସଙ୍ଗର ।

ତୁମ୍ଭେ ତାଙ୍କର ହୁଅ ମନୋହାରୀ
ଶୁଣିଣ ସନ୍ତୋଷ ହେଲା ଅସୁରୀ ।

ପରିହାସ ନ ବୁଝି ସେ ଅସୁରୀ, ଲକ୍ଷ୍ମଣ ପାଶକୁ ଗଲା ।
ମୋତେ ତୁମ୍ଭର ବନିତା କର ବୋଇଲା ॥

ବୋଲେ ଲକ୍ଷ୍ମଣ ମୁଁ ବୋଲାଏ ଦାସ
ଦାସୀ ହୋଇବାରେ କି ପରିତୋଷ ।

ତାଙ୍କ ଭାରିଯାକୁ କରିବ ସେବା
ତୁମ୍ଭଙ୍କୁ ଲୋକେ କି ବୋଲିବେ ଅବା ।
ଲକ୍ଷ୍ମଣ ଉତ୍ତର [୪] ପୁଣି ସେ ଅସୁରୀ, ଶ୍ରୀରାମ ପାଶକୁ ଗଲା ।
ତୁମ୍ଭ ଭବନୀକି ମୁଁ ଖାଇବ ବୋଇଲା ॥

ଏ ସୁର କାମିନୀ ଅଛୁ ତ ଘେନ
ଘେନଲୁ ନାହିଁ ମୋହର ବଚନ ।

ଏମନ୍ତ ବୋଲି ତୁଣ୍ଡ ବିସ୍ତାରିଲା
ସୀତାଙ୍କୁ ଧରି ଗିଳି ଦେଉଥିଲା ।

ଅସୁରୀ ମୁଖରୁ ତାକୁ ଛଡାଇ, ନେଇଣ ରାମ ରଖିଲେ ।
ଦୁଷ୍ଟା ଅସୁରୀ ଦୁଷ୍ଟ ସ୍ୱଭାବ ଦେଖିଲେ ॥

---

୧-ଭବାନୀ ପୋଥିପାଠ, ୨-'ଆମ୍ଭେ' ପରେ 'ଦୋହେ' ପାଠ ପୋଥିରେ ଅଧିକ ଅଛି, ୩-ଶୁଣ ପୋଥିପାଠ, ୪-ଉଦନ୍ତ ପୋଥିପାଠ ।

ରାମ ଡାକିଲେ ହେ ଆସ ଲକ୍ଷ୍ମଣ
ନଷ୍ଟେ ପରଦାୟ ହେଲା ଦୂଷଣ ।
ଛେଦ ଏହାର ନାସିକା ଶ୍ରବଣ
ସୀତାଙ୍କୁ ଏ କରୁଥିଲା ଭକ୍ଷଣ ୧ ।

ଆଜ୍ଞା ପ୍ରମାଣେ ଲକ୍ଷ୍ମଣ ସେହିକ୍ଷଣ, କାଟିଲେ ନାସା ଶ୍ରବଣ ।
ଏକେ ବିରୂପ ହେଲା ରକତେ ଭୂଷଣ ॥

ସେହିକ୍ଷଣି ତାର ସ୍ଥାନକୁ ଗଲା
ରୋଦନ କରି ଖରକୁ କହିଲା ।
ଦେଖ ମୋହର ନାସିକା ଶ୍ରବଣ
ବିନା ଦୋଷେ ପୁଣି ହେଲା କର୍ତ୍ତନ ୨ ।

ଅଯୋଧ୍ୟାର ରାଜା ଦଶରଥ ସୁତ, ଶ୍ରୀରାମ ଲକ୍ଷ୍ମଣ ବେନି ।
ପଞ୍ଚବଟୀରେ ଅଛନ୍ତି ଯୁବତୀ ଘେନି ॥

ଦେଖି ମୁଁ ଗଲି ଭାର୍ଯ୍ୟାକୁ ତାହାର
ସ ନୁଜ ତାର ବଡ଼ ବଳୀୟାର ।
ଦେଖି ନାସିକା ଶ୍ରବଣ କାଟିଲା
ଏମନ୍ତ କହି ଭୂମିରେ ଲୋଟିଲା ।

ଭଗ୍ନୀର ବିକଳ ଦେଖି ଖର ବୀର ୩ ରାକ୍ଷସ ରାଇ ।
ବୋଲେ ନାରିବ ଏ ଯାକୁ ଦେବ ଦେଖାଇ ॥

ଚଉଦ ରାକ୍ଷସ ଘେନି ଅସୁରୀ
ଦେଖାଇ ଦେଲା ସେ ଶ୍ରୀରାମ ପୁରୀ ।
ଶୂଳ ଶଲ୍ୟ ୫ ସେହି ଅଛନ୍ତି ଧରି
ରାମଙ୍କୁ ଦେଖିଣ ପ୍ରତିଜ୍ଞା କରି ।

ଧନୁ କରେ ୬ ଗୁଣ ଦେଇଣ ଶ୍ରୀରାମ ତାଙ୍କ ଆଗେ ୭ ହୋଇଲେ ଉଭା ।
ମୃଗ ଯୂଥେ ଶାର୍ଦ୍ଦୁଳ ପ୍ରାୟେ ଦିଶେ ଶୋଭା ॥

---

୧-ସ୍ତ୍ରୀ ବଧରୁ କେବଳ କାରଣ ପୋଥିପାଠ, ୨-ଏ ପଦର ଆରମ୍ଭରେ 'ପୁଣି', 'ଦୋଷେ' ପରେ 'ମୋତେ' ପାଠ ପୋଥିରେ ଅଧିକ ଅଛି, ୩-ଖର ଚଉଦ ରାକ୍ଷସ ରାଇ ପୋଥିପାଠ, ୪-ଅସୁର ପୋଥିପାଠ, ୫-ଶୁଳେ ଶୁଳେ ପୋଥିପାଠ, ୬-ଧନୁରେ ପୋଥିପାଠ, ୭-ଆଗରେ ପୋଥିପାଠ, ୮-ଶାର୍ଦ୍ଦୋଳ ପୋଥିପାଠ ।

ଚଉଦେ ଚଉଦ ଶୂଳ ମାଇଲେ,
ଚଉଦ ବାଣେ ୧ ତା ରାମ କାଟିଲେ ।
ତହିଁ ପରେ ରାମ ବାଣ ପ୍ରହାର
ପଡ଼ିଲେ ଧନୁକେ ଜୀବନେ ହାର ୨ ।

ତାହାଙ୍କୁ ମରାଇ ପୁଣ ସୂର୍ପଣଖା ୩, ଖରକୁ କାନ୍ଦି କହିଲା ।
ବୋଲେ ବଣି ସେ ପ୍ରତିଜ୍ଞା ବହୁତ କଲା ॥

●

### ରାଗ—ପାହାଡ଼ିଆ କେଦାର

ଭଗ୍ନୀର ମୁଖୁ ଶୁଣି ବଚନ,
ଖର ହୋଇଲା ୪ କୁପିତମନ ।
ବୋଲଇ ଆଜ ଶତ୍ରୁ ୫ ହୋଇଲେ,
ନେବା ଜୀବନ ଯେ ॥

ଏମନ୍ତ ବୋଲି ଚଢ଼ିଲେ ଯାନ,
ଚଉଦସହସ୍ର ଅସୁର ସୈନ୍ୟ ।
ସଙ୍ଗେ ଦୂଷଣ ତ୍ରିଶିରା ଘେନ,
ବେଢ଼ିଲା ବନ ଯେ ॥

ଦେଖି ଶ୍ରୀରାମ ଲକ୍ଷ୍ମଣଙ୍କୁ କହନ୍ତିଯେ ।
ଦେଖ ଅସୁର ସୈନ୍ୟ ବେଢ଼ି ପଡ଼ନ୍ତି ୬ ହେ ।
ତୁମ୍ଭେ ଏଥକୁ ଭୟ ନ କର ଯିବେ ଏମାନେ ଶମନପୁର
ଦେଖ ଦକ୍ଷିଣଭୁଜ ଆମ୍ଭର ନୃତ୍ୟ ୭ କରଇ ଯେ ॥

ସୀତାଙ୍କୁ ଗିରି କୋଠ ଭିତରେ
ରଖିଣ ତୁମ୍ଭେ ଜଗ ଦୁଆରେ ।

---

୧– କାଣ୍ଡେ ପୋଥିପାଠ । ୨– ପୁଣି ଚଉଦକାଣ୍ଡ ତାଙ୍କୁ ମାଇଲେ । ଭୂମିରେ ପଡ଼ି ଜୀବନ ହାରିଲେ, ପୋଥିପାଠ । ୩– ନଶାଚରୀ ପୋଥିପାଠ । ୪– ପ୍ରଖର ପୋଥିପାଠ । ୫– ଶତ୍ରୁ ପୋଥିପାଠ । ୬– ବେଢ଼ୁଛନ୍ତି ପୋଥିପାଠ
୭– ସ୍ଫୁରୁଅଛଇ ପୋଥିପାଠ ।

ଆମ୍ଭ ଚରଣ ଶପଥ
ନୋହିବଟି ବାହାର ହେ ॥

ଆଜ ମୁନଙ୍କି ଅଭୟ ୧ ବର
ଦେବି ଦଣ୍ଡକାବନ ଭିତର ୨ ।

ଦେଖନ୍ତୁ ଆଜ ମୋ ପରାକ୍ରମ
ସକଳ ସୁର ଯେ ୩ ॥

ଶୁଣି ସାନୁଜ ସୀତାଙ୍କୁ ଘେନଲେ ଯେ,
ଗିରି ଗୁହାରେ ରଖି ଦ୍ୱାର ଜଗିଲେ ସେ ।

ଶ୍ରୀରାମ ବୀର ବେଶ ହୋଇଲେ ୪
ଶ୍ରୀଅଙ୍ଗେ ହେମ ସେହ୍ନା ୫ ନାଇଲେ ।
କୋଦଣ୍ଡ ତୂଣ ଘେନିଣ ବେଗେ ବାହାର ହେଲେ ଯେ ॥

କୋଦଣ୍ଡେ ରାମ ଦେଇଣ ଗୁଣ   କଟେ ଭିଡ଼ିଲେ ଅକ୍ଷୟ ତୋଣ ୬
ଦେଖିଣ ଖର ସୈନ୍ୟ ସଙ୍ଗତେ ପେଷେ ଦୂଷଣ ଯେ ୭ ॥

ଅସୁରଗଣ ଘେନି ଦୂଷଣ,
ଶ୍ରୀରାମ ସଙ୍ଗେ ୮ କଲାକ ରଣ ।
ରାମ ବାଣରେ ସୈନ୍ୟ ସହିତେ ହାରିଲା ପ୍ରାଣ ଯେ ॥

ଘର ରୁହାଇ ସେ ତ୍ରିଶିରା ଅସୁର ଯେ
ଦେଖି ରାମଙ୍କୁ ବୃଷ୍ଟି କଲାକ ଶର ଯେ ।

ରାମର ଶର ଅଗ୍ନି ତୂଖର ଦନୁଜ କି ସେ ତୃଣ ନିକର
ତିନି କାଣ୍ଡରେ ରାମ କାଟିଲେ ତ୍ରିଶିରା ଶିର ଯେ ।

ଦେଖିଣ ଖର ବୀର ମତ୍ସର ବଢିଲା ରାମ ଅଙ୍ଗକୁ ଶର ।
କନକ ଧନୁ ସେହ୍ନା କାଟିଲା ରଘୁବୀରର ଯେ ॥

ଅଗସ୍ତି ଦେଲା ଧନୁରେ ଗୁଣ,
ଦେଇଣ ରାମ ସନ୍ଧିଲେ ବାଣ,

ହୃଦରେ ପଶି ପଲକ ମାତ୍ରେ,
ହାରିଲା ପ୍ରାଣ ଯେ ॥

---

୧-ଆଜ ମୁଁ ନଷ୍ଟେ ଅସୁର ସୈନ୍ୟ ପୋଥିପାଠ । ୨-ମାରିବି ଦଣ୍ଡକାର ଅରଣ୍ୟ ପୋଥିପାଠ । ୩-ରହି ଦେଖନ୍ତୁ ଆଜ ପ୍ରତିଜ୍ଞା ସବୁଦେବ ଯେ ପୋଥିପାଠ । ୪- ହୋଇ ଅଇଲେ ପୋଥିପାଠ । ୫- ସୁବର୍ଣ୍ଣ ପୋଥିପାଠ । ୬- ତୂଣ ପୁସ୍ତକପାଠ । ୭- ଦୂଷଣ ତ୍ରିଶିର ପୋଥିପାଠ । ୮- ତୁଲେ ପୋଥିପାଠ ।

ରାମ ଅସୁର କୁଳ କାଳ ହୋଇଲେ ଯେ,
ତିନ କାଣ୍ଡରେ ସମସ୍ତ କ୍ଷୟ କଲେ ଯେ ॥

ଦଣ୍ଡକାରଣ୍ୟେ ଋଷି ଅଛିଲେ ସମସ୍ତେ ଏକ ରୁଣ୍ଡ ହୋଇଲେ,
ରାମଚନ୍ଦ୍ରଙ୍କୁ ସମସ୍ତ ମୁନି କଲ୍ୟାଣ କଲେ ଯେ ॥

ଗିରି ଗୁହାରୁ ହେଲେ ବାହାର,
ସୀତାଙ୍କୁ ଘେନି ଲକ୍ଷ୍ମଣ ବୀର ।
ଦେଖିଲେ କୁଢ଼ କୁଢ଼ ହୋଇଣ ମଲେ ଅସୁର ଯେ ॥

ଅମର ଘେନିଣ ସୁନାସୀର,
କୁସୁମ ବୃଷ୍ଟି କଲେ ଅପାର ।

ଏହି ସମୟେ ଜାନକୀ ଦେଖିଲେ ରଘୁବର ଯେ,
ମହା ଆନନ୍ଦେ କଲେକ ଆଲିଙ୍ଗନ ଯେ ॥

ବୋଲନ୍ତି ଦେବ ଯେତେ ଅସୁର, ପୁଣି ଦେଖନ୍ତି ଅବୟବ ମାନ ଯେ ।
ଏକା ହୋଇଣ କେମନ୍ତ କଲେ ନିଧନ ଯେ ॥

ମୁନିମାନଙ୍କୁ ଦେଇ ମେଲାଣି, କୁଟୀରେ ବଜେ କୋଦଣ୍ଡପାଣି,
ଆନନ୍ଦ ହୋଇ ରହିଲେ ତହିଁ ଦିନ ପରିଣି ଯେ ।

ସେ କନ୍ୟା ୧ ଗଲାକ ସେହିକ୍ଷଣି, ରାବଣ ଆଗେ ଯୋଡ଼ିଲା ପାଣି,
ଭେଦେବ ଖର ସହିତେ ମଲେ ଅସୁର ଶ୍ରେଣୀ ଯେ ॥

ରାମ ଲକ୍ଷ୍ମଣ ଦଶରଥ ନନ୍ଦନ ଯେ,
ସଙ୍ଗେ ବନିତା ଘେନି ଅଛନ୍ତି ବନ ଯେ ।

ସୂର୍ପଲେଖାର ୩ ନାଶା ଶ୍ରବଣ ।
ଛେଦନ ଦେଖି ଖର ଦୂଷଣ ॥
ତିଶିରା ଆଦି କରନ୍ତେ ରଣ ହାରିଲେ ପ୍ରାଣ ଯେ ।
ସଂଗ୍ରାମେ ତାଙ୍କୁ ନାହିଁନା ସମ ॥

ସେ ରାମ ଆମ ଦନୁଜ ଯମ
ଜୟ ନୋହିବ ତା ସଙ୍ଗେ ତୁମ୍ଭେ କଲେ ସଂଗ୍ରାମ ଯେ ॥

---

୧– ଅସୁରକୁଳ ପୋଥିପାଠ । ୨– କମନ୍ତ ପୋଥିପାଠ । ସେ କନ୍ୟା ଅର୍ଥାତ୍ ସୂର୍ପଣଖା । ୩– ସୂର୍ପଣଖା ପୁସ୍ତକପାଠ, କିନ୍ତୁ ସୁପଲେଖା ଗୋଟିଏ ପ୍ରାଚୀନ ପ୍ରୟୋଗ ।

କାମିନୀ ତାର ରତିକି ସମ
କନ୍ଦର୍ପ ପ୍ରାୟ କାମ ସେ ରାମ ॥

ଜୀଇବ ନାହିଁ ତା ସଙ୍ଗ
ଯେବେ କାମିନୀ ନେବ ହେ ॥

ଯେବେ ଉପାୟ ବଳେ ହରିବୁ ନାରୀ ହେ ।
ତେବେ ତାହା ଦୁଃଖରେ ସେ ଯିବ ମରି ହେ ॥

ରାବଣ ମନେ ବିଚାର କରି କେମନ୍ତେ ଆଣିବି ତାର ନାରୀ ।
ବୋଲଇ ବସି ରୁହିଲା ଲଙ୍କପତିର ଶିରୀ ହେ ॥

●

ରାଗ—**ଘଟିଆରୀ**

ମରାଇଣ ଖରବୀର ସେ ସୂର୍ପଣଖା ଚଉଦ ସସ୍ର ଅସୁର ।
ରାବଣ ଛାମୁରେ କାନ୍ଦଣା କହଇ ନାସିକା ଦେଖାଇ ତାର,
କି ଆହେ ଭାଇ ୧ !

ଦଶରଥର ନନ୍ଦନ, କି ଆହେ ଭାଇ, ରହିଅଛୁ ବନ ସ୍ଥାନ ୨ ।
ସଙ୍ଗତେ ଅଛଇ କାମିନୀ ତାହାର ଦ୍ୱିତୀୟ ଲକ୍ଷ୍ମୀ ସମାନ ॥

ଦେଖିବାକୁ ତାକୁ ଗଲିକି ଆହେ ଭାଇ, କିଛି ହିଁ ଦୋଷ ନ କଲି ।
ବିନା ଦୋଷେ ନାସା ଶ୍ରବଣ କାଟିଲା, କାନ୍ଦି ଖରକୁ କହିଲି ॥

ଶୁଣି କରି ଖର ଗଲା, କି ଆହେ ଭାଇ, ତା ସଙ୍ଗେ ସମର କଲା ।
ତ୍ରିଶିରା ଦୂଷଣ ସହିତେ, ଚଉଦ ସସ୍ର ଅସୁର ମାଇଲା ॥

କ୍ଷିତିରେ ଯେତେକ ବୀର, କି ଆହେ ଭାଇ, ଆବର ଶୁର ଅସୁର ।
ସମସ୍ତେ ଏକ ହୋଇ ତାହା ସଙ୍ଗେ ହାରିବେ କଲେ ସମର ॥

---

୧–ପୂର୍ବ ଗୀତରେ ସୂର୍ପଣଖା ଯାଇ ରାବଣ ନିକଟରେ ସମସ୍ତ ବୃତ୍ତାନ୍ତ କହି ତାକୁ ଉତ୍ତେଜିତ କରାଇ ଥିବାର ବର୍ଣ୍ଣନା ଥିବା ସ୍ଥଳେ, ପ୍ରସ୍ତୁତ ଗୀତରେ ପୁଣି ଥରେ ସେହି କଥା ଦୋହରାଇବା ସମୀଚୀନ ନୁହେ । ଖୁବ୍ ସମ୍ଭବତଃ ଏହିଠାରେ ଗୋଟିଏ ଦିନର ଲୀଳା ଆରମ୍ଭ ହେବା କବିଙ୍କ ଉଦ୍ଦେଶ୍ୟ !

୨–ତା ଆସ୍ଥାନ ପୁସ୍ତକ ପାଠ ।

କଳି ନୁହେଁ ତାର ବଳ, କି ଆହେ ଭାଇ, ଯେସନେ ଜଳଧି ଜଳ ।
ବଜ୍ରଘାତ ପ୍ରାୟ ୧ ତାର କାଣ୍ଡ ମୁନ, କିଣାନ୍ତା ନାହିଁ ଭୂତଳ ୨ ॥

ସଙ୍ଗତେ କାମିନୀ ତାର, କି ଆହେ ଭାଇ, ନାହିଁ ନା ଅସୁରନର ୩ ।
ବ୍ରହ୍ମାଣ୍ଡ ଭିତରେ ଖୋଜିଲେ ନ ଥିବେ ତାହାର ପ୍ରାୟ ସୁନ୍ଦର ॥

ତୋ ପୁରେ ଯେତେ ସୁନ୍ଦରୀ, କି ଆହେ ଭାଇ ଦାସିବେ ତା ପରିଚାରୀ ୪ ।
ଆଣି ପାରିଲେ ଲଙ୍କା ଶୋଭା ଦିଶିବ ହେବ ତୋର ମନୋହାରୀ ॥

ଏତେ ବୋଲି ମୁଣ୍ଡ କୋଡ଼ି, ସେ ସୂର୍ପଣଖା, ଭୂମିରେ କାନ୍ଦଣ ଗଡ଼ି ।
ପ୍ରତିଜ୍ଞା କରିଣ ବାହାର ହୋଇଲା ହେମ ରଥବର ଚଢ଼ି ସେ ଦଶାନନ ୫ ॥

ମାରୀଚ ପାଖକୁ ଗଲା ସେ ଦଶଶିର, ସିନ୍ଧୁ କୂଳରେ ଭେଟିଲା ।
ଶ୍ରୀରାମ ଚରିତ କହନ୍ତେ ତାହାର ମନରେ ଭୟ ହୋଇଲା ॥

ରାମର ଚରିତ ଶୁଣ, ହେ ଦଶାନନ, ବାଳୁତ କାଳର ଗୁଣ ।
ମୋର ଜନନୀ ତାଡ଼କାକୁ ମାରିଲା ନେଲା ସୁବାହୁର ପ୍ରାଣ ॥

ହାବୋଡ଼ା ଶରେ ମାଇଲା, ହେ ଲଙ୍କେଶ୍ୱର ୬, ବୃମ୍ଭଭ ବୋଲି ତଡ଼ିଲା ।
ଏତେ ଦୂରେ ଆସି ପଡ଼ିଣ ୭ ଜାଇଲି ସେ ଦନୁ ଭୟ ହୋଇଲା ॥

ଏକ ଦିନେ ମୃଗ ହେଲି, ହେ ଲଙ୍କେଶ୍ୱର ପଞ୍ଚବଟୀରେ ଭେଟିଲି ।
ସଙ୍ଗ ଅସୁରମାନଙ୍କୁ ମରାଇଣ ପଳାଇ ତହୁଁ ଅଇଲି ॥

ହରାଇବୁ ଲଙ୍କଶିର ହେ ଲଙ୍କେଶ୍ୱର, ତା ସଙ୍ଗେ ହେଲେ ବଇର ।
ରାକ୍ଷସ କରି ଗୋଟିଏ ନ ରଖିବ ପେଷିବ ଶମନ ପୁରୀ ॥

ମୋର ବୋଲ ଏବେ କର, ହେ ଦଶଶିର ୮ ତାହାର ନାରୀ ନ ହର ।
ମୁହିଁ ନାଶ ଯିବି ତୁହି ନାଶ ଯିବୁ ତା ସଙ୍ଗେ ହେଲେ ବଇର ॥

ଶୁଣି ମାରୀଚ ଉତ୍ତର, ସେ ଦଶଶିର, କ୍ରୋଧେ କମ୍ପଇ ଶରୀର ।
ବୋଲଇ ବଶି ଅଧରେ ଦନ୍ତ ଚାପି କହଇ ତାକୁ ଉତ୍ତର ॥

---

୧-ସମାନ ପୁସ୍ତକପାଠ, ୨-କ ପାଠ ପଦ ଶେଷରେ ପୋଥିରେ ଅଛି, ୩-ନାହିଁ ନା ଅସୁର ପୁର ପୋଥିପାଠ, ୪-ପରିବାରୀ ପୋଥିପାଠ, ୫-ସେ ଦଶାନନ ପୋଥିରେ ନାହିଁ, ୬-କି ଅହେ ଦେବ ପୋଥିପାଠ, ୭-ଉଡ଼ିଣ ପୋଥିପାଠ, ୮-କି ଆହେ ଭାଇ ପୋଥିପାଠ ।

## ରାଗ- ଘଟିଆରୀ ପଡ଼ିତାଳ

ମାରୀଚ ମୁଖରୁ ଶୁଣି ବଂଶପାଣି କ୍ରୋଧେ କହଇ ବଚନ ।
କହ ମୁଁ କାହାକୁ ରଣେ ଜିଣି ନାହିଁ ଏ ଚତୁର୍ଦ୍ଦଶ ଭୁବନରେ ।
ଏବେ କରନ୍ତୁ ୧ ମୋହର ବୁଦ୍ଧି
ରତ୍ନ ମୃଗ ହୋଇବୁ ଅବଧି ।
ରାମ ଆଶ୍ରମ ନିକଟେ ଚରୁଥିବୁ ଦେଖି ଲୋଭାଇବେ ବଧି ରେ ୨ ॥

ରାମ ତୋତେ ଲୋଭ କରି ଗୋଡ଼ାଇଲେ ବହୁ ଦୂର ଘେନି ଯିବୁ
ଲକ୍ଷ୍ମଣ ଚାହିଁ ଜାନକୀ ଚାହିଁ ବୋଲି ଉଚ୍ଚ ସ୍ୱରରେ ଡାକିବୁ ରେ ।
ଏହି ଅବା ତୁ ସିନା ମରିବୁ
ମୋର ଆଜ୍ଞା ଯେବେ ନ କରିବୁ ୩ ।
ଖଡଗ ଘେନି ହାଣିବି ତୋର ଶିର ଏହିକ୍ଷଣି କି କରିବୁ ୪ ରେ ॥

ମନେ ବିଚାରିଲା ମାରୀଚ ଅସୁର ନିଶ୍ଚୟେ ହେବ ମରଣ ।
ଏ ହାତୁ ଯାଇ ରାମ ହାତେ ପ୍ରାଣ ଗଲେ ହୋଇବ ସିନା କାରଣ ଯେ ।
ବୋଲେ ମାରୀଚ ଶୁଣ ରାବଣ ୫
ତୋର ନିକଟେ ହେବ ମରଣ ।
ତୁମ୍ଭେ ଆସୁଥାଅ ମୁଁ ଏବେ ଯାଉଛି ହୋଇବି ହେମ ହରିଣ ହେ ॥

ଶୁଣି ରାବଣ ଆଲିଙ୍ଗନ କରିଣ ରଥୁବରେ ବସାଇଲା ।
ଆକାଶ ମାର୍ଗରେ ଘେନି ଆସି ତାକୁ ପଞ୍ଚବଟୀରେ ଛାଡ଼ିଲା ।
ଦେଖି ମାରୀଚ ରାମ ଆଶ୍ରମ
ଶୋଭା ଦିଶୁଛି ରମ୍ୟ ଉଦ୍ୟାନ ।
କଦମ୍ବ କର୍ଣ୍ଣିକାର ବେଢ଼ି ସୁନ୍ଦର ଦିଶଇ ତା ଅନୁପମ ୬ ହେ ॥

ଏମନ୍ତ କହି ତାକୁ ଦେଖା ଦେଇ ଲୁଚିଲା ବନ ଭିତର ।
ମାରୀଚ ଦିବ୍ୟ ହେମ ମୃଗ ହୋଇଲା ରାବଣେଶ୍ୱର ହିତର ଯେ ।
ଶୃଙ୍ଗମଣି ଖୁରା ବଜ୍ରାଙ୍କିଛି
ମୁଖ ମାଣିକ୍ୟ ହୋଇଛି ଉଜ୍ଜ୍ୱଳ ।
ନୟନ ନୀଳମଣି ପେଟ ରଜତ ମରକତ ପ୍ରାୟ ଲାଞ୍ଜ ଯେ ॥

---

୧-କହରେ ପୋଥିପାଠ, ୨-ଦେଖିଲେ ଧାଇଁଲେ ବନ୍ଧ ପୋଥିପାଠ, ୩-ଏଠାରେ ପାଦ ଦୁଇଟି ଓଲଟ ପାଲଟ ହୋଇ ପୋଥିରେ ରହିଛି, ୪-ମରିବୁରେ ପୋଥିପାଠ, ୫-ଚହିଁ ମାରୀଚ ବୋଲଇ ଶୁଣ ପୋଥିପାଠ, ୬-ଅନୁପାମ ପୋଥିପାଠ ।

କର୍ଣ୍ଣ ୧ ପ୍ରବାଳ ଦ୍ରବ୍ୟ ହେମ ସର୍ବାଙ୍ଗ ବନକୁ କରେ ଉଦ୍ଦୀପ୍ତ ।
ପେଣ୍ଠି ପେଣ୍ଠି ହୋଇ ତନୁଯାକ ତାର ମୁକ୍ତାଚୟ ବଦ୍ଧିତ ଯେ ।
ପୁଣି କ୍ଷେପଇ ପୁଣି ଚରଇ
ପୁଣି ସେ ଅବୟବ ଦେଖାଇ ।
ନାନା ଛାନ୍ଦରେ ୨ ନାନା ଗତି କରନ୍ତେ କେ ଅବା ନୋହିବ ମୋହି ଯେ ॥

ରାମ ଆଶ୍ରମର ନିକଟେ ଚରନ୍ତେ ପଡ଼ିଲା ଜାନକୀ ଦୃଷ୍ଟି ।
କୁସୁମ ବନୁ କୁସୁମ ତୋଳୁଥିଲେ ସ୍ୱୟଂ ପଙ୍କ ବିମୁଖଷ୍ଟୀ ୩ ଯେ ।
ହରିଲା ମୃଗ ତାଙ୍କର ମତି
କରୁଅଛି ସେ ବିବିଧ ଗତି ।
ଆହେ ଆର୍ଯ୍ୟପୁତ୍ର ୪ ଆସ ଆସ ଦେଖ ୫ ଏ କନକ ମୃଗ ଗତି ହେ ॥

ଶୁଣିଣ ରାମ ଲକ୍ଷ୍ମଣ ଧନୁଶର ଘେନିଣ ହେଲେ ବାହାର ।
ଦେଖିଲେ ବିଚିତ୍ର ମୃଗ ଚରୁଅଛି କୁସୁମ ବନ ଭିତର ଯେ ।
ଦେଖି ଲକ୍ଷ୍ମଣ ରାମଙ୍କୁ କହେ ୬
ଦେବ ମାରୀଚ ଏମନ୍ତ ହୋଏ ୭ ।
ନ ଜାଣି ଅସୁରମାନଙ୍କ କପଟ ଲାଗିଲା ତ ବଡ଼ ଭୟେ ୮ ଯେ ॥

ଶୁଣି ଜାନକୀ ବୋଲନ୍ତି ହେ ଲକ୍ଷ୍ମଣ ଏହା ବିଚାର ନ କର ।
ଧରି ଆଣିଲେ ସେ ଭରତକୁ ଦେବା ୯ ନ ଧରି ପାରିଲେ ମାର ଯେ ।
ରାମ ଲକ୍ଷ୍ମଣ ସ୍ୱୀକାର କଲେ
କୋଦଣ୍ଡରେ ଗୁଣ ବସାଇଲେ ।
ବୋଲେ ବସି ସୀତା ଲକ୍ଷ୍ମଣେ ଜଗାଇ ରାମ ତାକୁ ଗୋଡ଼ାଇଲେ ଯେ ॥

---

୧-କାନ୍ତି ପୁସ୍ତକପାଠ, ୨-ଜାତିରେ ପୋଥିପାଠ, ୩-ସ୍ୱୟଂ ପଦ ପୁସ୍ତକରେ ନାହିଁ,
୪-ରାଜପୁତ୍ର ପୋଥିପାଠ, ୫-ଦେଖ ତୁମ୍ଭେ ଏ ମୃଗ ଆକୃତି ହେ ପୋଥିପାଠ,
୬-କହି ପୋଥିପାଠ, ୭-ହୋଇ ପୋଥିପାଠ, ୮-ସନ୍ଦେହ ଯେ ପୋଥିପାଠ,
୯-ଦେବା ନେଇ ପୋଥିପାଠ ।

## ରାଗ- ମୁଖାରୀ ପଟତାଳ

ହେମ ହରିଣୀ, ଧୀରେ ଧାମନ୍ତେ ସୁନ୍ଦର ଧରଣୀ ।
ଧରୁ ଧରୁ କରୁ ମୃଗ ପଳାଉଛି ଗୋଡ଼ାଇଛନ୍ତି ରଘୁମଣି ॥

କେତେବେଳେ ମୃଗ ଦୃଷ୍ଟିକି ନ ଦଶେ୧ କେତେବେଳେ ଦୃଷ୍ଟି ଗୋଚର ।
କେତେବେଳେ ଦୂରେ କେତେବେଳେ ପାଶେ ରାମଙ୍କୁ ହେଲା ଅଗୋଚର ॥

ରାମଙ୍କୁ ବହୁତ ଦୂର ଘେନିଗଲା ଗଲା ଅଦୃଶ୍ୟ ହୋଇ କାହିଁ ।
ଫୁଟିଣ ରାମ ତରୁତଳେ ବସନ୍ତେ ପୁଣି ସମ୍ମୁଖରେ ହେଲା ଯାଇ ॥

ମାରିବି ବୋଲି ମନରେ ବାଣ୍ଣୁଗଣ କୋଦଣ୍ଡରେ କାଣ୍ଡ ସନ୍ଧିଲେ ।
ବଜ୍ରାଘାତ ପ୍ରାୟ ଶବଦ ଶୁଭିଲା ଯେତେବେଳେ ଶର ବାନ୍ଧିଲେ ॥

ଲକ୍ଷ୍ମଣ ଯାହା ସୀତା ୨ ଯାହା ବୋଲିଣ ରାମ ସ୍ୱରେ ୩ ଉଚ୍ଚେ ଡାକିଲା ।
ମୃଗ ଦେହ ଛାଡ଼ି ନିଜ ତନୁ ଧରି ପ୍ରାଣ ହାରି ତଳେ ପଡ଼ିଲା ॥

ଦେଖି ରାମଚନ୍ଦ୍ର ଚକିତ ହୋଇଣ ବୋଲନ୍ତି ହେଲା ପରମାଦ ।
ମୃଗ ଦେହ ଛାଡ଼ି ଅସୁର ଦେହରେ କିରୀଟ କୁଣ୍ଡଳ ଅଙ୍ଗଦ ॥

ଏ ବାଣୀ ଶୁଣି ଆତୁର ପ୍ରାୟ ମଣି ଆସଇ ନ ପୁଣ ଲକ୍ଷ୍ମଣ ।
ଛାଡ଼ି ଅଇଲେ ସୀତାଙ୍କୁ ନ ପାଇବ କି ବୋଇଲି ଦୁଷ୍ଟ ଦାରୁଣ ॥

ଏହା ବିଚାରନ୍ତେ ବାମ ଭୁଜ ବାମ ନୟନ ତାଙ୍କର ସ୍ଫୁରିଲା ।
ବୋଲେ ବଣି ରାମ ପଛରେ ଗୋଡ଼ାଇ ଶୃଗାଳ ୪ ଘୋର ଧ୍ୱନି କଲା ॥

●

## ରାଗ—ମଧୁକେରୀ ପଢତାଳ

ଲକ୍ଷ୍ମଣ ଯାହା ଜାନକୀ ଯାହା ବାଣୀ ଶୁଣିଣ ତରୁଣୀ ମଣି ।
ଚକିତ ହୋଇ ଠାକୁରାଣୀ ବୋଲନ୍ତି ତୁମ୍ଭ ଭ୍ରାତଙ୍କର ବାଣୀ ହେ ।
ଲକ୍ଷ୍ମଣ, ବିପତ୍ତି ପଡ଼ିଲା ହେ ୫ ।
ଏହା ଶୁଣି ମୋର ସବୁ ଅବୟବୁ ଜୀବନ ଛାଡ଼ିଲା ହେ ॥

---

୧-ଦୃଷ୍ଟି ଅଗୋଚର ପୋଥିପାଠ, ୨-ଜାନକୀ ପୋଥିପାଠ, ୩-ଉଚ୍ଚସ୍ୱରେ ପୋଥିପାଠ, ୪-ଶ୍ରୀକାଳ ପୋଥିପାଠ, ୫-ପ୍ରଭୁଙ୍କୁ ବିପତ୍ତି ପଡ଼ିଲା ହେ ପୋଥିପାଠ ।

ଶୀଘ୍ର ହୋଇ ଚଳ ଧନୁଶର ଧର ବିଳମ୍ବ ନ କର ହେ ।
ଭ୍ରାତାକୁ ତୁମ୍ଭର ସାହା ହୋଇ ଏବେ ୧ କର ଯାଇ ପ୍ରତିକାର ହେ ।
ଲକ୍ଷ୍ମଣ, ଶୁଣିଲ ନାହିଁକି ହେ ।
କେଉଁ କ୍ରୋଧ ଧରି ମନେ କି ବିଚାରି ନ ଯାଅ କାହିଁକି ହେ ॥

ସାବତ ଜନନୀ ସୁତ ସିନା ତୁମ୍ଭେ ଆସିଛ କପଟେ ହେ ।
ଭ୍ରାତାଠାରେ ଯେତେ ସେନେହ ସବୁ ପଡ଼ି ଗଲାଣି ତୋ ବାଟେ ହେ ।
ଲକ୍ଷ୍ମଣ, ଥିଲୁଥିଲ ଯାହା ହେ ।
ମାନସ ପୂରିଲା ଦଇବ ବଶରୁ ହୋଇଲାକ ' ତାହା ହେ ॥

ସଉମିତ୍ରି ଭଣି ଶୁଣ ଠକୁରାଣୀ ନୁହସି ବିକଳ ଗୋ ।
ରାମଙ୍କୁ ବିପତ୍ତି ଦେବାକୁ ନାହାନ୍ତି ସ୍ୱାର କେହୁ ୩ ରବିତଳ ଗୋ ।
ସୁମୁଖି, ନ କର ମେ ଚନ୍ତା ଗୋ ।
ମୃଗ ଘେନିଣ ଏହିକ୍ଷଣି ଆସିବେ ବୀର ବଳବନ୍ତା ଗୋ ॥

ସୀତା ଶୁଣି ପୁଣି ବୋଲେ କଟୁ ବାଣୀ ଏମନ୍ତ କାଣ୍ଡକରେ ।
ରାମ ଅନ୍ତରେ ମୁହିଁ ତୋତେ ଭଜିବ ଏମନ୍ତ ମଣ୍ଡକରେ ।
ଲକ୍ଷ୍ମଣ, ନ ଯାଉ ମୋ ପାଶୁରେ ।
ରାମ ଅନ୍ତେ ମୋତେ ଭାରିଯା କରିବୁ ଏମନ୍ତ ବଳାସୁରେ ୪ ॥

କିବା ମୋତେ ନେଇ ଭରତକୁ ଦେଇ ଭୁଞ୍ଜିବୁ ବିଭୂତିରେ ।
ମୁଁ ପୁଣି ଜୀବନ ଧରି ଧରଣୀରେ କରିବି କି ଅନ୍ୟ ପତିରେ ୫ ।
ଲକ୍ଷ୍ମଣ, ଛୁଇଁ ଭୂମି ସ୍ତୁତି ଯେ ।
ଧନୁଶର ଧରି ବାହାର ହୋଇଲେ ହୋଇ କୋପମୂର୍ତ୍ତି ୬ ଯେ ॥

ରାମ ମୋର ପିତା ତୁମ୍ଭେ ମୋର ମାତା କହିଲ ଅନିତ ଗୋ !
ଦଇବ ପ୍ରତିକୂଳର ସମୟରେ ୭ ହୁଅଇ ତ ଏମ୍ଭେ ୮ ରୀତି ଗୋ ।
ପ୍ରଭୁଙ୍କ, ଆଜ୍ଞା ପାଳୁଥିଲି ୯ ଗୋ ।
ଯାଉଅଛୁ ମୁହିଁ ମୋର ଦୋଷ ନାହିଁ ଥାଅ ମଇଥିଳୀ ୧୦ ଗୋ ॥

---

୧-କର ପୋଥିପାଠ, '-ହୋଇଲାକ ପୋଥିରେ ନାହିଁ, ୩-ମ୍ୟେ ରବିତଳେ ପୋଥିପାଠ, ୪-ନଷ୍ଟମ୍ୟେ ଏ କଥା ପାଞ୍ଚୁରେ ପୋଥିପାଠ, ୫-କରିବୁ ଗତିରେ ପୋଥିପାଠ, ୬-ମୂର୍ତ୍ତି ପୋଥିପାଠ ।୭-ସମୟରେଟି ପୋଥିପାଠ, ୮-ଯେହ୍ନେକ ପୋଥିପାଠ, ୯-ପାଳିଥିଲି ପୁସ୍ତକପାଠ, ୧୦-ମହୀସ୍ଥଳୀ ପୋଥିପାଠ

ଏମନ୍ତ ବୋଲି ବନଦେବୀମାନଙ୍କୁ କରାଇଲା ସାକ୍ଷୀ ହେ ।
ଆମ୍ଭ ବାହୁଡ଼ିବା ଯାଏଁ ନଷ୍ଟେ ତୁମ୍ଭେମାନେ ସୀତାଙ୍କୁ ୧ ଥିବ ରଖି ଗୋ ।
ଯେ ହରେ, ଶ୍ରୀରାମଙ୍କ ସ୍ୱର ଯେ ।
ବୋଲେ ବଶୀ ସେହି ହରକୁ ଲକ୍ଷ୍ମଣ ହୋଇଲେ ବାହାର ଯେ ॥

●

## ରାମଦାସଙ୍କ କୋଇଲ ବୃତ୍ତେ

କାଇତବ ବେଶେ ଦଶଶିର । ଛତା କମଣ୍ଡଳୁ ବେନି କର ॥
କଷା ବସନ ଟିଖା ପଇତା । ଅଙ୍ଗରେ ମଣ୍ଡିଛି ଦ୍ୱାଦଶ ଚିତା ॥
ରାବଣେଶ୍ୱର ହୋଇ ଏ ବେଶି । ଏହି ବେଶେ ନେବେ ସୀତାଙ୍କୁ ଭଣ୍ଡି ॥
ପର୍ଣ୍ଣଶାଳା ଦ୍ୱାରେ ପରବେଶ । ମଇଥିଳୀଙ୍କୁ ଦେଖି ହରଷ ॥
ପଚାରଇ ତୁମ୍ଭର କେ ବର । ଏମନ୍ତ ବନେ କିମ୍ପା କଲ ଘର ॥
ତୁମ୍ଭର ପ୍ରାୟ ସୁନ୍ଦରୀ ନାରୀ । କେଉଁ କମ୍ପାଇଁ ହେଲେ ବନଚାରୀ ॥
ଶୁଣି ଜାନକୀ ସନ୍ତୋଷ ମନ । ଭିକ୍ଷୁକ ଦେଖି ଦେଲେ ଆସନ ॥
ଜଳ ଫଳ ମୂଳ ଆଣି ଦେଲେ । ସମସ୍ତ ବୃତ୍ତାନ୍ତ ତାଙ୍କୁ କହିଲେ ॥
ବୋଲନ୍ତି ଆସନ୍ତୁ ମୋର ପତି । ପତିଦେବ ପୂଜା କରିବେ ୨ ଯତି ॥
ଶୁଣି ବୋଲନ୍ତି ୩ ଦୁଷ୍ଟ ରାବଣ । ଜାଣିଲି ତୁମ୍ଭ ପତିର ଗୁଣ ॥
ଯେଉଁ ଯୁବତୀ ଜଗତେ ଶୋଭା । ଯାହା ଦେଖିଲେ ମୁନି ହେବ ଲୋଭା ॥
ତାହାକୁ ରଖିଅଛି ବନରେ । ଡରେ ହେଁ ଭୀତ ନାହିଁ ତା ମନରେ ॥
ଆଗୋ ଆସ ଆସ ବରାଙ୍ଗନେ । କଷ୍ଟ ନ ପାଅ ତୁମ୍ଭେ ଏ ବନେ ॥
ପାପ ଦଶାରୁ ଥିଲା ଏ ଯୋଗ । ସୁବର୍ଣ୍ଣପୁରୀ ତୁ କରିବୁ ଭୋଗ ॥
ମୋହର ହୋଇବୁ ତୁ ବନିତା । ରାବଣ ମୁହିଁ ବିଶ୍ରବା ମୋ ପିତା ॥
ତାର ଏ ବଚନ ଶୁଣିଣ ସତୀ । ମନେ ପାଇଲେକ ୪ ସେ ବଡ ଭୀତି ॥
ଦମ୍ଭ ହୋଇ ବୋଲନ୍ତି ବଚନ । ଶ୍ୱାନ ଭକ୍ଷିପାରେ ସିଂହ ଅଶନ ୫ ॥
ଅଇଲେ ରାମ ପ୍ରାଣେ ମାରିବେ । ଯତିକି ଉପରୋଧ ନ କରିବେ ୬ ॥
ଶୁଣି ଅସୁର କୁପିତ ହୋଇ । ନିଜ ରୂପ ସୀତାଙ୍କୁ ଦେଖାଇ ॥
ଭୟ କରାଇ ପୁଣି ୭ କହିଲା । ରାମକୁ ଗୁହାରିଲେ ବଳେ ଧରିଲା ॥
ନେଇଣ ରଥରେ ସେ ବସାଇ । କାନ୍ଦୁଛନ୍ତି ୮ ସତୀ ବିକଳ ହୋଇ ॥

---

୧–ଜଗିଥିବ ପୋଥିପାଠ, ୨–କରନ୍ତି ପୋଥିପାଠ,
୩–ବୋଲଇ ପୋଥିପାଠ । ୪–ପାଇଲେ ସୁ ସ୍ତକପାଠ,
୫–ଆସନ ପୋଥିପାଠ, ୬–ଯତି ବୋଲି କ ଉପ୍ରୋଧ କରିବେ ସେ ପୋଥିପାଠ,
୭–ତାଙ୍କୁ ପୋଥିପାଠ, ୮–ସ୍ୱତୀ ପୋଥିପାଠ,

ରାମ ରାମ ଲକ୍ଷ୍ମଣ ଲକ୍ଷ୍ମଣ । ରାମା ଉଚ୍ଚେ  କରନ୍ତି କାରୁଣ୍ୟେ ॥
ଖସି ପଡ଼ିଲା କୁସୁମ ମାଳା । ସୁବର୍ଣ୍ଣ ମାଳା ଥିଲା ସତ୍ତା ଗଲା ॥
ଛୁଡ଼ିଣ ବର୍ଣ୍ଣି ହୋଇଣ ଗଲା । ଚନ୍ଦ୍ର କରୁ ଅବା ସୁଧା ପଡ଼ିଲା ୨ ॥
ପଥେ ଭେଟି ବୋଲଇ ୩ ଜଟାୟୁ । ରାମ ବନିତାକୁ କାହାଁଇଁ ନେଉ ॥
ଅଧର୍ମକୁ ତୋର ନାହିଁ ଡର । ଚୋରାଇ କାହାଁ ନେଉ ଦଶଶିର ॥
ଆଜ ମୁଁ ପଥ ଛୁଡ଼ି ନ ଦେବି । ସୀତା ନ ଛୁଡ଼ିଲେ ରଣ କରିବି ॥
ଏହା ବୋଲିଣ ସଂଗ୍ରାମ କଲା । ରାବଣ ହିଁ ଅନେକ ଯୁଝିଲା ୪ ॥
ରଥ ଭାଙ୍ଗିଣ ଅଶ୍ୱ ସାରଥି । ମାରିଣ ସେହି କାଟିଲା ବକର୍ତ୍ତି ୫ ॥
ଛଡ଼ାଇ ନେଇ ଭାଙ୍ଗିଲା ଧନୁ । କ୍ରୋଧରେ କମ୍ପିଲା ରାବଣ ତନୁ ॥
ଖଣ୍ଡା ଘେନି କାଟିଲା ଚରଣ । ଡେ[illegible]। କାଟି କଲା ର[illegible] ॥
ରଣ କରନ୍ତେ ସୀତା ଖସିଲେ । ଲତା ଭିତରେ ଯାଇଣ ଲୁଚିଲେ ୬ ॥
ଜାଣିଣ ତହୁଁ ଆଣିଲା ଧରି । ମୃଗୁଣୀ ଅବା ଧରିଲା କେଶରୀ ॥
ସୀତାଙ୍କୁ କୋଳରେ ସେ ଧଇଲା । ଆକାଶରେ କ୍ଷେପିଣ ସେ ଗଲା ॥
ଗଲା ମୋତିହାର ପଡ଼େ ଛିଡ଼ି । କେତେ ଦୂରେ ପୁଣି ନୂପୁର ପଡ଼ି ॥
ବାମାର ୭ ସର୍ବ ଭୂଷଣ ଗଣ । ଉତ୍ତରୀରେ ବାନ୍ଧିଲେ ସେହିକ୍ଷଣ ୮ ॥
ଗିରି ଶିଖେ କପିରାଜନ ଗୃହିଁ । ତାଙ୍କ ଆଗକୁ ଦେଲେ ପକାଇ ॥
କିସ ବୋଲି ଫିଟାଇ ଦେଖିଲେ । ଯତନ କରି ତା ରଖାଇ ଦେଲେ ॥
ରାବଣ ନେଉଛି କାହାର ନାରୀ । ଏମନ୍ତ ବୋଲାବୋଲି ହେଲେ ହରି୯ ॥
ସିନ୍ଧୁ ଡେଇଁଣ ରାବଣ ଗଲା । ଲଙ୍କା ଗଡ଼ରେ ପ୍ରବେଶ ହେଲା ॥
ସୀତାଙ୍କୁ ୧୦ ରଖି ସେ ନିଜ ପୁରେ । ଚଉପାଶରେ ଜଗାଇ ୧୧ ଅସୁରେ ॥
ସୀତାଙ୍କୁ ମନେ କରାଇ ଭୀତି । ବୋଲଇ ବସି ଦେଖାଇ ବିଭୂତି ୧୨ ॥

●

---

୧-ଉଚ୍ଚେ ପୋଥିପାଠ, ୨-ଖସିଲା ପୋଥିପାଠ, ୩-ବୋଇଲେ ପୁସ୍ତକପାଠ, ୪-ବିନ୍ଧିଲା ପୋଥିପାଠ, ୫-ବକୋଠ ପୋଥିପାଠ, ୬-ପଶିଲେ ପୋଥିପାଠ, ୭-ରାମା ପୋଥିପାଠ, ୮-ତତକ୍ଷଣେ ପୋଥିପାଠ ।

୯-ହାରି-ମର୍କଟ । ୧୦- ସୀତସ୍ତାଙ୍କୁ ପୋଥିପାଠ । ୧୧- ଡାକିଲା ସର୍ବ ବିରୂପା ପୁସ୍ତକପାଠ । ୧୨-ଦେଖାଅ ବିଭୂତି ପୁସ୍ତକପାଠ, ଦେଖାଇବ ମୂର୍ତ୍ତି ପୋଥିପାଠ ଦେଖାଇ ବିଭୂତି ଅର୍ଥାତ୍ ଧନସମ୍ପତ୍ତିର ଗର୍ବ ଦେଖାଇ ପାଠ ସମୀଚୀନ ହେବ ।

### ରାଗ– **ମୁଖାରୀ ପଡ଼ତାଳ ୧**

ବଇଦେହୀଙ୍କି ନଜପୁରେ ରଖି ଅସୁରୀ ମାନଙ୍କୁ ବୋଲଇ ଦେଖି ।
ତୁମ୍ଭେଲେ, ରଖ ମୋ ୨ ନଜ ସ୍ଥାନ ।
ଦେଉଥିବ ମୋତେ ବାରତା ମାନ ॥

ସୀତାଙ୍କୁ ଚାହିଁ ବୋଲଇ ବଚନ ଦେଖ ଲଙ୍କାଗଡ଼ କେତେ ୩ ସୁବର୍ଣ୍ଣ ।
ସଜନୀ, ଏବେ ହୋଇଲୁ ତୋର ୪ ।
ଖଟିବେଟି କେତେ ଯୁବତୀ ମୋର ॥

ଦେଖ ଏ ଜଗତ ଅଟ୍ଟାଳୀମାନ ଶୋଭା ଧରେ କୋଟି କୋଟି ରତନ ।
ସଜନ, ଏହା କରବୁ ଭୋଗ ।
ବହୁ ଖଣ୍ଡିଲି ବନବାସ ଯୋଗ ଗୋ ॥

ମୁଁ ରାବଣ ତ୍ରିଭୁବନ ଈଶ୍ୱର ମୋତେ ଡରନ୍ତି ଧାତା ସୁନାସୀର ।
ସଜନୀ, ମୋର ହୁଅ ଯୁବତୀ ।
ସୁଖେ ଭୁଞ୍ଜ ନଷ୍ଟିଲା ବିଭୂତି ଗୋ ॥

ପିତା ପିତାମହ ବଷ୍ଟୁଟଙ୍କର ଏହାଙ୍କୁ ରାବଣ ନ ଯୋଡ଼େ କର ।
ସଜନ, ତୋତେ ଯୋଡୁଛି କର ।
କର ଅନୁକମ୍ପା ଯୁବତୀବର ଗୋ ॥

ବନବାସେ ପାଉଥିଲୁ ବେଦନା ତୋହର ପତି ମନୁଷ୍ୟ ହିଁ ସିନା ।
ସଜନ, ଏବେ ହୋଇବୁ ମୋର ।
ଦାସ ହୋଇ ଗୃହୁଥିବ ପସୁର ଗୋ ॥

ରୋଦନ କରନ୍ତେ ୫ ବୋଲନ୍ତି ସତୀ ତୁ ଛାର ପାମର ହେବୁ ମୋ ପତି ।
ଶ୍ରୀରାମ, ସିଂହ ଅଟୁ ତୁ ଶ୍ୱାନ ।
ସିଂହବଳି କର ଲୋଡୁ ୬ ଅଶନରେ ॥

---

୧– ସଖିରେ ମୋର କରମମନ୍ଦ, କାନ୍ତ ଗୃହୁଁକଲେ ହେଲି ଭରମ ଏ ବୃଥେ ପୋଥିପାଠ । ୨– ନବନ ପୋଥିପାଠ । ୩– କେଡ଼େ ପୋଥିପାଠ ।
୪– ହୋଇବ ତୋହର ପୋଥିପାଠ ।
୫– ତେଜଣ ପୁସ୍ତକପାଠ । ୬–ସିଂହେ ବଳିହେଲେ ଲୋଭହେଉସନ ପୋଥିପାଠ

କୋଦଣ୍ଡ କାଣ୍ଡ ଧରିଥାଆନ୍ତେ ରାମ ଆଣନ୍ତୁ ମୋତେ ହୋଇ ତାଙ୍କୁ ବାମ ।
ରାବଣ, ତେବେ ବୋଲନ୍ତୁ ବୀର ।
ରେଖା ନୁହେଁ ବୀରଙ୍କର ବେଭାର ॥

ଶୁଣି ରାବଣ କ୍ରୋଧରେ ବୋଇଲା ବରଷେ ଆଜୁଁ ଅବଧି ହୋଇଲା ।
ରାମଙ୍କୁ, ଯେବେ ଆଣି ନଦେବୁ ।
ନିଶ୍ଚୟେ ମୋର ବ୍ୟଞ୍ଜନ ହୋଇବୁ ଗୋ ॥

ଏମନ୍ତ ବୋଲି ଅସୁରକୁ ରହିଁ ଘେନଯାଅ ବୋଲି ଦେଲା ଦେଖାଇ ।
ଏହାକୁ, ରଖ ଅଶୋକ ବନେ ୧ ।
ଭୟ କରାଉଥିବ ଅବଛନ୍ନେ ୨ ଗୋ ॥

ଶୁଣି ଦୁଷ୍ଟ ଅସୁରୀ ଘେନଗଲେ ମଧ୍ୟରେ ରଖିଣ ବେଢ଼ି ୩ ବସିଲେ ।
ଯେସନେ ମାର୍ଜିରୀ ମଧ୍ୟରେ ୪ ଶାରୀ ।
ବୋଲେ ବସି ତେହ୍ନେ ୫ ଶ୍ରୀରାମ ନାରୀ ॥

●

ରାଗ—**କେଦାର କାମୋଦୀ** ୬

ଛାଡ଼ିଲେ ଦେବୀ ଶୟନ ଭୋଜନ ରାମ ପଦ୍ମପାଦେ ଦେଇଣ ମନ ।
ତାହା ଦେଖି ଦେବେ କଲେ ବିଚାର ଧାତା କହିଲେ ଯାଇ ସୁନାସୀର ।
ବାସବ, ତୁମ୍ଭେ ବହନ ଯାଅ ।
ଜଗତ ମାତାଙ୍କୁ ଅମୃତ ଦିଅ ଦେ ॥

ଶୁଣି ବାସବ ନିଦ୍ରାକୁ ରାଇଲେ ଅଶୋକ ବନକୁ ଯାଅ ବୋଇଲେ ।
ଅସୁରୀଯାକ ନିଦ୍ରା କରାଇବ ଆମ୍ଭେ ଅଇଲେ ସଙ୍ଗରେ ଆସିବ ।
ଆଜ୍ଞାରେ, ଦେବୀ ବେଗେ ଚଳିଲେ ।
ଅସୁରୀମାନଙ୍କ ନେତ୍ରେ ମିଳିଲେ ॥

---

୧– ବନ ପୋଥିପାଠ । ୨– ଆବଛନ ପୋଥିପାଠ । ୩– ଜଗି ପୋଥିପାଠ ।
୪– ମଞ୍ଜରୀ ଯୂଥେ ପୋଥିପାଠ । ୫– ନେନେ ପୋଥିପାଠ ।
୬– ପ୍ରସ୍ତୁତ ଗୀତଟି ତାଳପତ୍ର ପୋଥିରେ ନାହିଁ । ଏଠାରେ ଏହି ଗୀତଟିର ଆବଶ୍ୟକତା ଅନୁଭୂତ ହୁଏ । କାରଣ ଅଶୋକବନରେ ସୀତା ଦେବୀଙ୍କର ଅବସ୍ଥା ପ୍ରସ୍ତୁତ ଗୀତରେ ବର୍ଣ୍ଣିତ ହୋଇଛି ।

ନିଦ୍ରାରେ ଅଜ୍ଞାନ ଅସୁରୀରାଗି, ରାମନାମ ସୀତା ଘୋଷନ୍ତି ବସି ।
ଅମୃତ ଭାଣ୍ଡକୁ କରରେ ଘେନି ସୀତାଙ୍କ କରେ ଦେଲେ ସସ୍ରଯୋନି ।
କରନ୍ତି, ତାହାଙ୍କୁ ବହୁ ସ୍ତବ ।
ବୋଇଲେ ଆମ୍ଭେ ଆସିଛୁ ବାସବ ।।

ଧାତା ସହିତେ ସକଳ ଅମର ଅମୃତ ଦେଇଛନ୍ତି ମୋର କର ।
ଭୋଜନ କର କ୍ଷୁଧାତୃଷା ହର ମନରେ କିଛି ସଂଶୟ ନକର ଗୋ ।
ଜନନି, ଆମ୍ଭମାନଙ୍କ ପାଇଁ ।
ବରଷେ ମାସ ଥାଅ ଦୁଃଖ ସହି ଗୋ ।।

ଶ୍ରୀରାମଙ୍କୁ ଆମ୍ଭେ ଯାଇ କହିବୁ ଯେମନ୍ତେ ଆସିବେ ତାହା କରିବୁ ।
ପୁଣି ଭ୍ରାତା ନାତି ଦୁଷ୍ଟ ଅସୁର ସହିତ ମାରିବେ ଯେ ଦଶଶିର ।
ଜନନି, ତେବେ ପୃଥ୍ୱୀର ଭାର ।
ଉଶ୍ୱାସ ହୋଇବ ସଚରାଚର ଗୋ ।।

ସଙ୍କେତରୁ ଜାନକୀ ଦେବୀ ଜାଣିଲେ କର ଅଞ୍ଜୁଳି କରିଣ ଘେନିଲେ ।
ଶ୍ରୀରାମ ସୁମରି କଲେ ତ ପାନ ଗଲେ ସୁରପୁର ପାକଶାସନ ।
ସେ ଜାନକୀ ଦେବୀ ପାଦ କମଳ ।
ଧ୍ୟାନ ବଶି ତହିଁ ମଧୁଭ୍ରସଳ ୧ ।।

●

**ଢଶ – ଗୁର୍ଜ୍ଜରୀ, ଅବକାଶ ଢଶେ ୨**

ମନେ ବିଚାରନ୍ତି ସେ କୋଦଣ୍ଡ-ପାଣି ।
ଆଜି କି ବିପତ୍ତି ପଡ଼ିବ ତା ନଜାଣି ଯେ ।।

ଅସୁର ବୋଇଲା ଆମ୍ଭ ସ୍ୱରେ ବାଣୀ ।
ସୀତା ଲକ୍ଷ୍ମଣ କିସ ବୋଲିବେ ଶୁଣି ଯେ ।।

ସତ୍ୱର ହୋଇ ରାମ ଚାଲନ୍ତି ଖରେ ୩ ।
ଅନ୍ୟ ମୃଗ ମାରି ମାଂସ ୪ ଅଛି କରେ ଯେ ।।

---

୧– ଭ୍ରସଳ ଭ୍ରମର । ୨– ରାଗ-କେଦାର କାମୋଦୀ ପୁସ୍ତକପାଠ । ୩– ଧୀରେ ପୁସ୍ତକପାଠ । ୪–ଅନ୍ୟ ମାୟାମୃଗ ଧରି ପୋଥିପାଠ

ଲକ୍ଷ୍ମଣ ପଥେ ଦେଖି ରାଜୀବ ନେତ୍ର ।
ବାଟେ ୧ ରମ୍ଭା ପତ୍ରଯ୍ୟେ କମ୍ପିଲା ଗାତ୍ର ଯେ ॥

କମ୍ପା ଅଇଲା ପ୍ରାଣ ପ୍ରିୟାକୁ ଛାଡ଼ି ।
ଛାଡ଼ି ଜୀବନ ମୋର ଗଲାଟି ଉଡ଼ି ଯେ ॥

ଏମନ୍ତ ବୁଦ୍ଧି କମ୍ପି କଲେ ସାନୁଜ ।
ସୀତା ବଦନ ନଳ ୨ ଦେଖିବା ଆଜ ଯେ ॥

ଦନୁଜ ହେଲା ହେମ ହରଣୀ କାୟା
ଦେବଙ୍କୁ ଅଗୋଚର ଅସୁର ମାୟା ଯେ ॥

ମାରବା କାଳେ ୩ ବୋଲେ ଲକ୍ଷ୍ମଣ ରଖ ।
ଜାଣିଲି ତେତେବେଳୁ ଦେବ ଯ୍ୟେ ଦୁଃଖ ଯେ ॥

ଯେନଗଲା ଆମ୍ଭଙ୍କୁ ବହୁତ ଦୂର ।
ବାଣ ବାଜନ୍ତେ ପୁଣ ହେଲା ଅସୁର ଯେ ॥

ଯେବେ ଅଇଲା ସଙ୍ଗେ ଘେନି ନଇଲି ।
ଅସୁର ମୁଖେ ବଳି ଦେଇ ୪ ଅଇଲି ଯେ ॥

ଆହେ ଲକ୍ଷ୍ମଣ ତୁମ୍ଭ ବୁଦ୍ଧି ତୀକ୍ଷଣ ।
ମୋତେତ ହେଲା ଆଜ ଏ ଅଲକ୍ଷଣ ଯେ ॥

ଅସୁରମାନେ ତାଙ୍କୁ ଖାଉଣ ଥିବେ ।
କି ଅବା ଦୟା କରି ରଖିଣ ଥିବେ ଯେ ୫ ॥

ଦାନବେ ନେଲେ ତାଙ୍କୁ ଜଣିକ ତୋତେ ।
ଶୁଖିଛି ମୁଖ କମ୍ପା ନ କହୁ ମୋତେ ଯେ ॥

ବରସ ଦଶୁଛି ଅବୟବ ମାନ ।
କେଉଁ ଦାରୁଣ କରାଇଲା ସ୍ୱେସନ ୬ ଯେ ॥

---

୧– ବାଟା ପୁସ୍ତକପାଠ   ୨- ମୁକ ପୋଥିପାଠ ।
୩– ବେଳେ ପୁସ୍ତକପାଠ ।   ୪– କରି ଦେଲ ପୁସ୍ତକପାଠ ।
୫– ଏହି ପଦଟି ପ୍ରକାଶିତ ପୁସ୍ତକରେ ନାହିଁ । ୬– ଏମାନ ପୁସ୍ତକପାଠ ।

ସୀତା ବାରତା ବେଗେ ମୋତେ ତୁ କହ ।
ସେ ଥିଲେ ୧ ମୁହିଁ ମିନା ଧରିବ ଦେହ ଯେ ॥

ଲକ୍ଷ୍ମଣ ଜଣାଇଲେ ଯୋଡ଼ିଣ ପାଣି ।
ତୁମ୍ଭ ମହିମା ମୁଁକ ନ ଅଛୁ ଜାଣି ଯେ ॥

ଅସୁର ଡାକିବାର ଶ୍ରବଣେ ଶୁଣି ।
ଠାକୁରାଣୀ ପେଷନ୍ତେ ନଇଲୁ ୨ ଜାଣି ଯେ ॥

ଏଥକୁ ୩ କଟୁଭାଷା କହିଲେ ଯେତେ ।
ସେବକ ହେଲେ ଦେହ ୪ ସହିବ କେତେ ଯେ ॥

ସୀତା ସୀତା ବୋଲିଣ ପଥେ ଅଇଲେ ।
ପର୍ଣ୍ଣଶାଳା ନିକଟେ ପ୍ରବେଶ ହେଲେ ଯେ ॥

ଦେଖିଲେ ଶୋଭା ଦଶୁନାହିଁ ସେ ପୁରୀ ।
ଯେମନେ ଦଶେ ଚନ୍ଦ୍ର କ୍ଷୟ ଧ୍ୱଂସ ଯେ ॥

ଦଶାଦଶ ଗୃହିଁ ଦଶରଥସୁତ ।
ବୋଲଇ ବସି କ୍ଷଣେ ହେଲେ ଚକିତ ଯେ ॥

●

### ରାଗ- ବପ୍ରସିଂହାବାଣୀ

ଲକ୍ଷ୍ମଣ ସଙ୍ଗରେ ଘେନି ରଘୁକୁଳ ଚୂଡ଼ାମଣି
ପର୍ଣ୍ଣଶାଳା ଦ୍ୱାରେ ପରବେଶ ।
ବୋଲନ୍ତି ଆଗୋ ତରୁଣୀ ମେ ନୁହେଁ ହେମ ହରିଣୀ
ଧଇଲାତ ଅସୁର ସେ ବେଶ ।
କି ସଖି ଗୋ, ଆସ ଆସ କହତୁ କଥା ॥
ନ କହିବାରୁ ଦୂଷଣ କରୁଛୁ ତାହା ଭୂଷଣ ମୋ ପ୍ରାଣକୁ ଲାଗୁଛୁ ବ୍ୟଥା ॥

---

୧- ତାଥିଲେ ପୋଥିପାଠ । ୨- ଅଇଲୁ ପୋଥିପାଠ । ୩- କୁଟଭାଷା
୪- ଦେବ ପାଥିପାଠ ।

ଏତେ ବୋଲି ରଘୁବୀର ପଶିଲେ କୁଟୀ ଭିତର
ନ ଦେଖିଲେ ସେ ଚନ୍ଦ୍ରମାମୁଖୀ ୧ ।
ବାହାରକୁ କଲେ ଆଶ ପର୍ଣ୍ଣଶାଳା ଚଉପାଶ
ବୋଲି ବୋଇଲେ ୨ ଆସ ରେ ସଖୀ
କି ସଖି ଗୋ, ଲୁଚି ଅଛୁ ୩ କିମ୍ପାଇଁ ମୋତେ ।
ତରୁ ଉହାଡ଼ରେ ଅଛୁ୪ କିମ୍ପା କଥା ନ କହୁଛୁ ମୁଁ କି ସଖି ଦେଖିନାହିଁ ତୋତେ ॥

ଆସ ଆସ ସୀତେ ମୋର ମୁଁ ଶୋକ ନଦୀ ଭିତର
ବୁଡ଼ି ଯାଉଛି ଉଦ୍ଧାର ଦେଖି ଏବେ ଦୟା କର ୫ ।
ଦାରୁଣ କୋପ ସଂହର ଶଶିମୁଖ ଦେଖାଅ ତୋହର
କି ସଖି ଗୋ, ଛାଡ଼ି ମୋତେ ଅଛୁ ତୁ କାହିଁ ।
ସହି ନ ପାରୁକି ଦୁଃଖ ଲୁଚିଛୁ ହୋଇ ବିମୁଖ
ସଙ୍ଗତେ ୬ ଆଇଲୁ କିସ ପାଇଁ ॥

କରି ସେ ଥିଲା ଲକ୍ଷ୍ମଣ କେ ଘେନିଗଲା ମୋ ପ୍ରାଣ
ସେ ଦେଲାତ କପଟେ ୭ କମ୍ପଣ ।
କି ବୋଲିବେ ରାଜାଗଣ ଏ କଥା ମୋର ଶୁଣିଣ
ତପନର କୁଳକୁ ଦୂଷଣ ।
କି ସଖି ଗୋ, ମରିବାରୁ ୮ ଏକଥା ମନ୍ଦ ।
ତଳ ଉପରକୁ ଅବା କେମନ୍ତେ କରି ଚାହିଁବା
ନ ଦେଖିଲେ ତୋ ଶ୍ରୀମୁଖ ଚନ୍ଦ୍ର ୯ ॥

ଆମ୍ଭେ ଅଯୋଧ୍ୟାକୁ ଗଲେ ଜନକ ରାଜା ଆଇଲେ
ପଚାରିବେ ଜାନକୀ ମୋ ୧୦ କାହିଁ ।
ଆମ୍ଭେ ତାଙ୍କୁ କି କହିବୁ କାହା ମୁଖକୁ ଚାହିଁବୁ
ବୁଦ୍ଧି ମୋତେ ଦିଶଇତ ନାହିଁ ।
କି ସଖି ଗୋ, ନିଶ୍ଚୟ ତେଜିବି ୧୧ ପରାଣ ।
ଆମ୍ଭ ଆଜ୍ଞାକୁ ପାଳିଣ ଅଯୋଧ୍ୟାକୁ ଏହିକ୍ଷଣ
ଶୀଘ୍ର ହୋଇ ଯାଅ ହେ ଲକ୍ଷ୍ମଣ ॥

---

୧-ଚନ୍ଦ୍ରମୁଖୀ ପୋଥିପାଠ । ୨-ବୁଲି ବୁଲି ପୁସ୍ତକ ପାଠ ।
୩-ଅଛୁ ପାଠ ପୁସ୍ତକରେ ନାହିଁ । ୪-ଲୁଚିଅଛୁ ପୋଥିପାଠ ।
୫-ଏହି ପଦଟି ପୋଥିରେ କୀଟଦଂଷ୍ଟ । ୬-ସଙ୍ଗରେ ପୁସ୍ତକ ପାଠ ।
୭-ଶେଷେ ପୋଥି ପାଠ । ୮-ମରିବାର ପୁସ୍ତକ ପାଠ ।
୯-ତୋର ମୁଖ ଚନ୍ଦ୍ର । ୧୦-ମୋ ପୋଥିରେ ନାହିଁ ।
୧୧-ଯେତେବେ ପାଠ ପୋଥିରେ ଅଧିକ ଅଛି ।

ବିଳପିଣ[୧] ରଘୁମଣି ମୋହେ ପଡ଼ିଲେ ଧରଣୀ
ଆଶ୍ୱାସନା କଲେକ ସାନୁଜ[୨] ।
ପୁଣି ହିଁ କେତେକ[୩] ବେଳେ ବଇଦେହୀର ବିକଳେ
ଫିଟାଇଲେ ନୟନ-ସରୋଜ[୪] ।
କି ସଖି ଗୋ, ଜନ୍ତୁଏ ଖାଇଲେ ଅସୁରେ ।
ଏବେ ଆମ୍ଭେ କାହିଁ ଯିବା କାହାକୁ ଏଥି ପୁଛିବା[୫]
ଋଷି ବୋଲେ ଖୋଜିବା[୬] ବନରେ ॥

## ରାଗ—କୁସୁମ ସୌରଭ ବାଣୀ

କୋଦଣ୍ଡଧର କାମିନୀ ବରକୁ ହରାଇ[୭] ।
କାରୁଣ୍ୟ କରୁଛନ୍ତି ବନଗିରିକି ଚାହିଁ ଯେ
ହା ହା ମୋ ସୀତେ ଗୋ[୮] ॥

ଦଶ ଦିଗ[୯] ନ ଦିଶଇ ଯିବଇଁ ମୁଁ କାହିଁ ।
କେବଣ ଅସୁର ତୋତେ ଦେଲା ଅବା ଖାଇ ।
ହା[୧୦] ହା ମୋ ସୀତେ ଗୋ ॥

ନଳିନୀ ଦଳ ଲୋଚନ ଲୋଚନେ ମିଶାଇ ।
କହୁ ଯେ ଆଉ ବଚନ ମନକୁ ରସାଇ ।
ହା ହା ମୋ ସୀତେ ଗୋ ॥

ଅନ୍ତଃପୁରେ ଯେତେ ତୋ ଅଛନ୍ତି ପ୍ରିୟ ସଖୀ ।
କି ବୋଲିବେ ମୋତେ ତୋତେ ସଙ୍ଗରେ ନ ଦେଖି ।
ହା ହା ମୋ ସୀତେ ଗୋ ॥

---

୧-ବିଳପିଣ = ରୋଦନ କରିଣ । କରୁଣ ସ୍ୱରରେ ରୋଦନକୁ ବିଳାପ କୁହାଯାଏ ।
୨-ସାନୁଜ = ସାନଭାଇ । ୩-କେତେ ହେ ବେଳେ ପୁସ୍ତକ ପାଠ ।
୪-ନୟନ ସରୋଜ = ପଦ୍ମନେତ୍ର । ୫-କାହା ମୁଖକୁ ଚାହିଁବା ପୋଥିପାଠ ।
୬-ଖୋଜିବା ପୁସ୍ତକ ପାଠ, ଏଠାରେ କବି ବିଶ୍ୱନାଥ ଖୁଣ୍ଟିଆ ତାତ୍କାଳୀନ ଭବିଷ୍ୟତ କାଳରେ ରହି, ମତେ ଅବା ଶ୍ରୀରାମଙ୍କ ପାଖେ ପାଖେ ରହି ତାଙ୍କୁ ଆଶ୍ୱାସନା ଦେବା ସ୍ୱରରେ କହୁଛନ୍ତି—'ଖୋଜିବା ବନରେ' ।
୭-ହକରାଇ ପୋଥିପାଠ, ୮-ବନକୁ ପେଷିଲେ ତାତ ମୋତେ ଗୋ, ପୋଥିରେ ଅଧିକ ପାଠ । କିନ୍ତୁ ପ୍ରତ୍ୟେକ ପଦ ଶେଷରେ ଏପରି ନାହିଁ, ୯-ଦଶ ପୁସ୍ତକପାଠ,
୧୦-ଆହା ପୋଥିପାଠ,

ଅଯୋଧ୍ୟା ରାଜପଣ ତୋ ବିନୁ କଲି ଦୂର ।
ତୋ ବିନୁ କେମନ୍ତେ ହୋଇଥିବ ଅନ୍ତଃପୁର ୧ ।
ହା ହା ମୋ ସୀତେ ଗୋ ॥

ଲୁଚିଥିଲେ ଆସ ଆସ ମୋର ପ୍ରାଣସଖୀ ।
ପଳାଇ କେଣିକି ଗଲୁ ମୋର ଦୁଃଖ ଦେଖି ।
ହା ହା ମୋ ସୀତେ ଗୋ ॥

ପଲକ ବିଚ୍ଛେଦ ଯୁଗ ପ୍ରାୟ ମଣୁଥାଉ ।
ତନୁ ଅନ୍ତରକୁ ହୃଦେ ହାର ନ ପୁରାଉ ।
ହା ହା ମୋ ସୀତେ ଗୋ ॥

ସହସ୍ର ମୁଖେ କହିଲେ ନ ସରିବ ଗୁଣ ।
ସମସ୍ତ ଗୁଣମାନଙ୍କେ ଅଟୁ ତୁ ନିପୁଣ ।
ହା ହା ମୋ ସୀତେ ଗୋ ॥

ତରୁରେ ଲତା ଦେଖିଲେ ଦେଖାଇ ଯେ ଦେଉ ।
ବାହୁ ଲତିକାରେ ତନୁ ଭିଡ଼ି ସୁଖ ପାଉ ।
ହା ହା ମୋ ସୀତେ ଗୋ ॥

ତୋ ଥିଲାକୁ ପର୍ଣ୍ଣଶାଳୀ ଦିଶୁଥିଲା ଶୋଭା ।
ସେ ଶୋଭା କେଣିକି ଯାଇ ଦିଶୁଛି ଅଶୋଭା ।
ହା ହା ମୋ ସୀତେ ଗୋ ॥

ଏ ମୃଗ ଶାବକ ସଙ୍ଗେ ରଙ୍ଗେ ଖେଳୁଥାଉ ।
କରି ଶାବକ ଧରିଣ ଦେଲେ ସୁଖ ପାଉ ।
ହା ହା ମୋ ସୀତେ ଗୋ ॥

ଲକ୍ଷ୍ମଣ ବହୁତ ତହିଁ ପ୍ରବୋଧ କରନ୍ତି ।
ବୋଲେ ବଶି ରାମଚନ୍ଦ୍ର ବୋଲ ନ ଘେନନ୍ତି ୨ ।
ହା ହା ମୋ ସୀତେ ଗୋ ॥

●

୧-ତୋ ବିନୁ କେମନ୍ତେ ମୁଁ ହୋଇବି ଅନ୍ତର ପୋଥିପାଠ
୨-ବୋଲେ ରାମଚନ୍ଦ୍ର ମୋର ବୋଲ ନ ଘେନନ୍ତି - ପୁସ୍ତକ ପାଠ ।

## ରାଗ—ସିନ୍ଧୁକାମୋଦୀ

ଆରେ ଷଉଣୀ ଛଳସ୍ଥା ଗଲୁ କେଣେ ରେ ।
ତୋ ବିନା ବକ୍ଷ ଲୁହଇ ଷଣେରେ ॥

ଆହାରେ ଚନ୍ଦ୍ରବଦନା ଡାଳିମ୍ବ ବୀଜ ଦଶନା [୧]
ବାରେ ମୋତେ ନଦେଖା ଦେଉ କି ନା ।
ଦୁଷ୍ଟ ମକର-କେତନା ଯେତେ ଦେବଟି ବେଦନା
ନୁହଁ ପ୍ରିୟେ ଅନୁକମ୍ପା ହୀନା ॥

ଭସ୍ମାନ୍ତର ବମ୍ବ ଓଷ୍ଠି ଯୂଥାନ୍ତର [୨] ମୃଗ-ଦୃଷ୍ଟି
ତୋର ପ୍ରାୟ ଆଉ ନାହିଁ ସୃଷ୍ଟି ।
ଶୂନ୍ୟ ଦେଖି ପର୍ଣ୍ଣ କୁଟୀ ହୃଦୟ ଯାଉଛୁ ଫାଟି
ପଲକ [୩] ମଣୁଛୁ ଯୁଗ କୋଟି ॥

ବ୍ରହ୍ମାଣ୍ଡେ ଯେତେ ସୁନ୍ଦରୀ ନୁହନ୍ତି ତୋ [୪] ସମ ସରି
ଅଟୁ ପ୍ରିୟେ ମୋର ମନୋହାରୀ ।
ଦାହ-କନକ-ଗଉରୀ [୫] ଯେତେକ ଗୁଣ ତୋହର
କହିବ ମୁଁ କେତେ ତା [୬] ବିସ୍ତାର ॥

ଅବଲା ଗୁରୁ କୁନ୍ତଳା [୭] କୋମଳାଙ୍ଗୀ ପ୍ରେମଶୀଳା
ଅଟୁ ପ୍ରିୟେ ସାକ୍ଷାତେ କମଳା ।
ତୋତେ [୮] ନ ଦେଖି ଯେ ବାଳା ଫାଟିଯାଉଅଛୁ ଡ଼ୋଳା
ଏବେ କେଉଁଠେ କଲୁ ଏଡ଼େ ହେଲା ॥

ଦ୍ୱିଜରାଜ କଲେ ଲାଜ ଦେଖି ତୋ ମୁଖ ସରୋଜ
ଏବେ ସେହି ମୁଖ ଦେଖା [୯] ଆଜ ।
ଧନୁକୁ [୧୦] ଗୁହିଁ ଧଇର୍ଯ୍ୟ ହୋଇଲେ ଶ୍ରୀରାମ ରାଜ
ବୋଲେ ଵଶି ଆବର ସାନୁଜ ॥

●

୧-ଦ୍ରଶନା ପୋଥିପାଠ । ୨-ଯଥାନ୍ତର ପୁସ୍ତକ ପାଠ । ୩-ପଲକୁ ପୁସ୍ତକ ପାଠ ।
୪-ତୋତେ ନୋହେ ପୋଥିପାଠ । ୫-ଦେହ କନକ ପୋଥିପାଠ ।
୬-କେତେକ ପୋଥିପାଠ ।
୭-ଅବଲାରୁ ସେ କୁନ୍ତଳା ପୋଥିପାଠ । ୮-ମୋତେ ପୁସ୍ତକ ପାଠ ।
୯-ଦେଖାଅ ଆଜ ପୋଥିପାଠ । ୧୦-ଧନୁକୁ ପୁସ୍ତକ ପାଠ ।

## ରାଗ—**ଖେମଟା**

ଆରେ ବାବୁ ଲକ୍ଷ୍ମଣ ମୋର ସୁଲକ୍ଷଣୀ ସୀତା କେଣିକି ଗଲା ।
ଅନ୍ତର କରି କେ ପତର ଘରରୁ ମନ୍ତର ବା କରି ତାହାକୁ ନେଲା ॥

ଆଠ ସାତ ଏକ ବୟସୀ, ସୁନା ଗୋରୀ ମଞ୍ଜୁଳ ବେଶୀ ।
ଛବି ଦେଖି କବି ଗଜାନନ ବର୍ଣ୍ଣି ନ ପାରିଣ ପେଟ ପୃଥୁଳ ହେଲା ॥

କୋମଳାଙ୍ଗୀ ପିକ ବଚନା, ମଦାଳସୀ ଗିରୀଶସୁନା ୧ ।
କରୀନ୍ଦ୍ର ଗମନା ସଫରୀ ନୟନା ବନବାସେ ସ୍ନେହ ଲଗାଇଥିଲା ॥

ଆରେ ବାଳା କୁଟୀଳ କେଶୀ, ବିମ୍ବାଧରୀ ମଧୁର ହାସୀ ।
ତାର ନେହଛଟା କିବା ବିଦ୍ୟୁଲ୍ଲତା ଦେଖିବାକୁ ବାରେ ସ୍ୱପନ ହେଲା ॥

ଅଣିମାଦି ଯେ ସୁଖଦାୟୀ, ରସାରେ ୨ କେ ତା ପରି ନାହିଁ ।
ଯେତେ ଥିଲା ଆଶା ତା ଠାରେ ଭରସା ଦାରୁଣ ଦଇବ ଅନ୍ତର କଲା ॥

ଏହିଠାରେ ବାଜନ୍ତେ ଶର, ଡାକେ ରଖ ଲକ୍ଷ୍ମଣ ବୀର ।
ଜାଣି ନ ପାରିଲି କପଟ ତାହାର ସୂର୍ଯ୍ୟବଂଶକୁ ସେ କଳଙ୍କ ଦେଲା ॥

ଶୂନ୍ୟ ଦେଖି ଏ ପର୍ଣ୍ଣକୁଟୀ, ମୋର ନେହ ଯାଉଛି ଫୁଟି ।
କାଟି ଦେଇ ଚର୍ଣ୍ଣି ନେଲା କେହୁ ଲୁଟି ୩ କ୍ଷୀର ନୀର ପ୍ରୀତି ଅନ୍ତର କଲା ॥

ଯୋଡ଼ିଣ ଯେ ସେ ବେନି କର, ଜଣାଇଲେ ଲକ୍ଷ୍ମଣ ବୀର ।
ଭଣଇ ଯେ କଣି ବନ୍ଧୁ ହେଲା ବାମ କଟୁକ ଅଯୋଗେ ଏହା ଘଟିଲା ୪ ॥

●

## ରାଗ - **ଖେମଟା**

ରମଣୀମଣି, ଦୟିତେ ତୋର କେଣିକି ଗଲାଗୋ ।
ମାୟା ଚୋର ଜଣା ନଗଲା ॥
ମାୟା ମୃଗ ହୋଇ ମାରୀଚ ।
ଠକି ନେଲା କରିଣ ପାଞ୍ଚ ॥

---

୧-ଗିରୀଶ-ସୁନା = ପର୍ବତରାଜଙ୍କର ଆଦରଣୀୟା । ୨-ରସା = ପୃଥିବୀରେ ।
୩- ବଟି- ପୁସ୍ତକପାଠ । କିନ୍ତୁ ଲୁଟି ହେବା ସଙ୍ଗତ ହେବ । ୪- ଏହି ପଦ୍ୟଟି ପୋଥିରେ ନାହିଁ ଏବଂ ଗୀତଟି ବିସମଙ୍କ ଭଣିତାରେ ମିଳୁଛି ।

ଲକ୍ଷଣେ ଶୀଘ୍ର କହୁଣ ପରପଞ୍ଚ ।
ମୃଗ ଦେହ ଛାଡ଼ି ଅସୁର ହେଲା ଗୋ ॥

ଅରେ ବାବୁ ବୀର ଲକ୍ଷ୍ମଣ ।
ସୀତା ଅଟେ ମୋ ପଞ୍ଚ ପ୍ରାଣ ॥

କେବଣ ଦୁର୍ଜନ ଗଲା କାଟି ପୁଣ ।
କୁଟୀରୁ ତାହାକୁ ହରଣ ନେଲା ॥

ମୋହ ଛାଡ଼ି ନ ପାରି ସେହି ।
ସଙ୍ଗେ ଆସିଥିଲା ଗୋଡ଼ାଇ ॥

ନିଦାରୁଣ ବିହି ଏହାତ ନ ସହି ।
ବନବାସେ ପୁଣି ବିଚ୍ଛେଦ କଲା ॥

ବୋଲେ ଦ୍ୱିଜ ରାମ ସୁଜନ
ବେଳୁବେଳ ହେଉ ଉଚ୍ଛନ୍ନ ॥

ଶୋକରେ ଲକ୍ଷ୍ମଣ କହନ୍ତି ବୋଧିଣ
ଖୋଜିବା କି ରୂପେ କିଏ ସେ ନେଲା ୧ ॥

●

ରାଗ-- **କେଦାରକାମୋଦୀ**

ମଥୁରାବିଜୟ- -ବୃତ୍ତେ

କାନ୍ତା ହରାଇ ଦଶରଥ ନନ୍ଦନ ।
ପୁଚ୍ଛନ୍ତି ବୃକ୍ଷେ ବୃକ୍ଷେ ହୋଇ ଉଛନ୍ନ ଯେ ॥

କହନ୍ତି ବନ ଜୀବମାନଙ୍କୁ ଚାହିଁ ।
କେ ନେଲା ସୀତାମୋର ଦେଖିଲ ନାହିଁ ଯେ ॥

ଅଗୋ ହରିଣୀମାନେ ମୋ ହରିଣାକ୍ଷୀ ।
କେ ନେଲା କାହିଁ ଗଲା ଅଛକି ଦେଖି ଗୋ ॥

---

୧-ଏ ଗୀତଟି ମଧ୍ୟ ପୋଥିରେ ନାହିଁ ।

ଆହେ କଦମ୍ବ ମୋର କଦମ୍ବସ୍ତନା ୧
ଆହେ ତାଳ ମୋର ପକ୍ୱତାଳସ୍ତନା ହେ ॥
ଆହେ ତମାଲ ମାଲ ତମାଲ କେଶୀ ।
ଆହେ ମନ୍ଥର ମୋର ମନ୍ଥର ବେଣୀ ଯେ ॥
ଆହେ ଡାଳମ୍ବ ମୋ ଡାଳମ୍ବ ଦଶନା ୨
ଆହେ ଅଶୋକ ମୋର ଅଶୋକ ମନା ୩ ଯେ ॥
ଆହେ ବମ୍ବ ମୋହର ପକ୍ୱ ବମୋଷ୍ଠୀ
ଦେଖିଲ କାହିଁ ତାର ପ୍ରାତ୍ୟେକ ଦୃଷ୍ଟି ଯେ ॥
ଆହେ ବକୁଳ ୪ ମୋର ମଧ୍ୟମା ସରୁ ୫
ଦେଖିଛ ରମ୍ଭାତରୁ କେ ମୋ ରମ୍ଭୋରୁ ୬ ଯେ ॥
ଆହେ କେତକୀ ମୋର କେତକୀ କାନ୍ତି ।
ଲୁଚାଇଛ କି ମୋତେ ୭ କରଣ ଭ୍ରାନ୍ତି ଯେ ॥
ଆହେ କୁନ୍ଦ ମୋହର ସୁକୁନ୍ଦ ହାସୀ ।
ତୁମ୍ଭଙ୍କୁ ନେବାପାଇଁ ଅଛୁକ ଆସି ଯେ ॥
ଆହେ ପୀକମାନେ ମୋ ପିକ ବଚନା ।
ତୋ ବିନା ହୋଇଛୁ ମୁଁ ବିକଳମନା ଯେ ॥
ଆହେ ଶିରୀଷ ମୋ ଶିରୀଷ କୋମଳା ।
ଆହେ ଶିଳାମାନେ ମୋର ପ୍ରେମଶୀଳା ଯେ ୮ ॥
ଆଗୋ! ଗୋ ଗୋଦାବରୀ ତୁ ପାପହାରୀ ।
ନେବାକୁ ସୀତା ଆସିଛନ୍ତି କି ବାରି ଗୋ ॥
ଆହେ ହେ ୯ ହଂସମାନେ ହଂସ ଗମନା ।
ଆହେ କମଳ ମୋ କମଳବଦନା ଯେ ॥

---

୧-କଦମ୍ବମନା ପୋଥିପାଠ । ୨-ଦ୍ରଶନା ପୋଥିପାଠ । ୩-ବସନା ପୁସ୍ତକପାଠ । ୪-ବରଳୁ ପୋଥିପାଠ । ୫-ମଧ୍ୟସାଗରୁ ପୋଥିପାଠ । ୬-କି ମୋ ରମ୍ଭାରୁ ପୋଥିପାଠ । ୭-ମନରେ ପୋଥିପାଠ, ୮-ଏହି ପଦଟି ପ୍ରକାଶିତ ପୁସ୍ତକରେ ନାହିଁ, ୯- ଆଗୋ ଗୋ ପୋଥିପାଠ ।

ବନେ ସମସ୍ତ ସ୍ଥାନେ [୧] ଲୋଡ଼ି ନ ପାଇ ।
ଲକ୍ଷ୍ମଣଙ୍କୁ କହନ୍ତି ବିକଳ ହୋଇ ଯେ [୨] ॥

ସୀତାର କିଛି ନ ଦେଖିଲ ଶକୁନ ।
ବୋଲଇ ବଶି କ୍ରୋଧ ହୋଇଲ୍ ମୂର୍ଚ୍ଛା [୩] ଯେ ॥

❊

## ରାଗ—**କାଳୀ**

କୋଦଣ୍ଡଧର କାନ୍ତା ହରାଇ ପୁଚ୍ଛନ୍ତି ବନଗିରି ।
କେହି ତାହାଙ୍କୁ ନ କହିବାରୁ କ୍ରୋଧ ମନରେ ଧରି ॥

କୋଦଣ୍ଡେ କାଣ୍ଡ ବସାଇ ରାମ ବନଗିରିଙ୍କି ଚାହିଁ [୪] ।
ଏକାବେଳକେ କାଟିବି ଶିର କେହି କହିଲ ନାହିଁ ॥

ମେରୁକୁ ଆଜ ଚୂର୍ଣ୍ଣ କରିବି ଓଲଟାଇବି ମହୀ ।
ଚନ୍ଦ୍ର ତପନ କାଟି ପକାଇ ସିନ୍ଧୁ ଦେବି ଶୁଖାଇ ॥

ସକଳ ଗିରି କରିବି ଧୂଳି ଦେବି ବାସବେ ଦଣ୍ଡ ।
ସକଳ ସୁର ନର ଅସୁର କରିବି ଖଣ୍ଡ ଖଣ୍ଡ ॥

ଦାନ ଦସ୍ୟୁଙ୍କୁ ପାପେ ଭସ୍ମାଙ୍କୁ ହେଲାକୁ ଏତେ ଦଶା ।
ଆଜ ମୁଁ କାଣ୍ଡ ମୁନେ କାଟିବି ସମସ୍ତ ଏ ଦଶା [୫] ॥

ଲକ୍ଷ୍ମଣ ବୋଲେ ଶୁଣ ଶ୍ରୀଦେବ ଦେବ ନକର କୋପ ।
ଖୋଜିବି ସବୁ ଅରଣ୍ୟ କେହି କରି ବା [୬] ଥିବ ଗୋପ୍ୟ ॥

ଆମ୍ଭଙ୍କୁ ଚାହିଁ ଯାଆନ୍ତି ଧାଇଁ କପାଇଁ [୭] ମୃଗକୁଳ ।
ତାହାଙ୍କ ପଛେ ଆମ୍ଭେ ଗଲେ ବା କାର୍ଯ୍ୟ ହେବ ସଫଳ ॥

ଶୁଣି ରାଘବ କୋପ ସମ୍ଭାଳି ତାହାଙ୍କ ପଛେ ଗଲେ ।
ମୃଗ ଶାବକ ନିର୍ଭୟ [୮] ହୋଇ ପଥ କଢ଼ାଇ ନେଲେ ॥

---

୧-ବନେବୁଲି ସମସ୍ତ ପୋଥିପାଠ, ୨-ଲକ୍ଷ୍ମଣ କହୁଛନ୍ତି ବିକଳ ହୋଇ ପୋଥିପାଠ ।
୩- କ୍ରୋଧେ ହେଲେ ସମ୍ପୂର୍ଣ୍ଣ ପୁସ୍ତକପାଠ । ୪-ଗିରିମାନଙ୍କୁ ପୁସ୍ତକପାଠ ।
୫- ଦିଗ୍ଦଶା-ଦେବତା । ୬- କରିଣ ପୋଥିପାଠ । ୭- କମ୍ପେ ପୋଥିପାଠ
୮- ନିଡର ପୋଥିପାଠ ।

ଦେଖିଲେ ସୀତା ଗଳାରୁ ଖସି ପଡ଼ିଛୁ ପୁଷ୍ପମାଳା ।
ବୋଲନ୍ତ ଦେଖ ଲକ୍ଷ୍ମଣ ମାଳା ଥିଲା ସୀତାଙ୍କ ଗଳା ॥

ପୁଣିହିଁ ଖଣ୍ଡେ ଦୂରେ ଦେଖିଲେ ସୁବର୍ଣ୍ଣ ମାଳା ଛୁଡ଼ି
ବଞ୍ଚିଲା ପ୍ରାୟେ କ ଶୋଭା ପାଏ ଭୂମିରେ ଅଛୁ ପଡ଼ି ॥

ଦେଖିଲେ ଖଣ୍ଡେ ଦୂର ଅନ୍ତରେ ରଥ ହୋଇଛୁ ଭଙ୍ଗ ।
ସାରଥି ସହିତରେ ବିନାଶ ହୋଇଅଛୁ ତୁରଙ୍ଗ ୧ ॥

ଦେଖିଲେ ପୁଣି ଧନୁ ଗୋଟାଏ ହୋଇଛୁ ବେନି ଖଣ୍ଡ ।
ବୋଲନ୍ତ ଏତ ଇତର ନୁହେଁ ଦିଶେ ଶକ୍ତ କୋଦଣ୍ଡ ॥

ଆହେ ସାନୁଜ ସୀତାଙ୍କୁ ନେଲା କେଉଁ ଦେବ ଦାନବ ।
ଦେଖ ଏମାନ କିମ୍ପା ପଡ଼ିଛୁ ଲାଗିଲା ଅସମ୍ଭବ ॥

ସୈନ୍ୟ ନଥାଇ ଏକା ରଥରେ ୨ କେଅବା ଆଣିଥିଲା ।
ରୁଧିର ବୃଷ୍ଟି ହୋଇଛୁ ତାହା ସଙ୍ଗେ କେ ରଣ୩ କଲା ।

ଦେଖିଲେ ଦୂରେ ଗିରି ଧମାନେ ପଡ଼ିଛୁ ଗୃଧ୍ର ୪ ପକ୍ଷୀ ।
ବାରତା କହିବାକୁ ରାମଙ୍କୁ ଜୀବନ ଅଛୁ ରଖି ॥

ବୋଲନ୍ତ ରାମ ଶୁଣ ଲକ୍ଷ୍ମଣ ଏ ଆମ୍ଭ ପିତା ମିତ୍ର ।
ସୀତାଙ୍କୁ ଖାଇ ଆନନ୍ଦ ହୋଇ ସୁଖାଉ ଅଛୁ ଗାତ୍ର ॥

କ୍ରୋଧ କରଣ ବିନ୍ଧନ୍ତ ୫ ବାଣ କହଇ ସେ ଜଟାୟୁ ।
ବିଶ୍ରବାସୁତ ସୀତାଙ୍କୁ ନେଲା ସମର କଲି ବହୁ ॥

ରଥ ସାରଥି ଭାଙ୍ଗି ତାହାର ଧନୁ ଭଗ୍ନ ମୁଁ କଲି ।
ବିରଥ ୬ କରି ସେହ୍ନା ବଦାର ସୀତାଙ୍କୁ ରଖିଥିଲି ॥

ଖଡ଼ଗ ଘେନି ମୋ ଡେଣା ବେନି କାଟିଲା ବେନି ପାଦ ।
ଏତକ କହି ପ୍ରାଣ ଛାଡ଼ିଲା ଦେଖି ରାମ ବିଷାଦ ॥

କାଠ କୁଢ଼ାଇ ଅଗ୍ନି ଲଗାଇ ଦହନ ତାକୁ କଲେ ।
ତାର କୁଟୁମ୍ବେ ଭୋଜନ ଦେଇ ପିଣ୍ଡ ଉଦକ କଲେ ॥

---

୧- ତୁରଙ୍ଗ-ଘୋଡ଼ା, ୨-ରଥ କେ ପୋଥିପାଠ, ୩-ଯୁଦ୍ଧ ପୋଥିପାଠ ।
୪-ଗ୍ରିଧ ପକ୍ଷୀ ପୋଥିପାଠ, ୫-ବିନ୍ଧନ୍ତେ ପୋଥିପାଠ, ୬-ବିରଥୀ ପୁସ୍ତକ ପାଠ,

ପଥ[୧] ନ ପାଇ ଯୋଜନେ ତହିଁ ଉତ୍ତର ଦିଗେ ଗଲେ ।
ମହାବନଟରେ ଗିରି ଗୁହାରେ ପ୍ରବେଶ ଯାଇ ହେଲେ ॥

ବୋଲନ୍ତି ରାମ ଶୁଣ ଲକ୍ଷ୍ମଣ ଏ ବନ ଭୟଙ୍କର
ବୋଲଇ ବଶି ଦିବସେ ଯହିଁ ଦିଶଇ ଅନ୍ଧକାର ॥

## ରାଗ—**କୌଶିକ**

ଗିରି ଭୟଙ୍କର [୨] ତୁଷାର ନିକର ଦେଖି ବୋଲନ୍ତି ଶ୍ରୀରାମ ହେ ।
ଶିଶିର ଋତୁ କି ମସ୍ତକ ମଣ୍ଡିଲା ଦେଇ ଉରେ ମୋତି ଦାମ ହେ ।
ଆହେ ଲକ୍ଷ୍ମଣ । ବିରହୀ ଦହୁଛି କାମ ହେ ।
ଜନକ ନନ୍ଦିନୀ ବାମା ବିନୁ ମୋତେ କୋଟି ଯୁଗ ହୁଏ ଯାମ [୩] ହେ ॥

କମ୍ପୁ ଅଛି ସର୍ବ ଜୀବଙ୍କ ହୃଦୟ ସଲିଳେ ହୋଇଲା ଭୟ ହେ ।
କେବଳ ମାତ୍ର ଜୀବନ ରଖିବାକୁ ସାହା ହୁଏ ଧନଞ୍ଜୟ [୪] ହେ ।
ଆହେ ଲକ୍ଷ୍ମଣ । ଉତ୍ତର ଅନିଳ ବହେ ହେ ।
ତରୁ ନିବିଡ଼ ଚୁଇରେ ନ ଦିଶନ୍ତି ତପନ ଶଶୀ ଉଦୟେ ହେ ॥

ତପନ ତୁଳୀ ତରୁଣୀ ତୈଳ ତପ୍ତଜଳ ତାମ୍ବୁଲ ଆସନ ହେ ।
ତପୋବନ୍ତ [୫] ଜନ ଏ ଋତୁରେ ଭୋଗ କରଇ ଦିବ୍ୟ ଅଶନ ହେ ।
ଆହେ ଲକ୍ଷ୍ମଣ । ଚିର ଭୂଷଣ ଚନ୍ଦନ ହେ ।
ଜାନକୀ ସଙ୍ଗରେ ଥିବା କାଳେ ମୁହିଁ ଜାଣଇଁ ନାହିଁ ଏମାନ ହେ ॥

ଏତେ ବୋଲି ବୁଲି ବୁଲି ଗିରି ଗୁହା ନିକଟେ ପ୍ରବେଶ ହେଲେ ହେ ।
ମହା ଭୟଙ୍କର [୬] ଦିଶୁଛି ତହିଁରେ ଏକ ଅପୂର୍ବ ଦେଖିଲେ ହେ ।
ଆହେ ଲକ୍ଷ୍ମଣ । ବୋଲନ୍ତି ଖେଦେବ ଦେଖ ହେ ।
ବୋଲଇ ବଶି ବିପତ୍ତିରେ ବିପତ୍ତି ଦଇବ ହେଲେ ବିମୁଖ ହେ ॥

---

୧-ପଥିକ ପାଇ ପୁସ୍ତକପାଠ, ୨-ଭୟାଙ୍କାର ପୋଥିପାଠ, ୩-ଜାଣ ପୋଥିପାଠ ।
୪-ଧନଞ୍ଜୟ=ଅଗ୍ନି, ୫-ତପୋବନ୍ତ ଜନ ଯେ ଋତୁରେ ଯଜ୍ଞ କରଇ ଦିବ୍ୟ ସଦନ ହେ ପୋଥିପାଠ, ୬-ମହା ଭୟାଙ୍କାର ପୋଥିପାଠ ।

## ରାଗ– ଭୈରବ ଏକତାଳୀ

ଦୂରୁ ହୁଁ ଦେଖି ଅସୁରୀ ଶ୍ରୀରାମ ଲକ୍ଷ୍ମଣ ।
ଗୁହାରୁ ବାହାର ହୋଇଲା କ ସେହିକ୍ଷଣ ହେ ॥

କାହୁଁ ଆଇଲ କାହିଁକି ଯିବ ମୋତେ କହ ।
ଦେଖିଣ କାମ କାଣ୍ଡରେ କାତର ମୋ ଦେହ ହେ ॥

କେଳୀ କରିବ ବୋଲିଣ ଲକ୍ଷ୍ମଣଙ୍କୁ ଧରି ।
ତାହାକୁ ହିଁ ସୂର୍ପଣଖା ୧ ପ୍ରାୟ ଷାର କରି ହେ ॥

ରୋଦନ କରି ପଳାଇ ଗଲାକ ଅସୁରୀ ।
ଶ୍ରୀରାମ ଲକ୍ଷ୍ମଣ ଗଲେ ୨ ପଥ ଅନୁସରି ହେ ॥

ପୁଣି ପଶ୍ଚିମେ ଗମନ୍ତେ ସେ ଗହନ ବନ ୩ ।
ଲକ୍ଷ୍ମଣ ଜଣାନ୍ତି ଏହୁ ୪ ଅମଙ୍ଗଳ ମାନ ହେ ॥

ବାମବାହୁ ବାମନେତ୍ର ୫ ସ୍ଫୁରୁଛି ମୋହର ।
ରାମ ବୋଲନ୍ତି ଆମ୍ଭର ତୁମ୍ଭର ବିକାର ହେ ॥

ଏତେ ବୋଲି ବେନି ଭାଇ ଚାଲନ୍ତି ସତ୍ୱରେ ।
ପଶିଲେ ଯୋଜନବାହୁ ବାହୁର ୬ ଭିତରେ ଯେ ॥

ବେନି କରେ ଯାଉଁଠି ସେ ମୁଖ ପାଶେ ନେଲା ।
ଲକ୍ଷ୍ମଣ ବୋଲନ୍ତି ଦେବ ନିଶ୍ଚୟ ଖାଇଲା ହେ ॥

ଦେଖି ରାମ ଲକ୍ଷ୍ମଣ ଧରି ଖଡ଼ଗ ପାଣି ୭ ।
ବେନି ଭାଇ ବେନି ବାହୁ ପକାଇଲେ ହାଣି ହେ ॥

ପଚାରଇ ଜ୍ଞାନ ପାଇ କବନ୍ଧ ରାକ୍ଷସ ।
ରାମ ଲକ୍ଷ୍ମଣ କି ତୁମ୍ଭେ ଦଶରଥ ଶିଷ ହେ ॥

ପୂର୍ବେ ଋଷିଙ୍କ ଶାପରୁ ହୋଇଲି ରାକ୍ଷସ ।
ବଜ୍ରଧର ବଜ୍ର ମାରି କଲେ ଏ ଭବିଷ୍ୟ ହେ ॥

---

୧-ସୂପଲେଖା ପୋଥିପାଠ, ୨-ଗମେ ପୋଥିପାଠ, ୩-ବନରେ ପୋଥିପାଠ,
୪-ହୁଏ ପୁସ୍ତକ ପାଠ, ୫-ଚକ୍ଷୁ ପୋଥିପାଠ, ଅର୍ଥାତ୍ 'ବାମ ଚକ୍ଷୁ ବାମ ନେତ୍ର' ।
୬-ବନ ପୁସ୍ତକ ପାଠ, ୭-ଖଡ଼ଗ ଧଇଲେ······ହାଣି ପକାଇଲେ ପୋଥିପାଠ ।

ଉଦରେ ବଦନ ମୋର ହୃଦରେ ନୟନ ।
ବାହୁ ବଳେ ନାନା ଜୀବ କରଇ କରଇ ଅଶନ ହେ ॥

ଲକ୍ଷ୍ମଣ କହିଲେ ତାଙ୍କୁ ସକଳ ବୃତ୍ତାନ୍ତ ।
ଶୁଣି ବୋଲେ ମୋତେ ଦାହକର ସୀତାକାନ୍ତ ହେ ॥

ଦିବ୍ୟ ରୂପ ହୋଇ ମୁହିଁ କହି ଦେବ ସବୁ ।
ପୁଣି ରାମ ଲକ୍ଷ୍ମଣଙ୍କୁ ବୋଲେ ୧ ଦାହ ବାବୁ ରେ ॥

କାଠ କୁଢ଼ାଇ ଲକ୍ଷ୍ମଣ ଅନଳ ଜାଳିଲେ ।
ଦିବ୍ୟ ପୁରୁଷେ ବାହାର ହୋଇଲା ଦେଖିଲେ ଯେ ॥

ତାର ପାଇଁ ରଘୁବର ଆକାଶୁ ଅଇଲା ।
ବୋଲେ ୨ ଋଷି ରାମଙ୍କୁ କହିବାକୁ ରହିଲା ସେ ॥

ରାଗ- **ମୁଖାରି**

ହୋଇ କବନ୍ଧ ଦିବ୍ୟ ଶରୀର । ଜଣାଇଲା ଯୋଡ଼ି ବେନି କର ॥
ଦେବ ବିଶ୍ରବା ଋଷି କୁମର । କାମିନୀଙ୍କ ନେଲାକ ୩ ତୁମ୍ଭର ॥
ଏହି କୁସୁମ ବନମଧ୍ୟେ ଯିବ । ଶବରୁଣୀ ସଙ୍ଗେ ୪ ଭେଟ ହୋଇବ ॥
ପମ୍ପା ସରୋବର ୫ ହିଁ ଦେଖିବ । ଦେଖି ସର୍ବ ତାପ ଉପେକ୍ଷିବ ॥
ଋଷ୍ୟମୂକେ ସୁଗ୍ରୀବର ଥିବ । ତାଙ୍କ ସଙ୍ଗେ ମଇତ୍ର ହୋଇବ ॥
ସେହି ଜାଣଇ ସକଳ ବିଧି । ନ ବିଚାରିବ ୬ ବାନର ବୁଦ୍ଧି ॥
ଏତେ କହି ବିମାନେ ବସିଲା । ନିଜ ପୁରେ ପ୍ରବେଶ ହୋଇଲା ॥
ରାମ ତାହାର ବଚନ କଲେ । ତାର କହିବା ମାର୍ଗରେ ଗଲେ ॥
ଶବରୀ ବନକାରେ ହୋଇଲେ । ତାର ଆଶ୍ରମ ବୁଲି ଦେଖିଲେ ॥
ଦ୍ୱାରେ ତାର ପ୍ରବେଶ ହୋଇଲେ । ରାମ ଶବରୀକୁ କୃତାର୍ଥ କଲେ ॥
ଦେଖି ଶବରୀ ଶ୍ରୀରାମଙ୍କ ପାଦ । ଭକତିରେ ହୋଇଲା ଗଦଗଦ ॥

---

୧-କହିଲେ ପୋଥିପାଠ । ୨-ବୋଲଇ ପୋଥିପାଠ ।
୩-ନେଲା ଯେ ପୁସ୍ତକ ପାଠ । ୪-ବାଟରେ ପୋଥି ପାଠ ।
୫-ପମ୍ପାସରକୁ ପୋଥି ପାଠ । ୬-କରିବଟି ପୋଥିପାଠ ।

ପ୍ରଦକ୍ଷିଣ କରି ସ୍ତବ କଲା । ଦଣ୍ଡବତ ହୋଇଣ ଶୋଇଲା ॥
ଯେତେ ଫଲମୂଲ ଥୋଇଥିଲା । ରାମ ଆଗେ ଥୋଇ ପୂଜା କଲା ॥
ଦେଖି ରାମ ହୋଇଲେ ସନ୍ତୋଷ । ଶବରୀକି ଡାକି କହେ ୧ ପାଶ ॥
ରାମ ବୋଲନ୍ତି ଧନ୍ୟ ତ ପୁଣ୍ୟ । ସବୁ ଗୁମ୍ଫାମାନ ୨ କପାଁ ଶୂନ୍ୟ୩ ॥
ଏହୁ ୪ କେବଣ ଋଷିଙ୍କ ସ୍ଥାନ । ତୁମ୍ଭେ ଏକା ରହିଛ ନିର୍ଜନ ॥
ଦେବ ମାତଙ୍ଗ ଋଷିଙ୍କ ବନ । ସ୍ୱର୍ଗେ ଗଲେ ସର୍ବ ତପୋଧନ ॥
ତୁମ୍ଭ ଦର୍ଶନକୁ କରି ମନ । ଧରିଅଛୁ ଏ ମୋର ଜୀବନ ॥
ଏତେ ବୋଲି ଅଗ୍ନିରେ୭ ପଶିଲା । ଯାନ ଚଢ଼ି ସ୍ୱର୍ଗପୁର ଗଲା ୮ ॥
ପମ୍ପାସର ୯ ଦେଖି ରାମ ତୋଷ । ବୋଲେ ବିଶି ଆରଣ୍ୟକ୧୦ ଶେଷ୧୧ ॥

●

---

୧-ଆଗେ ପୋଥି ପାଠ । ୨-ବିମ୍ଫାମାନ ପୋଥି ପାଠ ।
୩-ସୁବର୍ଣ୍ଣ ପୋଥି ପାଠ । ୪-ଏହି ପୁସ୍ତକ ପାଠ ।
୫-ଦେବମାତାଙ୍କ ଋଷିବନ ପୁସ୍ତକ ପାଠ । ୬-ଦ୍ରୁଶନ ପୋଥି ପାଠ ।
୭-ଅନଲେ ପୋଥି ପାଠ । ୮-ସୁଖେ ପୋଥିପାଠ ।
୯-ବିମ୍ପାସର ପୋଥିପାଠ । ୧୦-ଅରଣ୍ୟେକ ପୋଥି ପାଠ।
୧୧-ଆରଣ୍ୟକ କାଣ୍ଡ ଚଉବିଂଶ ଚଉପଦୀରେ ସମ୍ପୂର୍ଣ୍ଣ । ଲେଖନକାର ବିଶି ରାମଲୀଳା ଗୀତଗୁଡ଼ିକୁ ଚଉପଦୀ ବୋଲି କହିଛନ୍ତି । ସଂସ୍କୃତର ଚତୁଷ୍ପଦୀ ଓ ହିନ୍ଦୀ ଚୌପାଈ ପରି ଓଡ଼ିଆ ଚଉପଦୀର କୌଣସି ସାମଞ୍ଜସ୍ୟ ନାହିଁ । ସାଧାରଣତଃ ଗାନ କରାଯାଉଥିବା ଗୀତଗୁଡ଼ିକ ଚଉପଦୀ ନାମରେ ନାମିତ । ଓଡ଼ିଆ ଚଉପଦୀର ପଦ ସଂଖ୍ୟାରେ ସମାନତା ଥିବାର ଦେଖାଯାଏ ନାହିଁ ।

# କିଷ୍କିନ୍ଧା କାଣ୍ଡ

## ରାଗ— **ମଙ୍ଗଳ ଗୁଜ୍ଜରୀ**

ପ୍ରବେଶ ରାମ ଲକ୍ଷ୍ମଣ ପମ୍ପାସର ତୀର ୧ ।
ଦେଖନ୍ତି ନିର୍ମଳ ଜଳ ଦିଶେ ମନୋହର ୨ ॥

କମଳ ୩ କୁମୁଦ କୋକନଦ ନୀଳୋତ୍ପଳ ୪ ।
ମଧୁପାନେ ମତ୍ତ ହୋଇ ଚୁମ୍ବନ୍ତି ଭ୍ରମଳ ୫ ॥

ଚଉପାଶେ ବେଢିଛନ୍ତି ପୁଷ୍ପ-ତରୁଚୟ ୬ ।
ବିରହୀଜନଙ୍କୁ ସେ କରାଉଛନ୍ତି ଭୟ ୭ ॥

ଦେଖ ଦେଖ ଲକ୍ଷଣ ଏ ସରୋବର ଶୋଭା ।
ଏହା ଦେଖି କେବଣ ଦେବ ନୋହିବ ଲୋଭା ୮ ॥

ବିବିଧ ହଂସ ମାନଙ୍କେ ଦିଶଇ ସୁନ୍ଦର ।
ଡାହୁକ ଟିଟ୍ଟିରି କାକ ବକେ ଶୋଭାକର ॥

ବିକାଶନ୍ତି ୯ ନବନବ ଚୂତାଙ୍କୁର ମାନେ ।
ପ୍ରକଟି ବାସନ୍ତ ବାସ ସର୍ବ ସନ୍ନିଧାନେ ୧୦ ॥

କାମତୂଣୀ ଶରପ୍ରାୟେ ୧୧ ଦିଶନ୍ତି ଅଶୋକ ।
ସୀତାଙ୍କ ବିରହ କରାଉଛି ୧୨ ବହୁ ଶୋକ ॥

ପାଟଳୀ ପଟଳ କାମାନଳ ପ୍ରାୟେ ଦିଶେ ।
କେତକୀ କଳିକା ମନସିଜ କୁନ୍ତଳ ସେ ॥

---

୧- ସରୋବରରେ ପୋଥିପାଠ । ୨- ମନୋହରେ ପୋଥିପାଠ । ୩- କନକ ପୋଥିପାଠ । ୪- ଉପବନ ପୋଥିପାଠ । ୫- ଭ୍ରମରଗଣ ପୋଥିପାଠ । ୬- ପୁଣ୍ୟତରୁମୟେ ପୋଥିପାଠ । ୭- ଭୟେ ପୋଥିପାଠ । ୮- କେଉଁଦେବ ନୋହିବଟି ଲୋଭା ପୋଥିପାଠ । ୯- ବିକଶନ୍ତି ପୋଥିପାଠ । ୧୦- ବାସବସନ ବିଧାନେ ପୋଥିପାଠ । ୧୧- କାମକୋଣ ପ୍ରାୟେଶୋଭା ପୋଥିପାଠ । ୧୨- କରାଉଛନ୍ତି ପୋଥିପାଠ ।

ମଲ୍ଲିକା ସଉରଭରେ ମଧୁପ ନକର ।
ଧ୍ୱନକର ଖୋଜୁଛନ୍ତି ସର୍ବ ଦିଗନ୍ତରେ ୧ ॥

ନବଗନ୍ଧ ସୁଶୀତଳ ପ୍ରସରେ ମରୁତ ।
କୋକିଳେ ଧ୍ୱନି କରନ୍ତି ହୋଇ ମହାମତ୍ତ ॥

ଲକ୍ଷ୍ମଣ ବୋଲନ୍ତି ଦେବ ଏ ଶିଶିର ଅନ୍ତ ।
ପ୍ରବେଶ ହୋଇଛି ଋତୁ ରାଜନ ବସନ୍ତ ॥

ଦେଖନ୍ତି ସେ ପମ୍ପା ୨ ସରୋବରକୁ ବୁଲିଣ ।
ସୀତାଙ୍କ ବିରହେ ୩ ପୁଣ କରନ୍ତି କାରୁଣ୍ୟ ॥

ଲକ୍ଷ୍ମଣ ରାମଚନ୍ଦ୍ରଙ୍କୁ କରନ୍ତି ପ୍ରବୋଧ ।
ବୋଲେ ବସି ଶୁଣି ରାମ ଛାଡ଼ିଲେ ବିଷାଦ ୪ ॥

●

ରାଗ—**ବିଚିତ୍ରଦେଶାକ୍ଷ** ୫

ବସନ୍ତ ଅନ୍ତେ ତପତ ଋତୁ ପରବେଶ ।
ତପତ ଅନିଳ ପ୍ରକାଶିଲା ଦଶ ଦିଶ ॥

ତପନ ତାପରେ ବନ ୬ ହୋଇଲା ଦହନ ।
ଶୁଭୁଅଛି ନିରନ୍ତରେ ଝିଙ୍କି-ପକ୍ଷି ସ୍ୱନ ॥

ଶୁଷ୍କ ହେଲେ ସକଳ ସଲିଳ ୭ ସରୋବର ।
ସଲିଳାର୍ଥ ନପାଇ ଜୀବେ ହୋଇଲେ ବିକଳ ॥

ପ୍ରକଟିତ ପାଟଳୀ-ପାଦପରେ କୁସୁମ ।
ବିରହିଜନ ଦହନ କରୁଛି କି ୯ କାମ ॥

---

୧- ଦିଗହେରୁ ପୋଥିପାଠ ।
୨- ବିମ୍ପାସର ପୋଥିପାଠ । ୩- ବିଚ୍ଛେଦେ ପୋଥିପାଠ । ୪- ଦୁଇଗୁଟି ଶୋଧ ପୁସ୍ତକପାଠ । ୫- ବିଚିତ୍ର ଚଉଦଶ, ନରସିଂହ ଦେବଙ୍କ ଛଡ଼ାରୁ ଦଶେ ପୋଥିପାଠ । ୬- ବନ ପୋଥିରେ ନାହିଁ । ୭- ନଦୀଜଳ ପୋଥିପାଠ ।
। -କାଳର ପୋଥି ପାଠ । ୯-କରୁଅଛି ପୋଥିପାଠ ।

ମହ୍ଲାରେଣ[୧] ଉପଧରେ ତାତୁଅଛୁ ପାଦ ।
ଲକ୍ଷଣଙ୍କୁ କହି ରାମ ଲଭନ୍ତି ବିଷାଦ ।।

ତରୁତଚ୍ଛ[୨] ପଞ୍ଚ ଝଁର ପଡ଼ିଲେ ଧରଣୀ ।
ମୃଗତୃଷ୍ଣା ତୃଷ୍ଣା[୩] କରି ଧାବନ୍ତି ହରିଣୀ ।।

ରାଘବ ବୋଲନ୍ତି ଦେଖ ଦେଖ ସଉମିତ୍ରି ।
ଏ ଋତୁରେ କେମନ୍ତେ ବଞ୍ଚିବ[୪] ମୃଗନେତ୍ରୀ ।।

ବଜ୍ରାଘାତ ପ୍ରାୟେ ଅଗ୍ନି ଜାତ ହେଉଥିବ[୫] ।
ଶିରୀଷାଙ୍ଗୀ ସୁକୁମାରୀ କେମନ୍ତେ ସହିବ ।।

ତାର[୬] ବିନୁ ଶୀତଭାନୁ ହୁଏ ଚଣ୍ଡଭାନୁ[୭] ।
ଭାନୁ କିରଣେ କେମନ୍ତେ ରହିବଟି ତନୁ ।।

ଏମନ୍ତ ବୋଲିଣ ରାମ ବହୁ ବିଳପିଲେ ।
ବୋଲେ ବଶି ଲକ୍ଷ୍ମଣ ପ୍ରବୋଧ କରୁଥିଲେ ।।

●

## ରାଗ—କୌଶିକ[୮]

ଜଳ ଭିତରେ ଶ୍ରୀରାମ ପଶନ୍ତେଣ ଚକ୍ରବାକ କଲା ତମ ହେ ।
ମୁଁ ଯୁବତୀ ସଙ୍ଗେ ବିହରଇ ରଙ୍ଗେ ପମ୍ପାସରର ଆରାମ ହେ ।
ଆହେ ଶ୍ରୀରାମ, କମ୍ପା ଭଗ୍ନକର କାମ ହେ ।।

ତୁମ୍ଭ ଭାରଯାକୁ ରାବଣ ନେଇଛି ପାରିଲେ କର ସଂଗ୍ରାମ ହେ ।
କେ ଜାଣେ ସୀତା କାହାର ବନିତା କି କାରଣେ ହୁଏ ଭ୍ରମ ହେ ।।

---

୧-ମହ୍ଲାର ଉତ୍ତପରେ ପୁସ୍ତକ ପାଠ । ୨-ତରୁଲୁଚ୍ଛେ ପୋଥି ପାଠ ।
୩-ତୃଷ୍ଣ ପୋଥିପାଠ । ୪-ଜୀଇବ ପୋଥିପାଠ । ୫-ବାତ ହେବ ପୁସ୍ତକ ପାଠ ।
୬-ମୋର ପୁସ୍ତକ ପାଠ । ୭-ଚଣ୍ଡଭାନୁ=ଅଗ୍ନି । ୮-ଏହି ପଦ୍ୟଟି ପ୍ରାସଙ୍ଗିକ ହୋଇଥିଲେ ହେଁ ପୋଥିପାଠରେ ନାହିଁ । କିନ୍ତୁ ପ୍ରକାଶିତ ପୁସ୍ତକରେ ପଦ୍ୟଟି ରହିଛି । ଚକ୍ରବାକ ଦମ୍ପତିଙ୍କୁ ଶାପ ଦେବା ବୃତ୍ତାନ୍ତ ମୂଳ ରାମାୟଣ ତଥା ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ରଚିତ ପୁସ୍ତକରେ ରହିଛି ।

ଶିରେ ଜଟା ବାନ୍ଧି କଚ୍ଛା ବସ୍ତ୍ର ପିନ୍ଧି କି କେ ଧନୁ ଧରି ବାମ ହେ ।
ମୋର ରତି ଭଙ୍ଗି ତୁମ୍ଭ ମନ ରଙ୍ଗି ଯୁବତୀରେ ତୋ ଉଦ୍ଦାମ ହେ ॥

ଚକ୍ରବାକ ବାଣୀ ଲକ୍ଷ୍ମଣ ଶୁଣିଣ ଶାପ ଦେଲେ କରି ତମ ହେ ।
ପକ୍ଷୀ ପକ୍ଷିଣୀ ଏକ ସଙ୍ଗ ନୋହିବ ନ କରିବୁ ତୁ ରମଣ ରେ ॥

ଲକ୍ଷ୍ମଣଙ୍କ ବାଣୀ ଚକ୍ରବାକୀ ଶୁଣି ପଥିକ କହଇ ଶୁଣ ହେ ।
ଏବେ ଯେ ତୁମ୍ଭର ସମ୍ପଦ ସରିଲା ଶାପ ଦେଲେ କି ଲକ୍ଷ୍ମଣ ହେ ॥

ଶୁଣି ପକ୍ଷୀମଣି ପକ୍ଷିଣୀକି ଘେନି ଶ୍ରୀରାମ ପାଦେ ପଡ଼ିଲା ହେ
ଖେ ଦେବ ନ ଜାଣି ଦୋଷ କଲି ପୁଣି ଅପ୍ରାଧ ଖଣ୍ଡ ବୋଇଲା ହେ ॥

ଶୁଣି ରଘୁମଣି ପକ୍ଷୀଙ୍କର ବାଣୀ ବୋଲନ୍ତି ହେବ କାରଣ ହେ ।
ଲକ୍ଷ୍ମଣ ବଚନ କେବେ ନୁହେ ଆନ ରାତେ ନୋହିବ ରମଣ ହେ ॥

ଦିବସରେ ରଙ୍ଗ କାନ୍ତା କାନ୍ତ ସଙ୍ଗ ହୋଇବ ଏହି ପ୍ରମାଣ ହେ ।
ରଜନୀ କାଳେ ଅଙ୍ଗସଙ୍ଗ ନୋହିବ ହେଲେ ହରାଇବ ପ୍ରାଣ ହେ ॥

ପକ୍ଷୀଙ୍କୁ ବୁଝାଇ ଗଲେ ରଘୁସାଇଁ ପଶିଲେ ଗିରି ଗହନ ହେ ।
ବ୍ୟାଧ ବୁଲୁଥିଲା ପକ୍ଷିଙ୍କୁ ଦେଖିଲା ଅଠାରେ କଲା ବନ୍ଧନ ହେ ॥

ପେଡ଼ିରେ ପୂରାଇ ଘେନିଗଲା ବ୍ୟାଧ ପ୍ରବେଶ ନିଜ ଭୁବନେ ହେ ।
ପକ୍ଷୀ ପକ୍ଷିଣୀ ଆକୁଳ ହୋଇ ମନେ ଚିନ୍ତନ୍ତି ରଘୁନନ୍ଦନ ହେ ॥

ରାମ ରାମ ବାଣୀ ଚକ୍ରବାକ ଶୁଣି ଫାଟିଲା ପେଡ଼ି ବନ୍ଧନ ହେ ।
ବନ୍ଧନୁ ଫିଟି ଦୁଇ ପକ୍ଷୀ ହରଷେ ବିହାର କଲେ କାନନ ହେ ॥

ଶ୍ରୀରାମ ଚରଣ ସଂସାର କାରଣ ସୁର ମୁନି କଲେ ଧ୍ୟାନ ହେ ।
ସେହି ଚରଣକୁ ଆଶ୍ରା କରି ବସି ବଞ୍ଚୁ ଅଛୁ ନଟି ଦାନ ହେ ॥

## ରାଗ- କେଦାର [୧]

ଶ୍ରୀରାମ ଲକ୍ଷ୍ମଣ ପଶିଲେ ଗହନ ବନ ନିକଟେ ଗୋଧନ ।
ସଉମିତ୍ରି କହନ୍ତେ ଶୁଣ ରାମ ରାୟେ କ୍ଷୁଧାରେ ଅଧୀର ଜୀବନ ।
ରଘୁନନ୍ଦନ !
ବାରେ ରକ୍ଷା କର ଆମ୍ଭ ଜୀବନ ॥

ଖାଇ ବିକଳ ଦେଖି ରଘୁନନ୍ଦନ ଆଗରେ ଦେଖି ଗୋଧନ ।
ବେଗେ ବେଗେ ଯାଇଁ ଗୋ ଗୋଷ୍ଠରେ ପାଇ ଗୋପାଳେ ଯାଚନ୍ତି ରତନ ॥

ମଣି ବନ୍ଧା ନିଅ କିଛି ଦୁଧ ଦିଅ ଖାଇ ମୋର କରୁ ପାନ ।
ବୋଲନ୍ତି ଗୋପାଳେ କେଉଁ ଗଛର ଫଳେ ତୁମ୍ଭେ ବୋଲ ମଣି ରତନ ॥

କ୍ଷୁଧାର ବଚନେ ସଉମିତ୍ରି ବୋଲେ ରକତ ଦୁହାନ୍ତୁ ଗୋଧନ ।
ତତକ୍ଷଣେ ଗାଈ ରକତ ଦୁହାଁନ୍ତି ଦୁହାନ୍ତେ ଦୁଗ୍ଧ ରଙ୍ଗବର୍ଣ୍ଣ ॥

ଗାଈଙ୍କର ଦୁଗ୍ଧ ରକତ ଦେଖିଣ ଧଜି ଗଲାକ ତାଙ୍କ ଜ୍ଞାନ ।
ଶ୍ରୀରାମଙ୍କୁ ବେଢ଼ି ପାଦତଳେ ପଡ଼ି ବୋଲନ୍ତି କିଛି ଦିଅ ଦାନ ॥

ତାଙ୍କର ବଚନେ ଶ୍ରୀରାମ ବୋଲନ୍ତି ଦୁହାନ୍ତୁ ଗାଈ କ୍ଷୀରମାନ ।
ତତକ୍ଷଣେ ଗାଈ କ୍ଷୀରମାନ ଦେଇ ହରଷ ବରଜ ରାଜନ ॥

ଦୁଧ ଭାଣ୍ଡ ନେଇ ଶ୍ରୀରାମଙ୍କୁ ଦେଇ ତୋଷ କଲେକ ପିଣ୍ଡମାନ ।
ଶ୍ରୀରାମଚନ୍ଦ୍ରଙ୍କ ଚରଣ ପଙ୍କଜେ ନିଷ୍ଟଳେ ରହୁ ବଶି ମନ ॥

●

## ରାଗ ରାଜବିଜେ ଧନାଶ୍ରୀ

ସରୋବର ତଟୁଁ ବିଜେ ରାମ । ବୋଲନ୍ତି କହ ଏ ଗିରି ନାମ ।
ଲକ୍ଷ୍ମଣ ଜଣାନ୍ତି ଋଷ୍ୟମୂକ ଗିରି ସୁଗ୍ରୀବର ଏ ଆଶ୍ରମ [୨], ହେ ଦେବ ।

---

୧–ଏହି ପଦ୍ୟଟି ମଧ୍ୟ ପୋଥି ପାଠରୁ ମିଳେନାହିଁ । ଗୋପାଳମାନଙ୍କଠାରୁ କ୍ଷୀର ପାନ ପ୍ରସଙ୍ଗ ଅନ୍ୟାନ୍ୟ ରାମାୟଣରେ ରହିଛି । କିନ୍ତୁ ବିଶି ରାମାୟଣ ମୌଳିକ ପୋଥିରେ ଏହି ପ୍ରସଙ୍ଗଟି ନ ଥିଲେ ମଧ୍ୟ ପ୍ରକାଶିତ ପୁସ୍ତକରେ ଏହା ସ୍ଥାନ ପାଇଛି ।

୨– ବାନର ରାଜ ବାଳିଙ୍କର କନିଷ୍ଠଭ୍ରାତା ହେଉଛନ୍ତି ସୁଗ୍ରୀବ । ସେ ବାଳିର ଅତ୍ୟାଚାର ସହି ନପାରି ଋଷ୍ୟମୂକ ପର୍ବତରେ ଆଶ୍ରମ କରି ହନୁମାନ ଓ ଅନ୍ୟାନ୍ୟ କେତେକ ବିଶ୍ୱସ୍ତ ଅନୁଚରଙ୍କ ସହିତ ରହୁଥିଲେ ॥

ଏହି ଗିରି ତଳେ ଆମ୍ଭେ ଥିବା । ତାର ବୟସ୍ୟ ମାନ ବୁଝିବା ।
ବିଶ୍ୱାସ ଆମ୍ଭଙ୍କୁ କଲେ ସିନା ଆମ୍ଭେ ତା ସଙ୍ଗେ ମଇତ୍ର ହେବା, ହେ ଦେବ ।
ଏମ୍ଭା ବିଚାରନ୍ତେ ସୁଗ୍ରୀବର । ଦେଖୁଥିଲା ସେ ଗିରି ଶିଖର ।
ରାମ ଲକ୍ଷ୍ମଣଙ୍କ ରୂପକୁ ଅନାଇ ୧ ଡରନ୍ତ ଯେ ସୁଗ୍ରୀବର, ହେ ଦେବ ।
ଆରୋହିଲା ଆନ ଗିରି ଶିର । ମନ୍ତ୍ରୀମାନେ ମିଳିଲେ କତର ୨ ।
ହନୁ ବୋଲଇ କାହାକୁ ଭୟ କରି ପଳାଇଲ ଏତେ ଦୂର ।
ଶୁଣ ବୋଲନ୍ତି ବାନର ରାଜ । ବାଲି ଦୂତ ନୁହଁଇଟି ବୁଝ ।
ହରି ହର ପ୍ରାୟ ଶୋଭା ପାଉଛନ୍ତି ଧନୁଶର ଧରି ସଜ, ହେ ହନୁ ।
ଶୁଣି ହନୁ ହେଲେ ଭିକ୍ଷୁ ସଜ । ଦେଖି ରାମ ଲକ୍ଷ୍ମଣଙ୍କ ତେଜ ।
ଚରଣ ତଳେ ପଡିଣ ପଚାରଇ ତୁମ୍ଭେ କେଉଁ ଦେବରାଜ, ହେ ଦେବ
ସବୁ ଲକ୍ଷଣ ତାଙ୍କୁ କହିଲେ । ରାମଚନ୍ଦ୍ର ଏହୁଟି ବୋଇଲେ ।
ସୁଗ୍ରୀବର ସଙ୍ଗେ ମଇତ୍ର ହୋଇବେ ତାଙ୍କର ଦୟା ହୋଇଲେ, ହେ ଭିକ୍ଷୁ ।
ସେହୁ ବୋଲନ୍ତି ମୁଁ ବୀର ହନୁ । ମୁହିଁ ଅଟଇ ପବନ ସୂନୁ ୩ ।
ମୋର କନ୍ଧେ ବସ ସୁଗ୍ରୀ ଭେଟାଇବି ବୋଲି ବିସ୍ତାରିଲା ତନୁ, ସେ ହନୁ ।
ହନୁ ଚଳିଲା ନିଜ ଗୋସାଇଁ । ବେନି ଭାଇଙ୍କି କନ୍ଧେ ବସାଇ ।
ହନୁ କହିଲା ୪ ସୁଗ୍ରୀବ ପାଶ । ଅଜ ଭୟ ଗଲା ମୋର ନାଶ ।
ବୋଲେ ବଣି ତୁମ୍ଭ ପାପ ନାଶ ସିବ୫ ଦର୍ଶନ କରିବ ଆସ ।

●

## ରାଗ---ସିନ୍ଧୁଡ଼ା

ଶ୍ରୀରାମ ଲକ୍ଷ୍ମଣ ଋଷ୍ୟମୂକେ ରଖି ହନୁ ସୁଗ୍ରୀ ପାଶେ ଗଲେ ।
ରାମଙ୍କ ଉଦନ୍ତ ସକଳ ସୁଗ୍ରୀବେ ବୁଝାଇ କରି କହିଲେ ।

ସେ ଦଶରଥ ନନ୍ଦନ । ବୁଲୁ ଅଛନ୍ତି ସକଳ ବନ ।
ତୁମ୍ଭ ମିତ୍ର ହୋଇବାକୁ ମନ । ଭୟ ନ କର କପିରାଜନ ହେ ॥

---

୧– ଅନାଇଣ ପୋଥିପାଠ, ୨– ଏ ପାଦଟି ପୋଥିରେ ନାହିଁ, ୩– ମୁହିଁ ଅଟଇ ପବନ ସୁନୁ, ମୋହର ନାମ ହନୁ ପୋଥିପାଠ । ୪– ଯାଇ ପୁସ୍ତକପାଠ, ୫– ତାଙ୍କୁ ଅଧିକପାଠ ପୋଥିରେ ଅଛି ॥

ଆସ ଆସ ତାଙ୍କ ସଙ୍ଗତରେ ଋଷ୍ୟମୂକେ ଯାଇ କର ୧ ଭେଟ ।
ଶୁଣି ସୁଗ୍ରୀବ ନଳ ନୀଳ ସୁଷେଣ ଅଇଲେ ହୋଇଣ ହୃଷ୍ଟ ।

ଦେଖି ରାମ ଉଠିଲେ । ସୁଗ୍ରୀ ଆସି ଆଲିଙ୍ଗନ କଲେ ।
ମନ୍ତ୍ରୀମାନେ ଚରଣେ ପଡ଼ିଲେ । ସେହିକ୍ଷଣି ଅଗ୍ନି ଲଗାଇଲେ ॥

ଅଗ୍ନି ସାକ୍ଷୀ କରି ମଇତ୍ର ହୋଇଲେ ଶ୍ରୀରାମ କପିରାଜନ ।
ପୁଣ ପୁଣ କରି ଅଗ୍ନି ପ୍ରଦକ୍ଷିଣେ କହନ୍ତି ସତ୍ୟ ବଚନ ।

ଆହେ କପି ଈଶ୍ୱର ! ଆଜୁ ଆମ୍ଭର ଦୁଃଖ ତୁମ୍ଭର ।
ତୁମ୍ଭ ଦୁଃଖ ସହିକେ ଆମ୍ଭର । ସୁଗ୍ରୀ ବୋଲେ କରୁଣା ତୁମ୍ଭର ॥

ଏମନ୍ତ କହିଣ ଡାଳ ଭାଙ୍ଗି ଦେଇ ରାମ ଲକ୍ଷ୍ମଣେ ବସାଇ ।
ସୁଗ୍ରୀବ ବସିଲେ ଅଉମାନେ ଉଭା ହୋଇଲେ ମଣ୍ଡଳୀ ହୋଇ ।

ତେଣୁ କହେ ଲକ୍ଷ୍ମଣ ୨ । ବନବାସ ଯେବଣ କାରଣ ।
ଖର ଦୂଷଣଙ୍କର ମରଣ । ଏବେ ସୀତାଙ୍କୁ ନେଲା ରାବଣ ॥

ହଇ ୩ ଦେବ ଆମ୍ଭେ ଦେଖିଲୁ ଦେଖିଲୁ ସୁଗ୍ରୀ ରାମଙ୍କୁ କହିଲେ ।
ରାବଣ ନେବା କାଳେ ଦେଖି ଆମ୍ଭଙ୍କୁ ଭୂଷଣ ପକାଇ ଦେଲେ ।

ରାମ ବୋଲନ୍ତି ଆଣ । ବଳମ୍ବରେ କେବଣ କାରଣ ।
ଗୁହାରୁ ଆଣିଦେଲେ ସୁଷେଣ । ରାମଙ୍କୁ ବୋଇଲେ ଏହା ଘେନ ୪ ॥

ଦେଖି ଶ୍ରୀରାମ ଲକ୍ଷ୍ମଣଙ୍କୁ ବୋଲନ୍ତି ସୀତାର ଠିକ ଭୂଷଣ ୫ ।
ଲକ୍ଷ୍ମଣ ବୋଇଲେ ନୂପୁର ଚହ୍ନଇ ନ ଚହ୍ନଇ ମୁଁ ଏମାନ ୬ ।

ରାମ ଅଶ୍ରୁଲୋଚନ । ସୁଗ୍ରୀ ସହିତେ କଲେ ରୋଦନ ।
ପୁଣି ଧଇଲେ ଧଇର୍ଯ୍ୟମାନ । ଦେଖି ରଖାଇଲେ ଆସୁମାନ ୭ ।

---

୧- ମଇତ୍ର ହୋଇବ ପୋଥିପାଠ । ୨- ସବୁ କହିଲେ ଲକ୍ଷ୍ମଣ ପୋଥିପାଠ
୩-ହୋଇ ପୁସ୍ତକପାଠ ହଇ=ହଁ । ୪-ଫିଟାଇଲେ ବସନଭୂଷଣ ପୋଥିପାଠ
୫- ଏହି ଚହ୍ନ ପୋଥିପାଠ । ୬- ଅଉମାନ ପୋଥିପାଠ । ୭- ଆସୁ-ଅଲଙ୍କାର

ବୋଲନ୍ତି ରାମ ଶୁଣ ସଖେ ସୁଗ୍ରୀବ, ସୀତାସ୍ମାର ୧ ଯେତେ ଗୁଣ ।
ତୁମ୍ଭେ ଆମ୍ଭେ ସେହି କାଳରେ ଜାଣିବା ମାରିବା ଯେବେ ରାବଣ ।
ଆହେ କପି ଈଶ୍ୱର । ଆମ୍ଭ ତୂଣୀରେ ଯେତେକ ଶର ।
ସର୍ପ ପ୍ରାୟକ ତେଜ ପ୍ରଖର । ଋଷି ବୋଲେ କାଳ ମୃତ୍ୟୁଙ୍କର ।

●

## ରାଗ—କାଫି

ଲକ୍ଷ୍ମଣ କହେ କପି ରାଜନ ଶୁଣ ।
ଶ୍ରୀରାମ ୨ ଚରଣେ ସକଳେ ହେ ଲୋକଙ୍କର ଶରଣ ॥

ଏବେ ସେ ରାମ ହେଲେ ତୁମ୍ଭର ଶରଣ ।
ଯେମନ୍ତେ ଏ ବନିତା ପାଇବେ ହେ କହ ତହିଁ ୩ କାରଣ ॥

ସୁଗ୍ରୀ ବୋଲେ ସ୍ୱର୍ଗ ମର୍ତ୍ତ୍ୟ ୪ ପାତାଳ ।
ଖୋଜି ପାରଇ ତ୍ରିଭୁବନ ହେ ନାହିଁ ବାନର ବଳ ॥

ଲୁଚିଣ ଅଛୁ ଏଥି ବାଳୀ ଭୟରେ ।
ମିତ୍ର ୫ ହୋଇଲୁ ତୁମ୍ଭ ସଙ୍ଗରେ ହେ ଏଡ଼େ ଅସମୟରେ ॥

ରାମ ଆଜ୍ଞାଦେଲେ ଆମ୍ଭ କାର୍ଯ୍ୟ ଥାଉ ।
ତୁମ୍ଭର କାର୍ଯ୍ୟ ଆଗେ କରିବା ହେ ତୁମ୍ଭର ଭୟ ଯାଉ ॥

ଶୁଣିଣ ସୁଗ୍ରୀବ ରାମ ଶ୍ରୀଭୁଜ ଧରି ।
ଏକାନ୍ତେ ବେନି ମିତ୍ର ବସିଣ ଯେ ବନ୍ଧୁ ବିଚାର କରି ॥

ସୁଗ୍ରୀ କହେ ଭରସା ନୁହଁଇ ଚିତ୍ତେ ।
ଦୁନ୍ଦୁଭି ଶବ ଫିଙ୍ଗି ଦେଲେଟି ହେ ତେବେ ଜିବ ମୁଁ ପ୍ରତେ ॥

ବାଳୀ ଶତେକ ବେଳ ଫିଙ୍ଗି ଦେଇଛି ।
ସେ କାଳୁ ଗିରି ସମ ହୋଇଣ ସେ ଅସ୍ଥି ପଡ଼ି ରହିଛି ॥

---

୧– ମିତ୍ରର ଯେତେକ ଗୁଣ ପୁସ୍ତକପାଠ । ୨– ଏ ରାମ ପୋଥିପାଠ । ୩– ତହିଁ ପୋଥିରେ ନାହିଁ । ୪– ମର୍ତ୍ତ୍ୟ ପୋଥିପାଠ । ୫– ମିତ୍ର ପୁସ୍ତକରେ ନାହିଁ ॥

ଏମନ୍ତ କହି ତହିଁ ୧ ପାଟଙ୍କୁ ନେଲା ।
ଏହି ଯେ ଅସ୍ଥି ବୋଲି ରାମଙ୍କୁ ଯେ ସୁଗ୍ରୀ ଦେଖାଇ ଦେଲା ॥

ରାମ ଚୁପିଲେ ବାମ ଅଙ୍ଗୁଷ୍ଠି ମୂନ ।
ବୋଲଇ ବସି ଫିଙ୍ଗି ଦେଲେ ସେ ଯେ ଗଲା ଦଶ ଯୋଜନ ॥

ରାଗ—କନଡ଼ା

ସୁଗ୍ରୀ ଲକ୍ଷ୍ମଣ ଶ୍ରବଣେ କହିଲା । ମିତ୍ର ନ ଜାଣିବେଟି ସେ ବୋଇଲା ॥
ଶୁଷ୍କ ହୋଇଣ ଅପାର କାଳ ଥିଲା ମୋର ମନକୁ ନଇଲା ।
ହେ ସାନୁଜ ॥

ଯେବେ ସାତଶାଳେ୨ ବାଣେ ବନ୍ଧବେ ମିତ୩ ତେବେ ସିନା ଶାଢ଼ୀ ବାନ୍ଧବେ ॥
ବାଲୀ ସମ ବଳ ତେବେ ସେ ଜାଣିବ ଋକ୍ଷ ମର୍କଟ ବନ୍ଧବେ ।
ହେ ଲକ୍ଷ୍ମଣ ॥

ଲକ୍ଷ୍ମଣେ କହନ୍ତେ ଶ୍ରୀରାମ ଜାଣି ତା କୋଦଣ୍ଡେ ଗୁଣ ଚଢ଼ାଇଲେ
କାଣ୍ଡ ବାଛୁଣ ଗୁଣେ ବସାଇଲେ ।
ବିନ୍ଧନ୍ତେ ସପ୍ତଶାଳ ଫାଟି ଶର ପାଖାଣେ ଉଲ୍ଲାସାଇଲେ ।
ହେ ଶ୍ରୀରାମ ।

ତାହା ଦେଖି ସୁଗ୍ରୀବ ହରଷ । ପାଦେ ପଡ଼ି ବୋଲଇ ମୋର ଦୋଷ ।
କ୍ଷମା କର ଆହେ ଅଯୋଧ୍ୟା ଠାକୁର ସଂଶୟ ଜଳ ବିନାଶ ।
ହେ ଠାକୁର ॥
ଆଲିଙ୍ଗନ କରି ଶ୍ରୀରାମ ପୁଚ୍ଛନ୍ତି ସୋଦରେ କପାଇଁ ବଇର ।
ସୁଗ୍ରୀ ବୋଲେ ଦୋଷ ନାହିଁ ମୋହର ।
ଜ୍ୟେଷ୍ଠ ଭାଇ ହୋଇ ମୋ ବନିତା ନେଇ ଦେଇଛି ବାହାର କରି ।
ହେ ଭୋ ଦେବ ॥

ପୂର୍ବେ ମାୟାବୀ ଦୈତ୍ୟ ଯେ ଅଇଲା ।
ରାତ୍ରେ ବାଳୀକି ସମର ମାଗିଲା ।
ବେନି ଭାଇ ଆମ୍ଭେ ବାହାର ହୁଅନ୍ତେ ଦେଖି ସେହି ବାହୁଡ଼ିଲା ୪ ।
ହେ ଶ୍ରୀରାମ ॥

---

୧-ତହିଁ ପୁସ୍ତକରେ ନାହିଁ । ୨-ତାଳୁଁ ପୁସ୍ତକ ପାଠ । ୩-ମିତ୍ର ପୁସ୍ତକ ପାଠ ।
୪-ବେନି ଭାଇ ଆମ୍ଭେ ଗୋଡ଼ାନ୍ତି ଡରି ସେ ବିବର ଭିତରେ ପଶିଲା ପୋଥିପାଠ ।

ବେନି ଭାଇ ଆମ୍ଭେ ଗୋଡ଼ାନ୍ତେ ତାର ସେ ବିବରେ ୧ ପଶିଲା ।
ତାହା ଦେଖି ୨ ବାଳୀ ମୋତେ ବୋଇଲା ।
ମୋର ଆସିବା ଯାଏଁ ତୁ ଦ୍ୱାରେ ଥିବୁ ବୋଲି ବିବରେ ପଶିଲା ।
ହେ ଭୋ ଦେବ ॥

ସମ୍ମୁଖରେ ମୁଁ ଜଗି ତା ରହିଲି ।
ତହିଁ ସଙ୍କେତ କିଛି ନ ପାଇଲି ।
ଯେତେବେଳେ ହେଲା ରୁଧିର ବାହାର ବାଳୀ ୩ ମୁଁ ଭୟ କଲି ।
ହେ ଭୋ ଦେବ ॥

ବିବର ଦ୍ୱାରେ ପଥର ଦେଇ ୪ ମୁହିଁ ନଗରରେ ହୁଅନ୍ତେ ପ୍ରବେଶ ।
ମନ୍ତ୍ରୀମାନେ ମିଳିଲେ ମୋର ପାଶେ ।
ଅଭିଷେକ ହୋଇ ସିଂହାସନରେ ଥିଲି ବାଳୀ ହୋଇଲା ପ୍ରବେଶ ।
ହେ ଭୋ ଦେବ ॥

ମୋତେ କ୍ରୋଧରେ ବିଧାଏ ମାଇଲା ।
କିମ୍ପା ବିଲେ ଶିଳ ଦେଲୁ ବୋଇଲା ।
ରାଜା ହେବା ଦେଖି ସାମନ୍ତ ୫ ସହିତେ ବାହାର କରିଣ ଦେଲା ।
ହେ ଭୋ ଦେବ ॥

ଶ୍ରୀରାମ ବୋଲନ୍ତି ଏବେ ତୁମ୍ଭେ ଯାଇ ବାଳୀ ସଙ୍ଗେ ଯୁଦ୍ଧକର ।
ଆମ୍ଭେ ପଛେ ପଛେ ଥିବୁ ତୁମ୍ଭର ।
ଶୁଣି ସୁଗ୍ରୀବ ବାଳୀ ସଙ୍ଗେ ସମର କରିବା ପାଇଁ ବାହାରିଲେ ।
ହେ ସୁଜନେ ॥

ଯାଇଁ ବାଳୀ ସିଂହଦ୍ୱାରେ ଡାକିଲା ।
ଶୁଣି ବାଳୀବୀର ଧାଇଁ ଅଇଲା ।
ବେନି ଭାଇଙ୍କର ବିବିଧ ପ୍ରକାର ବିଦ୍ଭୁତ ସମର ହୋଇଲା ।
ହେ ଭୋ ଦେବ ॥

ଶ୍ରୀରାମ ତରୁ ଉହାଡ଼େ ଥାଇ ବେନି ଭାଇଙ୍କି ଚିହ୍ନି ନ ପାରିଲେ ।
ଏଣୁ କରି ସେ ଶର ସଂହରିଲେ ।
ସୁଗ୍ରୀବ ସମରେ ବାଳୀକି ହାରିଣ ବହୁ ଅଶକତ ୬ ହେଲେ ।
ହେ ସୁଜନେ ॥

---

୧-ବିମ୍ବ ପୋଥିପାଠ । ୨-ତହିଁ ସମୟେ ପୋଥିପାଠ । ୩-ବାଳୀ ପୋଥିରେ ନାହିଁ ।
୪-ମୁଦ୍ଧ ମୁଁ ପୋଥିପାଠ । ୫-ସୁମନ୍ତ ପୁସ୍ତକ ପାଠ । ୬- ଆସକତ ପୋଥିପାଠ ।

ବାଲୀ ମାଡ଼ ବସିଣ ମାରୁଥିଲା ପ୍ରାଣେ ଥାଉ ବୋଲିଣ ଦୟାକଲା ।
ବୋଲେ ବଳି ଛାଡ଼ି ଦିଅନ୍ତେ ପଳାଇ ଋଷ୍ୟମୂକରେ ପଶିଲା ।
ସେ ସୁଗ୍ରୀବ ॥

●

## ରାଗ—ଧନାଶ୍ରୀ ଦୋହରୀ ୧ ପଢ଼ତାଳ

ପଳାଇଣ ସୁଗ୍ରୀ ଋଷ୍ୟମୂକରେ ୨ ପ୍ରବେଶ ।
ରାମଚନ୍ଦ୍ର ସହିତେ ଅଇଲେ ତାର ପାଶ ॥

ନ କହଇ କଥା ଆଉ ୩ ନ ଟେକଇ ମୁଖ ।
ଭୂମିକ ଚାହିଁଣ ରାମଚନ୍ଦ୍ରେ କହେ ଦୁଃଖ ॥

ମାନ ଲାଜ ମିଶି ମନେ କରଇ ବିଚାର ।
ଚାଟୁ ତାଙ୍କୁ କରୁଆନ୍ତି ୪ ଦଶରଥ ବାଳ ॥

ଆସ ଆସ ମିତ ଆଉ ଅରେ ଏବେ ଯୁଝ ।
ଏକା ବାଣକେ ମାରିବ ଆଜଠାରୁ ୫ ବୁଝ ॥

ନ ପାରିଲୁ ଚହ୍ନି ବେନି ଭାଇ ଏକ ରୂପ ।
ତୁମ୍ଭ ବଧରେ ଲାଗନ୍ତା ମିତ୍ରଦ୍ରୋହ ପାପ ॥

ଏବେ ଆମ୍ଭ ଚହ୍ନ ଏହି ନାଗେଶ୍ୱର ମାଳା ।
ଏତେ ବୋଲି ଲମ୍ବାଇଲେ ସୁଗ୍ରୀବଙ୍କ ଗଳା ॥

ଶୁଣି କପିରାଜ ୬ ସଂଗ୍ରାମକୁ ହେଲେ ସଜ ।
ସଙ୍ଗେ ସଙ୍ଗେ ଘେନି ଅଛନ୍ତି ଶ୍ରୀରାମ ରାଜ ୭ ॥

ପରବେଶ ହେଲେ କିଷ୍କିନ୍ଧ୍ୟାର ପୁର ୮ ଦ୍ୱାରେ ।
କୋପେ ସୁଗ୍ରୀବ ଡାକଇ ଆରେ ବାଲୀ ଆରେ ॥

ସୁଗ୍ରୀ ବାଣୀ ଶୁଣି ବାଲୀ ହୁଅନ୍ତେ ବାହାର ।
ତାରା ଆଗେ ଓଗାଳିଣ କହଇ ବିଚାର ॥

---

୧- ଦୋହରା ପୋଥିରେ ନାହିଁ । ୨- ଋଷିମୁଖେ ପୋଥିପାଠ । ୩-ଆଉ ପୋଥିରେ ନାହିଁ । ୪- କରୁଛନ୍ତି ପୁସ୍ତକପାଠ । ୫- ଆଉ ଅରେ ବୁଝ ପୋଥିପାଠ ।
୬- ଶୁଣିକରି ବୀର ପୋଥିପାଠ । ୭- ସଙ୍ଗେ ସଙ୍ଗେ ଘେନିଣ ଅଛନ୍ତି ପୋଥିପାଠ ।
୮- ଗୁହା ପୋଥିପାଠ ।

ସୋଦର ତୁମ୍ଭର ତାଙ୍କୁ ନୁହ ୧ ତୁମ୍ଭେ ବାମ ।
ଶୁଣିଛୁ ଅଙ୍ଗଦ ମୁଖୁ ସାହା ତାଙ୍କୁ ରାମ ॥

ହାରଗଲା ପୁଣି କମ୍ପା ଲେଉଟି ଅଇଲା ।
ତୁମ୍ଭେ ଯେବେ ଯିବ ତେବେ ପ୍ରମାଦ ହୋଇଲା ୨ ॥

ଶୁଣ ପ୍ରିୟେ ଏବେ ମୋତେ ଡାକୁଛୁ ରଣକୁ ।
ଏତେବେଳେ ପ୍ରୀତି କଲେ ଲାଜ ଆପଣାକୁ ॥

ବୋଇଲୁ ୩ ଯେ ରାମ ତାକୁ ହୋଇଛନ୍ତି ସାହା ।
ଅଧର୍ମୀ ନୁହନ୍ତି ସେହ ଶୁଣିଛୁ ମୁଁ ଯାହା ॥

ଏତେ ବୋଲି୪ ଆସି ସୁଗ୍ରୀ ସଙ୍ଗେ ରଣକଲା ।
ବେନି ଭାଇଙ୍କର ମାଲବନ୍ଧେ ଯୁଦ୍ଧ ହେଲା ॥

ଦେଖିଲେ ସୁଗ୍ରୀବ ରଣେ ହୋଇଲା ଜାସତ ।
ଶ୍ରୀରାମଙ୍କୁ ଦୃଷ୍ଟି କରେ ୫ ପଳାଇବା ଚିତ୍ତ ॥

ରାମ ତରୁ ଉହାଡ଼ରୁ ପ୍ରହାରନ୍ତେ କାଣ୍ଡ ।
ବଜ୍ର ସମ ହୋଇଣ ପଡ଼ିଲା ବାଲୀ ପିଣ୍ଡ ॥

ସୁଗ୍ରୀବଙ୍କୁ ଛାଡ଼ିଦେଇ କପୀନ୍ଦ୍ର ପଡ଼ିଲେ ।
ବେନି ଭାଇ ତାହାର ସମ୍ମୁଖେ ଉଭା ହେଲେ ॥

ବାମ କରେ କୋଦଣ୍ଡ ଦକ୍ଷିଣେ ତୀକ୍ଷ୍ଣ ଶର ।
ବୋଲେ ବଳି ଲକ୍ଷ୍ମଣଙ୍କୁ ଦେଇ ଭୁଜ ଭାର ॥

●

---

୧-ନୁହସି ହେ ପୋଥିପାଠ । ୨- ପଡ଼ିଲା ପୋଥିପାଠ । ୩-ବୋଲଇ ପୁସ୍ତକପାଠ ।
୪- କହି ପୋଥିପାଠ । ୫- କରି ପୋଥିପାଠ ।

## ରାଗ– **ଛଟିଆରୀ ପଡ଼ତାଳ**

ହୃଦରେ ବାଜିଣ ଶର ପଡ଼ିଲି ସେ କପି ବୀର
ଦେଖିଲି ରାମ ଲକ୍ଷ୍ମଣ ରୂପ ।
ତ୍ରିଭୁବନ ନାଥ ହୋଇ ଅନୀତି କଲ କିମ୍ପାଇ
ମୋତେ ବିନା ଦୋଷେ କଲ କୋପ ହେ ୧ ।
ରଘୁନାୟକ !
ଲୁଚି ବିନ୍ଧିଲ କିମ୍ପାଇଁ ଏଡ଼େ ଶାୟକ ।
ମୁଁ ଯେ ଶୁଣିଥିଲି ତୁମ୍ଭ ବଡ଼ ବିବେକ । ଇକ୍ଷ୍ୱାକୁ କୁଳେ ୨ ଲଗାଇ କଳଙ୍କ ॥

ଗଜକୁ ବାନ୍ଧିଲେ ଦନ୍ତ ୩ ଗଜ ମୋତି ପାଇଥାନ୍ତି
ମୃଗକୁ ବାନ୍ଧିଲେ ମୃଗ ମାଂସ ପାଇଥାନ୍ତି ୪ ଭୋଗ
ବୃକ୍ଷ କପି ବାନ୍ଧି କି ଲଭିଲ ଫଳ ହେ ୫ ॥

ତେତେ କୁଳେ ଜାତ ହୋଇ ଏଡ଼େ ଅନୀତି କିମ୍ପାଇଁ
ଋଷିଙ୍କର ନୀତି ୬ ଏ ବେଭାର ।
ମୋର ୭ ଭାଇ ସଙ୍ଗେ ମୁହିଁ ସମର କରୁଥିଲିଁ
ତୁମ୍ଭେ କିମ୍ପାଇଁ ମୋତେ କଲ ପ୍ରହାର ହେ ॥

ଆସିବା ବେଳରେ ତାକୁ ଲେଉଟାଇ ନେଉଥିଲି
ଜାଣି ତୁମ୍ଭ ଅବିବେକ ପଣ ।
ମୁଁ ବୋଇଲି ରାମଚନ୍ଦ୍ର ଧର୍ମକୁଳେ ଜାତ ହୋଇ
ମୋତେ ଅଧର୍ମ କରିବେ କି କାରଣେ ହେ ।

---

୧-'ହୃଦରେ ବାଜିଣ……କୋପ ହେ' ପର୍ଯ୍ୟନ୍ତ ପୋଥିରେ ନାହିଁ ।
୨-ସୂର୍ଯ୍ୟ କୁଳକୁ ପୋଥି ପାଠ । ୩-ବାନ୍ଧିଲେ ଦଶେ ଦଳ ପୋଥିପାଠ ।
୪-ହୋଇଥାନ୍ତେ ପୁସ୍ତକ ପାଠ ।
୫-ମୁକ୍ତାଫଳାୟ କରଣ ପତଙ୍ଗ ଫଳାୟ ।
ସଂହୋ ନିମନ୍ତ୍ରି ଭୁକବିକମପୁରନାୟ ।
କା ନୀତି ରୀତି ଶଯ୍ୟୁତ ରଘୁବଂଶ ବୀର
ଶାଖାମୃଗେ ବଧଂତ ଯତ୍ତ୍ବବାଣ ମୋକ୍ଷଃ ॥ ଶ୍ଳୋକର ଅନୁବାଦ ।
୬-ନୋହେ ଏ ପୋଥିପାଠ । ୭-ମାଆ ପୁସ୍ତକ ପାଠ ।

ଶ୍ରୀରାମ ବୋଲନ୍ତି ତାଙ୍କୁ ୧ ନୃପ ପେଷିଲେ ଆମ୍ଭଙ୍କୁ ୨
ଅଧର୍ମୀକୁ ଦଣ୍ଡ ଦେବା ପାଇଁ ।
ଜ୍ୟେଷ୍ଠ ଭାଇ ହୋଇ ବୀର କନିଷ୍ଠ ଭାରିଜା ହର
ଏ ପାପ ମନେ ବିଚାର କର ନାହିଁ ହେ ।
କପିରାଜନ !
ଏ ଦଣ୍ଡକୁ ଅଟ ତୁମ୍ଭେ ଭାଜନ । ଆଉ ଦଣ୍ଡ ନ ଦେବ ତୁମ୍ଭଙ୍କୁ ଶମନ ।
ବୋଲେ ବାଳି ଶୁଣି ହୋଇଲା ସେ ମଉନ ହେ ॥

●

## ରାଗ—**କଳସାବାଣୀ** ୩

ଅନ୍ତଃପୁରେ ତାରା ରାଣୀ ବାରତା ପାଇ ।
ରୋଦନ କରି ଆଇଲା ବିହ୍ୱଳ ୪ ହୋଇ ॥

ଦେଖିଲା ସେ ବାଳୀ ହୋଇଲାଣି ଅବଶ ।
ରାମ କାଣ୍ଡ ଲାଗି ଅଛି ହୃଦୟ ଦେଶ ॥

ଚରଣ ଧରିଣ ଉଚ୍ଚେ ୫ ରୋଦନ କଲା ।
ଆହା ପ୍ରାଣନାଥ ଛାଡ଼ିଗଲ ବୋଇଲା ॥

ତୁମ୍ଭ ଅନୁରାଗ ୬ ଜାଣିଲି ଏତେ କାଳେ ।
ମୋ କୋଳ ତେଜି ଶୋଇଲ ଧରଣୀ କୋଳେ ॥

ଅନାଥ ସୁଗ୍ରୀବ ରାମ ହୋଇଲେ ନାଥ ।
ଆମ୍ଭେ ଏବେ ୭ ଅନାଥ ହୋଇଲୁ କପିନାଥ ॥

ଅତି ସୁକୁମାର ୮ ତୋ ଅଙ୍ଗଦ କୁମର ।
ଏହାକୁ କାହାକୁ ଦେଲହେ କପିବର ॥

ମୋ ବୋଲ ନ କଲା ଫଳ ୯ ଲଭିଲ ୧୦ ଏବେ ।
ସୋଦରେ ଅନିତ ୧୧ କର୍ମ୍ମ ହୋଇଲ ତେବେ ୧୨ ॥

---

୧-ଭ୍ରାତି ପୋଥି ପାଠ । ୨-ଆମ୍ଭନ୍ତ ପୋଥି ପାଠ ।
୩-ରାଗ-ଚନ୍ଦ୍ରାଦେଶାକ୍ଷ ପୋଥିପାଠ । ୪-ବିକଳ ପୋଥିପାଠ ।
୫- ଉଚ୍ଚେଁ ପୋଥିପାଠ । ୬- ତୁମ୍ଭର ଅଭାବ ପୋଥିପାଠ । ୭- ଏବେ ମୁଁ ପୋଥିପାଠ । ୮ - ସୁକୁମାର ତ ପୋଥିପାଠ । ୯- ନ କଲ ଫଳ ପୋଥିପାଠ ।
୧୦-ଭୁଞ୍ଜିଲ ପୋଥିପାଠ । ୧୧- ଅପ୍ରୀତ ପୋଥିପାଠ । ୧୨-ତୁମ୍ଭେ ପୋଥିପାଠ ।

ରାମ ଲକ୍ଷ୍ମଣ ସହିତେ ବାନର ବଳ ।
ପଟ୍ଟୋ ୧ ଆର ସମସ୍ତେ ୨ ଦେଖିଣ ବିକଳ ॥

ବାଲୀ ବୋଇଲା ଶ୍ରୀରାମ ମୁଖକୁ ଚାହିଁ ।
ଅପରାଧ କ୍ଷମା ମୋର କର ଗୋସାଇଁ ॥

ଏକଇ ନନ୍ଦନ ମୋ ଅଙ୍ଗଦ କୁମର ।
ଏବେ ଏହାଠାରେ ରାମ କରୁଣା କର ॥

ଏତେ ବୋଲି ଅଙ୍ଗଦ ମୁଖକୁ ଚାହିଁଲା ।
ସୁଗ୍ରୀବକୁ ତୁ ସେବୁ ଥିବୁ ବୋଲି ବୋଇଲା ॥

ସୁଗ୍ରୀବ କହିଲା ରାମ କାର୍ଯ୍ୟ କରିବୁ ।
ହେଳା କଲେ ଏ ମୋର ପ୍ରାୟେକ ହୋଇବୁ ॥

ଯେଉଁ ହେମମାଳା ଦେଇଥିଲେ ବାସବ ।
ତାହା ବାଲୀ ଦେଇ କଲା ସୁଗ୍ରୀବ ଗ୍ରୀବ ॥

ମାଳା ଦେଇ ପିଣ୍ଡରୁ ଜୀବନ ତେଜିଲା ।
ବହୁତ ଯୁବତୀଙ୍କର କାରୁଣ୍ୟ ଶୁଭିଲା ॥

ପତି ମୃତ୍ୟୁ ଦେଖି ୩ ତାରା ବିକଳ ଚିତ୍ତ ।
ବୋଲଇ ସ୍ୱାମୀ ସଙ୍ଗତେ ଯିବି ନିଶ୍ଚିତ ॥

ଏତେ ବୋଲି ସ୍ୱାମୀ ମୁଖେ ମୁଖ ଲଗାଇ ।
ଶବ ଆଲିଙ୍ଗନ କରି ଶୋଇଲା ୪ ଭୂଇଁ ॥

ଚରଣ ଧରିଣ ସେ ଅଙ୍ଗଦ କୁମର ।
ବିକଳେ ନୟନୁ ବହେ ନୀର ନିକର ॥

ଏମନ୍ତ ବିକଳ ଦେଖି ସର୍ବ ମର୍କଟ ।
ସୁଗ୍ରୀବ ହୃଦୟେ ହେଲା ଶୋକ ପ୍ରକଟ ॥

ତାରା ଯେବେ ଯିବେଟି ୫ ସ୍ୱାମୀଙ୍କ ସଙ୍ଗର ।
ଆଉ କାକ ଜୀଇଁବେ ଅଙ୍ଗଦ କୁମାର ॥

---

୧– ପଟ୍ଟୋଆର = ଆଡ଼ମ୍ବର ସହକାରେ । ୨– ତାରା ପୋଥିପାଠ ।
୩– ଚାହିଁ ପୋଥିପାଠ । ୪– ଶୁଇଲା ପୋଥିପାଠ । ୫– ଯିବ ତାର ପୋଥିପାଠ ।

ମୁହିଁ ଯେବେ ଭ୍ରାତା ସଙ୍ଗରେ ନ ମରିବି ୧ ।
ଅକୀର୍ତ୍ତି ପାଇଣ ମହା ଭୋଗ କରିବି ॥

ଏତେ ବୋଲି ବହୁତ କରନ୍ତି ରୋଦନ ।
ତାହା ଦେଖି ବିଚାରନ୍ତି ରଘୁନନ୍ଦନ ॥

ସୁଗ୍ରୀ ଯେବେ ଭ୍ରାତ ସଙ୍ଗତରେ ମରିବ ।
ଆମ୍ଭ କାର୍ଯ୍ୟ କେମନ୍ତ ପ୍ରକାରେ ହୋଇବ ॥

ଏମନ୍ତ ବିଚାରି ତାଙ୍କୁ କରନ୍ତି ଗୃଷ୍ଟୁ ।
ବିବିଧ ପ୍ରକାରେ କରି ପ୍ରବୋଧ ପଷ୍ଟୁ ୨ ॥

ତେତେବେଳେ ମିତ ତା ନ କଲି ବିଚାର ।
ବୋଲେ ଋଷି ଏବେ କର୍ମ୍ମ ଶୋକ ପ୍ରଚୁର ॥

●

ରାଗ—**କାମୋଦୀ**

ତାରା କହଇ ବାଣୀ ଶୁଣ ହେ ରଘୁମଣି
ଏଡ଼େ ଅଧର୍ମ କର୍ମ୍ମ କଲ ।
ବନବାସକୁ ଆସି ମୋର ପତିକି ନାଶି
ଏଥିରେ କି ଯଶ ପାଇଲ ହେ ।
ରଘୁନାଥ, ଆଜ ମୁଁ ହୋଇଲି ଅନାଥ ।

ଧିକ ଧିକ ହେ ପଣ ଧିକ ହେ ରଘୁରାଣ
ଧିକ ଏ କୋଦଣ୍ଡ ଶର ତ ହେ ॥
ତୁମ୍ଭ ଅଧର୍ମୀ ପଣ ଦେଖିଲେ ରଘୁରାଣ
ଦଶରଥ ହିଁ ଛଡ଼ିଁ ଦେଲେ ॥
କୈକେୟୀ ସୁତ ଭରତ ଅଯୋଧ୍ୟାରେ ରାଜତ୍ୱ
ରାଜେନ୍ଦ୍ର ପଣ ତାଙ୍କୁ ଦେଲେ ଯେ ॥

ତୁମ୍ଭ ଉପର ବଂଶ ଭଗୀରଥ ନରେଶ
ଗଙ୍ଗାକୁ ସ୍ୱର୍ଗରୁ ଆଣିଲେ ।
କପିଳ କୋପାନଳେ ଦଗ୍‌ଧ ହୁଅନ୍ତେ କାଳେ
ତାଲି ଶୀତଳ ତାଙ୍କୁ କଲେ ହେ ॥

---

୧– ମରିବ ପୋଥିପାଠ । ୨– ଗୃଷ୍ଟୁ ପୋଥିପାଠ ।

ପୂର୍ବେ ମୁଁ ଶୁଣି ଥିଲି    ବଡ଼ ଧାର୍ମିକ ବୋଲି
ଏବେ ଦେଖିଲି ବଡ଼ ମନ୍ଦ ।
ଏତେ ପ୍ରାକର୍ମ ଯେବେ    ବହୁଛ ଭୁଜ ଦଣ୍ଡେ
କ୍ଷମା ଧରିଲ ଦଶକନ୍ଧ ହେ ॥

ରାମ ବୋଲନ୍ତି ସତ    ମୋର ଦୋଷ ନାହିଁଟି
ତାଙ୍କ ଅଧର୍ମେ ସେହି ମଲେ ।
ଜ୍ୟେଷ୍ଠ ଭାଇ ହୋଇଣ    କନିଷ୍ଠ ଭ୍ରାତଯାକୁ
ବଳତ୍କାର ପଣେ ଧରିଲେ ଗୋ ।

ମହା ସତୀ, ଆଜ ମୁଁ ଫେଡ଼ିବି ଦୁର୍ଗତି,

ଔଷଧି ଦେଇଣ    ରଖିବି ତାର ପ୍ରାଣ
ସଚେତ ହୋଇଁ ଉଠିବସି ।
ରାମ ମୁଖକୁ ଚାହିଁ    କହଇ ବିକଳାଇ
ଶୁଣ ଧାର୍ମିକ ରଘୁବଂଶୀ ।
ହେ ରଘୁନାଥ !
ଆଜ ମୁଁ ହୋଇଲି କୃତାର୍ଥ ।

ତୁମ୍ଭ ହସ୍ତେ ମରଣ    ପାଇ ହେ ରଘୁରାଣ ।
ଯାଉଛି ବଇକୁଣ୍ଠ ପଥ ॥

ଏତେ ବୋଲିଣ ବାଳୀ    ଛାଡ଼ିଲା ମହାସ୍ଥଳୀ
ଅନ୍ତରୀକ୍ଷରେ ପ୍ରାଣ ଗଲା ।
ବୋଲଇ ଋଷି ଶୁଣ    ଦେଖ ବାଳୀ ମରଣ ।
ବୈକୁଣ୍ଠ ପୁରରେ ମିଳିଲା ॥

ହେ ରଘୁନାଥ !
ଆଜ ମୁଁ ହୋଇଲି କୃତାର୍ଥ ୧ ॥

❊

---

୧– ପ୍ରସ୍ତୁତ ପଦ୍ୟଟି ପୋଥିରେ ନାହିଁ । କିନ୍ତୁ ଆର୍ଷରାମାୟଣ ଆଦି ଅନ୍ୟାନ୍ୟ ପୁସ୍ତକରେ ତାରା ଶ୍ରୀରାମଙ୍କୁ ଧିକ୍କାର କରିଥିବାର ପ୍ରସଙ୍ଗ ଦେଖିବାକୁ ମିଳେ । ଏଠାରେ ଏହି ପ୍ରସଙ୍ଗଟି ନଥିଲେ ପ୍ରକୃତରେ ବିଷୟ ଅସମ୍ପୂର୍ଣ୍ଣ ହୋଇଥାନ୍ତା । ତେଣୁ ପ୍ରସ୍ତୁତ ପଦ୍ୟଟିର ସଂଯୋଜନ ଏଠାରେ ସମୀଚୀନ ବୋଲି ମନେ ହୁଏ ।

## ରାଗ—ଭୈରବ ସରମାନ

ସଖେ ୧ ସୁଗ୍ରୀବ ଶୋକ ସମ୍ବର ଏବେ ମନ କମ୍ପା କରୁଅଛ ବିକଳ ।
ଆମ୍ଭ ତୂଣୀର ଶର ଅନିବାର କାଳଦେବର ଅଟନ୍ତି ଏହି କାଳ ।
କି ସଖେ ହେ !
ଶୀଘ୍ରେ ବାଳିଙ୍କ କର ଦହନ ।
ଆମ୍ଭେ ଆଜ୍ଞା ଦେଉଅଛୁଁ ଆଗୋ ତାରା ଏବେ ମୁଞ୍ଚ ତୁମ୍ଭର ୨ ରୋଦନ ॥

ଅଙ୍ଗଦଙ୍କୁ ଘେନି ଏବେ ମିତ୍ର ସଙ୍ଗେ ରଙ୍ଗେ ଭୋଗକର କିଷ୍କିନ୍ଧା କଟକ ।
ଶ୍ରୀରାମ ଆଜ୍ଞାରେ ତାରା କୋଳୁ ଆଣି ବାଳୀ ବସାଇଲେ ରତ୍ନବିମାନେକ ॥

ବିବିଧ ବାଦ୍ୟ ବଜାଇ ବାନୀପିଣ୍ଡ କଲେ ନେଇ ୩ ଶୀଘ୍ର ଦହନ ।
ଅଙ୍ଗଦ ମୁଖାଗ୍ନି ୪ ଦେଇ ବାଳୀ ମୁଖେ ସ୍ନାନକରି ପୂତ ୫ ହୋଇ ଅଇଲେ ବହନ ॥

ବାଳୀ ଦାହ ସାରି ସର୍ବ କପି ମିଳି ସୁଗ୍ରୀ ସଙ୍ଗେ କଲେ ରାମଙ୍କୁ ଦର୍ଶନ ।
ହନୁକୁ ଚାହିଁ ଶ୍ରୀରାମ ଆଜ୍ଞା ଦେଲେ ଅଭିଷେକ କରାଅ ସୁଗ୍ରୀବ ରାଜନ ॥

ବାଳି କୁମରଙ୍କୁ କରି ଯୁବରାଜ ସମସ୍ତ ବାନରମାନେ କରପୂଜା ।
ରାମଚନ୍ଦ୍ର ଆଜ୍ଞା ପାଇ ସର୍ବ ବଳ ଆନନ୍ଦରେ ବଜାଇଲେ ବୀରବାଜା ।

ଶ୍ରୀରାମ ବୋଲନ୍ତି ଆହେ କପିରାଜ ଏବେ ବରଷା ଋତୁ ହେଲା ପ୍ରବେଶ ।
ତୁମ୍ଭେ ହେଳା ନ କରିବ ଆମ୍ଭ କାର୍ଯ୍ୟେ ଆମ୍ଭେ ମାଲ୍ୟବନ୍ତେ ବଞ୍ଚୁ ବେନିମାସ ॥

ହେଉ ଦେବ ବୋଲି ସୁଗ୍ରୀବ ସହିତେ ସର୍ବ ସେନା୬ ମାନେ ଶିରେ କର ଦେଲେ ।
ବୋଲେ ବିଶି ଲକ୍ଷ୍ମଣ ସଙ୍ଗରେ ଘେନି ରାମଚନ୍ଦ୍ର ମାଲ୍ୟବନ୍ତେ ବିଜେ କଲେ ॥

●

## ରାଗ—କେଦାର ଗୋପଜୀବନ ବୃତ୍ତେ

ଶ୍ରୀରାମ ଶ୍ରୀମୁଖୁ ଶୁଣି କପିକୁଳ ଚୂଡ଼ାମଣି
କିଷ୍କିନ୍ଧା କଟକେ ପରବେଶ ।
ସକଳ ତୀର୍ଥର ଜଳ ଆଣିଲେ ବାନର ବଳ ବଳ
ହେମ କୁମ୍ଭେ ଅଧିବାସ ସେ ।
କପିରାଜନ !
ଅଙ୍ଗଦଙ୍କୁ ଘେନି ଅଧିବାସ ନୃତ୍ୟ ଗୀତ କରିବାରେ ନିଶି ଶେଷ ॥

---

୧– ସୁଖେ ପୋଥିପାଠ । ୨– ମୁଞ୍ଚନ୍ତୁ ପୋଥିପାଠ । ୩– ଅନଳେ ପୋଥିପାଠ ।
୪– ମୁଖାନଳ ପୋଥିପାଠ । ୫– ସ୍ନାହାନ କରି ପୋଥିପାଠ ।୬– ସେହ୍ଲା ପୋଥିପାଠ

ବିଜେ ୧ ହେମ ସିଂହାସନ    କପିକୁଳର ରାଜନ
ଅଙ୍ଗଦଙ୍କୁ ବସାଇ କୋଳରେ ।
ହେଲେ ୨ ଜଳ ଅଭିଷେକ    କଲେ ବ୍ରାହ୍ମଣ ଅନେକ
ଶ୍ୱେତଛତ୍ର ଧରାଇ ଶିରରେ ସେ ।
କପିରାଜନ ।
ବେନି ପାଶରେ ବେନିଚାମର, ଝଟିଛନ୍ତି କପିବୀର ନିରନ୍ତର ॥

ବାଜଇ ବିବିଧ ବାଦ୍ୟ    ଶୁଭଇ ସ୍ୱର୍ଗକୁ ନାଦ
ନୃତ୍ୟ କରୁଛନ୍ତି ବାର ନାରୀ ।
ତାରା ରୋମା ବେନି ପାଶେ    ଆବର ନାରୀ ବିଶେଷେ
ସମ୍ପଦରେ ସୁନାସୀର ସରି ସେ ।
କପିରାଜନ ।
ବଢାଇଣ ଜଳ ଅଭିଷେକ ଅଙ୍ଗ ପୋଛି ମଣ୍ଡି ହୋଇଲେ କନେକ ॥

ମୁକୁଟ କୁଣ୍ଡଳ ଚୂଳ    ବାହୁଟି ଅଙ୍ଗଦ ମାଳ ୩
ରୂପସରି ଦୋସରି ପଦକ ।
ନୂପୁର ବେନି ଚରଣ    ଦିବ୍ୟ ମଣି ରତ୍ନଗଣ ୪
ଅଙ୍ଗରେ ମଣ୍ଡିଲେ ସେ ଅନେକ ୫ ।
କପିରାଜନ ॥

ଅଙ୍ଗଦ ଯେ ଏହିବେଶେ    ବିଜେ ସୁଗ୍ରୀ ଅଗ୍ର ଦେଶେ
ସର୍ବସେନା ବିଜେ ଏକେ ଏକେ ୬ ।
ଅମୂଲ୍ୟ ଭୂଷଣଗଣ    ସମସ୍ତ କପି ଭୂଷଣ
ଶୋଭା ଦିଶନ୍ତି ଇତର ଲୋକେ ୭ ।
କପିରାଜନ ।
ବିଜୟେ ଯେ ଶ୍ୱେତଛତ୍ର ତଳେ । ବେନି ପୁଚ୍ଛ ବେନି ପାରୁଶରେ ଲୁଲେ ॥

---

୧- ଜଜେ ପୁସ୍ତକପାଠ ୨- କରେ ପୋଥିପାଠ ॥
୩- ମାଳ ସରଳ ପୋଥିପାଠ । ୪- ଦିବ୍ୟତେଜ ମଣିଗଣ ପୋଥିପାଠ ।
୫- କନେକ ପୋଥିପାଠ । ୬- ଏକୁ ଏକୁ ପୋଥିପାଠ ! ୭- ଜନକୁ ପୋଥିପାଠ ।

ତାରା ରୋମା ବେନି ପାଶ    ହୋଇଣ ଦିବ୍ୟ ସୁବେଶ
ସୁଗ୍ରୀବ ବେନି ପାରୁଶେ ଦିଶେ [୧] ।
ଶୁକ୍ର [୨] ଅଶ୍ୱିନୀ ରୋହିଣୀ    ପୂର୍ଣ୍ଣିମୀ ତିଥି ରଜନୀ
ଉଦୟ ଶୁକଳ ଶଶୀ ଦିଶେ [୩] ।
କପିରାଜନ ।
ପୁଷ୍ପ ବୃଷ୍ଟି କରନ୍ତି ତରୁଣୀ, ବନ୍ଦାପନା କଲେ କପି[୪]ଚୂଡ଼ାମଣି ॥

ଦର୍ଶନ କରନ୍ତି ଆସି    ଋଷି କପିମାନେ ମିଶି
ନଉଛନ୍ତି କରୁଣା ଚରଣେ [୫] ।
ଦ୍ୱିଜେ ଦେଲେ ବହୁଦାନ    ବସ୍ତ୍ର ଅଳଙ୍କାର ଧନ
ସନ୍ତୋଷ କରାଇ ଜଣେ ଜଣେ ।
କପିରାଜନ ।
ବଢ଼ାଇଣ ଜଳ ଅଭିଷେକ [୬], ସୁଖେ ଭୋଗ କଲେ କିଷ୍କିନ୍ଧା କଟକ ॥

ତାରା ଘେନି ଅନ୍ତଃପୁର    ସୁଖେ କରଇ ବିହାର
ପାଶୋରିଲେ ମନୁ ସବ ଦୁଃଖ ।
ମଧୁ ପାନେ ହୋଇ ମତ୍ତ    କରାଇଣ ନୃତ୍ୟ ଗୀତ
ଭୋଗ କରନ୍ତି ବିପୁଳ ସୁଖ ।
କପିରାଜନ ।
ମନୋ ବାଞ୍ଛା ହୋଇଲା ସମ୍ପୂର୍ଣ୍ଣ, ବୋଲେ ଦ୍ୱିଜ ସମ୍ପଦ ପାଇ ଅଜ୍ଞାନ ॥

●

## ରାଗ—ଆଶାବରୀ

ମାଲ୍ୟବନ୍ତ ଗିରି ଶିଖରେ ଉଠିଣ ବୁଲିଣ ରାମ ପ୍ରଶଂସା କଲେ
ଦେଖ ଲକ୍ଷ୍ମଣ ଏ ଗିରି ସ୍ଥିତି ପ୍ରାୟ ମନକୁ ମୋର ଅବଶ କରେ ।
ହେ ଲକ୍ଷ୍ମଣ, ଦେଖ ଦେଖ ତମାଳ ।
ଗିରି ନାରୀଙ୍କ କୁଚ କୁଳ ॥

---

୧- ଶୋଭିଦିଶି ପୋଥିପାଠ । ୨- ଶୁକ୍ଳ ପୁସ୍ତକପାଠ । ୩- ନଶି ପୋଥିପାଠ ।
୪- ହରି ପୋଥିପାଠ ।  ୫- ଚରଣତଳେ ପୋଥିପାଠ ।  ୬- ରାଜ ଅଭିଷେକ ପୋଥିପାଠ ।

ପ୍ରଫୁଲ୍ଲ ପୁଷ୍ପ ବାନ୍ଧୁ ଲଠକା ଶୃଙ୍ଗ ଉଚ୍ଚକୁଚ ଶୋଭାଦଶେ ।
ନବୀନ ପଲ୍ଲବ କି କର ପଲ୍ଲବ ରଙ୍ଗଣୀ ଲତା ୧ ଅଧର କି ସେ ।
ହେ ଲକ୍ଷ୍ମଣ, ହେମ ପ୍ରାୟେକ କାନ୍ତି
ସ୍ଥୂଳ ଶିଳରେ ଏ ନିତମ୍ବ-ବନ୍ତି ॥

ମୃଗ ଲୋଚନୀ କେଶରୀ କଟି ଦେଖ କୋକିଳ ଭାଷି ଏ ବରଙ୍ଗନେ ।
ଗଜ ଗାମିନୀ ସୁକୁନ୍ତଳ କାମିନୀ ବିବିଧ ରଙ୍ଗରେ ଶୀଳାମାନେ
ହେ ଲକ୍ଷ୍ମଣ, କୁନ୍ଦ ପୁଷ୍ପ ଦଶନା ୨ ।
ରମ୍ଭୋରୁ ବିପୁଳ ସ୍ଥୂଳ-ଜଘନା ॥

ରଙ୍ଗ ଶୁକ୍ଳ ଧଡ଼ିବାରେ ଏ ଗିରି ବସନ ପିନ୍ଧିବା ପ୍ରାୟ ଦିଶେ ।
ଦେଖ ଗିରି କୋଟ ପ୍ରକଟ ହୋଇଛି ପାଷାଣ ସଦୃଶ ୩ ପ୍ରାୟକ ସେ ।
ହେ ଲକ୍ଷ୍ମଣ, ୪ ସେହି କୋଟରେ ବାସ ।
ବଞ୍ଚିବା ଏ ବରଷା ବେନି ମାସ ॥

କୋଟେ ରହି ଧନୁ ତୂଣୀରେ ଥୋଇ ବିବିଧ ଫଳ ମନୋହର କଲେ ।
ଘନମାଳା କୋଳେ ବିଜୁଳିକି ଗୃହିଁ ମନରେ ବହୁ ଆରତ ହେଲେ ।
ହେ ଲକ୍ଷ୍ମଣ, କାହିଁଥିବେ ଜାନକୀ ।
ଜୀଇଥିବେ ଆଉ ପାଇବା କିକି ॥

ଅଯୁରେ ତାହାଙ୍କୁ ନ ଖାଇଣ ଭୋଗ ନ କରିଣ କି ସେ ରହିଥିବେ ।
କେଉଁଦିନ ଆମ୍ଭ କାଣ୍ଡ ହୁତାଶରେ ସେ ଭସ୍ମରାଶି ହୋଇଯିବେ ।
ତାଙ୍କୁ ଲକ୍ଷ୍ମଣ କହେ ପ୍ରବୋଧିତା ।
ବୋଲେ କବି ସୀତା-ପଦବାରତା ॥

●

---

୧– ରଙ୍ଗଣୀଲତା ପୋଥିରେ ନାହିଁ । ୨– ଏହି ପାଦଟି ପୋଥିରେ ନାହିଁ । କିନ୍ତୁ ଛନ୍ଦ ଓ ଭାବ ଦୃଷ୍ଟିରୁ ଏହା ସମୀଚୀନ । ୩– ସଦୃଶ ପୋଥିପାଠ ।
୪– ସେହି କୋଟରେ ବାସ" ଠାରୁ ଆରମ୍ଭ କରି ପଦବାରତା ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ କିମ୍ବା ଶେଷରେ କବିଙ୍କ ନାମ ଭଣିତାରେ ନାହିଁ । ତା ବ୍ୟତୀତ ପୁସ୍ତକରେ ଏହି ଗୀତଟି ଦୁଇଟି ଗୀତ ରୂପେ ବର୍ଣ୍ଣିତ ହୋଇଥିବା ସ୍ଥଳେ ପରବର୍ତ୍ତୀ ଗୀତଟି ମିଶି ପୋଥିରେ ଗୋଟିଏ ଗୀତ ହୋଇଛି ।

ରାଗ— **କଳସା।**

ଦେଖ ହେ ଲକ୍ଷ୍ମଣ ଆସିଣ ଏ ଘନ ୧ ଗଗନ ଘୋଡ଼ାଇ ଦେଲା ।
ଜଳ-ଧର ଚୟ ଧନଞ୍ଜୟ ଜୟ କରିଣ ମହୀ ପୂରିଲା ।
ଆହେ ଲକ୍ଷ୍ମଣ ।
ପ୍ରଖର ଚଣ୍ଡ ୨ ପବନ ।
ବାରିଦ କାଳରେ ବୀର ନୁହେ ଏବେ ଜଣା ଅବସର ଭିନ୍ନ ॥

ସଉଦାମିନୀ କାମିନୀ କୋଳେ ଯେନ ଆରୋହିଛି ନୀଳଗଜ ୩ ॥
ସୈନ୍ୟ ଯେନ ମହାସମ୍ଭାରେ ବିଜୟ କରୁଛି ଜଳଦରାଜ ॥
ଆହେ ଲକ୍ଷ୍ମଣ ॥
ଗିଳି ଦେଉ ଅଛି ଗିରି ।
ଏ ଗିରି ସହିତେ ଗିଳିଲେ ଆମ୍ଭଙ୍କୁ ବ୍ରୀଡ଼ାରୁ ୪ ହୁଅନ୍ତୁ ପାରି ॥

ବକକୁଳ ୫ ମୋତିମାଳ ପ୍ରାୟ ଦେଖ ସର୍ବାଙ୍ଗେ ହୋଇଛି ମଣ୍ଡି ।
ଦର୍ଶନେ ମହା ଭୟଦ କରାଉଛି ଆସେ କି ବିରହୀ ଦଣ୍ଡି ।
ଆହେ ଲକ୍ଷ୍ମଣ ।
ଫଣିଙ୍କ ମଣି ଉଜ୍ଜଳେ ।
ମହାରାଜ ଅଗ୍ରବିଜୟ ସମୟେ ମର୍କତ ଅହୁଡ଼ି ୬ କି ଜଳେ ॥

ଧରାଉଛି ପୁଣ୍ଡରୀକ ଛତ୍ରଚୟ ମୟୂର-ପୁଚ୍ଛ ତରାସ ।
ମାଳତୀ କୁସୁମ ନିକର ଭ୍ରମର ଚାଳୁଛନ୍ତି ଚଉପାଶ ।
ଆହେ ଲକ୍ଷ୍ମଣ ।
ଧର ଶା-ଜଶରାସନ ୭ ।
ବୃଷ୍ଟି କରୁଅଛି ଜଳଧାରା ଶର କରାଇଣ ତୀକ୍ଷ୍ଣ ମୁନ ॥

କେତକୀ କେତନ ପ୍ରାୟ ଶୋଭିବନ ବିରହ ବ୍ୟାଧି ୮ ଘଡ଼ଘଣ୍ଟା ।
ବଜ୍ରଘାତ ଗିରିଶିଖରେ କରନ୍ତେ ପଡୁଛନ୍ତି ଶିଳେ ଝଣ୍ଡା ୯ ।
ଆହେ ଲକ୍ଷ୍ମଣ ।
କାହାଳୀ ଡାହୁକ ୧୦ ବାଣୀ ।
ଜଳଜନ୍ତୁ ଚୟ ପ୍ରବଳ ଶବଦ ମଉନ କୋକିଳ ଶୁଣି ॥

---

୧– ଆସିଣ ଏ ଘନ ସ୍ଥାନରେ ପୋଥିରେ ଅଛି ଏ ବନ ।
୨– ବଗଳବନ ପୋଥିପାଠ । ୩– ମତ୍ତଗଜ ପୋଥିପାଠ, ୪– ଦୁଃଖ ପୋଥିପାଠ,
୫–ବକ ପନ୍ତିକା ପୋଥିପାଠ, ୬–କାନ୍ତି ମନ୍ଦରଦ୍ଧ ପୋଥିପାଠ, ୭–ଧର ସଜଶରାସନ
ପୋଥିପାଠ, ୮–ବୀର ବାଦ୍ୟ ପୁସ୍ତକପାଠ, ୯–ଭଜ୍ଜ ପୋଥିପାଠ, ୧୦–ପଣିଙ୍କ ପୁସ୍ତକପାଠ

ଶିଖୀ ୧ ବାରଙ୍ଗନା କରୁଛନ୍ତି ନୃତ୍ୟ ସଙ୍ଗୀତ କରେ ଡାହୁକ ।
ଷଟ୍ପଦ ପରାପୁ କଏବାର ୨ କରନ୍ତି ସକଳ ଦଗରେ ଭେକ ।
ଆହେ ଲକ୍ଷ୍ମଣ ।
ଗ୍ଲୃତକ ୩ ଦୁଃଖକୁ ଖଣ୍ଡେ ।
କଦମ୍ବ କଦମ୍ବ ୪ ପୁଷ୍ପବନ୍ତ ହୋଇ ଚନ୍ଦ୍ରାତପ କି ସେ ମୁଣ୍ଡେ ॥

ଏ ଘନ କାଳରେ ଥାଇ ମୋ କୋଳରେ ଡରୁ ଯେ ଥାଇ ଜାନକୀ ।
ଏ ଘନ ସ୍ୱନ ଶୁଣିଣ ଅବଚ୍ଛିନ୍ନ ଜୀବନରେ ଥିବ ନକି ।
ଆହେ ଲକ୍ଷ୍ମଣ ।
ବିଦ୍ୟୁତକୁ ୫ କରଇ ଭୀତ ।
ଚମକି ମୋ ଅଙ୍ଗରେ ଲୀନ ହୁଅଇ ୬ ପ୍ରେମଶୀଳା ରସବନ୍ତ ॥

ପୃଥିବୀ ବୋଲିବେ ମୋର ନନ୍ଦିନୀକି ରଖି ନ ପାରିଲେ ରାମ ।
ତପନ ବୋଲିବେ ଶଶଧର ପ୍ରାପ୍ତି ଲଗାଇବେ ମୋତେ ଶ୍ୟାମ ।
ଆହେ ଲକ୍ଷ୍ମଣ ।
ଋଷିମାନେ କି ବୋଲିବେ ।
ଋଷି ନନ୍ଦିନୀକି ସଙ୍ଗତେ ନ ଦେଖି ରୋଷ ନକି ୭ ନ କରିବେ ॥

ଆମ୍ଭଙ୍କୁ ମୂରୁଛି ନପାରି ଜାନକୀ ଅଇଲେ ଘୋର ବନକୁ ।
କାଳବେଳ ଜାଣି ସେବା କରିଥାନ୍ତି ଠାକିଣ ମୋର ମନକୁ ।
ଆହେ ଲକ୍ଷ୍ମଣ ।
ମୃଗୟାକୁ ଯାଇଥିଲେ ।
ଯିବା ପଥକୁ ଅନୁସରି ଶରୀରେ ଜୀବନ ନ ଥାଇ ଭଲେ ॥

କାନ୍ତା ଗୁଣ ଗୁଣି ପୁଣି ରଘୁମଣି ନୟନୁ ବୁହାଇ ନୀର ୮ ।
ଚରଣ ଗ୍ରୁପିଣ ପ୍ରବୋଧି ବଚନ କହନ୍ତି ଲକ୍ଷ୍ମଣ ବୀର ।
ଶୁଣି ଶ୍ରୀରାମ ୯ ।
କଅନେ ୧୦ ତେଜିଲେ ମୋହ ।
ବୋଇଲେ ବଶି କେତେ ଘନ ଅନ୍ତରେ ଶେଷ ହୁଏ ଜଳବାହ ॥

●

---

୧- ସଖି ପୋଥିପାଠ, ଶିଖ = ମୟୂର ୨- କଏବାର = ଝିଇଣ୍ଢ,
୩- ଗ୍ରୃତେକ ପୋଥିପାଠ, ୪- କଦମ୍ବ = କଦମ୍ବପୁଷ୍ପ, କଦମ୍ବ = ସମୂହ
୫- ବିଜୁଲୀ ପୋଥିପାଠ । ୬- ମୋତେ ଆଲିଙ୍ଗନ କରଇ ପୋଥିପାଠ ।
୭- କୋପ ପୋଥିପାଠ । ୮- ଅଶ୍ରୁଜଳ ପୋଥିପାଠ । ୯- ପ୍ରଭୁହେ ପୋଥିପାଠ ।
୧୦- କହନ୍ତେ ପୋଥିପାଠ ।

## ରାଗ—ଗୁଜ୍ଜରୀ ୧

ମାଲ୍ୟବନ୍ତ ଶିଖେ ରଘୁମଣି । ବକଲେ ଜାନକୀ ଗୁଣ ଗୁଣି ।
ଚୋରାଇ ନେଲା ମୋ ପ୍ରାଣ ବଲ୍ଲଭୀକି ସେ ଦୁଷ୍ଟ ସପତ ସିନ୍ଧୁ ଜିଣି ।
ଗୋ ବଇଦେହି ।
ତୁତ ରହିଲୁ ଦରିଆ ପାର ହୋଇ ଗୋ ॥

ତୋର ମୁଖକୁ ଚନ୍ଦ୍ରମା ସରି ନୋହି ଗୋ ।
ମେଘମାଳା ମାନେ ମେଘେ ଯାଅ । ଯେ ଯାହା ଦେଶରେ ରହିଥାଅ ॥
ସୀତାଙ୍କ ରୂପକୁ କେତେ ବାହୁନବ ଝୁରିଝୁରି କ୍ଷୀଣହେଲା ଦେହ ଗୋ ॥

ଅନେକ ଦେଶର ଦଣ୍ଡଧାରୀ । ଆସିଥିଲେ ତୋତେ ଆଟ୍ରେ କରି ।
ତୋହର ମନକୁ କେହି ନ ଅଇଲେ, ବରମାଳା ଦେଇ ମୋତେ ବରି ଗୋ ।

କେତେ ଧନ ବସି ବିଶ୍ୱକର୍ମା । ଗଢିଥିଲେ ତୋର ରୂପସୀମା ।
ଚରଣଠାରୁ ଅଙ୍ଗୁଳି ପରିଯନ୍ତେ ବର୍ଣ୍ଣି ନ ପାରିବେ ହରବ୍ରହ୍ମା ଗୋ ।

ଶ୍ରୀରାମ ଚନ୍ଦ୍ର ବ୍ୟାକୁଳ ଶୁଣି । ଆକୁଳେ ଲକ୍ଷ୍ମଣ ବୋଲେ ବାଣୀ ।
କାହିଁ ପାଇଁ ଦେବ କରୁଅଛ ଚନ୍ତା ନିଶ୍ଚୟ ପାଇବ ଠାକୁରାଣୀ ହେ ।

ସୀତା-କାନ୍ତ !
ଘୋର ଅସୁରକ ଏଡ଼େ ବଳବନ୍ତ ହେ ।
ବୋଲେ ବଣି ଶୁଣି ରାମ ତୋଷ ଚିତ୍ତ ହେ ॥

## ରାଗ—ରାମକେରୀ ୨

ସୁଗ୍ରୀ ରାଜସପଦ ପାଇ କରଇ ବଇଭୋଗ ।
ତାରା ରାଣୀରେ ବଢ଼ାଇଲା ସେ ମହା ଅନୁରାଗ ॥

ନ ଜାଣଇ ଖରା ବରଷା ଅନ୍ତଃପୁରରେ ପଶି ।
କରେ ବିବିଧ କେଳିରଙ୍ଗ ଘେନିଣ ଚାରୁକେଶୀ ॥

---

୧- ଏହି ଗୀତଟି ପୋଥିରେ ନାହିଁ ।
୨-ଏଥୁଅନନ୍ତରେ ଶବ୍ଦଟି ଶେଷରେ ପୁରେ ଶଙ୍ଖଧ୍ୱନି ଏ ବାଣୀରେ ଗାଇବ ପୋଥିପାଠ

ଏକଦିନେ ଆସ୍ଥାନ କରି ବିଜେ ସୁଗ୍ରୀବ ରାଜ ।
ଦେଖିଲେ ମନ୍ତ୍ରୀମାନେ ତାଙ୍କୁ ବାଳୀଠୁଁ ବଳି ୧ ତେଜ ।

ଦର୍ଶନ କରି କପି ସେନାମାନେ ୨ ଯେ ଉଭାହେଲେ ।
ଯାର ଯେତେକ କଥା ଥିଲା ସକଳ ଜଣାଇଲେ ॥

ସାବଧାନ ହୋଇଣ କପି ସମସ୍ତ କଥା ଶୁଣି ।
ଯାହା ଯେମନ୍ତେ ଉଚିତ ତେମନ୍ତେ କହଇ ବାଣୀ ॥

ସମ୍ପଦରେ ମତ୍ତ ହୋଇଲା ସେ ସବୁ ପାଶୋରିଣ ।
ରାମ ସକାଶୁଁ ସୁଗ୍ରୀବ ହୋଇଅଛୁ ପୂର୍ଣ୍ଣ କାମ ।

ମନ୍ତ୍ରୀବର ୩ ହନୁମନ୍ତ ଯେ ଏହି ସମୟେ ୪ କହେ ।
ଏକଇ ୫ କଥାକୁ ଭେଦେବ ମୋତେ ୬ ହୁଅଇ ଭୟେ ॥

ବରଷାଋତୁ ଶେଷ ହୋଇ ହୁଏ ୭ ଶରଦକାଳ ।
ଶ୍ରୀରାମଙ୍କୁ କଷ୍ଟ କରିଣ ଦେବ ହୋଇଲ ଭେଳ ॥

ପରୋପକାର ମହାପୁଣ୍ୟ ୮ କରିଲେ ସ୍ୱର୍ଗ ପାଇ ।
ପ୍ରତି ଉପକାର ନ କଲେ ବହୁତ ପାପ ୯ ହୋଇ ॥

ରାମ ତୁମ୍ଭ ସଙ୍ଗେ ମଇତ୍ର ହୋଇ ଏ ସୁଖ ୧୦ ଦେଲେ ।
ତୁମ୍ଭେ ତାଙ୍କୁ ମନା ନ କଲ ୧୧ ମାଲ୍ୟବନ୍ତକୁ ଗଲେ ॥

ଯେଉଁ କଣ୍ଟକର ଥିଲାଇଁ ସେହି ହେଲାଣି ପାରି ୧୨ ।
ଶୁଣିତା ଚକିତ ହୋଇଲେ ସୁଗ୍ରୀବ ଦଣ୍ଡଧାରୀ ॥

ଆହେ ହନୁ ଭଲ କହିଲ ମୋହର ନାହିଁ ମନେ ।
ଆମ୍ଭର ଉଲୁଷି ୧୩ ଲଗାନ୍ତୁ ଏବେ ଯେ କପିମାନେ ୧୪ ॥

ଏତେ ବୋଲି କପିରାଜନ କପି ସେନାକୁ ୧୫ ଚାହିଁ ।
ଚଉ ଦିଗକୁ ଯାଅ ଏବେ ଆମ୍ଭର ଆଜ୍ଞା ପାଇ ॥

---

୧- ବଳି ବଳିଠୁ ତେଜ ପୁସ୍ତକପାଠ, ୨- ସେହ୍ନା ପୋଥିପାଠ, ୩- ଏହି ସମୟରେ ପୋଥିପାଠ, ୪- ବୀର ପୋଥିପାଠ, ୫-ଏକଥାକୁ ପୋଥିପାଠ, ୬-ମନେ ପୋଥିପାଠ ୭- ହୋଇ ହୁଏ ସ୍ଥାନରେ ହୋଯ୍ୟେ ପୋଥିପାଠ, ୮- ମହାପୁଣ୍ୟେ ପୋଥିରେ ନାହିଁ ୯-ନର୍କ ପୋଥିପାଠ, ୧୦-ଯେତେକ ପୋଥିପାଠ, ୧୧-ମନେ ନ କଲ ପୋଥିପାଠ ୧୨-ଗଲାପୁରି ପୋଥିପାଠ, ୧୩-ଉଲୁରି = ଆଜ୍ଞାପତ୍ର, ୧୪-ଆମ୍ଭର ଭଲ ନ ଲେଡ଼ନ୍ତୁ କପିମାନେ ପୋଥିପାଠ, ୧୫- ଚଉପାଶେ ପୋଥିପାଠ ।

ମଧ୍ୟରେ ଯେତେ ଋକ୍ଷ କପି ୧ ସବୁଙ୍କୁ ଆସ ଘେନ ।
ପଞ୍ଚଦଶ ଦିନେ ନଇଲେ ଛେଦିବଇଁ ମୂର୍ଦ୍ଧନ ୨ ॥

ଆଜ୍ଞାପାଇ ବାନର ଦୂତେ ଚଉଦିଗକୁ ଗଲେ ।
ଯାହାକୁ ଯେଉଁମତ ଆଜ୍ଞା ସନମତ ୩ ସେ କଲେ ॥

ଆସ୍ଥାନ ଭାଙ୍ଗିଣ ସୁଗ୍ରୀବ ୪ ଅନ୍ତଃପୁରରେ ପଶେ ।
ବୋଲେ ବସି ତାରା ଅର୍ଦ୍ଧ ଖଟେ ସୁଗ୍ରୀବ ପାଶେ ॥

## ରାଗ-- **ବଙ୍ଗାଳଶ୍ରୀ**

ବରଷା ଅନ୍ତେ ମାଲ୍ୟବନ୍ତେ ସ୍ଫଟିକ ଶିଳାରେ ବିଜୟ ହରି ।
ଲକ୍ଷ୍ମଣ ମୃଗୟା ବିଜୟ କରନ୍ତେ ପ୍ରବେଶ ହୁଏ ଶର୍ବରୀ ॥

ପୂର୍ଣ୍ଣ ଶରଦ ସୁଧା କର ଦେଖିଣ ଦଶରଥଙ୍କ ନନ୍ଦନ ।
ବେନି ଲୋଚନୁ ଅଶ୍ରୁ ଧାରା ବହଇ ଚନ୍ଦ୍ର ପ୍ରିୟାର ବଦନ ॥

ଆହାରେ ଜନକ ନନ୍ଦିନୀ ଜାନକୀ ତୋ ପ୍ରାୟେ ସୁନ୍ଦରୀ ନାହିଁ ।
ଯୁବତୀ ଅମୂଲ୍ୟ ରତନ ହରାଇ ଲୋଡିଲେ ପାଇବ କାହିଁ ॥

ଯୋଷାମଣି ୫ ଆରେ ଯାମିନୀ ଶେଷରେ ବସୁ ଯେ ଉନ୍ନିଦ୍ର ହୋଇ ।
ଅପହୃତ କାଳେ ମୋହର ଶ୍ରୀମୁଖ ଦର୍ଶନ କରିବାପାଇଁ ।

ଏବେ କାହାମୁଖ ପ୍ରଭାତେ ଚାହିଁବୁ କହିବୁ କାହାକୁ ହସି ।
ଶରଦଶଶୀ ଦେଖାଇ ଦେଉଥିବୁ କାହାର ଅଙ୍କରେ ବସି ॥

କେ ତୋତେ ଶରଧା ପାଇଣ ସୁବେଶ କରିବରେ ଚନ୍ଦ୍ରମୁଖୀ ।
ଆରେ ବରାଙ୍ଗନେ କାହା ଆଲିଙ୍ଗନେ ହୋଇବୁ ପରମ ସୁଖି ।

ମୋତେ କେ ମନ ଜାଣି ସେବା କରିବ ଭୋଜନ ଶୟନ କାଳେ ।
କେ ମୋତେ ସପ୍ରେମ କରିଣ କହିବ ଭୁଜବେନି ୬ ଛନ୍ଦିଗଳେ ।

---

୧- କପିସବୁ ପୋଥିପାଠ, ୨- ମୃଦ୍ଧ୍ନ ପୋଥିପାଠ, ୩-ସେମାନେ ପୋଥିପାଠ,
୪- ନରେଶ ପୋଥିପାଠ, ୫- ଜାନୁମଣି ପୋଥିପାଠ ।
୬- ଭୁଜବଳେ ପୁସ୍ତକପାଠ ।

କେ ମୋତେ ଜଳଧର ଏବେ ଜଗିବ ମୃଗୟା ବାହୁଡ଼ା ବେଳେ ।
ମନଦୁଃଖ ଦେଖି କେ ଗୃଷ୍ଟୁ କହିବ ବସିଣ ମୋହର କୋଳେ ।

କେ ମୋର ଚରଣ ପଖାଳି ପାଦୁକ ପାଇଣ ଶିରେ ସିଞ୍ଚିବ ।
କେ ମୋର ଅଙ୍ଗରେ ସ୍ୱେଦବିନ୍ଦୁ ଦେଖି ବସନାଞ୍ଚଳେ ୧ ବିଞ୍ଚିବ ॥

କେ ମୋର ଶୟନେ ଚରଣ ଚାପି ନିଶି ୨ ଉନ୍ନିଦ୍ର ହୋଇବ ।
ରାଜନନ୍ଦନୀ ହୋଇଣ କେ ତୋହର ତ୍ରାହ୍ୟେକ ଦୁଃଖ ସହିବ ॥

ଶ୍ରୀରାମ କାରୁଣ୍ୟ କରୁ କରୁ ମୃଗ ଘେନି ଲକ୍ଷ୍ମଣ ଅଇଲେ ।
ଲକ୍ଷ୍ମଣ ହିଁ ଶୋକେ ଆତଙ୍କ ୩ ହୋଇଣ ପ୍ରବୋଧ କରି କହିଲେ ॥

ସାନୁଜ କହନ୍ତେ ଶୋକ ମନୁ ତେଜି କହନ୍ତି ଜାନକୀ ପତି ।
ଦେଖ ଲକ୍ଷ୍ମଣ ହୃଦୟ ଦହୁଅଛି ଶରଦରଜନୀପତି ॥

ଶରଦ ଋତୁ ପ୍ରବେଶ ରୁହିଁ ଦେଖ ନିର୍ମଳ ହୁଏ ୪ ଆକାଶ ।
ସବୁତ ସରୋବର ଜଳ ନିର୍ମଳ ବହୁ ବିକଶିତ କାଶ ୫ ॥

ମରାଳ ମାନେ ହୋଇଣ ମହାମତ୍ତ ଉଚ୍ଚେ କରୁଛନ୍ତି ଧ୍ୱନି ।
ଶୋଭା ଦେଖାଇ କି ସକଳ ଦିଗରେ ଶରଦ ଋତୁ-କାମିନୀ ॥

ତନୁ ନିର୍ମଳ୬ ମୁଖ ଚନ୍ଦ୍ର ୭ ମଣ୍ଡଳ ନଳ ଉତ୍ପଳ ନୟନା ।
ବିମ୍ବ-ଅଧରୀ ସେଫାଳିକା କଳିକା ଦଶନା କାଶ ବସନା ୮ ॥

କଇରବ- ହାସୀ ମନୋହର ବେଣୀ ବନ୍ଧୁଳି ୯ ତୁଙ୍ଗ ସ୍ତନା ।
ମଧୁକର-କେଶୀ ବୀଣା ଜଣା ଭାଷୀ ୧୦ ମତ୍ତମରାଳ ଗମନା ॥

ଏ ଋତୁ ଯାମିନୀ ୧୧ ଦେଖି ମୋ କାମିନୀ କା ସଙ୍ଗେ ବଞ୍ଚିବ ଦିନ ।
କାହା ସଙ୍ଗତରେ ଲୀଳା କରିବ ସେ ହୋଇଣ ମୋ ସଙ୍ଗ ଭିନ୍ନ ॥

ଲକ୍ଷ୍ମଣ ଜଣାନ୍ତି ୧୨ ଶୁଣ ଆହେ ଦେବ ତୁମ୍ଭ ରାମା ଅଗ୍ନି ରାଶି ।
ଅସୁରଚମ୍ବୁ ମଧ୍ୟାହୁଁ ମହାତ୍ମେ ତହିଁ କି ପାରିବେ ପଶି ୧୩ ॥

---

୧- ବସନାନ୍ତରେ ପୋଥିପାଠ । ୨- ବର୍ଣ୍ଣ ପୁସ୍ତକପାଠ । ୩- ଶୋକ ଅନଳେ ପୋଥିପାଠ । ୪- ହେଲ ପୋଥିପାଠ । ୫- ବହୁ ବିକାଶ ଆକାଶ ପୋଥିପାଠ । ୬- ମଣ୍ଡଳ ପୋଥିପାଠ । ୭- ଚନ୍ଦ୍ର ପୋଥିରେ ନାହିଁ । ୮ - ବିମ୍ବାଧରୀ ମରାଳ ଗମନୀ ସେ ହେମପୂର୍ଣ୍ଣଘନା ପୋଥିପାଠ । ୯-ବନ୍ଧୁଳ ପୋଥିପାଠ । ୧୦- ବୀଣା ଗୁଣଭାଷୀ ପୋଥିପାଠ । ୧୧-ଏ ଋତୁ ଯାମେ ପୋଥିପାଠ, ୧୨-ଲକ୍ଷ୍ମଣ ବୋଲନ୍ତି ପୋଥିପାଠ ୧୩- କେ ତହିଁ ପାରିବ ବସି ପୋଥିପାଠ ।

ଜାନକୀ ତୁମ୍ଭର ସାକ୍ଷାତ କମଳା ତୁମ୍ଭେ ସ୍ୱୟଂ ନାରାୟଣ ।
ଏକଥା ମାନ ମନେ ନ ବିଚାରି କିପାଇଁ କର କାରୁଣ୍ୟ ॥

ଗଲା ୧ ଏ ବରଷା ହୋଇଲା ଭରସା ମାରିବା ଅସୁରକୁଳ ।
ବୋଲଇ ବଶି ସଉମିତ୍ରି କହନ୍ତେ ତେଜିଲେ ରାମ ବିକଳ ॥

❊

## ରାଗ—ଧନାଶ୍ରୀ ପଢ଼ତାଳ

ଶୁଣ ହେ ସାନୁଜ ସୁଗ୍ରୀବର ଜ୍ଞାନ ହାରିଲା ।
ସମ୍ପଦ ମଦିରା ପାନେ ଆମ୍ଭଙ୍କୁ ପାଶୋରିଲା ॥

ବରଷା ଶେଷେ ଶରଦ ଋତୁ ଏବେ ହୋଇଲା ।
କଣ୍ଟ ପୂରିଗଲା ଆମ୍ଭ ପାଶକୁ ସେ ନ ଅଇଲା ॥

ଆମ୍ଭେ ତାକୁ ଯେଉଁ ଉପକାର କରି ହୋଇଲୁ ।
ପ୍ରତ୍ୟୁପକାର କରିବା କଥା ନ ଚିନ୍ତୋଇଲା ୨ ॥

ସୁଗ୍ରୀବ ଯେବେ ଆମ୍ଭର କାର୍ଯ୍ୟେ ହେଳା କରିବ ।
ବାଳୀ ପ୍ରାୟେ ହୋଇ ଆମ୍ଭ କାଣ୍ଡ ମୁନେ ମରିବ ॥

ତୁମ୍ଭେ ଯାଇ ତାଙ୍କୁ ଭୟ ଦେଖାଇଣ କହିବ ।
ଆମ୍ଭର ମଇତ୍ର ବୋଲି ଉପ୍ରୋଧ ନ କରିବ ॥

ବୋଲିବ ଯେବଣ ବାଣେ ବାଳୀବୀର ମଲାଟି ।
ସେ କାଣ୍ଡ ଲେଉଟି ରାମ ତୂଣେ ସମ୍ଭାଇଲାଟି ॥

ବାଳୀ ମାର୍ଗକୁ ଗରଧା ଯେବେ ତୋର ନାହିଁଟି ।
ତେବେ ରାମ ଚରଣେ ଦର୍ଶନ କର ଯାଇଟି ॥

ଲକ୍ଷ୍ମଣ ବୋଲନ୍ତି ଦେବ ସୁଗ୍ରୀ ବଡ଼ ଦୁଷ୍ଟ ହେ ।
ତାଙ୍କୁ ମାରି ଅଙ୍ଗଦକୁ ଦେବା ଏହି ରାଷ୍ଟ୍ର ହେ ॥

ଶୁଣିଣ ଶ୍ରୀରାମ କରେ ଛୁଇଁ ଭୂମି ଶ୍ରୁତି ଯେ ।
ଏହା କଲେ ୩ ନାଶ ଯିବ ସକଳ ସୁକୃତ ଯେ ॥

---

୧– ଭଲା ପୁସ୍ତକପାଠ ।  ୨– ସେତ ନୋହିଲା ପୋଥିପାଠ ।
୩– ତାକୁକଲେ ପୋଥିପାଠ ।

ଜାଣି ଅଛ ଯେଉଁ ରୂପେ ହୋଇଥାଇ ମଇତ୍ର ।
ମିତ୍ର ଦ୍ରୋହ କଲେ କି ବୋଲିବେ ଏ ଜଗତ ହେ ॥

ତୁମ୍ଭେ ତାଙ୍କୁ ଉଚିତ ୧ ବେଭାର ବାଣୀ କହିବ ।
ତାର ଅପରାଧ କଲେ ୨ ମନରେ ନ ଧରିବ ॥

ଶ୍ରୀରାମଙ୍କ ଆଜ୍ଞାରେ ୩ ଲକ୍ଷ୍ମଣ ହେଲେ ବାହାର ।
ବୋଲେ ବିଶି ଧନୁ ତୂଣୀ ଘେନି ଗମେ ତ୍ୱରିତର ॥

●

## ରାଗ—ମଙ୍ଗଳ ଗୁର୍ଜରୀ

କିଷ୍କିନ୍ଧ୍ୟା ଗୁମ୍ଫା ଦ୍ୱାରେ ଲକ୍ଷ୍ମଣ ପ୍ରବେଶ ।
ଦେଖିଣ ବାନର ଦ୍ୱାରୀ କରି ବହୁ ୪ରୋଷ ॥

ଶାଳ ଶିଳ କରେ ଧରି ଓଗାଳିଲେ ଦ୍ୱାର ।
ଦିଶନ୍ତି ବାନର ମତ୍ତ ଗଜର ଆକାର ହେ ॥

କେ ବୋଲଇ ରାମଭାଇ ହୋଇଛନ୍ତି କ୍ରୋଧ ।
କେ ବୋଲଇ ବାଲୀ ପରି ଏହୁ କଲେ ବଧ ॥

କେ ବୋଲଇ ଏବେ ଆସିଛନ୍ତି କି ବିଚାରେ ।
କେ ବୋଲଇ ଜଣାଇବା ରାଜାଙ୍କ ଛାମୁରେ ହେ ॥

ଏତେ ବୋଲି ଜଣାଇଲେ ୫ ରାଜାଙ୍କ ଛାମୁରେ ।
ଶ୍ରୀ ଦେବ ରାମ ସାନୁଜ ଆସିଛି କୋପରେ ୬ ଯେ ॥

ଶିଳା୭ ମାନ ଧରିଣ ଓଗାଳିଛନ୍ତି କପି ।
ଉଭା ହୋଇଛନ୍ତି ଦ୍ୱାରେ ହୋଇ ମହାକୋପୀ ହେ ॥

କନକ ଗିରି ପରାୟେ ପାଉଛନ୍ତି ଶୋଭା ।
ନିର୍ଧୂମ ଅନଳ ପ୍ରାୟେ ନୟନର ପ୍ରଭା ହେ ॥

---

୧- ଉଚିତ ପୋଥିପାଠ । ୨- ତୁମ୍ଭେ ପୋଥିପାଠ । ୩- ରାମ ଆଜ୍ଞା ପାଇଣ ପୋଥିପାଠ । ୪- ଗରୁରୋଷ ପୋଥିପାଠ । ୫- ଯାଇ ହେଲେ ପୋଥିପାଠ । ୬- କୋପଭରେ ପୋଥିପାଠ । ୭- ଶାଳଶିଳ ପୋଥିପାଠ ।

ଧନୁରେ ଦେଇଣ ଗୁଣ ଧରିଛନ୍ତି ଶର ।
ଶୁଣିଣ ସୁଗ୍ରୀବ ଭୟେ ହୋଇଲେ କାତର ୧ ସେ ॥

ଆଜ୍ଞା ଦେଲେ ଅଙ୍ଗଦକୁ ୨ ଘେନ ଆସ ଯାଇ ।
ରାମ ଭ୍ରାତା କୋପ କରିଛନ୍ତି କାହିଁପାଇଁ ସେ ॥

ଅଙ୍ଗଦ ଦର୍ଶନ ୩ କରି ଘେନିଣ ଅଇଲେ ।
କିଷ୍କିନ୍ଧା କଟକ ଦେଖି ବହୁ ପ୍ରଶଂସିଲେ ସେ ॥

ଧବଳ-ମେଘ ମାନଙ୍କେ ପ୍ରାୟେ ପୁର ଶୋଭା ।
ରାଜାଙ୍କ ନବର ସ୍ୱର୍ଗ ରାଜପୁର୪ କିବା ସେ ॥

ବେନି ପାଶେ ୫ ସେନାପତିମାନଙ୍କର ପୁର ।
ଉଚ୍ଚ ପ୍ରାଙ୍ଗଣ ୬ ଦାଣ୍ଡକୁ ଦିଶଇ ସୁନ୍ଦର ସେ ॥

ପସରିମାନଙ୍କେ ପାଉଅଛୁ ଦ୍ରବ୍ୟ ଶୋଭା ।
ବୋଲେ ଋଷି ଲକ୍ଷ୍ମଣ ମନରେ କଲେ ଲୋଭା ହେ ॥

●

## ରାଗ—ଦକ୍ଷିଣ କାମୋଦୀ

କଟକ ଭିତରେ ପଶି ଦେଖି ଦେଖି ଗଲେ ।
ନବରର ସିଂହଦ୍ୱାରେ ପରବେଶ ହେଲେ ॥

ପାଞ୍ଚଦ୍ୱାର ପାରି ହୋଇ ୭ ଯାଇ ଉଭା ହେଲେ ।
ଅନ୍ତପୁର ଛାଡ଼ିଣ ସେ ଅପସରି ଗଲେ ॥

ହେମମୟ ସ୍ତମ୍ଭେ ୮ ଅଛୁ ହେମଖଟ ଦୋଳି ।
ହେମ ଶିକୁଳୀରେ ଖଞ୍ଜା ଶୋହେ୯ ହେମତୁଳୀ ॥

ତାରି ରୋମା ସ୍କନ୍ଧେ୧୦ ଦେଇଅଛୁ ବେନି ଭୁଜ ।
ମଧ୍ୟରେ କରିଛୁ ବିଜେ କପିକୁଳ ରାଜ ॥

---

୧- ନୋହିଲା ବାହାର ପୋଥିପାଠ । ୨- ଅଙ୍ଗଦ ହେ ପୋଥିପାଠ ।
୩-ଦ୍ରଶନ ପୋଥିପାଠ । ୪-ସ୍ୱର୍ଗ ସୁନ୍ଦର ପୋଥିପାଠ । ୫-ପାରୁଶରେ ପୋଥିପାଠ ।
୬- ଉଞ୍ଚ ପ୍ରାଙ୍ଗଣ । ୭- ବଳାଇଣ ପୋଥିପାଠ । ୮- ହେମ ଯୋଣାଖମ୍ବରେ ପୋଥିପାଠ । ୯-ଖଞ୍ଜି ହୋଅଛୁ ପୋଥିପାଠ । ୧୦-ତାରିବାମା କରେ ପୋଥିପାଠ

ଚିବୁକ ଧରଣ ସେ ଚୁମ୍ବଇ ବିମ୍ବଓଷ୍ଠୀ ।
ସେ କାଳେ ପଡ଼ିଲା ଯାଇ ଲକ୍ଷ୍ମଣଙ୍କ ଦୃଷ୍ଟି ॥

ଧନୁର୍ଗୁଣ ଆସ୍ଫଣେ ଟଙ୍କାର ସେ କଲେ ।
ଶୁଣି ଆସନ୍ତେ ସୁଗ୍ରୀବ କାତର ହୋଇଲେ ॥

ତାରଙ୍କୁ ବୋଇଲେ ତୁମ୍ଭେ ଯାଇ କର ଭେଟ ।
ଯେମନ୍ତ ତାଙ୍କର ମନ ହୁଏ ମହା ହୃଷ୍ଟ ॥

ଦୋଳାରୁ ଓହ୍ଲାଇଣ ଆସଇ ବରନାରୀ ।
ନିତମ୍ବ ବତୀର ଦୁଇ ଉଚ୍ଚ କୁଚ ଭାର[୧] ॥

ଝୁଲନ୍ତେ ନୂପୁର ଯେ ରୁଣୁଝୁଣୁ ବାଜେ ।
ତ୍ରିଣ୍ଡିମ ବାଜଇ କି ମଦନ କଲେ ବିଜେ[୨] ॥

କୁସୁମ ସହିତେ ତାର ଥିଟିଅଛି ବେଣୀ ।
ତୁଟି ପଡ଼ୁଅଛି ତାର ଉରହାର ଶ୍ରେଣୀ ॥

ନିତମ୍ବରୁ କାଞ୍ଚିଦାମ ପଡ଼ୁଅଛି[୩] ଖସି ।
ତାମ୍ବୁଳ ପିକ ପକାଇ ମନ୍ଦମନ୍ଦ ହସି ॥

ଓଢ଼ଣା ବସନ ମହୀ ଚରଣରେ ଲୋଟି[୪] ।
ନୀବିବନ୍ଧ ଛନ୍ଦ ଅଛି ମନ୍ଦମନ୍ଦ ଫିଟି[୫] ॥

ମଧୁପାନେ ରଙ୍ଗିମା ଦଶେ ନୟନ ବେନି ।
ରଙ୍ଗାଧରୀ[୬] ରଙ୍ଗବନ୍ଧୁ ଭଲେ ଅଛି ଘେନି ॥

ଲକ୍ଷ୍ମଣଙ୍କୁ ଦେଖିଣ ସେ ଶିରେ କର ଦେଲେ ।
ସମ୍ମୁଖେ ଚନ୍ଦ୍ରବଦନୀ ଉଭା ଯେ ହୋଇଲେ ॥

ଦେଖିଣ ଲକ୍ଷ୍ମଣ ଲାଜେ ହେଲେ ହେଟ ମୁଖ ।
ବୋଲେ ବସି କହିଲେ ଶ୍ରୀରାମଚନ୍ଦ୍ର ଦୁଃଖ ॥

●

୧– ଉଚ୍ଚକୁଚରେ ଭର ପୋଥିପାଠ । ୨– ଗଞ୍ଜେ ପୋଥିପାଠ ।
୩– ପଡ଼େ ପୋଥିପାଠ । ୪– ମହୀରେ ଲୋଟେ ପୋଥିପାଠ । ୫– ନୀବୀବନ୍ଧ ଛନ୍ଦ ମନ୍ଦମନ୍ଦ ଫିଟେ ପୋଥିପାଠ । ୬– ବିମ୍ବାଧରୀ ପୋଥିପାଠ ।

## ରାଗ—ଆହାରୀ

ତାରା ରାଣୀ ୧ କହେ ମଧୁର ବାଣୀ ।
ସୁଗ୍ରୀବ କ ତୁମ୍ଭ କାର୍ଯ୍ୟ ଅଛୁ ନ ଜାଣି ॥

ପେଷିଛୁ ଦୂତ, ସେ ଆସିବେ ତ୍ୱରିତ ।
ବାନର ବଳାନ୍ତ ଘେନି ଭେଟିବ ମିତ ॥

ଚନ୍ତ୍ର ରାଘବ ମନେ ପ୍ରିୟାର ଭାବ ।
ରଜନୀ ଦିବସ ତାଙ୍କୁ ସରୁ ନ ଥିବ ୨ ॥

ତୁମ୍ଭେ ତ ଜାଣ, ସର୍ବ ଶାସ୍ତ୍ର ପୁରାଣ ।
ସଖିଲ ଜନରେ କୋପ କେଉଁ କାରଣ ॥

ଶୁଣି ସୁମନ ଦଶରଥ ନନ୍ଦନ ।
ସୁଗ୍ରୀବ ଏବେ ସେ ଆସି କରୁ ଦର୍ଶନ ୩ ॥

ଶୁଣିଣ ତାରା ଯୁବତୀଙ୍କର ସ୍ୱର ।
ବାହୁଡ଼ିଣ ଯାଇ ସୁଗ୍ରୀକ କଲା ଧୀର ॥

ସୁଗ୍ରୀବ ଆଣି ଭେଟାଇଲା ତରୁଣୀ ।
ଲକ୍ଷ୍ମଣଙ୍କୁ ଆଲିଙ୍ଗନ କଲା ୪ ସେ ପୁଣି ॥

କଲ୍କ ପୂଜା ତାଙ୍କୁ ମର୍କଟ-ରାଜା ।
ବୋଲଇ ଖେ ଜାଇ ଦେବ ମିତ୍ର ଭାରଯା ॥

ବାନର-ସାଇଁ,୫ ରାମ-ଦର୍ଶନ୬ ପାଇ ।
ଲକ୍ଷ୍ମଣଙ୍କୁ ହେମ ସୁଖାସନେ ୭ ବସାଇ ॥

କିଷ୍କିନ୍ଧା ରାଜେ ୮ ସୁଖା-ସନରେ ବିଜେ ।
ବିବିଧ ବାଇଦମାନ ୯ ଗୁମୁରେ ବାଜେ ॥

---

୧-ସେ ତାରାରାଣୀ ପୋଥିପାଠ । ୨-ସରୁଥିବ ପୋଥିପାଠ । ୩-ଦ୍ରଶନ ପୋଥିପାଠ । ୪- କଲ୍କ ପୋଥିପାଠ । ୫- ଗୋସାଇଁ ପୋଥିପାଠ । ୬- ଦ୍ରଶନ ପୋଥିପାଠ । ୭- ସୁକାସନେ ପୋଥିପାଠ । ୮-କିଷ୍କିନ୍ଧ୍ୟାରାଜ୍ୟେ ପୁସ୍ତକପାଠ । ୯- ବାଦ୍ୟ ମାରୁତ ପୋଥିପାଠ ।

ବାନର ବଳ ଚଳେ ମହୀ ଗହଳ ।
ଯାନ ଢେଙ୍କି ୧ ଆରୋହଣ କଲେ ଅଚଳ ୨ ॥

ସୁମିତ୍ରା-ସୁତ ପେଖି ବିକଳ ଚିତ୍ତ ।
ବୋଲେ ବିଧି ରାମ ହୋଇଥିଲେ ଦୁଃଖିତ ॥

●

ରାଗ-- **କଫି**

ଲକ୍ଷ୍ମଣ ସଙ୍ଗେ ସୁଗ୍ରୀବ କଲେ ଦର୍ଶନ ।
ଦେଖିଣ ଉଠି ତାଙ୍କୁ ଶ୍ରୀରାମ ଯେ କଲେକ ଆଲିଙ୍ଗନ ॥

ରାମ ବୋଲନ୍ତି ହେଲା କଲ୍ କି ମିତ ।
ସୁଗ୍ରୀବ କର ଯୋଡ଼ି ଜଣାଇ ହେ ଦେବ ପେଷିଛୁ ଦୂତ ॥

ଆଜି କାଲି ଭିତରେ ଆସିବେ ବଳ ।
ଏ କଥାକୁ ଶ୍ରୀଦେବ ସନ୍ଦେହ ହେ ତୁମ୍ଭେ ମନେ ୩ ନ ଭାଳ ॥

ସୁଗ୍ରୀବ ୪ ରାମ କଥା ହୋଇବା ଭିତରେ ।
ଦିନକର ଅଦୃଶ୍ୟ ହୋଇଲେ ଯେ ସୈନ୍ୟ ପାଦ ଧୂଳିରେ ॥

ମୁଖରବ ଶବଦେ ଉଚ୍ଛୁଳେ ମହୀ ୫ ।
ଜଳ ଲଙ୍ଘିଣ କିବା ସାଗର ସେ ଆସୁଛଇ ୬ ବନ୍ଧୁ ॥

ରାମ ବୋଲନ୍ତି ଶୁଭଇଛି ଚହଳ ।
ସୁଗ୍ରୀ ବୋଲନ୍ତି ଦେବ ଅଇଲେ ହେ ଆମ୍ଭ ବାନର ବଳ ॥

ପ୍ରଥମେ ଶତବଳ ୭ ଦର୍ଶନ କଲା ।
ଦଶକୋଟି ସହସ୍ର ବାନର ହେ ସଙ୍ଗେ ଘେନି ଅଇଲା ॥

ସୁଷେଣ ସଙ୍ଗେ ଦଶସହସ୍ର ୮ କୋଟି ।
ଦଶ ସହସ୍ର କୋଟି ବାନର ହେ ଘେନି କେଶରୀ ଭେଟି ॥

---

୧- ଯାନଚଢ଼ି ପୁସ୍ତକପାଠ । ୨- ସକଳ ପୋଥିପାଠ । ୩- କରୁ ପୋଥିପାଠ ।
୪- ସୁଗ୍ରୀ ପୁସ୍ତକପାଠ । ୫- ମୁଖରବରେ ଉଚ୍ଛୁଳଇ ମହୀ ପୋଥିପାଠ । ୬- ଆସୁଣ ଅଛି ପୋଥିପାଠ । ୭- ଶତଦଳ ପୁସ୍ତକପାଠ । ୮- ଦଶସହସ୍ର ପୁସ୍ତକପାଠ ।

ଦ୍ୱାଦଶସସ୍ର କୋଟି୧ ଘେନଣ ନଳ ।
ପନ୍ଦର ସହସ୍ର ଗବାକ୍ଷର ହେ ସଙ୍ଗେ ବାନର ବଳ ॥

ଗବୟ ସଙ୍ଗେ ସପ୍ତ କୋଟି ପନ୍ଦର ।
ଦଧିମୁଖ ଘେନଣ ଭେଟିଲ୍ ଯେ ଶତକୋଟି ବାନର ॥

ମହେନ୍ଦ୍ର ସଙ୍ଗେ ପାଞ୍ଚ ସହସ୍ର କୋଟି ।
ଦ୍ୱିବଦ୨ ସଙ୍ଗେ କୋଟି ସହସ୍ର ଯେ କପି ଘେନଣ ଭେଟି ॥

ରାମଯାନ ସଙ୍ଗତରେ ପଚଶ କୋଟି ୩ ।
ବୋଲଇ ବଶି ମହୀ ପୂରଣ ହେ ଆସନ୍ତି କପି ଘୋଟି ॥

●

ରାଗ- -**ନଳନୀଗୌଡ଼ା**

ଗବୟ ୪ ସେନାପତି ଭେଟି । ସଙ୍ଗେ ପାଞ୍ଚଶସ୍ର ୫ କୋଟି ।
ଜାମ୍ବବ କଲା ଦର୍ଶନ । ଶତସମ୍ର କୋଟି ସୈନ୍ୟ ॥
ଗନ୍ଧମାଦନ ଭେଟ । ସହସ୍ର କୋଟି ମର୍କଟ ।
ଅଙ୍ଗଦ କଲା ଦର୍ଶନ । କିଷ୍କିନ୍ଧାର ୬ ଘେନ ସୈନ୍ୟ ॥
ଶତ ଶତ ସମ୍ରକୋଟି । ଘେନ ସୈନ୍ୟ ସଙ୍ଗେ ଭେଟି ।
ତାର କଲା ଦରଶନ । ଅୟୁତ କୋଟି ତା ସୈନ୍ୟ ॥
ଇନ୍ଦ୍ରଯାନ ହୁଏ ଭେଟ । ସହସ୍ର କୋଟି ମର୍କଟ ।
ରମ୍ଭା କଲା ଦରଶନ । ପଞ୍ଚସମ୍ର କୋଟି ସୈନ୍ୟ ୭ ॥
ଦୁର୍ମୁଖ ୮ ଦର୍ଶନ କର । ଷଟସମ୍ର ୯ କୋଟି ହର ॥
ହନୁ କଲା ଦରଶନ । ଷାଠିଏ ୧୦ କୋଟି ତା ସୈନ୍ୟ ॥
ନଳସଙ୍ଗରେ ମର୍କଟ ୧୧ । ଶତକୋଟି ଘେନ ଭେଟ ॥
ଦଧିମୁଖ ଭେଟ କଲା । ଆଠ ସମ୍ର କୋଟି ଥିଲା ॥

---

୧- ସସ୍ରବଳ ପୋଥିପାଠ । ୨- ଦ୍ୱିବନ୍ଦ ପୋଥିପାଠ, ୩-ପାଞ୍ଚ ସହସ୍ରକୋଟି ପୋଥିପାଠ । ୪-ରଜା ପୋଥିପାଠ, ୫-ପଞ୍ଚାଶସସ୍ର ପୋଥିପାଠ, ୬-ପାଞ୍ଚକୋଟି ପୋଥିପାଠ, ୭-ଶତସହ୍ର କୋଟି···ଠାରୁ······ପଞ୍ଚସମ୍ର କୋଟି ସୈନ୍ୟ ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ । ୮-ଦୁମୁଖ ପୋଥିପାଠ । ୯-ଶତସହସ୍ର ପୋଥିପାଠ । ୧୦-ଶସ୍ତେ ପୋଥିପାଠ, ୧୧- ମ୍ରକଟ ପୋଥିପାଠ ।

ଶରଭ ଦର୍ଶନ କରି । ପଞ୍ଚଦଶ କୋଟି ହରି ॥
କୁମୁଦ ଦର୍ଶନ କଲା । କପି କୋଟି ଦଶ ଥିଲା ॥
ବହ୍ନି କଲା ଦରଶନ । ଦ୍ୱାଦଶ କୋଟି ତା ସୈନ୍ୟ ॥
ଦର୍ଶନ କଲା ଦ୍ୱିବନ୍ଧ । ସଙ୍ଗରେ କପି ଅର୍ବୁଦ ୧ ॥
ଋଷଭ ଦ୍ରଶନ କରି । ପଞ୍ଚଦଶ କୋଟି ହରି ॥
କୁମୁଦ ଦ୍ରଶନ କଲା । କପି କୋଟି ଦଶ ଥିଲା ॥
ଦୁର୍ମୁଖ କଲା ଦ୍ରଶନ । ଦ୍ୱାଦଶ କୋଟି ତା ସୈନ୍ୟ ॥
ଦ୍ରଶନ କଲା କ ମଳ । ସଙ୍ଗରେ କପି ଅଚଳ ୨ ॥
ବନଗିରି ଭୂମି ପୂରି । ରହିଲେକ ଋକ୍ଷ ହରି ॥
ଦେଖିଣ ରାଘବ ତୋଷ । ସୁଗ୍ରୀବଙ୍କୁ ରାଇ ପାଶ ॥
କଲେ ତାଙ୍କୁ ଆଲିଙ୍ଗନ । ଆନନ୍ଦ ହୋଇଣ ମନ ॥
ବୋଲନ୍ତି ଶ୍ରୀରଘୁନାଥ । ହୋଇଣ ଥିଲୁ ଅନାଥ ॥
ତୁମ୍ଭଙ୍କୁ ପାଇଣ ନାଥ । ଯୁଝିବୁ ଅସୁର ସାଥ ॥
ସୁଗ୍ରୀବ ଯୋଡ଼ିଣ କର । ବୋଲଇ ଶୁଣ ରଘୁବୀର ॥
ଅଇଲେ ବାନର ବଳ । ତା ସଙ୍ଗେ କରିବେ ଗୋଳ ॥
ହୋଇ ରାମ ହସ ହସ । ବୋଲନ୍ତି ସୀତା ସନ୍ଦେଶ ॥
ପାଇଲେ ସିନା ଯୁଝିବା । ଜୀବନେ ଥିବା ବୁଝିବା ୩ ॥
ଯେ ଆଜ୍ଞା ହେବ ତୁମ୍ଭର । ଖୋଲାଇବ ୪ ମଞ୍ଚପୁର ॥
ଶ୍ରୀରାମଙ୍କ ଆଜ୍ଞା ପାଇ । ଯୂଥ ପତି ୫ ଗଣ ରାଇ ॥
ରାମ ଆଗେ କଲେ ଉଭା । ବୋଲେ ବଶୀ ଦଶେ ଶୋଭା ॥

●

---

୧-'ଶରଭ'...ଠାରୁ 'ଅର୍ବୁଦ' ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ, ୨-'ଋଷଭ'...ଠାରୁ 'କପି ଅଚଳ' ପର୍ଯ୍ୟନ୍ତ ପାଠ ପୁସ୍ତକରେ ନାହିଁ, ୩-ଏହି ପଦାଂଶଟି ପୋଥିରେ ନାହିଁ, ୪-ଖୋଳାଇବ ପୋଥିପାଠ, ୫-ସେନାପତି ପୋଥିପାଠ ।

## ଗଡ଼ମାଳଆ ବୃତ୍ତ

ଉଭା ଯୂଥପତିଗଣ ।
　　　　　　ନାମ ଧରି ଧରି ଚହ୍ନାଇ ଦ୍ୱନ୍ତ ଯେ,
　　　　　　　　　ରାମଙ୍କୁ ତାରା ରମଣ ॥
ଦେଖ ଦେବହେ
　　　　　　　　　ଅଙ୍ଗଦ ହନୁ ସୁଷେଣ ॥
ଗଜ ଜାମ୍ବୁବନ୍ତ କେଶରୀ ବୀରହେ,
　　　　　　　　　ଶ୍ରୀମଯାମୀର ରମଣ ॥
　　　　　　　　　ଦେଖ ଦେବ ହେ୧ !
ଗବୟ ଗବାକ୍ଷ ନୀଳ ।
　　　　　　ମହୀନ୍ଦ୍ର ଦ୍ବିବିଦ ଗନ୍ଧମାଦନ ହେ,
ଦଧିମୁଖ କୁମୁଦ ନଳ ।
　　　　　　　　　　　କି ଦେବ ହେ ॥
ଦଧିମୁଖ କାଳୀ ମୁଖ ।
ଇନ୍ଦ୍ରଯାନ ତାର ସର୍ବବଳ ଶ୍ରୀମଯାନ ଋକ୍ଷ, କି ଦେବହେ ॥
ପଞ୍ଚଦଶ ସେହ୍ନା ସ୍ୱୈନ୍ଦ୍ର ।
　　　　　　ଏହାଙ୍କ ସଙ୍ଗେ କୋଟିକୋଟି କପିହେ,
ବଳତା କଳନା ନାହିଁ,
　　　　　　　　　　　କି ଦେବ ହେ ॥
ବିନୋଦ ସେନାକୁ ରାଇ ।
　　　　　　ଆଜ୍ଞାଦେଲେ କପିକୁଳର ସାଇଁ ଯେ୨ ,
　ତ୍ୱର ଭରେ ଖୋଜ ଯାଇ ମୋ ବନ୍ଧୁ ହେ ॥
ଉଦେ ଗିରି ଯାଏ ଯିବ,
　　　　　　ବନ ଗିରି ଗ୍ରାମପୁର କଟକ୩ ଯେ ।
ସମସ୍ତେ ବୁଲି ଖୋଜିବ,
　　　　　　　　　　କି ମୋ ବନ୍ଧୁ ହେ ॥
ଜନକରାଜ ଦୁଲଣୀ୪,
　　　　　　ବାରତା ମାସକେ ନ ଦେଲେ ଆଣି ଯେ ।

---

୧- ଶ୍ରୀମଯାମୀର...ଠାରୁ "ଦେବ ହେ" ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ ।
୨- ଗବୟ ଗବାକ୍ଷ...ଠାରୁ ବଳତା କଳନା ନାହିଁ, କି ଦେବ ହେ' ପର୍ଯ୍ୟନ୍ତ ପାଠ ପୁସ୍ତକରେ ନାହିଁ । ୩- ଗୁମ୍ଫା କଟକ ଯାକ ହେ ପୋଥିପାଠ । ୪- ନନ୍ଦନୀ ପୋଥିପାଠ ।

ପକାଇବ ଶିର ହାଣି ।

କ ମୋ ବନ୍ଧୁ ହେ ୧ ॥

ଗବୟ ଗବାକ୍ଷ ଗଜ

ଦୁର୍ବିଳ ତାର ନଳ ନଳ ସୁଷେଣ ଯେ ॥

ହନୁମନ୍ତ ଯୁବରାଜ

କ ମୋ ବନ୍ଧୁ ହେ ॥

ଜାମ୍ବବ ଗନ୍ଧମାର୍ଦ୍ଦନ

ବୋଲେ କପିରାଜ ତୁମ୍ଭେ ଯେ ବେଗେ ହେ

ଦକ୍ଷିଣେ ୨ ଯାଅ ବହନ

କ ମୋ ବନ୍ଧୁ ହେ ॥

ମାସେ ନପୁରୁ ଆସିବ ।

ଦକ୍ଷିଣ ସିନ୍ଧୁ ମଧ୍ୟେ ଯେତେ ଗଡ ହେ ।

ସବୁ ବୁଲିଣ ଖୋଜିବ,

କ ମୋ ବନ୍ଧୁ ହେ ॥

କେଶରୀ ବୀରକୁ ଚାହିଁ,

କହନ୍ତି ତାହାକୁ ପାଶକୁ ରାଇ ଯେ ।

ଖୋଜିବ ପଶ୍ଚିମେ ଯାଇ,

କ ମୋ ବନ୍ଧୁ ହେ ॥

ଶ୍ରୀରାମଚନ୍ଦ୍ର ଘରଣୀ,

ବାରତା ମାସକେ ନ ଦେଲେ ଆଣି ଯେ ।

ଦଣ୍ଡ ଦେବ ସତ୍ୟବାଣୀ,

କ ମୋ ବନ୍ଧୁ ହେ ॥

ଶତବଳ ସେନାପତି,

ତାହାଙ୍କୁ ରାଇଣ କହନ୍ତି କଥ ଯେ ।

ଉତ୍ତରେ ଯାଅ ତଡ଼ତ,

କ ମୋ ବନ୍ଧୁ ହେ ॥

ପୃଥିବୀର ଥାନ ୩ ଯେତେ,

ସୁଗ୍ରୀବ ତାହାଙ୍କୁ କହିଲେ ତେତେ ଯେ ।

ବଣି ବୋଲେ କ କହିବ ଗୀତେ ।

କ ମୋ ବନ୍ଧୁ ହେ ୪ ॥

---

୧- ମୋ ବୀର ହେ ପୋଥିପାଠ, ୨-ନୈଋତୀ ପୋଥିପାଠ, ୩-ସ୍ଥାନ ପୁସ୍ତକପାଠ,
୪- ସେ ଯେତେ ହେ ପୋଥିପାଠ ।

## ରାଗ—**କୌଶିକ**

ରାମ ପଚାରନ୍ତି ସଖେ ସୁଗ୍ରୀ ମିତ ଆମ୍ଭଙ୍କୁ କହିବ ସତ ।
ପୃଥିବୀଲେ ଯେତେ ଯେତେ ସ୍ଥାନ କହିଲ ଜାଣିଲ ତୁମ୍ଭେ କେମନ୍ତ ହେ ୧ ॥

କର ଯୋଡ଼ିଣ ସୁଗ୍ରୀବ କହନ୍ତି ଶୁଣ ଦେବ ।
ବାଲୀ ଭୟରେ ପୃଥିବୀ ବୁଲିଣ ଲୁଚିବାକୁ ମୁଁ ଖୋଜିଲି ୨ ଠାବ ॥

ଯହିଁ ତହିଁ ଗଲେ ବାଲୀ ମୋତେ ମାରେ ରହିତ ଠାବ ନ ପାଇଲି ।
ହନୁ କହିଲେ ଋଷ୍ୟମୂକେ ଲୁଚିବା ତାଙ୍କର ବୋଲରୁ ୩ ଅଛିଲି ॥

ପୂର୍ବେ ବାଲୀ ଦୁନ୍ଦୁଭିକୁ ମାରି ତାର ଅସ୍ଥି ୪ ବୁଲାଇ ଫିଙ୍ଗି ଦେଲା ।
ତାର ରୁଧିର ମାତଙ୍ଗ ମହାଋଷି କାନନ ୫ ମଧ୍ୟରେ ପଡ଼ିଲା ॥

ଋଷି କ୍ରୋଧରେ ଶାପ ଦେଲେ ବାଲୀକି ମୋର ସୀମାରେ ନ ପଶିବୁ ।
ଯେବେ ତୁ ମୋ ଗିରି ବନରେ ପଶିବୁ ରୁଧିର ଉଦ୍‌ଗାରି ୬ ମରିବୁ ॥

ତେଣୁକରି ଦେବ ଋଷ୍ୟମୂକ ଗିରି ଯିବାକୁ ବାଲୀ ଭୟ କଲା ।
ତେଣୁ କରି ଦେବ ମୋର ଲୁଚିବା ସ୍ଥାନ ଏହି ଗିରି ହୋଇଲା ॥

ଶୁଣିଣ ସନ୍ତୋଷ ହେଲେ ରାମଚନ୍ଦ୍ର ହନୁକୁ ପାଖକୁ ଡାକିଲେ ।
ଚିତ୍ରକୂଟ କଥା ଗୁପତ ବାରତା ହନୁ କର୍ଣ୍ଣେ ସବୁ କହିଲେ ॥

ବୋଇଲେ ସୀତା ଦେଖିଲା ନାହିଁ ତୋତେ ପ୍ରତେ ଅବା ନ କରିବ ।
ଏ କଥା ଶୁଣି ଆମ୍ଭର ଦୂତ ଜାଣି ସନ୍ଦେହ ମନରୁ ଛାଡ଼ିବ ୭ ॥

ଏମନ୍ତ କହି ଶ୍ରୀକରୁ ପ୍ରଭୁ କାଢି ଦେଲେ ଅନାମିକା ମୁଦ୍ରିକା ୮ ।
ବୋଲେ ବଶି ହନୁ ଶିରରେ ଲଗାଇ ବାନ୍ଧେ କଟି ଦେଚଣି ପଟୁକା ॥

---

୧- ସ୍ଥାନମାନ କହିଲ ସେ କେବଳ ଦୂତ ପୁସ୍ତକପାଠ । ୨- କଲି ପୋଥିପାଠ ୩- ବୋଲକୁ ପୋଥିପାଠ । ୪- ଅଗସ୍ତି ପୋଥିପାଠ । ୫- କାନ ପୋଥିପାଠ ।୬- ପକାଇ ପୋଥିପାଠ । ୭- ଶୁଣିଣ ସନ୍ତୋଷ···ଠାରୁ ଆରମ୍ଭ କରି ମନରୁ ଛାଡ଼ିବ' ପର୍ଯ୍ୟନ୍ତ ପାଠ ପୁସ୍ତକରେ ନାହିଁ । ୮- ଏହାଶୁଣି ରାମ ହନୁକୁ ରାଇଣ ଦେଲେ··· ପୁସ୍ତକପାଠ ।

## ଶ୍ରୀଭଗବତ—ବୃତ୍ତେ

ଶ୍ରୀରାମ ଆଜ୍ଞା ପାଇ ଦୂତେ । ଗମିଲେ ପବନୁ ତ୍ୱରିତେ ॥
ସଙ୍ଗରେ ନେଲେ କପିବଳ । ଖୋଜିଲେ ପୃଥିବୀ ମଣ୍ଡଳ ॥
କାହିଁ ସୀତାଙ୍କୁ ନ ଦେଖିଲେ । ବାହୁଡି ବାରତା କହିଲେ ॥
ଦକ୍ଷିଣେ ଗଲେ ଯେତେ ଦୂତେ । ଖୋଜିଲେ କାନନ ପର୍ବତେ ୧॥
ନ ଦେଖି ମନେ କ୍ଷୋଭ କଲେ । ବିନ୍ଧ୍ୟ ଗିରିକି ବୋଲି ଗଲେ ॥
କ୍ଷୁଧା ତୃଷାରେ ପୀଡ଼ା ପାଇ । ଦେଖିଲେ ବିବର ୨ ଅଛଇ ॥
ଜଳ ଲୋଭରେ ତହିଁ ପଶେ । ଅନ୍ଧାର କିଛି ହିଁ ନ ଦିଶେ ॥
ସିଂହ ଶାର୍ଦ୍ଦୂଳ ଯେତେ ଜୀବ । ମାରଣ ପଦା କଲେ ସର୍ବ ୩ ॥
ଆଗେ ଦେଖିଲେ ତେଜୋମୟେ । ଅଛି ଦିବ୍ୟ ପୁର ଗୋଟିଏ ॥
ଅଷ୍ଟ ରତନେ ପୁର ଶୋଭା । ପୁଷ୍କରିଣୀରେ ମନଲୋଭା ୪ ॥
ବିବିଧ ଫଳେ ପୂର୍ଣ୍ଣ ତରୁ ୫ । ସୁନ୍ଦର ଦିଶୁ ଅଛି ଦୂରୁ ୬ ॥
ଦେଖିଲେ ହୋଇଅଛି ଶୂନ୍ୟ । ଏକ ଯୁବତୀ ପୁଣ୍ୟ ଜନ ॥
ତାହାକୁ ଯାଇ ପଚାରିଲେ । ସେ ସର୍ବ ବୃତ୍ତାନ୍ତ କହିଲେ ॥
ଏହି କହିଲେକ ବୃତ୍ତାନ୍ତ । ଆମ୍ଭେମାନେ ଶ୍ରୀରାମ ଦୂତ ॥
ଶୁଣି ସେ ଫଳ ମୂଳ ଦେଲା । ଅତିଥି ମତେ ପୂଜା କଲା ॥
ବୋଇଲା ନ ପାରିବ ଯାଇ । ଏଥି ପଶିଲ କାହିଁପାଇଁ ॥
ସମସ୍ତେ ନେତ୍ରମାନ ବୁଜ । ବାହାର କରିବି ମୁଁ ଆଜ ॥
ଏମନ୍ତ ସିଦ୍ଧକାର କଲେ । ନେତ୍ର ବୁଜି ବାହାର ହେଲେ ॥
ଦକ୍ଷିଣ ୭ ଜଳଧିର କୂଳେ । ମହେନ୍ଦ୍ର ଅଚଳର ତଳେ ॥
ଅଙ୍ଗଦ ବୋଲନ୍ତି ବଚନ । ଅବଧି ପୂରିଗଲା ଦିନ ॥
ମାସକୁ କଣ୍ଠ ହୋଇଥିଲା । ଦ୍ୱିତୀୟ ୮ ମାସ ଆସି ହେଲା ॥
ସୁଗ୍ରୀବ ବିନାଶିବ ମୋତେ । ମୁଁ ଆଉ ଯିବଇଁ ୯ କେମନ୍ତେ ॥
ନ ପାଇ ୧୦ ସୀତାଙ୍କ ସନ୍ଦେଶ । ନ ଯିବି ସେ ସୁଗ୍ରୀବ ପାଶ ॥
ଅଧର୍ମୀ ଅଟଇ ସୁଗ୍ରୀବ । ମୋତେ ସେ ଜୀବନେ ମାରିବ ॥
ଜ୍ୟେଷ୍ଠ ଭାଇର ଭାର୍ଯ୍ୟା ଧରେ । ପାତକ ମନେ ନ ବିଚାରେ ॥

---

୧– ଗମିଲେ ପବନୁ······ଠାରୁ ଆରମ୍ଭ କରି ଖୋଜିଲେ ପର୍ବତେ ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ, ୨–ବିମ୍ବର ପୋଥିପାଠ, ୩– ମାରି ମାରିଣ ଗଲେ ସର୍ବ ପୁସ୍ତକପାଠ ୪– ଏହି ପଦଟି ପୋଥିରେ ନାହିଁ, ୫– ଫଳଭରେ ଗରୁ ପୋଥିପାଠ, ୬– ତରୁ ପୋଥିପାଠ, ୭– ଦେଖିଣ ପୋଥିପାଠ । ୮– ଦୃତୀୟ ପୋଥିପାଠ, । ୯ ଜାଇବି ପୋଥିପାଠ, ୧୦– ନ ଦେଲେ ପୁସ୍ତକପାଠ ।

ଖାଇ ମରାଇ ହେଲ ରାଜା । ରାମ ଦୟାରୁ ମୋତେ ପୂଜା ॥
ଅଙ୍ଗଦ ମୁଖୁଁ ଏହା ଶୁଣି । ସମସ୍ତେ ବୋଲୁଛନ୍ତି ବାଣୀ ॥
ରାଜ-ନନ୍ଦନ ଅଟ ତୁମ୍ଭେ । ତୁମ୍ଭଙ୍କୁ ଛାଡ଼ିବୁ କି ଆମ୍ଭେ ॥
ନୀଳ ବୋଇଲା ଚାଲ ଯିବା । ସେହି ବିବରେ ସୁଖେ ଥିବା ॥
ହନୁ ବୋଲେ ବସ୍ତ୍ରେ ଚଉଦ୍ଦ[1] । ଏମନ୍ତ ନ ଯୋଗାଇ ମୋତେ ॥
କୁଟୁମ୍ବ ଛନ୍ତି ରାଜା ପାଶ । କେମନ୍ତେ ହେବ ଅବିଶ୍ୱାସ ॥
ଅଙ୍ଗଦ କ୍ଷମା କରୁ ତାପ[2] । ସୁଗ୍ରୀ ତୁମ୍ଭର ଧର୍ମବାପ [3] ॥
କପି ତୁମ୍ଭଙ୍କୁ ଦେବ ଦଣ୍ଡ । ଏ କଥା ମାନ ମନୁ ଖଣ୍ଡ ॥
ଅଙ୍ଗଦ ନାସ୍ତି ତାହା କଲେ । ମରିବ ବୋଲିଣ ବସିଲେ ॥
ସମସ୍ତେ ହୋଇ ଏକ ମନ । ଆରମ୍ଭ କଲେକ ଆସନ [4] ॥
କୁଶ ଶଯ୍ୟା କରି ବସିଲେ । ଶ୍ରୀରାମ ଚରିତ ଘୋଷିଲେ ॥
ଅଙ୍ଗଦ କହେ ସର୍ବ ଶୁଣିଂ[5] । ଏ ରସେ ଦୀନ ବିଶି ଭଣି [6] ॥

●

## ରାଗ— ତୋଡ଼ି

ସର୍ବ ବୀରଙ୍କର ସନ୍ନିଧାନେ [7] । ଅଙ୍ଗଦ କହନ୍ତି ସାବଧାନେ ।
ଶ୍ରୀରାମଙ୍କ କିଛି କାର୍ଯ୍ୟ ନ କରିଣ ବିଅର୍ଥେ ମରିବା ଆମ୍ଭେମାନେ ॥

ଧନ୍ୟ ସେ ଜଟାୟୁ ପକ୍ଷୀ ଥିଲା । ରାବଣ ସଙ୍ଗରେ ଯୁଦ୍ଧକଲା ।
ରାବଣର ରଥ ସେହ୍ନା ଧନୁ କାଟି ଶ୍ରୀରାମ ନମିତ୍ତ ପ୍ରାଣ ଦେଲା ॥

ଶ୍ରୀରାମ ତାହାଙ୍କୁ ଦାହ କଲେ । ପିତା ମିତ୍ର ବୋଲି ପିଣ୍ଡ ଦେଲେ ।
ଗୃଧ୍ର ପକ୍ଷୀ କେଉଁଠାରେ କେତେ ତପ ପୁଣ୍ୟ ବସିଣ ସେ କରିଥିଲେ ॥

ତାଙ୍କ[8] ପ୍ରାୟେ ଯେବେ ଯାଆନ୍ତା ପ୍ରାଣ । ରାବଣ ସଙ୍ଗତେ କରି ରଣ ।
ସୁଗ୍ରୀବ ଭୟରେ ସୀତା ଖୋଜିବାରେ ମରୁଥାଉଁ ଆମ୍ଭେ ଅକାରଣ ॥

---

୧- ହନୁ ବୋଲନ୍ତି ବସ୍ତ୍ରନ୍ତେ ପୋଥିପାଠ, କିନ୍ତୁ ଏଠାରେ ପୁସ୍ତକ ପାଠ ଅନୁଯାୟୀ 'ବସ୍ତ୍ରାଣ' ପରିବର୍ତ୍ତେ 'ବସ୍ତ୍ରର' ହେବା ସମୀଚୀନ ! ୨- ଅଙ୍ଗଦ କ୍ଷମା କରୁ ତାପ ପୋଥିରେ ନାହିଁ । ୩- ତାତ ପୋଥିପାଠ । ୪-ଶୟନ ପୋଥିପାଠ ୫- ସର୍ବେ ଶୁଣ ପୋଥିପାଠ । ୬- ଭଣେ ପୋଥିପାଠ । ୭- ସର୍ବବୀରେ ବସି କୁଶାସନେ ପୁସ୍ତକପାଠ । ୮-ଜଳ ପୋଥିପାଠ, ୯- ତାର ପୋଥିପାଠ ।

ଗିରି ଶିଖେ ବସି ସମ୍ପାତି ଶୁଣୁଥିଲା । ସମ୍ପାତି ମନେ ବିଚାର କଲା ।
ଏତେ ଦିନେ[୧] ଆଜି ମନଷ୍ଠ ଗୁଡାଏ ବିଧାତା ଆଣି ଆହାର ଦେଲା ॥

ଭାଇର ମରଣ କର୍ଣ୍ଣେ ଶୁଣି । ପଚାରଇ ତାଙ୍କୁ[୨] ପୁଣ ପୁଣି ।
କହ କହ ମୋର ଭାଇର ବାରତା ବିକଳ ହୋଇଲା ମରଣ ଶୁଣି ॥

ଅଙ୍ଗଦ କହଇ[୩] ସର୍ବ କଥା । ମାଇଲା ତାହାଙ୍କୁ ଦଶମଥା ।
ରାମ ଦୂତେ ଆମ୍ଭେ ସୀତାଙ୍କୁ ଖୋଜୁଛୁ ନ ପାଇ ମରୁଛୁଁ ଏବେ ବୃଥା[୪] ॥

ଶୁଣି ସମ୍ପାତି କହଇ ବାଣୀ । ସ୍ନାନ କରାଅ ହେ ସିନ୍ଧୁ ପାଣି ।
କପାଇଁ ମରିବ ସମସ୍ତ କହ ତ ମୋହର ମୁଖରୁ ଶୁଣିଣ[୫] ବାଣୀ ॥

ଗିରି ଶିଖୁ ସମୁଦ୍ରକୁ ନେଲେ । ସ୍ନାନ[୬] କରାଇ ସେ ପଚାରିଲେ ।
ସେ ତାଙ୍କୁ ସମସ୍ତ ସନ୍ଦେଶ କହନ୍ତେ ଶୁଣି ପରମ ଆନନ୍ଦ ହୋଇଲେ ॥

ଶତ ଯୋଜନ ତା ଲଙ୍କାଗଡ଼ । ଚଉପାଶରେ ଜଳଧି ବାଡ଼ ।
ରବି ସଙ୍କାଶୁ ମୋ ପକ୍ଷ ପୋଡ଼ିଗଲା ମୋତେ ସେ କେବେହେଁ ନୁହେ ବଡ଼[୭] ॥

ଆକାଶ ମାର୍ଗେ ରଥରେ ଥିଲା[୮] । ଏହି ବାଟେ ସୀତା ଘେନିଗଲା ।
ମୋହର କନିଷ୍ଠ ଭାଇ ଜଟାୟୁକୁ ଅଦୋଷେ ଚଣ୍ଡାଳ ମାରିଗଲା ॥

ଦିଶୁ ଅଛି ମୋତେ ଲଙ୍କାପୁର । ଆବର ଦିଶୁଛି ସୀତାରୂର[୯] ।
ଦିଶୁଅଛି ମୋତେ ଜାନକୀ ଅଶୋକ[୧୦] ବନରେ ରଖିଛି ଦଶଶିର ॥

ଶ୍ରୀରାମ ଦୂତ ଦର୍ଶନ ପାଇ । ସମ୍ପାତି ପକ୍ଷ ପାଇଲା ତହିଁ ।
ବୋଲଇ ବୀର କପିମାନେ ବିଚାର କେ ଏବେ ସିନ୍ଧୁ ପାରିବ ଡେଇଁ[୧୧] ॥

•

## ରାଗ **ଚଳଘଣ୍ଟ**

ଅଙ୍ଗଦ ବୀର କପିଙ୍କି **ଅନାଇ** । ବୋଲଇ[୧୨] ସିନ୍ଧୁ କେ ପାରିବ ଡେଇଁ ॥
କାହା ଅଙ୍ଗରେ ଅଛି କେତେ ବଳ । ମୋର[୧୩] ଛାମୁରେ କହ କପିକୁଳ ॥

---

୧-କୋଳେ ପୋଥିପାଠ, ୨-ସମ୍ପାତି ପଚାରେ ପୋଥିପାଠ, ୩-କହିଲେ ପୋଥିପାଠ, ୪- ପାଉଛୁ ବଡ଼ ବ୍ୟଥା ପୋଥିପାଠ, ୫-ଶୁଣବାଣୀ ପୋଥିପାଠ, ୬- ସ୍ନାହାନ ପୋଥିପାଠ, ୭-ମୋତେ କିଛି ନୁହଇ ବଡ଼ପୋଥିପାଠ ୮-ଯାଉଥିଲା ପୋଥିପାଠ, ୯-ସୀତ୍ୟା ଠାକୁର ପୋଥିପାଠ, ୧୦-ଓଶୋକ ପୋଥିପାଠ, ୧୧-ସିନ୍ଧୁ ଡେଇଁବାପାଇଁ ପୁସ୍ତକପାଠ, ୧୨-ବୋଲନ୍ତି ପୋଥିପାଠ, ୧୩-ଆମ ପୁସ୍ତକପାଠ ।

ଗଜ[୧] ବୋଲନ୍ତି ମୁଁ ଦଶ-ଯୋଜନ । ଡେଇଁ ଯେ ପାରଇ ବାଳୀ ନନ୍ଦନ ॥
ଗବୟ ବୋଲନ୍ତି ଯୋଜନ ବିଂଶ[୨] । ଡେଇଁ ଯାଇ ଆସିବି ତୁମ୍ଭ ପାଶ ॥
ଗବାକ୍ଷ[୩] ବୋଲେ ତିରିଶ ଯୋଜନ । ଡେଇଁ ମୁଁ ପାରଇ ବାଳୀନନ୍ଦନ ୪ ॥
ଦ୍ୱିବିନ୍ଧ ୫ ବୋଲେ ଯୋଜନ ଚାଳିଶ । ଏତେ ଡେଇଁ ହେ ହେବ ଅବା କିଶ ॥
ନଳ ବୋଇଲେ ଯୋଜନ ପଞ୍ଚାଶ । ଡେଉଁ ପାରିବି ମୁଁ ଏତେ ଅବଶ୍ୟ ॥
ନୀଳ ବୋଲନ୍ତି ଯୋଜନ ଷାଠିଏ । ମୁଁ ଡେଇଁବି ଏଥି ନାହିଁ ସଂଶୟେ ୬ ॥
ତାର ବୋଲନ୍ତି ଯୋଜନ ସତୁରି । ଡେଇଁ ମୁଁ ପାରିଲି ଜଳଧି ବାରି ॥
ସୁଷେଣ ବୋଲନ୍ତି ଅଶୀ ଯୋଜନ । ମୁଁ ଡେଇଁବି ଏଥିରେ ନାହିଁ ଆନ ॥
ଜାମ୍ବବ ବୋଲନ୍ତି ନଉ ଯୋଜନ । ତା ଶୁଣି ଅଙ୍ଗଦ ବୋଲେ ବଚନ ॥
ଡେଇଁବି ମୁଁ ପାରିବି ଯୋଜନ ଶତ । ଲେଉଟିବାରେ ହେବ ଅଶକତ ॥
ଖଣ୍ଡେ ଦୂରେ ବସି ଶୁଣନ୍ତି ହନୁ । ଜାମ୍ବବ ବୋଲନ୍ତି ପବନସୂନୁ ॥
ମଉନ ହୋଇ ରହିଛ କିମ୍ପାଇ । ତୁମ୍ଭ ପରାକ୍ରମ ସବୁ ଜାଣଇ ୭ ॥
ପବନ ଦେବ ତୁମ୍ଭ ନିଜ ତାତ ୮ । କେଶରୀଙ୍କ ଭାରିଜା ତୁମ୍ଭ ମାତ ॥
ଜନ୍ମରୁ କଲଟି ଏଡ଼େ ସାହସ । ଲକ୍ଷେ ଯୋଜନ ଡେଇଁଲ ଆକାଶ ॥
ସୁରଙ୍ଗ ଦେଖି ଗିଳୁଥିଲ୯ ଭାନୁ । ଇନ୍ଦ୍ର ବଜ୍ର ମାରିଲା ତୁମ୍ଭ ତନୁ ॥
ଜଗତ ନିରୋଧିଲେଟି ପିଅର । ଧାତା ସହ ବର ଦେଲେ ଅମର ॥
ଆମ୍ଭମାନଙ୍କୁ କର ପ୍ରତିକାର । ଶ୍ରୀରାମ କାର୍ଯ୍ୟେ ହୁଅ ତତପର ॥
କପିକୁଳ ସିଂହ[୧୦] ପାଅ[୧୧] ହେ ଯଶ । ତୁମ୍ଭ ଯିବା ଶତ ଯୋଜନ କିସ ॥
ବୟସ ଥିଲେ ମୁଁ ପାରନ୍ତି ଯାଇ । ବୃଦ୍ଧ ହୋଇଲି ଅଙ୍ଗେ ବଳ ନାହିଁ ॥
ତ୍ରିବିକ୍ରମ କାଳେ ହରି ଚରଣ । ସାତବାର କଲି ମୁଁ ପ୍ରଦକ୍ଷିଣ ॥
ଶୁଣି ସନ୍ତୋଷ ପବନ ନନ୍ଦନ । ସକଳ କପିଙ୍କ ଶୁଣି ବଚନ ॥
ବୋଇଲେ ମୁଁ ଯିବି ସାଗର ଡେଇଁ । ବେଗେ ଆସିବି ଯେ ଥାଅ ଏଠାଇଁ[୧୨] ॥
ମହେନ୍ଦ୍ର ଗିରି ଆରୋହିଲେ ହନୁ । କାୟା ବିସ୍ତାରିଲେ ପବନ ସୂନୁ ॥
ଆକାଶ-ମାର୍ଗକୁ ଲଗିଲା ଶିର । ଉଡ଼ନ୍ତେ ଲସିଗଲେ ଗିରିବର [୧୩] ॥
ଯେତେ ଜୀବ ଗିରି କୂଟରେ ଥିଲେ । ଗିରି ଲସିବାରେ ଦଳି [୧୪] ହୋଇଲେ ॥
ମହୀ ଭିତରେ ପଶିଲା ସେ ଗିରି । ବୋଲେ ବଶୀ କିଷ୍କିନ୍ଧା କାଣ୍ଡ ପୂରି ॥

●

---

୧-ଗବୟ ପୋଥିପାଠ, ୨- ଦଶ ପୋଥିପାଠ, ୩- ମହେନ୍ଦ୍ର ପୋଥିପାଠ,
୪-ସତ୍ୟ ବଚନ ପୁସ୍ତକପାଠ, ୫-ଦ୍ରୁବିନ୍ଧ ପୋଥିପାଠ, ୬- ଭୟେ ପୋଥିପାଠ ।
୭-ସମସ୍ତ ଜାଣଇ ମୁହିଁ ପୋଥିପାଠ, ୮-ପବନ ଦେବତା ତୁମ୍ଭର ତାତ ପୋଥିପାଠ
୯-ଧରୁଥିଲେ ପୋଥିପାଠ, ୧୦-ପତି ପୋଥିପାଠ, ୧୧-ପାଉ ପୋଥିପାଠ,
୧୨-ଶୁଣିସନ୍ତୋଷ······ଥାଅ ଏଠାଇଁ' ପାଠ ପୁସ୍ତକରେ ନାହିଁ, ୧୩- ଉଡ଼ିବାରେ ନ ପଶିଲା ଗିରିବର ପୋଥିପାଠ, ୧୪- ଅବନୀ ପୋଥିପାଠ ।

# ସୁନ୍ଦର କାଣ୍ଡ

ରାଗ - **ପାହାଡ଼ିଆ କେଦାର**

ଅଞ୍ଜନାସୁତ ବଢ଼ାଇ କାୟେ, ବିକ୍ରମ ଉଡ଼ି ଗଗନେ ଯାଏ,
ଦେଖିଣ ଦେବେ କଲେ ଉପାୟେ ହେଲେ ନିର୍ଭୟେ [୧] ଯେ ।

ହନୁ ପ୍ରାକର୍ମ ବୁଝିବା ପାଇଁ, ସୁରସା ଆଗେ କହିଲେ ଯାଇ,
ତୁମ୍ଭେ ତା ଆଗେ [୨] ପଥରେ ରହି ଗିଳିବା ମାୟେ ଗୋ ॥

ଶୁଣି ସୁରସା ପଥ ଓଗାଳି ଯେ,
ହନୁକୁ ବୋଲେ [୩] ଆଜ ଦେବି ମୁଁ ଗିଳି [୪] ଯେ ।

ମନ୍ଦରସମ ବଦନ ତୋଳି, ଦେଖାଇ ବଜ୍ର ଦଶନାବଳୀ,
ବୋଇଲି ଅପାର ଦିନ କ୍ଷୁଧାରେ ରହିଲୁ ବଳି ରେ ॥

ହନୁ ବୋଲନ୍ତି ଶୁଣ ଗୋ ମାତ, ଶ୍ରୀରାମଚନ୍ଦ୍ରଙ୍କର ମୁଁ ଦୂତ,
ସୀତାଙ୍କୁ ଖୋଜିବାରେ ନିଶ୍ଚିତ କହିଲି ସତ ଗୋ !

ତୁ ଯେବେ କ୍ଷୁଧାତୁରେ ପୀଡ଼ିତ [୫], ଆସିବି ତୋର ପାଶେ ନିଶ୍ଚିତ,
କେବଳ ରାମଚନ୍ଦ୍ର ଅଗ୍ରତ [୬] ଦେବି ବାରତ ଗୋ ॥

ଶୁଣି ସେ ନାଗମାତା ପାଟି ବିସ୍ତାରି ଯେ ।
ଦଶ ଯୋଜନ [୭] କାୟା ବିସ୍ତାର କରି ଯେ ।

ଦେଖିଣ ହନୁମନ୍ତ ବିଚାରି, କେମନ୍ତେ ଏଥୁ ଯିବି ଉତୁରି,
ଷଷ୍ଠି ଯୋଜନ ବିସ୍ତାରି କରି ଶରୀର ଧରି ଯେ [୮] ॥

---

୧- ନିର୍ଭୟେ ପୋଥିରେ ନାହିଁ, ୨- ଯିବା ପୋଥିପାଠ, ୩- ହନୁମନ୍ତକୁ ବୋଲେ ପୋଥିପାଠ, ୪- ଗିଳିବରେ ପୋଥିପାଠ, ୫- କ୍ଷୁଧାରେ ଜଡ଼ିତ ପୋଥିପାଠ, ୬- ରାମଚନ୍ଦ୍ରଙ୍କ ଆଗେ ପୋଥିପାଠ, ୭- ଦଶବିଂଶ ଯୋଜନ ପୋଥିପାଠ, ୮- ଷାଠୀ ଯୋଜନ କରି ତୁଣ୍ଡ ବିସ୍ତାରି ପୋଥିପାଠ ।

ଦେଖିଣ ହନୁମନ୍ତର ପିଣ୍ଡ, ଦ୍ୱିଗୁଣ କରି ବିସ୍ତାରେ [୧] ତୁଣ୍ଡ,
ବୋଲଇ ହନୁ ଧାଅନ୍ତ ଦଣ୍ଡ ଏତ ଅଦଣ୍ଡ୍ୟ ଯେ ।
ଏମନ୍ତ ବୋଲି ପଶିଲା ତୁଣ୍ଡ, ଯବ ପ୍ରମାଣେ କରିଣ ପିଣ୍ଡ,
ବାହାର ହେଲେ ଅତି ପ୍ରଚଣ୍ଡ ବିଦାରି ମୁଣ୍ଡ [୨] ଯେ
ଦେଖି ସୁରସା ଦେବୀ କହେ ବଚନ ଯେ ।
କାର୍ଯ୍ୟସିଦ୍ଧିକି କର ତୁ ହନୁମାନ [୩] ରେ ।
ସୀତାଙ୍କୁ ଖୋଜି ଆସ ବହନ, ବାରତା କହ ରଘୁନନ୍ଦନ,
ନୋହିବ ପଥେ ବିଗ୍ରହମାନ ସତ୍ୟବଚନ ଯେ ॥

ସେଠାରୁ ହନୁ ଗମେ ତ୍ୱରିତେ [୪], ବରୁଣ ଦେଖି ଚିତ୍ତରେ ଚଳେ,
ରାମଦୂତକୁ ସ୍ଥାନ [୫] କେମନ୍ତେ ଦେବି ଗୁପତେ [୬] ଯେ ।
ହିରଣ୍ୟ ନାଭି ଗିରିକି କହି, ବରୁଣ ତାଙ୍କୁ ବିନୟ ହୋଇ,
ହନୁକୁ ପୂଜା କରି ମୋ ପାଇଁ ମାଗୁଛି ଏତେ ହେ ॥
ଶୁଣି ସେ ପ୍ଲକ୍ଷଗିରି [୭] ଜବେ ବଢିଲେ ଯେ ।
ହନୁମନ୍ତଙ୍କୁ କହି ସ୍ତବ ପଢ଼ିଲେ ଯେ ।
ପବନ ସୁତ ଭୟ ନ କର, ଏ ମୋର ଶିରେ ବିଶ୍ରାମ କର ।
ସୁପକ୍ୱ ଫଳରେ ଶାନ୍ତ ହର, ବରୁଣ ଦେଲେ [୮] ହେ ॥

ଶୁଣିଣ ହନୁ ଗୃଢ଼ ଉତ୍ତର, ଅଙ୍ଗୁଷ୍ଠ ଅଗ୍ରେ ଛୁଇଁ ତା ଶିର,
ପଡ଼ିଲା ରାହୁ ମାତା ମୁଖର ଉଡ଼ି ପ୍ରଖର ଯେ ।
ସିଂହିକା ବଧ କରିଣ ହରି [୯], ତହୁଁ ସଧୀରେ ବିଜୟ [୧୦] କରି,
ଡେଇଁଣ ସିନ୍ଧୁ ବିକ୍ରମ କରି ସୁବଳ [୧୧] ଗିରି ଯେ ।
ଲଙ୍କା ଗଡ଼ରେ ହନୁ, ଦେଲାକ ଦୃଷ୍ଟି ଯେ,
ମେରୁ ସୁମେରୁ [୧୨] ପଡ଼ିଅଛୁ [୧୩] ଏ ସୃଷ୍ଟି ଯେ ।
କନକମୟ ଦୀର୍ଘ ପାଚେରି ବିଶ୍ୱକର୍ମା ତା ନିର୍ମାଣ କରି,
ବୋଲଇ ବିଶି ସେ ପୁର ସେବେ [୧୪] ନିତ୍ୟ ପରମେଷ୍ଠି ଯେ ॥

---

୧– ଦ୍ୱିଗୁଣ ବିସ୍ତାରିଲାକ ପୋଥିପାଠ, ୨– କାଙ୍କର ଅଣ୍ଡ ପୁସ୍ତକପାଠ, ୩–ମରୁତନନ୍ଦନ ପୋଥିପାଠ । ୪– ତୁରିତ ପୋଥିପାଠ, ୫–ଶ୍ୟାନ୍ତ ପୋଥିପାଠ, ୬– ତୁରିତ ପୋଥିପାଠ, ୭–ଗିରିବର ପୋଥିପାଠ, ୮– ବରୁଣ ଦେଲାରଙ୍କେ ପୋଥିପାଠ, ୯–ହନୁ ପୋଥିପାଠ, ୧୦–ପବନ ସୂନୁ ପୋଥିପାଠ, ୧୧–ସୁବଳାସ୍ଥ ପୋଥିପାଠ, ୧୨– ମେରୁଗିରି କି ପୁସ୍ତକପାଠ, ୧୩–ପଡୁଅଛୁ ପୁସ୍ତକପାଠ, ୧୪– ସେବଇ ପୁସ୍ତକପାଠ ।

## ରସ କୋଇଲ ବାଣୀ

ରବି ଅସ୍ତେ ସନ୍ଧ୍ୟା ହେଲା ପ୍ରକଟ ।
ହନୁ ମାର୍ଜାର ସମାନେ ମର୍କଟ ।

ଧେନୁ ମାନଙ୍କ ସଙ୍ଗରେ ମିଶିଲା ।
ଲଙ୍କା ଗଡର ଭିତରେ ପଶିଲା ସେ ।

ଦେଖି ତାଙ୍କୁ ଲଙ୍କ ଦେବୀ ଯେ ।
ପଥ ଓଗାଳିଣ ବୋଲନ୍ତି ବାନର ଆଜ ମୁଁ ତୋତେ ଗିଳିବିରେ[1] ।

ହନୁ ତାହାକୁ ଚପୋଡେ ମାରିଲେ ।
ଭୟରେ ଦେବୀ ତାଙ୍କୁ ବର ଦେଲେ ।

ଯିବିକି ଆସିଛୁ କରି ତା ସିଦ୍ଧି ।
ପୂର୍ବରୁ ମୋତେ କହିଛନ୍ତି ବିଧି ଯେ ।

ଅସୁରକୁଳ ନିପାତ ଯେ,
ଆଜହୁଁ ଜାଣିଲି ରାବଣ ସଗୋଷ୍ଠ ସହିତେ ହୋଇବେ ହତ ଯେ ।।

ବୁଲଇ ଲଙ୍କା ହୋଇଣ ନିଃଶଙ୍କା[2] ।
ସୀତାଙ୍କୁ ଖୋଜଇ କରି ଅଶଙ୍କା ।
ଧୂମ୍ରାକ୍ଷ ବିରୂପାକ୍ଷ ମହୋଦର ।
ପ୍ରଶସ୍ତ ମହାପାର୍ଶ୍ୱର ପୁର ଯେ ।

ଚହ୍ଲଇ ସର୍ବ ଯୁବତୀ ଯେ ।
ସୀତାର କିଛି ହିଁ ଲକ୍ଷଣ ନ ଦେଖି ବିକଳ ହୁଅଇ ମତି ଯେ ।।

ଅକ୍ଷୟ ମେଘନାଦ ଅକମ୍ପନ ।
କୁମ୍ଭକର୍ଣ୍ଣ ବିଭୀଷଣ ସଦନ ।
ମହାରାବଣ ଅତିକାୟ ପୁର ।
ଖୋଜଇ ସର୍ବ ମରୁତ କୁମର ଯେ ।
କୁମ୍ଭ ନିକୁମ୍ଭ ଦୁର୍ମୁଖ[3] ଯେ ।
ଦୁର୍ଜୟ ଦେବାନ୍ତକ ପୁର ଖୋଜିଣ[4] ହନୁ ହୁଅଇ ବିମୁଖ ଯେ ।

---

୧- ଖାଇବି ପୁସ୍ତକପାଠ । ୨- ନିଶଙ୍କା ପୋଥିପାଠ, ୩- ଦୁମୁଖ ପୋଥିପାଠ,
୪- ଦେଖିଣ ପୋଥିପାଠ ।

ଉନ୍ମତ୍ତ ମକରାକ୍ଷର ପୁର ।
ମିତ୍ରଘନ ଶୁକସାରଣ ଘର ।
ତ୍ରିଶିରା ଅସୁର ପୁର ଦେଖିଲା ।
ଲଙ୍କା ନଗ୍ରରାଜ ଘର ବୁଲିଲା ସେ ।
ନ ଦେଖିଲା ରାମ ନାରୀ ଯେ,
ଖୋଜି ଖୋଜି ଯାଇ ପ୍ରବେଶ ହୋଇଲା ରାବଣରେ ନିଜ ପୁରୀ ଯେ ॥
ଦେଖିଲା ସର୍ବ ରତ୍ନମୟ ପୁର ।
ଶୋଇଛି ପୁଷ୍ପ ବିମାନ ଉପର ।
ଅନେକ ନାରୀ କରିଣ ସୁରତ ।
ପଡ଼ି ଆଛଇ ହୋଇ ଅଶକତ ସେ ॥
ବିବିଧ ମଦିରା ପାନେ ଯେ,
କେହି କେହି ନାରୀ ଦିବ୍ୟ ସୁକୁମାରୀ ଶୋଇଛନ୍ତି ବିବସନେ ଯେ ॥
ନାଗ ନର ସୁର ଗନ୍ଧର୍ବ ନାରୀ ।
କିନ୍ନର ଯକ୍ଷ ରାକ୍ଷସ [୧] କୁମାରୀ ।
ଅପସରୀ ବିଦ୍ୟାଧରୀ ଯୁବତୀ ।
ବେଢ଼ି ଶୋଇଛନ୍ତି ରାବଣ କତ ସେ ।
କା ହାତୁ ପଡ଼ିଛି ବୀଣା ଯେ ।
କାହା କରୁ ତାଳ କା କରୁଁ ମର୍ଦ୍ଦଳ କା ହସ୍ତୁ ହଡ଼ପମୁଣା ଯେ ॥
ଭ୍ରମର ଖଣ୍ଡି [୨] ଆଲଟ ପକାଇ ।
ଶୋଇଛନ୍ତି ବାଳୀ [୩] ଜ୍ଞାନ ହରାଇ ।
ପାନ ପାତ୍ରମାନ ପଡ଼ିଛି ଖସି ।
କନକ କୁମ୍ଭେ ସୁରା ଅଛି ପଶି ଯେ ।
ଜଳଇ ପ୍ରଦୀପ ମାନ ଯେ ।
ଉଜ୍ଜଳ କନକ ଫରୁଆ ପରାୟେ ଦିଶୁଛନ୍ତି ସ୍ତନ ଘନ [୪] ଯେ ॥
ମଧ୍ୟରେ ଶୋଇଅଛି ଦଶଶିର ।
କଣ୍ଠ-କର ପ୍ରାୟକ ବିଂଶକର ।
ବେଢ଼ି ଶୋଇଛନ୍ତି ସକଳ ବାଳୀ ।
କଜ୍ଜଳ ମେଘେ ବେଢ଼ି କି ବିଜୁଳୀ ଯେ ।
ଚନ୍ଦନ[୫] ମାଳାରେ ଶୋଭି ଯେ ।
ଚନ୍ଦ୍ର ରଜନୀରେ ତମାଳ ତରୁରେ କନକ ଲତା ବେଢ଼ିବା ଯେ ॥

---

୧- ପିଗୃଶ ପୋଥିପାଠ । ୨- ଖଣ୍ଠ ପୁସ୍ତକପାଠ । ୩- ନାରୀ ପୁସ୍ତକପାଠ ।
୪- ସ୍ତନମାନ ପୋଥିପାଠ । ୫-ନନ୍ଦନ ପୁସ୍ତକପାଠ ।

କୋଳରେ ଶୋଇ ଅଛୁ ଏକ ନାହିଁ ।
କୃଶ ଉଦରୀ ଯଉବନ ଭର ।
ଦହିଲା ହେମ ନିନ୍ଦଇ ତା ତନୁ ।
ତା ଦେଖି ବକ୍ଷରେ ପବନ ସୂନୁ ଯେ ।
ଏ ପରା ରାମ ଘରଣୀ ଯେ ।
ମୁଖ ତାର ମଦ୍ୟ ବାସରେ ପ୍ରକଟ ନୁହନ୍ତି ବୋଲନ୍ତି ଜାଣି ଯେ ॥

ମନେ ବକ୍ଷରେ ଅପରାଧ[୧] କଲି ।
ରାମ ଘରଣୀ ଏହାକୁ ବୋଇଲି ।
ମର୍କତ କଲି ଗୁଞ୍ଜା ପକ୍ଷୀ ମୁଣ୍ଡ ।
ସ୍ଫଟିକ କଲି ମୁଁ ରଜତ ଖଣ୍ଡ ।
ପିତଳ କଲି କାଞ୍ଚନ ଯେ,
ଇନ୍ଦ୍ର ନୀଳମଣି ରତନ ମୁଁ କଲି କାଚର ସଙ୍ଗେ ସମାନ ଯେ ॥

ନ ଦେଖି ହନୁ ସୀତାଙ୍କ ଶ୍ରୀମୁଖ ।
ମନେ ଲଭିଲେକ ବହୁତ ଦୁଃଖ ।
ବୋଲଇ ଅସୁରେ କଲେକି ଗ୍ରାସ ।
କି କହିବି ଯାଇ ଶ୍ରୀରାମ ପାଶ ମୁଁ ।
ନ ପାଇ ସୀତା ସନ୍ଦେଶ ଯେ,
ଶ୍ରୀରାମ ଲକ୍ଷ୍ମଣ ସୁଗ୍ରୀବ ସହିତେ ନିଶ୍ଚୟେ ହୋଇବେ ନାଶ ଯେ ॥

ଏଥିରୁ ଭଲ ମୋହର ବିନାଶ ।
ଖୋଜିଛୁ ବୋଲି କରିଥିବେ ଆଶ ।
ଏପାଡ଼ି କହିବା[୨] ଚିନ୍ତୋଇ ମନେ ।
ପଶିଲା ଯାଇ ଅଶୋକ କାନନେ ଯେ ।
ଦ୍ୱିତୀୟ ଖାଣ୍ଡବ ବନ ଯେ,
ବୋଲଇ ବଣି ଯେ ଦେଖିଣ ପ୍ରଶଂସା କରୁଛନ୍ତି[୩] ହନୁମାନ ଯେ ॥

●

---

୧-ବକ୍ଷରଲି ଅପ୍ରାଧ ପୋଥିପାଠ । ୨-କଥାକୁ ପୋଥିପାଠ ୩-କରନ୍ତି ପୋଥିପାଠ ।

## ରାଗ—ସିନ୍ଧୁଡ଼ା

ଫଳ କୁସୁମେ ମଣ୍ଡିଲା ପ୍ରାୟ ଦିଶେ ମଧୁବନ ତରୁକୁଳ ।
ସୁବର୍ଣ୍ଣ ଚଉରା ଦିଶୁଅଛି ଶୋଭା ଧାଡ଼ି ଧାଡ଼ି ତଥି ତଳ ଯେ ।
ପାରିଜାତକ ଆଦି ॥
ସ୍ୱର୍ଗୁଁ ଆଣିଛି ଅମରବାଦୀ ଯେ । ରୋପି ଅଛି ନାନା ମହୌଷଧି ଯେ ।
ଶୋଭା ଦିଶୁଛି କଡ଼ାଗ ନଦୀ ଯେ[୧] ॥

ଦେଖିଲା ହନୁ ଦିବ୍ୟପୁର ପ୍ରାଙ୍ଗଣେ ଶିଂଶପା[୨] ବୃକ୍ଷର ତଳେ ।
ଜନକ ସୁତା ବିଜୟ କରିଛନ୍ତି ଅସୁରୀ ମାନଙ୍କ ମେଳେ ଯେ ।
ଗଣ୍ଡେ ଦେଇଣ ପାଣି ।
ମୁଖ କରିଅଛନ୍ତି ଧରଣୀ ଯେ । ସୁମରନ୍ତି ରାମନାମ ବାଣୀ ଯେ ।
ହନୁ ଯେ ବୃକ୍ଷେ ବସିଲେ ଜାଣି ଯେ ॥

ଶରଦ ପୂର୍ଣ୍ଣ ଚନ୍ଦ୍ରମା [୩] ଦିଶୁଅଛି ସୀତାଙ୍କ ଶ୍ରୀମୁଖ ।
ମାର୍ଜାର ଯୂଥେ କି ଲବଣୀ ପିତୁଳା ବେଢ଼ିଛନ୍ତି ଚଉପାଖ ଯେ ॥

ନାନା ବିରୂପା ସୁରୀ । ମୁଖ ଶୂକର ପ୍ରାୟ କାହାରି ଯେ ।
ଏକ ନୟନ ଅଛି କେ ଧରି ଯେ । କୁଲା ପ୍ରାୟ ଶ୍ରବଣ କାହାରି ଯେ ॥

ପ୍ରକଟ ବିକଟ ବଦନ କାହାର ଏକ ପାଦ ବେନି ମୁଣ୍ଡ ଯେ ।
କାହାର ଉଦର ବିସ୍ତାର କାହାର  ଲୋଲଜିହ୍ୱା ଦୀର୍ଘ ତୁଣ୍ଡ ଯେ ॥

କାର ବଙ୍କା ନୟନ । କେହି ଶାଙ୍ଗୁଳ ଅଶ୍ୱବଦନ ଯେ ।
ତର୍ଜି ଗର୍ଜୁଛନ୍ତି ଅନୁକ୍ଷଣ ଯେ । କରୁଥାନ୍ତି ଖାଇବାକୁ ମନ ଯେ ॥

ଏମନ୍ତ ରାବଣ ଶୟନ ସ୍ୱପନେ କହିଲେକ ଲଙ୍କେଶ୍ୱରୀ ।
ସୀତା ଖୋଜିବାକୁ ମର୍କଟ ଆଇଲା ସରିଲା ତୋହର ଶିରୀରେ ।

ତାହା ଚେତି ରାବଣ । ଖଡ୍ଗ ଧଇଲାକ ସେହିକ୍ଷଣ ଯେ ।
ସଙ୍ଗେ ଘେନିଣ ଯୁବତୀଗଣ ଯେ । ଅଶୋକବନ ଗଲା ଆପଣ ଯେ ॥

---

୧- ଏ ପାଦଟି ପୋଥିରେ ନାହିଁ । ୨- ଶିଶୁପା ପୋଥିପାଠ । ୩- ଦିବ୍ୟ ସମ୍ପୂର୍ଣ୍ଣ ଚନ୍ଦ୍ରମା ପୋଥିପାଠ ।

କେ ଘେନଛନ୍ତି ଦହୁଡ଼ି ଚନ୍ଦ୍ର ଦୀପ କେ ଖଟେ ଖଟା ଚାମର ।
କାହାର କରେ ହାଡ଼ପ ଧୂପକାଠି ଦର୍ପଣ ଧରି କା କର ଯେ ॥

ବାଜେ ବୀଣା ମର୍ଦ୍ଦଳ । କେହୁ ଭୁଞ୍ଜାଉ ଅଛି ତାମ୍ବୁଳ ଯେ ॥
ଚଉପାଶରେ ଅସୁର ବାଳ ଯେ । ପଟୁଆରୀ ବଲେ ମହୀପାଳ ଯେ ॥

ରାଜା ବିଜେ ଦେଖି ସମସ୍ତ ଅସୁରୀ ଚରଣତଳେ ପଡ଼ିଲେ ।
ସୀତାହିଁ ଯାନୁ ଯୁଗଳ ଯୋଡ଼ି ବସନରେ ତନୁ ଘୋଡ଼ାଇଲେ ଯେ ।
ଭୟେ କମ୍ପେ ଶରୀର ।

କ୍ରୋଧେ କହୁଅଛି ଲଙ୍କେଶ୍ୱର ଯେ ।
କି କେ ଜାନକୀ ନୋହୁ ମୋହର ରେ ।
ରାମ ମାନବ ସିନା ତୋହର ଗୋ ॥

ଆସ ଆସ ବସ ବସ ମୋର ଅଙ୍କେ ଜନକ ରାଜ ନନ୍ଦିନୀ ।
ସାମାନ୍ୟ ମଣ୍ଡୁକ ସମ ମୋତେ ନାହିଁ ସ୍ୱର୍ଗ ପାତାଳ ମେଦିନୀ ଯେ ।
ଆରେ ନାରୀ ରତନ ।

ମୋତେ ହୃଦେ କର ଆଲିଙ୍ଗନ ରେ ।
ଚୁମ୍ବନ ଦାନ ଦିଅ ବହନ ଯେ ।
ମୋତେ ବାନ୍ଧୁଛି ମୀନ କେତନ ଯେ ୨ ॥

ବିପୁଳ ବର୍ତ୍ତୁଳ ଉଚ୍ଚ କୁଚ ବେନି ମୋର ହୃଦରେ ଲଗାଅ ।
ଶୀଘ୍ର ବେନି ଭୁଜ ସ୍କନ୍ଧେ ଚମ୍ପକମାଳା ପ୍ରାୟ ଶୋଭା ପାଅ ଗୋ ।
ଆଗୋ ନବ ନାଗରୀ ! ତୋତେ ଖଟିଥିବ ମନ୍ଦୋଦରୀ ଗୋ ॥
ସବନାରୀ ହେବେ ପରିବାରୀ ଶୋ ।
ଭୋଗ କରିବୁ ଏ ଲଙ୍କା ଶିର ଗୋ ୩ ॥

---

୧– ଏ ପଦଟି ପୋଥିରେ ନାହିଁ । କିନ୍ତୁ ପ୍ରସଙ୍ଗ ଦୃଷ୍ଟିରୁ ଏ ପଦଟିର ଆବଶ୍ୟକତା ରହିଛି । ୨– ମୋତେ......କେତନ ପରିବର୍ତ୍ତେ ପୋଥିରେ "ଭୋଗ କରିବୁ ଲଙ୍କାଭୁବନ ଯେ" ପାଠ ଅଛି । ୩– ବିପୁଳ ବର୍ତ୍ତୁଳ......ଏ ଲଙ୍କା ଶିରୀ ଗୋ" ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ, କେବଳ 'ସବନାରୀ ମାନବେ ବଚନ । ଭୋଗ କରିବୁ ଲଙ୍କା ଭୁବନରେ, ଚୁମ୍ବନ ଦାନ ଦିଅ ବହନରେ ପାଠ ଅଛି ।

ମୁଁ ଋଷି କୁମାର ତୁ ଋଷି କୁମାରୀ ନୋହିଲ[1] କି ସମସର ।
ଶରଣ ପଶୁଛୁ ଶରଣ ବତ୍ସଳା ଚରଣ ତଳେ ତୋହର ରେ ।
ଆରେ କୋମଳ ଅଙ୍ଗି !
ବଂଶ ନେଦେ ନେଦେ କର ସଙ୍ଗିରେ [2] ।
ଧନ୍ୟ ଲୋଚନ ଗଞ୍ଜିତ ଭଙ୍ଗିରେ ।
କକେ ଝୁରୁଛୁ ରମ୍ୟ ଅପାଙ୍ଗିରେ [3] ।।

ଏମନ୍ତ ମଣ୍ଡୁକ ସିନ୍ଧୁ ପ'ର ହୋଇ ଆସିବେ ସେ ବେନି ଯଉ ।
ତୋତେ ଏଥୁ ନେବେ ତୁ ପୁଣ ତାଙ୍କର ହୋଇବୁ ପ୍ରିୟ ଯୁବତୀ ରେ ।
ତେଜ ମନୁ ସେ କଥା ।
ଦିନ ଯାମିନୀ ହେଉଛୁ ବୃଥାରେ ।।
ଏବେ ଭୂମିକି ନ ପୋଡ଼ ମଥାରେ ।।
ଭଣେ ଋଷି ରାମ ରସ କଥା ଯେ ।।

●

ରାଗ—**ସିନ୍ଧୁଡ଼ା**

ରାବଣରେ ବାଣୀ ଶୁଣି ଠାକୁରାଣୀ ବୋଲନ୍ତି ଆରେ ପାମର ।
ରାମ ଜାଣିଥିଲେ ଜୀବନେ ନ ଥାନ୍ତୁ ନ ଥାନ୍ତା ଏ ଲଙ୍କାପୁରରେ ।
ନାଶ ଯିବ ସଂପଦ ।
ରାମ ସଙ୍ଗେ ଯେ କଲୁ ବିବାଦ ରେ ।
ଶୁଣି-ନାହୁଁ ଧନୁର୍ଗୁଣ ନାଦରେ ।
ନିକଟରେ ଅଛୁ ତୋ ବିପଦରେ ।।

ତୁ କ୍ରୂର ପାପିଷ୍ଠ ଦୁରାଚାର ନଷ୍ଟ ଛୁଇଁବୁ ମୋର ଶରୀର ।
ନିଶ୍ଚେ ଜାଣିଥାଅ ତୋତେ ମାରି ମୋତେ ନେବେ ଏଥୁ ରଘୁବୀରରେ ।
ପୋଡ଼ିଯିବ ଏ ଲଙ୍କା ।
ପର ଯୁବତୀକି ନାହିଁ ଶଙ୍କାରେ ।
ମରିବାକୁ ନାହିଁ ତୋର ଦକାରେ ।
ରାମ ପାଇ ନାହାନ୍ତି ଆଶଙ୍କା ଯେ [4] ।।

---

୧- ନୋହିଲକ ପୁସ୍ତକପାଠ, ୨- ବସ ମୋ ଅଙ୍କେ ନେଇ ତରଙ୍ଗୀ ପୋଥିପାଠ
୩- କ କେ ଝୁରୁ ହରିଣ ଅପାଙ୍ଗି ରେ । ପୋଥିପାଠ । ୪- ରାମ ମାରିବେ ନାହିଁ ଆଶଙ୍କାରେ ପୋଥିପାଠ ।

ଯାହାରୁ କହୁଛୁ ଅପ୍ରାଧ ପାଉଛୁ ଛଡ଼ି ନ ପଡ଼େ ରସନା ।
ଛୁଡ଼ିବ ଏକା ବେଳକେ ଦଶଶିର ରାମ ହେଲେ କୋପମନା ରେ ।

ରଘୂ-କୁଳ-କରତା ।
ପାଇନାହାନ୍ତି ମୋର ବାରତା ସେ ।
ଖୋଜୁଥିବେ ବନଗିରି ଲତା ସେ ।
ଝୁରୁଥିବେ ହୋଇଣ କୃଶତା ସେ ॥

ଜାନକୀ ବଚନ ଶୁଣି ଦଶାନନ କୋପେ ବୋଲଇ ବଚନ ।
ବେନ ମାସେ ମୋତେ ରାମ ଦେଖାଇବୁ ନୋହିଲେ ହେବୁ ବ୍ୟଞ୍ଜନ[୧] ହେ ।

ଏହି ସମସ୍ତ ଜାଣି ।
ମିଳିଗଲେ ମନ୍ଦୋଦରୀ ରାଣୀ ଯେ ।
କୋପ କ୍ଷମା କର ବିଂଶ ପାଣି ହେ ।
ମୋର ସଙ୍ଗତେ ବଞ୍ଚ ରଜନୀ ହେ ॥

ଋଷି କୁମାରୀ ମାନୁଷୀ ଅତିକୃଶା[୨] କେଶ ବସନ ମଳିନ
ତୋ ପୁରେ କେତେ ସୁନ୍ଦରୀ ମାନେ ଛନ୍ତି ଏହାକୁ ବହୁ ବଳିଣ ଯେ ॥
ଆସ ହେ ପ୍ରାଣପତି !

ମୋର ସଙ୍ଗତେ କର ସୁରତି ହେ !
ଯେବେ ନାଥ ମୋହର ବିନତି ।
ମୁହିଁ ହରିବ ତୁମ୍ଭର ମତି ଯେ ॥

ମୋର ଯୁବତୀ[୩] ସଂପତ୍ତି ଦେଖି ଅବା ଜାନକୀ ହୋଇବ ବଶ ଯେ ।
ଏମନ୍ତ ବଚନ କରି ନାରୀ ଯେବେ ହୋଇଥିଲା ପରବେଶ ସେ ।

ତାଙ୍କ ମୁଖୁ ନିରାଶ ।
ଶୁଣି ତେଜିଲା ଖର ନିଶ୍ୱାସ ସେ ।
କହେ ଜିଜଣ୍ଟା ହୋଇବ ବଶ ଯେ[୪] ।
ଦେବ ମନ ନ କର ବିରସ ସେ[୫] ॥

---

୧- ମେଞ୍ଚନ ପୋଥିପାଠ’ ୨- ଅତି କୃଶୀ ପୋଥିପାଠ, ୩- ମୋହର ଏହୁ ସମ୍ପଦ ପୋଥିପାଠ, ୪- ଜିଜଣ୍ଟା କୁ ହକାଇଲା ରାଣ ପୋଥିପାଠ, ୫- ଏହି ପାଦଟି ପୋଥିରେ ନାହିଁ ।

ଏହି ଅସୁରୀଙ୍କୁ ଶିଖାଇ ରାବଣ ମନ୍ଦିରକୁ ୧ ବାହୁଡ଼ିଲା ।
ମନ୍ଦୋଦରୀଙ୍କ ଘେନ ପୁଣି ପୁଷ୍ପକ ଯାନପରେ ବାହୁଡ଼ିଲା ଯେ ।
ବେଢି ରକ୍ଷା ଦନୁଜୀ ।
ଭୟ କରାନ୍ତି ବହୁ ଗରଜି ଯେ ।
କି କାରଣେ ରାବଣେ ନ ଭଜି ଗୋ ।
ତୋର ମାଂସକୁ ଖାଇବୁ ଭାଜି ଯେ ॥

ସମସ୍ତ ରାକ୍ଷସୀ ତୋହର ମାଂସକୁ ବାଣ୍ଟି ଖାଇବୁ ଗୋ ସୀତେ ।
କିମ୍ପା ରାବଣେ ଭଜନା ତୁ ନୋହୁ ବିଭୂତି ଭୁଞ୍ଜନ୍ତୁ କେତେ ଯେ ।
ଶୁଣି ଦେବୀ କାତର ।
ନୟନରୁ ବହେ ନୀରଧାର ୨ ।
ମନେ ଚିନ୍ତା କଲେ ରଘୁବୀର ଯେ ।
ବସି ଭଜଇ ସୀତା ପୟର ଯେ ॥

ରାଗ—**କୁମ୍ଭକାମୋଦୀ** ୩

ଅସୁରୀ ଭର୍ତ୍ସନା ଶୁଣି ଠାକୁରାଣୀ କରନ୍ତି କାରୁଣ୍ୟ ।
ଆହା ସ୍ୱାମୀ ଖର ଦୂଷଣ ଅନ୍ତକ ଆହା ହେ ୪ ଲକ୍ଷ୍ମଣ ।

ଅନାଥ ତରୁଣୀ ପ୍ରାୟେ ମୋତେ ଆଣି କଲୁରେ ଦଇବ ।
ବେଳୁ ବେଳୁ କୁଣ୍ଠ ବାଣୀ ଶୁଣି ଶୁଣି ତନୁ କି ରହିବ ॥

ରାବଣ ପୁରେ ଅଛୁ ବୋଲି କେମନ୍ତେ ଜାଣିବେ ମୋ ପତି ।
ଦାରୁଣ ଦଇବ ବିପତ୍ତି ଉପରେ ଦେଉଛୁ ୫ ବିପତ୍ତି ।

ବହୁ ଯେ ଥିବ ନିରନ୍ତରେ ନୟନ କମଳୁ ଲୋତକ ।
ଦହୁ ଯେ ଥିବ ମୋ ବିହୀନେ ୬ ହୃଦୟ କୁସୁମ-ଶାୟକ ।

ବହୁଯେ ଥିବେ ବନଜୀବ ମାନଙ୍କୁ ହୋଇଣ ବିନୀତା ।
ରହୁଣ ଥିବେ ଯେ କହୁଥିବେ ପୁଣ ମୋହର ବାରତା ୭ ॥

ପ୍ରାଣନାଥ ମୋର କୁଚର ଚନ୍ଦନ ମଣ ଯେ ଅନ୍ତର ।
ଏବେ ଅନ୍ତର ହୋଇ ମୋତେ ରହିଲ ପର୍ବତ ସାଗର ॥

---

୧- ନବର ପୋଥିପାଠ ୨- ଏହି ଦୁଇଟି ପାଦ ପୁସ୍ତକରେ ନାହିଁ ୩- ଦକ୍ଷିଣ କାମୋଦୀ ପୋଥିପାଠ ୪- ମୋ ଲକ୍ଷ୍ମଣ ପୋଥିପାଠ ୫- ବହିଲୁ ପୋଥିପାଠ । ୬- ବହୁନେ ପୋଥିପାଠ, ୭- ବନିତା ପୋଥିପାଠ ।

କେମନ୍ତେ କର ପ୍ରାଣନାଥ ୧ ବଞ୍ଚାଇବେ ଧରିବ ଜୀବନ ।
ଆଉ କାହିଁ ମୋତେ ବାରେ ଦେଖାଇବେ ସୁନ୍ଦର ବଦନ ୨ ॥

ନିଶ୍ଚୟେ ମରିବି କଷ୍ଟରୁ ତରିବି ଖାଅ ମୋର ଅଙ୍ଗ ।
ବୋଲେ ଋଷି ଶୁଣ ତ୍ରିଜଟା କହଇ ସ୍ୱପନ ପ୍ରସଙ୍ଗ ॥

●

## ରାଗ--ସିନ୍ଧୁକାମୋଦୀ ୩

ତାଳ-ସରମାନ

ଆଗୋ ସଖି ଦେଖିଲି ସ୍ୱପନେ ଗୋ ।
ରାବଣ ଚଢ଼ି ଅଛୁ ବିମାନ । ପଦ ॥

ଯୋଚ ଅଛୁ ବହୁ ଖର ଗମେ ଦକ୍ଷିଣ ଦଗର ।
ତେଲେ ହୋଇଅଛୁ ଜର ଜର ଗୋ ॥

ପିନ୍ଧିଛୁ ରଙ୍ଗ ବସନ ରଙ୍ଗ କୁସୁମ ଚନ୍ଦନ ।
ନେଉଛନ୍ତି କୃତାନ୍ତକ ଗଣ ଗୋ ॥

ରାମ ଚଢ଼ି ଶ୍ୱେତ ଗଜ ହୋଇଛନ୍ତି ମୋଦ ସଜ ।
ଶ୍ୱେତ ବସନ ଶ୍ୱେତ ଚନ୍ଦନ ଗୋ ॥

ଶ୍ୱେତ ପୁଷ୍ପମାଳ ଚୂଳ ବକେ ଶ୍ୱେତଛତ୍ର ଭଲ ।
ଶ୍ୱେତ ଚାମର ଝାଳନ୍ତି ଜନ ଗୋ ॥

ଯେବେ ଅଛୁ ପ୍ରାଣେ ଆଶା ସେବିଥାଅ ଏହା ପାଶ ।
ନିଶ୍ଚେ ନାଶ ହୋଇବ ରାବଣ ଗୋ ॥

ଶୁଣି ତ୍ରିଜଟା ବଚନ ଆନନ୍ଦ ଜାନକୀ ମନ ।
ଶାନ୍ତ ହୋଇଲେ ଅସୁରୀ୪ଗଣ ଗୋ ॥

ସ୍ୱପନ କହି ହୋଇଲେ ୟନ୍ତୁ ସବୁ ଶୁଣିଥିଲେ ।
ବଗୁରିଲେ ଏହି ସେ ଜାନକୀ ଯେ ॥

ଭେଟ ନୋହି ଗଲେ ପାଣ ରାମ ନ ଯିବେ ୫ ବିଶ୍ୱାସ ।
ବୋଲିବେ ସେ ଦେଖିଲୁଁ ତ ଆନରେ ॥

---

୧-ପ୍ରାଣ ବନ୍ଧୁ ପୋଥିପାଠ । ୨-ଚନ୍ଦ୍ରମା ବଦନ ପୋଥିପାଠ, ୩-ତାଳ ସରମାନ ପୁସ୍ତକରେ ନାହିଁ । ୪- ଅସୁରଗଣ ପୋଥିପାଠ । ୫-ନୋହିବେ ପୋଥିପାଠ ।

ଉଭା ଦେଉଁ ଠାକୁରାଣୀ ହନୁ ସେ ସମସ୍ତ ଜାଣି ।
ଦଶରଥଙ୍କର କୀର୍ତ୍ତି କହିଲା ଯେ ॥

ପଛେ ପଛେ ଗୁଣ ଗୁଣି ବୋଇଲେ ସେ ପୁଣ ପୁଣି ।
କହଇ ସେ ହନୁମାନ ବୀର ଯେ ॥

ବୋଲେ ବଶୀ ଏହାଶୁଣି ରାବଣ ପ୍ରାସ୍ତେକ ମଣି ।
ଆଶଙ୍କା ହୋଇଲା ସୀତା ମନେ ହେ ୧ ॥

●

## ରାଗ—ତୋଡ଼ି, ଏକତାଳୀ

ଶିଂଶପା୨ ବୃକ୍ଷର ଡାଳେ ହନୁ ମନେ ମନେ ଭାଳେ,
ନିଶ୍ଚୟ ଜାନକୀ ଜନକ ନନ୍ଦନୀ ଦେଖିଲଇଁ ବେନି ଡୋଳେ ।
କି ଭାଗ୍ୟ ବଳେ ॥

ଶୁଖିଛି ଚନ୍ଦ୍ର ବଦନ ଝରନ୍ତେ ନୀର ଲୋଚନ,
ତେବେ ହେଁ ଶୋଭାକୁ ୩ ଉପମା ଦେବାରୁ ନାହିଁନା ସସ୍ତୁ ଭୁବନ ୪ ।
ନାରୀ ରତନ ॥

ବନ୍ଦୀ କି ନ କରେ ପୁଣି ଶ୍ରୀରାମଚନ୍ଦ୍ର ଘରଣୀ,
ଅସୁର ପୁରେ ଅସୁଖୀ କରିଛନ୍ତି ଜଗତର ଠାକୁରାଣୀ ।
ରମଣୀ ମଣି ॥

କହନ୍ତେ ବଂଶାନୁଗୁଣ ଶୁଭନ୍ତେ ୫ ସତୀ ଶ୍ରବଣ,
ତରୁକୁ ବୁହାନ୍ତେ ମର୍କଟ ଗୋଟାଏ କହେ ରାମକୀର୍ତ୍ତି ଗୁଣ ।
ସେ ପୁଣ ପୁଣ ॥

କପି ତୁ କାହୁଁ ଆଇଲୁ ଶ୍ରୀରାମ ନାମ ଧଇଲୁ,
ହୃଦୟ ମୋହର ଦହନ କାଳରେ ଚନ୍ଦନ ଲେପନ କଲୁ ।
ଯାହା ବୋଇଲୁ ॥

---

୧- ଦେବୀ ଆଶଙ୍କା କଲେ ଯେ ପୋଥିପାଠ, ୨- ଶିଂଶୁପା ପୋଥିପାଠ, ୩-ତାହାକୁ ପୋଥିପାଠ, ୪- ତ୍ରିଭୁବନ ପୋଥିପାଠ, ୫- ଶୁଭଇ ପୋଥିପାଠ ।

ହନୁ ବୋଲନ୍ତି ଗୋ ମାତ ଶ୍ରୀରାମ ଚନ୍ଦ୍ରଙ୍କ ଦୂତ,
ଏମନ୍ତ କହିଣ ଚରଣ ତଳରେ ପଡ଼ିଲା ଯାଇ ତ୍ୱରିତ ।
ସେ ରାମ-ଦୂତ ॥

ଶ୍ରୀରାମ ମୁଦ୍ରିକା ଦେଲେ ସଙ୍କେତ ମାନ କହିଲେ,
ତୁମ୍ଭଙ୍କୁ ପୃଥିବୀ ଯାକ ଖୋଜୁ ଅଛୁଁ ଅଞ୍ଜନା ସୁତ କହିଲେ ।
ପ୍ରତୀତ ଗଲେ ୧ ॥

ରାମ କଲେ ବାଲୀ ହତ ସୁଗ୍ରୀ ସଙ୍ଗେ ହେଲେ ମିତ ୨ ।
କୋଟି କୋଟି କପି ମୋହର ସମାନ ହୋଇଛନ୍ତି ପ୍ରଭୁଙ୍କ ଭୃତ୍ୟ ।
କହିଲି ସତ୍ୟ ॥

ସମୁଦ୍ର ଡେଇଁ ଅଇଲି ଲଙ୍କା ଗଡ଼ରେ ପଶିଲି,
ତୁମ୍ଭ ଶ୍ରୀଚରଣ ଦର୍ଶନ ନ ପାଇ ପ୍ରାଣ ମୁଁ ହରାଉ ଥିଲି ।
ଭଲ ଦେଖିଲି ॥

ରାମ ମାଲ୍ୟବନ୍ତ ଗିରି- ଶିଖେ ଛନ୍ତି ବିଜେ କରି,
ସୁଗ୍ରୀବ ସହିତେ ଅନେକ ମର୍କଟ ବନେ ଛନ୍ତି ବିଜେ କରି ।
ସେ ବୃକ୍ଷ ହରି ॥

ଆସ ମୋର କାନ୍ଧେ ବସ ଘେନି ଯିବି ରାମ ପାଶ,
ରାବଣ ସହିତେ ମାରନ୍ତି ପ୍ରଭୁଙ୍କ ପ୍ରତିଜ୍ଞା ହୋଇବ ନାଶ ।
ଦେଖ ସାହସ ॥

ଶୁଣିଣ ଦେବୀ ହରଷ ହନୁକୁ ବସାଇ ପାଶ,
ବୋଲଇ ବଶି ବିଶ୍ୱାସ କଥା ଶୁଣି ସଂଶୟ ହେଲା ବିନାଶ ।
ଶ୍ରୀରାମ ଜୟ ୩ ॥

୧-ସନ୍ତୋଷ ହେଲେ ପୋଥିପାଠ । ୨-ମୈତ୍ର ପୋଥିପାଠ ।
୩-ଏ ରାମ ରସ ପୁସ୍ତକପାଠ ।

## ରାଗ—ଆହାରୀ

### ଆଦ୍ୟ ମାର୍ଗଶୀର ବାଣୀ

କହ ହନୁ ମୋର କାନ୍ତର କୁଶଳ ଲକ୍ଷ୍ମଣର ସର୍ବ କୁଶଳ ।
ମରକତ ହେମ ବେନି କଳେବର ହୋଇ ନାହାନ୍ତି ନା ଦୁର୍ବଳ ।
ହନୁ ହେ, ବେନି ଭାଇଙ୍କର କୁଶଳ ।
କୁଶଳ କରି ଲକ୍ଷ୍ମଣ ସେବା କରଥାନ୍ତି[୧] ନିଜ ପାଦକମଳ ॥

ମୋର ବିଚ୍ଛେଦ ହୋଇଲା ଦିନୁ ତନୁ ଦୁର୍ବଳ ହୋଇଥିବ ପରା ।
ଅଧୈର୍ଯ୍ୟ ହୋଇଲେ ଲକ୍ଷ୍ମଣ ତାହାଙ୍କୁ କରାଉଥାନ୍ତି ଟିକି ଧୀର ।
ହନୁ ହେ, ମୋତେ ଏଥୁ ନିଶ୍ଚେ ନେବେ କି ।
ବାନରମାନଙ୍କୁ ଘେନି ସିନ୍ଧୁ ପାରି ହୋଇ ଏଥକୁ ଆସିବେ କି ॥

ମୋତେ ନିକି[୨] ହନୁ ଚିନ୍ତା କରୁଥାନ୍ତି ଚିତ୍ତରେ ଚିନ୍ତାଇ ମୋ ଭାବ ।
ସ୍ନେହ ଅଛନ୍ତି କି ମୋର ବିଷୟରେ ଯଥାର୍ଥ କରିଣ କହିବ ।
ହନୁ ହେ, ସତେ କି ଶ୍ରୀମୁଖ ଦେଖିବି ।
ସତ କହ ହନୁ କେତେ ଦିନ ଯାଏ ତନୁରେ ଜୀବନ ରଖିବି ॥

ବୋଇଲୁ[୩] ଯେ ହନୁ କନ୍ଧରେ ବସାଇ ଶ୍ରୀରାମ ପାଶେ ଘେନି ଯିବ ।
ସ୍ୱଇଚ୍ଛାରେ ମୁହିଁ କେମନ୍ତ ପ୍ରକାରେ ପୁରୁଷ ଅଙ୍ଗକୁ ଛୁଇଁବି ।
ହନୁ ହେ, ଚୋରଇ ରାବଣ ଆଣିଲା ।
ତୁମ୍ଭେ[୪] ଚୋରାଇ ଘେନିଗଲେ ପ୍ରଭୁଙ୍କ ଯଶ ଆଉ କିସ ରହିଲା[୫] ।

ବିଶ୍ରବା ନନ୍ଦନ ଆସିଣ ଏଠାକୁ କଣ୍ଠ ଯେ ବେନି ମାସ କାଳ ।
ବେନି ମାସେ ମୋତେ ଶ୍ରୀରାମ ଲକ୍ଷ୍ମଣ ଦେଖାଇବୁ ବୋଲି[୬] ବୋଇଲା ॥
ହନୁ ହେ, ଏକ ମାସ ଥିବ ପ୍ରାଣ ହେ ।
ପ୍ରାଣ ଥାଉଁ ଥାଉଁ ଶ୍ରୀରାମ ଲକ୍ଷ୍ମଣ ଶୀଘ୍ର କରି ତୁମ୍ଭେ ଆଣ ହେ ।

---

୧– କରୁଥାନ୍ତି ପୋଥିପାଠ । ୨– ଟିକି ପୁସ୍ତକପାଠ । ୩– ବୋଲଇ ପୁସ୍ତକପାଠ ।
୪– ଏଠାରୁ ପାଠ ପୋଥିରେ ଅଧିକ ଅଛି । ୫– ହୋଇଲା ପୋଥିପାଠ । ୬ ସେହି ବୋଇଲା ପୁସ୍ତକପାଠ ।

କମ୍ପା[୧] ହନୁ ମୋର ପାଇଁ ରାମ ଦେଲେ କର ପଲ୍ଲବର ମୁଦ୍ରିକା ।
ଶୂନ୍ୟ ଯେ ଦିଶୁଥିବ[୨] ମୋ ପ୍ରଭୁଙ୍କର କର କମଳ ଅନାମିକା ।
ହନୁ ହେ, ଏ ମୁଦ୍ରିକା ନୁହେ ଅନ୍ତର ।
ପ୍ରଭୁଙ୍କ କରେ ଥାଇଣ ମୋର ତନୁ ଭ୍ରମୁ ଯେ ଥାଇ ନିରନ୍ତର ।

ମୁଦ୍ରିକା ମସ୍ତକେ ଲଗାଇ ଆପଣା[୩] ପଣତରେ ବାନ୍ଧି ରଖିଲେ[୪] ।
ମସ୍ତକୁ ମଣି ବାହାର କରି ପୁଣି ହନୁ କରରେ ସମର୍ପିଲେ ॥
ହନୁ ହେ, ମୋ ଠାରେ କରୁଣା କରିବେ ।
ଦୀନ ଜନ ଠାରେ କରୁଣା କଲେଟି କରୁଣା-ସିନ୍ଧୁ ବୋଲାଇବେ ।

କହିବ ହନୁ ହେ ଏତେକ ମାତ୍ରକ ମୋହର ବିନୟ ଉଦନ୍ତ[୫] ।
କେବଳ ମୋହର କଲା ଅପରାଧ କ୍ଷମା କରିବେ ମୋର କାନ୍ତ[୬] ।
ହନୁ ହେ ପ୍ରବୋଧ କରିଣ କହଇ[୭] ।
ବୋଲେ ବଶି ରାମ ଛାମୁରେ ଜଣାଇ ନିକଟେ ଆଣିବି ବୋଲଇ[୮] ॥

●

## ରାଗ କଫି

କହେ ଅଞ୍ଜନା ସୁତ ଯୋଡ଼ିଣ ପାଣି ।
କମଳ ପତ୍ର-ନେତ୍ର[୯] ସନ୍ତାପ ଗୋ ଶୁଣିମା ଠାକୁରାଣୀ ॥

ତୁମ୍ଭ ବିହୁନେ ଦଶରଥ ନନ୍ଦନ ।
ନିଶି ଦିବସେ ମୁଁ ନ ଦେଖିଲି ଗୋ ତାଙ୍କ ନିଦ୍ରା ଭୋଜନ ॥

ତୁମ୍ଭର ଗୁଣ ଗୁଣନ୍ତି ଅହର୍ନିଶି ।
ଯେସନେ ଅନୁଦିନେ ତୁଟଇ ଗୋ କୃଷ୍ଣ ପକ୍ଷର ଶଶୀ ॥

---

୧- କମ୍ପାଇଁ ପୋଥିପାଠ । ୨- ସୁନ୍ଦର ଦିଶୁ ନ ଥିବ ପୋଥିପାଠ । ୩- ଲଗାଇଣ ହୃଦ୍ୟା ପୋଥିପାଠ । ୪- ଥୋଇଲେ ପୋଥିପାଠ । ୫- କହ ହନୁ କାନ୍ତ ଆଗରେ ଏତେକ ମାତ୍ରେକ ମୋହର ବିନତି ପୋଥିପାଠ । ୬-ପତି ପୋଥିପାଠ । ୭- ଯେ କହି ପୋଥିପାଠ । ୮- ବୋଲେ ବଶି ରାମ ଛାମୁରେ ଜଣାଇବ ବୋଲଇ ନିକଟେ ଆଣିବଇଁ ପୋଥିପାଠ । ୯- ନେତ୍ରୁ ନୀର ପୋଥିପାଠ ।

ଖସି ପଡ଼ଇ୧ ଅଙ୍ଗୁଳିରୁ ମୁଦ୍ରିକା ।
ନୟନ ନୀର ସ୍ଥିର ନୁହଇ ଗୋ ସେ ଝୁରନ୍ତି ଏକା ॥

କେତେ ହେଁ ବେଳେ୨ ଧନୁଶର ଘୁଡ଼ନ୍ତି ।
କେତେ ହେଁ ବେଳେ ତୁମ୍ଭ ବହୁନେ୩ ଗୋ ଧରଣୀରେ ଗଡ଼ନ୍ତି ॥

କେତେବେଳେ ଚନ୍ଦ୍ର ମଣ୍ଡନ୍ତ୍ରେ୪ ତପନ ।
କେତେ ହେଁ ବେଳେ ମନ୍ଦ ମରୁତ ଗୋ କୁଳିଶର ସମାନ ॥

ସଂଶୟ ଫିଟାଇ ୫ କହ ଠାକୁରାଣୀ ।
ଯେମନ୍ତେ ୬ ପ୍ରତେ ମୋତେ କରିବେ ଗୋ ପ୍ରଭୁ କୋଦଣ୍ଡ ପାଣି ॥

ସନ୍ତକ କରି ଦେଲେ ମସ୍ତକ-ମଣି ।
ପଚାରିଲେ ମୁଁ କସ କହିବି ଗୋ କହ ଗୁପତ ବାଣୀ ॥

ଆଉ କେତେକ ଦିନେ ରାମ ରାଜନ ।
ରାବଣକୁ ମାରଣ ତୁମ୍ଭଙ୍କୁ ଗୋ ଏଥୁ ନେବେ ବହନ ॥

ନୁହ ବିକଳ ଚିନ୍ତା ଛାଡ଼ ସକଳ ।
ବୋଲଇ ବଣି କହ ବିଶ୍ୱାସ ଗୋ ଶ୍ରୁତି ହେଉ ସୁଫଳ ୭ ॥

●

ରାଗ – **ବଙ୍ଗାଳଶ୍ରୀ**

କହଇ୮ ହନୁ ଚିତ୍ରକୂଟ ବୃତ୍ତାନ୍ତ ଗୁପତ ବାରତା ତୋତେ ୯ ।
ସେ କଥା ପ୍ରଭୁ ଛାମୁରେ ଜଣାଇଲେ ଦୟା ବା କରିବେ ମୋତେ ।
ହନୁ ହେ ୧୦ ॥

ବନେ୧୧ ହେ ଶକ୍ର କୁମାର ଦେଖି ମୋତେ ମଦନେ ହୋଇଲା ବଶ ।
ମାଂସ ଶୁଖାଇବା ସମୟରେ ହେଲା ମୋର ପାଶରେ ପ୍ରବେଶ ।
ହନୁ ହେ ॥

---

୧– ପଡ଼ୁଛି ପୋଥିପାଠ । ୨–କେତେବେଳେ ପୋଥିପାଠ । ୩–ବହୁନେ ପୁସ୍ତକପାଠ
୪– ଚନ୍ଦ୍ରମଣି ପୋଥିପାଠ । ୫– ଫେଡ଼ି ପୋଥିପାଠ । ୬– କେମନ୍ତେ ପୁସ୍ତକପାଠ
୭– ସଫଳ ପୁସ୍ତକପାଠ । ୮– କହ କହ ପୋଥିପାଠ । ୯ ମୋତେ ପୋଥିପାଠ ।
୧୦– ପ୍ରତ୍ୟେକ ପଦ ଶେଷରେ ହନୁ ହେ ପାଠ ପୁସ୍ତକରେ ନାହିଁ । ୧୧– ବନେ ପୋଥିପାଠ ।

ସ୍ତନେ ମୋହର ନଖାନ୍ତରେ[1] ମାରନ୍ତେ[2] ରୁଧିର[3] ହୋଇଲା ଜାତ ।
ତାହା ଦେଖି ରଘୁକୁଳର ଚନ୍ଦ୍ରମା କଲେ ତାକୁ କୋପଚିତ୍ତ[4] ॥
ହନୁ ହେ ॥

କୁଶ ଗୋଟିଏ ଆସନୁ କାଢି ବ୍ରହ୍ମ ମନ୍ତ୍ରରେ ପ୍ରୟୋଗ[5] କଲେ ।
କାକର ଜୀବନ ଘେନିଣ ଆସିବୁ ବୋଲି ତାକୁ ଆଜ୍ଞା ଦେଲେ ॥
ହନୁ ହେ ॥

କାକ ପଳାଇ ତ୍ରିଭୁବନେ ବୁଲିଲା ଶରଣ କେହି ନ ଦେଲା ।
ସେ ପୁଣି[6] ଶ୍ରୀରାମ ଚରଣ ତଳେ ପଡ଼ି ଆସି ଶରଣ ପଶିଲା ॥
ହନୁ ହେ ॥

ଯାହାର ଶର ତ୍ରିଭୁବନେ ଗୋଡ଼ାଇ[7] ଶତ୍ରୁ କରଇ[8] ବିନାଶ ।
ସେ ଶରମାନ ତୃଣୀରୁ କି ପେଷିଲେ ରାବଣ ନୁହନ୍ତା ନାଶ ॥
ହନୁ ହେ ॥

ଏଣୁ ବିଚାରଇ ମୋହଠାରେ ଆଉ[9] ନାହିଁ ପ୍ରୀତ ଅନୁରାଗ ।
ଆହୁରି ଗୁପତ କଥାଟିଏ କହିବ ପବନ ସୁତ ତୋ ଆଗ ॥
ହନୁ ହେ ॥

ଦିନେ ମୋତେ ବେଶ କରଣ ଜାନୁରେ[10] ବସାଇଲେ ଚିତ୍ରକୂଟେ ।
ମନଶିଳେ ଗେରୁ ଘୋରଣେ[11] ତିଳକ ରଞ୍ଜିଲେ ମୋର ଲଲାଟେ ॥
ହନୁ ହେ ॥

ଏହି ସମୟରେ ଚିତ୍ରକ ଧରଣ ବୋଲିଣ ଅଛନ୍ତି ଯାହା ।
ସେ କଥା ଚିହ୍ନାଇ ଦସ୍ତାବା କରିବେ ଚିତ୍ତୁ ଆଇବୁ[12] ତୁ ତାହା ।
ହନୁ ହେ ॥

ଯାହା ଦେଖୁଛୁ ଏ ବେଦନା ମୋହର ଏକାନ୍ତରେ[13] ଜଣାଇବ ।
ଲକ୍ଷ୍ମଣ ସହିତେ ପ୍ରଭୁଙ୍କୁ ତୁମ୍ଭର ବାରେ ହେଲେ ଅଣାଇବ[14] ।
ହନୁ ହେ ॥

---

୧- ନଖଘାତ ପୋଥିପାଠ । ୨- କରନ୍ତେ ପୋଥିପାଠ । ୩- ରୋଧିର ପୋଥିପାଠ ୪- କୋପଜାତ ପୋଥିପାଠ । ୫- ବ୍ରହ୍ମଅସ୍ତ୍ର ପ୍ରାୟେ କଲେ ପୋଥିପାଠ। ୬- ଶୁଣି ପୋଥିପାଠ । ୭- ଖୋଜିଣ ପୋଥିପାଠ । ୮- ଶତ୍ରୁକୁ କରେ ପୋଥିପାଠ । ୯- ପରା ପୋଥିପାଠ । ୧୦- ଜାନୁ ପୋଥିରେ ନାହିଁ । ୧୧- ଗୋଳଣ ପୋଥିପାଠ । ୧୨-ତୁମ୍ଭେ ଜଣାଇବ ପୋଥିପାଠ । ୧୩-ବାରେମାତ୍ର ପୁସ୍ତକ ପାଠ । ୧୪- ବେଗ କରି ଘେନି ଆସିବ ପୋଥିପାଠ ।

ଜାଣିଲି ପ୍ରଭୁଙ୍କ ବିଶ୍ୱାସୀ ସେବକ ଅଟ ହେ ଅଞ୍ଜନା ସୁତ ।
କେବଳ ଜୀବନ ମାତ୍ରେ ମୋର ଥିବ ଆସିବ ତୁମ୍ଭେ ତ୍ୱରିତ ।
ହନୁ ହେ ॥

ଠାକୁରାଣୀ ବାଣୀ ଶୁଣି କପିମଣି ମନରେ ବିଚାର କଲେ ।
କାର୍ଯ୍ୟ ସିଦ୍ଧି ହେବ ଅସୁର ଥୋକାଏ ମାରି ଏଥୁ ମୁହିଁ ଗଲେ ।

ରାମ ଘରଣୀ ଚୋରାଇ ଆଣି ସୁଖେ ରଖି ଅଛି ଦଶଶିର ।
ଆଜ ମୁଁ ଉଚ୍ଛନ୍ନ କରିବି ଭୁବନ ମାରି ଥୋକାଏ ଅସୁର ୧ ।

ପୁଣି ବିଚାରିଲେ ସୁରହୁଁ ଅଧିକ କରିଛି ଏ ମଧୁବନ ।
ଏହା ମୁଁ ଭାଙ୍ଗିଲେ ଅସୁର ଆଇଲେ ତେବେ ହୋଇବ ନିଧନ ।

ମଧୁ ବନରେ ଯେ ଯେତେକ ରାକ୍ଷସ ମୋ ସଙ୍ଗେ ଆସି ଯୁଝିବେ ।
ରାମ ପରସାଦେ ସବୁଙ୍କୁ ମାରିବି ଗୋଟିଏ ଜିଇ ନ ଯିବେ ॥

ରାମ ମୋର ପିତା ସୀତା ମୋର ମାତା କାହାକୁ ମୋର ଯେ ଭୟେ ।
କିସ କରିବ ଏହା ଛାର ରାବଣ କୋଟିଏ ହେଲେ ନିର୍ଭୟେ ୨ ॥

ଏତେ ବିଚାରିଣ ମେଲାଣି ମାଗିଣ ୩ ମଧୁବନେ ପରବେଶ ।
ସମସ୍ତ ତରୁ ଭାଙ୍ଗିବାରେ ଲାଗିଲେ ଭଣେ ବଣି ରାମ ରସ ॥

ରାଗ-- **କାଫି**

ଶ୍ରୀରାମ ଦୂତ କରିଣ କାର୍ଯ୍ୟ ସିଦ୍ଧି,
ହରିବୀର ! ଅସୁର ମାରିବାକୁ କରେ ସଧ ॥
ରାବଣର ସ୍ନେହ ଅତି ମଧୁବନ ।
ହରିବୀର ! ଭାଙ୍ଗିବାକୁ କରେ ମନ ॥
ଏତେ ଭାଳି ବନକା ଭିତରେ ପଶି ।
ହରିବର ! ତରୁ ଉପାଡ଼ିଣ ଫଳ ଭୁଞ୍ଜେ ବସି ॥
ସ୍ୱର୍ଗସାର ତରୁ କରେ ନାରଖାର ।
ହରିବୀର ! ଭସାଇଣ ଦେଲା ସେହି ଜଳଧର ୪ ॥

୧– ଏହି ପଦଟି ପୁସ୍ତକରେ ନାହିଁ । ୨– ଏହି ଦୁଇ ପଦ ମଧ୍ୟ ପ୍ରକାଶିତ ପୁସ୍ତକରେ ନାହିଁ । ୩– ହୋଇଣ ପୁସ୍ତକପାଠ । ୪– ଏହି ପଦଟି ପୋଥିରେ ନାହିଁ ।

ଶୁଣି ରାବଣ ପେଷୁ କିଙ୍କର ଗଣ ।

ପ୍ରଳୟ କାଳରେ କି ପ୍ରଖର ବାତ ।
ହରିବୋଲ ! ହାଦେ ମଧୁ ବନକୁ ଦେଲା ହତ ॥

ରକ୍ଷାସୁର ମାନଙ୍କୁ ଜବନେ ମାରି ।
ହରିବୋଲ . ନାମରେ ଗୁହାରି କଲେ ଅମରେ ॥

ସୀତା ପାଶେ ଦେବ କି କି କରୁଥିଲା ।
ହରିବୋଲ ! କି ଶୁଣି ତାହାର ମୁଖୁ ଏହା କଲା ॥

ଶୁଣି ରାବଣ ପେଷୁ କିଙ୍କର ଗଣ ।
ହରିବୋଲ ! ଶିଳା[1] ତରୁରେ ସବୁରି ନେଲା ପ୍ରାଣ ।

ଶୁଣି ରାଜା ମନ୍ତ୍ରୀ[2] ଦୂତ ପେଷିଦେଲା ।
ହରିବୋଲ ! ହାଦେ ହାତ ବରଙ୍କର ପ୍ରାଣ ଗଲା ॥

ଶୁଣି ରାବଣ ପେଷେ[4] ଅକ୍ଷୟ ବୀର ।
ହରିବୋଲ ! ତାହା ସଙ୍ଗେ ସମର କଲା ଆସର ॥

ବହୁ ରଣ କରି କଲା ତାକୁ ହତ ।
ହରିବୋଲ ! ସୈନ୍ୟ ସଙ୍ଗେ ମାଇଲା ରାବଣ ସୁତ ॥

ଜାମ୍ବୁମାଳୀ[5] ସହିତରେ ସେନା[6] ପାଞ୍ଚ ।
ହରିବୋଲ ! ପଞ୍ଚତ୍ୱ କରନ୍ତେ ଉଡ଼ି କଲେ ଉଚ୍ଚ ॥

ପୁତ୍ର ବଧ ଶୁଣି ରାଜା ଶୋକ[7] କଲା ।
ହରିବୋଲ ! ଏତେ କାଳେ ମୋତେ ପୁତ୍ର ଶୋକ ହେଲା ॥

ବାଳୀ ସୁଗ୍ରୀବ ଅବା ଦୁର୍ବିନ୍ଦ[8] ହନୁ ।
ହରିବୋଲ ! ଏତେ ସୈନ୍ୟ ମାଇଲା ପବନ ସୁନୁ ॥

ବହୁ[9] ବିଳାପ କରନ୍ତି ଦଶାନନ ।
ହରିବୋଲ ! ବୋଲେ ବୀର ଶକ୍ରାଜିତ[10] କୋପମାନ ॥

●

---

୧- ଶାଳ ତରୁରେ ପୋଥିପାଠ । ୨- ପୁତ୍ର ପୁସ୍ତକପାଠ । ୩-ସାତ ମନ୍ତ୍ରୀ ସୁତ ପ୍ରାଣ ହାରନେଲା ପୋଥିପାଠ । ୪- ପୁଣି ପେଷିଲା ପୁସ୍ତକପାଠ । ୫- ଜମ୍ବୋମାବାଳୀ ପୋଥିପାଠ । ୬- ମନ୍ତ୍ରୀ ପୋଥିପାଠ । ୭- କୋପ ପୋଥିପାଠ । ୮- ଦୁନ୍ଦୁଭି ପୋଥିପାଠ । ୯- କହି ପୁସ୍ତକପାଠ । ୧୦ ମେଘନାଦ ପୋଥିପାଠ ।

## ରାଗ -**କଳସା ବାଣୀ** ୧

ରାବଣ ବିଳାପ ଶୁଣି ଇନ୍ଦ୍ରଜିତ ବୀର ।
କର ଯୋଡ଼ି ବୋଲଇ ଶୁଣିମା ଦଣ୍ଡଧର ॥

ସନ୍ତାପ ତେଜଣ ଏବେ ଆଜ୍ଞା ଦିଅ ମୋତେ ।
ଏହିକ୍ଷଣି ବାନ୍ଧି ଆଣିବଇଁ ମୁଁ ତ୍ୱରିତେ ॥

ପୁତ୍ର ମୁଖୁ ଶୁଣିଣ ବୋଲଇ ଦଶଶିର ।
ଯାଅ ବାବୁ ବେଗ ହୋଇ ୨ ବାନରକୁ ଧର ୩ ॥

ସାମାନ୍ୟ ନୁହଁଇ କପି ନ ଯିବ ଭରସି ୪ ।
ସିନ୍ଧୁ ଡେଇଁ କଉଟେ ଲଙ୍କାକୁ ଅଛି ଆସି ॥

ସାବଧାନ ହୋଇ ତାର ସଙ୍ଗେ କର ରଣ ।
ଏସନ କହି ପୁତ୍ରକୁ ପେଷିଲା ରାବଣ ॥

ରଥଚଢ଼ି ଇନ୍ଦ୍ରଜିତ ଧନୁଶର ଧରି ।
ବାହାର ହୁଅନ୍ତେ ସୈନ୍ୟ ଲଙ୍କା ଯାଣ୍ଡ ପୁରି ॥

ଦେଖିଲା ଅଶୋକବନ ୫ ହୋଇଅଛି ପଦା ।
ଦିଶୁଅଛି ସବୁଠାରେ ଶବ ଗଦା ଗଦା ॥

ବସିଅଛି ତୋରଣରେ ୬ କପି ମହାବଳୀ ।
ଦେଖି ରାବଣ କୁମର ସମ୍ମୁଖରେ ମିଳି ॥

ସହସ୍ର ସହସ୍ର ନାରାଚ ୭ କରନ୍ତେ ତାକୁ ବୃଷ୍ଟି ।
ମହାମୂନାଶର ତାର ଅଙ୍ଗରେ ନ ଫୁଟି ॥

ଅନେକ ସଇନ ହନୁମନ୍ତ କ୍ଷୟ କଲା ।
ରାବଣ-କୁମର ତାକୁ ୮ ସମରେ ହାରିଲା ॥

---

୧- କୃଷ୍ଣ କଳା ବାଣୀ ପୋଥିପାଠ । ୨- ବେଗ କରି ପୋଥିପାଠ ।
୩- ମାର ପୋଥିପାଠ । ୪- ଜୀବ ଭରସି ଆସି ପୋଥିପାଠ ।
୫- ଓଶୋକ ପୋଥିପାଠ । ୬- ତୃଣାସ୍ତମ୍ଭେ ପୁସ୍ତକପାଠ ।
୭- ସହସ୍ର ନାରାଜ ପୋଥିପାଠ । ୮- ତାହା ପୋଥିପାଠ ।

ଲଙ୍କା ପାଇଣ ଅସୁର କଲା ମହା ରଣ ୧ ।
ବ୍ରହ୍ମ ପାଶ ମନ୍ତ୍ରିଣ ପେଷିଲା ସେହିକ୍ଷଣ ॥

ଶୀଘ୍ରେ ପାଶ ବାନ୍ଧିଲାକ ହନୁମନ୍ତ ଗାତ୍ର ।
ଦେଖିଣ ସାନନ୍ଦ ହେଲା ରାବଣର ପୁତ୍ର ॥

ହନୁ ବିଚାରିଲା ମନେ ଏ ତ ବ୍ରହ୍ମ ପାଶ ।
ଏହା ଯଶ କମ୍ପା ମୁହିଁ କରିବି ବିନାଶ ॥

ରାବଣ ପାଶକୁ ଯିବି ବନ୍ଧା ହେଲେ ସିନା ୨ ।
ଏମନ୍ତ ବିଚାରି ହନୁ ହୋଇଲା ବନ୍ଧନା ॥

ଅସୁରଙ୍କ ହାତରେ ଘେନାଇ ଗଲା ହନୁ ।
ରାବଣ ଛାମୁରେ କଲା ରାବଣର ସୂନୁ ॥

ଦେଖିଣ ଆନନ୍ଦ ହୋଏ ବିଶ୍ରବା କୁମର ।
ହନୁକୁ ଚାହିଁଣ କ୍ରୋଧେ ବୋଲଇ ଉତ୍ତର ॥

କେଉଣ ଦେଶରୁ କପି ଅଇଲୁ ତୁ କେଣେ ।
ଲଙ୍କାରେ ପଶିଲୁ ମୋର କେଉଣ କାରଣେ ॥

ଏ ମୋହର ମଧୁବନ କମ୍ପା କଲୁ ନଷ୍ଟ ।
ଅକ୍ଷୟକୁମର କ୍ଷୟ କଲୁରେ ୩ ପାପିଷ୍ଠ ॥

ହନୁମନ୍ତ ବୋଲନ୍ତି ଶୁଣରେ ଦଶଶିର ।
ନାମ ମୋର ହନୁମନ୍ତ ପବନ କୁମର ॥

ବାଲୀ ସୁଗ୍ରୀବଙ୍କର ମୁଁ ଭଜେ ଅଟଇ ।
ଏବେ ରଘୁନାଥଙ୍କର ଚରଣେ ଖଟଇ ॥

ସୁଗ୍ରୀ ସଙ୍ଗେ ମିତ୍ର ହେଲେ ଦଶରଥ ସୁତ ।
ଏକା କାଣ୍ଡକେ ବାଲୀର ପ୍ରାଣ କଲେ ହତ ॥

କିଷ୍କିନ୍ଧା କଟକେ କଲେ ସୁଗ୍ରୀବ ନୃପତି ।
ଶ୍ରୀରାମଙ୍କ ସେବା କରି ଭୁଞ୍ଜିଲା ୪ ବିଭୂତି ॥

---

୧-ମାୟାରଣ ପୁସ୍ତକପାଠ ୨-ରାବଣକୁ ଦେଖିବି ବନ୍ଧନ ହେଲେ ସିନା ପୁସ୍ତକପାଠ ।
୩-ମାଇଲୁ ପୋଥିପାଠ ୪- ସେବାକଲା ଘେନିଣ ପୁସ୍ତକପାଠ ।

ଋକ୍ଷ ବାନର ହୋଇଲୁ ଶ୍ରୀରାମଙ୍କ ଦାସ ।
ସୀତା ଖୋଜିବାକୁ ପେଷିଛନ୍ତି ଦଶ ଦଶ ॥

ସମୁଦ୍ର ଡେଇଁଣ ମୁହିଁ ଲଙ୍କାକୁ ଅଇଲି ।
ଅଶୋକ[1] ବନରେ ମୁହିଁ[2] ସୀତାଙ୍କୁ ଦେଖିଲି ॥

ଯୁବତୀ ଚୋରାଇ ଆଣି ବୋଲାଉ ତୁ ବୀର ।
ଆଜ୍ଞା ନାହିଁ ନୋହିଲେ ମୋଡ଼ନ୍ତି ଦଶଶିର ॥

ବରୁଣଙ୍କ ପାଶେ ମୋତେ କରିଛୁ ବନ୍ଧନ ।
ଓପାଡ଼ି ନେଇ ପାରଇ ତୋ ଲଙ୍କା ଭୁବନ ॥

କୋପରେ ରାବଣ ପ୍ରହସ୍ତକୁ[3] ଆଜ୍ଞାଦେଲା ।
ବାନରକୁ ଆଣି[4] ଶୂଳୀ ଦିଅରେ ବୋଇଲା ॥

ଆଜ୍ଞା ପାଇଣ ଅସୁରେ ଚଉପାଶେ ବେଢ଼ି ।
ବୋଲେ ତ୍ରଶି ନାନା ଶସ୍ତ୍ର ମାନନ୍ତି ପହୁଞ୍ଚି ॥

●

ରାଗ— ତୋଢ଼ି

କର ଯୋଡ଼ି କହେ ବିଭୀଷଣ । ଭୋ ଦେବ ମୋର ବିନୟ ଶୁଣ ।
ଦୂତ ଅବଧ୍ୟ ବଧ ନୁହେଁ ଉଚିତ ଲାଙ୍ଗୁଡ଼ି ଏହାର କର ଖୁଣ ॥

ଏହାକୁ ବନ୍ଧନୁ କର ମୋକ୍ଷ । ଅନଳ ଲଗାଅ ଏହା ପୁଚ୍ଛ ।
ଢେଙ୍ଗୁରା ବଜାଇ ଲଙ୍କାରେ ବୁଲାଇ ହୁଡ଼ିଦିଅ ପବନ ବଚ୍ଛ[5] ॥

ହସିଣ ବୋଲଇ ଲଙ୍କେଶ୍ୱର । ବିଶେଷେ କପି ଲାଙ୍ଗୁଳ ସାର ।
ଲାଙ୍ଗୁଳେ ବସନ ଗୁଡ଼ାଇ ଏବେ ଢାଳ ତହିଁରେ ତଇଲ ଧାର ॥

ଆଜ୍ଞା ପାଇ ପରିଚାରମାନେ । ବସନ ଆଣିଲେ ତୋଷମନେ ।
ହନୁ ଲାଙ୍ଗୁଡ଼େ ଗୁଡ଼ାଆନ୍ତେ ବଢ଼ଇ କଳି ନ ପାରନ୍ତି ଅନୁମାନେ ॥

---

୧- ଓଶୋକ ପୋଥିପାଠ । ୨- ତୋର ପୁସ୍ତକପାଠ । ୩- ପ୍ରଶସ୍ତ ପୁସ୍ତକପାଠ ।
୪- ହାଣି ପୋଥିପାଠ । ୫- ଗୁଡ଼ିଦିଅ ପବନ ବସ୍ତ୍ର ପୁସ୍ତକପାଠ ।

ଯେତେ ବସ୍ତ୍ର ଲଙ୍କାଗଡ଼େ ଥିଲା । ହନୂ ଲାଙ୍ଗୁଡ଼କୁ ନ ଅଣ୍ଟିଲା ।
[୧]ଲଙ୍କା ପାଇ ପୁଣି ରାବଣ ଭଣ୍ଡାରୁ ବହୁତ ବସନ ଅଣାଇଲା ॥

ଲାଙ୍ଗୁଡ଼େ ବସନ ବେଢ଼ାଇଲେ । ଅନେକ ତଇଳଇ[୨] ଢ଼ାଇଲେ ।
ବ୍ରହ୍ମବରୁଁ ବ୍ରହ୍ମ ପାଶୁ ମୁକ୍ତ ହେଲା ଅନଳେତ ପୁଚ୍ଛ ପୂଡାଇଲା [୩] ॥

ଲଙ୍କା ରାକ୍ଷସ ରାକ୍ଷସୀମାନେ । ଦେଖନ୍ତି ବନ୍ଧନ [୪] ହନୂମାନେ ।
ବିଗୃତ ବୋଲନ୍ତି ଶଙ୍କାଜତେ କମ୍ପି ଆଗୁ ନ ପେଷିଲେ ଦଶାନନେ ॥

ରଜ୍ଜୁରେ ଯେଣ୍ଟୁ[୫] ବନ୍ଧନ କଲେ । ବ୍ରହ୍ମପାଶ ହତ ମାନ୍ୟ ହେଲେ ।
ଅସୁରେ ସେ କଥା ଜାଣି ନ ପାରିଲେ ହନୂ ପାଶରୁ ଅନ୍ତର ହେଲେ ॥

ଲଙ୍କା ଗଡ଼ଯାକ ବୁଲାଇଲେ । ଦ୍ୱାରେ ଦ୍ୱାରେ ମାଡ ମରାଇଲେ ।
ମିଛେହେଁ ହନୂ ଅଶକତ ହୁଅନ୍ତେ ରାବଣ ଗ୍ରୁମୁରେ ଜଣାଇଲେ [୬] ॥

ପୁଚ୍ଛରେ ଅନଳ ଜଳୁଥିଲା । ଗ୍ରୁମୁକୁ ହନୁକୁ ଅଣାଇଲା ।
ବୋଲନ୍ତ ପାମର ଅକ୍ଷଯୁ ନାହତ କରିଛି ଏବେ ଆପେ ମଲା ॥

ହନୁ ଶୁଣିଣ ଫେଡ଼ିଲେ ଆଖି । ବୋଲନ୍ତି ଶୁଣରେ ବଂଶ ଅଖି ।
ଏହ୍ନକ୍ଷଣି ତୋର ଭୁବନ ଦହିବ ପାରିବୁଟିକି ଆପଣେ ରଖି ॥

ଏତେ ବୋଲି କଗଡରେ ବସି । ପୁରେ ପୁରେ କଲା ଭସ୍ମରାଶି ।
ଲାଙ୍ଗୁଳ ଅନଳେ ସମସ୍ତ ଦହିଲା ଅନାସ୍ତ [୭] ହୋଇଲେ ଲଙ୍କବାସୀ ॥

ଦୋଷୀ ଅଦୋଷୀ [୮] ସବୁରି ପୁର । ଘରେ ନ ଛୁଡ଼ଇ କପିବୀର ।
କେବଳ ଅଶୋକ କାନନ ଛାଡ଼ିଣ ଅଙ୍ଗାର କରୁଛି ରତ୍ନପୁର ॥

ପୁଷ୍ପକ ବିମାନେ ଲଙ୍କପତି । ବସାଇ କୁଟୁମ୍ବ ପୁତ୍ର ନାତି ।
ବୋଲଇ ବିଗି ଲଙ୍କା ଦାହ[୯] ଦେଖଇ ଆକାଶେ ରହି ବିକଳ ମତି ॥

●

---

୧-ଲଙ୍କ ପାଇଣ ପୋଥିପାଠ । ୨-ଗଡାଇଲେ ପୋଥିପାଠ । ୩-ପାଶରୁ ମୁକତ କରିଣ ଅନଳେ ହନୁମନ୍ତ ପୋଡ଼ାଇଲେ ପୋଥିପାଠ । ୪-ବିପତ୍ତି ପୋଥିପାଠ । ୫-ଅନ୍ୟପାଶରେ ପୋଥିପାଠ । ୬-ଗ୍ରୁମୁକୁ ହନୁକୁ ପୋଥିପାଠ । ୭-ଅନାଥ ପୁସ୍ତକପାଠ । ୮-ବ୍ୟାକରଣ ଅନୁସାରେ 'ଅଦୋଷୀ' ହୁଏ ନାହିଁ, ଅଦୋଷ ବା 'ନିର୍ଦ୍ଦୋଷ' ହେବ । ୯-ଲଙ୍କାପୁର ପୋଥିପାଠ ।

## ରାଗ—ବସନ୍ତ

ଏକ ଅସୁରୀ ଅଶୋକ ୧ ବନେ ଯାଇ କହିଲା ଜାନକୀ ପାଶେ ।
ଯେଉଁ ମର୍କଟ ମଧୁବନ ଭାଙ୍ଗିଲା ତାକୁ ନେଲେ ନାଗ ଫାଶେ ॥

ଲାଙ୍ଗୁଡ଼େ ତାର ବସନ ଗୁଡ଼ାଇ ତଇଲମାନଙ୍କୁ ଭିଡ଼ି ୨ ।
ଅନେକ ପ୍ରକାରେ ମାଡ଼ ମରାଇଣ ଦେଲେ ତାର ପୁଚ୍ଛ ପୋଡ଼ି ॥

ବର୍ଣ୍ଣିଲା ୨ ପ୍ରକାରେ ଦିଶୁନାହିଁ ମୋତେ ଯାହା ମୁଁ ଅଇଲି ଦେଖି ।
ଜଷ୍ଟସ୍ଥେ ଅନଳେ ପୋଡ଼ି ମାରୁଛନ୍ତି କେ ତାକୁ ପାରିବ ରଖି ॥

ବାନର ହୋଇ ଅସୁରଙ୍କୁ ମାଇଲା ଅକ୍ଷୟ ୪ କଲା ବିନାଶ ।
ଏବେ ଅସୁରଙ୍କ ହାତରେ ପଡ଼ିଛି ଆଉ କି ଜୀବନେ ଆଶ ॥

ଶୁଣିଣ ଜନକ-ନନ୍ଦନୀ ଆତଙ୍କ ୫ ହୋଇଣ ବିଳାପ କଲେ ।
ଅଗ୍ନି ଦେବତାଙ୍କୁ କୃତାଞ୍ଜଳି ହୋଇ ବହୁତ ସ୍ତବ ୬ ପଢ଼ିଲେ ॥

ସଲିଳ ପ୍ରାୟ ହୋଇବ ହନୁ ହନୁ-ପୁଚ୍ଛ ନୋହିବ ବିନାଶ ।
ଯେବେ ମୁଁ ନିଷ୍ଠେ ପତିବ୍ରତା ଅଟଇ ହନୁ ଯିବ ସ୍ୱାମୀ ପାଶ ॥

ମହାସତୀ ଆଜ୍ଞା ପାଇଣ ଅନଳ ଚନ୍ଦନୁ ଶୀତଳ ହେଲେ ।
ହନୁମନ୍ତ ଏହା ଦେଖିଣ ହରଷ ବିସ୍ମୟ ହୋଇ ରହିଲେ ॥

ମନେ ବିଚାରିଲେ ଶ୍ରୀରାମ କରୁଣା କି ଅବା ଜାନକୀ ଦୟା ।
କିବା ଅନଳ ଦୟା କରି ମୋତେ ଦହନ ନ କଲେ କାୟା ॥

ଅନାଇ ଅଛନ୍ତି ମହା ମହାବୀରେ ମୁଖୁ ନ ସ୍ଫୁରଇ ବାଣୀ ।
ବୋଲେ ବଶି ହନୁ ଅସୁରଙ୍କୁ ଦିଶେ ପ୍ରଳୟ ଅନଳ ଜାଣି ॥

---

୧-ଓଶୋକ ପୋଥିପାଠ । ୨-ପାଡ଼ି ପୋଥିପାଠ । ୩-ଜଳିଲା ପୋଥିପାଠ ।
୪-ଅସୁର ପୋଥିପାଠ । ୫-ଆତଙ୍ଗ ପୋଥିପାଠ । ୬-ସ୍ତୁତି ପଢ଼ିଲେ ପୋଥିପାଠ ।

## ରାଗ—**ମୁଖାରୀ**୮

ପ୍ରଳୟ କାଳର ହୁତାଶନ । ଯେସନ୍ତେ ଦହଇ ଜସ୍ତୁ ଭୁବନ୧ ।
ସେହି ରୂପେ ରାବଣ ଭୁବନ । ଦହୁଅଛୁ ପବନ ନନ୍ଦନ ୨ ॥

ଶଙ୍କା ପାଇଲେ ଲଙ୍କା ରାକ୍ଷସ୩ । ଜୀବନକୁ କରି ପ୍ରତି ଆଶ୪ ।
ରତ୍ନକୋଠି ଛଡ଼ାଇଣ ଆଶ । ବାସ କଲେ ସରୋବର ପାଶ ॥

ସର୍ବ ଅସୁରେ କରନ୍ତି ହା ହା ! ଦେଖୁଅଛୁ ଦେଖ ବଂଶ ବାହା ।
ବାନର ଲଙ୍କା କରୁଛି ଦାହା । ବାବୁ ଦରବ ନ କରେ କାହା ॥

ରାବଣଙ୍କୁ କରନ୍ତି ଧିକ୍କାର । କେସନ୍ତେ ବିଜୟୀ ତୁ ଅସୁରପୁର ।
ପୁର ଦହୁଅଛି ବନଚର । ଦେଖି ହସନ୍ତି ସକଳ ସୁର ॥

ଛାଡ଼ି କୁଟୁମ୍ବର ପ୍ରତି ଆଶ । କେହୁ ଜଳଧିରେ ଦେଲେ ଝାସ ।
କେହି କରିଣ ଅତି ସାହସ । କୂପ ଭିତରେ କଲେ ନିବାସ ୫ ॥

କେତେ ଦନୁଜ ପୋଡ଼ିମଲେ । କେତେ କାହିଁ ପଳାଇ ଗଲେ ।
ପୁଅଙ୍କୁ କେ ପିଠିରେ କଲେ । କେହି ଦନ୍ତେ ତୃଣ ଧରିଲେ ॥

ସୁରପୁରେ ଯେତେକ ଦୁର୍ଲ୍ଲଭ । ରଖିଥିଲେ ତା ଅସୁର ସର୍ବ ।
ହନୁରେ କରି ପାଇ ଆହବ । ହବ୍ୟ ବାହନ ୬ ତା କଲେ ଗର୍ବ ॥

ଲଙ୍କା ପୋଡ଼ି ମରୁତ ନନ୍ଦନ । ଲାଙ୍ଗୁଳ କରାଇ ସାଗର ସ୍ନାନ ୭ ।
ବଇଦେହୀଙ୍କି କଲେ ଦର୍ଶନ । କର ଯୋଡ଼ିଣ କହେ ବଚନ୮ ॥

ଶୁଣିମା ଜଗତ ଠାକୁରାଣୀ ! ଯେବେ ଆସଇ କୋଦଣ୍ଡପାଣି ।
ନାଶିବେ ସେ ରାବଣ ରାବଣି । ହେଉଅଛୁ ଶ୍ରୀମୁଖୁ ମେଲାଣି ॥

ଶୁଣି ହୃଷ୍ଟ ଜନକ-କୁମାରୀ । ବାବୁ ନ ରହ ଅସୁର ପୁରୀ ।
ଅବଲମ୍ବେ ଆଣ ରୂପଧାରୀ । ହନୁ ଶୁଣେ ପ୍ରଣମିତ କରି ॥

ହନୁ ଲଙ୍କାରୁ ବାହାର ହେଲେ । ସୁବଳା ଗିରି ଶିଖେ ଉଠିଲେ ।
ଫଳଜଳେ ତନୁ ଶାନ୍ତ କଲେ । ସେଠାବରୁ ସିନ୍ଧୁ ଡେଇଁଗଲେ ॥

---

୧-ତ୍ରିଭୁବନ ପୁସ୍ତକ ପାଠ । ୨-କରେ ବାନର କରୁଛୁ କାହା ପୋଥିପାଠ । ୩-ଟିକି ଅସୁର ପୋଥିପାଠ । ୪-ଅତି ଆଶ ପୋଥିପାଠ । ୫- କୂପଘରେ କଲେ ନିବାସ ପୋଥିପାଠ । ୬-ହବ୍ୟ ବାହନ = ଅଗ୍ନି । ୭-ଏ ପଦଟି ପୋଥିରେ ନାହିଁ । ୮-ଏ ପଦଟି ପୋଥିରେ ନାହିଁ ।

ବସିଥିଲେ ଯୂଥପତିମାନେ । ଆକାଶେ କରି ଅବଲୋକନେ ।
ଦେଖୁ ଖସି ପଡ଼ିଲେ ସେ ସ୍ଥାନେ । ବଶୀ ବୋଲେ ଗିରି କମ୍ପମାନେ ॥

●

### ରାଗ— **କଲ୍ୟାଣ ଆହାରୀ** ୧

ଧାତା ସହିତେ ସକଳ ଅମରେ ।
ପ୍ରବେଶ ହେଲେ ରାବଣ ଗୃହପୁରେ ॥
ଦେଖିଲେ ରାବଣ କୁପିତ ମନ ।
ସ୍ତୁତି କରିଣ କହନ୍ତି ବଚନ ॥
ଆହେ ରାବଣ ତୁ କ୍ରୁଦ୍ଧ ବମନ ।
ତାହୁଁ ଶତଗୁଣେ ହେବ ଭୁବନ ॥
ବିଶ୍ୱକର୍ମ ରୁହିଁ କମଳାସନ ।
ବୋଲନ୍ତି ଦେଖ ଏ ଲଙ୍କା ଭୁବନ ॥
ଦହନ କରି ଗଲା ହନୁମାନ ।
ଏଥକୁ କ୍ରୋଧ କଲେ ଦଶାନନ ॥
ତୁମ୍ଭେ ଏବେ ଲଙ୍କା କର ନିର୍ମାଣ ।
ଯେମନ୍ତ ତୋଷ ହୋଇବ ରାବଣ ॥
ଜଗତ ପିତାଙ୍କ ଆଜ୍ଞା ପ୍ରମାଣେ ।
ଲଙ୍କା ନିର୍ମାଣ କଲେ ସେହିକ୍ଷଣେ ॥
ନଗ୍ର ଦେଖି ତୋଷ ବିଶ୍ରବା ସୁତ ।
ଧାତାଙ୍କୁ ପ୍ରଶଂସା କଲା ବହୁତ ॥
ଆଗହୁଁ ସୁନ୍ଦର ହେଲା ନିର୍ମିତ ।
ବୋଲେ ବଶୀ ଲଙ୍କା ହେଲା ୨ ନିଶ୍ଚିନ୍ତ ॥

●

### ରାଗ— **ଗୁର୍ଜ୍ଜରୀ** ୩

ଅଙ୍ଗଦ ସହିତେ ଯେତେ ମର୍କଟମାନେ ।
ପୃଛନ୍ତି ହନୁକୁ କରିଣ ଆଲିଙ୍ଗନେ ॥

---

୧-ରାଗ—କଲ୍ୟାଣ ପୋଥିପାଠ । ୨-ସେ ରହିଲା ପୋଥିପାଠ ।
୩-ରାଗ—ଗୁର୍ଜ୍ଜରୀ ଖେମଟା ପୋଥିପାଠ ।

ଦେଖିଲୁ ଦେଖିଲୁ ଲଙ୍କାଗଡ଼ରେ ସୀତା୧ ।
ଅଶୋକବନେ ଅଛନ୍ତି ଲଭି କୃଶତା ॥

ହନୁ ମୁଖରୁ ଶୁଣିଣ ସକଳ ଦୂତେ ।
କାର୍ଯ୍ୟ ଲଭି ବାହୁଡ଼ି ଆଇଲେ ତ୍ୱରିତେ ॥

କିଷ୍କିନ୍ଧା ମଧୁବନରେ ହେଲେ ପ୍ରବେଶ ।
ଦଧିମୁଖ ଦଣ୍ଡା ଚୋଟା କଲେକ ଧ୍ୱଂସ ॥

ବାରତା ପାଇ ସୁଗ୍ରୀ ହୋଇଲା ତୋଷ ।
କରଯୋଡ଼ି ଜଣାଇଲା ଶ୍ରୀରାମ ପାଶ ॥

ଏହି ସମୟେ ପ୍ରବେଶ ମର୍କଟ ବୀର ।
ସୁଗ୍ରୀବ ଦେଖିଣ କରୁ ଦେଲେକ ଶିର ॥

ସୁଗ୍ରୀ ଶ୍ରୀରାମଙ୍କୁ କରାଇଲେ ଯେ ଭେଟ ।
ଦେଖିଣ ଶ୍ରୀରଘୁନାଥ ହୋଇଲେ ହୃଷ୍ଟ ॥

ଆସ ହେ ଅଙ୍ଗଦ ହନୁ ସକଳ ବୀର ।
ଦେଖିଲ ଦେଖିଲ ଟିକ ଜାନକୀ ମୋର ॥

ହନୁଙ୍କୁ ଆଗ କରିଣ ସକଳ ବୀରେ ।
ଦୂରେ ଦେଖି ସାଷ୍ଟାଙ୍ଗେ ପଡ଼ିଲେ ଭୂମିରେ ୨ ॥

ବେନି କର ଯୋଡ଼ିଣ କହଇ ମାରୁତି ।
ଦେଖିଲି ଲଙ୍କାରେ ଦେବ ତୁମ୍ଭ ଯୁବତୀ ॥

ସମୁଦ୍ର ତରଙ୍ଗେ କମ୍ପ ହେଲା ବହୁତ ।
ତୁମ୍ଭ ପାଦ ଚନ୍ଦ୍ର ତହିଁ ହେଲା ମୁକତ ॥

ଦେବତା ନିର୍ମିତ ଦେବ ଲଙ୍କା କଟକ ।
ପ୍ରାଚୀର ୩ ସହିତେ ତାର ପୁର କନକ ॥

କଟକ ନଗର ତାର ସ୍ୱର୍ଗକୁ ନିନ୍ଦେ ।
ସୁନାସୀର ଧାତା ଆଜ୍ଞା ଯାହାଙ୍କୁ ବନ୍ଦେ ॥

---

୧-ଦେଖିଲୁଟି କି ଲଙ୍କାଗଡ଼ରେ ସୀତା ପୁସ୍ତକ ପାଠ । ଏହା ଯୂଥ ପତିମାନଙ୍କ ଉକ୍ତି ହେଉଛି । କିନ୍ତୁ ପୋଥିପାଠ ଅନୁସାରେ ଏଠାରେ ହନୁମାନଙ୍କ ଉକ୍ତି ହେବା ସମୀଚୀନ । ୨-ମହୀରେ ପୋଥିପାଠ । ୩-ପ୍ରାକାର ପୋଥିପାଠ ।

ବନ୍ଧୁ ପୁତ୍ର ନାତି ଭାଇ ଅସଂଖ୍ୟ ବଳ ।
ଦଶଶିର ବଂଶ କର ବିଶ୍ରବା ବାଳ ॥

କୁମ୍ଭକର୍ଣ୍ଣ ବିଭୀଷଣ ସୋଦର ତାର ।
ବିଷମ ସୁନ୍ଦର ଦୁର୍ଗ ସିନ୍ଧୁ ଉଦର ୧ ॥

ସୂକ୍ଷ୍ମ ରୂପ ଧରି ତାର ପୁର ଖୋଜିଲି ।
ନ ଦେଖି ଅଶୋକବନେ ୨ ପ୍ରବେଶ ହେଲି ॥

ଦେଖିଲି ଜଗତମାତା ୩ ଅଛନ୍ତି ବସି ।
ବେଢ଼ିଛନ୍ତି ତାହାଙ୍କୁ ସହସ୍ରେ ରାକ୍ଷସୀ ॥

ତବ ୪ ନାମ ଧରି କରୁଥିଲେ ରୋଦନ ।
ଏମନ୍ତ ସମୟେ ଦେବ କଲି ଦର୍ଶନ ୫ ॥

ପ୍ରସନ୍ନ ହୋଇଣ ସେ ନ କହିଲେ କଥା ।
ଅବିଶ୍ୱାସ କରି ମୋତେ ପୋଢଲେ ମଥା ୬ ॥

ତୁମ୍ଭ କୀର୍ତ୍ତି ଗୁଣ ଦେବ ସବୁ କହିଲି ।
ପ୍ରତେ ନ ଗଲାରୁ ପଛେ ମୁଦ୍ରିକା ଦେଲି ॥

ମୁଦ୍ରିକା ଦେଖିଣ ବହୁ କ୍ରନ୍ଦନ କଲେ ।
ଗୁପତ ୭ ବାରତା ଶୁଣି ଆନନ୍ଦ ହେଲେ ॥

ବୋଇଲେ ପ୍ରଭୁଙ୍କୁ ମୋର ଅଟେ ବନ୍ଦନ ।
ଦର୍ଶନ ଆଶାରେ ରଖିଅଛୁ ଜୀବନ ॥

ଦେଖିଲି ମୁଁ ଦେବ କୃଶ ହୋଇଛି ତନୁ ।
ଶ୍ରୀମୁଖ ଦିଶଇ କିବା ରୁହାନ ଭାନୁ ॥

ଆଜ୍ଞା ଦେଲେ ହନୁ ତୋତେ ବଧାଇ ନାହିଁ ।
ପ୍ରାଣ ଧଅନ୍ତି ରଖିଛୁ ଦର୍ଶନ ପାଇଁ ॥

ମୁଁ ବୋଇଲି ଦିଅ ମୋତେ ଅଶୋକବନ ।
ଶୁଣି ଆନନ୍ଦ ହୋଇଣ ହେଲେ ମଜ୍ଜନ ॥

---

୧-ଅତ୍ୟନ୍ତ ପୁର ସୁନ୍ଦର ଗିରି ଉଦର ପୋଥିପାଠ । ୨-ଓଶୋକବନେ ପୋଥିପାଠ
୩-ଯୁବତୀ ଶଶୀ ପୁସ୍ତକ ପାଠ । ୪-ତୁମ୍ଭ ପୋଥିପାଠ । ୫-ଦ୍ରଶନ ପୋଥିପାଠ ।
୬-ଏ ପାଦଟି ପୋଥିରେ ନଷ୍ଟ ହୋଇଯାଇଛି । ୭-କୁଶଳ ପୁସ୍ତକ ପାଠ ।

ମସ୍ତକ କରଣ ମଣି ମସ୍ତକୁ ଦେଲେ ।
ଫଳମୂଳ ଖାଅ ମଧୁବନୁ ବୋଇଲେ ॥

ମଧୁବନ ଭାଙ୍ଗି ପକ୍ୱଫଳ ଖାଇଲି ।
ପୁଣ ସନ୍ଧ୍ୟତେ ବହୁ ଅସୁର ମାଇଲି ॥

ଇନ୍ଦ୍ରଜିତ ବ୍ରହ୍ମପାଶେ ବାନ୍ଧିଣ ନେଲା ।
ବହୁ ଦଣ୍ଡ ଦେଇ ମୋର ପୁଚ୍ଛ ପୋଡ଼ିଲା ॥

ପୋଡ଼ିଲି ଲାଙ୍ଗୁଳେ ତାର ଲଙ୍କା ଭୁବନ ।
ବୋଲେ ଭଣି ଏବେ ଆସି କଲି ଦର୍ଶନ ॥

●

## ରାଗ—ଆହାରୀ

ଜାନକୀ-କାନ୍ତ, ହନୁ ସଙ୍ଗେ ଏକାନ୍ତ ।
ଆଲିଙ୍ଗନ କରିଣ ପୁଚ୍ଛନ୍ତି ଉଦନ୍ତ ୧ ॥

କହ ବାରତା ଦେଇଅଛି ବନିତା ।
କହ କହ ହନୁ ପ୍ରତେ ଯିବଇ ମୁଁ ତା ୨ ॥

ଶ୍ରୀରାମ ବାଣୀ, ମରୁତ ସୁତ ଶୁଣି ।
ବସନରୁ ଫେଡ଼ି ୩ ଦେଲେ ମସ୍ତକ ମଣି ॥

ଦେଖିଣ ଶ୍ରୀରାମ ହୋଇଲେ ପୂର୍ଣ୍ଣକାମ ।
ଗଳାରେ ତାହା ଗୁନ୍ଥିଣ କଲେକ ଦାମ ୪ ॥

ଆହାରେ ୫ ରାମା ମୋ ନୟନ ପ୍ରତିମା ।
ବିମ୍ବାଧରୀ ଗଉରୀ ସର୍ବ ସୁଖ ଧାମା ॥

ଅସୁରୀଚୟ ତାଙ୍କୁ କରନ୍ତି ଭୟ ।
ଭୟାଳୁ ସେ ମୋତେ ମନେ ରଖି ନିର୍ଭୟ ୬ ॥

---

୧-ଉତ୍ତର ପୋଥିପାଠ । ୨-କହ ହନୁ ପ୍ରତେ ଯିବ ଶୁଣି ବାରତା ପୋଥିପାଠ । ୩-ବସନ ଫେଡ଼ିଣ ପୁସ୍ତକ ପାଠ । -୪ରାମ ପୋଥିପାଠ । ୫-ଆହା ସେ ପୁସ୍ତକ ପାଠ । ୬-ଭୟାଳୁ ମୋ ଜାନକୀ ମନେ ନିର୍ଭୟ ପୋଥିପାଠ ।

କନକ କେମା ସେ ମୋର ପ୍ରିୟତମା ।
କୃଷ୍ଣପକ୍ଷ ଚତୁର୍ଥୀ ସମ ଚନ୍ଦ୍ରମା ॥

ବନ୍ଧୁ କରବ ଆଉ ଭେଟ ହୋଇବ ।
ସେ ମୋର ଯିବାଯାଏ ଜୀବନେ ଥିବ ॥

ଆରେ ଆରେ ରାବଣ ତୋ ବୀରପଣ ।
ସାମର୍ଥ୍ୟ ଅଛି ସମ୍ମୁଖେ କରବୁ ରଣ ॥

ଏ ତୋର ମାଂସ ଦେବଦେବୀଙ୍କୁ ଭୋଗ ।
ଦେଇ ନ କଲେ ନୁହେଁ ତପନ ବଂଶ ॥

କୋଦଣ୍ଡ ଶରାସନ ଧରିଣ କର ।
ଦଳନ କରିବି ମୁଁ ତୋ ଦଶଶିର ୧ ॥

ଯେତେକ ଅସୁର ଥିବେ ସେ ଲଙ୍କାପୁର ।
ମାରି ଆଣିବି ନଷ୍ଟେ ଜାନକୀ ମୋର ॥

ଶ୍ରୀରାମ ରାଜ ହନୁକନେ ଶ୍ରୀଭୁଜ ।
ଦେଇଣ ହକାରିଲେ କପିରାଜ ॥

ସୁଖେ ସୁଗ୍ରୀବ ଆମ୍ଭ କାର୍ଯ୍ୟ କରିବ ।
ଲଙ୍କା ବିଜୟେ ଯିବ ସୈନ୍ୟ ସାଜିବ ॥

ଶୁଣିଣ ମିତ୍ର ସୈନ୍ୟ ସାଜେ ତ୍ୱରିତ ।
ବୋଲେ ଋଷି ସୁନ୍ଦର କାଣ୍ଡ ସମାପ୍ତ ॥

---

୧–'ବନ୍ଧୁ କରବ........ଦଶଶିର' ଏହି ବୃଷ ପଦ ପୁସ୍ତକରେ ନାହିଁ ।

# ଲଙ୍କା କାଣ୍ଡ

ରାଗ—**ପଞ୍ଚମ ବସନ୍ତ ୧**

ପ୍ରାଣପ୍ରିୟା କଷ୍ଟ ଶୁଣି ହନୁ ମୁଖୁ ରଘୁମଣି ରୋଦନ କରନ୍ତି ଗୁଣିଗୁଣି ।
ଆହାରେ ତରୁଣୀ ମଣି୨ ଶ୍ରବଣେ ତୋ କଷ୍ଟ ଶୁଣି ଫାଟି ନ ଗଲା ହୃଦୟ ପୁଣି୩ ରେ ।
ବିମ୍ବଓଷ୍ଠି, ମୋ କର ଧରି ହୋଇଲୁ କଷ୍ଟି ।
ଏତେ ଦୁଃଖ ସହିବାକୁ ବିଧାତା ତୁମ୍ଭ ଆମ୍ଭଙ୍କୁ ଜାତ କରି କରିଅଛି ସୃଷ୍ଟି ରେ ॥

ସହସ୍ରେ ସେ ଦିବ୍ୟ ତରୁଣୀ ଖଟିଥାନ୍ତି ମନ ଜାଣି
ତେଜିଲୁ ସେ ସୁଖ ଗୃରୁ-ଶ୍ରଣୀ ।
ଏତେ ଦୁଃଖକୁ କାରେଣୀ ହୋଇଲେ କୈକେୟୀ ରାଣୀ
ହୁଅନ୍ତୁ ଅଯୋଧ୍ୟା ଠାକୁରାଣୀ ୪ ॥

ନିଜ ପୁରେ ଚନ୍ଦ ଲେଖି ଅପ୍ସରୀମାନଙ୍କୁ ଦେଖି
ଭୟେ ବୁଲୁଥାଇ ବେନି ଆଖି ।
ବିବିଧ ବିରୂପାସୁରୀ ଯାହା ଦେଖି ଭୟ କରି
ସେମାନେ ଏବେ ଅଛନ୍ତି ରଖି ॥

ଆରେ ବାଳା ପ୍ରେମଶୀଳେ କୁଟିଳ ଚିରୁ କୁନ୍ତଳେ
ଭାସି ଯାଉଅଛୁ ଶୋକ ୫ ଜଳେ ।
କେତେ କାଳେ ପୁଣ୍ୟ ବଳେ ବାହି ଲଗାଇବ କୂଳେ
ଦେଖା ଦେଖି ହେବା କେତେବେଳେ ୬ ॥

ଶ୍ରୀରାମ ବିଳାପ ଦେଖି ସଭିଁର ଲୋତକ ଆଖି
ପ୍ରବୋଧନ୍ତି ଲକ୍ଷ୍ମଣ ସୁଗ୍ରୀବ ।
ଧଇର୍ଯ୍ୟ ହୁଅ ହେ ଦେବ ୭ ତୁମ୍ଭ ହୃଦୟ କଳବ
ବୋଲେ ବଣି ଶତ୍ରୁ ଦଶଗ୍ରୀବ, ହେ ରାମଚନ୍ଦ୍ର ॥

●

---

୧-ରାଗ—କାମୋଦୀ ପୋଥିପାଠ ୨-ବରତରୁଣୀ ପୋଥିପାଠ ୩ ଘାର୍ଣ୍ଣି ହେଉଛୁ ପୋଥିପାଠ ୪-ପାଟରାଣୀ ପୋଥିପାଠ ୫-ସ୍ନେହଜଳେ ପୋଥିପାଠ ୬-ଦେଖାଇବ ଶ୍ରୀମୁଖ ମଣ୍ଡଳ ପୋଥିପାଠ ୭-ଶୋକ ନ କରି ହେ ଦେବ ପୋଥିପାଠ ।

## ରାଗ—ଗୁଣ୍ଡକିରୀ

ହନୁ ଦେଖିଣ ରାମ ବିକଳ ଜଣାଇ ଯୋଡ଼ି କର ଯୁଗଳ
ଆଜ୍ଞା ଦେଇଥିଲେ ହେ ମୋତେ ରାଜାଧିରାଜେ ।
ରାବଣ ଦଶ ମୁଣ୍ଡକୁ ମୋଡ଼ି ଲଙ୍କା ଗଡ଼କୁ ତାର ଉପାଡ଼ି
ଆଣନ୍ତି ତବ ପ୍ରସାଦେ କମା ହୁଅନ୍ତୁ ବଳେ ॥

ଏଥକୁ ଦେବ କମା କାରୁଣ୍ୟେ ପୁଣ୍ଡରୀକ ନେତ୍ର ଯେ ଅରୁଣ
ବରୁଣ ନନ୍ଦନା କେବଳ ଜନକ ସୁତେ ।
ଦେବ ତୁମ୍ଭେ ବଇକୁଣ୍ଠ ପତି ଦେବଙ୍କର ହିତେ ଜନ୍ମ କ୍ଷିତି
ଭସ୍ମ କରିପାର ବ୍ରହ୍ମାଣ୍ଡକୁ କୋପଚକ୍ଷେ ୧ ॥

ସିନ୍ଧୁ ହେଲେ ଡେଇଁଣ ମୁଁ ଗଲି ଜନକ ୨ ସୁତାଙ୍କୁ ଠାବ କଲି
ପୁଚ୍ଛ ମାଳିଣ ଲଙ୍କାକୁ କଲି ଭସ୍ମରାଶି ।
ଦହିଲି ତାର ଅସୁର ବଳ କଳିଲି ତାର ବଳ ସକଳ
ତବ ପ୍ରସାଦେ ଦେବ ଦର୍ଶନ କଲି ଆସି ॥

ହନୁ ମୁଖରୁ ଏମନ୍ତ ଶୁଣି ହରଷରେ ରଘୁକୁଳ ମଣି
ଲଙ୍କା କଟକାଇ କି ଯେ କପିକୁଳ ସାଜେ ।
ବାହାର ହେଲେ ବାନର ବଳ କୁରୁମ ହେଲା ଟଳମଟଳ
ଭଜେ ବସି କେବଳ ରାମ ଚରଣାମ୍ବୁଜେ ୩ ॥

●

## ରାଗ—ମଙ୍ଗଳଗୁଜ୍ଜରୀ

ରାମ ଆଜ୍ଞା ଦେଲେ ବେଗେ ସୁଗ୍ରୀବ ରାଜନ ।
ନଳକୁ ୪ ହକରା କରି ଅଣାଅ ବହନ ॥

ଆଟେ ସେନାପତି କରି ତାକୁ ଦେବା ଶାଢ଼ୀ ।
ଆଗୁଆ ହୋଇଣ ଯାଉ ବନଗିରି ମାଡ଼ି ॥

---

୧-ଏଥକୁ ଦେବ........ବ୍ରହ୍ମାଣ୍ଡକୁ କୋପଚକ୍ଷେ ପୋଥିରେ ନାହିଁ ।
୨-ଲଙ୍କାଗଡ଼ରେ ପଶିଲି ପୋଥିପାଠ ୩-ଶ୍ରୀରାମଙ୍କ ପାଦ ଯୁଗଳ ପୋଥିପାଠ
୪-ନୀଳ ପୋଥିପାଠ ।

ଆଜ୍ଞା ପ୍ରମାଣେ ଗ୍ରୁମୁକୁ ନଳଙ୍କୁ ଆଣିଲେ ।
ଆଟେ ସେନାପତି ୧ କରି ଶାଢ଼ୀ ତାଙ୍କୁ ଦେଲେ ॥

ଏଥୁ ଅନନ୍ତରେ ନିଶା ୨ ହୁଏ ଅବସାନ ।
ନିତ୍ୟକର୍ମ କଢ଼ାଇଟ ଶ୍ରୀରାମ ରାଜନ ॥

ନଳ କପି ସୈନ୍ୟ ଘେନି ହେଲେ ଆଗୁଆଣି ।
ସୁଗ୍ରୀ ହନୁ ଦକ୍ଷିଣେ ବାମେ ରହିଲେ ଜାଣି ୩ ॥

ପୃଷ୍ଠ ଦେଶେ ରହିଲେ ଅଙ୍ଗଦ ଶତବଳ ।
ଚୌପାଶେ ବେଢ଼ିଛନ୍ତି ସେନାପତି କୁଳ ୪ ॥

ଏଥୁ ଅନନ୍ତରେ ବୀରବେଶ ହେଲେ ରାମ ।
ଛବି ଦେଖି ନିନ୍ଦା ୫ କରୁଅଛୁ କୋଟି କାମ ॥

ବାମ କରେ କୋଦଣ୍ଡ ଦକ୍ଷିଣେ ତୀକ୍ଷ୍ଣ ଶର ।
ବେନି କନ୍ଧେ ସୁନ୍ଦର ଅକ୍ଷୟ ତୋଣ ଭାର ୬ ॥

ବିବିଧ କୁସୁମରେ ମଣ୍ଡିଲେ ଜଟାକୁଳ ।
ଦିବ୍ୟ ରତ୍ନମୟ କର୍ଣ୍ଣେ ମର୍କତ କୁଣ୍ଡଳ ॥

କୃଷ୍ଣାଜିନ ପରିହରି ଅଙ୍ଗେ ହେମସେହ୍ନା ।
ଶୋଭା ପାଉଅଛୁ ଭୁଜେ ବୀରବର ବାନା ॥

ଦିବ୍ୟ ଉଜ୍ଜ୍ୱଳ ମର୍କତ ନିନ୍ଦା କରେ କାନ୍ତି ।
ନବଘନ ନିଶ ଦାଢ଼ି ସୁନ୍ଦର ଦଶନ୍ତ ୭ ॥

ମଙ୍ଗଳ ଅର୍ପଣ କଲେ ସୁଗ୍ରୀବ ସୁଷେଣ ୮ ।
ତଦନ୍ତରେ ହନୁ କନ୍ଧେ କଲେ ଆରୋହଣ ॥

ଲକ୍ଷ୍ମଣ ହିଁ ଏହି ବେଶେ ଅଙ୍ଗଦ କନ୍ଧରେ ।
ସୁଗ୍ରୀ ସୁଖାସନେ ବିଜେ ରହିଲେ ବାନରେ ॥

---

୧-ଆଗିଆଣୀ ପଣେ ପୋଥିପାଠ  ୨-ତଦନ୍ତରେ ରଜନୀ ପୋଥିପାଠ
୩-ପାଶେ ବେନି ଜାଣି ପୋଥିପାଠ ୪-ଏହି ପଦଟି ପୋଥିରେ ନାହିଁ
୫-ଲଜ୍ଜିତ ପୋଥିପାଠ ୬-ତୂଣ ପୁସ୍ତକପାଠ ୭-ଏହି ପଦଟି ପୋଥିରେ ନାହିଁ
୮-ଏହି ପାଦଟି ବଦଳରେ ପୋଥିପାଠ—'ଗରୁଡ଼ ପିଠିରେ ଜିବା ବିଜେ ନାରାୟଣ' ।

ଆଜ୍ଞାପଚ୍ଛ ମାରୁତେ ଚଳନ୍ତ ୧ କପିଆଟ ।
ବନଗିରି ଚୂର୍ଣ୍ଣ କରି ସର୍ବ କଲେ ବାଟ ୨ ॥

ଦକ୍ଷିଣ ସିନ୍ଧୁ ଉତ୍ତର କୂଳେ ପରବେଶ ।
ମୁଖଗ୍ରାବ ୩ ଶୁଭୁଛି ଦ୍ୱିଗୁଣ ସିନ୍ଧୁ ଘୋଷ ॥

ସିନ୍ଧୁ ଲଙ୍ଘି ଯିବା ପ୍ରାୟ ଦିଶେ କପିବଳ ।
କି ଅବା ସାଗର ପୋଡ଼ କରିବେ ଏ ସ୍ଥଳ ୪ ॥

ବେଳା-ସିନ୍ଧୁ ସଙ୍ଗମ କରିବା ପ୍ରାୟ ଶୋଭା ।
ହନୁ କନ୍ଧୁ ଉତ୍ତୁରି ହୋଇଲେ ରାମ ଉଭା ॥

ରହିଲେ ସମୁଦ୍ର ତଟେ ଶ୍ରୀରାମ ଲକ୍ଷ୍ମଣ ।
ଦୀନ କୃଷ୍ଣ ରାମ-ପାଦ-କମଳେ ଶରଣ ॥

●

## ରାଗ-- **ଉଦ୍ଧବ ଚଉତିଶା ବାଣୀ**

ଦେଖିଣ ଶ୍ରୀରାମଚନ୍ଦ୍ର ଜଳଧି ତରଙ୍ଗ ।
ମନରେ ପଡ଼ିଲା ନିଜ ପ୍ରିୟାର ଅପାଙ୍ଗ ॥

ସୁଗ୍ରୀବ, ଶରଦଶଶୀ ସକଳ ୬
ସମାନ ନୋହିବ ସୀତା ଶ୍ରୀମୁଖ ମଣ୍ଡଳ ॥

କୁଟିଳ କୁନ୍ତଳ ନୀଳମଣି ନିନ୍ଦାକରେ ।
ମୋତି ଦନ୍ତ-ଅଧର ମାଣିକ୍ୟ ଛବି ଧରେ ।

ସୁଗ୍ରୀବ, ଜମ୍ବୁନଦ କେୟାତ କାନ୍ତି ଯେ
ତ୍ରିବଳୀ ଉଦର ନେତ୍ରୀ କାମଜୟ ପଣୀ ଯେ ୭ ॥

ଊରୁ ଭ୍ରୁରୁ ଗୁରୁ କୃଶ ଉଦର ରମ୍ଭୋରୁ ।
ମତ୍ତଗଜ-ହଂସ ଗୁରୁ ସୁଗଢ଼ ପୟୋଧର ଗରୁ ।

---

୧-ବେଳପାଶେ ଚଳନ୍ତ ପୋଥିପାଠ ୨-ବନଗିରି ଚୂର୍ଣ୍ଣ କରି ଗଲେ ସବୁ ବାଟ ପୋଥିପାଠ ୩-ଶଙ୍ଖଧ୍ୱନି ପୋଥିପାଠ ୪ ଏହି ପଦଟି ପୋଥିରେ ନାହିଁ ୫-ସଂଗ୍ରାମ ପୋଥିପାଠ ୬-ଶରଦଶଶୀ ସମାନ ସେ ସକଳ ପୁସ୍ତକପାଠ ୭-ତ୍ରିଗୁଣ ନେତ୍ରୀର ନେତ୍ର କାମଜୟ ପଣୀ ଯେ ॥ ପୁସ୍ତକପାଠ ।

ସୁଗ୍ରୀବ, ଚମ୍ପାକଳି ଅଙ୍ଗୁଳି ଯେ
କୋକନଦ ଛବି ନିନ୍ଦା କରେ ପାଦତଳି ॥

ସମୁଦ୍ର ପାରି ହୋଇ କେମନ୍ତେ ୧ ଆମ୍ଭେ ଯିବା ।
ସତେ କି ୨ ଲଙ୍କାଗଡ଼େ ଜାନକୀଙ୍କୁ ଦେଖିବା ।

ସୁଗ୍ରୀବ, ସତେ ରାବଣ ମାରିବ ହେ
ଭୂମି ସୁତା ଭେଟି ନିଜ ଦଇବ କରିବ ॥

ଶୁଣି ସୁଗ୍ରୀ ଜଣାଇଲେ ଯୋଡ଼ି ଦେନି କର ।
ଅଗସ୍ତିଙ୍କ ପ୍ରାୟେ ସିନ୍ଧୁ ଶୋଷିବେ ବାନର ।

ରଘୁଦେବ, ତୁମ୍ଭେ କି କରି ନ ପାର ହେ
ଆଜ୍ଞାରେ ଲଙ୍କା ଉପାଡ଼ି ଆଣିବେ ବାନର ॥

ଯେଉଁ ବାଳୀ ରାବଣକୁ କାଖେ ଯାକି ଥିଲା ।
ସେ ବାଳି ବୀରଟି ତୁମ୍ଭ କାଣ୍ଡମୂନେ ମଲା ।

ରଘୁଦେବ, ରାବଣ ପ୍ରାକର୍ମ ୩ କେତେ ହେ
ବୋଲଇ ବସି ରାବଣ ମାରିପାରନ୍ତି ଶରେ ହେ ॥

●

## ରାଗ - ବସନ୍ତ ୪

ରାବଣ ସ୍ତମ୍ଭୁରେ ଜଣାଇଲାକ ଡଗର ।
ରଘୁ ଦେବ ତ୍ରିଭୁବନେ-ବିଜୟୀ ଲଙ୍କେଶ୍ୱର ॥

ଶ୍ରୀରାମ ଲକ୍ଷ୍ମଣ କପିରାଜ ସଙ୍ଗେ ଘେନି ।
ବିଜୟ କଲେ ମହେନ୍ଦ୍ର ଗିରିର ମୂର୍ଦ୍ଧନ ॥

ଲଙ୍କାପୋଡ଼ା କପିନ୍ଦ୍ରବର ବାରତା କହିଲା ।
ସେହିକ୍ଷଣ କପି ସୈନ୍ୟ ଘେନିଣ ଅଇଲା ୫ ॥

ଗଜ ସମ କୋଟି କୋଟି ଅଛନ୍ତି ମର୍କଟ ।
ବିବିଧ ବର୍ଣ୍ଣରେ ହୋଇଛନ୍ତି ସେ ପ୍ରକଟ ॥

---

୧-କେତେବଦନେ ପୋଥିପାଠ ୨-ସବେଳନକ ପୋଥିରେ ନାହିଁ ୩-ସ୍ତମ୍ଭୁରେ ପୋଥି-ପାଠ ୪-ସରସ ବସନ୍ତ ପୁସ୍ତକପାଠ ୫-ବାହୁଲ୍ୟ ପୋଥିପାଠ ।

ବଳ କଳାନ୍ତକୁ ନ ଦର୍ଶିଲାକ ଉପାୟେ ।
କର୍ଣ୍ଣ ରନ୍ଧ୍ରାକୁ ଲାଗିଛନ୍ତି ସିନ୍ଧୁକୂଳ ଯାଏ ॥
ଶୁଣି ଚାର ମୁଖରୁ ବୀରତା ଲଙ୍କେଶ୍ୱର ୧ ।
ବୋଲି ଭଣି ଶୁଖାଇଲା ତା ଦଶ ଅଧର ॥

●

## ରାଗ - କେଦାର ଗୌଡ଼ା
( କୋଠାଇ ଗୁଣ୍ଡିଚା ବୃନ୍ଦେ )

ରାବଣ ସମସ୍ତ ଅସୁରଙ୍କୁ ଚାହିଁ କ୍ରୋଧ ହୋଇଣ କହିଲା ।
ଏକା ବାନର ଗୋଟେ ଆସିଣ ମୋତେ ଏତେ ୨ ପରାଭବ ଦେଲା ॥
ହେ ବୀରେ, ଏବେ ଜଗିଥାଅ ଚାର ଦ୍ୱାରେ ।
ନ ଆସିବେ ଯେମନ୍ତ ବାନରେ ।
ନିବର୍ତ୍ତିବେ ୩ ସେ କି ଉପାୟରେ ॥

ପୁତ୍ର ଭ୍ରାତୃ ମନ୍ତ୍ରୀଗଣ ୪ ହକାରାଇ ସଭାରେ ବିଜେ କଲା ୫ ।
ଛଅମାସ ପୂର୍ଣ୍ଣ ଯାଇ ସେହୁଦିନ କୁମ୍ଭକର୍ଣ୍ଣ ନ ଉଠିଲା ॥
ସେ ସଭା, ରତ୍ନ ଆସନମାନଙ୍କେ ଶୋଭା ।
ଯେଉଁ ସଭାରେ ବସେ ମଘବା ।
ଦେଖି ନିନ୍ଦଣେ ହୋଇବେ ଲୋଭା ॥

ଯାନ ଚଢ଼ିଣ ଅଇଲେ କୁମ୍ଭକର୍ଣ୍ଣ ବିଭୀଷଣ ସହୋଦର ।
ମହାପାରୁଶ ପ୍ରଶସ୍ତ ଶକ୍ରାଜିତ ଆଉ ମହା ମହା ବୀର ॥
ସେମାନେ, ମାନ୍ୟ କରି ବସିଲେ ଆସ୍ଥାନେ ।
ରାବଣଙ୍କୁ ଡ଼ରି ସାବଧାନେ
କହିବାକୁ କ୍ଷମ ନାହିଁ ଆନେ ॥

ଅସୁରେଶ୍ୱର ରାବଣେଶ୍ୱର କହେ ଅସୁରମାନଙ୍କୁ ଚାହିଁ ।
ଦଇବ ବଶରେ ସୀତାଙ୍କୁ ଆଣିଲି ଭୋଗ କରିପାରୁ ନାହିଁ ॥
ହେ ଶୁଣ, ଏବେ ବିରସେ ହୋଇଲି ପୂଣ ।
ମୋତେ ନ ଭଜିଲା କି କାରଣ ।
ତାରି ବିନୁ ଦହେ ପଞ୍ଚବାଣ ୬ ॥

---

୧-ଦଶଶିର ପୋଥିପାଠ । ୨-ବହୁତ ପୋଥିପାଠ । ୩- ନ ଆସିବେ ପୋଥିପାଠ ।
୪-ବନ୍ଧୁ ପୋଥିପାଠ । ୫- ସଭା କରନ୍ତେ ବସାଇ ପୋଥିପାଠ । ୬- ତାର ବିନୁ ଯାଉଅଛି ପ୍ରାଣ ପୋଥିପାଠ ।

ଚନ୍ଦ୍ର ବଦନା ଚମ୍ପାଦଳ ବରନା ଚଟୁଳ ବିପୁଳ ସ୍ତନା ।
ଚମସ୍କ ନୟନା ସଘନ ଜଘନା ରମ୍ଭୋରୁ ସୁନିତମ୍ବିନା ।
ସେ ନାରୀ, ନାହିଁ ନ ଦେଖିବା ଡନ ପୁରୁଷ ।
ରମ୍ଭା ରତି ଶଚୀ ନୁହେଁ ସରି ।
ଦେଖି ମୂର୍ଚ୍ଛିତ ହେବେ ଗଉରୀ ୧ ॥

ଏବେ ମୁଁ ଶୁଣିଲି ସୁଗ୍ରୀବ ସହିତେ ଦଶରଥ ବେନି ସୁତ ।
ମହେନ୍ଦ୍ର ଗିରିରେ ରହିଲେ ସଙ୍ଗରେ କପିଦଳ ଅପ୍ରମିତ ।
ହେ ଦୈତ୍ୟେ, ଏବେ କି ବିଚାର କର ଚିତ୍ତେ ୨ ।
ସିନ୍ଧୁ ପାରି ନୋହିବେ ଯେମନ୍ତେ ।
ଏକା ବାନର କଲାଟି ଏତେ ॥

କୁମ୍ଭକର୍ଣ୍ଣ ବୋଇଲେ ଶୁଣିମା ହେ ଦେବ କଲ ଅକାର୍ଯ୍ୟ ଅନୀତ ।
ଏତେ ଦିନେ ଅନୀତିର ବିଗୁଡ଼ିବା ହେଉଅଛୁ ଲଙ୍କପତି ୩ ।
ହେ ଦେବ, ତୁମ୍ଭ ଆଜ୍ଞା କେ ଆନ କରିବ ।
ନର ବାନର ମାରିବ ସର୍ବ ।
ସୀତା ସର୍ବଦା ଭୋଗ କରିବ ॥

ମହୋଦର କରଯୋଡ଼ି ଜଣାଇଲା ହେଉ ହେବ ସାବଧାନ ।
ସୀତାଙ୍କୁ ଭୋଗ ନ କରିଣ କମ୍ପାଇଁ ରଖିଅଛ ଏତେ ଦିନ ।
ହେ ଦେବ, ରାମ ରାଜକୁମାର ମାନବ ୪ ।
ତାହା ପରାକ୍ରମେ କି କରିବ ।
ରକ୍ଷ ଅଂଶ ହୋଇଣ ଡରିବ ୫ ॥

ଏହା ଶୁଣି ହସି କହେ ଲଙ୍କପତି ଶୁଣ ହେ ଆମ୍ଭ ଉତ୍ତର ।
ବ୍ରହ୍ମଲୋକ ଯାଉଁ ଥାଉଁ ଅପସରୀ ପଡ଼ିଲା ଅମ୍ଭ ଛାମୁର ।
ଯେ ନାରୀ, ବଳେ ହରିଲୁ ତାହାଙ୍କୁ ଧରି ।
ପିତା ଆଗେ ସେ କଲା ଗୁହାରି ।
ତେଣୁ କୋପ କଲେ କୁଶଧାରୀ ॥

---

୧-ଏହି ପଦଟି ପୋଥିରେ ନାହିଁ । ୨-ଯୁଦ୍ଧ କରିବେ କେବଣ ମତେ । ଦେଖ ତାହାଙ୍କ ସାହସ ଏତେ ॥ ପୋଥିପାଠ । ୩-ସିନ୍ଧୁ ପାରି ହୋଇ ପରନାରୀ କମ୍ପା ଆଣିଅଛ ଲଙ୍କପତି । ପୋଥିପାଠ । ୪-ରାମ ରାକ୍ଷସ ବୋଲେ ମାନବ ପୋଥିପାଠ । ୫-ଏହି ପାଦଟି ପୋଥିରେ ନାହିଁ ।

ଆଉ ବେଳେ ବଳେ ଯୁବତୀ ହରିଲେ ଫାଟିଯିବ ତ ମୂର୍ଦ୍ଧନ ।
ଏମନ୍ତ ଶାପ ପୂର୍ବରେ ପୂର୍ବେ ମୋତେ ଦେଇଛନ୍ତି କମଳ ଯୋନ ।
ଦେଖୁଣ, ତାକୁ ହରିଆଣ୍ଡି ସେହିକ୍ଷଣ ।
ଜପିଁ। ହୁଅନ୍ତି ତାକୁ କାର୍ପଣ୍ୟ ।
ଏତେ ଫୁରିବାକୁ କି କାରଣ ॥

ଏମନ୍ତ ଶୁଣି ବିଭୀଷଣ ରାବଣ ସମ୍ମୁଖରେ କହେ ବଚନ ।
ମୋର ବୋଲ କର ସୀତା ବାହୁଡ଼ାଇ ଦେବା ଅସୁର ରାଜନ ।
ହେ ଦେବ, ରାମ କାଣ୍ଡେ ସର୍ବ ମରିଇବ ୧ ।
ସୀତା ଦେଲେ ନିଶ୍ଚିନ୍ତ ହୋଇବ ।
ଆଉ ଭୟ କାହାକୁ ନୋହିବ ॥

ଏମାନେ କିକ ସେ ରାମ ଆଗେ ଧନୁ ଧରିବାକୁ ସାମରଥ ।
ପାପିଜନ କିକ ସ୍ୱର୍ଗ ଭୋଗ ପାଏ କରୁଥିଲେ ମନୋରଥ ।
ହେ ଦେବ, ଏତେ ସମ୍ପଦ ବ୍ୟର୍ଥ ହେବ ।
ତୁମ୍ଭ ହିତ କେହି ନ କରିବ ।
ମାରି କଷ୍ଟେ ରାମ ସୀତା ନେବ ॥

ଏହା ଶୁଣି ଶକ୍ରଜିତ ଯେ କହଇ ତୁମ୍ଭେ ଜାଇଥାଅ ଏକା ।
ଆମ୍ଭମାନଙ୍କ ଉତ୍ସାହ ଭଙ୍ଗ କର ସଭାରେ କହଇ ଦକା ।
ହେ ତାତ, ଯାହା କହିଲ ଏ କିକ ହିତ ।
ଅଯୁକ୍ତି କି କରିନାହିଁ ଜାତ ।
ତୁମ୍ଭେ ରାମର ହେଲ କି ମିତ ॥

ରାବଣ କୋପେ ବୋଲଇ କ୍ରୋଧ ଯେବେ ଶତ୍ରୁ ଆଗମ ଦେଖନ୍ତି ।
ନାସାରେ ଅଙ୍ଗୁଳି ଦେଇଣ ହସନ୍ତି ବିବଧ ବାଣୀ ଭାଷନ୍ତି ।
ରେ କହୁ; କଷ୍ଟେ ଜାଣିଲି ରାମର ହେଉ ।
ମୋର ବାରତା ତାକୁ ତୁ ଦେଉ ।
ଆଜୁଁ ମୋହର ଭ୍ରାତା ତୁ ନୋହୁ ॥

---

୧-ତୁମ ହିତେ କେହି ନ କହିବ ପୋଥିପାଠ ।

ରାବଣର କୋପ ଦେଖି ବିଭୀଷଣ ସଭାରୁ ଉଠିଣ ଗଲା ।
ସେହିକ୍ଷଣି ଚାରି ମନ୍ତ୍ରୀଙ୍କି ଘେନିଣ ଆକାଶ ମାର୍ଗେ ରହିଲା ।
ସେ ଗଲା, ଯହୁଁ ରାବଣ ବୋଲି ନ କଲା ।
ଶୂନ୍ୟେ ଆଇ ବହୁତ କହିଲା ।
ବୋଲେ ବେଗି ସିନ୍ଧୁ ପାର ହେଲା ୧ ॥

●

ରାଗ—**ବରାଡ଼ି** ୨

ଅଞ୍ଜନ ଘନ ପ୍ରାୟ ଗଗନେ ରହି ବିଚରନ୍ତେ ବିଭୀଷଣ ।
ଆକାଶେ ଅସୁର ଦେଖିଣ କ୍ଷେପିଣ ବେଢ଼ିଲେ ବାନର ଗଣେ ହେ ।
ସେମାନେ, ତରୁ ଶୀଳାତ ଘେନିଲେ ।
ଯୁଦ୍ଧ କରିବା ଆରମ୍ଭ କଲେ ।
ବିଭୀଷଣ ମନ୍ତ୍ରୀମାନେ ସେ କପିଙ୍କି ପ୍ରବୋଧ କରି କହିଲେ ॥

ରାବଣ ସୋଦର କହଇ ଉତ୍ତର କପି ସମୂହକୁ ଚାହିଁ ।
ସୁଗ୍ରୀବକୁ କହ ରାବଣ ଅନୁଜ ଆସିଛି ଶରଣ ପାଇଁ
ହେ ବାନର ! ମୋ ବୋଲ ଭ୍ରାନ୍ତ ନ କଲେ ।
ପ୍ରତିକୂଳ ଦଇବ ହୋଇଲେ ।
ହିତ ବଚନକୁ ଅହିତ ବୁଝିଣ ବାହାର କରିଣ ଦେଲେ ॥

ଶୁଣି ବାନରେ ସୁଗ୍ରୀବଙ୍କୁ କହିଲେ ଶୁଣ ହେ କପି ଈଶ୍ୱର ।
ଶରଣ ପଶିବା ନିମନ୍ତେ ଆସିଛି ଲଙ୍କପତିଙ୍କ ସୋଦର ।
ଭେ ଦେବ, ରାବଣ କନିଷ୍ଠ ଭାଇ ।
ଶରଣ ପଶିବା ନିମନ୍ତେ ଆସିଛି ଦିବ୍ୟଚଉକୁ କି ଯୋଗାଇ ୩ ॥

ଶୁଣିଣ ସୁଗ୍ରୀବ ଶ୍ରୀରାମ ଛାମୁରେ ଜଣାଇଲେ ସେହିକ୍ଷଣ ।
ଆଜ୍ଞା ଦେଲେ ଦେବ ଦର୍ଶନ କରିବ ଆସିଅଛି ବିଭୀଷଣ ।
ହେ ଭେ ଦେବ ! ରାବଣ କନିଷ୍ଠ ଭାଇ ।
ସେମାନଙ୍କର କପଟ ଥାଇ ।
ଅସୁରଙ୍କ ମାୟା ଦେବେ ନ ଜାଣଇ ଦିବ୍ୟ ଚଉରେ ଏବେ ଆସଇ ॥

---

୧-ଏହି ଗୀତରେ ପୋଥି ଓ ପୁସ୍ତକର ପଦ ଯୋଜନାରେ ସାମାନ୍ୟ ଅଦଳବଦଳ ହୋଇଛି ଏବଂ ପୋଥିପାଠ ଅପେକ୍ଷା ପୁସ୍ତକର ପାଠ ସମୀଚୀନ ହେବ ବୋଲି ମନେ ହେବାରୁ, ସେହି ପାଠ ଏଠାରେ ଗୃହୀତ ହୋଇଛି ।

୨-ରାଗ—ଛଟିଆରି ପୋଥିପାଠ । ୩-ଏହି ପଦଟି ପୁସ୍ତକରେ ନାହିଁ ।

ଶୁଣି ଦାଶରଥି ମନ୍ଦ ମନ୍ଦ ହସି ୧ ସୁଗ୍ରୀବ ଦେଲେ ଉତ୍ତର ।
ମନ୍ତ୍ରୀମାନଙ୍କୁ ଛାମୁକୁ ହକାରି କର ଏଥିର ବିଚାର ।
ହେ ସୁଗ୍ରୀବ, ରାବଣର ସେ ସୋଦର ।
ଏଣୁ ଅଟଇ ଆମ୍ଭର ପର ।
ଶରଣ ପଶିବା ନିମିତ୍ତ ଆସିଛି ଏଥିକୁ ୨ କିସ ବିଚାର ॥

ଆଜ୍ଞା ପାଇଣ ବାନର ରାୟେ ସବୁ ମନ୍ତ୍ରୀମାନଙ୍କୁ ଡାକିଲେ ।
ରାବଣ ଭାଇ ଶରଣ ପଶିବାକୁ ଆସିଛି ବୋଲି କହିଲେ ।
ହେ ସଚିବ ! ମନେ ବିଚାରିଣ କହ ।
ଏଥୁ ଜୟ କି ହେବ ଅଜୟ ୩ ।
ବୋଲେ କିଣି ଭୟ ନୁହଇ ତାହାଙ୍କୁ ରଖିଲେ ହୋଇବ ଜୟ ହେ ॥

●

ରାମ—**ସିନ୍ଧୁଡ଼ା**

ଅହେ ସୁଗ୍ରୀବ ଆହେ ହନୁ ଅଙ୍ଗଦ ନଳ ନୀଳ ଜାମ୍ବବନ୍ତ ।
ଆହେ ସୁଷେଣ ଦୁର୍ବିନ୍ଦ ଶତବଳ ମନକୁ ଆସେ କେମନ୍ତ ।
କଇତବ ନ କର, ତୁମ୍ଭମାନଙ୍କର କି ବିଚାର ।
କହ କହ ଆମ୍ଭର ଛାମୁର ।
ଭୟ ହେଉଅଛି କି ତୁମ୍ଭର ୪ ॥

ସୁଗ୍ରୀବ ବୋଲେ ଅସୁରଙ୍କର ମାୟା ଜାଣିତ ନୁହଇ ଦେବ ।
ଅଙ୍ଗଦ ବୋଲନ୍ତି ଆସିବ ଯେବେ ସେ ପରୀକ୍ଷା ଆମ୍ଭଙ୍କୁ ଦେବ ।
ନଳ ଛାମୁରେ କହେ ।
ଦେବ ଅସୁର ବିଶ୍ୱାସୀ ନୁହେଁ ।
ନୀଳ ବୋଲନ୍ତି ଲାଗଇ ଭୟେ । କିବା କରାଇବ ଅପଜୟେ ୫ ॥

ଜାମ୍ବବ ସୁଷେଣ ବୋଲନ୍ତି ଶ୍ରୀ ଦେବ ଜାଣିବା ୬ ତାହାର ମନ ।
ତେବେ ସିନା ତାକୁ ବିଶ୍ୱାସ କରିଣ କରିବା ତାର ବଚନ ।
ଆମ୍ଭ ଶତ୍ରୁର ଭାଇ, ତାକୁ ବିଶ୍ୱାସ କେମନ୍ତେ ଯାଇ ।
ଦୈତ୍ୟ ବୁଦ୍ଧି ଜାଣିତ ନୁହଇ ୭ ।
ଦିବ୍ୟ ଚକ୍ଷେ କେମନ୍ତେ ଆସଇ ॥

---

୧-ଶୁଣିଣ ଶ୍ରୀରାମ ହୋଇ ହସ ହସ ପୋଥିପାଠ । ୨-ବିଚାରି କହ ଛାମୁର ପୋଥିପାଠ
୩-ଏହି ପାଦଟି ପୋଥିରେ ନାହିଁ । ୪- 'ସେ ଯେ ଅଟଇ ଆମ୍ଭର ପର' ପୋଥିପାଠ
୫-ପ୍ରାଣକ୍ଷୟେ ପୋଥିପାଠ । ୬-ବୁଝିବା ପୋଥିପାଠ । ୭-ଏବେ ଅଇଲା ଶରଣ ପାଇ ପୋଥିପାଠ ।

ହନୁ ବୋଲନ୍ତି ୧ ମୋର ପାଇଁ ରାବଣ ୨ ଆଗେ ବହୁତ କହିଲା ।
ସେ ହନୁ ଜାଣିଛୁ ଏହି ମାତ୍ର ଦେବ ଆମ୍ଭର ପକ୍ଷ ହୋଇଲା ୩ ।
ଏବେ ଜାଣିବା ମନ, ଆଉ ବୁଝିବାକୁ ନାହିଁ ଧନ ।
କହିଥିବ ଯଥାର୍ଥ ବଚନ ।
ତେଣୁ କୋପିଥିବ ଦଶାନନ ।।

ଶତବଳ ବୋଲେ ଅସୁର ବୁଦ୍ଧିରେ ୪ ଦେବତାଙ୍କୁ କଲେ ଦାସ ।
ନ ପୁଣ ଶରଣ ପଶି ବିଭୀଷଣ କରଇ ଆମ୍ଭଙ୍କୁ ନାଶ ।
ଶୁଣି କୋଦଣ୍ଡ ପାଣି । ହସି କହନ୍ତି ମଧୁର ବାଣୀ ।
ତାର ମନ ଅଛୁ ଆମ୍ଭେ ଜାଣି ।
ତାଙ୍କୁ ଦର୍ଶନ କରାଅଁ ଆଣି ।।

ଶରଣ ବୋଇଲେ ଅଭୟ ଦିଅଇ ଏମନ୍ତ ମୋର ମହିମା ।
କୋଟି ୭ ଅପରାଧ କରଣେ ଶରଣ ପଶିଲେ କରଇ କ୍ଷମା ।
କି କରିବ ସେ ଆମାତେ । ତାର ଅଙ୍ଗେ ବଳ ଅବା କେତେ ।
ଆସିଥିବ ସେ ଯେବେ ଗୁପତେ ।
ତାର ପ୍ରାଣେକ ମାରିବା ଶତେ ।।

ମୋର ବାମ ଭୁଜ କନିଷ୍ଠ ଅଙ୍ଗୁଳି ଅଗ୍ରେ ଅଛି ଯେତେ ବଳ ।
ଏତେ ବଳବନ୍ତ ବ୍ରହ୍ମାଣ୍ଡରେ ନାହିଁ କି ଛାର ଅସୁର କୁଳ ।
ଆସୁ ସେ ବିଭୀଷଣ । ଅମ୍ଭ ଚରଣେ ୮ ପଶୁ ଶରଣ ।
ତାର ଆଉ ନୋହିବ ମରଣ ।
ବଂଶୀ ବୋଲେ ହୋଇଣ କାରଣ ।।

●

---

୧- ଜାଣନ୍ତି ପୁସ୍ତକ ପାଠ । ୨- ଲଙ୍କାରେ ପୋଥିପାଠ । ୩- ଏହି ମୋତେ ପକ୍ଷ ହେଲା ପୋଥିପାଠ । ୪- ମାୟା ବୁଦ୍ଧି କରି ପୋଥିପାଠ । ୫- ନାଶ ପୋଥିପାଠ । ୬-ହସ ହସ ହୋଇ କହେ ବାଣୀ ପୁସ୍ତକ ପାଠ । ୭- ଶତ ପୁସ୍ତକ ପାଠ । ୮-ପାଦରେ ପୋଥିପାଠ ।

## ରାଗ— **କନଡ଼ା**

ସୁଗ୍ରୀ ସଙ୍ଗେ ବିଭୀଷଣ ଭେଟ ହୋଇ ଶ୍ରୀରାମ ସମ୍ମୁଖୁ ଅଇଲେ ।
ବିଭୀଷଣ ରାମ ୧ ବୋଲି ଜାଣିଲେ ।
ଚରଣେ ଶରଣ ପଶିଲି ବୋଲି ମୁଁ ସେ ବିଭୀଷଣ ଭାଷିଲେ ଯେ ॥

ଦନୁଜ, ଦୟାନିଧି ନାମ ଶୁଣି ଶ୍ରବଣେ ।
ତେଣୁ ଶରଣ ଅଭୟ ଚରଣେ ।
ମନ ବଚନ କର୍ତ୍ତବ୍ୟ ଆନେ ଥିଲେ ବ୍ୟର୍ଥ ସୁକୃତ ଗଣେ ହେ ଠାକୁରେ ୨ ॥

ରାବଣଙ୍କୁ ମୁହିଁ ବହୁତ ପ୍ରକାରେ ହିତ କଥାମାନ କହିଲି ।
ସୀତା ସମର୍ପିବା ବୋଲି ବୋଇଲି ।
କ୍ରୋଧ କରି ମୋତେ କୁଭାଷା ବୋଲନ୍ତେ ବାହାର ହୋଇ ଅଇଲି ହେ ଠାକୁରେ ॥

ତାକୁ ଦଇବ ନିଷ୍ଠୁର ଛାଡ଼ିଲା ।
ଅଧର୍ମରେ ବେଳୁବେଳ ବଢ଼ିଲା ।
ଏବେ ଆସି ଦେବ ତୁମ୍ଭ କାଣ୍ଡ ମୁନେ ମୃତ୍ୟୁ ମୁଖରେ ପଡ଼ିଲା ।

ଏତେ ଜଣାଇ ଚରଣ ତଳେ ପୁଣି ସାଷ୍ଟାଙ୍ଗେ ହୋଇଣ ପଡ଼ିଲା ।
ତ୍ରାହି ତ୍ରାହି କର ବୋଲି ବୋଇଲା ।
ଶ୍ରୀରାମ କରୁଣା ଅବଲୋକନରେ ଜନମ ମୃତ୍ୟୁ ଏଡ଼ିଲା ।

ସେ ଦନୁଜ, ରୋମ ପୁଲକ ହୁଏ ଘନ ଘନ !
ଅଶ୍ରୁ ଆନନ୍ଦେ ହେଉଛି ପତନ ।
କରୁଣା-ସିନ୍ଧୁ ଅଭୟ-ପଦ୍ମପାଦେ ମଗ୍ନ ହେଲା ତାର ମନ ସେ ॥

ରାମ ପଚାରନ୍ତି ଆହେ ବିଭୀଷଣ କହ ଲଙ୍କାର ସମାଚାର ।
କିସ ବିଚାରୁ ଅଛି ଦଶଶିର ।
କେତେ ତାର ସୈନ୍ୟ କେତେ ପରାକ୍ରମ କହ ତା ଆମ୍ଭ ଛାମୁର ॥

---

୧-ରାମ ବିଭୀଷଣ ବୋଲି ଜାଣିଲେ ପୋଥିପାଠ, କିନ୍ତୁ ବିଭୀଷଣ ଶ୍ରୀରାମଙ୍କୁ ଜାଣି ତାଙ୍କ ପାଦପଦ୍ମରେ ଶରଣ ପଶିବା ପାଠ ଯୁକ୍ତିଯୁକ୍ତ । ୨-ହେ ଠାକୁର ପୁସ୍ତକରେ ନାହିଁ ।

ହେ ରାଜନ ! କହେ କର ଯୋଡ଼ିଣ ବିଭୀଷଣ ।
ଦେବ ତୈଲୋକ୍ୟ ବିଜୟୀ ରାବଣ ।
ଭ୍ରାତା କୁମ୍ଭକର୍ଣ୍ଣ ସ୍ୱର୍ଗପୁର କଲା ପୁତ୍ର ପରାକ୍ରମ ଶୁଣ, ହେ ଠାକୁର !

ଶତବାର ୧ ପୁତ୍ର ଶକ୍ରକୁ ଜିଣିଲା ସଂଗ୍ରାମେ ଅଦୃଶ୍ୟ ହୋଇ ।
କେହି ଜିଣିବାର ତାକୁ ନୁହଇ ୨ ।
ମହା ପାର୍ଶ୍ୱ ମହୋଦର ପ୍ରଶସ୍ତ ନାମରେ ମନ୍ତ୍ରୀ କର୍ମୀଇ ॥

ହେ ଠାକୁର ! ଦଶସହସ୍ର କୋଟି ସେ ଅସୁର ।
ପ୍ରତିଦିନ ହିଁ ପିବନ୍ତି ରୁଧିର ।
ଆଉମାନେ ଦେବ ଦିଗପାଳ ସମ ଦେଖିଣ ଡରନ୍ତି ସୁର ॥

ରାମ ଆଜ୍ଞା ଦେଲେ ସ୍ୱର୍ଗେ ବା ପାତାଳେ ଲୁଚିଲେ ୩ ମାରିବ ରାବଣ ।
ସତ୍ୟ କରୁଛି ତିନ ଭ୍ରାତ ରାଣ ।
ପୁତ୍ର ଭ୍ରାତା ନାତି ସମସ୍ତ ମାରିଣ ଲଙ୍କା ଦେବ ବିଭୀଷଣ ॥

ହେ ସୁଗ୍ରୀବ ! ଏତେ ବୋଲିଣ ପାଶକୁ ରାଇଲେ ।
ତାଙ୍କୁ ଆଲିଙ୍ଗନ କରି ବୋଇଲେ ୪ ।
ଆଜହୁଁ ତୁମ୍ଭଙ୍କୁ ଲଙ୍କା ଆମ୍ଭେ ଦେଲୁ ୫ ଲଙ୍କେଶ ଆଜହୁଁ ମଲେ ହେ ॥

କୋଦଣ୍ଡ ପାଣି ତାହାଙ୍କ ମନ ଜାଣି ଆଜ୍ଞା ଦେଲେ ଆହେ ଲକ୍ଷ୍ମଣ ।
ତୀର୍ଥ ଜଳ ଅଣାଅ ଏହିକ୍ଷଣେ ।
ଲଙ୍କାଗଡ଼େ ରାଜ ଅଭିଷେକ ଆଜ କରାଇବା ବିଭୀଷଣ ॥

ହେ ଲକ୍ଷ୍ମଣ ! ଆଜୁଁ ବୋଲାଇବେ ଲଙ୍କପତି ।
ଆଜ ଦେଲି ମୁଁ ଲଙ୍କାର ବିଭୂତି ।
ଯେତେଦିନ ଥିବ ମୋର ରାମନାମ ଚନ୍ଦ୍ର ତପନ ଧରଣୀ ହେ ॥

ଆଜ୍ଞା ପ୍ରମାଣେ ଲକ୍ଷ୍ମଣ ତୀର୍ଥ ଜଳ ଅଣାଇ ଅଭିଷେକ କଲେ ।
ବିଭୀଷଣ ଲଙ୍କେଶ ବୋଲାଇଲେ ।
ରାମ ଆଜ୍ଞା ପାଇ ସର୍ବ ଋକ୍ଷ କପି ଲଙ୍କେଶ ବୋଲି ବୋଇଲେ ॥

---

୧-ଶାତବାର ପୋଥିପାଠ । ୨-ତାକୁ ଜିଣନ୍ତା ଦେବ କେହି ନାହିଁ ପୋଥିପାଠ ।
୩-ପଶିଲେ ପୋଥିପାଠ । ୪-ପୁଣ ଆଲିଙ୍ଗନ କରି ଡାକିଲେ ପୋଥିପାଠ ।
୫-ତୁମ୍ଭେ ଲଙ୍କାରେ ରାଜା ହେଲ ଲଙ୍କପତି ଆଜୁଁ ପୋଥିପାଠ ।

ହେ ସୁଜନେ ! ସୁଗ୍ରୀ ଜଣାନ୍ତି ଶୁଣିମା ଶ୍ରୀଦେବ ।
ଯେବେ ରାବଣ ଶରଣ ପଶିବ ।
ବିଭୀଷଣଙ୍କୁ ତ ଲଙ୍କା ଆଜ୍ଞା ହେଲା ସେ ପୁଣ କିସ କରିବ ହେ ୧ ॥

ହସି ୨ ଦାଶରଥି ବୋଲନ୍ତି ହେ ମିତ ରାବଣ ପଶିଲେ ଶରଣ ।
ତାକୁ ଅଯୋଧ୍ୟା ଦେବୁ ଏ ପ୍ରମାଣ ।
ଦୁଷ୍ଟ ରାଜାଙ୍କୁ ମାରଣ ଅଭିଷେକ ହୋଇବୁ ଷଡପରେଣ ।

ହେ ସୁଗ୍ରୀବ ! ଶୁଣି ସମସ୍ତେ ଆନନ୍ଦ ହୋଇଲେ ।
ରାମ ଶ୍ରୀମୁଖରେ ଏହା ବୋଇଲେ ।
ବୋଲେ ବଶି ବିଭୀଷଣ ଏହି ଦିନୁ ଶ୍ରୀରାମ ସେବକ ହେଲେ ॥

●

## ରାଗ-- ଆନନ୍ଦ ଭୈରବୀ

ଶାର୍ଦ୍ଦୂଳକୁ ପେଷିଥିଲା ରାବଣ । ଯେଉଁ ଦିନୁ ସେ ଗଲା ବିଭୀଷଣ ୩ ॥
ସେହି ଦେଖି ଅଇଲା । ମହା ବିସ୍ମୟ କଲା ।
ଆଜହୁଁ ଲଙ୍କା ଗଲା । ରାବଣକୁ କହିଲା ॥

କୋଟି କୋଟି ଦେବ ବାନର ବଳ । ପୂରି ରହିଛନ୍ତି ବନ ଶଇଳ ।
ସମସ୍ତ ବଳବନ୍ତ । ଲଙ୍କା ପୋଡ଼ା ଯେମନ୍ତ ।
କଲି ନୁହଇ ପ୍ରାନ୍ତ । ନଷ୍ଟେ କରିବେ ଅନ୍ତ ୪ ॥

ରାମ ଲକ୍ଷ୍ମଣ ସୁଗ୍ରୀ ବିଭୀଷଣ । ନିଶ୍ଚୟ ଦେବ ଏ କରିବ ରଣ ।
ପାରିଲେ ପ୍ରୀତି ହୁଅ । ଦେଇ ଜନକ ଝିଅ ।
ଭେଦ ପ୍ରୀତି ଏ ଦ୍ୱୟ । ରଣେ ନୋହିବ ଜୟ ॥

ନିଶ୍ଚୟ ନାଶ ଗଲା ତୋର ଲଙ୍କା । ଶୁଣି ରାବଣ ପାଇଲା ଶଙ୍କା ।
ଶୁକକୁ ୫ ଅଣାଇଲା । ବନ୍ଧୁ ପୃଷାର୍ଥ କଲା ।
ସୁଗ୍ରୀ ପାଶେ ପେଷିଲା । ଏହା କହି ବୋଇଲା ॥

---

୧-ସେ ପୁଣି କାହିଁ ରହିବ ପୋଥିପାଠ । ୨-ଶୁଣି ପୁସ୍ତକ ପାଠ । ୩-କଲା ସୀତା ହରଣ ପୁସ୍ତକ ପାଠ । ୪-ଅନର୍ଥ ପୋଥିପାଠ । ୫-ଶୁକଶାରଣ ପୋଥିପାଠ ।

ବୋଲନ୍ତୁ ରାବଣ ପେଷିଲା ମୋତେ । ତୁମ୍ଭେ କପାଁ କୋପ କରୁଛ ଏତେ ।
ତୁମ୍ଭେ ଆମ୍ଭର ଭ୍ରାତ । ଆମ୍ଭ ସଙ୍ଗେ ଅନର୍ଥ ।
କରିବାର ବ୍ୟର୍ଥ ୧ । ଶୁଣ ହେ କପିନାଥ ୨ ॥

ବାଲୀ ସଙ୍ଗେ ମୋର ମିତ୍ରପଣ । ଜାଣିଣ ୩ କପାଁ ଆସିଛ ଆପଣ ।
ଘେନ ୪ ଆମ୍ଭର ପ୍ରୀତି । ବାହୁଡ଼ କପିପତି ।
ଯେବେ ହେବ ୫ ଅପ୍ରୀତି । ଆମ୍ଭେ ଅସୁର ଜାତି ୬ ॥

ଯେବେ ସେ ବୋଲିବେ ହରିଲ ସୀତା । ତୁ ବୋଲିବୁ ନୁହେଁ ତୁମ୍ଭ ବନିତା ।
ଆମ୍ଭେ ଅଟୁ ଭୂପାଳ । ହରି ପାରୁ ସକଳ ।
ଦଶରଥର ବାଳ । ଏକା କରୁ ସେ ଗୋଳ ॥

ଯେବେ ସେ ତୋ'ତେ ନୋହିବେ ପ୍ରସନ୍ନ । କହିବୁ ତାଙ୍କୁ ଯଥାର୍ଥ ବଚନ ।
ଆହେ ନର ବାନର । ତୁମ୍ଭେ ଭକ୍ଷ ଆମ୍ଭର ।
ଜାଣି ଲୋଡ଼ ଅସୁର ୭ । ଏତେ ଗର୍ବ ତୁମ୍ଭର ॥

ଏମନ୍ତ ଆଜ୍ଞା ଘେନ ଶୁକ ଗଲା । ବଟଧ ବିହଙ୍ଗ ଗୋଟିଏ ୮ ହେଲା ।
ସୈନ୍ୟ ମଧ୍ୟେ ପଶିଲା । ସୁଗ୍ରୀ ସଙ୍ଗେ ଭେଟିଲା ।
ରାଜା ବାଣୀ କହିଲା ୯ । ଦୀନ ବଣି ଭଣିଲା ॥

●

ରାଗ—**ଘଣ୍ଟାରବ** ୧୦

ସୁଗ୍ରୀବେ କହଇ ଶୁକ ଦେବ ମୁଁ ରାବଣ ଲୋକ
ତୁମ୍ଭ ଛାମୁକୁ ପେଷିଛି କରଣି ସ୍ତୁତି ଅନେକ ॥
ରାବଣ କହିଛି ଯେତେ ମୁଁ ତାହା କହିବ କେତେ
ସବୁ ଦିନେ ତୁମ୍ଭ ତାଙ୍କର ପୀରତି ଏଣୁ ସେ ପେଷିଲା ମୋତେ ୧୧ ॥
ରାବଣ ଯା କହିଥିଲା ସବୁ ସୁଗ୍ରୀ କି କହିଲା
ଶୁଣି କରି କପି ରାଜନ ମନରେ ବହୁତ କ୍ରୋଧ ଜାତ ହେଲା ॥

---

୧-ଏ ନୋହେ ଭକ୍ଷିତ ପୋଥିପାଠ । ୨-କା ନେଲୁ ତୁମ୍ଭ ଅର୍ଥ ପୁସ୍ତକ ପାଠ ।
୩-ଜାନକୀ ପାଇଁ ପୋଥିପାଠ । ୪ ତୁମ୍ଭ ପୋଥିପାଠ । ୫-ଅମ୍ଭ ସଙ୍ଗେ ପୋଥିପାଠ
୬-ଏହୁ ନୋହେ ଯୁଗତି ପୋଥିପାଠ । ୭-ଆମ୍ଭ ସଙ୍ଗେ ସମର ପୋଥିପାଠ ।
୮-ବିବିଧରୂପ ପୋଥିପାଠ । ୯- ସିନ୍ଧୁ ପାରି ହୋଇଲା ପୋଥିପାଠ ।
୧୦-ଶ୍ରୀ ଜଗନ୍ନାଥ ଗରୁଡ଼ ପଞ୍ଚରେ ବାଣୀରେ ପୋଥିପାଠ । ୧୧-ଏ ପାଦଟି ପୋଥିରେ ନାହିଁ ।

ବୋଲଇ ଏହାକୁ ଧର — ଯେତେ ଇଚ୍ଛା ତେତେ ମାର
ଶ୍ରୀରାମ ଛାମୁରେ ଜଣାଇ ଏହାର ଛେଦନ କରିବା ଶିର ୧ ॥

ଆଜ୍ଞା ପାଇ କପି ନେଲେ — ବନ୍ଧନ ତାହାକୁ କଲେ
ସକଳ ସୈନ୍ୟରେ ବୁଲାଇ ତାହାକୁ ଅନେକ ମାଡ଼ ମାରିଲେ ॥

କାନ୍ଦନ୍ତେ ଶୁକ କହଇ — ଦୂତକୁ ମାର କିପାଇଁ
ତାଙ୍କର ସେବକ ତୁମ୍ଭର ସେବକ ମୋର ଦୋଷ ଅଛି କାହିଁ ॥

ଶ୍ରୀରାମ ଛାମୁକୁ ନେଲେ — ସବୁ ବୃତ୍ତାନ୍ତ କହିଲେ
ଦୟାନିଧି ତାର ବିକଳ ଦେଖିଣ ଛଡ଼ାଇ ତାହାକୁ ଦେଲେ ॥

ପଳାଇଣ ତହୁଁ ଗଲା — ଶୁଣି ସୁଗ୍ରୀ ଆଗେ ହେଲା
ରାବଣ ଛାମୁରେ କି ବୋଲି କହିବ ବୋଲି ଶୂନ୍ୟରେ ରହିଲା ୨ ॥

ଶୁଣି ତା ସୁଗ୍ରୀ ରାଜନ — ବୋଲନ୍ତି କୋପେ ବଚନ
ସୀତା ଦେଇ ଯେବେ ଶରଣ ପଶିବ ତେବେ ପାଇବ ଜୀବନ ୩ ॥

ଯେଣୁ ସୀତା କଲା ଚୋରି — ତେଣୁ ସେ ଆମ୍ଭ ବଇରୀ
ରାମ ଶତ୍ରୁ ଯେଣୁ ଆମ୍ଭ ଶତ୍ରୁ ତେଣୁ ମୋତେ ସେ କାହିଁରେ ୪ ସରି ॥

ଯେବେ ସୀତା ଦେବ ନାହିଁ — ସନ୍ଧି ହେଲେ ଯିବୁ ତେଉଁ
ଦଶମୁଣ୍ଡ କାଟି ସୀତାଙ୍କୁ ଆଣିବ ତେବେ ସେ ବାଲୀର ଭାଇ ୫ ॥

ଅଙ୍ଗଦ ବୋଲେ ତାହାଙ୍କୁ — କି କହି ଦେବ ଏହାକୁ
ଦୂତ ହୋଇ ଚୋର ପଣେ ଆସିଅଛି ଆମ୍ଭ ସୈନ୍ୟ କଳିବାକୁ ॥

ଯିବନ୍ତି ଏହାକୁ ଧର — ବନ୍ଧନ ତ୍ୱରିତ କର
ଅଙ୍ଗଦ ବଚନ ଶୁଣିଣ ସୁଗ୍ରୀବ ଆଜ୍ଞାଦେଲେ ହେଉ ଧର ॥

ବାନର ଧରି ଆଣିଲେ — ତ୍ୱରିତ ବନ୍ଧନ କଲେ
ବୋଲେ ବାଣୀ ରାମ ଛାମୁରେ ଜଣାଇ ବନ୍ଧନ କରି ରଖିଲେ ॥

●

---

୧-ପ୍ରତି ପଦ ଶେଷରେ ହେ କପିରାଜନ, ବାନରେ, ଅଧୁରେ ପ୍ରଭୃତି ସମ୍ବୋଧନ ପୋଥିରେ ରହିଛି । ୧-କାନ୍ଦଣ ଶୁକ କହଇ .....ଠାରୁ ଆରମ୍ଭ କରି.....ବୋଲି ଶୂନ୍ୟରେ ରହିଲା ପର୍ଯ୍ୟନ୍ତ ତିନିପଦ ପାଠ ପୋଥିରେ ନାହିଁ । ୨-ସେ ହେବ ସନ୍ଧାନ ପୁସ୍ତକପାଠ । ୩ ବାଲୀରେ ସରି ପୁସ୍ତକ ପାଠ । ୪-ଏ ପଦଟି ପ୍ରକାଶିତ ପୁସ୍ତକରେ ନାହିଁ । ୫-ଶୁକଙ୍କୁ ବେଢ଼ି ଧଇଲେ ପୋଥିପାଠ ।

## ରାଗ—ମାଳଶ୍ରୀ ୧

ସିନ୍ଧୁ କୂଳରେ ବସିଲେ ରଘୁପତି । ସୁଗ୍ରୀ ବିଭୀଷଣ ଅଛନ୍ତି କତି ।
ଶ୍ରୀରାମ ବୋଲନ୍ତି କପି ଈଶ୍ୱର । କେମନ୍ତେ ଜଳଧି ହୋଇବା ପାର ॥
ଶୁଣି ସୁଗ୍ରୀବ କରଯୋଡ଼ି ଜଣାନ୍ତି ଶୁଣିମା ହେଉ ଶ୍ରୀଦେବ ।
ବନ୍ଧ ବାନ୍ଧିଲେ ସିନ୍ଧୁ ପାର ହେବ ॥

ଆଜ୍ଞାଦେଲେ କପି ଆଣନ୍ତେ ୨ ଶିଳ । ବନ୍ଧନ କରିବା ଜଳଧି ଜଳ ।
ଆଜ୍ଞା ପାଇଣ କପିମାନେ ଗଲେ । ଗିରି ଆଣି ସମୁଦ୍ରେ ପକାଇଲେ ।
ବୁଡ଼ିଗଲେ କେହୁ କାହିଁରେ ପଡ଼ିଲେ ଅଗାଧ ଜଳଧି ଜଳ ।
ଯୋଗେ ଶିଳାମାନ କଲେ କଲଳ ॥

ରାମ ସମ୍ମୁଖରେ ଥିଲେ ଲଙ୍କେଶ୍ୱର । ସୁଗ୍ରୀ ହନୁ ଧରି ତା ବେନି କର ।
ବୋଲନ୍ତି କହ ଅମ୍ଭଙ୍କ ବିଚାର । କି ରୂପେ ଜଳଧି ହୋଇବା ପାର ।
ବିଭୀଷଣ ବୋଲେ ସାଗର କରଡ଼ ଅଟଇ ସୂର୍ଯ୍ୟ ବଂଶର ।
ପ୍ରାର୍ଥନା କରନ୍ତୁ କୋଦଣ୍ଡଧର ॥

ଏମନ୍ତ ଶୁଣି ଶ୍ରୀରାମ ସମ୍ମୁଖେ । କରଯୋଡ଼ି ଜଣାଇଲେ ସଦ୍ଧରେ ।
ଶୁଣି ରାଘବ ସନ୍ତୋଷ ହୋଇଲେ । ସମସ୍ତ ମନ୍ତ୍ରୀ ରାଇ ପଚାରିଲେ ।
ଆଜ୍ଞା ପାଇ ସମସ୍ତ ମନ୍ତ୍ରୀ ବୋଲନ୍ତି ଏହିରୂପେ କର ଦେବ ।
ବିଭୀଷଣ ବିଚାର ଯେ ଦୁର୍ଲ୍ଲଭ ॥

ଶୁଣି ରାମ ସିନ୍ଧୁରେ ସ୍ନାନ ୩ କଲେ । ସନ୍ଧ୍ୟା ତର୍ପଣ ଭକତେ ସାରିଲେ ।
ସିନ୍ଧୁକୁ ବହୁରୂପେ ୪ କରି ସ୍ତବ । କୁଶ ଶଯ୍ୟା କଲେ ଜାନକୀ ଧବ ।
ତିନି ଦିନ ତିନି ରଜନୀ ତହିଁରେ ଜଳହିଁ ନ କଲେ ପାନ ।
ପ୍ରସନ୍ନ ନୋହିଲେ ଜଳ ରାଜନ ॥

କ୍ରୋଧରେ ରାମ ଅରୁଣ ନୟନ । ବୋଲନ୍ତି ଦେଖ ଦେଖ ହେ ଲକ୍ଷ୍ମଣ ।
ସିନ୍ଧୁ ଦେଖାଇଲା ଲଘୁତା ପଣ । ଶୀଘ୍ର କରି ଆଣ ଧନୁବାଣ ।
ମୂର୍ଖ ଜାତି ଭୟ ପାଇଲେ ପୀରତି ଦେବଇଁ ଏହାକୁ ଦଣ୍ଡ ।
ଭଣେ କବି ଯେ ୫ ଧଇଲେ କୋଦଣ୍ଡ ॥

●

---

୧-ରାଗ—ବଙ୍ଗାଳଶ୍ରୀ ପୋଥିପାଠ । ୨-ଆଣନ୍ତୁ ପୋଥିପାଠ । ୩-ସ୍ନାନ ପୋଥିପାଠ ।
୪-ଜଳ ଦେବତା ପୋଥିପାଠ । ୫-ରାମ କ୍ରୋଧେ ପୋଥିପାଠ ।

## ରାଗ—ପାହାଡ଼ିଆ କେଦାର

କରୁଣା ସିନ୍ଧୁ ସିନ୍ଧୁକୁ ଚାହିଁ     ଧନୁକୁ ଟଙ୍କାଇ କୋପିତ ହୋଇ
ବୋଲନ୍ତି ତ୍ରିଭୁବନରେ ତୋତେ ରଖନ୍ତା ନାହିଁ ଯେ ।
ଯେବେ ତୁ ପଥ ଛାଡ଼ିବୁ ନାହିଁ     ଶରେ ସାଗର ଦେବି ଶୁଖାଇ
ମହୀରେ ଆଜି ସମୁଦ୍ର ନାମ ରହିବ ନାହିଁ ଯେ ॥

ଏତେ ବୋଲି କୋଦଣ୍ଡେ ଜନ୍ଧ     ସନ୍ଧିଲେ, ଜଳନିଧି
ଜଳନିଧି ଗର୍ଭକୁ ଶର ସନ୍ଧିଲେ ୧ ।
ଉଚ୍ଛୁଳି ସିନ୍ଧୁ ଲଙ୍ଘିଲା କୂଳ     ବଡ଼ ଆକୁଳ ହେଲେ ସକଳ ୨
ଅନଳ ଦେବ ଦାନବ କୁଳ ରୁନ୍ଧ ହୋଇଲେ ଯେ ୩ ॥

ଯନ୍ତେଁ ସିନ୍ଧୁର କୋହଳା ଉର     ବସାନ୍ତେ ୪ ବ୍ରହ୍ମ ଅସ୍ତ୍ର ଗୁଣର
ଦେଖିଣ କମ୍ପିଲେ ନାଗ ନର ଅସୁର ଯେ ।
ଆକାଶୁ ବୃଷ୍ଟି ହେଲା ରୁଧିର     ଜନ୍ତୁ ଅନଳ ହେଲା ବାହାର
ମହୀରେ ଉତ୍ପାତ ନିକର ହେଲା ପ୍ରଚୁର ଯେ ୫ ॥

ଏହା ଦେଖି ବରୁଣ ଭୟେ କାତର ଯେ ।
ମନେ ବିଚାର କଲେ ଏତେ ମାତର ଯେ ।
ନଷ୍ଟେ ମୁଁ ଦରଶନ କରିବି     ନକଲେ ବ୍ରହ୍ମ ଅସ୍ତ୍ରେ ମରିବି
ଏତେ ବିଚାରି ବାହାର ହେଲେ ଅତି ସତ୍ୱର ୬ ଯେ ॥

ସଭୟେ ହୋଇ ଜଳ ରାଜନ     ଧରିଧାନ ସୁରଙ୍ଗ ବସନ
କୃତ ଅଞ୍ଜଳି ହୋଇ ବଦନ କହେ ବଚନ ଯେ ।
ହେ ଦେବ ଦଶରଥ ନନ୍ଦନ ୭     ବିନାଶି ପାର ତିନି ଭୁବନ
ମୁଁ ଛାର ହୀନ ପାଇଁ କିପାଇଁ କୁପିତ ମନ ଯେ ॥

---

୧-ଅଗ୍ନିଶର କାଢ଼ି କରେ ଧଇଲେ ପୋଥିପାଠ । ୨- ଆକୁଳ ଜରଜର ସକଳ ପୋଥିପାଠ ୩-ସମସ୍ତ ଦେବ ଦାନବମାନେ ରୁନ୍ଧ ହୋଇଲେ ଯେ ପୋଥିପାଠ ।
୪-ବାଣ ବସାନ୍ତେ ଗୁଣ ଉପର ପୋଥିପାଠ । ୫-ଏହି ପଦ ବଦଳରେ ପୋଥିପାଠ—

କି ଅବା ଅଗ୍ନି ପ୍ରଳୟ-କାଳ     ଭସ୍ମ କରିବ ମହୀମଣ୍ଡଳ ।
ଚଉଦ ଲୋକ ସହିତେ ସାତ ସମୁଦ୍ର ଜଳ ହେ ।

୬-ଅତି ସତ୍ୱର ପୋଥିରେ ନାହିଁ । ୭-ରଘୁକୁଳ ନନ୍ଦନ ପୋଥିପାଠ ।

ଆଜ କୃତାର୍ଥ କଲ ମୋର ଜୀବନ ୧
ନେତ୍ରେ ଦେଖିଲି ତୁମ୍ଭ ବଦନ ୨ ।
ଏବେ ମୋ ଅପରାଧ ନ ଘେନ     ସଦୟ ହୋଇ ହୁଅ ପ୍ରସନ୍ନ
ପୂର୍ବ କାଳରୁ ତୁମ୍ଭ କୁଳର ମଣ୍ଡିଲି ଜନ ଯେ ॥

ମୁଁ ଯେବେ ଜଳ ଦେବଇଁ ବାଟ     ମଧ୍ୟରେ ଛନ୍ତି ଅନେକ ଦୁଷ୍ଟ
ତୁମ୍ଭର ପ୍ରାୟେ ହୋଇବେ ରୁଷ୍ଟ ପାଇବ କଷ୍ଟ ଯେ ।
ଭୋ ଦେବ ରଘୁକୁଳର ଶ୍ରେଷ୍ଠ     ଘେନ ମୋହର କହିବା ବାଟ
ପାର ହୋଇବେ ଋକ୍ଷ ମର୍କଟ ଯେ ॥

ବିଶ୍ୱକର୍ମା କୁମର ଅଟଇ ନଳ ହେ ।
ତାର ଛୁଇଁଲେ ଜଳେ ଭାସିବ ଶିଳ ।
ବନ୍ଧାଅ ସେତୁ ବାନ୍ଧ ଅଚଳ     ମୁଁ ପୁଣି କରୁ ହୋଇବ ସ୍ଥଳ
ପାର ହୋଇବେ ସକଳ ବଳ କପାଇଁ ଭଲ ଯେ ॥

ଶ୍ରୀରାମ ସିନ୍ଧୁ ରାଜାଙ୍କୁ ଚାହିଁ     ବୋଲନ୍ତି ଅସ୍ତ୍ର ପେଷିବା କାହିଁ
ତୁମ୍ଭ ନିମନ୍ତେ କ୍ରୋଧରୁ ଅଛୁ ଗୁଣେ ବସାଇ ହେ ॥
ଶୁଣି ବୋଲନ୍ତି ସରିତ ସାଇଁ     କ୍ଷୀର ସାଗର ପ୍ରାନ୍ତରେ ଯାଇ
ଅନେକ ଦୁଷ୍ଟ ଅଛନ୍ତି ରହି ପେଷ ଗୋସାଇଁ ହେ ।

ଶୁଣି ଶ୍ରୀରାମ ବ୍ରହ୍ମ ଅସ୍ତ୍ର ପେଷିଲେ ।
ସେ ଦଗରୁ ସମସ୍ତ ଦୁଷ୍ଟ ନାଶିଲେ ଯେ ।
ସେ ଦନୁ ଭୂମି ହୋଇଲା ଯୋଗ୍ୟ     ଦେବ ଗନ୍ଧର୍ବ ପାଇଲେ ଭୋଗ
ରାମ ପ୍ରସାଦେ ତହିଁରେ ପୁଷ୍ପ ଫଳ ଦଶିଲେ ହେ ।

ମେଲାଣି ପାଇ ସରିତ ପତି     ବାହୁଡ଼ି ନିଜ ପୁରେ ତତ୍‌ପତି
କହୁ ନୃପତି ହୋଇଲେ ମତି ଜାନକୀ ପତି ଯେ ॥
ସେ ବେଳ ରାଜାଙ୍କୁ ରାଇଣି କତି     ବୋଲନ୍ତି ଦେଖିଲ ସିନ୍ଧୁ ପତି
କହିଲା ଯେତେ ରୂପେ ଉକତି କର ଝଟତି ଯେ ।

---

୧-ଆଜ ସଫଳ ମୋର ନୟନ ପୋଥିପାଠ । ୨-ନେତ୍ର-ପଥେ ତୁମ୍ଭଙ୍କୁ କଲି ଦର୍ଶନ ପୋଥିପାଠ ।

ଶୁଣି ସୁଗ୍ରୀବ ରାଇ ବାନର ବଳ ଯେ ।
ଆଜ୍ଞା ଦେଲେ ସମସ୍ତେ ଆଣ ଅଚଳ ଯେ ।
ସମସ୍ତ ଶିଳା ଛୁଇଁବେ ନଳ ସେତୁ ହୋଇବ ନ ବୁଡ଼ି ଜଳ
ବୋଲେ ବଶି ଶୁଣି ଧାଇଁଲେ ବାନର ବଳ ଯେ ୧ ॥

●

## ରାଗ— ଚକ୍ରକେଳି ୨

ରାଜା ୩ ଆଜ୍ଞା ପାଇ ବାନର ବଳ । ସମସ୍ତ ଠାରୁ ଆଣି ତରୁ ଶିଳ ॥
ରାମ ନାମ ଧରି ଛୁଅନ୍ତେ ନଳ । ଖସିଲା ନଉକା ପ୍ରାୟେ ଅଚଳ ॥
ପାଞ୍ଚଦିନେ ସେତୁ କଲେ ଶ୍ରୀରାମ । ଶତ ଯୋଜନ ହୋଇ୪ ପରିମାଣ ॥
ଦଶ ଯୋଜନ ସେ ବନ୍ଧର ପ୍ରସ୍ଥ । ଜଳୁଁ କି ବାହାର ହୋଇଲା ସ୍ଥିତ ॥
ଲାଗେ ବନ୍ଧ ସୁବଳ ଗିରି କତ । ଋକ୍ଷ କପି ଦେଖି ଆନନ୍ଦ ମତ ॥
ମୃତ୍ତିକା ପକାଇଣ ତୁଲ କଲେ । ଋକ୍ଷ ଲମ୍ଫିବାକୁ ସୁଖେ ଚଳିଲେ ॥
ସୁବଳ ଗିରିରେ ଯାଇ ଉଠିଲେ । ଫଳମୂଳ ଖାଇ ଆନନ୍ଦ ହେଲେ ୫॥
ଦକ୍ଷିଣ ଆଜ୍ଞା ଦେଲେ ରଘୁପତି । ହେଲାଟିକି ସେତୁ ହେ ଲଙ୍କପତି ॥
ହେଲା ଦେବ ବୋଲି ଯୋଡ଼ିଲେ କର । ବିଜେ ହେଉ ଦେବ ସେତୁ ଉପର ॥
ଶୁଣି ସନ୍ତୋଷ ହେଲେ ରଘୁବୀର । ବୀର ବେଶ ହୋଇ ହେଲେ ବାହାର ॥
ହନୁ କନ୍ଧରେ କଲେ ଆରୋହଣ । ଗରୁଡ଼ ପିଠିରେ କି ନାରାୟଣ ॥
ଲକ୍ଷ୍ମଣ ଅଙ୍ଗଦେ କଲେ ବିଜୟ । ଆଗୁଆ ସୁଗ୍ରୀ ବିଭୀଷଣ ରାୟ ॥
ବେଢ଼ି ଚଳନ୍ତି ସେନାପତି ବୃନ୍ଦ । ମଧ୍ୟରେ ବିଜୟେ ଶ୍ରୀରାମଚନ୍ଦ୍ର ॥
ଶତ ଯୋଜନ ସିନ୍ଧୁ ପାରି ହେଲେ । ସୁବଳ ଗିରି ଉପରେ ଉଠିଲେ ॥

---

୧-ଶେଷ ପଦ ବ୍ୟତୀତ 'ବନ୍ଧାଅ ସେତୁ······ଠାରୁ ଆରମ୍ଭ କରି ଆଜ୍ଞା ଦେଲେ ସମସ୍ତେ ଆଣ ଅଚଳ' ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ । ଏହି ପଦ ଗୁଡ଼ିକର ଅବତାରଣାରେ ମୂଳପାଠ ସୁସ୍ପଷ୍ଟ ହେଉଛି । ୨-ଅବକାଶ ବୃତ୍ତେ ଗାଇବ ପୋଥିପାଠ । ୩-ରାମ ପୋଥିପାଠ ୩-ପରସୀମ ପୋଥିପାଠ ୪-ଏ ପଦ ପୁସ୍ତକରେ ନାହିଁ ୫-ଏ ପଦଟି ପୁସ୍ତକରେ ନାହିଁ ୬-ଏ ପଦଟି ପୁସ୍ତକରେ ନାହିଁ ।

ଘୁହିଲେ ଦଶଇ ଲଙ୍କା କଟକ । ପ୍ରାକାର ସହିତେ ସର୍ବ ହାଟକ ୧ ॥
ସୁବଲ ଗିରି ଅଙ୍କ ଦିବ୍ୟ ସ୍ଥାନ । ବୋଲେ ବଳି ତହିଁ କଲେ ଆସ୍ଥାନ ୨ ॥

●

ରାଗ—ଭୈରବ ତାଳ ସରିମାନ ୩

ସୁବଳ ଗିରି ଅଙ୍କରେ ବସି କରି ରାମ ଲକ୍ଷ୍ମଣଙ୍କୁ କହନ୍ତି ବଚନ ।
ସିନ୍ଧୁ ପାରି ହୋଇ ଆମ୍ଭେ ଆସି ହେଇ ଦେଖ ଦିଶୁଅଛି ଶତ୍ରୁ ଭୁବନ ।
କି କହୁ ହେ ! ହୋଇଥିବ ତୁମ୍ଭେ ସାବଧାନ
ଉତପାତ ମାନ ଜାତ ହେଉଅଛି ନଷ୍ଟେ ନାଶ ଯିବେଟି ଉଭୟ ସୈନ୍ୟ ॥

ଜଳରୁ ଅନଳ ଜାତ ହେଉଅଛି ସୂର୍ଯ୍ୟମଣ୍ଡଳ ତ ଦିଶଇ ନାନା ପ୍ରକାର ।
ଆକାଶୁଁ ରୁଧିର ବୃଷ୍ଟି ହେଉଛି ଦିଗ ଦିଶୁଅଛି ମହା ଭୟଙ୍କର ।
ଜଳ ଆହାର ସଂଗ୍ରହ କରୁଥିବ ଧରିଥିବ ନିରନ୍ତରେ ଧନୁଃଶର ।
ଅସୁରମାନେ ମାୟାବୀ ମାୟା ବଳେ ଜିଣି ଅଛନ୍ତି ଦେବ ପୁରନ୍ଦର ॥

ସୁଗ୍ରୀବକୁ କହ ଗିରି ଚଉପାଶେ ବଡ଼ ବଡ଼ କପିମାନେ ଜଗିଥିବେ ।
ଶତ୍ରୁର ସମ୍ମୁଖେ ଆମ୍ଭେ ରହିଥାଇ
ଠାବେ ଠାବେ ବେଗେ ବେଗେ ଠଣା ସେହି ଦେବେ ॥
ରାମ ଆଜ୍ଞା କପି ରାଜନ ପାଇଣ କପି ସେମି ଠାବେ ଠାବେ ଠଣା ଦେଲେ ।
ବୋଲେ ବଳି ରାମ ଆସ୍ଥାନ ସରିକ ପଶ୍ଚିଦ୍ୱାର କପି ଜଗାଇଲେ ୪ ॥

●

ରାଗ - କେଦାର ପଟତାଳ ୫

ସୁବଳ ପର୍ବତେ ବସି କରି ରାମ ଛାଡ଼ିଣ ଦେଲେ ଶୁକକୁ ।
ବନ୍ଧନୁ ମୁକତ ହୋଇଣ ସେ ଯାଇଁ ୬ ଜଣାଇଲା ରାବଣକୁ ।
ଆହେ ଦେବ ୭ । ମୋତେ ସୁଗ୍ରୀ ଦେଲା ପରାଭବ ।

---

୧-ଏ ପଦଟି ପୋଥିରେ ନାହିଁ । ୨ ଅତି ମନୋହର ସ୍ଥାନ ଦେଖିଲେ ।
"ବୋଲେ ବଳି ତହିଁ ବିଶ୍ରାମ କଲେ" ପୋଥିପାଠ ।
୩-ତାଳ ନିର୍ଦ୍ଦେଶ ପୋଥିରେ ନାହିଁ । ୪-ଏ ପଦର ଭାବ ପୋଥିପାଠ ସହିତ ଭାବଗତ ସାମ୍ୟ ରଖିଥିଲେ ହେଁ, କେତେକ ସ୍ଥଳରେ ପଦଗତ ପାର୍ଥକ୍ୟ ରହିଛି ।
୫-ତାଳ ନିର୍ଦ୍ଦେଶ ପୋଥିରେ ନାହିଁ । ୬-ସେ ଯାଇ ଲଙ୍କାରେ ପ୍ରବେଶ ହୋଇଣ ପୋଥିପାଠ । ୭-କି ଦେବ ହେ ପୋଥିପାଠ ।

ମାତ୍ର ମତ୍ସ୍ୟ ବନ୍ଧନ କରିଥିଲା ଛଡ଼ାଇ ଦେଲେ ରାଘବ ॥
ପର୍ବତେ ସିନ୍ଧୁ ବନ୍ଧାଇ ପାର ହେଲେ ୧ ଅଗାଧ ଜଳଧି ଜଳ ।
ତରୁ ପାଷାଣ ଜଳେ ନ ବୁଡ଼ିଲା ଛୁଇଁଲା ମାତ୍ରକେ ନଳ ॥

ଏବେ ସେ ସୁବଳ ଗିରିରେ ରହିଲେ କଷଣ ତହିଁରେ ଗଡ଼ ।
ସୁଗ୍ରୀବ ସଙ୍ଗରେ କୋଟି କୋଟି କପି ଲଙ୍କା ପୋଡ଼ା ଠାରୁ ବଡ଼ ॥

ଶୁଣିଣ ରାବଣ ବିସ୍ମୟ ହୋଇଣ ବୋଲଇ ବାହୁଡ଼ି ଯାଅ ।
ସାରଣ ତୁମ୍ଭର ସଙ୍ଗତରେ ଯାଅ ସୈନ୍ୟ କଳି ମୋତେ କହ ॥

ଆଜ୍ଞା ପାଇଣ ମନ୍ତ୍ରୀ ଶୁକ ସାରଣ ମର୍କଟ ରୂପ ଧଇଲେ ।
ବୋଲେ କପି ଶ୍ରୀରାମଙ୍କ ସଇନ୍ୟରେ ପ୍ରବେଶ ଯାଇ ହୋଇଲେ ' ॥

## ରାଗ—ଭଗ୍ନକେଳ ବାଣୀ ୩

ଶୁକ ସାରଣ ହୋଇଣ ମର୍କଟ । ସୈନ୍ୟ କଳୁଛନ୍ତି କରି କପଟ ୪ ॥
ବିଭୀଷଣ ଦୃଷ୍ଟିରେ ସେ ପଡ଼ିଲେ । ତାଙ୍କୁ ଧରି ଆଣ ସେ ଆଜ୍ଞା ଦେଲେ ॥
ଚହ୍ନିଲେ ମନ୍ତ୍ରୀ ଶୁକ ସାରଣଙ୍କୁ ୫ । ବାନ୍ଧି ନେଇଗଲେ ରାମ ସମ୍ମୁଖୁ ॥
ଶ୍ରୀରାମ ସମ୍ମୁଖରେ ସେ ଜଣାଇଲେ । ରାବଣ ମନ୍ତ୍ରୀ ବୋଲି ଶୁଣାଇଲେ ୬ ॥
ହୋଇଛନ୍ତି ବେନି ଜଣେ ମର୍କଟ । ସୈନ୍ୟ କଳୁଛନ୍ତି କରି କପଟ ॥
ଆଜ୍ଞା ଦେଲେ ଏ ବେନିଙ୍କି ମାରିବା । ଘେର ୭ ଯେଷ୍ଟ୍ରି ଶିର ଛେଦ କରିବା ॥
ହସି ଆଜ୍ଞା ଦେଲେ ରାମ ନ ମାର । ସୈନ୍ୟ ବୁଲାଇ ଦେଖାଅ ଆମ୍ଭର ॥
କହନ୍ତୁ ସେ ବେନି ତାହାକୁ ଯାଇ । ତାହାର ପ୍ରାସ୍ତୁ ମୁଁ ତ ଆସିନାହିଁ ॥
ସୁଡ଼ଣ ଜନକ ସ୍ୱରୂପ ତପସୀ । ହୋଇ ଦଣ୍ଡକ ଅରଣ୍ୟରେ ପଶି ॥
ଗଡ଼ ନାହିଁ ମୁଁ ପଦାରେ ରହିଛି । ଲଙ୍କାଗଡ଼ ପାଟେରୀ କି ଦିଶୁଛି ॥

---

୧-ସମୋଦ୍ରେ ସେତୁ କରି ପାରି ହୋଇଲେ ପୋଥିପାଠ । ୨-ଶ୍ରୀରାମ ସୈନ୍ୟେ ପଶିଲେ ପୋଥିପାଠ । ୩-ରାଗ-ମୁଖାରୀ ପୋଥିପାଠ । ୪-କପଟେ ପୋଥିପାଠ । ୫-କୁଟୁମ୍ବୀମାନଙ୍କୁ ପୋଥିପାଠ । ୬-କହିଲେ ପୋଥିପାଠ ୭-ଘୂର ପୋଥିପାଠ ।

ଏଥକୁ କମାଇଁ ପେଷିଛୁ ଚର । ଜାଣିଲୁ ନଷ୍ଟେ ହେଲଣି କାତର ୧ ॥
ଆଜ୍ଞା ପାଇ ତାଙ୍କୁ ସୈନ୍ୟ ଦେଖାଇ । ଶ୍ରୀମୁଖେ କହିଲେ ତାଙ୍କୁ ରଖାଇ ॥
ଆଜ୍ଞା ଦେଲେ ଛାଡ଼ି ଦିଅ ଚେରଙ୍କୁ । ଯାଇ କହନ୍ତୁ ଜାନକୀ ଚୋରକୁ ॥
ଆଜ୍ଞା ପାଇଣ ତାହାଙ୍କୁ ଛାଡ଼ିଲେ । ବିଶି ବୋଲେ ଲଙ୍କାକୁ ବାହୁଡ଼ିଲେ ॥

●

## ରାଗ- ସିନ୍ଧୁକାମୋଦୀ । ନନ୍ଦାବାଇ ଚଉତିଶା ବାଣୀ

ରାବଣଙ୍କୁ ଦର୍ଶନ କରିଣ ବେନିଜନ ରାମଙ୍କ ବୃତ୍ତାନ୍ତ କହିଲେ ।
ବିଭୀଷଣ ଆମ୍ଭଙ୍କୁ ଚହ୍ନି ବନ୍ଧନ କରି ରାମ ଶ୍ରୀମୁଖେ ଉକ୍ତ କଲେ ।
ଅହେ ଦେବ । ସେ ଆମ୍ଭଙ୍କୁ ବନ୍ଧନୁ ଫେଇ ।
ଛାଡ଼ିଦେଲେ ସକଳ ସୈନ୍ୟଙ୍କୁ ଦେଖାଇ ।
ଭାଗ୍ୟ ବଳରେ ଆମ୍ଭେ ଜୀବନରେ ଅଇଲୁ ଚହ୍ନିଲୁ ଯୂଥପତି ତହିଁ ଯେ ॥

ଶୁଣି ତାଙ୍କ ବଚନ ନୃପତି ଦଶାନନ ସେ ବେନି ସଙ୍ଗେ ଘେନିଗଲା ।
ଉଠନ୍ତେ ମହାଭୟ କେବଳ ହେମମୟ ଉଚ୍ଚ ଜଗତି ଆରୋହିଲା ସେ ।
ଲଙ୍କପାଳ । ଦେଖିଲେ ରାମ କପିବଳ ।
ପୂରିଛନ୍ତି ମର୍ତ୍ତ୍ୟ ଆବରି ବନ ଶୀଳ ୨ ।
ସିନ୍ଧୁକ କୂଳ ଲଙ୍ଘି ଆସିଭି ମହାଜଳ ଅନାଇ ହୋଇଲା ଭରଳ ସେ ॥

ସାରଣଙ୍କୁ ପୁଚ୍ଛଇ କହ ମୋତେ ଚହ୍ନାଇ ଏମାନେ କେଉଁ କେଉଁ କପି ।
ଆମ୍ଭ ଲଙ୍କାକୁ ଚାହିଁ ତନୁରୁହ ଫୁଲାଇ ୩ ହେଉଛନ୍ତି ଯେ ମହା କୋପୀ ଯେ ।
ହେ ସାରଣ । କହ ଏମାନଙ୍କର ନାମ ।
କେମନ୍ତେ ସେ ଦେଖା ମୋତେ ଲକ୍ଷ୍ମଣ ରାମ ।
ବିପୁଳ ଶାଖାମୃଗମାନେ ଦିଶୁଛନ୍ତି କୋଟି କୋଟିକେ ୪ ଗଜ ସମ ସେ ॥

ଶୁଣି କହେ ଶାରଣ ଶୁଣ ଦେବ ରାବଣ ଲଙ୍କାକୁ ଚାହିଁ ଯେ ଗର୍ଜଇ ୫ ।
ବାନର ସେନାପତି ପବନ ପ୍ରାୟ ଗତି ଏହା ନାମ ନୀଳ ଅଟଇ ଯେ ।
ଆହେ ଦେବ । ଶତ ସହସ୍ର କୋଟି କପି ।
ଏହା ସଙ୍ଗ କ୍ଷଣେ ନ ଛାଡ଼ନ୍ତି ଅଦ୍ୟାପି ।
ଦେଖ ଏ ଶତବଳ ଏହାର ଅଙ୍ଗବଳ ବନ ଗିରି ଅଛନ୍ତି ବ୍ୟାପି ଯେ ॥

---

୧-"କହନ୍ତୁ ସେ ବେନି.........ଠାରୁ ଆରମ୍ଭ କରି 'ନଷ୍ଟେ ହେଲଣି କାତର" ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ । ୨-ଚଳ ପୁସ୍ତକପାଠ । ୩-ରଡ଼ି ଯେ ଛାଡ଼ୁଛନ୍ତି ପୋଥିପାଠ । ୪-କୋଟିଏ କୋଟି ପୋଥିପାଠ । ୫-ରହଇ ପୋଥିପାଠ ।

ବିଶ୍ୱକର୍ମାର ବାଳ ଉଭା ହୋଇଛୁ ନଳ ଏହି ସାଗରେ କଲା ସ୍ଥଳ ।
ଏହାର କର ଲାଗି ସେତୁ ହୋଇଲା ୧ ଦେବ ଅଇଲେ ଭୂଷ କପିବଳ ଯେ ।
ଆହେ ଦେବ, ଏହା ବୁଦ୍ଧି ୨ ଅପରିମିତ ।
ଶତ କୋଟି ହରି ବଳ ଛନ୍ତି ବହୁତ ।
ଏହି ଦୁର୍ବିନ୍ଧ ସ୍ୱର୍ଗେ ଅମୃତ ପାନ କଲା ଜିଣି ଦେବ ପୁରୁହୂତ ଯେ ୩ ॥

ଏହି ମହେନ୍ଦ୍ର ଦେବ ପୁଚ୍ଛ ହଲାଉଅଛୁ ଏହାର କୋଟି କପିବଳ ।
ଏହି ଗନ୍ଧମାର୍ଦ୍ଦନ ସହସ୍ର କୋଟି ସୈନ୍ୟ ସଂଗ୍ରାମେ ଏ ଦ୍ୱିତୀୟ କାଳ ଯେ୪ ।
ଆହେ ଦେବ, ମହା ବଳିଷ୍ଠ ୫ ଏ ସୁଷେଣ ।
ଶତ ଲକ୍ଷ କୋଟି ୬ ଏହାର କପିଗଣ ।
ସୁଗ୍ରୀବର ଶ୍ୱଶୁର ବିଶ୍ୱାସ ଏ ରାମର ଅଛୁ ଏହାର ବୈଦ୍ୟପଣ ଯେ ॥

ଏହି ଦେବ ଗବୟ ଭୂମିରେ ପୁଚ୍ଛ ପିଟେ ଗବାକ୍ଷ ତାର ପାଶେ ଉଭା ।
ଲଙ୍କାକୁ ଅନାଇଣ ତର୍ଜ୍ଜି ରଢ଼ି ଗୁଡ଼ିଣ ତାର ପାଶେ ପନସ ୭ ଶୋଭା ଯେ ।
ଆହେ ଦେବ, ପୁଚ୍ଛ ଟେକି ଯେ ଅନାଇଛୁ ୮ ।
କୋଟି କୋଟି ୯ କପିବଳ ଏହାର ଅଛୁ ।
ଏହା ପାଶରେ ଦେବ ବିନତାସୁତ ୧୦ ରହି ବାହାସ୍ଫୋଟମାନ ମାରୁଛୁ ହେ ॥

ଦେଖ ହୋ ଦେବ ଗଜ ଉପୁଚ୍ଛ ମହା ତେଜ ଲଙ୍କାକୁ ଗୁହିଁ ଯେ ହସଇ ୧୧ ।
ଏହାର ବଳ ଯେତେ କହିବ ଅବା କେତେ ବିଷମ ସମରେ ପଶଇ ସେ ।
ଆହେ ଦେବ, ଏହା ପାରୁଶ୍ୱେ ଉଭା ରମ୍ଭ ୧୨ ।
ବହୁ କପି ସମୂହେ ଦିଶୁଛୁ ଆରମ୍ଭ ୧୩ ।
ତାହା ପାଖରେ ଉଭା ହୋଇଛୁ ଦଧିମୁଖ ସଂଗ୍ରାମରେ ଅଟଇ ଦମ୍ଭ ସେ ॥

---

୧-ପଥର ନ ବୁଡ଼ିଲା ପୋଥିପାଠ । ୨-ବଳ ପୋଥିପାଠ । ୩- ଶତକୋଟି କପି ତାହାର ସଙ୍ଗତେ ଏହି ଦୁର୍ବନ୍ଦ ନାମରେ ବଦତ ପୋଥିପାଠ । ପୁରୁହୂତ = ଇନ୍ଦ୍ର
୪-ପୋଥିପାଠ—

ତା ଅଙ୍ଗ ବଳ ଯେତେ କହିବ ଅବା କେତେ
ସଂଗ୍ରାମେ ଏହି ଦ୍ୱିତୀ କାଳ ଯେ ॥

୫-ତାହାଙ୍କ ପାଶରେ ପୋଥିପାଠ । ୬-ଦଶେ କପି କୋଟି ପୋଥିପାଠ ।
୭-ପବନ ପୁତ୍ରକପାଠ । ୮-ଗୁହୁଁ ଅଛୁ ପୋଥିପାଠ । ୯-ଲକ୍ଷ ଲକ୍ଷ ପୋଥିପାଠ ।
୧୦-ଏହି ବିନତା ହୋଇ ମହାମଲ୍ଲ ପୋଥିପାଠ । ୧୧-କି ଭାଷଇ ପୋଥିପାଠ ।
୧୨-ତାହାଙ୍କ ପାଖେ ପାଖେ ଆରମ୍ଭ ପୋଥିପାଠ । ୧୩-ସଙ୍ଗତେ କପି ଅସମ୍ଭବ ପୋଥିପାଠ ।

ଦେଖ ଏ ଦଧିମୁଖ ଊର୍ଦ୍ଧ୍ୱକୁ କରି ମୁଣ୍ଡ ଦଶନେ ଓଷ୍ଠ ଅଛି ଚାପି ।
ଏହା ସଙ୍ଗରେ ଦେବ ଏହାର ସମ ହୋଇ କୋଟି କୋଟି ଅଛନ୍ତି କପି ହେ ।
ଦେଖ ଦେବ ୧, ତା ବାମ ପାର୍ଶ୍ୱେ କୁମୁଦ ।
ଆମ୍ଭ ସଙ୍ଗେ କରିବେ ବୋଲିଣ ବିବାଦ ।
ଉଗୁଣି କହୁଅଛି ପୁଚ୍ଛରେ ଡର୍ଜୁଅଛି ହୋଇଣ ୨ ଅତ୍ୟନ୍ତ ପ୍ରମୋଦ ସେ ॥

ଦେଖ ଏ ଦେବ କ୍ରୁଦ୍ଧ ଅଟଇ ମହାନନ୍ଦ ଲଙ୍କାକୁ ଗୃହିଁ ନସ ଖାଟଇ ହେ ।
ତାର ପାର୍ଶ୍ୱେ ଦେବ ଦୁର୍ମୁଖ ମୁଖ ଦେଖ ମହା ଭୟଙ୍କର ଦିଶଇ ସେ ।
ଆହେ ଦେବ ୩, ଏହା ପାଶେ ଅଛି ସୁମୁଖ ।
ଏହା ସଙ୍ଗେ କପିବଳ ଛନ୍ତି ଅସଂଖ୍ୟ ୪ ।
ଆହୁରି ତାହା ପାଶେ ୫ ଅଲୌକିକ ପ୍ରାକର୍ମି କପି ଅଛନ୍ତି ଲକ୍ଷ ଲକ୍ଷ ଯେ ॥

ଦେଖ ଦେଖ ଋଷଭ ମହାମତ୍ତ ବୃଷଭ ପ୍ରାୟକ ହୋଇଅଛି ଉଭା ।
ଦେଖ ଦେବ ଗବୟ ସିଂହର ପ୍ରାୟ ଦିଶି ଏହାର ବଳ କି କହିବା ଯେ ।
ଆହେ ଦେବ, ତାହା ପାଶେ ହେମ ମୁକୁଟ ।
ଏହା ବୁଦ୍ଧି ସକଳ ଲୋକରେ ପ୍ରକଟ ।
ଏହାର ବଳ ଯେତେ କହିବି ଅବା କେତେ କୋଟି କୋଟି ଛନ୍ତି ୬ ମର୍କଟ ଯେ ॥

ଦେଖ ଦେବ କେଶରୀ ଏହା ସଙ୍ଗରେ ରହି ଅଛନ୍ତି କୋଟି କୋଟି ହୋଇ ।
ସମସ୍ତେ ବଳବନ୍ତ ଶାଳ ଶିଳମାନ ତ ଘେନିଛନ୍ତି ସଂଗ୍ରାମ ପାଇଁ ହେ !
ଆହେ ଦେବ : ଇନ୍ଦ୍ରଯାନ ଏ ଖ୍ୟାମଯାନ ୭ ।
ହୋଇଛନ୍ତି ଉଭା କେଶରୀ ସନ୍ନିଧାନ ।
ଏହାଙ୍କ ସଙ୍ଗେ ଦେବ ବେନି କୋଟି ବାନର ଗୋଟିଏ ନାହିଁ ଏଣୀ ସାନ ୮ ହେ ॥

ଦେଖ ଏ ହନୁମନ୍ତ ପବନ ୯ ଦେବ ସୁତ ଏହାର ସୈନ୍ୟ ଅପ୍ରମିତ ।
କେତେ ସହସ୍ର କୋଟି କପି ଏହା ସଙ୍ଗତେ ନ ଜାଣେ ଏଥିର ଅନ୍ତ ଯେ ।
ଆହେ ଦେବ ! ଋକ୍ଷଙ୍କ ପତି ଏ ଜାମ୍ବବ ।
ଏହା ସଙ୍ଗେ ଭଲ୍ଲୁକ ବଳ ଅସମ୍ଭବ ।
ଲକ୍ଷ ଲକ୍ଷ ହୋଇଣ ଯାହା ଭଲ୍ଲୁକ ବଳ ତାହା କେ କଳନା କରିବ ॥

---

୧-ଦେବ ଆହେ ପୋଥିପାଠ । ୨-ନଜାଣି କି କହୁଛି ପୁଚ୍ଛରେ ଉଡ଼ୁଅଛି ପୋଥିପାଠ ୩-କି ଦେବ ହେ ପୋଥିପାଠ । ୪-ନିୟୁଦଶ ପୋଥିପାଠ । ୫-ତାହା ପାଶରେ ବ୍ରହ୍ମ ପୁସ୍ତକ ପାଠ । ୬-ବନମଧ୍ୟ ପୋଥିପାଠ । ୭-ଖ୍ୟାମଯାନ ଦେବଏହାର ନାମ ପୋଥିପାଠ । ୮-କୋଏ ନାହିଁ ପୋଥିପାଠ, ଏଣୀ = ମୃଗ । ୯-ମରୁତ ପୋଥିପାଠ ।

ଦେଖ ହୁଅ ସୁଗ୍ରୀବ ହେମମାଳା [୧] ଯା ଗ୍ରୀବ ଏହି ବାନର କୁଳରାଜ ।
ଏହାଙ୍କ ପାଖେ ଶୋଭା ଦେବ ଅଙ୍ଗଦ ହୁଅ ବାଳୀ ନୃପତିର ଆତ୍ମଜ ହେ ।
ଆହେ ଦେବ ! ପାରନ୍ତି ନାନା ରୂପ ଧରି ।
କାମରୂପୀ ଅଟନ୍ତି ଏ ସକଳ ହରି ।
ଏତେ କହି ସାରଣ ପଞ୍ଚଦୂଷା ଦେଇଣ ମନରେ ମହାଭୟ କରି ସେ ॥

ଶୁକ ଦେଖାଇ କହେ ଦୂର୍ବାଦଳ [୨] ଶରୀର ପୁଣ୍ଡରୀକ ନୟନ ରାମ ।
ଏହି ଜାନକୀବର କୋଦଣ୍ଡ ଶର କର ଛବି କନ୍ଦା କରୁଛି କାମ ହେ ।
ଆହେ ଦେବ ! ତାଙ୍କ ପାରୁଶ୍ୱରେ ଲକ୍ଷ୍ମଣ ।
ଲଙ୍କା ରୁନ୍ଧି ଟଙ୍କାର କରୁଛନ୍ତି ଗୁଣ ।
ତାଙ୍କ ପାରୁଶ୍ୱେ ହୁଅ ହୋଇ ଅଛଇ ଦେବ ତୁମ୍ଭ ସୋଦର ବିଭୀଷଣ ଯେ ॥

ଶୁଣିଣ ଲଙ୍କପତି କୋପିତ ହୋଇ ମତି ବହୁ ଭର୍ତ୍ସନା ତାଙ୍କୁ କଲା ।
ମନ୍ତ୍ରୀ ହୋଇଣ ତୁମ୍ଭେ ରାଜନୀତି ନ ଜାଣ ତରାଉ ଅଛରେ ବୋଇଲା ସେ ।
ଆହେ ମନ୍ତ୍ରୀ ! ଛେଦନ୍ତି ତୁମ୍ଭ ବେନି ଶିର ।
ପୂର୍ବେ ମୋର କରିଛ ବହୁ ଉପକାର ।
ଯାହାଙ୍କୁ ତୋଷ କଲେ ବହୁ ବିଭୂତି ପାଇ ତାହା କୋପରେ ଯାଇ ଶିର ଯେ ॥

ମନ୍ତ୍ରୀ ହୋଇଣ ତୁମ୍ଭେ ରାଜା ସମ୍ମୁଖରେ ଶତ୍ରୁ ସୈନ୍ୟ ପ୍ରାକର୍ମମାନ କହ ।
ଏଣୁ ନୀତି ନ ଜାଣି ନ ପଢ଼ିଣ ନ ଶୁଣି ଗର୍ବରେ ହେଉଅଛ ମୋହ ଯେ ।
ଆହେ ମନ୍ତ୍ରୀ ! କ୍ଷମା କଲି ମୁଁ ଆଜ ଦୋଷ ।
ଆଉ ବେଳେ ନ କହିବ ମୋ ପାଶ ।
ପିଇବ ସୀନ ବଶି ସକଳ କଶି ଶ୍ରୀରାମ ଚରିତ ପୀୟୂଷ ହେ ॥

●

## ରାଗ—କୌଶିକ

ମନ୍ତ୍ରୀ ମୁଖୁଁ ଶୁଣି କୋପେ ବିଂଶପାଣି ପୁଷ୍ପକ ଯାନେ ବିଜେ କଲା ।
ଧନୁଶର ଧରି ଆକାଶେ ରହିଣ ସୁବଳ ଗିରିକି ଚାହିଁଲା ।
ତୋଳେ ଦେଖିଲା, ଦୂର୍ବାଦଳ ରାମ ଶରୀର ।
ବ୍ରହ୍ମାଣ୍ଡ ଶୋଭା କି ଯେନ ଅବତାର ମଦନ ଯାର ପରିଚର ॥

---

୧-ଶଙ୍ଖ ଶଙ୍ଖ ପୋଥିପାଠ । ୨-ଦୁର୍ବାନଳ ପୋଥିପାଠ ।

ବିଚିତ୍ର ମୃଗଛାଲ ପରେ ବିଜୟେ ସୁଗ୍ରୀବ ହସ୍ତରେ ଆଚ୍ଛାଦଣ ।
ଦକ୍ଷିଣ ଭୁଜ ତାରାସୁତ କନ୍ଧରେ ହନୁ ବୃପେ ବାମ ଚରଣ ।
ଲଙ୍କା ଗଡ଼ରେ, ପଡ଼ୁଛୁ କୋପନେତ୍ର କୋଣ ।
ଶ୍ରୀରାମ ବାମ ପାର୍ଶ୍ୱରେ ବସିଣ ଶର ସନ୍ଧାନ୍ତି ଲକ୍ଷ୍ମଣ ॥

ଛାମୁରେ ଜାମ୍ବବ ବେନିକର ଯୋଡ଼ି ଜଣାନ୍ତି ଯୁଦ୍ଧ ଅନୁକୂଳ
ଗୁଣ ଦେଇଣ କୋଦଣ୍ଡ ବାମ ଅଙ୍କ କର କମଳ ।
ଦକ୍ଷିଣ କର, ପଲ୍ଲବେ ଶୋଭେ ତୀକ୍ଷ୍ଣ ଶର ।
ସୁବାସ କୁସୁମେ ସୁକଣ୍ଠ ମଣ୍ଡିତ ବନ କୁସୁମ ମାଳା ହାର ॥

ମେଘଖଣ୍ଡ ପ୍ରାୟ ଗଗନେ ଦେଖିଣ ପଚାରୁଛନ୍ତି ସୀତାପତି ।
ଆହେ ଲଙ୍କାପତି ଗଗନେ କି ଦିଶେ କହ କହ ଏ କିସ ରୀତି ।
କର୍ଣ୍ଣେ କହଇ, ମୁଖେ କର ଦେଇଣ ବିଭୀଷଣ ।
ଅଙ୍ଗୁଳି ଘେନି ଦେଖାଇ ବୋଲେ ଦେବ ସୈନ୍ୟ କଳୁଅଛି ରାବଣ ॥

ଶ୍ରୀରାମ ଶ୍ରବଣେ ଏମନ୍ତ କହନ୍ତେ ଅନାଇଥିଲା ଦଶଶିର ।
ବୁଲାଇଣ ଗଦା ପ୍ରହାର କରନ୍ତେ ଧଇଲା ମରୁତ କୁମର ।
ଦେଖି ଶ୍ରୀରାମ, କୋଦଣ୍ଡେ କାଣ୍ଡ ବସାଇଲେ ।
ରାବଣ ଧନୁ ମୁକୁଟ ସର୍ବ ଛତ୍ର ଛେଦ ବୋଲି ଆଜ୍ଞା ଦେଲେ ॥

ଆଜ୍ଞା ପାଇଣ ଶର ଧନୁ ମୁକୁଟ କାଟିଲା ତାହାର ସର୍ବସ୍ୱ ।
ଏକା ବେଳକେ ଛିଡ଼ିଣ କି ପଡ଼ିଲା ଗ୍ରହେ ସଙ୍ଗେ ସର୍ବ ନକ୍ଷତ୍ର ।
ତହିଁ କି ଅବା, ଗଜ ମୁକୁତା ହେଲା ବୃଷ୍ଟି ।
କି ଅବା ମଲ୍ଲିକା କୁସୁମେ ରାମଙ୍କୁ ଅଞ୍ଜଳି ଦେଲେ ପରମେଷ୍ଠି ॥

ରାମ ବାଣ ଠାଣ ଦେଖିଣ ରାବଣ ଲାଜ ଭୟେ ପଳାଇଲା ।
ଛେଦନ କଲେ ଯେତେ ଛତ୍ର ତାହାର ସିନ୍ଧୁ ଗର୍ଭରେ ସେ ପଡ଼ିଲା ।
ଚନ୍ଦ୍ରା ଜଳରେ, ମନ ମୀନ ତାର ବୁଡ଼ିଲା ।
ବୋଲେ ବଳି ସୀତା ହରିଲା ଦିନରୁ ଦଇବ ତାହାକୁ ଛାଡ଼ିଲା ॥

## ରାଗ—ଦକ୍ଷିଣ କାମୋଦୀ

ଶାର୍ଦ୍ଦୂଳ କର ଧରି ଦଶଶିର ।
ଆରୋହଣ କଲା ବହୁ ଉଚ ସ୍ଥର ॥

ଦେଖିଲା ରାମ ବଳେ ସୁବଳ ଗିରି ।
ଗଡ଼ ଦ୍ୱାର ଯାଏ କପି ଛନ୍ତି ପୂରି ॥

ଶୁକ ସାରଣଠାରୁ ଯା ଥିଲା ଶୁଣି ।
ସେହି ରୂପେ ଶାର୍ଦ୍ଦୂଳ କହିଲା ବାଣୀ ॥

ଶାର୍ଦ୍ଦୂଳକୁ ପଚାରନ୍ତି ଲଙ୍କେଶ୍ୱର ।
କହ କେବଣ କପି କାହା କୁମର ॥

ଶୁଣି ଶାର୍ଦ୍ଦୂଳ କର ଦେଖାଇ କହେ ।
ରାମ ଆଗେ ଯେଣ୍ଟି ଦେବ ଉଭା ହୁଏ ॥

ବେଦବରଙ୍କର ୧ ସୁତ ଜାମ୍ବବନ୍ତ ।
ଋକ୍ଷ ରାଜ ଋକ୍ଷ ସୈନ୍ୟ ଅପ୍ରମିତ ॥

ଧନ୍ୱନ୍ତରୀ ୨ ସୁତଟି ସୁଷେଣ ବୀର ।
ଏହାଙ୍କର କପି ସୈନ୍ୟ ଅଗୋଚର ॥

ଚନ୍ଦ୍ରଙ୍କ ନନ୍ଦନ ଦେବ ଦଧିମୁଖ ।
ରାମ ପାଶେ ଉଭା ହୋଇଅଛି ଦେଖ ॥

ବେଗ ଦରଶୀ ସୁମୁଖ ଦୁରୁମୁଖ ।
ଏ ତିନିହେଁ ମୃତ୍ୟୁ ସ୍ଥିତ ଦେଖ ଦେଖ ୩ ॥

ଅନଳଙ୍କର କୁମର ଦେଖ ନୀଳ ।
ଆଗୁଆ ହୋଇଛି ଯେଣ କପିବଳ ॥

ଦେଖ ପବନ-ନନ୍ଦନ ହନୁବୀର ।
ଏହୁ ଦହିଲାଟି ଆମ୍ଭ ଲଙ୍କାପୁର ॥

---

୧-ଗଦଗଦ କୁରୁ ପୋଥିପାଠ । ୨-ଧନ୍ୱନ୍ତରୀ ପୋଥିପାଠ । ୩-ଏ ପଦଟି ପୋଥିରେ ନାହିଁ ।

ଦେଖ ଏ ଅଙ୍ଗଦ ଇନ୍ଦ୍ରଙ୍କର ନାତି
ବାଳୀର ନନ୍ଦନ ଏହୁ ଦ୍ୱିତୀୟ କପିପତି ॥

ମଇନ୍ଦ ଦୁର୍ବିନ୍ଦ ଦେଖ ବେନି ବୀର ।
ଋଷଭ ଗନ୍ଧ ମାର୍ଦ୍ଦନ ହିଁ ଆବର ୧ ॥

ପାଶ୍ୱରେ ଅଛନ୍ତି ଯମଳ ସୁତ ।
ଏହାଙ୍କର ବଳ ଦେଖ ଅପ୍ରମିତ ॥

ହେମ-କୂଟ କପି ବରୁଣଙ୍କ ପୁତ୍ର ।
କି କହିବା ଦେଖ ଏହାଙ୍କ ଚରିତ୍ର ॥

ବିଶ୍ୱକର୍ମାଙ୍କ ପୁତ୍ର ଏହି ନଳ ।
ଏହି ସେତୁ କରାଇ ଭସାଇଲେ ଶିଳ ॥

ଦେଖ ସୁଗ୍ରୀ ବାନର ନୃପତି ବର ।
ମହା ତେଜସ୍ୱୀ ଏ ସୂର୍ଯ୍ୟଙ୍କ କୁମର ॥

ବିଶ୍ରବା ନନ୍ଦନ ଭ୍ରାତା ୨ ବିଭୀଷଣ ।
ଏହାଙ୍କ ବଳତ ଦେଖ ଭଲେ ଜାଣ ॥

ରାମ ଲକ୍ଷ୍ମଣ ଏ ଦଶରଥ ବାଳ ।
କେବଳ ଅଟନ୍ତି ଦନୁଜଙ୍କ କାଳ ॥

କେତେ କହିବି ତୁମ୍ଭରେ ବଂଶ ନେତ୍ର ।
ଦଶ କୋଟି କପି ଦେବତାଙ୍କ ପୁତ୍ର ॥

ଯୁଦ୍ଧ କରିବ ନୋହିଲେ ସୀତା ଦେବ ।
ଦନ୍ତେ ତୃଣକୁ ଯେମନ୍ତ ଯୋଗାଇବ ॥

ଶୁଣି ସମସ୍ତ ମନ୍ତ୍ରୀଙ୍କୁ ଅନାଇଁଲେ ।
ବୋଲେ ବଶି ନ ଦେବା ବିଚାର କଲେ ॥

●

---

୧–ଏହି ପଦ ପରବର୍ତ୍ତୀ ପୋଥିପାଠ—
ଶରଭ ଗବାକ୍ଷ ଋଷଭ ଘେନ ବୀର । ଏହାଙ୍କର ଦେଖ ଅକଳଣା ବଳ ॥
୨–ବୀର ପୋଥିପାଠ ।

## ରାଗ—ରସକୋଇଲ ବୃତ୍ତେ ୧

ମନ୍ତ୍ରୀମାନଙ୍କୁ ଦେଇଣ ମେଲାଣି ।
ଭିତରେ ବିଜେ କଲା ବଂଶ ପାଣି ।

ବିଦ୍ୟୁଜ୍ଜିହ୍ୱାକୁ ଅଣାଇଲା ପାଶ ।
କରି ତାହାକୁ ବହୁ ପଉରୁଷ ଯେ ।

ନ ଲଙ୍ଘିବୁ ଆଜ୍ଞା ମୋର ରେ !
ରାମର ଶିର ରାମର ଧନୁଶର କଇତବେ ୨ ବେଗେ କର ରେ ॥

ଲଙ୍କପତିର ଆଜ୍ଞା ପରମାଣେ ।
କଇତବେ ତା ସେ କଲା ତକ୍ଷଣେ ।

ଦେଖି ସନ୍ତୋଷ ହୋଇଲା ରାବଣ ।
ପ୍ରଶଂସା କଲା ତାକୁ ପୁଣ ପୁଣ ସେ ।

ବିଜେ କଲା ମଧୁ ବନ ଯେ ।
ବିଦ୍ୟୁଜ୍ଜିହ୍ୱାକୁ ଦୁଆରେ ରଖି ଏକା ଗଲା ସୀତା ସନ୍ନିଧାନ ଯେ ॥

ରାଜା ବିଜେ ଦେଖି ଅସୁରୀଗଣ ।
ବନ୍ଦନ ୩ କଲେ ରାବଣ ଚରଣ ।

ସୀତା ଅବସ୍ତ୍ରବମାନ ଘୋଡାଇ ।
ବସିଣ ଛନ୍ତି ୪ ହେଠମୁଖ ହୋଇ ସେ ।

ତା ଦେଖି କହେ ରାବଣ ଯେ ।
ଆଗୋ ସୀତେ କାଲି ନିଶା ଭାଗରେ ତୋ ପତିର ବାରତା ଶୁଣ ଗୋ ॥

ରାମ ଲକ୍ଷ୍ମଣ ସୁଗ୍ରୀବଙ୍କୁ ଘେନି ।
ଆବର ସର୍ବ ବାନର ସଇନି ।

ସିନ୍ଧୁରେ ସେତୁ କରି ପାର ହେଲେ ।
ସୁବଳ ଗିରି ଉପରେ ରହିଲେ ସେ ।

---

୧-ରାଗ—ରାଜା ବିଜେ ଧନାଶ୍ରୀ ପୁସ୍ତକ ପାଠ । ୨-କରନ୍ତି ପ୍ରବେଶ କର ପୋଥିପାଠ
୩-ଦ୍ରଶନ ପୋଥିପାଠ । ୪ ବିକସୃ କଲେ ପୁସ୍ତକ ପାଠ ।

ଶୋଇଥିଲେ ଶ୍ରାନ୍ତ ହୋଇ ସେ ।
ତାହା ଦେଖି ମୋତେ ତଗର କହିଲା ଏକାନ୍ତ ହୋଇଣ ଯାଇ ହେ ॥

ମନେ ଏହା ମୁହିଁ ବିଚାର କଲି ।
ଏହି କାଳରେ ମାରିବି ବୋଇଲି ।

ବୀର ୧ ମହାବୀର ଯୋଦ୍ଧା ଅନେକ ୨ ।
ପେଷିଲି ପ୍ରହସ୍ତେ ସଙ୍ଗେ ଯେତେକ ୩ ସେ ।

ବେଢ଼ିଲେ ସୁବଳ ଗିରି ଗୋ ।
ଶୋଇଥିଲେ ରାମ ପ୍ରହସ୍ତ ଆଣିଲା ତା ଶିର ଛେଦନ କରି ଗୋ ॥

ଲକ୍ଷ୍ମଣ ପଳାଇ ଗଲେକ କେଣେ ।
ବନ୍ଧନ ହୋଇଛନ୍ତି ବିଭୀଷଣେ ।

ସୁଗ୍ରୀବ ଗ୍ରୀବ ଭଙ୍ଗ ପଳାଇଲେ ।
ହନୁମନ୍ତର ଦର୍ପ ଚୂର୍ଣ୍ଣ କଲେ ସେ ।

ଜାମ୍ବବ ପଶିଲେ ବନେ ଗୋ ।
ଥୋକେ କପିସୈନ୍ୟ ସିନ୍ଧୁରେ ପଡ଼ିଲେ ଥୋକେ କପି ମଲେ ରଣେ ଗୋ ॥

ଏବେ ଜାନକୀ ହୁଅ ତୁ ପ୍ରସନ୍ନ ।
ଦେଖିଆଅ ତୋର ସ୍ୱାମୀ ବଦନ ।

ବିଦ୍ୟୁଜ୍ଜିହ୍ୱା ଦ୍ୱାରେ ଥିଲା ଯେ ଘେନ ।
ଅଣାଇଲା ତାହା ଦଶମୂର୍ଦ୍ଧ୍ୱ ସେ ।

ଥୋଇଲା ସୀତା ଅଗ୍ରତେ ଯେ,
ପ୍ରତ୍ୟକ୍ଷ କରିଣ ସରୋଜ ଲୋଚନୀ ବିକଳ ହୋଇଲେ ଚିତ୍ତେ ସେ ॥

ଛେଦନ ରମ୍ଭା ପ୍ରାୟେକ ପଡ଼ିଲେ ।
ଦଣ୍ଡେ ଯାଏ ସେ ଜ୍ଞାନ ହିଁ ଛାଡ଼ିଲେ ।

ପୁଣି ଜ୍ଞାନ ପାଇ ଶିରକୁ ଚୁମ୍ବି ।
ରୋଦନ କରନ୍ତି ବିକଳ ହୋଇ ସେ ।

---

୧-ଏହାଠାରୁ ପୁସ୍ତକ ପାଠ । ୨-ଅପାର ପୋଥିପାଠ । ୩-ସଙ୍ଗର ପୋଥିପାଠ ।
୪-ପକାଇଲେ ପୁସ୍ତକ ପାଠ । ୫-ବିଜନ୍ମୁ ପୋଥିପାଠ ।

ହା ହା ମୋର ପ୍ରାଣେଶ୍ୱର ହେ ।
ମୋହ ଛାର ପାଇଁ ଅଯୋଧ୍ୟା ଠାକୁର କିପାଁ ହେଲ ଏତେ ଦୂର ହେ ୧ ॥

ମନୋରଥ ଭଲେ ହୋଇଲା ସିଦ୍ଧି ।
ଆଗହୁଁ ପାଞ୍ଚିଣ ଥିଲେ ଏ ବୁଦ୍ଧି ଯେ ୨ ॥

କଲେତ ମୋତେ ଅନାଥ[୩] ଯେ ।
ବୋଲଇ ବାଣୀ ବୋଲନ୍ତି ଠାକୁରାଣୀ ଯିବଇଁ ସ୍ୱାମୀର ସାଥ ୪ ଯେ ॥

●

## ରାଗ—ଚକ୍ରାଭୈରବ
( ଗୋପ ବିଳାପ ବୃତ୍ତେ )

ଆହା ଆହା ଧନୁର୍ଦ୍ଧ[୫]ର ବୀରବର    ଧନୁର୍ଦ୍ଧର ନ ଥିଲା କି କାଳ
ଯାହାର ବାଣ ବ୍ରହ୍ମାଣ୍ଡ ଦହିପାରେ ତାଙ୍କୁ ମାଇଲା ପ୍ରହସ୍ତ ଛାର,
ହେ ଦଇବ !

ଆଣ୍ଡୁ ନଥିଲେ ମୋ ପତି    ଜାଣନ୍ତି ସେ ପଣ୍ଡିତ ବିପତ୍ତି
ମୂର୍ଚ୍ଛି ନ ପାଉ ମୁଁ ସଙ୍ଗରେ ଅଇଲି, ତେଣୁ ହୋଇଲି ଏମନ୍ତ ଗତି,
ହେ ଦଇବ !!

ଚିରଞ୍ଜୀବୀ ଅଟନ୍ତି ଶ୍ରୀରାମ    ମୁନିବଚନ ହେଲା କି ଭ୍ରମ
ମୋତେ ବୋଲନ୍ତି ବିଧବା ଯୋଗ ନାହିଁ, ଏବେ କିମ୍ପା ହେଲା ଏଡ଼େ କର୍ମ
ହେ ଦଇବ ॥

ଯେଉଁ ଯୁବତୀ ପତି ଆଗରେ    ମରେ ପୁଣ୍ୟବତୀ ବୋଲି ତାରେ
ଯୁବତୀ ଆଗେ ପତି ଯେବେ ମରଇ, ତାକୁ ଦୂଷଣ୍ଟି ଦୁଏ ସଂସାରେ,
ହେ, ଦଇବ ॥

ଯେବେ ଲକ୍ଷ୍ମଣ ଗଲେ ପଳାଇ    ମୋର ଶାଶୁଙ୍କୁ କହିବେ ଯାଇ
ସୀତା ନେଇ ଦୈତ୍ୟ ରାମଙ୍କୁ ମାଇଲେ, ଏହା ଶୁଣିଲେ ଜୀଇବେ ନାହିଁ
ହେ ଦଇବ ॥

---

୧-କିମ୍ପା ଭାଞ୍ଜୁ ଏବେ ଶିର ହେ ପୁସ୍ତକପାଠ । ୨-ଆଗହୁଁ ପାଞ୍ଚୁଥିଲେ ଏ ବୁଦ୍ଧି ପୋଥି ପାଠ । ୩-ଅନାଥ ପୋଥିପାଠ । ୪-ସ୍ୱାମୀସଙ୍ଗତ ପୋଥିପାଠ । ୫-ଦୂଷିତ ପୋଥିପାଠ ।

ତୁମ୍ଭେ ଜାଣତ ସକଳ ରୀତ          କିମ୍ପା ଜାଗ୍ରତ ନୋହିଲ ଚିତ୍ତ
ମୁହିଁ ତୁମ୍ଭଙ୍କୁ ଜାଳବନ୍ତ ହୋଇଲି ମୋର ଯୋଗୁଁ ବିମାଣ ମୋ ପନ୍ଥ-
ଧେ ଦଇବ ୧ ॥

ପୁଣି ଧନୁ ତୂଣୀକୁ ଅନାଇଁ          ଛନ୍ନବଳପନ୍ତ ଗୁଟ ଘାଇ
ଏହି କାଳରେ ପ୍ରହସ୍ତ ଦ୍ୱାରେ ରହି, ତାର ଗ୍ରୁଡ଼ୁକୁ କହି ପଠାଇ
ସେ ପ୍ରହସ୍ତ ॥

ଦୂତ ଗ୍ରାବଣେ ବେଗେ ଜଣାଇ          ଦେବ ପ୍ରହସ୍ତ ଆସିଛୁ ଏ
ଜଣାଇ ପଠିଅଇଛୁ କପିମାନେ, ଗଡ଼ ପାତେଣ୍ଟ ପଶିଲେ ଜେଠି ଧେ,
ଦେ ଦେବ ॥

ଶୁଣି ସତ୍ବରେ ତହୁଁ ଅଇଲା          ପ୍ରହସ୍ତଙ୍କୁ ସବୁ ପଚାରିଲେ
ଗ୍ରାବଣ ଆସିବା ମାତ୍ରେ ଶିର ଅଣ୍ଟୁ, ଯେହୁ କ୍ଷଣେ ଅଦୃଶ୍ୟ ହୋଇଲା,
ନେଇ ସୁଜନେ ॥

ଦଶଶିର ବୋଲେ ମାର କହି          ଦୈତ୍ୟମାନଙ୍କୁ ପେଷିଲା କୋପେ
ବୋଲେ ଲକ୍ଷ ଭଗ୍ନପାଶରେ ଜଗିଲେ, ରାଜା ଆଜ୍ଞା ପାଇ ଆଉ ବ୍ୟାପିକ,
ସେ ଅସୁରେ ॥

●

ରାଗ -- କାଫି

ସରମା ନାମେ ରାକ୍ଷସୀ ଦୁଲଣୀ ।
ପ୍ରାଣୁ ଅଧିକ ଅତି ବିଶ୍ୱାସୀ ଯେ ଜାନକୀଙ୍କ ମିତଣୀ ॥

ସୀତାଙ୍କ ୪ ମୋହ ଦେଖି କହନ୍ତି ବାଣୀ ।
ମିଛ କଥାକୁ ମୋହ ଯାଉଛ ୫ ଗୋ ମୋର ପ୍ରାଣ ମିତଣୀ ॥

ପ୍ରହସ୍ତ କି କି ରୂପେ ବାରତା ଦେଲା ।
ତାହା ଶୁଣି ରାବଣ ବିସ୍ମୟ ଯେ ହୋଇ ଉଠିଣ ଗଲା ॥

---

୧-ଏ ପଦଟି ପୁସ୍ତକରେ ନାହିଁ । ୨-ପଠିଆଇଲା ଛାମୁକୁ କହି ପୋଥିପାଠ ।
୩-ଆଉ ଅଦ୍ୟାପି ପୋଥିପାଠ । ୪-ସଖୀଙ୍କ···ପୋଥିପାଠ । ୫-ନ ଭାଳ···ପୋଥିପାଠ

ମୁହିଁ ଗଲି ସେ କଥା ଜାଣିବା୧ ପାଇଁ ।
ଦେଖିଲେ ଯୁଦ୍ଧକୁ ସେ ଗଲେ ଗୋ ଅତି ସତ୍ୱର ହୋଇ ॥

ତୁମ୍ଭ ପତି ଅଛନ୍ତି ନିଶ୍ଚିନ୍ତ ହୋଇ ।
ତୁମ୍ଭେ ବୋଇଲେ ପ୍ରାଣ ମିତଣି ଗୋ ଦେଖି ଆସିବି ଯାଇ ॥

ସିନ୍ଧୁ ବନ୍ଧାଇ ସୈନ୍ୟ ୨ ହୋଇଲେ ପାର ।
ଲଙ୍କା ବେଢ଼ିଣ ରକ୍ଷ ମର୍କଟ ଗୋ ଚଉପାଶରେ ପୂର ॥

ରାବଣ ବଳେ ତାଙ୍କୁ ହୋଏ କି ମାର ।
କିଅର୍ଥେ ଚିନ୍ତା ତୁମ୍ଭେ ନ କର ଗୋ ସଖି ରୂପେ କୁମାରୀ ॥

ମାୟାରେ ଶର ଧନୁ ଥିଲା ସେ ଆଣି ।
ଜାଣି ନ ପାରିଲୁ ତା ସଙ୍ଗାତ ଗୋ ସତ ପ୍ରତ୍ୟେକ ମଣି ॥

ଶୁଣି ଜାନକୀ ବହୁ ଆନନ୍ଦ ହେଲେ ।
ଦଗଧ ବନେ ଯେହ୍ନେ ସଜଳ ଘନ ଗୋ ବହୁ ବୃଷ୍ଟି ବା କଲେ ॥

ବୋଲନ୍ତି ସଖି ଆଗୋ ଜୀବନ ଦେଲ ।
କି ଦେବି ତୁମ୍ଭେ ପ୍ରାଣେଶ୍ୱର ଗୋ ସର୍ବ ଶୁଭ କହିଲ୩ ॥

ଏବେ ତୁମ୍ଭେ ରାବଣ ପୁରକୁ ଯାଅ ।
କି କି କରିବ ତାହା ଜାଣିଣ ମୋର ପାଶରେ କୁହ ୪ ॥

ତାହା ଶୁଣିଣ ଗଲା ସରମା ସଖୀ ।
ରାବଣ ସଭା ପୁରେ ପଶିଣ ସେ ସର୍ବ ବିଚାର ଦେଖି ॥

ମାତା ମାତୁଳ ବୃଦ୍ଧ ବୃଦ୍ଧ ୫ ଅସୁର ।
ରାବଣଙ୍କୁ ମଧ୍ୟରେ ବସାଇ ସେ କହେ ବୃଦ୍ଧ ଉତ୍ତର ॥

ଅରବନ୍ଧ୬ ହିଁ ବହୁ ରୂପେ କହିଲା ।
ବୋଲଇ ବଣି ତାହା ଜାଣିଣ ଗୋ ସେ ସିଦ୍ଧକାର ନ କଲା ୭ ॥

୧- ଶୁଣିବା...ପୋଥିପାଠ । ୨- ସିନ୍ଧୁରେ ସେତୁ ବନ୍ଧାଇ...ପୋଥିପାଠ ।
୩- କି ଦେଇ ତୁମ ଗୁଣ ସୁଝିବି ଗୋ କାନ୍ତ ଶୁଭ କହିଲ...ପୋଥିପାଠ ।
୪- କି ବାର୍ତ୍ତା ରୁଣ ଅଛି ଶୁଣିଣ ଗୋ ମୋର ଛାମୁରେ କୁହ...ପୋଥିପାଠ ।
୫- ବହୁବୃଦ୍ଧ...ପୋଥିପାଠ । ୬- ପ୍ରବନ୍ଧ ହିଁ......ପୋଥିପାଠ । ୭- କଲା...
ପୁସ୍ତକପାଠ ।

## ରାଗ— ପଞ୍ଚମ ବସନ୍ତ

ସରମା ଜାନକୀ ପାଶ କହଇ କର ବିଶ୍ୱାସ
ଶୁଣ ଆଗୋ ଜୀବନ ମିତଣୀ ।
ଏଠାରୁ ଯାଇ ରାବଣ ଭଲେ ଘେନ ମନ୍ତ୍ରୀଗଣ
ବସୁର ମାନ ଅଛନ୍ତି ଶୁଣି ॥

ଗୋ ପ୍ରାଣ ସଖି, ଶୁଣ ରାବଣ ଗୋପ୍ୟ ବଚନ ।
ଜାନକୀ ତା ନଭକେଶା କହିଲା ଯେତେକ ଭାଷା
ଶୁନ ହୋଇ ଥିଲା ଢଉଗିର ଗୋ ॥

ବୋଇଲା ରାମକୁ ନର- ପ୍ରାୟ୍ୟ ମଣ୍ଡଗେ ଅସୁର
ନାରାୟଣ ରାମ ଅବତାର ୧ ।
ତାଙ୍କ ଆଜ୍ଞାରେ ବାନର ବନ୍ଧନ କଲେ ସାଗର
ନଷ୍ଟେ ନାଶିବେ ସବୁ ଅସୁର ୨ ॥

ଯୋଦ୍ଧର ବୋଲ ନ କଲୁ ୩ ବାହାର କରଣ ହେଲୁ ୪
ସେ ଏବେଟି ହୋଇଲା ତାଙ୍କର ରେ
ଦଶରଥର କୁମର ସୀତା ଘେନ ଯାଉ ଘର
କମ୍ପା ଅମ୍ଭକୁ କରନ୍ତୁ ପର ରେ ॥

ଆବନ୍ଦ ୫ ନାମେ ରାକ୍ଷସ ବୃଦ୍ଧ ୬ ରାବଣ ବିଶ୍ୱାସ
ସେ ବୋଇଲା କର ମାତା ବୋଲ ।
ରାମ ସଙ୍ଗେ ପ୍ରୀତି ହୋଇ ସୀତା ଦେବା ବାହୁଡ଼ାଇ
ତେବେ ଆମ୍ଭର ହୋଇବ ଭଲ ହେ ॥

ଶୁଣି ନାସିକା ଫୁଲାଇ ବାଂଶ ନୟନ ବୁଲାଇ ୭
ଜନଙ୍କୁ ଏମନ୍ତ କହିଲା ।
ଲଙ୍କା ଅବା ନଷ୍ଟ କରୁ ରାମ ସଙ୍ଗେ ମୋତେ ମାରୁ
ସୀତା ଫେଣ୍ଟେ ନ ଦେବ ବୋଇଲା ସେ ॥

---

୧-ସେ ଯେ ନାରାୟଣ ଅବତାର······ପୋଥି ପାଠ । ୨-ଅସୁର କୁଳରେ······ପୋଥି ପାଠ । ୩- କର···ପୁସ୍ତକପାଠ । ୪-ହେଲ···ପୁସ୍ତକପାଏ । ୫-ପ୍ରବନ୍ଦ···ପୋଥିପାଠ । ୬-ବନ୍ଧୁ···ପୋଥିପାଠ । ୭-ନୟନେ ଅନାଇ···ପୋଥିପାଠ ।

ତାଙ୍କ ଯେହ୍ନେ ରହୁ ପାଇ — ଦେବ ବୋଲି ବୋଲେ ନାହିଁ

ସେହି ରୂପେ ତୁମ୍ଭଙ୍କୁ ସେ ପାଇ ।

କରିବ ବହୁତ ଭଟ — ମରିବେ ଅସୁର ଗଣ

ସଖି ସେ ତୁମ୍ଭଙ୍କୁ ଦେବ ନାହିଁ ଗୋ ॥

ମହାକ୍ରୋଧେ ରାବଣ ଗଲା — ଯୋଦ୍ଧାମାନଙ୍କୁ ଡାକିଲା

ଚଉ ଦ୍ୱାରକୁ ପେଷିଣ ଦେଲା ।

ପଶ୍ଚିମକୁ ଇନ୍ଦ୍ରଜିତ — ପୂର୍ବଦିଗକୁ ପ୍ରହସ୍ତ

ମହୋଦର ଦକ୍ଷିଣକୁ ଗଲା ॥

ମଧ୍ୟେ ରହି ବିରୂପାକ୍ଷ — ସୈନ୍ୟ ତାର ଲକ୍ଷ ଲକ୍ଷ

ଉତ୍ତର ଦ୍ୱାରେ ଆପେ ୧ ରହିଲା ।

ଉତ୍ତର ଦ୍ୱାରେ ଜଗନ୍ତି — ବଳେ ବଳୀ ଲଙ୍କପତି

ବୋଲେ କବି ଗଡ଼େ ବନ୍ଦ ୨ ହେଲା ଯେ ॥

●

ରାଗ - ଆଷାଢ଼ଶୁକ୍ଳ

ସୁଗ୍ରୀବ ଲଙ୍କେଶ ଜାମ୍ବୁ ହନୁ, ଅଙ୍ଗଦ ନଳ ନୀଳ ଚନ୍ଦ୍ରସୁନୁ ।

ଗବାକ୍ଷ ଦୁର୍ବିନ୍ଧ ବୀର, ସୁଷେଣ ପନସ ସରଭ ବୀର ୩ ।

ସେମାନଙ୍କୁ ଘେନି, ବିଚାରନ୍ତି ରାମ ଲକ୍ଷ୍ମଣ ବେନି ॥

କେ ବୋଲେ ଲଙ୍କା ଗଡ଼ର ଭିତର, ଅଛନ୍ତି ତହିଁ ଅନେକ ଅସୁର ।

କେ ବୋଲେ କେଉଁ ବାଟେ ଆମ୍ଭେ ଯିବା, କେ ବୋଲେ ପାଚେରି ଡେଇଁ ପଶିବା ।

କୁହାକୁହି ଶୁଣି, ବିଭୀଷଣ ବୋଲେ ମଧୁର ବାଣୀ ॥

କରଯୋଡ଼ି ଜଣାଏ ବିଭୀଷଣ, ହେ ଦେବ ମୋହର ବାରତା ଶୁଣ ।

ମୋହର ଦେବ ମନ୍ତ୍ରୀ ଚାରିଜଣ, ଲଙ୍କାରୁ ଅଇଲେ ସେ ଏହିକ୍ଷଣ ।

ତାଙ୍କ ନାମ ଶୁଣ, ବିବିଧ ପ୍ରକାରେ ଜାଣନ୍ତି ରଣ ॥

---

୧– ଆପଣେ···ପୋଥିପାଠ । ୨– ବନ୍ଧନ···ପୋଥିପାଠ । ୩–ଶର···ପୋଥିପାଠ ।

ଅନଲ ପ୍ରମୁଖ ଶର ସମ୍ପାତ, ପକ୍ଷୀ ହୋଇଣ ଲଙ୍କାରେ ଥାଆନ୍ତି ।
ସେମାନେ ଅଛନ୍ତି ବାରତା ଆଣି, ଶୁଣିବା ହେଉ ଦେବ ଚୂଡ଼ାମଣି ।
ରାବଣର ବଳ, ସବୁ ଅସୁରେ ହୋଇଛନ୍ତି ଠୁଳ ॥

ସହସ୍ରେ ଗଜର ସହସ୍ର ନାମ, ଯୁଦ୍ଧକୁ ଶଙ୍ଖ ଗଜର ୧ ସମାନ ।
ଗଜ ଗୋଟିକେ ଦଶ ଲକ୍ଷ ଗଜ, ମେଦକ୍ଷ ହେଲାଟିକି ଦେବ ହେଜ ।
ଟେଣ ସସ୍ତ ବାଜି, ଉଚ୍ଚୈଃଶ୍ରବା ଅଶ୍ୱ ପ୍ରାଧ୍ୱକ ବୁଝି ॥

ବାଜୀ ଗୋଟିକେ ଦଶଲକ୍ଷ ବାଜୀ, ବେଣ ମେଦକ୍ଷ ହୋଇଲାକ ହେଜି ।
ରଥ ତାର ଦେବ ଦଶ ସହସ୍ର, ମଣ୍ଡିଛନ୍ତି ଦିବ୍ୟ ରତ୍ନ ବସ୍ତ୍ର ।
ସେ ରଥ ଗୋଟିକେ, ଦଶଲକ୍ଷ ରଥ ଗୋଟି ଗୋଟିକେ ॥

ବୃନ୍ଦେ ରଥ ଦେବ ହୋଇଲା ଜାଣ, କହୁଛି ପଦାତଙ୍କ ପରିମାଣ ।
କୋଟିଏ ପଦାତ କୋଟି ମେଦକ୍ଷ, କୋଟି ବାହାରେ ଅଛନ୍ତି ଅସଂଖ୍ୟ ।
ପଦାତ ଗୋଟିକେ, ଦଶଲକ୍ଷ ଖଟିବାରେ ଏ ଶଙ୍କେ ॥

ଏମନ୍ତ ବଳ ଦେଖି ଦଶାନନ, ପଞ୍ଚଭାଗ କରି ବାଣ୍ଟିଲା ସୈନ୍ୟ ।
ପଶ୍ଚିମ ଦ୍ୱାରେ ଗଲା ୨ ଇନ୍ଦ୍ରଜିତ, ପୂର୍ବ ଦ୍ୱାରେ ଜଗାଇଲା ପ୍ରହସ୍ତ ।
ବୀର ମହୋଦର, ମଧ୍ୟ ପାରୁଶ୍ୱ ଘେନ ସଙ୍ଗତର ॥

ଦକ୍ଷିଣ ଦ୍ୱାର ଆବୋରି ରହିଲା, ରାବଣ ଉତ୍ତର ଦ୍ୱାରକୁ ଗଲା ।
ବଜ୍ରସ୍ତୁ କଲା ଜଗତୀ ଉପରେ, ଚତୁରଙ୍ଗ ବଳ ଘେନ ସଙ୍ଗରେ ।
ସେ ଗଡ଼ ଜଗିଲେ, ଗୋଟିଏ କେହି ବାହାର ନୋହିଲେ ॥

ବିରୂପାକ୍ଷକୁ ମଧ୍ୟରେ ରଖିଲେ, ଆୟୁଧମାନ ବାଣ୍ଟି କରି ଦେଲେ ।
ବିବିଧ ବାଦ୍ୟ ନାଦେ ପୂରେ ଲଙ୍କା, ଅସୁରେ ହୋଇଛନ୍ତି ରଣରଙ୍କା ।
କହିଲେ ମୋ ଗୁରୁ, ଏଥକୁ ଦେବ କର ସୁବିଚାର ୩ ॥

ବୋଲିବ ଅନା ଏ ରାଣି ଖେଳି, ଉତ୍ତର ମୋତେ କହୁଅଛୁ ଫାଇ ୪ ।
ତୁମ୍ଭ କ୍ରୋଧ କା ମୋ ମୋ ନାହିଁ, ଏଣୁ କରି ମୁଁ ତୁମ୍ଭରେ ଜଣାଇଁ ।
ସେ ଅନ୍ତର ତାରେ, କ୍ଷଣେ ତାର ଲଙ୍କା ପ୍ରାପ୍ତ ହେବ ॥

---

୧- ଦେବରାଜ · ପୋଥିପାଠ । ୨- ଅଛୁ ··ପୋଥିପାଠ । ୩- ଦେବ ହେ କର ବିଚାର ··ପୋଥିପାଠ । ୪- ଯାଇ···ପୋଥିପାଠ । ଫାଇ = ଫନ୍ଦିକରି, ମିଥ୍ୟାରେ ଅର୍ଥାତ୍ ।

ଦୂତ ମନ୍ତ୍ରୀଙ୍କି ଦର୍ଶନ କରାଇ, ତାଙ୍କ ମୁଖୁଁ ସବୁ ଦେଲା ଶୁଣାଇ ।
ଶୁଣି ଶ୍ରୀରାମ ମଉନ ହୋଇଲେ, କରଦ୍ୱାପେ ଧନୁଶର ଧଇଲେ୧ ।
ଦୀନ ଭକତି ଭଣି, ଗଡ଼ ବନ୍ଧ କହେ ଯୋଡ଼ି ପାଣି ॥

●

## ରାଗ- ବସନ୍ତଭୈରବ

ସୁତ ଜଣାଇଲେ କରଯୋଡ଼ି ବାଣୀପତି ।
ହେ ଦେବ ଲଙ୍କା ଗଡ଼ର ଦୀର୍ଘ ପ୍ରତି ଶୁଣ ॥

ସିନ୍ଧୁ ମଧ୍ୟେ ଦ୍ୱୀପ ଦେବ ତିରିଶ ଯୋଜନ ୨ ।
ସେଥି ମଧ୍ୟେ ତ୍ରିକୂଟ ଅଚଳ ବଡପଣ ॥

ତ୍ରିକୂଟ ପର୍ବତ ଅଟ୍ଟ ୩ ଶୃଙ୍ଗ ମହାଦୀର୍ଘ ।
ମଧ୍ୟ ଶୃଙ୍ଗେ ବାନ୍ଧି କରିଅଛି ଲଙ୍କା ଦୁର୍ଗ ॥

ସେ ଗଡ଼ର ଦୀର୍ଘ ଦେବ ତିରିଶ ୪ ଯୋଜନ ।
ଦଶ ଯୋଜନ ଓସାର ଦିବ୍ୟ ରମ୍ୟ ସ୍ଥାନ ॥

ଚଉପାଖେ ବେଢ଼ି ଅଛି କନକ ପାଚେରି ।
ତହିଁ ପରେ ଖାଇ ଖୋଳି ଜଳ୫ ଅଛି ପୂରି ॥

ଚଉପାଶେ ଚଉଦ୍ୱାରେ ପାଷାଣ ଶଙ୍କୁଥ ୬ ।
ତହିଁ ଚଉପାଶେ ବନ ୭ ଦିଶେ ଅତିଭୟ ୮ ॥

ଦେବ ଦାନବରେ ଦେବ ଅଟଇ ଅଜେୟ ।
ନାନା ରୂପେ ଜନ୍ତୁମାନେ ନାନା ରୂପେ ବୁଲନ୍ତି ॥

ଛୁଟିକଣି ମାନେ ସେ ପାଚେରି ବେଢ଼ି ଶୋଭା ।
ଯେଉଁ ଦୁର୍ଗକୁ ଦେଖିଲେ ସୁର ଦେବ ଲୋଭ ୯ ॥

---

୧- ଅଲପ ହସି ଧନୁକୁ ଗୁହିଁଲେ...ପୋଥିପାଠ । ୨-ଲକ୍ଷେକ...ପୋଥିପାଠ । ୩-ମହାଶୃଙ୍ଗ...ପୋଥିପାଠ । ୪-ସହସ୍ରେ ଯୋଜନ ପୋଥିପାଠ । ୫-ଖାଇଜଳ... ପୁସ୍ତକପାଠ । ୬-କୂଅ...ପୋଥିପାଠ । ୭-ନଦୀ ପୋଥିପାଠ । ୮-ମହାଭୟ... ପୋଥିପାଠ । ୯-ଯେଉଁ ଗଡ଼ ଦେଖିଲେ ଡ଼ରନ୍ତି ସୁରଦେବା ପୋଥି ପାଠ ।

ଏଥିକୁ ଶ୍ରୀ ଦେବ ଦିବ୍ୟ ଶଙ୍ଖରେ ବାସୁର ।
ଉତ୍ତରଦ୍ୱାରେ ବେଢିଥାନ୍ତୁ ଆମ୍ଭ ବନଚର ॥

ଶୁଣି ରାମ ଆଜ୍ଞା ଦେଲେ ଆମ୍ଭ କପିଆଠ ।
ଉତ୍ତରଦ୍ୱାରେ ଜଗନ୍ତୁ ନ ପାନ୍ତୁ ସେହୁ ବାଟ ॥

ପୂର୍ବଦ୍ୱାରେ ଯାନ୍ତୁ ଆମ୍ଭ ସେନାପତି ନୀଳ ।
ଦକ୍ଷିଣ ଦ୍ୱାର ଜଗିବେ ବାଳୀର ଦୁଲାଳ ॥

ହନୁମନ୍ତ ପଶ୍ଚିମ ଦ୍ୱାରକୁ ତୁମ୍ଭେ ଯିବ ।
ଲଙ୍କପତି କପିରାଜ ମଧ୍ୟ ଜଗିଥିବ ॥

ଏମନ୍ତ ପ୍ରକାରେ ତୁମ୍ଭେ ଲଙ୍କାଗଡ଼ ବେଢ଼ ।
ରାବଣକୁ ମାରି ନଷ୍ଟେ କରିବାଟି ୧ ଗଡ଼ ॥

ରାମ ଆଜ୍ଞା ପାଇଣ ସକଳ କପିବରେ ।
ଭୂଇଁ ଭୁଇଁ ବେଢ଼ନକର ଲଗାଇଲେ ଶିରେ ॥

ଲଙ୍କା ଦେଖିବାକୁ ବହୁ ଆନନ୍ଦ ହୋଇଲେ ।
ରାମ ଲକ୍ଷ୍ମଣ ସୁବେଳଗିରିକୁ ଉଠିଗଲେ ॥

ଦେଖିଲେ ଦିଶଇ ଦିବ୍ୟ ହେମମୟ ପୁର ।
ଜଗତି ଅଟ୍ଟାଳୀ ମେଢ଼ ମଣ୍ଡପ ଅପାର ॥

ଚନ୍ଦ୍ର ସୂର୍ଯ୍ୟ ଯାମିନୀ ନକ୍ଷତ୍ର ଅଗ୍ନି ତେଜ ।
ସଙ୍ଗ କରି ଅଛନ୍ତି କି ମନ୍ଦିର ନୁର୍ଦ୍ଧଜ ୨ ॥

ଢାଳ ଭୁଇରେ ନ ଦିଶଇ ଦିବାକର ।
ଶୋଭା ଦିଶୁଅଛି କିବା ସ୍ୱର୍ଗର ସୋଦର ୩ ॥

ପଚ୍ଛରନ୍ତି କପିରାଜ କାହା କାହା ପୁର ୪ ।
ବୋଲେ ବିଭୀ ପୁର ଚହ୍ଲାଉଛି ଲଙ୍କେଶ୍ୱର ୫ ॥

●

୧-ତେଜମାଟି···ପୋଥିପାଠ । ୨-ଏହି ପଦଟି ପୋଥିଏକ ନାହିଁ । ୩-ଶୋଭା ଦିଶୁଅଛି ··· ସୋଦର ପାଦଟି ପୋଥିରେ ନାହିଁ । ୪-ଏ ପାଦଟି ମଧ୍ୟ ପୋଥିରେ ନାହିଁ । ୫-ବୋଲେ ବିଭୀ ପୁରେଲ୍ଲିଣ ଅଛନ୍ତି ଲଙ୍କେଶ୍ୱର ···ପୋଥିପାଠ ।

## ଘଟିଆର ଖେମଟା

କପି କୁଳ ସାଇଁ ଗିରି ମୂର୍ଦ୍ଧନାରେ ଥାଇ ୧
ମନରେ ବହୁତ କୋପ ଜାତ କଲେ ଲଙ୍କାକୁ ଅନାଇଁ ॥

ସବୁ ହିଁ କାଞ୍ଚନ ଦୀର୍ଘ ତିରିଶ ଯୋଜନ
ଦଶ ଯୋଜନ ପ୍ରସ୍ଥ ତାର ଅଟଇ ସେରୁକୁ ୨ ସମାନ ॥

କ୍ଷେପାଏ ମାଇଲେ ସିଂହଦ୍ୱାରେ ଉଭା ହେଲେ
ମଉନ ହୋଇଣ ମୁହୂର୍ତ୍ତେକ ରାବଣ ମୁଖକୁ ଚାହିଁଲେ ॥

ପୁଣି କ୍ଷୋପା ମାରି କ୍ରୋଧ ସମ୍ଭାଳି ନ ପାରି
ରାବଣ ଆସନ ଉପରେ ବସିଲେ ପେଲି ଦେଇ କରି ॥

ଆରେ ରେ ଅସୁର ଏଡ଼େ ଗର୍ବ ତୋର କ୍ରୁର ୩
ଶ୍ରୀରାମ ଘରଣୀ ଚୋରାଇ ଆଣିଲୁ ରଖି ଅଛୁ ପୁର ॥

ମୋଡ଼ନ୍ତୁ ତୋ ଗ୍ରୀବ ଆଜ ଜାଣନ୍ତୁ ସୁଗ୍ରୀବ
କେବଳ ଶ୍ରୀରାମ ଠାକୁର ପ୍ରତିଜ୍ଞା ବ୍ୟର୍ଥ ହୋଇବ ॥

ଏତେ ବୋଲି ବୀର ଧରି ଉପୁଡ଼ିଲା ଶିର
ଦଶ ଶିରରୁ ଦଶ ମୁକୁଟ ଛିଣ୍ଡାଇ ବାଞ୍ଛିଲା ଭୂମିର ॥

ରାବଣ ହିଁ ଧରି ମାଲ ବନ୍ଧେ ଯୁଦ୍ଧ କରି
ଗଡ଼ନ୍ତି ପଡ଼ନ୍ତି କେହୁ କାହାକୁ ହିଁ ସଂଗ୍ରାମେ ନ ହାରି ॥

ସେ ବେନି ଶରୀର ୪ ଶ୍ରମେ ସ୍ୱେଦ ଜର ଜର ୫
ନଖମୁନ ଦନ୍ତ ଘାତେ ରୁଧିର ବୋହିଲା ବାହାର ॥

ଦେଖନ୍ତି ଅସୁର ବେନି ଜନଙ୍କ ସମର
ଧରିବେ ବୋଲିଣ ଯେ ଯାହାର ମନରେ କଲେକ ବିଚାର ॥

ଛାଡ଼ି ଝାଙ୍କି ଦେଲେ ପୁଣି କ୍ଷେପାଏ ମାଇଲେ
ସୁବଳ ଗିରିରେ ଶ୍ରୀରାମ ପାଶରେ ପ୍ରବେଶ ହୋଇଲେ ॥

---

୧-ଗିରିଶିଖେ ଉଭା ହୋଇ ପୋଥିପାଠ । ୨- କୁଟ କୁଟ ସମାନ ପୋଥିପାଠ ।
୩-ତୋହର ପୋଥିପାଠ । ୪-ବୀର ପୋଥିପାଠ । ୫-ସ୍ୱେଦଜ୍ୱର···ପୋଥିପାଠ ।
୬-ପାରୁଶେ ପ୍ରବେଶ ହୋଇଲେ ପୋଥିପାଠ ।

ରୁହିଁ ତାଙ୍କୁ ରାମ ୧ ମିଥ୍ୟ କଲ୍ପତ ଅକର୍ମ ୨
ଏକା ହୋଇ ଶତ୍ରୁ-ପୁରକୁ ଯିବାର ନୁହଇ ନା ଧର୍ମ ୩ ॥

କିଷ୍କିନ୍ଧା ଠାକୁର ହବ ହରିଙ୍କ ଈଶ୍ବର
ସୈନ୍ୟ ଆଉ ଆଉ ଆପଣାର ଯୁଦ୍ଧ ନୁହଇ ବର୍ବର ॥

ଶ୍ରୀରାମ ଭାରତୀ ଶୁଣି କପିକୁଳ ପତି
ବୋଲେ ବସି ଲଙ୍କା ପାଇଣ ବନ୍ଦନ କଲେକ ଧରଣୀ ୪ ॥

## ରାଗ—**କାଳୀ**

ସୁବଳଗିରି ଶିଙ୍ଗରେ ସ୍ଥଳୀ ୫ ବୁଲି ଦେଖିଲେ ରାମ ।
ତା ଦୀର୍ଘ ପ୍ରସ୍ଥ ବେନି ୬ ଯୋଜନ ଅଟଇ ମନୋରମ ॥

ଦଣ୍ଡେକ ମାତ୍ର ଲଙ୍କାକୁ ରୁହିଁ ସୁଲକ୍ଷଣ ବୁଦ୍ଧି କଲେ ।
ଗିରି ଶିଖରୁ ଓହ୍ଲାଇ ଲଙ୍କା ଯିବାକୁ ବାହାରିଲେ ୭ ॥

ଆହେ ଲକ୍ଷ୍ମଣ କରିବା ରଣ ଲଙ୍କା ଭିତରେ ପଶି ।
ଆଜ ମର୍କଟ ଅସୁର ବଳ ହୋଇବେ ମିଶାମିଶି ॥

ଧର୍ମେ ଅଧର୍ମେ ଜୟ ଅଜୟ ପ୍ରାନ୍ତରେ ହୋଇ ୮ ଜାଣି ।
ଯୂଥ ପତିଙ୍କ ମୁଖକୁ ରୁହିଁ ରାମ ୯ କହନ୍ତି ବାଣୀ ॥

ଆହେ ଲକ୍ଷ୍ମଣ ଆହେ ସୁଗ୍ରୀବ ଆହେ ଲଙ୍କେଶ ହନୁ ।
ଆହେ ସୁଷେଣ ଆହେ ଜାମ୍ବବ ଆହେ ବାଳୀର ସୂନୁ ॥

ଆହେ ଗବୟ ଆହେ ଗବାକ୍ଷ ଆହେ ହେ ନଳ ନୀଳ ।
ଆହେ ପନସ ଆହେ ଦୁର୍ବିନ୍ଦ ଆହେ ହେ ଶତବଳ ୧୦ ॥

---

୧-ରଘୁପତି ପୋଥିପାଠ । ୨-ଅମାତ୍ୟ ପୋଥିପାଠ । ୩-ନୁହଇ ଯୁଗତ ପୋଥିପାଠ ।
୪-ବନ୍ଦନ କଲେକ କ୍ଷିତି ... ପୋଥିପାଠ । ୫- ଉଠି ବୁଲି ପୋଥିପାଠ ।
୬- ତ୍ରିଂଶ ଯୋଜନ ପୁସ୍ତକପାଠ । ୭- ବିଜେକଲେ ପୋଥିପାଠ ।
୮- ଆଜ ହୋଇବ ପୋଥିପାଠ । ୯- ଶୁଣି ପୁସ୍ତକପାଠ ।
୧୦- ମହାବଳ ପୋଥିପାଠ ।

ରାବଣ ସଙ୍ଗେ ରଣ କରିବା ଧର୍ମକୁ ଜଗିଥିବା ୧ ।
ଜାନକୀ ଦେଇ ଶରଣ ପଶୁ ଦୂତେକ ବରଗିବା ॥

ଶ୍ରୀରାମ ବାଣୀ ସମସ୍ତେ ଶୁଣି ବୋଲନ୍ତି ଦେବ ହେଉ ।
ଶ୍ରୀମୁଖ ଆଜ୍ଞା ଘେନିଣ ଏବେ ଅଙ୍ଗଦ ବୀର ଯାଉ ॥

ଶୁଣି ନରପେ ରାବଣ ପାଶେ ଅଙ୍ଗଦେ ଆଜ୍ଞା ଦେଲେ ।
ତୂଣୀରୁ ଖର-ନିଧନ ଶର ଅଙ୍ଗଦ କରେ ଦେଲେ ॥

ମୋର ଏ ଶର ବାଳୀ କୁମର ଦେଖାଅ ରାବଣକୁ ।
ବୋଲିବୁ ସୀତା ନ ଦେଲେ ଏହି ଶରେ ଫୋଡ଼ିବୁ ବୁକୁ ୨ ॥

ବିରଞ୍ଚି ଦେବ ଶିବ ବାସବ ସକଳ ଦିଗପାଳ ।
ରଖିଣ ନ ପାରିବେ ମାରିବି ନଷ୍ଟେ ଅସୁର କୁଳ ॥

ଦଶ ଦିଗକୁ ଦଶ ମୁର୍ଦ୍ଧନ ୩ କରିବି ତାର ବଳି ।
ଭୂମିରେ ପଡ଼ିଥିବ ତା ପିଣ୍ଡ ହୋଇ ରୁଧିର ଧୂଳି ॥

ଏବେ ସୀତାଙ୍କୁ ଦେଇଣ ମୋତେ ଶରଣ ଆସି ପଶୁ ।
ନୋହିଲେ ସୈନ୍ୟ ଘେନିଣ ଏବେ ସମର କରି ଆସୁ ॥

ଜାଣିବା ସେହି କାଳରେ ତାର ଆନ୍ତର ବୀରପଣ ୪ ।
ଆକାଶେ ଥାଇ ଦେଖୁଣ ଥିବେ ସର୍ବ ଅମର ଗଣ ॥

ଅଙ୍ଗଦ ବୀର ପ୍ରଣାମ କରି ଆକାଶେ ଷେପିଗଲା ।
ଜଗତି ସ୍ଥାନ ତାର ଆସ୍ଥାନ ସମ୍ମୁଖରେ ବସିଲା ॥

ବୋଲଇ ଆରେ ଅସୁରାଧମ ୫ ରାମଙ୍କ ଆଜ୍ଞା ଶୁଣ ।
ସୀତା ସମର୍ପି ଶରଣ ପଶ ନୋହିଲେ କର ରଣ ୬ ॥

ଆରେ ରାବଣ ରାମ ଲକ୍ଷ୍ମଣ ଧର୍ମକୁ ନ ଛାଡ଼ିଲେ ।
ଏବେ ହେ ଆରେ ଯୁବତୀ ଚୋର ବନିତା ୭ ମଗାଇଲେ ॥

---

୧- ପୋଥି ଓ ପୁସ୍ତକ ପାଠ କିଣିଥିବା, କିନ୍ତୁ 'ଜଗିଥିବା' ପାଠ ସମୀଚୀନ ।
୨-ରାମ ନଷ୍ଟେ ଫୋଡ଼ିବେ ବୁକୁ ପୋଥିପାଠ । ୩- ମୁଧୂନ ପୋଥିପାଠ ।
୪- ତାର ବୀର ବରିଧୂ ପଣ ପୋଥିପାଠ । ୫- ତୁ ଅପରାଧୀ ପୋଥିପାଠ ।
୬- ହେବ ମରଣ ପୋଥିପାଠ । ୭- ଯୁବତୀ ପୋଥିପାଠ ।

ନ ଦେଲେ ନାଶ ହେବ ତୋ ବଂଶ ଜୀବନେ ଥିଲେ ଆଶ ।
ଗଳେ କୁଠାର ବାନ୍ଧଣ ସୀତା ସମର୍ପ ରାମ ପାଶ ॥

ଦୟା-ଜଳଧି ସକଳ ଦୋଷ କରିବେ ତୋର କ୍ଷମା ।
ଅବଲମ୍ବରେ ଶରଣ ପଶ ଦେଇ ଜନକ ଜେମା ॥

ନୋହିଲେ ନାଶ ଯିବୁ ଅବଶ୍ୟ ରଖିବେ ନାହିଁ କେହି ।
ବୋଲଇ କବି ଶ୍ରୀରାମ-କାନ୍ତ-ଚନ୍ଦ୍ରିକ ବଳି ତୁହି ॥

●

## ରାଗ—ଆହାରୀ

ଅଙ୍ଗଦ ବାଣୀ, ଦୁଷ୍ଟ ରାବଣ ଶୁଣି ।
ଶିର କମ୍ପାଇ ସକୋଧେ କହଇ ବାଣୀ ॥

ଅରେ ମର୍କଟ, କମ୍ପା ହୋଇଲୁ ନଷ୍ଟ ।
ପିତା ଶତ୍ରୁ ସେବ ଜୀଉଛୁରେ ପାପିଷ୍ଠ ॥

ମରଇ ପତି, ଯେସନେ କୁଳଟ ଯୁବତୀ ।
ଜାର ପୁରୁଷ ଆବୋରି ବୋଲଏ ସତୀ ॥

ତେସନେ ତୋ ମତି, ନୋହୁ ପୁରୁଷ ଜାତି[୧] ।
ନର ପ୍ରତଜ୍ଞା ବାନର କହୁ ମୋ କତି ॥

ବାଳୀ କୁମର, ବଚନେ ରୂପି ଅଧର ।
ବୋଲନ୍ତି ମୋ ପ୍ରଭୁନନ୍ଦା କଲୁ ପାମର ॥

ତ୍ରୈଲୋକ୍ୟେଶ୍ୱର, ରାମ ନୃପନନ୍ଦବର ।
ବାଳୀ ପ୍ରାୟ ତୁହିତେ[୨] ହେବୁ ପାମର ॥

ନାହିଁ ତୋ ମନ, ବାଳୀକୁ କଲେ ଯେସନ ।
ସେ ତାଙ୍କ କାର୍ଯ୍ୟିତ ଶରେ ହେଲେ ନିଧନ ॥

ଦଅନ୍ତି ଦଣ୍ଡ, ତୋର ମୋଡ଼ନ୍ତି ମୁଣ୍ଡ ।
ମାରିବାକୁ ରାମ ଛୁଇଁଛନ୍ତି କୋଦଣ୍ଡ ॥

---

୧—ନୋହିଲେ ପୁରୁଷମତ ପୋଥିପାଠ । ୨-ବାଳୀ ପରି ତୁହି ହୋଇବୁ ପୁସ୍ତକପାଠ ।

ଆରେ ଅସୁର, ଆରେ ଏ ଲଙ୍କାପୁର ।
ଏଥି ହୋଇଲାଣି ବିଭୀଷଣ ଠାକୁର ॥

ତୁ ବୋଲୁ ମୋର, ଅସ୍ପୃଷ ନାହିଁ ତୋର ।
ଦଗଧ ପଟଳପ୍ରାୟ ଧରନ୍ତୁ ଶରୀର ॥

କ୍ରୋଧେ ଅସୁର, କମ୍ପାଇଁ ଦଶଶିର ।
ଅସୁରଙ୍କୁ ଆଜ୍ଞା ଦେଲା ଏହାଙ୍କୁ ଧର ॥

ଶୁଣି ଅସୁର, ଧଇଲେ ଗୃହଦ୍ୱାର ।
ବାହୁ ଛଞ୍ଚାଡନ୍ତେ ସେ ପଡ଼ିଲେ ଭୂମିର ॥

ଅସୁରଗଣ, ଘେନି ଗୃହେଁ ଆପଣ ।
ଜଗଣ ଗୃଳ ଖର୍ଗ କଲେ ରଣ ଭଣ ॥

ସ୍ଥିର ଅସୁର, ଯାଇ ଯୋଡ଼ିଲେ କର ।
ବୋଲେ ଶୁଣି ନୋହିଲା ସନ୍ଧିର ବାଗୃର ॥

## କୃଷ୍ଣ କଳଶା ବୃତ୍ତେ

ଶ୍ରୀରାମ ସମ୍ମୁଖରେ ବାଲୀସୁତ ଯୋଡ଼ି କର ।
ଜଣାଇଲେ ରାବଣରେ ସର୍ବ ସମାଚାର ॥

ଦୁଷ୍ଟଜନ ପ୍ରୀତିରେ ନୁହନ୍ତି ଦେବ ସାଧୁ ।
ସନ୍ଥ ଜନମାନେ ସର୍ବକାଳରେ ଆରାଧ ॥

ରାବଣ ପାପିଷ୍ଠ ଦୁଷ୍ଟ ଦଣ୍ଡକୁ ସେ ଯୋଗ୍ୟ ।
ବିଭୀଷଣ କରିବ ଜଷ୍ଟସୁ ଲଙ୍କା ଭୋଗ ॥

ଯଥାର୍ଥ ବଚନ ଶୁଣି କୋପ ମୋତେ କଲା ।
ଅସୁରଙ୍କ ହାତରେ ଧରାଇ ଦେଇଥିଲେ ॥

ସମସ୍ତ ପ୍ରକାରେ ଯୁଦ୍ଧ କଲା ସନମତ ।
ତୃଣ ପ୍ରାୟେ ମଣେ ସେ ସକଳ ଜଗତ ॥

ଶୁଣି ତା ଶ୍ରୀରାମଚନ୍ଦ୍ର ଯୁଦ୍ଧ ଆରମ୍ଭିଲେ ।
ଲଙ୍କାଗଡ଼ ଦୁଆର ପାରୁଶେ ଯାଇ ହେଲେ ୧ ॥

ଯୁଥପତିମାନେ ଚଉଭାଗ ହୋଇଗଲେ ।
ବୋଲେ ବଶି ରାମ ଯାହା ଆଜ୍ଞା ଦେଇଥିଲେ ॥

●

## ଉଦ୍ଧବ ଗୀତା ଦ୍ୱିତୀୟ ଛାନ୍ଦ ବୃତ୍ତରେ ଗାଇବ

ଉଦେ ହୁଅନ୍ତେ ଅରୁଣ ଘେନି ବାନର ଗଣ
ଶ୍ରୀରାମଚନ୍ଦ୍ର ଲକ୍ଷ୍ମଣ ଲଙ୍କା ବେଢ଼ିଣ ।
ଠାଣୁ ୩ ବୋଇଲେ ଆପଣ ଚଉଦ୍ୱାରେ କର ରଣ
ପ୍ରାକାର ୪ ଡେଇଁଣ ହାଣି ଅସୁର ଗଣ ॥

ଶ୍ରୀରାମ ଆଜ୍ଞା ପାଇଣ ସର୍ବ ଯୁଥପତି ଗଣ
ଚଉଦ୍ୱାର ନରୋଧିଣ, ସୈନ୍ୟ ଘେନିଣ ।
କ୍ଷେପିଲେ ବାନର ଗଣ ପକ୍ଷୀ ପ୍ରାୟେକ ହୋଇଣ
ବସିଲେ ସେ ପ୍ରାକାରରେ ଭସ୍ମୁଚ୍ଛୁଡ଼ିଣ ॥

ଜଗିଥିଲେ ଦୈତ୍ୟଗଣ ଦ୍ୱାରେ ଅର୍ଗଳି ଦେଇଣ
ଦେଖିଲେ କାଙ୍ଗଲରେଣ ୫ କପି ସାହାଣ ୬ ।
ଆରେରେ କାର କରିଣ ଆୟୁଧମାନ ଧରିଣ
ଗଡ଼ୁ ବାହାର ହୋଇଣ ଅସୁରଗଣ ॥

ଫିଟାଇଣ ଚଉଦ୍ୱାର ବାହାର ହେଲେ ଅସୁର
ବଜାଇ ବିବିଧ ତୂର୍ଯ୍ୟ ସକଳ ବୀର ।
ଧର ଧର ମାର ମାର ଯେହ୍ନେ ଗର୍ଜଇ ସାହେର
ତେହ୍ନେ କବଦ ଅସୁର, କଲେ ପ୍ରହାର ॥

---

୧-ପାରୁଶରେ ଯାଇଥିଲେ ପୋଥିପାଠ । ୨-ଉଦ୍ଧବ ଗୀତ ଦ୍ୱିତୀୟ ଛାନ୍ଦ ବୃତ୍ତରେ ରୋଷବାଣୀରେ ଗାଇବ ପୋଥିପାଠ । ୩-ଠାବରୁ....ପୋଥିପାଠ । ୪-ପ୍ରାକାର = ପ୍ରାଚୀର, ଭ୍ରକାର ଠାରେଣ ପୋଥିପାଠ । ୫-କାଙ୍କଲରେଣ ପୁସ୍ତକପାଠ କାଙ୍ଗୁଲ = କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରାଚୀର । ୬-ସାହାଣ = ସମୁଦ୍ର ୭-ସାଗର ପୋଥିପାଠ ।

କୋଟି କୋଟି ରଥଗଜ ହୋଇଛନ୍ତି ଦ୍ରବ୍ୟ ସଜ
ଜିଣିବେ କି ଦେବରାଜ ୧ ସ୍ୱର୍ଗରେ ଆଜ ।

ବାଜି-ମୁଖ ଜବା ନାଳ ଉଚ୍ଚୈଶ୍ରବାର ସାନୁଜ ୨
ରାହୁତେ ଦେଖାନ୍ତି ତେଜ ବନ୍ଧି ୩ ନାରାଜ ॥

ବାନର ଅସୁରକୁଳ ମିଶିଲେ ଉଭୟ ବଳ
ସିନ୍ଧୁ କି ଲଙ୍ଘିଲା କୂଳ ପ୍ରଳୟ କାଳ ।

ଯୋଡ଼ି ଯୋଡ଼ି ହୋଇ ମେଳ କଲେକ ସଂଗ୍ରାମ ଗୋଳ
ଯେହ୍ନେ କଣ୍ଠି ତରୁଣିଲା ଅତି ବହୁଳ ॥

ଶକ୍ରାଜିତ ବାଳୀସୁତ କଲେ ରଣ ଅପ୍ରମିତ
ରଥୀ ସାରଥି ସହିତେ କଲେକ ହତ ॥

ବିରଥୀ ହୋଇ ରାବଣି ଗଦାଏ ମାଇଲେ ଆଣି
ଅଙ୍ଗଦ ମାରିବା ଜାଣି ଧଇଲେ ଟାଣି ୪ ।

ସମ୍ପାତି ସେ ସ୍ଥୂଳଜଙ୍ଘ ୫ ବେଢ଼ି ଜନଙ୍କର ଅଙ୍ଗ
ରୁଧିରେ ଦିଶେ ସୁରଙ୍ଗ ନେ ବେଢ଼ି ଅଙ୍ଗ ୬ ॥

ହନୁ ଜମ୍ବୁମାଳୀ ଭେଟ ରଣ କଲେକ ପ୍ରକଟ ୭
ଜାଣି ତା ବାନର ଶ୍ରେଷ୍ଠ ମାଇଲେ ଦୁଷ୍ଟ ।

ପ୍ରହସ୍ତ ୮ ସଙ୍ଗେ ସୁଗ୍ରୀବ ରଣ କଲେ ଅସମ୍ଭବ
ମୁଖେ ତାହା କେ କହିବ ଜାଣନ୍ତି ଦେବ ॥

କୁମୁଦ ସେ ସପ୍ତଘନ ୯ ରଣ କଲେ ବେନିଜଣ
ଉପାଡ଼ି ଦୈତ୍ୟ ନୟନ କଲେ ନିଧନ ॥

ବିରୂପାକ୍ଷକୁ ଲକ୍ଷ୍ମଣ ଓଗାଳି କଲେକ ରଣ
ଏକା କାଣ୍ଡକେ ମାରିଣ ନେଲେ ତା ପ୍ରାଣ ।

---

୧- ବାମ ଦେବ ରାଜ ପୋଥିପାଠ । ୨- ଏଠାରେ ପୋଥିପାଠ ଆଦୌ ସୁସ୍ପଷ୍ଟ ନୁହେଁ । ୩- ବିବାଧ···ପୋଥିପାଠ । ୪- ପାଣି···ପୁସ୍ତକ ପାଠ । ୫- ଥୁଳଜଙ୍ଘ ପୋଥିପାଠ । ୬- ସୁରଙ୍ଗେଇଙ୍ଗ ପୁସ୍ତକ ପାଠ । ୭- କପଟ ପୋଥିପାଠ ୮- ପ୍ରଶସ୍ତ ପୋଥିପାଠ । ୯- ସୁପୁଣ୍ୟ ଘନ ପୋଥିପାଠ ।

ମିତ୍ରଘନ ପ୍ରେତଘନ ୧ ହେଲେ ରାମ ସନ୍ନିଧାନ
ସ୍ମିତକେତୁ ଅଗ୍ନିକେତୁ ୨ ଯେତେକ ସୈନ୍ୟ ॥

ରାମ ସଙ୍ଗେ କଲେ ରଣ ମହାବୀର ସୁରଜଣ
ମାରି ରାମ ସୁରବାଣେ ନେଲେ ପରାଣ ।

ମହାନ୍ଦ ବଜ୍ର ମୁଷ୍ଟିକ ସଂଗ୍ରାମ କଲେ ଅନେକ
ଗଲେ ସେ ବଜ୍ର ମୁଷ୍ଟିକ ଶମନ ଲୋକ ॥

ନୀଳ ନିକୁମ୍ଭର ରଣ ନେଲେ ସାରଥିର ପ୍ରାଣ
ପଳାଇଲେ ଛାଡ଼ି ରଣ ଯେତେ ପରାଣ ୩ ।

ଅଶ୍ୱିନୀ ଦୁର୍ବିନ୍ଦ ଯୁଦ୍ଧ ଦୁହେଁ ଅଟନ୍ତି ଅସାଧ୍ୟ୪
ଦୁର୍ବିନ୍ଦ କଲେ ସେ ବଧ ଉଦ୍‌ଗାର ମଦ୍ୟ ॥

ବିଦ୍ୟୁନ୍ମାଳୀ ସଙ୍ଗେ ରଣ କଲେକ ବୀର ସୁଷେଣ
ଶାଳ ଶିଳ ପ୍ରହାରେ ନେଲେ ତା ପ୍ରାଣ ।

ଅସ୍ତ ହେଲେ ଦିନକର ସଂଗ୍ରାମ ହୋଇଲା ଘୋର
ପ୍ରବଳ ହେଲେ ଅସୁର ସେ ନିଶାଚର ୫ ॥

ଋକ୍ଷ କପି ବହୁ ମଲେ ଅସୁର ମିଶି ମାଇଲେ
ଜାଣି ତା ସେ ନ ପାରଲେ ମୃତ୍ୟୁ ଲଭିଲେ ।

ସମସ୍ତ ଅସୁର ମିଳି ବିସ୍ତାରଣ କଲେ ମେଲି
ମୂର୍ଚ୍ଛାଁ ମାର ଯାଉ ସର କପାଳି କଲି ॥

ମହା ପାରୁଶ୍ୱ ଅସୁର ସଙ୍ଗେ ଯେତେ ମହୋଦର
ଯମ-ଶତ୍ରୁ ସଙ୍ଗେ ଶୁକ ସାରଣ ବୀର ।

ଅତିକାୟକୁ ଘେନି ରାମକୁ ଆସି ବେଢ଼ିଲେ
ବହୁତ ବଳ ଯେତେ ଏ ଯାଡ଼ ଜଣ ॥

ଯେତେକେ ମକର କୁମ୍ଭଡ଼ ସୂର୍ଯ୍ୟ କରଣ ଉହାଡ଼
ତେସନେ ରାମଙ୍କୁ ବେଢ଼ି ପଡ଼ିଲେ ମାଡ଼ି ।

---

୧- ପୁତ୍ରଘନ ପୋଥିପାଠ । ୨- ଶଙ୍ଖୁକେତୁ ଧୂମ୍ରକେତନ ପୁସ୍ତକପାଠ । ୩- ରଖିଲେ ପ୍ରାଣ ପୋଥିପାଠ । ୪- ମନ୍ଦ ପୋଥିପାଠ । ୫- ଦୈତ୍ୟ ବୀର ପୋଥିପାଠ ।

ଖଡଗ-କୁନ୍ତ-ମୁଦ୍‌ଗର    ଶକଠ-ପରଘ ଶର
ତ୍ରିଶୂଳ ଚକ୍ର ଆବର କଲେ ପ୍ରହାର [୧] ।।

ରାମ ବିନ୍ଧ ଶର କୋଟି    ସକଳ ଆୟୁଧ[୨] କାଟି
ହୃଦସ୍ଥ ଗଲାଟି ଫାଟି ଅବନୀ ଲୋଟି ।

ରଥୀ ମହାରଥୀ ମଲ୍ଲ    ଅଶ୍ୱ ଗଜ ପଲ ପଲ
ମଲେ ଦୈତ୍ୟ ଭଲ ଭଲ ପୃଥିବୀ ଶଲ ।।

ରାମଙ୍କ କାଣ୍ଡ ପ୍ରଚଣ୍ଡ    ଦୈତ୍ୟ ହେଲେ ଖଣ୍ଡ ଖଣ୍ଡ
ନୃତ୍ୟନ୍ତ କବନ୍ଧ ଷଣ୍ଡ ହରାଇ ମୁଣ୍ଡ [୩] ।

ରୁଧିର ଧାରା ପ୍ରଖର    ବହିଲା ନଦୀ ପ୍ରକାର
ଦେଖି ଭାଙ୍ଗିଲେ ଅସୁର ସେ ଘଡବାର ।।

ତାଙ୍କ ପଳାଇବା ଜାଣି    ଅଇଲା ବୀର ରାବଣି
ହୋଇ ଧନୁଶର ପାଣି କାଳ କି ଜାଣି ।

ଶ୍ରାବଣରେ ନୀର ଧାର[୪]    ପ୍ରାୟ ବୃଷ୍ଟି କଲା ଶର
ରାମ ଲକ୍ଷ୍ମଣ ଅଙ୍ଗରେ[୫] ଅସୁର ବୀର ।।

ରାଘବ ସବୁ କାଟିଲେ    ପ୍ରଭୁ ଅସ୍ତ୍ରମାନ କଲେ
ମର୍ମକୁ ତାର ବିନ୍ଧିଲେ, ସେ ବୀର ହେଲେ [୬] ।

ମନେ ବିଚାରେ ରାବଣି    ଏ ଯୁଦ୍ଧେ ନୋହିବ ଜିଣି
ଏହା କାଣ୍ଡ ବଜ୍ର ଜାଣି ହୃଦୟହାଣି [୭] ।।

ଏତେ ବୋଲି ମାୟା କଲା    ସଂଗ୍ରାମେ ଅଦୃଶ୍ୟ ହେଲା
ଗଗନେ ଯାଇ ରହିଲା ଶର ମାଇଲା ।।

ଯେତେ ସେ ମାଇଲା ଶର    ହୋଇଲା ସର୍ପ ଆକାର
ରାମ ଲକ୍ଷ୍ମଣ ଶରୀର କଲା ପ୍ରହାର ।।

---

୧- ଚକ୍ର ଆବର ସହିତେ କଲେ ପ୍ରହାର···ପୋଥିପାଠ । ୨- ସକଳ ଆୟୁଧ କାଟି ପୋଥିରେ ନାହିଁ । ୩- ନୃତ୍ୟ କରନ୍ତି କବନ୍ଧ ହରାଇ ପିଣ୍ଡ ପୋଥିପାଠ । ୪- ସର୍ବଶର ଧାରାଧର ପୋଥିପାଠ । ୫- ତେଣ୍ଟେ ଅସୁର ପ୍ରବୀର ପୁସ୍ତକ ପାଠ । ୬-ସେ ସ୍ୱର୍ଗ ଗଲେ···ପୋଥି ପାଠ । ୭-ହୃଦୟ ମଣି ପୁସ୍ତକପାଠ ।

ଗାଏ କରନ୍ତେ ବନ୍ଦନ ନଷ୍ଟଲାବଣ୍ୟବ ମାନ [1]
ପଲାଶ ତରୁ ଯେସନ ସେ ବେନି ଜନ ॥

ବାଣ [2] ବିନ୍ଧି ଘନ ଘନ ଦେଖି ଅବୟବ ମାନ
ରାମ ଲକ୍ଷ୍ମଣ ବଦନ ଚିଙ୍କ ଯେସନ ॥

ବେନି ଅଙ୍ଗରୁ [3] ରୁଧିର ବହୁଅଛି ଝର ଝର
ଯେସନେ କୁମ୍ଭରୁ ନର ହୁଏ ବାହାର ॥

ଆଜ୍ଞା ଦେଲେ ରଘୁବୀର କାହିଁ ଅଛି ତାକୁ ଧର
ଆଜ୍ଞା ପାଇ କପିବୀର ହେଲେ ବାହାର ॥

ଆକାଶରେ ନ ଦେଖିଲେ ଶରେ ପୀଡ଼ିତ ହୋଇଲେ
ଲେଉଟି ତହିଁ ଅଇଲେ ଛାମୁରେ ଦେଲେ ॥

ଲକ୍ଷ୍ମଣ ସେ ରଘୁମଣି ମୋହେ ପଡ଼ିଲେ ଧରଣୀ
ଶକ-ଧ୍ୱଜପାତ ଜାଣି ବେନି ପରାଣୀ [4] ॥

ବେଢ଼ି ସର୍ବ ସେନାପତି ଅନାଇ ଜାନକୀ ପତି
ବହୁ ରୋଦନ କରନ୍ତି ସେ କପିପତି ॥

ଶର ବୃଷ୍ଟି କରୁଥିଲା ବିଭୀଷଣଙ୍କୁ ଦେଖିଲା
ଶଙ୍କରପୁ ଭୟକଲା ପଳାଇଗଲା ॥

ବିଳପନ୍ତେ କପିପତି ପ୍ରବୋଧନ୍ତି ଲଙ୍କାପତି
ବୋଲନ୍ତି ଅଟେ ଅନାଦି ଯୁଦ୍ଧର ରୀତି ॥

ତୁମ୍ଭର ଦେଖିଣ ଶୋକ ପଳାଇବେ କପି ଯାକ
ତୁମ୍ଭେତ ଅତି ବିବେକ କପିନାୟକ ॥

ମୁଁ ଏବେ ଆଣେ ବୁଲିକ କପିଙ୍କୁ ଭରସା ଦେବା
ଜଗିଥାଅ ମୁଁ ଆସିବା ସବୁ କହିବ ॥

ଏତେ କହି ସେହୁ ଗଲେ କପିରାଜନ ଜଗିଲେ
ଇନ୍ଦ୍ରଜିତ ଜୟ କଲେ, ବାଣୀ ଭଣିଲେ ॥

---

୧- ନଚଲେ ଅବୟବ ମାନ ପୋଥିପାଠ । ୨-ପୁଣି ବନ୍ଧେ ପୁସ୍ତକପାଠ ।
୩-ବାହୁରୁ ପୋଥିପାଠ । ୪-ସେ ବେନି ପାଣି ପୋଥିପାଠ ।

ରାଗ—**ପଞ୍ଚମ ବରାଡ଼ି** (ବୃପ୍ରସିଂହ୍ନା ବାଣୀ)

ରାମ ଲକ୍ଷ୍ମଣ ସଂହାରି          ଜୟ ଶଙ୍ଖ ଧ୍ୱନି କରି
ବାହୁଡ଼ିଲା ରାବଣ-କୁମାର
ଚତୁରଙ୍ଗ ବଳ ସଙ୍ଗେ          ବାହୁଡ଼ା ବିଜୟ ରଙ୍ଗେ
ଯୋଦ୍ଧାମାନଙ୍କୁ ପଥରେ କହେ ଉତ୍ତର ସେ ॥
ବୀରମାନେ ।
ତୁମ୍ଭମାନଙ୍କୁ ସେ ଜୟ କଲା,
ମୋର ହାତେ ଏବେ ପ୍ରାଣ ହରାଇଲା ହେ ॥

ଖଟ ଦୋଳରେ ସୁପାତି          ଶେଯରେ ନ ପହୁଡ଼ନ୍ତି ୧
ଶ୍ରୀରାମ ଭୟରେ ଲଙ୍କପତି ॥
ତାର ମୃତ୍ୟୁ ଶୁଣି ଅତି-          ଆନନ୍ଦ ହୋଇବ ମତି
ସୀତା ଯେନ ଏବେ ବଞ୍ଚିବେ କେ ରାତି,
ସେ ଶଙ୍କାକୃତି ।
ଏତେ କହି ଯାନୁ ଓହ୍ଲାଇଲା ।
ପିତା ପାଦ ଛୁଇଁଣ ଦର୍ଶନ କଲା ସେ ॥

ଶ୍ରୀରାମ ମରଣ ଶୁଣି          ବହୁ ହୃଷ୍ଟ ବଂଶ ପାଣି
ବଂଶ ଭୁଜେ ଆଲିଙ୍ଗନ କଲା ॥
ପୁତ୍ର ମୋର ଜୟ କଲା          ଆଜୁ ମୋର ଭୟ ଗଲା
ଲଙ୍କା ନଗରେ ଉତ୍ସବ କରାଇଲା,
ସେ ଲଙ୍କପତି,
ଆନନ୍ଦରେ ବିସ୍ମରିଲା,
ନଷ୍ଟେ ଏବେ ମୋର ଜାନକୀ ହୋଇଲା ଯେ ॥

ତ୍ରିଜଟାକୁ ହକାରି          ରାବଣେଶ୍ୱର କହଇ
ପତି ମୃତ୍ୟୁ ଦେଖୁ ଏବେ ସୀତା ।
ପୁଷ୍ପ-ବିମାନେ ବସାଇ          ଆଣିବ ରାମ ଦେଖାଇ
ପତି ଅନ୍ତେ ପତିବ୍ରତା ରଖିବ କି ତା ॥
ସେ ସୁକୁମାରୀ ୨ ।
ଏବେ ହେଉ ମୋର ମନୋହାରୀ ।
ଭୋଗ କରୁ ଏବେ ସ୍ୱୟଂ ପୂର ଶିରୀ ଯେ ୩ ॥

---

୧-ଶେଯରେ ସେ ନ ଶୁଅନ୍ତି ପୋଥିପାଠ । ୨-ସୁନ୍ଦରୀ ପୋଥିପାଠ । ୩-ଭୋଗ୍ୟ କରୁ ଏବେ ସୁଖେ ରାଜପୁରୀ ପୋଥିପାଠ ।

ଲଙ୍କପତି ଆଜ୍ଞା ପାଇ     ପୁଷ୍ପକ ଯାନେ ୧ ବସାଇ
ସୀତାଙ୍କୁ ରଣ ଭୂମିକି ନେଲେ ।
ଧରଣୀରେ ପଡିଛନ୍ତି     କପିମାନେ ବେଢିଛନ୍ତି ୨
ରାମ ଲକ୍ଷ୍ମଣଙ୍କୁ ଦେଖାଇଣ ଦେଲେ ସେ ॥
ଭୂମିସୁତା !
ତାହା ଦେଖି ହୋଇଲେ ମୂର୍ଚ୍ଛିତା
ପୁଣି ଜ୍ଞାନ ପାଇ ବିଳପନ୍ତି ସୀତା ସେ ॥

ଆହା ମୋର ପ୍ରାଣପତି     ମୋ ହୁର ପାଇଁ ଏ ଗତି
ନ ମିଳନ୍ତା କି ଅନ୍ୟ ଯୁବତୀ ୩ ।
ହୋଇଥାନ୍ତ କ୍ଷିତିପତି     ଦଇବ ଦେଲା ବିପତ୍ତି
ଏବେ ନୟନ ବୁଜି ଶୋଇଲ କ୍ଷିତି ॥
ହେ ପ୍ରାଣପତି !
ମରିବି ମୁଁ ତୁମ୍ଭର ସଙ୍ଗରେ ।
କିମ୍ପା ପ୍ରାଣ ଅଛୁ ମୋହର ଅଙ୍ଗରେ ହେ ॥

ସମୁଦ୍ର ବନ୍ଧନ ୪ କଲ     ସୈନ୍ୟ ସହିତ ଆସିଲ
ଦେବଙ୍କୁ ଦୁର୍ଲ୍ଲଭ ଏହି କଥା ।
ଏବେ ମୁଁ ଶୋକଜଳରେ     ବୁଡ଼ିଲ ପ୍ରାଣ ବିକଳେ ୫
ବିପ୍ରମାନଙ୍କ ବଚନ ହେଲା ବୃଥା ॥
ହେ ପ୍ରାଣନାଥ !
ମୋତେ ଯେ ବୋଲନ୍ତି ସୁଲକ୍ଷଣୀ ।
ବିଧବା ନୋହିବୁ ଜନକ ଜୁଲଣୀ ୬ ॥

ଜାନକୀ ବିଳାପ ଶୁଣି     ତ୍ରିଜଟା ବୋଲଇ ବାଣୀ
ତୁମ୍ଭ ପତି ହୋଇଛନ୍ତି ମୋହ ।
ଦେବଯାନ ଏ ଅଟଇ     ବିଧବାଙ୍କୁ ନ ବହଇ
ତୁମ୍ଭେ ଏ କଥାକୁ ନହୁ ଦୁଃଖୀ ନୁହଁ ଗୋ ୭ ।
ଶଶିମୁଖି !
ଏତେ କହି ବାହୁଡ଼ାଇ ନେଲେ ।
ଅଶୋକ ୮ ବନରେ ପ୍ରବେଶ ହୋଇଲେ ସେ ॥

---

୧-ବିମାନେ…ପୁସ୍ତକପାଠ । ୨-ଜଗିଛନ୍ତି…ପୋଥିପାଠ । ୩-ବହୁତା ପୋଥିପାଠ । ୪-ଲଙ୍ଘନ ପୋଥିପାଠ । ୫-ଏବେ ଗୋଷ୍ପଦ ଜଳରେ ବୁଡ଼ିଲ କିମ୍ପା ସ୍ଥଳରେ ୬-ବିଧବା ନୋହିବ ଜନକ ନନ୍ଦନୀ…ପୁସ୍ତକପାଠ । ୭-ତେଜଦୁଃଖ…ପୋଥିପାଠ । ୮-ଓଶୋକ ପୋଥିପାଠ ।

କେତେଦିନଁ କ ଦେଲେ ତହିଁ      ରାମଚନ୍ଦ୍ର ଜ୍ଞାନ ପାଇ
ସୁଗ୍ରୀବଙ୍କୁ ଟହିଁ ଅଜ୍ଞାଦେଲେ ।
ଲକ୍ଷ କା' ନ ମରାଅ      ସୌମିତ୍ର ବାହୁଡ଼ି ଯାଅ
ଦେଖ ଲକ୍ଷ୍ମଣ ଅସୁର ପ୍ରାଣ ଦେଲେ ॥
ହେ କପିପତି !
ଏମାଙ୍କ ବିନୁ କି ଜୀଇଁବି ।
ସୁମିତ୍ରା ମାତାଙ୍କୁ କି ବୋଲି ବୋଲିବି ହେ ॥

ଅଇଲେ ମତେ ଗୋଡ଼ାଇ      ନାନା ଦୁଃଖମାନ ସହି
ବନେ ମୋତେ ସେବା କରୁଥିଲେ ।
ଏବେ ଭାଇ ମୋର ପାଇଁ      ସାଗରେ ସେତୁ ବନ୍ଧାଇ
ଦୁଷ୍ଟ ଅସୁରଙ୍କ ହାତେ ପ୍ରାଣ ଦେଲେ ॥
ହେ କପିପତି !
ନ ଜାଣଇ ମୁଁ ଏହା ବଞ୍ଚନେ ।
ଅଯୋଧ୍ୟାକୁ ମୁହିଁ ଯିବଇଁ କେମନେ ହେ ॥

ବିଳପନ୍ତେ ରଘୁବୀର      ଜ୍ଞାନ ସୁମିତ୍ରା କୁମର
ପାଇବାରୁ ଧଇର୍ଯ୍ୟ ହୋଇଲେ ।
ପ୍ରବୋଧନ୍ତେ[୧] କପିଗଣ      ବାହୁଡ଼ନ୍ତେ ବିଭୀଷଣ
ଶଙ୍କାଜନିତ ଭୟେ ପଳାଇଲେ ହେ ॥
ସୈନ୍ୟମାନେ !
ଶୁଣଇ ବୋଲନ୍ତି ବାହୁଡ଼ିଲେ
ସବୁରି ମନରୁ ଦୁଃଖ ଏଡ଼ିଲେ ହେ[୨] ॥
ଶ୍ରୀରାମ ଲକ୍ଷ୍ମଣ ରହିଁ      ବିଭୀଷଣ ଦୁଃଖ ପାଇ
ବହୁତ ବିଳାପ ମାନ କଲେ ॥
ଯାହାର ଦର୍ଶନ ପାଇଁ      ଲଙ୍କା ତେଜି ଅଇଲଇଁ
ତେଜି ଗଲେ ଏବେ ନୋହିଲି[୩] ବୋଇଲେ ସେ ॥
ବିଭୀଷଣ ।
ପ୍ରବୋଧନ୍ତି ଅଙ୍ଗଦ ସୁଷେଣ,
ଅଧର୍ଯ୍ୟ[୪] ନୁହଁ ତୁମ୍ଭେ ଲଙ୍କା ରାଜନ ହେ ॥

---

୧-ପ୍ରବୋଧନ୍ତି ପୁସ୍ତକପାଠ । ୨-ସବୁଙ୍କର ମନଦୁଃଖ ଦେବେ ଏଡ଼ିଲେ ପୋଥିପାଠ ।
୩-ନୋହିଲଇଁ......ପୋଥିପାଠ । ୪-ଅଧଇର୍ଯ୍ୟ ପୋଥିପାଠ ।

ସୁଗ୍ରୀ ବୋଲନ୍ତି ସୁଷେଣ ଶ୍ରୀରାମଚନ୍ଦ୍ର ଲକ୍ଷ୍ମଣ
କର୍ଣ୍ଣଦ୍ୱାରେ କର ସ୍ନେହ ଯତନ ॥
ଆମ୍ଭେ ରାବଣ ମାରିବା ଶ୍ରୀରାମଙ୍କୁ ସୀତା ଦେବା
ତେବେ ସିନା ବାହୁଡ଼ିବେ ମୋର ସୈନ୍ୟ ସେ ॥
ସୁଗ୍ରୀ ବୀର ।
କହନ୍ତେ ନାରଦ ପରବେଶ ।
ବୋଲେ ବିଣି ସ୍ତବ କଲେ ଶ୍ରୀରାମର ପାଶ ସେ ॥

●

ରାଗ- -**ପାହାଡ଼ିଆ କେଦାର** (କଳହଂସ କେଦାର)

ରାମ ଲକ୍ଷ୍ମଣ ସନ୍ନିଧେ ସଙ୍କେତ ଦେଇ ପଣ ବାଦନୀ ୧
ବୋଲେ ଜୟଗ୍ୟ କଲେ
ଆମ୍ଭର ନୟନ ବେନ ସେ ॥

ଅସୁର ପନ୍ନଗ ପାଶେ ୨ ଦେଇ ବନ୍ଧନ କରିଛି ଭାଇ ବେନି
ଆଜ ମୋଇଲେ ଯାନ୍ତା- -
ଏ ଶର ଜୀବନ ଦେଲ ସେ ॥

ଏତେ କହି ନାରଦ ସ୍ତବ ପଢ଼ିଲେ ।
କୃତଅଞ୍ଜଳି ହୋଇଣ କରଯୋଡ଼ିଲେ ୩

ଭକତ ଭାବେ ପୁଲକ ହେଲେ ବୀଣା ବଜାଇ ସେ ନୃତ୍ୟ କଲେ
ବେନି ନୟନୁ ଆନନ୍ଦଅଶ୍ରୁ ପତିତ ହେଲେ ସେ ୪ ॥

ଜୟ ତୁ ୫ ମତ୍ସ୍ୟ କୂର୍ମ ଶୂକର ନୃସିଂହ ଖର୍ବ ୬ ପରଶୁଧର
ଶ୍ରୀରାମ ହଳଧର ବଉଦ ୭ କଳଙ୍କି ଅବତାର୮ ସେ ॥

---

୧-ପଣବାଦନ = ବୀଣା । ୨-ପନ୍ନଗପାଶ = ନାଗପାଶ । ୩-ଏ ପଦଟି ପୋଥିରେ ଓଲଟ ପାଲଟ ହୋଇ ରହିଛି । ୪-ଏ ଧାଡ଼ିଟି ପୋଥିରେ ନାହିଁ । ୫-ଜୟତୁ ଜୟ ମତ୍ସ୍ୟ ଶୂକର ପୋଥିପାଠ । ଦଶାବତାର ଗୀତରେ ମତ୍ସ୍ୟ ପରେ କୂର୍ମ ହେବା ଉଚିତ୍, କିନ୍ତୁ ସେଥିରେ କୂର୍ମ ନାହିଁ । ୬-ବିପ୍ର ପୋଥିପାଠ, ଅର୍ଥାତ୍ ଖର୍ବ ବାମନ । ୭-କଳଙ୍କି ବୁଦ୍ଧ ପୋଥିପାଠ ତାହା ମଧ୍ୟ କ୍ରମଭଙ୍ଗ । ୮-ଆକାର ପୋଥିପାଠ ।

ଶିଷ୍ଟ ପାଳି ଦୁଷ୍ଟଙ୍କୁ ମାର  ଉଶ୍ବାସ କର ମହୀର ଭାର
ଏହି କାରଣେ ଏ ଅବତାର ରାମ ଶରୀର ଯେ ॥

ତୁ-ମ୍ଭେ ତ ଦେବ ଅଖିଳ ତାତ  ତୁମ୍ଭର ତହୁଁ ସକଳ ଜାତ
ଚିନ୍ତୁବା ହେଉ ବିନତା ସୁତ ଅଦ୍ଭୁ ଚରିତ ହେ ॥

ଏମନ୍ତ କହିଣ ଧାତାସୁତ  ବ୍ରହ୍ମ ଲୋକକୁ ଗଲେ ତ୍ୱରିତ ଯେ ।
ପନ୍ନଗାଶନେ ୧ ମନେ ଚିନ୍ତିଲେ କୌଶଲ୍ୟାସୁତ ଯେ ॥

କ୍ଷୀରସାଗର ଭିତରେ ଥିଲେ  ରମ୍ୟକ ଦ୍ୱୀପୁ ବାହାର ହେଲେ
ଆସନ୍ତେ ପକ୍ଷ ପବନେ ଗିରିବର ଉଡ଼ିଲେ ଯେ ॥

ଦେବର୍ଷି ସର୍ପେ ପକାଇ ଗଲେ  ଲବଣ ଜଳଧିରେ ପଶିଲେ
ବିନତା ସୁତ ରାମ ଛାମୁରେ ଦରଶନ କଲେ ଯେ ॥

ନାଗବନ୍ଧନୁ କରି ମୁକତ  ବିନତା ସୁତ ଅମୃତ ହସ୍ତ
ଲାଗନ୍ତେ ତେଜ ହେଲା ବହୁତ ହେଲେକ ଶାନ୍ତ ଯେ ॥

ଶ୍ରୀରାମ ଆଜ୍ଞା ଦେଲେ ତାହାନ୍ତ  ତୁମ୍ଭେ କି ମିତ୍ର ଆମ୍ଭର ତାତ ୨
ଉପକାରତ କଲ ବହୁତ ତୁମ୍ଭେ ମୋ ହିତ ଯେ ॥

ବିନତା ସୁତ କଲେ ଉତ୍ତର  ମୋ ଦେବ ସବୁ ଧନ ମୁଁ ତୋର
ପୁଣ ଦର୍ଶନ କରାଇ ନିନା ଅଯୋଧ୍ୟା ପୁର ଯେ ।

ଏତେ କହିଣ ଗରୁଡ଼ ଗଲେ  ବାନର ଦଳ ଆନନ୍ଦ ହେଲେ
ପୁଣି ଯୁଦ୍ଧକୁ ଆରମ୍ଭ କଲେ ବୀର ଭଣିଲେ ଯେ ॥

## ଯଦୁ ବୋଲ ବୃତ୍ତେ ଗାଇବ

ତରୁ ଉପାଡି ଗ୍ରୁଡ଼ନ୍ତ ରଡ଼ି । ଲଙ୍କାକୁ ବାନରେ ପଡ଼ନ୍ତି ଉଡ଼ି ॥
ବାଜିଲା ଗୋଳ ଉଭୟ ବଳ । ସିନ୍ଧୁମନ୍ଥ ପ୍ରାୟେକ ଚହଲ ॥
କପିଙ୍କ ବାଣୀ ଶ୍ରବଣ ଶୁଣି । ବୋଲଇ କେମନ୍ତ ଗଲେ ଖୁଣି ॥
ବିସ୍ମୟ ହେଲା ଶତ୍ରୁ ଶ ମନ । ପୁନ ଧୂମ୍ରାକ୍ଷ ୩ ଶୁଣି ବୋଇଲା ॥

---

୧-ପନ୍ନଗାଶନ = ଗରୁଡ଼ । ୨-ତାତ.. ପୁସ୍ତକପାଠ । ୩-ଧୂମାକ୍ଷ ପୋଥିପାଠ ।

ଅସୁର ଗଣ ଥିବେ ଗହ୍ୱଣ୧ । ମାରି ଆସିବାକୁ ରାମ ଲକ୍ଷ୍ମଣ ॥
ଏମନ୍ତ ଶୁଣି କୁମର ମଣି । ପଶ୍ଚିମ ଦ୍ୱାରେ ବାହାର ରାବଣି ॥
ଅସୁର ଶ୍ରେଣୀ ତେସନ ଜାଣି । ବନ୍ଧ ଭାଙ୍ଗିଲେ ଯେସନ୍ତେ ଯାଇ ପାଣି ॥
କଲେକରଣ ବାନର ଗଣ । ବଡ଼ ବଡ଼ ବୃକ୍ଷମାନ ୨ ଘେନଣ ॥
କଲେ ସମର ସର୍ବ ଅସୁର । ଘେନ ଖଡ଼ଗ କୁନ୍ତ ଧନୁଶର ॥
କେହି ଟେକଥ, ଶୂଳ ମାରନ୍ତି । କୁଠାର୩ ଗଦା ଘେନ ପ୍ରହାରନ୍ତି୪ ॥
ଦେଖିଣ ହନୁ ରାବଣ ସୁନୁ । ଯେସନେ ରାହୁ ଗ୍ରାସ କରେ ଭାନୁ ॥
ଧୂମ୍ର ରାକ୍ଷସ କାର୍ଯ୍ୟ ବିଶେଷ । ମାରି ପ୍ରବେଶ ହେଲା ହନୁ ପାଶ ୫ ॥
ପଥର ଘେନ ଥିଲା ପାବନ । କରୁଡ଼ିଲା ଧୂମ୍ରାକ୍ଷର ମୂର୍ଦ୍ଧନ ॥
ଅସୁର ମଲେ ପଳାଇ ଗଲେ । ଧୂମ୍ର ରାକ୍ଷସ ମଲାର କହିଲେ ॥
ଶୁଣି ରାବଣ କଲା କାରୁଣ୍ୟ । ବଜ୍ରମୁଷ୍ଟିକ ୬ ରାଇଲା ଆପଣ ॥
ତୁ ଏବେ ଯିବୁ କପି ମାରିବୁ । ହେଳା ଯୁଦ୍ଧ କେବେହେଁ ନ କରିବୁ ॥
ସେହି ଅଇଲା ସୈନ୍ୟ ଘେନିଲା । ଦକ୍ଷିଣ ଦ୍ୱାରେ ବାହାର ହୋଇଲା ॥
ରଥେ ବସିଲା, ଧନୁ ଧଇଲା । ଅଙ୍ଗଦ ଆଗେ ପ୍ରବେଶ ହୋଇଲା ॥
ଶର ବନ୍ଧିଲା କପି ମାଇଲା । ଅଙ୍ଗଦ ଅଙ୍ଗେ ଶର ବୃଷ୍ଟି କଲା ॥
କ୍ରୋଧେ ଅଙ୍ଗଦ କରଇ ନାଦ । ବୃକ୍ଷେକ ପିଟିଲା ଦୈତ୍ୟର ହୃଦ ॥
ତାହା ସମ୍ଭାଳି ଅସୁର ବଳୀ । ଶର ପ୍ରହାରନ୍ତେ ରୁଧିର ଗଳି ॥
ଘେନ ପଥର ବାଳୀ କୁମର । କରୁଡ଼ିଲେ ରଥ ସାରଥି ପର ॥
ରଥ ଭାଙ୍ଗିଲା ୭ ସାରଥି ମଲା । ଅସୁର ଖଡ଼ଗ କରେ ଧଇଲା ॥
ଅଙ୍ଗଦ ଧାଇଁ ଧଇଲା ଯାଇ । ଖଡ଼ଗ ତା କରୁ ନେଲା ଛଡ଼ାଇ ॥
ସେ କପିଖଣ୍ଡ ଦେଲାକ ଦଣ୍ଡ । ସେହି ଖଡ଼ଗେ କାଟି ଅସୁର ମୁଣ୍ଡ ॥

---

୧-ବହ୍ନନ ପୁସ୍ତକପାଠ । ୨ ତାଳଶିଳା ପୋଥିପାଠ । ୩-କୋଠାରୁ ପୋଥିପାଠ । ୪-ଘେନ ପହୁଡ଼ନ୍ତି ପୋଥିପାଠ । ୫ ରାମପାଶ...ପୁସ୍ତକ ପାଠ । ୬-ବଜ୍ରଦୁଷ୍ଟ ପୋଥିପାଠ । ୭-ଭାଜିଲା...ପୋଥିପାଠ । ୮-ଶୂରର ମୁଣ୍ଡ.. ପୁସ୍ତକ ପାଠ । ପୋଥିରେ ସେହି ପାଦଟି ନାହିଁ । କିନ୍ତୁ ଅସୁର ମୁଣ୍ଡ ହେବା ସମୀଚୀନ ।

ସୈନ୍ୟ ଭାଜିଲା ବାରତା ହେଲ [୧] । ଅଙ୍ଗଦ କରେ ବଜ୍ରମୁଷ୍ଟି ମଲ ॥
ଶୁଣି ରାବଣ ସକ୍ରୋଧମନ । ଅକମ୍ପନ[୨]କୁ କହଇ ବଚନ ॥
ତୁମ୍ଭେ ମୋହର କର ସମର । ଉପ୍ରୋଧ ନ କର ବାନର ମାର ॥
ଆଜ୍ଞା ପାଇଲା ସୈନ୍ୟ ସାଜିଲା । ପଶ୍ଚିମ ଦ୍ୱାରେ ବାହାର ହୋଇଲା ॥
ବସି ରଥର ସୈନ୍ୟ ସଙ୍ଗର । ଉଦୟ ହୋଇଲା କି ଦିବାକର ॥
ଉଭୟ ଥାଟ ହୋଇଲେ ଭେଟ । ସଂଗ୍ରାମେ ବେନ ବଲ ହେଲେ ନଷ୍ଟ[୩] ॥
କଲେ ସମର କପି ଅସୁର । ଅକମ୍ପନକୁ ଦେଖି ହନୁବୀର [୪] ॥
କୋପେ ପ୍ରଖର ସେ ହନୁବୀର । ପିଟିଲା ତାହାକୁ ହନୁ ପଥର [୫] ॥
ଭାଜିଲା ରଥ ହେଲା ଅନର୍ଥ । ଅସୁର କାଣ୍ଡ ହୋଇଲା ବ୍ୟର୍ଥ ॥
ଅସୁର ଶିର ମୋଡ଼ନ୍ତେ ବୀର । ନ ଛିଣ୍ଡନ୍ତେ ପକାଇଲେ ଭୂମିର ॥
ଶିଳେକ ନେଇ ଦେଲେ ପକାଇ । ଅସୁର ଶିରରେ ପଡ଼ିଲା ଯାଇଁ ॥
ରଡ଼ି ଛାଡ଼ିଲା ପ୍ରାଣ ଉଡ଼ିଲା । ପଥର ବାଜିଣ ଅସୁର ଗଲା ॥
ଭାଜିଲା ଥାଟ ନପାଇ ବାଟ । ଲଙ୍କାରେ ପଶିଲେ ପାଇଣ କଷ୍ଟ[୬] ॥
ବାରତା ଦେଲା ଚର କହିଲା । ହନୁ ହାତରେ ଅକମ୍ପନ ମଲା[୭] ॥
ଶୁଣି ରାବଣ କରେ କାରୁଣ୍ୟ । ପ୍ରହସ୍ତକୁ[୮] ହକାରେ ସେହିକ୍ଷଣ ॥
ତୁମର ସବୁ ଯୁଦ୍ଧରେ ବାବୁ । ପୁତ୍ରଙ୍କର କଷ୍ଟ ପାଶୋରାଇବୁ ॥
ଶୁଣି ପ୍ରହସ୍ତ[୯] ସୈନ୍ୟ ବହୁତ । ଘେନି ବାହାରନ୍ତେ ବାଦ୍ୟ ବହୁତ ॥
ବସି ରଥର ପୂର୍ବ ଦୁଆର । ସଙ୍ଗରେ ସୈନ୍ୟ ଘେନିଣ ଅପାର ॥
ଧନୁ ଧଇଲା ସୈନ୍ୟେ ପଶିଲା[୧୦] । ଅନେକ ଋକ୍ଷ ବାନର ମାଇଲା ॥
ବିଷମ ରଣ କଲା ଆପଣ । କୋଟି କୋଟି ମଲେ ବାନର ଗଣ ॥
ବାନର ମଲ୍ଲ ନୀଳ ଦେଖିଲା । ତରୁ ଶିଳା ଧରି ଆଗ ହୋଇଲା ॥

---

୧-ହେଲା ପୁସ୍ତକପାଠ । ୨-ଅଙ୍କଂପନ ପୋଥିପାଠ । ୩-ହୁଅଇ ନଷ୍ଟ ପୋଥିପାଠ ।
୪-ଦେଲେ ତାହାକୁ ହନୁମନ୍ତବୀର ପୋଥିପାଠ । ୫-ତରୁ ପଥର ପୋଥିପାଠ ।
୬-ଏ ପଦଟି ପୋଥିରେ ନାହିଁ । ୭-ଏ ପଦଟି ପୋଥିନାହିଁ ।
୮-ପ୍ରଶସ୍ତ ପୋଥିପାଠ । ୯-ପ୍ରଚଣ୍ଡ ପୋଥିପାଠ । ୧୦- ଉଭୟ ପୋଥି ଓ ପୁସ୍ତକରେ ସୈନ୍ୟ ପଶିଲା ପାଠ ରହିଛି ।

କଲେକ ରଣ ସେ ଦେବନ ଜନ । ଅସୁର ବାନ୍ଧଇ ସାଧୁକ ଠାଣ ॥
ଦେଖିଣ ୧ ନୀଳ ମାଇଲେ ଶୀଳ । ଭାଙ୍ଗିଲେ² ରଥ ଉଭା ହେଲେ ତଳ ॥
ନୀଳ ଶରୀର ବହେ ରୁଧିର । କମ୍ପେ ଅଙ୍ଗଦ ହୋଇ ଥରଥର ॥
କରଣ ରଙ୍ଗ ତରୁ ଉପାଡ଼ି । ପ୍ରହସ୍ତ ଉପରେ ନେଇ କଗୃଢ଼ି ୩ ॥
ମଲ୍ଲ ଅସୁର ଭାଜିଲା ଶିର ୪ । ଶତ ଖଣ୍ଡ ହୋଇ ପଡ଼ି ଭୂମିର ॥
ଦୈତ୍ୟ ସଇନ ପଡ଼ି ମେଦନୀ । କେହ୍ନ କେହ୍ନ ଗଲେ ଜୀବନ ଘେନି ॥
ରୁଧିର ନଈ ସମରେ ବହି । ସମରେ ପୃଥିବୀ ଦଶଇ ନାହିଁ ॥
ନାଚେ କବନ୍ଧ ଶବ ଦୁର୍ଗନ୍ଧ ୫ । ବହରେ ଶୃଗାଲ ଶାଗୁଣା ବୃନ୍ଦ ॥
ଲଙ୍କା ରାଜନ ବିକଳମନ । ଶୁଣିଣ ସେ ପ୍ରହସ୍ତର ନିଧନ ୬ ॥
ଘୋଷଣା ଦେଲା ସୈନ୍ୟ ସାଜିଲା । ଆଜ ବିଜେ କରିବାରେ ବୋଇଲା ॥
ବାହାର ରାଜା ବଜାଇ ବାଜା । ହୁଅନ୍ତ ଅସୁର ବଡ଼ ତରଜା ॥
ଅନେକ ରଥୀ ଅନେକ ହାତୀ । ଅନେକ ଅଶ୍ୱ ଅନେକ ପଦାତ ॥
କରଇ ବିଜେ ଅସୁର ରାଜେ । ତୁରୀ ଭେରୀ ଶଙ୍ଖ କାହାଳୀ ବାଜେ୮ ॥
ଅଶ୍ୱ ପଛରେ ଗଜ ଆଗର । ସମ ଦଣ୍ଡେ ବିଜେ ଅସୁରେଶ୍ୱର ॥
ପଢ଼ନ୍ତି ଭାଟ ନଟକ ନାଟ୯ । ଦାଣ୍ଡ ପୂରିଣ ଯାଉଛନ୍ତି ଥାଟ ॥
ବିବିଧ ଛନ୍ଦ ଅଡ଼ ପବନ । ହରଇ ୧୦ ଅଖିଳ ଜନଙ୍କ ନେତ୍ର ॥
କି ସ୍ୱର୍ଗପୁର କରିବେ ଜୁର । ଏହା ବିଚାରି ଡରନ୍ତି ଅମର ॥
କରବ ରଣ ଆଜ ଆପଣ । ଦୀନ ବଣି ଭଣେ ରାମ ଚରଣ ॥

●

---

୧-ତା ଦେଖି ପୋଥିପାଠ । ୨-ଭାଙ୍ଗି ରଥ ପୋଥିପାଠ ।
୩-ଉଗୃଢ଼ି ପୁସ୍ତକପଠ । ୪-ଶର ପୁସ୍ତକପାଠ ।
୫-ସୌବନ୍ଧସନ୍ଧ ପୋଥିପାଠ । ୬-ପ୍ରଚଣ୍ଡର ନିଧନ ପୋଥିପାଠ । ୭-ପାଦାନ୍ତ ପୋଥିପାଠ । ୮-ଭେରୀ ଶଙ୍ଖ ବାରକାହାଳୀ ବାଜେ ପୋଥିପାଠ । ୯-ଦଣ୍ଡକ ନାଟ ପୋଥିପାଠ, ଦଣ୍ଡକନାଟ=ଶୁଦ୍ଧପାଠ । ନଟକ=ସଙ୍ଗୀତ ବିଶେଷ ନଟକନାଟ ଅର୍ଥାତ ଶାସ୍ତ୍ରୀୟ ସଙ୍ଗୀତ ସହିତ ନୃତ୍ୟ । ୧୦-ରହଇ ପୋଥିପାଠ ।

## ରାଗ—ବସନ୍ତଭୈରବୀ ୧

ଚତୁରଙ୍ଗ ବଳ ଘେନ ବିଜୟ ରାବଣ ।
ଯାନ ଚଢ଼ି ବେଢ଼ିଛନ୍ତି ପୁତ୍ର ପୌତ୍ର ଗଣ ୨ ॥

ଗଡ଼ର ଉତ୍ତର ଦ୍ୱାରେ ବାହାର ହୋଇଲେ ।
ପ୍ରଳୟ କାଳରେ ଯେହ୍ନେ ସିନ୍ଧୁ ଉଚ୍ଛୁଳିଲେ ॥

ରଥ ଗଜ ଲକ୍ଷ ଲକ୍ଷ ପାଦାନ୍ତି ଅଶେଷ ୩ ।
ଅଶ୍ୱବୃନ୍ଦ ମହୂର୍ଷି ୪ ଆବୋରି ରାଜ ପାଶ ॥

ଦେଖିଣ ଶ୍ରୀରାମଚନ୍ଦ୍ର ବିଭୀଷଣେ ଚାହିଁ ।
ବୋଲନ୍ତି ୫ ଦେଖ ଅସୁରେ ଆସୁଛନ୍ତି ବାହି ॥

ଅନେକ ରଥ ସଙ୍ଗରେ ଆସେ କେଉଁ ଦୈତ୍ୟ ।
ଜଣ ଜଣ କରି ଆମ୍ଭ ଅଗ୍ରେ ୬ କହ ସତ୍ୟ ॥

ଶୁଣି ବିଭୀଷଣ ଅଙ୍ଗୁଳି ଦେଖାଇ କହେ !
କମ୍ପନ ଅସୁର ରଥ ଚଢ଼ି ଆଗେ ଧାଏଁ ॥

ଦେଖ ଦେଖ ଦେବ ମଧ୍ୟରେ ଅସୁରେଶ୍ୱର ।
ବିଜେ କରି ଆସଇ କନକ ରଥବର ॥

ଦଶଶିରରେ ଦଶ ମୁକୁଟ ମଣିମୟ ।
ଗଣ୍ଡେ ଝଳକନ୍ତି ମକର କୁଣ୍ଡଳଚୟ ୭ ॥

ଦଶଭୁଜରେ କମାଣ ଦଶଭୁଜେ ବାଣ ।
ଶ୍ୟାମ ମେଘ ପ୍ରାୟ କାନ୍ତି ଦେଖ ଏ ରାବଣ ୮ ॥

ରାବଣ ୯ ଦକ୍ଷିଣ ପାଶେ ଶକ୍ରାଜିତ ବୀର ।
ବାମ ପାର୍ଶ୍ୱରେ ରଥ ଚଢ଼ି ମହୋଦର ॥

---

୧–ରାଗ···ଭଇରେବ ପୋଥିପାଠ । ୨–ନାତିଗଣ ପୋଥିପାଠ । ୩–ଅସଂଖ୍ୟ ପୋଥିପାଠ । ୪–ଅଶ୍ୱ ଗଜ ଆରୋହ ପୋଥିପାଠ । ୫–ଆଜ୍ଞାଦେଲେ ପୋଥିପାଠ ୬–ଆସୁଆଗେ ପୁସ୍ତକ ପାଠ । ୭–କୁଣ୍ଡଳମଣିମୟ ପୋଥିପାଠ । ୮–ଦେବ ଏ ରାବଣ ପୁସ୍ତକ ପାଠ । ୯–ଲଙ୍କେଶ୍ୱର ପୋଥିପାଠ ।

ନରାନ୍ତକ ଦେବାନ୍ତକ ଅଛନ୍ତି ପାଟର ।
ଭାହାଙ୍କ ପାଶରେ ୧ ଆସୁ ଅଛଇ ବିଶିର ॥

କୁମ୍ଭ ନିକୁମ୍ଭ ଏ ଦେବ କୁମ୍ଭକର୍ଣ୍ଣ ସୁତ ।
ଅତିକାୟ ମହାକାୟ କରାଇ ଦେବାନ୍ତ ୨ ॥

ସାବଧାନ ହୋଇ ଦେବ କରିବା ସମର ।
ଯେଉଁମାନେ ଆସୁଛନ୍ତି୩ ମହା ମହା ବୀର ॥

ଶୁଣି ଶ୍ରୀରାମ ବୋଲନ୍ତି ଏହି ଲଙ୍କପତି ।
ଏହି ହରିଗଲା ଅଣିଛି ଜନକ ଦୁହିତା ॥

ଏତେ ବୋଲି ଲକ୍ଷ୍ମଣଙ୍କୁ ପାଶକୁ ରାଇଲେ ।
ପ୍ରତିଜ୍ଞା କରି କୋଦଣ୍ଡେ ଗୁଣ ଚଢ଼ାଇଲେ ॥

ଋକ୍ଷ ରାକ୍ଷସ ମର୍କଟ ହୋଇଲେକ ଭେଟ ।
ମିଶାମିଶି ହୋଇ ଗୋଳ କଲେ ବେନି ଆଟ ॥

ଯୂଥପତିମାନେ ରଥୀମାନଙ୍କ ସଙ୍ଗରେ ।
ଯୁଦ୍ଧ କଲେ ବେନି ବେନି ଏକ ଆରକରେ ॥

ଶାଳ ଶିଳା ଶସ୍ତ୍ରମାନ ୪ କରୁଛନ୍ତି ବୃଷ୍ଟି ।
କେହି କାହାକୁ ନ ଛାଡ଼େ ହୋଇ ଏକା ଦୃଷ୍ଟି ॥

ଲଙ୍କପତିଙ୍କି ସୁଗ୍ରୀବ ଶାଳ ଶିଳା ଘେନି ।
ପ୍ରହାରନ୍ତେ ରାବଣ କାଟିଲା ଶସ୍ତ୍ର ଘେନି ୬ ॥

ବହୁ ରଣ କଲେ ବେନି ୭ ସୁଗ୍ରୀବ ରାବଣ ।
କୋପେ ସୁଗ୍ରୀ ହୃଦକୁ ମାଇଲା ଏକ ବାଣ ॥

ରାବଣର ଶରେ ସୁଗ୍ରୀ ହୃଦ ଗଲା ଫୁଟି ।
ଅଜ୍ଞାନ ହୋଇ ପଡ଼ିଲେ ପୃଥିବୀରେ ୮ ଲୋଟି ॥

---

୧-ପଛରେ ପୋଥିପାଠ । ୨-ବେଦାନ୍ତ ପୁସ୍ତକପାଠ । ୩-ଯେତେମାନେ ଆସୁଅଛନ୍ତି ପୋଥିପାଠ । ୪-ଅସ୍ତ୍ରମାନ ପୁସ୍ତକପାଠ । ୫-ପୋଥିପାଠ । ୬-କାଣ୍ଡବେନି ପୁସ୍ତକପାଠ । ୭-ବହୁତ ଯେ ରଣଙ୍କର ପୋଥିପାଠ । ୮-ଭୂମିରେଣ ପୋଥିପାଠ ।

ଏହା ଦେଖିଣ ମାରୁତି ଅଗ ଉଗାଳିଲେ
ବଜ୍ର ସମ କରି ତାକୁ ଚପୋଡ଼େ ମାଇଲେ ॥

କ୍ଷଣକେ ରାବଣ ତହିଁ ହୋଇ ଗଲେ ମୋହ
ମୋହ ତେଜି ଚପୋଡ଼େ ମାଇଲେ ହନୁ ଦେହ ॥

ପୁଣି ବିଧାଏ ମାଇଣ ରାବଣ ଉରୁକୁ ୧
ଆପଣେ ନିନ୍ଦଇ ହନୁ ଆପଣା କରକୁ ୨ ॥

ରାବଣ ମୁଥେ ମାଇଲା ପୁଣି ହନୁ ଉର
ମୂର୍ଚ୍ଛିତ ହୋଇ ପଡ଼ିଲା ତେଜେ ମହାବୀର ॥

ଏହା ଦେଖି ନୀଳ ସେନାପତି ଉଗାଳିଲେ
ବଜ୍ର ସମ କରି ତାକୁ ଟିକେକ ମାଇଲେ ॥

ଜାଗ୍ରତ କାଣ୍ଡରେ ତା କୀ ଠିଲା ଲଙ୍କପତି
ନୀଳ ରାବଣ ରଥରେ ଉଠିଲେ ତଡ଼ତି ॥

ସୂକ୍ଷ୍ମ ରୂପ ହୋଇ ତାର ଦେହରେ ଉଠିଲେ
ମୁକୁଟ ଟଙ୍କିଣ ତାର ସେହ୍ଲା ବାଦାଇଲେ ॥

ପୁଣି ତାର ରଥଧ୍ୱଜ ଉପରେଣ ୩ ବସି
ଦେଖି ରାମ ନୀଳକୁ ପ୍ରଶଂସା କଲେ ହସି ॥

ଦେଖିଣ ରାବଣ କ୍ରୋଧେ ଅଗ୍ନି ଶର ଘେନ
ମନ୍ତ୍ରୀ ପେଷନ୍ତେ ପଡ଼ିଲା ନୀଳର ମୂର୍ଦ୍ଧନ ୪ ॥

ପୁତ୍ର ବୋଲି ଅଗ୍ନି ତାର ଜୀବନେ ରଖିଲେ ।
କ୍ଷଣେ ପଡ଼ିଯନ୍ତେ ସେ ଭୂମିରେ ମୋହ ଗଲେ ॥

ଏହା ଦେଖିଣ ଶ୍ରୀରାମ ହୋଇଲେ ବାହାର ।
ସାନୁଜ ଜଣାଇଲେ ଯୋଡ଼ିଣ ବେନି କର ॥

ହେ ଦେବ ମୁଁ ରାବଣେ ସଙ୍ଗତେ ଯୁଝିବି ।
କେତେ ପରାକ୍ରମ ୫ ତାର ଅଛଇ ବୁଝିବି ॥

---

୧-ଉପରକୁ ପୋଥିପାଠ । ୨-କରମକୁ ପୋଥିପାଠ । ୩-ଉପରରେ ପୁସ୍ତକପାଠ ।
୪-ମୂର୍ଦ୍ଧ୍ନା ପୋଥିପାଠ । ୫-ପ୍ରାକର୍ମ ପୋଥିପାଠ ।

ଶୁଣି ରଘୁନାଥ ତାହା ସନମତ କଲେ ।
ଲକ୍ଷ୍ମଣ ରାମଙ୍କୁ ପଛ କରି ଆଗ ହେଲେ ॥

ଲକ୍ଷ୍ମଣଙ୍କୁ ଦେଖିଣ କଲାକ ଶର ବୃଷ୍ଟି ।
ଲକ୍ଷ୍ମ ତାହା କର୍ଷିତ କାଣ୍ଡେ ଦେଲେ କାଟି ।

ବେନି ଜନ ପ୍ରଢଶର ଦେନଣ କାଟନ୍ତି ।
ଅନେକ କପି ଅସୁର ସଂଗ୍ରାମେ ଲୋଟନ୍ତି ॥

ଲକ୍ଷ୍ମଣ ହଣେ ରାବଣ ମର୍ମ ସ୍ଥାନେ ଶର ।
ସେହ୍ନା ଫୁଟିଣ ରୁଧିର ବହେ ଝର ଝର ॥

ବ୍ରହ୍ମା ଦେଲା ଶର ସେ ଲକ୍ଷ୍ମଣଙ୍କୁ ବାନ୍ଧିଲା ।
ପ୍ରଢଶର ନ ମାନି ସେ କପାଳେ[1] ପଡ଼ିଲା ॥

ଜ୍ଞାନ ହରାଇଣ ଧନୁ ମୁଷ୍ଟି ଛାଡ଼ିଦେଲେ ।
ତତକ୍ଷଣେ[2] ଜ୍ଞାନ ପାଇ ଧନୁ ଆମର୍ଷିଲେ ॥

ରାବଣ ଉପରକୁ ପେଷିଲେ[3] ପାର୍ଥିକାଣ୍ଡ ।
ଧନୁ କାଟି[4] ସେହ୍ନା ତାର କଲେ ଖଣ୍ଡ ଖଣ୍ଡ ॥

ଧନୁ ଛାଡ଼ିଣ ରାବଣ ଧଇଲା ଶକତି ।
ମାରନ୍ତେ ପଡ଼ିଲା ଆସି ଲକ୍ଷ୍ମଣର ଛାତି ॥

ପଡ଼ିଲେ ଭୂମିରେ ବୀର ହୋଇଲେ ଅଜ୍ଞାନ ।
ରଥୁ ଉଠୁଣ ତାହାକୁ ତୋଳେ ଦଶାନନ ॥

ବଂଶଭୃଙ୍ଗେ ଆକର୍ଷନ୍ତେ ନ[5] ପାରିଲା ତୋଳି ।
ବାହୁଡ଼ି ରଥରେ ବସି ଲଙ୍କା ପାଇ ଚଳି ॥

ଶକତି ବାହୁଡ଼ି ତାର ରଥରେ ହୋଇଲା ।
ଲକ୍ଷ୍ମଣଙ୍କୁ ମାରୁତି ତୋଳିଣ ଘେନି ଗଲା ॥

---

୧-କଟପାଲେ ପୋଥିପାଠ । ୨-ତତକ୍ଷଣେ ଚେତନା ପୋଥିପାଠ ।
୩-ବାନ୍ଧିଲେ ପୋଥିପାଠ । ୪-ଧନୁ ସହିତେଣ ପୋଥିପାଠ । ୫-ଆକୋଷିଣ ପୋଥିପାଠ

ଶ୍ରୀରାମ ଯେ ଧନୁ ଧରି ହେଲେ ଆଗୁସାର ୧ ।
ହନୁ ବୋଲେ ଖ୍ୱେ ଦେବ ମୋ କନ୍ଧେ ବିଜେ କର ॥

ହନୁମନ୍ତ ଉପରେ ବିଜୟେ ଦାଶରଥି ।
ବେଳ ଜନ୍ଦେ ଶୋଭା କାଣ୍ଡ ଅକ୍ଷୟ ଭାରତୀ ॥

ରାମ ରାବଣ ସଙ୍ଗତେ ୨ କଲେ ମହାରଣ ।
ଗରୁଡ଼ ପିଠିରେ କି ବିଜୟେ ନାରାୟଣ ॥

ତମାନ୍ଧେ ଯେତେକ ଶର ଯେ ବିନ୍ଧଇ ଲଙ୍କପତି ।
ପ୍ରତି ଅସ୍ତ୍ର କରି ରାମ ସମସ୍ତ ଛେଦନ୍ତି ॥

ହନୁଙ୍କୁ ଅନେକ କାଣ୍ଡ ମାରିଲା କଠାଇ ୩ ।
ତାହା ଦେଖିଣ ଶ୍ରୀରାମ କ୍ରୋଧଭର ୪ ହୋଇ ॥

କାଣ୍ଡକେ ୫ କାଟିଲେ ରାମ ରଥ ଅଶ୍ୱ ଗୁର ।
ସାରଥି ମାରି ରାବଣ ହୃଦରେ ପ୍ରହାର ॥

ମୋହ ଯାଇଣ ରାବଣ ହୋଇଲା ବିରଥୀ ।
ଦେଖି ମନେ ମନେ ବିଚାରନ୍ତି ଦାଶରଥି ॥

ଆଜ ଆମ୍ଭେ କ୍ଷମା କରି ଛାଡ଼ିବା ଏହାକୁ ।
ବିରଥୀ ହୋଇ ଯାଉଛି ଆପଣା ପୁରକୁ ॥

ଏମନ୍ତ ବିଚାରୁଁ ପଳାଇଲା ଲଙ୍କେଶ୍ୱର ।
ରାଜାଙ୍କୁ ସମ୍ଭାଳି ଘେନି ଗଲେକ ଅସୁର ॥

ରାମ ଲକ୍ଷ୍ମଣ ସୁଗ୍ରୀବ ଆଶ୍ୱାସନା କଲେ ।
ବୋଇଲେ କପି ସମସ୍ତେ ଚେତନା ପାଇଲେ ॥

●

୧-ଅଗ୍ରସର ପୁସ୍ତକପାଠ । ୨-ସମ୍ମୁଖେ ପୁସ୍ତକପାଠ । ୩-ଯୋଗାଇ ପୋଥିପାଠ । ୪-କ୍ରୋଧମୁଖ ପୋଥିପାଠ । ୫-କାଣ୍ଡରେ ପୁସ୍ତକପାଠ ।

## ରାଗ - ଚୋଖି

ସିଂହ ମୁଖୁଁ ଗଲା ଗଜ    ଦାନ୍ତୁକ ଅସୁରରାଜ ।
ପଳାଇଣ ଲଙ୍କାରେ ପ୍ରବେଶ ହୋଇଲା ।
ସମସ୍ତ ଅସୁର ରାଇ    ମନେ ମହାଭୟ ପାଇ
ପୂର୍ବ କଥାମାନ ତାଙ୍କ ଆଗେ କହିଲା ॥
ନର ବାନର ମୋ ବଇରୀ ।
ତାଙ୍କ ସକାଶେ ୧ ଗଲା ମୋ ଏ ଲଙ୍କାଗିରି ୨ ॥

ଦେବମଣି କଲା କୋପ    ପୂର୍ବେ ଦେଇଥିଲା ଶାପ
ମୋର ଯୋଗୁଁ ନାଶ ଯିବୁ ଆରେ ଅସୁର ।
ବ୍ରହ୍ମା କହିଥିଲେ ମୋତେ    କଣକ୍ରା ନୋହିବେ ତୋତେ
ଯୁବତୀ ସକାଶୁ ମୃତ୍ୟୁ ହୋଇବ ତୋର ୩ ॥
ରମ୍ଭା ମୋତେ ଶାପ ୪ ବହିଲା ।
ଅମ୍ଭ ସ୍ତ୍ରୀ ଯୋଗୁଁ ତୁ ମରିବୁ ବୋଇଲା ॥

ରଘୁ ବଂଶ ଦଣ୍ଡଧର    ଆରଣ୍ୟକ ନୃପବର
ତାହାଙ୍କୁ ମାରନ୍ତେ ଶାପ ମୋତେ ବହିଲା ୫ ।
ମୋହର ବଂଶରେ ଜାତ    ହୋଇ ତୋତେ କରୁ ହତ
ଏମନ୍ତ ଶାପ ଦେଇ ସେ ସ୍ୱର୍ଗକୁ ଗଲା ॥
ଯେତେ ଯେତେ କଲି ମୁଁ ତପ ।
ସେ ପୁଣ୍ୟ କେଣିକି ଗଲା ଢଶିଲା ପାପ ॥

ମୋର ଘୋର ତପ ଦେଖି    ଧାତା ହୋଇ ବହୁସୁଖୀ
ଯେତେ ବର ମାଗିଲି ମୁଁ ତେତେ୬ ସେ ଦେଲେ ।
ଗନ୍ଧର୍ବ କିନ୍ନର ଯକ୍ଷ    ନାଗ ସୁରାସୁର ମୁଖ୍ୟ
ଏମାନଙ୍କେ ବଧ ତୁ ନୋହିବୁ ବୋଇଲେ ॥
ନର ବାନର ମୋ ଅଶନ ।
ଏମାନଙ୍କୁ ତୁଚ୍ଛ କରି ମଣିଲି ମନ୭ ॥

---

୧-ସ୍ୱକାଶୁ ପୋଥିପାଠ ୨-ଯିବାଦ୍ୟୁ ମୋର ଶିର ପୋଥିପାଠ । ୩-ହେବତୋହର ପୁ ସ୍ତକପାଠ । ୪-ଶାପ୍ୟ ପୋଥିପାଠ । ୫-ମୋତେ ସେ ଶାପ୍ୟ ଦେଲା ପୋଥିପାଠ । ୬-ତାହା ମୋତେ ଦେଲେ ପୋଥିପାଠ । ୭-ଯେମାନେ ହେଁ କାଳ ହେଲେ କାଳ ସମାନ ପୋଥିପାଠ ।

ବିଭୀଷଣ ହିତ ବୋଲ    ସେ କାଳେ ହୋଇଲା ଶଲ
କୁଦ୍ଧି ବୃଦ୍ଧ ଅସୁରଙ୍କ ବୋଲ ନ କଲି ।
ନର ବାନରଙ୍କ ହାତେ    ମୋ ପୁତ୍ରେ ମଲେ ବ୍ୟର୍ଥେ
ଆପଣେ ଯାଇଣ ପରାଭବ ପାଇଲି ॥
ବଜ୍ର ଜିଣି ତାଙ୍କର ବାଣ ।
ମାନବ ନୁହନ୍ତି ଏ ସେ ରାମ ଲକ୍ଷ୍ମଣ ॥

ଇନ୍ଦ୍ର ଆଦି ସୁର ଗଣ    ଜିଣିଲି କରି ମୁଁ ରଣ ୧
ତିନି ଭୁବନରେ ଏକା ବିଜୟୀ ହେଲି ୨ ।
ନାଶ ଗଲା ପୂର୍ବ ତପ    ପଡ଼ିଲା ନନ୍ଦିର ଶାପ
ତେଣୁ କପି କରେ ପରାଭବ ପାଇଲି ॥
ନର କପି ଅସୁର ମାରେ ।
ପୂର୍ବେ ନଥିଲା କଥାହିଁ ଦଇବ କରେ ॥

ଏବେ ଭ୍ରାତାକୁ ଉଠାଅ    ନାନା ଭକ୍ଷମାନ ଦିଅ
ନର ବାନର ମାନଙ୍କୁ ୩ କରୁ ନିପାତ ।
ତା ବିନୁ ମୋହର ମାନ    ଫେଡ଼ିବାକୁ କାହିଁ ଆନ
ଏକମାତ୍ର ସେହି ମୋର ଅଟଇ ହିତ ୪ ॥
ଶୋଇବାର ନବ ଦିବସ ।
ମୋତେ ହୋଇଲାଣି ଏବେ ଯୁଗ ଅଶେଷ ॥

ଶୁଣି ସର୍ବ ପରିଜନ    କୁମ୍ଭକର୍ଣ୍ଣର ସଦନ
ଦ୍ୱାରେ ଉଭା ହୋଇ ଭିତରକୁ ନ ଗଲେ ।
ଯେଉଁମାନେ ବଳେ ଗଲେ    ଭିତରେ ଯାଇ ପଶିଲେ
ନିଶ୍ୱାସ ପବନେ ବହୁ ଦୂରେ ପଡ଼ିଲେ ।
ବଳବନ୍ତ ଅସୁରମାନେ ।
ରହିଲେ ତାହାର ସଦନ ସନ୍ନିଧାନେ ୫ ॥

---

୧-କରି ଶରଣ ପୋଥିପାଠ । ୨ ତ୍ରିଭୁବନରେ ଏକଇ ବିଜୟୀ ହୋଇଲି ପୋଥିପାଠ । ୩-ନରବାନରଙ୍କୁ ସେହି ପୋଥିପାଠ । ୪-ଏକା ସେହିମାତ୍ର ଫେଡ଼ୁ ଅଭିମାନ ପୋଥିପାଠ । ୫-ରହିଲେ ତାହାର ସନ୍ନିଧାନେ ସେମାନେ ପୋଥିପାଠ ।

ସହସ୍ରେକ ଶଙ୍ଖ ଭେରୀ ଘଣ୍ଟା ମର୍ଦ୍ଦଳ ମହୁରୀ
ଢମକ ନିଶାଣ କର୍ଣ୍ଣେ ପାଶେ ବାଇଲେ ୧ ।
କେହୁ ଘେନ ଲୌହ ଦଣ୍ଡ ପ୍ରହାରନ୍ତ ତାର ପିଣ୍ଡ
କେହୁ ପାଷାଣ ତ ନେଇ ଅଙ୍ଗେ ମାଇଲେ ୨ ।
ନିଦ୍ରା ସହୁଁ ନୋହିଲା ଭଙ୍ଗ ।
ବହୁ ପ୍ରହାର କରନ୍ତି ତାହାର ଅଙ୍ଗ ୩ ॥

ଯୋଜନେ ତା ପୁର ଦ୍ୱାର ଦର୍ଘ ପ୍ରସ୍ଥ ଏକାକାର
ତହୁଁ ବହୁ ୪ ଉପାହାର ମାନ ବାଢ଼ିଲେ ।
ପାକ ମାଂସ ଗିରି ଜିଣି ଲୁଚାଇଲେ ଦୈତ୍ୟ ଆଣି
ସହସ୍ରେ ପୋଢ଼ୁଅ ଛେଳି ପାଶେ ଛାଡ଼ିଲେ ।
ବେନି ସସ୍ର ଭାର ମଦିରା,
ସହସ୍ର ଭାର ରୁଧିର ବାଢ଼ିଲେ ବୀରା ॥

କର୍ଣ୍ଣେ ଜଳ ପୂରାଇଲେ ଅଙ୍ଗେ ଗଜ ମଡ଼ାଇଲେ
ଅଙ୍ଗ ମୋଡ଼ିଣ ଉଠିଲା ଅସୁର ବୀର ।
ହାଇ ମାରି ଟେକି ମୁଖ ମାଗଇ ଅଣରେ ଭକ୍ଷ
ଏମନ୍ତ ବୋଲନ୍ତେ ତାକୁ ଦେଲେ ଆହାର ।
ରାମ ପାଦ ପଙ୍କଜେ ସ୍ଥିତି ୫ ।
ତହିଁ ଷଟ୍ପଦ ଦୀନ କବିର ମତି ୬ ॥

●

## ରାଗ—**ମୁଖାରୀ**

ସାରି ରନ୍ଧନ ମାଂସ ଭୋଜନ । ପଛେ କଲାକ ରୁଧିର ପାନ ।
ଗିଳି ଦେଲା ବହୁ ପଶୁମାନ । ଗର୍ଭ ପୂରାଇ କଲା ଭୋଜନ ॥
ବେନି ସହସ୍ର କଳସ ସୁରା । ପାନ କଲା ସେ ଅସୁର ବୀରା ॥
ଦିବ୍ୟ ବେଶ ହୋଇ ଦଣେ ତୋରା । ତାର ମାନସ କରଇ ଧୀରା ॥
ପଚାରଇ ସେ ଅସୁର ରାଜ । କମ୍ପା ଭାଙ୍ଗିଲି ମୋ ନିଦ୍ରା ଆଜ ।
କହ କହ ମୋର କସ କାର୍ଯ୍ୟ । ଦିଶୁଅଛ ସମସ୍ତେ ନିସ୍ତେଜ ॥

---

୧-କର୍ଣ୍ଣମୂଳେ ବଜାଇଲେ ପୋଥିପାଠ । ୨-କେହୁ କେହୁ ପାଷାଣେନ୍ତ ନେଇ ମାଇଲେ ପୋଥିପାଠ । ୩-ପ୍ରକାରେଣ ଅଙ୍ଗ ପୋଥିପାଠ । ୪-ସେଠାରେଣ ପୋଥିପାଠ । ୫-ମାତି ପୋଥିପାଠ । ୬ ତହିଁରେ ଭୃଙ୍ଗ ଯେ ଦୀନ କବିର ମତି ପୋଥିପାଠ ।

ସବୁ କହିଲେ ଅସୁର ଗଣ । ଦେବ ଲଙ୍କା ହେଲା ରଣ ଭଣ ।
ସୁଗ୍ରୀ ସହିତେ ରାମ ଲକ୍ଷ୍ମଣ । ଗଡ଼ ବେଢ଼ିଣ କରନ୍ତି ରଣ ॥
ଯେଣୁ ମାଇଲେ ବହୁ ଅସୁର । ଏହି କାରଣରେ ଦଶଶିର ॥
ନିଦ୍ରା ଭଙ୍ଗାଇଲେ ଦେବ ତୋର । ରାମ ଲକ୍ଷ୍ମଣଙ୍କୁ ଏବେ ମାର ॥
ଶୁଣି ବହୁତ ପ୍ରତିଜ୍ଞା କଲା । ରାମ ମାରିବି ନିଶ୍ଚେ ବୋଇଲା ॥
ଆଗ ୧ କପି ଖାଇବି ବୋଇଲା । ଏତେ ବୋଲିଣ ଶୂଳ ଧଇଲା ॥
କର ଯୋଡ଼ି କହେ ପଣ୍ଡଜନେ । ଦେବ ମାରନ୍ତି ଶିଳା ସେମାନେ ୨ ।
ଆଗ ଯାଅ ରାଜ ସନ୍ନିଧାନେ । କି ବିଚାରିବେ ଅବା ସେ ମନେ ୩ ॥
ଏତେ ୪ କହନ୍ତେ ହୋଇଲା ଉଭା । ଲଙ୍କା ଗଡ଼କୁ ଦିଶିଲା ଶୋଭା ॥
ସିନ୍ଧୁ ମନ୍ଥନ କାରଣେ କିବା ୫ । ମନ୍ଦର ଗିରି ଆଣନ୍ତି ଦେବା ୬ ॥
ସୂର୍ଯ୍ୟ ମଣ୍ଡଳ ଛୁଇଁଛି ଶିର । ଶୋଭେ ମୁକୁଟ କୁଣ୍ଡଳ ହାର ୭ ॥
ମୁଖ ଦିଶେ ବଡ଼ ଭୟଙ୍କର ୮ । ଦେଖି ପଳାଇଲେ ବନଚର ॥
ଲଙ୍କା ଗଡ଼ର ହେମ ପ୍ରାକାର । ଦିଶେ କଟି ମେଖଳା ପ୍ରକାର ॥
ପାଦ ଘାତେ ମଞ୍ଚ ଥର ହର । ଚାଲି ଆସଇ ଲଙ୍କାଦାଣ୍ଡର ॥
ବିଭୀଷଣେ ପୁଛିଁ ରାମ ଝପେ । ଲଙ୍କପତିଏ ଲଙ୍କାରେ କେ ସେ ୯ ॥
ମେରୁ ଶୃଙ୍ଗ ପ୍ରାୟ ଶିରେ ଦିଶେ । କପି ପଳାନ୍ତି ଏହାର ତ୍ରାସେ ୧୦ ॥
ବିଭୀଷଣ କହେ ଯୋଡ଼ି କର । ଦେବ ଏହି ରାବଣ ସୋଦର ॥
ଏହା ପ୍ରାୟେ ନାହିଁ ଆଉ ବୀର । ଭୟେ ଉଠାଇଲେ ଦଶଶିର ॥
ଜାତ ହୋଇଣ ଅସୁର ବୀର । କୋଟି କୋଟି ଖାଇଲା ଏ ନର ॥
କୋପ କଲେ ଏଣୁ ବଜ୍ରଧର । ବଜ୍ର ପ୍ରହାରଲେ ଏହା ଉର ॥

---

୧– ଆଜ ପୋଥି ପାଠ । ୨– ଦେବ ମରନ୍ତି ସିନା ସେମାନେ ପୁସ୍ତକ ପାଠ ।
୩–ରକ୍ଷା ରକ୍ଷା ରାଜା ସନ୍ନିଧାନେ ।ନ ବିଚାରିବେ ସେ ଅବା ମନେ ପୋଥିପାଠ ।
୪–ଏହା ଶୁଣି ପୋଥିପାଠ । ୫–ବିବା ପୋଥିପାଠ । ୬–ଆସନ୍ତି ପୋଥିପାଠ ।
୭–ଶିର ପୋଥିପାଠ । ୮–ଭୟଙ୍କାର ପୋଥିପାଠ । ୯–ଏହୁ କସେ ପୋଥିପାଠ
୧୦–ସ୍ନେହି ପୋଥିପାଠ ।

ଶକ୍ର ଗଜ ଦନ୍ତ ଉପାଡ଼ିଲା । ସେହି ଦନ୍ତେ ତାକୁ ପ୍ରହାରିଲା [୧] ॥
ଦେଖି ପିତାମହ ଶାପ ଦେଲା । ଶୋଇଥାଅରେ ବୋଲି ବୋଇଲା [୨] ॥
ଶୁଣି ରାବଣ ନଷ୍ଟମ୍ଭ କଲା । ଷଡ଼ ମାସେ ଉଠିବ ବୋଇଲା ॥
ଏହୁ ଯୁଦ୍ଧକୁ ଉଠି ଅଇଲା । ବୋଲେ ଝଣି ତା ଭ୍ରାତା କହିଲା ॥

●

## ରାଗ—କେଦାର କାମୋଦୀ

ରାବଣ ପୁରେ କୁମ୍ଭକର୍ଣ୍ଣ ପ୍ରବେଶ ।
ଉଠିଣ ମାନ୍ୟ କଲେ ସବ ରାକ୍ଷସ ଯେ ॥

ହୋଇଲା[୩] ରାବଣକୁ ସେ ପ୍ରଣିପାତ[୪] ।
କୋଳ କରି ପାଖେ ବସାଇଲା ଦୈତ୍ୟ ଯେ ॥

ଶୋକ ମୁଖ ହୋଇ କହେ ଲଙ୍କପତି ।
ଏତେ କାଳେ ପଡ଼ିଲା ଘୋର ବିପତ୍ତି ଯେ ॥

ରାମ ଲକ୍ଷ୍ମଣ ଦଶରଥ ନନ୍ଦନ ।
କାନ୍ତା ଘେନଣ ଥିଲେ ନିର୍ଜନ ସ୍ଥାନ ଯେ [୫] ॥

ଛେଦିଲା ସୂର୍ପଣଖା ନାସା ଶ୍ରବଣ [୬] ।
ମାରିଲେ ଯେଯୁଣିର [୭] ଖର ଦୂଷଣ ଯେ ॥

ଏଣୁ ତାର ବନିତା ଆଣିଲି ମୁହିଁ ।
ଅଶୋକ ବନକାରେ ଅଛଇ ଥୋଇ ଯେ ॥

ବାଲୀ ମରଇ ହେଲେ ସୁଗ୍ରୀବ ମିତ ।
ଲଙ୍କା ଖୋଜିଲା ଆସି କପି ତା ଦୂତ[୮] ଯେ ॥

---

୧-କାରୁଡ଼ିଲା ପୋଥିପାଠ ୨-ଶୋଇଥାଅରେ ବୋଲି ବୋଇଲା । ଶୁଣି ରାବଣ କର୍ଣ୍ଣମ୍ଭ କଲା ପୋଥିପାଠ । ୩-କଲା ସେ ପୋଥିପାଠ । ୪-ପ୍ରଣିପତ୍ୟ ପୋଥିପାଠ । ୫-ଦଣ୍ଡକାବନ ପୋଥିପାଠ । ୬-ଶବଣ ପୋଥିପାଠ । ୭-ଯିଶିର ସେ ପୋଥିପାଠ । ୮-ଖୋଜି ଅଇଲା ତାହାଙ୍କ ଦୂତ ପୋଥିପାଠ ।

ଅକ୍ଷୟ ମାରନ୍ତ ଲଙ୍କା ପୋଡ଼ିଗଲା ।
ବାନର ଦଳ[୧] ରାମ ସେନା ଅଇଲା ॥

ସାଗରରେ ସେତୁ ବାନ୍ଧି ପାରି ହୋଇଲେ ।
ଏବେ ଆସିଣ ଲଙ୍କା ବେଢ଼ି ରହିଲେ ॥

ମାଇଲେ ପୁତ୍ର ନାତି ଅନେକ ମୋର ।
ଭସ୍ମ କଲେ[୨] ମୋହର କନକ ପୁର ଯେ ॥

ତୁତ ସର୍ବଦା ଶୟନରେ ରହିଲୁ ।
ସମ୍ପଦ ବିପଦକୁ ସାହା[୩] ନୋହିଲୁ ଯେ ॥

ଏବେ ମୁଁ ଭୟ ପାଇ ତୋଳିଲି ତୋତେ ।
ରାମ ମାରି ଅଭୟ କର ତୁ[୪] ମୋତେ ଯେ ॥

ରାବଣ ବଦନରୁ ଶୁଣି ଏମନ୍ତ[୫] ।
କୁମ୍ଭକର୍ଣ୍ଣ କହିଲା ମତ ବୃତ୍ତାନ୍ତ ଯେ ॥

ରାଜା ହୋଇ କିପାଇଁ ଅନୀତି କଲୁ ।
ହରତେ ପର ଯୁବତୀକି ହରିଲୁ ଯେ ॥

ଏଣୁ କରି ତୁମ୍ଭଙ୍କୁ ଧର୍ମ ଛାଡ଼ିଲା ।
ସୁକୃତ ନାଶ ପାଇ ପାପ ବେଢ଼ିଲା ଯେ ॥

ଏବେ କି ହେବ ଆଉ କହିଲେ ମୋତେ ।
ଅତି ଅଧର୍ମ ଧର୍ମ ସହିବ କେତେ ଯେ ॥

ଏକାକୀ[୬] କାଳେ ତ ସମର ନ କଲୁ ।
ପ୍ରାଣେ ନମାରି ତା ଯୁବତୀ ଆଣିଲୁ ଯେ ॥

ଏବେ ସେ କପିରାଜ ସାହା ପାଇଲା ।
ଭେଣ୍ଡୁ କଷ୍ଟ ଏଠାକୁ ସିନା[୭] ଅଇଲା ଯେ ॥

---

୧-ସୈନ୍ୟ ପୁସ୍ତକପାଠ । ୨-ଭସ୍ମୀଭୂତ କଲେ ପୋଥିପାଠ । ୩-ଜ୍ଞାତ ପୋଥିପାଠ ।
୪-କରିଅ ପୋଥିପାଠ । ୫-ରାବଣ ମୁଖୁ ଶୁଣି ଏହୁ ଉଦନ୍ତ ପୋଥିପାଠ ।
୬-ଏକାଙ୍ଗ ପୋଥିପାଠ । ୭-ସିନା ଏଥକୁ ପୋଥିପାଠ ।

ନଷ୍ଟେ ଜାଣିଲୁ ବୁଦ୍ଧି ହେଲା ବିନାଶ ।
ନୀତି କହିବା ମନ୍ତ୍ରୀ ନାହାନ୍ତି ପାଶ ଯେ ॥

ନାରୀ ଚୋରାଇବାର ନୋହେ ଭୂଷଣ ।
ବୀର ପଣକୁ ଏଁନା ହେଲା ୧ ଦୂଷଣ ହେ ॥

ଏମନ୍ତ ଶୁଣି କହେ ସେ ମହୋଦର ।
ରାଜାମାନଙ୍କ ସ୍ୱଇଚ୍ଛା ବ୍ୟବହାର ୨ ଯେ ॥

ଲଙ୍କାପତିଙ୍କି ତୁମ୍ଭେ କହୁଛ ନୀତି ।
ପାଣ୍ଡିତ୍ୟରେ ୩ ଯେ ବୃହସ୍ପତିଙ୍କି ଜିତି ଯେ ॥

ରାଜା ଯାହା କରଇ ସେହି ସେ ବିଧି ।
ସକଳ ଲୋକରେ ସେ ହୁଏ ପ୍ରସିଦ୍ଧି ଯେ ॥

ରାଜା ଆଜ୍ଞା ଅବଜ୍ଞା କରି ନୁହଇ ।
ଅବଜ୍ଞା କଲେ କନ୍ଧେ ଶିର ନ ଥାଇ ଯେ ॥

କୁମ୍ଭକର୍ଣ୍ଣ କହେ ଶୁଣ ମହୋଦର ।
ତୁମ୍ଭ ମନ୍ତ୍ରୀ ପଣେ ହେଲା ଏତେ ଦୂର ଯେ ॥

ରାବଣକୁ କଲ ସକାମେ ୪ ବିନାଶ ।
ଆମ୍ଭଙ୍କୁ ୫ କହୁଅଛ ବସିଣ ପାଶ ଯେ ॥

ଦେଖିଣ ରାବଣର କ୍ରୋଧ ବଦନ ।
ପୁଣି କହଇ ହସି ସାମ୍ୟ ବଚନ ୬ ଯେ ॥

ମାଇବ ଏକା ରାମ ଲକ୍ଷ୍ମଣ ଯତି ।
ଯୋଦ୍ଧାମାନେ ମୋହର ନଥିବେ କତି ଯେ ॥

ଏହା ଶୁଣିଣ ମହୋଦର କହିଲା ।
ଏକଥା ତୁମ୍ଭ ବତ୍ତରକୁ ଅଇଲା ଯେ ॥

---

୧-ହୁଏ ପୁସ୍ତକପାଠ । ୨-ବେହାର ପୋଥିପାଠ । ୩-ପଣ୍ଡିତ ପଣେ ପୋଥିପାଠ । ୪-ସ୍ୱକାଶେ ପୋଥିପାଠ । ୫-ଆଶକୁ ପୋଥିପାଠ । ୬-ବିଶ୍ୱାସ ବଚନ ପୋଥିପାଠ ।

ଏକା ହୋଇଣ ତୁମ୍ଭେ କରିବ ରଣ ।
ଦିଶିଲଣି ତୁମ୍ଭର ବିବେକ ପଣ ଯେ ॥

ଏହା ଶୁଣି ରାବଣ ସନ୍ତୋଷ ୧ ହେଲା ।
ଅସୁର ବଳ ଘେନ ଯାଅ ବୋଇଲା ॥

ଅଙ୍ଗେ ଖଞ୍ଜିଲା ତାର ବହୁ ଭୂଷଣ ।
ଦୀନ ବାଣୀ ଶ୍ରୀରାମ ପାଦେ ଶରଣ ଯେ ॥

●

ରାଗ—**ମଙ୍ଗଳଗୁଜ୍ଜରୀ**

ରାବଣଙ୍କୁ ଓଳଗି ଣ **କୁମ୍ଭକର୍ଣ୍ଣ** ବୀର ।
ଶୂଳ ଘେନି ସମରକୁ ହୋଇଲା ବାହାର ହେ ॥

ଉତପାତମାନ ଜାତ ଅଦଭୁତେ ହେଲା ।
ଆକାଶରୁ ସନ୍ତତ ରୁଧିର ବରଷିଲା ଯେ ॥

ପୃଷ୍ଠରେ ଶୃଗାଳ ଧାଇଁ କରୁଛନ୍ତି ରଡ଼ି ।
ଶିରୋପରେ ଗୃଧ୍ରପକ୍ଷୀ ୨ ମାଂସ ଘେନି ଉଡ଼ି ହେ ॥

ଲଙ୍କାର ପାଚେରି ଡେଇଁ ବାହାର ହୋଇଲେ ।
ଚତୁରଙ୍ଗ ବଳ ତାର ସଙ୍ଗେ ସଙ୍ଗେ ୩ ଥିଲେ ହେ ॥

ବାନର ଭଲ୍ଲୁକ ବଳ ଦେଖି ପଳାଇଲେ ।
ଅସୁର ସୈନ୍ୟେ ତାହାଙ୍କୁ ଗୋଡ଼ାଇ ମାଇଲେ ହେ ॥

ଯୂଥ ପତିମାନେ ପାଲଟିଣ କଲେ ରଣ ।
ନିରନ୍ତରେ ବୃଷ୍ଟି କଲେ ଶାଳଶିଳାଗଣ ଯେ ॥

କୋଟି କୋଟି କପି କୁମ୍ଭକର୍ଣ୍ଣ ମାରେ ହେଲେ ।
ପୁଣି ହିଁ ପଳାନ୍ତି ୪ କପି ଜୀବନ ବିକଳେ ଯେ ॥

---

୧-ହରଷ ପୋଥିପାଠ । ୨-ଗୃଧ୍ରପକ୍ଷୀ ପୋଥିପାଠ । ୩-ସଙ୍ଗରେଣ ପୋଥିପାଠ ।
୪-ପୁଣି ବିଳପନ୍ତି ପୋଥିପାଠ ।

ଓଗାଳିଲେ ସୁଗ୍ରୀବ୧ ଅଙ୍ଗଦ ହନୁବୀର ।
ଶାଳଶିଳ ମାରି ତାର ଅଙ୍ଗ କଲେ ଚୂର ॥

ହନୁମନ୍ତ ବୁଲାଇଣ୨ ମାରିଲା ଅଚଳ ।
ଛଡ଼ାଇଣ କରି ତେନଖଣ୍ଡ କଲେ୩ ଶୂଳ ଯେ ॥

ଏମନ୍ତ ଦେଖିଣ କପିପତି ଓଗାଳିଲେ ।
ଶାଳ ଶିଳ ଧରି ତାର ଅଙ୍ଗକୁ ମାଇଲେ ଯେ ୪ ॥

ଶାଳ ଶିଳ ଧରି ଦୈତ୍ୟ ସୁଗ୍ରୀ ଶିରେ ପିଟି ।
ମୋହ ଯାନ୍ତେ ସୁଗ୍ରୀବକୁ ଧରିଲା ସାଉଁଟି ଯେ ॥

ଦୁଇ କରି ତେନି କର ଧରି କଲା କୋଳ
ଯେସନେ ଧରି ନଅନ୍ତି କୋଳକରି ବାଳ ଯେ ॥

ବାହୁଡ଼ିଣ ଲଙ୍କା ଗଡ଼େ ହୋଇଲା ପ୍ରବେଶ ।
ଦେଖିଣ ଲଙ୍କା ଅସୁରେ ପୂଜିଲେ ବିଶେଷ ଯେ ୫ ॥

ହନୁ ଅଙ୍ଗଦ ଗୋଡ଼ାଇଛନ୍ତି ତେନପାଶ
ଛଡ଼ାନ୍ତି ନାହିଁ ଯେ ରାଜା କରିବାକୁ ରୋଷ ଯେ ॥

ଏମନ୍ତ ବିକ୍ରମ ସର୍ବେ ଗୋଡ଼ାଇଣ ଥିଲେ ।
ରାବଣ ପୁରେ ପଶିଲେ ଆଣିବା ବୋଇଲେ ଯେ ୬ ॥

କନ୍ତୁ ଦୂରେ ଚେତନା ପାଇଲେ କପିପତି ।
କ୍ଷୁଦ୍ର ମୂର୍ତ୍ତି ଧରିଣ ହୋଇଲେ ଖାସ୍ମୂର୍ତ୍ତି ଯେ ୭ ॥

କପିରାଜ ପୂର୍ବ ପୁଣ୍ୟ ବଳୁ ଜ୍ଞାନ ପାଇ ।
ଦେନି ନଚରେ ଦେନି କର୍ଣ୍ଣ ନଖରେ ଛିଣ୍ଡାଇ ଯେ ॥

ଦାନ୍ତରେ ନାସିକା ଛିଣ୍ଡାଇଣ ଉଡ଼ିଆସେ ।
ଯୋଗିଣ ଭଲ ହୋଇଲେ ଶ୍ରୀରାମଙ୍କ ପାଶେ ଯେ ॥

---

୧-ନମ୍ରେବ ପୋଥିପାଠ । ୨-ବୁହାଇଣ ପୋଥିପାଠ । ୩-ଚଉଖିଲ ପୋଥିପାଠ ।
୪-ଏ ପଦଟି ପୁସ୍ତକରେ ନାହିଁ । ୫- ଏ ପଦ ଦୁଇଟି ପୋଥିରେ ନାହିଁ ।
୬-ହନୁ ଅଙ୍ଗଦ···ଆଣିବା ବୋଇଲେ ଯେ ॥ ପଦ ଦୁଇ ପୋଥିରେ ନାହିଁ ।
୭- ଏ ପଦଟି ପୁସ୍ତକରେ ନାହିଁ ।

ଦେଖି ରଘୁନାଥ ତାଙ୍କୁ ସାଧୁ ସାଧୁ କଲେ ।
ଗିରିଶୃଙ୍ଗ ପ୍ରାୟ ନାସା ଶ୍ରବଣ ଦେଖିଲେ ଯେ ॥

ଲଙ୍କା ପାଇ ବାହୁଡ଼ିଲା ପୌଲସ୍ତିର ନାଥ ।
ଋକ୍ଷ ବାନର ବହୁତ ଖାଇଲା ବକୋଡ଼ ଯେ ॥

ହେମ ୧ ଗିରିରୁ କି ଗେରୁ ବହେ ଯେହ୍ନ ଧାର ।
ସେ ରୂପେ ଅସୁର ମୁଖୁ ବହଇ ରୁଧିର ଯେ ॥

ରାମ କାହିଁ ରାମ କାହିଁ ବୋଲି ଆସେ ଧାଇଁ ।
ବେନି କରେ ଧରି ବଳ ଗିଳଇ ଘେରାଇ ଯେ ॥

ଆସ ଆସ ମାନବରେ ଯିବୁ ଆଜ କାହିଁ ।
ଖର ଦୂଷଣ ବିରାଧ ୨ କବନ୍ଧ ନୁହଇ ଯେ ॥

ଦେଖିଣ ଲକ୍ଷ୍ମଣ ତାଙ୍କୁ କଲେ ଶର ବୃଷ୍ଟି ।
ପେଲି ଆସେ ଦନୁଜ ରାମଙ୍କୁ କରି ଦୃଷ୍ଟି ଯେ ॥

ଦେଖିଣ ବିରୂପ ରାମ ଟହ ଟହ ହସେ ।
ଛିନ୍ନ କର୍ଣ୍ଣ ନାସିକା କେ ଆସେ ମୋର ପାଶେ ଯେ ॥

ଏତେ ବୋଲି ଶର ବୃଷ୍ଟି କରେ ତାର ଅଙ୍ଗ ।
ହସଇ ୩ ଅସୁର ବୀର ନୁହଁଇ ବିଭଙ୍ଗ ଯେ ॥

ଦେଖିଣ ଶ୍ରୀରାମ ଖରାନ୍ତକ ଶର ଧରି ।
ଗୁଣେ ବସାଇ ଅସୁର ହୃଦକୁ ପ୍ରହାରି ଯେ ୪ ॥

ସେ ଶର ବାଜନ୍ତେ ୫ ଚୈତନ୍ୟ ନୋହିଲା ବିଭଙ୍ଗ ।
ପରଘ ବୁଲାଇଁ ପିଟୁଥିଲା ରାମ ଅଙ୍ଗ ଯେ ॥

ସେହିକ୍ଷଣି ବାଛି ରାମ ବିନ୍ଧିଲେକ ଶର ।
ପରଘ ସହ କାଟିଲେ ଅସୁରର କର ଯେ ॥

---

୧-ରଙ୍ଗଗିରି ପୋଥିପାଠ । ୨-ଫିଶିରା ପୋଥିପାଠ । ୩-ସହଇ ପୋଥିପାଠ ।
୪-ହୃଦୟକୁ ମାରି ପୋଥିପାଠ । ୫-ମାରନ୍ତେ ପୋଥିପାଠ ।

ବାମ କରେ ତରୁ ଉପାଡ଼ିଣ ଆସେ ଧାଇଁ ।
ଆଉ ଶରେ ମାର ବାମ କରକୁ ଛିଣ୍ଡାଇ ଯେ ୧ ।।
ଅର୍ଦ୍ଧଚନ୍ଦ୍ର ୨ ଶରରେ ଛେଦନ୍ତେ ବେନି ପାଦ ।
କୋପରେ ଅସୁର ଡେଇଁ କରେ ଘୋର ନାଦ ଯେ ।।
ଡେଇଁ ଗିଳନ୍ତେ କପିଙ୍କୁ ଶର ବୃଷ୍ଟି କଲେ ।
ତୂଣୀ ପ୍ରାୟ୩ ତୁଣ୍ଡ ଦେଖି ମୁଣ୍ଡକୁ କାଟିଲେ ଯେ ।।
ଲଙ୍କାର ଅଟ୍ଟାଳି ମୁଣ୍ଡ ବାଜି ଚୂର୍ଣ୍ଣ ହେଲେ ୪ ।
ଦଶ କୋଟି କପି ପିଣ୍ଡ ପଡ଼ନ୍ତେ ମଲେ ଯେ ।।
ଦେଖିଣ ସାନନ୍ଦେ ଦେବେ ପୁଷ୍ପ ବୃଷ୍ଟି କଲେ ।
ବୋଲେ ବଶୀ ଅର୍ଦ୍ଧ ଅଙ୍ଗ ସିନ୍ଧୁରେ ପଡ଼ିଲେ ଯେ ।।

●

ରାଗ—**ରଣବଢେ**

( କୋଠାଇ ଗୁଣ୍ଡିଚ୍ଚ ବସନ୍ତ ବାଣୀ )

କୁମ୍ଭକର୍ଣ୍ଣ ବଧ ଶୁଣିଣ ରାବଣ
ମୂର୍ଚ୍ଛା ଯାଇଣ ପଡ଼ିଲା ।
କେତେହେଁକ ବେଳେ ଚେତନା ପାଇଣ
ବହୁତ ବିଳାପ କଲା, ହେ ବୀର !
ଯେଉଁ ଡରେ ବଜ୍ର ହେଲା ଚୂର ରେ ।
ତୋର ମାନବ କାଟିଲା ଶିର ।
ଆଜ ହୃଷ୍ଟ ହେବ ସୁନାସୀର ।
ମୋତେ କ ବୋଲିବେ ଯମ ପୁର ରେ ।।
ଏ ଲଙ୍କା ସମ୍ପଦେ ୫ ମୋର କାର୍ଯ୍ୟ ନାହିଁ
ଛାଡ଼ିଲି ଜୀବନ ଆଶ ।
ଜାନକୀରେ ମୋର କେଉଁ କାର୍ଯ୍ୟ ଅଛି
ଭ୍ରାତା ଯେବେ ଗଲା ନାଶ, ରେ ଭ୍ରାତ !
ମୋର ଛିଡ଼ିଲା ଦକ୍ଷିଣ ହାତ ।
ତୋତେ ମରାଇଲି ୬ ମୁଁ ବ୍ୟର୍ଥ ।
ତୋର ବିହୀନେ ହେଲି ଅନାଥ ୭ ।
ସକାମରେ ଅର୍ଜିଲି ଅନର୍ଥ ହେ ।।

---

୧-ଛିନ୍ନାଇପୋଥିପାଠ । ୨-ଅଧାଚନ୍ଦ୍ର ପୋଥିପାଠ । ୩-ତୂଣ ପ୍ରାୟ ପୋଥିପାଠ । ୪-ଲଙ୍କା ଦ୍ୱାର କୋଣେ ଭାଙ୍ଗିଲା ମୁଣ୍ଡଘାତେ ପୋଥିପାଠ । ୫-କଟକେ ପୋଥିପାଠ । ୬-ତୋତେ ଯୁଝାଇଲି ପୋଥିପାଠ । ୭-ବ୍ୟର୍ଥ ପୋଥିପାଠ ।

ସାନୁଜ ବିଭୀଷଣ ବୋଲ ନ କଲ
ନ କଲ ପ୍ରଶସ୍ତ ବୋଲ ।
ଭଲ ଭଲ ଲୋକେ ଯାହା କହୁଥିଲେ
ମଣିଲ ତାହାମୁ ଶଲ, ହେ ଶିବ ।
ରାମ ଲକ୍ଷ୍ମଣଙ୍କୁ ସଂହାରିବ ।
ଋକ୍ଷ ବାନରଙ୍କୁ ନ ରଖିବ ।
ତାଙ୍କୁ ନ ମାଇଲେ ନ ଆସିବ ।
ରଣ ଯଜ୍ଞ ମୁଁ ଆଜ କରିବା ହେ ॥

ରାବଣ ବିଳାପ୧ ଶୁଣିଣ ତ୍ରିଶିର
ମହାକାୟ ୨ ମହୋଦର
ମହାପାର୍ଶ୍ୱ ସହିତେ ନରାନ୍ତକ ଦେବାନ୍ତକ
ଷଡ଼ବୀର, ସେମାନେ ।
କହି ପ୍ରବୋଧ କରି ବଚନେ ।
ଦେବ କମ୍ପା କର ଶୋକ ମନେ ।
ଆଜ୍ଞା ଦେଲେ ଯିବୁ ଆମ୍ଭେମାନେ ।
ଶତ୍ରୁ ମାରିବୁ ସେ ସାବଧାନେ ସେ ॥

ମହୋଦର ମହାପାର୍ଶ୍ୱ ଅଟନ୍ତି ରାବଣ-
କନିଷ୍ଠ ଭ୍ରାତ ୩ ।
ତାହାଙ୍କୁ ବୋଇଲେ ତୁମ୍ଭେ ନ ଗୁଣ୍ଡିକ
ରଘୁପୁତ୍ରଙ୍କର ସାଥ, ହେ ବୀରେ !
ହେଳା ନ କରିବଟି ସମରେ ।
ନ ମଣିବ ଏ ନର ବାନରେ ।
ତାଙ୍କ ସାମନ ନୁହନ୍ତି ସୁରେ ୪ ।
ମଲେ ଜୀଅନ୍ତି କି ଉପାୟରେ ସେ ॥

---

୧-ବଚନ ପୋଥିପାଠ । ୨-ଅତିକାୟ ପୋଥିପାଠ । ୩-ପୁତ୍ର ପୋଥିପାଠ ।
୪-ନମଣିବ……ନୁହନ୍ତି ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ ।

ରାବଣ ଶ୍ରୀମୁଖରୁ    ମେଲାଣି ହୋଇଣ
ବାହାର ସେ ଷଣ୍ଢ ବୀରେ ।
ଅନେକ ରଥ ଗଜ    ଅଶ୍ୱ ପଦାତି-
ମାନ ଅଛନ୍ତି ସାଙ୍ଗରେ, ସେ ବୀରେ ।
ଅତିକାୟ ଚଢ଼ି ରଥବରେ ।
ମହାପାରୁଶ୍ୱ ହସ୍ତୀ ଉପରେ ।
ବସି ତ୍ରିଶିର ହୟ ପିଠିରେ ।
ଶସ୍ତ୍ରମାନ ଧରିଛନ୍ତି କରେ ସେ ॥
ନରାନ୍ତକ ଦେବାନ୍ତକ    ବେନି ଭାଇ
ମହାପାରୁଶ୍ୱଙ୍କୁ ଘେନି ।
ଗଜ ଅଶ୍ୱ ରଥ    ଚଢ଼ିଣ ଆଗୁଆ
ହୋଇଛନ୍ତି ଏଥୁ ତିନି, ସେ ଶୂର ।
ଆଗେ ବାଜୁଅଛି ବୀର ତୂର ।
ଦେଖି ପୂରି ଅଛନ୍ତି ବାନର ।
ଧରିଛନ୍ତି ଶିଳ ତରୁବର ।
ଦେଖି ଭୟ ପାଇଲେ ଅସୁର ୧ ସେ ॥
ଋକ୍ଷ ରାକ୍ଷସ    ବେନି ବୀର ମିଶିଣ
କଲେ ବହୁତ ସମର
ତରୁଶିଳ ନାନା    ଶସ୍ତ୍ରଙ୍କ ବୃଷ୍ଟିରେ
ନ ଦିଶିଲେ ଦିବାକର, ସେ ରଣେ ।
ମଲେ ରାକ୍ଷସ ବାନର ଗଣେ ।
ନରାନ୍ତକ ଅଶ୍ୱ ଆରୋହଣେ ।
ବର୍ଚ୍ଛି ଘେନି ଭ୍ରମଇ ଆପଣେ ।
କପି ମାଇଲା ଲକ୍ଷ ପ୍ରମାଣେ ସେ ॥
ବାନର ମାରିବା    ଦେଖିଣ ସୁଗ୍ରୀବ
ଅଙ୍ଗଦକୁ ବୋଲେ ମାର ।
ବାଳୀର କୁମର    ଶୂନ୍ୟ ହସ୍ତେ ଉଭା
ହେଲେ ଅସୁର ଆଗର, ସେ ବୀର ।
ବର୍ଚ୍ଛି ମାରେ ଅଙ୍ଗଦ ଉପର ୨ ।
ବାଜି ବରଛି ଭାଙ୍ଗିଲା ତାର ।
ମୁଟପୋଡ଼େ ମାଇଲେ ଅଶ୍ୱ ପର ।
ଅଶ୍ୱ ମରନ୍ତେ ଉଭା ଅସୁର ସେ ॥

---

୧-ଦେଖି ଭୟ ପାଇବେ ଅମର ପୋଥିପାଠ । ୨-ବରଛି ମାରେ ଅଙ୍ଗଦ ପର ପୋଥିପାଠ

ମୁଥେ ମାରନ୍ତେ ଅଙ୍ଗଦ ନରାନ୍ତକ
ରୁଧିର ଉଦ୍‌ଗାରି ମଲା
ମହୋଦର ଗଜ ଚଢିଣ ଅଙ୍ଗଦ
ସଙ୍ଗତେ ସମର କଲା, ସେ ହନୁ ।
ଶ୍ରାନ୍ତ ଦେଖିଣ ବାଳୀର ସୁନୁ ।
ଓଗାଳନ୍ତେ କର୍ମେ ଦୈତ୍ୟ ତନୁ ।
ଦେଖି ଦୈତ୍ୟ ବନ୍ଧେ ଧରି ଧନୁ ।
ତାର ଶର ମଣେ କୃଶାନୁ ସେ ॥

ଧନୁ ଶର ଘାତ ତାହାର ସହିତ
ଗଜ ଦନ୍ତ ଉପାଡ଼ିଲେ ।
ସେ ଗଜ ଦନ୍ତ ଉପାଡ଼ି ମହୋଦର
ଉପରେ ପ୍ରହାର କଲେ, ସେ ଶୁର ।
ଦାନ୍ତ ଭାଜିଲା ବାଜିଣ ଶିର ।
ତହୁଁ ରୁଧିର ହେଲା ବାହାର ।
କ୍ରୋଧେ ବିନ୍ଧଇ ସେ ତୀକ୍ଷ୍ଣ ଶର ।
ଦେଖି ହନୁ ହୋଇଲେ କାତର ସେ ॥

ହନୁକୁ ସାହା ହୋଇଣ ନୀଳ ବୀର
ମହୋଦରର ଆଗର ।
ମହା ପର୍ବତ ଉପାଡ଼ିଣ ବୁଲାଇ
ପକାଇଲା ଦୈତ୍ୟ ଶିର, ସେ ମଲା ।
ଗଜ ସହିତେ ଚୂର୍ଣ୍ଣ ହୋଇଲା ।
ତାହା ଦେଖି ନିଶିର ଧାଇଁଲା ।
ହନୁ ସଙ୍ଗତରେ ରଣ କଲା
ଖଣ୍ଡା ବୁଲାଇଣ ହାଣୁଥିଲା ସେ ॥

ସେହି ଖଡ଼ଗ ତା କରୁ ଛଡ଼ାଇଣ
ହନୁ ତା କରେ ଧଇଲେ ।
ଚନ୍ଦ୍ରଗଡ଼ କରି ବୁଲାଇ ତାହାର
ଗ୍ରୀବାରେ ପ୍ରହାର କଲେ, ତା ମୁଣ୍ଡ ।
ଛିଣ୍ଡି ହୋଇଲାକ ବେନି ଖଣ୍ଡ ।
ଜମ୍ବୁ ମୁଣ୍ଡ ଦଶଇ ପ୍ରଚଣ୍ଡ ।
ରତ୍ନ କୁଣ୍ଡଳ ମଣ୍ଡିତ ଗଣ୍ଡ ।
ରଣ ଭୂମିରେ ପଡ଼ିଲା ପିଣ୍ଡ ସେ ॥

ତ୍ରିଶିରା ମରଣ     ଦେଖି ଦେବାନ୍ତକ
ଗଜ ଆରୋହି ଧାଇଁଲା ।
ବିବିଧ ଆୟୁଧ     ଘେନି ହନୁ ସଙ୍ଗେ
ବହୁତ ସମର କଲା, ସେ ହନୁ ।
ମୁଥେ ମାଇଲା ଗଜର ତନୁ ।
ଗଜ ମଲା ଭଗ୍ନ ହୋଇ ଜାନୁ ॥
ମଲ୍ଲ ଯୁଦ୍ଧ କଲା ଖର୍ଗ ଧନୁ ।
ଯୁଦ୍ଧେ ମଲା ରାବଣର ସୁନୁ ॥

ଦେବାନ୍ତକ ମୃତ୍ୟୁ     ଦେଖିଣ ଧାଇଁଲା
ମହାପାର୍ଶ୍ୱ ଅସୁର ।
ଅଶ୍ୱ ଚଢ଼ିଣ ସେ     ହନୁକୁ ଯୁଦ୍ଧାନ୍ତେ
ଋଷଭ ତାହା ଆଗର, ସେ ବୀର ।
ଗଦା ମାଇଲା ଋଷଭ ପର ।
ଗଦା ଛଡ଼ୁକି ଧଇଲା କର ॥
ସେହି ଗଦାରେ କଲା ପ୍ରହାର ।
ପ୍ରାଣ ଗଲା ଫାଟି ଦୈତ୍ୟ ଶିର ସେ ॥

ଏହା ଦେଖି     ମହାକାୟ ରଥ ଚଢ଼ି
ବିବିଧ ଆୟୁଧ ଘେନି ।
ଶର ପ୍ରହାରନ୍ତେ     ରାମଙ୍କ ଶରଣ
ପଶିଲେ କପି ସଇନ୍ୟ, ତା ଭୁଇଁ ।
ସମ୍ବରନ୍ତି ଜାନକୀର ସାଇଁ ।
ଏଡ଼େ ଦନୁଜ ଦେଖିବା ନାହିଁ ॥
କୁମ୍ଭକର୍ଣ୍ଣ ଅଇଲାକି ଜାଇ ।
ସେନାମାନେ ଆସନ୍ତି ପଳାଇ ସେ ॥

ବିଭୀଷଣ ବୋଲେ     ଶୁଣିମା ହେ ଦେବ
ରାବଣର ଏ ନନ୍ଦନ ।
ବହୁତ ତପ     କଲାରୁ ବର ଦେଇ
ଅଛନ୍ତି ବ୍ରହ୍ମ ଆସନ, ସେ ବୀର ।
ସାବଧାନ ହୋଇ ଯୁଦ୍ଧ କର ।
ଜିଣି ପାରଇ ଏ ଅସୁ ସୁର ॥
ମାରି ପକାଇବ ବନଚର ।
ଶୁଣି ରାମ ହେଲେ ଅଗ୍ରସର ଯେ ॥

ଶ୍ରୀରାମଙ୍କ ପଛ କରଣ ଲକ୍ଷ୍ମଣ
ଓଗାଳିଲେ ତାକୁ ଯାଇ ।
ଅସୁର ଦ୍ରଷିଣ ବୋଇଲ କୁମର
ଅଇଲୁ ମରିବା ପାଇଁ, ରେ ବାଳ ।
ମୃତ୍ୟୁ ଦେବତାର ମୁହିଁ କାଳ ।
ମୋତେ ଡରନ୍ତି ଏ ଦିଗପାଳ ॥
ତୋତେ ମାରିଲେ ନାହିଁଟି ଫଳ ।
ଫଳା ଧନୁ ଶର ଧୋଇ ଜଳ ରେ ॥

ଲକ୍ଷ୍ମଣ ବୋଲନ୍ତି ଶରଦ ୧ ମେଘଟି
ଗର୍ଜି ନ ବରଷେ ଜଳ ।
ତୋର ମୋର ଏହି ଠାବରେ ଜାଣିବା
କେ ବୃଦ୍ଧ ଯୁବା କେ ବାଳ, ରେ ବୀର ।
ଏତେ କହିଣ କଲେ ସମର ।
ଡର କମ୍ପିଲେ ସକଳ ସୁର ॥
କାଣ୍ଡ ପ୍ରହାରିଲେ ଦୈତ୍ୟ ଶିର ।
ଦେଖି ପ୍ରଶଂସା କଲା ଅସୁର ସେ ॥

ତୁହେଁ ୨ ମହାକ୍ଷଣୀ କେହି କାହାକୁ ହି
ନୋହିଲେକ ବଡ଼ ସାନ ।
ଏହା ଦେଖିଣ ମାରୁତି ବିସ୍ତରଣ କହିଲେ
ଲକ୍ଷ୍ମଣ କର୍ଣ୍ଣେ, ସେ ବୀର ।
ବ୍ରହ୍ମ ଅସ୍ତ୍ର ବେଗେ ଧର କର ୩ ।
ଶୁଣି ବାହାର କଲେକ ଶର ।
ଯାହା ଦେଇଥିଲେ ସୁନାସୀର ।
ଗୁଣେ ବସାଇ କଲେ ପ୍ରହାର ସେ ॥

---

୧-ଶବଦ ମେଘ ସୁ ସ୍ତକପାଠ । ୨-ଦୋହେ ପୋଥିପାଠ । ୩-ବ୍ରହ୍ମ ଅସ୍ତ୍ରେ ବେଗେ ବାନ୍ଧକର ପୋଥିପାଠ ।

ବ୍ରହ୍ମ ଅସ୍ତ୍ର ବାଣ ଅତିକାୟ ବୀର

ଭୂମିରେ ପଡ଼ିଣ ମଲା ।

ତାହା ଦେଖିଣ ଲକ୍ଷ୍ମଣଙ୍କୁ ଆକାଶୁ

କୁସୁମ ବୃଷ୍ଟି ହୋଇଲା, ସେ ମଲେ ।

ଯଡ଼ ରଥୀ ଆସି ୧ କ୍ଷୟ ଗଲେ ।

ଦେଖି ଅସୁର ବଳ ଭାଜିଲେ ।।

ପଳାଇଣ ରଣୁ ଯନ୍ତୁଁ ଗଲେ ।

ଭଣି ବୋଲେ ରାବଣେ କହିଲେ ହେ ।।

●

ଚକ୍ରକେଳୀ ବାଣୀ ୨ ଦଧି ମନ୍ଥନ ବୋଲି

ପୁତ୍ର ନାତିଙ୍କର ରଣେ ମରଣ ।
ଏହା ଶୁଣି ଶୋକ ୩ କଲା ରାବଣ ।।

ଗୁଣମାନ ଗୁଣି ହେଲା ଅଜ୍ଞାନ ।
ତାହା ଦେଖି କହେ ଜ୍ୟେଷ୍ଠ ନନ୍ଦନ ।।

ତାତ କପାଇଁ ହେଉଅଛ ମୋହ ।
ଯେବେ ମୁଁ ଅଛି ଇନ୍ଦ୍ରଜିତ ପୁଅ ।।

ଏଥକୁ ଦେବ ନକର କାରୁଣ୍ୟ ।
ମାଗିଣ ଆସିବି ୪ ରାମ ଲକ୍ଷ୍ମଣ ।।

ନାଗ ପାଶେ ଦେବଲୋକ ମରିଥିଲେ ।
କି କି ପ୍ରକାରେ ଜିଇଣ ଅଇଲେ ୫ ।।

ଏତେ କହିଣ ଧାଇଁଲାକ ବଳ ।
ବଜାଇ ବିବିଧ ବାଦ୍ୟ ଗହଳ ୬ ।।

ବଡ଼ ବଡ଼ ଅସୁର ସେନା ସଙ୍ଗେ ।
ଲଙ୍କାରୁ ବାହାର ହୋଇଲା ରଙ୍ଗେ ।

---

୧-ଯୁଝି ପୋଥିପାଠ । ୨-ଚନ୍ଦ୍ରକେଳୀ ପାଠ ପୋଥିରେ ନାହିଁ । ୩-କ୍ରୋଧ ପୋଥିପାଠ । ୪-ମାର ଆଣିବି ମୁଁ ପୋଥିପାଠ । ୫-ତହିଁରେ ଜିଇଲେ ପୋଥିପାଠ । ୬-ଚଞ୍ଚଳ ପୋଥିପାଠ ।

ରଥୀ ମାନଙ୍କୁ ଯୁଦ୍ଧକୁ ପେଷିଲା ।
ଆପଣେ ହୋମ ସ୍ଥାନକୁ ଅଇଲା ॥

ସ୍ରୁଗଲ ରକତ ଲୌହ ସ୍ରୁବରେ ।
ମନ୍ତ୍ର ପଢି ଢାଳେ ଅଗ୍ନି ମୁଖରେ ॥

ଲୋହିତ ବସନରେ ହୋମ ୧ କଲା ।
ପୁଣି ଗୁଆ ଘୃତ ମାନ ଢାଳିଲା ॥

ଜ୍ୱଳିଲା ଅନଳ ଦକ୍ଷିଣ ହୋଇ ।
ଶକ୍ରାଜିତ କରୁ ଆହୁତ ପାଇ ॥

କାର୍ଯ୍ୟ ସିଦ୍ଧି ଚହ୍ନ ମାନ ଦେଖିଲା ।
ସମସ୍ତ ଶର ବ୍ରହ୍ମ ଅସ୍ତ୍ର ୨ କଲା ॥

ରଥ ଚଢିଣ ଶସ୍ତ୍ର ମାନ ଘେନ ।
ଅଦୃଶ୍ୟ ହେଲା ତେକ୍ଷଣ ଅବନୀ ॥

ଆକାଶେ ଥାଇ ବନ୍ଧିଲା ନାଗ୍ରଜ ।
କପି-ସୈନ କୁଳ କଲା ନସ୍ତେଜ ॥

ଆକାଶେ ବ୍ରହ୍ମାସ୍ତ୍ରେ ବାଜଇ ଶର ।
କୁଢ଼ କୁଢ଼ ହୋଇ ମଲେ ବାନର ॥

ଗବୟକୁ ମାରେ ଶର ଅଠର ।
ଗବାକ୍ଷକୁ ମାଇଲାକ ୩ ପନ୍ଦର ॥

ଅଙ୍ଗଦକୁ ମାଇଲା ବିଂଶ ଶର ।
ହନୁକୁ ପୁଞ୍ଚିଶ କଲା ପ୍ରହାର ॥

କୁମୁଦକୁ ପାଞ୍ଚ ଗଜକୁ ଦଶ ।
ଦୁର୍ବିନ୍ଦକୁ ସାତ ସୁଗ୍ରୀବେ ବିଂଶ ॥

ବନଜାକୁ ପାଞ୍ଚ ବ୍ରହ୍ମକୁ ସାତ ।
ବିନ୍ଧୁ ଅଛୁ କୋପେ ରାବଣ ସୁତ ॥

---

୧-ପୂଜା କଲା ପୋଥିପାଠ । ୨-ବ୍ରହ୍ମବାଣ ପୋଥିପାଠ । ୩-ମାରେ ଶର ପୋଥିପାଠ ।

ନଳ ନୀଳଙ୍କୁ ପନ୍ଦର ୧ ପନ୍ଦର ।
ସୁଷେଣଙ୍କୁ ଦଶ କଲା ପ୍ରହାର ॥

ଜାମ୍ବବଙ୍କୁ ଦଶ ଶରରେ ଘାର ।
ଦଧିମୁଖଙ୍କୁ ଆଠ ଶର ମାର ॥

ଏହି ରୂପେ ସର୍ବ ସେନାଙ୍କୁ ମାରି ।
ବ୍ରହ୍ମଅସ୍ତ୍ରେ ମୋହ କଲା ସବୁରି ॥

ରାମ-ଲକ୍ଷ୍ମଣଙ୍କୁ ବାନ୍ଧିଲା ଶର ।
ଶ୍ରାବଣ ମାସରେ କି ଜଳଧାର ॥

ଶ୍ରୀରାମ ବୋଲନ୍ତି ଶୁଣ ଲକ୍ଷ୍ମଣ ।
ଅଦୃଶ୍ୟ ହୋଇ ବିନ୍ଧୁ ଅଛି ବାଣ ॥

ଆମ୍ଭେ ଥିବା ଏବେ ଭୂମିରେ ପଡ଼ି ।
ମଲେ ବୋଲି ଜାଣି ଯାଉ ବାହୁଡ଼ି ॥

ଏତେ ବୋଲି ରାମ ଲକ୍ଷ୍ମଣ ପଡ଼ି ୨ ।
ଭୂମିରେ ଅଜ୍ଞାନ ହୋଇଲେ ଗଡ଼ି ୩ ॥

ଏହା ଦେଖି ବୀରରେ ଶଙ୍କାଜାତ ।
ରାମ ଲକ୍ଷ୍ମଣ ନଷ୍ଟେ ହେଲେ ହତ ॥

ବାନର-ସେନାପତିମାନେ ୪ ମଲେ ।
ବ୍ରହ୍ମ ଅସ୍ତ୍ରେ ୫ଜୀବନ ହରାଇଲେ ॥

ଏମନ୍ତ ମନରେ ବିଚାର କଲା ।
ଅସୁର-ସୈନ୍ୟ ପ୍ରବେଶ ହୋଇଲା ॥

ସଂଗ୍ରାମେ ଶ୍ରୀରାମଙ୍କୁ ଜୟ କରି ।
ବାହୁଡ଼ି ବିଜେ କଲା ଲଙ୍କପୁରୀ ॥

ଦେଖିଲା ରାବଣ କରିଛି ସଭା ।
ଓଳଗି କରଣ ହୋଇଲା ଉଭା ୬ ॥

---

୧-ମାରଇ ପୋଥିପାଠ । ୨-ଏତେବୋଲିଣ ଧନୁଶର ଛାଡ଼ି ପୋଥିପାଠ । ୩-ହୋଇଣ ଗଡ଼ି ପୋଥିପାଠ । ୪-ସେନାପତି ପୋଥିପାଠ । ୫-ବ୍ରହ୍ମଶରେ ପୋଥିପାଠ । ୬-ଏ ପାଦଟି ପୋଥିରେ ନାହିଁ ।

ରାମଙ୍କୁ ମାର ଆଇଲୁ ବୋଇଲା ।
ଶୁଣି ରାବଣ ଆନନ୍ଦ ୧ ହୋଇଲା ॥

ନିଶ୍ଚିନ୍ତ ହୋଇଣ ଅସୁର ମାନେ ।
ସୁଖେ ନିଦ୍ରାଗଲେ ଯେଝା ସଦନେ ॥

ଏଥୁ ଅନନ୍ତରେ ଶୁଣିବା ରସ ।
ବେନି ଘଡ଼ି ମାତ୍ର ଥିଲା ଦିବସ ।

ବିଭୀଷଣ ଆଡ଼ ହୋଇ ଯେ ଥିଲେ ।
ଉଲ୍କା ଘେନି ସୈନ୍ୟରେ ପଶିଲେ ॥

ଅଙ୍ଗନେ ପଡ଼ିଛନ୍ତି କପିବଳ ।
ରାମ ଲକ୍ଷ୍ମଣ ପଡ଼ିଛନ୍ତି ୨ ଭଲ ॥

ଆଠ ଯାକ ୩ ଦେଖି ବିକଳ ମନ ।
ଦେଖିଲେ ଜ୍ଞାନେ ଅଛି ହନୁମାନ ॥

ବ୍ରହ୍ମାଙ୍କ ବର ପୂର୍ବେ ପାଇଥିଲେ ।
ବ୍ରହ୍ମ ଅସ୍ତ୍ରେ ହନୁ ମୋହ ନୋହିଲେ ॥

ହନୁକୁ ତୋଳି ୪ କଲେ ଆଲିଙ୍ଗନ ।
ପୀଡ଼ା ନାହିଁନା ୫ ମରୁତ ନନ୍ଦନ ॥

କହି ପୀଡ଼ା ନାହିଁ ହନୁ କହିଲେ ।
ସଙ୍ଗେ ହୋଇ ଜାମ୍ବବ ପାଶ ଗଲେ ॥

ରିକ୍ଷପତି ପାଶେ ହେଲେ ପ୍ରବେଶ ।
ବିଭୀଷଣ ତାଙ୍କୁ କଲେ ଆଶ୍ୱାସ ॥

ବିଭୀଷଣ ବାଣୀ ଶୁଣି ଜାମ୍ବବ ।
ବୋଲନ୍ତି ଯୁଦ୍ଧ ୬ କଲି ଅସମ୍ଭବ ॥

---

୧—ସାନନ୍ଦ ପୋଥିପାଠ । ୨-ଲୋଟୁଛନ୍ତି ପୋଥିପାଠ । ୩-ଏକଥା ପୋଥିପାଠ । ୪-ହନୁ ଉଠାଇ ପୁସ୍ତକପାଠ । ୫-ପିଡାହିଁ ନାମ ପୋଥିପାଠ । ୬-ରଣ ପୋଥିପାଠ ।

ବ୍ରହ୍ମ ଅସ୍ତ୍ରେ ସର୍ବ ୧ ହୋଇଲେ ମୋହ ।
ଜୀଉଁଛୁ କି ୨ କହ ମରୁତ ପୁଅ ॥

ବିଭୀଷଣ ବୋଲନ୍ତି ଋକ୍ଷପତି ।
ଶ୍ରୀରାମ ଲକ୍ଷ୍ମଣ ପଡ଼ି ୩ ଅଛନ୍ତି ॥

ତାହାଙ୍କ ବାରତା ନ ପଚାରିଲ ।
ହନୁଟାରେ ଅନୁରାଗ ବହିଲ ॥

ଏମନ୍ତ ଶୁଣି କହେ ଋକ୍ଷେଶ୍ୱର ।
ସବୁରି ମଙ୍ଗଳ ହନୁ ଥିବାର ॥

ହନୁବୀର ତାହା ଶୁଣିଣ ଥିଲେ ।
ବେନି ପାଦ ଛୁଇଁ ୪ ଓଳଗି କଲେ ॥

ବୋଲନ୍ତି ସଖେ ୫ ମୁଁ ଅଛଇ ଜୀଇ ।
ଏକା ହୋଇଣ କିସ କରିବଇଁ ॥

ଜାମ୍ବବ କହିଲେ ନୁହେ ୬ ଏମନ୍ତ ।
ଯାହା ମୁଁ କହିବି କର ତେମନ୍ତ ॥

ହିମାଳୟର ଉତ୍ତରେ ସୁମେରୁ ।
କଇଲାସ ଗିରି ତହିଁ ଉତ୍ତାରୁ ॥

ତହୁଁ ଉତ୍ତାରୁ ୭ ଲବଣ ଜଳଧି ।
ତଦନ୍ତରେ କ୍ଷୀର ସିନ୍ଧୁ ପ୍ରସିଦ୍ଧି ॥

ତଥି ମଧ୍ୟରେ ଅଛୁ ଚନ୍ଦ୍ରଗିରି ।
ଦ୍ରୋଣ ଗିରି ଅଛୁ ତାକୁ ଆବୋରି ॥

ସେ ବେନି ଗିରି ମଧ୍ୟରେ ୮ ଔଷଧି ।
ମରିବା ଲୋକେ ଜୀଅନ୍ତି ଅବଧି ॥

---

୧-ସମସ୍ତେ ପୋଥିପାଠ । ୨-ଜୀଇଅଛୁଟିକି ପୋଥିପାଠ । ୩-ଜୀଇ ଅଛନ୍ତି ପୋଥିପାଠ । ୪-ପାଦତଳେ ପୋଥିପାଠ । ୫-ସୁଖେ ପୋଥିପାଠ । ୬-ନୋହେ ପୋଥିପାଠ । ୭-ତହିଁ ଉତ୍ତରେ ପୋଥିପାଠ । ୮-ମଧ୍ୟେ ମହୌଷଧି ପୋଥିପାଠ ।

ଏକ ଔଷଧି ମୃତ୍ୟୁ ସଞ୍ଜିବନୀ ।
ବିଶଲ୍ୟ-କରଣୀକ ଘେନ ବେନି ୧ ॥

ସନ୍ଧାନ କରଣ ଔଷଧି ତାନ ।
ଚତୁର୍ଥେ ସୁବର୍ଣ୍ଣ-କରଣୀ ୨ ଘେନ ॥

ଏମନ୍ତେ ଶୁଭ ଔଷଧିଙ୍କ ନାମ ।
କଉଚନ୍ଦ୍ର ଯେଉଁଠାରେ ବିଶ୍ରାମ ॥

ଦେବା ସୁର ଯୁଦ୍ଧେ ଜଅନ୍ତ ଦେବ ।
ତେଣୁ ଅସୁରଙ୍କୁ ଜିଣେ ବାସବ ॥

ତୁମ୍ଭେ ଯେବେ ଯାଇ ୩ ଆଣିବ ତାହା ।
ସମସ୍ତେ ଜୀଇବେ କହିଲି ଏହା ॥

ଜାମ୍ବବ ମୁଖରୁ ଏମନ୍ତ ଶୁଣି ।
ତନୁ ବିସ୍ତାର କଲେ କପିମଣି ॥

ଭବଙ୍କ ଆସିବା ମାର୍ଗରେ ଗଲେ ।
ଜାମ୍ବବ ଯେଉଁ ମାର୍ଗେ କହିଥିଲେ ॥

ଗରୁଡ଼ଙ୍କ ବେଗୁଁ ଅଧିକ ଗଲେ ।
ଗିରି ଶିଖରେ ପ୍ରବେଶ ହୋଇଲେ ୪ ॥

ଜାଣିଣ ଲୁଚିଲେ ଔଷଧି ମାନ ।
ନ ଦେଖି ଭ୍ରମେ ପବନ-ନନ୍ଦନ ॥

ଔଷଧି ନ ଦେଖି ୫ ଉପାୟ କଲେ ।
ତା ମଧ୍ୟ-ଶୃଙ୍ଗ ଉପାଡ଼ି ଆଣିଲେ ॥

ସେ ଶୃଙ୍ଗ ଘେନି ସେହି ସୂର୍ଯ୍ୟମାର୍ଗେ ।
ଅଇଲେ ମାରୁତି ମରୁତ ୬ ବେଗେ ॥

---

୧-ସଙ୍ଗେ ଘେନ ପୋଥିପାଠ । ୨-ଶ୍ରବଣୀ କରଣ ପୋଥିପାଠ । ୩-ଯେବେ ଯେବେ ତୁମ୍ଭେ ପୋଥିପାଠ । ୪-ଏହି ପଦ ଦୁଇଟି ପୋଥିରେ ନାହିଁ । ୫-ନ ପାଇ ପୋଥିପାଠ । ୬-ମରୁରୁଁ ପୁସ୍ତକପାଠ ।

ଶ୍ରୀରାମ ଅନ୍ତରେ ହେଲେ ପ୍ରବେଶ ।
ଦେଖି ଭକ୍ତଗଣ ହେଲେ ହରଷ ୧ ॥

ଔଷଧି ବାସ ୨ ଉଅନ୍ତେ ଉଠିଲେ ।
ମଲା ଲୋକନ୍ତୁ ଜୀବନ ପାଇଲେ ॥

ଶ୍ରୀରାମ ଲକ୍ଷ୍ମଣ ସଚେତ ୩ ହେଲେ ।
ହନୁକୁ ବହୁତ ପ୍ରଶଂସା କଲେ ॥

ସୁଗ୍ରୀ ସହିତେ ଯୂଥ ପତିମାନେ ।
ସମସ୍ତେ ପ୍ରଶଂସନ୍ତି ହନୁମାନେ ୪ ॥

ଶ୍ରୀରାମ ବୋଲନ୍ତି ହନୁକୁ ଚାହିଁ ।
ଏବେ ଏ ଗିରି ରଖି ଆସ ଯାଇ ॥

ଆଜ୍ଞା ପାଇଣ ଗିରି ଘେନି ଗଲେ ।
ହିମାଚଳ ୫ ପାଶେ ରଖି ଆଇଲେ ॥

ପ୍ରଥମ ରଣେ ଯେତେ ପଡିଥିଲେ ୬ ।
ଔଷଧି ପବନ ଲାଗି ଜୀଇଲେ ॥

ଅସୁର ମାନେ ନ ଜୀଇଲେ ଏଣୁ ।
ସାଗରେ ରାବଣ ପକାଏ ଯେଣୁ ॥

ତହୁଁ ଶତଗୁଣେ ହୋଇଲେ ବଳ ।
ବୋଲେ ଭଣି ସୁସ୍ଥ ବାନର କୁଳ ॥

●

### ଭଗବତ ବୃତରେ ଗାଇବ

ଏଥୁ ଅନ୍ତରେ ଶୁଣ ରସ । ସୁଗ୍ରୀବ ହୋଇଣ ହରଷ ॥
ଜଣାଇ ଶ୍ରୀରାମ ଛାମୁରେ । ଭକ୍ତିର କରଣ ମନରେ ॥
ଅସୁର ସୁସ୍ଥ ହେବା ଶୁଣି । ଆଉ କି ଆସିବ ରାବଣି ॥

---

୧-ଅତିହରଷ ପୋଥିପାଠ । ୨-ନାକ୍ତ ପୋଥିପାଠ । ୩-ଚେତନା ପୋଥିପାଠ ।
୪-ଏ ପାଦଟି ପୋଥିରେ ନାହିଁ । ୫-ହେମାଳୟ ପୋଥିପାଠ । ୬-ପ୍ରଥମ ଅସୁର ଯେତେ ମରିଥିଲେ ପୋଥିପାଠ ।

ରାବଣ ସୈନ୍ୟ ନ ପେଷିବ । ଆପଣେ ବାହାରିବ ନୋହିବ ୧ ॥
ଏବେ କଣାରେ ଅଗ୍ନି ଦିବା । ଏ ଲଙ୍କା କଟକେ ପଶିବା ॥
ପୋଡ଼ିବା ସକଳ ଭୁବନ । କରିବା ଅସୁର ନିଧନ ॥
ସୁଗ୍ରୀବ ମୁଖୁଁ ଏହା ଶୁଣି । ଆନନ୍ଦ ହେଲେ ରଘୁମଣି ॥
ଯୂଥପତିମାନଙ୍କୁ ଡାକି । ସୁଗ୍ରୀବ ଏ ବଚନ କହି ॥
ଶୁଣି ସେ ସ୍ୱୀକାର କଲେ । ଯୁଦ୍ଧକୁ ବାହାରି ହୋଇଲେ ॥
ବହୁ ଗର୍ଜନମାନ କରି । ପର୍ବତମାନ ୨ କରେ ଧରି ॥
ପଶିଲେ ଲଙ୍କା ଗଡ଼ ଡେଇଁ । ବହୁ ବାନରବଳ ନେଇ ॥
ଲଙ୍କା ନଗର ଶୋଭା ଚାହିଁ । ଅନଳ ଦେଲେକ ଲଗାଇ ॥
ପୋଡ଼ିଲେ ଦିବ୍ୟ ପୁରମାନ । ଦିଶନ୍ତି ଅତି ଅପଘନ ୩ ॥
ପୋଡ଼ନ୍ତେ ପଡ଼ୁଅଛି ଝଡ଼ି । ଦେଖି କପି ଦାଅନ୍ତି ରଡ଼ି ॥
ବହଳ ହେଲା ଦଶଦିଶ । ଅନ୍ଧାର ହୋଇଗଲା ନାଶ ୪ ॥
ଯେ ଘରୁ ହୋଇଲେ ୫ ବାହାର । ତାହାକୁ ମାରନ୍ତି ବାନର ॥
ପୋଡ଼ିଲେ ପାଣି ଦ୍ରବ୍ୟମାନ । କସ୍ତୁରୀ କର୍ପୂର ଚନ୍ଦନ ୬ ॥
ଅଗୁରୁ କୁସୁମ ସୁଗନ୍ଧ । ଆମୋଦେ କରାଇ ଆନନ୍ଦ ୭ ॥
ହୀରା ମାଣିକ୍ୟ ବଇଡ଼ୂର୍ଯ୍ୟ । ନୀଳା ମର୍କତ ୮ ମଣି ତେଜ ॥
ପୁଷ୍ପରାଗ ପ୍ରବାଳଚୟ । ସର୍ବ ହେଲେ ଅଙ୍ଗାରମୟ ॥
ହେମ ରଜତ କାଚପୁର ୯ । ସ୍ଫଟିକ ଚନ୍ଦନ ନଗର ॥
ଜଗତୀ ଅଟ୍ଟାଳୀ ପ୍ରାସାଦ । ମେଢ଼ ମଣ୍ଡପ ଆଦି ସୌଧ ॥
ଯହିଁ ଯେତେକ ଅସୁର ଥିଲେ । ରୋଦନ କରିଣ ଉଠିଲେ ॥

---

୧-ହୋଇ ପୋଥିପାଠ, ଏପରି ପାଠ ଅସଙ୍ଗତ; କାରଣ, ରାବଣ ଯୁଦ୍ଧକୁ ନ ବାହାରିବାର ଆଶଙ୍କା କରି ରାମ କପିବଳ ଲଙ୍କାଗଡ଼ ମଧ୍ୟରେ ପଶିବାକୁ ପରବର୍ତ୍ତୀ ପଦରେ କବି ସୂଚନା ଦେଇଛନ୍ତି । ୨-ଉଲ୍ଲୂକ ପୁସ୍ତକପାଠ । ୩-ଦଶନ୍ତି ପର୍ବତ ସମାନ ପୋଥିପାଠ । ୪-ଅନ୍ଧକାର ହୋଇଲା ନାଶ ପୁସ୍ତକପାଠ । ୫-ରୁହନ୍ତି ପୋଥିପାଠ । ୬-ଦଶନ୍ତି ଅତି ଅଯତନ ପୋଥିପାଠ । ୭-ଦାଅନ୍ତି ଅତ୍ୟନ୍ତ ଆମୋଦ ପୋଥିପାଠ । ୮-ମଳମର୍କତ ପୁସ୍ତକପାଠ । ୯-କାଞ୍ଚପୁର ପୋଥିପାଠ ।

ପ୍ରବଳ ହୋଇ କପିବଳ । ମାରୁଛନ୍ତି ଅସୁର କୁଳ ॥
ବେନି ଘଡ଼ି ଲଙ୍କାରେ ପଶି । ସମସ୍ତ କଲେ ଭସ୍ମ ରାଶି ॥
ରାବଣ ଦେଖିଣ ବସୁଧ୍ୟେ ୧ । ନିଶ୍ୱାସ ତେଜି କୋଧ ହୋଏ ୨ ॥
ବହୁ ପ୍ରଚଣ୍ଡ ମାନ କଲା । କୁମ୍ଭ ନିକୁମ୍ଭକୁ ରାଇଲା ॥
ବୋଇଲା ମାର କପିବଳ । ତୁମ୍ଭଙ୍କ ଡରେ ଆଖଣ୍ଡଳ ॥
ଦେଖ ଲଙ୍କା ଦହନ କଲେ । ବହୁତ ୩ ଅସୁର ମାଇଲେ ॥
ଶୁଣି କୁମ୍ଭ ନିକୁମ୍ଭ ବେନି । ଗର୍ଜି ଉଠିଲେ ଶସ୍ତ୍ର ଘେନି ॥
ରଣକୁ ହୋଇଲେ ବାହାର । ଆଦେଖି ବେନି ରଘୁବର ॥
ଅକମ୍ପନ୪ ପ୍ରଜଂଘ୫ ବେନି । ଶୋଣିତାକ୍ଷକୁ ୬ ସଙ୍ଗେ ଘେନି ॥
ଜମ୍ବୁପାକ୍ଷହିଁ ଅଛି ସଙ୍ଗେ । ଅସୁରବଳ ଘେନି ରଙ୍ଗେ ॥
ବାହାର ହୋଇ ଯୁଦ୍ଧ କଲେ । ବାନରେ ଆଗେ ଓଗାଳିଲେ ॥
ଦେଖି ଅଙ୍ଗଦ ଅକମ୍ପନ । ଆଗରେ ହୋଇଲେ ବହନ ॥
ଦେଖି ଅସୁର କନ୍ଧେ ଶର । ଅଙ୍ଗଦ ମାରନ୍ତି ୭ ପଥର ॥
ସେ ଦୁଇ ଘର୍ଣ୍ଣ୮ କଲେ ରଣ । ଷଣ୍ଢୀ ଅଟନ୍ତି ବେନି ଜଣ ॥
ଅଙ୍ଗଦ ଗିରି ଶୃଙ୍ଗ ଘେନି । ମାଇଲେ ଅସୁର ମୂର୍ଦ୍ଧ୍ନି ୯ ॥
ଭୂମିପର ପଡ଼ି ପ୍ରାଣ ଗଲା । ଦେଖି ଶୋଣିତାକ୍ଷ ଧାଇଁଲା ॥
ଅଙ୍ଗଦ ସଙ୍ଗେ କଲା ରଣ । ବିନ୍ଧଇ ବାଛି ତୀକ୍ଷ୍ଣ ବାଣ ॥
ଆକାଶେ ରଥ ନେଇଗଲା । ଅଙ୍ଗଦ ଆକାଶକୁ ଗଲା ॥
ଅସୁର କରୁଁ ଧନୁ ନେଇ । ଭାଙ୍ଗିଣ ଦେଲାକ ପକାଇ ॥
ଖଡ଼ଗ ଫଳା ଦୈତ୍ୟ ନେଲା । ବହୁ ସମରମାନ କଲା ॥
ଦେଖି ଅଙ୍ଗଦ ବୀର ଧାଇଁ । ଖଡ଼ଗ ଘେନିଲା ଛଡ଼ାଇ ॥
ଅସୁର ଶିରେ ପ୍ରହାରିଲା । ଭୂମିରେ ପଡ଼ି ମୋହ ଗଲା ॥

---

୧-ବସୁଯୁଗୀ ପୁସ୍ତକପାଠ । ୨-କ୍ରୋଧ ହୋଇ ପୁସ୍ତକପାଠ । ୩-ଅନେକ ପୋଥିପାଠ ।
୪-ଅକମ୍ପନ ପୋଥିପାଠ । ୫-ବଜ୍ରାଙ୍ଗ ପୋଥିପାଠ । ୬-ଶ୍ରୋଣିତାକ୍ଷ ପୋଥିପାଠ ।
୭-ପିଟନ୍ତି ପୋଥିପାଠ । ୮-ଦୁଇ ଦଣ୍ଡ ପୋଥିପାଠ । ୯-ମୁର୍ଦ୍ଧନ ପୋଥିପାଠ ।

ତା ଦେଖି ବିରୂପାକ୍ଷବୀର ୧ । ଅଙ୍ଗଦେ କଲାକ ସମର ॥
ମୋହରୁ ଉଠି ଶୋଣିତାକ୍ଷ । ସମରେ କଲାକ ଅସଂଖ୍ୟ ୨ ॥
ପ୍ରଜଙ୍ଘ ୩ ସହିତେ ବେଢ଼ିଲେ । ବହୁତ ଗର୍ଜନ ଛାଡ଼ିଲେ ୪ ॥
ବେଢ଼ିଣ କଲେ ମହା ରଣ । ଏକା ଅଙ୍ଗଦ ଦୈତ୍ୟଗଣ ॥
ଦୁର୍ବିନ୍ଦ ମହେନ୍ଦ୍ର ବାନର । ମାଉଳ ଏହୁ ଅଙ୍ଗଦର ॥
ବଢ଼ିବା ଦେଖିଣ ପ୍ରତ୍ୟକ୍ଷ । ଉଗାଳିଲେ ସେ ଶୋଣିତାକ୍ଷ ॥
ଅଙ୍ଗଦ ଘେନିଣ କୃପାଣ । ପ୍ରଜଂଘ ସଙ୍ଗେ କଲେ ରଣ ॥
ଛେଦିଲେ ପ୍ରଜଂଘର ଶିର । ଭୂମିରେ ପଡ଼ିଲା ଅସୁର ॥
ମହେନ୍ଦ୍ର କୁଳୁପାକ୍ଷ ରଣ । ଦେଖୁ ଅଛନ୍ତି ସୁରଗଣ ୫ ॥
ମଲ୍ଲ ବନ୍ଧରେ ରଣ କଲେ । ପଥରେ ନେଇ କଚାଡ଼ିଲେ ॥
ପ୍ରାଣ ହାରିଲା କୁଳୁପାକ୍ଷ । ଅସୁରେ ହୋଇଲେ ନିରେଖ ୬ ॥
ଦୁର୍ବିନ୍ଦ ଶୋଣିତାକ୍ଷ ମେଳ । ସେ ବେନି କଲେ ରଣ ଗୋଳ ॥
ଦନୁଜ ଗଦା ପ୍ରହାରିଲା । ଦୁର୍ବିନ୍ଦ ଛଡ଼ାଇ ଆଣିଲା ॥
ସେହି ଗଦାରେ ତାକୁ ମାରି । ପଡ଼ିଲା ଦୈତ୍ୟ ପ୍ରାଣହାରି ॥
ଦେଖିଣ ସୈନ୍ୟ ପଳାଇଲେ । ନିକୁମ୍ଭେ ଶରଣ ପଶିଲେ ॥
କୁମ୍ଭ-କର୍ଣ୍ଣ ସୁତ ସଙ୍ଗର । ଦୁର୍ବିନ୍ଦ କଲେକ ସମର ॥
ଅନେକ ତରୁ ଶିଳା ଘେନି । ମାଇଲେ କୁମ୍ଭର ମୂର୍ଦ୍ଧନି ॥
କୁମ୍ଭ ବିନ୍ଧନ୍ତେ ତୀକ୍ଷ୍ଣ ଶର । ମୋହ ହୋଇଲେ କପିବୀର ॥
ତା ଦେଖି ମହେନ୍ଦ୍ର ଧାଇଁଲେ । ତା ସଙ୍ଗେ ବହୁ ରଣ କଲେ ॥
ବିନ୍ଧନ୍ତେ ମହେନ୍ଦ୍ର କୁମର । ମୂର୍ଚ୍ଛିତ ହେଲେ କପିବୀର ॥
ବେନି ମାଉଳ ମୋହ ଗ୍ରହି । ଅଙ୍ଗଦ ଅଇଲେକ ଧାଇଁ ॥

---

୧-କୁଳୁପାକ୍ଷ ପୋଥିପାଠ । ୨-ଅପ୍ରକ୍ଷ ପୋଥିପାଠ । ୩-ବଜ୍ରାଙ୍ଗ ପୋଥିପାଠ ।
୪-ବହୁତ ଉଚ୍ଚେ ଭଣିକଲେ ପୋଥିପାଠ । ୫-ଦେଖୁଛନ୍ତି ଅସୁରଗଣ ପୁସ୍ତକପାଠ ।
୬-ଅରକ୍ଷ ପୋଥିପାଠ ।

ଫିଙ୍ଗନ୍ତେ ତାକୁ ଶିଳା ତରୁ । ଅସୁର କାଟିଲା ଦୂରରୁ ॥
ଅସୁର ଛାଡ଼େ ତୀକ୍ଷ୍ଣ ଶର । ବାଜଇ ଅଙ୍ଗଦ ଶରୀର ॥
ଏହି ମାରନ୍ତେ ମହାଶିଳ । କାଟଇ କୁମ୍ଭକର୍ଣ୍ଣ ବାଳ ॥
ଅସୁର ବାଛି ଘେନି ଶର । ପ୍ରହାର କଲାକ ସତ୍ୱର ॥
ଅଙ୍ଗଦ କପାଳେ ୨ ପଡ଼ିଲା । ବହୁତ ରୁଧିର ବହିଲା ॥
ଏଣୁ ଅଙ୍ଗଦ ମୋହ ହେଲେ । ବାନରେ ପଳାଇଣ ଗଲେ ॥
ଶ୍ରୀରାମେ କହିଲେ ସେ ଯାଇ । ଅଙ୍ଗଦ ପଡ଼ିଲେ ଗୋସାଇଁ ॥
ସୁଗ୍ରୀବ ଥିଲେ ଯେ ରୁମୁରେ । ଶୁଣିଣ ଅଇଲେ ସତ୍ୱରେ ॥
ଶୁଣିଣ ରାମ ହେଲେ କୋପୀ ୩ । ପେଷିଣ ଦେଲେ ବହୁ କପି ॥
କୁମ୍ଭକୁ ବେଢ଼ିଲେ ସକଳ । ଆପଣେ ବାନର ଭୂପାଳ ॥
କୁମ୍ଭକୁ ଯାଇ ଓଗାଳିଲେ । ତରୁ ପଥର ବୃଷ୍ଟି କଲେ ॥
ଟଙ୍କାର କରି ଦୈତ୍ୟ ଧନୁ । ଛାଡ଼ଇ କୁମ୍ଭକର୍ଣ୍ଣ ସୁନୁ ॥
ସକଳ ତରୁ ଶିଳାମାନ । ଛେଦନ କଲେ ଘନ ଘନ ॥
କୁହୁଡ଼ି ପ୍ରାୟେକ ନାରାଜ । ଛାଡ଼େ କୁମ୍ଭକର୍ଣ୍ଣ ଆତ୍ମଜ ॥
ସୁଗ୍ରୀବ ଅଙ୍ଗେ ପଡ଼ି ଶର । ବାଜିଣ ଗଳଇ ରୁଧିର ୪ ॥
ସୁଗ୍ରୀବ ବହୁ କ୍ରୋଧ କଲେ । ଶାଳ ତରୁଏ ଉପାଡ଼ିଲେ ॥
ପିଟନ୍ତେ କାଟିଲା ଦନୁଜ । ସୁଗ୍ରୀବ ଦେଖିଣ ଆଶ୍ଚର୍ଯ୍ୟ ୫ ॥
ଡେଇଁ ତା ରଥରେ ବସିଲେ । ବହୁତ ତାକୁ ପ୍ରଶଂସିଲେ ॥
ଧନ୍ୟ ତୁମର ଯୋଦ୍ଧାପଣ । କୁମ୍ଭକର୍ଣ୍ଣ ସୁତ ପ୍ରମାଣ ॥
କାସ କରିବୁ ଏବେ କର । ବୋଲି ଧଇଲେ ଧନୁଶର ॥
ଭାଙ୍ଗିଣ ପକାଇଣ ଦେଲେ । ଏବେ କି କରିବୁ ବୋଇଲେ ॥
ରଥେ ବସିବାର ଦେଖିଲା । ଆଲିଙ୍ଗନ କରି ଧଇଲା ॥

---

୧-ପିଟନ୍ତେ ପୁସ୍ତକପାଠ । ୨-କପୋଳେ ପୋଥିପାଠ । କପୋଳେ ଗଣ୍ଡଦେଶ ୩-ତାପୀ ପୁସ୍ତକପାଠ । ୪-ରୁଧିର ବାହାର ପୋଥିପାଠ । ୫-ଆଶ୍ଚିକ ପୋଥିପାଠ ।

ସେ ବେଳ ଧନ୍ୟ ହେଲେ । ମାଲ ବନ୍ଧରେ ଯୁଦ୍ଧ ୧ କଲେ ॥
ସେ ବେଳ ମଧ୍ୟରେ ପଡ଼ିଲେ । କେହ୍ନ କାହାକୁ ନ ଛାଡ଼ିଲେ ॥
ସାଗରେ ପଡ଼ିଲେ ସେ ଯାଇ । ବେଳ ମନ୍ଦର ପ୍ରାୟ ହୋଇ ॥
ତହୁଁ ବାହାର ତାକୁ କଲେ । ମୁଥେ ତା ଶିରରେ ମାଇଲେ ॥
ବାହାର ହୋଇଲା ଅନଳ । ଅସୁର ହୋଇଲା ବିକଳ ॥
ଭୂମିରେ ପଡ଼ି ମୋହ ଗଲା । ନିକୁମ୍ଭ ଆସି ରଣ କଲା ॥
ମାଇଲା ଅନେକ ବାନର । ବଜ୍ର ସମାନ ତାର ଶର ॥
ସୁଗ୍ରୀବ ଉପରକୁ ଆସେ । ହନୁ ମିଳିଲା ତାର ପାଶେ ॥
ତା ସଙ୍ଗେ କଲେ ବହୁତ ରଣ । ଶାଳ ଶିଳ ବାଣ ୨ ମାରଣ ॥
ଅସୁର କରେ ଶର ବୃଷ୍ଟି । ପିଚ୍ଛୁଡ଼ି ନ ପାରନ୍ତି ଦୃଷ୍ଟି ॥
ତା କରୁ ଧନୁ ହନୁ ନେଲେ । ଆଣ୍ଟୁରେ ଭାଙ୍ଗି ପକାଇଲେ ॥
ଅସୁର ଧରିଣ ହନୁକୁ । ଶୂନ୍ୟରେ ନେଲା ଆକାଶକୁ ॥
ଆକାଶେ ମାଲ ରଣ କଲେ । ମୁଥରେ ମରାମରି ହେଲେ ॥
ହନୁ ଚିହ୍ନିଲେ ତାର ଶିର । ମୁଥେକ କଲେକ ପ୍ରହାର ॥
ଭୂମିରେ ଆଣି ପକାଇଲେ । ବେଳ ପାଦେ ମର୍ଦ୍ଦନ କଲେ ॥
ପଡ଼ିଲା ନିକୁମ୍ଭ ଅସୁର । ମଲା ଉଦ୍‌ଗାରିଣ ରୁଧିର ॥
କୁମ୍ଭ ନିକୁମ୍ଭ ଯେଣୁ ମଲେ । ଅସୁରେ ପଳାଇଣ ଗଲେ ॥
ସେ ବାର୍ତ୍ତା ପାଇଣ ରାବଣ । କଲା ସେ ବହୁତ କାରୁଣ୍ୟ ॥
ପୁଣି ହୋଇଲା କୋପ ମୂର୍ତ୍ତି । ଚନ୍ଦ୍ରେ ବସି ଜାନକୀ ପତି ॥

●

---

୧-ରଣ ପୋଥିପାଠ । ୨-ତରୁବର ଶିଳ ପୋଥିପାଠ ।

## ରାଗ— ପଞ୍ଚମ ବରାଡ଼ି

(ବିପ୍ରସିଂହାବାଣୀ ୧)

କୁମ୍ଭ ନିକୁମ୍ଭ ମରଣ ଶୁଣିଣ କୋପେ ରାବଣ

ଖର ସୁତକୁ ଚାହିଁ ବୋଇଲେ ।

ଅହେ ହେ ମକରାକ୍ଷସ ତୁମ୍ଭେ ଏବେ ଯାଅ ଯୁଦ୍ଧ

ରାମ ଲକ୍ଷ୍ମଣ ମାରି ଆସ ବୋଇଲେ ।

ସେ ଦଶଶିର

ଆଜ୍ଞା ପାଇଣ ଖର ନନ୍ଦନ ।

ସଙ୍ଗେ ଘେନି ବାହାର ଅସୁର ସୈନ୍ୟ ସେ ॥

ଚଢ଼ି ହେମ ରଥବର କରେ ଧରି ଧନୁଶର

ଲଙ୍କା କଟକୁ ହୁଏ ବାହାର ।

ବାଜଇ ଶଙ୍ଖ ମହୁରି ଆବର ଡମ୍ଫ ଭେରି

ଶ୍ୱେତ ପତାକା ଉଡ଼ଇ ଫର ଫର ।

ସେ ଦୈତ୍ୟ ବୀର

ଚତୁରଙ୍ଗ ବଳରେ ଆଇଲା ।

ଋକ୍ଷ ବାନର ଆଗେ ପ୍ରବେଶ ହୋଇଲା ସେ ॥

ଏକେ ଏକେ କଲେ ରଣ ବାନର ଅସୁରଗଣ

ମିଶାମିଶି ହୋଇ ମରାମରି ।

ଘେନି ଶାଳଶିଳ କୁଳ ଯୁଝିଲେ ବାନର ବଳ

ଦେଖି ଖରସୁତ ରହିଲା ଆବୋରି ।

ସେ ଦୈତ୍ୟ ବୀର

ବର୍ଷେ ନିରନ୍ତରେ ତୀକ୍ଷ୍ଣ ଶର ।

ଖର ସୁତ ଶରେ ମଲେକ ବାନର ସେ ॥

---

୧-ବିପ୍ରସିଂହାବାଣୀ ପୋଥିରେ ନାହିଁ ।

ବାହୁଡ଼ିଲା ହୋଇଣ କୋପୀ ପଳାଇଲେ ଋକ୍ଷ କପି
ଶ୍ରୀରାମଙ୍କରେ ଶରଣେ ପଶିଲେ ।
ରଘୁବୀର ଧନୁଶର ଧରିଣ ଉଭା ଭୂମିର
ଦୈତ୍ୟ ଆସନ୍ତେ ରାମ ହସିଲେ
ସେ ଦୈତ୍ୟ ବୀର
କହଇ ଶ୍ରୀରାମଙ୍କୁ ଉତ୍ତର ।
ତୁହି ପରା ମାରିଛୁ ଆମ୍ଭ ପିଅର ୧ ସେ ॥

ଆଜ ମୁଁ ତୋତେ ମାରିବି ପିଅର ଋଣ ସୁଝିବି ୨
ଭାଗ୍ୟ ବଳେ ମୁଁ ପାଇଲି ଭେଟ ।
ଲକ୍ଷ୍ମଣ ସୁଗ୍ରୀ ସହିତେ ମରିବେ ମୋ ଶରଘାତେ
ଆଜ କାହିଁ କି ଛିଡ଼ିବେ ଋକ୍ଷ ମର୍କଟ ।
ହେ ରଘୁବୀର
ଦେଖୁଥିବେ ସକଳ ଅମର ।
ଆଜ ପେଶିବି ମୁଁ ଶମନ ପୁର ହେ ॥
ହସିଣ ଯେ ରଘୁନାଥ କହିଲେ ନାହିଁ ସାମର୍ଥ୍ୟ
ପରାକ୍ରମେ ବୀର ପଣେ ଜାଣି ।
ଏହିକ୍ଷଣି ତା ଜାଣିବା ବଚନେ କେତେ ଭଣିବା
ଆମ୍ଭ ପ୍ରାକର୍ମ ନାହିଁ ତୁମ୍ଭେ ଶୁଣି ।
ହେ ଦୈତ୍ୟସୁତ
ଖର ଦୂଷଣ ତ୍ରିଶିର ସଙ୍ଗେ ।
ଏକା ମାଇଲି ଚଉଦ ସହସ୍ର ରଙ୍ଗେ ହେ ॥
ଏମନ୍ତ ଶୁଣି ଦନୁଜ ବୃଷ୍ଟି କଲାକ ନାରାଜ
କଳନା ନୋହିଲା ତାର କାଣ୍ଡ ।
ତା କାଣ୍ଡକେ ଶତକାଣ୍ଡ କଲେ ରାମ ପ୍ରତକାଣ୍ଡ
ଯେସନ୍ତେ କ୍ଷୁଦ୍ର କର କାଟି ଇକ୍ଷୁ ଦଣ୍ଡ ।
ସେ ଦୈତ୍ୟ ବୀର
ପୁଣି କୁନ୍ତେ ବୁଲାଇ ମାଇଲା ।
ଶ୍ରୀରାମ ତହିଁ କାଣ୍ଡେ ଗୁଣଖଣ୍ଡ ହେଲା ସେ ୩ ॥

---

୧-ପିତାକୁ ମୋର ପୋଥିପାଠ । ୨-ପିତାଋଣ ସୁଝାଇବି ପୋଥିପାଠ ।
୩-ପୁଣି କୁନ୍ତେ.........ଗୁଣଖଣ୍ଡ ସ୍ଥାନରେ ପୋଥିପାଠ—
ଯେତେ ଯେତେ ବିନ୍ଧୁଥିଲା ଶର ।
ଏହିରୂପେ କାଟୁଥିଲେ ରଘୁବର ॥

କୋଦଣ୍ଡରେ ଶର ସନ୍ଧି ଦୈତ୍ୟ ଉପରକୁ ବାନ୍ଧି
କାଟିଲେ ତା କରୁ ଶର ଧନୁ ।
ପୁଣିହିଁ ଶରେ ପ୍ରହାରି ସାରଥି ଅଶ୍ୱକୁ ମାରି
ଶୂନ୍ୟ କର ହୋଇଲା ଦୈତ୍ୟ ସୂନୁ ।
ସେ ଦୈତ୍ୟ ବୀର
ଯେତେ ଯେତେ ସନ୍ଧୁଥିଲା ଶର ।
ଏହିରୂପେ କାଟୁଥିଲେ ରଘୁବୀର ସେ ୧ ॥

ଅଗ୍ନି ଅସ୍ତ୍ର କରେ ଧରି କୋଦଣ୍ଡେ ବସାଇ କରି
ଦୈତ୍ୟ ଉପରକୁ ପ୍ରହାରିଲେ ।
ପଶିଲା ହୃଦରେ କାଣ୍ଡ ଜଳିଲା ହୋଇ ପ୍ରଚଣ୍ଡ
ଭୂମିରେ ପଡ଼ି ମକରାକ୍ଷସ ମଲେ ।
ସେ ଦୈତ୍ୟ ବୀର
ତାର ସଙ୍ଗରେ ଯେତେକ ଥିଲେ ।
ରାମଚନ୍ଦ୍ର ବାଣେ ପ୍ରାଣ ହରାଇଲେ ସେ ॥

ଶ୍ରୀରାମ ଲକ୍ଷ୍ମଣ ନାରାଜେ ମଲେ ବହୁତ ଦନୁଜେ
ଯାହା ଥିଲେ ୨ ପଳାଇଣ ଗଲେ ।
ଲଙ୍କାରେ ଯାଇ ପଶିଲେ ୩ ରାବଣ ଆଗେ କହିଲେ ୪
ଦେବ ମକରାକ୍ଷସ ଆଜହିଁ ମଲେ ।
ସେ ଦୈତ୍ୟ ବୀର
ଶୁଣି ବହୁ ବିସ୍ମୟ ହୋଇଲା ।
ଦନ୍ତ ରଟ ମଟ କରି ରେବାଇଲା ସେ ॥

---

୧-ପୁଣି କୁନ୍ତେ ଭୁଜାଗ ମାଇଲା ।
ରାମ ତନକାଣ୍ଡେ ଗୃହଖଣ୍ଡ ହେଲା ସେ ॥ ପୋଥିପାଠ ।
୨-ଯେହୁଥିଲେ ପୋଥିପାଠ । ୩-ଯାଇଣ ବେଗେ ପୋଥିପାଠ । ୪-କହିଲେ ରାବଣ ଆଗେ ପୋଥିପାଠ ।

ଝର୍ଦ୍ଧୂମ ୧ ଅନଳ ପ୍ରାୟେ   ନୟନ ଦୁଇ ବୁଲାଏ
ଭ୍ରୂକୁଟି କଲା ଦଶ କପାଳ ୨ ।
ଦଶ-ଦଶକୁ ଅନାଇ   ଘୋର ନିଃଶ୍ୱାସ ପକାଇ
ଖର ସୁତ ମଲା ବୋଲି ବିକଳ ହେଲା ୩
ସେ ଦଶଶିର
କ୍ଷଣେ ଯାଏ ହୋଇଲା ଅଜ୍ଞାନ ।
ଛିଗି ଚିନ୍ତେ ରାମ ରାଜୀବ ଲୋଚନ ସେ ॥

●

## ରାଗ—କୌଶିକ

ଇନ୍ଦ୍ରଜିତକୁ ଅଣାଇଣ   ରାବଣ କହଇ ପ୍ରଶଂସା କରିଣ ।
ସୁରପତିକି ଧରି ଆଣିଲୁ କାଳୁ ଜାଣଇ ତୋର ବୀରପଣ ।
ଆହେ କୁମର !
ରାମ ଲକ୍ଷ୍ମଣଙ୍କୁ ସଂହାର ।
ତୋହ ବିନୁ ତାଙ୍କୁ ଜିଣିବାକୁ ନାହିଁ ଲଙ୍କା ଭିତରେ ଏଡ଼େ ବୀର ॥

ଦୃଶ୍ୟ ଅଦୃଶ୍ୟ ହୋଇଣ   ତାର ସଙ୍ଗେ କରିବ ତୁମ୍ଭେ ମାୟାରଣ ।
ବେନି ଥର କି କି ପ୍ରକାରେ ବର୍ତ୍ତିଲେ ଏବେ ତୋ ଶରେ ଦେବେ ପ୍ରାଣ ।
ଶୁଣି କୁମର ।
ରାବଣ ମୁଖରୁ ବଚନ ।
ଶିରେ କର ଦେଇ ମେଲାଣି ହୋଇଲା ଆରୋହିଲା ତା ନିଜ ଯାନ ୪ ॥

ଚତୁରଙ୍ଗ ବଳ ଆଗରେ ପେଷିଣ ହୋମ ସ୍ଥାନକୁ ସେ ୫ ଗଲା ।
ବିବିଧ ଆୟୁଧମାନ ତହିଁ ରଖି ପଶୁ ରୁଧିରେ ହୋମ କଲା ।
ରଙ୍ଗ ବସନ ।
ରଙ୍ଗ କୁସୁମ ରଙ୍ଗ ଗନ୍ଧ ।
ଲୌହସ୍ରୁବରେ ଛାଗଳ ରକତରେ ହୋମ କରି ମନେ ଆନନ୍ଦ ॥

---

୧-ନିର୍ଦ୍ଧୂମ ପୋଥିପାଠ । ୨-ଦଶକୋପୋଳ ପୋଥିପାଠ । ୩-ବୋଲିଣ ବିକଳ ପୁସ୍ତକପାଠ । ୪-ଆରୋହଣ କଲା ଯାନ ପୋଥି ପାଠ । ୫-ବୋଲିଗଲା ପୁସ୍ତକପାଠ ।

ଦକ୍ଷିଣାବର୍ତ୍ତି ହୋଇଣ ବୈଶ୍ୱାନର ଜ୍ୱଳିଣ ଆହୁତ ଘେନଲେ ।
ଜାଣି କାର୍ଯ୍ୟସିଦ୍ଧି [1] ଶକ୍ରାଜିତ ବୀର ବାହୁଡ଼ି ରଥ ଆରୋହିଲେ ।
ସେହିକ୍ଷଣେ ସେ ।
ରଥ ଘେନ ହେଲା ଅଦୃଶ୍ୟ [2] ।
ଆକାଶେ ତାହାଙ୍କୁ ନ ଦେଖିଲେ କେହି ତାଙ୍କୁ ହୁଅଇ ସର୍ବ ଦୃଶ୍ୟ ।।

ଶ୍ରାବଣ ମାସର ଜଳ ଧାରା ପ୍ରାୟେ ଶର ବୃଷ୍ଟି କଲା ଗଗନୁ ।
ମହା ମେଘ ଘୋଡ଼ାଇଲା ପ୍ରାୟେ ହୋଇ ଉହାଡ଼ କଲା ଦେବଗଣନୁ ।
ଦେଖି ଚକିତ ।
ହୋଇଲେ ଶ୍ରୀରାମ ଲକ୍ଷ୍ମଣ ।
ଊର୍ଦ୍ଧ୍ୱମୁଖ ହୋଇ ଆକାଶେ ଚାହାନ୍ତେ ମୁଖେ ପଡ଼ଇ ବାଣ ଗଣ ।।

ଋକ୍ଷ କପିବଳ ହୋଇଲେ ଆକୁଳ ଡାକଲେ ବୋଲନ୍ତି [3] ଲକ୍ଷ୍ମଣ ।
ଏ ଶରଘାତ ମୁଁ ସହି ନ ପାରଇ ବିକଳ ହେଉଛି ମୋ ପ୍ରାଣ ।
ଆଜ୍ଞା ହୋଇଲେ ।
ବ୍ରହ୍ମ ଅସ୍ତ୍ର ମୁହିଁ କରିବି ।
ଦେବ ଦାନବ ମାନବ ସହିତେଣ ଏକାବେଳକେ ସଂହାରିବି ।।

ରାମ ବୋଲନ୍ତି ଜଣକ ଅପରାଧେ ଏତେ ଅଧର୍ମକୁ [4] କରିବ ।
ସମସ୍ତେ ଅବା ତୁମ୍ଭଙ୍କୁ କିସ କଲେ କିପାଇଁ ତାହାଙ୍କୁ ମାରିବ ।
ଏମନ୍ତ କହି ।
ଶରକୁ ପ୍ରଚାରର କଲେ ।
ଦଣ୍ଡେ ମାତ୍ର ରହ ଏହାକୁ ମାରିବା [5] ବୋଲି ଶ୍ରୀମୁଖେ ଆଜ୍ଞା ଦେଲେ ।।

ଏତେ ବୋଲି କୋଦଣ୍ଡରେ ଅସ୍ତ୍ର ସନ୍ଧି ଆକାଶକୁ ଚାହିଁ ରହିଲେ ।
ନିଶ୍ଚୟ ମରିବା ଦେଖିଣ ଅସୁର ମନରେ ମହାଭୟ କଲେ ।
ପଶ୍ଚିମ ଦ୍ୱାରେ,
ଯାଗଶା ପ୍ରବେଶ ହୋଇଲା ।
ସୈନ୍ୟ ଘେନ ହନୁମନ୍ତ ଜଗିଣ ଅଛନ୍ତି ବୋଲି ଜାଣିଲା ।।

---

୧-କାର୍ଯ୍ୟସାଧ ପୋଥିପାଠ । ୨ ଅଦୃଶ ପୋଥିପାଠ । ୩- ଆକୁଳେ ପୁସ୍ତକପାଠ ।
୪-ଏତେକ ଅକର୍ମ ପୋଥିପାଠ । ୫-ମାରିବି ପୋଥିପାଠ ।

ମହା ପର୍ବତ ଉପାଡ଼ି ହନୁବୀର ଧରି ଅଛନ୍ତି ବାମକରେ ।
ଦକ୍ଷିଣ କରେ ବୃଶାଳ ତରୁବର କପିବଳ ଛନ୍ତି ସଙ୍ଗରେ୧ ॥
ମାୟା କରଣ ୨ ।
ଉପାୟ ତହିଁ ଭିଆଇଲେ ।
ମାୟା କରଣ ସୀତାଏ ୩ ଆରୋପିଣ ରଥେ ତାହାଙ୍କୁ ବସାଇଲେ ॥

ଦେଖିଲା ହନୂ ରଥରେ ବସିଛନ୍ତି ଜନକ ରାଜନ ଦୁହିତା ।
ରାମ ରକ୍ଷ ରାମ ରକ୍ଷ ବିକଳେ ବୋଲୁଛନ୍ତି ଶ୍ରୀରାମ ବନିତା ।
ତାହା ଦେଖିଣ,
ହନୂ କରେ ବହୁ ରୋଦନ ।
ରୋଦନ ଦେଖିଣ ରାବଣ ନନ୍ଦନ କହଇ ହନୂକୁ ୪ ବଚନ ॥

ତୁମ୍ଭେତ ଏହାଙ୍କୁ ନ ନେଲେ ନଯିବ ରାଜାତ ଆମ୍ଭର ନ ଦେବେ ।
ଏହା ଲାଗି କଗଁା ଅସୁର ବାନରେ ଆହବେ ବୃଥାର୍ଥେ ମରିବେ ।
ଏଣୁ କରିଣ,
ହାଣୁଥିଲି ମୁହିଁ ଏହାଙ୍କୁ ।
ଏବେ ମୁଁ ତୁମ୍ଭ ଆଗରେ ହାଣୁଅଛି ତୁମ୍ଭର ପ୍ରତେ କରିବାକୁ ॥

ଏମନ୍ତେ କହି ପାଦେ ତାଙ୍କୁ ପ୍ରହାର କରେ ଘେନିଲା ଅସିବର ॥
ବେନି ଖଣ୍ଡ କରି ହାଣି ପକାଇଲା ଅନାଇ ଥିଲେ ହନୂବୀର ।
ପୁଣି ବୋଇଲା,
ବାହୁଡ଼ି ଯାଅ ବନଚର ।
ତୁମ୍ଭେ ଆମ୍ଭ ଗୋଲ ଯହିଁରୁ ହୋଇଲା ୫ ତାଙ୍କୁ ପେଷିଲି ୬ ଯମପୁର ॥

ଏହା ଦେଖି ହନୁ କରୁଁ ଗିରିବର ରଥରେ ତାର କଚାଡ଼ିଲା ।
ସାରଥି ରଥ ପଛକୁ ଘେନିଗଲା ଗିରି ବୃଥାର୍ଥେ ସେ ମାରିଲା ।
ବହୁ ରୋଷରେ,
ବହୁ ରଣ କଲା ମାରୁତି ।
ସମସ୍ତ କପି ତରୁ ଶିଳା ମାରନ୍ତେ କାଟଇ ବଜ୍ରବାର ନାଢ ॥

୧-'ପଶ୍ଚିମ······ସଙ୍ଗରେ' ପର୍ଯ୍ୟନ୍ତ ପାଠ ପୁସ୍ତକରେ ନାହିଁ । ୨-ଏହା ଦେଖିଣ ପୋଥିପାଠ । ୩-ସୀତସ୍ୱା ପୋଥିପାଠ । ୪-ବହୁତ ବଚନ ପୁସ୍ତକପାଠ । ୫-ତୁମ୍ଭ ଆମ୍ଭ ଗୋଲ ଯହିଁ ପାଇଁକ ପୋଥିପାଠ । ୬-ପେଷିଲୁ ପୁସ୍ତକପାଠ ।

ବେଗି କପି ମାରିବାର ଦେଖି ଦୈତ୍ୟ ମନରେ ଏମନ୍ତ ପାଞ୍ଚିଲା ।
ନିକୁମ୍ଭ ବଟ ତଳେ ହୋମ କରିବ ବୋଲି ଶୀଘ୍ର ରଣ ମୁହିଁଲା ।
ଯାଉନ୍ତେ ପଳାଇ,
ଗୋଡ଼ାଇଛନ୍ତି ବନଚର ।
ତରୁ ଶିଳା ରଥ ଉପରେ ମାରନ୍ତେ ସହଇ ରାବଣ କୁମର ॥

ଝଣ୍ଟେ ଦୂର ଗୋଡ଼ାଇଣ ହନୁ କପି ସୈନ୍ୟ ଘେନିଣ ବାହୁଡ଼ିଲେ ।
ନିକୁମ୍ଭ ବଟତଳରେ ଶକ୍ରାଜିତ ଯାଇଣ ପ୍ରବେଶ ହୋଇଲେ ।
ଚକ୍ରପାଶରେ,
ଅସୁର ସୈନ୍ୟ ଜଗାଇଲେ ।
ସକଳ ସାମଗ୍ରୀ ଘେନି ଶୁଚିବନ୍ତ ହୋଇ ହୋମ କରି ବସିଲେ ॥

ଶ୍ରୀରାମ ପଶ୍ଚିମ ଦ୍ୱାରେ ରଣ ଶୁଣି ଋକ୍ଷପତିଙ୍କି ପେଷି ଦେଲେ ।
ଋକ୍ଷ ବଳ ଘେନି ଚଳନ୍ତେ ଜାମ୍ବବ ମାର୍ଗରେ ହନୁକୁ ଭେଟିଲେ ।
ଦୁହେଁ ବାହୁଡ଼ି ।
ଶ୍ରୀରାମ ସନ୍ନିଧେ ପ୍ରବେଶ,
ବୋଲେ ଋଷି ରାମ ହନୁକୁ ଦେଖିଲେ ଝରୁଅଛି ଅଧ ନୟନ ୧ ॥

●

ରାଗ — **ପଞ୍ଚମ ବରାଡ଼ି**

ଶୋକେ ଯାଇ ହନୁମାନ ରାମଙ୍କୁ କରି ଦର୍ଶନ
କହିଲା ସେ ଯୁଦ୍ଧର ବିଧାନ ।
ରାବଣ ଜ୍ୟେଷ୍ଠ ନନ୍ଦନ ସୀତାଙ୍କୁ ବସାଇ ଯାନେ
ଆଣନ୍ତେ କରୁଥିଲେ ରୋଦନ ।
ହେ ଦେବ ସେ ।
ଖଡ଼ଗରେ ବେନି ଖଣ୍ଡେ କଲା ।
ଯହିଁ ପାଇଁ କଲୁ ରଣ ତାର ଦେଖିଲୁ ମରଣ
ଏଡ଼େ ରଣ ଅକାରଣ ହେଲା ॥

---

୧-ରଘୁନାଥ ଦାଶଙ୍କ ରାମଲୀଳାରେ ମାୟାସୀତା ନିର୍ମାଣ ପାଇଁ ଗୋଟିଏ ଚମତ୍କାର ଆଖ୍ୟାୟିକା ରହିଛି । ଇନ୍ଦ୍ରଜିତ ଗୋଟିଏ ଅସୁରୀକୁ ମାୟାସୀତାରେ ପରିଣତ କରି, ତାହାକୁ ଯୁଦ୍ଧସ୍ଥଳରେ ବଧ କରିଛି ।

ହନୁ ମୁଖୁ ଶୁଣି ରାମ ଜ୍ଞାନ ହୀନ ଗଲେ ଶ୍ୟାମ
ଧନୁଶର ପକାଇ ଭୂମିର ।
ଏମନ୍ତ ଦେଖି ଲକ୍ଷ୍ମଣ ଜଳ ସିଞ୍ଚି ସେହିକ୍ଷଣ
ଆଉଜାଇଲେ ଆପଣା ଉର ।
ଭୋ ଦେବ ହେ ।
କରିଥାଅ ଧର୍ମକୁ ଆଦର ।
ଧର୍ମ କଲେ କେତେ ଦୂର କେଉଁ ଅଧର୍ମ ତୁମ୍ଭର
ଜାଣିଲି ଧର୍ମେ ହୁଏ ଅସାର ୧ ॥

ଧର୍ମ ଅଧର୍ମ ଯୁଝିଲେ ଦୁହେଁ ପ୍ରାଣ ହରାଇଲେ
ଏଣୁ ଧର୍ମ ଅଧର୍ମ ହିଁ ନାହିଁ ।
ମହା ଅଧର୍ମ ରାବଣ ଦେଖି ପୁତ୍ର ନାତିଗଣ
ଧର୍ମ ଥିଲେ କି ମରନ୍ତେ ନାହିଁ ୨ ।
ଭୋ ଦେବ ହେ !
ଧର୍ମ ଅଧର୍ମକୁ ଯେ ଡରଇ ।
ଜାଣିଲି ମୁଁ ଏତେ କାଳେ ଦେଖିଲି ମୁଁ ବେନି ଡୋଳେ
ସଂସାରେ ସେ ବହୁ ଦୁଃଖ ପାଇ ॥

ପୁଣି ବୋଲନ୍ତି ଲକ୍ଷ୍ମଣ ଧର୍ମ କରନ୍ତି ପ୍ରମାଣେ
ନିଃସହ ଦୁର୍ବଳ ଜନମାନେ ୩ ।
ସେହି ରୂପେ ତୁମ୍ଭ ମତି ବୋଲି ମୋର ଧର୍ମ ଗତି
ଏଣୁଟି ପଶିଲି ଆସି ବନେ ।
ଭୋ ଦେବ ହେ ।
ଧର୍ମ କରି ଧନ ଥିଲେ ସିନା ।
ଧନରେ ସମସ୍ତ ଗୁଣ ୪ ମୂର୍ଖରେ ପଣ୍ଡିତ ପଣ ୫
ପାତକୀ ହୁଅନ୍ତି ଧନ ବିନା ॥

୧-ଏଠାରେ ଲକ୍ଷ୍ମଣଙ୍କ ମୁଖରେ ଧର୍ମକାର୍ଯ୍ୟର ନିନ୍ଦା କବି ବିଶ୍ୱନାଥ କରାଇଥିବା ବେଳେ, ରାମଲୀଳାରେ କବି ରଘୁନାଥ ଦାଶ ବହୁ ବିଳାପ କରାଇଛନ୍ତି। ସୀତାଙ୍କ ଗୁଣ ବାହୁନି ଶ୍ରୀରାମ ରୋଦନ କରୁଥିବାର ଦେଖି ସମସ୍ତ କପି, ଋକ୍ଷ ଓ ବିଭୀଷଣ ଆଦି ବିସ୍ମିତ ହେବା ସଙ୍ଗେ ସଙ୍ଗେ ଶୋକରେ ଅଭିଭୂତ ହୋଇ ପଡ଼ିଛନ୍ତି । ରଘୁନାଥ ଦାଶଙ୍କ ବର୍ଣ୍ଣନା ବୀରୁଷ୍ମ ବୀରରସର ପରିପନ୍ଥୀ ହୋଇଥିଲେ ହେଁ, ଲୀଳାରେ ତାହା ସାମାଜିକମାନଙ୍କୁ କରୁଣ ରସରେ ଆପ୍ଳୁତ କରାଉଛି ।
୨-କି ମରନ୍ତେ ମହୀ ପୋଥିପାଠ । ୩-ନସାହାନ୍ତି ବଳ ପୋଥିପାଠ । ୪-ସୁତ ପୋଥିପାଠ । ୫-ଜାତ ପୋଥିପାଠ ।

ଯେନ ମୁଁ ବ୍ରହ୍ମ ଅସ୍ତ୍ରକୁ ୧ ମାରୁଥିଲି ସମସ୍ତଙ୍କୁ ୨
ବୋଇଲ ଜଣେ କଣଙ୍କୁ ଦୋଷ ।
ଧର୍ମକୁ ବିରୋଧ କର ୩ ଅଧର୍ମ କିପାଇଁ କର
ସମସ୍ତ ଜନଙ୍କର କି ଦୋଷ ।
ହେ ଦେବ ହେ !
ସେ ଧର୍ମତ ଏବେ ନ ରହିଲା ।
ପ୍ରମାଦ ପରେ ପ୍ରମାଦ ସମ୍ଭୁତ ହୁଏ ବିଷାଦ
ବେଳକୁ ବେଳ କପଣ ହେଲା ୪ ॥

ଏମନ୍ତ ଶ୍ରବଣେ ଶୁଣି ମୋହ ଭେଜ ରଘୁମଣି
ପ୍ରିୟା ଶୋକେ ହୋଇଲେ କାତର ।
ଏମନ୍ତ ଦେଖି ଲକ୍ଷ୍ମଣ ବୋଲନ୍ତି ହେ ଦେବ ଶୁଣ
ମାରିବି ମୁଁ ନଷ୍ଟେ ଦଶଶିର ୫ ।
ହେ ଦେବ ହେ ।
ତେବେ ଅଯୋଧ୍ୟାକୁ ଆମ୍ଭେ ଯିବା ।
ଏ ଲଙ୍କା ଗଡ଼ରେ ଯେତେ ଅସୁରମାନେ ଜୀବିତେ
ଅଛନ୍ତି ତାହାଙ୍କୁ ନ ରଖିବା ॥

ଏହିକାଳେ ବିଭୀଷଣ ପରବେଶ ସେହିକ୍ଷଣ
ଦେଖିଲେ ଶ୍ରୀରାମଙ୍କ ବିଳାପ ।
ସୀତାର ବିନାଶ ଶୁଣି ବିଳପନ୍ତେ ରଘୁମଣି
ବିଭୀଷଣ ବୋଲେ ମୁଞ୍ଚ ତାପ ।
ହେ ଦେବ ହେ ।
ସୀତାଙ୍କୁ ଦେଖିବ ସେହି କାହିଁ ।
ଇନ୍ଦ୍ରଜିତ ମାୟା କଲା ହନୁ ଜାଣି ନ ପାରିଲା
ହୋମ କରୁଅଛି ଏବେ ଯାଇ ॥

---

୧-ବ୍ରହ୍ମ ଅସ୍ତ୍ରେ ଯେନ ମୁହିଁ ପୋଥିପାଠ । ୨-ସମସ୍ତ ମାରୁଥିଲଇଁ ପୋଥିପାଠ ।
୩-ସର୍ବ ଧର୍ମକୁ ବିରୋଧ ପୋଥିପାଠ । ୪-ବେଳୁବେଳ କପଣ ହିଁ ହେଲା ପୋଥିପାଠ ।
୫-ଆଜ୍ଞାହେଲେ ମାରିବି ମୁଁ ଦଶଶିର ପୋଥିପାଠ ।

ବିଭୀଷଣ ମୁଖୁ ଶୁଣି  ହୃଷ୍ଟ ହୋଇ [୧] ରଘୁମଣି
କୋଦଣ୍ଡ ଧଇଲେ ବାମ ପାଣି [୨] ।
ବୋଇଲେ ଦୁଷ୍ଟ ରାବଣି  ଏବେ ନଷ୍ଟ ଯିବ ଜାଣି
ଶରେ ଶିର ପକାଇବି ହାଣି ।
ରାମ ଦେବ ହେ ।
ବିଭୀଷଣେ ପ୍ରଶଂସା କରନ୍ତି ।
ଛାଡ଼ିଲେ ଶୋକ ସନ୍ତାପ  ବଢ଼ିଲା ବିଷମ କୋପ
ଝଣି ଭଜଇ ଜାନକୀ ପତି ॥

●

ରାଗ— **ଚକ୍ରଘଣ୍ଟି**

କର ଯୋଡ଼ିଣ କହେ [୩] ବିଭୀଷଣ  ରାମଦେବ ମୋହର ବିନୟ ଶୁଣ ।
ସଂଗ୍ରାମ ତେଜି ଗଲା ମେଘନାଦ ରାଜାଧିରାଜ ହେ ।
ହେବ ବଡ଼ ପ୍ରମାଦ ॥

ଲଙ୍କାର ପଶ୍ଚିମ ଦ୍ୱାର ନିକଟ  ଅଛଇ ତହିଁ ନିକୁମ୍ଭିଳା ବଟ ।
ତହିଁର ମୂଳେ ସେ ହୋମ କରିବ ରାଜାଧିରାଜ ହେ ।
ରଥେ ବାହାର ହେବ ॥

ସେ ରଥେ ବସି ହୋଇବ ବିଜୟୀ  ଏମନ୍ତ ବର ଧାତା ଅଛି ଦେଇ ।
ସାବଧାନ ହୋଇ କରିବା ରଣ ରାଜାଧିରାଜ ହେ ।
ପେଷ ବୀର ଲକ୍ଷ୍ମଣ ॥

ସାମାନ୍ୟ ନୁହେଁ ରାବଣ କୁମର  ଶକ୍ରକୁ ଜିଣି ଅଛି ବହୁବାର ।
ଏଥିକୁ ଦେବ ନ କରିବ ହେଳା ନଷ୍ଟେ ମାରିବା ହେ ।
ମନ୍ଦୋଦରୀଙ୍କ ବଳା ॥

ଶୁଣି ରାମ ଲକ୍ଷ୍ମଣଙ୍କୁ ଚାହିଁଲେ  ସଜ ହୋଇ ଆସ ବୋଲି ବୋଇଲେ ।
ଶୁଣି ଲକ୍ଷ୍ମଣ ଶ୍ରୀରାମ ବଚନ ଅଙ୍ଗେ ଲାଇଲେ ହେ ।
ଅଭେଦ୍ୟ କବଚ ମାନ ॥

---

୧-ହୃଷ୍ଟ ହୋଏ୍ତ ପୋଥିପାଠ । ୨-ବେଳପାଣି ପୋଥିପାଠ । ୩-ଯୋଡ଼ି କଲେ ପୁସ୍ତକପାଠ ।

ବେନି କନ୍ଧେ ବେନ୍ଧି ୧ ତୂଣୀ ଛନ୍ଦିଲେ ଶତ୍ରୁ ନାଶ ଖଣ୍ଡା ବାମେ ବାନ୍ଧିଲେ ୨ ।
ଦେବ ଦତ୍ତ ୩ ଶର ସଂଗ୍ରହ କଲେ ଇନ୍ଦ୍ର ଦେବାର ୪ ହେ ।
ଧନୁ କରେ ଧଇଲେ ॥

ଶ୍ରୀରାମ ଛାମୁରେ ହୋଇଲେ ଉଭା   ସୈନ୍ୟର ଭିତରେ ଦିଶିଲେ ଶୋଭା ।
ଶ୍ରୀରାମ ପାଦ ଛୁଇଁଲେ ଭ୍ରାତ ପ୍ରଣାମ କଲେ ହେ ।
ସୁମିତ୍ରାଙ୍କର ସୁତ ॥

ରାମ କହନ୍ତି ବିଭୀଷଣେ ତୁହିଁ   ଏହାଙ୍କର ପାଶ ଛାଡ଼ିବ ନାହିଁ ।
ହନୁ ଅଙ୍ଗଦ ସଙ୍ଗତରେ ଥିବେ ନଳ ନୀଳାଦି ହେ ।
ସମସ୍ତ କପି ଯିବେ ॥

ଯେତେ ଯେତେ ଅଛନ୍ତି ମହାବୀର   ସମସ୍ତେ ଯାଇଣ ସମର କର ॥
ରାମ ମୁଖୁ ଶୁଣି କପି ସଇନ୍ୟ ବାହାର ହେଲେ ହେ ।
ଲକ୍ଷ୍ମଣ ସଙ୍ଗେ ଘେନି ॥

ବେଢ଼ିଲେ ଲଙ୍କାର ପଶ୍ଚିମ ଦ୍ୱାର   ଦେଖିଲେ ବେଢ଼ି ଅଛନ୍ତି ଅସୁର ।
ବିଭୀଷଣ ଲକ୍ଷ୍ମଣଙ୍କୁ କହିଲେ ସୈନ୍ୟ ମାଇଲେ ହେ ।
ସେ ଆସିବ ବୋଇଲେ ॥

ଶୁଣି ସଂଗ୍ରାମ କଲେ କପିବଳ   ପିଟିଲେ ଶାଳ ଗଡ଼ୁଡ଼ିଲେ ଶିଳା ।
ଅସୁର ମାଇଲେ ହୋଇ ପ୍ରବଳ ଉଭୟ ବଳ ହେ ।
ସଂଗ୍ରାମ ବେଳୁ ବେଳ ॥

ହନୁ ଅଙ୍ଗଦ ଦୁର୍ବିନ୍ଦ ମଇନ୍ଦ୍ର   ନଳ ନୀଳ ସୁଷେଣ ଯେ ସୁଗନ୍ଧ ।
ପନସ ରମ୍ଭା ୫ ମନ୍ଧାମନ୍ଦା ବୀର ସମର କଲେ ହେ ।
ଅତ୍ୟନ୍ତ ୬ ଅଗୋଚର ॥

ଧନୁ ଧରିଣ ଆଗେ ବିଭୀଷଣ   କୋପେ ବିନ୍ଧଇ ଶତ ୭ ଶତ ବାଣ ।
ଗୁଣମନ୍ତ୍ରୀ ଘେନି କରନ୍ତେ ରଣ ବହୁ ମାଇଲେ ହେ ॥
ଯୋଦ୍ଧା ଅସୁର ଗଣ ॥

---

୧-ଯୋଣି ପୋଥିପାଠ । ୨-ଥଙ୍ଗ ତାବ ଖଣ୍ଡା ବାମେ ବାନ୍ଧିଲେ ପୋଥିପାଠ ।
୩-ଦେବ ଦତ୍ୟ ଶର ପୋଥିପାଠ । ୪-ଇନ୍ଦ୍ର ଦେଲାର ପୋଥିପାଠ ।
୫-ଭମ୍ଭ ପୋଥିପାଠ । ୬-ସେଦୈତ୍ୟ ପୁସ୍ତକପାଠ । ୭-ଶତେ ଶତ ପୋଥିପାଠ ।

ବଡ଼ ବଡ଼ ଯହୁଁ ଅସୁର ମଲେ      ଯେହ୍ନୁ ଥିଲେ ସେ ସମର୍ଥ ନୋହିଲେ ।
କହିଲେ ଯାଇ ମେଘନାଦ ଆଗେ ହୋମ ନ ସରୁ ୧ ହେ ।
ଶଙ୍କୁ ଅଇଲେ ବେଗେ ୨ ॥

ଅଙ୍ଗରେ ନାଇଲେ ବଜ୍ର କବଚ ୩      ଖଣ୍ଡା ଯମ ଦାଢ଼ ତୁଣ୪ ସୁଯଞ୍ଚ ।
ବୀର ବେଶ ହୋଇ ବୀର ରାବଣି ସାରଥି କଲେ ହେ ।
ରଘୁବରଙ୍କୁ ଆଣି ॥

କୃଷ୍ଣ ହସ୍ତ ଚତୁ ୫ ରଥରେ ଯୋଚ      ଧନୁ ଟଙ୍କାର କଲେ ଆମଞ୍ଚ ।
ଦିବ୍ୟ ବେଶରେ ଦିଶୁଅଛୁ ୬ ତୋର ରଥେ ବସିଲେ ହେ ।
କାଳ ଦେବତା ପରି ॥

ରଥ ଅଣି କଲେ ଲକ୍ଷ୍ମଣ ଆଗେ      ବିଭୀଷଣଙ୍କୁ ଚାହିଁ କହେ ରାଗେ ।
ଆରେ କୁଳାଙ୍ଗାର ଅସୁରାଧମ କେତେ କାଳକୁ ରେ ।
ଯୀଉଛ ତୋର ରାମ ।

ଏକା ଗର୍ଭରୁ ହୋଇଲୁ ଜନମ      ପିତା ହୋଇ ଯାହୁଁ ପୁତ୍ର ମରଣ ।
ମୋତେ ମାରିବାକୁ ଅସିଛୁ ଧାଇଁ ଏଡ଼େ ନିଷ୍ଠୁର ରେ ।
ହୋଇଲୁ ତୁ କମାଇଁ ॥

ଏମନ୍ତ ବୋଲିଣ କରେ ସମର      ଦେଖିଣ ପଳାଇଲେ ବନଚର ।
ଲକ୍ଷ୍ମଣ ଧନୁ ଧର ଆଗସାର      ହନୁ ପିଟିଲ ଯେ ।
ରଥରେ ତରୁବର ॥

ପୁଣି ହନୁ ଗିଲେ ମାରନ୍ତେ ବୃକ୍ଷେ   ରାବଣ ତନୁଜ କାଟିଲ କାଣ୍ଡେ ।
ଯେତେ ମାରନ୍ତି ଯୂଥପତିମାନେ      ରାବଣ ସୁତ ହେ ।
କାଟନ୍ତି ସାବଧାନେ ॥

ଦେଖିଲ ଧନୁ ଧର ବିଭୀଷଣ      ମର୍ମ ସ୍ଥାନକୁ ବିନ୍ଧୁ ଛନ୍ତି ବାଣ ।
ଅନାଇ ପୁଣି ବୋଲଇ ବଚନ      ଧିକ ଧିକ ଆରେ ।
ତୋର ନର୍ଲ୍ଲଜ ପଣ ୭ ॥

---

୧-ମହାମନରୁ ପୋଥିପାଠ । ୨-ସେହ୍ନୁ ଅଇଲେ ବେଗେ ପୁସ୍ତକପାଠ । ୩-ଶୁଣି ଅଙ୍ଗଦରେ ଲାଇଲା କବଚ ପୋଥିପାଠ । ୪-ତୂଣୀ ପୋଥିପାଠ । ୫-କୃଷ୍ଣ ଅଶ୍ୱ ଏକ ପୁସ୍ତକପାଠ । ୬-ହୋଇଅଛୁ ପୋଥିପାଠ । ୭-ତୋର ଜୀବନ ପୋଥିପାଠ ।

ମୁଁ ତୋର ପୂର୍ବ ମରାଇବୁ ମୋତେ ରାମ ତୋର କସ କି ଦେବ ତୋତେ୧ ।
ସୋଦର ଛାଡ଼ି ପରକୁ ଆଦରୁ ୨   ଅପଣା ସ୍ତ୍ରିରର
ପରାସ୍ତେ ଧର୍ମ କରୁ ।

ବିଭୀଷଣ ବୋଲେ ଶୁଣରେ ସୁତ   ଧର୍ମ ଥିଲା ଜନ ମୋହର ମିତ ୩ ।
ରହେ ନିର୍ମିତ ଯେଉଁ ପୁର କରି   ଅଗ୍ନି ଲାଗିଲେ ଯେ,
ତହିଁ ପଶିକି ମରି ୪ ॥

ବହୁତ ଅକର୍ମ କଲୁ ତୋ ତାତ   ତେଣୁ ତା ସଙ୍ଗୁ ହୋଇଲି ମୁକତ ।
ନ ଜାଣୁ କି ବୁଦ୍ଧି ମୋର ସ୍ୱଭାବ   ବଶି ବୋଲଇ ହେ,
କହ ଏବେ କି ହେବ ୫ ॥

●

## ରାଗ—ରସକୋଇଲ ବାଣୀ

ଲକ୍ଷ୍ମଣ ଇନ୍ଦ୍ରଜିତ ଘୋର ରଣ ୬   ମହାକ୍ଷଣୀ ଅଟନ୍ତ ବେନ ଜନ ।
ଶର ଆଉଯାତେ ନ ଦିଶେ ଭାନୁ   ମଣ୍ଡଳାକାର ଦିଶେ ତାଙ୍କ ଧନୁ ଯେ
ବାନ୍ଧିବା ଭୂଜ ୭ ନ ଦିଶେ ଯେ,
ହନୁ କନ୍ଧରେ ଆରୋହି ରାମାନୁଜ ଦୁଣ୍ଡି ଇନ୍ଦ୍ର ଭ୍ରାତୃ ଦିଶେ ଯେ ॥

ଲକ୍ଷ୍ମଣ ପେଷିଲେ ବାବନ ଶର   କାଟିଲେ ଅସୁରର ଧନୁ ଶର ।
ପୁଣି କୋପେ ବିନ୍ଧିଲେ ପାଞ୍ଚ କାଣ୍ଡ   କାଟିଲେ ଅଶ୍ୱ ସାରଥିର ମୁଣ୍ଡ ସେ
ରଥ କଲେ ହନୁ ଭଙ୍ଗ ଯେ,
ସେହିକ୍ଷଣି ଅନ୍ୟ ରଥେ ଆରୋହଣ ଯୁଝିଲା ଲକ୍ଷ୍ମଣ ସଙ୍ଗ ଯେ ॥

ବିନ୍ଧନ୍ତେ ଶରେ ଶର ପରତାଳ   ଜଳଇ ତହିଁ ଝର୍ଝୁମ ଅନଳ ।
ଦେଖି ତରଳ ହୋଏ ଦେବ ବଳ   ଉତପାତ ଜାତ ବେଳକୁ ବେଳ ଯେ
ଦନୁଜ ରଣେ ପ୍ରବଳ ଯେ,
ଢଳକାଣ୍ଡ ବାଛି ବିନ୍ଧିଲା ୮ ଅସୁର ବାଜେ ଲକ୍ଷ୍ମଣ କପାଳେ ଯେ ॥

---

୧-ରାମ ଅବା କସ ଦେବଇ ତୋତେ ପୋଥିପାଠ । ୨-ଆବୋରୁ ପୁସ୍ତକପାଠ । ୩-ତାତ ପୋଥିପାଠ । ୪-ପଶିଲେ ମରି ପୋଥିପାଠ । ୫-ଏବେ କହକି ହେବ ପୋଥିପାଠ । ୬-ଘୁରୁରଣ ପୁସ୍ତକପାଠ । ୭-ଧନୁ ପୋଥିପାଠ । ୮-ଢଳକାଣ୍ଡ ବାଛି ବିନ୍ଧିଲେ ବାଜିଲା ଲକ୍ଷ୍ମଣ କପାଳ ପୁସ୍ତକପାଠ ।

ଗଳୁଅଛୁ ତନୁ ଧାରୁ ରୁଧିର ୧ ଫୁଫୁକାର କରି ବିନ୍ଧନ୍ତି ଶର ।
ବିଷମ ବ୍ୟଥା ପାଇଣ ଲକ୍ଷ୍ମଣ ବାହୁ ବିନ୍ଧିଲେ ଶର ସେହିକ୍ଷଣ ଯେ
ଅଙ୍ଗୁ କବଚ ୨ ଭାଟିଲେ ଯେ,
ଉର ଉପରେ ବସିଣ ତୀକ୍ଷ୍ଣ ଶର ୩ ରୁଧିର ବାହାର କଲେ ଯେ ॥

ସେହିଁ ଉପରେ କାଣ୍ଡମାନ ବସେ ଝିଙ୍କ ପକ୍ଷୀ ପ୍ରାୟେ ଶରୀର ଦିଶେ ୪ ।
କି ଅବା ଫୁଟିଲା ପଲାଶ ତରୁ ତେସନ ରୁଧିର ବେନି ଅଙ୍ଗରୁ ।
ଜାପ ଫୁଲ ପ୍ରାୟେ ଶୋଭା ଯେ,
ବେନି ବୀରେ ବେଳୁ ବେଳ ବଳବନ୍ତ ନିଜ ଭୁଜ ବଳ ପ୍ରଭା ଯେ ॥

ଆକାଶେ ଭାଳନ୍ତି ଅମରଗଣ କି ପୁଣ ଅସୁର ମାରେ ଲକ୍ଷ୍ମଣ ।
ଏମନ୍ତ ବୋଲିଣ ଜୟ ବାଞ୍ଛିଲେ ଲକ୍ଷ୍ମଣ ବିଜୟୀ ହେଉ ବୋଇଲେ ସେ
ବହୁତ କଲ୍ୟାଣ କଲେ ଯେ,
ଦେବତା ଋଷିଙ୍କ କଲ୍ୟାଣେ ଲକ୍ଷ୍ମଣ ବହୁ ବଳବନ୍ତ ହେଲେ ଯେ ॥

ପୁଣି ଲକ୍ଷ୍ମଣ ପେଷି ଦିବ୍ୟ ଶର କାଟି ରଥ ଧ୍ୱଜ ସାରଥି ଶିର ।
ବିରଥୀ ହୋଇଣ ରାବଣ ସୁତ ନିଜ ପୁରକୁ ସେ ଗଲେ ତ୍ୱରିତ ।
ହେମ ରଥବର ଚଢ଼ି ଯେ,
ଲକ୍ଷ୍ମଣ ସମ୍ମୁଖେ ପ୍ରବେଶହୋଇଲେ କରି ମହା ଘୋର ରଡ଼ି ଯେ ॥

ପୁଣିହିଁ ସଂଗ୍ରାମ କଲେ ବହୁତ ପ୍ରଚଣ୍ଡଶର କରେ ସୁମିତ୍ରା ସୁତ ୫ ।
ବେଳକୁ ବେଳ ବଢ଼ିଲା ସମର ଦେଖି ଭାଳିଲେ ବିଭୀଷଣ ବୀର ସେ ।
ମୁଁ କରିବି ଏବେ ରଣ ଯେ,
ଦଣ୍ଡେ ବିଶ୍ରାମ କରନ୍ତୁ ଏବେ ଶ୍ରାନ୍ତି ହରନ୍ତୁ ବୀର ଲକ୍ଷ୍ମଣ ସେ ॥

ଏହା ବିଚାରି ବିଭୀଷଣ ବୀର ଧନୁ ଧରିଣ ହେଲେ ଅଗ୍ରସର ।
ବିନ୍ଧିଲେ କୋପେ ଅନେକ ନାରାଚ ଛେଦଇ ତାହା ରାବଣ ଆତ୍ମଜ ସେ ।
ଅସୁରେ ଅସୁର ରଣ ଯେ,
ପୁଣି ଧିକ୍କାର କରଇ ଶକ୍ରଜିତ ଧିକ ତୋ ପୁରୁଷାର୍ଥ ପଣ ଯେ ୬ ॥

---

୧-ଗଳଇ ରୁଧିର ତୃଣାସୁଧାର ପୋଥିପାଠ । ୨-କପଚ ପୋଥିପାଠ । ୩-ବୀରଶର ସୁ ସ୍ତବକପାଠ । ୪-ଦୂରକୁ ଦିଶେ ପୋଥିପାଠ । ୫-ସୁମିତ୍ରାସୁତ ପୋଥିପାଠ । ୬-ତୋର ବୀରପଣ ପୋଥିପାଠ ।

ବିଭୀଷଣ ବୋଲେ ଶୁଣ କୁମର   ଆଉ ଯେ ଆୟୁଷ ନାହିଁ ତୋହର ।
ଯେତେ ବୀର ଥିଲେ ଲଙ୍କା ଭିତର   ସମସ୍ତେ ଗଲେ ସଂଯମନୀ ପୁର ଯେ ।
ଏକା ମାତ୍ର ଅଛୁ ତୁହି ଯେ,
ତୁ ମଲେ ତୋ ପିତା ଝୁରଣେ[1] ମରିବ ବସି ସେ ଏକାକୀ ହୋଇ ଯେ ॥

ଏମନ୍ତ କହି କରନ୍ତି ସମର   ଶକତି କୁଠାର ପରିଘ ଶର ।
ବିବିଧ ଅସ୍ତ୍ର ହୋଇନ୍ତେ ଆଘାତ   ଦେଖି ଆଗ ହେଲେ ସୁମିତ୍ରା ସୁତ ଯେ ।
ତା ସଙ୍ଗେ କଲେ ସଂଗ୍ରାମ ଯେ,
ବେଳକୁ ବେଳ ବହୁ ତେଜ ବଢ଼ିଲା କରନ୍ତା ନାହିଁ ବିଶ୍ରାମ ଯେ ॥

ରାବଣ ତନୁଜାବଦ୍ଭୁତମାନ   ବେଳକୁ ବେଳ ହୋଇଲା ନିଉନ ।
ଫୁଟିଲା ତନୁ ହେଲା ଅଶକତ   ତେବେହେଁ ବିନ୍ଧଇ ଶର ବହୁତ ।
ଜାଣି ନହେ ବିଭୀଷଣ ଯେ,
ଫୁଟିଲାଣି ଆଉ ଦଣ୍ଡେ ଯୁଦ୍ଧକର ମାରିବାଟି ଏହି କ୍ଷଣ ହେ ॥

ଧନ ରାଜ ଧନ ଧବଳ ରଣ   କଲଣି ଏହାର ନାହିଁ ପରାଣ ।
ଲଙ୍କାରେ ଏହି ମାତ୍ର ଅଛି ବୀର   ଫୁରୁଣା ହୋଇଣ କର ସମର ।
ମାରିବା କରିବା ଜୟହେ ।
ରାବଣକୁ ଆଉ କିଛି ଭୟ ନାହିଁ ହୋଇବା ଆମ୍ଭେ ନିର୍ଭୟ [2] ହେ ॥

ବିଭୀଷଣଙ୍କ ଏମନ୍ତ ବଚନ   ଶୁଣି ଲକ୍ଷ୍ମଣ ହେଲେ ହୃଷ୍ଟ ମନ ।
ବେଳୁ ବେଳ ଶର କରେ ସନ୍ଧାନ   ଦକ୍ଷିଣ ଭୁଜ ସ୍ଫୁରେ ଘନ ଘନ ।
ଜାଣି ବୋଲେ ହେବ ଜୟହେ ।
ଇନ୍ଦ୍ର ଦେବା ଶର ତୂଣୀରୁ ବାହାର କରି ଦେଖି କଲା ଭୟ [3] ହେ ॥

ଇନ୍ଦ୍ର ଶର ଧନୁରେ ବସାଇଲେ   ଓଁକାରେ ମନ୍ତ୍ରପଢ଼ି ପେଷିଲେ ।
କାଟିଲା ଅସ୍ତ୍ର ଶକ୍ରଜିତ ଶିର   ମୁକୁଟ କୁଣ୍ଡଳ ସହିତେ ତାର ଯେ ।
ପଡ଼ିଲା ଯାଇଁ ଭୂମିର ଯେ ।
ଲକ୍ଷ୍ମଣ ଶିରେ ଦେବରାଜ କୁସୁମ ବୃଷ୍ଟି କଲେ ନିରନ୍ତର ଯେ ॥

---

୧ ଝୁରିଣ ପୋଥିପାଠ । ୨-ଉଭୟ ପୋଥିପାଠ । ୩-ଇନ୍ଦ୍ର ଦେଲା ଶର ଗୁଣରେ ବସାନ୍ତେ ଦେଖି ପୁଣ କଲା ଭୟ ପୋଥିପାଠ ।

ଦୁନ୍ଦୁଭି ବଜାଇଲେ ସୁରପୁର          ବହୁ ଆନନ୍ଦ ହେଲେ ସୁନାସୀର ।
ଯୂଥପତି  ମାନେ ଆନନ୍ଦ ହେଲେ    ଲକ୍ଷ୍ମଣ ଅଙ୍ଗ ଆଲିଙ୍ଗନ କଲେ ସେ ।
କଉଣ ବହୁତ ସ୍ତୁତି ଯେ ।
ଲକ୍ଷ୍ମଣଙ୍କୁ ବେଢ଼ି ପଛୁଆର    କରି ରାମ ଛାମୁକୁ ଆଣନ୍ତି ଯେ ॥

ଯୁଦ୍ଧ ବାରତା ଲୁହ୍ମା କୁହ୍ମ ହୋଇ     ଶ୍ରୀରାମ ଛାମୁରେ ହୋଇଲେ ଯାଇ ।
ରାମ ପାଦ ଛୁଇଁ ଲକ୍ଷ୍ମଣ ବୀର       ଓଳଗି ଛିଡ଼ା ହୋଇଲେ ଛାମୁରେ ସେ ।
ବିଭୀଷଣ ଜଣାଇଲେ ଯେ ।
ଆଜ ଦେବ ତୁମ୍ଭ ଭ୍ରାତା ଶକ୍ରାଜିତ ମାରଣ ଅଭୟ କଲେ ହେ ॥

ଶୁଣି ଶ୍ରୀରାମ ବହୁ ହୃଷ୍ଟ ମନ          ଲକ୍ଷ୍ମଣଙ୍କୁ କଲେକ ଆଲିଙ୍ଗନ ।
ଶିର ଚୁମ୍ବିଣ କୋଳେ ବସାଇଲେ   ପୁଣି ପୁଣି ଶିର ଆଘ୍ରାଣ କଲେ ସେ ।
ଆଶ୍ୱାସି ୧ ଶ୍ରୀହସ୍ତେ ଅଙ୍ଗ ଯେ ।
ଆଜ୍ଞା ଦେଲେ ଆଜ ଲଙ୍କା ଜୟ କଲି      ତୁମ୍ଭେ ଥିଲାକୁ ମୋ ସଙ୍ଗ ହେ ॥

ଯେବେ ରାବଣକୁ ମାରିବ ମୁହିଁ        ଆଉ କାହାକୁ ମୋର ଭୟ ନାହିଁ ।
ଏମନ୍ତ କହି ଲକ୍ଷ୍ମଣେ ରୁହିଁ      ଅଙ୍ଗୁ କାଣ୍ଡମାନ କାଢ଼ି ପକାଇ ସେ ।
ସୁଷେଣକୁ ଆଜ୍ଞା ଦେଲେ ।
ଯେମନ୍ତେ ଏହାଙ୍କ ଅଙ୍ଗବ୍ରଣ୨ ଯିବ ଔଷଧ ଦିଅ ବୋଇଲେ ଯେ ॥

ରାମ ଆଜ୍ଞା ପାଇ ବୈଦ୍ୟ ସୁଷେଣ          ଔଷଧ ଆଣି ଦେଲା ସେହିକ୍ଷଣ ।
ବ୍ରଣ ଲିଭିଣ ହୋଇଲେ ସୁବର୍ଣ୍ଣ          ଗତରୁ ଅଧିକ ବଳ ସମ୍ପନ୍ନ ସେ ।
ହେଲେ ସମସ୍ତେ ଆନନ୍ଦ ଯେ ।
ଦୀନ କବିର ମତି ମତ୍ତ ମଧୁପ  ଶ୍ରୀରାମ  ପଦାରବିନ୍ଦ ଯେ ॥

## ରାଗ—**ବଙ୍ଗାଳଶ୍ରୀ**

ରାବଣ ଛାମୁରେ ଜଣାଇଲେ ଯାଇ ନିଜ ପରିଜନମାନେ ।
ରାମ ଭ୍ରାତ ଶକ୍ରାଜିତ ବଧ କଲା ଦେଖି ଅଇଲୁ ନୟନେ ॥

---

୧-ଆଉଁଷିଣ ପୋଥିପାଠ । ୨-ଅଙ୍ଗପ୍ରାସ ପୋଥିପାଠ ।

ଇନ୍ଦ୍ରଜିତ ବଧ ଶୁଣିଣ ରାବଣ ମୂର୍ଚ୍ଛା ଯାଇଣ ପଡ଼ିଲା ।
କେତେହେଁ କ ବେଳେ ଚେତନା ପାଇଣ ଉଚ୍ଚରେ ରୋଦନ କଲା ୧ ॥

ଆହା ପୁତ୍ର ମୋର ଗୁଣବନ୍ତ ବଳବନ୍ତ ହାରେଁ କାହାକୁ ।
କେତେ କେତେ ବେଳେ ଜିଣି ନ ଥିଲୁ ତୁ ସ୍ୱର୍ଗର ଶଚୀନାହାକୁ ୨ ॥

ତୋ ମୁଖ-କମଳ ଦେଖି ଦିଗପାଳମାନେ କରୁଥାନ୍ତି ଭୟ ।
କେଉଁ ଯୋଗ ବଳେ ୩ ରାମର ସାନୁଜ ସଂଗ୍ରାମରେ କଲା ଜୟ ॥

ଜାଣିଥିଲି ମୋର ଉତ୍ତର ଷୋଡ଼ଶ ୪ କରନ୍ତୁତେ ଶକ୍ରାଜିତ ।
ବିଧି ଏହା କଲା ମୁଁ ତୋର ସେ କର୍ମ ୫ କରିବାକୁ ହେଲି ସୁତ ॥

ଜନ୍ମ ହୋଇ ମେଘ ପ୍ରାୟ ଧ୍ୱନି କଲୁ ତେଣୁ ନାମ ମେଘନାଦ ।
ଇନ୍ଦ୍ରକୁ ଜିଣିଲୁ ଦିନରୁ ବିଧାତା ଦେଲେ ଇନ୍ଦ୍ରଜିତ ପଦ ॥

କାହିଁତ ଯୁଦ୍ଧରେ ମାନବ ହାତରେ ହାରିଲୁ ସେ ୬ ଶୁଦ୍ଧ ପ୍ରାଣ ।
ଶୁଣିଲେ ଦେବତା ସହିତେ ଆନନ୍ଦ ହୋଇବେ ଶଚୀ ରମଣ ॥

ଏକା କରି ମୋତେ ଯୋଦ୍ଧାର ସହିତେ କେଣେ ଗଲୁରେ କୁମର ।
ମାନବ ହାତେ ପରାଭବ ପାଇଲୁ ବିଧି କଲା ଏତେ ଦୂର ॥

ମାୟାସୀତା ମାରିଲାକୁ କୋପ କରି ପ୍ରାଣେ ମାରିଲେକି ତୋତେ ।
ଏବେ ମୁଁ ସୀତାକୁ ସତେ ହେଁ ମାରିବି ରାମ ମାରୁ ଆସି ମୋତେ ॥

ଏମନ୍ତ କହିଣ ଖଡ଼ଗ ଧରିଣ ପୁତ୍ର ଶୋକରେ ଉଠିଲା ।
ସୀତାକୁ ହାଣିବ ବୋଲିଣ ତ୍ୱରିତ ଅଶୋକ ୭ ବନକୁ ଗଲା ॥

ଦୂରରୁ ଦେଖିଣ ସୀତାଙ୍କ ସହିତେ ଅସୁରୀଏ ଭୟ କଲେ ।
ମୋତେ ଏ ମାରିବ ବୋଲିଣ ଆସୁଛି ସୀତା ମନେ ବିଚାରିଲେ ॥

ମୁଁ କପାଁ ହନୁମାର ସଙ୍ଗେ ନ ଗଲି ଜୀଅନ୍ତା କାନ୍ତ ପାଖକୁ ।
ତେତେବେଳେ ହୁଙ୍ଗି ଏବେ ବିଚାରିଲେ କି ହେବ ପ୍ରାଣ ନାଶକୁ ୮ ॥

---

୧-ପୁଣି କେତେହେଁ କ ବେଳେ ଜ୍ଞାନପାଇ ହା ହା ପୁତ୍ର ବୋଲି ଡାକିଲା ॥ ପୋଥିପାଠ । ୨-ଶଚୀନାଥକୁ ପୋଥିପାଠ । ୩-କେଉଁ ଯୋଗବଳେ ପୋଥିପାଠ । ୪-ଉତ୍ତର ଷୋଡ଼ଶ=ମୃତାହ କ୍ରିୟା ଓ ପିଣ୍ଡଦାନ । ୫-ଶେଷ କର୍ମ ପୋଥିପାଠ । ୬-ହରାଇଲୁ ପାଥିପାଠ । ୭-ଓଶୋକ ପୋଥିପାଠ । ୮-ପ୍ରାଣ ଆଶକୁ ପୋଥିପାଠ ।

ଧାଇଁ ଆସି ଅରବିନ୍ଦ ନାମେ ମନ୍ତ୍ରୀ ଶ୍ରୀମୁଖରେ ସେ ଓଗାଳିଲେ ।
ସୁପାର୍ଶ୍ୱ ୧ ବୋଲି ଆନ ମନ୍ତ୍ରୀ ତାର ବନ୍ଧୁ ଦେଖାଇ କହିଲେ ॥

ବ୍ରହ୍ମାର ଚତୁର୍ଥ ପୁରୁଷ ଯେ ଦେବ କରିବ ଯୁବତୀ ବଧ ।
କିପାଇଁ ଏହାଙ୍କୁ ଦୋଷଣ ଅଇଲ ଏକ କରୁଥିଲା ସଧ ॥

ଯେ ଦେବ ରାବଣ ଆମ୍ଭ ବାଣୀ ଶୁଣ ସ୍ତ୍ରୀବଧ କି କାରଣ ।
ପାପ ବୃଦ୍ଧି କଲେ ପୁଣ୍ୟ ନାଶ ତୋର ଙ୍କିଇକ ଆସିବେ ପୁଣ ॥

ଦେଖୁ ଦେଖୁ ଜଗନ୍ମୋହିନୀ ସୁନ୍ଦରୀ ନାଶ କରିବ କେମନ୍ତେ ।
ବିଧି ଏହାଙ୍କୁ ସଂଯୋଗ କରିଅଛି ତୁମ୍ଭର ଭୋଗ ନିମନ୍ତେ ॥

ଏମନ୍ତ ଶୁଣିଣ ସୀତାଙ୍କୁ ଅନାଇ ମଦନେ ହୋଇଲା ବଶ ।
ପୁଣି ହିଁ ତାହାଙ୍କୁ ଅନେକ ଦେଖାଇ କହିଲେକ ସୁପାର୍ଶ୍ୱ ॥

ଯେବେ କୋପ ଦେବ ରାମଠାରେ କଲେ ସୀତା ହୋଇବ ଆମ୍ଭର ।
ଯେମନ୍ତ କହି ବାହୁଡ଼ାଇ ପୁରକୁ ଆଣିଲେ ଅସୁରେଶ୍ୱର ॥

ଆସ୍ଥାନ କରିଣ ସମସ୍ତ ଅସୁରମାନଙ୍କୁ ଗାଇ ୨ କହିଲା ।
ପୁତ୍ର ମଲା ବୋଲି ମୋହ ପରାକ୍ରମ ତାହା ସଙ୍ଗତେ କି ଗଲା ॥

ବ୍ରହ୍ମାର ଦେବାର ଅଭେଦ କବଚ ୩ ନାହିଁକିରେ ମୋର ସୁରେ ।
ବ୍ରହ୍ମା ଦେଲା ଅସ୍ତ୍ର ୪ ବ୍ରହ୍ମା ଦେଲା ଧନୁ ୫ ନ ବହଇ ମୁଁ କି କରେ ॥

ଏକା ହୋଇ ତ୍ରିଭୁବନକୁ ଜିଣିଲି କେଉଁ ପୁତ୍ର ମୋର ଥିଲେ ।
ଆଜଠାରୁ ଜାଣ ଶ୍ରୀରାମ ଲକ୍ଷ୍ମଣ ସୁଗ୍ରୀ ବିଭୀଷଣ ମଲେ ॥

ଅସୁରମାନଙ୍କୁ ଭରସା ହୋଇବା ୬ ପାଇଁ ଏମନ୍ତ କହିଲା ।
ବୋଲେ ବସି ଲଙ୍କାପୁର ଶୂନ୍ୟ କରି ଅସୁରବଳ ପେଷିଲା ॥

●

ରାଗ—**ତୋଡ଼ି**

ନଗରକୁ ଗୃହି ଦଶଶିର । ବୋଲଇ ଲଙ୍କାରେ ଯେତେ ଘର ।
ବାଳ ବୃଦ୍ଧ ଛାଡ଼ି ଯେତେ ଅସୁର ସମସ୍ତେ ଯାଇଁଣ ସମର କର ॥

---

୧-ସୁପାର୍ଶ୍ୱ ପୋଥିପାଠ । ୨-ଡାକି ପୋଥିପାଠ । ୩-କପଟ ପୋଥିପାଠ ।
୪-ଧନୁ ପୋଥିପାଠ । ୫-ଶର ପୋଥିପାଠ ୬-ପାଇବା ପୋଥିପାଠ ।

ପୁତ୍ର ଭ୍ରାତ ନାତି ଯେବେ ମଲେ । ମୋର ବଳ ଯେ କି ଘେନି ଗଲେ ।
ଏକା ରାମକୁ ସମସ୍ତ ୧ ବେଢ଼ି ମାର ବୋଲି ରାବଣ ଆଜ୍ଞା ଦେଲେ ॥

ଯାହାର ଯେତେ ଆୟୁଧ ଥିବ । ଏକା ରାମ ଶିରେ ପ୍ରହାରିବ ।
ଏକା ରାମକୁ ମାଇଲେ ଜୟ ହେବ ଋକ୍ଷ ବାନରଙ୍କୁ ନ ଡରିବ ॥

ଆଜ୍ଞା ପାଇଣ ଅସୁର ବଳ । ବାହାର ହୋଇଣ କଲେ ଗୋଳ ।
ରାମଙ୍କୁ ବେଢ଼ନ୍ତି ଯୂଥପତିମାନେ ଓଗାଳି ମାଇଲେ ତରୁ-ଶିଳ ॥

ଅସୁରମାନଙ୍କୁ ଦୃଶ୍ୟ ନୋହି । ଅଦୃଶ୍ୟ ହୋଇଲେ ସୀତାପାଇଁ ।
ଯେସନେ ଆମ୍ଭାକୁ କେହି ନ ଦେଖନ୍ତି ଇନ୍ଦ୍ରିୟମାନେ ଦେହରେ ଥାଇ ॥

ସେହି ରୂପେ ଅସୁରଙ୍କୁ ଦୃଷ୍ଟି । ରାମ କରୁଛନ୍ତି ଶର ବୃଷ୍ଟି
ଏଣୁ ଅନେକ ଅସୁର କ୍ଷୟ ଗଲେ ଉଶ୍ୱାସ ହୋଇଲା ନବ ସୃଷ୍ଟି ୨ ॥

ଏକା ରାମ ଶର ଅଙ୍ଗେ ପଡ଼ି । ଅସୁର ମଲେ ଭୂମିରେ ଗଡ଼ି ।
ପ୍ରଚଣ୍ଡ ବାତେ ଯେହ୍ନେ ପକ୍ୱ ରମ୍ଭା ବିଶାଳ ତରୁଶିଖରୁ ଝଡ଼ି ॥

ପୁଣିହିଁ ରାମ ଏମନ୍ତ କଲେ ୩ । ଅସୁରେହିଁ ରାମମୟ ହେଲେ ।
ରାମ ପ୍ରାୟ ମଣି ଏକକୁ ଆରେକ ମରାମରି ହୋଇ କ୍ଷୟ ଗଲେ ॥

ଅଠର ସହସ୍ର ଗଜ ମଲେ । ଦ୍ୱିଲକ୍ଷ ପଦାତି ୪ କ୍ଷୟ ଗଲେ ।
ଚଉଦ ସହସ୍ର ସହସ୍ର ଅଶ୍ୱରଥୀ ୫ ଶମନ ଭୁବନ ୬ ଚଳିଗଲେ ॥

ଅନେକ ରାକ୍ଷସଗଣ ମଲେ । ଏକା ହୋଇ ରାମ କ୍ଷୟ କଲେ ॥
ଲଙ୍କାର ସକଳ ରାକ୍ଷସ ବିକଳ ଶୁଣିଣ ଉଠି ରୋଦନ କଲେ ୭ ॥

କେ ବୋଲଇ ସୂର୍ପଣଖା ୮ ଭଲା । ତାହା ଘେନି ଏତେ ଦୂରହେଲା ॥
କାମରେ ଆରତ ହୋଇଣ ରାମଙ୍କୁ ପୁରସ୍ତ ୯ କରିବ ବୋଲି ଗଲା ॥

---

୧-ସମରେ ପୋଥିପାଠ । ୨-ସର୍ବସୃଷ୍ଟି ପୁସ୍ତକପାଠ । ୩-ପୁଣିହିଁ ଶ୍ରୀରାମ ମାୟା କଲେ ପୋଥିପାଠ । ୪-ଅଷ୍ଟପାଦାନ୍ତି ପୋଥିପାଠ । ୫-ରଥୀମାନେ ପୋଥିପାଠ । ୬-ପୁରକୁ ପୋଥିପାଠ । ୭-'ଲଙ୍କା ରାକ୍ଷସ ରାକ୍ଷସୀ ବିକଳେ ଉଚ୍ଚେ ରୋଦନ କଲେ' ପୋଥିପାଠ । ୮-ସୂପଲେଖା ପୋଥିପାଠ । ୯-ଗେରସ୍ତ ପୁସ୍ତକପାଠ ।

କେ ବୋଲେ ଭବିଷ୍ୟ ତାର ଗାତ୍ର । ବିକଟ ଦଶନ କୋଟନେତ୍ର ।
ରାମ ସୁକୁମାର କୁମାର ବୟସ ମଦନ ମୋହନ ରାଜପୁତ୍ର ॥

ଏକେ ଏକେ କହୁଁ କ୍ରୁଦ୍ଧ ହେଲେ । ନାନାବିଧ ଭାଷାରେ ଧିକ୍କାରିଲେ ।
ଖର ବିନୁ ମଲେ ଯେତେକ ଅସୁର ଗଣିଣ ଅସୁର ବିଳପିଲେ ॥

ଶୁଣି ରାବଣ କରୁଣ ସ୍ୱନ । କ୍ରୋଧେ ମନ କଲେ ଛନଛନ ।
ବୀରବେଶ ହୋଇ ଧନୁଶର ଧରି ବିଜେକଲେ ମଣି ମୟ ଯାନ ॥

ଦଶ ମୁକୁଟ ସପତ ଶିଖ । ବିଂଶ କୁଣ୍ଡଳ ମକର ମୁଖ ।
ପମ-ଦାଢ଼ ଛୁରୀ କଟିରେ ୧ ଶୋଭଇ ଅଙ୍ଗଡ଼ାବ ଖଣ୍ଡା ବାମ ପାଖ ॥

କୃଷ୍ଣ ହୟ ଚୟ ରଥେ ଯୋଚ । ସାରଥି ରଥ ବାହଇ ବାଛି ୨ ।
ସକଳ ଆୟୁଧ ରଥେ ରଖିଅଛି ସକଳ ତାପ ମନରୁ ମୁଞ୍ଚି ୩ ॥

ସଙ୍ଗରେ ୪ ଉନ୍ମତ୍ତ ମତ୍ତବୀର । ଚଢ଼ିଛନ୍ତି ବେନି ରଥବର ।
ହେମ ରଥବର ନଟି ବିରୂପାକ୍ଷ ସୈନ୍ୟରେ ହୋଇଛି ଆଗୁସାର ୫ ॥

ନବରୁ ବାହାର ଲଙ୍କେଶ୍ୱର । ରଥ ଗଜ ଅଶ୍ୱ ସଙ୍ଗତର ।
ଅମଙ୍ଗଳମାନ ଦେଖିଣ ଆସୁଛି ସମ୍ମୁରେ ବାଜୁଛି ବୀର ତୂର ॥

ଯୁଦ୍ଧେ ଉନ୍ମତ୍ତକୁ ରାଇ ପାଶ । ବୋଲଇରେ ବାବୁ କର ନାଶ ।
ସମସ୍ତେ ନହେଁ ମଲେ ତୋ ବେନି ବାହାକୁ କରିଅଛି ମୁହିଁ ପ୍ରତିଆଶ ॥

ଶୁଣିଣ ଯୁଦ୍ଧେ ଉନ୍ମତ୍ତ ବୀର । ଶିରରେ ଲଗାଇ ବେନିକର ।
ସୁଗ୍ରୀବ ସମ୍ମୁରେ ରଥବର କଲା କରେ ଧରିଅଛି ଧନୁଶର ॥

ବନ୍ଧଇ ଅସୁର ଶରକୂଳ । ସୁଗ୍ରୀବ ମାରନ୍ତେ ତରୁ ଶିଳ ।
ଉନ୍ମତ୍ତ ସଙ୍ଗରେ ଯୋଦ୍ଧା କପିପତି ସମର କଲେକ ବହୁ ବେଳ ॥

ଛୁଡ଼ି ଶାଳ ଶିଳ ୬ ଧନୁବାଣ । ମାଲ୍ ରଣ କଲେ ବେନି ଜଣ ।
ଗୃପୋଢ଼େ ମାରିଣ ଯୁଦ୍ଧେ ଉନ୍ମତ୍ତର କପିପତି ହେଲେ ୭ ନେଲେ ପ୍ରାଣ ॥

---

୧-ଅଣ୍ଟା ପୋଥିପାଠ । ୨-ରଥ ବାହାଇ ପାଞ୍ଚି ପୁସ୍ତକପାଠ । ୩-ମୁର୍ଚ୍ଛି ପୋଥିପାଠ ।
୪-ସଂଗ୍ରାମେ ପୋଥିପାଠ । ୫-ଅଗ୍ରସର ପୁସ୍ତକପାଠ । ୬- ତରୁଶିଳ ପୋଥିପାଠ ।
୭-କପିପତି ତାର ନେଲେ ପ୍ରାଣ ପୋଥିପାଠ ।

ତାହା ଦେଖି ବିରୂପାକ୍ଷ ବୀର । ସୁଗ୍ରୀ ପାଶେ ଚଳ ରଘୁବର
ବହୁ ପରକାରେ ବହୁତ ସମର ହୋଇଲା ସେ ବେନି ବୀରଙ୍କର ୨ ॥

ଶିଳେ ମାରି ରଥ ଚୂର୍ଣ୍ଣ କଲେ । ସାରଥି ଅଶ୍ୱଙ୍କ ପ୍ରାଣ ନେଲେ ।
ଦେଖିଣ ରାବଣ ମହାରାଗେ ଦେଲା ତାହା ଆରୋହି ସମର କଲେ ॥

ପୁଣି ଧନୁ ଧରି ବିନ୍ଧେ ବାଣ । ତରୁ ଘାତେ ଗଲା ଗଜପ୍ରାଣ ।
ଧନୁ ଭାର କରୁ ଛଡ଼ାଇ ଖଙ୍ଗକ୍ରେ ୩ ଖଡ଼ଗ ଧଇଲା ସେହିକ୍ଷଣେ ॥

ସୁଗ୍ରୀବ ସାଉଁଟି ଖଣ୍ଡା ୪ ଘେନ । ହଣାହଣି ୫ ହେଲେ ବୀର ବେନ ।
ମୁକୁଟ କୁଣ୍ଡଳ ସହିତେ କାଟିଲେ ବିରୂପାକ୍ଷ ବୀର ମୁରୁଧନ ୬ ॥

କପି-ରାଜ ରଣେ ଜୟ କଲେ । ଆକାଶୁ କୁସୁମ ବରଷିଲେ ।
ସୁଗ୍ରୀବ ଜୟ କରି ଶୋଭା ପାଇଲେ ବୋଲେ ବଶି ରାମ ପ୍ରଶଂସିଲେ ॥

●

## ରାଗ—**କାମୋଦୀ**

ଯୁଦ୍ଧେ ଉନ୍ମତ୍ତ ହତ ଦେଖିଣ ମହାମତ୍ତ
ସୁଗ୍ରୀବ ଆଗେ ରଥକଲା ।
ଦେଖାଇ ବହୁ ତେଜ ସପ୍ତ ସପ୍ତ ନାରାଜ
ଶୁଣ୍ଢରେ ବସାଇ ବିନ୍ଧିଲା ସେ ।
କପିରାଜ,
ଦେଖିଣ ଯୁଦ୍ଧକୁ ଲେଉଟେ ।
ଶାଳତରୁ ଏ ଘେନ ପିଟେ ୭ ।
ଦେଖି ତାହା ଅସୁର କ୍ରୋଧରେ ଗୁରୁତର
ନାରାଜ ପେଷି ତାହା କାଟେ ସେ ॥

---

୧-ସୁଗ୍ରୀ ଆଗେ କଲା ରଘୁବର ପୋଥିପାଠ । ୨-ବେନି ଜଣଙ୍କର ପୋଥିପାଠ । ୩-ଧନୁ ଭାର କରୁ ଛଡ଼ାଇ ଧରନ୍ତେ ପୋଥିପାଠ । ୪-କରେ ଘେନ ପୋଥିପାଠ । ୫-ହସାହସି ପୋଥିପାଠ । ୬-ବିରୂପାକ୍ଷର ଯେ ମୂର୍ଦ୍ଧନ ପୋଥିପାଠ । ୭-ଦୈତ୍ୟ ରଥକୁ ତରୁପିଟେ ପୋଥିପାଠ ।

ଦେଖିଣ ବାଳୀସୁତ    ଧାଇଁ ଆସି୧ ତ୍ୱରିତ
ମତ୍ତ ସଙ୍ଗତେ କଲା ରଣ ।
ଶାଳ ଶିଳରେ କରି    ସାରଥି ଅଶ୍ୱ ମାରି୨
ତା କରୁ ନେଲେ ଧନୁବାଣ ୩ସେ ।
ବାଳୀସୁତ ।
ମାଲ ରଣ ତା ସଙ୍ଗେ କଲେ ।
ଭୂମିରେ ଗଡ଼ାଗଡ଼ି ହେଲେ ।
ଦୈତ୍ୟ ଧରନ୍ତେ ଖଣ୍ଡା    ଧରିଣ ସେହି ଖଣ୍ଡା ୪
ଅଙ୍ଗଦ ତା ଶିର ଛେଦଲେ ୫ ॥

ଦେଖୁଥିଲେ ରାବଣ    ମହାମତ୍ତ ମରଣ
ରାକ୍ଷସେ ପଳାନ୍ତି ଦାରୁଣ ।
ତାହା ଦେଖି ରାବଣ    ବର୍ଷେ ଅନେକ ୬ ବାଣ
ବାନର କଲା ଭଣଭଣ ସେ ।
ଦଶଶିର ।
ସାରଥିଙ୍କ କହେ ଉତ୍ତର ।
ରାମ ସମ୍ମୁଖେ ରଥ କର ।
କରି ଘୋର ସମର    ପେଷିବି ଯମପୁର
ଦଶରଥ ବେନି କୁମର ॥

ସାରଥି ରହିବର    କଲା ରାମ ଛାମୁର
ଦେଖି ପୁଚ୍ଛନ୍ତି ରଘୁବୀର ।
ଆହେ ହେ ଲଙ୍କେଶ୍ୱର ୭    ଦେଖ ଯେ ଦଶଶିର
ଏହିଟି ତୁମ୍ଭର ସୋଦର ହେ
ଲଙ୍କେଶ୍ୱର !
ପଡ଼ିଲା ଆମ୍ଭର ଛାମୁର ।
ଆଉ କ ଜାଣି ଯିବ ଘର ।
ଆଜ ଜାନକୀ ଦ୍ୱେର    ଛେଦନ ହେବ ଶିର
ଏଥକୁ ସନ୍ଦେହ ନ କର ହେ ॥

---

୧-ଧାଇଁଆସେ ପୋଥିପାଠ । ୨-ଅଶ୍ୱପାଶ ପୁସ୍ତକପାଠ । ୩-ଧନୁ ଗୁଣ ପୋଥିପାଠ । ୪-ଅଙ୍ଗଦ ସେହି ଖଣ୍ଡା ପୋଥିପାଠ । ୫-ଛଡ଼ାଇ ତା ଶିରେ ଛେଦଲେ ପୋଥିପାଠ । ୬-ବହୁତ ପୋଥିପାଠ । ୭-ଲଙ୍କେଶ୍ୱର ଅର୍ଥାତ ବିଭୀଷଣ ।

ଏତେ ବୋଲିଣ ଶର                    ବିନ୍ଧିଲେ ବୀରବର
ରାବଣେ କଲେ ପ୍ରତିଶର ।
ପୁଣି ବିନ୍ଧନ୍ତେ ୧ ଶର                    ପୁଣି ହିଁ ପ୍ରତିଶର
କରନ୍ତି କାଟଇ ଅସୁର ସେ ।
ଦଶଶିର
ସହୁଁ କାଟିଲେ ରାମଶର ।
ଦେଖିଣ ରାମ କୋପଭର ।
ପେଷିଲେ ପାଞ୍ଚ ଶର                    ସାରଥିର ଉପର
ତକ୍ଷଣେ ମୃତ୍ୟୁ ହୁଏ ତାର ହେ ॥

ପୁଣି ହିଁ ପାଞ୍ଚ ଶର                    ପେଷି ରଥ ଉପର ୨
ତାର ମସ୍ତକ ୩ ଧ୍ୱଜ କାଟେ ।
ସମସ୍ତ ଦେଖି ସାଧୁ ସାଧୁ                    କଲେ ପ୍ରମୋଦୁ ୪
ମଞ୍ଚରେ ପଡ଼ି ଧ୍ୱଜ ଲୋଟେ ସେ ।
ରାମାନୁଜ ।
ପୁଣି ବିନ୍ଧିଣ ଦଶ ଶର ୫ ।
ଧନୁ ସେହ୍ନା କାଟିଲେ ତାର ।
ଦୂରତେ ବିଭୀଷଣ                    ଗଦାରେ ପ୍ରହାରଣ ୬
ନେଲେ ପ୍ରାଣ ତା ଅଶ୍ୱଙ୍କର ॥

କ୍ରୋଧରେ ଦଶଶିର                    ଶକତି ଘେନି କର
ରାମ କାଟେ଼ କଲା ପ୍ରହାର ।
ଦେଖି ଲକ୍ଷ୍ମଣ ବୀର                    ପେଷିଲେ ତୀକ୍ଷ୍ଣ ଶର ୭
କାଟି ପକାଇଲେ ଭୂମିର ସେ ।
ଦଶଶିର
ଲଜ୍ଜା ପାଇଲା ଗୁରୁତର ୮ ।
ବିଭୀଷଣରେ କ୍ରୋଧଭର ।
ମୟ ଦୈତ୍ୟ ଦେବାର ୯                    ଶକତି ଘେନି କର
ଗର୍ଜନ କରଇ ଅସୁର ସେ ॥

୧-ବିନ୍ଧିଲେ ପୋଥିପାଠ । ୨-ରଥୀ ଉପର ପୋଥିପାଠ । ୩-କରମସ୍ତକ ପୋଥିପାଠ । ୪-ସାଧୁ ସାଧୁ କରୁଅଛନ୍ତି ପୋଥିପାଠ । ୫-ଦଶଶିର ପୁସ୍ତକପାଠ । ୬-ଗଦା ଏକ ପୋଥିପାଠ । ୭-ଦିବ୍ୟ ଶର ପୋଥିପାଠ । ୮-ଗରୁତର ପୋଥିପାଠ । ୯-ମୟଦୈତ୍ୟ ଦେବା ଶର ପୋଥିପାଠ ।

ସେ ଶକ୍ତରେ ଶୋଭିତ ଅଷ୍ଟ ଘଣ୍ଟି ଲମ୍ବିତ
ତେଜ ଦ୍ୱିତୀୟ ଦିବାକର ୧ ।
ରାବଣ କରେ ଏଡ଼ା ଦେଖିଣ ଶରୀରାଦ୍ଧ
ସନ୍ତ୍ରସ୍ତେ କମ୍ପିଲେ ଅମର ସେ ।
ବିଭୀଷଣ,
ଜାଣିଲେ ସେ ରାବଣ ଦୁଷ୍ଟ ।
ଲୁଚିଲେ ଲକ୍ଷ୍ମଣଙ୍କ ପୃଷ୍ଠ ୨ ।
ବିଭୀଷଣ ଲକ୍ଷ୍ମଣ ପୃଷ୍ଠରେ ପଳାୟିବ
ରାବଣ କାମୁଡ଼ିଲା ଓଷ୍ଠ ସେ ॥

କ୍ରୋଧେ ବୋଇଲେ ରାବଣ ଆରେ ଆରେ ଲକ୍ଷ୍ମଣ
ବିଭୀଷଣକୁ ରକ୍ଷି ଦେଲୁ ।
ତାକୁ ପ୍ରାଣେ ମାରନ୍ତି ରଣେ ଜୟ କରନ୍ତି
ଏବେ ତୋ ପ୍ରାଣ ହରାଇଲୁ ରେ ୩ ।
ରାଜ ପୁତ୍ର,
କୋହ୍ଲ ତୁ ମୋ ଶସ୍ତ୍ରକୁ ୪ ପାତ୍ର ।
ଏମନ୍ତ ବୋଲି ବାଂଶ ନେଇ ।
ଶକତି ପ୍ରହାରନ୍ତେ ଲକ୍ଷ୍ମଣ ଉରେ ପଡ଼ି
ଫୁଟିଣ ଗଲା ତାଙ୍କ ଗାତ୍ର ସେ ॥

ଶକତି ବାଜି ୫ ଉର ଭୂମିରେ ପଡ଼ି ବୀର
ଜ୍ଞାନ ହରାଇ ମୋହ ଗଲେ ।
ଦେଖିଣ ରାମଚନ୍ଦ୍ର ଶ୍ରୀମୁଖ ଶୁଖିଗଲା
ଆକୁଳେ ବନ୍ଧୁ ରଣ କଲେ ସେ ।
ରଘୁବୀର,
ଲକ୍ଷ୍ମଣଠାରେ ଦେଇ ମନ ।
ବନ୍ଦେ ବାରିଜ ଘନ ଘନ ।
ରାମର କ୍ରୋଧ ମନ ଜାଣିଣ ଦଶାନନ
ଆଡ଼ କରଣ ନେଲା ଯାନ ସେ ॥

---

୧-ତେଜେ କି ଦୁଜା ଦିବାକର ପୋଥିପାଠ । ୨-ଲୁଚିଲା ରାବଣର ପୃଷ୍ଠ ପୋଥିପାଠ । ୩-ହାରିଲୁ ପୁସ୍ତକପାଠ । ୪-ମୋ ଶରକୁ ପୋଥିପାଠ । ୫-ଶକତି ପଡ଼ି ପୋଥିପାଠ ।

ରାମ ଭେଳଣ ରଣ ଅସି ଦେଖି ଲକ୍ଷ୍ମଣ
ଶକଟ ଉପାଡ଼ି ବୋଇଲେ ।
ସମସ୍ତ ଯୂଥପତି ଉପାଡ଼ି ନ ପାରନ୍ତି
ରାମ ତା ଶ୍ରୀକରେ ଧଇଲେ ସେ ।
ରଘୁବୀର,
ଶକଟ ଉପାଡ଼ିଲେ ହେଲେ ।
ଯେସନେ ଗଜ ପଙ୍କଜ ଟୋଲେ ୧ ।
ବେନି ଖଣ୍ଡ ଶକଟ କରି ପକାଇ ଦେଲେ
ଗାଣ୍ଡ ଦେଖିଲେ ବେନି ଟୋଲେ ୨ ॥

ହା ହା ଆହେ ଲକ୍ଷ୍ମଣ ତୁମ୍ଭେ ମୋହର ପ୍ରାଣ
ସଙ୍ଗେ ଆଣିଲି ଏଥିପାଇଁ ।
ତୁମ୍ଭେ ଏତେ ଦାରୁଣ ମୋତେ ଏକା କରି
ତୁମ୍ଭ ସଙ୍ଗତେ ନେଲ ନାହିଁ ହେ ।
ବୀରବର !
ମୁଁ ଯେ ତୁମ୍ଭର ୩ ସହୋଦର ।
କମ୍ପାଇ ମୋତେ କଲ ପର ।
ମଉନ ହୋଇ ଶୁଅ କମ୍ପା କଥା ନ କହ
କେଉଁ ଦୋଷ ଦେଖିଲେ ମୋର ୪ ॥

ତେଜିଲ ପ୍ରାଣ ଆଶ ଯେଷ୍ଠ ମୋ ଭ୍ରାତ ନାଶ
ସୀତା କରିବ ଏବେ କିସ ୫ ।
ଯୁଦ୍ଧରେ କାର୍ଯ୍ୟ ନାହିଁ – ଶାଖା ମୃଗ ମରାଇ
ପାଇବ ଅବା କେତେ ଯଶ ହେ,
ବୀରବର !
ପ୍ରାଣୁ ଅଧିକ ମୋତେ କର ।
ସେବକ ପ୍ରାୟ ସେବାକର ୬ ।
ବିଳାପ କଲେ ଆମ୍ଭେ ୭ ପ୍ରବୋଧ କର ତୁମ୍ଭେ ୮
ଏବେ କି କାରଣେ ନ କର ॥

---

୧-ଗଜ ଯେସନେ କଞ୍ଜ ଟୋଲେ ପୋଥିପାଠ । ୨-ଗଣ୍ଠିଗାଣ୍ଡ ଦେଖିଲେ ଟୋଲେ ପୁସ୍ତକପାଠ । ୩-ତୋହର ପୋଥିପାଠ । ୪-ଶୋଇ......କଥା ନ କହ...... କେଉଁ ଦୋଷ ଦେଖିଲ ମୋର ପୋଥିପାଠ । ୫-ସୀତା କରିବ ଏବେ କିସ ପୁସ୍ତକପାଠ । ୬-ଚେଷ୍ଟା ତୋର ପୁସ୍ତକପାଠ । ୭-ମୋତେ ପୋଥିପାଠ । ୮-କରୁଥାଅ ପୋଥିପାଠ ।

ଆହେ ଲକ୍ଷ୍ମଣ ବୀର  ସ୍ନେହ ଦେଖି ତୁମ୍ଭର
ଆଣିଲୁ ଆମ୍ଭ ସଙ୍ଗତର ।
ଆମ୍ଭର ଦେଖି ସ୍ନେହ  ଅନ୍ତରେ ଦୟା ବହ
ଆମ୍ଭଙ୍କୁ କଥ ସଙ୍ଗତର ୧ ରେ,
ବୀରବର !
ନ କଲେ ପ୍ରତି ଉପକାର ।
ଅଧର୍ମ ହେବଟି ତୁମ୍ଭର ।
ଜାଣ କି ତୁମ୍ଭ ମନେ ୨  ତୁମ୍ଭ ସଙ୍ଗ ବସ୍ତାନେ ୩
ଯିବୁ ଆମ୍ଭେ ଅଯୋଧ୍ୟାପୁର ॥
ରାବଣକୁ ମାଇଲେ  ସୀତା ଘେନ ଅଇଲେ
ଯଶ କାହାକୁ ଦେଖାଇବ ।
ଅଯୋଧ୍ୟା ପୁର ଗଲେ  ଜନନୀ ପଚ୍ଚରଲେ
ତାହାଙ୍କୁ କି ବୋଲି କହିବ ହେ,
ବୀରବର !
ଥିବାରୁ ସବୁ ସୁଲକ୍ଷଣ ।
ତେଣୁଟି ବୋଲୁଅ ଲକ୍ଷ୍ମଣ ।
ଶୁଣି ତୁମ୍ଭର ଗୁଣ  ମୋହର ଏ ପରାଣ ୪
ନ ଯାଇ ଅଛୁ କି କାରଣ ହେ ୫ ॥

ଯେଉଁ ଦେଶକୁ ଯିବା  ସେ ଦେଶରେ ପାଇବା
ମିତ୍ର ସ୍ୱାସ୍ତ ସୁହୃଦ ନର ।
ସେ ଦେଶ ଦେଖୁନାହିଁ  ବ୍ରହ୍ମ ସୃଷ୍ଟିର ମୁହିଁ
କାହିଁ ପାଇବା ସହୋଦର ହେ ।
ବୀରବର !
ଅଜ୍ଞାନୀ ପ୍ରାଣୀ ପ୍ରାୟେ ହୋଇ ।
ମୂର୍ତ୍ତିକା ଘଟ କୋଣା ପାଇ ।
ଡାହାଣ- ବ୍ରତ ଶଙ୍ଖ  ଚୂର୍ଣ୍ଣ ଶିଳରେ କର
ବୁଜିବାକୁ ଇଚ୍ଛା କରଇ ହେ ୬ ॥

---

୧-ସେ ସେ ସଙ୍ଗର ପୁସ୍ତକପାଠ । ୨-ତୁମ୍ଭେ ମନେ ପୁସ୍ତକପାଠ । ୩-ବହୁନେ ପୋଥିପାଠ । ୪-ଶୁଣିଣ ମୋର ପ୍ରାଣ ପୁସ୍ତକପାଠ । ୫-ପୁସ୍ତକରେ ଏହାପରେ ଗୋଟିଏ ଗୀତ ଶେଷ ହୋଇଛି । ୬-"ଯେଉଁ ଦେଶକୁ······ବୁଜିବାକୁ ଇଚ୍ଛା କରଇ ହେ" ପର୍ଯ୍ୟନ୍ତ ପାଠ ପୁସ୍ତକରେ ନାହିଁ ।

ଆହେ ମନ୍ତ୍ରୀ ସୁଷେଣ ୧      କିସ ଉପାୟ ଜାଣ
କହ ମୁଁ କି ବୁଦ୍ଧି କରିବ ।
ଅଯୋଧ୍ୟା ସମ୍ପଦର      କାର୍ଯ୍ୟ ନାହିଁ ମୋହର
ସାନୁଜ ସଙ୍ଗତେ ମରିବ ହେ ।
କପିବର !
ଶୁଣିଣ ଶିରେ ଦେଇ କର ।
ବୋଲଇ ଶୁଣ ରଘୁବୀର ।
ଲକ୍ଷ୍ମଣଙ୍କର କିଛି      ଅଲକ୍ଷଣ ନ ଦେଖି
ଔଷଧି ଆଣୁ ହନୁବୀର ହେ ।।

ରାମ ହନୁକୁ ବୁଝି      ବହୁତ ଦୁଃଖୀ ହୋଇ
ସୁଷେଣ କି କହନ୍ତି ଶୁଣ ।
ଯେଉଁ ଔଷଧି ପୂର୍ବେ      କହିଥିଲେ ଜାମ୍ବବେ
ତାହା ଆଣିବ ଏହିକ୍ଷଣେ ହେ ।
ହନୁବୀର !
ଶୁଣିଣ ଶ୍ରୀରାମ ଉତ୍ତର ।
ଶିରେ ଦେଇଣ ବେନି କର ।
କାୟା କରି ବିସ୍ତାର      ପବନୁ ଅତି ଖର
ଗଲେ ସେ ଆକାଶ ମାର୍ଗର ସେ ।।

ରାବଣ ଆଗେ ଯାଇ      ଚରର ଯେ ଜଣାଇ
ଶୁଣିମା ହେଉ ଲଙ୍କେଶ୍ୱର ।
ଔଷଧି ଆଣିବାକୁ      ଗନ୍ଧମାର୍ଦ୍ଦନେ ଗଲା
ଦେଖି ଅଇଲି ହନୁବୀର ସେ,
ଦଶଶିର !
ତାହା ଶୁଣି ବିସ୍ମୟ ହେଲା ।
କାଳନେମିକି ଡକାଇଲା ।।
ବସାଇ ତାକୁ ପାଶ      କରି ଅତି ବିଶ୍ୱାସ
ଏମନ୍ତ ବଚନ ବୋଇଲା ସେ ।।

---

୧-ଆହେ ମନ୍ତ୍ରୀ ସୁଷେଣ........ଠାରୁ ଆରମ୍ଭ କରି ଆଉ ଗୋଟିଏ ଗୀତ ରୂପେ ସଜା ଯାଇଛି ଏବଂ ପୁସ୍ତକରେ ୬୩ ସଂଖ୍ୟକ ଗୀତ ବୋଲି 'କାମୋଦୀ' ରାଗରେ ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଆଜ୍ଞାଦେଲେ ତାହାକୁ ଔଷଧ ଆଣିବାକୁ
ଗଲା ସେ ପବନ କୁମର ।
ଯେମନ୍ତ ନ ଆସିବ ଲକ୍ଷ୍ମଣ ନ ବଞ୍ଚିବ
ଏମନ୍ତ ଉପାୟ ତୁ କର ହେ ।
ଦୈତ୍ୟବୀର !
ଶୁଣି ସେ ମନେ ଭୟ କଲା ।
ପୁଣି ଏମନ୍ତ ବିଚାରିଲା ।
ମାରୀଚ ପ୍ରାୟ ନାଶ ହେବ ଆଜ ଅବଶ୍ୟ
ଦଇବ ପ୍ରତିକୂଳ ହେଲା ଯେ ୧ ॥

ନ ଗଲେ ଏହିକ୍ଷଣ ମାରିବ ଏ ରାବଣ
ଗଲେ ମାରିବ ହନୁବୀର ।
ହନୁ ମୋତେ ମାଇଲେ ରାବଣ ଜୟ କଲେ୨
କାର୍ଯ୍ୟ ହୋଇବ ମିତ୍ରଙ୍କର୩ ସେ ।
ଦୈତ୍ୟବୀର !
ଏମନ୍ତ ନିର୍ଣ୍ଣୟ ସେ କଲା ।
ପବନ ବେଗୁଁ ବେଗେ ଗଲା ।
ହିମାଚଳ ନିକଟ ଗନ୍ଧର୍ବ ସରୋବର
ତହିଁ ତଟେ ପ୍ରବେଶ ହେଲା ସେ ॥

ଅଛି ତହିଁ କୁମ୍ଭୀରୀ ସେ ପୂର୍ବେ ଅପସରୀ
ତାହା ଜାଣି ଉପାୟ କଲା ।
ସଙ୍ଗେ ଅସୁରଗଣ ମୁନି ବେଶ କରିଣ
ଆପଣେ ତପସ୍ୱୀ୪ ହୋଇଲା ସେ ।
ଦୈତ୍ୟବୀର
ସୁବର୍ଣ୍ଣ ପ୍ରାସାଦ ରଚିଲା ।
ହେମ ପ୍ରତିମାଏ ସ୍ଥାପିଲା ।
ବିବିଧ ତରୁବର ଫଳ ପୁଷ୍ପେ ମନ୍ଦର
ଏମନ୍ତ ଆଶ୍ରମ ରଚିଲା ଯେ ॥

---

୧-କାଳନେମିଙ୍କୁ ପଠାଇବା ପୂର୍ବରୁ ହନୁମାନଙ୍କର ପଥରୋଧ ପାଇଁ ରାବଣ ଅସୁରମାନଙ୍କୁ ପଠାଇ ଥିବାର ବର୍ଣ୍ଣନା ଅନ୍ୟ ରାମାୟଣରେ ରହିଛି । କିନ୍ତୁ 'ଲୀଳା' ଦୃଷ୍ଟିରୁ ଏଠାରେ ତାହା ସମୀଚୀନ ହେବନାହିଁ ଏବଂ ସେ ଦୃଶ୍ୟ ଦେଖାଇବା ସହଜ ନୁହେ ବୋଲି କବି ବିଶ୍ୱନାଥ ତା'ର ଅବତାରଣା କରିନାହାନ୍ତି ।
୨-କ୍ଷୟ କଲେ ପୋଥିପାଠ । ୩-କାର୍ଯ୍ୟ ହେବ ମୋ ପୁତ୍ରଙ୍କର ପୋଥିପାଠ ।
୪-ତପସ୍ୱୀ ପୋଥିପାଠ ।

ବାଘୁଢରେ ଭୂଷଣ ଶିରେ ଜଟା ଧରଣ
ପ୍ରାସାଦ ଦୁଆରେ ବସିଲା ।
ହନୁ ଆସିବା ପାଇଁ ଆକାଶକୁ ଅନାଇ
କୃଷ୍ଣାଜନ ମାଡ଼ି ବସିଲା ସେ
ମାୟାମୁନି ।
ହନୁ ଆସିବାର ଜାଣିଲା ।
ପ୍ରୀତ ବଚନରେ ଡାକିଲା ।
ହନୁବୀର ହେ ଆସ ୧ ଆମ୍ଭ ପାଶରେ ବସ
ଶ୍ରାନ୍ତ ହର ଯାଅ ବୋଇଲା ସେ ॥

ଯେବେ ତୁ ନ ଆସିବୁ ଆଜ୍ଞା ଭଗ୍ନ କରିବୁ
କାର୍ଯ୍ୟ ହୋଇବ ତୋର ନାଶ ।
ତାର ବଚନ ଶୁଣି ଭୟରେ କପିମଣି ।
ଆସି ମିଳିଲେ ତାର ପାଶ ସେ ।
ହନୁବୀର ।
ମୁନିଙ୍କି କଲେ ନମସ୍କାର ।
ଶିରେ ଲଗାଇ ବେନି କର ।
ହେ ମୁନି କୃପାକର କହ କାହିଁଛି ନୀର
ପାଇ ତୃଷା ହରିବ ଆମର ସେ ॥

ଶୁଣି ମୁନି ହରଷ ବୋଲଇ ବାବୁ ବସ
କମଣ୍ଡଳରୁ ପିଅ ନୀର ।
ହନୁ ଶୁଣି ବୋଇଲେ ଏଥୁ ଜଳ ପିଇଲେ ୨ ।
ତୃଷାତ ନ ଯିବ ମୋହର ହେ ।
ମୁନିବର ୩ ।
ଶୁଣି ସେ ଆନନ୍ଦ ହୋଇଲା ।
ସରୋବର ଦେଖାଇ ଦେଲା ।
ହନୁ ତହିଁରେ ଯାଇ ଜଳ ପିଅନ୍ତେ ରହି
କୁମ୍ଭିରୀ ଆସିଣ ଧରିଲା ସେ ॥

---

୧-ପୁଷ୍ପେ ଦ୍ୱାଦଶେ ସୁନ୍ଦର ପୋଥିପାଠ । ୨-ଏଠାକୁ ବଳି ଆସ ପୋଥିପାଠ । ୩-ଯେତେ ଜଳ ମୁଁ ପିଇଲେ ପୋଥିପାଠ । ୪-କପିବର ପୋଥିପାଠ, ଲେଖନକାର 'ତ' ସ୍ଥାନରେ 'କ' ଲେଖିଛନ୍ତି ।

ହନୁ ଚରଣ ଧରି		ଘୋର ଗର୍ଜନ କରି
ନଅଇ ଜଳର ଭିତର ।
ଦେଖି ପବନ ସୁତ		ଜଳେ ବୁଡ଼ି ଉଭରତ
ବେଙ୍କ ପାଟି ଧଇଲା ତାର ସେ ।
ହନୁବୀର ।
କୂଳରେ ଆଣି ପକାଇଲେ ।
କ୍ରୋଧେ ତା ଶରୀର ଦଳିଲେ ।
ପ୍ରାଣ ଛାଡ଼ି ଅସୁରୀ		ହୋଇଣ ଅପସରୀ
ହନୁଙ୍କୁ ଏମନ୍ତ ବୋଇଲେ ସେ ୧ ॥

ଏହି ଋଷି ନୁହଇ		କାଳନେମିଟି ଏହୁ
ରାବଣ ଦେଲା ପଠାଇ ।
ଏ ଜଳରେ ବୁଡ଼ାଇ		ତୋତେ ମାରିବା ପାଇଁ
ଅସୁର ମୁନି ଅଛୁ ହୋଇ ହେ ।
ହନୁବୀର ।
ଏହାକୁ ବେଗ କରି ମାର
କ୍ଷଣେ ହେ ବିଳମ୍ବ ନ କର
ତୁମ୍ଭଙ୍କୁ ବାଟ ଚାହିଁ		ଆକାଶକୁ ଅନାଇଁ
ଦୁଃଖେ ଅଛନ୍ତି ରଘୁବୀର ୨ ହେ ॥

ଶୁଣି ତାର ଉତ୍ତର		କ୍ରୋଧେ ହନୁ ସତ୍ୱର
ମୁନିଙ୍କୁ କହିଲେ ସେ ଯାଇ ।
କଲ ଯେ ଉପକାର		ପିଆଇ ମୋତେ ନୀର
ସେବା ମୁଁ କରିବି ଗୋସାଇଁ ହେ ୩ ।
ମୁନିବର ।
ଏବେ ମୋ ହସ୍ତେ ପୂଜା ପାଅ ।
ସୁଖେ ଶମନ ପୁରେ ଯାଅ ।
ମାୟା ତପସ୍ୱୀ ହୋଇ		ଶିବ ପୂଜୁଛ ରହି
ତାହିର ଫଳ ଦେବି ନିଅ ହେ ॥

---

୧-'କୂଳରେ.........ଏମନ୍ତ ବୋଇଲେ ସେ' ସ୍ଥାନରେ ପୋଥିପାଠ ।
କୁମ୍ଭୀରୀ କହଇ ଉତ୍ତର ।
ଏହାକୁ ବେଗ କରି ମାର ॥
ତୁମ୍ଭଙ୍କୁ ବାଟ ଚାହିଁ		ଆକାଶକୁ ଅନାଇ
ଦୁଃଖେ ଅଛନ୍ତି ରଘୁବୀର ସେ ॥
୨-"ଏହି ଋଷି ନୁହଇ.........ରଘୁବୀର ହେ" । ପାଠ ପୋଥିରେ ନାହିଁ ।
୩- 'ସେ ଫଳ ପାଅଟି ଗୋସାଇଁ' ପୋଥିପାଠ ।

ଏତେକ କହୁବାରୁ    ମୁଥେ ମାରିଣ ଭର
ଚରଣ ତାର ଧରିଲା ।
ଚକ୍ର ପ୍ରାୟେ କରିଣ    ଆକାଶେ ବୁଲାଇଣ
ପ୍ରାସାଦ ଉପରେ ପିଟିଲା ସେ ।
ହନୁବୀର
ମାରି ତାକୁ ପକାଇ ଦେଲେ ।
ପ୍ରାସାଦ ପ୍ରତିମା ଭାଙ୍ଗିଲେ ।
ଯେତେ ଅସୁର ଗଣ    ଥିଲେ ତା ସଙ୍ଗେ ପୁଣ
ମାରି ଯମ ପୁରେ ପେଷିଲେ ସେ ॥

କାୟା କରି ବିସ୍ତାର    ପବନୁ ଅତି ଖର
ଗନ୍ଧମାର୍ଦ୍ଦନରେ ହୋଇଲେ ।
ଜାଣି ତାହା ଗନ୍ଧର୍ବେ    କୋପ କରିଣ ସର୍ବେ
ମାରୁତି ଅଗ୍ରତେ ମିଳିଲେ ସେ ।
ଅତି ଚଣ୍ଡ ।
ମାଇଲେ ତୀକ୍ଷ୍ଣ କାଣ୍ଡ ଖଣ୍ଡା ।
ଗଦା ମୁଦ୍ଗର ଲୌହ ଦଣ୍ଡା ।
ସହି ତା ହନୁମାନ    କୋପ କରି ମନ
ଗର୍ଜିଣ ଡାକିଲେ ପ୍ରଚଣ୍ଡ ସେ ॥

ଚଳ ଗୋଇଁଠା ମୁଷ୍ଟି    ପ୍ରହାର କପି ଯଷ୍ଟି
ସେ ତିନ କୋଟି ହତ କଲେ ୧ ।
ହନୁ ଆସିବା ଜାଣି    ଔଷଧି ମାନେ ପୁଣି
ଦୃଷ୍ଟିକି ଗୋଚର ନୋହିଲେ ସେ ।
ହନୁବୀର ।
ଏଣୁ ହୋଇଲେ କୋପ ଭର ।
ଗିରି ଭାଙ୍ଗି ଧରିଲେ ଶିର ।
ଅତି ବେଗେ ପାବନ    ଔଷଧ ଗିରି ଘେନ
ଗଗନେ ଗଲେ ଯେ ସତ୍ୱର ସେ ୨ ॥

---

୧-'ଜାଣି ତାହା ଗନ୍ଧର୍ବେ......ତିନ କୋଟି ହତକଲେ' ପର୍ଯ୍ୟନ୍ତ ପୋଥିରେ ନାହିଁ । ୨-ଏହି ପଦପରେ ପ୍ରକାଶିତ ପୁସ୍ତକରେ ଗୋଟିଏ ପଦ ଅଧିକ ଅଛି—
ଏ ରଘୁ ଭୂପେ ବଶୀ, ବଂଶପାଣି ବନାଶୀ ସୀତାବିଳାସୀ ନୃପଧାରୀ ।
କାଳଦଣ୍ଡ ଉଦ୍ଧର, ରଙ୍ଗ କୋଦଣ୍ଡ ଧାରୀ, ଅଯୋଧ୍ୟା ମଣ୍ଡଳ ବିହାରୀ ହେ ॥
ରାମଚନ୍ଦ୍ର,
ମଣ୍ଡ ବଳସ୍ତ ନୃପ ଇନ୍ଦ୍ର,
ନିଖିଳ ଗୁଣୀ ଗଣ ସାନ୍ଦ୍ର ।
କନ୍ଦର୍ପ ଦର୍ପହର, ଦର୍ପଣ ଝଳସାର,    ସୁନ୍ଦର ଜାଙ୍ଗ ପଣେ ସାନ୍ଦ୍ର ହେ ॥

ଆକାଶେ ଗିରିବର ହନୁ ଘେନିଣ ଶିର ଆସିବା ମାର୍ଗ ଉପେକ୍ଷିଲେ ।
ରାବଣଙ୍କୁ ତ୍ରାସେ ପଥ ଅନୁସରଣ ବକ୍ରମୁଖ କରିଣ ଗଲେ ସେ ।
ହନୁବୀର ।
ଅଯୋଧ୍ୟା ଉପରେ ହୋଇଲେ ।
ଭରତ ନଗରେ ଭ୍ରମୁଥିଲେ ।
ତାର ଶବଦ ଶୁଣି କଵା ପରାୟେ ମଣି ମୁଣ୍ଡିକା ବାଟୁଳି ମାଇଲେ ସେ ୧ ॥

ବଜ୍ର ପରାୟେ ହୋଇ ହନୁ କପୋଳେ ଯାଇ ବାଜନ୍ତେ ଆକାଶୁ ଖସିଲେ ।
ଗିରିବର ପକାଇ ଅଞ୍ଜନ ବୀର ହୋଇ ଭୂମିରେ ପଡ଼ି ମୋହ ଗଲେ ସେ ।
ହନୁବୀର ।
କ୍ଷଣକେ ଚେତନା ପାଇଲା ।
ଶ୍ରୀରାମ ଶ୍ରୀରାମ ବୋଇଲା ।
ଅତି ସୁନ୍ଦର ମୂର୍ତ୍ତି ଶ୍ରୀରାମ ପ୍ରାୟେ କାନ୍ତି ଭରତକୁ ଆଗରେ ଦେଖିଲା ସେ ୨ ॥

ରାବଣ ପ୍ରାୟ ଜାଣି କ୍ରୋଧ ହୋଇଲା ପୁଣି ଭରତକୁ ବୋଇଲେ ଉତ୍ତର ।
କହ ହେ ନରବୀର କାହାର ତୁ କୁମର ଧରିଛ ଶ୍ରୀରାମ ଶରୀର ରେ ।
ନରବୀର ।
କହ ଏ କେବଣରେ ପୁର ।
ସ୍ୱର୍ଗହିଁ ନୋହେ ପଟାନ୍ତର ।
କହ ବେଗ କରିଣ ନୋହିଲେ ତୋର ପ୍ରାଣ ମାରିଣ ନେବି ଗିରିବର ହେ ॥

---

୧-ପ୍ରକାଶିତ ପୁସ୍ତକପାଠ—
ଘେନିଣ ଔଷଧି କପି କୁଳ ନିଧି ଗଗନ ମାର୍ଗରେ ଗମେ ।
ଦଶ ଦଣ୍ଡ ଲାଗି ରୁନ୍ଧୁ ବାଟ ଭାର୍ଗି ମିଳିଲା ଅଯୋଧ୍ୟା ଧାମେ ॥
ନନ୍ଦିଗ୍ରାମ ପୁର ଗମଇ ଶ୍ରୀଗିରି ଗଲା ଝଡ଼େ ଶ୍ରମ ଝାଳ ।
ରଜନୀ ଭ୍ରମଣି କରି ରଘୁମଣି ସେ କାଳେ କୈକେୟୀ ବାଳ ॥
ଶୁଣିଣ ଶବଦ ହୋଇଣ ତବଦ ଭରତ ଅନ୍ତରେ ଭାଳେ ।
ପକ୍ଷରେ ରହିତ କେଉଁ ପରବତ ଆକାଶରେ ସେହି ଚଳେ ॥
ବାହୁର ଏସନେ ବାଣେ ଶରାସନେ ବସାଇ ବନ୍ଧନ୍ତେ ବୀର ।
ଦେଖି ଶଙ୍କା ପାଇ ଆକାଶରେ ଥାଇ ବହୁରେ ବାୟୁ କୁମର ॥
୨-ପ୍ରକାଶିତ ପୁସ୍ତକପାଠ—
ନଷ୍ଟେ ଏହି ରାମ ବହି ମନେ ତମ ମୋହର ବିଳମ୍ବ ଦେଖି ।
ଲାଗୁଅଛି ଘଟ ଜଗିଛନ୍ତି ବାଟ କୋଦଣ୍ଡରେ କାଣ୍ଡ ଯୋଖି ॥
କି ଅବା ଭରତ ରାମ ସାନ ଭ୍ରାତ ଦଶରଥ ରାଜା ବେଟା ।
ରାଘବ ବନ୍ଧୁକୁ କୁଶ କରି ତନୁ ମୁଣ୍ଡେ ବହିଅଛି ଜଟା ॥

ଶୁଣି ତାର ଉତ୍ତର ଭରତ ହୋଏ କାତର ବୋଇଲେ ଶୁଣ କପିବର ।
ଦଶରଥ କୁମର ଭରତ ନାମ ମୋହର ଏହୁ ଅଟେ ଅଯୋଧ୍ୟାପୁର ହେ ।
କପିବର ।
ଏ ପୁରେ ଶ୍ରୀରାମ ରାଜନ ।
ଛାଡ଼ିଣ ଗଲେ ଶ୍ରଭୁ ବନ ।
ଚତୁର୍ଦ୍ଦଶ ବରଷ କାଳୁ ସେଠା ଥବଯ ନାହିଁ ମୋ ଶୟନ ଭୋଜନ ହେ ୧ ॥

ପଚାରଇ ମୁଁ ତୋତେ ଯୋଧ ଛାଡ଼ିଣ ମୋତେ କହ ତୁ ଶ୍ରୀରାମ ବାରତା ।
ଦେଖି ତୁ ଅଛୁ କାହିଁ ପ୍ରଭୁ ଅଛନ୍ତି ଯହିଁ ସଙ୍ଗେ ଘେନ ଲକ୍ଷ୍ମଣ ସୀତା ।
ହେ ହନୁବୀର ।
ଆସିବେ ବୋଲି ଗଲେ କହି ।
ତେଣୁ ଯେ ପ୍ରାଣ ଅଛୁ ରହି ।
କଣ୍ଠ ପୂରିଲ ଦିନ ଜୀବ ଯିବ ବହନ ସଂଶୟ ଏଥି କିଛି ନାହିଁ ୨ ॥

---

୧-ପ୍ରକାଶିତ ପୁସ୍ତକରେ ଭିନ୍ନପାଠ ରହିଛି—

ଏହାଙ୍କୁ ସମ୍ଭାଷି ଯିବ ମୁହିଁ ଋଷି ନୋହୁ ମୋର ବନ୍ଧୁକର ।
ଏମନ୍ତ ବଚନ ଗଗନୁ ଉତ୍ତର ମିଳିଲା ଭୂମିରେ ବୀର ॥

ଦେଖିଣ ଭରତ ଆପଣେ ଭରତ ପଚାରନ୍ତି ତୁମ୍ଭେ କେହୁ ।
ଗଗନେ ବହନି ଯାଉଅଛ ଭ୍ରମି ପକ୍ଷ ବିନା ମହାବାହୁ ॥

ଶୁଣି ହନୁମାନ ବୋଲେ ହୋ ସୁମନ ମୁହିଁ ପବନର ବାଳ ।
ସେବା କରେ ନିତ ରାମ ରଘୁପତି ଚରଣ କମଳ ତଳ ॥

ଲଙ୍କା ଅଧିକାରୀ ସୀତା ନେଲା ହରି ବାଳୀକି ଶ୍ରୀରାମ ମାରି ।
ହୋଇ ସୁଗ୍ରୀ ମେଳ ବାନ୍ଧି ସିନ୍ଧୁ ଜଳ ପ୍ରବେଶ ସୁବଳ ଘେନି ହେ ॥

୨-ପ୍ରକାଶିତ ପୁସ୍ତକରେ ଭିନ୍ନପାଠ--

ନାଗପାଶ ନିର୍ଦ୍ଦ୍ଦଶର - ଆଦି ଦନୁ ଅନେକ କଲୁ ସମର ।
ରାବଣ ତନୁଜ ନାଶିଲେ ଅନୁଜ ଶ୍ରୀରାମ ଲକ୍ଷ୍ମଣ ବୀର ॥

ଘେନ ପୁତ୍ର ଶୋକ ଲଙ୍କାର ନାୟକ ଶକତି ମାରିଲା ସନ୍ଧେ ।
ଦେଇ ପଞ୍ଚ ପ୍ରାଣ ପଡ଼ିଛି ଲକ୍ଷ୍ମଣ ନିରକ୍ଷ ପରାୟେ ମଧ୍ୟେ ॥

ଔଷଧି ପାଇଁ ସେହି ଘେନି ମୁହିଁ ମିଳାଇ ଗନ୍ଧମାର୍ଦ୍ଦନ ।
ହୋଇ ବିସ୍ମିତ କହ କିନା ସତ ଅଟ ତୁମ୍ଭେ କେଉଁ ଜନ ॥

ଶୁଣିଣ ଭରତ ବୋଇଲେ ଶୁଣିତେ ମୁହିଁ ରାମଚନ୍ଦ୍ର ଭାଇ ।
ଦଶରଥ ସୁତ ଜଗତେ ବିଦିତ କୈକେୟୀ ମୋହର ମାଇ ॥

ଭ୍ରାତ ବଚନ ଶୁଣି ଭ୍ରାତଙ୍କୁ ହନୁ ଜାଣି  ଶ୍ରୀରାମ ଚରିତ କହିଲେ ।
ଲକ୍ଷ୍ମଣ ଶକ୍ତି ଭେଦ ରାମଚନ୍ଦ୍ର ବିଷାଦ ଶୁଣିଣ ଭ୍ରାତ ମୋହି ଗଲେ ସେ ।
ଭ୍ରାତବୀର ।
କ୍ଷଣକେ ଚେତନା ପାଇଲେ ।
ହନୁକୁ ଏମନ୍ତ ବୋଇଲେ ।
ଯାଅ ବାବୁ ସତ୍ୱର ଭ୍ରାତ ଜୀଉ ମୋହର ମୋ ମାତା ଏହା ଅରଜିଲେ ହେ ॥

ଶୁଣ ହେ ହନୁମନ୍ତ ଆମ୍ଭ ବାଟୁଳି ଘାତ ଏହାଡୁ ନ କହିବୁ କାହିଁ ।
ଋଷି ମାନେ ଶୁଣିବେ ମୋତେ ହାସ୍ୟ କରିବେ ବୋଲିବେ ବଳ ତାର ନାହିଁ ହେ ।
ହନୁମନ୍ତ ।
ସେ ପୁଣି ବୋଲନ୍ତ ବଚନ ।
ତୁ ଏହା କରିବୁ ଗୋପ୍ୟନ ।
ବଜ୍ର ଅଙ୍ଗ ମୋହର ଜସ ବାଟୁଳି ତୋର ତହିଁ ମୁଁ ହୋଇଲି ଅଜ୍ଞାନ ହେ ॥

ହନୁ ଔଷଧ ଥୋଇ ଭ୍ରାତ ଚରଣେ ଯାଇ ସାଷ୍ଟାଙ୍ଗ ହୋଇଣ ପଡ଼ିଲେ ।
ଦଶରଥ କୁମର ଟେକିଣ ବେନି କର ହନୁକୁ ଆଲିଙ୍ଗନ କଲେ ସେ ।
ଭ୍ରାତବୀର ।
ବୋଇଲେ ଶୁଣ ହନୁମନ୍ତ ।
ତୁମ୍ଭେ ମୋ ପିତା ଦଶରଥ ।
ଏ ଉପକାର ତୋର ସୁଝିବାକୁ ଆମ୍ଭର ଦେଖୁ ନାହିଁ ମୁଁ ଏ ଜଗତ ହେ ୧ ॥

---

୧-ପ୍ରକାଶିତ ପୁସ୍ତକ ପାଠ- -

ସଂସାରେ ଥାଇକି ଏ କଷ୍ଟ ଭୁଞ୍ଜିକି ବହିଲା ମୋର ଦଇବ ।
ଦେହେ ପଞ୍ଚପ୍ରାଣ ଥିଲେ କେହି ପୁଣ ଏ ଦୁଃଖ ସହି ରହିବ ॥

କପି ସୁଧାନିଧି ନିଅ ଅଉଷଧି ଜୀଉଁ ମୋହର ସାନୁଜ ।
ରାବଣକୁ ମାରି ବେଗେ ନୃପଧାରି ଆସିଣ କରନ୍ତୁ ରାଜ୍ୟ ॥

ପ୍ରସ୍ତୁତ ପାଠ ସହିତ ପୋଥିପାଠର ଆଦୌ ସାମଞ୍ଜସ୍ୟ ରହୁନାହିଁ । କେବଳ ଭାବସାମ୍ୟ ରହୁଥିବାରୁ ଏଠାରେ ପୁସ୍ତକର ପାଠ ଉଦ୍ଧାର କରାଯାଉଛି । ପ୍ରକାଶିତ ପୁସ୍ତକରେ ପୋଥିରେ ପ୍ରଦତ୍ତ ରାଗ ଠାରୁ ଭିନ୍ନ ରାଗ ଅର୍ଥାତ୍ ବଙ୍ଗାଳଶ୍ରୀ ରାଗ ବ୍ୟବହୃତ ହୋଇଥିବା ସ୍ଥଳେ ପୋଥିରେ କାମୋଦୀ ରାଗ ବ୍ୟବହୃତ ହୋଇଛି ।

ହନୁ ମେଲାଣି ମାଗି ଔଷଧି ଘେନି ବେଗି ଆକାଶ ମାର୍ଗ କ୍ଷେପିଗଲେ ।
ରହୁଁ ରହୁଁ ପାବନ ଔଷଧି ଗିରି ଘେନ ଶ୍ରୀରାମ ସନ୍ନିଧେ ହୋଇଲେ ସେ ॥
ରଘୁବୀର ।
ଆକାଶକୁ ଅନାଇ ଥିଲେ ।
ହନୁ ଆସିବାର ଦେଖିଲେ ।
ଔଷଧି ଗିରି ଥୋଇ ହନୁ ସାଷ୍ଟାଙ୍ଗ ହୋଇ ଶ୍ରୀରାମ ଚରଣେ ପଡ଼ିଲେ ସେ ॥

ଔଷଧି ମାନ ଚିହ୍ନି ସୁଷେଣ କରେ ବେନି ଲକ୍ଷ୍ମଣ ନାସେ ନାସ ଦେଲେ ।
ପୁଣି ଔଷଧି ବଳା ବ୍ରଣ ମୁଖରେ ଦେଇ ସମ୍ପୂର୍ଣ୍ଣ ଶରୀରକୁ କଲେ ।
ବୀରବର ।
ଉଠି ବସିଲେ ଜ୍ଞାନ ପାଇ ।
ନିଦ୍ରା ଭାଙ୍ଗିଲା ପ୍ରାପ୍ତ ହୋଇ ।
ଦେଖିଣ ଲକ୍ଷ୍ମଣଙ୍କୁ ସ୍ନେହ ଭରେ ଶ୍ରୀରାମ ଆଲିଙ୍ଗନ କଲେକ ଯାଇ ହେ ॥

---

(୧)-ପ୍ରକାଶିତ ପୁସ୍ତକ ପାଠ—

ଶୁଣି ଏ ଉତ୍ତର ମରୁତ କୁମର ଦକ୍ଷିଣ ମୁରତି ହୋଇ ।
ମହାରଣ ଲଙ୍କା ପ୍ରବେଶ ସେ ଲଙ୍କା ପାଖରେ ଶଙ୍କା ହୋଇ ସେ ॥
ଜାଣି ରଘୁଶିଷ ହୋଇଣ ସନ୍ତୋଷ ବୋଇଲେ ଅଇଲୁ ବାବୁ ।
ଯୁଥପତି ବୃନ୍ଦ ଲଭିଣ ଆନନ୍ଦ ବୋଇଲେ ତୁ ସବୁ କଲୁ ଯେ ॥
ଶୁଣି ଭଣେ ହନୁ ଏମନ୍ତ ବଚନ ଦୋଷ କରିଛୁ ଏତେକ ।
ଔଷଧି ନ ଚିହ୍ନି ଗିରି ମୂଳଧନ ଆଣିଲି ମୋର ମସ୍ତକ ଯେ ॥
ଶୁଣି ସୁଖ ପାଇ-ପର୍ବତ ଓହ୍ଲାଇ ରଖିଲେ ବାନର ଗଣ ।
ଧନ୍ୱନ୍ତରୀଙ୍କର ଖୋଜିଲେ କୁମର ଔଷଧି ତହିଁ ସୁଷେଣ ॥
ଔଷଧି ଚିହ୍ନି ପଥ ତହୁଁ ଆଣି ଶିଳାରେ ଛେଚିଲେ ନେଇ ।
ଆଣିଣ ଅମଳ କ୍ଷୀର ସନ୍ଧ୍ୟ ଜଳ ଗୁଣ୍ଡାଏ ତହିଁ ମିଶାଇ ॥
ଘେନିଣ ବଇଦ୍ୟ ଲକ୍ଷ୍ମଣ ସନ୍ନିଧି ବେନି ନାସା ପୁଡ଼ା ଟେକି ।
ଦେଲେ ଦ୍ରବ୍ୟ ନାସ ଝଡ଼ିଲା ସେ ପ୍ରାଣ ମୁଦଦେଲା ହୃଦସ୍ଥଳୀ ॥
ଭାଇ କୋଳୁ ଉଠି କର ଦୁଇଗୋଟି ଯୋଡ଼ିକଲେ ନମସ୍କାର ।
ଦେଖି ଜୟ ଜୟ କରନ୍ତି କପିଏ ଅନନ୍ଦେ ଉଠିଲେ ବୀର ॥

ଲକ୍ଷ୍ମଣ ସେହିକ୍ଷଣ ଶ୍ରୀରାମଙ୍କ ଚରଣ ଛୁଇଁଣ ନମସ୍କାର କଲେ ।
ବେଗ କର ଭେଦେବ ରାବଣକୁ ସଂହାର ପ୍ରତିଜ୍ଞା କରିଛ ବୋଇଲେ ॥
ସେ ରଘୁବୀର ।
ଶୁଣି ହୋଇଲେ ହସ ହସ ।
ବୋଇଲେ ମାରିବା ଅବଶ୍ୟ ।
ଆଜ୍ଞା ପାଇଣ ହନୁ ଗିରି ରଖି ଅଇଲେ ଦୀନ କବି ଶ୍ରୀରାମ ପାଶ ସେ୧ ॥

●

ଢାଳ ଶଙ୍କରାଭରଣ

ଶକତି ମାରି ରାବଣ ସଂଗ୍ରାମ ଜୟ କରିଣ
ରଣ ଭୂମି ଜିଣିଣ ଗଲା ।
ହନୁ ଔଷଧ ଆଣିଲେ ଲକ୍ଷ୍ମଣ ଆରୋଗ୍ୟ ହେଲେ ।
ଚୂର ମୁଖରୁ ସବୁ ଶୁଣିଲା ସେ ଦଶଗ୍ରୀବ ।
ବିସ୍ମୟ ହୋଇଲା ବହୁତ ।
ରତେ ନୋହିଲା ଜୟ ଲାଗିଲା ବଡ଼ ଭୟ, ଏମନ୍ତ ବିଚାରଇ ଚିତ୍ତେ ସେ ॥

ଏମନ୍ତ ସମୟେ ରାମ ରାବଣର ଧରି ନାମ
ଆସ ଆସ କର ସଂଗ୍ରାମ
ତୁମ୍ଭ ସଂଗ୍ରାମ ବିଷମ ଶକ୍ତି ନୁହେ ସରି ସମ
ଆଜ ଜାଣିବା ସେ ପ୍ରାକର୍ମ ସେ, ଦଶଗ୍ରୀବ ।
ଶୁଣି ଧନୁରେ ଗୁଣ ଦେଲା ।
ପାରୁଶେ ତୂଣ ଖଞ୍ଜିଲା ସାରଥି ରଥ ବାହିଲା
ରାମ ସମ୍ମୁଖେ ହୋଇଲା ସେ ॥

---

(୧) ପ୍ରକାଶିତ ପୁସ୍ତକ ପାଠ—
ଏ ଅନ୍ତେ ତକ୍ଷଣେ ଆଜ୍ଞା ପରମାଣେ ହନୁମନ୍ତ ନେଲା ଗିରି ।
ଶୂନ୍ୟେ ଦୈତ୍ୟ ମାରି ଗିରି ରଖି କରି ଆସି ହେଲା ଲଙ୍କା ପୁରୀ ॥
ଭଣେ ଦୀନ କବି ଏହି ଉପେ ରସି ହନ ରାତି ମୋର ଯାଉ ।
ରାବଣ ଅରାତି ଚରଣେ ପୀରତି ପ୍ରତିକ୍ଷଣେ ମୋର ଥାଉ ॥

ପ୍ରକାଶିତ ପୁସ୍ତକର ପାଠ କେଉଁ ମୂଳ ପୋଥିରୁ ସଂଗୃହୀତ ହୋଇଛି ତାହା ଜଣାଯାଏ ନାହିଁ । ଖୁବ୍ ସମ୍ଭବତ କୌଣସି ଏକ ପୋଥିରେ ଏପରି ପାଠ ରହିଛି ଏବଂ ସଂକଳକ ପୋଥିରେ ପ୍ରଦତ୍ତ ଭାଷା ଓ ଦେଶଜ ଶବ୍ଦାବଳୀକୁ ପରିବର୍ତ୍ତନ କରି ତା ସ୍ଥାନରେ ପ୍ରଚଳିତ ଶବ୍ଦ ପ୍ରୟୋଗ କରିଛନ୍ତି ।

ଛାଡ଼ିଲା ବିଷମ ବାଣ — ଛେଦିଲେ ତା ରାମ ରାଣ
ପ୍ରତି ଶର ମାନ କରିଣ ।
ପୁଣ ରାମ ବିନ୍ଧେ ବାଣ — କାଟିଲେ ତାହାର ବାଣ
ପ୍ରତି ବାଣ ମାନ କରିଣ ସେ ରଘୁବୀର ।
ବେଳୁ ବେଳ ବଢ଼ିଲା ତେଜ ।
କଅବା ପ୍ରଳୟ କାଳ — ଦହିବ ଭୁବ ମଣ୍ଡଳ
ସେ ରୂପେ ଦଶେ ରାମ ରାଜ ସେ ॥

ଆକାଶେ ଶଚୀରମଣ — ଘେନଣ ଅମର ଗଣ
ଦେଖନ୍ତି ବେନି ଜନ ରଣ ।
ମାତଲିକି ଚାହିଁ ପୁଣ — ବୋଲନ୍ତି ସେ ସୁରରାଣ
ଆମ୍ଭର ରଥ ସାଜିଣ ଆଣ ହେ, ମାତଲି ।
ଶ୍ରୀରାମକୁ ମୋର ରଥ ଦଅ
ରଥରେ ବିଜେ କରାଅ — ଆପଣେ ସାରଥି ହୁଅ
ମରିବ ସେ ବିଶ୍ରବା ପୁଅ ହେ ॥

ଶୁଣିଣ ଶକ୍ର ବଚନ — ତକ୍ଷଣେ ମଣ୍ଡିଣ ଯାନ
ଭୂମିକି ଅଇଲେ ବହନ ।
ଶ୍ରୀରାମ ସନ୍ନିଧେ ଯାନ — କରି ସ୍ତବ ଗାନ ପୁଣ
ସୁରପତି ଦେଲେ ଏ ଯାନ ହେ ରାଘବ ।
ଏ ରଥବରେ ବିଜେକର ।
ଭୂମିରେ ଅଛ ଆପଣ — ରଥରେ ଅଛି ରାବଣ
ଏ କଥା ନୁହଇ ସୁନ୍ଦର ହେ ॥

ଶୁଣି ମାତଲି ବଚନ — ପ୍ରଦକ୍ଷିଣ କରି ଯାନ
ଆରୋହଣ କଲେ ବହନ ।
ରଘୁକୁଳର ନନ୍ଦନ — ତକ୍ଷଣେ ଆରୋହି ଯାନ
ମାତଲିଙ୍କି କହନ୍ତି ବଚନ, ହେ ମାତଲି
ସାବଧାନ ହୋଇଣ ଥିବ ।
କରିଣ ରଥ ବାହିବ — ରାବଣ ସମ୍ମୁଖେ ଥିବ
ଉଭୟ ସଂଗ୍ରାମ ଦେଖିବ ହେ ॥

ରଥରେ ବହୁତ ଶସ୍ତ୍ର    ଦେଇଛୁ ସହସ୍ର ନେତ୍ର
ଧନୁ ଗଦା କୁନ୍ତ କୁଠାର ।
ଶକତି ପଟ୍ଟିଶ ଶର    ଶୂଳ ଆଦ୍ୟ ଅସିବର
ବିବିଧ ଆୟୁଧ ଆବର ହେ ରାଘବ ।
ଦେଖି ବହୁ ସାନନ୍ଦ ହେଲେ ।
ବହୁତ ଶର ବିନ୍ଧିଲେ    ବହୁତ ଶର ଛେଦିଲେ
ବହୁତ ସଂଗ୍ରାମ ଯେ କଲେ ସେ ॥

ଅସୁର ଅସ୍ତ୍ର ରାବଣ    ପ୍ରହାରନ୍ତେ ସେହିକ୍ଷଣ
ଗୃଧ୍ର ଶାର୍ଦ୍ଦୂଳ ଆଦ୍ୟ ଜୀବ ।
ସହସ୍ର ସହସ୍ର ହୋଇ    ଆସନ୍ତି ଖାଇବା ପାଇଁ
ଦୂରୁ ତାହା ଛେଦିଲେ ରାଘବ, ସେ ରଘୁବୀର ।
ଅଗ୍ନି ଅସ୍ତ୍ର ପ୍ରୟୋଗ କଲେ ।
ପୋଡ଼ିଣ ସମସ୍ତ ମଲେ    ଦେବେ ବଳ ଦେଖୁ ଥିଲେ
ସାଧୁ ସାଧୁ ଅମର କଲେ ସେ ॥

ପୁଣି ସେ ପନ୍ନଗ ଅସ୍ତ୍ର    ପେଷିଲେ ପଢ଼ିଣ ମନ୍ତ୍ର ୧
ସର୍ପ ମାନେ ଉଡ଼ିଣ ଅଇଲେ ।
ଶ୍ରୀରାମ ଗରୁଡ଼ ଅସ୍ତ୍ର    କ୍ଷେପନ୍ତେ କେବଳ ମାତ୍ର
ପଳାଇ ସିନ୍ଧୁରେ ପଶିଲେ, ସେ ରାବଣ ।
ପୁଣି ବିନ୍ଧିଲା ରୁଦ୍ର ଅସ୍ତ୍ର ।
ରାମ କଲେ ପ୍ରତି ଅସ୍ତ୍ର    ବିନ୍ଧିଲେ କୁବେର ଅସ୍ତ୍ର
ଦେବ ଅସ୍ତ୍ର ଯୁଝନ୍ତି ମାତ୍ର ସେ ॥

ହୋଇଲା ଜାତ ଅନଳ    ସେ କାଳେ ୨ ହୋଇ ପ୍ରବଳ
ରାବଣରେ ଅତି କ୍ରୋଧ ଜାତ
ବିନ୍ଧିଲାକ ଅଗ୍ନି ବାଣ    ଜଳେ ବାଣ ସେହିକ୍ଷଣ
ଜବାର କଉଶଲ୍ୟା ସୁତ, ସେ ରାବଣ
ପୁଣି ବିନ୍ଧେ ପର୍ବତ ବାଣ ।
ଆସନ୍ତେ ପର୍ବତ ବାଣ    ଚନ୍ଦ୍ର ବାଣେ ୩ ରାମ ରାଣ
କାଟି ପକାଇଲେ ସେହି କ୍ଷଣ ସେ ॥

---

୧-ଅସ୍ତ୍ର ପୋଥିପାଠ । ୨-ସେ......ପ୍ରବଳ ପୋଥିପାଠ । ପୋଥିରେ କେବଳ ଏହି ଅଂଶତକ ନଥିବାରୁ କାଳେ ହୋଇ ପଦ ପୂରଣ ଲାଗି ସଂଯୋଗ କରାଯାଇଛି । ୩-ଏଠାରେ ପର୍ବତ ବାଣ ବିରୋଧରେ ବଜ୍ରବାଣ ପ୍ରୟୋଗ ହେବା ଶାସ୍ତ୍ରୋକ୍ତ ବିଧି ରହିଛି । କିନ୍ତୁ କବି ଏଠାରେ ଚନ୍ଦ୍ର ବାଣ ପ୍ରୟୋଗ କରିଛନ୍ତି ।

ପୁଣି ବିନ୍ଧେ ଅଭ୍ର ବାଣ ୧ ପବନ ବାଣ ପେଷିଣ

ଉଡ଼ାଇଣ ନେନେ ବହ୍ନନ ।

ଦେଖି ବୀର ଦଶାନନ କ୍ରୋଧ ଜାତ କରି ମନ

ପୁଣି କାଣ୍ଡ କଲା ସନ୍ଧାନ, ସେ ରାବଣ ।

ବିନ୍ଧି ଦଶରଥ ନନ୍ଦନ ।

ଅବୟୁ ଛିଦ୍ର ଚାକିଣ ୨ ଶର ବିନ୍ଧେ ଘନ ଘନ

ଶ୍ରୀଅଙ୍ଗ ରୁଧିର ଉତପନ ସେ ॥

ଦେଖି ରାମ କ୍ରୋଧମନ ବାଛି ଦିବ୍ୟ ଶର ମାନ

କୋଦଣ୍ଡେ ନେଇ ଶର ସନ୍ଧିଲେ ।

ରାବଣ ଅବୟୁ ବିନ୍ଧି ମର୍ମ ସ୍ଥାନକୁ ଦେଖାଇ

ଘନ ଘନ ଶର ବିନ୍ଧିଲେ, ସେ ରଘୁବୀର

ଶରେ ତାର ଅଙ୍ଗ ପୁରିଲେ ।

କିଂଶୁ ପକ୍ଷୀ ପ୍ରାୟ ଦିଶେ ପଲାଶ ୩ ପାଦପ କି ସେ

ବହୁତ ବିକାଶ ବିକାଶିଲେ ସେ ॥

ବାଜିଣ ଶ୍ରୀରାମ ଶର ରୁଧିରେଣ ଜର ଜର

ପଡ଼ି ଶର ହୋଇଲା ଅଜ୍ଞାନ ।

ରାବଣେ ମୋହ ଦେଖି ସାରଥି ରଣ ଉପେକ୍ଷି

ଆଡ଼ କରି ନେଲା ଯାନ ସେ ରାବଣ ।

ସେହି କ୍ଷଣି ପାଇଲା ଜ୍ଞାନ ।

କମ୍ପା ସମର ମୁଖିଲୁ ଶତ୍ରୁ ମୁଖରୁ ଘୁଞ୍ଚିଲୁ

ସାରଥିକି କହେ ବଚନ ସେ ॥

କିବା ରାମ ଦେଲା ଲକ୍ଷ କିବା ବିଭୀଷଣ ପାକ୍ଷ

କି ମୋହ ଦାଇର ତୋର କ୍ରୋଧ ।

ପ୍ରାଣକୁ ନାହିଁ ବିଗ୍ରହ ଜାଣିଲି ମୁଁ ଦୁଷ୍ଟ ତୋର

ଏହି କ୍ଷଣି କରିବି ବଧରେ, ସାରଥି ।

ରଚଣ କରାଇଲୁ ଅଜସ୍ର ।

କି ବୋଲିବେ ଦିଗପାଳ ଦେଖି ତୋର ପ୍ରତିକୂଳ

କମ୍ପା ମୋତେ କରିବେ ଭୟ ରେ ॥

---

୧-ଅଭ୍ର·········ପେଷିଣ ପୋଥିରେ ନଷ୍ଟ ହୋଇ ଯାଇଛି । ୨-ଅବୟୁ, କ୍ଷୁଦ୍ର ଅବୟବ ଓ ଛିଦ୍ର ଅର୍ଥରେ ପ୍ରୟୋଗ ହୋଇଛି । ୩-ପଲାଶ ପାଦପ ଅଂଶଟି ପୋଥିରେ ନାହିଁ ।

ସାରଥି ଯୋଡ଼ନ୍ତେ କର        ବୋଲଇ କୋପ ନ କର
ତୁମ୍ଭ ସ୍ନେହେ ରଥ ଅଣିଲି ।
ସାରଥି ସ୍ୱଭାବ ଏହି        ଯୁଦ୍ଧଙ୍କ ସ୍ଥିତି ଜାଣଇ
ତୁମ୍ଭ ମୋହ ହେବାର ଜାଣିଲି, ହେ ଦଶାନନ ।
ସାରଥିର ବହୁତ ଗୁଣ ।
ଦାରବା ଜିଣିବା ଜାଣେ        ଧୂରନ୍ଧର' ସେହୁ ରଣେ
ଧିକ ହେଉ ମୋର ରଥୀ ପଣ ହେ ॥

ପୁଣି ବୋଲେ ଦଶଶିର        ଦୋଷ କ୍ଷମା କଲି ତୋର
ରାମ ଆଗେ ରଥ ମୋର କର ।
ଅନ ହସ୍ତ ମାନ ଆଣ        ଯେ କର ପାରବେ ରଣ
କ୍ଷଣେ ୨ ଯୋଡ ଆଣ ରଥ ମୋର ରେ, ସାରଥି ।
ଆମ୍ଭ ଆଜ୍ଞା ପ୍ରମାଣେ ୩ ଆସିବୁ ।
ରାମ ସଙ୍ଗେ ଅହର୍ନିଶି        ସମର କରବ ମିଶି
ବୋଲେ ବଶି ଜାଣି ତୁ ଆସିବୁ ରେ ୪ ॥

●

## ରାଗ—ଦକ୍ଷିଣ କାମୋଦୀ ୫

ରାମ ଆଜ୍ଞାଦେଲେ ବଭୀଷଣେ ଗୃହି ।
କହ ଲଙ୍କାପତ ହେ ରାବଣ କାହିଁ ॥

---

୧-'ଧୂରନ୍ଧର ସେହୁ' ଅଂଶଟି ପୋଥିରେ ନଷ୍ଟ ହୋଇଛି । ୨-ଏଠାରେ 'ରଣେ' ପାଠ ପୋଥିରେ ରହିଛି । ୩-ଆମ୍ଭ ଆଜ୍ଞା କଲେ ଆସିବୁ ପୋଥିପାଠ କିନ୍ତୁ ଏଠାରେ 'ଆମ୍ଭ ଆଜ୍ଞା ପ୍ରମାଣେ ଆସିବୁ' ପାଠ ପ୍ରାସଙ୍ଗିକ । ୪-ଏହି ଗୀତଟି ଶଙ୍କରାଭରଣ ରାଗରେ ରଚିତ ହୋଇଛି । ପ୍ରକାଶିତ ପୁସ୍ତକରେ ଏହି ଗୀତଟି ଭିନ୍ନ ଭାବରେ ରହିଛି । କାବ୍ୟର ପ୍ରାସଙ୍ଗିକତା ଦୃଷ୍ଟିରୁ ଏହି ଗୀତଟିର ଆବଶ୍ୟକତା ଯଥେଷ୍ଟ ବୋଲି ଅନୁଭୂତ ହୁଏନାହିଁ । ତଥାପି ଗୋଟିଏ ଅଞ୍ଚଳର ପୋଥିରେ ଏପରି ପାଠ ଥିବାରୁ ଏହି ଅଂଶଟି ଏଠାରେ ପ୍ରଦତ୍ତ ହେଲା । ଏହି ଗୀତଟି ସ୍ଥାନରେ ପ୍ରକାଶିତ ପୁସ୍ତକରେ ଆଉ ତିନୋଟି ଗୀତ ରହିଛି । ତନ୍ମଧ୍ୟରେ ଶେଷୋକ୍ତ ଗୀତଟି ଏହି ଗୀତର ଭାବଧାରାରେ ରଚିତ । ୫-ଏହି ଗୀତଟି ପୋଥି-ପାଠରେ ପରିଦୃଷ୍ଟ ହୁଏ ନାହିଁ । କିନ୍ତୁ ପ୍ରକାଶିତ ପୁସ୍ତକର ଏହି ପାଠ ପ୍ରାସଙ୍ଗିକତା ଦୃଷ୍ଟିରୁ ଏଠାରେ ଦିଆଯାଇଛି ।

ଶୁଣି ବିଭୀଷଣ କହେ ଯୋଡ଼ିକର ।
ଶୁଣ ଦେବ ସନ୍ଧି ଅଛୁ ଦଶଶିର ॥

ଶକଟ ମାର ମନେ ବିଚାରକଲା ।
ଶୁକଙ୍କ ପାଶକୁ ଅତି ବେଗେ ଗଲା ॥

ଚରଣେ ପଡ଼ି ଅତି ଆକୁଳ ହୋଇ ।
ବଂଶକର ଯୋଡ଼ି ଯୁଦ୍ଧ କଥା କହି ॥

ଶୁଣି ଭୃଗୁସୁତ ତାରେ ଦୟା କଲେ ।
ସର୍ବଜୟ ମନ୍ତ୍ର ଉପଦେଶ ଦେଲେ ॥

ବୋଲନ୍ତି ଏମନ୍ତ୍ର ଘେନ ହୋମ କର ।
ବାହାର ହୋଇବ ତହୁଁ ରଥବର ॥

ସେ ରଥେ ବସିଣ ଯାଇ କର ରଣ ।
ନ ଜିଣିବେ ରାମ ହେଲେ ନାରାୟଣ ॥

ଶୁଣି ସେ ଆନନ୍ଦ ମନେ ବେଗେ ଆସି ।
ହୋମ କରୁଅଛି ସେ ମନ୍ତ୍ରରେ ବସି ॥

ମୋର ମନ୍ତ୍ରୀ ତାର ସଙ୍ଗତରେ ଥିଲେ ।
ଏ ସର୍ବ ବୃତ୍ତାନ୍ତ ଜାଣି ସେ କହିଲେ ॥

ସଂପୂର୍ଣ୍ଣ ହୋଇଲେ ହୋମ ହେବ ମନ୍ଦ ।
ମାର ନ ପାରିବା ଆଉ ଦଶକନ୍ଧ ॥

ଯେଉଁପରି ବିଘ୍ନ ହେବ ତାହା କର ।
ଶୁଣି ରାମ ଡ଼କାଇଲେ ହନୁବୀର ॥

ମୟନ୍ଦ ଦ୍ୱିବିଦ ନଳ ନୀଳ ଗୁହି ।
ଅଙ୍ଗଦ ଜାମ୍ବବନ୍ତ୍ର ଆଜ୍ଞା ଦେଇ ॥

ବୋଇଲେ ବହନ ତୁମ୍ଭେ ଲଙ୍କେ ପଶ ।
ହୋମ କରୁଛି ରାବଣ କର ନାଶ ॥

ରାମ ଆଜ୍ଞା ପାଇ ଶିରେ କର ଦେଇ ।
ଲଙ୍କାଗଡ଼େ ପଶିଲେ ପାଚେରୀ ଡ଼େଇଁ ॥

ଖୋଜି ନ ପାରନ୍ତି ଲଙ୍କା ସର୍ବ ସ୍ଥାନ ।
ଯେଉଁଠାରେ ହୋମ କରେ ଦଶାନନ ॥

ନିକଷାକୁ ହନୁ ଯାଇ ପଚାରିଲେ ।
ଯାଇ ହୋମ ସ୍ଥାନ ସେ ଦେଖାଇ ଦେଲେ ॥

ମନ୍ତ୍ର ତେଜେ ତା ପାଶେ ନ ପାରେ ପଶି ।
ବିସ୍ମୟ ହୋଇଲେ ହନୁ ଭଟେ ବଶି ॥

●

### ରାଗ—ଦକ୍ଷିଣ କାମୋଦୀ ୧

ରାବଣକୁ ହନୁ ଦେଖି କ୍ରୋଧ ବହି ।
ରାବଣ ଅନ୍ତଃପୁରେ ପଶିଲେ ଯାଇଁ ॥

ମନ୍ଦୋଦରୀ କେଶ ଧରି ଘେନି ଆସି ।
ରାବଣ ଆଗେ ରଖି ବଚନ ଭାଷି ॥

ବୋଇଲେ ପାମର ଆହେ ଦେଖ ଦେଖ ।
ଏ ତୋହର ମନ୍ଦୋଦରୀ ରାଣୀ ଦୁଃଖ ।

ରାମ ନ ଥିଲେ ସୀତା ଆଣିଲୁ ରୁହି ।
ଆମ୍ଭେ ମନ୍ଦୋଦରୀ ନେବୁ ତୋତେ କହି ॥

ସୀତାଙ୍କ ସଙ୍ଗରେ ଅଯୋଧ୍ୟାକୁ ଯିବ ।
ଦାସୀ ହୋଇ ଚରଣରେ ଖଟି ଥିବ ।

ଆଜି ଯେତେ ରାଣୀରତ୍ନ ଅନ୍ତଃପୁର ।
କପିଙ୍କି ବାଣ୍ଟିଣ ଦେବେ ରଘୁବୀର ॥

ପାରିଲେ ତୁ କି କରିବୁ ଆସି କର ।
ବୋଲନ୍ତି ପର ବୀରଙ୍କ ପରେ ବୀର ॥

---

୧-ଏ ଗୀତଟି ପୋଥିରେ ନାହିଁ । କିନ୍ତୁ ପ୍ରକାଶିତ ପୁସ୍ତକରେ ଏହି ଗୀତଟି ରହିଛି ଏବଂ ପ୍ରସଙ୍ଗ ଦୃଷ୍ଟିରୁ ଏହା ଅସମୀଚୀନ ନୁହେ ।

ମନ୍ଦୋଦରୀ ରୋଦନ ହନୁର ବାଣୀ ।
ହୋମ ଛାଡ଼ି ଅନାଇଲା ବଂଶ ପାଣି ॥

ଦେଖିଲା ମନ୍ଦୋଦରୀ ରାଣୀର କେଶ ।
ବାମ କରେ ଧରିଛୁ ପବନ ଶିଷ୍ୟ ॥

କ୍ରୋଧ ହୋଇ କରରେ ଖଡ଼ଗ ଧରି ।
ହୋମ ଛାଡ଼ି ଅଇଲା ହନୁକୁ ମାରି ॥

ମନ୍ତ୍ର ତେଜେ ହନୂ ରହି ନ ପାରିଲେ ।
ମନ୍ଦୋଦରୀ କେଶ ଛାଡ଼ି ପଳାଇଲେ ॥

ରାବଣ ଯିବା ଦେଖି ଅଙ୍ଗଦ ବୀର ।
ହୋମ ସ୍ଥାନ ସ୍ରୁବ ସ୍ରୁଚ ନେଲେ ତାର ॥

ନଳ ନୀଳ ଆଜ୍ୟ ସ୍ଥାଳୀ ଘେନି ଗଲେ ।
ମଳ-ମୂତ୍ର ଅଗ୍ନିକୁଣ୍ଡେ ପୂର୍ଣ୍ଣ କଲେ ॥

ମହେନ୍ଦ୍ର ଦ୍ବିବିଦ ଦୁହେଁ ଧାଇଁ ଯାଇ ।
ହୋମ ଘୃତମାନ ସବୁ ଦେଲେ ପିଇ ॥

ଅଗ୍ନି କୁଣ୍ଡ ଭାଙ୍ଗି ହୋମ କରି ନାଶ ।
ରାମ ଆଗେ କହିଲେ ପବନ ଶିଷ୍ୟ ॥

ମନ୍ଦୋଦରୀ କରି ଧନ୍ଦ ଦଶଶିର ।
ପ୍ରବୋଧ କରିଣ ନେଲା ଅନ୍ତପୁର ॥

ମୂତ ଜନ୍ମ କଥାମାନ ଗଳ୍ପ କହି ।
ଯୁଦ୍ଧକୁ ବାହାର ହେଲା ସେହି ଲାଗି ॥

ଧନୁ ଧରି ପୁଷ୍ପ ବିମାନରେ ବସି ।
ଯୁଦ୍ଧ ଭୂମିକି ଅଇଲା ଭଣେ ଋଷି ॥

## ରାଗ—ବଙ୍ଗଳ କାମୋଦୀ ପଞ୍ଚତାଳ ୧

ଘୋଡ଼ା କୃଷ୍ଣ ଅଶ୍ୱମାନ ୨ ସେ, ରଥେ ଚଢ଼ି ଦଶାନନ ।
ଶ୍ରୀରାମ ରଥ ସମ୍ମୁଖେ ରଥ କର ଶର ବନ୍ଧେ ୩ ଘନ ଘନ ॥
ସେ ଯୁଝିଲା ।
ରାମ ଭୁଜର ପ୍ରତାପ ବୁଝିଲା ।
ଶ୍ରୀରାମର ଶର ହୃଦେ ପଶି ତାର ବେଳୁବେଳ ଜ୍ଞାନ ହଜଲା ୪ ॥

ବାନ୍ଧନ୍ତେ ବିବିଧ ବାଣ ସେ, ପରସ୍ପରେ ବେନି ଜଣ ।
ସ୍ୱର୍ଗରୁ ଆସି ଆକାଶରେ ରହିଣ ଦେଖନ୍ତି ଅମରଗଣ ।
ସେ ମିଶିଲେ ।
ମହା ମେଘ ପ୍ରାୟେ ବେନି ଦିଶିଲେ ।
ସୁତୀକ୍ଷ୍ଣ ୫ ନାରାଜ ବଜ୍ରସମ ତେଜ ଶର ଜଳକି ବରଷିଲେ ॥

କିଏ ବେନି ମତ୍ତଗଜ ସେ, ଚଉଦନ୍ତେ କରେ ଯୁଦ୍ଧ ।
କିବା ବଳାସୁର ସଙ୍ଗରେ ସମର କରୁଛନ୍ତି ଦେବରାଜ ।
ସେ ପାଞ୍ଚିଲେ ।
ବେନି ଜନେ ବଳ ଆଞ୍ଚିଲେ ।
ଶଙ୍କ କୋଦଣ୍ଡ ପ୍ରାୟେ ବେନି କୋଦଣ୍ଡ ବହୁ ଶର ଛନ୍ଦି ମୁଞ୍ଚିଲେ ୬ ॥

ଶରମାନ ଆତ ଜାତ ସେ, ଦିଶଇ ନାହିଁ ଆଦିତ୍ୟ ୭ ।
ରୁଧିରର ନଇ ନରନ୍ତରେ ବହି କବନ୍ଧ କରନ୍ତି ନୃତ୍ୟ ।
ସେ ଭୁଜରେ ।
ନ ଦିଶଇ ବାନ୍ଧିବାର ତେଜରେ ।
କେବଳ ମଣ୍ଡଳାକାର ପ୍ରାୟେ ଧନୁ ଦିଶଇ କର ସରୋଜରେ ୮ ॥

ଫୁଟିଲା ପଲାଶ ସଙ୍ଗ ସେ, ପାଦପ କି ବେନି ଅଙ୍ଗ ।
ବେନି ହିଁଙ୍କ କପେ କି ରାମ ରାବଣ କରନ୍ତି ସମର ରଙ୍ଗ ।
ସେ ରସନ୍ତି ।
ଏକ ଆରକରେ ବେନି ଛାପନ୍ତି ।
ଅସ୍ତ୍ର ମାନଙ୍କର ଆସିବା ଯିବାର କେହି କାହାକୁ ନ ଦିଶନ୍ତି ୯ ॥

---

୧-ଦକ୍ଷିଣ କାମୋଦୀ, ପଞ୍ଚତାଳ ପୋଥିପାଠ । ୨-ହସ୍ତ ପୋଥି ପାଠ । ୩-ଶର ବନ୍ଧଇ ପୋଥିପାଠ । ୪-ହାରିଲା ପୋଥିପାଠ । ୫-ସୁତୀକ୍ଷ୍ଣ ପୋଥିପାଠ । ୬-କିଏ ବେନି.........ଘୁଞ୍ଚିଲେ ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ । ୭-ଜଗତ ପୋଥିପାଠ । ୮-କର ଶରବରେ ପୋଥିପାଠ । ୯-ଫୁଟିଲା ପଲାଶ......ନଦିଶନ୍ତି ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ ।

କୁମ୍ଭସୁତ ବେଗେ ଆସି ସେ, ରାମ କର୍ଣ୍ଣେ କହେ ହସି ।
ସୂର୍ଯ୍ୟଙ୍କ ହୃଦୟ ଉପଦେଶ ଦେଲେ ଶୁଣି ରାମଚନ୍ଦ୍ର ଘୋଷି ।
ସେ ପଢ଼ିଲେ ।
ତେଜୁ ବେଳ ବଢୁ ତେଜ ବଢ଼ିଲେ ।
ରାବଣ ଅଙ୍ଗେ ତେଜୁବେଳ ଅବଶ ଅବସ୍ଥାରୁ ବଳ ଛାଡ଼ିଲେ ॥

ସାତ ରାତ୍ର ସାତ ଦିନ ସେ, ଯୁଦ୍ଧ କଲେ ଅବିଚ୍ଛିନ୍ନ ।
ରୁଧିର ବୃଷ୍ଟି ଆକାଶରୁ ହୋଇଲା ଜାତ ଉତପାତମାନ ।
ସେ ରଣରେ ।
ମହା ଶବଦ ୧ କରନ୍ତି ଗୁଣରେ ।
କେହୁ କାହାକୁ ସାନ ବଡ଼ ନୁହନ୍ତି ମହାବୀର ବେନି ଜଣରେ ॥

ବାଛି ରାମ ଦିବ୍ୟ କାଣ୍ଡ ସେ, କାଟିଲେ ରାବଣ ମୁଣ୍ଡ ।
ସେ ମୁଣ୍ଡ ଛିଣ୍ଡି ଆଉ ମୁଣ୍ଡେ ବାହାର ହୋଇଣ ଦଶିଲା ପିଣ୍ଡ ।
ସେ ହସିଲେ,
ଆଉ ମୁଣ୍ଡେ ଆଉ ଶରେ ୨ କାଟିଲେ ।
ପୁଣି ତହିଁ ମୁଣ୍ଡ ବାହାର ହୁଅନ୍ତେ ପୁଣି ଆଉ ମୁଣ୍ଡେ କାଟିଲେ ॥

ଏକୋତ୍ତର୍‌୩ ସାତବାର ସେ । କାଟିଲେ ରାବଣ ଶିର ।
କାଟୁଥିଲେ ତାର ତେଜୁ ବେଳ ଶିର କାନ୍ଧରୁ୪ ହୋଏ ବାହାର ।
ସେ ଚକିତେ,
ପଗ୍ରରନ୍ତି ମାତଲିକି ଗୁପତେ ।
ମାତଲି ବୋଇଲା ବ୍ରହ୍ମ ଅସ୍ତ୍ର ବୁକୁ ଫୋଡ଼ିଲେ ମରିବ ତ୍ୱରିତେ ୫ ॥

ଶୁଣି ମାତଲି ଉତ୍ତର ସେ, ଶରକୁ କଲେ ବାହାର ।
ମହାଭୟଙ୍କର ଅନଳ୬ ଆକାର ଘଟଣା ବିଧାତାଙ୍କର ।
ସେ ଅସ୍ତ୍ରରେ,
ଅଷ୍ଟ ପର୍ବ୍ବ ଅଛି ଅଷ୍ଟ ପାଦରେ୭ ।
ପକ୍ଷରେ ମରୁତ ମଧ୍ୟରେ ଆଦିତ୍ୟ ଅଗ୍ନି ଅଛି ଫଳା ଭିତରେ ।

---

୧-ମହା ପ୍ରତାପ ପୋଥିପାଠ । ୨-ଆଉ ମୁଣ୍ଡ ଆଉଶରେ ପୁସ୍ତକପାଠ । ୩-ଏଣୁ ହୋଇ ପୁସ୍ତକପାଠ । ୪-ଗର୍ଦ୍ଧ୍ଵଶିର ପୋଥିପାଠ । ୫-ମରିବ ଦାଇତେ ପୋଥିପାଠ । ୬-ଭୟଙ୍କାର ଘଟଣ ଅକାର ପୋଥିପାଠ । ୭-ହାତରେ ପୁସ୍ତକପାଠ ।

ସେ ଅସ୍ତ୍ର ବସାଇ ଗୁଣେ ସେ, କର୍ଣ୍ଣ ପର୍ଯ୍ୟନ୍ତେ ଆଣେ ।
ମନ୍ତ୍ର ପଢ଼ି ଗୁଣ୍ଡ଼ ଦଅନ୍ତେ ଉପରେ ପଡ଼ି ନେଲା ତାର ପ୍ରାଣେ ।
ସେ ପଡ଼ିଲେ,
ଧନୁ ଗୁଣ୍ଡ଼ ରଥରୁ ଗଡ଼ିଲେ ।
ରାବଣ ପ୍ରାଣ ଘେନି ଅସ୍ତ୍ର ତତ୍କ୍ଷଣ ରାମ ତୂଣୀକି ବାହୁଡ଼ିଲେ୧ ॥

ସକଳ ଦେବତା ମିଳିସେ, କଲେ କୁସୁମ ଅଞ୍ଜଳି ।
ଜୟ ଲକ୍ଷଣରେ ଅଭିଷେକ ପ୍ରାୟେ ଦିଶିଲା ରାମ ମଣ୍ଡଳି ୨ ।
ସେ ଆକାଶେ,
ଦେବେ ଦୁନ୍ଦୁଭି ବଜାନ୍ତି ହରଷେ ।
ବୋଲେ ବଳି ଭକ୍ଷ କପିବଳ ହୃଷ୍ଟ ଡର ପଳାଇଲେ ରାକ୍ଷସେ ୩ ॥

●

## ରାଗ— ଭୈରବ ସରମାନ

ରାବଣ ସଂହାରି ବୀର ଦାଶରଥି ରଥୁ ଓହ୍ଲାଇ
ଭୂମିରେ ଉଭା ହେଲେ ।
ମହାହୃଷ୍ଟ ହୋଇ ସୁଗ୍ରୀବଙ୍କୁ ରାଇ ବେନି ଭୁଜେ ତାଙ୍କୁ
ଆଲିଙ୍ଗନ କଲେ ।
କି ସଖେ ହେ ! ପଡ଼ିଅଛି ଦଶଶିର ।
ତୁମ୍ଭ ସାହା ପାଇ ସିନ୍ଧୁ ପାର ହୋଇ
ରାବଣ ମାଇଲୁ ଏ ଯଶ ତୁମ୍ଭର ॥

ରାମ ସ୍ନେହ ଦେଖିଣ ଲକ୍ଷ୍ମଣ ବୀର
ସୁଗ୍ରୀ ପାଦ ଛୁଇଁ ଶିରେ ଦେଲେ କର ।
ସୁଗ୍ରୀବ ସକଳ କପିସେନା ଘେନିଣ
ପୂଜା କଲେ ରାମ ବେନି ଶ୍ରୀପଦ୍ମର ।
ରାବଣ ମାରିବା ଯାଏ ଉତପାତ ମାନ ଅବଚ୍ଛିନେ
ଜାତ ହେଉଥିଲେ ।
ମଙ୍ଗଳ ବେଳକୁ ଯେ ଯାହା ସଦଗୁଣ ବନ୍ଧୁ ଭକ୍ତ
ତେଜି ଜନ୍ମିନ୍ତେ ରହିଲେ ॥

---

୧-ରାବଣର ପ୍ରାଣ ଘେନିଣ ନାରାଚ ରାମ ତୋଣେ ହୋଇଲେ ପୋଥିପାଠ ।
୨-ଜୟ ଜୟ ହରି ଶବଦ କରନ୍ତେ ଶୂନ୍ୟ ଶବଦ ଉଚ୍ଛୁଳି ପୋଥିପାଠ ।
୩-ବୋଲେ ବଳି ଦୁଷ୍ଟବଳ ପଡ଼ିଲେ ଡରି ପଳାଇଲେ ରାକ୍ଷସେ ପୋଥିପାଠ ।

ମାତଲିକ ଆଜ୍ଞା ହେଲେ ରଘୁବୀର
ଶକ୍ର ସନ୍ନିଧିକୁ ଯାଅ ରଥବର ।
ଆମ୍ଭେ ତୁମ୍ଭଙ୍କୁ ଜ ହୋଇଣ ସୁହିତୁ
ଭଲ ଆମର ବହୁତ ଉପକାର ॥

ଆଜ୍ଞା ପାଇଣ ମାତଲି ରଥବର
ଶୀଘ୍ର କଲା ଯୋଜନଗଲା ସୁର ପୁର ।
ବୋଲେ ବଳି ରାମ ଆଟେ କପିନାଥ
ହୃଷ୍ଟ ହୋଇଣ କରନ୍ତୁ ବନଚର ॥

●

ରାଗ— **ଲଙ୍କାଦେଶାକ୍ଷ**

ରାବଣର ୧ ଅନ୍ତଃପୁର ଦ୍ୱାରେ ପଳାଇଣ କହିଲେ ଅସୁରେ ।
ରାମ ସଙ୍ଗେ ରଣ କରିଣ ରାବଣ ପ୍ରାଣ ହାରି ପଡ଼ିଲେ ଭୂମିରେ ସେ ॥
ରାଜନ ॥

ଶୁଣି ସକଳ ତରୁଣୀଗଣ ବହୁ ଉଚ୍ଚରେ କଲେ କାରୁଣ୍ୟ ୨ ।
ମନ୍ଦୋଦରୀ ସଙ୍ଗେ ସମସ୍ତ ଯୁବତୀ ଅନ୍ତଃପୁରୁ ବାହାର ହୋଇଣ ସେ ॥
ସୁନ୍ଦରୀ ॥

ଯୁଦ୍ଧଭୂମିରେ ପ୍ରବେଶ ହେଲେ ପଡ଼ି ଅଛୁ ରାବଣ ଦେଖିଲେ ।
ହାହା ପତି ୩ ବୋଲି ସମସ୍ତ ଯୁବତୀ ବେଢ଼ି ବସିଣ ରୋଦନ କଲେ ସେ ॥
ସୁନ୍ଦରୀ ୪ ॥

ଦେବ ରାକ୍ଷସ କୁଳ ଈଶ୍ୱର ! ତ୍ରିଭୁବନରେ ୫ ଏକଇ ବୀର ।
କେଉଁ ବୀର ହାତେ ପ୍ରାଣ ହରାଇ ଏବେ ଶୋଇଲ ରଣ ଭୂମିର ।
ହେ ରାଜନ ॥

ଆମ୍ଭମାନଙ୍କୁ କାହାକୁ ଦେଇ ତୁମ୍ଭେ ଶୋଇଲ ମଉନ ହୋଇ ।
ଚନ୍ଦ୍ର ତପନ ଆମ୍ଭଙ୍କୁ ନ ଦେଖନ୍ତି ଏବେ କାନ୍ଦୁଛୁ ଅନାସ୍ତ ୬ ହୋଇ
ହେ ରାଜନ ॥

---

୧-ଦଶଗ୍ରୀବ ପୋଥିପାଠ । ୨-ରୋଦନ ପୋଥିପାଠ । ୩-ହାହା ନାଥ ପୁସ୍ତକପାଠ । ୪-ତରୁଣୀ ପୋଥିପାଠ । ୫-ସପ୍ତଭୁବନ ପୋଥିପାଠ । ୬-ଅନାଥ ପୁସ୍ତକପାଠ ।

ଶୁଣ ଶୁଣି ମନ୍ଦୋଦରୀ ରାଣୀ । ବେନି ନୟନରୁ ବହଇ ପାଣି ।
ବିକଳ ହୋଇଣ ବିଳାପ କରଇ ଛଟେ ମୟଦୈତ୍ୟର ଦୁଲଣୀ ସେ,
ସୁନ୍ଦରୀ ॥

ଦେବ ଏବେ ମୋ ଅଙ୍କ ତେଜିଲ । ଆସି ଭୂମିରାଣୀ କି ଭଜିଲ ।
ଖଟ ଖଟଦୋଳି ୧ ହଂସତୂଳି ତୁଳୀକି ମୁହିଁ ଧୂଳୀ କି ସୁଖ ପାଇଲ ହେ,
ରାଜନ ॥

ମୋତେ ବସାଇ ପୁଷ୍ପ ବିମାନ । ବୁଲୁ ଥାଅ ଚଉଦ ଭୁବନ ।
ଯେଉଁ ଭୁବନେ ଯେଉଁ ଦ୍ରବ୍ୟ ୨ ଅପୂର୍ବ ତାହା ଦେଇ ତୋଷ ମୋର ମନ ହେ,
ରାଜନ ॥

ତୁମ୍ଭ ସ୍ନେହେ ମୁହିଁ ପ୍ରିୟ ରାଣୀ ୩ । ମୋର ବିକଳ କପାଁ ୪ ନ ଶୁଣି ।
ଭୂମି ସପତ୍ନୀ ଅଙ୍କରେ ଶୋଇଣ ମୋତେ କିମ୍ପା କହୁ ନାହିଁ ବାଣୀ,
ହେ ରାଜନ ॥

ଯୁଦ୍ଧେ ମରନ୍ତି ନାହିଁ କି ବୀର । ନାସ୍ତି କଳଙ୍କ ହେଲା ତୁମ୍ଭର ।
ବୋଲିବେ ରାବଣ ସୀତା ଚୋରି କଲା ତେଣୁ ମାଇଲେଟି ରଘୁବୀର ହେ,
ଶୋ ନାଥ ।

ସୀତା ଚୋରି କଲ ଯେଉଁ ଦିନ । ମୁହିଁ ବାରୁଥାଇ ମୋ ମନ ।
ରାବଣ ରାମଙ୍କୁ ବଳିଷ୍ଠ ଦେଖନ୍ତେ ତେଣୁ କରି କଲେ ଏସନ ,
ହେ ରାଜନ ॥

ଦୋଷ ଅନୁରୂପେ ଦେଲେ ଦଣ୍ଡ । ତୁମ୍ଭ ପ୍ରାଣ ନେଲା ରାମ କାଣ୍ଡ ।
ଆହେ ଲଙ୍କନାଥ ଆମ୍ଭକୁ ଅନାଥ କରି ବସାଇ ଗଲ ଏ ଦାଣ୍ଡ,
ହେ ରାଜନ ॥

ତୁମ୍ଭ ତନୁ କାଣ୍ଡେ ଅଛି ଭୁଇ । ଆଲିଙ୍ଗନକୁ ହିଁ ଠାବ ନାହିଁ ।
ସକଳ ଲୋକେ ଦେଖୁଛନ୍ତି ଆମ୍ଭଙ୍କୁ ତୁମ୍ଭେ କଥା ନ କହ କିମ୍ପାଇ,
ହେ ରାଜନ ॥

---

୧-କାଖେ ଖଟ ବୋଲି ପୁସ୍ତକପାଠ । ୨-ଯେଉଁ ଦ୍ରବ୍ୟ ମିଳଇ ପୋଥିପାଠ ।
୩-ତୁମ୍ଭ ସ୍ନେହୀ ପ୍ରିୟ ମୁହିଁ ରାଣୀ ପୁସ୍ତକପାଠ । ୪-କର୍ଣ୍ଣେ ପୋଥିପାଠ ।

ଶୁଣି ମନ୍ଦୋଦରୀର କାରୁଣ୍ୟ ଶୋକେ ଶୋକୀ ହୋଇ ବିଭୀଷଣ
ଭ୍ରାତାର ଗୁଣମାନ ଗୁଣି ୧ ରୋଦନ ଉଚ୍ଚେ କରଇ ଯେ ପୁଣ ପୁଣ,
ହେ ରାଜନ ॥

ମୋର ହିତ ବଚନ ନ କଲ ୨ । କ୍ରୋଧେ ବାହାର କରିଣ ଦେଲ
ଭ୍ରାତା ପୁତ୍ର ନାତି ଜ୍ଞାତି ପରିଜନ ସଙ୍ଗେ ଶମନଭୁବନ ଗମନ କଲ,
ହେ ରାଜନ ॥

ଏକା ରହିଲି ମୁଁ ହି ଜୀବନ୍ତେ ୩ । ଥିଲେ ଯାଇଥାନ୍ତି ବା ୪ ସଙ୍ଗତେ ।
ଭଗବାନର ତୁମ୍ଭର ନାରୀଗଣ କୁର କରି ଲଙ୍କାରୁ ନଅନ୍ତେ,
ହେ ରାଜନ ॥

ବିଳାପେ କରନ୍ତେ ୫ କାରୁଣ୍ୟ । ଶୁଣୁଥିଲେ ଋକ୍ଷ କପିଗଣେ ୬ ।
ବୋଲେ ବାଣୀ ରାମ ଶୁଣିଣ ତାହାଙ୍କୁ ବୋଲେ ବହୁ ପ୍ରବୋଧ କରିଣ,
ହେ ଶ୍ରୀରାମ ୭ ॥

●

ରାଗ-- **କୁମ୍ଭକାମୋଦୀ**

ରାମ ଆଜ୍ଞା ଦେଲେ ବିଭୀଷଣ ତୁମ୍ଭେ ସଂସ୍କାର କାରୁଣ୍ୟ ।
ଦହନ କର ଏ ରାବଣ ପିଣ୍ଡକୁ ସନ୍ତୋଷ ହୋଇଣ ॥

ରାମ ଆଜ୍ଞା ଶୁଣି ଯୋଡ଼ି ବେନି ପାଣି କହେ ବିଭୀଷଣ ।
ଦହନ କରିବାକୁ ଯୋଗ୍ୟ ନୁହଇ ପାପୀ ଏ ରାବଣ ॥

କେବଳ ଲୋକ ବଚନକୁ କଲି ମୁଁ କାରୁଣ୍ୟ ।
ବୋଲିବେ ଭାଇ ମରାଇଣ ବିଳାପ ନ କଲା ଦାରୁଣ ॥

ଶୁଣି ଶ୍ରୀରାମ ସନ୍ତୋଷେ ଆଜ୍ଞା ଦେଲେ ଶୁଣ ଲଙ୍କରାଣ ।
ତୁମ୍ଭର ଜ୍ୟେଷ୍ଠ ବଡ଼ କୁଳେ ଜନମ ହୋଇଛି ରାବଣ ॥

---

୧-ଭାଇ ଗୁଣମାନ ବାହୁନ ପୋଥିପାଠ । ୨-ଦେବ ମୋହର ହିତ ବଚନ ପୋଥିପାଠ । ୩-ଜୀବନ୍ତେ ପୋଥିପାଠ । ୪-ଥିଲେ ଅବା ଯାଆନ୍ତି ପୋଥିପାଠ । ୫-ଏମନ୍ତ ପୋଥିପାଠ । ୬-ଶ୍ରୀରାମ ଲକ୍ଷ୍ମଣ ପୋଥିପାଠ । ୭-ବୋଲେ ବାଣୀ ତାଙ୍କୁ ବହୁତ ପ୍ରବୋଧ କଲେକ ସେହୁ ଶ୍ରୀରାମ ପୋଥିପାଠ ।

ବହୁତ ଯାଗମାନ ସେହି କରିଛି କରନ୍ତେ ଦହନ ।
ଜୀବନ ଥିବାଯାଏ ତାଠାରେ ମୋର ଥିଲା କୋପମନ ॥

ଏମନ୍ତ ଶ୍ରୀମୁଖୁଁ ଶୁଣି ବିଭୀଷଣ ଗଲେକ ବହନ ।
ଦହନ କରିବା ନିମିତ୍ତ ଅଣାଇ ସେହି କାଷ୍ଠଜନ ॥

ଦୋହରା ମନ୍ଦିରୁ ଅନଳ ଅଣାଇ କଲେକ ସ୍ଥାପନ ।
ମନ୍ତ୍ରପଢ଼ି ଗବ୍ୟ ଘୃତରେ ଆହୁତି ଦେଲେକ ବହନ ॥

ଦଶଗ୍ରୀବଙ୍କୁ ସେ ସ୍ନାନ କରାଇଣ ବାସ ପିନ୍ଧାଇଲେ ।
ବିବିଧ ଭୂଷଣ କୁସୁମ ଚନ୍ଦନ ଲାଗି କରାଇଲେ ॥

କଟିରେ ଉଲୁଖଳାକୁ ବାନ୍ଧିଣ ଶକଟରେ ଲଦିଲେ ।
ନାମ ଧରି ରାଇ ସର୍ବ ଦିଗପାଳମାନଙ୍କୁ ବନ୍ଦିଲେ ॥

ଚନ୍ଦନ ଅଗୁରୁ କମଳ କାଠରେ ଅନଳ ଲଗାଇ୧ ।
ରାବଣ ପିଣ୍ଡକୁ ତହିଁର ମଧ୍ୟରେ ନେଇଣ ଶୁଆଇ ୨ ॥

ଗବ୍ୟ-ଘୃତମାନ ୩ ଢାଳନ୍ତେ ଅନଳ ପ୍ରଚଣ୍ଡ ଜଳିଲା ।
କ୍ଷଣକ ଭିତରେ ଗିରି-ସମ ୪ ପିଣ୍ଡ ଦହନ ହୋଇଲା ॥

ବିଭୀଷଣ ସହିତରେ ସର୍ବ ନାରୀ କଲେକ ଯେ ସ୍ନାନ ୫ ।
ସମସ୍ତ ନାରୀଙ୍କି ପ୍ରବୋଧନ କରି ନେଲେକ ସଦନ ॥

ଅନ୍ତଃପୁରେ ଛାଡ଼ି ବିଭୀଷଣ ରାମ ଛାମୁକୁ ଆଇଲେ ।
ସୁଗ୍ରୀବଙ୍କୁ ରାଇ ୬ ଯୁଦ୍ଧର ପ୍ରସଙ୍ଗମାନ କହୁଥିଲେ ॥

ବିଭୀଷଣଙ୍କୁ ଖଣ୍ଡେଦୂରୁ ଦେଖିଲେ ଡାକିଣ ରାଇଲେ ପାଶକୁ ।
ଲଙ୍କାରେ ଆଉ ରାକ୍ଷସ ତ ନାହାନ୍ତି ଆମ୍ଭ ବିନାଶକୁ ॥

ଏବେ ରାବଣ ସିଂହାସନେ ବସିଣ ଅଭିଷେକ ହୁଅ ।
ଆଉ ଅବା କିସ ଜଣାଇବ ତାହା ଏହିକ୍ଷଣେ କହ ॥

ଶୁଣି ବିଭୀଷଣ ଭୂଇଁ କୁଇଁ ଶିରେ ଲଗାଇଲେ କର ।
ଆଉ କିସ ଜଣାଇବ ଅନ୍ତର୍ଯାମି ତ୍ରୈଲୋକ୍ୟ ଈଶ୍ୱର ୭ ॥

---

୧-ଲଗାଇଲେ ପୋଥିପାଠ । ୨-ନେଇ ପୁରାଇଲେ ପୋଥିପାଠ । ୩-ଗାବଘୃତ ପୋଥିପାଠ । ୪-ବୀରଶବ ପୋଥିପାଠ । ୫- ସ୍ତ୍ରୀହାନ ପୋଥିପାଠ । ୬-ରାମ ପୋଥିପାଠ । ୭-ତ୍ରୈଲୋକ୍ୟ ଠାକୁର ପୋଥିପାଠ ।

ରାମ ଆଜ୍ଞା ଦେଲେ ଲକ୍ଷ୍ମଣଙ୍କୁ ଘେନ ଯାଅ ଲଙ୍କେଶ୍ୱର ।
ରାବଣର ସିଂହାସନେ ବସାଇଣ ଅଭିଷେକ କର ॥

ରାମ ଆଜ୍ଞା ପାଇ ଲକ୍ଷ୍ମଣ ତତ୍‌କ୍ଷଣେ ବିଭୀଷଣେ ୧ ନେଲେ ।
ରାବଣ ସିଂହାସନେ ବିଭୀଷଣଙ୍କୁ ଅଭିଷେକ କଲେ ॥

ସମସ୍ତ ପାତ୍ର ଅମାତ୍ୟ ୨ ତାହାଙ୍କର ଚରଣେ ଖଟିଲେ ।
ଯେତେ ଅସୁର ପଳାଇ ଯାଇଥିଲେ ସେମାନେ ଭେଟିଲେ ॥

ଲକ୍ଷ୍ମଣ ତାହାଙ୍କୁ ଅଭିଷେକ କରି ୩ ବାରତା କହିଲେ ।
ବୋଲେ ବଶି ରାମ ଲଙ୍କା ଜୟ କରି ବିଭୀଷଣେ ଦେଲେ ॥

●

ରାଗ—**କାଫି**

ଶ୍ରୀରାମ ଆଜ୍ଞା ଦେଲେ ହନୁଙ୍କୁ ବୁଝି ।
ଦଶଗ୍ରୀବ ବାରତା ସେ ସୀତାଙ୍କୁ କହ ଯାଇ ॥

ଲଙ୍କପତିଙ୍କି ମୋର ଆଜ୍ଞା କହିବ ।
ବାରତା ଦେଇଛନ୍ତି ବୋଲିଣ ହେ ଅଶୋକ ବନ ୪ ଯିବ ॥

ଶୁଣି ମାରୁତି ଅତି ଆନନ୍ଦେ ଗଲେ ।
ଦେଖିଣ ଲଙ୍କା ଦ୍ୱାରୀ ଓଲଗି ଯେ ପଥ ଛାଡ଼ିଣ ଦେଲେ ॥

ହନୁଙ୍କୁ ଦେଖିଣ ସକଳ ଅସୁର ।
ଯେ ଯାହା ଅନୁରୂପରେ ମାନ୍ୟ ହେ ତାଙ୍କୁ କଲେ ଅପାର ॥

ବିଭୀଷଣ ଦେଖି ଆଲିଙ୍ଗନ କଲେ ।
ରାମ ଆଜ୍ଞା ଦେବାର କହିଣ ସେ ଅଶୋକବନ ଗଲେ ॥

ଦେଖିଲେ ବସିଛନ୍ତି ଭୂମିକୁମାରୀ ।
ବେଢ଼ିଣ ବସିଛନ୍ତି ତାହାଙ୍କୁ ଯେ ସହସ୍ରେକ ଅସୁରୀ ॥

ଦୂରରୁ ଦେଖି ହନୁ ପ୍ରଣାମ ୫ କଲେ ।
ହନୁଙ୍କୁ ଦେଖି ଦେବୀ ସଂଶୟ ଯେ ପାଣ୍ଡୁ ମଳିନ ହେଲେ ॥

---

୧-ଲଙ୍କପତିଙ୍କ ପୋଥିପାଠ । ୨-ଅମନାତ୍ୟ ପୋଥିପାଠ । ୩-ଅଭିଷେକ ବିଧି ସାରିଣି ପୋଥିପାଠ । ୪-ଓଶୋକ ପୋଥିପାଠ । ୫-ପ୍ରଲମ୍ବ କଲେ ପୋଥିପାଠ ।

ହନୁ ଜଣାନ୍ତି ଶୁଣ ଜଗତ ମାତ ।
ଶ୍ରୀରାମ ନାରାଚରେ ରାବଣ ଯେ ଏବେ ହୋଇଲା ହତ ॥

ପେଷିଲେ ତୁମ୍ଭ ପାଣ ରାମ ଗୋସାଇଁ ।
ଆଜ୍ଞାଦେଲେ ବାରତା କହିବୁ ହୋ ହନୁ ସୀତାଙ୍କୁ ଯାଇ ॥

ବିଭୀଷଣଙ୍କୁ ଲଙ୍କେ କଲେ ନୃପତି ।
ଆଜହୁଁ ଗଲା ଦୁଷ୍କୃତି ଗୋ ହୁଅ ଆନନ୍ଦ ମତି ॥

ହନୁ ମୁଖରୁ ଦେବୀ ଏମନ୍ତ ଶୁଣି ।
ଆନନ୍ଦ ଲଭି ମୂକ[୧] ହୋଇଲେ ଯେ ମୁଖୁ ନଇଲା ବାଣୀ ॥

ହନୁ ଜଣାନ୍ତି [୨] କପାଁ ହେଲ ମଉନ ।
କି ବୋଲି କି କହିବି ଛାମୁରେ ଗୋ ଆଜ୍ଞା ଦିଅ ବଦନ ॥

ଦେବୀ ବୋଲନ୍ତି କିସ କହିବ ତୋତେ ।
ବଧାଇ ମୁଁ କି ଦେବି ମହୀରେ ହେ କିଛି ନ ଦିଶେ ମୋତେ ॥

ଏଣ୍ଡୁ କରି ସଙ୍କୋଚେ ହେଲି ମଉନ ।
ଶ୍ରୀମୁଖ ଦର୍ଶନକୁ ଉତ୍ସୁକ ହେ ଏବେ ହେଉଛି ମନ ॥

ହନୁ ବୋଲନ୍ତି ତୁମ୍ଭ ସନ୍ତୋଷ ଧନ ।
ପାଇଣ ଆନନ୍ଦ ମୁଁ ହୋଇଲି ଗୋ ଥିବା ଯାଏ ଜୀବନ ॥

ଛାମୁରେ ମାଗ ମାଗୁଅଛି ମୁଁ ଏତେ ।
ଏ ଅସୁରୀଙ୍କ ବଧ କରିବି ଗୋ ଆଜ୍ଞା ଦିଅ ମୋତେ ॥

ଶୁଣିଣ ଠାକୁରାଣୀ ହନୁ ବଚନ ।
ବୋଲନ୍ତି ଏହାଙ୍କର କି ଦୋଷ ଏତ ସେବକୀ ଜନ ॥

ରାଜା ଯାହା ବୋଲଇ ତାହା କରନ୍ତି ।
ମୋର ସେବକୀ ପ୍ରାପ୍ତ ହୋଇଣ ହେ ମୋତେ ଜଗିଣ ଥାନ୍ତି ॥

ଏମନ୍ତ ଶୁଣି ହନୁ ପ୍ରଣାମ କଲେ ।
ମେଲାଣି ହୋଇ ରାମ ଛାମୁକୁ ଯେ ଶୀଘ୍ର ହୋଇ ଅଇଲେ ॥

---

୧-ଭୂକ ପୋଥିପାଠ । ୨-ଜାଣନ୍ତି ପୁସ୍ତକପାଠ ।

ଦର୍ଶନ କରି ହନୁ କହେ ଉଦନ୍ତ ।
ଶ୍ରୀମୁଖ ଦର୍ଶନକୁ ଉତ୍ସୁକ ହେ ହେଉଅଛନ୍ତି ମାତ ୧ ॥

ଶୁଣି ଶ୍ରୀରାମ ହେଲେ ବହୁ ହରଷ
ପିଇବ ୨ ଏ ଧ୍ୟାନ ବାଣି କରନ୍ତେ ହେ ରାମ ରସ ପୀୟୁଷ ॥

●

## ରାଗ—କୌଶିକ

ମହା ସମ୍ଭ୍ରମରେ ଲଙ୍କେ ବିଭୀଷଣ ରାଜ ଅଭିଷେକ ହୋଇଲେ
ବହୁତ ଭୂଷଣ ଆନନ୍ଦ ନିମିତ୍ତ ଯୂଥପତିଙ୍କି ବାଣ୍ଟିଦେଲେ ୩ ।
ବହୁ ଯତ୍ନରେ ।
ଢୁହାଇ ୪ ଅମୂଲ୍ୟ ପଦାର୍ଥ ।
ଶ୍ରୀରାମ ଛାମୁରେ ସମସ୍ତ ବାଢ଼ିଣ ମସ୍ତକେ ଦେଲେ ବେନି ହାତ ॥

ଦେଖି ଶ୍ରୀରାମ ଅଙ୍ଗୀକାର ନ କରି ୫ ଭକ୍ଷ ଦ୍ରବ୍ୟମାନ ରଖିଲେ
ବିଭୀଷଣ ମନ ଆନନ୍ଦ ନିମିତ୍ତ ଯୂଥପତି ମାନଙ୍କୁ ଦେଲେ ।
ରତ୍ନ ଭୂଷଣ ।
ଭୂଷଣ ସହିତେ ନ ନେଲେ ୬ ।
ସୁଗ୍ରୀବ ଆଜ୍ଞ ସେନାପତିମାନଙ୍କୁ ଦେବାର ଉଚିତ ୭ ବୋଇଲେ ॥

ଅସୁର ମାନଙ୍କୁ ବିନାଶି ଏମାନେ ତୁମ୍ଭଙ୍କୁ ଲଙ୍କା ପୁରେ ନେଲେ ।
ଏମାନଙ୍କୁ ତୁମ୍ଭେ ଏ ଦ୍ରବ୍ୟ ଦେଇଣ ସନ୍ତୋଷ କରାଅ ବୋଇଲେ ।
ଲଙ୍କା ରାଜନ,
ଆଣିଣ ଶ୍ରୀରାମ ବଚନ ।
ସୁଗ୍ରୀବ ଆଦି ସେନାପତି ମାନଙ୍କୁ ଦେଲେ ଭୂଷଣ ବାସ ମାନ ॥

ସବୁରି ମନ ତୋଷିଣ ଲଙ୍କେଶ୍ୱର ରାମ ଛାମୁରେ ଭେଟ ହେଲେ ।
ଜନକ ସୁତାଙ୍କୁ ସୁବେଶ କରାଇ ଛାମୁକୁ ଅଣାଅ ବୋଇଲେ ।
ରାମ ଆଜ୍ଞାରେ
ଅନ୍ତଃପୁରେ ଗଲେ ବିଭୀଷଣ ।
ଅମୂଲ୍ୟ ବସନ ଭୂଷଣ ଘେନାଇ ମଧୁବନ ଗଲେ ଆପଣ ॥

---

୧-ଶ୍ରୀମୁଖ ଦର୍ଶନକୁ ଉତ୍ସୁକ ହେ ତାଙ୍କ ହେଉଛି ଚିତ୍ତ ପୋଥିପାଠ ।
୨-ପିବଇ ପୋଥିପାଠ । ୩-ବହୁତ ଭୂଷଣ ଆସନ ବସନ ବିବିଧ ଦ୍ରବ୍ୟ ସଜାଡ଼ିଲେ ପୋଥିପାଠ । ୪-ଘେନାଇ ପୋଥିପାଠ । ୫-ଅଙ୍ଗୀକାର ମାନ ପୋଥିପାଠ ।
୬-ବସନ୍ତ ସହିତେଣ ନେଲେ ପୋଥିପାଠ । ୭-ଉଚିତ ପୋଥିପାଠ ।

ଦୂରରୁ ପ୍ରମାଣ ୧ କରଣ୍ଡ ସୀତାଙ୍କୁ ବିଜଟାକୁ ସବୁ କହିଲେ ।
ସୁବେଶ ହୋଇଣ ୨ ଦର୍ଶନ କରିବେ ଶ୍ରୀରାମଚନ୍ଦ୍ର ଆଜ୍ଞାଦେଲେ ।
ଶୁଣି ବିଜଟା ।
ସୀତାଙ୍କ ଛାମୁରେ କହିଲେ ।
ଶୁଣି ଦେବୀ ସିଂହକାର ନକରି ଏହି ରୂପେ ଯିବି ବୋଇଲେ ॥

ବିଭୀଷଣ ଶୁଣି ବୋଲନ୍ତି ପ୍ରଭୁଙ୍କ ଆଜ୍ଞା କେହୁ ଆନ କରିବ ।
କେମନ୍ତ କରି ଆଜ୍ଞା ଭଗ୍ନ କରିବ ଏତ ମୋହ ହୃଦେ ନୋହିବ ।
ଶୁଣି ଜାନକୀ,
ସୁବାସ ଜଳେ ସ୍ନାନ କଲେ ।
ସୁବେଶ ସିଦ୍ଧ ସୁଭୂଷଣ ହୋଇଣ ସନ୍ତୋଷ ମନେ ବାହାରିଲେ ୩ ॥

ମଣିମୟ ଦିବ୍ୟ ମନ ବିମାନେ ବସାଇ ବହିଲେ ୪ ସମସ୍ତ ଅସୁରୀ ।
ସମସ୍ତ ଜନଙ୍କୁ ଆଡ଼ କରାଇଣ ଆଣନ୍ତି ୫ ପରମ ସୁନ୍ଦରୀ ॥
ଲୋକେ ୬ ଧାମନ୍ତି ।
ସୀତାଙ୍କୁ ଦେଖିବା ନିମନ୍ତେ ।
ବିଭୀଷଣ ଜନ ନିରୋଧ କରନ୍ତି ପଟୁଆର କରି ଅଗ୍ରତେ ॥

ଲୋକମାନଙ୍କୁ ନିରୋଧ କରିବାର ନୟନେ ଦେଖି ରଘୁପତି ।
ଆଜ୍ଞା ଦେଲେ ଆମ୍ଭ ଛାମୁକୁ ଚାଲିଣ ଆସନ୍ତୁ ଜନକ ଦୁହିତୀ ।
ଭଲ୍ଲୁ କପିଙ୍କୁ,
କିମ୍ପାଇଁ କରୁଛ ନିରୋଧ ।
ସମସ୍ତେ ଦେଖନ୍ତୁ ଯାହାଙ୍କ ନିମିତ୍ତ ୭ ଯୁଦ୍ଧରେ ହେଉଥିଲେ ବଧ ॥

ରାମ ଆଜ୍ଞା ପାଇ ବିମାନୁ ଓହ୍ଲାଇ ଛାମୁକୁ ଚାଲିଣ ଅଇଲେ ।
ଶ୍ରୀମୁଖଙ୍କୁ ଚାହିଁ ଶିରେ କର ଦେଇ ହେଠ ବଦନେ ଛିଡ଼ା ହେଲେ ।
ଦେଖୁ ଅଛନ୍ତି ।
ପଟୁଆର କରି ସକଳ ।
ବୋଲେ ବିଶି ତାଙ୍କୁ ଅନାଇଣ ଶୋକ କଲେ କ୍ରୋଧ ହେଲା ପ୍ରବଳ ॥

●

---

୧-ପ୍ରଳମ୍ବ କରଣ ପୋଥିପାଠ । ୨-ଦର୍ଶନ ପୋଥିପାଠ । ୩-ପ୍ରସ୍ତୁତ ପଦଟି ପ୍ରକାଶିତ ପୁସ୍ତକରେ ନାହିଁ । ୪-ରହିଲେ ପୁସ୍ତକପାଠ । ୫-ଆସନ୍ତି ପୁସ୍ତକପାଠ । ୬-କେହୁ ପୋଥିପାଠ । ୭-ତାହାଙ୍କ ନିମନ୍ତେ ପୋଥିପାଠ । ୮-ମଳିନ ହୋଇଣ ବଦନ ପୋଡି ପୋଥିପାଠ । ୯-ବୋଲେ ବିଶି ରାମ ସୀତାଙ୍କୁ ଅନାଇ ଶୋକେ କ୍ରୋଧ ହେଲା ପ୍ରବଳ ପୋଥିପାଠ ।

## ରାଗ ରାଜବଢେ ମଙ୍ଗଳ, ଶୋକ ବସନ୍ତ ୧

ସୀତାଙ୍କୁ ଦେଖି ରଘୁନନ୍ଦନ । ଧ୍ୟାନ କହେ କଷ୍ଟୁର ବଚନ ।
ଅଗୋ ଜାନକୀ ଏବେ ଯହିଁକି ଇଚ୍ଛା ତହିଁକି କର ଗମନ୨ ଗୋ
ଗୋ ସୀତେ ॥

ଜନ ଅପବାଦରୁ ଡରିଲୁ । ଏହା ଆପଣା ମନେ ପାଇଲୁ୩ ।
ରାବଣ ସଂହାର ତୁମ୍ଭଙ୍କୁ ଆଣିଲୁ ଯଶ ମଣ୍ଡଳେ ସଞ୍ଚିଲୁ୪ ।
ଗୋ ସୀତେ ॥

ଭରତ ଶତ୍ରୁଘ୍ନ ସୁଗ୍ରୀବର । ଆବରହିଁ ସୁମିତ୍ରା କୁମର୫ ।
ଶରଧା ହୋଇଲେ ଏମାନଙ୍କୁ ତୁମ୍ଭେ ସ୍ୱଇଚ୍ଛାରେ ବରଣ କର ।
ଗୋ ସୀତେ ॥

ରଘୁକୁଳେ ଆମ୍ଭେ ଯେସନ୍ତ ଜାତ । ତେସନ୍ତ ନିର୍ମଳ ହୁଏ ବିଖ୍ୟାତ ।
ତେଣୁ କୁଳେ ତୁମ୍ଭ ନିମିତ୍ତ କଳଙ୍କ ଦେବାର ନୁହେଁ ଉଚିତ ।
ଗୋ ସୀତେ ॥

କାନ୍ତ ମୁଖରୁ ଏମନ୍ତ ଶୁଣି । ଯେ ଯେ ଜନକରାଜ ଦୁଲଣୀ ୭ ।
କହୋଇଲେ ୮ ଅନ୍ୟ ଯୁବତୀ ପରାୟ ମଣିଛକି ରଘୁମଣି ।
ହେ ଦେବ ॥

ବାଳକାଳୁ ଧରି ତୁମ୍ଭ ପାଣି୯ । ଭୂମିସୁତା ମୁଁ ନିର୍ଦ୍ଦୋଷ ପ୍ରାଣୀ ୧୦ ।
ପ୍ରଭୁ ହୋଇ ଅନିମିତ୍ତେ କୋପକଲେ କିପାଇଁ ଥିବ ଧରଣୀ ।
ହେ ଦେବ ॥

ଯେବେ ଏମନ୍ତ ବିଗୁଣ ଥିଲ । ହନୁ ମୁଖେ ବାରତା ନ ଦେଲ ।
ସେତୁ ବନ୍ଧ ଯୋଦ୍ଧ ଅସୁର ନିପାତ କଷ୍ଟଣ ଏତେ ସହିଲ ।
ହେ ଦେବ ୧୧ ॥

---

୧-ରାଜ ବଢେ ଧନାଶ୍ରୀ ପୋଥିପାଠ । ୨-ସତ୍ୟ ବଚନ ପୋଥିପାଠ । ୩-ଅମ୍ଭେ ତୁମ୍ଭଙ୍କୁ ମୂର୍ଚ୍ଛିଲୁ ଜନବାଦ ମନରେ ପାଇଲୁ ପୋଥିପାଠ । ୪-ପାଇଲୁ ପୋଥିପାଠ ୫-ଲକ୍ଷ୍ମଣ ପୋଥିପାଠ । ୬-ବକ୍ଷପଟ ସନ୍ଧିତେ ଅବର ପୋଥିପାଠ । ୭-ଶୋକେ ଗଦ୍ ଗଦ୍ କହଇ ବାଣୀ ପୋଥିପାଠ । ୮-ତୁମ୍ଭେ ମୋତେ ପୋଥିପାଠ । ୯-ବାଳ କାଳୁ ସୁଧାର ଅଛୁ ବାଣୀ ପୋ:ପୋ: ୧୦-ଭୂମି ସୁତା ବୋଲି ନାହିଁ ଜାଣି ପୋଥିପାଠ । ୧୧-ମୋହ ମଲେ ବେନି ବଳ ନମରନ୍ତେ କିମ୍ପା କ୍ଲେଶ ସହିଲ ହେ ଦେବ ପୋଥିପାଠ ।

ମୋର କାୟିକ ବାଚକ ମନ । ତୁମ୍ଭ ବିନୁ ଥିବ ଯେବେ ଆନ ।
ତେବେ ମୋର ଅଙ୍ଗ ଦହନ କରିବେ ନିଶ୍ଚୟ ହବ୍ୟବାହନ ।
ହେ ଦେବ ॥

ସଉମିତ୍ରି ମୁଖ ଦେଖି ଚାହିଁ । ବାବୁ ଅନଳ ଦିଅ ଲଗାଇ ।
ହବ୍ୟ ବାହନ ୧ ମୋର ତନୁ ଦହିବ ୨ ବିଳମ୍ବ କର କପାଇଁ ।
ହେ ବତ୍ସ ॥

ମୋର ଆଜ୍ଞା ବାବୁ ବେଗେ ୩ କର । ତୁମ୍ଭେ ମନରେ ଆନ ନ ଧର ।
ଅନଳ ମୋ ତନୁ ଦହନ ନ କଲେ ଅପବାଦୁ ହେବ ପାର,
ହେ ବତ୍ସ ୪ ॥

ରାମ ଇଙ୍ଗିତ ଲକ୍ଷ୍ମଣ ଜାଣି । ଅଗ୍ନି ଲଗାଇଲେ ଯେହୁକ୍ଷଣି ୫ ।
କୋଦଣ୍ଡ ତୁଳେ ବେନି ପାଣି ଦେଇ ଛଳଛନ୍ତି ରଘୁମଣି ।
ସେ ଦେବୀ ॥

ଦେବୀ କାନ୍ତ ପ୍ରଦକ୍ଷିଣ ସାରି । ପୁଣି ଅଗ୍ନି ପ୍ରଦକ୍ଷିଣ କରି ।
ଅନଳ ଭିତରେ ଝାଂସାଇ ପଶିଲେ ହା ହା କଲେ ଯସ୍ପୁ ପୁରୀ୬ ।
ସେ କାଳେ ॥

ଅଗ୍ନି ଭିତରେ ୮ ଦେବୀ ରହିଲେ । ଚାହୁଁ ଚାହୁଁ ଅଦୃଶ୍ୟ ହୋଇଲେ ।
ହବ୍ୟବାହନେ ହବ୍ୟାଶନ ଦେଇଣ ବହୁ ପୂଜା ତାଙ୍କୁ କଲେ ।
ଶ୍ରୀ ରାମ ॥

ରାମ ହୋଇଣ ଆତଙ୍କ ମନ । ନୀର ପୂରିଲା ବେନି ନୟନ ୯ ।
ବେନି ନୟନରୁ ଲୋତକ ବହିଲା ମନ ହେଲା ଛନ ଛନ ୧୦ ।
ସେ ରାମ ॥

---

୧-ହବ୍ୟବାହନ=ଅଗ୍ନି । ୨-ହବ୍ୟବାହନେ ମୋର ତନୁ ଦହିବ ପୋଥିପାଠ । ୩-ଯେବେ ତୁମ୍ଭେ ପୋଥିପାଠ । ୪-ଅନଳେ ମୋ ତନୁ ଦହନ କଲେ ମୁଁ ଅପବାଦୁ ହେବ ପାର ହେ ବତ୍ସ ! ପୋଥିପାଠ । ୫-'ରାମ ମୁଖକୁ ଲକ୍ଷ୍ମଣ ଚାହିଁ । ଅଗ୍ନି ଲଗାଇ ଦିଅ ବେଗ ହୋଇ' ପୋଥିପାଠ । ୬-ପ୍ରଦକ୍ଷିଣ ପୋଥିପାଠ । ୭-ତନପୁରୀ ହେ ଦେବ ପୋଥିପାଠ । ୮-ଗର୍ଭରେ ପୋଥିପାଠ । ୯-ବେନି ଆଖି କଲେ ଅନ ଅନ ପୋଥିପାଠ । ୧୦-ତକତ ହୋଇଣ ଦଶାକ୍ଷର ଚାହିଁ ପୁଣି ହେଲେ ଛନ ଛନ ପୁସ୍ତକ ପାଠ ।

ଦେବ ଦାନବ ଋକ୍ଷ ମର୍କଟ । ହା ହା ସବୁର ମୁଖେ ପ୍ରକଟ ୧ ।
ବୋଲନ୍ତି ଶ୍ରୀରାମ କି କଲେ କି କଲେ ବିଧାତା ଦୋଷେ ଏଡ଼େ କଷ୍ଟ ।
ହେ ରାମ ॥

ସର୍ବେ ହୋଇଲେ ଆକୁଳ ମନ । କହିବାକୁ କେ ନାହିଁ ସୁଜନ ।
ତୋଳେ ଋଷି ରାମ ଅନଳ ବୃଦ୍ଧି ନେଇ କଲେ ଥନ ଥନ ୨ ।
ହେ ରାମ ॥

●

ରାଗ କଳଙ୍ଗା

ଶିବ ବିରଞ୍ଚି ଶକ୍ର ଆଦି ସମସ୍ତେ ରହି ଆକାଶେ ଦେଖୁଥିଲେ ।
ରାମ ସମ୍ମୁଖକୁ ବୋଲି ସେ ଆଇଲେ ।
ରାମ ଦେଖି ଧନୁଶର ପାଣି କୃତ-କର-ଅଞ୍ଜଳି ହୋଇଲେ ସେ ଶ୍ରୀରାମ ॥

ହସି ବୋଲନ୍ତି ବିରଞ୍ଚି, ହେ ରାମ
କିନା ଦୋଷେ କଲ କର୍ମ ଏ କୁକର୍ମ ।
ତୁମ୍ଭେ ନାରାୟଣ ସେ ତ ମହାଲକ୍ଷ୍ମୀ ପାଶୋରିଲ ନିଜ ନାମ ହେ ଶ୍ରୀରାମ ॥

ରାମ ବୋଲନ୍ତି ଶୁଣ ହେ ପିତାମହ ମୁଁ ତ ଦଶରଥ ନନ୍ଦନ ।
ତୁମ୍ଭେ କିମ୍ପା କହୁଅଛ ଏମାନ ।
ସମସ୍ତେ ଶୁଣନ୍ତୁ ମୋହର ଚରିତ କହ କହ କମଳାସନ ହେ ବିରଞ୍ଚି ॥

ଶୁଣି ପୁଣ କହନ୍ତି ସେହି ଧାତା ୩ ।
ତୁମ୍ଭେ ଅଖିଳ ବ୍ରହ୍ମାଣ୍ଡ କରତା ।
ଆଦି ଅନାଦି ଅଚ୍ୟୁତ ଅବିନାଶୀ ସକଳ ଦେବଙ୍କ ପିତା ହେ ଶ୍ରୀରାମ ॥

ରାବଣ ବଧ କାରଣେ ଆଦେ ଦେବ ବୈକୁଣ୍ଠ ତେଜି ଅବତାର ।
ତୁମ୍ଭେ କପଟେ ମାନବ ଶରୀର ।
ଆମ୍ଭ ମାନଙ୍କ ହିତରେ ଅବତାରେ ହରିଲ ଭୂମିର ୪ ଭାର, ହେ ଶ୍ରୀରାମ ॥

---

୧-ହା ହା ବୋଲିଣ ହେଲେ ଭ୍ରଷ୍ଟପୋଥିପାଠ । ୨-କୋପମନ ପୋଥିପାଠ ।
୩-ଶୁଣ କହନ୍ତି ଜଗତ ବିଧାତା ପୋଥିପାଠ । ୪-ପୃଥିବୀ ଭର ପୋଥିପାଠ ।

ଏତେ କହୁଣ କଲେ ସ୍ତବରାଜ । ରାମ ମନ ତୋଷିଲେ କୃଶଧ୍ୱଜ ୧ ।
ଶୁଣିଣ ସମସ୍ତେ ଯେ ଯାହା ଇଚ୍ଛାରେ ପାଇଲେ ମନରେ ଲାଜ ।
ଲାଜ ସେ ବାନରେ ॥

ଧାତା ମୁଖରୁ ଏମନ୍ତ ଶୁଣି ହବ୍ୟ ବାହ୍ନାନ ପରମ ସନ୍ତୋଷ ।
କରି ସୀତାଙ୍କୁ ସେ ହବ୍ୟ ପ୍ରବେଶ ।
ଅନଳ ଦେବତା ଅନଳୁ ବାହାର ଦେଖୁଛନ୍ତି ଚତୁର୍ଦ୍ଦଶ ସେ ଅନଳ ॥

କୋଳେ ଘେନି ବୋଲନ୍ତି ଧନଞ୍ଜୟ୨ । ରାମ ତୁମ୍ଭ ବନିତାଙ୍କୁ ତୁମ୍ଭେ ନଅ୩ ।
ନିର୍ଦ୍ଦୋଷ ଅଟନ୍ତି ଏ ଋଷି ତନୟା ୪ ଏହାଙ୍କୁ ସଦୟ ହୁଅ ।
ହେ ଶ୍ରୀରାମ ॥

ଦେଖି ଶ୍ରୀରାମ ଶ୍ରୀକର ବଢ଼ାଇଣ ବୈଶ୍ୱାନର କୋଳୁ ଆଣିଲେ
ସୀତା ନିର୍ଦ୍ଦୋଷ ବୋଲି ଜଣାଇଲେ
ଯେସନେ କାଞ୍ଚନ ଦହନ କରନ୍ତି କଷଟିରେ କଷାଇଲେ, ହେ ସୁଜନେ ॥

ଶିବ ବୋଲନ୍ତି ଶୁଣ ହେ ରାଘବ, ଆସିଛନ୍ତି ତୁମ୍ଭ୫ଠାକୁ ବାସବ
ତୁମ୍ଭ ପିତା ଦଶରଥ ହିଁ ଅଛନ୍ତି ତାଙ୍କ ସଙ୍ଗେ ଭେଟ ହେବ ।
ହେ ଶ୍ରୀରାମ ॥

ଦଶରଥଙ୍କୁ ଦେଖିଣ ଦାଶରଥି ଚରଣ ଛୁଇଁ ଓଳଗିଲେ ।
ଲକ୍ଷ୍ମଣ ହିଁ ପାଦ ତଳେ ପଡ଼ିଲେ ।
ବେନି ପୁତ୍ରଙ୍କୁ ଆଲିଙ୍ଗନ କରିଣ ମୁଖରେ ଚୁମ୍ବନ ଦେଲେ, ସେ ରାଜନ ॥

ତନୁ ପୁଲକ ହୋଏ ଘନ ଘନ ଆନନ୍ଦରେ ଅଶ୍ରୁ ହୋଏ ପତନ ।
ବୋଲନ୍ତି ଜୀବନ କୃତାର୍ଥ ହୋଇଲା ଦେଖିଲି ତୁମ୍ଭ ବଦନ ।
ହେ ଶ୍ରୀରାମ ॥

ଇକ୍ଷ୍ୱାକୁ୬ ବଂଶ ଉଦ୍ଧାର କରିବାକୁ ମୋ କୁଳେ ହୋଇ ଅବତାର
ଉତ୍ତାରିଲି ଏ ପୃଥିବୀର ଭାର ।
ଏବେ ଯାଇ ଅଯୋଧ୍ୟାରେ ଅଭିଷେକ ହୁଅ ରଘୁକୁଳ ବୀର, ହେ ଶ୍ରୀରାମ ॥

---

୧-କୃଶଧ୍ୱଜ-ବ୍ରହ୍ମା । ୨-ଧନଞ୍ଜୟ-ଅଗ୍ନି । ୩-ରାମ ବନିତା କୁ ତୁମ୍ଭର ନଅ ପୋଥିପାଠ । ୪-ଭୂମି ତନୟା ପୋଥିପାଠ । ୫-ପାଶ ପୋଥି ପାଠ । ୬-ଇକ୍ଷ୍ୱାକୁବଂଶ ପୋଥିପାଠ ।

ମୋତେ ସ୍ୱର୍ଗ ଭୋଗ ହିଁ ନ ରୁଚଇ[୧] । ତୁମ୍ଭ ଦରଶନ ଲୋଭ ବଢ଼ଇ ॥
ଧନ୍ୟ ପୁରବାସୀ ଧନ୍ୟ ସେ କୌଶଲ୍ୟା କେତେ ତପ କଲେ ନାହିଁ [୨] ।
ସେ ସୁନ୍ଦରୀ ॥

ଜାନକୀ ଓଳଗି ହେବାର ଦେଖିଣ କଲେ ତାଙ୍କୁ ବହୁ ମାନ୍ୟ
ତୁମ୍ଭ ହୃଦରେ ଜଳେ ଏହା ରାମ
ତୁମ୍ଭେ ଏ କଥାକୁ ଆନ ନ ବିଚାର ମୋ କୁଳର ଅଭିରାମ, ଗୋ ଜାନକି ॥

ତୁମ୍ଭେ ପୃଥିବୀ ସୁତା ପତିବ୍ରତା । ସବୁ କାଳରେ ଶ୍ରୀରାମ ବନିତା ।
ପୃଥିବୀ ଜମନ୍ତେ ଜନମ ହୋଇଛ ଇନ୍ଦିରା[୩] ଲୋକଙ୍କ ମାତା ।
ଗୋ ଜାନକି ॥

ଲକ୍ଷ୍ମଣଙ୍କୁ ସ୍ତୁତି ଅନେକ ପ୍ରଶଂସା କଲେ ଅଯୋଧ୍ୟା ମହୀପାଳ ।
ବାବୁ ଅଟ ତୁମ୍ଭେ ଭ୍ରାତୃବତ୍ସଳ[୪] ।
ଶ୍ରୀରାମଙ୍କୁ ତୁମ୍ଭେ ବହୁ ସେବା କଲ ଯଶ ରଖିଲ ଭୂତଳ[୫], ହେ ଲକ୍ଷ୍ମଣ ॥

ପୁଣି ଶ୍ରୀରାମଙ୍କୁ କରି ଆଲିଙ୍ଗନ । ବାବୁ ଯାଅ ତୁମ୍ଭେ ଏଥୁ ବହନ ।
ତୁମ୍ଭଙ୍କୁ ବହୁତ ପ୍ରଶଂସା କରନ୍ତି ଦେଖିଣ ପାକଶାସନ,
ହେ ଶ୍ରୀରାମ ॥

ବାସବ ବୋଲନ୍ତି ଆହେ ରାମଚନ୍ଦ୍ର କଲ ବହୁତ ଉପକାର ।
ଦୈତ୍ୟ ମାରି ନାଶିଲ ମହୀଭାର,
ଆମ୍ଭର ବଚନ[୬] ବ୍ୟର୍ଥ ନୁହଇ ମାଗ ତୁମ୍ଭେ ଏବେ ବର, ହେ ଶ୍ରୀରାମ ॥

ରାମ ବୋଲନ୍ତି ଯେବେ ବର ଦେବ । ଋକ୍ଷ କପି ମୋର ଜୀଆଇବ ।
ଯୁଦ୍ଧାଗଲା ପ୍ରାଣୀ ସମସ୍ତେ ଉଠିବେ କାହୁଁ ହିଁ ବ୍ରଣ[୭] ନ ଥିବ
ହେ ବାସବ ॥

ରାମ ଆଜ୍ଞାରେ ଅମୃତ ଘେନି ଶକ୍ର ଯୁକ୍ତ ଭୂମିରେ ବୃଷ୍ଟି କଲେ ।
ଋକ୍ଷ କପି ଯାକ ଜୀଇ ଉଠିଲେ[୮] ।
ଯାହା ରାମ କଲେ କେହି ତ ଏମନ୍ତ ସୃଷ୍ଟିରେ କରି ନ ଥିଲେ ହେ ସୁଜନେ ॥

---

୧-ନ ଯୋଗାଇ ପୋଥି ପାଠ । ୨-କେତେ ତପ କଲ୍ କାହିଁ ପୋଥିପାଠ ।
୩-ସିଅଲୋକଙ୍କର ମାତା ପୋଥିପାଠ । ୪-ଭକ୍ତମଙ୍ଗଳ ପୋଥିପାଠ । ୫-ଅବନୀ-ତଳ ପୋଥିପାଠ । ୬-ଦ୍ରଶନ ପୋଥିପାଠ । ୭-ବ୍ରଣ ନ ଥିବ ପୋଥିପାଠ ।
୮-ଶକ୍ରଆଜ୍ଞା ପାଇଣ ସର୍ବବୀର ଋକ୍ଷ କପି ଜୀବନ ପାଇଣ ଉଠିଲେ । ଯୁଦ୍ଧେ ଜଣିକ ଅବା ଲେଉଟିଲେ । ପୋଥିପାଠ ।

ଦେବେ ମେଲାଣି ମାଗି ସ୍ୱର୍ଗ ଗଲେ, ଦେଖି ସମସ୍ତେ ଚକିତ ହୋଇଲେ
ବୋଲେ ବଣି ଶ୍ରୀରାମଙ୍କ ସେବା କରି ମର୍ତ୍ତ୍ୟ ଲୋକମାନେ ଜୀଇଁଲେ ।
ହେ ସୁଜନେ ॥

●

## ରାଗ— ଦୀର୍ଘ କଳଙ୍କା

ବିଭୀଷଣ କରଯୋଡ଼ି ଜଣାଇଲେ ମାର୍ଜ୍ଜନା ହୁଅ ଲୋକଦେବ ହେ୧ !
ସକଳ ସାମଗ୍ରୀ ଘେନି ଆଣିଛୁ ମୋ ପ୍ରତେ କରୁଣା ହେବ ହେ ।
ଲୋକଦେବ !
ଶୁଣି ବୋଲନ୍ତି ରଘୁନନ୍ଦନ ।
ଦଣ୍ଡେ ନ ରହୁ୨ ଯିବୁ ବହନ ।
କେତେବେଳେ ଯାଇ ଭରତ ଦେଖିବୁ ପଥ ବହୁତ ଦୁର୍ଗମ ହେ ॥

ଶୁଣି ବିଭୀଷଣ ବୋଇଲେ ଲୋକଦେବ ଅର୍ଦ୍ଧଦିନେ ଘେନି ଯିବି ହେ ।
ଆଜ୍ଞା ହୋଇଲେ ପୁଷ୍ପକ ରଘୁବର ଘେନିକରି ଘେନି ଆସିବି ହେ,
ଲୋକଦେବ !
ଶୁଣି ଶ୍ରୀରାମ ବୋଲନ୍ତି ଆଣ ।
ବିଳମ୍ବରେ କେବଣ କାରଣ ।
ଆଜ୍ଞା ପାଇ ଅଶ୍ୱ ଯୋଚ ଦେବଯାନ ଆଣିଲେକ୩ ସେହିକ୍ଷଣେ ସେ ॥

ଦିବ୍ୟ ମଣିମୟ ବହୁ ପୁରମାନ କଳଶ ପତାକା ଶୋଭି ହେ ।
ତହିଁ ବସିଲେ କ୍ଷୁଧା ତୃଷା ହରଇ ଜନନେତ୍ର କରେ ଲୋଭି ହେ ।
ସୁଜନେ !
ଯେଉଁ ଚଉଦ ଲୋକ ଭ୍ରମଇ ।
ଯହିଁ ମାନସ ତହିଁକି ଯାଇ ହେ ।
ମାୟା ରଘୁବର ମାନସେ ସୁଚନା କଲା ମାତ୍ରକେ ଗମଇ ସେ ୪ ॥

---

୧-ଶୁଣିମା ହଉ ଲୋକଦେବ ପୋଥିପାଠ । ୨-ଦଣ୍ଡେକ ରହିଯିବୁ ପୋଥିପାଠ ।
୩-ଆଣିଣ ଦେଲା ବହନ ପୋଥିପାଠ । ୪-ଦେଖି ରଘୁନାଥ ଆନନ୍ଦ ହୋଇଣ
ବେଗେ ବସିଲେ ଯାଇ ହେ' ପୋଥିପାଠ ।

ଦେଖି ଦାଶରଥି ବନ୍ଧୁ ହୃଷ୍ଟ ହୋଇ ସୁଗ୍ରୀ ବିଭୀଷଣେ ଚାହିଁଲେ ।
ବୋଲନ୍ତି ଆମ୍ଭେ ମେଲାଣି ହେଉଅଛୁ ବିମାନରେ ବସୁ ଯାଇ ହେ ।

ସୁଗ୍ରୀବ !

ତୁମ୍ଭେ କିଷ୍କିନ୍ଧ୍ୟାକୁ ବିଜେ କର ।
ମୋତେ କଲ [illegible] ଉପକାର ।
ଲଙ୍କାପତି ଲଙ୍କାପୁର ଭୋଗକର ସର୍ବଦା ତୁମ୍ଭେ ଆମ୍ଭର ହେ ॥

ଶୁଣି ସୁଗ୍ରୀବ ବିଭୀଷଣ ଜଣାନ୍ତି ଶ୍ରୀ ଦେବ ସଙ୍ଗତେ ଯିବୁ ହେ ।
ଅଯୋଧ୍ୟାପୁର ଦେଖିଣ ଆମ୍ଭେମାନେ ନେତ୍ର କୃତାର୍ଥ କରିବୁ ହେ ୧ ।

ଶ୍ରୀ ଦେବ !

ପ୍ରଭୁ ଏହି ଅନୁଗ୍ରହ କର ।
ଶ୍ରୀ ଭ୍ରାତାଙ୍କୁ ୨ ହିଁ ଦେଖିବୁ ତୁମ୍ଭର ।
ଅଭିଷେକ ଆମ୍ଭେ ଦର୍ଶନ କରିଣ ୩ ଆସିବୁ ଯେ ଯାହା ପୁର ହେ ॥

ଶୁଣିଣ ରାଘବ ପରମ ସନ୍ତୋଷ ହୋଇଣ ବୋଲନ୍ତି ଆସ ହେ ।
ଏହି ରୂପେ ତୁମ୍ଭମାନଙ୍କର ସ୍ନେହ ନଷ୍ଟେ ଅଛି ଆମ୍ଭ ପାଶ ହେ ।

ରାଜନ !

ଆସି ଅବିଳମ୍ବେ ଯାନେ ବସ ।
ପରିଜନେ ୪ ଖଟିଆନ୍ତି ପାଶ ।
ଆମ୍ଭର ଭକତ ହେବାରୁ ମର୍ତ୍ତ୍ୟରେ ପାଇଲ ବହୁତ ଯଶ ହେ ॥

ବିମାନ ଉପରେ ଶ୍ରୀରାମ ସୀତାଙ୍କୁ ଘେନିଣ ବିଜୟ କଲେ ହେ ।
ଲକ୍ଷ୍ମଣ କପିପତି ବିଭୀଷ'ଙ୍କୁ ଦ୍ରବ୍ୟ ପୁରମାନ ଦେଲେ ହେ ।

ତ୍ରିଜନେ ।

ଦେଖି ବହୁତ ଆନନ୍ଦ ହେଲେ ।
ମହା ସୁଖେ ସମସ୍ତେ ବସିଲେ ।
ଶ୍ରୀରାମ ଠାକୁର ଲଙ୍କା ଜୟ କରି ବାହୁଡ଼ା ବିଜୟ କଲେ ହେ ॥

---

୧-କୃତାର୍ଥ ଗତି ଲଭିବୁ ପୋଥିପାଠ । ୨-ଭ୍ରାତଙ୍କୁ ହିଁ ପୋଥିପାଠ । ୩-ଅଭିଷେକ ବେଳେ ଦର୍ଶନ କରିବୁ ପୋଥିପାଠ । ୪-ସବୁଜନେ ପୋଥିପାଠ ।

ଆହେ ସୁଜ୍ଞଜନେ ଏହୁ ଲଙ୍କାକାଣ୍ଡ  ଶ୍ରବଣ ପଥେ ଶୁଣିବ ହେ ।
ଦୁଃଖ ଦୁରିତ କେବେହେଁ ନ ବାଧଇ ଅନ୍ତେ ବୈକୁଣ୍ଠେ ବସିବ ହେ ।।

ସୁଜନେ ।।

ସମ୍ପୂର୍ଣ୍ଣ କରି ଶୁଣିଲେ ।

ସୁଖ ସମ୍ପତ୍ତି ହୁଅଇ ଭଲେ ।

ଆହେ ସୁଜ୍ଞ ଜନେ ସକଳ ଶାସ୍ତ୍ରରେ ଅଟଇ ଏ ମହାବୀଜ ହେ ୧ ।।

ଶୁଭ୍ର ମେଘ ପ୍ରାୟ ପୁଷ୍ପକ ବିମାନ ଆକାଶେ ଶୋଭା ଦିଶିଲା ହେ ।
ପୃଥ୍ୱୀ ଭିତର ପ୍ରାୟେକ ଦିଶିଲା ସ୍ୱର୍ଗପୁର କି ଖସିଲା ହେ ।

ସୁଜନେ !

ବାଦ୍ୟ ନାଦେ ଆକାଶ ପୂରିଲା ।

ସମସ୍ତଙ୍କର ସନ୍ତୋଷ ହେଲା ।

ବୋଲଇ ବଣି ଜାନକୀ ମନ ମୀନ ସୁଖ ସିନ୍ଧୁରେ ବୁଡ଼ିଲା ୨ ହେ ।।

●

## ନନ୍ଦାବାଇ ଚଉତଶା ବାଣୀ

ଜାନକୀ ସଙ୍ଗେ ରାମ ପୁଷ୍ପକ ଯାନେ ବସି କହନ୍ତି ମନ୍ଦ ମନ୍ଦ ହସି ।
ଯେଉଁ ସ୍ଥାନରେ ଆମ୍ଭେ ଯେମନ୍ତେ କରିଥାଇଁ ଦେଖାଇ ଦେବା  ଶୁଭ୍ରକେଶି ଗୋ ।

ଆଗୋ ସଖି !

ଦେଖିଣ ଥାଅଛି ଏମାନ ।

ତୁମ୍ଭଙ୍କୁ ହେବ ଏ ସ୍ୱପନ ।

ଆମ୍ଭେ ଦେଖାଉଥିବା ଭଲକୁ ମାତ୍ର ତୁମ୍ଭେ ହୋଇଣ ଥିବ ସାବଧାନ ।।

ଦେଖରେ ବିଶାଳାକ୍ଷି ଦେଖ ଦେଖ ଏ ଲଙ୍କା ଏଠାରେ ମାଇଲୁ ରାବଣ ।
ଏଠାରେ ମନ୍ଦୋଦରୀ ସହସ୍ରେ ନାରୀ ଘେନି କରୁଣ ଥିଲେଟି କାରୁଣ୍ୟ ଗୋ ।

ଆଗୋ ସଖି !

ଏଠାରେ କୁମ୍ଭକର୍ଣ୍ଣ ମଲା ।

ଏଠାରେ ଇନ୍ଦ୍ରଜିତ ମଲା୩ ।

ଏଠାରେ ଆମ୍ଭଙ୍କୁ ନାଗପାଶ ଘେନି ଇନ୍ଦ୍ରଜିତ ବନ୍ଧନ କରିଥିଲା ।।

---

୧-ଏ ପଦଟି ପୁସ୍ତକରେ ନାହିଁ । ୨-ଭରିଲା ପୋଥିପାଠ । ୩-ଛୟୁ ଗଲା ପୋଥିପାଠ ।

ଏଠାରେ ସଖି ଆରେ ବନ୍ଧୁ ଯୁଦ୍ଧ ହୋଇଲା କୁମ୍ଭ ନିକୁମ୍ଭ ମହୋଦର ।
ମହାପାର୍ଶ୍ୱ ଶୁକ ସାରଣ ଅକମ୍ପନ ମହାରାବଣ ହୟଗ୍ରୀବ ଗୋ ।
ଆଗୋ ସଖି !
ଏମାନେ ହୋଇଲେଟି ହତ ।
ବଦ୍ଧ୍ୟକ୍ଷି ହ୍ର ବଲ୍ମୂର୍ଚ୍ଛିତ ୧ ।
ଖରୂପାକ୍ଷ ଯେ ଜୁଲୁପାକ୍ଷ କେତେ ସୈନ୍ୟ ପଡ଼ିଣ ଅଛନ୍ତି ବହୁତ ୨ ॥

ଏଠାରେ ସଖି ଆଗୋ ଲକ୍ଷ୍ମଣ ଶକ୍ତିଭେଦ ଏ ଠି ଆମ୍ଭ ସୁବେଳ ଗିରି ।
ଏ ଠି ଜଳଧି ସେତୁ ବନ୍ଧ ବାନ୍ଧି କରିଣି ତୁମ୍ଭ ସମସ୍ତେ ହେଲୁ ପାରି ଗୋ ॥
ଆଗୋ ସଖି !
ଶରଣ ଗଲେ ବିଭୀଷଣ ।
ଦର୍ଶନ କଲେଟି ବରୁଣ ।
ଦେଖ ହେ ମାଲ୍ୟବନ୍ତ ଏଥିରେ ହିଁ ତୁମ୍ଭର ବରଷେ ଗଲୁଟି କାରୁଣ୍ୟ ॥

ଦେଖରେ ଚନ୍ଦ୍ରମୁଖି ଏ ଋଷ୍ୟମୂକ ଗିରି ଏଥି ସୁଗ୍ରୀବ ହେଲେ ମିତ ।
ଏଠି ଦୁନ୍ଦୁଭି ଅସ୍ଥି ପାଦରେ ଫିଙ୍ଗି ଦେଇ ସପ୍ତତାଳ କଲୁ ହତ ଗୋ ।
ଆଗୋ ସଖି !
ଏଠାରେ ବାଳିକି ମାଇଲୁ ।
ଏଠାରେ ତାରାକୁ ବୋଧିଲୁ ୩ ।
ଏ ଠି କିଷ୍କିନ୍ଧାପୁର ଦିଶଇ ନା ସୁନ୍ଦର ସୁଗ୍ରୀବେ ଏଥି ରାଜା କଲୁ ॥

ଶୁଣି ଜନକ ଜେମା ଜଣାଇଲେ ଦେବ ଏଠାରେ ଯାନ ରୁହାଇବା ।
ତାରା ରୁମା ସଙ୍ଗତେ ସମସ୍ତ କପିନାରୀ ଅଯୋଧ୍ୟା ସଙ୍ଗେ ଘେନି ଯିବା ।
ଶୁଣି ରାମ ।
ସେଠାରେ ରୁହାଇଲେ ଯାନ ।
ଆଜ୍ଞା ଦେଲେ ସୁଗ୍ରୀ ରାଜନ ।
ତୁମ୍ଭର ତାରା ରୁମା ଯୂଥପତିଙ୍କ ବାମା ଅଯୋଧ୍ୟା ଯିବେ ବସି ଯାନ ॥

---

୧-ସମସ୍ତେ ହେଲେ ନପାର ପୋଥିପାଠ । ୨-'ଏଠାରେ ଯେଉଁ ସଂଗ୍ରାମ ହୋଇଲା ଦେଖିବାକୁ ଅସମ୍ଭବ ଗୋ' ପୋଥିପାଠ । ୩-ତାରା ପ୍ରବୋଧିଲୁ ପୋଥିପାଠ ।

ଆଜ୍ଞା ମାତ୍ରେ ସୁଗ୍ରୀବ ତାର ସେମାଙ୍କୁ ଘେନି ବିମାନ ଉପରେ ବସିଲେ ।
ବାନର ସେନାମାନେ ନାରୀମାନଙ୍କୁ ଘେନି ଆନନ୍ଦେ ଯାନ ଆରୋହିଲେ ସେ ।
ଆଜ୍ଞା ପାଇ ।
ଆକାଶେ ପୁଷ୍ପଯାନେ ଗଲେ ।
ବାତେ କି ମେଘମାଳା ଚଳେ [୧] ।
ମଇଥିଳୀଙ୍କି ରାମ [୨] ପମ୍ପାସରୋବରକୁ ଦେଖାନ୍ତି ପ୍ରେମ କୁତୁହଳେ ସେ ॥

ଏଠାରେ ଜାନକୀ ଗୋ ତବ ବିରହେ ଏହି ପମ୍ପା ତୀରେ ରୋଦନ କଲୁ ।
ଏଠାରେ ଭନୁ ବନ୍ଧୁ ସ୍ୱର୍ଗ ଭୁବନ ଗଲା ଶବରୀ ଗୋଟିଏ ଦେଖିଲୁ ଗୋ ।
ଏଠାରେ ଗୋ ।
ଯୋଜନ ବାହୁ ଦୈତ୍ୟ ଥିଲା ।
ଆମ୍ଭ ହାତେ ମୃତ୍ୟୁ ପାଇଲା ।
ଯେଉଁ ପ୍ରକାରେ ଆମ୍ଭେ ସୁଗ୍ରୀବେ ମିତ୍ର ହେଲୁ ସମସ୍ତ ବୃତ୍ତି ମାନ ହେଲ ସେ [୩] ॥

ଦେଖରେ କୃଶୋଦରି ଏଠାରେଟି ଜଟାୟୁ ରାବଣ ସଙ୍ଗେ ଯୁଦ୍ଧ କଲେ ।
ଏଠାରେଟି ଆମ୍ଭଙ୍କୁ ବାରତା କହି ମଲେ ଏଠାରେ ଦହନ କରାଇଲେ ଗୋ ।
ଦେଖ ସଖି !
ଏହି ଆମ୍ଭର ପର୍ଣ୍ଣଶାଳା ।
ତୁମ୍ଭଙ୍କୁ ରାବଣଟି ନେଲା ।
ଏହି ଠାବରେ ଆମ୍ଭେ ମାୟାମୃଗ ମାରନ୍ତେ ମାରୀଚ ଶରୀର ଧଇଲା ଗୋ ॥

ଦେଖରେ ପଙ୍କଜାକ୍ଷି [୪] ଏ ଗୋଦାବରୀ ନଦୀ ଦେଖ ଏ ପଞ୍ଚବଟୀ[୫] ବଟ ।
ଧୂମ ଚିହ୍ନ ଦିଶୁଛି ଅଗସ୍ତିଙ୍କ ଆଶ୍ରମ ଏବେ ହୋଇଛି ପରକଟ ଗୋ ।
ଆଗେ ସଖି !
ଦେଖ ସୁତୀକ୍ଷ୍ଣ ଆଶ୍ରମ ।
ଆତ୍ରେୟ [୬] ଋଷିଙ୍କ ଆଶ୍ରମ ।
ଏଠାରେ ତୁମ୍ଭଙ୍କୁ ଅନୁସୂୟା[୭] ଶରଧା କରଣ ଦେଲେ ଆଦ୍ୟେମାନ [୮] ସେ ॥

---

୧-ମହାବାତେ ଯେସନ ରମ୍ଭାଚଳେ ପୋଥିପାଠ । ୨-ମହୀସ୍ଥଳୀ ପୋଥିପାଠ ।
୩-ଶ୍ରୀରାମଚନ୍ଦ୍ର ସୀତାଙ୍କୁ ମାର୍ଗରେ ସମସ୍ତ ଦୃଶ୍ୟାବଳୀ ଦେଖାଇବା ଅବସରରେ ପୋଥି ଓ ପୁସ୍ତକର ପାଠ ମଧ୍ୟରେ ଓଲଟ ପାଲଟହୋଇଛି । କିନ୍ତୁ ଘଟଣାବଳୀରେ ସାମ୍ୟ ଥିବାରୁ ଏଠାରେ ପୁସ୍ତକ ପାଠ ଗୃହୀତ ହୋଇଛି ।
୪-କୋମଳାଙ୍ଗି ପୋଥିପାଠ । ୫-ପଞ୍ଚନଟୀ ପୋଥିପାଠ । ୬-ଅତ୍ରିମୁନିଙ୍କ ପୋଥିପାଠ । ୭-ଅନୁଷ୍ଠାୟା ପୋଥିପାଠ । ୮-ଆଯୁମାନ ପୁସ୍ତକପାଠ ।
ଆଦ୍ୟେ = ଅଳଙ୍କାର ।

ଏ ସରୋବର ଋଷି ମଣ୍ଡୂକ କ୍ରୀଡ଼ା କରେ ଏହି ଶରଭଙ୍ଗ୧ ଆଶ୍ରମ ।
ଏହାଙ୍କ ପାଣକୁଟି ଶଳ ଅର୍ପିଣ ଥିଲେ ଏ ଟି କଲେ ଅକୃତ କର୍ମ ଗୋ ।
ଏଠାରେ ଗୋ ।
ବିରାଧ ଦୈତ୍ୟ ୨ ହତ ହେଲ ।
ମରନ୍ତେ ଗନ୍ଧର୍ବ ୩ ହୋଇଲ ।
ଦେଖ ଏ ଚିତ୍ରକୂଟ ପର୍ଣ୍ଣଶାଳା ନିକଟ ବକୁଳ ପର୍ଣ୍ଣିକା ଦର୍ଶିଲ ଗୋ ୪ ॥

ଏଠାରେ ଆରେ ସଖି ଆମ୍ଭ ରହିବା ଦେଖି ଋଷିମାନେ ବହୁତ କଲେ ।
ଆମ୍ଭଙ୍କୁ ନ କହୁଣ ଠଗଠର ୫ ହୋଇଣ ଅଗମ୍ୟ ବନକେ ପଶିଲେ ଗୋ ॥
ଦେଖ ସଖି ।
ଏହି ଆମ୍ଭର ଚିତ୍ର କୂଟ ।
ଏଥିରେ ବାଲ୍ମୀକି ୬ ପ୍ରକଟ ।
ଦେଖ ଗଙ୍ଗା ଯମୁନା ନଦୀ ଏ ସରସ୍ୱତୀ ଦେଖାଇଛନ୍ତି ମୋକ୍ଷ ବାଟ ଗୋ ॥

ଏହି ଆଗୋ ସୁନ୍ଦରୀ ଭରଦ୍ୱାଜଙ୍କ ପୁରୀ ଏହାଙ୍କୁ ଦର୍ଶନ କରିବା ।
ଅଯୋଧ୍ୟାର ମଙ୍ଗଳ ଭ୍ରାତ ଶତ୍ରୁଘ୍ନଙ୍କ କୁଶଳ ବାରତା ପାଇବା ଗୋ ।
ଆଗୋ ସଖି !
ଏଠାରୁ ଅଯୋଧ୍ୟା ନିକଟ ।
ଏ ଶୃଙ୍ଗବେର ନଦୀତଟ ।
ଏତେ ବୋଲିଣ ଯାନ ରୁହାଇଲେ ସେ ସ୍ଥାନ ବଶି ଭଣରା ରଘୁଶ୍ରେଷ୍ଠ ହେ ୭॥

●

## ରାଗ - କାଳୀ

ଭରଦ୍ୱାଜଙ୍କ ଦୁଆରେ ଯାନୁ ଓହ୍ଲାଇଲେ ଶ୍ରୀରାମ
ସଙ୍ଗେ ଲକ୍ଷ୍ମଣ ଜାନକୀ ଘେନି କଲେକ ସେ ପ୍ରଣାମ ।

ଆନନ୍ଦେ ଋଷି କଲ୍ୟାଣ କରି କଲେକ ଆଲିଙ୍ଗନ ।
ଆଜ ଦେଖିଲୁ ନେତ୍ର ପଥରେ ରଘୁକୁଳ ନନ୍ଦନ ॥

---

୧-ସରୋବର ଆଶ୍ରମ ପୋଥିପାଠ । ୨-ବିରାଯୁଧ ଦୈତ୍ୟ ପୋଥିପାଠ । ୩-ଦହନ କରନ୍ତେ ପୋଥିପାଠ । ୪-ତୋ ଲାଗି ଅଶୋକ ଦର୍ଶିଲ ପୋଥିପାଠ । ୫-ଗୋପ୍ୟ ହୋଇଣ ପୋଥିପାଠ । ୬-ବାଲ୍ମିକ ପୋଥିପାଠ । ୭-ଯାନରୁ ଓହ୍ଲାଇଲେ ବଶି ରାମ ବଶି ରାମ ପାଦେ ଶରଣ ପୋଥିପାଠ । ୮-ରଥ ରୁହାଇଲେ ପୋଥିପାଠ ।

ତୁମ୍ଭର ଯେତେ ବିପତ୍ତିମାନ ସମସ୍ତ ଜାଣୁ ଆମ୍ଭେ ।
ଅସୁର ନାଶ କରଣେ ସିନା ଜାତ ହୋଇଛ ତୁମ୍ଭେ ॥

ଆମ୍ଭେ ତୁମ୍ଭଙ୍କୁ ପ୍ରସନ୍ନ ହେଲୁ ମାଗ ଆମ୍ଭଙ୍କୁ ବର ।
ରାମ ବୋଲନ୍ତି ଯାହା ମାଗିବୁ କରିବ ସୀକାର[1] ॥

ଏହା ମାଗୁଛୁ ହେ ମୁନିବର ଏମନ୍ତ ବର ଦେବ ।
ତୁମ୍ଭ ମଠରୁ ଅଯୋଧ୍ୟା ଯାଏ ବିବିଧ ତରୁ ହେବ[2] ॥

ସୁପକ୍ୱ ଫଳେ ଭୂମିକି କରୁଥିବେ ଯେ ଆଲିଙ୍ଗନ ।
ସମସ୍ତ ଋକ୍ଷ କପି ଖାଇଣ ହୋଇବେ ହୃଷ୍ଟମନ[3] ॥

ଶୁଣିଣ ମୁନି ବୋଲନ୍ତି ଅସ୍ତୁ ଯେମନ୍ତ କର ବାଞ୍ଛା ।
ଖାଇବେ କପି ବିବିଧ ଫଳ ଯାହାର ଯେମନ୍ତ ଇଚ୍ଛା ॥

ଭରତର ସବୁ କୁଶଳଟି କି ପୁଚ୍ଛନ୍ତି ରାମ ହସି ।
ଜନନୀମାନଙ୍କର କୁଶଳ କ୍ଷେମ ଅଯୋଧ୍ୟା ବାସୀ ॥

ମୁନି ବୋଲନ୍ତି ଶୁଣ ହେ ରାମ ସମସ୍ତେ ହିଁ କୁଶଳ ।
କେବଳ ଭରତ ତୁମ୍ଭ ବିହୁନେ[4] କଷ୍ଟେ ବଞ୍ଚଇ କାଳ ॥

ବାନ୍ଧିଣ ଜଟ ଅଜିନ ପଟ ପଣ୍ଣ କରଇ ପାନ ।
କେବଳ ତବ ପାଦୁକା ପୂଜି ରଖିଅଛି ଜୀବନ ॥

ଶୁଣିଣ ରାମ ସମସ୍ତ ସେନାମୁଖକୁ ଅନାଇଲେ ।
ଅଞ୍ଜନାସୁତ ମୁଖକୁ ଚାହିଁ ରାମ ହିଁ ଆଜ୍ଞା ଦେଲେ ॥

ଯାଅ ହେ ହନୁ ଭରତ ପାଶେ ଆମ୍ଭର ବିଜେ କହ ।
କାହା ମୁଖରୁ କି ଅବା ଶୁଣି ହେଉ ଯେ ଥିବ ମୋହ ॥

ଭରତ ହରଷ ବିରସ ଅନାଇବ ମୁହଁକୁ ଚାହିଁ ।
ତାର ବିରସ ଦେଖିଲେ ମୁହିଁ ଅଯୋଧ୍ୟା ଯିବି ନାହିଁ ॥

---

[1]-ଦେବକି ନଗର ପୋଥିପାଠ । [2]-ତରୁଥିବ ପୋଥିପାଠ । [3]-ଆନନ୍ଦମନ ପୋଥିପାଠ । [4]-'ତୁମ୍ଭ ବିହୁନେ' ପୋଥିର ପାଠ ସମୀଚୀନ । ବିରହ କେବଳ ନାୟିକା ଓ ନାୟକ ବା ପ୍ରଣୟୀ ପ୍ରଣୟିନୀ ମଧ୍ୟରେ ହୋଇଥିବାର ପ୍ରୟୋଗ ରହିଛି । ପୁସ୍ତକ ପାଠ—ତବବିରହେ ।

ଶୃଙ୍ଗବେରରେ ଶବର ନୃପଙ୍କ କହିଣ ଯିବ ୧ ।
ସର୍ବ ଜନନୀମାନଙ୍କୁ ଆମ୍ଭ ବିନୟ ଜଣାଇବ ॥

ମନୁଷ୍ୟ ରୂପ ଧରିଣ ହନୁ ପବନୁ ବେଗେ ଗଲେ ।
ଶୃଙ୍ଗବେରରେ ବାରତା କହି ନନ୍ଦଗ୍ରାମରେ ହେଲେ ॥

ଦେଖିଲେ ଭରତ ପାଦୁକା ପୂଜା ସାରି ଅଛନ୍ତି ବସି ।
ରାମଙ୍କ ପ୍ରାୟ ଜଟା ବକଳ ଦେଖିଣ ପରଶଂସି ୨ ॥

ମାନ୍ୟ କରିଣ ଭରତଙ୍କୁ ହନୁ କହିଲେ ସକଳ କଥା ।
ଶୁଣି ଭରତ ଆନନ୍ଦ ହୋଇ ମନୁ ତେଜିଲେ ବ୍ୟଥା ॥

ମୁହୂର୍ତ୍ତେ ଯାଏ ଆନନ୍ଦ ଭରେ ଅଚେଷ୍ଟ ସେ ହୋଇଲେ ୩ ।
ହନୁଙ୍କୁ ଆଲିଙ୍ଗନ କରିଣ ଅବିଳମ୍ବେ ଛାଡ଼ିଲେ ୪ ॥

ବଧାଇ କରି ଦେଲେକ ତାଙ୍କୁ ଲକ୍ଷେ ଦୁହାଁଳା ଗାବ ।
ଶତେକ ଗ୍ରାମ ଶତେ ଯୁବତୀ ବାଛିଣ ଦେଲେ ଦ୍ରବ୍ୟ ॥

ରତ୍ନ ଭୂଷଣ ପୁଷ୍ପଚନ୍ଦନ କଲେକ ଆଭରଣ ।
ବାରତା ପାଇ ବାସ ଭୂଷଣ ଦେଲେକ ମାତାଗଣେ ॥

ରାମଙ୍କ ସବୁ ବୃତ୍ତାନ୍ତ ମନ ୫ ଭରତେ କହି ହନୁ ।
ଆନନ୍ଦେ ଅଶ୍ରୁ ନୟନୁ ବହେ ପୁଲକ ହୁଏ ତନୁ ॥

ପୁଣି ହନୁକୁ ପୁଚ୍ଛନ୍ତି ତୋଷେ ରାମ ଚରିତମାନ ।
ବୋଲଇ ବସି ଶ୍ରବଣେ ଶୁଣି ଆନନ୍ଦ କରେ ମନ ॥

●

ରାଗ - **କାଫି**

ହନୁ ମୁଖରୁ ରାମ ବିଜୟ ଶୁଣି ।
ଆନନ୍ଦେ ଦେଲେ ଭରତ ସହିତେ, କଉଶଲ୍ୟାଦି ରାଣୀ ॥

ଉତ୍ସବ କରାଇଲେ ଅଯୋଧ୍ୟା ପୁର ।
ମଣ୍ଡିତ କରାଇଲେ ସମସ୍ତେ ଯେ, ନନ୍ଦୀ ଗ୍ରାମ ଆବର ॥

---

୧-ବାଟରେ ସବର ନୃପଙ୍କୁ କହିବ ପୋଥିପାଠ ।
୨-ରାମର ପ୍ରାୟ ଦିଶି ପୋଥିପାଠ । ୩-ମୋହେ ତେଜି ଆନନ୍ଦ ହୋଇ ହନୁମୁଖକୁ ଚାହିଁଲେ ପୋଥିପାଠ । ୪-ହନୁକୁ ବିଳମ୍ବ ନ କରିଣ ବେଗେ ଛାଡ଼ିଣ ଦେଲେ ପୋଥିପାଠ । ୫-ବାରତାମାନ ପୋଥିପାଠ । ୬-ମଣ୍ଡନ ପୁସ୍ତକପାଠ ।

ଭରତ ଶତ୍ରୁଘନ ପାଦୁକା ଘେନି ।
ଆବର ବାଲମୀକ ଜାବାଲୀ ସେ ସଙ୍ଗେ ବଶିଷ୍ଠ ମୁନି ॥

ସୁମନ୍ତ୍ର ସହିତରେ ସଚିବ ମାନେ ୧ ।
ବାହାର ହେଲେ ସୈନ୍ୟ ଘେନିଣ ସେହି ଅନନ୍ଦ ମନେ ॥

କଉଶଲ୍ୟାଙ୍କୁ ଘେନି ସର୍ବ ଜନନୀ ।
ଶିବିକାମାନ ୨ ଚଢ଼ି ବାହାର ଯେ ଶୋଭା ଦଶେ ମେଦିନୀ ॥

ରାମ ବିଜୟ ପଥେ ବେଗେ ଭରତ ୩ ।
ପଞ୍ଚୁଆର କରଣ ଚଳନ୍ତି ଯେ ହନୁର ଧରି ହସ୍ତ ॥

କେତେ ହେଁ ଦୂର ଯାଏଁ କଲେ ଗମନ ।
ନ ଦେଖିଣ ହନୁଙ୍କୁ ପୁଚ୍ଛନ୍ତି ଯେ ହୋଇ ବିକଳ ମନ ॥

ପୁଣି ପୁଚ୍ଛନ୍ତି ହନୁ ସତ କି କହ ।
ଶ୍ରୀରାମ ଶ୍ରୀଚରଣ ନ ଦେଖି ଯେ ମୋର କାତର ଦେହ ॥

କେଉଁ ଠାବରେ ଛାଡ଼ି ଅଇଲୁ ହନୁ ।
ସତ କହିଣ ମୋତେ ସମ୍ଭାଷ ହେ କଷ୍ଟ ତେଜିବି ମନୁ ॥

ହନୁ ବୋଲନ୍ତି ଦେବ ପୁଷ୍ପକ ଯାନେ ।
ଏହିକ୍ଷଣି ବିଜୟ କରିବେ ହେ ଦେଖିବଟି ନୟନେ ॥

ଆକାଶ ମାର୍ଗରେ ଏବେ ଚଳିଯେ ୪ କର ।
ବୀର ବାଦ୍ୟମାନ ଶୁଭୁଛି ହେ ଅଇଲେଟି ଜକର ୫ ॥

ଏମନ୍ତେ ଶୁଣି ଊର୍ଦ୍ଧ୍ୱେ ଦେଲେକ ଦୃଷ୍ଟି ।
ଧୀରେ ଧୀରେ ରଥ ଖସିଲା ୬ ହେ ଶୋଭା ଦିଶିଲା ସୃଷ୍ଟି ।

ଦେଖିଣ ଜୟ ଜୟ ଶବଦ କଲେ ।
ଆନନ୍ଦ ଜଳଧିରେ ବୁଡ଼ିଣ ସେ ସର୍ବେ ମଗ୍ନ ହୋଇଲେ ॥

---

୧-ସକଳ ଜନେ ପୋଥିପାଠ । ୨-ବିମାନମାନ ପୋଥିପାଠ । ୩-ରାମ ସମ୍ମୁଖୁ ବେଗେ ଚଳନ୍ତି ଭରଥ ପୋଥିପାଠ । ୪-ଆକାଶ ମାର୍ଗରେ ଏବେ ଲୟକର ପୁସ୍ତକପାଠ । ଚଳିଯ = ଦୃଷ୍ଟି ଦେବା । ୫-କୁମର ପୁସ୍ତକପାଠ । ୬-ବିମାନ ଖସିଲା ପୁସ୍ତକପାଠ ।

ମଣ୍ଡାରେ ବଜେ କଲ ପୁଷ୍ପକଯାନ ।
ଧନୁଶର ଧର ବଜାଯୁ ହେ ରଘୁ-କୁଳ-ନନ୍ଦନ ॥

ଶ୍ୱେତ ଛତ୍ର ତଳରେ ପାଦୁକା ଥୋଇ ।
ଭୂମିରେ ଦଣ୍ଡବତ କଲେ ଯେ ଭରତ ସାଷ୍ଟାଙ୍ଗ ହୋଇ ॥

ଶତ୍ରୁଘନ ହିଁ କଲେ ଦଣ୍ଡ ପ୍ରଣାମ ।
ଯାକୁ ଓହ୍ଲାଇ ଭରତ ଚରଣ ଯେ ଲକ୍ଷ୍ମଣ ହିଁ ପ୍ରଣାମ ॥

ଶତ୍ରୁଘନ ଲକ୍ଷ୍ମଣେ ପ୍ରଣାମ ୧ କଲେ ।
କୋଳେ ୨ ବସାଇ ରାମ ଭରତକୁ ଯେ ଆଲିଙ୍ଗନ ତ କଲେ ॥

ଭରତ ଶତ୍ରୁଘନଙ୍କୁ କୋଳରେ ବସାଇ ।
ମାନ୍ୟ ତ କଲେ ଏକା ବେଳେ ହେ ମାତା ମାନଙ୍କୁ ରହିଁ ॥

ବଶିଷ୍ଠ ଆଦ ପୁରୋହିତ ସକଳ ।
ମାନ୍ୟତ କଲେ ରାମ ତାହାଙ୍କୁ ହେ ଯୋଡ଼ି କର ଯୁଗଳ ॥

ସୁଗ୍ରୀବ ସଙ୍ଗରେ ସେନା ସକଳ ।
ରାମ ଚହ୍ନାଇଲେ ପ୍ରତି ଜଣକେ ହେ ଭରତ କଲେ କୋଳ ॥

ବିଭୀଷଣଙ୍କୁ ପଛେ ଚହ୍ନାଇ ଦେଲେ ।
ରାମ ଆଜ୍ଞା ପାଇଣ ତାହାଙ୍କୁ ଯେ ଆଲିଙ୍ଗନ ତ କଲେ ॥

ନନ୍ଦ ଗ୍ରାମେ ପ୍ରବଶି ଯାନ ତେଜିଲେ ।
ବିଭୀଷଣଙ୍କୁ ଚହିଁ ରାଘବ ଯେ ଏମନ୍ତ ଆଜ୍ଞା ଦେଲେ ॥

କୁବେର ଯାନ ଏବେ ନେଉ କୁବେର ।
ବଳେ ଛଡ଼ାଇ ଆଣି ଥିଲ ଯେ ଅସୁର ଦଶଶିର ॥

ଯାନକୁ ଆଜ୍ଞା ଦେଲେ ରଘୁନନ୍ଦନ ।
ସର୍ବଦା କୁବେରକୁ ବହିବ ହେ ଯାଅ କୁବେର ସ୍ଥାନ ।

କୁବେର-ପୁର ଗଲା ପୁଷ୍ପକ ଯାନ ।
ଭଣଇ ଋଷି ଆଜ୍ଞା ଦେଲେକ ହେ ତାକୁ ରଘୁନନ୍ଦନ ॥

●

୧-ମାନନ କଲେ ପୁସ୍ତକପାଠ । ୨-ଘାନେ ବସାଇ ପୋଥିପାଠ ।

## ରାଗ—ନୃପସିଂହାବାଣୀ ୧

ଭ୍ରତ ପୁର ନନ୍ଦୀ ଗ୍ରାମ ୨ ବିଜେ କଲେ ଭଣ୍ଡି ରାମ
ସୁଗ୍ରୀବ ବିଭୀଷଣ ଘେନି ସଙ୍ଗେ ।
ବିଜେ କରି କଲେ ସଭା କର ଯୋଡ଼ି ସର୍ବେ ଛିଡ଼ା
ଭ୍ରତ ଜଣାଇ କଥା ପ୍ରସଙ୍ଗେ ହେ ।
ରଘୁବୀର ୩ ।
ଅଯୋଧ୍ୟାରେ ହୁଅ ଅଭିଷେକ ।
ଘନ ଦେଖିଲେ ଚାତକ ପ୍ରାୟେକ ଅଯୋଧ୍ୟା ଲୋକ
ତୁମ୍ଭଙ୍କୁ ଦେଖି ରଘୁନାୟକ ॥

ଶୁଣିଣ ରଘୁନନ୍ଦନ ଭ୍ରଥ କାରୁଣ୍ୟ ବଚନ ୫
ବୋଲନ୍ତି ତୁମ୍ଭେ ସିନା ରାଜନ ।
ପାଳ ପିତାର ବଚନ ପୃଥ୍ୱୀ କର ପାଳନ
ତୁମ୍ଭେ ଆମ୍ଭେ ନୋହିଁ ଭିନ୍ନା ଭିନ୍ନ ହେ ।
ଭ୍ରତ ବୀର ।
ରାଜା ହୋଇ କର ତୁମ୍ଭେ ଭୋଗ ।
ଆମ୍ଭର ବଚନ କର ମନରେ ଆନ ନ ଧର
ତୁମ୍ଭରେ ଆମ୍ଭର ଅନୁରାଗ ହେ ॥

ଶୁଣିଣ କୈକେୟୀ ସୁତ କର ଯୋଡ଼ିଣ ତ୍ୱରିତ
ଜଣାଇଲେ ଶ୍ରୀରାମ ସମ୍ମୁଖରେ ।
ଯହିଁ ଉଦେ ପୂର୍ଣ୍ଣ ଶଶୀ ଶୁକ କଣ୍ଠୀ ଆଗେ ବସି
ଅନୁଗ୍ରହ କର ୬ ମୋହ ଠାରେ ହେ ।
ରଘୁବୀର ।
ପିତା ଯେବେ ମୋତେ ଦେଲେ ରାଜ୍ୟ
ମୁଁ ତାହା ତୁମ୍ଭଙ୍କୁ ଦେଲି ତୁମ୍ଭର ସେବକ ହେଲି
ମୋଠାରେ ହୁଅ ସଦୟ ହୃଷ୍ଟ ହେ ୭ ॥

---

୧-ରାଗ-କାମୋଦୀ ପୋଥିପାଠ । ୨-ଭ୍ରଥ ନନ୍ଦୀ ଗ୍ରାମେ ବିଜେ ପୋଥିପାଠ । ୩-ରାଘବ ପୋଥିପାଠ । ୪-ଅଳ ଆନନ୍ଦ ପୋଥିପାଠ । ୫-ଭରତେ ଶୁଣ ବଚନ ପୁସ୍ତକ ପାଠ । ୬-କରିସି ମୋହରେ ପୋଥିପାଠ । ୭-ପିତା ଯେବେ........ ସଦୟ ହୃଷ୍ଟହେ ପାଠ ପୋଥିରେ ନାହିଁ ।

ଯେଉଁ ବୀର ମସ୍ତକସ୍ଥ ପୃଷ୍ଠରେ ପାରଇ ଧରି
ସେ ବୀରଙ୍କ ବହଇ ଗଧୂଳ !
ରାଜ୍ୟକୁ ନୁହଇ ଯୋଗ୍ୟ ତୁମ୍ଭେ କର ପାର ଭୋଗ
ସିଂହ ବଳି ଭକ୍ଷେ କି ଶୃଗାଳ ହେ ୧ ।

ରଘୁବୀର !
ମୋର ମନୋରଥ ପୂର୍ଣ୍ଣ କର ।
ଦେଖିଣ ସକଳ ଲୋକ ହରନ୍ତୁ ସକଳ ଶୋକ
ପୃଥ୍ୱୀର ହୁଅ ଦଣ୍ଡ ଧର ହେ ।।

ରାମ ସ୍ୱୀକାର କଲେ ଭୃତ୍ୟ ସୁଗ୍ରୀବେ କହିଲେ
ଚାରି ସମୁଦ୍ରୁଁ ଅଣାଅ ଜଳ ।
ଏହା ଶୁଣି କପିପତି ପେଷିଲେ ସେ ଋକ୍ଷପତି
କପି ସୁଖେ ଆଣିବ ମାର ସେ ୨ ।

ରାବଣାରି ।
ଭରତରେ ଅନୁଗ୍ରହ କଲେ ୩ ।।
ଯମର ଲାଗି କରାଇ ଜଟା ମାନଙ୍କୁ ଫେଡ଼ାଇ ୪
ମାର୍ଜଣା ୫ ତାହାଙ୍କୁ କରାଇଲେ ସେ ।।

ମାର୍ଜଣା ହେଲେ ଲକ୍ଷ୍ମଣ ଶତ୍ରୁଘନ ସେହିକ୍ଷଣ
ଭ୍ରାତ ସଙ୍ଗେ ହୋଇଲେ ସୁବେଶ ।
ସୁଗ୍ରୀବ ବିଭୀଷଣ ନେଇ ଯମର ଲାଗି କରାଇ
ତଦନ୍ତେ ମୁହିଁଲେ ୬ ଯଥା ବେଶ ସେ ।

ରାବଣାରି ।
ଶ୍ରୀମୁଖେ ହେଲେ ଯମର ଲାଗି ।
ଦାଢ଼ି ନଖନ୍ତ ଯକାଇ ସିଁମୁଣ୍ଡ ଜଟା ଫେଡ଼ାଇ ୭
ତନଭ୍ରାତ କରନ୍ତୁ ଉଲଗି ସେ ।।

---

୧-'ଯେଉଁ ବୀର···କି ଶୃଗାଳ ହେ' ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ । ୨-ସୁଷେଣ ବେଗ ଦରଶୀ ମିଳ ସେ ପୋଥିପାଠ । ୩-ଅନୁରାଗ ହେଲେ ପୋଥିପାଠ । ୪-ଜଟା ମାନ ଉପୁଡ଼ାଇ ପୁସ୍ତକପାଠ । ୫-ମାର୍ଜନା ପୁସ୍ତକପାଠ । ୬-ସୁଖରେ ଯଥବେଶ ପୋଥିପାଠ । ୭-ଜଟା ଫେରାଇ ପୁସ୍ତକପାଠ ।

ସୁବାସ ଜଳରେ ସ୍ନାନ    ଝୀନ ବସନେ ପୋଛୁଣ
ଶିମୁଣ୍ଡ ସେ ପୁଣ ଶୁଖାଇଲେ ।
ବାନ୍ଧିଲେ କୁସୁମେ ଚୂଳ    ପିନ୍ଧିଲେ ପୀତ ଦୁକୂଳ
ମୁକୁଟ କୁଣ୍ଡଳ ଲଗି ହେଲେ ସେ ।
ରାବଣାରି ।
ଲଗି ହେଲେ ଭଣ୍ଡାରି ଉନ୍ନର ।
କଣ୍ଠେ ରୂପସରୀ ହାର    ସୁ ପଦକ ଶୋହେ ଉର
କରେ କଙ୍କଣି ବାହୁଟି ହୀର ସେ ॥

ଶ୍ରୀରତ୍ନ ମୁଦ୍ରିକା ବର    ଶୋଭା ଦଶୁଅଛି କର
ଶ୍ରୀଚରଣେ ସୁରତ୍ନ ନୂପୁର ।
କୋସନ୍ତ ଏ ପୀତାମ୍ବର    ଅଙ୍ଗେ ଚନ୍ଦନ କର୍ପୂର
ଅଷ୍ଟବାସ ବୀରବରଙ୍କର ସେ ।
ରାବଣାରି ।
ଧନୁଶର ଧରି ରଥେ ବଳେ ।
କି ଅବା କୁସୁମ କାଳେ    କୁସୁମ ଶାୟକ କରେ
ବଣି ବୋଲେ ବରଷାଙ୍କି ଯାକେ ସେ[୧] ॥

ରାମ ଆଗମନ ଶୁଣି    ଅଯୋଧ୍ୟା ପୁର ତରୁଣୀ
ଏକ ଆରକେ ଧାଇଁଲେ ସେ ।
ଗୁଣ୍ଡି ସୁତ ବନ୍ଧ ଘର    ବସନେ ଯେ ଛଡପର
ଲାଜ ଭୟକୁ ଗୁଣ୍ଡିଲେ ଯେ ।
ଚନ୍ଦ୍ରବଦନୀ ।
ଦେଖିଲେ ଶ୍ରୀରାମଙ୍କ ମୁଖ
ରତି ଯେନ କି ମଦନ    ଚଢ଼ିଦେ ଆସଇ ଯାନ
ବାନ୍ଧିଲେ ସ୍ମର ବଶିଶ ସେ ॥

---

୧-ଏଠାରେ ପୋଥି ଓ ପୁସ୍ତକ ପାଠ ଅସ୍ପଷ୍ଟ ।

ପୋଥି-କି ଅବା କୁସୁମ କାଳେ ସମର ବଶି ବୋଲେ ବରଷା କି ଯାକେ ସେ ॥

ପୁସ୍ତକ-ଧନୁଶର ଧରି ବରଷାଙ୍କି ଯାକ ସେ ॥

କେ ବୋଇଲେ ଏଲା ଦାଗି ଶୋଭା ଦିଶୁ ଥିଲା ବେଶି
କେ ବୋଲଇ ଥିଲା କଷ୍ଟ ଗୋ ।
ଧରିଛନ୍ତି ଧନୁର୍ବାଣ ଏ ହିଁ ମାରିଲେ ରାବଣ
ତ୍ୟଜିଲେ୧ ଅଙ୍ଗଦ ପଛଗୋ ॥

କେ ବୋଲେ ଅପୂର୍ବ ଶୋଭା ୨ ମାନସ କରଇ ଲୋଭ
କେ ବୋଲଇ ନବ ଯୁବା ଗୋ ।
କେ ବୋଲଇ କି ମଘବା ଶଚୀଙ୍କି ଘେନି କୋଳେ ବା
ଅଯୋଧ୍ୟା ସ୍ୱର୍ଗେ କି ଅବା ଗୋ ୩ ॥

କେ ବୋଲଇ ମହାବାହୁ ଯୁଗେ ଯୁଗେ ରାଜା ହେଉ
ଆମ୍ଭଙ୍କୁ ସେ ସୁଖ ଦେଉ ଗୋ ।
ଏମନ୍ତ ବୋଲି ତରୁଣୀ ଏକେ ଆରକେ ଭଣନ୍ତି
ଭଣି ବୋଲେ ଦୁଃଖ ଦହୁ ଗୋ ॥

●

ରାଗ— **ମଙ୍ଗଳଗୁର୍ଜରୀ**

ହେମ ଚନ୍ଦ୍ରବର ଚଢି ରଘୁକୁଳ ବୀର ।
ବାମ କରେ କୋଦଣ୍ଡ ଦକ୍ଷିଣ କରେ ଶର ଯେ ॥

ବେନି ପାଶେ ଶୋଭା ଦିଶୁଅଛି ତୂଣ ଭାର ।
ଜନକ ନନ୍ଦନୀ ବିଜେ ବାମ ପାର୍ଶ୍ୱର ଯେ ॥

---

୧-ଲେଉଟିଲେ ପୋଥିପାଠ । ୨-କେ ବୋଲଇ ଅତିଶୋଭା ପୋଥିପାଠ ।
୩-ଏଠାରେ ପୋଥିପାଠ ସମ୍ପୂର୍ଣ୍ଣ ଭିନ୍ନ
କେ ବୋଲେ କି ଲକ୍ଷ୍ମୀ ଦେବା,
ଏ ରୂପ କାହିଁ ଦେଖିବା,
ସୁଫଳ ନୟନ ଏବେ ହେଲା ଗୋ ॥

ପୁସ୍ତକପାଠରେ "ଅଯୋଧ୍ୟା ସୈନ୍ୟ କି ଅବା ଗୋ" ରହିଛି । କିନ୍ତୁ ଶଚୀ ସହିତ ଇନ୍ଦ୍ରଙ୍କ ତୁଳନା କରିବାକୁ ଯାଇ କବି ନିଶ୍ଚୟ ଅଯୋଧ୍ୟା ପୁରକୁ ସ୍ୱର୍ଗ ସହିତ ତୁଳନା କରିଥିବେ । କିନ୍ତୁ ମୁଦ୍ରଣ ପ୍ରମାଦ ବଶତଃ ସୈନ୍ୟ ହୋଇଯାଇଛି । ଅନ୍ୟଥା ଇନ୍ଦ୍ରଙ୍କ କୋଳରେ ଶଚୀ ବିଜେ କରିଥିବା ସମୟରେ 'ସୈନ୍ୟ'ର ଆବଶ୍ୟକତା ଅସମୀଚୀନ ବୋଲି ମନେ ହୁଏ ।

ଶ୍ୱେତଛତ୍ର ଧରିଛନ୍ତି ଶତ୍ରୁଘ୍ନ ବୀର ।
ଭରତ ରଥ ବାହାନ୍ତି ସଧୀର ସଧୀର ଯେ ॥

ବାମ ପାର୍ଶ୍ୱେ ଲକ୍ଷ୍ମଣ ବିଭୀଷଣ ବେନି ।
ବେନି ଶ୍ୱେତ ଚାମର ଢାଳନ୍ତି କରେ ଘେନି ଯେ ॥

ମହାଗଜ ଆରୋହଣ କରି କପିପତି ।
ପଟୁଆର କରି ଆଗେ ଚଳାଉଅଛନ୍ତି ଯେ ॥

ହନୁ ଅଙ୍ଗଦ ଜାମ୍ବବ ସୁଷେଣ ଯେ ନୀଳ ।
ଗଜୋପରେ ଚଢ଼ିଛନ୍ତି ବିଶାଳ ବିଶାଳ ଯେ ॥

ଏହି ରୂପେ ଗଜ ଚଢ଼ି ଯୂଥପତିମାନେ ।
ଅଶ୍ୱେ ସୁଖାସନେ ବସିଛନ୍ତି ଆଉମାନେ ଯେ ॥

ମଣିମୟ ଆଭରଣେ ଦିଶୁଛନ୍ତି ଶୋଭା ।
ଶଙ୍ଖ ସଙ୍ଗେ ବନ୍ଧୁକ ଦେବତା ଥିଲ ସଭା ଯେ ॥

ଅଗ୍ରେ ଦ୍ୱିଜମାନେ କରୁଛନ୍ତି ବେଦ ଧ୍ୱନି ।
ଦଧି ସର ମୋଦକ କେ କରେ ଛନ୍ତି ଘେନି ଯେ ॥

ମଙ୍ଗଳ ଅଷ୍ଟକ ପଢ଼ୁଛନ୍ତି ଜଢ଼ତଷେ ।
ଭାଟ କଏବାର କରୁଅଛନ୍ତି ବିଶେଷେ ॥

ଗଣିକାଏ ପଟୁଆରେ ନୃତ୍ୟ କରୁଛନ୍ତି ୧ ।
ଚତୁରଙ୍ଗ ବଳ ଧୀରେ ଧୀରେ ଚଳିଯାନ୍ତି ୨ ॥

ବିବିଧ ଛତ୍ର ୩ ବିବିଧ ପତାକା ସୁନ୍ଦର ।
ବିବିଧ ବାଦ୍ୟ ନାଦରେ ଶୁଭଇ ଚହଲ ୪ ଯେ ॥

ଶ୍ରୀଜଗନ୍ନାଥ ଙ୍କ ନବ ଦିନ ଯାତ୍ରା ସାରି ।
ନନ୍ଦିଘୋଷ ଚଢ଼ି ବିଜେ ନୀଳ ଗିରି ଯେ ୫ ॥

---

୧-ଆରମ୍ଭରୁ ଅର୍ଥାତ୍ "ହେମ ରଥବର........" ଠାରୁ ପଟୁଆରେ ନୃତ୍ୟ କରୁଛନ୍ତି' ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ । ୨-ଏହି ପାଦଟି ପରେ ପୋଥିପାଠ—
'ଅତି ଆନନ୍ଦରେ ନାରୀ ହୁଳହୁଳି ଦ୍ୟନ୍ତି' ।

୩-ବିବିଧ ଛତ୍ର ପୋଥିପାଠ । ୪- ପୁରେ ସୁରପୁର ପୁସ୍ତକପାଠ । ୫-ନନ୍ଦିଘୋଷ ଚଢ଼ି କି ବାହୁଡ଼ା ବିଜେ କରି ପୁସ୍ତକପାଠ ।

ରାବଣ ସଂହାରି ଜୟଲକ୍ଷ୍ମୀ ଘେନି ଅବା ୧ ।
ରାମଚନ୍ଦ୍ର ଦିଶୁଛନ୍ତି ସେହି ରୂପେ ୨ ଶୋଭା ହେ ॥

ରାମଚନ୍ଦ୍ର ଦେଖିଣ ଅଯୋଧ୍ୟା ପୁରବାସୀ ।
ଆନନ୍ଦ ହୋଇଣ ମହାଗହଳରେ ୩ ପଶି ଯେ ॥

କେ ବୋଲଇ ବରିକ ୪ ଆସଇ ବସୁନ୍ଧରା ।
ଆଜ୍ଞ ଥରେ ବରି ଅବା କରିବ କୁମାରୀ ହେ ॥

ପ୍ରବେଶ ହୋଇଲେ ଯାଇ ଅଯୋଧ୍ୟା କଟକେ ।
ଶଙ୍କର ଭୁବନ ପ୍ରାୟେ ଦିଶଇ ଛଟକେ ହେ ॥

ଦ୍ୱାରେ ଦ୍ୱାରେ ରମ୍ଭାବୃକ୍ଷ ୫ ହେମପୂର୍ଣ୍ଣ କୁମ୍ଭ ।
ସମସ୍ତ ପୁର ମଣ୍ଡଣି ଦିଶଇ ଆରମ୍ଭ ॥

ରାମ ପୂର୍ଣ୍ଣଚନ୍ଦ୍ର ଦେଖି ଅଯୋଧ୍ୟା ନଗର ।
ଭେଣ୍ଡି କରି ଉଛୁଳୁଛି କି ଅବା ସାଗର ୬ ଯେ ॥

ଅତି ଆନନ୍ଦରେ ନାରୀ ହେଉଛନ୍ତି ଭୋଳା ।
କେ ବୋଲଇ ଏବେ ଆମ୍ଭ ଦୁଃଖ ପଳାଇଲା୭ ଯେ ॥

ସିଂହଦ୍ୱାର ଦେଖି ରାମ ଯାନୁ ଓହ୍ଲାଇଲେ ।
ନଗର ଭିତରକୁ ବିଜୟ କରି ଗଲେ ଯେ ॥

ସୀତାଙ୍କୁ ଘେନିଣ ଗଲେ ପ୍ରିୟ ସଖୀଗଣେ ।
ବହୁତ ଆନନ୍ଦ ହେଲେ ସର୍ବ ରାଣୀମାନେ ॥

ବିଜେ କଲେ ଶ୍ରୀରାମ ସୁବର୍ଣ୍ଣ ସିଂହାସନେ ।
ସୁଗ୍ରୀବଙ୍କୁ ବସା ଦେଲେ ଆପଣା ଭୁବନେ ॥

ବିଭୀଷଣ ରହିଲେ ଲକ୍ଷ୍ମଣଙ୍କର ପୁର ।
ଋଷି କପି ରାକ୍ଷସେ ପାଇଲେ ଦିବ୍ୟ ଘର ॥

---

୧-ନନ୍ଦିଘୋଷ ରଥ ଚଢ଼ି ବାହୁଡ଼ା ବିଜେ ଅବା ପୋଥିପାଠ । ୨-ସେହିମତି ପୋଥିପାଠ । ୩-ମହାଗହନ ପୋଥିପାଠ । ୪-ବରିକ = ବରଣ କରିବା ପାଇଁ । ୫-ରମ୍ଭାଶୋହେ ପୋଥିପାଠ । ୬-ଉଛୁଳି ପଡୁଛି ବେଳାକୂଳ ପୋଥିପାଠ । ୭-ଏପଦ ପୁସ୍ତକରେ ନାହିଁ ।

ଜଣ ଜଣକେ ଚରନ୍ତି କଲେ ଭୃତ୍ୟ ବୀର ।
ଦ୍ରବ୍ୟ-ଅଶନ[୧]ମାନଙ୍କେ ପୂରିଲା ନଅର ॥

ମହା ଆନନ୍ଦେ ରହିଲେ ଚତୁରଙ୍ଗ ବଳ ।
ବିପ୍ର ମଧୁ ରାମ ପାଦକମଳେ ଭୃଶଳ[୨] ॥

●

## ରାଗ--ମଙ୍ଗଳ ଧନାଶ୍ରୀ

ଏଥୁ ଅନନ୍ତରେ ଶୁଣ ରଦ । ଶ୍ରୀରାମଙ୍କ ଚରିତ ପୀୟୂଷ ॥
ଅଧିବାସ ମଣ୍ଡପ ମଣ୍ଡଣି । ତହିଁ ଅଧିବାସ ରଘୁମଣି ॥
ଅଧିବାସ କଲେ ତୀର୍ଥ ଜଳ । ନୃତ୍ୟ ଗୀତେ ରଜନୀ ବହିଲା ॥
ପ୍ରାତୁ ସୀତା[୩] ଶ୍ରୀରାମ ମାଜଣା । ତଡ଼ାଇ ଲାଗି ରାବଣ ଜଣା ॥
ମୁକୁଟ କୁଣ୍ଡଳ ବୀରଚୂଳ । ହୃଦରେ ପଦକ ପଦ୍ମମାଳ[୪] ॥
କଣ୍ଠେ ରୂପସରି ହୃଦେ ହାର । ବାହୁବନ୍ଧ ଶୋଭେ ସୁବାହୁର ॥
ମଣିବନ୍ଧେ କଙ୍କଣ କରତି । ସୁରତ୍ନ ମେଖଳା ଶୋହେ କଟି ॥
ଶ୍ରୀପଦ୍ମରେ ଝୋଡ଼ର ନୂପୁର[୫] । ମୁଦ୍ରିକା ମଣ୍ଡଣି ଅଙ୍ଗୁଷ୍ଠିର ॥
ହେମ ସମ ବିଚିତ୍ର ଅମ୍ବର[୬] । ଲାଗି ହୋଇଲେ ସୁନ୍ଦର ବର ॥
ଖଣ୍ଡା ଯମଦାଢ଼ କଟି ଦେଶ । ବେନି ତୂଣୀ ଖର ବେନି ପାଶ ॥
ବାମେ କୋଦଣ୍ଡ ଦକ୍ଷିଣେ ଶର । ଘେନି ଅଛନ୍ତି ସେ ବୀରବର ॥
ଉଚ୍ଚ କନକ ବେଦିକା-ପର । ନବରତ୍ନ ମଣ୍ଡପ ସୁନ୍ଦର ॥
ରତ୍ନ କଳସ ପରେ ପତାକା । ବୀରମାନଙ୍କ ବଳେ କି ଏକା ॥
ଚଉପାଶେ ଶୋହେ ଦ୍ରବ୍ୟପୂର । ମେଳି କାଠେ ମଣ୍ଡଣି ଅପାର ॥
ସେ ବେଦିକା ପରେ ସିଂହାସନ । ତହିଁ ବଳେ ଶ୍ରୀରାମ ରାଜନ ॥

---

୧-ଦ୍ରବ୍ୟ ଭୋଜନ ପୋଥିପାଠ । ୨-ରାମଚନ୍ଦ୍ର ପାଦେ ପଶିଲା ଶରଣ ପୋଥିପାଠ । ଭୃଶଳ = ଭ୍ରମର । ୩-ପ୍ରାତୁ ଶୀଘ୍ର ପୁସ୍ତକ ପାଠ । ୪-ଏ ପାଦଟି ପୋଥିରେ ନାହିଁ । ୫-ତଡ଼ାଇ ନୂପୁର ପୁସ୍ତକପାଠ । ୬-ହେମପୁଷ୍ପ ବିଚିତ୍ର ଆବର ପୋଥିପାଠ ।

ସୁବେଶ ହୋଇ ଜନକ ଯେମା । ରାମ ବାମ ପାଶେ ବସେ ରମା୧ ॥
ଦକ୍ଷିଣେ ସୁଗ୍ରୀବ ଏ ବେନ । ଚାମରେ ଚାମରେ ଛନ୍ତି ଘେନ ॥
ବେନ ପାଶେ ବସେ ଧୀର ଧୀର । ଶ୍ୱେତଛତ୍ର ଶଙ୍ଖ ଘେନ କର ॥
ଭରତ ଲକ୍ଷ୍ମଣ ବେନ ପାର୍ଶ୍ୱେ । ତୀର୍ଥ ଜଳ ଘେନିଣ କଳସେ ॥
ବଶିଷ୍ଠାଦି ପୁରୋହିତ ମିଳି । ଜଳ ଢାଳିଲେ ରାମ ମଉଳି ॥
ତଦନ୍ତରେ ପୁଣି ଦ୍ୱିଜମାନେ । ଅଭିଷେକ କଲେ ସାବଧାନେ ॥
ତଦନ୍ତେ ଭରତ ଲକ୍ଷ୍ମଣ ବେନ । ଅଭିଷେକ କଲେ ଜଳ ଘେନ ॥
ତଦନ୍ତେ ଷର୍ଦ୍ଦିସ୍ଥ ଯୋଦ୍ଧା ବୀରେ । ଅଭିଷେକ କଲେ ରାମ ଶିରେ ॥
ତଥି ଅନ୍ତେ ୨ ଦିବ୍ୟ·ନାରୀ କୁଳ । ଅଭିଷେକ କଲେ ଶିରେ ଜଳ ॥
ତଦନ୍ତରେ ମନ୍ତ୍ରୀମାନେ ମିଳି । ଅଭିଷେକ ସେ କଲେ ମଉଳି ॥
ତଦନ୍ତେ ବଧୂଙ୍କ ଅଯୋଧ୍ୟା ବାସୀ । ଅଭିଷେକ କଲେ ଜଳରାଶି ॥
ପୁଷ୍ୟା ନକ୍ଷତ୍ର କକଡ଼ା ଶଶୀ । ପୁଷ୍ୟା ପୂର୍ଣ୍ଣିମୀରେ ଗୁରୁ ମିଶି ॥
ସେଦିନ ଶ୍ରୀରାମ ଅଭିଷେକ । ଖ୍ୟାତ ହୋଇଲା ସକଳ ଲୋକ ॥
ବାଜଇ ବିବିଧ ବାଦ୍ୟମାନ । ଶୁଭୁଅଛି ଶଙ୍କର ଭୁବନ ॥
ଜାଣି ଶକ୍ର ଅଭିଷେକ କାଳ । ଦେଲେ ଦେବେ ନେଇ ରତ୍ନମାଳ ॥
ମାଳେ ତହୁଁ ଅଙ୍ଗେ ଲଗ ହେଲେ । ଆରମାଳ ଜାନକୀଙ୍କି ଦେଲେ ॥
ଆକାଶେ ମିଳି ଅମର ଲୋକ । ରାମେ କଲେ ପୁଷ୍ପ ଅଭିଷେକ ॥
ଋକ୍ଷ ରାକ୍ଷସ ବାନର ନର । ପଛୁଆରେ ରହିଛନ୍ତି ଦୂର ॥
ନୃତ୍ୟ କଲେ ବାରନାରୀଗଣ । ସୁସଙ୍ଗୀତ ଶାସ୍ତ୍ରର ପ୍ରମାଣ ୪ ॥
ଅଭିଷେକ ସେଷ୍ଟ ହୁଏ ଶେଷ । ଶ୍ରୀରାମ ସୁଗ୍ରୀବ ରାଇ ପାଶ ॥
ଦେଲେ ତାହାଙ୍କୁ ଗଳାର ହାର । ସହରୁଷ କଲେକ ଅପାର ॥
ଅଙ୍ଗଦକୁ ଦେଲେ ଅଙ୍ଗଚ୍ଛଦ ୫ । ହୋଇଲା ସେ ବହୁତ ପ୍ରମୋଦ ॥
ହନୁକୁ ଦେଲେ ମୁକୁତା ମାଳା ୬ । ଦେଲେ ମାଳା ବିଭୀଷଣ ଗଳା ॥
ଯୂଥପତି ସମସ୍ତେ ପାଇଲେ । ବହୁ ହୃଷ୍ଟ ଋକ୍ଷପତି ହେଲେ ॥

---

୧-ବସେ ବାମା ପୋଥିପାଠ, ୨-ତଦନ୍ତରେ ପୁସ୍ତକପାଠ । *-ବନ୍ଧୁ ପୋଥିପାଠ, ବେଶ୍ୟା ପୁସ୍ତକପାଠ । ଏଠାରେ ଅଯୋଧ୍ୟାର ବଧୂ ଅର୍ଥାତ୍ ଅନ୍ୟ ସ୍ତ୍ରୀମାନେ ଅଭିଷେକ କରିବା ସମୀଚୀନ ହେବ । ୪-କେ କହୁ ଉତ୍ସବ ପରିମାଣ ପୋଥିପାଠ । ୫-ଅଙ୍ଗଦର ହୋଇଲା ଆନନ୍ଦ ପୋଥିପାଠ । ୬-ମୁକୁତା ମାଳା ପୋଥିପାଠ ।

ସୀତା ଦେଲେ ହନୁ ବାରେ ହାର । ଲମ୍ବାଇଲେ ହନୁ ତାହା ଉର ॥
ଦେଇ ଦେବୀ ସନ୍ତୋଷ ହୋଇଲେ୧ । ଯେଉଁ ମାଳୀ ଶଙ୍କ ଦେଇଥିଲେ ॥
ରାମ ତାହା କରିଥିଲେ ଦତ୍ତ । ସେହି ମାଳା ଘେନ ଦେବୀ ହସ୍ତ ॥
ରାମଙ୍କୁ ବୃତ୍ତାନ୍ତ ପୁଣ ପୁଣ । ଜାଣି ଠାରି ଦେଲେ ରାମ ରାଣ ॥
ହନୁକୁ ଡାକିଣ ଦେବୀ ପାଶ । ଦେଲେ ସେ ମାଳା ତା ଗ୍ରୀବା ଦେଶ ॥
ଦେଖିଣ ରାଘବ ହେଲେ ତୋଷ । ଆଜ୍ଞା ଦେଲେ ହନୁ ଆସ ଆସ ॥
ତୁମ୍ଭଙ୍କୁ ଆମ୍ଭେ ସୁବର ଦେବା । ସବୁ ଦିନେ କରୁଥିବ ସେବା ॥
ଯେତେ ଦିନ ରାମ ନାମ ଥିବ । ତେତେ ଦିନ ଅମର ହୋଇବ ॥
ତୁମ୍ଭଙ୍କୁ ସେବିବ ଯେଉଁ ନର । କାର୍ଯ୍ୟ ସିଦ୍ଧି ହୋଇବ ତାହାର ॥
ଯେଉଁ ବନେ ତୁମ୍ଭେ କପି ଥିବ । ସେ ବନେ ସମସ୍ତ ଫଳ ହେବ ॥
ବର ପାଇଣ ମାରୁତି ହୃଷ୍ଟ । ଶୁଣି ସର୍ବ କପି ହେଲେ ତୁଷ୍ଟ ॥
ସୁଗ୍ରୀ ବିଭୀଷଣ ୨ କପିବଳ । ମେଲାଣି ମାଗିଲେ ସେହି କାଳ ॥
ତାରା ରୋମା ସୁଗ୍ରୀବଙ୍କ ରାଣୀ । ବସ୍ତ୍ର ଅଳଙ୍କାର ଦେଲେ ଆଣି ॥
ରାମ ଠାରୁଁ ପାଇ ପରିତୁଷ । ବସାକୁ ଗଲେ ହୋଇ ହରଷ ॥
ରାମ ଭ୍ରାତୃଙ୍କୁ ଡାକି ଲକ୍ଷ୍ମଣ । ବୋଲନ୍ତି ହେ କର ମନ୍ତ୍ରୀପଣ ॥
ଲକ୍ଷ୍ମଣ ସୀକାର ନ କଲେ । ମନରେ ଏମନ୍ତ ବିଚାରିଲେ ॥
ସମସ୍ତେ ବୋଲିବେ ମନ୍ତ୍ରୀ ହେଲେ । ଏଥିକୁଟି ସଙ୍ଗେ ଯାଇଥିଲେ ॥
ଲକ୍ଷ୍ମଣର ନାସ୍ତି କଲା ଜାଣି । ଭରତକୁ ଡାକିଣ ରଘୁମଣି ॥
ଦେଲେ ତାଙ୍କୁ ମନ୍ତ୍ରୀ ପଣେ ଶାଢ଼ୀ । ଭରତ ଜଣାଇଲେ କର ଯୋଡ଼ି ॥
ଅଷ୍ଟ ମନ୍ତ୍ରୀ ସୁମନ୍ତ୍ର ସଙ୍ଗର । ଏମାନଙ୍କୁ ଶାଢ଼ୀ ଆଜ୍ଞା କର ॥
ଶୁଣି ରାମ ଦେଲେ ଶାଢ଼ୀମାନ । ଅଭିଷେକ ହୋଇଲା ସଂପୂର୍ଣ୍ଣ ॥
ସୀତା ଘେନି ଦିବ୍ୟ ପୁରେ ବିଜେ । ସମସ୍ତେ ରହିଲେ ଯେଝା କାର୍ଯ୍ୟେ ॥
ଯୁଦ୍ଧ କାଣ୍ଡ ହୋଇଲା ସଂପୂର୍ଣ୍ଣ । ରାମ ପାଦେ ଦୀନ ବଳି ମନ ॥

●

୧-ନୋହିଲେ ପୋଥିପାଠ । ୨-ଶୁଣି ବିଭୀଷଣ ପୁସ୍ତକପାଠ ।

# ଉତ୍ତର କାଣ୍ଡ

### ରାଗ—ମଙ୍ଗଳଗୁଜ୍ଜରୀ

ଅଭିଷେକ ଆଜି ଦିନ ଦେବ ରାବଣାରି ।
ସୁଗ୍ରୀବ ବିଭୀଷଣ ଭରତ ଯୋଗ ସଭ୍ୟ[୧] କରି ଯେ ॥

ବଶିଷ୍ଠ ଜାବାଳି ପୁରୋହିତ ମନ୍ତ୍ରୀମାନେ ।
ମହାରାଜାମାନେ ଛନ୍ତି ଶ୍ରୀରାମ ଆସ୍ଥାନେ[୨] ହେ ॥

ଏମନ୍ତ ସମୟେ ଦ୍ୱାରୀ ଜଣାଇଲା ଯାଇ ।
ଅଗସ୍ତି ଅଛନ୍ତି ସିଂହଦ୍ୱାରେ ଉଭା ହୋଇ ଯେ ॥

ସମସ୍ତ ଋଷିମାନଙ୍କୁ ସଙ୍ଗତରେ ଘେନି ।
ଏମନ୍ତ ଜଣାଇ ଶିରେ ଦେଲେ କର ବେନି ଯେ ॥

ରାମ ଆଜ୍ଞା ଦେଲେ ସେ ଋଷିଙ୍କି ଘେନି ଆସ ।
ପୂଜା କରି ଅଣିବଟି ନ କରିବେ ରୋଷ[୩] ଯେ ॥

ଆଜ୍ଞା ପାଇ ଦ୍ୱାରପାଳ ବେଗେ ଚଳିଗଲା[୪] ।
ବହୁ ପୂଜା କରି ତାଙ୍କୁ ରାମକୁ ଆଣିଲା ଯେ ॥

ଦେଖି ରାମ ସିଂହାସନୁ ବେଗେ ଓହ୍ଲାଇଲେ ।
ଚରଣ ଛୁଇଁଣ ତାଙ୍କୁ ନମସ୍କାର କଲେ ଯେ ॥

ଜଣ ଜଣ କରି ତାଙ୍କୁ ପୂଜା ମାନ୍ୟ କଲେ[୫] ।
ସୁବର୍ଣ୍ଣ ଆସନମାନ ସମସ୍ତଙ୍କୁ ଦେଲେ[୬] ଯେ ॥

ଅଗସ୍ତି ବୋଲନ୍ତି ରାମ ଥିଲୁ ଘୋର ବନେ ।
ଅଭିଷେକ ଶୁଣି ଆସିଅଛୁ ହୃଷ୍ଟ ମନେ ହେ ॥

ଦେବତା ଋଷିମାନଙ୍କୁ ଦେଲ ହେ[୭] ଅଭୟ ।
ରାବଣକୁ ମାରି ଯାହା ଲଙ୍କା କଲ ଜୟ ହେ ॥

---

୧-ସଭ୍ୟ... ପୋଥିପାଠ । ୨- ସନ୍ନିଧାନେ...ପୋଥିପାଠ । ୩-ପୂଜା କରି ଆସ ବେଗେ କରିବେଟି ରୋଷ...ପୋଥିପାଠ । ୪-ଏ ପାଦରେ ଆଜ୍ଞା ପୂର୍ବରୁ 'ରାମ' ଓ 'ବେଗେ ଚଳିଗଲା' ସ୍ଥାନରେ ବେଗେ ଗଲା ପୋଥିପାଠ । ୫-କରି ପୋଥିପାଠ । ୬-ରାବଣାର ପୋଥିପାଠ । ୭-ଦେଲେ ଉଭୟ ପୋଥି ଓ ପୁସ୍ତକପାଠ ।

ଋଷି ବୋଲେ ନେଜେ[୧] ଆମ୍ଭେ ଦେଖିଲୁ ତୁମ୍ଭଙ୍କୁ ।
ମହାସୁଖୀ କରାଇଲୁ ନୟନ-ମନକୁ[୨] ଯେ ॥

ରାବଣ କୁମ୍ଭକର୍ଣ୍ଣଙ୍କୁ ଯାହା ନବାରିଲ[୩] ।
ମହୀରେ ଅଦ୍ଭୁତ[୪] ଅଲୌକିକ କର୍ମ କଲ ହେ ॥

ଏଥୁ ଅତ୍ୟନ୍ତ ଦୁଃସହ[୫] ରାବଣିର ବଧ ।
ଦେଖି ଚକିତ ହୋଇଲେ ସକଳ ବିବୁଧ ଯେ ॥

ରାମ ସମ୍ଭାଷିଲେ[୭] ଯେ ରାବଣ ମହାବୀର ।
ତାଙ୍କୁ କିମ୍ପା ପ୍ରଶଂସା ନ କଲ ମୁନିବର ହେ ॥

ଯେବେ ମୁହିଁ ଶୁଣିବାକୁ ହୋଇବି ଭାଜନ[୮] ।
ତେବେ ମୋତେ ସମସ୍ତ କହିବ ତପୋଧନ ହେ ॥

ମୁନି ବୋଲନ୍ତି ସମସ୍ତ କଥା ଜାଣୁ ଆମ୍ଭେ ।
ଅବଧାନ ହୋଇ କରି ଏବେ ଶୁଣ ତୁମ୍ଭେ ହେ[୯] ॥

ବ୍ରହ୍ମାଙ୍କର ନନ୍ଦନ ପୁଲସ୍ତି ମୁନିବର ।
ସମସ୍ତେ ତାଙ୍କୁ ବୋଲନ୍ତି ଦୁତୀ[୧୦] କୁଶଧର ଯେ ॥

ତପ କରିବାକୁ ମେରୁ ପାଶକୁ ଯେ ଗଲେ ।
ତୃଣବନ୍ଧ ମଠ କରି ଦୂରରେ ଦେଖିଲେ ଯେ ॥

ମନୋରମ ସ୍ଥାନ ମେରୁ ପାଶେ ଦେଖି ମୁନି ।
ବେଦାଧ୍ୟୟନ କରନ୍ତି ଦିବସ ରଜନୀ ଯେ ॥

ଦେବକନ୍ୟା ଋଷିକନ୍ୟାମାନେ ରୁଣ୍ଡ ହୋଇ ।
କ୍ରୀଡ଼ା କଲେ ସେ ଋଷିଙ୍କି ଖଣ୍ଡେ ଦୂରେ ଆଇ ଯେ ॥

କେ ବୀଣା ବାଦ୍ୟ ବଜାଇ କେ ଗାବନ୍ତି ଗୀତ ।
ଉନ୍ମତ୍ତେ ସକଳ କନ୍ୟା ହୋଇଥାନ୍ତି ମତ୍ତ ଯେ[୧୧] ॥

---

୧-ନସ୍ତେ···ପୋଥିପାଠ । ୨-ନୟନମାନଙ୍କୁ···ପୋଥିପାଠ । ୩-ନିବାରିଲ···ପୋଥିପାଠ । ୪-ଅତ୍ୟନ୍ତ···ପୋଥିପାଠ । ୫-ଦୁଃସହ ପୁସ୍ତକ ପାଠ । ୬-ରାବଣ ପୋଥିପାଠ, ରାବଣି = ଇନ୍ଦ୍ରଜିତ । ୭-ଆଗ୍ୟାଂ ଦେଲେ ପୋଥିପାଠ । ୮-ଭାର୍ଜନ ପୋଥିପାଠ, ୯-ସାବଧାନ ହୋଇଣ ଶୁଣିବ ଏବେ ତୁମ୍ଭେ···ପୁସ୍ତକପାଠ । ୧୦-ଦ୍ୱିତୀୟ···ପୁସ୍ତକପାଠ । ୧୧-ଏ ପଦଟି ପୋଥିରେ ନାହିଁ ।

ସେ କନ୍ୟାଙ୍କ ମୁଖ ଶୁଣି ଦେବଙ୍କ କରୋଧ ।
ଏମନ୍ତ ଜାଣିଣ ମୁନି କଲେ ମହା କ୍ରୋଧ ଯେ ॥

ସେ କନ୍ୟାମାନଙ୍କୁ ମୁନି ଶୁଭ ଆଜ୍ଞା ଦେଲେ ।
ଏଠାକୁ ଆଇଲେ ଗର୍ଭ ହୋଇବ ବୋଇଲେ ଯେ ॥

ଆଜକ ମାତ୍ରକ ଦୋଷ କଲୁ ଆମ୍ଭେ କ୍ଷମା ।
କାଲି ଅଇଲେ ଯେ ଗର୍ଭ ହେବ ସର୍ବ ବାମା ଯେ ॥

କନ୍ୟାମାନେ ନବର୍ତ୍ତିଲେ ଋଷି ବାକ୍ୟ ଶୁଣି ।
ତୃଣବିନ୍ଦୁ ନନ୍ଦନୀ ନ ଥିଲେ ତାହା ଜାଣି ଯେ ॥

ଆଉ ଦିନ ଖେଳିବାକୁ ଗଲେ ଯେ ସୁମୁଖୀ ।
ସଖୀମାନଙ୍କୁ ନ ଦେଖି ହୋଇଲେ ସେ ଦୁଃଖୀ ଯେ ॥

ଋଷି ଆଜ୍ଞାରୁ ସେ ସୁକୁମାରୀ ଗର୍ଭ ହେଲ ।
ତୃଣବିନ୍ଦୁ ଋଷି ଯୋଗବଳରେ ଜାଣିଲେ ଯେ ॥

କନ୍ୟାକୁ ଘେନିଣ ପୁଲସ୍ତିଙ୍କ ପାଶ ଗଲେ ।
ଦୁହିତାଭ କର ଧରି ସମର୍ପିଣ ଦେଲେ ଯେ ॥

ହେ ମୁନି ତୁମ୍ଭଙ୍କୁ ସେବା କରୁ ତପ ସ୍ଥାନେ ।
ତୁମ୍ଭଙ୍କୁ ଏ ଦୁହିତାକୁ ଦେଲି ତୋଷ ମନେ ଯେ ॥

ଶୁଣିଣ ପୁଲସ୍ତି ତାଙ୍କୁ ଅଙ୍ଗୀକାର କଲେ ।
ଅପଣା ୨ ଶାପରୁ ଗର୍ଭ ହୋଇଛି ଜାଣିଲେ ଯେ ॥

ବୋଇଲେ ବେଦାଧ୍ୟୟନୁ ହେଲା ତୋର ଗର୍ଭ ।
ଏଥୁ ଯେଉଁ ପୁତ୍ର ହେବ ହୋଇବ ଦୁର୍ଲଭ ଯେ ॥

ଏମନ୍ତେ କଛି ଦିନାନ୍ତେ ହୋଇଲା ଜନମ ।
ବିଶ୍ରବା ୩ ଋଷି ବୋଲିଣ ଦେଲେ ତାର ନାମ ଯେ ॥

---

୧-ହେଲେ ସର୍ବେ ଦୁଃଖୀ ପୋଥିପାଠ । ୨-ଆମ୍ଭର ପୋଥିପାଠ । ୩-ବିଶବା ପୋଥିପାଠ ।

ଦ୍ୱିତୀୟସ୍ତୁ ବ୍ରହ୍ମାଂ ପ୍ରାପ୍ୟ ବିଶ୍ରବା ମହାଋଷି ।
ବହୁ ତପ କଲେ ମେରୁ ଉତ୍ତରରେ ୨ ବସି ଯେ ॥

ଭରଦ୍ୱାଜ ମୁନିଙ୍କ ଜେମାଙ୍କୁ ବିଭା ହେଲେ ।
ପୁତ୍ର କାମନା କରଣେ ପୁଣି ତପ କଲେ ଯେ ୩ ॥

ବିଶ୍ରବା ଋଷିରୁ ବୈଶ୍ରବଣ ହେଲେ ଜାତ ।
ସୁଲକ୍ଷଣ ଦେଖି କୋଳେ ଧରଣେ ବିଧାତ ଯେ ୪ ॥

ଦିଗପାଳ କରିବେ ବୋଲିଣ ୫ ବିଗୃହିଲେ ।
ସେ ବଇଶ୍ରବଣ ବହୁତପ ଆଚରିଲେ ଯେ ॥

ସହସ୍ର ବରଷ ଯାଏ କଲେ ଅମ୍ବୁପାନ ୬ ।
ସହସ୍ର ବରଷ କଲେ ପବନ ଅଶନ ୭ ଯେ ॥

ପୁଣି ସହସ୍ର ବରଷ କିଛୁ ନ ଖାଇଲେ ।
ଏଣୁ କରି ଧାତା ତାଙ୍କୁ ପ୍ରସନ୍ନ ହୋଇଲେ ଯେ ॥

ସେ ବଇଶ୍ରବଣଙ୍କୁ ଦେଲେ କୁବେର ସଂଜ୍ଞା ।
ଦିଗପାଳ ହୋଇଲେ ଖଟିଲେ ଯକ୍ଷଗଣେ ୮ ଯେ ॥

ବିଧାତା ନିର୍ମାଣ କରିଦେଲେ ପୁଷ୍ପଯାନ ୯ ।
ମନୋରଥ କଲେ ବୁଲେ ଚଉଦ ଭୁବନ ଯେ ॥

ତାଙ୍କ ବରକୁ ପାଇଣ ପିତାଙ୍କୁ କହିଲେ ।
କୁବେର କରଣେ ମୋତେ ସ୍ଥାନ ତ ନ ଦେଲେ ଯେ ॥

ପିତା ଆଜ୍ଞା ଦେଲେ ଲଙ୍କାପୁର ଭୋଗ କର ।
ଶୂନ୍ୟ ୧୦ ହୋଇଅଛୁ ପୂର୍ବେ ଥିଲେକ ଅସୁର ଯେ ॥

ପିତା ଆଜ୍ଞା ପାଇ ଲଙ୍କାପୁରୀ କଲେ ସ୍ଥାନ ।
ପ୍ରତ୍ୟହ ଯାଉଣ ତାଙ୍କୁ କରନ୍ତି ଦର୍ଶନ ଯେ ॥

---

୧-ଦ୍ୱିତୀ ମହାସତୀ···ପୋଥିପାଠ । ୨-କନକଟରେ···ପୋଥିପାଠ । ୩-ଏ ପଦଟି ପୋଥିରେ ନାହିଁ । ୪-ବୋଲି କୋଳେ ଘେନି ଜଗନ୍ନାଥ···ପୁସ୍ତକପାଠ । ୫-କରିବାକୁ ମନେ·· ପୋଥିପାଠ । ୬-ଅସୁପାନ···ପୋଥିପାଠ । ୭-ପଦ୍ମାସନ··· ପୋଥିପାଠ । ୮-ଦକ୍ଷଗଣ···ପୋଥିପାଠ । ୯-ପୁଷ୍ପକ···ପୋଥିପାଠ । ୧୦ ସୁବର୍ଣ୍ଣ···ପୋଥିପାଠ ।

ରାମ ପଚ୍ଚାରନ୍ତି ୧ ପୂର୍ବେ ଲଙ୍କେ ଦୈତ୍ୟ ଥିଲେ ।
କେ ତାହାଙ୍କୁ ମାଇଲେ ସେମାନେ କେଣେ ଗଲେ ଯେ ॥

ଏ କଥା ବିସ୍ତାର ମୋତେ କହ ମୁନିବର ।
ଭଜେ ୨ ବିଶି ଅହର୍ନିଶି ଶ୍ରୀରାମ ପୟର ॥

●

## ରାଗ—ମୁନିବର ବାଣୀ ୩

କହନ୍ତି କୁମ୍ଭ କୁମର । ଶୁଣ ଆହେ ରଘୁବୀର ॥
ପଚ୍ଚାରିଲ ତୁମ୍ଭେ ଯାହା । କହିବା ତାହା ଯେ ॥
ପଦ୍ମ ଯୋନି ଜନ୍ମ ୪ ହେଲେ । ଆଗେ ଜଳ ଜାତ କଲେ ॥
ପଛେ ପୁରୁଷେକ ଜାତ । କଲେକ ତାତ ଯେ ॥
ଆଜ୍ଞା ଦେଲେ ତାଙ୍କୁ ବିହି । ଏ ଜଳ ରଖିବ ଯାଇଁ ॥
ଆଜ୍ଞା ପାଇଣ ୫ ସେ ଗଲେ । ଜଳ ରଖିଲେ ଯେ ॥
କେତେ ହେଁକ କାଳ ଅନ୍ତେ । ଜଳ ସେହି ରଖି ଯାନ୍ତେ୬ ॥
କ୍ଷୁଧା ତୃଷାରେ ଆକୁଳ । ହେଲେ ସକଳ ଯେ ॥
ଥୋକେ ଲୋକ ମନ କଲେ । ଜଳ ପିଇବା ବୋଇଲେ ॥
ଥୋକେ କଲେ ତାହା ନାହିଁ । ସଭୟ ହୋଇ ଯେ ॥
ନାହିଁ ଯେଉଁମାନେ କଲେ । ସେମାନେ ରାକ୍ଷସ ହେଲେ ॥
ପିଇବା ଯେହୁ ୭ ବୋଇଲେ । ଯକ୍ଷ ହୋଇଲେ ଯେ ॥
ରାକ୍ଷସ କୁଳରେ ଜାତ । ହେତି ପ୍ରହେତି ବିଖ୍ୟାତ ୮
ପ୍ରହେତି ବିଭା ନୋହିଲା । ହେତି ହୋଇଲା ଯେ ॥
କାଳ ଭଗ୍ନୀ ସନ୍ଧ୍ୟା ନାରୀ ୯ । ହେଲା ତାର ମନୋହାରୀ ॥
କଲା କ୍ରୀଡ଼ା ତାର ସଙ୍ଗେ ୧୦ । ବିବିଧ ରଙ୍ଗେ ଯେ ॥

---

୧-ଆଶ୍ଚର୍ଯ୍ୟ ଦେଲେ···ପୋଥିପାଠ । ୨-ଉଭୟ ପୋଥି ଓ ପୁସ୍ତକରେ ଭଣେ ପାଠ ରହିଛି । ୩-ନଳିନୀ ଗୌଡ଼ା ପୋଥିପାଠ । ୪-ବ୍ରହ୍ମା ହେଲେ ପୋଥିପାଠ । ୫-ଆଜ୍ଞା ପ୍ରମାଣେ ପୋଥିପାଠ । ୬-ରଖିଥାନ୍ତେ ପୋଥିପାଠ । ୭-ପିଇବା ମେତେ ପୁସ୍ତକପାଠ । ୮-ସମ୍ଭୂତ ପୋଥିପାଠ । ୯-ସର୍ବାନାରୀ ପୁସ୍ତକପାଠ । ୧୦-ରସିଣ ସର୍ବାର ସଙ୍ଗେ ପୁସ୍ତକପାଠ ।

ସେ ଜନ୍ମ ୧ କଲା କୁମର । ମହା କନ୍ଦର ଉପର ॥
ପକାଇ ତାହାକୁ ଗଲା । ସେହୁ ରୋଦଲା ଯେ ୨ ॥
ଭ୍ରମନ୍ତେ ୩ ଶିବ ଗଉରୀ । ରୋଦନ ଶୁଣି ତାହାର ॥
ପୁତ୍ର ପ୍ରାୟେ ତାଙ୍କୁ କଲେ । ସୁବର ଦେଲେ ଯେ ॥
ନାମ ଦେଲେ ବିଦ୍ୟୁତ୍କେଶ ୪ । ବର ପାଇ ସେ ହରଷ ॥
ପିତାଙ୍କ ସନ୍ନିଧେ ଗଲା । ସବୁ କହିଲା ସେ ॥
ଶାଳକଣ୍ଠା କଟି ନାମ୍ନୀ ୫ । ତାଙ୍କୁ ପିତା ବିଭା କଲେ ॥
ତହିଁରୁ ଜାତ ସୁକେଶ । ମହାରାକ୍ଷସ ଯେ ॥
ଏବେ ଦକ୍ଷର କୁମାରୀ । ସୁକେଶକୁ ବିଭା କଲେ ॥
ତହୁଁ ଜାତ ତିନି ପୁତ୍ର । ସେ ବଳ ବନ୍ତ ଯେ ॥
ମାଲ୍ୟବନ୍ତ ତାଙ୍କ ଜ୍ୟେଷ୍ଠ । ମାଲୀ ସୁମାଲୀ କନିଷ୍ଠ ॥
ବହୁ କାଳ ତପ କଲେ । ବର ପାଇଲେ ଯେ ॥
ସେ ମାଲୀ ସୁମାଲୀ ଦୁଷ୍ଟ ୬ । ମାଲ୍ୟବନ୍ତ ଧର୍ମନିଷ୍ଠ ୭ ॥
ଯାଗମାନ କଲେ ନଷ୍ଟ । ବେନି ପାପିଷ୍ଠ ଯେ ॥
କନକ ଲଙ୍କା ଭୁବନ । ପୂର୍ବେ ଯେ ଶକ୍ରଙ୍କ ସ୍ଥାନ ॥
ଦେବତା ତହିଁରେ ଥିଲେ । ପଳାଇ ଗଲେ ଯେ ॥
ସେ ମାଲୀ ସୁମାଲୀ ବେନି । ମାଲ୍ୟ ବନ୍ତେ ସଙ୍ଗେ ଘେନି ॥
ସେ ଲଙ୍କେ କଲେ ନିବାସ । ଭ୍ରମେ ଦିଦଶ ଯେ ॥
ରାକ୍ଷସେ ରୁଣ୍ଡ ହୋଇଲେ । ସ୍ୱର୍ଗ ପୁର ଜୁର କଲେ ॥
ଶକ୍ର ସଂଗ୍ରାମେ ହାରିଲେ । ପଳାଇ ଗଲେ ଯେ ॥
ଧାତାଙ୍କୁ କଲେ ଗୁହାରି । ଶୁଣି ବୋଲେ କୁଶଧାରୀ ॥
ଶିବଙ୍କୁ କହ ହେ ଯାଇ । ନିର୍ଭୟ ହୋଇ ସେ ॥
ପୁଣି କଇଲାସ ଗଲେ । ଶିବଙ୍କୁ ଗୁହାରି କଲେ ॥
ଶିବ ସେମାନଙ୍କ ବାଣୀ । ବୋଲନ୍ତି ଶୁଣି ଯେ ॥

---

୧-ସେ ଯକ୍ଷକଲା ପୋଥିପାଠ । ୨-ସେହୁ ରୁଧିଲା ପୁସ୍ତକପାଠ । ୩-ଯେମନ୍ତେ ପୋଥିପାଠ । ୪-ଯମ ଦେଲେ ବିଣ୍ଡୁକେଶ ପୋଥିପାଠ । ୫-ସକଠ କଟକ ନାମ୍ନୀ ପୋଥିପାଠ । ୬-ବେନି ପୋଥିପାଠ । ୭-ଶିରେ ଘେନି ପୋଥିପାଠ ।

ଆମ୍ଭେ ବିଦ୍ୟୁତ୍କେଶ ବଂଶ । କେମନ୍ତେ କରିବୁ ନାଶ ।
ଯାଅ ତୁମ୍ଭେ ବିଷ୍ଣୁ ପାଶ । କରନ୍ତୁ ନାଶ ଯେ ॥
ଶିବ ମୁଖୁ ଏହା ଶୁଣି । ବାହୁଡ଼େ କୁଳୀଶ ପାଣି ।
ବିଷ୍ଣୁ ସନ୍ନିଧିକୁ ଗଲେ । ଗୁହାରି କଲେ ଯେ ॥
ଅନାଦ୍ୟ ଦେବ ଅଚ୍ୟୁତଂ । ସର୍ବ ପ୍ରାଣି ପଞ୍ଚ ଭୂତ ।
ରାମ ପଦ୍ମ ପାଦେ ଚିତ୍ତ । ଦ୍ୱିଜ ରଚିତ' ଯେ ॥

●

## ରାଗ—ବଙ୍ଗଳଶ୍ରୀ

ଶୁଣ ହେ ରାଘବ ଯେତେ ସର୍ବ ଦେବ ବିଷ୍ଣୁ ଛାମୁରେ ବାସବ ।
ବେନି କର ଯୋଡ଼ି ବହୁତ ସ୍ତୁତି କଲେ ହୋଇଣ ଉତ୍କଣ୍ଠ ଭାବ ॥

ମାଲୀ ସୁମାଲୀ ମାଲ୍ୟବନ୍ତ ଭୟରେ ସ୍ୱର୍ଗେ ନ ପାରିଲୁ ରହି ।
ସବୁ ଦେନେ ବିଷ୍ଣୁ ଦେବ[୩] ଦୟା କରି ତୁମ୍ଭକୁ ଅଇଲୁ କହି ॥

ଶୁଣି ବିଷ୍ଣୁ ନାଥ[୪] ଆଜ୍ଞା ଦେଲେ ତୁମ୍ଭ ସ୍ୱର୍ଗକୁ ଯେବେ ଆସିବେ ।
ସେ କାଳେ ତୁମ୍ଭ ଦୂତ ଆସି କହିଲେ ତାହାର ଦଣ୍ଡ ପାଇବେ ॥

ଏହା ଶୁଣି ବହୁ ଆନନ୍ଦ ହୋଇଣ ଦେବତା ସ୍ୱର୍ଗକୁ ଗଲେ ।
ଏ ବାରତା ପାଇ[୫] ମାଲ୍ୟବନ୍ତ ବେନି ଭାଇଙ୍କୁ ଡାକି କହିଲେ ॥

ଶୁଣ ହେ ବାବୁ ଦେବତାଙ୍କ ଚରିତ ଆମ୍ଭଙ୍କୁ ମାରିବା ପାଇଁ ।
ଶକ୍ର ସହିତ ସକଳ ଦିଗପାଳେ ଧାତାଙ୍କୁ କହିଲେ ଯାଇଁ ।

ଧାତା ବୋଇଲେ ଶିବଙ୍କ ପାଶେ ଯାଅ ଶୁଣି ଶିବ ପାଶେ ଗଲେ ।
ସଦାଶିବ ଆମ୍ଭଙ୍କୁ ଦୟା ବହିଣ ସ୍ୱୀକାର ସେ ନ କଲେ ॥

ବିଷ୍ଣୁଙ୍କୁ କହିଲେ ବିଷ୍ଣୁ ଏବେ ତାଙ୍କୁ ହୋଇ ଅଛନ୍ତି ସପକ୍ଷ ।
ତୁମ୍ଭେମାନେ ଏବେ ଦୁଷ୍ଟ ପଣ ଛାଡ଼ ନୋହିଲେ ପ୍ରାଣ ମୁରୁଛ ॥

---

୧-ସମସ୍ତ ପୋଥିପାଠ । ୨ଦ୍ୱିଜ ସମିତ ଯେ ପୋଥିପାଠ । ୩-ତ୍ରିଷ୍ଣୁ ନାଥ ପୋଥିପାଠ । ୪-ବିଶ୍ୱନାଥ ପୋଥିପାଠ । ୫-ଏ ବାରତା ଭଣି ।

ସେ ବିଷ୍ଣୁ ହିଁ[୧] ଆମ୍ଭ ଅସୁର ମାନଙ୍କୁ ପୂର୍ବେ କରିଅଛୁ ନାଶ ।
ତାହାଙ୍କ ସଙ୍ଗେ ସମର କଲେ ଆମ୍ଭେ ନ ପାଇବା କିଛି ଯଶ ।।

ମାଲୀ ସୁମାଲୀ ମାଲ୍ୟବନ୍ତ ମୁଖରୁ ଏମନ୍ତ ଶୁଣିଣ କହେ ।
ମନ୍ତ୍ରୀ ମନ୍ତ୍ରଲେ ଜାତ ହୋଇ ଜନ୍ମ ମରିବାକୁ ଭୟ ହୋଏ ।।

ସଂଗ୍ରାମ କରି ମରିବା ଜୀଇଁବାକୁ ହୋଇବା ଯେବେ ନିଶ୍ଚିତ[୨] ।
ଆଜ ବେଳେ ଆମ୍ଭେ ସ୍ୱର୍ଗ ପୁର ଜିଣି ମାରିବାକ ପୁରୁହୂତ[୩] ।।

ଏତେ ବିଚାରି ରାକ୍ଷସ ମାନ ଘେନି ଲଙ୍କାରୁ ହେଲେ ବାହାର ।
ବିବିଧ ପକ୍ଷୀ ଯାନମାନ ଚଢ଼ିଣ ପ୍ରବେଶ ଅମର ପୁର ।।

ଶକ୍ର ଦେଖିଲେ ସ୍ୱର୍ଗରେ ପ୍ରବେଶ ହୋଇଲେ ସର୍ବ ରାକ୍ଷସ ।
ସତ୍ୟରେ ସଂଗ୍ରାମକୁ ହେଲେ ବାହାର ଦୂତ ପେଷି ବିଷ୍ଣୁ ପାଶ ।।

ଐରାବତ ଚଢ଼ିଣ ବଜ୍ର[୪] ଘେନି ଆଇଲେ ଅମର ପତି ।
ସମସ୍ତ ଦେବତା ମାନେ ଯୁଦ୍ଧ କଲେ ବେଢ଼ି ତାଙ୍କ ଚଉକତି ।।

ଯୁଦ୍ଧ ବୃତ୍ତାନ୍ତ କହିଲେ ଦୂତ ମାନେ[୫] ବିଷ୍ଣୁ ଦେବଙ୍କ ସମ୍ମୁଖରେ ।
ଶୁଣି ଗରୁଡ଼ ଆରୋହି ନାରାୟଣ ମିଳିଲେ ଆସି ସତ୍ୱରେ ।।

ଶଙ୍ଖ ଚକ୍ର ଗଦା ଶାରଙ୍ଗ ଘେନିଣ ବିଜୟ ଦେବାଧି ଦେବ[୬] ।
ଦେଖିଣ ରାକ୍ଷସ ବେଢ଼ିଣ ତାହାଙ୍କୁ ଯୁଦ୍ଧ କଲେ ଅସମ୍ଭବ ।।

ସମସ୍ତ ରାକ୍ଷସ ସମସ୍ତ ଆୟୁଧ ହରି ପରେ ବୃଷ୍ଟି କଲେ ।
ସେ ଆୟୁଧ ମାନ ଶ୍ରୀଅଙ୍ଗେ ପଡ଼ନ୍ତେ ଚକ୍ରେ ତାହା ନିବାରିଲେ ।।

ବଜ୍ର ସମ ଗଦା କରେ ଧରି ମାଲୀ[୭] ହରି ସମ୍ମୁଖେ ରହିଲା ।
ଗରୁଡ଼ ମୁଖରେ ପ୍ରହାର କରନ୍ତେ ବୈନତେୟ[୮] ପୃଷ୍ଠ ଗଲା ।।

ମହା ପୀଡ଼ା ପାଇ କଶ୍ୟପ ନନ୍ଦନ ଆଗକୁ ନ କଲା ମୁଖ ।
ତାହା ଦେଖିଣ ଦଇତ୍ୟାରି ମନରେ ହୋଇଲେ ବହୁତ ଦୁଃଖ ।।

---

୧-ଦନୁଟି ପୋଥିପାଠ । ୨-ସଂଗ୍ରାମ କଲେ ସେ ହାନି ଅପଚୟେ ଉଦ୍ଧିକ କାମ୍ୟ । ନିଶ୍ଚିତ ପୋଥିପାଠ । ୩-ପୁରୁହୂତ ପୋଥିପାଠ । ପୁରୁହୂତ-ଇନ୍ଦ୍ର । ୪-ବଜ୍ରପାଣି ପୋଥିପାଠ । ୫-ଦେବ ଦୂତେ-ପୋଥିପାଠ । ୬-ଦେବାଧି ରାଜ ପୋଥିପାଠ । ୭-କରେଧରି ମିଳି ପୋଥିପାଠ । ୮-ଗରୁଡ ଉପରେ ପ୍ରହାରନ୍ତେ ଗଦା ବଇନେୟ ପୋଥିପାଠ । ବୈନତେୟ-ବିନତା ନନ୍ଦନ ଗରୁଡ଼ ।

ବଜ୍ରମୁଷ୍ଟ ହୋଇ ଚକ୍ର ଘେନି ହରି କାଟିଲେ ମାଲୀ ମସ୍ତକ ।
ପୁଣି ହରି ସାରଙ୍ଗ କରେ ଧରି ପ୍ରଭୁ ମାଇଲେ ସୈନ୍ୟ ଅନେକ ॥

ସୁମାଳୀ ମାଲ୍ୟବନ୍ତ ବେନି ପଳାଇ ରସାତଳରେ ୧ ପଶିଲେ ।
ଏକା ହୋଇ ହରି ଗୋଡ଼ାଇ ଲଙ୍କାରେ ସର୍ବ ରାକ୍ଷସ ନାଶିଲେ ॥

ସେ ଲଙ୍କାଗଡ଼ ଶୂନ୍ୟ ଦେଖି ବିଶ୍ରବା ନନ୍ଦନକୁ ୨ ତାହା ଦେଲେ ।
ବୋଲେ ଋଷି ବୈଶ୍ରବଣ ୩ ସେ ସେହି କାଳରୁ ତହିଁ ରହିଲେ ॥

●

## ରାଗ—ତୋଡ଼ି

ଶୁଣସି ରଘୁନନ୍ଦନ ହେ ଗଲା କେତେ ହେଁ କ ଦନ
ସୁମାଳୀ ସୁନ୍ଦର ଦୁହିତାକୁ ଦେଖି ମନେ ବିଚାରି ଏସନ ଯେ ।

କେତେ କାଳ ଲୁଚି ଥିବ ଯେ ପୃଥିବୀକି ଏବେ ଯିବ ।
ବଳବନ୍ତ ଦେଖି ଦୁହିତା ଗୋଟିକି ନେଇ ପ୍ରଦାନ କରିବ ଯେ ॥

ଏମନ୍ତ ଭାଳି ଅସୁର ଯେ ଧରି କୁମାରୀର କର
ରସାତଳୁ ବେଗେ ବାହାର ହୋଇଲା କେବଳ ବିଷ୍ଣୁର ଡର ଯେ ॥

ଦେଖିଲା ତା ଲଙ୍କାପୁର ଯେ ରହି ୪ ଅଛନ୍ତି କୁବେର
କୁମାରୀ କି ଦେଖାଇଣ ସେ ବୋଇଲା ଏ ପୁର ଥିଲା ଆମ୍ଭର ଯେ ॥

ଏହି ସମୟେ କୁବେର ଯେ ଚଢ଼ି ପୁଷ୍ପ ରଥବର ।
ପିତାଙ୍କୁ ଦର୍ଶନ କରିବା ନିମନ୍ତେ ଲଙ୍କାରୁ ହେଲେ ବାହାର ଯେ ॥

ଗନ୍ଧର୍ବେ ଗାବନ୍ତି ଗୀତ ଯେ ଅପସରୀ କରେ ନୃତ୍ୟ
ଛତ୍ର ଚାମର ଆଲଟ ଆଦି ଘେନି ଖଟିଛନ୍ତି ଯକ୍ଷ ଭୃତ୍ୟ ଯେ ॥

ଗମନ୍ତେ ୫ ପୁଷ୍ପ ବିମାନ ଯେ ସୁମାଳୀ କହେ ବଚନ
ଦେଖ ଗୋ ଦୁହିତା ଏହି ଧନପତି ବିଶ୍ରବା ଋଷି ନନ୍ଦନ ଯେ ॥

---

୧-ରସାନ୍ତଳ ପୋଥିପାଠ । ୨-ବିଶ୍ରବା ନନ୍ଦନ=କୁବେର କୋବେର ପୋଥିପାଠ ।
୩ ବଇ ଶ୍ରବଣ-ବୈଶ୍ରବଣ କୁବେର । ୪-ବେଢ଼ି ଅଛନ୍ତି କୋବେର ପୋଥିପାଠ ।
୫-ଗଗନ ପୁସ୍ତକପାଠ ।

ପୁତ୍ର ତାର କୋଳେ ବେନି ଯେ  ପୁତ୍ରୀ ତାର କୋଳେ ତିନି
ତୁ ଏବେ ଏ ପତି ବର ମୋ କୁଳକୁ ଉଦ୍ଧାର ଜଗନ୍ମୋହିନୀ ଗୋ ॥

ଯାହାର ଥାଇ ଦୁହିତା ଯେ  ସେ ହୁଏ ଅତି[1] ଦୀନତା
ସେହି କନ୍ୟାମାନେ ନିଜ କୁଳ ସହିତେ ଭୂଷଣ[2] କରନ୍ତି ପିତା ଗୋ ॥

ତୁ ଏବେ ମୋ ବୋଲ କର ଯେ  ବିଶ୍ରବା ଋଷିଙ୍କ ବର ।
ଦେଖିଲୁ ଟିକି ବିମାନେ ଯାଉଥିଲା ତାହା ପୁତ୍ର ଧନେଶ୍ୱର ଗୋ ॥

ଏମନ୍ତ କହନ୍ତେ ତାତ ଯେ  କନ୍ୟା କଲେକ ସମ୍ମତ
କୁବେର ବାହୁଡ଼ା ଦେଖି ଋଷି କୁଟୀ ପାଶେ ମିଳିଲେ ତ୍ୱରିତ ଯେ ॥

ଅସ୍ତ ହୁଏ ଅଂଶୁମାଳୀ ଯେ  ମଠ ସନ୍ନିଧିରେ[3] ମିଳି
ଋଷି ମଠ ଏହି ଯାଅ ବୋଲି ତାକୁ[4] ଦେଖାଇ ଦେଲା ସୁମାଳୀ ଯେ ॥

ପିତାର ବଚନ କରି ଯେ  ମଠେ ପ୍ରବେଶ ସୁନ୍ଦରୀ[5]
ଉମା ଉଷା ରତି[6] ପ୍ରାୟେକ ଦିଶୁଛି ମୋହୁଅଛି ଯେସ୍ନୁ ପୁରୀ[7] ଯେ ॥

ସାୟଂ କାଳରେ ଆହୁତ ଯେ  ଦେଇଣ ବିଶ୍ରବା ଯତି
ଯାଗ ଶାନ୍ତି ହୋମୁ ବାହାର ଦେଖିଲେ ଉଭା ହୋଇଛି ଯୁବତୀ ଯେ ॥

ହୋଇ ଅଛି ହେଠ ମୁଖ ଯେ  ଭୂମି ଚିରେ ପଦ ନଖ
ମୁନି ବୃଦ୍ଧି ବୋଲେ କାହୁଁ ଏ ଅଇଲା କାମ ମୋହିନୀ ବିଶିଖ ଯେ ॥

ବୋଲନ୍ତି କାହାର ନାରୀ ଗୋ  କାହାର ଅଟୁ କୁମାରୀ
କି କାର୍ଯ୍ୟେ ଆମ୍ଭର ମଠକୁ ଆସିଛ କହ ଆମ୍ଭଙ୍କୁ ସୁନ୍ଦରୀ ଗୋ ॥

ଶୁଣି ବୋଲେ ବରନାରୀ ଯେ[8]  ପିତାଙ୍କ ଆଜ୍ଞାକୁ କରି
ତୁମ୍ଭର ଶ୍ରୀମୁଖକୁ ଅଇଲି ଭୋ ମୁନି ମୁହିଁ ଅବିବାହୀ ନାରୀ ହେ ॥

ତୁମ୍ଭେ ମନକଥା ଜାଣ ହେ  କହିବାର କି କାରଣ
ତୁମ୍ଭର ଦର୍ଶନ ପ୍ରସନ୍ନେ ଯୁବତୀମାନେ ହୁଅନ୍ତି କାରଣ ଯେ ॥

---

୧-ସୁନୀତା ପୁସ୍ତକପାଠ । ୨-ଦୁଃସହ ପୋଥିପାଠ । ୩-ସମୀପରେ ମିଳି ପୋଥିପାଠ । ୪-ଦୋହିତାକୁ ପୋଥିପାଠ । ୫-ମଠରେ ପ୍ରବେଶ ବାଳୀ ପୋଥିପାଠ । ୬-ରମ୍ଭା ରତି ରୂପ ପୋଥିପାଠ । ୭-ତନପୁରୀ ପୋଥିପାଠ । ୮-ସେହୁ ନାରୀ ପୋଥିପାଠ ।

ଏତେ ବୋଲି ହେଲା ତୁନି ଯେ ଧ୍ୟାନରେ ଜାଣିଲେ ମୁନି
ସୁମାଳୀ ଅସୁର ଗ୍ରମୁକୁ ପେଷିଣ ଦେଇ ଅଛଇ ନନ୍ଦନୀ ଯେ ॥

କରିଣ ପୁତ୍ର କାମନା ଯେ ଆସି ଅଛଇ ଅଙ୍ଗନା
ଏମନ୍ତ ବଚନ ପୁଲସ୍ତିଙ୍କ ସୁତ ହୋଇଲେ ସଦୟ ମନା ଯେ ॥

ତା କର କରେ ଧଇଲେ ଯେ ମାନସିକେ ବଶ ହେଲେ
ମଠ ଭିତରକୁ ନେଇଣ ତାହାକୁ ବଡ଼ୟ ସୁରତ କଲେ ଯେ ॥

ଉପଗତ ସନ୍ଧ୍ୟା କାଳେ ଯେ ହୋଇଣ ହରଣ ଡୋଳେ
ମହା ଭୟଙ୍କର ପୁତ୍ର ଉପୁଜିବ ଜଣିବ ସେ ଅଂଶରେ ଗୋ ॥

ପ୍ରଥମ ଜାତ କୁମର ଯେ ଦଶ ମୁଣ୍ଡ ବିଂଶ କର
ଦ୍ୱିତୀୟ ପୁତ୍ର ଜାତ ପୁଣ ହୋଇଲା ଶ୍ରବଣ କୁମ୍ଭ ଆକାର ହେ ।

ତୃତୀୟ ପୁତ୍ର ହୋଇଲା ଯେ ଶାନ୍ତ ଗୁଣକୁ ବହିଲା
ଚତୁର୍ଥେ ଦୁହିତା ଗୋଟିଏ ହୋଇଲା ସୁର୍ପଣଖା[୧] ନାମ ହେଲା ଯେ ।

ନୈକେଶୀ ସମାନ ହେଲେ ଯେ [୨] ଋଷି ପୁତ୍ର ପୁତ୍ରୀ ହେଲେ
ବୋଲେ ଋଷି ଏହା ଦେଖିଣ ସକଳ ଦେବତା ଭୟ ପାଇଲେ ଯେ ।

●

ରାଗ—କଳଶା[୩]

ଶୁଣ ରାଘବ ରାବଣର ଜନ୍ମ ଚରିତ ।
ପୃଥିବୀରେ ହେଲା ବହୁ ଉତପାତ ଜାତ ଯେ ॥

ଦଶ ଶିର ବିଂଶ କର ପିଙ୍ଗଳ ତା କେଶ ।
କଜ୍ଜ୍ୱଳ ବରନ ତନୁ ଦଶନ ଉତ୍କର୍ଷ[୪] ଯେ ॥

ତା ସାନୁଜ ପିଙ୍ଗଳ ମୂରତ ଯେ ପ୍ରଚଣ୍ଡ ।
ମହା ଉଚ୍ଚ ତଡ଼ତ ତା କେଶ ବାହୁଦଣ୍ଡ[୫] ଯେ ॥

---

୧-ସୁପଲେଖୀ ନାମ ଦେଲ ଯେ ପୋଥିପାଠ । ୨- ନୀକେଶୀ ଜନମ କଲେ ଯେ ପୋଥିପାଠ । ୩-ଢଶ--ଭୈରବ ସ୍ୱେକଭାଲୀ ପୋଥିପାଠ । ୪-ଏ ପାଦଟି ପୋଥିରେ ନାହିଁ । ୫-ଏ ପାଦଟି ପୋଥିରେ ନାହିଁ ।

ତା ସାନୁଜ ମେଘାକାର କରାଳ ତା ମୁଖ ୧ ।
ଭଗ୍ନୀ ଜୋଟାକ୍ଷୀର ୨ ସୂର୍ପ ପ୍ରାୟ ସବ ନଖ ହେ ॥

କୁମ୍ଭ ପ୍ରାୟ କର୍ଣ୍ଣ ଦେଖି କୁମ୍ଭକର୍ଣ୍ଣ ଦେଲେ୩ ।
ଭୃତ୍ତାସ୍ୟ ପୁତ୍ରକୁ ବିଭୀଷଣ ନାମ କଲେ ଯେ ॥

ସୂର୍ପ ନଖ ଦେଖି ସୂର୍ପଣଖା ନାମ ଦେଲେ ।
ବନେ ବନେ ଖୋଜି ମୃଗ ଜୀବକୁ ଖାଇଲେ ଯେ ॥

ଦଶଗ୍ରୀବ ଦେଖି ଦଶଗ୍ରୀବ ଯେ ବୋଇଲେ ।
ସିଂହ ଶାର୍ଦ୍ଦୂଳ ଭୟରେ ପଳାଇଣ ଗଲେ ହେ ॥

କୁମ୍ଭକର୍ଣ୍ଣ ସ୍ୱର୍ଗେ ଅପସରାଙ୍କ ଖାଇଲେ ।
ନନ୍ଦନ ବନ ଭାଙ୍ଗନ୍ତେ ଶକ୍ର କୋପ କଲେ ଯେ ॥

ଦୈତ୍ୟ ହୃଦେ ବଜ୍ର ଶକ୍ର ବୁଲାଇ ମାଇଲା ।
ହସି କରି ଦୈତ୍ୟ ଗଜଦନ୍ତକୁ ଧଇଲା ୪ ଯେ ॥

ଉପାଡ଼ିଣ ଦନ୍ତ ଶକ୍ର ହୃଦରେ ପାଡ଼ିଲେ ।
ମୋହେ ଶଚୀପତି ଗଜ ଉପରେ ପଡ଼ିଲେ ଯେ ॥

ଶକ୍ର ଜିଣି କୁମ୍ଭକର୍ଣ୍ଣ ଯେଉଁ ଦିନ ଅଇଲେ ୫ !
ସେହି ଦିନୁ ମହା ଭୟ ପୁରେ ତ ପାଇଲେ ୬ ॥

ଦର୍ଶନେ କୁବେର ୭ ପିତା ପାଶକୁ ଅଇଲେ ।
ଭାଇ ଭଗ୍ନୀ ମାତା ତାତ ସହିତେ ୮ ଦେଖିଲେ ଯେ ॥

ବହୁ ସଙ୍କୋଚରେ ତାତ କିଛୁ ନ କହିଲେ ।
ନନାଙ୍କୁ ଓଲଗ ହେ ଶ୍ରବଣି ମାତା ବୋଲେ ଯେ ॥

---

୧-ବିସ୍ତାର ତା ମୁଖ ପୋଥିପାଠ । ୨-ଭଗ୍ନୀ ଗୋଟି କ୍ଷୀର ଗ୍ରାସ୍ୟ ପୋଥିପାଠ । ୩-ଏହି ପାଦ ପୂର୍ବରୁ ପୋଥିରେ 'ଦଶଗ୍ରୀବ ଦେଖିଣ ଦଶ ଗ୍ରୀବ ନାମ ଦେଲେ' ପାଠ ରହିଛି । ଏହି ପାଦଟି ପୁସ୍ତକରେ ପରେ ରହିଛି । ୪-ଟହି ଟହି ଦେଖି ଦୈତ୍ୟ ଗଜଦନ୍ତ ମାଇଲା ପୋଥିପାଠ । ୫-ଅଇଲା ପୋଥି ପାଠ । ୬-ସୁରପୁରେ ହୋଇଥିଲା ପୋଥି ପାଠ । ୭-କ୍ଷଣକେ କୋବେର ପୋଥିପାଠ । ୮-ମସାରେ ପୋଥିପାଠ ।

ତିନି ସହସ୍ର ବରଷ ଏହି ତପ କଲେ ।
    କୋଳେ ଧରି ଧାତା ଧନପତି ପଦ ଦେଲେ ହେ ॥

ପାରିଲେ ତପସ୍ୟା କରି ତପୁ ବଡ଼ କାହିଁ ।
    ତପ ବଳେ ଅଚଳା ୧ ବିଭୁତି ଭୋଗ ହୋଇ ଯେ ॥

ମାତାଙ୍କ ବଚନେ ଅସୁରଙ୍କ ଛଳ ହେଲା
    ମେଲାଣି ମାଗି କୁବେର ନିଜ ପୁରେ ଗଲା ହେ ॥

ଦଶଗ୍ରୀବ ବୋଲେ ଭାଇ ତପ ଯେ କରିବା ।
    ଧାତାଙ୍କୁ ଦେଖିଲେ କାହାକୁହିଁ ନ ଡରିବା ହେ ॥

ତିନି ଭ୍ରାତ ବନ୍ଧୁଗଣ ବାହାର ହୋଇଲେ ।
    ତପ କରିବାକୁ ବନେ ପ୍ରବେଶ ହୋଇଲେ ୨ ଯେ ॥

ପାଦ ଛନ୍ଦି ପାଦେକ ସେ ଅଧୋ ୩ ମୁଖ ହେଲା ।
    ଦଶ ମୁଣ୍ଡ ମୋଡ଼ି ଅଗ୍ନି କୁଣ୍ଡେ ୪ ପକାଇଲା ଯେ ॥

ସହସ୍ର ବରଷେ ମୁଣ୍ଡ ମୋଡ଼ାଇ ଅବଶ୍ୟ ।
    ଏହି ରୂପେ ଗଲା ୫ ଦଶ ସହସ୍ର ବରଷ ଯେ ॥

କୁମ୍ଭକର୍ଣ୍ଣ ପଞ୍ଚାଗ୍ନି କରି ନିଦାଘ କାଳେ ।
    ଶୀତରେ ଶିଶିରେ ରହେ ଘନ କାଳେ ଜଳେ ହେ ॥

ବିଭୀଷଣ ଊର୍ଦ୍ଧ୍ୱ ମୁଖେ ପାଦକେ ରହିଲେ ।
    ତିନି ସସ୍ର ବର୍ଷ ସେ ଯେ ଅନ୍ନ ୬ ନ ଖାଇଲେ ହେ ॥

ମହା ଘୋର ତପେ ବେଦପତି ହେଲେ ତୋଷ ।
    ସକଳ ଅମର ଘେନି ପାଶରେ ପ୍ରବେଶ ଯେ ।

ଦେବତାଙ୍କୁ ବୋଲନ୍ତି ଏହାଙ୍କୁ ୭ ବର ଦେବା ।
    ଅହର୍ନିଶି ବସି ରାମ ପାଦେ କରେ ସେବା ହେ ॥

●

---

୧-ଅବଳା। ପୁସ୍ତକପାଠ । ୨-ପାଦଟି ପୋଥିରେ ନାହିଁ । ୩ଅ-ର୍ଦ୍ଧ ମୁଖ ପୋଥିପାଠ । ୪-ହୋମ କୁଣ୍ଡେ ପୋଥିପାଠ । ୫-ଏହିରୂପେ କଲା ପୋଥିପାଠ । ୬-ଅଶନ ନ ଖାଇଲେ ପୋଥିପାଠ । ୭-ତାହାଙ୍କୁ ପୋଥିପାଠ ।

## ରାଗ - ସିନ୍ଧୁଡ଼ା

ମରାଳ ଆରୋହି ସକଳ ଦେବତା ମାନଙ୍କୁ ବିରଞ୍ଚି ଘେନି ।
ରାବଣ ସମ୍ମୁଖେ ଉଭା ହୋଇ ବୋଲେ କଥା ମୋହିଲ ମୂର୍ଦ୍ଧନ ହେ ।
ଆସିଣ ମାଗ ବର ।
ମନ ବାଞ୍ଛା ଏବେ ପୂର୍ଣ୍ଣ କର ହେ ।
ଶିର ମାଳ ଲଗନ୍ତୁ ତୋହର ହେ ॥

କର ଯୋଡ଼ିଣ ଦଶଗ୍ରୀବ ବୋଲଇ ଦିଅ ମୋତେ ବେଦବର ।
ଦେବ ଦାନବ ଗନ୍ଧର୍ବ ବିଦ୍ୟାଧର ଯକ୍ଷ ନାଗାଦି କିନ୍ନର ହେ ।
ଏହାଙ୍କ କରେ ମୃତ୍ୟୁ ।
ନୋହିବଟି ଦେବ କୁଶକେତୁ ହେ ॥
ପିତାମହ ଆଜ୍ଞା ଦେଲେ ଅସ୍ତୁ ହେ ॥

ଦେବେ କହିଲେ ପିତାମହ ଶ୍ରବଣେ କୁମ୍ଭକର୍ଣ୍ଣକୁ ନ ବର ।
ବର ନ ପାଇଁ ଅପସନ୍ଧି ଖାଇଣ ଶକ୍ରେ ସେ କଲା ଯମର ହେ ।
ତାଙ୍କୁ କପଟ କର ।
ବର ଶାପ ପ୍ରାପ୍ତ ହେବ ତାର ହେ ।
ସରସ୍ୱତୀ ବସୁ କଣ୍ଠେ ତାର ହେ ॥

କୁମ୍ଭକର୍ଣ୍ଣଙ୍କୁ ବର ବିଧାତା ଦେଲେ ମାଗ ପୁଅ ମୋତେ ବର ।
ନିଶ୍ଚିନ୍ତ ହୋଇ ସୁଖେ ନିଦ୍ରା ଯିବି ମୁଁ ଆଜ୍ଞା ହେଉ କୁଶଧର ହେ ।
ଧାତା କଲେ ସ୍ୱୀକାର ।
ବିଭୀଷଣେ ବୋଲେ ମାଗ ବର ୧ ହେ ।
ଜାଣି ମାଗେ ବିଷ୍ଣୁ ଭକ୍ତି ମୋର୨ ହେ ॥

ଅସ୍ତୁ ଅସ୍ତୁ ହୋଇ ନିର୍ଜୀବ ହୋଇଣ ବିଷ୍ଣୁଙ୍କୁ କରିବ ସେବା ।
ଏ ବର ଦେଇ ବାହୁଡ଼ିଲେ ବିରଞ୍ଚି ଘେନିଣ ସକଳ ଦେବା ସେ ।
ବର ପାଇ ରାବଣ ।
ନିଦ୍ରା ଘେନ ମଧ୍ୟାହ୍ନ ଅରୁଣ ସେ ।
ଭେଟିଲେ ଅଜା ପାଇକ୩ ଗଣ ସେ ॥

---

୧-ମାଗନ୍ତୁ ପୋଥିପାଠ । ୨-ବିଷ୍ଣୁ ଭକ୍ତ ତତ୍ତ୍ୱ ପୋଥିପାଠ । ୩-ଅଜା ମଣ୍ଡଳୀ ଗଣ ପୋଥିପାଠ ।

ଅସୁରଗଣ ଭେଟିଣ ୧ ରାବଣକୁ ଦୁଷ୍ଟ ପଣ ଶିଖାଇଲେ ।
ଆମ୍ଭର ଲଙ୍କା କୁବେର ନେଇଅଛୁ ତାହାକୁ ମାଗ ବୋଇଲେ ସେ ।
ତାହା ଶୁଣି ରାବଣ ।
ନାସ୍ତି କଲ ଚୁର୍ଣ୍ଣିଣ ଶ୍ରବଣ ସେ ।
ଆମ୍ଭ ନନା ୨ ବୋଲି କି ନ ଜାଣ ହେ ॥

ମାତୁଳ ବୋଇଲେ ଦେବତା ଦାନବେ ଅଟନ୍ତି ଏ ବେନି ଭାଇ ।
ଦେବତା ମାନେ ଅମୃତ ଭୋଗ କଲେ କପଟ କରଣ ଯାଇ ସେ ।
ଖାଇ ସିନା ଭଗାର ।
କୁବେରଟି ତୁମ୍ଭର ବଇରି ହେ ।
ଦେଖ ଭୁଞ୍ଜଇ ବିପୁଳ ଶିରୀ ୩ ହେ ॥

ମାତୁଳ ମୁଖୁ ଏସନ ବାଣୀ ଶୁଣି ଦୂତେ କହେ ଦଶାନନ ।
ନାନଙ୍କୁ କହିବ ଆଜହୁଁ ଆମ୍ଭଙ୍କୁ ୪ ଛାଡ଼ିବେ ଲଙ୍କା ଭୁବନ ହେ ।
ଯେତ ନୋହେ ତୁମ୍ଭର ।
ଖଣ୍ଡୁ ଧନେ ସେ ପୁର ଆମ୍ଭର ହେ ।
ତୁମ୍ଭେ ନ ଦେଲେ ସଂଗ୍ରାମ କର ହେ ॥

ରାବଣ ଆଜ୍ଞା ପାଇଣ ଦୂତେ ଯାଇ କୁବେର ଆଗରେ କହିଲେ ।
ରାବଣ ତୁମ୍ଭ ତୁମ୍ଭକୁ ପେଷି ଲଙ୍କା ମଗାଇ ପଠାଇଲେ ୫ ହେ ।
ତାଙ୍କ ଅଜାଙ୍କ ପୁର ।
ତୁମ୍ଭେ ଏବେ ସିନା କଲ ଘର ହେ ।
କହ ନ ଦେବା ଦେବା ବିଚାର ହେ ।

କୁବେର ବୋଲଇ ପିତା ସିନା ମୋତେ ଦେଇଛନ୍ତି ଲଙ୍କା ୬ ପୁର ।
ତାହାଙ୍କ ଆଜ୍ଞା ହେଲେ ମୁଁ ଏଥୁ ଯିବି ପଚାରିବା ଯାଏ କର ହେ ।
ଯେବେ ମାଗିଲ ମୋତେ ।
ଛାଡ଼ି ଯିବଇଁ ପିତା ଅଗ୍ରତେ ହେ ।
କହୁ ନବଗ୍ରହ ସୁଚଣେ ହେ ॥

---

୧-ବେଢ଼ିଣ ପୋଥିପାଠ । ୨-ଅମ୍ଭ ଲଙ୍କା ପୋଥିପାଠ । ୩-ତୁମ୍ଭେ ଦେଖିବ ବିପୁଳ ଶିରି ହେ ପୁସ୍ତକପାଠ । ୪-ତାହାଙ୍କୁ କହ ଆଜହୁଁ ଆମ୍ଭଙ୍କୁ ପୋଥିପାଠ । ୫-ପଠିଆଇ ସେତ ଲଙ୍କା ମଗାଇଲା ପୋଥିପାଠ । ୬-ଏ ପୁର ପୋଥିପାଠ ।

ଏମନ୍ତ ଶୁଣି ସେ ଦଶ ଗ୍ରୀବ ଦୂତ ଦଶଗ୍ରୀବକୁ କହିଲେ ।
ସକଳ ଅସୁର ସହିତେ ରାବଣ ଶୁଣିଣ ହରଷ ହେଲେ ସେ ।
ପୁଷ୍ପକ ଯାନେ ବସି ।
ଧନପତି ପିତା ପାଶେ ଆସି ସେ ।
କର ଯୋଡ଼ି ବହୁ ସ୍ତୁତି ଭାଷି୧ ସେ ।।

କୁବେର କଣାଏ ଦଶଗ୍ରୀବ ଦୂତ ମୋତେ ଜଣାଇ ବାରତା ।
ଲଙ୍କା ଛାଡ଼ି ଯିବ ନ ଗଲେ ଯୁଝିବ କ କରିବ ଏବେ ପିତା ହେ ।
ଶୁଣି ସେ ମୁନିବର ।
ବୋଲନ୍ତି ଦୁଷ୍ଟ ସ୍ୱଭାବ ତାର ହେ ।
ଆମ୍ଭ ଶାପକୁ ନ କଲା ଡର ହେ ।।

ଏକେ ଅସୁର ଦୁଜେ ବର ପାଇଲା ଜିଣିଲେ ସଚରାଚର ।
ଋଷିଙ୍କି ଖାଇ ଯାଗମାନ ଭାଙ୍ଗିଲା ପାପକୁ ନାହିଁ ବିଚାର ୨ ହେ ।
ଲଙ୍କା ଛାଡ଼ିଣ ଯାଅ ।
କଇଲାସେ ଘର କରି ରହ ହେ ।
ତାର ଚରିତ ମୋତେ ନ କହ ହେ ।

ପିତା ଆଜ୍ଞା ପାଇ ଧନପତି ଲଙ୍କା ତେଜି କଇଲାସେ ଗଲା ।
ଶିବ ସଙ୍ଗେ ସଖା ହୋଇଣ ତହିଁରେ ବିଚାଣ ପୁରେ୩ ରହିଲା ହେ ।
ରାବଣ ନେଲା ଲଙ୍କା ।
ତାହା ଶୁଣି ଦେବେ କଲେ ଶଙ୍କା ହେ ।
ଜିଣିବ ବୋଲି କଲେ ଆଶଙ୍କା ହେ ।

ମହାପାରୁଶ୍ୱ ମହୋଦର ମାରୀଚ ଶୁକ ସାରଣ ପ୍ରହସ୍ତ
ତ୍ରିଶିରା ଖର ଦୂଷଣ ମନ୍ତ୍ରୀମାନେ ମିଳିଲେ ଆସି ବହୁତ ହେ ।
ଖଟି ରାବଣ ପାଶ ।
ତାର ହେଲେ ଅତ୍ୟନ୍ତ ବିଶ୍ୱାସ ଯେ ।
ବସି ଅଛଇ ରାମଙ୍କ ଦାସ ସେ ।।

●

---

୧-ବହୁତ କହେ ହସି ପୋଥିପାଠ ।   ୨-ପାପକୁ ନ କରେ ଡର ପୋଥିପାଠ ।
୩-ବିଚାଣପୁରେ ରହିଲେ ପୁସ୍ତକପାଠ ।

## ରାଗ—କଳସା ବାଣୀ

ଶୁଣ ହେ ରାମ ରାବଣ ହୋଇଲା ପ୍ରତାପୀ ।
ଶୟନରୁ ଉଠିଲା ସେ କୁମ୍ଭକର୍ଣ୍ଣ ପାପୀ ।।

ଏମନ୍ତ ଦେଖି ରାବଣ ଧାତାଙ୍କୁ କହିଲା ।
ଛ ମାସେ ଉଠିବ ନିର୍ବନ୍ଧ କଲ ଅଇଲା ।।

ଭ୍ରମନ୍ତେ ରାବଣ ସଙ୍ଗେ ମନ୍ତ୍ରୀଗଣ ଘେନ ।
ଦେଖିଲେ ମୟଦୈତ୍ୟର ସଙ୍ଗତେ ୧ ନନ୍ଦନ ।।

ସୁନ୍ଦରୀ ପଣେ ନିପୁଣ ୨ ଯଉବନବତୀ ।
ଦେଖିଲେ ଭୟ କରିବେ ରମ୍ଭା ହୈମବତୀ ୩ ।।

ମୟ ଦୈତ୍ୟକୁ ଦେଖିଣ କହଇ ୪ ରାବଣ ।
କନ୍ୟା ଗୋଟିଏ ଘେନିତ ଭ୍ରମୁଛ ଅପଣେ ୫ ।।

ମୟଦୈତ୍ୟ ବୋଲେ ସେ ଦୁହିତା ମନ୍ଦୋଦରୀ ।
ସୁବର ପାଇଲେ ୬ ଦେଇ ଦେବଇଁ ଭାର୍ଯ୍ୟା କରି ।।

ରାବଣ ମନ୍ତ୍ରୀ ୭ କହିଲା ରାବଣଙ୍କୁ ବର ।
ବିଶ୍ରବା ନନ୍ଦନ ଜ୍ୟେଷ୍ଠ ଭାଇଟି କୁବେର ।।

ଶୁଣି ମୟଦୈତ୍ୟ ତାହା ସାତ୍ତ୍ୱିକ ୮ କଲା ।
ବିଭା କରାଇ ଦୁହିତା ରାବଣକୁ ଦେଲା ।।

ଯଉତୁକ କରି ଦେଲା ଅମୋଘ ଶକତି ।
ଲଙ୍କାକୁ ଗଲା ରାବଣ ପାଇ ପ୍ରିୟବତୀ ।।

ସୁରୁଙ୍କ ଦେଖିଣ ୯ ତାଙ୍କୁ କଲେ ପାଟରାଣୀ ।
ବେନି ଭାଇ ଭଗ୍ନୀ ବିଭା କଲେ ବନ୍ଧୁ ଜାଣି ୧୦ ।।

---

୧-କୁଳର ନନ୍ଦନା ପୋଥିପାଠ । ୨-ସୁନ୍ଦରୀ ପଣେ ନିର୍ଗୁଣ । ୩-ରମ୍ଭା ଶଚୀପତି ପୁସ୍ତକପାଠ । ୪-ପୁଚ୍ଛଇ ରାବଣ ପୋଥିପାଠ । ୫-କରିଛୁ ତର୍ପଣ ପୋଥିପାଠ । ୬-ସୁନ୍ଦର ବର ପାଇଲେ ପୋଥିପାଠ । ୭-ସୈନ୍ୟ ପୋଥିପାଠ । ୮- ସନମତ ପୋଥିପାଠ । ୯-ପୁଣ ତାହାକୁ କଲ ପୋଥିପାଠ । ୧୦-ଭଗ୍ନୀମାନ ଆଣି ପୋଥିପାଠ ।

ମନ୍ଦୋଦରୀ ଗର୍ଭେ ହେଲା ମେଘନାଦ ଜାତ ।
ବହୁ କାଳ ତପ କଲା ରାବଣର ସୁତ ॥

ଦୁଃସହ ତପ ଦେଖିଣ ଧାତା ବର ଦେଲେ ।
ତେଣୁ କରି ତାକୁ କେହି ଜିଣନ୍ତା ନୋହିଲେ ॥

ଶୁଣ ହେ ଶ୍ରୀରାମ ଏଥୁ ଅନନ୍ତରେ ରସ ।
ନନ୍ଦନବନ ରାବଣ କଲାକ ବିନାଶ ॥

ଗନ୍ଧର୍ବଙ୍କ୍ତ ଜିଣି ଅପସରୀଙ୍କି ଆଣିଲା ।
ଏହା ଶୁଣିଣ କୁବେର ବିସ୍ମୟ ହୋଇଲା ॥

ଦୂତକୁ ରାଇ ବୋଇଲା ଲଙ୍କାକୁ ୧ ଯେ ଯିବ ।
ଆମ୍ଭ ଆଜ୍ଞାବୋଲି ଦଶଗ୍ରୀବକୁ କହିବ ॥

ବୋଲିବ ପୂର୍ବରେ ବହୁ ୨ ଅନ୍ୟାୟତ କଲ ।
ସବୁରି ମୁଖରେ ଏବେ ଅକୀର୍ତ୍ତି ପାଇଲ ॥

ଦେବତା ବ୍ରାହ୍ମଣେ ଏବେ ଅନ୍ୟାୟ ୩ ନ କର ।
ଏଣୁ କହିଲୁଟି ୪ ଯେଣୁ ସୋଦର ୫ ଆମ୍ଭର ॥

ଅଧର୍ମ କଲେ ଯେ ଅଳ୍ପ ଦିନେ ନାଶ ଯାଇ ।
ଧର୍ମ କଲେ ସବୁରି ମୁଖରେ ଯଶ ପାଇ ୬ ॥

ଦୂତକୁ କହିଲା କଇଳାସର ବୃତ୍ତାନ୍ତ ।
ପାର୍ବତୀ ମହେଶ୍ବର ହୋଇଥିଲେ ଏକାନ୍ତ ॥

ମୁଁ ବୋଇଲି ଦେଖିବା ଏ କେବଣ ବୃତ୍ତାନ୍ତ ।
ପାର୍ବତୀଙ୍କ ଠାରେ ପଡ଼ିଲା ମୋ ବାମନେତ୍ର ୭ ॥

ପାର୍ବତୀଙ୍କ ଅଙ୍ଗେ ଯେଉଁ ନୟନ ପଡ଼ିଲା ।
ସେହି ନୟନକୁ ମୋର କାନ୍ତି ନ ଦିଶିଲା ॥

---

୧-ଲଙ୍କା କରି ପୋଥିପାଠ । ୨-ତୁମ୍ଭେ ବଡ଼ ଅନ୍ୟାୟ ପୋଥିପାଠ । ୩-ବ୍ରାହ୍ମଣ ମୂର୍ତ୍ତି ସ୍ତ୍ରେ ଅନୀତ ପୋଥିପାଠ । ୪-ତୋତେ କହିଲୁ ପୋଥିପାଠ । ୫-ସୋହଦ୍ର ପୋଥିପାଠ । ୬-ପୌରଷ ପୋଥିପାଠ । ୭-ପାର୍ବତୀ ଘରେ ପଡ଼ିଲା ମୋ ବାମ ନେତ୍ରାନ୍ତ ପୁସ୍ତକପାଠ ।

ତାହା ^୧ ଦେଖି ସଦାଶିବ ମୋତେ ଦୟା କଲେ ।
ବହୁ ପ୍ରୀତି କରି ମୋର ସଙ୍ଗେ ସଖା ହେଲେ ॥

ଏମନ୍ତ କହନ୍ତୁ ଯାଇ ଦଶଗ୍ରୀବ ପାଶ ।
ଅଧର୍ମ କରଣ କେହୁ ପାଇ ନାହିଁ ଯଶ ॥

ଏ ସନ୍ଦେଶ ଘେନି ଦୂତ ଲଙ୍କାକୁ ଚଳିଲା ^୨ ।
ରାବଣର ପାଶୁଣାରେ ଯାଇଣ ମିଳିଲା ॥

କୁବେର ଦୂତ ବୋଲନ୍ତେ କଲା ପଡ଼ରୁଷ ।
କୁଶଳ ବାରତା ପୁଚ୍ଛି ହେଲା ହସ ହସ ^୩ ॥

ଦୂତ କର ଧରିଣ ଏକାନ୍ତେ ^୪ ପଚାରିଲା ।
କି କାରଣରେ ତୁମ୍ଭଙ୍କୁ ପେଷିଲେ ବୋଇଲା ^୫ ॥

ଦୂତ ଜଣାଇଲା ଅପକୀର୍ତ୍ତିମାନ ଶୁଣି ।
ଏଥକୁ କୁବେର ପେଷିଛନ୍ତି ବଂଶପାଣି ॥

ଆଜ୍ଞା ଦେଲେ ^୬ ଗନ୍ଧର୍ବମାନେ କଲେ ଦୋଷ ।
ଋଷି ପୁତ୍ର ହୋଇ ଋଷି ଯାଗ ^୭ କଲେ ନାଶ ॥

ଅଧର୍ମ କଲେ ଅଳପେ ^୮ ଯାଇ ବାକୁ ନାଶ ।
ଧର୍ମ କଲେ ଧର୍ମରେ ପ୍ରାପତ ବହୁ ଯଶ ^୯ ॥

କହିତ ଦୋଷରେ ମୋର ନେତ୍ର ଗଲା ନାଶ ।
ଅବଲୋକନେ ପାର୍ବତୀ କଲେ ମୋତେ ରୋଷ ॥

ବହୁ ତପ ଦେଖି ମୋତେ ଶିବ ଦୟା କଲେ ।
ବହୁ ପ୍ରୀତରେ ମୋହର ସଙ୍ଗେ ସଖା ହେଲେ ॥

ତ୍ରିଭୁବନ ଜନେ ଯାହା ପଦରେ ଶରଣ ।
ଯାହା ନେତ୍ରାନଳେ ଭସ୍ମ ହେଲା ପଞ୍ଚବାଣ ॥

---

୧-ତପ ଦେଖି ପୁସ୍ତକପାଠ । ୨-ବେଗେ ଚଳିଗଲା ପୋଥିପାଠ । ୩-ବଡ଼ ତୋଷ ପୋଥିପାଠ । ୪-ଏମନ୍ତେ ପୁସ୍ତକପାଠ । ୫ କି କାରଣେ ପେଷିଛନ୍ତି ବୋଲିଣ ବୋଇଲା ପୋଥିପାଠ । ୬-ବୋଇଲେ ପୋଥିପାଠ । ୭-ଋଷିମାଙ୍କ ପୋଥିପାଠ । ୮-ଅଧର୍ମେ ଯାଇ ପୁସ୍ତକପାଠ । ୯-ପଉରୋଷ ପୋଥିପାଠ ।

ଏମନ୍ତ ଶୁଣି ରାବଣ ବହୁ କୋପ କଲା ୧ ।
ଏ ବାରତା ମାନ ମୋତେ ଦେଇଛୁ ବୋଇଲା ॥

ଶିବ ମୋର ସଖା ହେଲା ପାଇଲି ମୁଁ ଯଶ ।
ଅଧର୍ମ କରୁଛୁ ତୁହି ହୋଇବୁ ବିନାଶ ॥

ଏମନ୍ତ ବାରତା ଏବେ ଦେଇ ଅଛୁ ମୋତେ ।
ଜାଣିବା ତାହାର ଅଙ୍ଗେ ବଳ ଅଛୁ କେତେ ।

ଏମନ୍ତ ବୋଲିଣ କରେ ଖଡ୍ଗ ଧଇଲା ।
କ୍ରୋଧଭରେ ଯେ ଦୂତକୁ ବେନି ଖଣ୍ଡ କଲା ॥

ସାଜିଲାକ ଗଜ ଅଶ୍ୱ ଚତୁରଙ୍ଗ ୨ ବଳ ।
ବାରତା ପାଇଣ ଭୟ କଲେ ଦିଗପାଳ ॥

କୁବେର ୩ ନବରେ ଯାଇ ପ୍ରବେଶ ହୋଇଲା ।
ମଣିଗ୍ରୀବ ୪ ସଙ୍ଗତରେ ବହୁ ରଣ କଲା ॥

ରାବଣ ହାତରେ ମଣିଗ୍ରୀବ ମନ୍ତ୍ରୀ ମଲା ୫ ।
ଏମନ୍ତ ଦେଖି କୁବେର ଅନ୍ତର ହୋଇଲା ୬ ॥

ସଂଗ୍ରାମେ ୭ ରାବଣ ବହୁ ଯକ୍ଷଗଣ ନାଶେ ।
ଏକା ହୋଇଣ ଯାଇ କୁବେର ପୁରେ ପଶେ ॥

କୁଟୁମ୍ବ ବୋଲି ଯୁବତୀମାନଙ୍କୁ ନ ନେଲା ୮ ।
ପୁଷ୍ପକ ବିମାନ ତାର ପୁରେଣ ୯ ଦେଖିଲା ॥

ବଳେ ନେଇ ଅଇଲା ସେ ପୁଷ୍ପକ ବିମାନ ।
ତହିଁ ଆରୋହି ଭ୍ରମିଲା ସକଳ ୧୦ ଭୁବନ ॥

ଆକାଶେ ବିମାନ ନେଇ ଯାନ୍ତେ ନ ଚଳିଲା ୧୧ ।
ଏ କେଉଁ ବୃତ୍ତାନ୍ତ ବୋଲି ମନ୍ତ୍ରୀଙ୍କି ପୁଚ୍ଛିଲା ॥

---

୧-ବହୁତ କୋପିଲା ପୋଥିପାଠ । ୨-ଚତୁରଙ୍ଗ ପୋଥିପାଠ । ୩-ନଗରେ ପୋଥିପାଠ । ୪-ମଣିଭଦ୍ର ପୋଥିପାଠ । ୫-ମଣିଭଦ୍ର ପୋଥିପାଠ । ୬-ତାହା ଦେଖି କୁବେର ଅନ୍ତରାଳ ହୋଇଲା ପୋଥିପାଠ । ୭-ସମରେ ପୋଥିପାଠ । ୮-ସେ ନେଲା ପୋଥିପାଠ । ୯-ପୁଷ୍ପକ ନାମରେ ଯାନ ତା ପୁରେ ପୁସ୍ତକ ପାଠ । ୧୦-ଚଉଦ ଭୁବନ ପୋଥିପାଠ । ୧୧-ଯାନ୍ତେ ଚଳିଗଲା ପୋଥିପାଠ ।

ମନ୍ତ୍ରୀ ବୋଇଲେ କି ଅବା କୁବେର ଶାପ ସେ ୧ ।
ଏମନ୍ତ ବୋଲନ୍ତେ ନନ୍ଦୀ ମିଳିଲା ତା ପାଶେ ॥

ନନ୍ଦୀ ବୋଲେ ଆରେ ଏହି କଇଲାସ ଗିରି ।
ବିଜୟ କରି ଅଛନ୍ତି ଶଙ୍କର ଗଉରୀ ॥

ଏ ଗିରି ଉପରେ ଡ଼ରି ୨ ନ ଉଡ଼ନ୍ତି ପକ୍ଷୀ ।
ଦେବ ଦାନବେ ଆସନ୍ତି ବିମାନ ୩ ଉପେକ୍ଷି ॥

କେମନ୍ତ ହୋଇ ବିମାନ ଚଳିବ ତୋହର ।
ଏଡ଼େ ଗର୍ବ କିପାଇଁ କରୁଛୁ ଦଶଶିର ॥

ନନ୍ଦୀର ମୁଖରୁ ଶୁଣି ଏମନ୍ତ ବଚନ ।
କ୍ରୋଧେ ପ୍ରଜ୍ୱଳିତ ହୋଇ କହେ ଦଶାନନ ॥

ମୁଖ ହଲାଇ ବାନର କହୁ ମୋତେ କଥା ।
ଏହିକ୍ଷଣି ଛେଦନ କରିବି ତୋର ମଥା ॥

ଈଶ୍ୱର ପାର୍ବତୀର ସହିତେ କଇଲାସ ।
ଉପାଡ଼ି ପକାଇ ଦେବି ଯିବ ସର୍ବେ ନାଶ ॥

ରାବଣ ମୁଖରୁ ନନ୍ଦୀ ଏ ବଚନ ୪ ଶୁଣି ।
ବୋଇଲେରେ ଆମ୍ଭଙ୍କୁ ନ ଜାଣୁ ୫ ବଂଶ ପାଣି ॥

ଆମ୍ଭ କପିଙ୍କର ହସ୍ତେ ହୋଇବୁ ବିନାଶ ।
ଶାପ ଦେଇ ବାହୁଡ଼ିଣ ଗଲେ କଇଲାସ ॥

ଯେଣୁ ଆକାଶେ ସ୍ଥଗିତ ହୋଇଲାକ ଯାନ ।
ମହା କ୍ରୋଧ କରି ଓହ୍ଲାଇଲେ ଦଶାନନ ॥

କଇଲାସ ଓପାଡ଼ିବ ବୋଲି ବିଚାରିଲା ।
ଆକର୍ଷିଣ ବିଂଶ ଭୁଜେ ଗିରିକି ଧଇଲା ॥

---

୧-କୋବେର ଶାପ୍ୟ ବଶେ ପୋଥିପାଠ । ୨-ହାଦେ ନ ଉଡ଼ନ୍ତି ପୋଥିପାଠ ।
୩-ଆସନ ପୋଥିପାଠ । ୪-ଏମନ୍ତ ପୋଥିପାଠ । ୫-ଡ଼ରୁଛ ପୋଥିପାଠ ।

ଓପାଡ଼ନ୍ତେ କଇଲାସ ହେଲା ଟଳମଳ
ଗିରିଜା ସଦାଶିବଙ୍କୁ ତରି କଲେ କୋଳ ॥

ଶିବ ବିଗ୍ରହଲେ କମ୍ପା କମ୍ପିଲା ପର୍ବତ ।
ଯୋଗରେ ଜାଣିଲେ ଓପାଡ଼େ ବିଶ୍ରବାସୁତ ॥

ଏମନ୍ତ ଜାଣି ପାଦ ଅଙ୍ଗୁଷ୍ଠି ଦେଲେ ମାଡ଼ି ।
ମାଡ଼ିଣ ପଡ଼ିଲା ୫ ଗିରି କଲା ଘୋର ରଡ଼ି ॥

ସହସ୍ର ବରଷ ଯାଏ ରଡ଼ି ଛାଡ଼ୁଥିଲା ।
ମହା ପୀଡ଼ା ପାଇ ମର୍କଟ ପ୍ରାୟେ ଦିଶିଲା ॥

ମନ୍ତ୍ରୀମାନେ ବୋଇଲେ କପାଇଁ ରଡ଼ି ଛାଡ଼ ।
ଏହି ରଡ଼ି ଶବଦରେ ଶିବ ମନ୍ତ୍ର ପଢ଼ ॥

ଏମନ୍ତ ଶୁଣି ରାବଣ ଶିବ ସ୍ତବ ପଢ଼େ ।
ଦୀନ ନଶି ମତ୍ତ ରାମ ଚରଣ ନ ଛାଡ଼େ ॥

●

## ରାଗ—ଗଉଡ଼ମାଳଶ୍ରୀ

ଶୁଣ ହେ ରାଜନ ଅଛି ରହସ୍ୟ ବଚନ ୫
ରାବଣ ସ୍ତବ କରନ୍ତେ ସଦାଶିବ ତାଙ୍କୁ ହୋଇଲେ ପ୍ରସନ୍ନ
ଶୁଣହେ ରାମ ୬ ॥

ଗିରିକୁ ବାହାର କଲେ ରାବଣ ନାମଟି ଦେଲେ
ତାର ଦୁଃଖ ଦେଖି ସେ କ୍ରୋଧ ଉପେକ୍ଷି ବହୁ ଦୟା ତାଙ୍କୁ କଲେ
ଶୁଣହେ ରାମ

ଶିବ ଚରଣେ ପଡ଼ିଲା ବିମାନ ବୁଲାଇ ନେଲା
ହିମାଚଳେ ବେଦମତୀ ତପ ସ୍ଥାନେ ଯାଇଣ ଉଭା ହୋଇଲା ।
ଶୁଣହେ ରାମ ॥

---

୧-ଗିରିବର ପୋଥିପାଠ । ୨-ଚଳିଲା ପୋଥିପାଠ । ୩-ବସିଲା ପୋଥିପାଠ ।
୪-ତୋଳି ପଡ଼ିତାଳ ପୋଥିପାଠ । ୫-ଅଛନ୍ତି ରମ୍ୟ ବଚନ ପୋଥିପାଠ ।
୬-ପୋଥିରେ ନାହିଁ ।

ସୁନ୍ଦରୀ ନାରୀ ଦେଖିଲ ତାକୁ ଆକର୍ଷିଣ ନେଲ ୧
ସତୀ ନିଜ କରେ ନିଜ କେଶ କାଟି ଏମନ୍ତ ଶାପଟି ଦେଲା
ଶୁଣ ହେ ରାମ ।।

ମୋର ଯୋଗୁଁ ହେବୁ ନାଶ ନ ରହିବ ୨ ତୋର ବଂଶ
ଏତେ ବୋଲି ଅଗ୍ନି ଜଳାଇ ପଶିଲେ ନିଜ ତନୁ କଲେ ନାଶ
ଶୁଣହେ ରାମ ।।

ସେଠାରୁ କଲେ ଗମନ ପବନ ପ୍ରାୟେ ତା ଯାନ
ଯାହା ଦେଖିବାକୁ ପ୍ରବେଶ ହୋଇଲା ମରୁତ ରାଜ ଭୁବନ
ଶୁଣହେ ରାମ ।।

ସକଳ ଦେବତା ଥିଲେ ଦଶମୁଖକୁ ଦେଖିଲେ
ନାନା ରୂପମାନ ଅମରେ ଧରିଣ ସେଠାରୁ ପଳାଇ ଗଲେ
ଶୁଣହେ ରାମ ।।

ଶକ୍ର ହୋଇଲ ମୟୂର ସରଟ ହେଲେ କୁବେର
ଯମ ହୋଇଲେ କାକ ହଂସର ସ୍ୱରୂପ ହୋଇଲା ବରୁଣଙ୍କର
ଶୁଣ ହେ ରାମ ।।

ପୁରୋହିତ ରୁଷ୍ଟ ହୋଇ ରାଜାଙ୍କୁ କହିଲେ ଯାଇ
ସଂକଳ୍ପ ତୁମର ଭଗ୍ନ ହିନା ହେବ ଯୁଦ୍ଧ କର ନ୩ ଯୋଗାଇ
ଶୁଣହେ ରାମ ।।

ଧାତା ଦେଇଛନ୍ତି ବର ହୋଇଣ ଥିବ ଅମର
ହାରିଲୁଁ ବୋଇଲେ ବାହୁଡ଼ିଣ ଯିବୁ ଏଥକୁ କି କୋପ କର୪
ଶୁଣ ହେ ରାମ ।।

ରାଜା ସୀକାର କଲେ ହାରିଲୁ ବୋଲି ବୋଇଲେ
ମରୁତ ହାରିଲା ବୋଲି ଶୁଣି ରାବଣ ବିମାନେ ଭ୍ରମି ଦେଲେ୫
ଶୁଣ ହେ ରାମ ।।

---

୧-ତାକୁ ଆକର୍ଷିଣ କଲା ପୁସ୍ତକ ପାଠ । ୨-[illegible] ପୋଥି ପାଠ ।
୩-ଯୁଦ୍ଧ କର କାହିଁ ପାଇଁ ପୋଥିପାଠ । ୪-କୋପନ କର ପୋଥିପାଠ ।
୫-ରାବଣ ତହୁଁ ବାହୁଡ଼ିଣ ଗଲେ ପୋଥିପାଠ ।

ରାବଣ ଯିବା ଦେଖିଣ — ନାନା ରୂପେ ଦେବ ଗଣ
ଯେ ଯେଉଁ ରୂପ ଧଇଥିଲେ ତାହାକୁ ବର ଦେଲେ ସେହିକ୍ଷଣ ।
ଶୁଣ ହେ ରାମ ॥

ମୟୂରକୁ ବର ଦେଲେ[1] — ସହସ୍ର ଲୋଚନ କଲେ
ହଂସକୁ ବରୁଣ ଗାତ୍ର ଶୁଭ୍ର କରି ଜଳେ ନ ବୁଡ଼ ବୋଇଲେ[2]
ଶୁଣ ହେ ରାମ ॥

ଦେଲେ ଧନପତି ବର — ଗିରଟି ତୋର ଶରୀର
ସୁବର୍ଣ୍ଣ ପ୍ରାପ୍ତ ତୋର ହେବ ହେମ ମୁକୁଟ ଥିବ ତୋ ଶିରେ[3]
ଶୁଣ ହେ ରାମ ॥

ଯମ କାଳେ ବର ଦେଲେ — ଅମର ତାହାକୁ କଲେ
ଏ ତୋର ଇଚ୍ଛାଏ ନ ମରିବୁ ତୁହ୍ମ ମାଇଲେ ମର ବୋଇଲେ
ଶୁଣ ହେ ରାମ ॥

ରାବଣ ଭ୍ରମଣ କଲା — ମହାରାଜାଙ୍କୁ ଜଣିଲା
ବୋଲେ ରାମ ବଶୀ ବିମାନ ଆରୋହି ଅଯୋଧ୍ୟା ପ୍ରବେଶ ହେଲା,
ଶୁଣ ହେ ରାମ ॥

●

## ବଉଳ ବୃତ୍ତେ

ଶୁଣ ରଘୁବୀର ହେ ବିଶ୍ରବା କୁମର ।
ଅଯୋଧ୍ୟା ପ୍ରବେଶ ହୋଇଲା ହେ ରାଘବ, ମାଗିଲା ସମର ହେ ॥

ଅରଣ୍ୟ ରାଜନ ହେ ଶୁଣି ବଚନ ।
ଗଜ ଚଢ଼ି ସଂଗ୍ରାମକୁ ହେ ରାଘବ, ଆଇଲେ ବହନ ହେ ॥

ବହୁତ ଯୁଦ୍ଧ କଲେ ହେ ବହୁ ସୈନ୍ୟ ମଲେ ।
ରାବଣ ସେ ନୃପତିଙ୍କି ହେ ରାଘବ, ଗଦାରେ ମାଇଲେ ହେ ।

ଅଯୋଧ୍ୟା ରାଜନ ହେ, ତେଜନ୍ତି ଜୀବନ ହେ ।
କ୍ରୋଧେ ତାଙ୍କୁ ବୋଇଲା ହେ ରାଘବ, ଏମନ୍ତ ବଚନ ହେ ॥

---

୧-କୁବେର ହେଲେ ପୋଥିପାଠ । ୨-ହଂସକୁ ବରୁଣ ଜଳରେ ବୁଡ଼ି ବୋଇଲେ ପୋଥିପାଠ । ୩-ହେମ ମୁକୁଟ ଦେବ ତୋ ଶିର ପୁସ୍ତକପାଠ ।

ମୋ କୂଳେ ଜନମ ହେ, ହୋଇବେ ଶ୍ରୀରାମ ।
ସଗୋତ୍ରେ ମାରିବେ ତୋର ସେ ରାବଣ, ସଂଗ୍ରାମ କରିଣ ହେ ॥

ଶାପ ଦେଇ ମୁନି ହେ, ସ୍ୱର୍ଗପୁର ଗଲେ ।
ଏହା ଶୁଣି ସ୍ୱର୍ଗରେ, ରାଘବ ଦୁନ୍ଦୁଭି ବାଇଲେ ହେ ॥

କହୁଁ ବାହୁଡ଼ିଲା ହେ, ଆକାଶେ ଗମିଲା ।
ନାରଦ ମହାଋଷି ହେ ରାଘବ, ପଥରେ ଭେଟିଲା ହେ ॥

ମାନ୍ୟ ତାଙ୍କୁ କଲା ହେ, ତା ମୁଖୁ ଶୁଣିଲା ।
ପୁଣି ପୁଣି ତାହାଙ୍କୁ ହେ ରାଘବ ସବୁ ପଚାରିଲା ହେ ॥

ସେ ବୋଇଲେ ନର ହେ କେତେକ ମାତର ।
ପାଳିଲେ ଯମକୁ ଜିଣ ହେ ରାବଣ, ବୋଲେ ମୁନିବର ହେ ॥

ସେ ଟି ଜନ୍ତୁପଥ ହେ, ଅଟଳ ବିଭୂତ ।
ଜଗତ ଜନ୍ତୁ ଯାହାକୁ ହେ ରାଘବ, କରୁଛନ୍ତି ଖାତି ହେ ॥

ମୁନି ମୁଖୁ ଶୁଣି ହେ, କୋପେ ବାଣପାଣି ।
ଜନ୍ତୁପଥ ପୁରକୁ ହେ ରାଘବ, ଗଲା ସେହିକ୍ଷଣି ହେ ॥

ତା ପୁରେ ପଶିଲା ହେ ନିର୍ଭୟ ହୋଇଲା ।
ନାରକୀ ମାନଙ୍କୁ ହେ ରାଘବ, ଛଡ଼ାଇଣ ଦେଲା ହେ ॥

ଦେଖିଣ ଶମନ ହେ, ହେଲା କୋପ ମନ ।
ରାବଣ ସମ୍ମୁଖେ ଆସି ହେ ରାଘବ, ହୋଇଲା ବହନ ହେ ॥

କଲେ ଘୋର ରଣ ହେ ଷଣ୍ଢ ବେନିଜଣ ।
ବରଷେ ସୂର୍ଯ୍ୟନ୍ତେ ଧାତାହେ ରାଘବ, ଅଇଲେ ଆପଣ ହେ ॥

ପୁଲସ୍ତିଙ୍କ ନାତି ହେ, ଘେନିଲା ଶକତି ।
କାଳ ଦଣ୍ଡ ଫାଶି କରେ ହେ, ଘେନ ଜନ୍ତୁପଥ ହେ ॥

ଦେଖି ପଦ୍ମାସନ ହେ ୧ କଲେ ସମାଧାନ୨ ।
ଜନ୍ତୁପଥ ହାରିଲା ହେ ରାଘବ, ବୋଇଲେ ବଚନ୩ ହେ ॥

---

୧-ଚତୁର ବଦନ ହେ ପୋଥିପାଠ । ୨-କଲେ ସନମାନ ପୁସ୍ତକପାଠ ୩-ଜନ୍ତୁପଥ ରାବଣଙ୍କୁ ହେ ରାଘବ କହିଲେ ବହନ ପୋଥିପାଠ ।

ତହୁଁ ବାହୁଡ଼ିଲା ହେ ପାତାଳକୁ ଗଲା ୧ ।
ଦନୁଜଙ୍କ ସଙ୍ଗରେ ହେ ରାଘବ, ବହୁ ରଣ କଲା ହେ ।

ବଳୀକି ଦେଖିଲା ହେ ନମସ୍କାର କଲା ।
ତାଙ୍କ କୋଳେ ବସିଣ ହେ ରାଘବ, ପ୍ରଶଂସା ପାଇଲା ହେ ॥

ବରଷେ ରହିଲା ହେ, ଦନୁଜ ମାରିଲା ।
ଜୟ କରି ପାତାଳରୁ ହେ ରାଘବ, ରାମାଙ୍କୁ ଆଣିଲା ହେ ॥

ପୁଣି ଚଢ଼ି ଯାନ ହେ, ବିଶ୍ରବା ନନ୍ଦନ ।
ଜିଣିବି ବୋଲି ଗଲା ହେ ରାଘବ, ବରୁଣ ଭୁବନ ହେ ॥

ବରୁଣ ଦ୍ୱାରୀ ହେ, ଦ୍ୱାରନ୍ତ ଆବୋର ।
ବୋଲେ ବରୁଣ ଗଲା ହେ ରାଘବ, ସୁନାସୀର ପୁରୀ ହେ ॥

ତା ମୁଖୁ ଶୁଣିଲା ହେ, ବାହୁଡ଼ି ଅଇଲା ।
ସ୍ୱର୍ଗେ ଶକ୍ର ସଙ୍ଗରେ ହେ ରାଘବ, ବହୁ ରଣ କଲା ହେ ॥

ଶକ୍ରକୁ ଜିଣିଲା ସେ, ବାନ୍ଧି ଘେନି ଗଲା ।
ପିତାମହ ଆସିଣ ହେ ରାଘବ, ତାକୁ ମାଗି ନେଲା ହେ ॥

ଯେତେ ଯେତେ ବୀର ହେ, ଥିଲେ ଯମପୁର୨ ।
ସମସ୍ତଙ୍କୁ ଜିଣିଲା ହେ ରାଘବ, ପ୍ରତାପୀ ଅସୁର ହେ ॥

ପୁତ୍ର ମେଘନାଦ ହେ, ଶକ୍ରେ କଲା ବାଦ ।
ବହୁ ବାର ଜିଣିଲା ହେ ରାଘବ, ଶକ୍ରଜିତ ପଦ ହେ ॥

ଦଶ ଭୁଜେ ଧନୁ ହେ, ଦଶ ଭୁଜେ ଶର ।
ତ୍ରିଭୁବନ ବୁଲଇ ହେ ରାଘବ, ପୁଷ୍ପ ରଥବର ହେ ॥

ଏ ରୂପେ୩ ରାବଣ ହେ, ଦିଗ ଯେ ଭ୍ରମଣି୪ ।
ଅହର୍ନିଶିରେ ବସି ହେ ରାଘବ, ଭଜେ ଶ୍ରୀଚରଣ ହେ ॥

●

---

୧-ପାତାଳେ ପଶିଲା ପୋଥିପାଠ । ୨-ତନ୍ତ୍ର ପୁର ପୋଥିପାଠ । ୩-ଏମନ୍ତେ ପୋଥିପାଠ । ୪-ଭ୍ରମେ ପୁଣ ପୁଣ ପୋଥିପାଠ ।

## ରାଗ - ମୂଳବର ବାଣୀ ୧

ବଦନ୍ତି ଅଗସ୍ତି ଯତି    ଶୁଣ ଆହେ ରଘୁପତି ।
ରାବଣ ଜିଣି ନୃପତି ଆନନ୍ଦ ମତି ହେ ॥

ଲଙ୍କାରେ ହେଲା ପ୍ରବେଶ    ଦେଖି ସକଳ ରାକ୍ଷସ ।
ଦର୍ଶନ କରି ହରଷ ଭଜି ତା ପାଶ ହେ ॥

କହିଲେ ରାବଣ ଆଗ,    ମେଘନାଦ କଲେ ଯାଗ ।
ନିକୁମ୍ଭିଲ ବଟ ମୂଳେ ଧବଳ ଛାଗେ ହେ ଶୁଣି କ୍ରୋଧ ଦଶାନନ ॥

ପୂଜାରେ ଲୁପିତ ମନ,    ଦେବା ତାଙ୍କୁ ଅନ୍ତର୍ଦ୍ଧାନ ।
ହେଲା ଅଜ୍ଞାନ ହେ ॥

ମୁଁ ଯାହା ୨ କରଇ ନଷ୍ଟ,    ଯାଗ କରେ ସେ ପାପିଷ୍ଟ ।
ଲଭ ପାଇ ସୁରେ ହୃଷ୍ଟ, ହୋଇବେ ପୁଷ୍ଟ ହେ ॥

ରାବଣକୁ ଭୟ କଲା,    ତେଣୁ ସେ ଯାଗ ମୁଞ୍ଚିଲା ୩ ।
ପୂର୍ଣ୍ଣ ଆହୁତି ନ ଦେଲା, ରଣେ ହାରିଲା ସେ ୪ ॥

ଜଣାଇଲା ବିଶ୍ରାବଣ,    ଶୁଣ ହେ ଦେବ ରାବଣ ।
ମଧୁ ଦୈତ୍ୟ ଆସି ପୁଣ କଲାକି ରଣ ହେ ॥

ରାକ୍ଷସଙ୍କୁ ଜୟ କଲା,    ବଳେ ବହେଣୀକି ନେଲା ।
ଶିବ ତାକୁ ଶୂଳ ଦେଲା ଅଜୟ ହେଲା ହେ ॥

ପୁଣି ପୁଣି କ୍ରୋଧ କଲା,    ରାକ୍ଷସଙ୍କୁ ଗାଳି ଦେଲା ।
ପୁଷ୍ପ ରଥ ଆରୋହିଲା ବାହାର ହୋଇଲା ହେ ।

କୋପେ ଗଲା ମଧୁପୁର,    ଦେଖି ମଧୁ ଦୈତ୍ୟବୀର ।
ଶୂଳର ପ୍ରତାପେ ତାର, ହେଲା କାତର ହେ ।

ପୂର୍ବେ ଭଗ୍ନୀ ନେଇ ଥିଲା,    ତେଣୁ ଉପରୋଧ କଲା ।
ଶୂଳ ତାକୁ ନ ମାରିଲା, ପୀରତି ହେଲା ହେ ।

---

୧-ଦଶ-ଦକ୍ଷିଣ କାମୋଦୀ ପୋଥିପାଠ । ୨-ମୁଁ ଯାଗ ପୁସ୍ତକପାଠ । ୩-ଯାଗ ମୁଞ୍ଚିଲା ପୋଥିପାଠ । ୪-ଭୟ ପାଇଲା ହେ ପୋଥିପାଠ ।

ଶୁଣି ବୋଲେ ରଘୁବୀର, ଶୁଣ ଆହେ[୧] ମୁନି ବର ।
ସେ କାଳେ ନ ଥିଲେ ବୀର, କ୍ଷିତି ଭିତର ହେ ॥

ରାବଣ ସର୍ବ ଜିଣିଲା, ପରାଜୟ[୨] ନ ପାଇଲା ।
ମନେ ଆନନ୍ଦ ହୋଇଲା, ନିର୍ଭୟ ହେଲା ହେ ॥

ଶୁଣ ହେ ବୀର ରାଘବ, ରାବଣର ପରାଭବ[୩] ।
ନଦୀ ତୀରେ ଦଶଗ୍ରୀବ, ପୂଜନ୍ତି ଶିବ ହେ ॥

ସହସ୍ର ଅର୍ଜୁନ ବୀର, କରଇ ଜଳ ବିହାର ।
ସମସ୍ତ[୪] ଯୁବତୀ ତାର, ଜଳ ଭିତର ହେ ॥

ସହସ୍ରେକ ଭୁଜ ଛନ୍ଦ, ବାହୁ ବନ୍ଧେ ଜଳେ ରୁନ୍ଧ ।
ନର୍ମଦା ହୋଇଲା ବନ୍ଦୀ, ନ ପାଇ ସନ୍ଧି ହେ ॥

ବହନ୍ତେ ନଦୀ ଉଜାଣି, ବିପରୀତ ହେଲା ପାଣି ।
ପଚାରଇ ବଂଶପାଣି, ମନ୍ତ୍ରୀଙ୍କି ପୁଣି ହେ[୫] ॥

କହନ୍ତି ଯେ ମନ୍ତ୍ରୀ ଗଣ, ଶୁଣ ହେ ଦେବ ରାବଣ ।
ସହସ୍ରାର୍ଜୁନ ବାହୁ ଗୁଣ, ଦେଖ ହେ ପୁଣ ହେ ॥

ସହସ୍ର ଯୁବତୀ ସଙ୍ଗେ, ଜଳକେଳି[୬] କରେ ରଙ୍ଗେ ।
କେତେ ଲେଉଟେ ତରଙ୍ଗ, ବାଜି ତା ଅଙ୍ଗ ହେ ॥

ଏହା ଶୁଣି ଦଶାନନ, ଚଢ଼ିଣ ପୁଷ୍ପକ ଯାନ ।
ମିଳଣ ତାର ସଦନ, କହେ ବଚନ ସେ ।

ନୃପତିକି କହ ଯାଇଁ, ଆସିଛୁ ସମର ପାଇଁ ।
ଜିଣି ବାହୁଡ଼ି ଯିବଇଁ, କହଭୁ ଯାଇଁ ହେ ।

ଶୁଣି କହେ ଦ୍ୱାର ପାଳ, ନୋହେ ଏ ସଂଗ୍ରାମ କାଳ ।
ଜଳ କ୍ରୀଡ଼ା କୁତୂହଳ[୭], କରେ ଭୂପାଳ ସେ ॥

---

୧-ଶୁଣିସି ହେ ପୋଥିପାଠ । ୨-ଅପଜୟେ ପୋଥିପାଠ । ୩-ସ୍ନାନ କରି ଉଦବେଗ ପୋଥିପାଠ । ୪-ସହସ୍ରେ ଯୁବତୀ ପୋଥିପାଠ । ୫-ସହସ୍ରେ······ମନ୍ତ୍ରୀକ ପୁଣି ପର୍ଯ୍ୟନ୍ତ ପୋଥିପାଠ ମଝିରେ ମଝିରେ ନଷ୍ଟ ହୋଇ ପାଠ ଅସ୍ପଷ୍ଟ ହୋଇଛୁ । ୬-ଜଳକ୍ରୀଡ଼ା ପୋଥିପାଠ । ୭-ଜଳକ୍ରୀଡା ପୋଥିପାଠ ।

ଏହା ଶୁଣି କୋପ ହେଲା ଦ୍ୱାର ସୈନ୍ୟ ସଂହାରିଲା ।
ସେନାମାନଙ୍କୁ ମାରିଲା, ରାଜା ଶୁଣିଲା ହେ ॥

ଜନ୍ତୁ ହୋଇଲା ବାହାର, ନାରୀ ଗଲେ ଅନ୍ତଃପୁର ।
ରୋଷ[1] ହୋଇ ବୀରବର, ହେଲା ବାହାର ହେ ॥

କାହିଁତ ସମର କଲା, ବଳେ ତାହାକୁ ଧଇଲା ।
ବନ୍ଧନ କରି ଆଣିଲା, ମନ୍ଦିରେ ହେଲା[2] ହେ ॥

ବରଷେ କଲା ବନ୍ଧନ, ନ ଦେଲା ଜଳ ଅଶନ ।
ହୋଇଣ ବିକଳ ମନ, ବନ୍ଦୀ ସଦନ[3] ହେ ॥

ଜାଣି ଆସେ ପଉଲସ୍ତି, ସୂର୍ଯ୍ୟ ପ୍ରାୟ କରି ଜ୍ୟୋତି ।
ଦେଖି ତାଙ୍କୁ ମହୀପତି, କଲା ଭକତି ହେ ॥

କରି ତାଙ୍କୁ ଦିବ୍ୟ ପୂଜା, ଡରିରେ ସହସ୍ର ଭୁଜା ।
କିମର୍ଥେ ଆଗତ ଦ୍ୱିଜ, ବ୍ରହ୍ମତନୁଜ[4] ହେ ॥

ଶୁଣି ବୋଲେ ମୁନିବର, ରାବଣ ନାତି ଆମ୍ଭର ।
ଅପରାଧ କ୍ଷମା କର ହେ[5] ବୀରବର ହେ ॥

ଦେବୁ ତୁ ତାହାକୁ ମୋତେ, ପ୍ରାର୍ଥନା ମୋହର ଏତେ ।
ହାରିଲା ନଷ୍ଟେ ସେ ତୋତେ, ଦିଅ ସୁତଭେ[6] ହେ ॥

ଶୁଣି ରାଜା ତୋଷ ହେଲା, ରାବଣକୁ ଆଣି ଦେଲା ।
ବହୁ ପୁରୁଷାର୍ଥ କଲା, ବଣି ଭଣିଲା ହେ ॥

●

## ରାଗ—ନଳିନୀଗୌଡ଼ା, ମୁନିବର ବାଣୀ

କହେ କୁମ୍ଭଋଷି ବାଳ, ଶୁଣ ହେ ନୃପ ଶାର୍ଦ୍ଦୂଳ ।
ରାବଣ କାର୍ତ୍ତିକା ଗଲା, ତା ଦ୍ୱାରେ ହେଲା ଯେ ॥

---

୧-ବେଶ ହୋଇ ପୋଥିପାଠ । ୨-ବନ୍ଦୀରେ ହେଲା ହେ ପୁସ୍ତକପାଠ । ୩ ଥିଲା ସଦନ ପୁସ୍ତକପାଠ । ୪- ଆଗତ ଦ୍ୱିଜା……ବ୍ରହ୍ମତନୁଜା ପୋଥିପାଠ । ୫-ଅଇଲୁ ଆମ୍ଭେ ସତ୍ୱର ପୋଥିପାଠ ; ୬-ଅସୁର ଚଢେ ହେ ପୋଥିପାଠ ।

ଦ୍ୱାରେ ଦେଖି କପି ତା'ର, କହଇ ରାବଣ ବୀର ।
ବାଳୀକି କହତୁ ଯାଇ, ଯୁଝିବ ମୁହିଁ ହେ ॥

ଦ୍ୱାସ୍ଥ ବୋଇଲା[୧] ବଚନ, ଶୁଣ ଅସୁର ରାଜନ ।
ବାଳୀ ସଙ୍ଗେ ଯେ ଯୁଝିଲେ ପ୍ରାଣ ନ ପାଇ ହେ ॥

ଅସ୍ଥି କୁଢ଼ କୁଢ଼ ହୋଇ, ପଡ଼ିଛି ଦେଖ ତୁ ଯାଇ ।
ତୋହର ପ୍ରାୟେ ଅଇଲେ, ଅସ୍ଥି ହୋଇଲେ ହେ ॥

ବାଳୀ ନାହିଁ ଆଜ ପୁର, କଷ୍ଟେ ଆୟୁ ଅଛି ତୋର ।
ଦକ୍ଷିଣ ସିନ୍ଧୁର ପାଶେ, ତର୍ପଣ ଆଶେ ହେ ॥

ଚୂତ ସାଗରେ [୨] ତର୍ପଣ, ନିତ୍ୟେ କରେ କପିରାଣ ।
ନିମିଷ ଭିତରେ ଆସେ, ନବରେ[୩] ପଶେ ହେ ॥

ଶୁଣିଣ ତା'ର ବଚନ, ଚଢ଼ିଣ ପୁଷ୍ପକଯାନ ।
ଦକ୍ଷିଣ ସିନ୍ଧୁକୁ ଗଲା, ବାଳୀ ଦେଖିଲା ହେ ॥

ହେମ ଗିରି ପ୍ରାୟ ଶୋଭା, ମୁଖ ବାଳ ଭାନୁ ଆଭା ।
ମୁକୁଟ କୁଣ୍ଡଳ ହାର[୪], କଙ୍କଣ କର ହେ[୫] ॥

ବାହୁଟି ବାହୁ ମୂଳରେ, ନୁପୂର ଶୋହେ[୬] ପଦ୍ମରେ ।
ପିନ୍ଧିଅଛି ପୀତାମ୍ବର, କି ସୁନାସୀର ହେ ॥

ରାବଣ ଏହା ଦେଖିଲା, ରଥୁ ବେଗେ ଓହ୍ଲାଇଲା ।
କଜ୍ଜ୍ୱଳ ଗିରି ତା କାୟେ, ପାଶକୁ ଯାଏ ହେ ॥

ବାଳୀ ଜପ କରୁଥିଲା, ରାବଣ ତା ପାଶେ ହେଲା ।
ଧରିବାକୁ କଲା ମନ, ସେ ଦଶାନନ ହେ ॥

ଧରନ୍ତେ ଅସୁର ମଣି, ବାଳୀ ତା ଇଙ୍ଗିତ ଜାଣି ।
ବାମ ବାହୁ ତୁଳାଇଲା, କାଖେ ଯାକିଲା ହେ ॥

---

୧-କହଇ ପୋଥିପାଠ । ୨-ସମୋଦ୍ରେ ତର୍ପଣ ପୋଥିପାଠ । ୩-ସମୋଦ୍ରେପଶେ ପୋଥିପାଠ । ୪-କୁଣ୍ଡଳତାର ପୁସ୍ତକ ପାଠ । ୫-କଙ୍କଣ ହାର ପୁସ୍ତକ ପାଠ । ୬-ଶୋଭେ ପଦ୍ମରେ ପୁସ୍ତକପାଠ ।

ପଶ୍ଚିମ ସାଗରେ ୧ ଗଲା, ତହିଁ ସଂଧ୍ୟା ସ୍ନାନ ୨ କଲା ।
ଉତ୍ତର ସିନ୍ଧୁକୁ ଗଲା, ତର୍ପଣ କଲା ଯେ ॥

ଜାମୋଡ଼ଇ ବିଂଶପାଣି, ନଖେ ବିଦାରଇ ପୁଣି ।
ତହୁଁ ବାଳୀ ୩ ଡର ଭର, ଯାକ କାଗର ହେ ॥

ପକ୍ଷୀ ଯହିଁରେ ନ ଧଶେ, ସେ ମାର୍ଗେ କ୍ଷେପିଣ ୪ ଆସେ ।
ପୂର୍ବ ସାଗରେ ପ୍ରବେଶ, ଯେଉଁ ରାକ୍ଷସ ହେ ॥

ପ୍ରଶସ୍ତ ଶୁକ ସାରଣ, ଗୋଡ଼ାନ୍ତେ ସେ ତିନି ଜଣ ।
ବାଲୀକି ନ ପାଇ ଭେଟ, ରହିଲେ ବାଟ ୫ ଯେ ॥

ପୂର୍ବ ସିନ୍ଧୁରେ ତର୍ପଣ, କଲେ କପି କୁଳ ରାଣ ।
ସୂର୍ଯ୍ୟ ଉଦୟ ଭିତରେ, ଆସେ ମନ୍ଦରେ ୬ ହେ ॥

ଯେଉଁ ରୂପେ ପ୍ରତିଦିନ, ତହିଁରୁ ନୋହିଲେ ଆନ ।
କେବଳ ତନୁ ଫୁଟିଲା, ଯେଣୁ ସେ ଥିଲା ୭ ହେ ॥

ଭୋଟା ପୁରେ ଯାଇ ହେଲା, ବାହାରୁ ଗ୍ରହଣ ଦେଲା ।
ଦେଖିଣ ରାବଣେଶ୍ୱର, କହେ ଉତ୍ତର ହେ ॥

କହ ତୁ କାହୁଁ ଅଇଲୁ, ବାହୁ ଭିତରେ କି ଥିଲୁ ।
କହ ତୋର ନାମ କିସ, କେବଣ ଦେଶ ଯେ ॥

ରାବଣ କହେ ଉତ୍ତର, ଦେବ ମୁଁ ଅସୁରେଶ୍ୱର ।
ଯୁଦ୍ଧ କରିବ ଅଇଲି, ଦଣ୍ଡ ପାଇଲି ହେ ॥

କପିପତି ଦୟା କର, ଆଜହୁଁ ଲଙ୍କା ତୁମ୍ଭର ।
ଯେତେ ଧନ ଥିବ ପ୍ରାଣ, ତୁମ୍ଭର ଜାଣ ୮ ହେ ॥

ଅଗ୍ନି ସ୍ଥାପି ସାକ୍ଷୀ କଲା, ବାଲୀ ସଙ୍ଗେ ମିତ୍ର ହେଲା ।
ବୋଲେ ସୁତ ଦାରା ତୋର, ନୋହେ ମୋହର ଯେ ॥

---

୧-ସମୋଦ୍ର ଗଲା ପୋଥିପାଠ । ୨-ସ୍ନାନ ପୋଥିପାଠ । ୩-ତହିଁ ବାଳୀର କି ଡର ପୋଥିପାଠ । ୪-ସେ ମାର୍ଗେ ଉଡ଼ିଣ ଆସେ ପୋଥିପାଠ । ୫-ଜଗିଲେ ବାଟ ପୋଥିପାଠ । ୬-ପ୍ରବେଶ ପୁରେ ପୋଥିପାଠ । ୭-ପ୍ରବେଶ ହେଲା ପୋଥିପାଠ । ୮-ତୁମ୍ଭ ଶରଣ ସ୍ୱେ ପୋଥିପାଠ ।

ରାବଣ ଙ୍କୁ ଗଉରବ[୧], କଲେକ ତାରା ବଲ୍ଲଭ ।
ଘରକୁ ତାହାକୁ ନେଲେ, ବେଶର [୨] କଲେ ଯେ ॥

ଅଇଲେ ତା ମନ୍ତ୍ରୀ ଗଣେ, ଯେଉଁ ଣ ପୁସ୍ତକ ଯାନେ ।
ବସାଇ ତାକୁ ଆଣିଲେ, ମେଲାଣି ଦେଲେ ହେ ॥

ଶୁଣ ହେ ନୃପ ଶାର୍ଦ୍ଦୁଳ, ବାଲୀର ଯେତେକ ବଳ ।
ସେ ବାଲୀର ତୁମ୍ଭ ବାଣ, ନେଲା ପରାଣ [୩] ହେ ॥

ଶୁଣି ରାମ ହୃଷ୍ଟ ହସ, ହୋଇଲେ ପରମ ତୋଷ ।
ସେ ରାମ ବେଣ୍ଟ ଚରଣ, କଶି ଶରଣ ହେ ॥

●

## ରାଗ—ଭୈରବୀ

ବାଲୀର ପ୍ରସଙ୍ଗ ସୁଣି ଆଜ୍ଞା ଦେଲେ ରଘୁମଣି
ଆମ୍ଭ ହନୁମନ୍ତ ବାଳୀବୀର ହୁଁ ବଡ଼ ।
ସୀତା ଖୋଜଣ ସେ ଗଲେ କପିମାନେ ସଙ୍ଗେ ଥିଲେ
କେହୁ ଯାଇ ନ ପାରିଲେ ସେ ଲଙ୍କା ଗଡ଼ ।
ଜଳଧି ଶତେକ ଯୋଜନ [୪] ।
ସେପାକେଣ୍ଟ ଡେଇଁଲେ ଏ ମରୁତ ନନ୍ଦନ ॥

ଏକା ହୋଇ ଲଙ୍କେ ପଶି ଅସୁର ବଳ ବିନାଶି
ଅକ୍ଷୟ କୁମାରକୁ ତାହାର ମାଇଲେ ।
ନାଗପାଶରେ ରାବଣ ବନ୍ଧନ କରାଏ ପୁଣ[୬]
ତହୁଁ ଖସିଣ ତାହାର ଲଙ୍କା ଦହିଲେ ।
ସୀତା ଠାବ କରି ଅଇଲେ ।
ପୁଣି ହି ଶତେ ଯୋଜନ ସିନ୍ଧୁ ଡେଇଁଲେ ॥

---

୧-ଗଉରୋବ ପୋଥିପାଠ । ୨-ବେଶର ଅର୍ଥାତ ବସ୍ତ୍ର ଅଳଙ୍କାର ଦେଇ ସମ୍ମାନିତ କଲେ । 'ବେଶର' ହେଉଛି ବନ୍ଧୁତ୍ୱ ସୂଚକ ଆଦାନ ପ୍ରଦାନ । ୩-ନେଲାଣି ପ୍ରାଣ ପୋଥିପାଠ । ୪-ଜଳନିଧି ଶତେ ଯୋଜନ ପୋଥିପାଠ । ୫-ପ୍ରାକର୍ମେ ପୋଥିପାଠ । ୬-ନାଗପାଶରେ ବନ୍ଦିଣି ବନ୍ଧନ କଲାକ ପୁଣି ପୋଥିପାଠ ।

ସୁଗ୍ରୀ ଠାରେ ସ୍ନେହ ଯେତେ ଆମ୍ଭେ ତା କହିବା କେତେ
ବାଲୀକି ମାରି ସୁଗ୍ରୀବକୁ ଦିଅନ୍ତେ ରାଜ୍ୟ୧ ।
କଲି ଯୋଡ଼ିଲେ ହନୁ ବଳ ଯେସନେ ଜଳଧିଜଳ
ମହା ବଳବନ୍ତ ଏ ମରୁତ ଆତ୍ମଜ ।
ଏହାଙ୍କର ଯେତେ ପ୍ରାକର୍ମ,
ଆପଣେ ନ ଜାଣି ଐନା ହୋଇଲେ ଭ୍ରମ ॥

ଆମ୍ଭ ଠାରେ ଅନୁରାଗ କଟଣ ପବନ୍ତୁ ବେଗ
ଔଷଧି ନମିତ୍ତ ଗନ୍ଧମାର୍ଦ୍ଦନେ ଗଲେ୨ ।
ଗିରି ଉପାଡ଼ି ଆଣିଲେ ଲୁଚିତେ ପ୍ରବେଶ କଲେ
ବହୁ ଅଲୌକିକ କର୍ମମାନ ତ କଲେ ।
ଏହାଙ୍କର ଜନ୍ମ ଚରିତ,
କହ ଆମ୍ଭ ଆଗେ ମୁନିବର ତୁରିତ ୩ ॥

ଶୁଣି କହେ ୪ ମୁନିବର ଶୁଣ ଆହେ ୫ ରଘୁବୀର
କେଶରୀଙ୍କ ବନିତା ଅଟନ୍ତି ଅଞ୍ଜନା ।
ଋତୁମତୀ ସ୍ନାନ ସାରି ୬ ଉଭା ହୋଇଥିଲେ ଥିରି ୭
ଦେଖିଲେ ମରୁତ ଦେବ ଦିବ୍ୟ ଅଙ୍ଗନା,
ରମିଲେ ସେ ଦିବ୍ୟ ସୁନ୍ଦରୀ,
ମରୁତ ପ୍ରକାଶୁ ଗର୍ଭ ହେଲେ ସେ ନାରୀ ॥

ଜନ୍ମ କଷଣେ ଏ ବାଳ ମାତା ଖୋଜି ଗଲେ ଫଳ ୮
ହନୁ ଚାହିଁଲେ ଉଦୟ ହୁଏ ଅରୁଣ ।
ଫଳ ପ୍ରାୟେକ ଦେଖିଲେ ଆକାଶ ମାର୍ଗେ ଖେପିଲେ
ଅନଳ ସମାନ ଦିଶୁଥିଲେ ଆପଣ ।
ସୂର୍ଯ୍ୟ ରଥ ପରେ ବସିଲେ,
ଦିନ କର କାନ୍ତିଶ ଦହନ ନ କଲେ ୯ ॥

---

୧-ବାଲୀକି ମାରଣେ ସୁଗ୍ରୀ କରନ୍ତେ ରାଜ୍ୟ ପୋଥିପାଠ । କିନ୍ତୁ ଏଠାରେ ବାଲୀକି ମାରି ସୁଗ୍ରୀ କରନ୍ତେ ରାଜ୍ୟ ପାଠହେବା ସମୀଚୀନ । ୨-କ୍ଷୀର ସିନ୍ଧୁକୁ ଗଲେ ପୁସ୍ତକପାଠ । ୩-କହ ମୁନିବର ଆମ୍ଭ ଆଗରେ ତତ୍ତ୍ୱ ପୋଥିପାଠ । ୪-ବୋଲନ୍ତି ସେ ପୋଥିପାଠ । ୫-ଦେବ ରଘୁବୀର ପୋଥିପାଠ । ୬-ସ୍ନାନ କରି ପୁସ୍ତକପାଠ । ୭-ନାରୀ ପୋଥିପାଠ । ୮-ଜଳ ପୁସ୍ତକପାଠ । ୯-ଦିନକର ତେଜରେ ଦହନ ନ ଗଲେ ପୋଥିପାଠ ।

ରାହୁ ଥିଲ ତାଙ୍କ ପାଶ    କରନ୍ତା ଉଦୟ ଗ୍ରାସ ୧
ପଳାଇ ଯାଇଣ ସେ ଶକ୍ରକୁ କହିଲା ।
ଛଡ଼ାଇଣ ମୋର ଗ୍ରାସ    ଆଉ ରାହୁଏ ତା ପାଶ
ଉଦୟ ଦେଖିଣ ସେ ମୂର୍ତ୍ତିକୁ ଧଇଲା,
ଆହେ ଦେବ ବିଚାର କର,
ତୁମ୍ଭେ ସିନା ଦେଇଥିଲ ମୋତେ ଆହାର ।।

ଶୁଣି ଶକ୍ର କୋପ କରି    ଐରାବତ ଆରୋହି
ରାହୁ ଆଗେ ଆଯନ୍ତେଣ ପଛେ ଅଇଲେ ।
ଦେଖି ଗୋଡ଼ାଇଲା ହନୁ    ପଳାଇ ସିଂହିକାସୁନୁ
ବାସବର ପୃଷ୍ଠରେ ୨ ଶରଣ ପଶିଲେ ।
ଏହା ୩ ଦେଖି ସେ ପୁରନ୍ଦର ।
ବଜ୍ର ବୁଲାଇ ମାଇଲେ ହନୁ ହୃଦର ୪ ।।

ପଡ଼ିଲା ଏ ହନୁବୀର    ଉଦୟ ପର୍ବତ ପର ୫
ଦେଖିଣ ପବନ ବନ୍ଧୁ କୁପିତ ହେଲା ।
ନିରୋଧ କଲା ଜଗତ    ରୁଦ୍ଧ ହୋଇଲେ ସମସ୍ତ
ଚଉଦ ଲୋକଙ୍କୁ ବଡ଼ ବିପତ୍ତି ହେଲା ।
ସର୍ବ ଦେବ ଏକଠ ହେଲେ ୬
ପିତାମହ ପାରୁଶରେ ଗୁହାରି କଲେ ।।

ବୋଲନ୍ତି କମଳାସନ    ଶୁଣ ହେ ପାକଶାସନ
ରାହୁ ବୋଲେ ମରୁତ ସୁତକୁ ମାଇଲେ ।
ଏତେ ବୋଲି ପଦ୍ମଯୋନି    ସକଳ ଦେବଙ୍କୁ ଘେନି
ମରୁତ ସନ୍ନିଧିକି ଯେ ବେଗେ ଅଇଲେ ।।
ଅଙ୍କେ ୭ ଘେନିଛନ୍ତି ବାତ୍ମଜ ।
ମହାଚିନ୍ତା କରି ବସିଛନ୍ତି ୮ ମରୁତ ।।

---

୧-ରାହୁ ଘୋଟିଲା ଆକାଶ କରନ୍ତେ ସେ ଉଦେ ଗ୍ରାସ ।୨-ପଛରେ ପୋଥିପାଠ ।
୩-ସେମନ୍ତ ଦେଖି ପୁରନ୍ଦର ପୋଥିପାଠ । ୪-ହନୁ ଉପର ପୋଥିପାଠ ।
୫-ଉଦୟପର୍ବତ ଶିର ପୋଥିପାଠ । ୬-ଏକ ହୋଇଲେ ପୋଥିପାଠ । ୭-ଅଙ୍ଗେ ମୁଦ୍ରିତପାଠ । ୮-ଆସିଅଛି ମରୁତ ପୋଥିପାଠ ।

ପିତାମହ ଦେଖି ବାତ ପୁତ୍ରକୁ ଘେନ ତ୍ୱରିତ
ଚରଣେ ପଡ଼ି ବୋଇଲେ ମଲା ଏ ବଳ
ତୁ ଅନ୍ତେ ହେ ପିତାମହ ହନୁ ତେଜିଲାକ ମୋହ
ବହିଲା ସମସ୍ତ ପ୍ରାଣୀଙ୍କର ଅନଳ ।
ଧାତା କହେ ସର୍ବ ଦେବଙ୍କୁ,
ଜଣ ଜଣ କରେ ବର ଦିଅ ଏହାକୁ ॥

ଶଚୀପତି ଦେଲେ ବର ବୋଇଲେ ବଜ୍ର ଶଙ୍କର
ହୋଇବୁ ଆମ୍ଭର ବଜ୍ରେ[1] ନୋହିବୁ ନାଶ ।
ନାମ ତୋର ହନୁମନ୍ତ ଆଜହୁଁ ହେବ ଖ୍ୟାତ
ସବୁଠାରେ ସବୁକାଳେ ପାଇବୁ ଯଶ ।
ଏହା ଶୁଣି ବୋଇଲେ ଭାନୁ ।
ଏ ଆମ୍ଭର ତେଜ ବହିଥିବ ହେ ହନୁ ॥

ବରୁଣ ଦେଲେକ ବର ବୋଇଲେ ଆମ୍ଭ ଜଳର
ନ ବୁଡ଼ିବୁ ନ ମରିବୁ ଆମ୍ଭର ପାଶେ ।
ଯମ ବୋଇଲେ ଅମର[2] ହେବ[3] ମରୁତ କୁମର
ବଧ ନୋହିବ ଅମ୍ଭ କାଳଦଣ୍ଡ ପାଶେ ।
ବୈଶ୍ୱାନର[4] ଏ ବର ଦେଲେ ।
ଅମ୍ଭ ତେଜରେ ଦଗ୍ଧ ନୋହିବୁ ବୋଇଲେ ॥

କୁବେର ଦେଲେକ ବର ବୋଇଲେ ହେ କପିବର
ଯେଉଁ ରୂପ ଚିନ୍ତିବୁ ସେ ରୂପ ହୋଇବୁ ।
ମରୁତ ଦେଲେକ ବର ବୋଇଲେ ମୋର କୁମର
ମୋହର ପ୍ରାୟେକ ପରାକ୍ରମ ବହିବୁ[5] ।
ବିରଞ୍ଚି ଦେବ ବର ଦେଲେ ।
ଅମ୍ଭ ବ୍ରହ୍ମଶରେ ନ ମରିବୁ ବୋଇଲେ[6] ।

ପବନ ଘେନି ନନ୍ଦନ ଅଇଲେ ତାଙ୍କ ସଦନ
ପୁତ୍ର ଦେଇ ଅଞ୍ଜନାକୁ ସବୁ କହିଲେ ।
ଆପଣା ସ୍ଥାନେ[7] ମରୁତ ଗମନ କଲେ ତ୍ୱରିତ
ଦିନୁ ଦିନ ହନୁ ତେଜୋମନ୍ତ ହୋଇ ।
ଅଙ୍ଗେ ହୋଇଲା ବଜ୍ର କାଳ ।
ଋଷିକୁଟିମାନ ଭାଙ୍ଗି କଲେକ ଗୋଳ ॥

---

[1]-କାହାର ହିଁ ବଜ୍ରେ ତୁହି ପୋଥିପାଠ । [2]-ଯମ କହେ ତୁ ଅମର ପୋଥିପାଠ । [3]-ହେବୁ ପୋଥିପାଠ । [4]-ବୈଶ୍ୱାନର ପୋଥିପାଠ । [5]-ତୁ ପ୍ରାକ୍ରମ ବହିବୁ ପୋଥିପାଠ । [6]-ଆମ୍ଭ ବ୍ରହ୍ମ ଅସ୍ତ୍ରେ ନ ମରିବ ପୁସ୍ତକପାଠ । [7] ଆପଣାମତେ ପୋଥିପାଠ ।

ପୁଲସ୍ତି ଯେ ଶୀଘ୍ର କୋପ    କରିଣ ଦେଲେକ ଶାପ
ବୋଇଲେ ତୋହର ବଳ ନ ଜାଣୁ ତୁହି ।
ଦେବ କାର୍ଯ୍ୟ ଯେବେ ହେବ    ପ୍ରାକର୍ମ ତୋହର ହେବ
ତେତେ କାଳ ଯାଏ ତୁହି ହୋଇବୁ ମୋହି ।
ତେଣୁ ହନୁ ବାଳୀ ଭୟରେ,
ବଳ ନ ଜାଣି ଲୁଚିଲେ ସୁଗ୍ରୀ ସଙ୍ଗରେ ॥

ହନୁର ଶୁଣିଣ ଯଶ    ରାଘବ ହୋଇଲେ[୧] ତୋଷ
ଶୁଣିଲେ ନର ରାକ୍ଷସ ଋକ୍ଷ ବାନର ।
ସର୍ବେ ସାଧୁ ସାଧୁ କଲେ    **ମାରୁତିକି ପ୍ରଶଂସିଲେ**
ଶୁଣି ସନ୍ତୋଷ ହେଲେ ଅଞ୍ଜନା କୁମର ।
ଶ୍ରୀରାମଙ୍କ ପାଦ କମଳ[୨] ।
ଧନ ବଶି ମତ ଅହର୍ନିଶି ଭୃଶଳ ॥

●

## ରାଗ—**ମୁଖାରୀ**

କୁମ୍ଭଋଷି-ସୁତ କଥା ଶେଷ[୩] । ଶୁଣି ସମସ୍ତ ହେଲେ ହରଷ ॥
ରାମ ଚରିତ ଅମୃତ ରସ । ଶୁଣି ପଶୁହିଁ ହୋଇବ ବଶ ॥
ରାମ ଋଷିଙ୍କି ମେଲାଣି ଦେଲେ । ଯେଝା ମତେ ଯେ ମଠକୁ ଗଲେ[୪] ॥
ମାତୁଳ ଗଣ ମେଲାଣି ହେଲେ । ଭ୍ରାତାମାନେ ତାଙ୍କ ସଙ୍ଗେ ଗଲେ ॥
ରାଜା ମାନେ ମେଲାଣି ହୋଇଣ । ଯେଝା ଦେଶକୁ କଲେ ଗମନ[୫] ॥
ପାଇ ରଥ ଗଜ ଅଶ୍ୱ ପୁଣ । ହୃଷ୍ଟ ହୋଇଲେ ସେ ଜଣ ଜଣ ॥
ଭ୍ରାତାମାନେ ଅଜା ଘରେ ଥିଲେ । କେତେ ଦିନେ ତହୁଁ ବାହୁଡ଼ିଲେ ॥
ବହୁ ଦ୍ରବ୍ୟ ଅଶ୍ୱମାନ ଆଣିଲେ । ରାମ ଛାମୁରେ ସମସ୍ତ ଦେଲେ ॥
ସ୍ୱଦେଶେ ଗଲେ ଯେତେ ନରେଶ । ପଠାଇ ଦେଲେ ରତ୍ନ କୋଷ ॥
ରାମ ଦେଖିଣ ହେଲେ ହରଷ । ରଖାଇଲେ ଭଣ୍ଡାରେ ସର୍ବସ୍ୱ ॥
କେତେ ଦିନେ ସେ ପୁଷ୍ପ ବିମାନ । ବାହୁଡ଼ିଲା ରାମ ସନ୍ନିଧାନ ॥

---

୧-ରାଘବ ପରମ ତୋଷ ପୋଥିପାଠ । ୨-ଶ୍ରୀରାମ ଚରଣ କମଳ ପୋଥିପାଠ ।
୩-ଏ ପାଦଟି ପୋଥିରେ ନାହିଁ । ୪-ଯେଝା ମଠକୁ ସେମାନେ ଗଲେ ପୁସ୍ତକପାଠ
୫-ସ୍ୱଦେଶକୁ ଗଲେ ନୃପତି ଗଣ ପୋଥିପାଠ ।

କର ଯୋଡ଼ିଣ କହେ ବଚନ । ଦେବ ଗଲ କୁବେର ଭୁବନ ॥
ମୋତେ ସେ ଅଙ୍ଗୀକାର ନ କଲେ । ବାହୁଡ଼ାଇଣ ତୁମ୍ଭଙ୍କୁ ଦେଲେ ॥
ଜାଣି ନେଲେକ ତୋତେ ଶ୍ରୀରାମ । ମୋର ରଖିବାର କୁହେଁ ଧର୍ମ ॥
ଶୁଣି ବୋଲନ୍ତି ରଘୁ ନନ୍ଦନ । ଯାଅ ଯାଅ ତୁ ଶୂନ୍ୟ ଭୁବନ ॥
ଆମ୍ଭେ ମାନସ କଲେ ଆସିବ । ଏତେ ବୋଲି ପୂଜିଲେ ରାଘବ ॥
ରାମ ଆଜ୍ଞାପାଇ ଯାନ ଗଲେ । ଏହା ଶୁଣି ଭରତ କଣାଇଲେ ॥
ତୁମ୍ଭେ ରାଜା ହେବାରୁ ରାଘବ । ଦେଖୁ ଅଛୁ ଅତି ଅସମ୍ଭବ ॥
ଯାନ ପ୍ରତ୍ୟକ୍ଷେ କହିଲା କଥା । ବୃଦ୍ଧାମାନେ ହୋଇଲେ ସାମରଥା ॥
ଜାତ କଲେ ଅନେକ କୁମର । ଅକାଳ ମୃତ୍ୟୁ ନୋହେ କାହାର ॥
ଶଙ୍କ ପାଳନ୍ତି ସେ ଯାହା କାଳେ । କେହି କାହାକୁ ନଲଘେଁ ବଳେ[୧] ॥
ଉପୁଜିଲେ ବହୁ ଶସ୍ୟ ଫଳ । ମନ୍ଦ ଗନ୍ଧେ ଶୀତଳ ଅନଳ ॥
ପୃଥ୍ୱୀ ହେଲେ ବହୁ ଶସ୍ୟମୟୀ । ବହୁ କ୍ଷୀରବନ୍ତୀ ଧେନୁ ହୋଇ ॥
ରୋଗ ସନ୍ତାପ ତେଜିଲେ ଜନେ । ଦୟା ଧର୍ମ ସବୁଙ୍କର ମନେ ॥
ଶୁଣି ଶ୍ରୀରାମ ହେଲେ ପ୍ରମୋଦ[୨] । ଇନ୍ଦୀବର[୩] ସେ ଯେହ୍ନେ କୁମୁଦ ॥
ଭୋଗ କଲେ ବିପୁଳ[୪] ସମ୍ପଦ । ଘାଶୋର ହେ ଗତର ବିଷାଦ[୫] ॥
ସୁଗ୍ରୀ ବିଭୀଷଣ ସ୍ନେହ ବଶେ । ଅଯୋଧ୍ୟାରେ ସେ ରହିଲେ ମାସେ ॥
ତଦନ୍ତରେ ମାଗିଲେ ମେଲାଣି । ରାମ ସୀକାର କଲେ ଜାଣି ॥
ସୁଗ୍ରୀବଙ୍କୁ ବସାଇ ଛାମୁରେ । ହନୁ ଅଙ୍ଗଦ ବେନି ପାଶରେ ॥
ମିତ୍ର ପୁତ୍ର ତୁମ୍ଭର ଅଙ୍ଗଦ । ଏହାଠାରେ ନ କରିବ ଭେଦ ॥
ହନୁବୀର ତୁମ୍ଭ ମନ୍ତ୍ରୀ ରାଜ । ଏହା ବଚ୍ଚରେ କରିବ କାର୍ଯ୍ୟ ॥
ଏତେ କହି କଙ୍କଣ ଦେଲେ ଧୀର । ଆଲିଙ୍ଗନ କଲେ ରଘୁବୀର ॥
କଣ୍ଠରୁ[୭] କାଢ଼ିଣ ବୈଦୁର୍ଯ୍ୟ ମାଳା । ପୁଣି ଦେଲେ ସେ ଅଙ୍ଗଦ ଗଳା ॥
ତାଙ୍କୁ ସୁଗ୍ରୀବ ସମରପିଲେ । ବେନି ଭୁଜେ ଆଲିଙ୍ଗନ କଲେ ॥
ପୁଣି ହନୁକୁ କଲେକ କୋଳ । ଅଙ୍ଗ ମାଳେ ମଣ୍ଡିଲେ ତା ଗଳ ॥
ଏହି ରୂପେ ସେନାପତି କୁଳ । ସ୍ନେହ କଲେ କଉଶଲ୍ୟା ବାଳ ॥

---

୧-କେହି ନ ଦେଖନ୍ତି ତାଙ୍କୁ ବଳେ ପୁସ୍ତକପାଠ । ୨-ଅନଳ ପୋଥିପାଠ ।
୩-ଇନ୍ଦୁବର ସେ ଯେହ୍ନେ କୁମୋଦ ପୋଥିପାଠ । ୪-ସକଳ ସମ୍ପଦ ପୋଥିପାଠ ।
୫-ବିପଦ ପୁସ୍ତକପାଠ । ୬-ଉରୁ ପୋଥିପାଠ । ୭-ଗଳାରୁ କାଢ଼ି ପୋଥିପାଠ ।

ମେଲାଣି ହେଲେ କିଷ୍କିନ୍ଧା ପୁର । ରାଜା ସଙ୍ଗତରେ ସର୍ବ ବୀର ॥
ଏହି କାଳେ ବିଭୀଷଣ ବୀର । ଜଣାଇଲେ ଯୋଡ଼ି ବେନି କର ॥
ଆଜ୍ଞା ଦେଲେ ଯିବି ଲଙ୍କା ପୁର । ଶୁଣି ଦରହାସ ରଘୁବୀର ॥
ନିଜ ଉରୁ କାଢ଼ି ହାର ବର । ଦେଲେ ବିଭୀଷଣଙ୍କ ଗ୍ରୀବାର ॥
ବେନି ଭୁଜେ ଆଲିଙ୍ଗନ କଲେ । ରାଜନୀତି ତାଙ୍କୁ ଶିଖାଇଲେ ॥
ଲଙ୍କପତି ମେଲାଣି ହୋଇଲେ । ବିଶି ବୋଲେ ଲଙ୍କା ପୁର ଗଲେ ॥

●

## ରାଗ—ଆହାରୀ[1]

ଧନ ଅନ୍ତରେ କଲେ ହୃଷ୍ଟ ମନରେ[2] ।
ରାମ ସୀତା ବିହାର ନିଶି ନିରନ୍ତରେ[3] ॥

ରାମ ରାଜନ[4] ଚନ୍ଦ୍ର ଶାଳା ଭୁବନ ।
ପଲ୍ୟଙ୍କ ଅଙ୍କେ ବସାଇ ରାମା ରତନ ॥

ରମ୍ଭା ଜଘନା[5] ହୋଇ ରଞ୍ଜିତ ମନା[6] ।
ଦୃଢ଼େ ଆଲିଙ୍ଗନେ ମିଶି ବିପୁଳା ସ୍ତନା ॥

ବର ତରୁଣୀ[7] ଶୋଭା ଧଣେ କି ଜାଣି ।
ହେମ ସୂତ୍ରେ ରହିଲକି ମର୍କତ ମଣି[8] ॥

ସେ ବେନି ଜନେ ଆନନ୍ଦ ନିଧୁବନେ[9] ।
କାମ ଶାସ୍ତ୍ର ଆଚରନ୍ତି ଚତୋଇ ମନେ ॥

ଫିଟିଲା ବେଣୀ ରସେ ସୁମନା ଶ୍ରେଣୀ ।
ହେମ କୁମ୍ଭ ବାହାର କି କାଳୀ ମାଗୁଣୀ ॥

ଉରଜୁ ହାର ଫିଟି ଉଡ଼େ ଭ୍ରମିର ।
ଏହା ଦେଖିଣ ଖସିଲା କଟୀ ଅମ୍ବର ॥

---

୧-ତୋଡ଼ି ପୋଥିପାଠ । ୨-ଏଥୁ ଅନ୍ତରେ ଧନ ଗଲା ପ୍ରାନ୍ତରେ ପୋଥିପାଠ । ୩-ବିହାର କରନ୍ତି ନିରନ୍ତେ ପୋଥିପାଠ । ୪-ସୀତ୍ୟା ଘେନଣ ପୋଥିପାଠ । ୫-ଆହୋ ମୋ ରାମା ପୋଥିପାଠ । ୬-ହୋଇଷ୍ଟେ ଲକ୍ଷଣ ମନା ପୋଥିପାଠ । ୭-ବାଳ ତରୁଣୀ ପୋଥିପାଠ । ୮-ମଇନ ଜାଣି ପୋଥିପାଠ । ୯-ଆନନ୍ଦ ନିଧୁବନେ ପୋଥିପାଠ ।

ଛାଟଙ୍କ ଚଳେ                    ସ୍ୱେଦ ଅଙ୍ଗରୁ ଗଳେ
କେବଳ ନୂପୁର ଧ୍ୱନି କରେ ଆକୁଳେ ॥

ବେଣୀ ବିଭଙ୍ଗ                    ଭ୍ରମର ଲବଧ ଅଙ୍ଗ
ପୂର୍ଣ୍ଣ ଶଶୀ ହେଉଛୁ କି ରାହୁ ସଂଯୋଗ ॥

ବାହୁ ବନ୍ଧନ                    ପ୍ରତି ଚୁମ୍ବନ ଦାନ
କାମ ଦେଖାଉଛୁ କି ତା ମୁକତି ସ୍ଥାନ ॥

ଚନ୍ଦ୍ର ସରୋଜ                    ପରସ୍ପର ତେଜ ଆଜ
ଏକ ମୁଖ କଲା ବାମା ମକରଧ୍ୱଜ ॥

କଟି ରସନା                    ହୋଇଥିଲା ବିମନା
ବିପରୀତ ଧ୍ୱନି କଲେ ହୋଇ ସୁମନା ॥

ମୁଖଚନ୍ଦ୍ରେ ଭେଟ                    ଲାଜ ବାସ ସଙ୍ଗତ
ବୋଲେ ବଣି ଆଚ୍ଛାଦିଲା ଆସି ତ୍ୱରିତ ॥

●

## ରାଗ—ଚକ୍ରକେଳୀ

ଏକ ଦିନେ ରାମ ମନେ ପାଞ୍ଚିଲେ । ଦିବ୍ୟ ବନିକା ଗୋଟିଏ ରଚିଲେ ॥
ନାନା ତରୁ ମାନଙ୍କରେ ଶୋଭନ । ହେମ ଚଉରାମାନ ବିରଚନ ॥
କେଉଁ ତରୁ ଦିଶଇ ହେମବର୍ଣ୍ଣ ୧ । କେହୁ ଦିଶଇ ମାଣିକ୍ୟ ସମାନ ୨ ॥
କେଉଁ ତରୁ ଦିଶଇ ମରକତ । କେଉଁ ତରୁ କାନ୍ତି ଦିଶେ ଅସିତ ୩ ॥
କେହୁ ଶୁକଳ ନୀଳ ନାନା ରଙ୍ଗ । ୪ଁ ହି ନୀଡ଼ନ୍ତି ସମସ୍ତ ବିହଙ୍ଗ ୪ ॥
ଆମ୍ବ ପଣସ ପୁନ୍ନାଗ କେଉଡ଼ା । ବେଲ ବରୁଣ କପିତ୍ଥ ପ୍ରକଟ ୫ ॥
ରମ୍ଭା ନାରିକେଳ ୬ ତାଳ ଖର୍ଜ୍ଜୁରୀ । ନଡ଼ କୋଳି ଜମ୍ବୁ ଜମ୍ବୁ ବଦରୀ ॥
ଟଭା ଜମ୍ଭୀର ଲେମ୍ବୁଆ କମଳା । କରମଙ୍ଗା ଗୁଆ କୋଳି ଅଁଳା ॥

---

୧—ହେମନ୍ତ ପୋଥିପାଠ । ୨ - କେହୁ ଦିଶଇ ମାଣିକ୍ୟ ସଞ୍ଜାଳ ପୋଥିପାଠ । ୩—ଦିଶେ ଉସିତ ପୋଥିପାଠ । ୪—ତହିଁ ନୃତ୍ୟ କରନ୍ତି ସେ ବିହଙ୍ଗ ପୋଥିପାଠ । ୫—କପିତ୍ଥଅଭରଟ ପୋଥିପାଠ । ୬-ଲଟିକାଳୀ ପୋଥିପାଠ ।

ଦେବଦାରୁ ଗରୁ ଦିବ୍ୟ ଅଗର ୧ । ଦିବ୍ୟ ଚନ୍ଦନ କର୍ପୂର ତଗର ॥
ଅଳାଇଚ ଇଲାଇଚ ଲବଙ୍ଗ । ଲତା ମାଧବୀ ପଲ୍ଲବ ସୁରଙ୍ଗ ॥
ଜାତି ଫଳ ତରୁକୁଳ ମରିଚ । ଦିଶୁଛନ୍ତି ତରୁମାନେ ସୁସଞ୍ଚ ॥
ଝୁଣ୍ଟିଅନା କଦମ୍ବ ନାଗେଶ୍ୱର । ଚମ୍ପା ବକୁଳ କେତକୀ ମନ୍ଦାର ॥
ଶ୍ୱେତ ଲୋହିତ କଞ୍ଚନ ଅଶୋକ ୨ । କୁନ୍ଦ ମୁକୁନ୍ଦ ପାଟଳୀ କନକ ୩ ॥
ରଙ୍ଗ ଅଇଁଲା କସ୍ତୁରୀ ପଟଳ ୪ । ଜାତି ଯୁଥୀ ମାଳତୀ ମଲ୍ଲୀକୁଳ ୫ ॥
କାଠବାଣ ନାଳବାଣ ଅଇଁଲା । କୁରୁବେଲ୍ଲୀ ନଅଳୀ ସୁପିଜୁଁଲା ॥
କଆ ବାରୁବଲ୍ଲୀ କାଠ ରଙ୍ଗିଣୀ । ବେଳ ସେବତି ସୁଗୁଳ୍ମ ଶ୍ରେଣୀ ॥
କର୍ଣ୍ଣିକାର କୁଟଜ ସୁଭଗାଟ । ଦିବ୍ୟ ଦମ୍ଭଣା ମରୁଆ ପ୍ରକଟ ॥
ପାରିଜାତକ କୁସୁମ ସ୍ୱର୍ଗର । ରାମ ରୋପିଣ ଅଛନ୍ତି ଅପାର ୬ ॥
ପୁଷ୍ପ ବନରେ ମଧୁକର ବୃନ୍ଦ । ଧ୍ୱନି କରନ୍ତି ପିଇ ମକରନ୍ଦ ॥
ଶୁକ ପିକ ଶାରିକାର ସ୍ୱନ । ଶୁଣି ଆନନ୍ଦ ହୋଇ ରାମ ମନ ॥
ତହିଁ ମଧ୍ୟରେ ଦିବ୍ୟ ସରୋବର । ଚଉପାଶେ ପାବଚ୍ଛ ସ୍ଫଟିକର ॥
ତହିଁ ୭ନୀଡ଼ା କରେ ନୃତ୍ୟ ବିହଙ୍ଗ ୮ । ନୀଳ ଉତ୍ପଳ କୋକନଦ ରଙ୍ଗ ॥
ଫୁଟିଛନ୍ତି କମଳ ପୁଣ୍ଡରୀକ । ନୀଳ କୁମୁଦ ୯ କମଳ ଅନେକ ॥
ଦିବ୍ୟ ଚନ୍ଦନ କାଷ୍ଠ ଗୃହ ଶୋଭା । ତନ୍ଦ୍ରି ମଣ୍ଡପ କାମରଥ ଅବା ॥
ଜଳ ମଧ୍ୟେ ଜଳ ଜନ୍ତୁ ଅନେକ ୧୦ । ଦିଶେ ଦିବ୍ୟ ରାଗ ପୁଷ୍ପ ସ୍ୱରୂପ ॥
ହେମ କଳଶେ ସୁକେତ ପତାକା । କି ବାସବର ପୁରର ଅଳକା ୧୧
ସରୋବର ବେଢ଼ିଣ ତରୁ ଶୋଭା । ଫଳ କୁସୁମେ ମନ କରେ ଲୋଭା
କେଉଁ ଠାବରେ ସୁବର୍ଣ୍ଣ ବେଦିକା ୧୨। କେଉଁ ବେଦିକା ସ୍ଫଟିକର ଏକା ॥

---

୧-ଦେବଦାରୁ ସ୍ନେହ ଦିବ୍ୟତରୁ ଗରୁ । ଦିବ୍ୟ ଚନ୍ଦନ ଶ୍ରୀ କର୍ପୂର ତରୁ ପୋଥିପାଠ । ୨-ବରୁଣ ଓ ଶୋକ ପୋଥିପାଠ । ୩-କୁଳକାମୋଦୀ ଚମ୍ପକ କନକ ପୋଥିପାଠ । ୪-ରଙ୍ଗ କସ୍ତୁରୀ ପାଟଳୀ ପଟଳ ପୋଥିପାଠ । ୫-ଯାଇଯୁଇ ମାଧବୀ ମଧୁକର ପୋଥିପାଠ । ୬-ରାମ ସଞ୍ଚି ଅଛନ୍ତି ଅଗୁହାର ପୋଥିପାଠ । ୭-ତନ୍ଦ୍ରି ନୀଡ଼ା କରେ ପୋଥିପାଠ । ୮-ଜଳ ବିହଙ୍ଗ ପୋଥିପାଠ ! ୯-କୁମୋଦ ପୋଥିପାଠ । ୧୦-କାଠ ଯନ୍ତ୍ର ମଣ୍ଡପ ପୋଥିପାଠ । ୧୧-ଘଡକା ପୋଥିପାଠ । ୧୨-ବେଦିକା ପୋଥିପାଠ ।

କେଉଁ ବେଦିକା ମରକତ ଶିଳା । କେଉଁ ବେଦି କେବଳ ମାଣିକ ମାଳା ॥
କେଉଁ ବେଦିକା ମାଣିକ୍ୟ ଜଡ଼ିତ । କେଉଁ ବେଦିକା ଅଟଇ ରଜତ୧ ॥
ରତ୍ନପୁରମାନ ଠାବ ଠାବରେ । ୨ଶୋଭା ଦିଶନ୍ତି ଆରାମ ଭିତରେ ୨ ॥
ତାକୁ ବେଢ଼ିଣ ପାଷାଣ ପ୍ରାକାର । ବହୁ କାଙ୍ଗୁରମାନଙ୍କ ସୁନ୍ଦର ॥
ଦିବ୍ୟ ଚୂନରେ ଭୂମି ଦିଶେ ଶୋଭା୩ । ଜବା ଚନ୍ଦ୍ର କିରଣରେ ଏ ପ୍ରଭା ॥
ସ୍ୱର୍ଗୁ ଅଇଲକି ନନ୍ଦନ ବନ । ହେନମତ ବନିକା ଶୋଭାବନ ॥
କୁବେରଙ୍କ ଚଇତ୍ର ରଥ୪ ଅବା । ଚହୁଁପାଖେ ଦିଶୁ ଅଛି ଶୋଭା ॥
ଷଡ଼ ଋତୁ ଘେନିଣ ତହିଁ କାମ । କରିଅଛନ୍ତି ତୋଟାରେ ବିଶ୍ରାମ ॥
ତହିଁ ଜାନକୀ ସଙ୍ଗେ ରଘୁବୀର । ନାନା ରଙ୍ଗରେ କରନ୍ତି ବିହାର ॥
ପ୍ରାତେ କରନ୍ତି ରାମ ରାଜନୀତି । ସୀତା ସଙ୍ଗେ ମଧ୍ୟାହ୍ନେ ବିହରନ୍ତି ॥
ସଭା କରନ୍ତି ପ୍ରହରେକ ରାତି ୫ । ଏହି ରୂପେ୬ ବଞ୍ଚିଲେ ଦିବା ରାତି ॥
ପ୍ରଜା ପାଳନ୍ତି ପୁତ୍ରର ସମାନ । ଧର୍ମ ବର୍ଜିତ ନ ଜାଣନ୍ତି ଆନ ॥
ସୀତା ସୁବେଶ ହୋନ୍ତି ଦିନ ଶେଷ । ନିଶି ରାମ ସନ୍ନିଧିରେ ପ୍ରବେଶ ॥
ଯେସନ୍ତେ ଶଚୀ ଘଟନ୍ତି ଚନ୍ଦ ପାଶେ । ସେହି ରୂପେ ରାମ ସୀତା ପାରୁଶେ ॥
ଏହି ମତେ ଦଶସହସ୍ର ବରଷ । ସୀତା ସଙ୍ଗରେ ରଜନୀ ଦିବସ ॥
ତଦନ୍ତରେ ଜାନକୀ ଗର୍ଭବାସ । ରାମ ଦେଖିଣ ପରମ ସନ୍ତୋଷ ॥
ହସି ସୀତାଙ୍କୁ କହନ୍ତି ବଚନ । କେଉଁ କଥାକୁ ହେଉଅଛି ମନ ॥
ତାହା ଦେବି ଅଗୋ ନାରୀ ରତନ । ଦେବୀ ବୋଲେ ଶୁଣ ସତ୍ୟ ବଚନ ॥

●

## ରାଗ—ଆଷାଢ଼ଶୁକ୍ଳ ବାଣୀ

ରାଘବ ଅଙ୍କେ ବସିଣ ବୈଦେହୀ । କାନ୍ତକୁ କହନ୍ତି ସେ ସ୍ନେହ କରି ।
ତପୋବନ ଦେଖିବାକୁ ମୋ ମନ । ଋଷି ପତ୍ନୀଙ୍କି କରିବି ଦର୍ଶନ ।
ପକ୍ୱ ଫଳ ମୂଳ ଦେବେ ୭ । ବସନ ଭୂଷଣ ଦେଇ ଆସିବି ॥

---

୧-ଏପଦଟି ପୋଥିରେ ନାହିଁ । ୨-ଅତି ସୁନ୍ଦରେ ପୋଥିପାଠ । ୩-ଦିବ୍ୟ ଚୂଳରେ ଦିଶେ ମହା ଶୋଭା ପୋଥିପାଠ । ୪-ଚଇତ୍ର ରଥ ପୁସ୍ତକପାଠ । ୫-ସଭା ତୃତୀୟ ପ୍ରହର କରନ୍ତି ପୋଥିପାଠ । ୬-ଏତେ ମତେ ପୋଥିପାଠ । ୭-ପକ୍ୱ ଫଳମୂଳ ମୁଁ ନେବି ଦେବି ପୋଥିପାଠ ।

ଶୁଣି ରାଘବ ହୋଇ ହସ ହସ । ଆଜ୍ଞା ଦେଲେ ଯିବ ତାଙ୍କର ପାଶ ।
ଋଷିମାନଙ୍କ ମଠ ଦେଖାଇବା । ତୁମ୍ଭର ମନୋରଥ ପୂରାଇବା ।
ତୋଷି ପ୍ରିୟା ମନ ୧, ବାହାର ୨ ମଣ୍ଡପେ କଲେ ଆସ୍ଥାନ ॥

ଦିବ୍ୟ ମଣ୍ଡପ ରତ୍ନ ବେଦୀ ପର । ତହୁଁ ବିଜୟେ କଲେ ରଘୁବୀର ।
ଏହି କାଳରେ ବୟସିକମାନେ । ପ୍ରବେଶ ହେଲେ ରାମ ସନ୍ନିଧାନେ ।
ସେମାନଙ୍କୁ ଦେଖି, ତାଙ୍କୁ ଦେଖି ପରିଜନ ଉପେକ୍ଷି ॥

ଶ୍ରୀରାମ ତାଙ୍କୁ ପରିହାସ କଲେ । ଶୁଣି ସେମାନେ ପ୍ରତିଭାଷା ଦେଲେ ।
ଉପୁଜିଲା ତହୁଁ ବହୁତ ହାସ । ଜାଣନ୍ତି ସେମାନେ କଥାର ରସ ୩ ।
ସେମାନଙ୍କ ସଙ୍ଗେ, କଉତୁକ କଥା କହନ୍ତି ରଙ୍ଗେ ॥

ରାମ ବୋଲନ୍ତି ଶୁଣ ଦ୍ୱିଜମାନେ । ଆମ୍ଭଙ୍କୁ କି ବୋଲନ୍ତି ପୁରଜନେ ।
ନିନ୍ଦା ସ୍ତୁତି ଆମ ତୁମ୍ଭେ କହ । ଯଥାର୍ଥ କଥାରେ ଭୟ ନ ପାଅ ।
ଶୁଣିଲେ ଧର୍ମକୀର୍ତ୍ତି, ଅକୀର୍ତ୍ତିରେ ନ ଚଳାଇବା ମତି ॥

ବୋଲନ୍ତି ହେ ଦେବ ତୁମ୍ଭ କୀରତି ୪ । ଚନ୍ଦ୍ରକର ପ୍ରାୟେ ମଣ୍ଡିଲା କ୍ଷିତି ।
ତ୍ରୟଭୁବନ ସନ୍ତାପ ଖଣ୍ଡିଲ । ଜାନକୀ ଛଳେ ରାବଣ ଦଣ୍ଡିଲ ।
ସିନ୍ଧୁ ବନ୍ଧାଇଲ, ଅଲୌକିକ କର୍ମମାନନ୍ତ କଲ ॥

ପର୍ଶୁରାମଙ୍କୁ କେବ କଲ ଜୟ । ଯେବଳୁ ଦୁଷ୍ଟେ ହୋଇଲେ ସଭୟ ।
ଯେଉଁ ଲଙ୍କା ଗଡ଼ ଦେବେ ଅଜୟ । ବାନରଙ୍କୁ ଘେନି କଲ ତା ଜୟ ।
କି ବୋଲିବେ ଜନେ, ପ୍ରଶଂସା କରନ୍ତି ତ୍ରିଭୁବନେ ॥

ଶୁଣି ବୋଲନ୍ତି ଶ୍ରୀରାମ ରାଜନ । ତୁମ୍ଭେମାନେ ଭୟ ନ କର ମନ ।
ତଥାପି ଆମ୍ଭ କି ଅବଗୁଣ । କାହା ମୁଖରୁ କାହିଁ ଅବା ଶୁଣ ।
ଶୁଣି ନିବର୍ତ୍ତିବା, ଧର୍ମ କଥାରେ ସିନା ପ୍ରବର୍ତ୍ତିବା ୫ ॥

ଭଦ୍ରମୁଖ ନାମେ ଏକ ବ୍ରାହ୍ମଣ । କର ଯୋଡ଼ିଣ ବୋଲେ ଦେବ ଶୁଣ ।
ସବୁରି ମୁଖରେ ତୁମ୍ଭର କୀର୍ତ୍ତି । ଏକ କଥା ମାନକ ଅପକୀର୍ତ୍ତି ।
ଶୁଣଇ ମୁଁ ଯାହା, ବଚନେ ଦେବ କହି ନୋହେ ତାହା ॥

---

୧-ତୋର୍ଷିତାଙ୍କ ମନ ପୋଥିପାଠ । ପେଷିବାକୁ ମନ ପୁସ୍ତକପାଠ ।
୨-ବେହାର ପୋଥିପାଠ, ବାହାର ପୁସ୍ତକପାଠ । ୩-କଥା ରହସ୍ୟ ପୋଥିପାଠ ।
୪-ସୁକୃତି ପୋଥିପାଠ । ୫-ଗୀତ ପଦଟି ପୋଥିରେ ନାହିଁ ।

ରାମ ବୋଲନ୍ତି ହେ ଭୟ ନକର । ନିର୍ଭୟ ହୋଇ ଶୁଣାଅ ଗ୍ରାମୁର
ଏହା ଶୁଣି ଦ୍ୱିଜ କହେ ଉତ୍ତର । ଶ୍ରୀ ଦେବ ତୁମ୍ଭର ନଗର ନର
ଏମନ୍ତ ବୋଲନ୍ତି, ଏଡ଼େ ଅନୀତ କଲେ ରଘୁପତି ॥

ରାବଣ ଯାହାକୁ ହେରାଇ ନେଲା । ବରଷେ ଯାଏ ଘରେ ରଖିଥିଲା
ତାହାକୁ ଆଣି କଲେ ପ୍ରିୟବନ୍ତା । ନ ମିଳନ୍ତା କିବା ଅନ୍ୟ ଯୁବତୀ
ଏମନ୍ତ ବଚନ କହନ୍ତି, ହେବ ଅଯୋଧ୍ୟାର ଜନ ॥

ଯେଉଁ ନୃପତି ଯେଉଁ ଧର୍ମ କରେ । ସେ ଦେଶ ଜନେ ତାର ଅନୁସରେ ।
ଆମ୍ଭ ନାରୀମାନେ ଯେବେ ନେବେ ଆନ । ତାହାଙ୍କୁ ତେବେ ଆଣିବ ସଦନ ।
ଯା କଲେ ନରେଶ, ଆମ୍ଭେମାନେ କଲେ ନୋହିବଇ ଦୋଷ ॥

ଏହା ଶୁଣି କହାଇଲା ଗ୍ରାମୁର । ମୋ ଦୋଷ ନ ଧର କୋଦଣ୍ଡଧର
ଶୁଣି ଶ୍ରୀରାମ ଅରୁଣ ନୟନ । ଭୂମିକି ଯେ କଲେ ଅବଲୋକନ
ତେଜି ଖର ଶ୍ୱାସ, ମହାକ୍ରୋଧ ମନେ ହେଲା ପ୍ରବେଶ

ବ୍ରାହ୍ମଣ ମାନଙ୍କୁ ଦେଲେ ମେଲାଣି । ସେମାନଙ୍କ କଥା ମନରେ ଗୁଣି ।
ଜନ ଅପବାଦ ହୋଇବା ଜାଣି ବିସ୍ମୟ ହୋଇଲେ କୋଦଣ୍ଡ ପାଣି
ଦୀନ କୃଷ୍ଣ ଭଣି ରାମ ପାଦ ଭବ ସିନ୍ଧୁ ତରଣୀ ॥

●

ରାଗ— **ମଙ୍ଗଳଗୁଜ୍ଜରୀ** [୧]

ଭଦ୍ର ମୁଖୁ ଏସନ ଶୁଣି ରଘୁମଣି ।
ମହା କ୍ରୋଧ ଜାତ ହୋଇଲା ସେହିକ୍ଷଣି ॥

ହୃଦୟ ଦେଶ ତାଙ୍କର ହେଲା ଆକୁଳ ।
ବେନି ନୟନେ ପୂରିଲା ଲୋତକ ଜଳ ॥

ଆଜ୍ଞା ଦେଲେ ଦ୍ୱାରୀକି ଅଣାଅ ଲକ୍ଷ୍ମଣ ।
ପେଷିବ ବନକୁ ସୀତା ମୁଁ ତତକ୍ଷଣ[୨] ॥

ଆଜ୍ଞା ପାଇ ଦ୍ୱାରୀ ବେଗେ[୩] ଚଳିଣ[୪] ଗଲା
ଭରତ ଶତ୍ରୁଘ୍ନ ଲକ୍ଷ୍ମଣଙ୍କୁ ଆଣିଲା ॥

---

୧—ଗୁଜ୍ଜରୀ ପୋଥିପାଠ । ୨—ପେଷିବ ବନକୁ ସୀତା ମୁଁ ତକ୍ଷଣ ପୋଥିପାଠ ।
୩—ପ୍ରତିହାର ପୋଥିପାଠ । ୪—ତ୍ୱରିତ ପୋଥିପାଠ ।

ଦ୍ୱାରେ ତାଙ୍କୁ ରଖି ଜଣାଇଲା ଶ୍ରୀମୁଖରେ ।
ଶ୍ରୀ ଦେବ ଆଣିଲି ଉଭା କରିଛି ଦ୍ୱାରେ ॥

ଆଜ୍ଞା ଦେଲେ ବେଗେ ଆମ୍ଭ ଶ୍ରୀମୁଖକୁ ଆଣ ।
ଦ୍ୱାରେ କିମ୍ପା ରଖିଲ ସେ ଆମ୍ଭର ପ୍ରାଣ ॥

ଆଜ୍ଞା ପାଇଣ ଶ୍ରୀମୁଖରେ କଲା ପ୍ରବେଶ ।
ଦର୍ଶନ କରିଣ ଉଭା ହୋଇଲେ ପାଶ ॥

ଦେଖିଲେ ନୃପତି ମୁଖ ଦିଶେ ବିରସ ।
ଯେସନ୍ତ ପୂର୍ଣ୍ଣଚନ୍ଦ୍ର ଦିଶେ ରଜନୀ ଶେଷ ॥

ଲକ୍ଷ୍ମଣଙ୍କୁ ରାଘବ ଆଜ୍ଞା ଦେଲେ ରାଜନ ।
ତୁମ୍ଭେ ସିନା ଜାଣ ଲଙ୍କା ବୃତ୍ତାନ୍ତ ମାନ ॥

ଯେଉଁ ରୂପେ ସୀତା ଅଗ୍ନି ପରୀକ୍ଷା ଦେଲେ ।
ଯେଉଁ ରୂପେ ଆସି ପିତାମହ କହିଲେ ॥

ଦେଖିଲତ ତାତ ଶିବ କହିଲେ ଆସି ।
ବୋଇଲେ ଅଟନ୍ତି ବାବୁ ସୀତା ନିର୍ଦ୍ଦୋଷୀ ॥

ତେଣୁ କରି ତାଙ୍କୁ ଆମ୍ଭେ ଗ୍ରହଣ[୧] କଲୁ ।
ଏବେ ଜନମୁଖୁ ଅପବାଦ[୨] ପାଇଲୁ ॥

ଜନ ଅପବାଦ ନାଶ କରେ ସୁକୀର୍ତ୍ତି[୩] ।
ତେଣୁ କରି ତାହିଁକି ମୁଁ କରଇ ଭୀତି ॥

ଜନ ଅକୀର୍ତ୍ତିରେ ଅଧୋଗତି ଲଭନ୍ତି[୪] ।
ଜନ ପ୍ରଶଂସିଲେ ସ୍ୱର୍ଗ ପୁରେ ବସନ୍ତି ॥

ଅପବାଦ ପୁଣି ଅଣାଇଲୁ[୫] ତୁମ୍ଭଙ୍କୁ ।
ଏ କଥାରେ ବଳାଇବ ନାହିଁ ଆମ୍ଭଙ୍କୁ ॥

ଆମ୍ଭର ଚରଣ ଛୁଇଁ କର ଶପଥ ।
ଆମ୍ଭ ଆଜ୍ଞା ନ ଭାଙ୍ଗି କରିବ ଭରତ[୬] ॥

---

୧-ସଂଗ୍ରାମ ପୋଥିପାଠ । ୨-ଅପ ଶ୍ରୁତି ପୋଥିପାଠ । ୩-ସୁକୁଳ ପୋଥିପାଠ । ୪-ପାତକ ଅରଜନ୍ତି ପୋଥିପାଠ । ୫-ଜଣାଇବ ପୋଥିପାଠ । ୬-ଆମ୍ଭ ଆଜ୍ଞା କରିବ ତୁମ୍ଭେ ଭରତ ପୋଥିପାଠ ।

ସୀତାଙ୍କୁ ନେଇଣ ତୁମ୍ଭେ ବନେ ନବେଶ ।
ଗଙ୍ଗା ତୀରେ ବାଲ୍ମିକ ଆଶ୍ରମ ପାଶ ॥

ଋଷି କୁଟୀ ଦେଖିବାକୁ ତାଙ୍କର ମନ ।
କଇତବେ ନେଇ ଛାଡ଼ି ଆସ ବହନ[୧] ॥

ଏମନ୍ତ ଶୁଣିଣ ଭ୍ରାତାମାନେ[୨] ଆକୁଳ ।
ସବୁଙ୍କର ନୟନରୁ ଗଳିଲା[୩] ଜଳ ॥

ରାମ ଆଜ୍ଞା ଦେଲେ ଲକ୍ଷ୍ମଣଙ୍କୁ ଅନାଇ ।
ସୀତାଙ୍କୁ ଘେନିଣ ଯିବ ରଥେ ବସାଇ ॥

ସୁମନ୍ତ ସାରଥି ହୋଇ ରଥ ବାହିବ ।
ନିଶି ଥାଉଁ ଥାଉଁ ତାଙ୍କୁ ଘେନିଣ ଯିବ ॥

ଆଜ୍ଞା ପାଇ ଲକ୍ଷ୍ମଣ ସ୍ୱୀକାର କଲେ ।
ଓଳଗି କରି ମେଲାଣି ସମସ୍ତେ ହେଲେ[୪] ॥

ଏଥୁ ଅନନ୍ତରେ ନିଶି ହୁଅନ୍ତେ ଶେଷ ।
ସୁମନ୍ତ ରଥ ଆଣିଲେ ଲକ୍ଷ୍ମଣ ପାଶ ॥

ଅନ୍ତଃପୁରେ ଲକ୍ଷ୍ମଣ ହୋଇଲେ ପ୍ରବେଶ ।
ଦରଶନ କଲେ ଯାଇ ଜାନକୀ ପାଶ ॥

ଋଷି ପତ୍ନୀ ଦେଖିବାକୁ[୫] ଶ୍ରଦ୍ଧା ତୁମ୍ଭର ।
ଆଜ୍ଞା ମୋତେ ଦେଇଛନ୍ତି କୋଦଣ୍ଡଧର

ଶୁଣିଣ ଜାନକୀ ବହୁ ଆନନ୍ଦ ହେଲେ ।
ଦିବ୍ୟ ରତ୍ନ ଅଳଙ୍କାର ବସ୍ତ୍ର ଘେନିଲେ[୬] ॥

ଋଷିକାମିନୀ ମାନଙ୍କୁ ଦେବାର ପାଇଁ ।
ସେମାନ ଘେନି ବସିଲେ ରଥରେ ଯାଇ ॥

ଲକ୍ଷ୍ମଣ ସହିତେ ବସିଲେ ମନ୍ତ୍ରୀବର ।
ପ୍ରବେଶ ହୋଇଲେ ଯାଇ ନଦୀର ତୀର ॥

---

୧-ଏହିକ୍ଷଣି ତୁମ୍ଭେ ତାଙ୍କୁ ଛାଡ଼ି ବହନ ପୋଥିପାଠ । ୨-ଭ୍ରାତ ମନେ ପୋଥିପାଠ । ୩-ବହିଲା ପୋଥିପାଠ । ୪-ଓଳଗି ମେଲାଇଣ ମେଲାଣି ହୋଇଲେ ପୋଥିପାଠ । ୫-ତପୋବନ ଦେଖିତ ଶରଧା ପୋଥିପାଠ । ୬-ଦିବ୍ୟ ବସ୍ତ୍ର ଅଳଙ୍କାର ମାନନ୍ତ ଘେନିଲେ ପୋଥିପାଠ ।

ସୀତା ବୋଲନ୍ତି ଶୁଣ ହେ ଲକ୍ଷ୍ମଣ ବୀର ।
ଅମଙ୍ଗଳ ମାନତ ହେଉଛି ମୋହର ॥

ଦକ୍ଷିଣ ବାହୁ ଦକ୍ଷିଣ ନେତ୍ର ସ୍ଫୁରଇ ।
ତନୁ କମ୍ପେ ହୃଦୟ ଆକୁଳ ହୁଅଇ ॥

କହୁ କହୁ ଗଙ୍ଗା ତୀରେ ପ୍ରବେଶ ହେଲେ ।
ସେଠାରେ ଲକ୍ଷ୍ମଣ ମହା ଶୋକୀ ହୋଇଲେ ॥

ଜାନକୀ ବୋଲନ୍ତି ଭ୍ରାତ ପାଦ କମଳ ।
ଦିନେ ନ ଦେଖି ହେଉଛି ଏଡ଼େ ବିକଳ ॥

ପ୍ରାଣପତି ଅଟନ୍ତି ମୋ ପ୍ରାଣ ପୁରୁଷ ।
ମୋହର ହେଉଛି ଭୁମ୍ଭ ପ୍ରାୟ ବିରସ ॥

ଜାହ୍ନବୀ ସନ୍ନିଧେ ନିତ୍ୟ କର୍ମ ସାରିଲେ ।
ଜାନକୀ ଘେନି ଲକ୍ଷ୍ମଣ ନାବେ ବସିଲେ ॥

ସୁମନ୍ତ୍ର ରଥ ଘେନିଣ କୂଳେ ରହିଲେ ।
ଲକ୍ଷ୍ମଣ ଋଷିଆଶ୍ରମ ଦେଖାଇ ଦେଲେ ॥

ନାବୁ ଓହ୍ଲାଇଣ ଗଙ୍ଗା ତଟରେ ବସି ।
ଲକ୍ଷ୍ମଣ[୧] କାରୁଣ୍ୟ କରୁଛନ୍ତି ବିଶେଷି ॥

ବୋଲନ୍ତି ଏ କାର୍ଯ୍ୟକୁ ପେଷିଲେ ଭୂପାଳ ।
ଛେଦନ କପାଁ ନ କଲେ ଏ ମୋର ଗଳ ॥

ବୋଲନ୍ତି ଜାନକୀ କର୍ମା କହେ ଏ ମାନ ।
ବାହୁଡ଼ି ଯିବାକୁ ହେଉ ଅଛି ମୋ ମନ ॥

କେବଳ ମାତ୍ର ରହିବା ଆଜର ଦିନ ।
ସମସ୍ତ ଋଷିଙ୍କୁ କରି ଯିବା ଦର୍ଶନ[୨] ॥

---

୧-ସାନୁଜ ପୁସ୍ତକପାଠ । ୨-ସମସ୍ତ ଋଷି ମାନଙ୍କୁ କରି ଦର୍ଶନ ପୋଥିପାଠ । କିନ୍ତୁ 'ସମସ୍ତ ଋଷି ମାନଙ୍କୁ' ପ୍ରୟୋଗ ଅସଙ୍ଗତ । 'ସମସ୍ତ' ପ୍ରୟୋଗ କରାଯିବା ପରେ ଆଉ 'ମାନଙ୍କୁ' ପ୍ରୟୋଗ କରାଯିବା ବିଧେୟ ନୁହେ । ତେଣୁ 'ସମସ୍ତ ଋଷିଙ୍କୁ କରି ଯିବା ଦର୍ଶନ' ଏଠାରେ ଉଲ୍ଲେଖ କରା ଯାଇଛି ।

ଶୁଣିଣ ଲକ୍ଷ୍ମଣ ପାଦେ ପଡ଼ି କହିଲେ ୧ ।
ମୋର ଅପରାଧ ନ ଘେନମା ୨ ବୋଇଲେ ॥

ଜନ ମୁଖେ ରାମ ତୁମ୍ଭ ଅକୀର୍ତ୍ତି ଶୁଣି ।
ତେଜିଲେ ଏବେ ତୁମ୍ଭଙ୍କୁ କୋଦଣ୍ଡପାଣି ॥

ଶୁଣିଣ ଜାନକୀ ମୂର୍ଚ୍ଛା ଯାଇ ପଡ଼ିଲେ ।
କେତେହେଁକ ବେଳେ ତହିଁ ଜ୍ଞାନ ପାଇଲେ ॥

ବୋଲନ୍ତି ମୋହର ଏ ମନ୍ଦ କରମ ।
ବିଧାତା ଦୁଃଖ ଦେବାକୁ କଲା ଜନମ ॥

ପ୍ରାଣ ଛାଡ଼ନ୍ତି କୁଳକୁ କଳଙ୍କ ହେବ ।
ପ୍ରାଣପତିଙ୍କି ମୋହର ଦୋଷ ଲାଗିବ ॥

ପଚାରିବେ ୩ ଯୁବତୀମାନେ ଯେ ଆମ୍ଭଙ୍କୁ ।
ପ୍ରାଣନାଥ କି ଦୋଷେ ଛାଡ଼ିଲେ ତୁମ୍ଭଙ୍କୁ ॥

କି ବୋଲି କହିବି ମୋତେ ନ ଦିଶେ ବୁଦ୍ଧି ୪ ।
ବିନା ଦୋଷେ ତ୍ୟାଗ କଲେ କରୁଣାନିଧି ॥

ଏମନ୍ତ ବୋଲିଣ ଉଚ୍ଚେ କଲେ ରୋଦନ ।
ବୋଲେ କଣି ଚନ୍ଦ୍ରା କର ପଦ୍ମଲୋଚନ ॥

●

ରାଗ -- **ମଙ୍ଗଳଗୁଜ୍ଜରୀ**

ସୀତା ଶୋକ ଦେଖି ଲକ୍ଷ୍ମଣ ଶୋକ କଲେ ।
ଶୋକ ସମ୍ଭାଳି ନ ପାରି ପଛୁଆଇଲେ ୫ ଯେ ॥

ଲକ୍ଷ୍ମଣ ଅଦୃଶ୍ୟ ଯାଏ ଅନାଇ ଥିଲେ ।
ମନେ ବିଚାରିଲେ ମୋତେ ନଷ୍ଟେ ତେଜିଲେ ଯେ ॥

---

୧-ପାଦେ ପଡ଼ି ରହିଲେ ପୁସ୍ତକପାଠ । ୨-ନ ଘେନିବ ପୋଥିପାଠ । ୩-ବିଚାରିବେ ପୁସ୍ତକପାଠ । ୪-କି ବୋଲିବି ମୋତେ ସେହି ନ ଦିଶେ ବୁଦ୍ଧି ପୁସ୍ତକପାଠ । ୫-ପଠିଆଇଲେ ପୁସ୍ତକପାଠ ।

ଗଙ୍ଗା ପାର ହୋଇ ରଥେ ବସିଲେ ବୀର ।
ମହା ଶୋକେ ନୟନରୁ ବହଇ ନୀର ଯେ ॥

ଲକ୍ଷ୍ମଣଙ୍କୁ ନ ଦେଖିଣ ତରୁଣୀ ବର ।
ନିଜ ଭର୍ତ୍ତୃ ବିଚ୍ଛେଦରେ ହେଲେ କାତର ସେ ॥

ବହୁ ବିଳାପନ୍ତେ ଉଚ୍ଚେ[୧] ବର ତରୁଣୀ ।
ବାଲ୍ମୀକି ଶିଷ୍ୟମାନେ ଶ୍ରବଣେ ଶୁଣି ଯେ ॥

ଦେଖିଲେ ଯୁବତୀ ବର କରେ ରୋଦନ ।
ଗୁରୁଙ୍କ ଛାମୁରେ ଜଣାଇଲେ ବଚନ ଯେ ॥

ଦେବଦେବ ସ୍ୱର୍ଗୁଁ ଅଇଲା ପ୍ରାୟକ ଦିଶେ[୨] ।
କେବଣ ନୃପତି ବର ବନିତା କହେ ହେ ॥

ଆମ୍ଭର ମଠ ନିକଟେ ଗଙ୍ଗାର ତଟେ ।
ରୋଦନ କରୁଛି ଦେଖି ଅଇଲୁ ବାଟେ[୩] ଯେ ॥

ଧ୍ୟାନରେ ଜାଣିଲେ ମୁନି ଅଇଲେ ସୀତା ।
ଦଶରଥଙ୍କ ବଧୂ ରାମ ବନିତା ଯେ ॥

ଏମନ୍ତ ବିଚାରି[୪] ପୂଜା ଦ୍ରବ୍ୟନ୍ତ ଘେନ ।
ବନ ଭିତରେ ପ୍ରବେଶ ହୋଇଲେ ମୁନି ଯେ ॥

ଋଷିଙ୍କି ଦେଖିଣ ସତୀ ଭେଜ କାରୁଣ୍ୟ ।
ଶିର ଲଗାଇଲେ ତାଙ୍କ ବେନି ଚରଣ ଯେ ॥

ଋଷି ବୋଲେ ଆମ୍ଭ ପୂଜା ଘେନ ଗୋ ମାତ ।
ଯୋଗ ବଳେ ଆମ୍ଭେମାନେ ଜାଣୁ ସମସ୍ତ ଗୋ ॥

ଦଶରଥ ବଧୂ ତୁମ୍ଭେ ଜନକ ସୁତା ।
ଶ୍ରୀରାମଙ୍କ ପାଟରାଣୀ ଅଟ ଗୋ ସୀତା ॥

---

୧-ଉଚ୍ଚେ ପୋଥିପାଠ । ୨-ପ୍ରାୟେ ରୂପ ଦିଶେ ପୋଥିପାଠ । ୩-ଦେଖିଲୁ ରୋଦନ କରୁଅଛନ୍ତି ସେ ବାଟେ ପୋଥିପାଠ । ୪-ସେ ଯେ ପୂଜା ମାନ ଘେନି ପୋଥିପାଠ ।

ଆମ୍ଭ ମଠ ତୁମ୍ଭ ଅନ୍ତଃପୁର ସମାନ ।
ଏ କଥାକୁ ମାତ ମନେ ନ ଧର ଆନ ଗୋ ॥

ଶୁଣି ଜାନକୀ ବୋଲନ୍ତି କହିଲ ସତ ।
ମହର୍ଷି ଅଛ ତୁ ଓସ୍ତୁ ଜନକ ଜାତ ହେ ॥

ଅର୍ଘ୍ୟ ଦେଇ ବାଲ୍ମୀକି ଆଗେ ହୋଇଲେ ।
ସୁତା ପ୍ରାୟ ସୀତା ପଛେ ଗମନ କଲେ ସେ ॥

ମଠ ପାଶେ ତପସ୍ୱିନୀ ମାନଙ୍କ ସ୍ଥାନ[୨] ।
ସେଠାବକୁ ବାଲ୍ମୀକି କଲେ ଗମନ ସେ ॥

ତାହାଙ୍କୁ ବୋଇଲେ ଏହୁ ଜନକ ସୁତା ।
ଦଶରଥ କୁଳ ବଧୂ ରାମ ବନିତା ସେ[୩] ॥

ଦୁହିତା ତୁମ୍ଭର ବୋଲି ସମର୍ପି ଦେଲେ ।
ସେମାନେ ହିଁ ତାଙ୍କୁ ପୂଜା କରିଣ ନେଲେ ସେ ॥

ତପସ୍ୱିନୀ ପ୍ରାୟ ହୋଏ ରାମ ବନିତା ।
କେତେ ବେଳେ କା ଅବା ନ କରେ ଚିନ୍ତା ସେ ॥

ସୁମନ୍ତ୍ର ସଙ୍ଗେ ଲକ୍ଷ୍ମଣ ରଥରେ ବସି ।
ସେଦିନ ନଦୀକୂଳରେ ରହିଲେ[୪] ଆସି ସେ ॥

ଲକ୍ଷ୍ମଣ ଶୋକ ଦେଖିଣ ସେ ମନ୍ତ୍ରୀବର[୫] ।
ଦୃଷ୍ଟ କରି କହନ୍ତି ତାହାଙ୍କୁ ଉତ୍ତର ସେ ॥

ପୂର୍ବେ ମୁଁ ହି ଏ ବଚନ ଅଛଇ ଶୁଣି ।
ତୁମ୍ଭଙ୍କୁ ହିଁ ଭେଟିବେଟି କୋଦଣ୍ଡ ପାଣି ହେ ॥

---

୧-ତୁମ୍ଭେ ମହର୍ଷି ଅଛ ସାହାଡରେ ବାପ ହେ ପୋଥିପାଠ । ୨-ମଠ ପାଶେ ତପମୁନଙ୍କର ସ୍ଥାନ ପୋଥିପାଠ । ୩-ଏହାଙ୍କର ତୁମ୍ଭେ ମାନେ ହୋଇବ ମାତ' ମୁଦ୍ରିତ ପାଠ । ସୀତାଙ୍କ ମହତ୍ତ୍ୱ ସେପରି ବୃଦ୍ଧି କରୁନାହିଁ । ୪-ହୋଇଲେ ଆସି ମୁଦ୍ରିତ ପାଠ । ୫-ଶୀତଯ୍ୟାଭ କୋପ ଦେଖିଲେକ ମୁନବର ପୋଥିପାଠ ।

କାହାକୁ ହିଁ ନ କହିବ ଗୁପତ ବାଣୀ ।
ଦୁର୍ବାସାଙ୍କ[୧] ମୁଖରୁ ମୁଁ ଅଛଇ ଶୁଣି ହେ ॥

ଏକ ଦିନେ ଦୁର୍ବାଷା ଅଯୋଧ୍ୟା ଆଇଲେ ।
ତୁମ୍ଭ ତାତ ତାଙ୍କୁ ବହୁ ଭକତି କଲେ ॥

ପଚ୍ଛିଲେ ଏ ମୋହର ଚ୍ୟରି କୁମର ।
ଏହାଙ୍କର ଯଶ କି ହୋଇବ ମୋହର ହେ ॥

ମୁନି ବୋଇଲେ ଶୁଣ ହେ ନୃପ ଶାର୍ଦ୍ଦୂଳ ।
ହୋଇବେ ରାମଚନ୍ଦ୍ର ତୁମ୍ଭର କୁଳ ହେ ॥

ରାମ ନାରାୟଣ ଏହି ନାହିଁଟି ଭେଦ ।
କେବଳ ବନିତା ସଙ୍ଗେ ହେବ ବିଚ୍ଛେଦ ଯେ ॥

ଦେବାସୁର ଯୁଦ୍ଧ ହୋଇଲା ଯେଉଁ କାଳେ ।
ଦେବତାଏ ଅସୁରଙ୍କୁ ମାରିଲେ ବଳେ ଯେ ॥

ଅସୁରେ ଆସିଣ[୨] ଭୃଗୁ ବନିତା ପାଶେ ।
ଶରଣ ପଶିଲେ ତାଙ୍କ ଜୀବନ ଆଶେ ଯେ ॥

ତାହା ଦେଖି ବିଷ୍ଣୁ ତାଙ୍କୁ କୋପ କରିଲେ ।
ଚକ୍ର ଯେନ ଋଷି ପତ୍ନୀ ଶିର ଛେଦିଲେ ଯେ ॥

ଏମନ୍ତ ଦେଖିଣ ଭୃଗୁ ଦେଲେକ ଶାପ ।
ବିଷ୍ଣୁ ଅକାରଣେ କଲ ଏଡ଼େକ ପାପ ଯେ ॥

ମାନବ ନୃପତି ପୁରେ ଜାତ ହୋଇବ ।
ଭାରିଯା ବିଚ୍ଛେଦେ ମହାକଷ୍ଟ ପାଇବ ହେ ॥

ମାନବ ତନୁ ଧରିଣ ହେବ ଅଜ୍ଞାନ ।
ତେଣୁ ଅଜ୍ଞାନରେ ଏହା କଲ ବିଧାନ ହେ[୩] ॥

ସେ ବିଷ୍ଣୁଟି ତୁମ୍ଭର ରାମ ନନ୍ଦନ ।
କେବଳ ବନିତା କଷ୍ଟେ ବଞ୍ଚିବେ ଦିନ ହେ ॥

---

୧-ଦୁର୍ବାଷା ପୋଥିପାଠ । ୨-ଅସୁର ଆସିଲ ପୁସ୍ତକ ପାଠ । ୩-ତେଣୁ ଅଜ୍ଞାନରେ ରାମ କଲେ ଏ ବିଧାନ ପୋଥିପାଠ ।

ରାମଙ୍କ ହୋଇ ବେନି ବେଣ୍ଟ କୁମର ।
ବଂଶ ବୃଦ୍ଧି ବନ୍ଧୁ ୧ ହୋଇବ ଗୁମ୍ଫର ହେ ॥

ଭ୍ରାତାମାନଙ୍କୁ ହିଁ ତ୍ୟାଗ୨ କରିବେ ରାମ ।
ଏମନ୍ତ କହିଣ ଗଲେ ମୁନି ସତ୍ତମ ଯେ ॥

ଆହେ ଲକ୍ଷ୍ମଣ ଏଥକୁ କପାଇଁ ଭାଳ ।
କାହାଙ୍କୁ ହିଁ ନ କହୁବଟି ତଜ କାଳ ହେ୩ ॥

ଏମନ୍ତ ଶୁଣି ଲକ୍ଷ୍ମଣ ହୋଇଲେ ତୋଷ ।
ଅଯୋଧ୍ୟା କଟକେ ଯାଇ ହେଲେ ପ୍ରବେଶ ॥

ଶ୍ରୀରାମଙ୍କ ଚରଣ ଅମଳ କମଳ୪ ।
ଧ୍ୟାନ ବାଗି ବୁଦ୍ଧି ୫ ତହିଁ ହେଲା ଭ୍ରଶାଳ ଯେ ॥

●

## ରାଗ— ଆହାରୀ

ଶ୍ରୀରାମ ପାଶେ ଲକ୍ଷ୍ମଣ ପରବେଶ ।
ଦେଖିଲେ ନୃପତି ମୁଖ ଦଶେ ବରଷ ॥

ମନରେ କୁଂଶ କରି ଭୂମିକି ମୁଖ ।
ଟୁଲୁଚ୍ଛନ୍ତ ବସି ହେଜଇ୬ ସକଳ ସୁଖ ॥

ଲକ୍ଷ୍ମଣ ବାର ଶୀତେ ଦେଇଣ କର ।
ଦର୍ଶନ କର ଜଣାନ୍ତି ଅତି ମଧୁର୭ ॥

ନେଇ କପଟେ ଗୁଣ୍ଡିଲା ଗଙ୍ଗା ତଟେ ।
ବନ୍ଧୁ ବଳପିଲେ ମୁନି ମଠ ନିକଟେ ॥

ଯାହା ଦଇବ ଲେଖି ଅଛଇ ପୂର୍ବ ।
ଏବେ ସେବେ ବାଳ କାଳ ହୋଇବ ॥

---

୧-ବଂଶ ବନ୍ଧୁର ବର୍ଦ୍ଧକ ପୋଥିପାଠ । ୨-ତେଜ୍ୟା ପୋଥିପାଠ ୩-ଭୁମ୍ଭଙ୍କୁ ହିଁ ନ ରଖିବେ ନୃପତି ଚିରକାଳ ପୋଥିପାଠ । ୪-ଶ୍ରୀରାମର ପାଦ ପଦ୍ମ ସ୍ଥାନେ ଯେ କମଳ ପୋଥିପାଠ । ୫-ମତି ତହିଁ ପୋଥିପାଠ । ୬-ଦେଖ ପୁସ୍ତକ ପାଠ । ହେଜ-ଭାଳ । ୭-ଅଳପ ମଧୁର ପୁସ୍ତକ ପାଠ ।

ଗ୍ରଢ଼ିଲେ ଶୋକା ପୁଣି ହେଲେ ବିବେକ ।
ଗୃଣ ଦାନ ରହିଲଙ୍କ ବୋଲିବେ ଲୋକ[୧] ॥

ଆହେ ଲକ୍ଷ୍ମଣ ସର୍ବ ଚରିତ ଶୁଣ ।
କେବଣ ଦୁଃଖର ହେତୁ ନୃପତି ପୁଣ[୨] ॥

ପୂର୍ବର ସ୍ୱାତ ନୃଗ ନାମେ ନୃପତି ।
କୋଟି ଧେନୁ ଦାନରେ ପାଇଲେ ବିପତ୍ତି ॥

ଗାବନ୍ତ[୩] କିଣି ଦୀନ ଦଅନ୍ତେ ପୁଣି ।
ଦାନ ଧେନୁ ଦାନ କଲ ଚିହ୍ନି ନ ଜାଣି ॥

ସେ ଦ୍ୱିଜ ଘରେ ଧେନୁକୁ ଅନୁସରେ ।
ଅନ୍ୟ ଗ୍ରାମେ ଦେଖିଲ ସେ ବ୍ରାହ୍ମଣ ପୁରେ ॥

ନାମେ ଡ଼ାକିଲା ଧେନୁ ଛାରି[୪] ଅଇଲ ।
ସେ ଧେନୁ ଆଣନ୍ତେ ପଛେ ଦ୍ୱିଜ ଧାଇଲା ॥

ଏ ବୋଲି ମୋର ସେହୁ ବୋଲେ ମୋହର ।
କଳି କରି ଗଲେ ନୃପତି ସିଂହ ଦ୍ୱାର ॥

ସେ ବେନି ଦ୍ୱିଜ ମାନେ ପାଇଣ ଲଜ ।
ବୋଲନ୍ତି ନୃପତି ମନ ଜାଣିବା ଆଜ ॥

ଦ୍ୱାରେ ରହିଲେ ଦ୍ୱାରପାଳେ କହିଲେ ।
ଗୁହାରି କରି ଆସିଛୁ ବୋଲି ବୋଇଲେ ॥

କହେ ଦୁଆରୀ ଦେବ ଦ୍ୱିଜ ଗୁହାରି ।
ନ ଶୁଣିଲ ପ୍ରାପ୍ତ ହେଲେ ସେ ଦଣ୍ଡଧାରୀ ॥

ସେ ଦ୍ୱିଜେ[୫] କୋପ କରି ଦେଲେକ ଶାପ ।
ବୋଇଲେ ଶରଟ[୬] ହୁଅ ଅର୍ଜିଲୁ ପାପ ॥

ପଥରେ ଥିବ ଚିର କାଳ ଖାଇବ ।
ଦ୍ୱାରରେ ଶ୍ରୀକୃଷ୍ଣ ଦେଖି ମୁକତି ହେବ ॥

---

୧-ଗୃଣ ଦଗେ ଶୁଣି କସ ବୋଲିବେ ଲୋକ ପୋଥିପାଠ । ୨-ଏ ପଦଟି ପୋଥିରେ ନାହିଁ । ୩-ଗୋବତ୍ସ ପୁସ୍ତକ ପାଠ । ୪-ମାନ୍ଦକେ ସେ ପୁସ୍ତକ ପାଠ । ୫-ଦେବଦ୍ୱିଜେ ପୁସ୍ତକପାଠ । ୬-ଶରଟ = ଏଣ୍ଡୁଅ ।

ନୃପତି ମଣି ବ୍ରହ୍ମଣ ଶାପ ଜାଣି ।
ଜ୍ୟେଷ୍ଠ ପୁତ୍ରକୁ ନୃପତି କଲେକ ଆଣି ॥

ସମସ୍ତଙ୍କୁ କହିଲ ଶେଷେ ମେଲାଣି ହେଲ ।
ଚଉପାଶେ ବନ ଘେରି ଏଣ୍ଡୁଅ ହେଲ ॥

ଆହେ ଲକ୍ଷ୍ମଣ ପୂର୍ବ କଥାଟି ଶୁଣ ।
ନିମି ରାଜା କଲେ ବଶିଷ୍ଠଙ୍କୁ ବରଣ ॥

କରିବି ଯାଗ ମୋର ବରଣ ହେବ ।
ସେ ବୋଇଲେ ପୂର୍ବରୁ ବରିଛି ବାସବ ॥

ସେ ଯାଗ ସାରି ଆସିବି ତୁମ୍ଭ ପୁରୀ ।
ସୁର ପୁର ଗଲେ ମୁନି ନିର୍ଣ୍ଣୟ କରି ॥

ଦେଖି ବିଳମ୍ବ ଯାଗ କଲେ ଆରମ୍ଭ ।
ବାଲ୍ମୀକି ଋଷିଙ୍କୁ କଲେ ଅବଲମ୍ବ[1] ॥

ଶ୍ରେ ମୁନି ଜାଣ ଆସିଲେ ରାଜା ଗଣ ।
ପୁରୋହିତ ହୋଇ ତୁମ୍ଭେ ହୁଅ ବରଣ ॥

କରାଇ ତୋଷ ତାଙ୍କୁ ଆଣି ହରଷ ।
ଯାଗ ଆରମ୍ଭିଲେ ଦଶସହସ୍ର ବରଷ ॥

ବଶିଷ୍ଠ ଋଷି ଯାଗ କରିଣ ଆସି ।
ଦ୍ୱାରୀ ଆଗେ କହି ସିଂହଦ୍ୱାରେଣ ବସି ॥

ଜ୍ଞାତ ନ କଲେ ରାଜା ପହୁଡ଼ି ଥିଲେ ।
ବଶିଷ୍ଠ କୋପ କରି ତାଙ୍କୁ ଶାପ ଦେଲେ ॥

ଅଜ୍ଞାନ ହୁଅ ବାୟୁ ଶରୀର ବହ ।
ଏତେ ମଦଗର୍ବେ ଯେବେ ହୋଇଲୁ ମୋହ ॥

ଶାପ ବଚନ ଶୁଣି ସେ କ୍ରୋଧ ମନ ।
ବଶିଷ୍ଠଙ୍କୁ ସେହି ଶାପ ଦେଲେ ବହନ ॥

---

୧-କଲେ ଅବଲମ୍ବ ପୁସ୍ତକପାଠ ।

ବିକଳ ମୁନି ବାହ୍ମୁ ଶରୀର ଯେନି ।
ବ୍ରହ୍ମ ଲୋକେ ଯାଇ ଦେଖିଲେ *ପଦ୍ମଯୋନି ॥

ଜାଣିଲେ ପିତା ନମି ଶାପ କରତା ।
ବଶିଷ୍ଠଙ୍କୁ କହିଲେକ[୧] ଅଖିଳ ପିତା ॥

ବରୁଣ ରେତ ହେବ କୁମ୍ଭରୁ[୨] ଜାତ ।
ସୂର୍ଯ୍ୟବଂଶେ ତୁମ୍ଭେ ହୋଇବ ପୁରୋହିତ[୩] ॥

ଶୁଣି ସେ ଋଷି ବରୁଣ ପୁରେ[୪] ଆସି ।
ଉର୍ବଶୀ ସେ ଦିନ[୫] ବରୁଣ ପାଶେ ବସି ॥

କାମେ ଅବଶ ଉର୍ବଶୀ ଦେଖି କୋପ ।
ଆଜ ମୋର କାମିନୀ ତୁ ହୋଅ ଗୋ ଆସ[୬] ॥

କର ଯୋଡ଼ିଣ ରମା କହେ ବଚନ ।
ପୂର୍ବରୁ ବରିଣ ଛନ୍ତି ପିତା ବରୁଣ ॥

ତାଙ୍କର ଅଙ୍ଗ ଭାବ ତୁମର ସଙ୍ଗ ।
ଏମନ୍ତ କରିଣ ପଛେ କରିବ ଭଙ୍ଗ ॥

ସ୍ୱଭାବ ବଶ ଦେଖି ବରୁଣ ପାଶ ।
ତନୁ ମିତ୍ରାବରୁଣରେ କଲା ପ୍ରବେଶ ॥

ସେ କୋପ କଲେ ଭାବ ଦେଲୁ ବୋଇଲେ ।
ତାର ଅଙ୍ଗ ଆଉ ସେ ସ୍ମରଣ ନ କଲେ[୭] ॥

ବରୁଣ ଦେବ ତାର ନ ଘେନି[୮] ଭାବ ।
ମଦନ ଆରତେ ରେତ ହେଲା ସମ୍ଭବ[୯] ॥

ରେତ ଘେନିଣ କୁମ୍ଭରେ ସେ[୧୦] ବରୁଣ ।
ବଶିଷ୍ଠ ପ୍ରବେଶ ସେ କୁମ୍ଭେ ସେହିକ୍ଷଣ[୧୧] ॥

---

୧-ଶାପ ଦେଲେ ପୁସ୍ତକପାଠ । ୨-କୁମ୍ଭୀରୁ ଜାତ ପୋଥିପାଠ । ୩-ପ୍ରୋହିତ ପୋଥିପାଠ । ୪-ବରୁଣ ପାଶେ ଆସି ପୋଥିପାଠ । ୫-ଉର୍ବଶୀ ସେବନରୁ ପୋଥିପାଠ । ୬-ହେଲୁ ଆସ ପୋଥିପାଠ । ୭-ତାର ଅଙ୍ଗ ସଙ୍ଗେ ସେହୁ ସ୍ନେହ ନ କଲେ ପୋଥିପାଠ । ୮-ତାର ଘେନଣ ଭାବ ପୋଥିପାଠ । ୯-ସମ୍ଭବ ପୋଥିପାଠ । ୧୦-କୁମ୍ଭ ଧରି ବରୁଣ ପୋଥିପାଠ । ୧୧-ବଶିଷ୍ଠ କୁମ୍ଭେ ପ୍ରବେଶ ହେଲେ ସେକ୍ଷଣ ପୋଥିପାଠ ।

କୁମ୍ଭରେ ଥିଲା ବେନି ଭାଗ ହୋଇଲା ।
ପ୍ରଥମେ କୁମ୍ଭରୁ ଜାତ ଅଗସ୍ତି ହେଲା ॥

ବ୍ରହ୍ମାର ସୁତ ପଛେ କୁମ୍ଭରୁ ଜାତ ।
ଇକ୍ଷ୍ୱାକୁ[୧] ବଂଶରେ ସେ ହେଲେ ପୁରୋହିତ ॥

ନିମି ଯେ ଥିଲେ ଋଷି ମାନେ ଅଇଲେ ।
ନେତ୍ର ନିମିଷକେ ନିମି ପ୍ରାଣ ତେଜିଲେ[୨] ॥

ନିମିର ପିଣ୍ଡ ରଖିଲେ ତୈଳ ଖଣ୍ଡ ।
ଯାଗଶାଳରେ ମନ୍ଥନ କଲେ ତା ପିଣ୍ଡ ॥

ତହୁଁ ବାଳକ ଋଷି ହେଲେ ଜନକ ।
ମିଥିଲା ଶ୍ରେଷ୍ଠ ବୋଲନ୍ତି ସକଳ[୩] ଲୋକ ॥

ଏପ୍ରେଟି ଦେବ ତାଙ୍କ ଶାପ ପ୍ରମାଦ ।
ବୋଲେ ଶୁଣି ରାମ କହି ହେଲେ ବିଷାଦ[୪] ॥

●

ରାଗ—**କାଳୀ**

ଲକ୍ଷ୍ମଣ ବୋଲନ୍ତି ଆହେ ଦେବ ଋଷି ତ ଶାପ ଦେଲେ ।
ନୃପତି ଦେବା ଉଚିତ ନୁହେଁ ଅନାଥ କପାଁ କଲେ ॥

ରାମ ବୋଲନ୍ତି ତାମସ ରଜା ମାନେ କରନ୍ତି କୋପ ।
ଏକା ମାନବକ ଯଯାତି ଦେବ କହିଲେ ଗୁରୁ ଶାପ[୫] ॥

ଶୁଣ ଲକ୍ଷ୍ମଣ ତହିଁ ବୃତ୍ତାନ୍ତ ଯଯାତି ମହାରାଜା ।
ବଶ ହୋଇଲେ ଦେବଯାନୀଙ୍କ ଦୈତ୍ୟ[୬] ଗୁରୁ ତନୁଜା ॥

ବୃଷ ପର୍ବାଙ୍କ[୭] ଦୁହିତା ନାମ ଅଟଇ ଶରମିଷ୍ଠା[୮] ।
ଦ୍ୱିଜାତ୍ୟ ବଶହେଲେ ତାହାଙ୍କ ନୃପତି କୁଳ ଶ୍ରେଷ୍ଠା ॥

---

୧-ଇକ୍ଷ୍ୱାକୁ ପୋଥିପାଠ । ୨-ନେତ୍ର ନିମିଷ କର ତାକୁ ବର ଦେଲେ ପୁସ୍ତକପାଠ । ୩-ଜଗତ ଲୋକ ପୋଥିପାଠ । ୪-ପ୍ରମୋଦ ପୋଥିପାଠ । ୫-ପରିତାପ ପୋଥିପାଠ । ୬-ଦୈତ୍ୟପୁର ପୋଥିପାଠ । ୭-ପୁର ସର୍ବାର ପୋଥିପାଠ । ୮-ଶେଷ ମିଷ୍ଟ ପୋଥିପାଠ ।

ଦେବଯାନୀର ଯଦୁ କୁମାର ଅଟଇ ସେ ଦୁର୍ଭାଗା୧ ।
ଶର୍ମିଷ୍ଠାଙ୍କର କୁମର ପୁରୁ ଅଟଇ ସେ ସୁଭାଗା ॥

ଦିନେକ ଦେବଯାନୀଙ୍କି ଯଦୁ କହିଲେ କୁଟ ବାଣୀ୨ ।
ତୁମ୍ଭର ଦୁଃଖ ତନୁ ନ ସହେ ମରିବ ଏହିକ୍ଷଣି୩ ॥

ପୁତ୍ର ବଚନ ଶୁଣି ଜନନୀ ବହୁତ ଦୁଃଖ କଲେ ।
ପିତାଙ୍କ ଚନ୍ଦ୍ରା ମାଣକେ ଆସି ଆସି ପ୍ରବେଶ୪ ହେଲେ ।

ବୋଇଲେ ସୁତେ କମା ସେବନ କରୁଛ ସୁତ ଘେନ ।
ଦୁର୍ଭାଗା କଲ ତୁମ୍ଭଙ୍କୁ ରାଜା ମୋ ବଚନ ନ ଘେନି ॥

ସୁତା ନାତର୫ କଷ୍ଟ ଦେଖିଣ କଲେକ ଗୁରୁ କୋପ ।
ଜରା ହୁଅନ୍ତୁ ବୋଲିଣ ଯଯାତିଙ୍କୁ ସେ ଦେଇ ଶାପ ॥

ଗୁରୁଙ୍କ ଶାପ ଜାଣିଣ ନୃପ ଯଦୁଙ୍କୁ ରାଇ ପାଶ ।
ଶୁନ ଆମ୍ଭଙ୍କୁ ଶାପ ଦିହିଲେ ନ କଲୁ ଆମ୍ଭେ ଦୋଷ ॥

ଥୋକାଏ ଦିନ ତୁମ୍ଭେ ଆମ୍ଭର ବୃଦ୍ଧ ଶରୀର ଘେନ ।
ଯୁବା ଶରୀର ଘେନିଣ ଭୋଗ କରେ ଥୋକାଏ ଦିନ ॥

ଯଦୁ ବୋଇଲେ ସୁଭଗା ସୁତ ଅଟଇ ତୁମ୍ଭ ପୁରୁ ।
ବହୁତ ଅନୁରାଗ ତାହାଙ୍କୁ ସେ ତୁମ୍ଭ ଆଜ୍ଞା କରୁ ॥

ମୁଁହି ତୁମ୍ଭର ଜ୍ୟେଷ୍ଠ କୁମର ମୋଠାରେ ନାହିଁ ସ୍ନେହ ।
ସୁଭଗା ସୁତ ଆଗରେ ଶାପ ଯାଇ ତୁମ୍ଭର କହ ॥

ଶୁଣି ରାଜନ ଯଦୁ ବଚନ ପୁରୁ ପାଖକୁ ଗଲେ ।
ନିଜ ବୃତ୍ତାନ୍ତ କହିଣ ତାଙ୍କୁ ଜରା ଘେନ ବୋଇଲେ୬ ॥

ଶୁଣି ସାନନ୍ଦ ହୋଇଣ ପୁରୁ ବୋଇଲେ ଦେବ ଦିଅ ।
ବୃଦ୍ଧ ଶରୀର ଦେଇଣ ମୋତେ ଯୁବା ଶରୀର ବହ ॥

---

୧-ଦୁଭଗା ପୋଥିପାଠ । ୨-କଟୁବାଣୀ ପୁସ୍ତକ ପାଠ । ୩-ମରିବା ବେଳ ପ୍ରାଣୀ ପୋଥିପାଠ । ୪-ପିତା ପ୍ରବେଶ ହେଲେ ପୁସ୍ତକପାଠ । ୫-ପୁତ୍ର ନାତର ପୋଥିପାଠ । ୬-ମୁହିଁ ତୁମ୍ଭର........ଠାରୁ 'ଜରା ଘେନ ବୋଇଲେ'...... ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ ।

ଶୁଣି ନୃପତି ଆନନ୍ଦ ହୋଇ ବୃଦ୍ଧ ଶରୀର ଦେଲେ ।
ଯୁବା ଶରୀର ବହନେ ବହୁ ଭୋଗ ମାନତ[1] କଲେ ॥

ତିନି ସହସ୍ର ବରଷ ରାଜା କଲେକ ବଇଭୋଗ ।
ବୃଦ୍ଧ ଶରୀର ଘେନିଣ ପୁରୁ କଲେକ ଅନୁରାଗ ॥

ଆନନ୍ଦ ହୋଇ ନୃପତି ବର ପୁରୁଙ୍କୁ ଆଜ୍ଞା ଦେଲେ ।
ଭୂମ୍ବରୀ ଠାରୁ ତୁମ୍ଭ ବଂଶରେ ରାଜା ହୁଅ ବୋଇଲେ ॥

ଯଦୁର ବଂଶେ ଅବତରଣ କେହି ନୋହିଲେ ରାଜା ।
ନୃପତି ହୋଇ ତୁମ୍ଭ ବଂଶରେ[2] ପାଇବେ ଦିବ୍ୟ ପୂଜା ॥

ଯଦୁ କୁମରେ ଏମନ୍ତ ଶାପ ଦେଲେକ ମହାରାଜା ।
ଆମ୍ଭର ଆଜ୍ଞା ଅବଜ୍ଞା[3] କଲୁ ହୋଇ ଆମ୍ଭ ଆତ୍ମଜା ॥

ଏମନ୍ତ ଶାପ ଯଯାତି ଭୂପ କୋପ କରିଣ ଦେଲେ ।
ସେ ଦିନୁ ଯଦୁ ବଂଶରେ ଦୁଷ୍ଟ ହୋଇ ଅବତରିଲେ[4] ॥

ଏମନ୍ତ କହି ଶ୍ରୀରାମ ଚନ୍ଦ୍ର ହେଲେ ସୁ ଅବକାଶ ।
ଦ୍ୱାରୀ ଜଣାଏ ଏହି ସମୟେ ଶୁଣିବା ନୃପ ଈଶ ॥

ଚ୍ୟବନ ଋଷି ଅନେକ ଋଷି ସଙ୍ଗତେ ଛନ୍ତି ଘେନି ।
ସିଂହ ଦୁଆରେ[5] ରହି ସେ କରୁଅଛନ୍ତି ବେଦ ଧ୍ୱନି ॥

ଶୁଣି ଶ୍ରୀରାମ କହିଲେ ବେଗେ ତାହାଙ୍କୁ ଘେନି ଆସ ।
ଆଜ୍ଞା ପ୍ରମାଣେ ଦ୍ୱାରୀ ମିଳିଲା ଋଷିମାନଙ୍କ ପାଶ ॥

ଆଜ୍ଞା ହୋଇଲା ଶ୍ରୀମୁଖୁ ଯିବ ବୋଲିଣ ଘେନି ଆସ ।
ସମସ୍ତ ଋଷି ଭେଟ ହୋଇଲେ ଯାଇଁ ଶ୍ରୀରାମ ପାଶ ॥

ଦେଖି ଶ୍ରୀରାମ ମାନ୍ୟ କରିଣ କଲେ ତାହାଙ୍କୁ ପୂଜା[6] ।
ଅର୍ଘ୍ୟ ଆସନ ଦେଇ ତାହାଙ୍କୁ ପୁଚ୍ଛନ୍ତି ରାମ ରାଜା ॥

---

୧-ବହୁ ଯୁଗମାନନ୍ତ କଲେ ପୋଥିପାଠ । ୨-ତୁମ୍ଭ ବଂଶରେ ପୁସ୍ତକପାଠ ।
୩-ଆଜ୍ଞା ଭଗ୍ନ କଲୁ ପୋଥିପାଠ । ୪-ଦୁଷ୍ଟ ମାନ ହୋଇଲେ ପୋଥିପାଠ ।
୫-ସିଂହ ଦ୍ୱାରେଣ ପୋଥିପାଠ । ୬-କଲେକ ଦିବ୍ୟ ପୂଜା ପୋଥିପାଠ ।

କି ଭାଗ୍ୟ ଅଜ ମୋର ଭୁବନେ ବିଜୟ ସର୍ବ ଋଷି ।
ଆଜ ମୋ ନେତ୍ର ସଫଳ ହେଲା ଦେଖି ଯମୁନା[1] ବାସୀ ॥

ମୋର ଜୀବିତ ସ୍ୱରାଜ୍ୟ ବନ୍ଧୁ ଅଟଇ ଏ ତୁମ୍ଭର ।
ଯାହା ଆମ୍ଭଙ୍କୁ ଆଜ୍ଞା କରିବ କର ହେ ମୁନି ବର[2] ॥

ଶୁଣି ଶ୍ରୀରାମ ଶ୍ରୀମୁଖରେ କହେ ଚ୍ୟବନ ତପୋଧନ ।
ତୁମ୍ଭ ସମାନ କାହିଁ[3] ମହୀରେ ଆଉ ତ ବଳ ବନ୍ତ ॥

ଅସୁର ମାରି ଉଶ୍ୱାସ କଲ ମହୀର ଭାର ହରି ।
ସକଳ ଦେବତାଙ୍କୁ ଅଭୟ ଦେଲ ହେ ରଘୁବୀର ॥

ଏଣୁକରି ଆମ୍ଭେ ତୁମ୍ଭର ଆଗ୍ରେ ଅଛୁ ସକଳ ଜନେ ।
ବୋଲଇ ଋଷି ଶୁଣିଣ ରାମ ହେଲେ ଆନନ୍ଦ ମନେ[4] ॥

●

## ରାଗ—କୌଶିକ

ଚ୍ୟବନ ବୋଲନ୍ତି ଶୁଣ ହେ ଶ୍ରୀରାମ ମଧୁ ଦନୁଜ ନାମେ ବୀର ।
ମହାତପ ସେ ଶିବଠାରେ କଲାକୁ ଦେଲେ ତାହାଙ୍କୁ ହର ବର ।
ଆହେ ରଘୁବୀର[5] ।
ଶୂଳରୁ ଶୂଳ ଜାତ କଲେ ।
ଶୂଳ ଥିଲେ ତୁ ତ୍ରିଭୁବନ ଜିଣିବୁ ବୋଲିଣ ତାର କରେ ଦେଲେ ॥

ସେ ବୋଇଲା ଦେବ ମୋ ପୁତ୍ର ନାତି ଏ ଶୂଳେ ଜୟ କରିବେ ।
ତୁମ୍ଭ ପ୍ରସନ୍ନେ ମୋର ଶତ୍ରୁମାନଙ୍କୁ କଣ୍ଟକରେଣ[6] ସଂହାରିବେ ।
ଆହେ ରାଘବ ।
ହେଉ ବୋଲି ହର ବୋଇଲେ ।
ଦେବତା ବ୍ରାହ୍ମଣେ ଉକତ କରିବୁ ବୋଲିଣ ମଧୁକୁ କହିଲେ ॥

---

୧-ସକଳ ଋଷି ପୋଥିପାଠ । ୨-ଯାହା ମୁଖରେ କହିବି କହ ସତ୍ୟ ବଚନ ମୋର ପୋଥିପାଠ । ୩-କାହିଁନା ପୋଥିପାଠ । ୪-ସଙ୍କୋଚ ମନେ ମୁଦ୍ରିତପାଠ । ୫-ଆହେ ରାଘବ ପୋଥିପାଠ । ୬-ଶୂଳ ଦେଇ କ୍ଷୟେ କରିବେ ପୋଥିପାଠ ।

ଏମନ୍ତ ଶୁଣିଣ ମଧୁ ଥିବା ଯାଏ ହୋଇଣ ଅତି ଭଲ ଗତି ।
ମଧୁବନ ଗର୍ଭେ ମଧୁପୁର କରି ଭୁଞ୍ଜିଲ କମଳା ୧ ବିଭୂତି ।
ଅହେ ରାଘବ ।
ତାର ପୁତ୍ର ହେଲା ଲବଣ ।
ମହା ଦୁଷ୍ଟ-ପଣେ କାହାକୁ ନ ମାନି ପୁଅଙ୍କ କଲା ରଣ ରଣ ॥

ଶୂଳ ତାର ନିଜ ପୁରରେ ରଖିଣ ପ୍ରତିଦିନ ତା ପୂଜା କରେ ।
ଖାଇବା ନିମନ୍ତେ ପ୍ରତି ଦିବସରେ ଦଶ ସହସ୍ର ଜୀବ ମାରେ ।
ଅହେ ରାଘବ ।
ତାକୁ ବେଗେ ତୁମ୍ଭେ ସଂହାର ।
ଶୁଣିଣ ରାଘବ ମୁନିଙ୍କ ବଚନ କଲେକ ତାହା ସ୍ୱୀକାର ॥

ଭରତ ଶତ୍ରୁଘ୍ନଙ୍କୁ ଦୃଷ୍ଟି ବୋଲନ୍ତି ଲବଣ ଦନୁଜକୁ ମାର ।
ଶୁଣି ଭରତ କର ଯୋଡ଼ି ମାଗିବ ବୋଲନ୍ତେ ହେଲ ଅଗ୍ରସର ୨ ।
ଅହେ ରାଘବ ।
ତୁମ୍ଭ ଶ୍ରୀଚରଣ ପ୍ରସାଦେ ୩ ।
କହୁଁତରେ ମୁହିଁ ତାହାକୁ ମାରିଣ ଆସିବି ଦେବ ଅପ୍ରମାଦେ ॥

ଶତ୍ରୁଘ୍ନ ତାଙ୍କ ସ୍ୱୀକାର ଦେଖି କର ଯୋଡ଼ିଣ ଜଣାଇଲେ ।
କନିଷ୍ଠ ଥାଉଁ ଜ୍ୟେଷ୍ଠ ଭ୍ରାତା ଯିବାର ଉଚିତ ୪ ନୁହଇ ବୋଇଲେ ।
ଅହେ ରାଘବ ।
ମୁଁ ଯାଇଁ ମାରିବି ଲବଣ ।
ମୁନିମାନଙ୍କୁ ଅଭୟ କରାଇବି ଶିରେ ଘେନି ତୁମ୍ଭ ଚରଣ ॥

ଶୁଣି ଶ୍ରୀରାମ ଶତ୍ରୁଘ୍ନ ବଚନ ହୋଇଲେ ଯେ ସାନନ୍ଦ ମନ ୫ ।
ଆଜ୍ଞା ଦେଲେ ଏବେ ଅଭିଷେକ ହୋଇ ହୁଅ ମଧୁପୁର ରାଜନ ।
ଅହେ ସାନୁଜ ।
ଅଧିବାସ ଆଜ ତୁମ୍ଭର ।
ଶତ୍ରୁଘ୍ନ ବୋଲେ ନୃପତି ହେବାକୁ ଯୋଗ୍ୟ ନୁହେଁ ଦେବ ମୁଁ ତୁମ୍ଭର ॥

---

୧-ଅଚଳା ବିଭୂତି ପୋଥିପାଠ । ୨-ଆଗୁସାର ପୋଥିପାଠ । ୩-ତୁମ୍ଭ ଚରଣ ପରସାଦେ ପୋଥିପାଠ । ୪-ଯିବାର ଉଚିତ ପୋଥିପାଠ । ୫-ସାନନ୍ଦିତ ମନ ପୋଥିପାଠ ।

ରାମ ଆଜ୍ଞା ଦେଲେ ଆହେ ଶତ୍ରୁଘନ ଆମ୍ଭ ଆଜ୍ଞା ଭଗ୍ନ ନ କର ।
ଏଠାରେ ତୁମ୍ଭେ ଅଭିଷେକ ହୋଇଣ ପଛେ ଲବଣଙ୍କୁ ସଂହାର ।
ଆହେ ସାନୁଜ ।
ମଧୁ କଣ୍ଟକେ ରାଜା ହେବ ।
ଦୁଷ୍ଟ ଦନୁଜଙ୍କୁ ସଂହାରି ପରଜାମାନଙ୍କୁ ନିର୍ଦ୍ଦ୍ୱନ୍ଦ୍ୱେ ପାଳିବ ॥

ଏମନ୍ତ ଆଜ୍ଞା ଦେଇଣ ଅଯୋଧ୍ୟାରେ ବହୁ ଉତ୍ସବ କରାଇଲେ ।
ଶତ୍ରୁଘନଙ୍କୁ ମଥୁରାରେ ନୃପତି କରିଣ ଅଭିଷେକ କଲେ ।
ଆହେ ସାନୁଜ ।
ଲବଣ ଯେମନ୍ତ ମରିବ ।
ସେ କଥା ଅମ୍ଭେ ତୁମ୍ଭଙ୍କୁ ଶିଖାଇବା ଆମ୍ଭ ଆଜ୍ଞା କଷ୍ଟେ କରିବ ॥

ଏକା ରଥେ ଚଢ଼ି ମଧୁପୁର ଯିବ ସୈନ୍ୟ ତୁମ୍ଭ ସଙ୍ଗେ ନ ଥିବେ ।
ରଥ ଗଜ ଅଶ୍ୱ ଅନେକ ପଦାର୍ଥ ବୋଳିଣ ଅନ୍ୟ ବାଟେ ଯିବେ ।
ଆହେ ସାନୁଜ ।
ଭ୍ରମି ଯାଇଥିବେ ଅସୁର ।
ଦ୍ୱାର ନିରୋଧି ତାର ସଙ୍ଗେ ଯୁଝିବ ପୂରାଇ ନ ଦେବ ଭିତର ॥

ପୁରେ ପଶିଲେ ସିନା ଶୂଳ ଘେନିଣ ଭିତ୍ତିରେ ତୁମ୍ଭଙ୍କୁ ମାରିବ ।
ଶୂଳ ତା କରେ ନ ଥିଲେ ସେ ନିଶ୍ଚୟ ତୁମ୍ଭ ହାତେ ପ୍ରାଣ ହାରିବ ।
ଆହେ ସାନୁଜ ।
ଆମ୍ଭେ ତୁମ୍ଭଙ୍କୁ ଦେବା ଶର ।
ତ୍ରିଭୁବନ ଜୟ କରିବା ନିମନ୍ତେ ଦେଇ ଅଛନ୍ତି କୁଶଧର ॥

ଏମନ୍ତ କହି ତୂଣୀରୁ ଶର କାଢ଼ି ଶତ୍ରୁଘନର କରେ ଦେଲେ ।
ଏ ଶରେ ଲବଣଙ୍କୁ ବଧ କରିବ ସଂଶୟ ନ କର ବୋଇଲେ ।
ଆହେ ସାନୁଜ ।
ଶସ୍ତ୍ର ମାନନ୍ତ ଘେନି ଯାଅ ।
ରାମରୁ ମେଲାଣି ହୋଇଣ ଆମ୍ଭର ଶୁଭ ବେଳରେ ତୁମ୍ଭେ ଯାଅ ॥

ଏମନ୍ତ ଶୁଣି ବୀର ବେଶ ହୋଇଣ ରାମରେ ପ୍ରବେଶ ହୋଇଲେ ।
ଶ୍ରୀଚରଣ ଛୁଇଁ ନମସ୍କାର ହୋଇ ଭରତେ ମେଲାଣି ହୋଇଲେ ।
ପୁଣି ସେ ବୀର ।
ଭରତ ଲକ୍ଷ୍ମଣ ପାଦେ ପଡ଼ି ।
ଅନ୍ୟ ଅନ୍ୟ ବାଟେ ପେଷିଣ ସୈନ୍ୟଙ୍କୁ ଏକା ବିଜୟ ରଥେ ଚଢ଼ି ॥

ସମସ୍ତ ଋଷିଙ୍କି ଆଗେ ପଠିଆଇ ଗଙ୍ଗାକୂଳରେ ପରବେଶ ।
ବାଲମିକ ମଠେ ଯାଇଣ ହୁଅନ୍ତେ ଦିବସ ହୋଇଲାକ ଶେଷ ।
ସେ ନିଶିରେ ।
ଜାତ ହୋଇଲେ ଲବ କୁଶ ।
ବୋଲଇ ବଣି ମୁଁ ନିରତେ ପିଇବ ଶ୍ରୀରାମ ଚରଣ ପୀୟୁଷ ॥

●

ରାଗ— **ଚୋଖି**

ବଲ୍ମୀକ ମଠ ଦେଖି ଶତ୍ରୁଘନ ହୋଇ ସୁଖୀ
ପଚାରନ୍ତି ମୁନିଙ୍କି ସେ ଆନନ୍ଦ ମନେ ।
ବହୁତ ଉସ୍ନତ ଦିଶେ ଯାଗ କରି ଥିଲେ କେ ସେ
ବହୁ ହୋମ କୁଣ୍ଡ ଅଛୁ ଉମ୍ବର ସ୍ଥାନେ ।
ଶୁଣି ବୋଲନ୍ତି ସେ ମହର୍ଷି[୧] ।
ସଉଦାସ ନୃପ ଯୋଗେ[୨] ଏମନ୍ତ ଦିଶି ।

ମହା ବଳିଷ୍ଠ ସେ ନୃପ ତେଜରେ[୩] ସୂର୍ଯ୍ୟ ସ୍ୱରୂପ ।
ମୃଗୟା କରି ଅନେକ ଦୈତ୍ୟ ମାଇଲେ ।
ରଣେ ତାହାଙ୍କୁ ନ ପାରି ଅସୁରେ ମାୟା ବିଚାରି
ବଶିଷ୍ଠେ ଦେଖି ବଶିଷ୍ଠ ରୂପ ଧଇଲେ ।
ଗଲେ ସଉଦାସର ପାଶ ।
ମାଗିଲେ ମାଂସ ଭୋଜନ ଦେବୁ ଅବଶ୍ୟ ॥

ରାଜା ସ୍ୱୀକାର କଲେ ସୂପକାର ଅଣାଇଲେ
ଅସୁର ସୂପକାର ରୂପକୁ ଧଇଲେ[୪] ।
ରାଜା କହେ କର୍ଣ୍ଣ ପାଶ ରାନ୍ଧିଣ ଉତ୍ତମ ମାଂସ
ବଶିଷ୍ଟେ ଦେଇ ସନ୍ତୋଷ କର ବୋଇଲେ ।
ରାନ୍ଧିଲେ[୫] ସେ ମନୁଷ୍ୟ ମାଂସ ।
ଭୋଜନ ନିମନ୍ତେ ଦେଲେ ବଶିଷ୍ଠ ପାଶ ॥

---

୧-ମହାଋଷି ପୋଥିପାଠ । ୨-ନୃପ ସଙ୍ଗେ ପୋଥିପାଠ । ୩-ତେଜଲେ ସୂର୍ଯ୍ୟ ସ୍ୱରୂପ ପୁସ୍ତକ ପାଠ । ୪-ସେ ଅସୁର ସୁପକାର ରୂପ ଧଇଲେ ପୋଥିପାଠ । ୫-ଭୋଜନ ଦେଲେକ ନେଇ········ପୋଥିପାଠ ।

ବଶିଷ୍ଠ ସେ ମାଂସ ଦେଖି        କ୍ରୋଧରେ ତାହା ଉପେକ୍ଷି
ସଉଦାସ ରାଜାଙ୍କ ମୁଖକୁ ଚାହିଁଲେ[୧] ।
ପାପିଷ୍ଠ ଏମନ୍ତ କଲୁ        ଅସୁର ଭୋଜନ ଦେଲୁ
ଆଜହୁଁ ଅସୁର ତୁ ହୁଅ ହେ ବୋଇଲେ[୨] ।
ବୋଲେ ସଉ ଦାସ ନୃପତି ।
ବ୍ରାହ୍ମଣ ଶାପ ମୋତେ[୩] ଦିଅ ହେ ଯତି ॥

ପୁଣି ହିଁ ବୋଲଇ ରାଜା        ଶୁଣ ହେ ବ୍ରହ୍ମ ତନୁଜା
ତୁମ୍ଭ ଆଜ୍ଞାରେତ ମାଂସ ଭୋଜନ ଦେଲି ।
ଅକାରଣେ ମୋତେ କୋପ        କରଣ ଦେଲତ ଶାପ
ଅପରାଧ ଆଉ କିବା ତୁମର କଲି ।
ତୁମ୍ଭେ ଯେବେ ଦେଲଟି ଶାପ[୪] ।
ମୁହିଁ ଶାପ ଦେବି ବୋଲି କଲକ କୋପ ॥

ଧରିଣ ଜଳଅଞ୍ଜଳି        ଶାପ ଦିଅନ୍ତେ ସେ ତୋଳି
ରାଣୀ ଆସିଣ ତାହାଙ୍କ କର ଧଇଲେ[୫] ।
ଯେବେ ଗୁରୁ ଦେଲେ ଶାପ        ତାଙ୍କୁ ତୁମ୍ଭେ ପ୍ରତି ଶାପ
ଦେବାର ତ ଉଚିତ ନୁହଇ ବୋଇଲେ ।
ଶୁଣି ରାଜା ଶାନ୍ତ ଭଜିଲେ ।
ସେ ଜଳ ଆପଣା ପାଦରେ ପକାଇଲେ ॥

କାଳିମା ଦିଶିଲା ତନୁ        କଲୁଷ[୫] ଘୋଟିଲା ତେଣୁ
ବଶିଷ୍ଠ ବିପ୍ରେ ତାହା ଧ୍ୟାନେ ଜାଣିଲେ ।
ଅସୁରେ ମାୟା ରଚିଲେ        ଆମ୍ଭଙ୍କୁ ସେ ମାଂସ[୬] ଦେଲେ
ଏଥିରେ ରାଜାର ଦୋଷ ନାହିଁ ବୋଇଲେ ।
ଯେବେ ଆମ୍ଭେ କଲୁଟି କୋପ ।
କହିଁତ ଦନେ ତୁମ୍ଭର ମୁହିଁବ ପାପ ।

---

୧-ସଉଦାସ ମୁଖକୁ ସେ ବେଗେ ଚାହିଁଲେ ପୋଥିପାଠ । ୨-ହୁଅ ବୋଲି ବୋଇଲେ ପୋଥିପାଠ । ୩-ବ୍ରାହ୍ମଣ ଜ୍ଞାନ ମୋତେ……ପୋଥିପାଠ । ୪-ପୁଣି ଜାଣ ତାଙ୍କ କର ଧଇଲେ ପୋଥିପାଠ । ୫-କଲୁଷଶାପ ପୋଥିପାଠ । ୬-ମାହେଁସ ଦେଲେ ପୋଥିପାଠ ।

ମୁନିଙ୍କର ସୁବଚନ  ଶୁଣି ହୃଷ୍ଟ ଶତ୍ରୁଘନ ୧
ଅଗସ୍ତି ଋଷି ମଠରେ ପ୍ରବେଶ ହେଲେ ।
କରଣ ଦ୍ରବ୍ୟ ଭୋଜନ  ନିଶି କରନ୍ତେ ଶୟନ
ଲବ କୁଶ ଜନମ ହେବାର ୨ ଜାଣିଲେ ।
ପ୍ରାତେ ମୁନି ପାଦେ ପଡ଼ିଲେ ।
ମେଲାଣି ହୋଇଣ ନିଜ ଯାନେ ଚଢ଼ିଲେ ।।

ସୈନ୍ୟମାନେ ଚଳି ଗଲେ  ମଧୁପୁର ଲାଗେ ହେଲେ
ଚ୍ୟବନଙ୍କ ଆଶ୍ରମରେ ହୋଇ ପ୍ରବେଶ ।।
ମୁନିଙ୍କ ଚରଣେ ପଡ଼ି  ହୃଷ୍ଟ ହେଲେ କର ଯୋଡ଼ି
ମୁନି କଲ୍ୟାଣ କରଣ ହେଲେ ହରଷ ।
ମୁନି ତାଙ୍କୁ କଲେକ ପୂଜା ।
ଧାନ ବସି ଚିନ୍ତେ ଶର କୋଦଣ୍ଡ ଭୁଜ ୩ ।।

●

ରାଗ— **ବସନ୍ତ ଏକତାଳୀ** ୪

ଚ୍ୟବନ ବୋଲନ୍ତି ବୀର । ତୁମ୍ଭେ ଅତି ସୁକୁମାର ।
ମହା ବଳିଷ୍ଠ ଅସୁର୫ । କେମନ୍ତେ ହେବ ସଂହାର ହେ ।।

ଶୁଣ ଆହେ୬ ଶତ୍ରୁଘନ । ତାହାଙ୍କର୭ ଚରିତମାନ ।
ତ୍ରିନୟନ ଶୂଳ ଘେନି । ଜିଣିଲା ତ୍ରିଭୁବନ ହେ ।।

ମାନଧାତା ମହୀପତି୮ । ଜିଣିଣ ସକଳ କ୍ଷିତି ।
ସ୍ୱର୍ଗକୁ କଲେକ ଗତି୯ । ବସାଇଲେ ଶଚୀପତି ହେ ।।

ଢନେ ବୋଇଲେ ରାଜନ । ଶୁଣ ହେ ପାକଶାସନ ।
ତୁମ୍ଭେ ଆମ୍ଭେତ ଅଭିନ୍ନ । ଦେବତା କରନ୍ତି ଭିନ୍ନ ହେ ।।

ତୁମ୍ଭଙ୍କୁ ସେ ମାନ୍ୟ କଲେ । ଏମନ୍ତ ମନେ ଧରିଲେ ।
ଆମ୍ଭଙ୍କୁ ମାନ୍ୟ ନ କଲେ । କପଟ ଏମନ୍ତ କଲେ ହେ୧୦ ।।

---

୧-ଶୁଣି କରି ଶତ୍ରୁଘନ ପୁସ୍ତକପାଠ । ୨-ଜନ୍ମିତ ବାରଣ ପୁସ୍ତକପାଠ । ୩-ଚିନ୍ତା କରେ କୋଦଣ୍ଡ ଭୁଜା ପୋଥିପାଠ । ୪ ଏକତାଳୀ ପୋଥିରେ ନାହିଁ । ୫-ଏ ପାଦଟି ପୋଥିରେ ନାହିଁ । ତା ବଦଳରେ 'ଲବକୁଶ ବୀର ହେ' ଅଛି । ୬-ଶୁଣସି ହେ···ପୋଥିପାଠ । ୭-ଲବଣ ଚରିତ···ପୋଥିପାଠ । ୮-ଶଚୀପତି ପୋଥିପାଠ । ୯-ଗଲା ନୃପତି ପୋଥିପାଠ । ୧୦-ଆମ୍ଭଙ୍କୁ ମନୁଷ୍ୟ କଲେ ପୁସ୍ତକପାଠ ।

ବୋଲନ୍ତି ସେ ପୁରନ୍ଦର । ଶୁଣ ଆହେ ନୃପବର ।
ମହୀରେ ଲବଣାସୁର ୧ । ମାରିଲେ ମାନବାସୁର ହେ ୨ ।।

ଶୁଣି ରାଜା କୋପ କଲେ । ମଥୁପୁରକୁ ଅଇଲେ ।
ଲବଣ ସଙ୍ଗେ ଯୁଝିଲେ । ତା ଶୂଳେ ପାଣ ହାରିଲେ ହେ ।।

ତୁମ୍ଭେ ଏବେ ବୁଝି ଯୁଝ । କରିବ ଲକ୍ଷ୍ମଣାନୁଜ ।
ତହୁଁ ବନ୍ଦି ରାମ ରାଜ । ଯୁଗଳ ପଦେ ସରୋଜ ହେ ।।

●

## ରାଗ—ଆଶାବରୀ

ଲବଣ ଦ୍ୱାର ଉଗାଳିଣ ଶତ୍ରୁଘନ ଦ୍ୱିତୀୟ କୃତାନ୍ତ ପ୍ରାୟ ଦିଶେ ।
ଦଶ ସହସ୍ର ପଶୁ ଘେନ ଦନୁଜ ଘୋର କରି ସତ୍ୱରେଣ ଆସେ ସେ ।
ତାହାକୁ ସେ ଦ୍ୱାର ନ ଛାଡ଼ିଲେ ।
ଆଜ ଆମ୍ଭଙ୍କୁ ସମର ଦେବୁ ବୋଲି ଗୁଣେ ଶର ସନ୍ଧି ଉଚ୍ଚାରିଲେ ସେ ।।

ବୋଲେ ଲବଣ ପୁରେ ଆସେ ରହିଥାଅ ତୁମ୍ଭେ ଦଣ୍ଡେ ମାତ୍ର ।
ମୃଗୟା ନିମିତ୍ତ ଯାଇଥିଲି ଯିନା ଆଣେ ମୋହର ନିଜ ଶସ୍ତ୍ର ହେ ।।
ତୁମର ବୁଦ୍ଧି କି ସାମରଥ ।
ଏହିକ୍ଷଣେ ତୋତେ କଣ୍ଠିତ ଅସ୍ତ୍ରରେ ଦେଖାଇବି ମୁହିଁ ଯମ ପଥ ସେ ।।

ଏମନ୍ତ କହନ୍ତେ ପଥ ନ ଛାଡ଼ନ୍ତେ ବେଗି ତରୁବର ଉପାଡ଼ିଲା ।
ବୁଲାଇ ବୁଲାଇ ଶତ୍ରୁଘନ ଅଙ୍ଗେ କ୍ରୋଧ ହୋଇ ଶୀଘ୍ର କଚାଡ଼ିଲା ସେ ।
ଭୂମିରେ ବୀର ମୋହ ଗଲେ ।
ଚଳି ଯାନ୍ତେ ଦ୍ୱାର ଶତ୍ରୁଘନ ଜ୍ଞାନ ପାଇଣ ତାହାକୁ ଉଗାଳିଲେ ସେ ।।

ପୁଣି ଲେଉଟି ଆସିଣ ସେ ଅସୁର ବୃକ୍ଷ ଧରି ସମର କଲା ।
ଶତ୍ରୁଘନ ତା ହାତରୁ ତରୁ କାଟିବାରୁ ଶୂନ୍ୟ କର ହୋଇଗଲା ।
ତା ସୈନ୍ୟରେ ସୈନ୍ୟ ଭେଟ ହେଲେ ।
ମହା ସଂଗ୍ରାମ କରିଣ ରାମ ସୈନ୍ୟ ମାରନ୍ତେ ଅସୁର ପଳାଇଲେ[୩] ସେ ।।

ଶ୍ରୀରାମ ଯେବଣ ଶର ଦେଇଥିଲେ ଗୁଣରେ ସେ ଶର ବସାଇଲେ ।
ଲବଣ ଉପରକୁ ତା ପେଷିଣ ଶିର ଛେଦି ତାର ପ୍ରାଣ ନେଲେ ସେ ।
ଦେଖି ଦେବତାଏ ହୃଷ୍ଟ ହେଲେ ।
ସୁରପତି ପୁରେ ଦୁନ୍ଦୁଭି ବଜାଇ ଆକାଶୁ କୁସୁମ ବୃଷ୍ଟି କଲେ ସେ ।।

---

୧-ଲବଣାନୁଜ ପୋଥିପାଠ । ୨-ପଦ ଶେଷରେ ହେ ପୋଥିରେ ନାହିଁ ।
୩-ଅସୁରେ ନଷ୍ଟ ଗଲେ ପୋଥିପାଠ ।

ଲବଣ ସଂହାରି ଦେବବର୧ ଯାଇ ଶତ୍ରୁଘନ ତହିଁ ରାଜା ହେଲେ ।
ପୁତ୍ର ପ୍ରାପ୍ତ କରି ପରଜା ପାଳିଣ ମଧୁପୁର ସ୍ୱର୍ଗପୁର କଲେ ହେ ।
ତହିଁ ଦ୍ୱାଦଶ ବରଷ ଥିଲେ ।
ବୋଲେ ସ୍ୱାମୀ ରାମ ଦର୍ଶନ କାମନେ ଉତ୍ସାହେ ଯୋଗାଣ ବଳେ କଲେ ।।

●

## ରାଗ - ଧନାଶ୍ରୀ

ବାଜଇ ବିବିଧ ବାଜା ସଙ୍ଗେ ଘେନ ଷୈନ୍ୟଭୁଜା
ବହୁ ରଥ ବହୁ ଗଜ ସେ ମଂପୁଷ୍ପ ଶତ୍ରୁଘନ ହୋଇ ରାଜା ହେ ।।

ଅଯୋଧ୍ୟା ଚଳେ ନୃପତି ଶ୍ରୀରାମ ଦର୍ଶନେ ମତି
ଶୀଘ୍ର ହୋଇ କରେ' ଗତି ।
ଚତୁରଙ୍ଗ ବଳ ଗତି କରନ୍ତେ କମ୍ପେ ଧରିତ୍ରୀ
ଶତ୍ରୁଘନ ଶତ୍ରୁଦ୍ୟୁତି ହେ ।।

ଭେଟି ବାଲ୍ମିକ ମୁନି ପାଦେ ଲଗାଇ ମୁର୍ଦ୍ଧନି
ରହି ମଠେ ସେ ରଜନୀ ।
ଲବ କୁଶ ଭାଇ ବେନି କରେ ରାମାୟଣ ବେଣୀ
ଶୁଆଇଲେ ତାଙ୍କୁ ମୁନି ହେ ।।

ସୁନ୍ଦର ବେନି କୁମାର ଗାଇଲେ ଅତି ମଧୁର
ଶୁଣି ନ ଆସେ ଉତ୍ତର ।
ଜାଣିଲେ ରାମ କୁମର ମନରେ କଲେ ବିଚାର
ଶୋକେ ହେଲେ ଜରଜର ସେ ।।

ସେ ଦିନ ରଜନୀ ଶେଷ ପଥରେ ଚଳେ ଦିବସ
ଅଯୋଧ୍ୟା ହେଲେ ପ୍ରବେଶ ।
ଶ୍ରୀରାମ ପାଦ ସାରସ ଶିରେ ଲଗାଇ ହରଷ
ଶତ୍ରୁଘନ କଲେ ଯତ୍ନେ ହେ ।।

ବୋଲନ୍ତି ରାମ ରାଜନ ଶୁଣ୪ ଆହେ ଶତ୍ରୁଘନ
କି ପାଇଁ କଲ ଗମନ ।
ଋଷି୫ମାନଙ୍କର ମନ ନୁହଁ ଥିବା ପ୍ରତିଦିନ
ପାଶୋରେ ନିଜ ସଦନ ହେ ।।

---

୧-ବେଦବର ପାଇ ପୋଥିପାଠ । ୨-ଶୀଘ୍ରେ ହୋଇ କରପତି ପୋଥିପାଠ ।
୩-ପାସୋରୁ ପଡ଼ି ଶୋଇରେ ପୋଥିପାଠ । ୪-ଶୁଣସି ହେ...ପୋଥିପାଠ ।
୫-ଋଷୀ...ପୋଥିପାଠ ।

ଶତ୍ରୁଘନ ଯୋଡ଼ି କର | ବୋଲନ୍ତି ହେ ରଘୁବୀର
ନ ଦେଖିଲେ ଶ୍ରୀପୟର ।
ନ ହେବ ସମ୍ପଦ ସ୍ଥିର | ଦେଖୁଥିବି ଶ୍ରୀପୟର
ଏହି ଅନୁଗ୍ରହ କର ହେ ॥

ଶୁଣି ରାମ ବୋଲେ ଯାଅ | ଏଠାରେ ଦଣ୍ଡେ ନ ଥାଅ
ଏ କଥାମାନ ନ କହ ।
ସମ୍ପଦରେ ଲୋହ ମୋହ | ପରଜାରେ ଦୟା ବହ
ରଖିଥିବ ନିଜ ଦେହ ହେ ॥

ଯା[illegible] ଧ୍ୱନ ଶତ୍ରୁଘନ | ଛାଡ଼ି ଅଯୋଧ୍ୟା ଭୁବନ
ଭ୍ରାତାଙ୍କର ଦେଲେ ମନ ।
ବୋଲେ ବସି ମଧୁବନ | ବାହୁଡ଼ି କଲେ ଗମନ
ଯାଜିଲେ ପରଜାମାନ ହେ ॥

●

ରାଗ—ସିନ୍ଧୁଡ଼ା

ଏକ ବ୍ରାହ୍ମଣ ଘରେ ହତ ହୋଇଲା ପାଞ୍ଚ ବରଷର ୧ ବାଳକ ।
ଶ୍ରୀରାମଙ୍କ ସିଂହ ଦ୍ୱାରେ ଶୁଆଇ ଘୋଡ଼ାଇଲା ଦ୍ରବ୍ୟ ଚେଳେକ ୨ ॥
ଶିର ହୋଇଣ କୋଡ଼ି ।
ଦେନି ନୟନରୁ ଅଶ୍ରୁ ପଡ଼ଇ ସେ ।
ପୁତ୍ର ସ୍ନେହେ ଧରଣୀରେ ଗଡ଼ି ସେ ୩ ।
ବକ୍ଷ ଉଚ୍ଚରେ କରଇ ରଡ଼ି ସେ ୪ ।

ମୋହର ଆଜନ୍ମ କାଳୁ ପାପ ନାହିଁ କି ପାଇଁ ମୋର ପୁତ୍ର ମଲା ।
ଏ କଥା ଦେଖିଲା ଶୁଣିଲା ନ ଥିଲା କି ପାପ ବା ରାଜା କଲା ହେ ।
ନୋହିଲେ କିଏ ବାଳ ।
କିମ୍ପା ନଥନ୍ତା ଏହାକୁ ଭୂପାଳ ହେ ।
ନଷ୍ଟେ ଜାଣିଲି ପାପୀ ଭୂପାଳ ହେ ।
କିମ୍ପା ବୋଲନ୍ତି ଏ ଧର୍ମଶୀଳ ହେ ॥

---

୧-ପାଞ୍ଚ ସହସ୍ରର ବାଳ ପୋଥିପାଠ । ୨-ଦ୍ରବ୍ୟଚେଳ ପୋଥିପାଠ ଚେଳ=ବସ୍ତ୍ର ।
୩-ଏହି ପାଦଟି ପୁସ୍ତକରେ ନାହିଁ । ୪-ପାରଇ ଉଚ୍ଚ ସେ ପୋଥିପାଠ ।

ରାମ ରାଜ୍ୟରେ ମୁଁ ଧର୍ମେ ନ ରହିବ ଆନ ରାଜ୍ୟେ ପଳେଇ ଯିବି ।
ପୁତ୍ର ମୋର ନ ଜୀଇଁଲେ ମୁଁ ଅବଶ୍ୟ ରାଜା ଆଗରେ ମରିବି ହେ ।
ରାଜାମାନେ ନ ଥିଲେ ।
ଏତେ ଅଧର୍ମ କେହି ନ କଲେ ସେ ।
ପାଞ୍ଚ ବରଷ ବାଳକ ମଲେ ସେ ୧ ।
ପୁତ୍ର ଶୋକା ୨ ତ ହୋଇ ନ ଥିଲେ ସେ ॥

ଏହିରୂପେ କ୍ରୋଧ କରି ଗାଳି ଦେଇ ରୋଦନ କରେ ବ୍ରାହ୍ମଣ ।
ଶ୍ରୀରାମ ସମସ୍ତ ଶୁଣୁଛନ୍ତି ଅଛନ୍ତି ଦେଇକଣ ଦେନି ଶ୍ରବଣ ସେ ।
ଯେତେ କଟୁବଚନ ।
ରାମ ଶୁଣିଣ ଆତଙ୍କ ମନ ସେ ।
ଡକାଇ ପୁରୋହିତମାନ ସେ ।
ଥିଲେ ସେ ଦେବାଙ୍କ ସଦନ ସେ ୩ ॥

ବଶିଷ୍ଠ ବାମଦେବାଦି ପୁରୋହିତ ନାରଦ କଣ୍ଠ ୪ ଅଙ୍ଗିରା ।
ସମସ୍ତ ଋଷି ପୁରୋହିତ ଆଇଲେ ସେ ତୁମ୍ଭକୁ ହୋଇ ତ୍ୱରା ସେ ।
ରାମ ମାନ୍ୟତ କଲେ ।
ବସିବାକୁ ଦିବ୍ୟାସନ ଦେଲେ ସେ ।
ସଭା କରି ସେମାନେ ବସିଲେ ସେ ।
ଆଉ ଅନ୍ୟ ଜନେ ଉଭା ହେଲେ ସେ ॥

ଶ୍ରୀରାମ ବୋଲନ୍ତି ଶୁଣ ହେ ସର୍ବ ମୁନି ବ୍ରାହ୍ମଣ ୫ ବାଳକ ମରେ ।
ସିଂହ ଦ୍ୱାରେ ଶବ ପକାଇ ଆମ୍ଭଙ୍କୁ ବହୁତ ଧିକ୍କାର କରେ ହେ ।
ଆମ୍ଭର କେଉଁ ଦୋଷ ।
କରୁଅଛି ଆମ୍ଭଙ୍କୁ ସେ ରୋଷ ହେ ।
କାହା ପାପେ ହୋଇଲା ସେ ନାଶ ହେ ।
ଏଥକୁ ଆମ୍ଭେ କରିବୁଁ କିସ ହେ ॥
ବୋଲନ୍ତି ନାରଦ ଶୁଣ ରାମଚନ୍ଦ୍ର ବ୍ରାହ୍ମଣରେ ନାହିଁ ୬ ଦୋଷ ।
ପାଞ୍ଚ ବରଷ ପୁତ୍ର ତୁମ୍ଭ କାଳରେ ୭ ହୋଇଲା ଯେବେ ବିନାଶ ହେ ।
ତୁମ୍ଭେ ଜଗତ ଭୂପ ।
ଜଗତରେ ଜନେ କଲେ ପାପ ହେ ।
ରାଜା ଦଣ୍ଡ ଦିଏ କରି କୋପ ହେ ।
ଏଥକୁ ଚିନ୍ତା ନ କର ଆପ ହେ ॥

---

୧-ମୋର ବାଳକ ହେ ଯେ ସେ ମଲେ ପୋଥିପାଠ । ୨-ପୁତ୍ର ଶୋଗୀତ... ପୋଥିପାଠ । ୩-ଏ ପଦଟି ପୁସ୍ତକରେ ନାହିଁ । ୪-କଣ୍ୱ ପୋଥିପାଠ । ୫-ରାମରାଜ ପୋଥିପାଠ । ୬-କେଉଁ ଦୋଷ ପୋଥିପାଠ । ୭-ବାଳୁତ ପୋଥିପାଠ ।

ସତ୍ୟ ଯୁଗେ ତପ ବ୍ରାହ୍ମଣ କରଇ ତ୍ରେତା ଯୁଗେ କ୍ଷତ୍ର କରେ ।
ଦ୍ୱାପରେ ବୈଶ୍ୟମାନେ ତପ କରନ୍ତି ଶୂଦ୍ର କଳିରେ ଆଚରେ ସେ ।
ଧର୍ମ ହୋଇଛି ଲୀନ ।
ତପ କରନ୍ତେ ଏ ତିନି ବର୍ଣ୍ଣ ସେ ।
ଯେଣୁ ତ୍ୟାଗ ବର୍ଣ୍ଣ ଧର୍ମ ମାନ ସେ ।
ଏହା ଜାଣନ୍ତି ସିଦ୍ଧ ରାଜନ ହେ ॥

ସତ୍ୟ ଯୁଗରେ ବ୍ରାହ୍ମଣ ତପ କରେ ଚାରି ପାଦେ ଧର୍ମ ରହେ ।
ତ୍ରେତା ଯୁଗରେ ଟି କ୍ଷତ୍ରୀ ତପ କଲେ ପାଦେ ଧର୍ମ ଲୋପ ହୋଏ ହେ ।
ଦ୍ୱାପର ଯୁଗ ତପ ।
କଳି ଶୂଦ୍ରରେ ନିପଦ ଗୋପ୍ୟ ହେ ।
ତିନି ବର୍ଣ୍ଣ ନ କରିବେ ତପ ହେ ।
ନିଜ ବର୍ଣ୍ଣ ଛାଡ଼ି କଲେ ତପ ହେ ॥

ଦ୍ୱାପର କଳି ହୋଇ ନାହିଁ ପ୍ରବେଶ ଶୂଦ୍ର କରେ ଘୋର ତପ ।
ତେଣୁ ଏ ବ୍ରାହ୍ମଣ ପୁତ୍ର ନାଶ ଗଲା କାହାର ହେଲା ଏ ପାପ ହେ ।
ତୁମ୍ଭେ ଅଟ ରାଜନ ।
ଦଣ୍ଡ ଦିଅ ହୋଇ ସାବଧାନ ହେ ।
ନିଜ ଧର୍ମେ ଥିବ ଚାରି ବର୍ଣ୍ଣ ହେ ।
ଏଥୁ ନୋହିବ ଯେ ଆନ ମାନ ହେ ୧ ॥

ନାରଦ ମୁଖରୁ ଶୁଣିଣ କହନ୍ତି କାହିଁ ଜାଣିମା କେମନ୍ତେ ?
କେଉଁ ଠାବରେ ସେ ତପ କରୁଥିବ ରହିଣ ମହା କଷ୍ଟିନ୍ତେ ସେ ।
ମୁନି ବୋଲେ ବୁଲିବ ।
ଯେଉଁ ଠାରେ ଅଧର୍ମ ଦେଖିବ ହେ ।
ସେହି ନିକଟରେ ରହିଥିବ ହେ ।
ଶୁଣି ସାନନ୍ଦ ହେଲେ ରାଘବ ସେ ॥

ଋଷିମାନଙ୍କୁ ମେଲାଣି ଦେଇ ରାମ ପୁଷ୍ପକ ଯାନ ସ୍ମରେ ।
ମନେ ଚିନ୍ତିଲା ମାତ୍ରକେ ଦେବଯାନ ମିଳିଲା ଅତି ସତ୍ୱରେ ସେ ।
ଚଢ଼ି ବିଜେ ଶ୍ରୀରାମ ।
ବୋଲି ଖୋଜନ୍ତି କାନନ ଗ୍ରାମ ସେ ୨ ।
ଦେଖୁଛନ୍ତି ମୁନିଙ୍କ ଆଶ୍ରମ ସେ ।
ଦେଖେ ଏକ ସ୍ଥାନରେ ୩ ଅଧର୍ମ ସେ ॥

---

୧-ଏ ପଦଟି ପୋଥିରେ ନାହିଁ । ୨-କାନନ ବନ ପୁସ୍ତକପାଠ । ୩-ଦେଖେ ସେକ ସ୍ଥାନରେ ପୋଥିପାଠ ।

ସେହି ଘୋର ବନେ ବୁଲି ରାମଚନ୍ଦ୍ର ଦେଖିଲେ ତହିଁ ଭିତରେ ।
ଶୂଦ୍ର ଗୋଟାଏ ଊର୍ଦ୍ଧ୍ୱ ତପ କରଇ ପାଦେକ ପାଦ ୧ ଉପରେ ସେ ।
ତାଙ୍କୁ ପୁଚ୍ଛନ୍ତି ରାମ ।
କସ ବର୍ଣ୍ଣ କସ ତୋର ନାମ ସେ ।
ଶୁଣି କହିଲା ତା ବର୍ଣ୍ଣ ନାମ ସେ ।
ଶୁଣି ବୋଲନ୍ତି କଲୁ ଅଧର୍ମ ସେ ॥

ଖଡ଼ଗ ଧରି ତାର ଶିର ଛେଦନ୍ତେ ୨ ଜୀଇଁଲା ବ୍ରାହ୍ମଣ ସୁତ ।
ରାମ କରେ ଦଣ୍ଡ ପାଇଣ ସେ ଶୂଦ୍ର ମରଣେ ହେଲା ମୁକତ ଯେ ।
ପୁଷ୍ପକ ଯାନେ ବସି ।
ବାହୁଡ଼ନ୍ତେ ମୁନି ମଠ ଦିଶି ଯେ ।
ଭେଟ ହୋଇଲେ ଅଗସ୍ତି ଋଷି ଯେ ।
ରାମ ପାଦ ଚନ୍ଦ୍ରେ ଧ୍ୟାନ ବସି ସେ ॥

●

ରାଗ- **କଲ୍ୟାଣ**

ଅଗସ୍ତି ୩ ଚରଣେ ପଡ଼ି ରାଘବ । ଦେଖି ପୂଜା କଲେ ମୁନି ପୁଙ୍ଗବ ।
ଅମୂଲ୍ୟ ରତନ ତଡ଼ାଉମାନ । ସମର୍ପି ଦେଇ ମୁନି ସନ୍ନିଧାନ ।
ତା ଦେଖିଣ ଦେବ, ବୋଲନ୍ତି ଏହିତ ଅତ୍ୟନ୍ତ ଦୁର୍ଲ୍ଲଭ ॥

ମଣି ରତନ ଏହି ଭୂଷଣମାନ । ଥିଲା କି ଏ ସୁରପତି ଭୁବନ ।
କାହାଠାରୁ ତୁମ୍ଭେ ଘେନିଛ ଦାନ । କର୍ମାଇ ଦେଲ ଆମ୍ଭ ସନ୍ନିଧାନ ।
ଆହେ ମୁନିବର, ଏତ ଅଟଇ ନୃପ ଅହଙ୍କାର ॥

ଶୁଣିଣ ବୋଲନ୍ତି କୁମ୍ଭ ତନୁଜା । କହିବା ଶୁଣ ହେ ଅଯୋଧ୍ୟା ରାଜା ।
ତୁମ୍ଭର ବଂଶେ ଥିଲା ଯେ ଶ୍ୱେତ ରାଜା । ସର୍ବଦାନେ ନ ପୂଜି କଲେ ଦ୍ୱିଜା ।
ସେ ଅନ୍ନ ନ ଦେଲେ, ଅନ୍ନଦାନ ତୁଚ୍ଛ ପ୍ରାୟ ମଣିଲେ ॥

କାଳେ ପ୍ରାପତ ହେଲେ ସ୍ୱର୍ଗ ଲୋକ । କ୍ଷୁଧାରେ ପିଡ଼ାଇ ଥିଲେ ଅନେକ ।
ଧାତାଙ୍କୁ ଯାଇ ସେ ଅନ୍ନ ମାଗିଲେ । ପିତାମହ କୋପ କରି ବୋଇଲେ ।
ହେ ଶ୍ୱେତ ନୃପତି, ତୋର ପିଣ୍ଡ ଖାଇ ହୁଅ ତୃପତି ॥

---

୧-ପାଦ ଛନ୍ଦ ପାଧ ପରେ ପୋଥିପାଠ । ୨-ଜାହାନ୍ତେ ଜୀଇଲା ବ୍ରାହ୍ମଣ ସୁତ ପୋଥିପାଠ । ୩-ଅଗସ୍ତି ଚରଣ ପଡ଼ି .... କୋଦଣ୍ଡଧର ପଦଗୁଡ଼ିକ ପ୍ରକାଶିତ ପୁସ୍ତକରେ ନାହିଁ । ଏଗୁଡ଼ିକ ପୋଥିରେ ରହି ଥିବାରୁ ଏଠାରେ ପ୍ରଦତ୍ତ ହେଲା ।

ଭୁଞ୍ଜନ୍ତେ ବଢ଼ୁଥିବ ପ୍ରନ୍ଧନ ।       ପୂର୍ବେ ତ ଦେଇ ନାହିଁ ଅନ୍ନ ଦାନ ।
କୁମ୍ଭ ସୁତ ଯେବେ ପାଇବୁ ଭେଟ । ସେହି କାଳେ ନାଶ ଯିବ ତୋ କଷ୍ଟ ।
ସେ ନୃପ ଶାର୍ଦ୍ଦୁଳ, ସ୍ୱର୍ଗ ଲୋକରୁ ଆସଇ ଭୂପାଳ ॥

ଦିବ୍ୟ ଭୁବନ ଆରୋହି ସେ ରଙ୍ଗେ ।       ଅପସରୀ ଖଟିଥାନ୍ତି ତା ସଙ୍ଗେ ।
ଦୀର୍ଘିକା ୧ ତଟରେ ହୋଯ୍ୟେ ପ୍ରବେଶ ।     ଆଣିଣ ପିଣ୍ଡକୁ କରଇ ନାଶ ।
ସେ ପ୍ରତି ଦିବସ, ଶୁଣି ସ୍ୱର୍ଗ ଲୋକେ ହୋଯ୍ୟେ ପ୍ରବେଶ ॥

ତପ କରିବାକୁ କରନ୍ତି ସ୍ଥାନ ।       ପ୍ରବେଶ ହେଲୁ ଆମ୍ଭେ ସେହି କ୍ଷଣ ।
ଦେଖିଲୁ ତାହାର ଏମନ୍ତ ରୀତି ।       ବୋଇଲୁ ଆହେ କରତ ଅନତି ।
ସେ ଶୁଣି ନୃପତି, ବୋଇଲେ ତୁମ୍ଭେ କି ଅଟ ଅଗସ୍ତି ॥

ଯେବେ ତୁମ୍ଭେ ଅଟ କୁମ୍ଭ ନନ୍ଦନ । ତେବେ କୃତାର୍ଥ ହେଲା ମୋ ଜୀବନ ।
ପୂର୍ବେ ମୁଁ ଦେଇ ନାହିଁ ଅନ୍ନଦାନ । ଅନ୍ନ ନିମନ୍ତେ ଦିଅ ଆଯ୍ୟେମାନ ୨ ।
ଆହେ ମହା ମୁନି, ଆଜ୍ଞା ଦେଇଛନ୍ତି କମଳଯୋନି ॥

ଶୁଣି ତାହାର ବିନୟ ବଚନ ।       ସୁଧନ୍ୟ ହୋଇଲା ଆମ୍ଭର ମନ ।
ଶରୀରେ ଥିଲା ଯେତେ ଆଯ୍ୟେମାନ । ଅନ୍ନ ନିମନ୍ତେ ତା ଘେନଲୁ ଦାନ ।
ହେ ଜାନକୀ ପତି, ସେ କଷ୍ଟରୁ ତାଙ୍କୁ କଲୁ ମୁକତି ॥

ସେ ଦିନୁ ତାର ପିଣ୍ଡ ନାଶ ଗଲା ।   ସ୍ୱର୍ଗ ଲୋକରେ ନିଶ୍ଚିନ୍ତେ ରହିଲା ।
ତୁମ୍ଭ ନିମନ୍ତେ ରଖିଲୁ ଏ ମାନ ।   ଏଥିକୁ ତୁମ୍ଭେ ନ ବିଚାର ଆନ ।
ହେ ରଘୁନନ୍ଦନ ! ସନ୍ତୋଷ ହୋଇ ତୁମ୍ଭେ ଏହା ଘେନ ॥

ତୁମ୍ଭେ ଯେ ବୋଲୁଛ ଘେନଛ ଦାନ । ଆମ୍ଭେ କପାଁ ଏହା ନେବୁ ସଦନ ।
ବ୍ରାହ୍ମଣ ଯେବେ ଯାଚଣ ଦିଅଇ    । ରାଜା ନେଲେ ତା ଅଧର୍ମ ନୁହଁଇ ।
ହେ ନୃପତିବର ! ଦଇବେ ଏ ରତ୍ନମାନ ତୁମ୍ଭର ॥

ରାଜାକୁ ଯେଉଁ ରତ୍ନମାନ ଯୋଗ୍ୟ । ତାହା ନିକ ବିପ୍ରେ କରିବେ ଭୋଗ୍ୟ ।
ଯେଉଁ ଧନ ରାଜା ଯୋଗ୍ୟ ନୁହଁଇ । ତାହା ସିନା ରାଜ୍ୟ ଭୋଗ୍ୟ କରଇ ।
ହେ ରଘୁନନ୍ଦନ ! ତୁମ୍ଭରେ ଯୋଗ୍ୟ ଅଟଇ ଯ୍ୟେମାନ ॥

ଶୁଣି ଶ୍ରୀରାମ ହରଷ ହୋଇଲେ   ।   ଭୂଷଣମାନ ଅଙ୍ଗୀକାର କଲେ   ।
ପଚାରିଲେ ସେ କାହାର କୁମର   ।   କେବଣ ଦୋଷରେ ସେ ନୃପବର ।
ଖେ ରାଘବ ଶୁଣ, ସେ ଦେବ ବୈବସ୍ୱତ ସୁତ ଜାଣ ॥

---

୧-ଦ୍ରୀଘିକା ମୂଳପାଠ । ୨-ଆଯ୍ୟେମାନ = ଅଳଙ୍କାରମାନ ।

ଭ୍ରାତ ନାମ ତା ଅଟଇ ସୁରଥ । ଅଟନ୍ତି ସେ ରାଜା ଅଯୋଧ୍ୟାନାଥ ।
କାଳେ ସେ ରାଜା ବିଭୂତ ତେଜିଲ ! ଦଣ୍ଡକାରଣ୍ୟେ ତପ କରୁଥିଲ ।
ହେ ନୃପତିବର, ଦୀନ ବନ୍ଦି ଚନ୍ଦ୍ରେ କୋଦଣ୍ଡଧର ॥

●

## ରାଗ —**କାମୋଦୀ**

ରାମ ପୁଚ୍ଛନ୍ତି ବସି    କହ କହ ହେ ମହାଋଷି ।
କେହ୍ନେ ଦଣ୍ଡକ ଅରଣ୍ୟର ନାମ ।
କପାଁ ଦଣ୍ଡକ ନାମ    ହୋଇଲକ ଉଦ୍ଧାମ
କହ ମୋତେ ମୁନି ଉତ୍ତମ ହେ !
ବୋଲେ ମୁନି ୧ ।
ସ୍ୱୟମ୍ଭୁ ବୋଲି ତାଙ୍କ ନାମ ।
ତାରପୁତ୍ର ଇକ୍ଷ୍ୱାକୁ    ବୀରପଣେ ତାହାକୁ
କେହ୍ନି ନୋହିଲେ ସରି ସମ ହେ ॥

ତାଙ୍କର ଶତେ-ପୁତ୍ର    ହେଲେ ଅତି ବିଚିତ୍ର
ପ୍ରାନ୍ତ କୁମର ନାମ ଦଣ୍ଡ ।
ତା ଦେଶ ବିନ୍ଧ୍ୟ ତଟେ ୨    ବିନ୍ଧ୍ୟ ଗିରି ନିକଟେ
ଶତେ ଯୋଜନ ଭୂମି-ଖଣ୍ଡ ହେ ।
ହେ ଦାଶରଥି !
ଶୁକ୍ରଙ୍କୁ ପୁରୋହିତ କରି !
ନିଜ ବାହୁର ବଳେ    ଶତ୍ରୁ ସଂହାର ହେଲେ
ହେଲେ ମହୀରେ ଦଣ୍ଡଧାରୀ ସେ ॥

ମୃଗୟା ପାଇଁ ରାଜା    ଦେଖି ଶୁକ୍ରତନୁଜା
ମଦନେ ୩ ହୋଇଲେ ଅବଶ ।
ନାସ୍ତି ସେ କରୁ କରୁ    ଅବିବାହିତା ନାରୀ
ବଳେ ରତିକ୍ରେ ରତି ରସ ।
ଧି ନୃପ ସିଂହ ।
ଧୂଳି ଧୂସର କନ୍ୟା ଅଙ୍ଗ ।
ତପକୁ ଯାଇ ଥିଲେ    ଶୁକ୍ର ଆସି ଦେଖିଲେ
ଦୁହିତା ହୋଇଛି ବିଭଙ୍ଗ ହେ !

---

୧-ହେ ଶୁଣ ରାମ ପୋଥିପାଠ । ୨-ତା ଦେହ ବିନ୍ଧ୍ୟ ତଟେ ପୋଥିପାଠ ।
୩-ମନରେ ପୋଥିପାଠ ।

ପଚ୍ଛରିଲେ ପିଅର ୧ ଏତେ ଗର୍ବ କାହାର
କେ କଲା ଏମନ୍ତ ବୋଇଲେ ।
ଶୁଣି କହୁ କୁମାରୀ ଏ ଦଣ୍ଡ ୨ ଦଣ୍ଡଧାରୀ
ବଳବନ୍ତେ ମୋତେ ହରିଲେ ।
ହେ ତାତ ଶୁଣ ।
ଶୁଣି ଦୁହିତାର ଉତ୍ତର ।
ଶିଷ୍ୟଙ୍କ ମୁଖ ଚାହିଁ କ୍ରୋଧେ ଭନୁ କମ୍ପାଇ
ବୋଲନ୍ତି କି କଲା ପାମର ସେ ॥

ବୋଇଲେ କୋପମନେ ଆଜହୁଁ ସାତ ଦିନେ
ଭସ୍ମ ହେଉ ଏ ତୋର ପୁରୀ ।
ତୋର ଶତେ ଯୋଜନ ସ୍ଥିତ ଯେତେକ ଜନ
ପକ୍ଷୀ ଗାବ ବୃକ୍ଷାଦି କରି ୩ ।
ହେ ରାବଣାରି ।
ଭସ୍ମ ହୋଇଲା ତାରପୁରୀ ୪ ।
କେ ଜାଣି ପଳାଇଲେ କେ ଭସ୍ମ ହୋଇ ଗଲେ
ଦଗଧ ହେଲା ବନଗିରି ହେ ॥

ଏକା ମାତ୍ରକେ ରହୁ ଯୋଜନ ଘାଏ ହୋଇ ୬
ସୁବ୍ରଣୀ ଏକ ଉହଲା ।
ତହିଁରେ ଶ୍ୱେତରାଜ ତପ କରଇ ଲଜ
ତନୁକୁ ଘେନି ସ୍ୱର୍ଗ ଗଲା ।
ହେ ରଘୁବୀର !
ଶୁକ ପାପରୁ ଏତେ ଦୂର ।
ଏଣୁ ଦଣ୍ଡକାରଣ୍ୟ ବୋଲନ୍ତି ତ୍ରିଭୁବନ
ଯକ୍ଷମାନେ କଲେକ ପୁର ହେ ॥

---

୧-ସେ ଶୁକ···ପୁସ୍ତକପାଠ । ୨-ଏହୁ ଯେ ପୁସ୍ତକପାଠ । ୩-ସୁପକ୍ଷୀ ମୃଗ ଆଦି କରି ପୋଥିପାଠ । ୪-ତହିଁ ନ କଲେ କପି ପୁରୀ ପୋଥିପାଠ । ୫-ଧୂଳର ଭସ୍ମ ହେଲେ ପୋଥିପାଠ । ୬-କିସ୍ବୃପସା ପୁସ୍ତକପାଠ ।

ଏତେ କହନ୍ତେ ମୁନି — ରାମଚନ୍ଦ୍ରଙ୍କୁ ଘେନି
ସାୟଂ କାଳର ସନ୍ଧ୍ୟା କଲେ ।
ଯଜ୍ଞ ଶେଷ ଭୋଜନ — କଲେ ତହିଁ ଅସନ
ସେ ନିଶି ତହିଁ[1] ନିଦ୍ରା ଗଲେ ।
ସେ ସୀତାପତି ।
ଆନନ୍ଦେ ପୁହାଇଲେ ରାତି ।
ବୋଲଇ ଘନ ବସି — ମେଲଣି ଦେଲେ[2] ଋଷି
ଅଯୋଧ୍ୟା ଗଲେକ ତତକ୍ଷଣ ସେ ॥

●

## ରାଗ ଚକ୍ରକେଳୀ

ଶୁଣ ସୁଜନେ ଶ୍ରୀରାମ ଚରିତ । ଶୁଣି ହରିବ ସମସ୍ତ ଦୁରିତ ॥
ଅଯୋଧ୍ୟାରେ ପ୍ରବେଶ ରାଘବଙ୍କ । ଡକାଇଲେ ଦ୍ୱାରକୁ ପ୍ରତିହାରୀଙ୍କ ॥
ଆଜ୍ଞା ଦେଲେ ତୁ ପ୍ରତିହାରୀ ଯିବୁ । ଭରତ ଲକ୍ଷ୍ମଣଙ୍କୁ ଘେନି ଆସିବୁ ॥
ଆଜ୍ଞା ଘେନିଣ ପ୍ରତିହାରୀ ଗଲା । ଭରତ ଲକ୍ଷ୍ମଣଙ୍କୁ ଯାଇ କହିଲା ॥
ବାହୁଡ଼ା ବିଜେ କଲେକ ରାଘବ । ଆଜ୍ଞା ପ୍ରମାଣେ ଦ୍ୱାରକୁ ଆସିବ ॥
ଶୁଣି ଲକ୍ଷ୍ମଣ ବାହାର ହୋଇଲେ । ଭରତ ଚରଣେ ଗୃହ ବିଜେ କଲେ ॥
ହେଲେ ପ୍ରବେଶ ଶ୍ରୀରାମ ଦ୍ୱାରରେ । ଭୂମି[3] ଲୁଣ୍ଠିଣ କର ଦେଲେ ଶିରେ ॥
ରାମ ଦେଖିଣ ହରଷ[4] ହୃଷ ହେଲେ । ବେନି ଭାଇଙ୍କି ଆଲିଙ୍ଗନ କଲେ ॥
ତୁମ୍ଭେ ଯେ ବେନିଭାଇ ଅଟ ପ୍ରାଣ । ଭୂତ ଭବିଷ୍ୟ ବର୍ତ୍ତମାନ ଜାଣ ॥
ଏଣୁ କଥାଏ କହିବା[5] ତୁମ୍ଭଙ୍କୁ । ଏହା ବିଚାରି କହିବ ଆମ୍ଭଙ୍କୁ ॥
ଆମ୍ଭେ ରାଜସୂୟ[6] କରିବାକୁ ମନ । କରି ଆଛି[7] ଶତ ଅନ୍ୟ ଯାଗମାନ ॥
ଚନ୍ଦ୍ର ଦେବ ରାଜସୂ ଯାଗ କଲେ । ତେଣୁ ସିନା ଚନ୍ଦ୍ରଲୋକ ପାଇଲେ ॥
ବରୁଣ[8] କଲେ ସେ ରାଜସୂୟ । ତେଣୁ ବରୁଣଲୋକରେ ଅଭୟ ॥
ହରିଚନ୍ଦନ ରାଜସୂୟ କଲେ । ତେଣୁ ମର୍ତ୍ତ୍ୟରେ ବିଜୟୀ ହୋଇଲେ ॥

---

୧-ସେ ମନୋହର ନିଦ୍ରା ଗଲେ ପୁସ୍ତକପାଠ । ୨-ମେଲଣି ଦେଲେ ଆସି ପୋଥିପାଠ । ୩-ମସ୍ତକ ଲୁଣ୍ଠିଣ ପୋଥିପାଠ । ୪-ହରଷ ହୋଇଲେ ପୋଥିପାଠ । ୫ ପୁଚ୍ଛିବ ତୁମ୍ଭଙ୍କୁ ପୋଥିପାଠ । ୬-ରାଜସ୍ୱ ପୁସ୍ତକପାଠ । ୭-କରିଛୁଁ ତ ପୁସ୍ତକପାଠ । ୮-ବରୁଣ ରାଜସୂ ଯାଗ କଲା ପୋଥିପାଠ । ୯-ତେଣୁ ବରୁଣ ଲୋକରେ ବସିଲା ପୋଥିପାଠ ।

ଏହା କରିବାକୁ ଇଚ୍ଛା ଆମ୍ଭର । ତୁମ୍ଭେ ବେନି ଭାଇ କହ ବିଚାର ॥
ଭରତ ଜଣାନ୍ତି ଯୋଡ଼ି ବେନି କର । ଏହି ଯଜ୍ଞକୁ ଯୋଗ୍ୟ ନୃପବର ॥
ଏକ ମାତ୍ରକେ ଏଥି ଅଛି ଦୋଷ । ରାଜାମାନେ ପାଇବେ ବହୁ ତ୍ରାସ ॥
ପ୍ରଜାମାନେ ବହୁ ପୀଡ଼ା ପାଇବେ । କ୍ଷତ୍ରିୟମାନେ ସଂଗ୍ରାମେ ମରିବେ ॥
ତୁମ୍ଭେ ଅଟ ସମ ରାଜ୍ୟ ପାଳକ । ମହୀପତିମାନେ ତୁମ୍ଭ ବାଳକ ॥
ତାଙ୍କୁ ବହୁ ଅପଘାତ ହୋଇବ । ଏହା ଶୁଣିଣ ହସିଲେ ରାଘବ ॥
ଚନ୍ଦ୍ର ନକ୍ଷତ୍ର ତସ୍କୁ ନାଶ କଲେ । ବରୁଣ ହିଁ ବହୁ ଜୀବ ମାରିଲେ ॥
ହରିଚନ୍ଦନ କରି ଏହି ଯାଗ । ବହୁ ନୃପ ମାରିଲେ ମହାଭାଗ ॥
ଧାତା ପ୍ରାୟେ ତ ତୁମ୍ଭେ ମହୀପାଳ । ନାଶ କରିବ କେମନ୍ତେ ଭୂପାଳ[1] ॥
ଶୁଣି ଶ୍ରୀରାମ ହରଷ ହୋଇଲେ । ବେନି ଭାଇଙ୍କି ଆଲିଙ୍ଗନ କଲେ[2] ॥
ତୁମ୍ଭେ ଯଥାର୍ଥ କହିଲ ଆମ୍ଭଙ୍କୁ । ଏହି କାରଣେ ପୁଚ୍ଛିଲି ତୁମ୍ଭଙ୍କୁ ॥
ଏହି ସମୟେ ସୁମିତ୍ରାଙ୍କ ସୁତ । କର ଯୋଡ଼ି ଜଣାଇଲେ ତୁରିତ[3] ॥
ଦେବ ଅଶ୍ୱମେଧ ଯାଗ ଉତ୍ତମ । ଶକ୍ର କରି ଲଭିଲେ ବହୁ କାମ ॥
ଶକ୍ର ବୃତ୍ରାସୁରକୁ ମାରିଥିଲେ । ବାଜିମେଧ କରି ପାପ ମୁଞ୍ଚିଲେ ॥
ରାମ ଶୁଣିଣ ହୋଇଲେ ପ୍ରମୋଦ । ପାଦକମଳେ ବନ୍ଦି ଷଟ୍‌ପଦ ॥

●

## ରାଗ— କେଦାର କାମୋଦୀ

ଶ୍ରୀରାମ ଆଜ୍ଞା ଦେଲେ ସଉମିତ୍ରି ।
ବୃତ୍ରାସୁର ଅଟେ ଯେମନ୍ତ କ୍ଷତ୍ରି ॥

କେମନ୍ତେ ଶକ୍ର ତାକୁ କଲେ ନିଧନ ।
ଆମ୍ଭ ଛାମୁରେ ଏହା କହ ବଚନ ହେ ॥

ଜଣାନ୍ତି ସଉମିତ୍ରି ଯୋଡ଼ିଣ କର ।
ମହାବଳିଷ୍ଠ ଥିବ ସେ ବୃତ୍ରାସୁର ହେ ॥

ବାହୁବଳେ ସ୍ୱର୍ଗ କଲା ସେ ଜୁର ।
ବହୁତ ଭୟ କଲାକ ସୁନାସୀର ହେ ॥

---

୧-ଏହି ପଦଟି ପୋଥିରେ ନାହିଁ । ୨-ବହୁପ୍ରଶଂସା କରି ଆଜ୍ଞା ଦେଲେ ପୁସ୍ତକପାଠ । ୩-ତ୍ୱରିତ ପୁସ୍ତକ ପାଠ ।

ବିଷ୍ଣୁ ସମ୍ମୁଖରେ ଯାଇ କଲେ ଗୁହାରି ।
ସ୍ୱର୍ଗ ଛେଡ଼ିଣ ରହିଛି ଦଇତାରି ହେ ॥

ସ୍ୱର୍ଗେ କରନ୍ତି ବୃତ୍ରାସୁର ସଙ୍ଗର[1] ।
ବହୁତ ଭୟ ତାଙ୍କୁ ହେଲା ମୋହର ହେ ॥

ଶୁଣି ବିଷ୍ଣୁ ବୋଇଲେ ଆମ୍ଭର ଦାସ ।
ଛଳ ସେବକ ଛଳେ କରିବା ନାଶ ହେ ॥

କେବଳ ଆମ୍ଭେ ତୁମ୍ଭଙ୍କୁ ବୁଦ୍ଧି ଦେବା ।
ଯେମନ୍ତେ ସେ ମରିବ ତାହା କହିବା ହେ ॥

ତୁମ୍ଭେ ଦେବତାମାନେ ସଙ୍ଗତା ମୋର ।
ତୁମ୍ଭର ହିତେ ହେଉଁଛେ ଅବତାର ହେ ॥

ସେବକ ହେଲେ ବଧ ଉପାୟ ଦେବା ।
ତୁମ୍ଭ ନମନ୍ତେ ଅସ୍ତ୍ରଶସ୍ତ୍ର ହୋଇବା ହେ ॥

ସ୍ୱର୍ଗେ ଆମ୍ଭେ ତୁମ୍ଭଙ୍କୁ ଦୁଃଖ ଏବୁ ।
ଦ୍ୱିତାସ୍ୟଙ୍କ[2] ଭାଗ ତୁମ୍ଭ ଅଙ୍ଗେ ହୋଇବୁ ହେ ॥

ତୃତାସ୍ୟ[3] ଭାଗ ଅବୁ ପୃଥିବୀ ମଧ୍ୟେ ।
ତେବେ କଣ୍ଟ ବୃତ୍ରାସୁରକୁ ବଧେ ହେ ॥

ବିଷ୍ଣୁ ମୁଖରୁ ଏତେ ବଚନ ଶୁଣି ।
ସବୁ ପଡ଼ିଲେ ଯାଇଁ ଦେଇଣ ପାଣି ହେ ॥

ତାହୁଡ଼ି ବୃତ୍ରାସୁର ସନ୍ନିଧେ ହେଲେ ।
ଅସୁର ବନେ ତପ କରୁଣ ଥିଲେ ହେ ॥

ବଜ୍ର ଚୁଳାଇ ତାର ଛାତିରେ ମାଇଲେ ।
ମୁଣ୍ଡ ତାର ଭୂମି ଗତ ହୋଇଲା ହେ ॥

ବିଷ୍ଣୁ ସଂଗ୍ରାମେ ଏତେ ଦାରୁଣ ଥିଲା ।
ବିଷ୍ଣୁ ବୁଦ୍ଧିରେ ଏତେ ଜୟ ସେ କଲା ସେ ॥

---

୧-ସଙ୍ଗର = ଯୁଦ୍ଧ । ୨-ଦ୍ୱିସ୍ୟାସ୍ତ ମୂଳପାଠ । ୩-ତୃତାସ୍ୟ ମୂଳପାଠ ।

ଯହୁଁ ସେ ବୃତ୍ରାସୁର ବଧ ହୋଇଲା ।
ଶକ୍ରଙ୍କୁ ବ୍ରହ୍ମହତ୍ୟା ପାପ ଲାଗିଲା ହେ ॥

ସ୍ୱର୍ଗ ତେଜିଣ ଗଲା ପାକଶାସନ ।
ଦେବତାମାନେ ହେଲେ ବିକଳ ମନ ହେ ॥

ସକଳ ଦେବ ଘେନିଣ ବୃହସ୍ପତି ।
ବୋଲନ୍ତି ସ୍ୱର୍ଗେ ନ ଥିଲେ ଶଚୀପତି ହେ ॥

ତାଙ୍କ ବିହୁନେ ଆମ୍ଭେ କେହ୍ନେ ବର୍ତ୍ତିବା ।
ଶକ୍ର ନିମନ୍ତେ ଅଶ୍ୱମେଧ କରିବା ହେ ॥

ଏମନ୍ତେ ବିଚାରିଣ ସର୍ବ ବିବୁଧ ।
ଶକ୍ର ନିମନ୍ତେ କଲେକ ଅଶ୍ୱମେଧ ହେ ॥

ସେ ଅଶ୍ୱମେଧ ଯହୁଁ ହେଲା ସମ୍ପୂର୍ଣ୍ଣ ।
ପାପୁ ମୁକତ ହେଲା ପାକଶାସନ ହେ ॥

ଅଶ୍ୱମେଧର ଦେବ ଯେମନ୍ତ ଖ୍ୟାତ ।
ଶୁଣି ସନ୍ତୋଷ ହେଲେ ଜାନକୀ ପତି ଯେ ॥

ଶ୍ରୀରାମ ଚନ୍ଦ୍ର ପାଦ ବେନି କମଳ ।
ଦୀନ କୃଷ୍ଣ ମାନସ ଅଳି ଭ୍ରମଲ ହେ ୧ ॥

●

ରାଗ—କଳସା

ରାମ ବୋଲନ୍ତି ଶୁଣ ହେ ଭାଇ ଲକ୍ଷ୍ମଣ ।
ବାଜିମେଧ ଯାଗର ଅଛନ୍ତି ଯେତେ ଗୁଣ ॥

କର୍ଦ୍ଦମ ବୋଲିଣ ଯେକ ପ୍ରଜାପତି ନାମ ।
ତାହାଙ୍କର ଯେକ ପୁତ୍ର ହୋଇଲା ଜନମ ॥

ଇଳା ନାମ ଦେଇ ତାଙ୍କୁ କଲେ ମହାରାଜା ।
ମହା ସୁଖରେ ପାଳିଲେ ସକଳ ପରଜା ॥

---

୧-ଏହି ଛାନ୍ଦଟି ପ୍ରକାଶିତ ପୁସ୍ତକରେ ପରିଲକ୍ଷିତ ହୁଏ ନାହିଁ ।

ସେ ରାଜା ମୃଗୟା କରୁଥାଇ ପ୍ରତିଦିନ ।
ବହୁ ଜୀବ ମାରିଲେ ସନ୍ତୋଷ ନୋହେ ମନ ॥

ଏକଦିନେ ମଘବା ବନ ଭିତର ଗଲେ ।
କୁମାରଙ୍କ ଜନ୍ମ ବନେ ପ୍ରବେଶ ହୋଇଲେ ॥

ସେ ବନରେ ସଦାଶିବ ପାର୍ବତୀ ସଙ୍ଗରେ ।
କ୍ରୀଡ଼ା କରୁଛନ୍ତି ସେ ଯେ ବିବିଧ ରଙ୍ଗରେ ॥

ଆଗେ ପଶୁପତି ହୋଇଅଛନ୍ତି ଯୁବତୀ ।
ବିତାଇ ଅଛନ୍ତି ସେ ଶମ୍ଭୁଙ୍କ ସୁତା ପ୍ରୀତି ॥

ସେ ବନରେ ପକ୍ଷୀ ମୃଗ ସନ୍ତତେଣ ନାରୀ ।
ତରୁ ଲତା ସନ୍ତତରେ ଜୀବ ଆଦି କରି ॥

ସେ ବନରେ ଇଳା ରାଜା ପ୍ରବେଶ ହୋଇଲେ ।
ପରିବାରୀ ସହିତେ ଆପଣେ ନାରୀ ହେଲେ ॥

ସଦାଶିବଙ୍କୁ ଦେଖିଣ କଲେ ବହୁ ସ୍ତବ ।
ପ୍ରସନ୍ନ ହୋଇଲେ ହିମାଳୟସୁତା-ଧବ ॥

ଆଜ୍ଞା ଦେଲେ ଯାହା ମାଗୁ ତାହା ଆମ୍ଭେ ଦେବା ।
କେବଳ ପୁରୁଷ ତୋତେ କରି ନ ପାରିବା ॥

ଯେବେ ପୁରୁଷ ହେବାକୁ କରି ଅଛୁ ମନ ।
ତେବେ ପାର୍ବତୀଙ୍କୁ ପୂଜା କର ହୋ ରାଜନ ॥

ଏହା ଶୁଣି ପାର୍ବତୀଙ୍କି କଲା ବହୁ ସ୍ତୁତି ।
ପ୍ରସନ୍ନ ହୋଇଲେ ତାଙ୍କୁ ଅଚଳ ଦୋହିତୀ ॥

ଆଜ୍ଞା ଦେଲେ ମାସେ ତୁ ଯେ ହୋଇବୁ ପୁରୁଷ ।
ମାସେ ଯୁବତୀ ହୋଇଣ ଥିବୁ ହୋ ନରେଶ ॥

ଆଜ୍ଞା ପାଇ ମାସେ ସେ ଯେ ପୁରୁଷ ହୋଇଲା ।
ମାସେ ଯୁବତୀ ହୋଇଣ ବନରେ ରହିଲା ॥

ସେ ବନରେ ଚନ୍ଦ୍ର ସୁତ ବୁଧ ତପ ସ୍ଥାନ ।
ଇଳାକୁ ଦେଖିଣ ତାକୁ ପୀଡ଼ିଲା ମଦନ ॥

ପରିବାରି ସଙ୍ଗରୁ ସେ ବଣେ ହୋଇଅଛୁ ।
ଆତଙ୍କ ହୋଇଣ ବନେ ତାହାଙ୍କୁ ଖୋଜୁଛୁ ॥

ବୁଧଙ୍କୁ ପୁଚ୍ଛିଲା ପରିବାରି କେଣେ ଗଲେ ।
ସେ ବୋଇଲେ ପାଷାଣ ବୃଷ୍ଟିରେ ସର୍ବେ ମଲେ ॥

ତୁ ଯେବେ ଆମ୍ଭର ଆଶ୍ରମରେ ରହିଥାଅ ।
ବନ ବୁଲିବାରେ ଆଉ ବେଦନା ନ ପାଅ ॥

ଏହା ଶୁଣି ଇଲା କନ୍ୟା ସିଦ୍ଧକାର କଲେ ।
ବୁଧ ତାଙ୍କ ନିଜ ଆଶ୍ରମକୁ ଘେନି ଗଲେ ॥

ଇଲା ସଙ୍ଗତରେ ବୁଧ କଲେକ ସୁରତି ।
ନ ଛାଡ଼ନ୍ତି ସଙ୍ଗ ତାହାଙ୍କର ଦିବା ରାତି ॥

ଯେଉଁ ମାସ ଇଲା ହୋନ୍ତି ପୁରୁଷଙ୍କ ଅଙ୍ଗ ।
ସେ ମାସ ତପ କରନ୍ତି ବୁଧଙ୍କର ସଙ୍ଗ ॥

ଯେମନ୍ତେ ସେ ଇଲା କନ୍ୟା ହେଲେ ଗର୍ଭବାସ ।
ତାଙ୍କ ଗର୍ଭୁ ଉପୁଜିଲେ ଯେକଇ ପୁରୁଷ ॥

ତାହା ଦେଖି ବୁଧ ବଡ ଆନନ୍ଦ ହୋଇଲେ ।
ଈଶ୍ୱରଙ୍କ ସନ୍ନିଧିରେ ଅଶ୍ୱମେଧ କଲେ ॥

ପ୍ରସନ୍ନ ହୋଇଣ ବର ଦେଲେକ ମହେଶ ।
ସେ ଦିନୁ ଇଲା ନୃପତି ହୋଇଲେ ହରଷ ॥

ପୁରୁରବା ବୋଲାଇଲେ ଇଲାଙ୍କର ସୁତ ।
ସୋମ ବଂଶ ସେହୁ ଦିନୁ ହୋଇଲା ସମ୍ଭୂତ ॥

ଶ୍ରୀରାମଙ୍କ ଶ୍ରୀମୁଖରୁ ଶୁଣିଲେ ଚରିତ ।
ବୋଲେ ବଳି ସାନନ୍ଦିତ ହେବ ଆଇ ଚିତ୍ତ ୧ ॥

---

୧-ଏହି ଛାନ୍ଦଟି ମଧ୍ୟ ପୂର୍ବ ଛାନ୍ଦ ପରି ପ୍ରକାଶିତ ପୁସ୍ତକରେ ନାହିଁ ।

## ଦଣ—ଗୁଜ୍ଜରୀ ପଦ୍ଧତାଳ, କରୁଣାକର ଚଉତଶା ବୃତ୍ତରେ ୧

ଶୁଣ ହେ ସୁଜନେ ରାମଚନ୍ଦ୍ରଙ୍କ ଚରିତ ।
ଶ୍ରବଣେ ଶୁଣନ୍ତେ ହରେ ଅଶେଷ ଦୁରିତ ।
ଯହୁଁ ବର୍ତ୍ତିଲ ଦ୍ୱାପର ।
ଅଶ୍ୱମେଧ କରିବାର ହୋଇଲା ମନର ॥

ବଶିଷ୍ଠ ସଙ୍ଗତେ ଆଣାଇଲେ ମନ୍ତ୍ରିଗଣ ୨ ।
ଅଶ୍ୱମେଧ କରିବା କହେ ଶୁଭ ଦିନ ଗଣ ।
ନଦୀ ଗୋମତୀର କୂଳେ ।
ନୈମିଷାରଣ୍ୟରେ ଋଷିମାନଙ୍କର ମେଳେ ॥

ଆଜ୍ଞା ଦେଲେ ଭ୍ରାତଙ୍କୁ ସାମଗ୍ରୀମାନ ଘେନ ।
ନୈମିଷା ଅରଣ୍ୟେ ନଦୀ ଗୋମତୀର କୂଳ ॥
ତହିଁ କର ଯାଗଶାଳା ।
ସମସ୍ତ ମାତାଙ୍କୁ ଘେନି ଯିବେ କଉଶଲ୍ୟା ॥

ସୁବର୍ଣ୍ଣ ସୀତା ଗୋଟିଏ ଗଢ଼ି କରାଇବ ।
ସମସ୍ତ ରାଜାମାନଙ୍କ ପୁର ଛନ୍ଦାଇବ ।
ଋଷିମାନଙ୍କ ଆଶ୍ରମ ।
ବ୍ରାହ୍ମଣମାନଙ୍କ ପୁର କରିବ ଉତ୍ତମ ॥

ଧନ ତଣ୍ଡୁଳ ସୁବର୍ଣ୍ଣ ବସନ ୩ ଭୂଷଣ ।
ରଥ ଗଜ ସଙ୍ଗତରେ ଘେନ ଧେନୁଗଣ ।
ସମସ୍ତ ସାମଗ୍ରୀ ନିଅ ।
ମାତାମାନଙ୍କୁ ଘେନଣ ଆଗ ହୋଇଯାଅ ॥

ସମସ୍ତ ରାଜାମାନଙ୍କୁ ଦିଅ ନିମନ୍ତ୍ରଣ ।
ସୁଗ୍ରୀବ ସଙ୍ଗତରେ ଆସନ୍ତୁ ବିଭୀଷଣ ।
ଆଜ୍ଞା ଦେଲେ ନୃପବର ।
ବେନଭ୍ରାତ ଆଜ୍ଞା ପାଇ ହେଲେ ତତ୍ପର ୪ ॥

---

୧-କରୁଣାକର ଚଉତଶା ପାଠ ପୁସ୍ତକରେ ନାହିଁ । ୨-ମନ୍ତ୍ରୀଗଣ ପୁସ୍ତକପାଠ, ମନ୍ତ୍ର ଯେ ଜାଣେ ସେ ମନ୍ତ୍ରୀ, ଅର୍ଥାତ୍ ବଶିଷ୍ଠାଦି ମୁନିମାନେ ମଧ୍ୟ ମନ୍ତ୍ରୀ ପଦବାଚ୍ୟ । ୩-ରଜତ ପୁସ୍ତକପାଠ । ୪-ତତ୍ପର ପୋଥିପାଠ ।

ସମସ୍ତ ଦେଶମାନଙ୍କୁ ଦୂତ ବରଗିଲେ ।
ଆଜ୍ଞା ପାଇଣ ସମସ୍ତ ନୃପତି ଅଇଲେ ।
ସୁଗ୍ରୀବର ବିଭୀଷଣ ।
ଏମାନେ ଅଇଲେ ସଙ୍ଗେ ଘେନି ନିଜ ଗଣ ॥

ସମସ୍ତ ଋଷିମାନେ ଶିଷ୍ୟମାନଙ୍କୁ ଘେନି ।
ପ୍ରବେଶ ହୋଇଲେ ତାଙ୍କୁ ଘେନି କୁମ୍ଭଯୋନି୧ ।
ଅଶ୍ୱ ଘେନିଣ ଲକ୍ଷ୍ମଣ ।
ସେନାମାନଙ୍କୁ ଘେନିଣ କଲେକ ଗମନ ॥

ସମସ୍ତ ସାମଗ୍ରୀ ଭରତ ଚଳାଇଣ ଦେଲେ ।
ଜନନୀମାନଙ୍କୁ ଘେନି ଆଗେ ବିଜେ କଲେ ।
ନିର୍ମିଣିଲେ ବ୍ରହ୍ମପୁର ।
ଚତୁରଙ୍ଗ ବଳ ଘେନି ବିଜେ ରଘୁବୀର ॥

ସମସ୍ତେ ଗୋମତୀ ତୀରେ ହେଲେ ଯାଇଁ ରୁଣ୍ଡ ।
ଅରଣ୍ୟ ଭେଦେ ଗିରି କି ଗ୍ରାମ ମାରକଣ୍ଡ ।
ବହୁତ ବ୍ରାହ୍ମଣମାନେ ୨ ।
ପ୍ରବେଶ ହୋଇଲେ ଯାଗ ଶାଳ ସନ୍ନିଧାନେ ॥

ଯାଗଶାଳ ଦେଖି ରାମ ବହୁ ପ୍ରଶଂସିଲେ ।
ସମ୍ଭ୍ରମରେ ଶରସନ୍ତେ ଯାଗ ଆରମ୍ଭିଲେ ।
ବହୁ ହେମ ଦେଲେ ଦାନ ।
ଯେ ଯାହା ମାଗନ୍ତି ତାହା ଦିଅନ୍ତି ବହନ ॥

ଲବ କୁଶଙ୍କୁ କହନ୍ତି ବାଲମିକ ଋଷି ।
ତୁମ୍ଭେ ରାଜା ଯାଗଶାଳା ସନ୍ନିଧରେ ବସି ।
ଗାଇବ ଏ ରାମାୟଣ ।
ବୀଣା ବାଣୀ ତାଳ ଲୟ ସଙ୍ଗୀତ ଗାୟନ ୩ ॥

---

୧-ପଦ୍ମଯୋନି ପୋଥିପାଠ । ୨-ଉଭୟ ପୋଥି ଓ ପୁସ୍ତକରେ 'ବହୁତ · ମାନେ' ପ୍ରୟୋଗ ରହିଛି । ଏ ପ୍ରକାର ପ୍ରୟୋଗ ଅସମୀଚୀନ । ୩-ସଙ୍ଗୀତ ପ୍ରମାଣ ପୋଥିପାଠ ।

ରାଜା ଶୁଣି ଗୁଆଇଲେ ଘୁମୁରେ ଗାଇବ ।
ବହୁତ ଦ୍ରବ୍ୟ ଯାଚଲେ ଲୋଭ ନ କରିବ ।
ରାଜା ଯେବେ ପଚ୍ଛରିବ ।
ଆମ୍ଭ ଶିଷ୍ୟ ବୋଲି ତାଙ୍କ ଘୁମୁରେ କହିବ ॥

ଗୁରୁଙ୍କ ମୁଖରୁ ଶୁଣି ଏହା ରାମ ସୁତ ।
ସମସ୍ତ ସ୍ଥାନେ ଗାଇଲେ ରାମାୟଣ ଗୀତ ।
ଲୋକେ ଶୁଣିଣ ଚକିତ ।
ରାଜା ଶୁଣିଣ ଘୁମୁଙ୍କୁ ଡାକିଲେ ତ୍ୱରିତ ॥

ସମସ୍ତ ଋଷି ପଣ୍ଡିତ ଗୁଣିଙ୍କି ଅଣାଇ ।
ଗୀତରେ କୁଶଳ ଜନମାନଙ୍କୁ ବସାଇ ୧ ।
ରାଜାମାନେ ବସିଥିଲେ ।
ଲବକୁଶ ରାମାୟଣ ସ୍ୱରରେ ୨ ଗାଇଲେ ॥

ରାମ ପରାୟେ ଏ ବେନି କୁମର ଦିଶନ୍ତି ।
ସଭାଜନେ ଭାବି ମନେ ମନେ ବିଚାରନ୍ତି ।
କାହୁଁ ଏ ଗ୍ରନ୍ଥ ଅଇଲା ୩ ।
ଏମନ୍ତ ଗାୟନ ମାନ ଶୁଣିବା ନ ଥିଲା ୪ ॥

ପ୍ରଥମ ଦିନ ରାମ କୋଡ଼ିଏ ସର୍ଗ * ଶୁଣି ।
ଅଠର ସହସ୍ର ସୁବର୍ଣ୍ଣ ସେ ଦେଲେ ଆଣି ।
ତାହା ଗ୍ରହଣ ନ କଲେ ।
ଆମ୍ଭେ ଏହା ବନେ କିସ କରିବୁ ବୋଇଲେ ॥

ନିର୍ଲୋଭ ଦେଖିଣ ରାମ ସନ୍ତୋଷ ହୋଇଲେ ।
କେ ତୁମ୍ଭର ପିତା କାହୁଁ ଅଇଲ ବୋଇଲେ ।
ତୁମ୍ଭେ କେଉଁ ଋଷି ଶିଷ୍ୟ ।
ମନ ମୋହୁଅଛୁ ତୁମ୍ଭ ବାଳଯତି ବେଶ ॥

କୁଶ କହାଇଲେ ଆମ ଗୁରୁ ବାଲମିକ ।
ଶୁଣି ଅଛୁ ମାତାଙ୍କର ପିଅର ଜନକ ।
ସାତ କାଣ୍ଡ ରାମାୟଣ ।
ବାଲମିକ ଋଷି କରିଅଛନ୍ତି ବଖାଣ ॥

---

୧-ସଙ୍ଗୀତରେ କୁଶଳତାମାନଙ୍କୁ ବସାଇ ପୋଥିପାଠ । ୨-ଚରିତ ଗାଇଲେ ପୋଥିପାଠ । ୩-ହୋଇଲା ପୋଥିପାଠ । ୪-ଯେମନ୍ତ ଚରିତମାନ ଶୁଣିତ ନ ଥିଲା ପୋଥିପାଠ । * କୋଡ଼ିଏ ଗ୍ରନ୍ଥ ପୋଥିପାଠ । ଗ୍ରନ୍ଥ = ଶ୍ଲୋକ ।

ରାମ ଆଜ୍ଞା ଦେଲେ ଆଜ ଏଥିଠାରେ ଥିବ ।
କାଲି ଶୁଣିବା ଛାମୁରେ ସମସ୍ତ ଗାଇବ ।
ଏତେ କହି ରାବଣାରି ।
ଘେନି ଭାଇଙ୍କି ଯାଗଶାଳାରେ ବିଜୟ କରି ॥

ଆର ଦିନ ନିତ୍ୟକର୍ମ ସାରି ରଘୁବୀର ।
ସଭା କରି ଛାମୁରେ ଗୁଆଇଲେ କୁମର ।
ସର୍ବେ ସାଧୁ ସାଧୁ କଲେ ।
ବୋଲେ ଋଷି ଶିରଧାରେ ସମସ୍ତେ ଶୁଣିଲେ ୧ ॥

●

ରାଗ—କେଦାର ୨

ଋଷ୍ୟଶୃଙ୍ଗ ଚରୁ ଦେବା    ରାମ ଜନମ ହୋଇବା
କଉଶିକ ମାଗି ଘେନିଯିବା ॥
ପଥେ ତାଡ଼କା ମାରିବା    ମାରୀଚ ଉଡ଼ାଇ ଦେବା
ଯାଗ ରଖି ଅଭୟ କରିବା ସେ
ସଭା ଜନ ॥
ଶୁଣନ୍ତେ ଆନନ୍ଦ ହୋଇମନ ।
ସବୁରି ଅଶ୍ରୁ ପତନ    ପୁରେ ତନୁରୁହ ମାନ ୩
ପୁଣିତାଙ୍କ ବଚନ ଗାୟନ ସେ ॥

ତାରି ଗଉତମ ନାରୀ    ଜାହ୍ନବୀ ହୋଇଲେ ପାରି
ମିଥିଳାରେ କଲେ ଧନୁ୩ଭଙ୍ଗ ।
ଜାନକୀ ବିଭା ହୋଇବା    ବାହୁଡ଼ା ବାଟେ କରିବା
ପଥେ ଭେଟ ପରଶୁରାମ ସଙ୍ଗ ସେ ॥

ଚୂର୍ଣ୍ଣ କରି ତାଙ୍କ ଗର୍ବ    ଅଯୋଧ୍ୟା ପ୍ରବେଶ ସର୍ବ
ପିତା ସତ୍ୟ ରଖି ବନେ ଗଲେ ।
କରଣ ବିରାଧ୪ ନାଶ    ବୁଲିଣ ତେର ବରଷ*
ପଞ୍ଚବଟୀରେ ଆଶ୍ରମ କଲେ ସେ ॥

---

୧-ଆଦ୍ୟରୁ ଗାଇଲେ ପୋଥିପାଠ । ୨-ସୃଷ୍ଟି କେଦାର ରାଗେ ପୋଥିପାଠ । ୩-ପୁଲକେ ରୋମାଞ୍ଚମାନ ପୋଥିପାଠ । ତନୁରୁହ=ରୋମ । ୩- ଯାନଭଙ୍ଗ ପୋଥିପାଠ । ୪-ବୀରାଧ ନାଶ ପୋଥିପାଠ । *ବୁଲି ଏଗାର ବରଷ ପୋଥିପାଠ ।

ଛେଦି ଅସୁର ସୁବାହୁ — ଖର ଦୂଷଣ ମାରିଣ
ମାୟାମୃଗ ଦେଖାଇ ରାବଣ ୧
ଜନକ ସୀତା ହରିଣ — ଜଟାୟୁ ହେଲା କାରଣ
ସୁଗ୍ରୀବ ସଙ୍ଗରେ ସଖ୍ୟ ଧର୍ମ ସେ ॥

ସୁଗ୍ରୀବେ ପରୀକ୍ଷା ଦେବା — ସପ୍ତ ତାଳ ଛେଦିବା
ବାଲିମାରି ସୁଗ୍ରୀବ ସ୍ଥାପିବା ।
ହନୁ ସମୁଦ୍ର ଡେଇଁବା — ଲଙ୍କାରେ ସୀତା ଖୋଜିବା
ଲଙ୍କା ପୋଡ଼ି ଅକ୍ଷୟ ମାରିବା ସେ ॥

ହନୁଙ୍କ ଦେଲେ ବାରତା — ସୁଗ୍ରୀବ ରାମ କୋପିତା
ସାଗରେ ସେତୁ ବନ୍ଧନ କଲେ ।
ଋକ୍ଷ କପି ଟୋକୀଗଣେ — ସୁବଳ ଗିରି ବହିଲେ
ଲଙ୍କା ଗଡ ବେଢିଣ ଘୁଞ୍ଚିଲେ ସେ ॥

ହେଉଛି ଅନେକ ରଣ — ମାଇଲେ ଅସୁରଗଣ
ପୁତ୍ର ଭ୍ରାତ ସହିତେ ରାବଣ ୨ ॥
ଥାପି ଦେଇ ବିଭୀଷଣ — ବାହୁଡ଼ି ଶ୍ରୀରାମଙ୍କ ଗଣ
ଅଯୋଧ୍ୟାରେ କଲେ ରାଜପଣ ସେ ॥

ଜନ ମୁଖୁ ଅପଯଶ — ଶୁଣି ସୀତା ବନବାସ
ବାଲ୍ମୀକି ଆଶ୍ରମର ପାଶ
ଲବଣ ଅର୍ଥେ ବିଦ୍ରୋହ — ଶତ୍ରୁଘ୍ନ ପରବେଶ
ସେ ଷଷ୍ଠି ଜନମ ଲବ କୁଶ ସେ ॥

ଶୂଦ୍ର୩ ତପସ୍ୱୀ ମାରିବା — ଅଶ୍ୱମେଧଯଜ୍ଞ କରିବା
ଆପଣା ଚରିତ ଗୁଆଇବା ସେ ॥
ଲବ କୁଶ ଙ୍କ ପାଇବା୪ — ବଇଦେହୀ ଅଣାଇବା
ଦେବୀ ପୃଥ୍ୱୀରେ ଗୋପ୍ୟ ହୋଇବା ସେ ॥

---

୧-ମରିଲ ପୋଥିପାଠ । ୨-ଆପଣେ ପଡ଼ିଲା ରାବଣ ପୋଥିପାଠ । ୩-ଶୂଦ୍ରମୁନି ପୋଥିପାଠ । ୪-ଲବ କୁଶ ଜଣାଇବା ପୋଥିପାଠ ।

ମସ୍ତକ କରନ୍ତେ କ୍ରୋଧ          ବୋଧିଲେ ସର୍ବ ବିବୁଧ
କାଳଦୂତ ଆସିକଲା ଭେଦ ।
ଲକ୍ଷ୍ମଣଙ୍କ ଅପରାଧ          କରନ୍ତେ ନକଲେ ବଧ୧
ତେଜିକନ୍ତେ ସେ ଗଲେ ବିଷ୍ଣୁପଦ ସେ ॥

ପୂର୍ବ ପଶ୍ଚିମ ଉତ୍ତର          ଦକ୍ଷିଣ ଦେଶ ଆଦିର
ପୁତ୍ରମାନଙ୍କୁ କଲେ ନୃପତି ।
ଅଯୋଧ୍ୟାରେ ଯେତେ ନର          ବୃକ୍ଷ ପାଷାଣ ଆଦିର
ବଇକୁଣ୍ଠେ ନେଲେ ରଘୁପତି ସେ୨ ॥

ଏମନ୍ତ ରାମ ଚରିତ ୩          ଗାଇ ଲବ କୁଶ ଗୀତ ୪
ସଭା ଜନେ ଶୁଣିଣ ଚକିତ
ଯା ନାମେ ହରେ ଦୁରିତ          ଅଦ୍ଭୁତ ସେହି୫ ଚରିତ
ଦୀନ କୃଷ୍ଣ ଘୋଷେ ଅବିରତ ସେ ॥

●

ରାଗ- **ବଙ୍ଗଶ୍ରୀ ଦେଶାକ୍ଷ**

ଲବ-କୁଶଙ୍କର ଶୋଭା ଦେଖିଣ ରାମ ।
ଭାଷୁଛନ୍ତି ବେନି ସୁତେ ଦ୍ୱିତୀୟ କାମ ॥

କଷା-ବାସ ପରିଧାନ୬ କାନ୍ଧେ ପଇତା ।
ଦୋପଡ଼ା କୃଷ୍ଣ-ଅଜିନ ଦ୍ୱାଦଶ ଚିତା ॥

ମଣ୍ଡି ଅଛନ୍ତି ଗଳାରେ ରୁଦ୍ରାକ୍ଷ-ମାଳ ।
ନେତ୍ର-ବେନି ବାହା ଦୁଇ ଦିଶେ ବିଶାଳ ॥

ରାମାୟଣ ଶୁଣି ରାମଚନ୍ଦ୍ର ହରଷ ।
ବିସ୍ତାରିଲେ ବେନି ସୁତେ ପିତାଙ୍କ ଯଶ ॥

ପାଶକୁ ଆଣି ତାହାଙ୍କୁ କୋଳରେ ଧଇଲେ ।
ଅତି-ସ୍ନେହରେ ମୂର୍ଦ୍ଧନ ଆଘ୍ରାଣ କଲେ ॥

---

୧-ଲକ୍ଷ୍ମଣ କରନ୍ତେ କ୍ରୋଧ ପୋଥିପାଠ । ୨-ନକଲ ତାହାଙ୍କୁ ବଧ ପୋଥିପାଠ । ୩ ବୈକୁଣ୍ଠକୁ ଗଲେ ରଘୁପତି ପୋଥିପାଠ । ୪-ଗାଇଲେ ସେ ବେଦସ୍ତୁତି ପୋଥିପାଠ । ୫-ଏହିଚରିତ ପୁସ୍ତକ ପାଠ । ୬-ପତ୍ରହରଣ ପୋଥିପାଠ ।

ହୃଦରେ ପ୍ରବେଶ ହେଲା ଶୋକ ବିବେକ୧ ।
ଦେଖୁ ଅଛନ୍ତି ସଭାରେ ସକଳ ଲୋକ ॥

ଆଜ୍ଞା ଦେଲେ ଏ ବେନି ଆମ୍ଭ କୁମର ।
ରହି ଅଛନ୍ତି ଜାନକୀ ଋଷିଙ୍କ ପୁର ॥

ଏତେ କହି ଶତ୍ରୁଘନଙ୍କୁ ଅନାଇଲେ ।
କର ଯୋଡ଼ିଣ ସେହି ସମସ୍ତ କହିଲେ ॥

ଶୁଣିଣ ଆନନ୍ଦ ହେଲେ ଭରତ ଲକ୍ଷ୍ମଣ ।
ମନ୍ତ୍ରୀ ଗଣ ସହିତେ ସୁଗ୍ରୀ ବିଭୀଷଣ ॥

କୁମରଙ୍କୁ ଚାହିଁ ଦେଲନ୍ତି ସର୍ବ ନୃପ ।
ଦେଖ ଏ ବେନିକୁମରେ ଶ୍ରୀରାମଙ୍କ ରୂପ ୨ ॥

ଶ୍ରୀରାମର କୋଳ୍ପ ନେଇ ଭରତ ଲକ୍ଷ୍ମଣ ।
ଆଲିଙ୍ଗନ କରି ମୁଖେ ଦେଲେ ଚୁମ୍ବନ ୩ ॥

ସୁଗ୍ରୀ ବିଭୀଷଣ ତ ଆଲିଙ୍ଗନ କଲେ ।
ଆଉ ରାଜାମାନେ ଶିରେ କରକୁ ଦେଲେ ॥

ଭରତ ସୁଗ୍ରୀ ବିଭୀଷଣଙ୍କୁ ଠାରି ଦେଲେ ॥
ସେ ବେନି ନୃପତି ତାଙ୍କ ମନଜାଣିଲେ ॥

ସୁଗ୍ରୀ ବିଭୀଷଣ ଯୋଡ଼ିଣ ବେନି କର ।
ଭକ୍ତି ତେଜି ଜଣାଇଲେ ଶ୍ରୀରାମ ଛାମୁର ॥

ଠାକୁରାଣୀଙ୍କର ଦେବ କି ଅଛି ଦୋଷ ।
କିମ୍ପା ତାକୁ ଆଜ୍ଞା ହେଲା ବନେ ନିବାସ ॥

ଏବେ ପ୍ରଭୁଙ୍କୁ କେବଣ ଅପ୍ରାଧ କଲେ ।
ଲଙ୍କାରେ ତ ଦେଖି ଅଛ ପରୀକ୍ଷାଦେଲେ ॥

ଏବେ ସେହି ଅପରାଧ ଆମ୍ଭଙ୍କୁ ଦେବ ।
ଋଷିଙ୍କ ମଠରୁ ଠାକୁରାଣୀ ଆସିବ ॥

---

୧.-ଶୋକ ବିଶୋକ ପୋଥିପାଠ । ୨-ବେନିସୁତେ ଶ୍ରୀରାମ ସ୍ୱରୂପ ପୋଥିପାଠ ।
୩-ଶିରେ ଦେଲେ ଆଘ୍ରାଣ ପୁସ୍ତକପାଠ ।

ଶୁଣିଣ ଶ୍ରୀରାମ ତାହାଙ୍କର ବଚନ ।
ବୋଲନ୍ତି ଯେ ନିନ୍ଦା କଲେ ଅଯୋଧ୍ୟାଜନ ॥

ତୁମ୍ଭର ଜଣାଇବାକୁ ସୀତା ଆସିବେ ।
କେବଳ ସେ ଆଉ ଥରେ ପରୀକ୍ଷା ଦେବେ ॥

ଏମନ୍ତ କହିଣ ଅଣାଇଲେ ଦୁଆରୀ ।
ଆଜ୍ଞା ଦେଲେ ଶ୍ରୀମୁଖରେ କୋଦଣ୍ଡଧାରୀ ॥

ବାଲମୀକ ଆଶ୍ରମକୁ ତ୍ୱରତେ ଯିବୁ ।
ଆମ୍ଭ ଆଜ୍ଞା ବୋଲିଣ ତାଙ୍କୁ କହିବୁ ॥

ବୋଲିବୁ ଏମନ୍ତ ଆଜ୍ଞା ଦେଲେ ନୃପତି ।
ସୀତାଙ୍କୁ ଘେନିଣ ବେଗେ କରିବ ଗତି ॥

ଆଜ୍ଞା ପାଇ ପ୍ରତିହାରୀ ତୁରିତେ ଗଲା ।
ବାଲମୀକ ଆଶ୍ରମେ ପ୍ରବେଶ ହୋଇଲା ॥

ନମସ୍କାର କରି ରାମ ଆଜ୍ଞା କହିଲେ ।
ଆଜ୍ଞା ଶୁଣି ହୃଷ୍ଟେ ମୁନି ବାହାର ହେଲେ ॥

ଜନକସୁତାଙ୍କୁ ଯେ ପ୍ରବୋଧି କହିଲେ ।
ରଘୁନାଥ ଆଜ୍ଞା ତୁମ୍ଭେ ଯିବ ବୋଇଲେ ॥

ଆମ୍ଭର ସଙ୍ଗରେ ମାଏ ଯାଗ ଯିବ ।
ଆଜ୍ଞା ଦେଇଣ ଅଛନ୍ତି ତୁମ୍ଭର ଧବ ୧ ॥

ଦେଖିଣ ରାମ ତୁମ୍ଭଙ୍କୁ ହେବେ ହରଷ ।
ଦେଖିଣ ଦେବତାମାନେ ହୋଇବେ ତୋଷ ୨ ॥

ଏତେ କହି ଜାନକୀଙ୍କୁ ସଙ୍ଗତେ ଘେନି ।
ବୋଲେ ବସି ଅବଲମ୍ବେ ବାହାର ମୁନି ॥

●

ରାଗ— **ଚକ୍ରକେଳି ବାଣୀ** ୩

ସୀତାଙ୍କୁ ଘେନିଣ ମୁନି ପ୍ରବେଶ । ମହୀ ଘେନି ଅଇଲେକେ ସୁରେଶ ॥
ଆସନ ଦେଇ ରାମ ପୂଜା କଲେ । ଖଣ୍ଡେ ଦୂରେ ଜାନକୀ ଉଭା ହେଲେ ॥

---

୧-ତୁମ୍ଭ ବାନ୍ଧବ ପୋଥିପାଠ । ୨–ଦେଖିଣ ରାମ·········ହୋଇବେ ତୋଷ ପାଠ ପୋଥିରେ ନାହିଁ । ୩-କଲହଂସ କେଦାର ରାଗେ ପୋଥିପାଠ ।

କଣଛନ୍ତି ବେନି କର ଅଞ୍ଜଳି । ମସ୍ତକ ନୁଆଇଁଛନ୍ତି ମଉଳି ॥
କ୍ରୋଧେ କୋକନଦ ବେନି ଲପନ ୧। ଦଶୁ ଅଛନ୍ତି ଦହଲ ସୁବର୍ଣ୍ଣ ॥
ବାଲମୀକ ବୋଲନ୍ତି ହେ ଶ୍ରୀରାମ । କାହା ମୁଖୁ ଶୁଣି କଲ ଏ କର୍ମ ॥
ତୁମ୍ଭେତ ପଣ୍ଡିତ ମହା ଦୟାଳୁ । ଲୋକବାଦକୁ ହୋଇଲ ଭୟାଳୁ ॥
ଆମ୍ଭେ ଜାଣୁ ତାଙ୍କର ନାହିଁ ଦୋଷ । କହିଅଛନ୍ତି ପୂର୍ବେ ଦିବୌକସ ॥
ତୁମ୍ଭ ଅନ୍ତଃପୁର ଆମ୍ଭ ଆଶ୍ରମ । ପୂର୍ବୁ ଅଟଇ ଅଭିନ୍ନ ହେ ରାମ ॥
ଏ ତୁମ୍ଭର ବେନି ସୁତ ଯାମଳ । ବେଦ ବେଦାନ୍ତରେ ଏହି କୁଶଳ ॥
ରାମାୟଣରେ ସମ୍ପୂର୍ଣ୍ଣ ଶୁଣିବ । ଭବିଷ୍ୟ ବୋଲିଣ ତୁମ୍ଭେ ଜାଣିବ ୨ ॥
ରାମ ବୋଲନ୍ତି ଶୁଣିମା ୩ ହେ ଋଷି । ଆମ୍ଭେ ଜାଣୁ ଅମ୍ଭ ସୀତା ନିର୍ଦ୍ଦୋଷୀ ॥
ପ୍ରତ୍ୟକ୍ଷ ଅଗ୍ନି ଭିତରୁ ଅଇଲେ । ନିର୍ଦ୍ଦୋଷୀ ବୋଲିଣ ତାତ ବୋଇଲେ ॥
ଋଷି ରାକ୍ଷସ ବାନର ଦେଖିଲେ । ନିର୍ଦ୍ଦୋଷୀରେ ପିତା ତାଙ୍କୁ ଲେଖିଲେ ॥
ତେଣୁ ଆମ୍ଭେ କଲୁ ଯେ ଅଙ୍ଗୀକାର । ଅଯୋଧ୍ୟା ଜନେ କଲେ ଅବିଚାର ॥
ରାବଣ ପୁରୁ ସୀତାଙ୍କୁ ଆଣିଲେ । ଲୋକେ ତାହାଙ୍କୁ ତେଜି ନ ପାରିଲେ ॥
ଏବେ କଲୁ ଅଶ୍ୱମେଧ ସଂପୂର୍ଣ୍ଣ । ଆସିଛନ୍ତି ବହୁତ ରାଜନ ॥
ସ୍ୱଦେଶୀ ବିଦେଶୀ ଯେତେ ମନୁଷ୍ୟ । ଆସିଛନ୍ତି ନାନା ଜାତି ବିଶେଷ ॥
ସେମାନେ ପରୀକ୍ଷା ଥରେ ଦେଖିବେ । ସୀତା ନିର୍ଦ୍ଦୋଷ ବୋଲି ପ୍ରତେ ଯିବେ ॥
ତୁମ୍ଭେ ତାଙ୍କୁ ଏହି ବାଟେ କହିବ । ଯେମନ୍ତେ ପ୍ରତୀତ ମନେ ହୋଇବ ॥
ତାହା ଶୁଣି ବାଲମୀକ ଉଠିଲେ । ସୀତାଙ୍କ ଛାମୁରେ ଯାଇଁ କହିଲେ ॥
ଶୁଣି ଦେବୀ କ୍ରୋଧରେ ପ୍ରଜ୍ୱଳିତ । ଶିର କମ୍ପାଇ କହନ୍ତି ଲଳିତ ॥
ଭୂମିକି ଚାହିଁ କହନ୍ତି ଗୋ ମାତ । ରାମ ବିନୁ ଅନ୍ୟରେ ଯେବେ ଚିତ୍ତ ॥
ତେବେ ମାତ ମୋତେ ଠାବ ନଦେବ । ନୋହିଲେ ମୋପାଇଁ ଭିନ୍ନ ହୋଇବ ॥
ଆଜ୍ଞା ପାଇ ବସୁଧା ଫାଟି ଗଲେ । ସିଂହାସନେ ସୀତାଙ୍କୁ ବସାଇଲେ ॥
ଘେନାଇ ରସାତଳକୁ ଚଳିଲେ । ଦେଖି ରାମ ନେତ୍ରୁ ନୀର ତେଜିଲେ ॥
ଚାହିଁ ଚାହିଁ ଭୂମି ହୁଏ ସମାନ । ଦେଖି ନ ଦେଖିଲ ରାମ ଲୋଚନ ॥

---

୧-ଦେବୀ ଲପନ ପୁସ୍ତକପାଠ । ୨-ଶୁଣିମ·· ଜାଣିମ ପୋଥିପାଠ । ୩-ଶୁଣିମାକ ଋଷି ପୁସ୍ତକପାଠ ।

ଯାନ ମାଏ[୧] ଯିବା ଗୃହ୍ଣି ଦେଖିଲେ । ଅବଶ ହୋଇ ଚେତନା ହାରିଲେ ॥
ବୋଲନ୍ତି କେଣେ ଗଲୁରେ ସୁମୁଖି ! ଭଲ କରି ନ ପାରିଲି ମୁଁ ଦେଖି ॥
ଅଯୋନି ସମ୍ଭୂତା ମୋର ବନିତା । ବିଚ୍ଛେଦ କରାଇଲୁରେ ବିଧାତା ॥
ଏତେ ବୋଲି ପୃଥ୍ୱୀଙ୍କ ଗୃହ୍ଣିଲେ । ବୋଲେ ବଳି କ୍ରୋଧ ମନ ହୋଇଲେ ॥

●

**ରାଗ— ଶଙ୍କରାଭରଣ, ଏକତାଳି**

ପଦ୍ମଲୋଚନ । ପ୍ରିୟା ବଦନ ।
ନ ଦେଖି ଛନ୍ନ । କ୍ଷୁଭିତ ମନ ॥

ବୋଲେ ମଞ୍ଜାରେ । ପ୍ରାଣ ସହାରେ ।
ବଇଦେହୀରେ । ନେଲୁ କାହିଁରେ[୨] ॥

ମୋର କାନ୍ତାରେ । ଭୋର ସୁତାରେ ।
ମୋତେ ଦଅରେ । ଦଣ୍ଡ୍ୟ ନୁହଁରେ ॥

ଯେବେ ନ ଦେବୁ । ରୁଷ୍ଟ କରିବୁ[୩] ।
ଓଲଟାଇବି[୪] । ଶରେ ଦହିବି ॥

ରାମର କ୍ରୋଧ । ଦେଖି ବିବୁଧ ।
ଘେନି ସୁରେଶ । ମର୍ତ୍ତ୍ୟ ପ୍ରବେଶ ॥

ଆସି ବିଧାତା । ହୋଇ ବନିତା[୫] ।
କହେ ବାରତା । ପୃଥ୍ୱୀ ମାତା ॥

କ୍ରୋଧ ସଂହର । କୋପ ନ କର ।
ବୈକୁଣ୍ଠ ପୁରୀ । ଗଲେ ସୁନ୍ଦରୀ ॥

ତୁମ୍ଭର ବାମା । ପ୍ରତ୍ୟକ୍ଷେ ରମା[୬] ।
ଜଳନ୍ତେ ଯିବ[୭] । ତାଙ୍କୁ ଦେଖିବ ॥

କହେ ବଳେଶ । ଶୁଣ ନରେଶ ।
ନାସ୍ତି ଅଦଣ୍ଡ୍ୟ । ତାଙ୍କୁ ନ ଦଣ୍ଡ ॥

---

୧-ଜଗତମାତ ପୋଥିପାଠ । ୨-ଗଲୁ କାହିଁରେ ପୋଥିପାଠ । ୩-ରୁଷ୍ଟ ବହିବୁ ପୋଥିପାଠ । ୪-ଉଲଟାଇବ ପୋଥିପାଠ । ୫-ଦାନତା ପୋଥିପାଠ । ୬-ଅନୁପମାପୁସ୍ତକପାଠ । ୭-ଧବ ପୁସ୍ତକପାଠ ।

ଶୁଣି ହରଷ । ତେଜ ବିରସ ।
ଧାତା କହିଲେ । ବୋଧ ହୋଇଲେ ॥

ଲବକୁଶଙ୍କୁ । ରାଇ ପାଶକୁ ।
କୋଲେ ଧଇଲେ । ହୃଷ୍ଟ ହୋଇଲେ ॥

ଏବେ ମେଲାଣି । ମାଗନ୍ତି ଜାଣି ।
ଯାନ[୧] ପ୍ରବେଶ । ହୋଇ ହରଷ ॥

ସମସ୍ତ ଋଷି । କଲ୍ୟାଣ ଭାଷି ।
ମଠକୁ ଗଲେ । ମେଲାଣି ଦେଲେ ॥

ବାନର ଗଣ । ସର୍ବ ନରେଶ ।
ରାମ ଦେଖିଲେ । ମେଲାଣି ଦେଲେ ॥

ବିଭୀଷଣଙ୍କୁ । ରାଜ ପାଶକୁ ।
ମେଲାଣି ଦେଲେ । ସେ ଲଙ୍କା ଗଲେ ॥

ବିଷ୍ଣୁର ଗଣ । ଯାଗ ମଣ୍ଡଳ ।
ବହୁତ ଧନ । ଦେଲେକ ଦାନ ॥

ତିନ ଭ୍ରାତଙ୍କୁ । ମାତାମାନଙ୍କୁ ।
ନନ୍ଦୀ ସହିତେ । ପୂଜ ପ୍ରୋହିତେ ॥

ଜାହ୍ନୁଜ୍ଞ ବନେ । ରାଜାଧିରାଜେ ।
ଅଯୋଧ୍ୟା ପୁରୀ । ବିଜୟ କରି ॥

ହେମ ପ୍ରତିମା । ହୋଇଲେ ବାମା ।
ନୀତ କରନ୍ତି । ଧନ ହରନ୍ତି ॥

ପ୍ରଜା ପାଳନ୍ତି । ନିଜ ବାଳକ ।
ଭୃତ ପାଳନ୍ତି । ଦୁଷ୍ଟ ମାରନ୍ତି ॥

ନ ପାଇ କ୍ଳେଶ । ପୁଣ ପ୍ରବେଶ ।
ଶ୍ରୀର ପ୍ରୋହିତ । ଋଷି ବହୁତ ॥

---

୧-ଦେବା ପୁସ୍ତକପାଠ ।

ରାମ ଜାଣିଲେ । ପାଞ୍ଚୋଟି ଗଲେ ।
ତାଙ୍କୁ ଆଣିଲେ । ଲେଖ ଶୁଣିଲେ ॥

ବହୁତ ଧନ । ବହୁ ବସନ ।
ବେଭାର କଲେ । ରାମଙ୍କୁ ଦେଲେ ॥

କେକୟ ଦେଶ । ଦେବ ନରେଶ ୧ ।
ଜଣାଇଛନ୍ତି । ଶୁଣ ନୃପତି ॥

ସିନ୍ଧୁ ନଦୀର । ବେନି କୂଳର ।
ବହୁତ ଦେଶ । ଅଛୁ ବିଶେଷ ॥

ତ୍ରିଶାଯୁ କୋଟି । ଗନ୍ଧର୍ବ ଘୋଟି ।
ତହିଁ ଅଛନ୍ତି । ରାଜ୍ୟ କରନ୍ତି ॥

ତାଙ୍କୁ ସଂହାର । ହେ ନୃପବର ।
ରାଜ୍ୟ ତୁମ୍ଭର । ହେଉ ବିସ୍ତାର ॥

ଭରତଙ୍କୁ ପେଷ । ନୋହିଲେ ଆସ ।
ଯାହା ହୋଇବା । ତାଙ୍କୁ ମାରିବା ॥

ମାମୁଁ ବଚନ । ଶୁଣି ରାଜନ ।
ତୁଷ୍ଟ ହୋଇଲେ । ହେଉ ୨ ବୋଇଲେ ।

ଭରତଙ୍କୁ ପାଶ । ରାଇ ନରେଶ ।
ସବୁ କହିଲେ । ଯାଅ ବୋଇଲେ ॥

ଗନ୍ଧର୍ବ ନାଶ । କଯାର ପାଶ ।
ତହିଁର ଦେଶ । ବସାଇ ଆସ ॥

କୁମର ବେନି । ସଙ୍ଗରେ ଘେନି ।
ସେ ବେନି ଦେଶ । କର ନରେଶ ୩ ॥

ଶ୍ରୀରାମ ବାଣୀ । ଭରତ ଶୁଣି ।
ପାଦେ ପଡ଼ିଲେ । ମେଲାଣି ହେଲେ ॥

---

୧-ଦୂତ ପ୍ରବେଶ ପୋଥିପାଠ । ୨-ସେହୁ ବୋଇଲେ ପୋଥିପାଠ । ୩-ସେହୁ ପୁରର ନରେନ୍ଦ୍ର କର ପୋଥିପାଠ ।

ସୈନ୍ୟ ସହିତେ । ଯେନ ପ୍ରୀତିରେ ।
ବାହାର ହୁଏ । ଘର ବନଯେ ॥

ଭଣ ଅବସେ । ହେଲେ ସେ ଦେଶେ ।
ଗନ୍ଧର୍ବ ଦଳ । ସଙ୍ଗରେ ମେଳ ॥

ଯାହାଂ ମାତୁଳ । ସେନାଣ ବଳ ।
ଯୁଦ୍ଧ ଘୋରେଲ । ନାହିଁ ସେଗୌଲ ॥

ଯଜ୍ଞ ଶୋଣିତ[1] । ହେଲା ସରିତ ।
ଶବ ବହୁତ । ଜଳଜ[3] ନୃତ୍ୟ ॥

ଭାଲ ଖଣ୍ଡରେ । ଶଣ୍ଡ ଶଣ୍ଡରେ ।
ମଲେ ଗନ୍ଧର୍ବେ । ଭରତେ ସର୍ବେ ॥

ଭୁଜ ହାତରେ । ଖଣ୍ଡ ମାତରେ[4] ।
ମଲେ ସିଂକୋଟି । ଭୂମିରେ ଲୋଟି ॥

ସେ ଦେନ ଦେଶେ । ରହି ବରଷେ ।
ପୁତ୍ର ତକ୍ଷକ । କଲେ ରକ୍ଷକ ॥

ଶୀନ କୁମର । ନାମ ପୁଷ୍କର ।
ଦେବ ଦେଶରେ । ଦେବ କୁମରେ ॥

କହିଲେ ନୃପତି । ଭୁଞ୍ଜ ବିଭୂତି ।
ସୁଜନ ଶ୍ରେଷ୍ଠ । ମାଇଲେ ଦୁଷ୍ଟ ॥

କୈକେୟୀ ସୁତ । ରଞ୍ଜଣ ଯୁକ୍ତ ।
ବାହୁଡ଼ି ଆସେ । ଅଯୋଧ୍ୟା ବାସେ[5] ॥

ଦର୍ଶନ କଲେ । ବନ୍ଧୁ ଭେଟିଲେ ।
ଶୁଣି ହରଷ । ରାମ ନରେଶ ॥

ରାମ ଚରଣ । କୀର୍ତ୍ତି ଅରୁଣ ।
ବାଣୀ ଶରଣ । ଭବ ତରଣ ॥

●

୧-ଆହା ପୋଥିପାଠ । ୨-ଶ୍ରୋଣିତ ପୋଥିପାଠ । ୩-କୋବନ୍ଧ ପୋଥିପାଠ ।
୪-ଖଣ୍ଡ ସାଥରେ ପୁସ୍ତକ ପାଠ । ୫-ଅଯୋଧ୍ୟା ଦେଶେ ପୋଥିପାଠ ।

## ରାଗ—**ମଙ୍ଗଳଗୁଜ୍ଜରୀ**

ରାମ ଆଜ୍ଞା ଦେଲେ ଆହେ ଶୁଣ ସଉମିତ୍ରେ ।
ମହା ବଳିଷ୍ଠ ଅଟନ୍ତି ତୁମ୍ଭ ବେନି ପୁତ୍ରେ ହେ ॥

ଉତ୍ତମ ଦେଶ ଖୋଜିଲେ ୧ କରିବା ରାଜନ ।
ସେ ଦେଶ ଖୋଜି ୨ ତୁମ୍ଭରେ ଜଣାଅ ବହନ ॥

ଶୁଣି ଭରତ ଜଣାଇଲେ ଶିରେ କର ଦେଇ ।
ବେନି ଦେଶ ଅଛୁ ତାହା ଶୁଣ ନୃପସାଇଁ ୩ ॥

ଏକ ରାଜ୍ୟ ନାମର ଅଟଇ କାଲୁପଥ୪ ।
ସେ ଦେଶ ନେବାକୁ ହୋଇ ଅଛୁ ୫ ମନୋରଥ ॥

ଲକ୍ଷ୍ମଣଙ୍କ ଜ୍ୟେଷ୍ଠ ପୁତ୍ର ଅଙ୍ଗଦ କୁମର ।
ସେ ଦେଶରେ ତାହାଙ୍କୁ କରିବା ନୃପବର ॥

ଚନ୍ଦ୍ରକାନ୍ତ୬ ବୋଲଣ ଅଛଇ ଯେଉଁ ଦେଶ ।
ସେ ଦେଶରେ ଚନ୍ଦ୍ରଧ୍ୱଜ ହୋଇବ ନରେଶ ॥

ଶୁଣି ରାମ ଆଜ୍ଞା ଦେଲେ ଏହି ରୂପେ କର ।
ଶୁଣିଣ ଭରତ ଯେ ହୋଇଲେ ତତପର ॥

ଲକ୍ଷ୍ମଣ ସହିତେ ବେନି ପୁତ୍ର ସଙ୍ଗେ ଘେନି ।
ବେନି ଭାଇ ଆରୋହଣ କଲେ ରଥ ବେନି ॥

ଚତୁରଙ୍ଗ ବଳ ତାଙ୍କ ସଙ୍ଗତରେ ଗଲେ ।
ଯେଉଁ ରୂପେ ରାମଚନ୍ଦ୍ର ଆଜ୍ଞା ଦେଇ ଥିଲେ ୭ ॥

ସେ ବେନି କଟକେ ଯାଇ ହେଲେ ପରବେଶ ୮ ।
ବହୁ ଯୁଦ୍ଧ କଲେ ଆସି ସେ ଦେଶ ନରେଶ ॥

---

୧-ଦେଖିଲେ···ପୋଥିପାଠ । ୨-ଦେଶ ବୁଝି ପୋଥିପାଠ । ୩-ଏହି ପଦଟି ପୋଥିରେ ନାହିଁ ୪-କାମପଥ ପୋଥିପାଠ । ୫-ସେ ଦେଶ ଘେନିମାକୁ କରିଛୁ··· ପୋଥିପାଠ । ୬-ଚନ୍ଦ୍ରକାନ୍ତ ପୋଥିପାଠ । ୭-ଶୁଣି ରାମ ଆଜ୍ଞା ଦେଲେ······ ଆଜ୍ଞା ଦେଇଥିଲେ ପର୍ଯ୍ୟନ୍ତ ପାଠ ପୋଥିରେ ନାହିଁ । ୮-ଚନ୍ଦ୍ରକାନ୍ତ ବୋଲଣ ଅଛଇ ଯେଉଁ ଦେଶ ପୋଥିପାଠ ।

ସଂଗ୍ରାମରେ ସେ ବେନ୍ନ ନୃପତି ହେଲେ ହତ ।
ସେ ଦେଶର ରାଜା କଲେ ଲକ୍ଷ୍ମଣଙ୍କ ସୁତ ॥

ନାରଦ ସେ ଅଙ୍ଗଦଙ୍କୁ କଲେ ଅଭିଷେକ ୧ ।
ଚନ୍ଦ୍ରକାନ୍ତ ଦେଶେ ଚନ୍ଦ୍ରଧ୍ୱଜ ଯେ ପାଳକ ॥

ଭୂମି ଜୟ କରି ତହିଁ ବରଷେ ରହିଲେ ।
ବାହୁଡ଼ିଣ ଅଯୋଧ୍ୟାରେ ପ୍ରବେଶ ହୋଇଲେ ॥

ରାମଙ୍କୁ ଦର୍ଶନ କରି ସମସ୍ତ କହିଲେ ।
ଶୁଣିଣ ରାଘବ ବହୁ ହରଷ ହୋଇଲେ ୨ ॥

ଏଥୁ ଅନନ୍ତରେ ତହୁଁ ଗଲା କେତେ ଦିନ ।
ମହାସଭା କରିଛନ୍ତି ଶ୍ରୀରାମ ରାଜନ ହେ ॥

ଭେଟ ହୋଇଛନ୍ତି ମନ୍ତ୍ରୀ ଅମାତ୍ୟ ଗଣ ।
ବେନ୍ନ ପାଶେ ଭେଟ ହେଲେ ଭରତ ଲକ୍ଷ୍ମଣ ହେ ॥

ଆଜ୍ଞା ଦେଲେ ଲକ୍ଷ୍ମଣଙ୍କୁ ଆହେ ସଉମିତେ ।
ଗୁହାରୀ ନ ବୁଝନ୍ତି ଆମ୍ଭର ମନ୍ତ୍ରୀ ପାତେ ହେ ॥

ଗୁହାରୀ କି ଉପଗତ ହେବ ଯେଉଁ ଦିନ ।
ତାହାଙ୍କୁ ଛାମୁକୁ ତୁମ୍ଭେ ଆଣିମ ବହନ ହେ ॥

ହେଉ ଦେବ ବୋଲିଣ ଯୋଡ଼ିଲେ ବେନ୍ନ କର ।
ଗୁହାରିଆ ମାନଙ୍କୁ ଆଣିବ ନୃପବର ହେ ୩ ॥

ନିତ୍ୟ କର୍ମ ସାରି ରାମ ଭିତରକୁ ଗଲେ ।
ବୋଲେ ଋଷି ସମସ୍ତେ ହେ ମେଳଣି ହୋଇଲେ ॥

●

୧-କାର ଦେଶେ ଅଙ୍ଗଦ ହୋଇଲେ ଅଭିଷେକ ପୋଥିପାଠ । ୨-ଏହି ପଦଟି ପୋଥିରେ ନାହିଁ । ୩ ଏଥୁ ଅନନ୍ତରେ···ନୃପବର ହେ ପର୍ଯ୍ୟନ୍ତ ପାଞ୍ଚଟି ପଦ ପୁସ୍ତକରେ ନାହିଁ । ଏହି ପାଠ ଏକାଧିକ ପୋଥିରେ ରହିଛି । ୪-ସୁମନ୍ତ ଆଜ୍ଞା ଦେଇ······ପୋଥିପାଠ ।

ରାଗ—**ଦକ୍ଷିଣ କାମୋଦୀ** ୧

ଲକ୍ଷ୍ମଣ ଆସନ୍ତେ ଶ୍ୱାନ ରହିଛି ଦ୍ୱାରେ ।
ମୂର୍ଦ୍ଧନ ଫାଟି ରୁଧିର ଗଳଇ ଖରେ ॥

ଦେଖିଣ ତାଙ୍କୁ ପୁଚ୍ଛନ୍ତି ସୁମିତ୍ରା ସୁତ ।
କି ଦୋଷେ ୨ କେହୁ ମାଇଲା କହ ତୁ ସତ ॥

ଲକ୍ଷ୍ମଣଙ୍କ ବଚନକୁ ପ୍ରତେ ନ ଗଲା ।
ରାଜାଙ୍କ ଛାମୁରେ ମୁଁ କହିବ ବୋଇଲା ॥

ବାହୁଡ଼ି ଲକ୍ଷ୍ମଣ ସିଂହଦ୍ୱାରୁ ଅଇଲେ ୩ ।
ଏକାନ୍ତରେ ଶ୍ରୀରାମ ଛାମୁରେ କହିଲେ ॥

ସିଂହଦ୍ୱାରେ ଶ୍ୱାନ ଦେବ କରେ ଗୁହାରି ।
ପୁଚ୍ଛିଲେ ସେ ନ କହିଲା ହେ ରାବଣାରି ॥

ବୋଇଲା ରାଜାଙ୍କୁ ଯେବେ ପାଇବି ଭେଟ ।
ତେବେ ଜଣାଇବି ଯେତେ ମୋହର କଷ୍ଟ ॥

ଶୁଣିଣ ଶ୍ରୀରାମ ଶୀଘ୍ର ଉଠି ଅଇଲେ ।
ସିଂହଦ୍ୱାରେ ୪ ଶ୍ୱାନ ଆଗେ ଉଭା ହୋଇଲେ ॥

ଶ୍ରୀରାମଙ୍କୁ ଦେଖି ଶ୍ୱାନ କାନ୍ଦ ଗଡ଼ଇ ।
କରଯୋଡ଼ି ହୋଇଣ ପୁଣ ପୁଣ ପଡ଼ଇ ୫ ॥

ପଚାରନ୍ତି ରାମ ତୋତେ କେହୁ ମାଇଲା ।
କି ଦୋଷ କାହାର କଲୁ ଜାଣି ନୋହିଲା ॥

ଶ୍ୱାନ ବୋଇଲା ଶ୍ରୀଦେବ ମୁଁ ବୁଲୁ ଥାଇ ।
ଯାହା ଯହିଁ ପାଏ ତାହା ଗ୍ରାସ କରଇ ॥

---

୧-ମଙ୍ଗଳ ଗୁର୍ଜ୍ଜରୀ ପୁସ୍ତକ ପାଠ । ୨-ଶିରେ ପୋଥିପାଠ । ୩-ଛନ୍ଦେ ବେଗେ ପୋଥିପାଠ । ୪-ସିଂହଦ୍ୱାରେ...ହୋଇଲେ ପୁସ୍ତକପାଠ । ୫-ପୁଣ ଭୂମିରେ ଗଡ଼ଇ ପୋଥିପାଠ ।

କେବଳ ରାଜ ଦାଣ୍ଡରେ ଥାଏ ମୁଁ ପଡ଼ି ।
ଚେରେ ଯେ ଦେଖିଲେ ୧ ମୋତେ ପକାନ୍ତି ଛୁଡ଼ି ॥

ସନ୍ନ୍ୟାସୀ ଗୋଟିଏ ଦେବ ବୁଲୁ ଯେ ଥିଲ ୨ ।
ହାବୁଡ଼ିଣ ମୋତେ ଦଣ୍ଡ ଘେନ ୩ ପିଟିଲ ॥

ମୋହ ଦୁଃଖେ ମୁହିଁ ଦେବ ଶୋଇଣ ଥିଲି ।
ଆଜ୍ଞା ହେଉ ସନ୍ନ୍ୟାସୀର କି ଦୋଷ କଲି ॥

ଆଜ୍ଞା ଦେଲେ ଭିକ୍ଷୁ ଘେନ ଆସ ଯେ ବେଗେ ।
ଶ୍ୱାନକୁ କପାଇଁ ଦଣ୍ଡେ ପିଟିଲ ରାଗେ ॥

ଆଜ୍ଞା ପ୍ରମାଣେ ଭିକ୍ଷୁକୁ ୩ ଘେନ ଅଇଲେ ।
କମ୍ପା ମାଇଲୁ ଏହାକୁ ରାମ ୪ ବୋଇଲେ ॥

ଭିକ୍ଷୁକ ଜଣେ ମଠୁ ହେଲ ବାହାର ।
ଭିକ୍ଷା କରି ଯାଇଥିଲ ଅନେକ ଦୂର ୫ ॥

ସେ କାଳରେ ପଥେ ଏହୁ ପଡ଼ି ଯେ ଥିଲା ।
ପଥେ ହାବୋଡ଼ନ୍ତେ ମୋର କ୍ରୋଧ ହୋଇଲ ୬ ॥

କ୍ଷୁଧାରେ ମୁଁ ଦଣ୍ଡ ଘେନ କଲି ପ୍ରହାର ।
ଯାହା ଇଚ୍ଛା ତାହା କର କୋଦଣ୍ଡଧର ୭ ॥

ଶୁଣିଣ ଶ୍ରୀରାମ ଶ୍ୱାନ ମୁଖ ଚାହିଁଲେ ।
କି ଦଣ୍ଡ ଏହାକୁ ଦେବା ବୋଲି ବୋଇଲେ ॥

ଶ୍ୱାନ ଜଣାଇଲା ଶିବ ଆଳରେ ଦେବ ।
ତହିଁର ଚରଚ୍ଚ କରି କଷ୍ଟିତେ ଥିବ ॥

ପୂର୍ବେ ଶିବ ଆଳେ ଥିଲା ମୋ ଅଧିକାର ।
କର୍ମରୁ ହେ ପ୍ରଭୁ ଲାଗି ୮ ହେଲି କୁକୁର ॥

---

୧-ଚଢ଼ର୍ଯା ଦେଖିଲେ ପୋଥିପାଠ । ୨-ଆସୁଥିଲା ପୋଥିପାଠ । ୩-ହାବୋଡ଼ା ଦଣ୍ଡ ଘେନ ମୋତେ ସେ···ପୋଥିପାଠ । ୩-ଆଜ୍ଞା ପାଇ ଭିକ୍ଷାସକୁ ··ପୋଥିପାଠ । ୪-ବୋଲୁଣ ବୋଇଲେ ପୋଥିପାଠ । ୫-କେତେ ହେଁ କ ଦୂର ପୋଥିପାଠ । ୬-କ୍ରୋଧ ଉପୁଜିଲା ପୋଥିପାଠ । ୭-ରଘୁବୀର ପୋଥିପାଠ । ୮-ସେ ଦୋଷେ ଯେ ମୁହିଁ ହେବେ···ପୋଥିପାଠ ।

ଶୁଣିଣ ଶ୍ରୀରାମ ହେଉ ବୋଲି ବୋଇଲେ [୧] ।
ଶାଢ଼ୀ ଦେଇ ଗଜ ଚଢ଼ାଇ ବୁଲାଇଲେ ॥

ହରଷିଣ ଜନେ ବୋଲନ୍ତି ଶୁଣ ଗୁହାରି ।
ଏତେ କାଳରେ ହୋଇଲା ଭକ୍ଷୁକ ଶିକ୍ଷା ॥

ଶ୍ରୀରାମ ପାଦ ଯୁଗଳ ରଙ୍ଗ କମଳ ।
ଦୀନ ବଂଶୀ ମତ୍ତ ତହିଁ ହେଉ ଭୃଙ୍ଗଳ ॥

●

## ରାଗ — କଲ୍ୟାଣ ଏକତାଳ

ଭଲ୍ଲୁକ ଗୃଧ୍ର ଗୁହାରି । ଦେବ ଦେଖ ରାବଣାରି ।
ଶୁଣନ୍ତୁ ପ୍ରଭୁ କାହାରି । ବେନି ପକ୍ଷୀଙ୍କ ଗୁହାରି ॥

କୋଦଣ୍ଡ ପାଣି । ପ୍ରଭୁ ହାସ୍ୟ ବଚନ ଶୁଣି ।
ମନ୍ଦେ ହସି ରଘୁମଣି । ଲକ୍ଷ୍ମଣ ପାଶରେ ପାଣି ॥

ପାଦୁକା ଚଢ଼ି ଧରଣୀ । ବିଜେ କଲେ ସେହି କ୍ଷଣି ।
ସିଂହଦ୍ୱାରେ ହେବେ ଉଭା । ଦିଶିଲେ ପରମ ଶୋଭା ॥

ଯେଣୁ ଜୀ ସକଳ ଦେବା । ବିଜୟ କଲେ ମାଧବା ।
ଦେଖି ଦଶରଥ ବାଳ । ନୟନ କଲେ ସଫଳ ॥

କ୍ରୋଧରେ ହୋଇ ଆକୁଳ । ପଡ଼ିଲେ ଧରଣୀ ତଳ ।
ଗୃଧ୍ର କଉଶିକ [୩] ବୃଦ୍ଧି । ଆଜ୍ଞା ଦେଲେ ସୀତା ସାଇଁ ॥

ଗୁହାରି କଲ କିପାଇଁ । ତୁମ୍ଭେ କହ ବୁଝାଇ ।
ଗୃଧ୍ର କହେ ମୋର ଘର । କରିଅଛି ଭଲୁ ପର ॥

ଯେଉଁ ଦିନ ନୃପ ବର । ମନେ ହୋଇଲେ ପ୍ରଚୁର ।
ଭଲ୍ଲୁକ ବୋଲେ ବଚନ । ଭେଦେବ ମୋର ସଦନ ॥

---

୧-ହଉଣ ବୋଇଲେ ପୋଥିପାଠ । ୨-ଭକ୍ଷୁକ ପାଇଲା ରାଜଶିକ୍ଷା ପୋଥିପାଠ ।
୩-ଭଲ୍ଲୁକ ପୋଥିପାଠ । ୪-ମୋର ବଚନ ପୋଥିପାଠ ।

ବୃକ୍ଷମାନେ ଯେଉଁ ସ୍ଥାନେ । ଉପୁଜିଲେ ଏ ଭୁବନେ ।
ମନ୍ତ୍ରୀମାନଙ୍କୁ ପଚାରି । ବୋଲନ୍ତୁ ବୁଝି ଗୁଦାଣ୍ଡ ॥

ଏକଥା ଶୁଣିଲା କାହାରି । କହ ସମସ୍ତେ ବିଚାରି ।
ମନ୍ତ୍ରୀମାନେ ଯୋଡ଼ି କର । ଜଣାଇଲେ ହେ ପ୍ରଭୁବର ॥

ବୃକ୍ଷେ ତ ବୋଲନ୍ତୁ ମୋର । ଶ୍ରୀମୁଖରେ ଅଜ୍ଞା କର ॥
ଶୁଣି ଶ୍ରୀରାମ ହସିଲେ । ଗୃଧ୍ର ଡାକିଲ ବୋଇଲେ ॥

ବୃକ୍ଷ ମାନ ଆଗ ଥିଲେ । ପଛେ ସେମାନେ ତ ହେଲେ ।
ଉଲ୍ଲୁକ ଘର ପାଇଲ । ଆକାଶ ବାଣୀ ହୋଇଲା ॥

ଗୃଧ୍ରକୁ ଦଣ୍ଡ ନୋହିଲା । ପାପରୁ ମୁକତ ହେଲା ।
ରାମଙ୍କୁ କଲେ ଦର୍ଶନ ୧ । ଅବେହ ଆକାଶ ଯାନ ॥

ସ୍ୱର୍ଗକୁ ୨ କଲା ଗମନ । ରାମ ପାଦେ ଭକ୍ତି ମନ ॥

ରାଗ- ଚୋଖି

ଶ୍ରୀରାମ ଚନ୍ଦ୍ର ରାଜନ    କରନ୍ତେ ସ୍ଥାନେ ଅସ୍ଥାନ
ବଶିଷ୍ଠ ଋଷି ଜାବାଲି କଶ୍ୟପ ଯେନ ।
ସୁମନ ସୁନ୍ଦର ଶାନ    ଶୁଭଦ୍ର ଭଦ୍ର ପ୍ରସନ୍ନ
ଉଭା ହୋଇଛନ୍ତି ଯୋଡ଼ିଣ କର ବେନ ୩ ।
ଏହି କାଳରେ କାଳ ଦୂତ,
ସିଂହଦ୍ୱାରେ ପ୍ରବେଶ ହୋଇଲା ତୁରିତ ୪ ॥

ଦ୍ୱାରୀଙ୍କି କହେ ବଚନ    ଜଣାଅ ରାମ ରାଜନ
ବୋଲିବ ମହାମୁନିଙ୍କ ପ୍ରଭୁର ଦୂତ ।
ଆସି ଅଛନ୍ତି ୫ ଉଦନ୍ତ    କହିବ ସର୍ବ ବୃତ୍ତାନ୍ତ
ଦର୍ଶନ କର ପ୍ରଭୁଙ୍କ ଯିବ ତୁରିତ ।
ଏହା ଶୁଣି ସେ ଦ୍ୱାରପାଳ ।
ଜଣାଇଲା ରାମଙ୍କ ଆସ୍ଥାନ ତଳ ॥

---

୧-ଦର୍ଶନ ପୋଥିପାଠ । ୨-ଘରକୁ କଲା···ପୋଥିପାଠ । ୩-ଯୋଡ଼ି କରନ୍ତି ବେନ ପୋଥିପାଠ । ୪-ତ୍ୱରିତ ପୁସ୍ତକପାଠ । ୫-ଆସିଣ ଅଛୁ ପୋଥିପାଠ ।

ଆଜ୍ଞା ଦେଲେ ଘେନି ଆସ      ଦୂତକୁ ଆମ୍ଭର ପାଶ

କେଉଁ ଋଷିଠାରୁ ଆସିଛନ୍ତି ଜାଣିବା

କେଉଁ କାରଣେ ଉଦନ୍ତ      ହୋଇଛନ୍ତି ତପୋବନ୍ତ

ନିର୍ଣ୍ଣୟ କରିଣ ତାଙ୍କ ମୁଖୁଁ ଶୁଣିବା

ଆଜ୍ଞା ପାଇ ଦୂତକୁ ଦେଲେ,

ଶ୍ରୀରାମ ଛାମୁରେ ନେଇ ୧ ତୁରିତେ କଲେ ॥

କାଳଦୂତ କହେ ବାଣୀ      ଶୁଣ ଦେବ ରଘୁମଣି

କହିବି ମୋ ସଙ୍ଗେ ତୁମ୍ଭେ କଲେ ନିର୍ବନ୍ଧ ।

ଏ ସ୍ଥାନ ହେଲେ ନିର୍ଜନ ୨      କହିବି ତାଙ୍କ ବଚନ

ସେ ସମୟେ ଯେ ଆସିବ କରିବ ବଧ ।

ଶୁଣି ରାମ ନିର୍ବନ୍ଧ କଲେ ।

ଯେ ଆସିବ ନିଶ୍ଚେ ବଧ ହେବ ବୋଇଲେ ॥

ପାଶକୁ ଲକ୍ଷ୍ମଣ ଭାଇ      ଆଜ୍ଞା ଦେଲେ ରଘୁ ସାଇଁ ୩

ଦୁଆରେ ରହି କାହାକୁ ଛାଡ଼ି ନ ଦେବ ।

ଛାମୁରେ କେହି ନ ଥିବେ      କେହି ଆଉ ନ ଆସିବେ

ଯେହୁ ଆସିବେ ସେ ନିଶ୍ଚେ ବଧ ହୋଇବ ।

ଆଜ୍ଞା ପାଇ ବୀର ଲକ୍ଷ୍ମଣ ।

ଜନ ନିରୋଧିଲେ ୪ ଦ୍ୱାରେ ରହି ଆପଣ ॥

ଦୂତକୁ ଘେନି ଏକାନ୍ତ      ହୁଅନ୍ତେ ଜାନକୀ କାନ୍ତ

ଦୂତ କହିଲା ପେଷିଲେ କମଳାସନ ।

କରିଛନ୍ତି ବହୁ ସ୍ତବ      ତୁମ୍ଭେ ଅଟ ଦେବ ଦେବ

ମହୀରେ ବିଜେ କରିବ କେତେହେଁ ଦିନ ।

ବଇକୁଣ୍ଠ ହୋଇଛି ଶୂନ୍ୟ ।

ଏଗାର ସହସ୍ର ବରଷ ହେଲା ସମ୍ପୂର୍ଣ୍ଣ ୫ ॥

ମୁହିଁ କାଳ ହୋଇ ୬ ଦୂତ      ଛାମୁରେ କହୁଛି ସତ

ବୈକୁଣ୍ଠକୁ ଏବେ ଦେବ ବିଜୟ କର ।

ରାବଣ ହୋଇଲା ହତ      ଦୁଷ୍ଟଙ୍କୁ କଲ ନିପାତ

ରାମ ଅବତାର ଶେଷ ହେଲା ତୁମ୍ଭର ।

ଶୁଣି ରାମ ଦୂତ ବଚନ ।

ଆଜ୍ଞା ଦେଲେ ଯିବି ବଇକୁଣ୍ଠ ଭୁବନ ॥

---

୧-ଶ୍ରୀରାମ ଛାମୁରେ ତାଙ୍କୁ ପୋଥିପାଠ । ୨-ସମସ୍ତେହେଁ ବେନିଜନ ପୋଥିପାଠ । ୩-ସୀତାସାଇଁ ପୋଥିପାଠ । ୪-ଜନନୀ ରୋଧିଲେ ପୋଥିପାଠ । ୫-ଏ ସନ୍ଦେଶ ଶ୍ରବଣ ହୋଇଲା ସମ୍ପୂର୍ଣ୍ଣ ପୁସ୍ତକପାଠ । ୬-ଏମନ୍ତେ ପୋଥିପାଠ ।

ଏକାଳେ ଦୁର୍ବାସା ଋଷି — ସିଂହ ଦ୍ୱାରେ ହେଲେ ଆସି
ଲକ୍ଷ୍ମଣଙ୍କୁ ଗୃହିଁ ବୋଇଲେ ବଚନ ।
ଦେଖାଅ ରାମ ରାଜନ — କରିବୁ ଆମ୍ଭେ ଦର୍ଶନ[1]
ନ ଦେଖିଲେ ଦହିବୁ ତୁମ୍ଭର ଭୁବନ ।
ତାହା ଶୁଣି ସୁମିତ୍ରା ସୁତ ।
ବୋଲନ୍ତି ଯାହା ମାଗିବ ଦେବା ତୁରିତ ॥

ଦର୍ଶନକୁ ଯାହା କାମ — ମୁହିଁ ଶ୍ରୀ ମାଧବ ରାମ
ଠାକୁରଙ୍କ ଛାମୁକୁ ମୁଁ ଘେନାଇ ଦିବ ।
ନୋହିଲେ କିସ ବୃତ୍ତାନ୍ତ — କହ ମୋତେ ତପୋଧନ
ଯାହା ଇଚ୍ଛା କର ତାହା ତୁରିତେ ଦେବ ।
ଶୁଣି ମୁନି ବୋଲେ ବଚନ ।
ରାମ ନ ଦେଖିଲେ ମୁଁ ଦହିବି ଭୁବନ ॥

ଲକ୍ଷ୍ମଣ କଲେ ବିଚାର[2] — ମହାକ୍ରୋଧୀ ମୁନିବର
ଏହା କ୍ରୋଧେ ସମସ୍ତେ ଯେ ହୋଇବେ ନାଶ
ମୁଁ ଏବେ ଛାମୁକୁ ଯିବ — ମୁନି କ୍ରୋଧ ନଶାଇବ
ଏକାମାତ୍ର ମୁହିଁ ଯିବା ହେବ ବିନାଶ ।
ଏହା ମନେ କରି ବିଚାର ।
ଦୁର୍ବାସାଙ୍କୁ[3] ରଖି ମେଲ୍ହି ଗଲେ ଭିତର ॥

କଥା ହୋଇନ୍ତେ ବେନି ଜଣ — ସେ କାଳେ ମିଳିଲେ[4] ଲକ୍ଷ୍ମଣ
ଲକ୍ଷ୍ମଣଙ୍କୁ ଦେଖି ରାମ ହେଲେ ଚକିତ ।
କହନ୍ତି କି କାର୍ଯ୍ୟ କହ — କାଳ ତ ଅଛି ଦୁଃସହ
ଆଜ୍ଞା ଭଙ୍ଗି ଛାମୁକୁ ଆଇଲ ତୁରିତ ।
ଶୁଣି ଜଣାଇଲେ ସାନୁଜ ।
ଦୁର୍ବାସା କୋପରେ କରୁଛନ୍ତି ଦହନ ॥

ଦୂତକୁ ମେଲାଣି ଦେଲେ[5] — ମୁନି ସଙ୍ଗେ ଭେଟ ହେଲେ
ଦୁର୍ବାସା ବୋଲନ୍ତି ଶୁଣ ରାମ ରାଜନ ।
ତପ କଲୁ ବହୁଦିନ — ଅନ୍ନ ନ କଲୁ ଅଶନ
ଏବେ ତୁମ୍ଭ ନଗରେ କରିବୁ ଭୋଜନ ।
ଶୁଣି ରାମ ଆନନ୍ଦ ହେଲେ ।
ଷଡ଼ ରସରେ ଭୋଜନ ମୁନିଙ୍କି ଦେଲେ ॥

---

୧-ଦ୍ରଶନ ପୋଥିପାଠ । ୨-ମନେ ବିଚାର ପୋଥିପାଠ । ୩-ଦୁର୍ବାସା ପୋଥିପାଠ ।
୪-ସେ କାଳେ ହେଲେ ପୋଥିପାଠ । ୫-ମେଲାଣି କଲେ ପୋଥିପାଠ ।

ଏକାଳେ ଦୁର୍ବାସା ଋଷି  ସିଂହ ଦ୍ୱାରେ ହେଲେ ପ୍ରାପ୍ତି
ଲକ୍ଷ୍ମଣଙ୍କୁ ଗୃହିତ ବୋଇଲେ ବଚନ ।
ଦେଖାଅ ରାମ ରାଜନ  ଝଟକୁ ଅମ୍ଭେ ଦର୍ଶନ୧
ନ ଦେଖିଲେ ଦହିବୁ ତୁମ୍ଭର ଭୁବନ ।
ତାହା ଶୁଣି ସୁମିତ୍ରା ସୁତ ।
ବୋଲନ୍ତି ଯାହା ମାଗିବ ଦେବା ତୁରିତ ॥

ଦର୍ଶନକୁ ଯାହା କହ  ମୁହୂର୍ତ୍ତେ ମାଧବ ରହ
ଠାକୁରଙ୍କ ତୁମ୍ଭକୁ ମୁଁ ଘେନାଇ ଦିବ ।
ନୋହିଲେ କାମ ବୃତ୍ତାନ୍ତ  କହ ମୋତେ ତପୋବନ୍ତ
ଯାହା ଇଚ୍ଛା କର ତାହା ତୁରିତେ ଦେବ ।
ଶୁଣି ମୁନି ବୋଲେ ବଚନ ।
ରାମ ନ ଦେଖିଲେ ମୁଁ ଦହିବି ଭୁବନ ॥

ଲକ୍ଷ୍ମଣ ଜାଣିଲେ ବିଚାରି୨  ମହାକ୍ରୋଧୀ ମୁନିବର
ଏହାଙ୍କ କୋପେ ସମସ୍ତେ ଯେ ହୋଇବେ ନାଶ
ମୁଁ ଏବେ ତୁମ୍ଭକୁ ଦିବ  ମୁନି କୋପ ଜଣାଇବ
ଏକାମାତ୍ର ମୁହିଁ ଯିବା ହେବ ବିନାଶ ।
ଏହା ମନେ କରି ବିଚାରି ।
ଦୁର୍ବାସାଙ୍କୁ୩ ଋଷି ଘେନି ଗଲେ ଭିତର ॥

କଥା ହୋଉଛନ୍ତି ବେନି ଜଣ  ସେ କାଳେ ମିଳି୪ ଲକ୍ଷ୍ମଣ
ଲକ୍ଷ୍ମଣଙ୍କୁ ଦେଖି ରାମ ହେଲେ ଚକିତ ।
କହନ୍ତି କି କାର୍ଯ୍ୟ କହ  କାଲ ତ ଅଛି ଦୁଃସହ
ଆଜ୍ଞା ଭାଙ୍ଗି ତୁମ୍ଭକୁ ଆଇଲ ତୁରିତ ।
ଶୁଣି କହାଇଲେ ସାନୁଜ ।
ଦୁର୍ବାସା କୋପରେ କରୁଛନ୍ତି ଦହନ ॥

ଦୂତକୁ ମେଲାଣି ଦେଲେ୫  ମୁନି ସଙ୍ଗେ ଭେଟ ହେଲେ
ଦୁର୍ବାସା ବୋଲନ୍ତି ଶୁଣ ରାମ ରାଜନ ।
ତପ କଲୁ ବହୁଦିନ  ଅନ୍ନ ନ କଲୁ ଅଶନ
ଏବେ ତୁମ୍ଭ ନଗରେ କରିବୁ ଭୋଜନ ।
ଶୁଣି ରାମ ଆନନ୍ଦ ହେଲେ ।
ଷଡ଼ ରସରେ ଭୋଜନ ମୁନିଙ୍କି ଦେଲେ ॥

---

୧-ଦ୍ରଶନ ପୋଥିପାଠ । ୨-ମନେ ବିଚାରି ପୋଥିପାଠ । ୩-ଦୁର୍ବାସା ପୋଥିପାଠ ।
୪-ସେ କାଳେ ହେଲେ ପୋଥିପାଠ । ୫-ମେଲାଣି କଲେ ପୋଥିପାଠ ।

ଦ୍ୱିଜଜନେ ହୋଇ ତୃପତ୍ତ[୧] କଲ୍ୟାଣ କରଣ ଯତ୍ତ
ମେଲାଣି ହୋଇଣ ନିଜ ଆଶ୍ରମେ ଗଲେ ।
ରାମ ହୋଇ ଛନ୍ନ ଛନ୍ନ ନିରତେ ବିକଳ ମନ
ଶ୍ରୀମୁଖ ମସ୍ତକ କର ଅଶ୍ରୁ ମୁଞ୍ଛିଲେ ।
ଏହା ଦେଖି ସୁମିତ୍ରା ସୁତ ।
ଜଣାଇଲେ ମୋତେ ବଧ କର ତୁରିତ ॥

ଲକ୍ଷ୍ମଣ ବଚନ ଶୁଣି ଆଜ୍ଞା ଦେଲେ ରଘୁମଣି
ଆହେ ଗୁରୁ ବଶିଷ୍ଠ ଜାବାଲି କଶ୍ୟପ ।
କରିଣ ଥିଲୁ ନିର୍ବନ୍ଧ ଯେ ଆସିବ ହେବ ବଧ
ଏବେ ସତ୍ୟ ଭଙ୍ଗ ହେଲୁ[୨] ଲାଗିଲା ପାପ ।
ଲକ୍ଷ୍ମଣ ଆମ୍ଭର ଅବଧ୍ୟ ।
ବଧ କେମନ୍ତେ କରିବୁ ହୋଇଛୁ କ୍ରୋଧ ॥

ଏମନ୍ତ ଶୁଣି ବଶିଷ୍ଠ ବୋଲନ୍ତି ହେ ନୃପ ଶ୍ରେଷ୍ଠ
ଆଜ୍ଞା ଭ୍ରଷ୍ଟ ନୃପ ହେଲେ ହୁଅନ୍ତି ନଷ୍ଟ ।
ସୁକୃତ ହୁଏ ବିନାଶ ନାଶ ଯାନ୍ତି ସର୍ବ ଯଶ
ବଧରୁ ତ୍ୟାଗ ଅଟଇ ସକଳ ଶ୍ରେଷ୍ଠ ।
ଏହା ଶୁଣି ରାମ ନୃପତ୍ତି,[୩]
ବୋଲେ ବଶି ଲକ୍ଷ୍ମଣଙ୍କୁ ଚାହିଁ ବୋଲନ୍ତି ॥

●

ରାଗ— ବରାଡ଼ି ବସନ୍ତ ବାଣୀ[୪]

ଆହେ ସଉମିତ୍ରି ଶୁଣ ଅଯୋଧ୍ୟାରୁ ଏହି କ୍ଷଣ
ବାହାର ହୋଇଣ ତୁମ୍ଭେ ଯାଅ ।
ଆମ୍ଭେ ତୁମ୍ଭଙ୍କୁ ତେଜିଲୁ ସୁକୃତକୁ ଭୟ କଲୁ
ପ୍ରାଣ ଘେନି ଯହିଁ ତହିଁ ଥାଅ ହେ ।
ସଉମିତ୍ରି !
ବଧକୁ ନୁହଁ ତୁମ୍ଭେ ଭାଜନ ।
ବନେ ସେବା କଲ ଯେତେ ତାହା ମୁଁ କହିବ କେତେ
ମଲାଗଲା ଅଟଇ[୫] ସମାନ ହେ ॥

---

୧-ନିଷ୍ଠିତ ପୋଥିପାଠ । ୨-ଆଜ୍ଞାଭଗ୍ନ ହେଲୁ ଏବେ ପୋଥିପାଠ । ୩-ବଧରୁ ତ୍ୟାଗ କରିବା ଅଟଇ ଶ୍ରେଷ୍ଠ ପୋଥିପାଠ । ୪-ପଞ୍ଚମ ବରାଡ଼ି ପୋଥିପାଠ । ୫-ମଲାଗଲା ଦୁହେଁ ତ·····ପୁସ୍ତକପାଠ ।

ଆମ୍ଭେ ପ୍ରତିଜ୍ଞା କରିଛୁ          ମାରିବୁ ବୋଲି ବୋଲିଛୁ
ତାହା ଆଜ ଯେବେ ନ କରିବା ।
ହୋଇବ ସୁକୃତ ଭଙ୍ଗ          ନରକେ ପଡ଼ିବ ଅଙ୍ଗ
ଆଜ୍ଞା ଭ୍ରଷ୍ଟ ନୃପ ବୋଲାଇବା ।
ହେ ସଉମିତ୍ରି !
ତୁମ୍ଭେ ଜାଣ ସବୁ ବ୍ୟବହାର ।
ତୁମ୍ଭଙ୍କୁ ମୁଁ କି କହିବି          ତୁମ୍ଭ ମୁଖ ନ ଦେଖିବି
ତୁମ୍ଭ ମନକୁ ତୁମ୍ଭେ ବିଚାର ହେ[୧] ॥

ଶ୍ରୀମୁଖ ନିଷ୍ଠୁର ବାଣୀ          ଲକ୍ଷ୍ମଣ ଶ୍ରବଣେ ଶୁଣି
ପଞ୍ଚଘୁଞ୍ଚା ଦେଇ ପଛ ହେଲେ ।
ଶିରେ ଦେଲେ ବେନି ପାଣି          ଗୁମ୍ଫରୁ ହୋଇ ମେଲାଣି
ଆଉ ତାଙ୍କ ପୁରକୁ ନ ଗଲେ ସେ ।
ସଉମିତ୍ରି ।
ସରଜୁତଟ ନିକଟେ ହେଲେ ।
ରାମନ୍ତେ[୨] ନଦୀ ଭିତରେ          ଆକାଶେ ରହି ଅମରେ
କୁସୁମମାନଙ୍କୁ ବୃଷ୍ଟି କଲେ ସେ[୩] ॥

ସୁନାସୀର ବେଦବର          ବିମାନ ଘେନି ସଙ୍ଗର
ଲକ୍ଷ୍ମଣଙ୍କେ ଗୁମ୍ଫରେ ପ୍ରବେଶ ।
କରଯୋଡ଼ି ସ୍ତବ କଲେ[୪]          ବିମାନରେ ବସାଇଲେ
ବୋଇଲେ ସ୍ୱର୍ଗରେ କର ବାସ ହେ ।
ସଉମିତ୍ରି !
ରାମ ସଙ୍ଗେ ବୈକୁଣ୍ଠ ଯିବ ।
ଏତେ କହି ଶୁନ୍ୟେ[୫] ନେଲେ          କେହି ତାଙ୍କୁ ନ ଦେଖିଲେ
ବୋଲେ ବଣି ରଖ ସୀତା ଧବ ହେ ॥

●

---

୧-ହେ ସଉମିତ୍ରି……ତୁମ୍ଭେ ବିଚାର ହେ ପାଠ ପୋଥିରେ ନାହିଁ । ୨-ପଶନ୍ତେ ପୋଥିପାଠ । ୩-ଆକାଶେ ସମସ୍ତେ ମିଳି ପୁଷ୍ପ କଲେକ ଆଞ୍ଜୋଳି କୁସୁମ ବୃଷ୍ଟି କଲେ ପୋଥିପାଠ । ୪-ଜଣାଇଲେ ପୋଥିପାଠ । ୫-ଶୂନେଗଲେ ପୋଥିପାଠ ।

## ରାଗ- କୁସୁମ ସୌରଭ ୧

ଶୁଣ ସୁଜନେ ରାମ ଚରିତ ରସ ।
ଦିନକୁ ଦିନ ରାମଚନ୍ଦ୍ର ବିରସ ॥

ଅଶନ ବସନ ହିଁ ମଣିଲେ ବିଷ ।
କୃଷ୍ଣପକ୍ଷର ଶଶୀ ଯେସନେ ଶେଷ ॥

ବୋଲେ ଶ୍ରୀରାମ କଷ୍ଟେ ଆମ୍ଭେ ଯିବୁ ବନ ।
ସଦନରେ ରହିବାକୁ କ୍ଷଣହେଁ ନୁହେଁ ମନ ॥

ଲକ୍ଷ୍ମଣ ଚଲ ଦିନୁ ରାଜୀବ ନେତ୍ର ।
ଦିନକୁ ଦିନ କ୍ଷୀଣ ହୋଇଲା ଗାତ୍ର ॥

ସଜଳ ଜଳରୁହ ୨ ପାୟେ ଲୋଚନ ।
ମର୍କତ-ଜିତ କାନ୍ତି ଦିଶେ ବିବର୍ଣ୍ଣ ॥

କେତେବେଳେ ବୋଲନ୍ତି ହା ହା ଲକ୍ଷ୍ମଣ ଜାନକୀ ।
ଦଇବ ବସିଣ ଏହା ପାଞ୍ଚିଥିଲା ନାକ ॥

ବଶିଷ୍ଠ ବାମଦେବ କଶ୍ୟପ ରାଇ ।
ସୁମନ୍ତ ମନ୍ତ୍ରୀ ଗୁମୁକୁ ହକାରଇ ॥

ଆଜ୍ଞାଦେଲେ ଭରତକୁ କର ନୃପତି ।
ଶୁଣିଣ ଭରତ ଛୁଇଁଲେ ଭୂମି ଶ୍ରୁତି ॥

ଲବ କୁଶଙ୍କୁ ଦେବ କରିବ ଅଭିଷେକ ।
ରାଜାକୁ ଯୋଗ୍ୟ ନୁହେ ମୁଁ ତୁମ୍ଭ ସେବକ ॥

ବନକୁ ଯେବେ ଯିବ ସଙ୍ଗରେ ଯିବି ।
ଲକ୍ଷ୍ମଣ ପ୍ରାୟେ ସେବା କରୁଣ ଥିବି ॥

ସଙ୍ଗେ ଯିବାକୁ ଯେବେ ହେଲି ଅଯୋଗ୍ୟ ।
କେହ୍ନେ ମହୀପାଳ ମୁଁ ହୁଅନ୍ତି ଯୋଗ୍ୟ ॥

---

୧-କୁସୁମ ସୌରଭ ଚଳଢଣା ବୃତ୍ତେ ପୋଥିପାଠ । ୨-ଜଳରୁହ = ପଦ୍ମ । ସଜଳଭଜଳ ପୋଥିପାଠ । ୩-ହୁଅ ନୃପତି ପୁସ୍ତକପାଠ । ୪-କେସନେ ମହୀପାଳ ହେବାକୁ ପୋଥିପାଠ ।

ଦୂତ ମୁଖରୁ ଶୁଣି ଲବ କୁଶ ଅଣାଇଲେ ୧ ।
ବେନି ପୁତ୍ରଙ୍କୁ ବେନି ଦେଶ ୨ ବାଣ୍ଟି ଦେଲେ ॥

କୁଶ କୁମରଙ୍କୁ ଅଭିଷେକ କଲେ ।
ଦକ୍ଷିଣ କୋଶଳରେ ସେ ନୃପ ହେଲେ ॥

ଲବଙ୍କୁ ହିଁ ଉତ୍ତର କୋଶଳ ଦେଲେ ।
ଅଭିଷେକ ହୋଇ ତହିଁ ସେ ନୃପ ହେଲେ ॥

ଭଣ୍ଡାର ଆଦ୍ୟମାନ ବାଣ୍ଟି କରି ଦେଲେ ।
ସ୍ୱଧନ ଅଶ୍ୱଗଜ ବାଣ୍ଟି କରି ଦେଲେ ॥

ଶତ୍ରୁଘନ ପାଶକୁ ପେଷିଲେ ଦୂତ ।
ମଧୁ ନଗରେ ୩ ଦୂତ ହେଲା ଉପଗତ ।

କହିଲେ ରାମ ବନ ଯିବା ବାରତା ।
ଲକ୍ଷ୍ମଣ ତ୍ୟାଗ ଆଦି ସମସ୍ତ କଥା ୪ ॥

ତୁମ୍ଭ ଯିବା ନିମନ୍ତେ ଆଜ୍ଞା ଦେଲେ ରାଘବ ,
ତୁମ୍ଭେ ବିଳମ୍ବ ହେବ ବିଳମ୍ବ ନୋହିବ ॥

ଶୁଣି ସୁମିତ୍ରା ସୁତ ରାଜ ପୁରୋହିତ ।
ସମସ୍ତ କହିଣ ସମର୍ପିଲେ ସୁତ ॥

ସୁବାହୁଙ୍କୁ ମଥୁରା ନୃପତି କଲେ ।
ଶତ୍ରୁଘାତି ବୈଧବ ୫ ନଗର ଦେଲେ ॥

ବେନି କୁମର ବେନି ଦେଶେ ଅଭିଷେକ ।
ରଥ ଚଢ଼ି ଆଇଲେ ଅଯୋଧ୍ୟା କଟକ ॥

ଶତ୍ରୁଘନ ରାମଙ୍କୁ ଦର୍ଶନ ୬ କଲେ ।
ପୁତ୍ରଙ୍କୁ ରାଜା କରିବାର ବୋଇଲେ ॥

---

୧-ଲବ ଅଣାଇଲେ ପୋଥିପାଠ । ୨-ବେନିଭାଗ ପୋଥିପାଠ । ୩-ନଗରେ ଦୂତ ପୁସ୍ତକପାଠ । ୪-ସକଳ ବେବସ୍ଥା ପୋଥିପାଠ । ୫-ବଇଧ ପୋଥିପାଠ । କିନ୍ତୁ ଏଠାରେ ବଦର୍ଭ ହୋଇପାରେ । ୬-ନମସ୍କାର ପୋଥିପାଠ ।

ତୁମ୍ଭ ସଙ୍ଗରେ ଦେବ ଯିବାକୁ ଇଚ୍ଛା ।
ଅଛଇ ରାମଙ୍କୁ କହି ଏହା ବାଞ୍ଛା ୧ ॥

ଶୁଣି ରାମଚନ୍ଦ୍ର ନେବାକୁ ସ୍ୱୀକାର କଲେ ।
ଏହି ସମୟରେ ବଶିଷ୍ଠ ଜଣାଇଲେ ॥

ଅଯୋଧ୍ୟା ଜନେ କେବ ବଞ୍ଚ ବିକଳ ୨ ।
ପଡ଼ି ଅଛନ୍ତି ଶୋକେ ଧରଣୀତଳ ॥

ବୋଲନ୍ତି ଆମ୍ଭେ ରାଜା ସଙ୍ଗତେ ଯିବୁ ୩ ।
ଅଯୋଧ୍ୟାରେ ଆଉ ଆମ୍ଭେ କାହାକୁ ଦେଖିବୁଁ ॥

ଶୁଣି ରାମ ତାଙ୍କୁ ନେବାକୁ କଲେ ସନମତି ।
ତୁଷ୍ଟ ହୋଇଲେ ପୁରହ ଲୋକ ସମସ୍ତ ॥

ସୁଗ୍ରୀବ ଜାମ୍ବବ ହନୁ ଆଦି ସକଳ ।
ରାମ ବିଚ୍ଛେଦ ଶୁଣି ହୋଇଲେ ବିକଳ ॥

ଅଙ୍ଗଦଙ୍କୁ କିଷ୍କିନ୍ଧ୍ୟାରେ କଲେ ରାଜନ ।
ସମସ୍ତେ ହେଁ ଥଇଲେ ୪ ଅଯୋଧ୍ୟା ଭୁବନ ॥

ବିଭୀଷଣ ଅସୁରଗଣ ଘେନି ଥଇଲେ ।
ବୋଲେ କଶି ଯତ୍ନ ବାରତା ପାଇଲେ ହେ ॥

ରାଗ—ମଙ୍ଗଳ ୫

ଶ୍ରୀରାମ ବିଜୟ ଶୁଣି ସୁଗ୍ରୀ ବିଭୀଷଣ ।
ଦର୍ଶନ କଲେ ସେ ଆସି ଶ୍ରୀରାମ ଚରଣ ॥

ଆଲିଙ୍ଗନ କରି ରାମ ହସ ହସ ହେଲେ ।
ବିଜୟ କରିବୁ ବୋଲି ଶ୍ରୀ ମୁଖେ କହିଲେ ॥

କପିରାଜ ଜଣାଇଲେ ବାରତା ପାଇଲି ।
ଅଙ୍ଗଦକୁ ଅଭିଷେକ କରିଣ ଅଇଲି ॥

---

୧-ଏବେ ପୁରାମ ମନବାଞ୍ଛା ପୋଥିପାଠ । ୨-ଅତି ଆକୁଳ ପୋଥିପାଠ ।
୩-ଆମ୍ଭେ ତାହାଙ୍କର ସଙ୍ଗତରେ ଯିବୁ ପୋଥିପାଠ । ୪-ତୁଷ୍ଟ ହେଲେ ପୋଥିପାଠ ।
୫-କଙ୍ଗଲ ଗୁ ଗ୍ରୀ ପୋଥିପାଠ ।

ଆଜ୍ଞା ଦେଲେ ଅନ୍ଧେ ବିଭୀଷଣ ତୁମ୍ଭେ ଥିବ ।
ଆମ୍ଭ ଇଷ୍ଟ ରଘୁନାଥ ଦର୍ଶନ କରିବ[୧] ॥

ଯେତେ କାଳ ପର୍ଯ୍ୟନ୍ତେ ଆମ୍ଭ ନାମ ଥିବ ।
ସେତେ କାଳ ପର୍ଯ୍ୟନ୍ତେ ଧାର୍ମିକ[୨] ହେବ ॥

ହନୁଙ୍କୁ ବୋଇଲେ ତୁମ୍ଭେ ସବୁଦିନେ ଥିବ ।
ଆମ୍ଭର ଚରିତ୍ର ଶୁଣି ଆନନ୍ଦ ହୋଇବ ॥

ମହେନ୍ଦ୍ର ଦ୍ବିବିଦ ଜାମ୍ବବନ୍ତଙ୍କୁ ଆଜ୍ଞା ଦେଲେ ।
କଳିଯାଏ ତୁମ୍ଭେମାନେ ଥିବ ସେ ବୋଇଲେ ॥

ଅଯୋଧ୍ୟା ଜନ ସକଳେ ହୋଇଛନ୍ତି ଠୁଳ[୩] ।
ସଙ୍ଗରେ ଯିବାକୁ କରୁଛନ୍ତି ଅନୁକୂଳ ॥

ଭବନ ପାଶେ ଘୋଟିଛନ୍ତି ଭରତ ଶତ୍ରୁଘନ ।
ଦୁଃଖଗ୍ରସ୍ତ ହୋଇ ରାମ ହୋଇଲେ ମଉନ ॥

ଏବେ ସମସ୍ତ ଜାଣି ବଶିଷ୍ଠ ଜଣାଇଲେ ।
ଯୋଗ୍ୟ ଅନୁକୂଳେ ରାମ ବାହାର ହୋଇଲେ ॥

ସ୍ତ୍ରୀ ପୁରୁଷ ବାଳକ ବୃଦ୍ଧ ଯେ ସକଳ ।
ସ୍ଥାବର କୀଟ ପତଙ୍ଗ ଆଦି ପଶୁକୁଳ ॥

ବିବିଧ ବାଦ୍ୟ ନାଦରେ ପୂରିଲା ଆକାଶ ।
ଜୟମସ୍ତୁ ଦେବେ ଶୁଭ ସୁମଙ୍ଗଳ ଘୋଷ ॥

ଶ୍ରୀପଥରେ ଜୟଜୟ କରନ୍ତି ରାମରାଜେ ।
ମଙ୍ଗଳ ଅଷ୍ଟକମାନ ପଢ଼ୁଛନ୍ତି ଦ୍ବିଜେ ॥

ଅଯୋଧ୍ୟା ଶୂନ୍ୟ କରଣ ହୋଇଲେ ବାହାର ।
ପ୍ରବେଶ ହୋଇଲେ ସେ ସରଯୂ ନଦୀ ତୀର ॥

---

୧-ରଘୁନାଥ ଦେବଙ୍କୁ ପୂଜିବ ପୋଥିପାଠ । ୨-ଚିରଞ୍ଜୀବୀ ପୋଥିପାଠ ।
୩-ଜୟଦେବ ପୋଥିପାଠ । ୪-ହୋଇଛନ୍ତି ମେଳ ପୋଥିପାଠ ।

ସରଯୂ ନଦୀରେ ରାମ ପଶିଲେ ଆପଣ ।
ହରଷ ହୋଇଲେ ଦେଖି ଅମରାଦି ଗଣ ॥

ପୁରନ୍ଦର ସହିତେ ଆପଣ ପରମେଷ୍ଠି ।
ସକଳ ଦେବେ ମିଳିଣ କଲେ ପୁଷ୍ପବୃଷ୍ଟି ॥

ସ୍ତବ ପଢ଼ି ଜଣାଇଲେ ଦେବ ବେଦକର ।
ରତ୍ନ ବିମାନ ଉପରେ ଦେବ ବିଜେ କର ॥

ହରଷେ ଶ୍ରୀରାମ ସେ ବିମାନ ଆରୋହିଲେ ।
ଭରତ ଶତ୍ରୁଘନ ସେ ବିମାନେ ବିଜେ କଲେ ॥

ସମସ୍ତେ ଯେ ସରଯୂ ନଦୀରେ ସ୍ନାନ କଲେ ।
ଦେବ ଦେହ ଧରି ସର୍ବେ ବିମାନେ ଚଢ଼ିଲେ[୧] ॥

ତରୁ ପାଷାଣ ସହିତେ ମୂର୍ତ୍ତିମନ୍ତ[୨] ହୋଇ ।
ବିମାନମାନ ସମସ୍ତେ ଆରୋହିଲେ ଯାଇ ॥

ହନୁମନ୍ତ ଜାମ୍ବବ ଆବର[୩] ବିଭୀଷଣ ।
ଦ୍ୱିବିନ୍ଦ ମଇନ୍ଦ[୪] ଏ ରହିଲେ ପାଞ୍ଚଜଣ ॥

ସ୍ୱର୍ଗ ସଭାରେ ଶ୍ରୀରାମ ପ୍ରବେଶ ହୋଇଲେ ।
ଲକ୍ଷ୍ମଣଙ୍କୁ ଦେଖି ରାମ ସନ୍ତୋଷ ହୋଇଲେ ॥

ଲକ୍ଷ୍ମଣ ହୋଇଲେ ଶଙ୍ଖ ଭରତ ସୁଦର୍ଶନ ।
ଶତ୍ରୁଘନ ହୋଇଲେ ଯେ କମଳ ଆସନ[୫] ॥

ଶ୍ରୀରାମ ପଦ ଯୁଗଳ ଲୋହିତ କମଳ[୬] ।
ଦୀନ କବି ମତ୍ତ ତହିଁ ହୋଇଲ ଭ୍ରଶଳ ॥

●

## ରାଗ— ଭୈରବ

ଗନ୍ଧର୍ବ କିନ୍ନର ଯକ୍ଷ ତପୀ ସିଦ୍ଧ ଚାରଣ ।
ବୀଣା ରମ୍ୟ[୭]ତାଳ ଦେଇ କରୁଛନ୍ତି ଗାୟନ ॥

---

୧-ବସିଲେ ପୋଥିପାଠ । ୨-ମୁଦ୍ଧମନ୍ତ ପୋଥିପାଠ । ୩-ଆପଣେ ପୋଥିପାଠ । ୪-ଦ୍ୱିବିନ୍ଦ ସହିତେ ସେ ରହିଲେ ପୋଥିପାଠ । ୫-ସ୍ୱର୍ଗ ସଭାରେ……କମଳ ଆସନ ପୋଥିପାଠ । ୬-ସ୍ନେହ ସେ କମଳ ପୋଥିପାଠ । ୭-ବୀଣାରବ ପୁସ୍ତକପାଠ ।

ଦୁନ୍ଦୁଭିର ବାଦ୍ୟ ବାଜେ ଅବିରତ ଗଗନେ ।
ବୈକୁଣ୍ଠନାଥ ବିଜୟ ବଇକୁଣ୍ଠ ଭୁବନେ ॥

ସକଳ ଦେବଙ୍କୁ ଘେନି ଦେବ ପାକଶାସନେ ୧ ।
ଶିବବିରଞ୍ଚି ସହିତେ ବୃଷ୍ଟି କଲେ ସୁମନେ ୨ ॥

କୋଟି କୋଟି ଜନମାନ ତାର ପ୍ରାୟ ଶୋଭନେ ।
ଦେବତା ପରାୟେ ଶୋଭା ପାଉଛନ୍ତି ଗଗନେ ॥

ବୈକୁଣ୍ଠପୁରେ ବିଜୟ ତେଜି ଦିବ୍ୟଭୁବନ ।
ସୀତା ଲକ୍ଷ୍ମଣ ସହିତେ କଲେ ଆସି ଦର୍ଶନ ୪ ॥

ଅଯୋଧ୍ୟାଜନେ ନିବାସ କଲେ ବିଷ୍ଣୁଭୁବନେ ।
ମହା ଦୁଃସହ କର୍ମିତ କଲେ ରଘୁନନ୍ଦନେ ୫ ॥

ଜୀବ ଅଜୀବ ସହିତେ ଗଲେ ତାଙ୍କ ଭୁବନ ।
ମହା ଶୋଭା ପାଉଅଛି ବଇକୁଣ୍ଠ ଭୁବନ ୬ ॥

ସୁବର୍ଣ୍ଣଖଟ୍ଟରେ ନୀର ଘେନି ଲକ୍ଷ୍ମୀ ବିଜୟ ।
ପାଦଧୋଇ ପଦ୍ମାସନେ ଯାଇ କଲେ ବିଜୟ ॥

ଅନନ୍ତ ଶୟନ କଲେ ବଟପୁଟ ରଙ୍ଗନେ ।
ଲକ୍ଷ୍ମୀ ପାଦ ମର୍ଦ୍ଦାଳନ୍ତି ବେଶ ଦିବ୍ୟ ସୁମନେ ୭ ॥

ରାମାୟଣ ଚରିତ ଶୁଣନ୍ତି ଯେ ଯେଉଁ ଜନେ ।
କାମନା ସିଦ୍ଧି ହୁଅଇ ଶୁଣିଲେ ଶ୍ରବଣେ ॥

ଶ୍ରୀରାମଚନ୍ଦ୍ର ଦେବ ଯେ ଗଜପତି ଈଶ୍ୱର ।
ନୀଳାଦ୍ରି ପତି ପ୍ରସନ୍ନେ ଦୁଷ୍ଟ ପୁରନ୍ଦର ॥

ସେ ନୃପ ଅଷ୍ଟମ ଅଙ୍କେ ଜଗନ୍ନାଥ ପ୍ରସନ୍ନେ ।
ବାଲ୍ମୀକି ରାମାୟଣ ବିଶ୍ୱନାଥ ପ୍ରସନ୍ନେ ॥

---

୧-ଆପଣେ ପାକଶାସନେ ପୋଥିପାଠ । ୨-ଦେବାଧି ସହିତେ ସେ ମିଳିଲେ ଦେବସ୍ଥାନେ ପୋଥିପାଠ । ୩-ଏହି ପଦଟି ପୋଥିରେ ନାହିଁ । ୪-ବୈକୁଣ୍ଠପୁର ବାସୀଏ କଲେ ଆସି ଦର୍ଶନ ପୁସ୍ତକପାଠ । ୫-ଏ ପଦଟି ପୋଥିରେ ନାହିଁ । ୬-ଏ ପଦଟି ପୁସ୍ତକରେ ନାହିଁ । ୭-ସୁବର୍ଣ୍ଣଖଟ୍ଟରେ…ଦିବ୍ୟ ସୁମନେ ପାଠ ପୋଥିରେ ନାହିଁ । ୮-ନାରାୟଣ ଗୁଣନ୍ତେ କାମନା ହୋଏ ସମ୍ପୂର୍ଣ୍ଣ । ସର୍ବଦା ନିବାସ କରି ରହେ ତାଙ୍କ ଭୁବନ ପୋଥିପାଠ ।

ଶ୍ରୀଜଗନ୍ନାଥ ଦେବଙ୍କ ଭଣ୍ଡାର ନାୟକ ।
ଶ୍ରବଣେ ଶୁଣନ୍ତେ ନରେ ହରବେ ପାତକ ॥

ବାଲମିକ କଲ ଗ୍ରନ୍ଥ ଶ୍ରୁତ ପଥେ ଶୁଣିଣ ।
ଦୀନ ବଣି କଥିତ ପ୍ରକାରେ କଲ ଲିଖନ ୧ ॥

●

ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ବୀରାଧି ବୀରବର ଶ୍ରୀ ନୃପତି ଦିବ୍ୟ ସିଂହ ମହାରାଜାଙ୍କ ବିଜେ ଶୁଭରାଜ୍ୟେ ସମସ୍ତ ଅ ୧୭ ଙ୍କେ ସନ୍ ୧୧୭୨ ସାଲ ମିଥୁନ ଦି ୫ ନେ ପଞ୍ଚମୀ ସେଦିନ ତିଥି ଥିଲା, ବାର ବୁଧବାରେ ଏ ଦିନ ୭ ଘଡ଼ି ଠାରେ ଏ ବିଚିତ୍ର ରାମାୟଣ ପୁସ୍ତକ ସଦାଜୟେ ସମ୍ପୂର୍ଣ୍ଣ ହୋଇଲେ । ଏ ପୁସ୍ତକ ଦାଣ୍ଡିମାଳ ମଉଜେ ବ୍ରହ୍ମକୁଣ୍ଡଳ ଗୋବିନ୍ଦ ଜେନାଙ୍କର । ଏ ପୁସ୍ତକ ଲେଖନକାର ଦୋଷ ନ ଧରିବ । ଯଥା ଅଦୃଶ ତଥା ଲେଖନ । ଲେଖନକାର ଗୋବିନ୍ଦ ଜେନା ଅଯୋଗ୍ୟ ଅପାଣ୍ଡୁକ କିଛି ନ ଜାଣଇ । ଏହାର ଦୋଷ ନ ଧରିବ । ଶୁଦ୍ଧ ଅଶୁଦ୍ଧ ପୁରାଇ ପାଇବ × × × ×

ଯେତୁ ପୁସ୍ତକ ଯେ ମାଗି ନେଇ ନ ଦେବ ତା' ସପ୍ତପୁରୁଷ ତଳ ଆମ୍ଭ ସପ୍ତପୁରୁଷ ଉପର । ଏ ଲକ୍ଷ୍ମଣ ଜେନାଙ୍କର ସଦାଜୟେ ସମ୍ପୂର୍ଣ୍ଣ ।

ଶ୍ରୀ ଶୁଭମସ୍ତୁ ୨ ॥

---

୧-ଶ୍ରୀରାମ ଚନ୍ଦ୍ର ଦେବ······ଲିଖନ ପର୍ଯ୍ୟନ୍ତ ପାଠ ପୁସ୍ତକରେ ନାହିଁ । କେବଳ ଶେଷ ପଦର ପାଠ—"ନାଶ ସକଳ ବିପତ୍ତି ଜଗନ୍ନାଥ ଦର୍ଶନେ । ସାତକାଣ୍ଡ ରାମାୟଣ ବିଶ୍ୱନାଥ ମୁଁ ଭଣେ" ରୂପେ ରହିଛି । ୨-ପୋଥିରେ ଥିବା ଏହି ପୁଷ୍ପିକା ଅଂଶ ତକ ପ୍ରକାଶିତ ପୁସ୍ତକରେ ନାହିଁ ।